

ଶ୍ରୀଧର ମହାପାତ୍ର

# କୁନ୍ତଳାକୁମାରୀ
# ଜୀବନ ଚରିତ

ଲେଖକ

ଶ୍ରୀ ଚକ୍ରଧର ମହାପାତ୍ର

ଗ୍ରନ୍ଥମନ୍ଦିର

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
ବିନୋଦବିହାରୀ, କଟକ-୨
ଶାଖା : ବ୍ରହ୍ମପୁର, ଗଞ୍ଜାମ

ମୁଦ୍ରକ :
ଜୟରାମ ମହାପାତ୍ର
ଗ୍ର ନ୍ଥ ପ୍ର କା ଶି ନୀ
କଟକ-୧

ପ୍ରଥମ ସଂସ୍କରଣ : ୧୯୭୨
ଦ୍ୱିତୀୟ ସଂସ୍କରଣ : ୧୯୮୦

ମୂଲ୍ୟ : ଟ ୨୫.୦୦
ଖାତାବନ୍ଧେଇ ଟ ୨୩.୦୦

ପରମପାବନ ମୋ ପିତୃଭୂମି ଉତ୍କଳର
କଲ୍ୟାଣୀ ଦାୟାଦମାନଙ୍କ କରକମଳରେ
ଉତ୍ସର୍ଗୀକୃତ ।

ଲେଖକ

## ସୂଚନା :

କୁନ୍ତଳାକୁମାରୀଙ୍କ ମୃତ୍ୟୁର ପ୍ରାୟ ତେତିଶବର୍ଷ ପରେ ତାଙ୍କ ଜୀବନଚରିତ ରଚିତ ହେଲା । ଜୀବନକଥା ସତ୍ୟମୂଳକ କିମ୍ବା ଆଦର୍ଶମୂଳକ ହେବେଲେ କେହି କେହି ମତ ଦିଅନ୍ତି; କିନ୍ତୁ ତାହା ପ୍ରାଚ୍ୟ ବା ପାଶ୍ଚାତ୍ୟ କୌଣସି ପ୍ରସିଦ୍ଧ ଗ୍ରନ୍ଥ ସ୍ୱୀକାର କରୁନଥାଏ । ବସ୍ତୁ ଅନ୍ତରରେ ଦ୍ୱାପରଯୁଗର ପାଣ୍ଡବ ଏବଂ କୌରବମାନଙ୍କର ଜୀବନକଥା ବର୍ଣ୍ଣନା କରିବାକୁ ଯାଇ ବହୁ ଘଟଣା ସମାଜରେ ଦୁଷଣୀୟ ହେଲେହେଁ ପ୍ରକୃତ ସତ୍ୟ ଲେଖିବାକୁ ଋଷି ଉଦେକହେଲେ କୁଣ୍ଠିତ ହୋଇନାହାନ୍ତି । ମହାତ୍ମା ଗାନ୍ଧି ତାଙ୍କ ଜୀବନକଥାରେ ନିଜର ଦୁର୍ବଳତା କଦାପି ଗୁପ୍ତ କରିନାହାନ୍ତି । ଏପରି କି ଆମ ଏଇ ଉତ୍କଳ ଭୂମିରେ କେତୋଟି ଜୀବନଚରିତ ସମ୍ପୂର୍ଣ୍ଣ ସତ୍ୟାଶ୍ରୟୀ ହୋଇପାରିଛି ।

ପ୍ରବନ୍ଧ ଏବଂ ଗ୍ରନ୍ଥ ଯେଉଁ ଦୃଷ୍ଟିରୁ ଜୀବନ ସାଧାରଣ ଜୀବନଠାରୁ ସ୍ୱତନ୍ତ୍ର, ସେଠାରେ ଆମକୁ ସତ୍ୟକୁ ନିରଭ୍ର ସତର୍କତାରେ ରକ୍ଷା କରିବାକୁ ହେବ । ଏ ଜୀବନକଥାରେ କୁନ୍ତଳାକୁମାରୀଙ୍କ ନିଜ ଲେଖା ହିଁ ପ୍ରବଳ ଭାବେ ସାକ୍ଷ୍ୟ ଦିଏ ।

ଏ ପୁସ୍ତକର ପ୍ରକାଶନରେ ଛତ୍ରମଣ୍ଡପର ପ୍ରତିଷ୍ଠାତା ଶ୍ରଦ୍ଧେୟ ଶ୍ରୀଯୁକ୍ତ ମହାପାତ୍ରଙ୍କ ସହୃଦୟ ସ୍ୱୀକୃତି ଏବଂ ତାଙ୍କ ପୁତ୍ର ଶ୍ରୀମାନ୍ ଅଭିରାମଚନ୍ଦ୍ରଙ୍କର ପାଣ୍ଡିତ୍ୟପୂର୍ଣ୍ଣ ସହଯୋଗିତା ମୋତେ ଏପରି ବାଧିତ କରିଛି ଯେ, ପ୍ରକାଶକ ଯେଉଁ ପ୍ରକାଶକଦ୍ୱାରା ଲେଖକ ଉପକୃତ ହେବାର ସୁଯୋଗ ଉତ୍କଳ ଧାରେ ନିର୍ମିତ ହୋଇପାରିଛି । ଏହା ବାଦପକ୍ଷରେ ଏକ ସୌଭାଗ୍ୟ ବୋଲି ମନେକରିବାକୁ ହେବ । କାରଣ ପ୍ରକାଶକ ଉକ୍ତ ଅଧ୍ୟକ୍ଷ କରୁଥିଲେ ହେଁ, ଗ୍ରନ୍ଥର ମର୍ଯ୍ୟାଦା, ଅନୁଲିଖିତ ତଥ୍ୟାଦି ଜାଣିବାରେ ତାଙ୍କ ଜଣେ ସମାଲୋଚକ ବୁଦ୍ଧିଯିବା ସମୀଚୀନ । 'ଏକଃ ସୂତେ କନକ ନଚଳ ପ୍ରତ୍ୟୁପକାର ଶତମାନଂ ।'

ଚକ୍ରଧର ମହାପାତ୍ର

ହରିପୁର ରୋଡ଼, କଟକ-୧
୧୨ । ୪ । ୧୯୭୨

# ସୂଚୀପତ୍ର

## ପ୍ରଥମ ଅଧ୍ୟାୟ


| | | |
|---|---|---|
| ୧ । | ଜୀବନାଲେଖ୍ୟ | ୧ |
| ୨ । | ପୂର୍ବପୁରୁଷ | ୩ |
| ୩ । | ପିତା ଓ ମାତା | ୬ |
| ୪ । | ଜନ୍ମବିବରଣ | ୮ |
| ୫ । | ଜନ୍ମକୋଷ୍ଠୀ | ୧୦ |
| ୬ । | ବର୍ମାବାସ ଓ ଶୈଶବ | ୧୪ |
| ୭ । | ଖ୍ରୀଷ୍ଟିୟାନ ଶିଶୁ କୁନ୍ତଳା | ୧୮ |
| ୮ । | ବର୍ମାରୁ ଓଡ଼ିଶା ଓ ଓଡ଼ିଶାରୁ ବର୍ମା | ୨୦ |
| ୯ । | ଓଡ଼ିଶା ଜୀବନ | ୨୨ |
| ୧୦ । | ଡକ୍ଟର ଭୁବନଲାଲ୍ ପରିବାର ଏବଂ କଣୋଷ୍ଟ କୁନ୍ତଳା | ୨୬ |
| ୧୧ । | ଓଡ଼ିଶା ଜୀବନର କେତୋଟି କଥା | ୨୮ |
| ୧୨ । | ମନସ୍ୱିନୀ ପଣ୍ଡିତା ମହାଦେବୀ | ୨୯ |
| ୧୩ । | କଟକରେ କୁନ୍ତଳାକୁମାରୀ | ୩୨ |
| ୧୪ । | ପ୍ରଶଂସିତ ତାଙ୍କର ପ୍ରଥମ କବିତା | ୩୨ |
| ୧୫ । | ବିବାହ ଉଦ୍ୟମ | ୩୫ |
| ୧୬ । | ମେଡ଼ିକାଲ ସ୍କୁଲରେ ଚାରିବର୍ଷ | ୩୬ |
| ୧୭ । | ଭାଇ ସାମୁଏଲ୍‌ଙ୍କ ମୃତ୍ୟୁ | ୪୧ |
| ୧୮ । | ଦୁର୍ଦ୍ଦଶା ମଧ୍ୟରେ ଏକ ଅସମ୍ଭବ ଘଟଣା | ୪୨ |


## ଦ୍ୱିତୀୟ ଅଧ୍ୟାୟ


| | | |
|---|---|---|
| ୧୯ । | ଡାକ୍ତରଖାନାଜୀବନର ପ୍ରଥମ ବର୍ଷାପର ଶଙ୍କାମଧର | ୪୬ |
| ୨୦ । | କୁନ୍ତଳା ଓ କୈଳାସ | ୪୭ |
| ୨୧ । | ପ୍ରଥମଥର କବିଙ୍କ ପ୍ରକାଶିତ 'ଭାଗ୍ୟହତ' କବିତାରେ | ୪୯ |
| ୨୨ । | 'ଶେଫାଳି ପୁଷ୍ପ' କବିତା ରଚନା | ୫୨ |
| ୨୩ । | 'ଅଞ୍ଜଳି' ଓ 'ଭ୍ରାନ୍ତି' ପୁସ୍ତକ ପ୍ରକାଶନ | ୫୩ |
| ୨୪ । | ବନ୍ଧୁଙ୍କ ଚିଠିପତ୍ର ଓ ରଚନାବଳୀ | ୫୪ |

୨୫ । ସେ କାହାକର କାହିଁକି ହେବେ ? ୬୬
୨୬ । ଏ ଯୁଗର ଜାତ୍ୟଗୌରବ ଓ ତାଙ୍କ ସ୍ୱର୍ଗ ୬୬
୨୭ । 'ଉତ୍କଳ ଦୀପ' ବନ୍ଧ ପ୍ରକାଶନ ୭୦
୨୮ । ବ୍ରାହ୍ମସମାଜ ଓ ବଙ୍ଗଳା ଧର୍ମ ସମସ୍ୟା ୭୦
୨୯ । ରଚନାପ୍ରାଚୁର୍ଯ୍ୟ ଦୋଷ ଏବଂ ସବୁଜଦଳ ୭୩
୩୦ । କୃଷ୍ଣପୁର ଓ ନନ୍ଦକିଶୋର ବଳ ୭୫
୩୧ । ସମାଲୋଚନା ପ୍ରତି ତାଙ୍କର ସ୍ୱଭାବ ୭୮
୩୨ । ବାଳକ ଶିକ୍ଷା ଓ ସେବା ଦସ୍ତୁ ଦାନ ଅତି ୭୯
୩୩ । ମାତୃଭୂ ପ୍ରତି ଲଜ୍ଜା ଏବଂ ଘୃଣା ୮୪
୩୪ । ୧୯୨୪ର ଉତ୍କଳସମ୍ମିଳନୀ ଓ ତାଙ୍କ କବିତା ୮୬
୩୫ । କୁନ୍ତଳାଙ୍କ ରଚିତ ଇଂରାଜୀ କବିତା ୯୬
୩୬ । ବିଦାୟ ବେଳ ବ୍ୟାକୁଳତା ୧୦୨
୩୭ । ଦେଶଭକ୍ତ ସମ୍ମିଳ ୧୦୩

## ତୃତୀୟ ଅଧ୍ୟାୟ

୩୮ । ବ୍ରାହ୍ମସମାଜ ଓ ଧର୍ମାନ୍ତର ଗ୍ରହଣ ୧୦୫
୩୯ । ଧର୍ମାନ୍ତର ଗ୍ରହଣ ଯୋଗୁ ବହିଷ୍କୃତା ଓ ପ୍ରତିବାଦ ୧୦୬
୪୦ । ବ୍ରାହ୍ମ ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟର ଅନୁସ୍ୟୂତତା ୧୦୯
୪୧ । 'ପରଶମଣି' ଓ 'କାଳୀବୋହୂ' ଉପନ୍ୟାସର ପ୍ରକାଶ ୧୧୨
୪୨ । 'ଉତ୍କଳଭାରତୀ' ଉପାଧି ଓ ମହିଳାବନ୍ଧୁ ସମିତି ୧୧୨
୪୩ । ମୁକ୍ତିମନ୍ତ୍ରଠାରୁ ପ୍ରଶଂସାପତ୍ର ୧୧୪
୪୪ । କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶିତ 'ଓଡ଼ିଆ ସାହିତ୍ୟ
ପରିଚୟ' ଓ ତାଙ୍କ କବିତା ୧୧୫
୪୫ । ସ୍ୱାମୀଙ୍କ ପେଟେଣ୍ଟ ଦେଉଥିବାର ଆଶା ଓ ଅସ୍ଥିରତା ୧୧୬
୪୬ । ପୁଣି କୃଷ୍ଣପୁରରେ ଏକାବଳନ ୧୧୭
୪୭ । ସ୍ୱାମୀଙ୍କୁ ଯୋଗକରିବା ଅସୁବିଧା ଜଣାଇଲେ ତାଙ୍କ ଅନୁମୋଦ ୧୨୧
୪୮ । ବ୍ରାହ୍ମସମାଜ କଥା ନୁହେଁ ୧୨୨
୪୯ । ଲେଖକର ଶେଷ ସମସ୍ୟା ଡାକ୍ତର କନ୍ଦର୍ପଣ ୧୨୬
୫୦ । ଅନ୍ତିମ ଏକ ଦୁଃଖପ୍ରଦ ଘଟଣା ୧୩୦
୫୧ । 'ଅଶ୍ରୁଭଞ୍ଜି' ପ୍ରକାଶନ ଓ ନାନାକଥା ୧୩୩
୫୨ । ଶୈଳବାଳାଙ୍କ ଦେହାନ୍ତ ୧୩୫
୫୩ । ତାଙ୍କର ପ୍ରାବନ୍ଧିକ, ଗଦ୍ୟ ଶିଳ୍ପୀ ଓ କଳ୍ପନା ୧୩୮

୫୪ । ତାଙ୍କର ଗାର୍ହସ୍ଥ୍ୟଜୀବନ ୧୪୨
୫୫ । ବ୍ରହ୍ମପୁରର ମଧୁ-ସ୍ମୃତି ସମ୍ମିଳନ ୧୪୮
୫୬ । ନୀଳମୋହନ ପଟ୍ଟନାୟକ ଯେଉଁଦିନ ଖ୍ରୀଷ୍ଟିୟାନ ହେଲେ ୧୪୯
୫୭ । ଧୀବରପଲ୍ଲୀ ସୁଶୀଳା ଓ କୁନ୍ତଳାକୁମାରୀ ୧୪୯
୫୮ । ସେ ବେଳର ଓଡ଼ିଆ ସାହିତ୍ୟ ସେବକ କେତେକ କଥା ଓ
ସାହିତ୍ୟରେ ତାଙ୍କର ସ୍ଥାନ ୧୫୩
୫୯ । ସ୍ୱଦେଶବତ୍ସଳ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ୧୫୫
୬୦ । ତାଙ୍କ ଲେଖା ଓ ମୋ ନିଜେ ଏକାପଣ ୧୬୦
୬୧ । ଅଶ୍ୱବନସ୍ଥ ମିଳନ ୧୬୩
୬୨ । ଜୟମଙ୍ଗଳ ରଥଙ୍କ ଚିଠି ୧୬୬
୬୩ । ତେଲଙ୍ଗାବଜାର କଥା ୧୭୪
୬୪ । ସ୍ୱଦେଶୀ ହେବାକୁ ସଙ୍କଳ୍ପ ୧୭୫
୬୫ । ଭାରତୀ ତପୋବନ ୧୭୯
୬୬ । ସେ ନିଜେ ଲେଖନ୍ତି କି ନା ପରୀକ୍ଷା ଦେଲେ ୧୮୧
୬୭ । ଏକ ଦୁଃଖ ଘଟଣା ହେତୁ ମାନସିକ ଅଭିଘାତ ୧୮୨
୬୮ । ଘାଟଶିଳା ଯାତ୍ରା ଓ ପୁଅକୁ ଚିଠି ୧୮୫
୬୯ । ଜେ. ପି. ବ୍ରହ୍ମଗୁପ୍ତ ୧୮୬
୭୦ । 'ପ୍ରେମଚିନ୍ତାମଣି' ରଚନା ୧୯୦
୭୧ । ଶଶିଭୂଷଣ ରଥଙ୍କ ଚିଠି ୧୯୧
୭୨ । 'ପ୍ରେମଚିନ୍ତାମଣି' ବିବରଣ ୧୯୨
୭୩ । ଘାଟଶିଳାରେ ଏକ ମର୍ମନ୍ତୁଦ ଦୁର୍ଘଟଣା—ଗୋପବନ୍ଧୁଙ୍କ
ମୃତ୍ୟୁ ସମ୍ମୁଖରୁ ରକ୍ଷାହେଲା ୨୧୨
୭୪ । କୁନ୍ତଳାକୁମାରୀଙ୍କ ଓଡ଼ିଶା ଜୀବନର ଶେଷଦିନ ୨୧୬


## ଚତୁର୍ଥ ଅଧ୍ୟାୟ


୭୫ । ଦିଲ୍ଲୀଜୀବନ ୨୧୮
୭୬ । ଆର୍ଯ୍ୟସମାଜରେ ଧର୍ମାନ୍ତର ଗ୍ରହଣ ଓ ବିବାହ କଥା ୨୨୦
୭୭ । ଦ୍ୱିଗୁଣୀ ଚୋଷ ଖାଲକ ୨୨୪
୭୮ । କୈଳାସ ଚନ୍ଦ୍ରଙ୍କ ଅବସ୍ଥା ୨୩୦
୭୯ । ମୁଁ ଦିଲ୍ଲୀରେ ଓ ବସ୍ତିରେ ମୋର ଅନୁଭୂତି ୨୩୩
୮୦ । କୈଳାସଚନ୍ଦ୍ର ଘର୍ଷଣର ଅନୁଶୋଚନା ୨୩୬

୮୧ । 'ଉଦ୍ଘଷିତ' ପ୍ରକାଶିତ ହେଲା ୨୩୯
୮୨ । ତ୍ରୁଲିଙ୍କ ପ୍ରକାଶଧାରା ୨୪୧
୮୩ । ଗାନ୍ଧିଜୀଙ୍କ ଦର୍ଶନ ଓ ପ୍ରଥମ ସମ୍ମାନ ଲାଭ ୨୪୪
୮୪ । 'ହେମଚନ୍ଦ୍ରାମଣି' ଛାପା ଏବଂ ନାନା ବିବରଣ ୨୪୬
୮୫ । 'ଭରତୀ ମେଣ୍ଟାଲ ହଲ୍' ଏବଂ ହାହାକାରମୟ ଜୀବନ ୨୪୯
୮୬ । ଏକ ସୌଭାଗ୍ୟଜନକ ଭୂମିକା ୨୫୧
୮୭ । କରାଚି କଂଗ୍ରେସ ବାଟରେ ମୁଁ ପୁଣି ବନ୍ଦୀ ଆସିଲି ୨୫୨
୮୮ । ଭଗତ ସିଂହଙ୍କ ଫାଶି ଓ କରାଚି କଂଗ୍ରେସ ୨୫୫
୮୯ । 'ଆହ୍ୱାନ' ବନ୍ଦ ୨୫୮
୯୦ । ଶ୍ରୀସୂର୍ଯ୍ୟଙ୍କ ଶାନ୍ତି କବିତା ୨୬୦
୯୧ । ଅର୍ଦ୍ଧ ମହାସମ୍ମେଳନରେ ସଭାନେତ୍ରୀ ୨୬୫
୯୨ । ସେ ଓଡ଼ିଆ ସାହିତ୍ୟଂ ଚେଁ । ଧୀରେ ଧୀରେ ଭୁଲାଇଦେଲେ ' ୨୬୩
୯୩ । ୧୯୩୫ର ଅବସ୍ଥା ଓ ବିବରଣ ୨୬୬
୯୪ । ଜୀବନର ଅନ୍ତିମ ବର୍ଷ ୧୯୩୮ ୨୯୮
୯୫ । ମୋତେ ତାଙ୍କର ଅନ୍ତିମ ଚିଠି ୩୦୩
୯୬ । ତାଙ୍କର ଦୁଃଖପୂର୍ଣ୍ଣ ମୃତ୍ୟୁ ୩୦୪
୯୭ । କୁନ୍ତଳାକୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି ୩୦୬
୯୮ । ଶୋକସମ୍ବାଦ ୩୧୪
୯୯ । ମୃତ୍ୟୁପୂଜା ଗୀତିକା ୩୧୬
୧୦୦ । ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ସ୍ମୃତିତର୍ପଣ ୩୧୮

# କୁନ୍ତଳାକୁମାରୀ ଜୀବନଚରିତ

# ପ୍ରଥମ ଅଧ୍ୟାୟ

## ଜୀବନାଲେଖ୍ୟ—

ଉତ୍ତମାଃ ସ୍ୱନାମ୍ନା ଖ୍ୟାତା ପିତୃଖ୍ୟାତା ଚ ମଧ୍ୟମାଃ
ଅଧମା ମାତୁଳଖ୍ୟାତାଃ ଶ୍ୱଶୁରଖ୍ୟାତୋଽଧମାଧମଃ । *

ଏହି ପ୍ରବଚନ ପ୍ରଥମୋକ୍ତିଟି କୁନ୍ତଳାକୁମାରୀଙ୍କ ନାମରେ ହିଁ ଖଟାଯାଇ ପାରିବ । ତାଙ୍କର ଅତୀତ, ଭବିଷ୍ୟତ ଖ୍ୟାତିର ଦୃଷ୍ଟାନ୍ତ ପାଇଁ ତାଙ୍କ ବଂଶରେ ତାଙ୍କପରି କେହୁ ଉଲ୍ଲେଖଯୋଗ୍ୟ ନାହିଁ । ତାଙ୍କ ବଂଶ ନାହିଁକି, ସମଗ୍ର ଉତ୍କଳରେ "ତାଙ୍କର ଭଳି ପ୍ରାଣ ନିଃସ୍ୱାର୍ଥଭାବରେ ଅନ୍ୟ କେଉଁ ଉତ୍କଳୀୟ ମହିଳାଙ୍କଦ୍ୱାରା ଅର୍ପିତ ହେବାର କଳ୍ପନା ମଧ୍ୟ ହୁଏନାହିଁ (୧) ।" "ପ୍ରାଚୀନ ଉତ୍କଳର ରାଣୀ ଜଣଙ୍କ ସ୍ୱପ୍ନ, ମାଧବୀ ଦାସୀ ଓ ବୃନ୍ଦାବନ ଦାସୀ ଦେଶକୁ ସେମାନଙ୍କ କବିପ୍ରତିଭାର ନିଦର୍ଶନ ଦେଇ ଯାଇ ଅଛନ୍ତି ସତ୍ୟ; କିନ୍ତୁ ସ୍ୱତ-ପ୍ରସ୍ଫୁଟବଶତଃ ଉତ୍କଳ-ନନ୍ଦନାକୁଳର ଲଲାଟଟୀକା କୁନ୍ତଳାକୁମାରୀଙ୍କ କବିପ୍ରତିଭାର ବ୍ୟାପକତା ସେମାନଙ୍କ କୃତିରେ ପରିଲକ୍ଷିତ ହୁଏ ନାହିଁ" (୨) । ବାସ୍ତବିକ ଧାରାସ୍ୱରୂପ ସାହିତ୍ୟ ସାଧନା ଯୋଗୁଁ ଆଜି ସେ ଉତ୍କଳସାହିତ୍ୟ କ୍ଷେତ୍ରରେ ଏକ ମୁଖ୍ୟ ସ୍ଥାନର ଅଧିକାରିଣୀ ହୋଇ-ପାରିଛନ୍ତି । କିନ୍ତୁ ତାଙ୍କର ଏହି ଔପନ୍ୟାସିକ ଜୀବନର ଚାରିପଟ ସର୍ବାଙ୍ଗ ଅନ୍ତରାଳରେ ରହିଯାଇଛି । ତାଙ୍କର ମୃତ୍ୟୁ ତାରିଖ—"୧୯୩୮ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୨ ତାରିଖ ସୋମବାର" —ପୂର୍ବରୁ ସେ ଅସ୍ଥିର ମନୋବୃତ୍ତି ମଧ୍ୟରେ ଯେଉଁ ଅସମାପ୍ତ ଛଅଟି ପଂକ୍ତି ଲେଖି ରଖିଥିଲେ, କୁହୁ ୧ ଡାଏରୀରେ ସେଥିରେ ସେ ଲେଖିଥିଲେ—

"ମୁଁ ଆଜି ଏକୁଟିଆ ବସି ଏ ଛଅଟି ଲେଖୁଛି—ମୋର ଜୀବନର ପଞ୍ଚତ୍ୱ ଆସୁଛି ନିକଟକୁ । ମୋର ଗତ ଜୀବନର ଦଶ ବର୍ଷ ସବୁ ତୁମେ ଏକତ୍ରିତ କରିଅଛ । ସେହି ଦଶବର୍ଷର ଆଂଶିକ ଦିଗ୍‌ଦର୍ଶନ ହିଁ ମୋର ଏ ପତ୍ରର ଉଦ୍ଦେଶ୍ୟ । ମୋର ଜୀବନୀ ଯେ ତୁମେ ଲେଖିବ ?"

---

* ସ୍ୱନାମା—ସ୍ୱଖ୍ୟାତ୍ୟ।

(୧) ଶ୍ରୀମତୀ ସରଳା ଦେବୀ—'କୁନ୍ତଳାକୁମାରୀଙ୍କ କବିପ୍ରତିଭା' ବକ୍ତୃତାରେ ।

(୨) ସ୍ୱର୍ଗତ ଶ୍ରୀ ବନ୍ଧନଚରଣ ପଟ୍ଟନାୟକ—('ଓଡ଼ିଆ ସାହିତ୍ୟ ଉପରେ ଉତ୍କଳ-ଭାରତୀ କୁନ୍ତଳାକୁମାରୀଙ୍କ ପ୍ରଭାବ', ସହକାର : ବିଂଶ ଭାଗ, ୫ମ ସଂଖ୍ୟା, ୪୧୧ ପୃଷ୍ଠା)

ସେତେବେଳେ ସେ ଗର୍ଭାବସ୍ଥାର ଅଷ୍ଟମ ମାସରେ । ଖ୍ରୀ: ୧୯୩୭ରେ ତାଙ୍କର ପୁଅଟିଏ ଜନ୍ମ ହୋଇ କିଛିଦିନ ପରେ ବସନ୍ତରେ ମରିଯିବା ଯୋଗୁଁ କୁନ୍ତଳାକୁମାରୀ ଜୀବନ୍ମୃତ ହୋଇଯାଇଥିଲେ । କଳ୍ପନାବିଳାସିନୀ ଅତ୍ୟଧିକ ମମତାଗ୍ରସ୍ତା କବିପ୍ରାଣରେ ନିଜ ସମ୍ବନ୍ଧରେ ମନ୍ଦ ଧାରଣା ନିଶ୍ଚୟ ଜନ୍ମିଥିବ । ତେଣୁ ଏ ଲେଖକଙ୍କୁ ତାଙ୍କ ଜୀବନୀ ଲେଖିବାଲାଗି ନିଶ୍ଚୟ ଅନୁରୋଧ କରିଥିଲେ । ତା ଛଡ଼ା, ତାଙ୍କ ମୃତ୍ୟୁପରେ ମୋ ପ୍ରତି ବହୁତ ଲୋକ ସେପରି ଅନୁରୋଧ, ଚିଠିପତ୍ରରେ, ସାକ୍ଷାତରେ, ପରୋକ୍ଷଭାବରେ ଜଣାଉଛନ୍ତି । କାଳର ସ୍ରୋତରେ ସେହି ମହାମୂଲ୍ୟ ଜୀବନଚରିତ ଲେଖିବାର ଅଭିଳାଷ, ତାହାହିଁ ଗତ ୨୫ ବର୍ଷ ଧରି ମୁଁ ପୋଷଣ କରୁଛି । ତାଙ୍କର ଔପନ୍ୟାସିକ ଜୀବନଗାଥାର ସମସ୍ତ ସତ୍ୟ ଏ ଦେଶରେ ପ୍ରକାଶ ହେବ କି ? ତାଙ୍କ ଜୀବିତ ଥିବାବେଳେ ସେ ମୋତେ ପ୍ରତି ମାସରେ ଏହି ଚରିତଟି ଶୀଘ୍ର ଲେଖିଦେବାକୁ ଅନୁରୋଧ କରୁଥିଲେ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ, ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ, ସ୍ୱର୍ଗତ ଶଶିଭୂଷଣ ରାୟ, ସ୍ୱର୍ଗତ ଭୁଜଙ୍ଗଧର ଦାସ, ସ୍ୱର୍ଗତ ଅଶ୍ୱିନୀକୁମାର ମହାନ୍ତି, ସ୍ୱର୍ଗତ ଗୋଦାବରୀଶ ମିଶ୍ର, ସ୍ୱର୍ଗତ ଚନ୍ଦ୍ରମଣି ମହାରାଜ, ସ୍ୱର୍ଗତ ବାଳକୃଷ୍ଣ କରଙ୍କ ସମେତ ବହୁ ବରେଣ୍ୟ ବ୍ୟକ୍ତି ଜୀବନୀଟି ଲେଖାହେଲେ ଅନୁରୋଧ କରୁଥିଲେ । ଏମାନଙ୍କ ଉତ୍ତାରେ ମାୟାଧର ମାନସିଂହ, ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ସମେତ ବହୁ ଆଧୁନିକ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଅନୁରୋଧ ମୁଁ ସ୍ମୃତିରେ ରଖି ଆସୁଥିଲି, କାହିଁକି ଲେଖିବି ? କୁନ୍ତଳାକୁମାରୀଙ୍କ କବିପ୍ରତିଭା ସାହିତ୍ୟ-ମଣ୍ଡଳରେ ଯେପରି ପ୍ରକାଶ ଲାଭ କରିଅଛି, ତାଙ୍କର ସ୍ମୃତି ଓ ଅମ ଜାତୀୟଜୀବନରେ କଦାପି ମଳିନ ହେବ ନାହିଁ । ତେବେ ତାଙ୍କର ଚରିତ୍ରାଙ୍କନରେ ଦେଶର ଭାବୀ ମାନବସମାଜର କି ଉପକାରରେ ଲାଗିବ ? କବିଗୁରୁ କାଳିଦାସ, ପ୍ରଥିତଯଶା ମାଘ, ଭବଭୂତି, ମୂରାରୀଙ୍କର ଜୀବନଚରିତ କାହିଁ ? ସରସ୍ୱତୀଙ୍କର ବରପୁତ୍ର, ମହାପ୍ରାଜ୍ଞ ବାଲ୍ମୀକି, ବ୍ୟାସଙ୍କର ଅନ୍ତଃଜୀବନ କେଉଁଠି ଅଛି ? ଏହି ମାଟିର ଜୟଦେବ ଏବଂ ଉପେନ୍ଦ୍ରଭଞ୍ଜଙ୍କର ଜୀବନାଲେଖ୍ୟ କାହିଁ ? ସେସବୁ ନ ଥାଇ ବି ସେମାନେ କଣ ହେଲେ କେଉଁଠି କାହାରିଠୁଁ ନ୍ୟୂନ ହୋଇଯାଇଛନ୍ତି ?

ଏପରି ଚିନ୍ତା କରୁଥିଲି । କିନ୍ତୁ କୁନ୍ତଳାକୁମାରୀଙ୍କ ଅନ୍ତରାତ୍ମା ମୋ' ଠାରୁ ତାଙ୍କ ଜୀବନ-ଚରିତଟି ଦୁନିଆଁ ଜାଣିବା ଲାଗି ନିଶ୍ଚୟ ଇଚ୍ଛା କରୁଥିଲା । ସେ ତାଙ୍କ ଅପୂର୍ଣ୍ଣ ଚିଠିରେ ତା ମଧ୍ୟ ଲେଖିଛନ୍ତି । ପୁନଶ୍ଚ, ସେ ଶେଫାଳି ଫୁଲକୁ କହିଛନ୍ତି—

ତୋହପରି କ୍ଷୁଦ୍ର ମୁହିଁ, ତୋହପରି କ୍ଷୀଣ
ଫୁଟେ ବାସେ ଝରେ ମାତ୍ର ଫୁଟିଅଛୁ ସନ୍ଧିକ ।
ମାଟିରେ ମିଶିବୁ ତୁହି
ମାଟିରେ ମିଶିବ ମୁହିଁ
ତଥାପି ମୋ ଅସ୍ତାଚଳ ନ ଯିବରେ ମଲିନ
ତେଣୁ ଆଶା ବନ୍ଧୁ ଧନ କାଟେ ଦଣ୍ଡିଶିଳ୍ପକ ।

କବିତାରେ ସେତିକି ସେତିକି ନାନା ପ୍ରକାର ଦର୍ଶନ ସେ ବଖାଣିଛନ୍ତି । ଏ ଯେଉଁ ସଙ୍ଗୀତଗୁଡ଼ିକ ତାଙ୍କର ମହୁକଣିବନ୍ଧ ସେ ଲେଖିଛନ୍ତି, ଦର୍ଶନର ଅଧ୍ୟାୟ, ଅବ୍ଲୋଚ୍ୟ ଅନ୍ୱେଷଣ ଭଳି ସେ ଅନ୍ତଃକରଣରେ ବିଭୋର ହୋଇ ଲେଖିଛନ୍ତି ବୋଲି ମୁଁ ବିଶ୍ୱାସ କରୁଛି; କାରଣ, ମୁଁ ତାଙ୍କୁ ଭଲ ଜାଣିଛି । ସେ ଅମଳିନ ରହିବେ—ଜନସମାଜର ବସୁର ସ୍ମୃତିରେ, ଅର୍ଥାତ୍ ଅମର ରହିବେ ତାଙ୍କ ଚରିତ ପ୍ରକାଶ ହେବାରେ । ମୁଁ ଏଭଳି ସ୍ମୃତି ଲେଖିବା ଆରମ୍ଭ କଲି । କାରଣ, ସେ ଥିଲେ ଏକ ସଦ୍‌ଗୁଣବତୀ ନାରୀ ।

ପାଶ୍ଚାତ୍ୟ ସାହିତ୍ୟରେ ଜୀବନଚରିତମାନ ଲେଖାଯାଉଛି ବୋଲି ବର୍ତ୍ତମାନ ବୁଝାଯାଉଛି । କିନ୍ତୁ ପୁରାଣର ଚରିତମାନେ ଏକ ଏକ ଜୀବନଚରିତ ଅଟନ୍ତି । ମହାଭାରତରେ କୃଷ୍ଣ ଜନକ ଜୀବନକାହାଣୀ ଯୁଧିଷ୍ଠିରଙ୍କୁ ଏକାନ୍ତ ମର୍ମସ୍ପର୍ଶୀଭାବରେ ଶୁଣାଇଛନ୍ତି । ରାମଚନ୍ଦ୍ର ଋଷିମାନଙ୍କଠାରୁ ରାବଣର ଜୀବନୀ ଶୁଣିଛନ୍ତି, ଏବଂ ତାଙ୍କ ଜୀବନକଥା ଲବ-କୁଶଙ୍କ ମଧୁର ସ୍ୱରମଧ୍ୟରେ ଶୁଣି ବ୍ୟାକୁଳ ହୋଇଛନ୍ତି । ଏହି ସବୁ ତ ଜୀବନଚରିତ ରଚନାର ପରଂପରାକୁ ସୂଚିତ କରେ । ଏସବୁ ମଧ୍ୟ ଇତିହାସ । ମହାଭାରତରେ ଅଛି—ଧର୍ମାର୍ଥ କାମମୋକ୍ଷାଣାମୁପଦେଶସମନ୍ୱିତଂ, ପୂର୍ବବୃତ୍ତ କଥାଯୁକ୍ତମିତିହାସ ପ୍ରଚକ୍ଷତେ ।

ଇତିହାସରୁ ଆମେ ଜୀବନାଦର୍ଶ ପାଇଥାଉ । ଯେଉଁ କବି ହୁଅନ୍ତୁ, ଦାର୍ଶନିକ ହୁଅନ୍ତୁ, ସାଧୁବାବୁ ହୁଅନ୍ତୁ ବା ଯୋଗଦ୍ରଷ୍ଟା ହୁଅନ୍ତୁ, ତାଙ୍କର ଏକ ଏକ ଜୀବନଚରିତ ନିଶ୍ଚୟ ଲେଖାହେବ । ସେଥିରୁ ଇତିହାସ ସୃଷ୍ଟି ହେବ । ଜୀବନକୁ ଗଢ଼ିବାରେ ପୂର୍ବବର୍ତ୍ତୀ ଆଦର୍ଶର ଭଲମନ୍ଦ ପରବର୍ତ୍ତୀ ବଂଶଧର ବିବେଚନା କରିପାରିବେ । କୁନ୍ତଳାକୁମାରୀଙ୍କ ଜୀବନସଂଗ୍ରାମରେ କଣ ସୃଷ୍ଟି ରହିଗଲା ବା କଣ ଆଦର୍ଶ ଦେଖାଗଲା ତାହା ତାଙ୍କ ଜୀବନ କବିତାରୁ ଠିକ୍ ଠିକ୍ ଜଣାଯିବ ନାହିଁ । ଜଣେ ମଦ୍ୟପ କବି ମଦ୍ୟପାନ ବିରୁଦ୍ଧରେ ଏକାନ୍ତ ପ୍ରାଣସ୍ପର୍ଶୀ କବିତା ମଧ୍ୟ ଲେଖିପାରନ୍ତି । ଜଣେ ଭୋଗବିଳାସରେ ଚରମ ସୁଖୀ ରାଜା ଦାରିଦ୍ର୍ୟ ଓ ନିର୍ଯାତନାର ଅସହ୍ୟ ଯନ୍ତ୍ରଣାଦାୟକ ଚିତ୍ର ମଧ୍ୟ ରଚନା କରିପାରନ୍ତି । ଏପରି କି ଜଣେ ଅତି ଦରିଦ୍ର କ୍ଷୁଧାର୍ତ୍ତ ପରିଧାନହୀନ ଉପବାସୀ କବି ସ୍ୱର୍ଗର ଅପ୍ସରା-ଭୁବନର ଚିତ୍ରକୁ ତାଙ୍କ କଳ୍ପନା ତୁଳିକାରେ ଅଙ୍କନ କରିପାରନ୍ତି । ଯେଉଁ ଜଣେ କବିର ଜୀବନାଲେଖ୍ୟ ପାଠକ ପକ୍ଷରେ ପ୍ରୟୋଜନ ହୋଇଥାଏ ।

## ପୂର୍ବପୁରୁଷ—

ପିପିଲି ନିକଟବର୍ତ୍ତୀ ବାଣମୁକୁନ୍ଦପୁର ଗ୍ରାମରେ ଗୋଟିଏ ସାଧୁଭକ୍ତ ପରିବାର ଥିଲେ । ସେମାନେ ଧନଆଢ୍ୟ ବ୍ରାହ୍ମଣ । ପୌରୋହିତ୍ୟ କରିବା ସେମାନଙ୍କର କୌଳିକ ବ୍ୟବସାୟ ଥିଲା । ପୁରୁଷକୁ ନିରନ୍ତର ସେମାନେ ଶିକ୍ଷା ଦେଇଆସିଥାନ୍ତି । ସେହି ସାଧୁଭକ୍ତ ପରିବାର ଖାଦ୍ୟ-ବସ୍ତ୍ରରେ କଦାପି କେବେ ଦୁଃଖୀ ନ ଥିଲେ; କାରଣ ସେଦିନ ବଳ କଷ୍ଟ ପଇସା ସେମାନେ

ଦୈନିକ ଅର୍ଜୁଥିଲେ । ଗଡ଼ାକୁ ଛାଣି ଗୁଳା କରି ବେପାରରେ ବିକଣା ହେଲା ତାଙ୍କ ଘର ମାଇପେ ସୂତା କାଟୁଥିଲେ । ସେହି ସୂତା ଦେଇ ସେମାନେ ତନ୍ତୀଠାରୁ ଧୋତି, ଖଦଡ଼, ଶାଢ଼ୀମାନ ପ୍ରୟୋଜନ ଅନୁସାରେ ତିଆରି କରାଇ ପିନ୍ଧୁଥିଲେ । ସେଠାକାର ସେକାଳେ ବୋମ୍‌କାଇ (ବୋମ୍‌କାଇ) ଲୁଗା ବଡ଼ ଶସ୍ତା ଆଉ ଉପାଦେୟ ଥିଲା । ସେମାନେ ତାହା ନାଲି ଏବଂ ଗାଢ଼ ନୀଳ ରଙ୍ଗର ଲୁଗାକୁ ସେତେବେଳେ ଅଧିକ ପସନ୍ଦ କରୁଥିଲେ ।

ଏହି ପରିବାରରେ ବୃନ୍ଦାବନ ସାହୁ ଅତି କୃପଣ ଥିଲେ । ସେ ପିଲାଙ୍କୁ ଭଲ ଭାବେ ଅଦୌ ସହି ପାରୁ ନ ଥିଲେ । ବୟସ ୪୦।୪୨ ଭିତରେ । ତାଙ୍କ ସ୍ତ୍ରୀ ଗୋପାଳଙ୍କ ବୟସ ୩୦।୩୫ ହେବ । ବାଇବର୍ଷ ବୟସରେ ପୁଅଟିଏ ହୋଇ ମରିଯିବାରୁ ପୁଣି କୁଣ୍ଢେଇବେଖାପାଇଁ ଉଦ୍ୟୋଗର ଦାଶଙ୍କଠାରୁ ପୁଅଟିଏ କିଣିଥିଲେ । ପୁଅଟି ଟିପିଲ ମିଶନ ସ୍କୁଲରେ ପଢ଼ୁଥାଏ । ନାମ ଶ୍ୟାମସୁନ୍ଦର । ହଠାତ୍ ତେଣୁ ଲୁଗା କିଣିବାଲାଗି କଟକ ଗଲେ । ଗୋପାଳ ବାପଘର ଥିଲେ ଅତି ଗରିବ । ତୁଣ୍ଡ ତାଙ୍କୁ ଏ ବୟସରେ ଅଧିକ ହିଂସାଯିବାରୁ ସେ କଷ୍ଟରେ ଆତ୍ମହତ୍ୟା କଲେ । କୃପଣ ଭୁଜ ମଧ୍ୟ ଜଳର ଭୁଲ ବୁଝିପାରି ହେଇ କୂଅକୁ ଡେଇଁପଡ଼ିଲେ । ଫଳରେ ଭୁଷଣ୍ଡେ ମଲେ । ଦଶ ବର୍ଷର ହୋଇଥିଲା 'ଶ୍ୟାମସୁନ୍ଦର' ଟି ଏ ଘଟଣାରେ ସେ ପଡ଼ିଥାଏ । ତାକୁ ଯେଉଁମାନେ ପରିବାର ମଧ୍ୟରୁ ଆଶ୍ରୟ ଦେଇଥିଲେ ସେମାନେ ତା ପଢ଼ା ବନ୍ଦ କରି ବହୁତ ଖାଟିବାରେ ଲଗାଇ ହାଟବଜାରକୁ ପଠାଉଥିଲେ । ପିଲାଟି କଣାବଣା କରି ସତ୍ତ୍ୱକୁ ଫେରୁଥିଲା । ତେବେ ପିଲାଟି ଆଉ ଫେରିଲା ନାହିଁ । ଏହା ଖ୍ରୀ: ୧୮୫୬ର କଥା ।

କିଛି ଦିନ ପରେ ଜଣାଗଲା ସେ ତାକୁ ପାଦେଲି ସାହେବ (ପାଦ୍ରୀ ରେଭରେଣ୍ଡ ଜେ. ମିଲ୍‌ଟନ) ଆଦରେଇ ରଖିଛନ୍ତି । ଲୋକେ ଦେଖିବାକୁ ଆସିଲେ; କିନ୍ତୁ ତାଙ୍କ କବଳରୁ ଶ୍ୟାମକୁ ମୁକ୍ତକରାଇ ଆଣିପାରିଲେ ନାହିଁ । ସେତେବେଳେ ପାଦ୍ରୀମାନଙ୍କ ପ୍ରଭାବ ଅତି ଭୟାନକ । ଖାଉକାରୀ ଲୋକମାନେ ଶୀଘ୍ର ହିଁ ଲୋକଙ୍କୁ ସ୍ୱର୍ଗରେ ପହଞ୍ଚାଇ ଦେବେ । ଶ୍ୟାମ ସାହୁ ଆ ଶାସ୍ତ୍ର ଶୀଖୁ ଫେରୁଥାଏ । ପାଦ୍ରୀ ସାହେବ ଯଦି ଅନାଥ ପିଲାକୁ ହସି ହସି ପଚାରିଲେ, "ପାଠ-ପଢ଼ା ଭଲ ଏକାବେଳେ ବନ୍ଦ କରିଦେଲ, ଶ୍ୟାମସୁନ୍ଦର ?" ସେ କଥାଗୁଡ଼ାକୁ ସେତେବେଳେ ଜାଣିଲେ ସେ ତାର ବାପ ମାଆ ଆତ୍ମହତ୍ୟା କରି ମରିଯାଇଛନ୍ତି, ତାକୁ ଭୁଲାଇ ମିଶନକୁ ନେଇଆସିଲେ । ଏପରି ସହୃଦୟ ଖାଇବା ପିଇବା ଦେଇ ରଖିଲେ ଏବଂ ସ୍ନେହ ଦେଖାଇଲେ ଯେ, ପିଲାଟି ସେଠାରୁ ଫେରିଆସି ପାରିଲା ନାହିଁ ।

ଏ ଘଟଣା ସମାଜକୁ ଭଲଙ୍କ ହେଲା । ସାହୁଙ୍କ ବଂଶରେ ଏତେ ଚାଣ୍ଡାଳ ଲୋକ ଆଉ ଆଉ ଦୁନଦୁଅଟା ଖ୍ରୀଷ୍ଟାନ ହୋଇଗଲା—ଏ ଅପବାଦ ଲୁଚିଥିବ କେମିତି । ପ୍ରଚାର ହେଲା—ପିଲାକୁ ପୋଷାପୁଅ ହେବାରୁ ତା ଭଲମନ୍ଦ ନ ଦେଇ ଦଦେଇ, ଦେଠେଇ, ଖୁଡ଼ୀ, ଭଉଜ କେହି ନ ପଚାରିବାରୁ ଖାଇବା ପିଇବାକୁ ନ ପାଇ ପିଲାଟି ଖ୍ରୀଷ୍ଟାନ ହୋଇଗଲା । ଲୋକ ବାହାର ଆସି ଠିଆହେଲେ । ବଡ଼ ଅସମ୍ଭବ କଥା ହେଲା । କେହି ଗାଁର ମୁଖ୍ୟ ଲୋକଙ୍କୁ, କେହି ଗ୍ରାମଲୋକଙ୍କୁ, କେହି ସ୍ତ୍ରୀଲୋକମାନଙ୍କୁ, କେହିବା ଶ୍ୟାମକୁ ଦୋଷଦେଲେ । ଶେଷକୁ

ସିଦ୍ଧାନ୍ତ ହେଲା ଯେ, ସବୁ ଅଳୁଆ ଚାଉଳ ଫୁଟିବାଯାଏଁ, କଦଳୀ ପାଖକାଣି, ଘାସ ଟୋପେ, ଖୁଆଡ଼ିକୁ ମୁଢ଼ି ମୋଡ଼ା, ବାଇଗଣ ପୋଡ଼ିଦେବାକୁ, ଭଖାରୁ ଏକଫୁଟା, କଡ଼ିଆ ଗୁଣ୍ଡଗଣ୍ଡା, ଆମ୍ବ ବଡ଼ାଏ, ଏପରି ଏପରି ପଚାବା ପଦ୍ମକ ବଣ୍ଟାଯିବାକୁ ଦୁଇଗଣ୍ଡା ଏବଂ ପିଠା ପଡ଼ାଏ ନଅଶିବ ! ଅଶିକ୍ଷିତମାନେ ନ ହେଲେ ସେ ଦେବେ ନ ଗ୍ରହ । ବଙ୍ଗାଳୀବାବୁମାନେ ସେତେବେଳେ ଏ ପ୍ରକାର ପ୍ରଥା ସୃଷ୍ଟି କରିଲେଣି । ଖାଣ୍ଟି ଉତ୍କଳବାସୀ ବହୁ ବାବୁ ଏ ସବୁରେ ଅଭ୍ୟସ୍ତ ଥିଲେ । ମାଲ୍‌ମୋକଦମାରେ ଟେଗୁଆ, ପଇସା, ଅଫିସ, ଆଦାଲତ ଅନ୍ଧାରୁଆ ଏ ସବୁ ଦେଉଥିଲେ । ପାଦ୍ରୀ ସାହେବମାନେ । ତାଙ୍କୁ ଅଳ୍ପ ଦେଲେ ସେ କଣ ନେବ ? ତେଣୁ ଏହା ବଡ଼ ଅସ୍ୱୋଚନ କରି ଗୋଟିଏ ବଳଦଗାଡ଼ିରେ ସେ ସବୁ ଲଦି ୫।୬ ଜଣ ଅଶିକ୍ଷିତ ଟୋକା-ଲୁଗା ପିନ୍ଧି ବାହାରିଲେ ଓ ଘଣ୍ଟ ଆ ଘଣ୍ଟ ଆ ଯାଇ ପାଦ୍ରୀଙ୍କ ପାଖରେ ପହଞ୍ଚିଲେ । ସିଂହଦ୍ୱାର ପାଖରେ ଗାଡ଼ି ରଖି ସେ ସବୁ ଜିନିଷ ବୋହି ପିଣ୍ଡାରେ ଜମାକରି ଏପାଖ ସେପାଖ ହୋଇ ପାଦ୍ରୀଙ୍କୁ ଭେଟିଲେ । ପାଦ୍ରୀ ପ୍ରଥମେ ବୁଝାଇଲେ, "ତୁମେମାନେ ତ ଅସୀମ କଷ୍ଟ ଭୋଗିବ । ଯେବେ ଈଶ୍ୱରଙ୍କ ଗୋଟିକୁ ତୁମ୍ଭ ବୁଦ୍ଧିରୁ ସ୍ୱୀକାର କଲେ, ତେବେ ତୁମେ ବର୍ତ୍ତମାନ ଏ କଣ କରୁଛ ? ଘୁସ (ଉତ୍କୋଚ) ଦେବା ମହାପାପ । ଏବେ ଦାଓ ପିଲା ମୁକାବିଲା ପାପ କରୁଛ, ତେଣେ ଘୁସ୍ ଦେଇ ଡବଲ୍ ପାପ କରୁନାହଁ କି ?" ଜେ. ମିଲର (ପାଦ୍ରୀ) ଏ ଲୋକଙ୍କର ବହୁ ଚେଷ୍ଟାରେ ତାହା ଜାଣିପାରିଲେ—ଏହି ଚାଉଳ, ଡାଲି, ପରିବା ସମସ୍ତ ଦେବି । ସେ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ତାଙ୍କ ଉପଦେଶକୁ ବୁଝିବା ନ ମନକୁ ତୁଚ୍ଛ କରିବାରୁ ଏକ ଲୁହାର ଛଡ଼ି ଧରି ମାରିଗୋଡ଼ାଇଲେ । ଗାଳିରେ ସେ ଲୋକେ ଜମିକୁ ଆବଶି ପଳାଇଲେ ।

ଦଶବର୍ଷର ଶ୍ୟାମସୁନ୍ଦର ଅନିଚ୍ଛାସତ୍ତ୍ୱେ ଭୁବନ ବାଧ୍ୟରେ ଖ୍ରୀଷ୍ଟିୟାନ ହୋଇଗଲେ ଏବଂ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ପଢ଼ାରେ ମନ ଲାଗିଲା ନାହିଁ । ସାମାନ୍ୟ କିଛି ପଢ଼ାପଢ଼ି କରି ସେ ଗୃହସ୍ଥଭାବେ ରହିବାକୁ ପାଦ୍ରୀଙ୍କୁ ଅନୁରୋଧ କଲେ । କହିଲେ—"ସାହେବ ! ମୋ ଧର୍ମ ତ ନେଲ—ଏବେ ମତେ କିଛି ସୁବିଧା କରିଦିଅ ।" ପାଦ୍ରୀ ବଳେ ଗୋଟିଏ ବିବାହ ଥିଲା । ସେ ତା ପୁଅକୁ ତାଙ୍କୁ 'ସାଧବୀ' ବୋଲି ଗୋଟିଏ ଝିଅ ସହିତ ବିବାହ କରିଦେଲେ । ସାଧବୀର ଖୁଡ଼ୀ ଅଶନରେ ଘର । ସେ ଏକ ଖଣ୍ଡାୟତ ଘର ଝିଅ । ତା ବାପ ମଧ୍ୟ ଖ୍ରୀଷ୍ଟିୟାନ ହୋଇଥିଲେ । ପାଦ୍ରୀ ପାଖେ ସ୍କୁଲର କରି ଜନ୍ମ ଜଣ୍ଡ ବନେ ସପରିବାର ଖ୍ରୀଷ୍ଟିୟାନ ହୋଇଥିଲେ । ସାଧବୀ କିଛି ସାମାନ୍ୟ ପଢ଼ି ଥିଲେ ।

ତୁମ୍ଭେ ଖଣ୍ଡରେ ଖ୍ରୀଷ୍ଟିୟାନ ଶାସ୍ତ୍ରରେ ଉପଦେଶ ପାଇଲେ । କମି ଖଣ୍ଡିଏ ମଧ୍ୟ ପାଇଲେ । ସେଇଠି ଦୁଃଖେ ସୁଖେ ଜୀବନ କଟାଇଲେ ।

ଖ୍ରୀ: ୧୮୧୭ ପାଇକବିଦ୍ରୋହ ପରଠୁ ଓଡ଼ିଶା ନାନା ଅତ୍ୟାଚାରରେ ଛାରଖାର ହେଉଥିଲା । କେବେ ଇଂରେଜ-ପ୍ରଚଳିତ ଶିକ୍ଷାକୁ ଗ୍ରହଣ କରୁଥିଲେ ବାଧ୍ୟ ହୋଇ । କଟକ

ଯେଉଁ ବ୍ୟବସାୟିକ ଶିଳ୍ପାଳୟ ଥିଲା, ତାହା ଜବରଦସ୍ତି ଭାଙ୍ଗିଦିଆଯାଉଥିଲା। ଇଂରେଜମାନେ ଆଇନ ନାମରେ ନାନା ଜଟିଳତା ସୃଷ୍ଟି କରି ଲୋକଙ୍କ ଜନ୍ମଗତ ସ୍ୱାତନ୍ତ୍ର୍ୟତା ଘୃଣ୍ୟ ଭାବରେ ଦମନ କରୁଥିଲେ। ବଂଶାନୁ କେତେକ ବ୍ୟକ୍ତିଙ୍କ ଅବସ୍ଥାର ମନୋବୃତ୍ତି ଏ ଜାତି କଦାପି ବରଦାସ୍ତ ହୋଇ ପାରିବ ନାହିଁ। ଏହି ବର୍ଗୀମାନଙ୍କ ଶାସନକୁ କେତେକ ଦୁର୍ବଳ ଓଡ଼ିଆ ମଧ୍ୟ ଧନଲୋଭରେ ଯୋଗ ଦେଉଥିଲେ। କାରଣ ୨୩।୩।୧୮୬୮ରେ ଗଙ୍ଗାଧର ସେନାପତି ନାମରେ ଜଣେ ଓଡ଼ିଆ ବ୍ରାହ୍ମଣ ଖ୍ରୀଷ୍ଟଧର୍ମ ଗ୍ରହଣକରି ବାପ୍ତିଜିତ ହୋଇଥିଲେ। ତାଙ୍କ ପରେ ୧।୫।୧୮୩୦ରେ ରାମଚନ୍ଦ୍ର ସାହୁ, ସେହି ବର୍ଷ କୃପାସିନ୍ଧୁ ବେହେରାଙ୍କ ଧର୍ମାନ୍ତର ଗ୍ରହଣ ପରେ ଏଥିପ୍ରତି କେତେଗୋଟି ପରିବାରଙ୍କର ଜାତିତ୍ୟାଗ ପ୍ରତି ମମତା ବଢ଼ିଲା। ଖ୍ରୀ: ୧୮୨୨ରୁ ୧୮୪୫ ମଧ୍ୟରେ ଜେମ୍ସ କାମ୍ପବେଲ୍, ପେଗ୍, ଶ୍ରୀ କେନ୍ସ ଓ ଶ୍ରୀମତୀ କେନ୍ସ, ଶ୍ରୀ ସଟନ୍ ଓ ଶ୍ରୀମତୀ ସଟନ୍, ଶ୍ରୀ ଓ ଶ୍ରୀମତୀ ଲେସି, ଉଇଲିୟମ୍ ବ୍ରାଉନ୍, ଶ୍ରୀ ଓ ଶ୍ରୀମତୀ ଗୋଡ଼ୋବାର୍ଡ, ଜେ. ବୁକ୍ସ, ଜେ. ଷ୍ଟବନ୍ସ, ଉଇଲି ଜାକ୍ସନ, ଜେ. ଖାଣ୍ଡ, ଜେ. ମିଲ୍ର ପ୍ରଭୃତି ମିଶନାରୀମାନେ ଓଡ଼ିଶାକୁ ଆସି ଏହି ଧର୍ମାନ୍ତର ସୃଷ୍ଟି କରିଥିଲେ। ଖ୍ରୀ: ୧୮୪୪ ବେଳକୁ ଖ୍ରୀଷ୍ଟିଆନ ଗାଁ ୭ଟି ଦେଖାଗଲାଣି—ଖ୍ରୀଷ୍ଟିଆନପୁର (୧୭ପରିବାର), ଯୋଶାଇଟିପୁର (୬ପରିବାର), ଖଣ୍ଡିଗଡ଼ (୮ପରିବାର), ଭଗବତପୁର (୩ପରିବାର), ଛଙ୍ଗା (୭ପରିବାର) ଓ ଓଡ଼ିଆପୁର (୮ପରିବାର)। ତା'ପରେ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, ସିଂହଭୂମି ପ୍ରଭୃତିରେ, ନଗରମାନଙ୍କରେ ଅନେକ ଖ୍ରୀଷ୍ଟ ବସତି ସୃଷ୍ଟି ହୋଇଥିଲା। ଫଳରେ ସନାତନ ଆର୍ଯ୍ୟ ସମାଜ ସନ୍ତ୍ରସ୍ତ ହୋଇ ଉଠୁଥିଲା। (୨୧ପୃଷ୍ଠା—ଡକ୍ଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆସାହିତ୍ୟର ଇତିହାସ')।

ପ୍ରାୟ ୩୦୦ ବର୍ଷ ଧରି ଗୋଟିଏ ଜାତି ନିଜର ସ୍ୱାଧୀନତା ପାଇଁ ଅବିଚଳିତ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପୃଥିବୀର ଇତିହାସରେ ବିରଳ ଘଟଣା। ଅତ୍ୟାଚାରୀ ଇଂରେଜ ଏହି ଦୁର୍ଦ୍ଧର୍ଷ ଜାତିକୁ ଯେପରି ଭାବରେ ଶେଷ କରିଥିଲା, ଏହି ଧର୍ମାନ୍ତର ବ୍ୟାପାର ମଧ୍ୟ ତହିଁର ଗୋଟିଏ ନମୁନା।

ଏଇ ଶ୍ୟାମସୁନ୍ଦର ସାବତ ଏବଂ ରାଧା ସାବତ କୁନ୍ତଳାକୁମାରୀଙ୍କ ଜେଜେବାପା ଓ ଜେଜେମା', ତାହାଙ୍କୁ ସେ ଗୋସେଇଁବାପା ଓ ଗୋସେଇଁମା', ଅଥବା ସାନ୍ତବାପା ସାନ୍ତମାଆ କହୁଥାନ୍ତି। ଏମାନେ ଅତି ନିଷ୍ଠାପର ଏବଂ ଉଦାରାଶୟ ରହୁଥିଲେ। ବିଶେଷକରି ହିନ୍ଦୁ ମନୋଭାବ ଏ ଦୃଢ଼ତାରେ ମୂର୍ତ୍ତ ରୂପ ଦେଖାଯାଉଥିଲା। ରାଧା ହିନ୍ଦୁଧର୍ମ କଥା ଶୁଣିଲେ ଗଦଗଦ ହେଉଥିଲେ; କିନ୍ତୁ ଶ୍ୟାମସୁନ୍ଦର ସେ ଅନ୍ତରଙ୍ଗତାରେ ଯୋଗ ଦେଇ ଆନନ୍ଦ ଅନୁଭବ କରୁଥିଲେ। କୁନ୍ତଳାକୁମାରୀ ଅନେକଥର କହନ୍ତି—"ମୋ ଗୋସେଇଁବାପା ଭୋଜନବେଳେ ଶିବାବେଳେ ଜଗନ୍ନାଥ ନାମ ଯେବେ ଶୁଣୁଥିଲେ ବା ପୁସ୍ତକ କେବେ ପଢ଼ିଲେ ଜଗନ୍ନାଥ ମନ୍ଦିର ଦେଖିଦେଲେ ଲୁଚି ଲୁଚି ହାତ ଯୋଡ଼ିଦେଉଥିଲେ। ପିଲାଙ୍କ ପାଖେ ଧରାପଡ଼ିଲେ କହୁଥିଲେ—ମନରେ ନାହିଁ ମୁଁ, ଲୁଚି, ସେ ପିଲାଦିନର ଏକ ଅଭ୍ୟାସ।"

## ପିତା ଓ ମାତା—

ଶ୍ୟାମରତନ ଏବଂ ସାଇଁସାଙ୍କର ଏକମାତ୍ର ପୁତ୍ର ଡାନିଏଲ୍ ସାବତ । ତାଙ୍କ ଉପରେ ଝିଅଟିଏ ମାତ୍ର । ଡାନିଏଲଙ୍କ ଜନ୍ମ ଖ୍ରୀ: ୧୮୬୫, ସେ କି କୁନ୍ତଳାକୁମାରୀଙ୍କ ପିତା । ମାତାଙ୍କ ନାମ ମନିକା (Monica) ସାବତ । 'ସାବୁଡ଼' ସଂଜ୍ଞା ଡାନିଏଲଙ୍କଠାରୁ 'ସାବତ' ଭାବରେ ଲେଖାଗଲା । ଡାନିଏଲ୍ ଏଲ୍.ଏମ୍.ପି. ପାଶ୍ କରି ଡାକ୍ତର ହୋଇପାରିଥିଲେ ଓ ବସ୍ତର ଷ୍ଟେଟ୍‌ର ଜଗଦଲପୁରରେ ପ୍ରଥମ କରି ସର୍ଭିସ କରିଥିଲେ । ସେଠାରେ ସେ ମୋଟେ ଦୁଇବର୍ଷ ରହିଥିଲେ । ତା'ପରେ ଅଧିକ ବେତନ ପାଇବାକୁ ବର୍ମାକୁ ଚାଲିଯାଇ ସେଠାରେ ୧୮ ବର୍ଷ କାଳ ରହିଥିଲେ । ଅନନ୍ତର ପ୍ରଥମ ମହାଯୁଦ୍ଧରେ ୧ ବର୍ଷ ସର୍ଭିସ କରି ପେନସନ୍ ପାଇଥିଲେ (ଖ୍ରୀ: ୧୯୨୦) । ମନିକା ଅଠଗଡ଼ର ହେମନ୍ତ ସାମନ୍ତରାୟଙ୍କ କନ୍ୟା । ଏହି ହେମନ୍ତଙ୍କ ପିତା ଭାଲୁ ଏବଂ ତାଙ୍କ ପିତା ଅଠଗଡ଼ ରାଜବଂଶୀୟ ମୁକୁନ୍ଦ ସାମନ୍ତରାୟ ନାନା ଜଞ୍ଜାଳ ମଧ୍ୟରେ ଖ୍ରୀଷ୍ଟାନ ହୋଇଥିଲେ । ତେଣୁ ମନିକାଙ୍କ ପିତୃବଂଶ ବରଣ ଥିଲେ । ହେମନ୍ତ ସାମନ୍ତରାୟ ବୋର୍ଡ ମାଇନର ସ୍କୁଲରେ ୨୫ ବର୍ଷ ହେଡ୍‌ମାଷ୍ଟର ଥିଲେ । ତା ଛଡ଼ା ସେ କଟକ ଏକାଡେମି ସ୍କୁଲରେ ମଧ୍ୟ କିଛି ବର୍ଷ ଶିକ୍ଷକ ଥିଲେ ।

ଡାନିଏଲ ଜଣେ ଖଳ ବ୍ୟକ୍ତି ଥିଲେ । ତାଙ୍କର ବ୍ୟବହାର ଅତି ସୁରୁଚିସମ୍ପନ୍ନ ଥିଲା । ସେ ମଦ୍ୟପ ଥିଲେହେଁ ଆଜିକାଲି ପରି ଅଧିକାଂଶ ମଦ୍ୟପଙ୍କ ପରି ଉଚ୍ଛୃଙ୍ଖଳ ନଥିଲେ । ମଦ ପିଇବାକୁ ତାଙ୍କ ପରି ଲୋକେ ଲଜ୍ଜା ମଣୁଥିଲେ । ଏପରିକି, ତାହା ତାଙ୍କର ସନ୍ତାନସନ୍ତତି ସେପରି ଜାଣି ନ ପାରନ୍ତି ଉକ୍ତପ୍ରତି ଜାଗ୍ରତ ରହୁଥିଲେ । ସେ ପୁସ୍ତକ-ପାଠରେ ଏବଂ ନିଜର ପୁତ୍ରକନ୍ୟାଙ୍କୁ ଶିକ୍ଷାଦେବାରେ ଯାହା କିଛି ସମୟ ପାଉଥିଲେ ତାହାହିଁ ବ୍ୟୟ କରୁଥିଲେ ।

ମନିକା ଜଣେ ରୂପସୀ ଏବଂ ମେଳାପି ସ୍ତ୍ରୀଲୋକ ଥିଲେ । ସୃଷ୍ଟିକର୍ତ୍ତାଙ୍କର ଏପରି ଦକ୍ଷ ସ୍ତ୍ରୀଲୋକ ଅଳ୍ପ ଦେଖାଯାନ୍ତି । କିନ୍ତୁ ସ୍ୱଳ୍ପଭାଷିଣୀ ହେତୁ ସେ ଜୀବନରେ ନାନା ଦୁଃଖର ସମ୍ମୁଖୀନ ହୋଇଥିଲେ । ବର୍ମାରେ ତାଙ୍କ ସ୍ୱାମୀ ଥିବାବେଳେ ତାଙ୍କର ସାନଭଉଣୀ ବର୍ମା ଯିବାକୁ ଏକାନ୍ତ ଆଗ୍ରହୀ ହେବାରୁ ସେ ତାଙ୍କୁ ପାଖକୁ ନେଇଥିଲେ । ଡାନିଏଲ ଶାନ୍ତ, ଶିଷ୍ଟ ଏବଂ ପ୍ରେମିକ ପ୍ରକୃତିର ଥିଲେ । ଖ୍ରୀଷ୍ଟିଆନ ସମାଜରେ ବହୁବିବାହ ପ୍ରଥା ନଥିବାରୁ ମନିକା ନିଜ ଭଉଣୀପ୍ରତି ସନ୍ଦେହ ନଥିଲେ । କାରଣ ସେ ମଧ୍ୟ ଏକ ରୂପବତୀ ଯୁବତୀ ଥିଲା । ତେଣୁ ତାଙ୍କର ସ୍ତ୍ରୀ ସ୍ୱାମୀପ୍ରତି ସେ ଛଳନା, ଏପରି ଆଶା ସେ ବା କରନ୍ତେ କାହିଁକି ? ମନିକା ନିଜ ଭଉଣୀକୁ ମୁହେଁ ମୁହେଁ କେତେ ଉପଦେଶ ଦେଇ କହୁଥିଲେ । ଶାଶୁ, ଶ୍ୱଶୁରଙ୍କ ଶାସନର ଅଧୀନତା ସେଦିନ ସେ ଶୁଣି । ଫେବୃଆରି ବର୍ଷେ ପରେ ଯାଇ ଦେଖିଥିଲେ ଯେ ତାଙ୍କ ରୂପସୀ ଭଉଣୀ ତାଙ୍କର ସହଧର୍ମିଣୀ ହୋଇଯାଇଛି ଏବଂ ଗର୍ଭରେ ଏକ ସନ୍ତାନ ମଧ୍ୟ ଧରିଛି । ସ୍ୱାମୀଙ୍କ ସୁଖସ୍ୱପ୍ନରେ ଅନ୍ତରାୟ ନ ହୋଇ ସେ ପୁନର୍ବାର ଓଡ଼ିଶାକୁ ଫେରି-

ଆସିଥିଲେ । ପୁଣି ଡାନିଏଲଙ୍କ ସମାପ୍ତାର୍ଥନାରେ ଏହି ରମଣୀ ଶେଷକୁ ସ୍ୱାମୀଙ୍କ ମୃତ୍ୟୁ ଯାଏ ସେବା ଜୀବନରେ ଏ ନିଷ୍ଠିକର ନ ଥିଲେ । ୧୯୨୯ ମାର୍ଚ୍ଚ ମାସରେ ଡାନିଏଲ କଟକରେ ଦେହତ୍ୟାଗ କରିଥିଲେ । ମନିକା ସାବତ ୯୬ ବର୍ଷ ବୟସରେ ୧୯୬୩ ଡିସେମ୍ବର ୧୦ ତାରିଖରେ ମୃତ୍ୟୁ ଲଭିଛନ୍ତି ।

## ଜନ୍ମ ବିବରଣୀ—

ଡାନିଏଲ ୧୮୯୭ ଖ୍ରୀଷ୍ଟାବ୍ଦରେ ମନିକାଙ୍କୁ ବିବାହ କରିଥିଲେ । ବିବାହ କରିବା ପରେ ତାଙ୍କୁ ସ୍ୱଦେଶ ମିଳିଥିଲା । ତାଙ୍କର ଜୀବିତ ପ୍ରଥମ ସନ୍ତାନ କୁନ୍ତଳାକୁମାରୀ । ଅବଶିଷ୍ଟ ଗୋଟିଏ ଝିଅ ଏବଂ ଦୁଇଟି ମାତ୍ର ପୁଅ ମଧ୍ୟରୁ ବଡ଼ପୁଅଟି ଜମୋଇଆରେ ୧୬ବର୍ଷ ବୟସରେ ମରିଯାଇଥିଲା । ଜଗଦଲପୁରରେ ମନିକା ସ୍ୱାମୀ ପ୍ରଚାର କାର୍ଯ୍ୟରେ ଶାଶୁଙ୍କ ଅଂଶ ମାନି ଚଳୁଥିଲେ । ସେଇଠି ତାଙ୍କର ପ୍ରଥମ ପୁଅଟିଏ ଜନ୍ମହେବାରୁ ସମସ୍ତେ ଏକାନ୍ତ ଆନନ୍ଦିତ ଥିଲେ । କିନ୍ତୁ ପିଲାଟି ୫ ମାସ ବଞ୍ଚିବା ପରେ ମରିଯାଇଥିଲା ।

ଅନନ୍ତର ମନିକା ଯାଆଁଳା ଦୁଇଟି ଝିଅ ଜନ୍ମକଲେ; କିନ୍ତୁ ସେମାନେ ଜନ୍ମ ହେବାର କେତେ ଘଣ୍ଟାପରେ ମରିଯିବା ହେତୁ ତାଙ୍କ ପ୍ରତି ଶାଶୁଙ୍କର ଗଞ୍ଜଣା ବଢ଼ି ଯାଇଥିଲା ।

ଏହି ଶାଶୁଗଞ୍ଜଣା ସେ ଯାଏ ପ୍ରତ୍ୟେକ ସମାଜରେ ଅଳ୍ପ ବହୁତ ରହିଆସିଥିଲା । ଗଞ୍ଜଣା କେଉଁପରି ହେଲେ ବୋହୂକୁ ଦେଇ ନ ପାରିଲେ ସେ କିପରି ଶାଶୁ ହେବେ ?

ମନିକା ମନୋଦୁଃଖ ମଧ୍ୟରେ ପୁଣି ଗର୍ଭବତୀ ହେଲେ । ସମସ୍ତ ଦୁଃଖ ମଧ୍ୟରେ ଥାଇ ମଧ୍ୟ କୁନ୍ତଳାକୁମାରୀ ଯେଉଁ କବିତାକୁ ସାମୟିକ ବିଷାଦର ରଙ୍ଗ ଦେଇଥିଲେ, ଏହି କାରଣରୁ ଘଟିଥିବା ସମ୍ଭବ ।

୧୯୦୧ ଖ୍ରୀଷ୍ଟାବ୍ଦ ଫେବୃଆରୀ ୮ ତାରିଖ ଶୁକ୍ରବାର ପାହାନ୍ତା ୫ଟା ବେଳେ ମନିକା ସେହି ଶିଶୁଟିକୁ ଜନ୍ମଦେଲେ । ତାହା ଗୋଟିଏ ମୁଣାପରି ଏକ ପତଳା ଆବରଣ ମଧ୍ୟରେ ରହିଥିଲା । ଶାଶୁ କ୍ରୋଧରେ ଯୋଇଁଠା ମାରିଦେବାରୁ ମୁଣାଟି ଫାଟିଗଲା ଏବଂ ଶିଶୁଟିର କ୍ରନ୍ଦନ ଶୁଭିଲା । ଡାନିଏଲ ଘୋଡ଼ାରେ ଚଢ଼ି ସେତେବେଳେ ଭିନ୍ନ ସ୍ଥାନକୁ ତଦାରଖ କରି ଯାଉଥିଲେ । ଫେରିବାରୁ ସେ ବୁଢ଼ୀ ସବାଙ୍କୁ ବେଶ ମାଆଙ୍କର ଏପରି ଦୁର୍ବ୍ୟବହାର ଦେଖି ଦୁଃଖିତ ହୋଇଥିଲେ । ମାଆ ପୁଅକୁ ବୁଝାଇଥିଲେ—"ଆରେ ପୁଅ, ଯାହା ଦୂତଙ୍କରେ ଶୁଣାଯାଏ, ତା ତୋ ପିଲାଙ୍କର ଭାବୀ ଭବିଷ୍ୟ ଚିହ୍ନ କରୁଛି । ମୁଁ ତାକୁ ଭଲ୍ପରକ କଣ ?"

ଡାନିଏଲ ମାଆଙ୍କୁ ବୁଝାଇଥିଲେ ଯେ ଏପରି ଏକ ଆବରଣ କ୍ୱଚିତ୍ ରହିଥାଏ । ପ୍ରତି ଶିଶୁର ଦେହର ଉପରେ ଏକ ପର୍ଦ୍ଦା ଥାଏ, ଯାହା ଧୋଇବା ପରେ ଖୁଲିଯାଏ । କିନ୍ତୁ ଏ

ପିତାଙ୍କର ଅବସରଗ୍ରହଣର ପରେ । କିନ୍ତୁ ନଜରବନ୍ଦ ଥିବାରୁ ତାଙ୍କ ମୁକ୍ତିପତ୍ର ରହିଛି । ଯୋଗଦେଲେ ତାହା ସ୍ୱୀକୃତିବ ।

ତା ପରେ ମାଆ ଶିଶୁକୁ ଧୂଆଧୋଇ କରିଥିଲେ । ହିନ୍ଦୁଘରେ ଜନ୍ମିଥିବାରୁ ପାଦରେ ଆଦରର ହୋଇଥିଲେ । ଆଶା କରିଥିଲେ, ଏଇଟି ନିଶ୍ଚୟ ବଞ୍ଚିବ । ଏଇ ଝିଅଟି ପରବର୍ତ୍ତୀ କାଳରେ କୁନ୍ତଳାକୁମାରୀଙ୍କ ନାମରେ ଦେଶବରେଣ୍ୟ । ଝିଅମାନଙ୍କର ନାମ ବିଦେଶୀ ନାମରେ ରଖିବା ପକ୍ଷରେ ମାଆବାପାଙ୍କର ମତ ଆଦୌ ନ ଥିଲା । ତେଣୁ ତାଙ୍କର କଥା ମା,ଜ ମାଆଙ୍କ ପ୍ରିୟ ସନ୍ତାନ ଦେଖାଇ ତାଙ୍କର ଝିଅଙ୍କ ନାମ ଯଥାକ୍ରମେ କୁନ୍ତଳା, ସରଳା ଏବଂ ପ୍ରଫୁଲ୍ଲ ରଖିଥିଲେ । ସରଳା, ପ୍ରଫୁଲ୍ଲ ଏବଂ ପୁଅ ସାମୁଏଲ ଓ ନଥାନିଏଲ ବର୍ମାରେ ଜନ୍ମଗ୍ରହଣ କରିଥିଲେ । ସାଧବ ଖ୍ରୀଷ୍ଟିରେ ବଢ଼ିଥିଲେ । ସେ ଜଣ ସାଇର ପଛପାଖ ପଡ଼ୋଶୀ ଝିଅମାନଙ୍କର ନାମକୁ ପସନ୍ଦ କରୁଥିଲେ । ତେଣୁ ଏ ଝିଅ. ନାମଗୁଡ଼ିକ ତାଙ୍କଦ୍ୱାରା ଦିଆଯାଇଥିଲା । ତାହାଙ୍କ ଖ୍ରୀଷ୍ଟିଆନ ଧର୍ମ ପରିବର୍ତ୍ତନ ହେଲେ ହେଁ ହୃଦୟ ମଧ୍ୟରେ ସନାତନ ହିନ୍ଦୁ ସଂସ୍କୃତିର ମନୋଭାବ ଲୁପ୍ତ ଯାଇ ନ ଥିଲା ।

ଧର୍ମର ମହତ୍ତ୍ୱରେ ଆକୃଷ୍ଟ ହୋଇ ଭାରତବର୍ଷରେ ଅଥବା ଉତ୍କଳରେ ବିଶେଷ କେହି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବାର ଜଣାଯାଏ ନାହିଁ । ହିନ୍ଦୁ ଧର୍ମର କେତେକ କୁସଂସ୍କାରରେ ବାଧିତ ହୋଇ, ପୁରୋହିତ ବ୍ରାହ୍ମଣଙ୍କ ମୂର୍ଖତା ଯୋଗୁଁ ଧର୍ମାନ୍ତର ପ୍ରତି ସ୍ୱାଧୀନ ଶିକ୍ଷିତ ସମାଜର ମନ ଗତି ଆସିଥାଇପାରେ । କିନ୍ତୁ ଓଡ଼ିଶାରେ ଶିକ୍ଷିତ ସମାଜ ସୃଷ୍ଟି ବେଳକୁ ରାମମୋହନ ରାୟ, କେଶବଚନ୍ଦ୍ର ସେନଙ୍କ ବ୍ରାହ୍ମଧର୍ମ, ପୁଣି ଶିବନାଥ ଶାସ୍ତ୍ରୀଙ୍କ ବ୍ରାହ୍ମସମାଜ ବହୁଭାବରେ ଶିକ୍ଷିତମାନେ ଖ୍ରୀଷ୍ଟାନଧର୍ମ ଗ୍ରହଣ କରିବା ପକ୍ଷରେ ନ ଥିଲେ । ତେଣୁ ବହୁପୂର୍ବରୁ ନାନା ଦୁର୍ଭିକ୍ଷ, ଝଡ଼ବାତ୍ୟା, ସ୍ୱଳ୍ପାନ୍ନ ଯୋଗ କେତେକ ହିନ୍ଦୁ ପରିବାର ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ସ୍ୱାଭାବିକ । ମାନବିକତାର କଳଙ୍କସ୍ୱରୂପ ସମ୍ମୁଖରେ ଏ ଧର୍ମର ପରିବର୍ତ୍ତନ ଏକ ସ୍ୱାଭାବିକ ଘଟଣା ହୋଇଆସିଛି—କାଳ କାଳ ଧରି । ବୈଦିକ ସଂସ୍କୃତି ପରେ ବୁଦ୍ଧଙ୍କ ଜୈନ ଦେଖାଯାଏ ଏ ଧର୍ମର ପ୍ରାଦୁର୍ଭାବ ସମାଜକୁ ଏପରି ସଂକୀର୍ଣ୍ଣତା ମଧ୍ୟକୁ ନେଇ ନ ଥିଲା । କିନ୍ତୁ ପୌରୋହିତ୍ୟର ଜଟିଳତା ଅର୍ଥାତ୍ ଅଣ ଜାତିକୁ ଅସ୍ପୃଶ୍ୟ, ଅଛୁଆଙ୍କୁ ଛୁଇଁଲେ ମହାପାପ, ଅଧିଆ ଲୁଗା ଯେତେ ସଫା ହେଲେ ମଧ୍ୟ ଅଶୁଚି କିନ୍ତୁ ଓଦାଲୁଗା ଶୁଚି, ଓଷା ଉପାସର ବାଧ୍ୟତାମୂଳକ ପାଳନ, ପୁଣି ସେଥିପାଇଁ ଶାସ୍ତ୍ରୀୟ ବିଚାର ଏପରି ନାନା ଅନର୍ଥକ ବ୍ୟାପାର ଯୋଗୁଁ ଧର୍ମନାମରେ ନାନା ଦଳ ଏ ଦେଶକୁ ମାଡ଼ିଆସିଥିଲେ । ବିଶେଷରେ ମୁସଲମାନ ଧର୍ମ ମୁସଲମାନ ଶାସକ ହେବାରୁ ଏବଂ ଖ୍ରୀଷ୍ଟାନ ଶାସକହେତୁ ଖ୍ରୀଷ୍ଟାନଧର୍ମ ଏ ଦେଶରେ ବ୍ୟାପିବାର ହେତୁ ହୋଇଥିଲା । କିନ୍ତୁ ପ୍ରକୃତ ଧର୍ମ ବିଚାର କରିଗଲେ ନିର୍ଦ୍ଦିଷ୍ଟ ଭାବେ ସମସ୍ତ ଦାର୍ଶନିକ ସ୍ୱୀକୃତି ଦେଇଛନ୍ତି ଯେ, ସନାତନ ଆର୍ଯ୍ୟଧର୍ମ, ଯାହା ହିନ୍ଦୁ ଧର୍ମ ନାମରେ କଥିତ ହେଉଛି, ତା'ପରି ଉଦାର ଏବଂ ମାନବିକ ଧର୍ମ ଦ୍ୱିତୀୟ ନାହିଁ—ଏପରି କି ବୌଦ୍ଧଧର୍ମ ମଧ୍ୟ ସେହି ଧର୍ମର ସନ୍ତାନ ମାତ୍ର ।


ଜନ୍ମ କୋଷ୍ଠୀ—

ଜନ୍ମ ୭ ଫେବୃଆରୀ (ଗୁରୁବାର) ୧୯୦୧, ରାତି ୨ ଟା, ଯାହାକି ୮ ଫେବୃଆରୀ ଶୁକ୍ରବାର ୧୯୦୧ ଭୋର୍ ଧାର୍ଯ୍ୟ ହେବ (ମାଘ କୃଷ୍ଣପକ୍ଷ ପଞ୍ଚମୀ) ।

କୋଷ୍ଠୀ ପାଠକାର ଫଳାଫଳ ଜାଣିବାଲାଗି କୁନ୍ତଳାକୁମାରୀଙ୍କର ଏପରି ଆଗ୍ରହ ଥିଲା ଯେ ସେ ପାଣ୍ଡିକାର ଯାହାଙ୍କୁ ଦେଖିଲେ ତାଙ୍କୁ କୋଷ୍ଠୀ ଦେଖାଇବାକୁ ବ୍ୟାକୁଳ ହୋଇଯାଉଥିଲେ । 'ପ୍ରଭାକର' ନାମରେ ଜଣେ ଜ୍ୟୋତିଷ ତାଙ୍କର ଏଥିରୁ କାର୍ଯ୍ୟରେ ଜବଲପୁର ସହାୟକ ଥିଲେ । ତା ଛଡ଼ା ବଙ୍ଗାଳୀ, ପଣ୍ଡିମା, ନେପାଳୀ ଓ ଇଂରେଜ ଜ୍ୟୋତିଷ ଏପରି କେତେ ଜଣଙ୍କଠାରେ ସେ ଯେ ତର୍କ କରିଥାନ୍ତି, ତାର ଠିକଣା ନାହିଁ ।

ତାଙ୍କ ସମ୍ବନ୍ଧରେ ଜଣେ ବଙ୍ଗୀୟ ଜ୍ୟୋତିଷଙ୍କର ପ୍ରାଥମିକ ଏକ ଫଳ ତର୍କର ଅବିକଳ ନକଲ ଏଠାରେ ଉଦ୍ଧାର କରୁଅଛୁ ।

ଜନ୍ମ ସମୟରୁ ଚନ୍ଦ୍ର ମହାଦଶା ବାକି ୩ ବ / ୧୦ / ୧୬ ଦିନ ଥିଲା । ସେ ମହାଦଶା ଅନୁସାରେ ମଙ୍ଗଳ ୭ ବର୍ଷ, ରାହୁ ୧୮ ବର୍ଷ ଶେଷକରି ବୃହସ୍ପତି ଦଶା ଭିତରେ ମୃତ୍ୟୁବରଣ କରିଥିଲେ । ତାଙ୍କର ଜନ୍ମନକ୍ଷତ୍ର ଥିଲା ହସ୍ତା—ଚନ୍ଦ୍ର । ଧନୁ ଲଗ୍ନରେ ସେ ଜନ୍ମ ଗ୍ରହଣ କରିଥିଲେ ।



**Character reading**—The natives under such planetary conditions are fond of intellectual pursuits. Their mind is quite literary, thoughtful, religious and argumentative. They learn things quite easily. They love science, wit, humour and are very intelligent. There is love for music, painting and poetry. A very truthful affectionate, and sympathetic nature, sweetness of voice and a bit of shy-

ness characterise their nature. They have an amiable, cheerful disposition. good memory and a vitality love to do good to others Good health and neatness and cleanliness, and an intense desire to work, mark them one from persons of other groups. Honesty and piety are the keynotes to their character. Such persons generally take to some service of philanthropic nature and enjoy a good position among men of literature. Self-confident, studious, enterprising and ambitious. They, though aften born in poor families, are almost sure to rise from obscurity to eminence and fame by dint of their activity and enterprising capacity. They are mostly fortunate and lead a happy and pleasant life and are much benefitted by their subordinates. There is a great inclination for travels, voyage, medicine, philosophy and religion. As Mars (ମଙ୍ଗଳ) in 9th house is afflicted by Saturn (ଶନି) occupying birth (ଲଗ୍ନ) there will be change of religion, scepticism, loss of money, disagreement with relatives and death of elder brothers. There will be some sort of stomach complaints, skin affections and some fire accidents. A mole on the left hand will mark them out from other persons.

As moon is in 10th place, a mutable sign (ଦ୍ୱିସ୍ୱଭାବ ରାଶି) is fully aspected by Saturn which occupies the birth also a mutable sign. the mind is reserve and melancholy, vacillating and inconsistent. Such persons though fearful and suspicious are nevertheless patient and painstaking, economical and versatile. Fluctuation or change in business or occupation may be looked from this position. Moon in 10th place denotes gain of some sort of property, fame, and publicity. The tenth house being a mutable sign, the position of moon in that house gives less fortune and

more ability without adequate opportunity. The evil influence of Saturn (occupying birth ascending sign) will be to a great extent mitigated by the good influence of Jupiter (ବୃହସ୍ପତି) occupying the same sign.

* * *

Born on 7th February (Thursday) 1901 at the latter part of night at 5 A. M. or more correctly early in the morning of 8th February, Friday. 1901.

ଜାତକର ଫଳଜ୍ଞ ପାଠ—"ଏହିପରି ଗ୍ରହଯୋଗ କୋଷ୍ଠୀରେ ରହିଥିଲେ ଜାତକ ବୁଦ୍ଧି ଖଟାଇ କାର୍ଯ୍ୟ କରିବାକୁ ଲାଳାୟିତ ହୁଅନ୍ତି । ମନସ୍ତତ୍ତ୍ୱରେ ତାଙ୍କର ପାଣ୍ଡିତ୍ୟ ସ୍ପୃହା ଥାଏ । ସେ ଚିନ୍ତାଶୀଳ, ଧର୍ମପରାୟଣ ଏବଂ ହିତପ୍ରିୟ ହୁଅନ୍ତି । ସେ ଯେକୌଣସି ବିଷୟକୁ ଅତି ଶୀଘ୍ର ଶିଖିପାରନ୍ତି । ତାଙ୍କର କବିତା, ସଙ୍ଗୀତ ଓ କଳାଭିମୁଖୀ ଆଗ୍ରହ ଦେଖା-ଯାଇଥାଏ । ତାଙ୍କ ଚରିତ୍ରମଧ୍ୟରେ ସତ୍ୟବାଦିତା, ନ୍ୟାୟପରାୟଣ ଭାବ ଏବଂ ଅପରାପର ସହାନୁଭୂତିଶୀଳତା ଦେଖାଯାଇଥାଏ । ସେ ମିଷ୍ଟଭାଷୀ ହୁଅନ୍ତି ବା ତାଙ୍କ ସ୍ୱର ମଧୁର ହୁଏ ଏବଂ ସେ କଳ୍ପନାଶୀଳା ହୁଅନ୍ତି । ଏମନ୍ତ କି ସେ ମିତ୍ରବତ୍ସଳା ଓ ସବଦା ସ୍ୱଚ୍ଛନ୍ଦଚିତ୍ତା ଦେଖାଯାନ୍ତି । ତାଙ୍କର ସ୍ମୃତିଶକ୍ତି ପ୍ରବଳ ହୁଏ । ସେ ଅନ୍ୟର ଭଲ କରିବା ବିଷୟରେ ଆଗ୍ରହୀ ହୁଅନ୍ତି । ସେ ସ୍ୱାଧୀନଚେତା, ଶାନ୍ତିପ୍ରିୟା ଏବଂ ଦେଶଭକ୍ତିପରାୟଣା ହୋଇଥାନ୍ତି । ଯେକୌଣସି କାର୍ଯ୍ୟ କରିବାରେ ତାଙ୍କର ଦୃଢ଼ ନିଷ୍ଠା ଥାଏ । ତେଣୁ ଏ ଗୁଣ ଯୋଗୁଁ ସେ ଅନ୍ୟ ଲୋକଠାରୁ ପୃଥକ୍ ଜଣାପଡ଼ନ୍ତି । ସାଧୁତା ଏବଂ ଧର୍ମସ୍ୱରପରାୟଣତା ଏହି ଜାତକର ମୁଖ୍ୟ ଚରିତ୍ର ଗୁଣ । ତେଣୁ ସେ ମହତ୍ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ଲାଳାୟିତ ହୋଇଥାନ୍ତି ।

ଏ ଜାତକ ତାଙ୍କର ଗରିମାକୁ ସାହିତ୍ୟିକମାନଙ୍କ ମେଳରେ ଅକ୍ଷୁଣ୍ଣ ରଖିପାରନ୍ତି । ଅଧ୍ୟବସାୟଶୀଳତା, ପଠନଶୀଳତା ଏବଂ ଉଦ୍ୟୋଗଶୀଳତା ସହିତ ଉଚ୍ଚ ଆକାଙ୍କ୍ଷା ଏହି କୋଷ୍ଠୀର ଏକ ଏକ ଫଳ । ଏ କୋଷ୍ଠୀଜାତ ବ୍ୟକ୍ତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କଲେ ମଧ୍ୟ ଉଦ୍ୟମ ଓ କାର୍ଯ୍ୟ ଯୋଗୁଁ, କର୍ମକୁଶଳତା ଯୋଗୁଁ ସାଧାରଣ୍ୟ ଅତି ଶୀଘ୍ର ଲାଭ କରିଥାନ୍ତି । ସେମାନଙ୍କୁ କେହି ଜାଣି ନଥିଲେ ମଧ୍ୟ ଅତି ଶୀଘ୍ର ଜାଣିପାରନ୍ତି । ତାଙ୍କର ସ୍ୱାର୍ଥ ଅତି ଅଳ୍ପ; ତେଣୁ ସେ ସୁଖରେ ଜୀବନ କଟାନ୍ତି । ସବଦା ଉନ୍ନତ ବ୍ୟକ୍ତିଙ୍କଠାରୁ ଉପକୃତ ହେବାର ସୌଭାଗ୍ୟ ତାଙ୍କର ଥାଏ । ଏହାଙ୍କ ଜୀବନର ଆକର୍ଷଣୀୟ ଘଟଣାବଳୀ ମଧ୍ୟରେ ପରିଭ୍ରମଣ, ଜନସେବା ଏବଂ ତୀର୍ଥ, ଦର୍ଶନଶାସ୍ତ୍ର ଓ ଧର୍ମ ପ୍ରତି ଆଗ୍ରହ ରହିବା ସ୍ୱାଭାବିକ ।

ନବମ ସ୍ଥାନରେ ମଙ୍ଗଳ ଶନିଦ୍ୱାରା ଦୃଷ୍ଟହୋଇ ଲଗ୍ନରେ ଥିଲେ ମଧ୍ୟ ଧର୍ମ ପରିବର୍ତ୍ତନ, ଅବିଶ୍ୱାସ, ଅର୍ଥହାନି, ପରିବାର ବା ନିଜର ବନ୍ଧୁବର୍ଗଙ୍କ ସହିତ ମନାନ୍ତର ଘଟିତ ହୋଇଥାଏ; ଏବଂ ତାଙ୍କ ବନ୍ଧୁମାନଙ୍କର ମୃତ୍ୟୁ ଘଟେ । ତାଙ୍କର ପେଟକାମୁଡ଼ା, ଚର୍ମରୋଗ, ଅସ୍ଥିଭଗ୍ନ ହେବାର ସମ୍ଭାବନା ଅଛି । ତାଙ୍କର ବାମ ହାତରେ ଗୋଟିଏ ଦଲାଜାଇ ଥିବାର ଜଣାଯାଏ—ଯାହାଦ୍ୱାରା ସେ ଅନ୍ୟଠୁ ପୃଥକ୍ ଜଣାଯାନ୍ତି ।

ଦଶମ ସ୍ଥାନରେ ଚନ୍ଦ୍ର ଥିବାରୁ ଏବଂ ଶନି ଲଗ୍ନରେ ଥିବାରୁ ବା ସମ୍ପୂର୍ଣ୍ଣ ଦୃଷ୍ଟି ହେଉଥିବାରୁ ତାଙ୍କ ମନ ଗମ୍ଭୀର, ଦୟାପୂର୍ଣ୍ଣ, ସଦା ପରିବର୍ତ୍ତନଶୀଳ ହେବ ଏବଂ ସେ ଧୈର୍ଯ୍ୟଶୀଳତା ଦେଖାଇବେ । ଏପରି ଲୋକମାନେ ଅନ୍ୟଙ୍କର ସନ୍ଦେହଶୀଳ ହେଲେହେଁ କଷ୍ଟସହିଷ୍ଣୁ, ମିତବ୍ୟୟୀ, ବହୁଗୁଣସମ୍ପନ୍ନ ହୁଅନ୍ତି । ଏପରିକି ସେ ବ୍ୟବସାୟର ପରିବର୍ତ୍ତନ କରିଥାନ୍ତି ଏବଂ ବ୍ୟବସାୟ ପ୍ରତି ଅସ୍ଥାୟିତା ମଧ୍ୟ ଦେଖାଇଥାନ୍ତି ।

ଦଶମ ସ୍ଥାନରେ ଚନ୍ଦ୍ର ଥିବାରୁ ଅର୍ଥର ଅଭାବ ଘଟିଲେ ମଧ୍ୟ କାର୍ଯ୍ୟକୁଶଳତା ଏବଂ ସୁଯୋଗ ସହଜଲଭ୍ୟ ହୁଏ । ଲଗ୍ନରେ ଶନି ଷଷ୍ଠ ସ୍ଥାନରେ ଥିବାରୁ ଏବଂ ବୃହସ୍ପତିଙ୍କଦ୍ୱାରା ସେ ପ୍ରଭାବିତ ହେବା ଯୋଗୁଁ ଉଦରରୋଗ ଘଟଣା ଘଟିଥାଏ ।"

ଜ୍ୟୋତିଷର ଏହି ଭବିଷ୍ୟଦ୍‌ବାଣୀ ତାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରାୟ ଘଟିଥିଲା । ତାଙ୍କ ସାନଭଉଣୀ ପ୍ରଫୁଲ୍ଲକୁମାରୀ ସାବତ ମୋ ପାଖକୁ ଲେଖିଥିବା ଖଣ୍ଡିଏ ଚିଠିରେ ଯାହା ଲେଖିଥିଲେ ସେଥିରୁ ତାଙ୍କ ଜୀବନରେ ଏହି ଦୃଷ୍ଟାନ୍ତର ଆଭାସ କେତେକାଂଶରେ ମିଳିଯାଉଥିଲା । ସେ ଲେଖିଛନ୍ତି—

'ଆଶ୍ଚର୍ଯ୍ୟ ହୋଇ ଭାବେ, ଜୀବନର ଏତେ ଅଳ୍ପ ସମୟ ଭିତରେ ସେ ଏତେ କଥା କାହିଁକି କଲେ ? ସ୍କୁଲ ଶିକ୍ଷା ମାତ୍ର ୪ ମାସ—କଟକ ରେଭେନ୍ସା ବାଳିକା ବିଦ୍ୟାଳୟରେ । ଶ୍ରେଣୀରେ ପ୍ରଥମ ଓ ସବୁ ବିଷୟରେ ପ୍ରଥମ ହୋଇ ସେ ୧ମ କ୍ଲାସକୁ ଉତ୍ତୀର୍ଣ୍ଣ ହେଲେ । କିନ୍ତୁ ବିଦ୍ୟାଳୟ ପଢ଼ା ଛାଡ଼ ହେଲା । ତା'ପରେ ମେଡ଼ିକାଲ ସ୍କୁଲରେ ୪ ବର୍ଷ ଅଧ୍ୟୟନ କରି ୧୯୨୧ରେ କୃତିତ୍ୱ ସହିତ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସ୍ୱର୍ଣ୍ଣପଦକ ଏବଂ ରୌପ୍ୟପଦକ ପାଇ ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ପ୍ରତିଭାଶାଳୀ ଲେଖିକା ଭାବରେ ଓ ସୁଦକ୍ଷା ବକ୍ତ୍ରୀ ଭାବରେ ସେ ସମଗ୍ର ଭାରତରେ ସୁନାମ ଓ କୀର୍ତ୍ତି ଅର୍ଜନ କରିଥିଲେ । ଜୀବନରେ ସେ ଶହ ଶହ ସଭାରେ ସଭାନେତ୍ରୀ, ସମ୍ପାଦିକା ରୂପରେ ଯଶ ଲାଭ କରିଛନ୍ତି । ତାଙ୍କ ମୂଳରେ ଥିଲା, ପିଲାଦିନରୁ ଆରମ୍ଭ ତାଙ୍କର ଐକାନ୍ତିକ ସାଧନା—ଦେବ୍ ଯେପରି ଧ୍ୟାନମଗ୍ନ ଶିବଙ୍କୁ ଜାଗ୍ରତ କରିବା ପାଇଁ ଗୌରୀଙ୍କର ନିର୍ମଳ, ଦୀର୍ଘ ତପସ୍ୟା । ଶୈଶବରୁ କଠୋର କଷ୍ଟସହିଷ୍ଣୁତା, ଅସୀମ ଧୈର୍ଯ୍ୟ, ମହାନ୍ ନିର୍ଭୀକତା ତାଙ୍କୁ ଯେପରି ଏକ ସ୍ୱଦେଶବତ୍ସଳା ରମଣୀ-ଶିରୋମଣି ଭାବରେ ଗଢ଼ି ଜାତୀୟ ସଂଗ୍ରାମର ଏକ ସୈନିକା କରିପାରିଥିଲା । ସେହି ଲକ୍ଷ୍ୟରେ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠ କବି ତାଙ୍କ ଜୀବନର ବ୍ରତକୁ ସୂଚାଇଛନ୍ତି—

ଆଗେ ସେ ଧଇଲା ଅସି, ପଛେ ସିନା ଧଇଲା ଲେଖନୀ
ତେଣୁ ତାର ପ୍ରତି ଗାନେ, ଅନୁଭବେ ଦେଶର ଧମନୀ ।
ମୁକ୍ତିର ଝଙ୍କାର ଭରେ ଫେଡ଼ିବାପାଇଁ ଦେଶବାସୀ ଭୁଲ
ଜନ୍ମଦାତେ ଗଢ଼ି ଗଲା ବାଣୀର ସେ ଅପୂର୍ବ ଦେଉଳ ।

## ବର୍ମାବାସ ଓ ଶୈଶବ—

କୁନ୍ତଳାକୁମାରୀଙ୍କ ବର୍ଷକ ପୂର୍ବରୁ ଡାନିଏଲଙ୍କୁ ଏକ ଉଚ୍ଚ ଦରମାହାରରେ ବର୍ମାରେ ଏକ ଚାକିରି ମିଳିଥିଲା । ତେଣୁ ସେ ନିଜର ତରୁଣୀ ସ୍ତ୍ରୀ ଓ ଶିଶୁଝିଅଟି ସହିତ ବର୍ମା ଚାଲିଗଲେ । ତେଣୁ କୁନ୍ତଳାକୁମାରୀଙ୍କ ଶୈଶବ ଓ କୈଶୋର ବି ବର୍ମାରେ ଅତିବାହିତ ହୋଇଥିଲା ।

କୁନ୍ତଳାକୁମାରୀଙ୍କ ପରେ ଝିଅଟିଏ ଜନ୍ମିଥିଲା । ତାର ନାମ ସରଳା । ତା ପରେ ତାଙ୍କ ଭାଇ ସାମୁଏଲର ଜନ୍ମ । ସେ ଏକାନ୍ତ ଧୀର, ଶାନ୍ତ, ମେଧାବୀ ଶିଶୁ ଥିଲା । ଦୁହିଁଙ୍କ ମଧ୍ୟରେ ମୋଟେ ୩।୪ ବର୍ଷ ତଫାତ । ଭାଇ ଭଉଣୀ ମଧ୍ୟରେ ଏତେ ସ୍ନେହ ଥିଲା ଯେ ସାମୁଏଲ ଅନ୍ତିମଶଯ୍ୟାରେ ମରିବାବେଳେ କୁନ୍ତଳାକୁମାରୀଙ୍କ ଦେଖାକୁ ଡକାଇଥିଲା । ସେ ବହୁବାର ସେଇ ଭାଇକୁ ସ୍ମରଣ କରୁଥିଲେ । ଏପରି କିଛି ସେ ଲେଖିଛନ୍ତି, ଯାହା ସେ ଆଉ କେବେ ଭୁଲିପାରିବେ ନାହିଁ । ପିତାମାତା ଯେତେ ଚିନ୍ତିତ ନଥିଲେ, ଏହି ଭଉଣୀଟି ଭାଇ ପାଇଁ ତାଠାରୁ ଅଧିକ ହୋଇ ଶୋକଦଗ୍ଧ ହେଉଥିଲା । ବାଲ୍ୟରେ ସେ ସୁନ୍ଦର ଲାଗୁଥିଲା ସତ, କିନ୍ତୁ ସାମାନ୍ୟ ପଢ଼ାରେ ଶ୍ରାନ୍ତ ହୋଇ ତେବେ ବୁଝିବା ଲକ୍ଷଣ ତାଙ୍କର ମୁଖଭାବ ରହୁଥିଲା । ସେହି କାରଣରୁ ମଧ୍ୟ ତାଙ୍କର ମୃତ୍ୟୁ ହେଲା ।

ବର୍ମାରେ ଯେଉଁ ଆୟା (ଧାଈ) ଚାକରାଣୀ ରହୁଥିଲେ, ସେମାନେ ସମସ୍ତେ ଥିଲେ ବର୍ମୀଝିଅ । ବାପାଙ୍କର ତ ଅବକାଶ ନଥାଏ । କେତେବେଳେ ଅଳ୍ପ ସମୟ ପାଇଁ ଲେଖି ; ମାଆ ଚାକରାଣୀମାନଙ୍କ ଓ ଅନ୍ୟାନ୍ୟମାନଙ୍କ ସହିତ ବର୍ମୀ କହିବାକୁ ବାଧ୍ୟ ହେଉଥିଲେ । ଏମାନେ ଯେଉଁଠି ଥିଲେ ସେଠି ଓଡ଼ିଆ କେହି ନଥିଲେ । ଫଳରେ କୁନ୍ତଳାକୁମାରୀଙ୍କର କଥାଭାଷା ପ୍ରଥମରୁ ପ୍ରାୟ ବର୍ମୀ ଥିଲା ।

ତାଙ୍କର ସାନଭଉଣୀ ପ୍ରଫୁଲ୍ଲକୁମାରୀ ଦାଶ (ସେ ଜଣେ ଶିକ୍ଷୟିତ୍ରୀ) ମୋ ପାଖକୁ ଗୋଟିଏ ଚିଠିରେ ଲେଖିଛନ୍ତି—

"ସେ ଥିଲେ ସେଇ ଧରଣର ଜୀବ, ଯାହାଙ୍କୁ ନାମପଦେହରେ କଳ୍ପରୁ କଳ୍ପ ଶିକ୍ଷା ଦିଆଯାଇପାରେ । ସୁଦୂର ବ୍ରହ୍ମଦେଶରେ ପ୍ରତିପାଳିତ ହୋଇ ଓଡ଼ିଆଭାଷା ସହିତ ସମ୍ପର୍କ

ରୂପେ ପରିଚିତ ନ ହୋଇ ମଧ୍ୟ ସେ ଯେ କେତେ ପ୍ରତିଭାଶାଳୀ ଲେଖିକା ହେବେ ଏକଥା ତାଙ୍କର ଶୈଶବ କାଳରୁ ଜଣାପଡ଼ୁଥିଲା ।

“ବ୍ରହ୍ମଦେଶରେ ଆମେ ଓଡ଼ିଆକୁ ପର ଭାଷାରୂପେ ଶିକ୍ଷା କରୁଥିଲୁଁ; କାରଣ ସେଠାରେ ଓଡ଼ିଆ ସ୍କୁଲ ଆଦୌ ନଥିଲା । ଅବଶ୍ୟ ସ୍କୁଲରେ ବାପା ଇଂରେଜୀ ଶିକ୍ଷା ଦେଉଥିଲେ; କିନ୍ତୁ ଓଡ଼ିଆ ଶିକ୍ଷା ହେଲା ମା’ଙ୍କ ପାଖରେ । ସେଠାରେ ଓଡ଼ିଆଙ୍କ ଆଦୌ ନଥିବାରୁ ଆମର ପ୍ରାକ୍ଟିସ ମିଳିଥିଲା ଅଧିକାଂଶ ବର୍ମୀ ଭାଷାରେ । ଭାଷାଭେଦ ଯୋଗେ କେବଳ ଆମେ ପାଞ୍ଚ ଭାଇ ଭଉଣୀ ଥିଲୁ ପରସ୍ପରର ସଙ୍ଗୀ, ସାଥୀ । ଟିକେ ବଡ଼ ହୋଇ ଓଡ଼ିଆ ଭାଷାକୁ ପର ଭାଷାରୂପେ ଶିଖିଥିଲୁଁ ।

“ପିଲାଟିବେଳୁ ଦେଖିଆସିଛୁ ପଢ଼ାପଢ଼ି ପ୍ରତି ତାଙ୍କର କି ପ୍ରବଳ ଅନୁରାଗ ! ଏପରିକି ସମୟେ ସମୟେ ଖାଇବା ପିଇବାକୁ ମଧ୍ୟ ଭୁଲିଯାଉଥିଲେ । ତାଙ୍କର ଶାରୀରିକ ଦୁର୍ବଳତା ହେତୁ ପିତାମାତା ଏଥିରେ ଘୋର ବ୍ୟସ୍ତ ହୋଇ ଦୁଃଖ ସେ ତାଙ୍କର ଏକାନ୍ତ ସାଧନାରୁ ଟଳେ ଧାନ୍ତି ଦୁଅନ୍ତୁ ନାହିଁ । ତାଙ୍କର ଏକଜିଦ୍‌ଅଣ ଏତେ ଥିଲା ଯେ ଅନେକ ଥର ‘ପଢ଼ି-ପାରିବୁ ନାହିଁ’ ଏହି ଭୟ ଦେଖାଇ ତାଙ୍କୁ ପିତାମାତା ଅସ୍ଥିର କରୁଥିଲେ । କିନ୍ତୁ ପିଲାଟି-ବେଳୁ ଅନଶନକୁ ବ୍ରତକାରୀର ଉପାୟ ବୋଲି ସେ ଧରିନେଇଥିଲେ । ଥରେ ଜର୍ମାଣି କାରଣରୁ ପିତା ବିରକ୍ତ ହୋଇ କହିଲେ, “୮ ଦିନ ପର୍ଯ୍ୟନ୍ତ ପଢ଼ିପାରିବୁ ନାହିଁ ।’ ସେତେବେଳେ କୁନ୍ତଳାକୁମାରୀଙ୍କର ବୟସ ୯ ବର୍ଷ । ପୂର୍ଣ୍ଣ ୬ ଘଣ୍ଟା ଅନଶନ ପରେ ପଢ଼ିବାର ଅନୁମତି ଆଦାୟ କରି ଖାଇବାକୁ ବସିଥିଲେ ।

“ଅର୍ଦ୍ଧନରେ ତ ସୁସ୍ଥ ହୋଇ ବସିରହିବା ତାଙ୍କର ଦୈନନ୍ଦିନ ଅଭ୍ୟାସ ହୋଇ ପଡ଼ିଥିଲା । ଲୁଚକାଳି ଖେଳରେ ଲୁଚିବାକୁ ଯାଇ ଅନ୍ଧକାରରେ ଅନେକ ଥର ଠିଆ ହୋଇ ପଢ଼ୁଥିଲେ । ଏଇପରି ଥିଲେ ସେ ! ଆଜି ଜଣାପଡ଼ୁଛି, ପିଲାଦିନର ଅତି ଆପଣାର ଖେଳକଥା ବି ସେ ଭୁଲିଯାଉଥିଲେ କାହିଁକି ?”

ପିଲାବେଳେ ସେ ଅତି ପତଳା ଥିଲେ । କୁନ୍ତଳା ନାମ ଅନୁସାରେ ତାଙ୍କର କେଶ ବିଶେଷ ଦୀର୍ଘ ଏବଂ ଘନ ଥିଲା । ଏହି ଦୀର୍ଘ କେଶରାଶି ଯୋଗୁଁ ସେ ଅବସ୍ଥାରେ ସୁସ୍ଥ ଥିଲେ ବୋଲି ତାଙ୍କ ମା’ଆ ଧାରଣା କରୁଥିଲେ । କିନ୍ତୁ ତାଙ୍କ ବାପା କହୁଥିଲେ, ବୟସ ଆସିଲେ ସ୍ୱାସ୍ଥ୍ୟ ଆସିଯିବ । ତାହା ମଧ୍ୟ ସତ୍ୟ ହୋଇଥିଲା । ତାଙ୍କର ତାରୁଣ୍ୟ ଏବଂ ସ୍ୱାସ୍ଥ୍ୟ ଆସିବା ପରେ ସେ ଅତ୍ୟନ୍ତ ମୋଟା ହୋଇପଡ଼ିଥିଲେ । ମେଡ଼ିକାଲ ପଢ଼ାବେଳେ କେଶରାଶି ମଧ୍ୟ କମିଗଲା ।

ବର୍ମାର ଅତି ସ୍ୱାଧୀନ ନାରୀମାନଙ୍କ ଅର୍ଜିନତାକୁ ସେ ପିଲାଦିନୁ ଲକ୍ଷ୍ୟ କରିଆସୁ-ଥିଲେ । ବର୍ମାର ନାରୀ ସମଗ୍ର ଧରଣୀରେ ଯେତେ ସ୍ୱାଧୀନ; ସେପରି ସ୍ୱାଧୀନତା ପାଶ୍ଚାତ୍ୟ ଦେଶରେ ମଧ୍ୟ କଳ୍ପନା କରାଯାଇ ନାହିଁ । ଏହା ବୋଲି ଏହିଭଳି ସ୍ୱାଧୀନତା ମଧ୍ୟରେ

ପାଶ୍ଚାତ୍ୟ ଜୀବନରେ ସେବା, ପ୍ରେମ, ସୁସ୍ଥଶୀଳ କର୍ତ୍ତବ୍ୟବୋଧରେ ବଙ୍ଗୀୟରମଣୀକୁ ସମାଲୋଚନା କରିହେବ ନ ପାରେ । ପ୍ରତ୍ୟେକ ପଦାର୍ଥରେ ସୌନ୍ଦର୍ଯ୍ୟବୋଧ ବଙ୍ଗନାରୀର ଏକ ବିଶେଷତ୍ୱ । ସେ ସ୍ୱାମୀକୁ ଭଲ ପାଏ ତା'ର ବିଭିନ୍ନ ରଙ୍ଗିନ ବସ୍ତ୍ର ମନୋହାରୀ ସାଜସଜ୍ଜା ସେ କୌଣସି ପଦାର୍ଥକୁ ଆଦର ଦେଉଥାଏ । କିନ୍ତୁ ରମଣୀସୁଲଭ ସମସ୍ତ ସୁକୋମଳ ବୃତ୍ତିରେ ବଙ୍ଗରମଣୀ ପୁରୁଷ ଚିତ୍ତକୁ ମୁଗ୍ଧ ମୋହିତ କରି ସ୍ୱପାଦ ଦାସ କରେ । ଏଥି ପାଇଁ ଦରକାର ତାହା ପୁରୁଷ ଜାତିବା ପ୍ରୟୋଜନ ହୁଏ ନାହିଁ, ଅଥବା ସେଥିପାଇଁ ବାହ୍ୟ ବିଷୟ, କୌଣସି ବିଦେଶୀ ଲୋକ ହୁଏ ନାହିଁ । ସେ ସମ୍ପ୍ରତିରେ ସେ ଅତି ସ୍ୱାଧୀନ । ତାର ଇଚ୍ଛା ହିଁ ସେ ଦେଶରେ ସ୍ୱେଚ୍ଛା ବୋଲି ପାଶ୍ଚାତ୍ୟଗଣ ମଧ୍ୟ ଅର୍ଜନ କରିଅଛନ୍ତି । ଶିକ୍ଷିତ ନାରୀ ନ ଥିଲେ ହେଁ ବର୍ଣ୍ଣିର ଗଠନ, ରଙ୍ଗ, କୋମଳତା ଆଦି ଅଧିକ ପ୍ରତିଭାସମ୍ପନ୍ନ । ପୁନଶ୍ଚ, ତାର ମଧୁର ବ୍ୟବହାରରେ ସେ ଦୁନିଆକୁ ମୁଗ୍ଧ କରିଥାଏ । କାଳକ୍ରମେ ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ସାମାଜିକ ଦୃଢ଼ତା ବଢ଼ିଉଠିଛି; କିନ୍ତୁ ରମଣୀର ସେହି ସ୍ୱାଧୀନତା ଅକ୍ଷୁଣ୍ଣ ରହିଛି ।

ସେଣୁ ଶିଶୁ ବୟସରୁ କୁନ୍ତଳାକୁମାରୀ ଅତି ସ୍ୱାଧୀନତାକୁ ପସନ୍ଦ କରୁଥିଲେ । ସେଣୁ ତାଙ୍କୁ ତାଙ୍କର ସ୍ୱାଧୀନ ମତବାଦ ଯେପରି କୁଳ, ସମାଜ, ଗୋଷ୍ଠୀ କେବେ ଜବତ କରିପାରି ନ ଥିଲା ।

ତାଙ୍କର ଭଉଣୀ ପ୍ରଫୁଲ୍ଲକୁମାରୀ ସେ ସମ୍ବନ୍ଧରେ ଲେଖିଛନ୍ତି—

"ସବୁ ଭଉଣୀ ଭିତରେ ସବୁଠାରୁ ବଡ ଥିବାରୁ ସିଦ୍ଧାନ୍ତବେଳେ ନେତୃତ୍ୱ କରିବାରେ ସେ ଅଗ୍ରଣୀ । ପରବର୍ତ୍ତୀ କାଳରେ ସଙ୍ଗଠନ ଦିଗରେ ଏହି ପ୍ରବୃତ୍ତି ତାଙ୍କୁ ବିଶେଷ ସାହାଯ୍ୟ କରିଛି ।

"ସ୍ୱାଧୀନପ୍ରିୟ ଓ ନିର୍ଭୀକତା ତାଙ୍କ ସ୍ୱଭାବର ଅନ୍ୟ ଏକ ନିଦର୍ଶନ । ଅତି ଶୈଶବ କାଳରୁ ନିର୍ଭୀକତା ତାଙ୍କ ଚରିତ୍ରର ଅଙ୍ଗ ସ୍ୱରୂପ ଥିଲା । ସେଥିପାଇଁ ସାଇପଡ଼ିଶା, ବନ୍ଧୁ ବାନ୍ଧବମାନଙ୍କଠାରୁ କେତେ ଗାଳିଗୁଲଜ ଶୁଣିବାକୁ ପଡ଼ିଛି । କିନ୍ତୁ ତଥାପି ସେ ତାଙ୍କର ସ୍ୱାତନ୍ତ୍ର୍ୟକତାକୁ କେବେହେଲେ ଦୂରକୁ ଠେଲିଦେଇନାହାନ୍ତି । ଏହି ନିର୍ଭୀକତା ହିଁ ପରବର୍ତ୍ତୀ ଜୀବନରେ ତାଙ୍କୁ ସ୍ୱଦେଶ-ସଂଗ୍ରାମରେ ଏବଂ ସାମାଜିକ ବିଦ୍ରୋହରେ ଏକ ନାରୀ ସୈନିକରୂପେ ପ୍ରମାଣିତ କରିଥିଲା ।"

ବାପା ଇଂରେଜୀ ପଢ଼ାଇଲେ, ମାଆ ଓଡ଼ିଆ ଶିଖାଇଲେ—ସୁନ୍ଦର ବର୍ମାରେ ପରବର୍ତ୍ତୀ ଜୀବନରେ କୃତ୍ରିମ ଓଡ଼ିଆଣୀ ଜଣେ ଏହିପରି ଶିକ୍ଷାସମ୍ପନ୍ନ ହୋଇଥିଲା । ବାପାଙ୍କ-ଠାରୁ ସେ ଯେପରିଭାବେ ଇଂରେଜୀ ଶିକ୍ଷା କରିଥିଲେ ତା'ର ବଳରେ ସେ ଇଂରେଜୀ ଭାଷାରେ କବିତା ମଧ୍ୟ ଲେଖିପାରୁଥିଲେ । ତାଛଡ଼ା, ସମସ୍ତ ଇଂରେଜୀ ସାହିତ୍ୟ ସେ 'ଅଧ୍ୟୟନ କରି ତାଙ୍କ ଉନ୍ନତ ବର୍ତ୍ତମାନ ଦୁଇଟି ବଡ଼ ଆଲମିରାରେ ପୂର୍ଣ୍ଣ କରି ରଖିଥିଲେ । ଇଂରେଜୀ କଥୋପକଥନରେ ସେ ଇଉରୋପୀୟମାନଙ୍କୁ ମୁଗ୍ଧ କରିଦେଉଥିଲେ । ଅତଏବ ପଣ୍ଡିତ ଭକ୍ତ

ବାଳୀରେ ତାଙ୍କ ଇଂରେଜୀ କଥାଭାଷାରେ ମୁଗ୍ଧ ହୋଇ କହୁଥିଲେ—"ଡାକ୍ତରାଣୀ ! ତୁମେ ନିଶ୍ଚୟ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଶେଷ କରିଛ ଅଥବା ବିଲାତରେ ମାଟ୍ରିକ୍ ପାଶ୍ କରିଛ । କାରଣ କହୁଛି ଯେ, ବିଦ୍ୟାଳୟରେ ବ୍ୟକ୍ତିମାନେ ଏତେ ଅଧିକ ଯୋଗ ଦେଉନାହାନ୍ତି ? ତୁମର ଇଂରେଜୀ ଉଚ୍ଚାରଣ ମୋତେ ମୁଗ୍ଧ କରୁଛି ଯେ, ଜଣେ ଅବହେଳିତ ପ୍ରଦେଶର ନାରୀ ଏପରି ଇଂରେଜୀ କହିପାରେ ଶୁଦ୍ଧ ଉଚ୍ଚାରଣ କରିପାରେ ?"

ଏହି 'ଅବହେଳିତ' ଶବ୍ଦର ପ୍ରୟୋଗ ଶୁଣି ସେ ଯେପରି ମୁହଁ ବାନ୍ଧି ତାଙ୍କୁ ଚାହିଁଥିଲେ, ତାହା ଜାଣିଲେ ବହୁ ଅଣଓଡ଼ିଆ ସ୍ତବ୍ଧ ମନେକରୁଥାଏ । ମା'ଙ୍କଠାରୁ ଓଡ଼ିଆ ଶିଖିବାକୁ ହେଲେ ବହୁ କଷ୍ଟ ହେବ । ତେଣୁ ତାଙ୍କ ପିତା ବହୁ କଷ୍ଟରେ ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଏବଂ 'ଶିଶୁପାଠ' ଇତ୍ୟାଦି କଟକରୁ ଡାକ ଯୋଗେ ଏବେ ଲେଖି ମଗାଇନେଇ-ଥିଲେ । ବର୍ଣ୍ଣବୋଧ ପଢ଼ିସାରି ସେ କାଳକ୍ରମେ 'ସାହିତ୍ୟକୁସୁମ', 'ସାହିତ୍ୟତରଙ୍ଗ' ଆଦି ପଢ଼ିଥିଲେ । ମାଆଙ୍କର ଯେତିକି ଜ୍ଞାନ ଥିଲା, ପୁଣି ପିତାଙ୍କ ସହିତ ପରାମର୍ଶ ସେ ବ୍ୟାକରଣ, ଭୂଗୋଳ, ଇତିହାସ ମଧ୍ୟ ପଢ଼ିଥିଲେ । ଖ୍ରୀଷ୍ଟଧର୍ମୀ ମେମଙ୍କର ସେ ଅଳ୍ପ ଥିବାରୁ ସମସ୍ତଙ୍କୁ ଦିନେ ଶିକ୍ଷା ଦେବାର ଭାର ମଧ୍ୟ ବହନ କରୁଥିଲେ । ଏଣେ ମାଆଙ୍କ ବାଇବେଲକୁ ପଢ଼ି ପଢ଼ି ସେ ମୁଖସ୍ଥ କରିପକାଇଥିଲେ । ଯୀଶୁଙ୍କ ସେବକ ଯେଉଁ ଭଜନମାନ ଓଡ଼ିଆ ଭଜନ ଅନୁକରଣରେ ଲିଖିତ ହୋଇଥିଲା, ସେ ସେସବୁକୁ ସ୍ୱର ଦେଇ ଗାଇ ଖ୍ରୀଷ୍ଟଧର୍ମୀ ମେମଙ୍କର ମାଆଙ୍କ ସହିତ ଉପାସନା କରୁଥିଲେ ।

ସଙ୍ଗୀତ ପ୍ରତି ଅନୁରାଗ ଏବଂ କବିତାରଚନା ପ୍ରତି ଅନୁରାଗ ଏହି ସଙ୍ଗୀତ ମାଧ୍ୟମରେ ତାଙ୍କଠାରେ ପ୍ରତିଷ୍ଠିତ ହୋଇଥିଲା । ସେ ତାଳ, ମାନ ରଖି ସଙ୍ଗୀତ ଗାଇବାରେ ଏକ ଗାୟିକା ଥିଲେ । କିପରି ଏ ସଙ୍ଗୀତକଳା ତାଙ୍କଠି ଦେଖାଦେଲା ତାହା ବୁଝିହୁଏ ନାହିଁ ।

ସୁଦୂର ବର୍ମାରେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାବିହୀନ ପରିବେଶ ମଧ୍ୟରେ ଗୋଟିଏ ପରିବାର ମଧ୍ୟରେ ରହି କିପରି ସେ ହିନ୍ଦୀଭାଷା, ବଙ୍ଗଦେଶୀ, ତାମିଲ, ତେଲୁଗୁମାନଙ୍କ ମଧ୍ୟରେ ଥାଇ ସେ ଓଡ଼ିଆଭାଷାକୁ ଏପରି ଆୟତ୍ତ କରିପାରିଲେ, ତାହା କହିହୁଏ ନାହିଁ । ବୋଧହୁଏ ତାହା ଜନ୍ମାନ୍ତରର ଗୁଣ । ବିଶେଷରେ ଯେଉଁ କାବ୍ୟ ପିଲା ସେ, ତା ଜୀବନକାଳ ମଧ୍ୟରେ ଯେତିକି ଥିଲେ ମଧ୍ୟ ପ୍ରଚଳିତ ଥିଲେ ଦିନେ ତା'ଠୁ ଅଧିକ ଭାଷା, ସଂସ୍କୃତ ଇତ୍ୟାଦି ପ୍ରଭୃତି ଜାଣିଥିଲେ । ମାଇକେଲ ମଧୁସୂଦନ ଦତ୍ତ ବହୁକାଳ ପରେ ବଙ୍ଗକୁ ଫେରିଆସି, ବଙ୍ଗଳା ଶିଖି ଯେଉଁ କବିତା ଲେଖିଥିଲେ ସେପରି କବିତା ଆଉ କେହି ଲେଖିଥିବାର ମନେ ହୁଏନାହିଁ । ତେଣୁ କୁନ୍ତଳାକୁମାରୀଙ୍କ ପକ୍ଷରେ ତାହା କି ଅଦ୍ଭୁତ କୃତିତ୍ୱ ନୁହେଁ କି ?

ଓଡ଼ିଆସାହିତ୍ୟ ସାମାନ୍ୟ କେତେ ଖଣ୍ଡି ପୁସ୍ତକରୁ ସେ ଅଭ୍ୟାସ କରି କବିତ୍ୱର ପଢ଼ୁ ପଢ଼ୁ ତାଙ୍କର ଭାଷା ଉପରେ ଦଖଲ ଆସିଥିଲା । କହିଦେବାକୁ କେହି ନାହିଁ ବା ବୁଝାଇ ଦେବାକୁ କେହି ନାହିଁ । ମାଆଙ୍କର ଯେଉଁ ସାଧାରଣ ଜ୍ଞାନ ଥିଲା ଓ ସେ ତଦ୍ୱାରା ସାହା

ବୁଝାଉଥିଲେ, ତାହା ମଧ୍ୟ ତାଙ୍କୁ ସନ୍ତୋଷ ଦେଇ ପାରୁନଥିଲା । ସେ ଯେଉଁସବୁ ବିଷୟ ବୁଝିପାରୁ ନଥିଲେ ତାକୁ ଚିହ୍ନିରଖୁଥିଲେ ଏବଂ ବାପାଙ୍କୁ ପଚାରି ଠିକଣା କରାଉଥିଲେ । ଏପରିଭାବେ ଆତ୍ମନିର୍ଭରଶୀଳତା ହିଁ ତାଙ୍କ ଜୀବନର ମୂଳଭିତ୍ତି ଥିଲା । ତାଙ୍କ ଭଉଣୀ ପ୍ରଫୁଲ୍ଲ ଲେଖିଛନ୍ତି—

"ଅଗ୍ରଜାଙ୍କ ସେ ପିଲାବେଳର କଥା ଯେତେବେଳେ ମନେପଡ଼େ, ଆଜି ବୁଝୁଛି, ପିଲାଦିନ-ବେଳୁ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା 'ନାଲ୍ପେ ସୁଖ ମସ୍ତି' । କାରଣ ପଠିତ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ସନ୍ତୁଷ୍ଟ ନଥାଇ ୭ ବର୍ଷ ବୟସରୁ ବଜାର ପଢ଼ା ପୁଥିରୁ ବଙ୍ଗଳା ଭାଷା ଓ ହିନ୍ଦୀଭାଷା ଶିକ୍ଷା କରିଥିଲେ । ଏହି ଅତୃପ୍ତି ଅନେକ ଥର ବିଦ୍ରୋହ ରୂପରେ ଦେଖା-ଦେଉଥିଲା । ଭବିଷ୍ୟତ ଜୀବନରେ ନିଜର ଆବେଷ୍ଟନୀ ଭିତରେ ସେହି ଶାନ୍ତନୟନ ବିଦ୍ରୋହ ରୂପ ଧାରଣ କରି ଉତ୍କଳର ପୂରପଲ୍ଲୀଠାରୁ ଆରମ୍ଭକରି ଭାରତର ଅନେକ ସ୍ଥାନରେ ବିପ୍ଳବର ବହ୍ନି ଜଳାଇଥିଲା ।"

ବଙ୍ଗଳା ବା ହିନ୍ଦୀ ଅକ୍ଷର ଆଉ ଶିଖିବାବେଳେ ଘର ଖାଲି—ଏହି ଜଣକର ଯେଉଁ ସେ ଅନେକ ପଢ଼ୁଥିଲେ । ସାତବର୍ଷର ଝିଅର ଏହି ଦୃଢ଼ତାରେ ମାଆ ବିସ୍ମିତ ହେଉଥିଲେ । ଫଳରେ ବଙ୍ଗୀୟ ବା ହିନ୍ଦୁସ୍ଥାନୀ ନାରୀଙ୍କୁ ତାଙ୍କ ମାଆ ବାଧ୍ୟ ହୋଇ ଘରକୁ କିଛି ସମୟ ପାଇଁ ଡାକିଆଣି ବା ନିକଟସ୍ଥ ବଙ୍ଗୀୟ ପରିବାରକୁ ବା ହିନ୍ଦୁସ୍ଥାନୀ ପରିବାରକୁ ଝିଅକୁ ସାଥିରେ ନେଇ ତାର ଯାହା ଯାହା ଲୋଡ଼ା ତା'ର ଫଇସଲା କରି ଆଣୁଥିଲେ । ତେଣୁ ୧୦ ବର୍ଷ ମଧ୍ୟରେ ସେ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଏବଂ ଇଂରେଜୀରେ ଯଥାସମ୍ଭବ ଜ୍ଞାନ ଲାଭ କରିପାରିଥିଲେ । ଏତିକିବେଳୁ ସେ ଉପାସନା ଯୋଗ୍ୟ କବିତା ରଚନା କରି ତାଙ୍କ ମାଆଙ୍କୁ ମୁଗ୍ଧ କରି ଦେଉଥିଲେ ।

## ସାହସିନୀ ଶିଶୁ କୁନ୍ତଳା—

ପୂର୍ବେ ଯେତେବେଳେ ତାଙ୍କ ପିତା ଜଗଦଲପୁରରୁ କଲିକତା ଆସି ସେଠାରୁ ଜାହାଜରେ ବର୍ମା ଅଭିମୁଖେ ଯାତ୍ରାକରିଥିଲେ, ବର୍ଷକର ଶିଶୁ କୁନ୍ତଳାକୁମାରୀ ସମୁଦ୍ର-ବକ୍ଷରେ ପିତାମାତାଙ୍କ ସହିତ ଯାତ୍ରାକରି ନିଜର ଶୈଶବରୁ ଅସୀମ ସମୁଦ୍ରର ଉଚ୍ଛ୍ୱସିତ ଏବଂ ଗମ୍ଭୀର କରିପାରିଥିଲେ । ରେଙ୍ଗୁନ ପୋର୍ଟ ନିକଟରେ ତାଙ୍କ ବାସା ରହୁଥିଲା । ସେ କ୍ୱାରେଣ୍ଟାଇନ୍ ଅଫିସରେ ଡାକ୍ତର ଥିବାରୁ ଯେଉଁମାନେ ସେ କାର୍ଯ୍ୟ କରୁଥିଲେ ସେମାନଙ୍କ କାର୍ଯ୍ୟକୁ କ୍ୱାରେଣ୍ଟାଇନ୍ ବୁଝାଯାଉଥିଲା । ପ୍ଲେଗ ପାଇଁ ସେତେବେଳେ ବିଶେଷ ଦାୟିତ୍ୱ ନିଆଯାଉଥିଲା । ଯାତ୍ରୀମାନଙ୍କୁ ପରୀକ୍ଷା କରିବା ଏବଂ ପ୍ଲେଗରୋଗର ପ୍ରତିଷେଧକ ବ୍ୟବସ୍ଥା ହିଁ କ୍ୱାରେଣ୍ଟାଇନ୍ (Quarantine) । ସେଇଠି ତାଙ୍କର ଦୁଇ ସନ୍ତାନ କନ୍ୟା ସରଳା ଏବଂ ପୁଅ ସାମୁଏଲ ଜନ୍ମିଥିଲେ ।

ଜଗ୍ଦଲପୁରରୁ ସ୍ୱର୍ଗ୍ନର ବୃନ୍ଦାବନ୍ ନାମକ ସ୍ଥାନକୁ ୪।୫ ବର୍ଷପରେ ତାଙ୍କ ପିତାଙ୍କର ବଦଳି ହୋଇଥିଲା । ସେଠାର ସାଧାରଣ ଚିକିତ୍ସାଳୟରେ (ସିଭିଲ୍ ହସ୍ପିଟାଲ) ସେ ଦର୍ଶି ଥିବାବେଳେ ତାଙ୍କର ତୃତୀୟା କନ୍ୟା ସୁସ୍ମିତ ଜନ୍ମ ।

ପୁନଶ୍ଚ ଧାଙ୍କ ନାମକ ଏକ ସ୍ଥାନକୁ ତାଙ୍କର୍ ବଦଳି ହୋଇଥାଇଥିଲେ । ଏହି ସ୍ଥାନ ସ୍ୱର୍ଗ୍ନ ସହର ମଧ୍ୟରେ ଅବସ୍ଥିତ ଥିଲା । ସେଇଠି ତାଙ୍କର ଦ୍ୱିତୀୟ ପୁତ୍ରଟି ଜନ୍ମିଥିଲା ।

ଉକ୍ତ ଘଟଣାଟି ବୃନ୍ଦାବନ୍‌ରେ ଘଟିଥିଲା । ସେଠାରେ କୁନ୍ତଳାକୁମାରୀ ଏକ ଶୋଚନୀୟ ଘଟଣାରେ ଅତି ପ୍ରସିଦ୍ଧ ହୋଇପଡ଼ିଥିଲେ । ତାଙ୍କର ପଡ଼ୋଶୀ ଭାବରେ ମଧ୍ୟପ୍ରଦେଶର ଏକ ମରହଟ୍ଟା ପରିବାର ରହୁଥିଲେ । ମରହଟ୍ଟାଲୋକଟି ଇଂରାଜମାନଙ୍କ ଦପ୍ତରରେ କାର୍ଯ୍ୟ କରନ୍ତି । ତାଙ୍କ ସ୍ତ୍ରୀ ଶିକ୍ଷିତା ଥିଲେ ଓ ହିନ୍ଦୀ ଭଲ ଜାଣିଥିଲେ; କିନ୍ତୁ ହିନ୍ଦୁ ଆଦର୍ଶବାଦିନୀ ଥିଲେ । କୌଣସି କାରଣରୁ ଶୀତଳ୍ କଳହଟା ତାଙ୍କର ସ୍ୱଭାବ ହୋଇଆସିଥିଲା । ପିଲା ୪।୫ଟି ଥାନ୍ତି । ଆଧୁନିକ ପରାଧୀନ ଦେଶର ସ୍ତ୍ରୀ ପୁରୁଷ ମଧ୍ୟରେ କଳହ ଲାଗେ । କୁନ୍ତଳା ହିନ୍ଦୀ ଶିଖିବାକୁ ବେଳେ ବେଳେ ସେହି ମହିଳାଙ୍କ ପାଖକୁ ଯାଆନ୍ତି । ତେଣୁ ସେହି ପରିବାର ସହିତ ତାଙ୍କର ଘନିଷ୍ଠତା ଥାଏ । ଥରେ ଉକ୍ତ ମରହଟ୍ଟାଲୋକ କ୍ରୋଧରେ ଅନ୍ଧ ହୋଇ ତାଙ୍କ ସ୍ତ୍ରୀଙ୍କୁ ଏକ ବାଡ଼ିରେ ବାଡ଼େଇପକାଇଲେ । ସ୍ତ୍ରୀ ଜୋରରେ କାନ୍ଦିଲେ ଏବଂ ବାରମ୍ବାର ବାଡ଼ାଇବାରେ ଲାଗିଲେ । ସେ ମରହଟ୍ଟା ମହିଳା ଜଣକ ମଧ୍ୟ ମାନିବା ବାଳୀ ନୁହନ୍ତି; ମାଡ଼ ଖାଇ ମଧ୍ୟ ମୁକ୍ତି କରୁଥାନ୍ତି । ତାଙ୍କର ଖେଳାଳି ସାଥୀ ୯ ବର୍ଷର କୁନ୍ତଳା ସହି ନ ପାରି ଘର ବାହାର ପାଖେ ରହି ଗର୍ଜିଉଠି ହିନ୍ଦୀରେ କହିବାକୁ ଲାଗିଲେ—'କ୍ୟା ଫିଟ୍ ଫିଟ୍ କର ମାର୍ ଡାଲେଗେ ? ଦେଖୋ, ଅସର୍ କଲ୍ୟାଣ ସେ ଅପନା ସ୍ତ୍ରୀ ମା'କୋ କ୍ରୁରଲୋଗ ତେରା ଜବରଦସ୍ତ ପୋଲିସ୍ ମେ ଭେଜ ଦୁଙ୍ଗି । ଶରମ୍ ନେହି ଜ୍ୟାଦା ଦେଖି ଔରତ୍କୁ କୋଇ ଦେଖେ ? ତୁମ୍ କ୍ୟା ବାଜୁ ଶୋଚେ । ପ୍ରଭୁସେ ପ୍ରାର୍ଥନା କରୋ, ଅପନା ପାପ୍ ମିଟାନେ କେ ଲିୟେ । ଦେଖୋ ! ତୁମ୍ ଇତନେ ନିଷ୍ଠୁର ହୋ, ଐସେ ସ୍ତ୍ରୀ କୋ ଭି ପିଟ୍ତେ ହୋ—ଐସେ ମହେସୀଏ କୋ ପିଟ୍ତେ ହୋ କୈସେ ।'

ଏହା ଶୁଣି ସେ ଭେତେବେଳେ କାନ୍ଦ ଉଠିଲେ ନିଷ୍ଠୁର ପୁରୁଷ ଏକାବେଳେ ଚକିତହୋଇ ଦୌଡ଼ିଆସି କୁନ୍ତଳାଙ୍କୁ କୁଣ୍ଢାଇ ଧରିନେଇ ତାଙ୍କର ସାମନାରେ ତା'ର ସ୍ତ୍ରୀ ପାଦତଳେ ପଡ଼ି କ୍ଷମା ମାଗିଥିଲା । ଏ ଦୃଶ୍ୟ ଯାଇପଡ଼ିଲାଏ ଲୁଚି ଲୁଚି ଦେଖୁଥିଲେ । ତାଙ୍କ ମାଆ ଭୟରେ ଅସ୍ଥିର ହେଉଥିଲେ ସେ ତାଙ୍କ ଝିଅକୁ ମରହଟ୍ଟା ଟେକି ନେଇ ମାରିଦେଲା କି ? କାରଣ ସେ ମରହଟ୍ଟା ବଡ଼ ଭୟ ଥିଲା । ସେଦିନଠୁଁ ସେ ଲୋକ ଅତି ଭଲ ହୋଇଗଲା । କୁନ୍ତଳାଙ୍କୁ ଏବଂ ତାର ଭାଇଭଉଣୀଙ୍କୁ ନାନା ଜିନିଷ ଉପହାର ଦେବାକୁ ଲାଗିଲା । ଏହି ଗଳ୍ପଟି ତାଙ୍କ ମାଆ ବହୁଥର କହି ତାଙ୍କ ଶିଶୁକନ୍ୟାର ସାହାସ୍ୟ ପ୍ରକଟ କରୁଥାନ୍ତି । ଲେଖକ ତାହା କେତେଥର ଶୁଣିଛି ।

କୁନ୍ତଳାଙ୍କ ପିତା ଦାନିଏଲ ଡାକ୍ତରଖାନାରୁ ଫେରି ଏ ସଂବାଦ ବିବରଣୀ ଶୁଣି ସ୍ତମ୍ଭିତ ହୋଇ ସ୍ତ୍ରୀଙ୍କୁ ଗୋପନରେ କହିଥିଲେ, "ଦେଖ ମନ ! ଏ ଜାତକଟି ଏକ ଆଶ୍ଚର୍ଯ୍ୟ ଉପହାର୍ । ବହୁ ଭାଗ୍ୟଫଳରୁ ଆମେ ପାଇଛେଁ ମାତ୍ର । ତା ନିକଟରେ ତୁମକୁ ସତର୍କରେ ଚଳିବାକୁ ହେବ ।"

## ବର୍ମ୍ମାରୁ ଖୁର୍ଦ୍ଧା ଓ ଖୁର୍ଦ୍ଧାରୁ ବର୍ମ୍ମା

ଯୋସେଫ୍‌ବାପା ଏବଂ ଯୋସେଫ୍‌ମାଆ ସେତେବେଳକୁ ତାଙ୍କ ଖୁର୍ଦ୍ଧା ଘରେ ଥାନ୍ତି । ମଝିରେ ଥରେ କୁନ୍ତଳାଙ୍କ ସହିତ ଅନ୍ୟାନ୍ୟ ଭାଇଭଉଣୀମାନେ ଖୁର୍ଦ୍ଧା ଆସିଥିଲେ— ମାତ୍ର ଦୁ'ମାସ ରହି ଫେରିଗଲେ । କିନ୍ତୁ ଏଥର କୁନ୍ତଳା ଶୁଣି ଯୋସେଫ୍‌ମାଆ ଏବଂ ଯୋସେଫ୍‌ବାପା ପିଲାଙ୍କୁ ପୁଣି ଦେଖିବାକୁ ବ୍ୟାକୁଳ ହେଲେ । ଫଳରେ ପିଲାମାନେ ପୁନର୍ବାର ଖୁର୍ଦ୍ଧା ଆସିଲେ ।

ଖୁର୍ଦ୍ଧାରେ ସେଥର ପିଲେ ତାଙ୍କ ମାଆଙ୍କ ସହିତ ଛ' ମାସରୁ ଊର୍ଦ୍ଧ୍ୱ ରହିଲେ । କୁନ୍ତଳାକୁମାରୀ ଦେଶୀ ଓଡ଼ିଆ ବହି ପାଇଲେ ଆୟତ୍ତ କଲେ ଏବଂ ଶୁଦ୍ଧ କଲେ । ଯେଉଁସବୁ ସନ୍ଦେହ ତାଙ୍କର ରହିଥିଲା ତା ମଧ୍ୟ ଭଉଣୀ ସ୍ଥାନରୁ ବୁଝିନେଲେ ।

ଖ୍ରୀଷ୍ଟିଆନ ପାଦ୍ରୀଙ୍କ ପଲ୍ଲୀପାର୍ଶ୍ୱ ଗ୍ରାମରେ ଥିବା ହିନ୍ଦୁ ଝିଅମାନଙ୍କ ଆଗ୍ରହ ଓ ଉଦ୍ଦୀପନା ସେ ଦେଖୁଥିଲେ । ସେମାନେ କପାଳ ସିନ୍ଦୂର ଲଗାଇ ସାଧୋଉଥିଲେ; ହୁଳହୁଳି ଓଷା କରୁଥିଲେ, ଘରର ସଜ୍ଜନତା ଭଲ ଭାବରେ ଦେଖୁଥିଲେ ଏବଂ ବିଶେଷକରି ସେମାନଙ୍କର ନମ୍ରତା, ମାଧୁର୍ଯ୍ୟ, ସହନଶୀଳତା, କର୍ତ୍ତବ୍ୟବୋଧ ସେ ଗୋଟି ଗୋଟି କରି ଏଥର ଅନୁଭବ କରୁଥିଲେ । ବର୍ମ୍ମା ରମଣୀମାନଙ୍କ ସହିତ ଏ ଭାରତବର୍ଷର ଆକାଶପାତାଳ ପ୍ରଭେଦ । ଏହି ସମୟରେ ସେ ରାମାୟଣ-ମହାଭାରତକୁ ସଂପୂର୍ଣ୍ଣ ଶୁଣିବାକୁ ପାଇଥିଲେ; କାରଣ ପିତା ତାଙ୍କର ଯେଉଁ ଗଳ୍ପ କହୁଥିଲେ ତାହା ପାଶ୍ଚାତ୍ୟ ଇତିବୃତ୍ତ ମାତ୍ର । ମାଆ କେବଳ ବାଇବେଲ-ବର୍ଣ୍ଣିତ ଗଳ୍ପ କହୁଥିଲେ । କିନ୍ତୁ ଯୋସେଫ୍‌ମାଆଙ୍କଠାରୁ ସେ ହିନ୍ଦୁ ସଂସ୍କୃତିର ବହୁ ଗଳ୍ପ ଶୁଣି ଆନନ୍ଦରେ ଅଧୀର ହୋଇପଡୁଥିଲେ । ବିଶେଷରେ ବିଜ୍ଞ ପଣ୍ଡିତ ବ୍ୟକ୍ତିଙ୍କଠାରୁ ସୀତା, ସାବିତ୍ରୀ, ଦମୟନ୍ତୀ, କୁନ୍ତୀ, ଶକୁନ୍ତଳା ଆଦି ନାରୀ ଗଳ୍ପ ବିସ୍ତୃତ ଆକାରରେ ନୂଆ ଭାବରେ ଶୁଣି ବ୍ୟାକୁଳ ହୋଇଯାଉଥିଲେ । ମଧ୍ୟ ଗୁରୁଙ୍କ ପାଠ୍ୟପୁସ୍ତକରେ ରାମାୟଣ, ମହାଭାରତ ଯେଉଁ ସେ ଯାହା ପଢ଼ିଥିଲେ ସେଥିରୁ ସମସ୍ତ ବିବରଣୀ ଜଣେ ଜଣେ ବୁଝିପାରିବା ତାଙ୍କ କ୍ଷମତାର ଅଗୋଚର ଥିଲା ।

ସେ (କୁନ୍ତଳାକୁମାରୀ) ଲେଖକଙ୍କୁ ଥରେ ଖଣ୍ଡିଏ ଚିଠିରେ ଲେଖିଥିଲେ—

'ମୋର ଗା'ନ୍ତ ବାପାଙ୍କୁ ଶିଶୁ ବୟସରେ ପାଦ୍ରୀ ଧରିନେଇ ଯେପରି ଖ୍ରୀଷ୍ଟିଆନ କରିଦେଇଥିଲା, ତାହା ମୁଁ ଗା'ନ୍ତବାପାଙ୍କଠାରୁ ଶୁଣିଥିଲି । ଖ୍ରୀଷ୍ଟିଆନଧର୍ମ ସମ୍ବନ୍ଧରେ ମୋର

କୁନ୍ତଳାଙ୍କ ପିତା ଦାନିଏଲ ଡାକ୍ତରଖାନାରୁ ଫେରି ଏ ଘଟଣାର ବିବରଣୀ ଶୁଣି ସ୍ମିତ ହୋଇ ସ୍ତ୍ରୀଙ୍କୁ ସମ୍ବୋଧନରେ କହିଥିଲେ, "ଦେଖ ମଣି ! ଏ ଜାତଟି ଏକ ଅଦ୍ଭୁତ ଉତ୍ପାତ୍ । ବହୁ ଭାଗ୍ୟଫଳରୁ ଏମାନେ ଆସନ୍ତି ମାତ୍ର । ତା ନିକଟରେ ତୁମକୁ ସତର୍କରେ ଚଳିବାକୁ ହେବ ।"

## ବର୍ମାରୁ ଖୋର୍ଦ୍ଧା ଓ ଖୋର୍ଦ୍ଧାରୁ ବର୍ମା ।

ଯୋସେଫ୍‌ବାପା ଏବଂ ଯୋସେଫ୍‌ମାଆ ସେତେବେଳକୁ ତାଙ୍କ ଖୋର୍ଦ୍ଧା ଘରେ ଥାନ୍ତି । କିଛିଦିନ ପରେ କୁନ୍ତଳାଙ୍କ ସହିତ ଅନ୍ୟାନ୍ୟ ଭାଇଭଉଣୀମାନେ ଖୋର୍ଦ୍ଧା ଆସିଥିଲେ— ମାସେ ଦ'ମାସ ରହି ଫେରିଗଲେ । କିନ୍ତୁ ଏଥର କୁନ୍ତଳା ତଥା ଯୋସେଫ୍‌ମାଆ ଏବଂ ଯୋସେଫ୍‌ବାପା ପିଲାଙ୍କୁ ପୁଣି ଦେଖିବାକୁ ବ୍ୟାକୁଳ ହେଲେ । ଫଳରେ ପିଲାମାନେ ପୁନର୍ବାର ଖୋର୍ଦ୍ଧା ଆସିଲେ ।

ଖୋର୍ଦ୍ଧାରେ ସେଥର ପିଲେ ତାଙ୍କ ମାଆଙ୍କ ସହିତ ଛ' ମାସରୁ ଊର୍ଦ୍ଧ୍ୱ ରହିଲେ । କୁନ୍ତଳାକୁମାରୀ ସେତେ ଓଡ଼ିଆ କହି ପାରିଲେ ଅଭ୍ୟାସ କଲେ ଏବଂ ଶୁଦ୍ଧ କଲେ । ଯେଉଁସବୁ ସନ୍ଦେହ ତାଙ୍କର ରହିଥିଲା ତା ମଧ୍ୟ ଭିନ୍ନ ସ୍ଥାନରୁ ବୁଝିନେଲେ ।

ଖ୍ରୀଷ୍ଟିଆନ ପାଡ଼ାର ପଛପାଖ ରାସ୍ତାରେ ଥିବା ହିନ୍ଦୁ ଝିଅମାନଙ୍କ ଆଚାର ଓ ବ୍ୟବହାର ସେ ଦେଖୁଥିଲେ । ସେମାନେ କପାଳ ସିନ୍ଦୂର ଲଗାଇ ସାଧୋଇଥିଲେ; ହୁଳହୁଳି ଦେଇ ଓଷା କରୁଥିଲେ, ଘରର ସଜ୍ଜ୍ୱଳତା ତାହାଙ୍କ ଠାରୁ ଦେଖୁଥିଲେ ଏବଂ ବିଶେଷକରି ସେମାନଙ୍କର ନମ୍ରତା, ମାଧୁର୍ଯ୍ୟ, ସହନଶୀଳତା, ଧର୍ମବୋଧ ସେ ଗୋଟି ଗୋଟି କରି ଏଥର ଅନୁଭବ କରୁଥିଲେ । ବର୍ମା ରମଣୀମାନଙ୍କ ସହିତ ଏ ନାରୀଦର୍ଶର ଆକାଶପାତାଳ ପ୍ରଭେଦ । ଏହି ସମୟରେ ସେ ରାମାୟଣ-ମହାଭାରତକୁ ସଂପୂର୍ଣ୍ଣ ଶୁଣିବାକୁ ପାଇଥିଲେ; କାରଣ ପିତା ତାଙ୍କର ଯେଉଁ ଗଳ୍ପ କହୁଥିଲେ ତାହା ପାଶ୍ଚାତ୍ୟ ଇତିହାସ ମାତ୍ର । ମାଆ କେବଳ ବାଇବେଲ-ବର୍ଣ୍ଣିତ ଗଳ୍ପ କହୁଥିଲେ । କିନ୍ତୁ ଯୋସେଫ୍‌ମାଆଙ୍କଠାରୁ ସେ ହିନ୍ଦୁ ସଂସ୍କୃତିର ବହୁ ଗଳ୍ପ ଶୁଣି ଆନନ୍ଦରେ ଅଧୀର ହୋଇପଡ଼ୁଥିଲେ । ବିଶେଷରେ ବିଭିନ୍ନ ପଣ୍ଡିତ ବ୍ୟକ୍ତିଙ୍କଠାରୁ ସୀତା, ସାବିତ୍ରୀ, ଦମୟନ୍ତୀ, କୁନ୍ତୀ, ଶକୁନ୍ତଳା ଆଦି ନାନା ଗଳ୍ପ ବିସ୍ତୃତ ଆକାରରେ ନୂଆ ଢଙ୍ଗରେ ଶୁଣି ବ୍ୟାକୁଳ ହୋଇଯାଉଥିଲେ । ମଧ୍ୟ ଗୁରୁଙ୍କ ପାଠ୍ୟପୁସ୍ତକରେ ରାମାୟଣ, ମହାଭାରତ ଯେଉଁ ସେ ଯାହା ପଢ଼ିଥିଲେ ସେଥିରୁ ସମସ୍ତ ବିବରଣୀ ନିଜେ ନିଜେ ବୁଝିପାରିବା ତାଙ୍କ କ୍ଷମତାର ଅଗୋଚର ଥିଲା ।

ସେ (କୁନ୍ତଳାକୁମାରୀ) ଲେଖକଙ୍କୁ ପରେ ଖଣ୍ଡିଏ ଚିଠିରେ ଲେଖିଥିଲେ—

'ମୋର ଦାଦା ବାପାଙ୍କୁ ଶିଶୁ ବୟସରେ ପାଦ୍ରୀ ଧରିନେଇ ଯେପରି ଖ୍ରୀଷ୍ଟିଆନ କରିଦେଇଥିଲା, ତାହା ମୁଁ ଦାଦାବାପାଙ୍କଠାରୁ ଶୁଣିଥିଲି । ଖ୍ରୀଷ୍ଟିଆନଧର୍ମ ସମ୍ବନ୍ଧରେ ମୋର

କୌଣସି ଅଦ୍ଭୁତ ମତ ନାହିଁ । ମୁଁ ଖ୍ରୀଷ୍ଟଙ୍କର ଜୀବନଧାରାକୁ ବେଶ୍ ଏକ ମହାନ୍ ଘଟଣା ଭାବେ । ସେ ଜଣେ ମହାନ୍ ଋଷି ଥିଲେ । ମାନବଜାତିର କୃତାର୍ଥେ ଇତିହାସରେ ତାଙ୍କପରି ଆଉ କିଏ ଏପରି ଜୀବନୀଶକ୍ତି ଦେଖା ଦେଇଛି ? ମୁଁ ତାଙ୍କ କଥା ଖୁବ ବହୁ ଧ୍ୟାନ-ପୂର୍ବକ ପଢ଼ିଛି; ସାନ୍ତ୍ୱନା ମୋତେ ମିଳିନାହିଁ । ତାଙ୍କ ନାମରେ ଯେଉଁ ଧର୍ମ ତାଙ୍କ ପରେ ପ୍ରଚଳିତ ହୋଇ ଶତାବ୍ଦୀଗୋଟି ଜଗତୀ ମଧ୍ୟରେ ସେ ପ୍ରସାରିତ ହୋଇପାରିଛି, ତାହାହିଁ ତାଙ୍କ ଆତ୍ମତ୍ୟାଗ ଏବଂ ତାଙ୍କର କରୁଣ ମୃତ୍ୟୁର ଅସ୍ଥିର ନରନାରୀର ଜଗତର ଶ୍ରଦ୍ଧାଞ୍ଜଳି ମାତ୍ର । କିନ୍ତୁ ତାଙ୍କ ନାମରେ ସେଇ ପୌରୋହିତ୍ୟ ଶ୍ରେଣୀଟିର ପାଶ ଧରି ଜନସମାଜକୁ ବାଧ୍ୟକରି ଅଥବା ଧାମ ଧାନ ଦେଖାଇ ଅସୁସ୍ଥ କରି ଧର୍ମର ଏକ ପୋଷାକ ପିନ୍ଧାଉଛନ୍ତି—ସେଥିରେ ବରେଣ୍ୟ ଖ୍ରୀଷ୍ଟ ପରଲୋକ ପଟରେ କମ୍ପିତ ହେଉନାହାନ୍ତି କି ?

'ଅନ୍ୟ ଧର୍ମର ନିନ୍ଦା କରି ତାଙ୍କ ଧର୍ମକୁ ପୃଥିବୀବ୍ୟାପୀ କରିବାକୁ ସେ କେଉଁଠି ହେଲେ କହିଯାଇ ନ ଥିଲେ । ବନ୍ଧୁଗଣ ! ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ, ମୋର ପୂଜ୍ୟ ପିତୃଦେବ ସର୍ବଦା କହୁଥାନ୍ତି, "ଖ୍ରୀଷ୍ଟଙ୍କ ଜୀବନଗାଥା ଅଧ୍ୟୟନ କରି ଯେବେ କେହି ନ ଜାଣିଲା ବା ତାଙ୍କର ନୀତିପ୍ରତି ଅନୁକୂଳ ଆବେଦନ ନ ଆଣିଲା, ତେବେ ଏ ପ୍ରକାର ଧାର୍ମିକ ସୃଷ୍ଟି ସଙ୍ଗଠନ, ସମତା, ପଦ୍ଧତିଗୁଡ଼ିକ, କୁହୁକଜାଲର ଜଗତ ଥିବାଯାଏ ହିଁ ଥିବ । ଅବଶେଷରେ, ଶିକ୍ଷା ଯେତେବେଳେ ବୈଜ୍ଞାନିକ ହୋଇଯିବ ଏବଂ ଶିକ୍ଷିତସଂଖ୍ୟା ବଢ଼ିବ ଦ୍ରୁତ କୋଣେ କୋଣେ ପ୍ରସାରିତ ହେବ, ସେତେବେଳେ କୌଣସି ଧର୍ମ ତ ରହିବ ନାହିଁ; ପ୍ରକୃତ ବସ୍ତୁ ଧର୍ମର ଅନୁଧାବନତାଯୋଗୁଁ ବିନାଶ ଆପେ ଘଟିଯିବ ।" ତତ୍ତ୍ୱଜ୍ଞାନୀ କହୁଛନ୍ତି, ଅସଂଖ୍ୟ ଧର୍ମର ସ୍ରୋତ ଏହି ମୃତ୍ତିକାର ଧରଣୀ ଉପରେ ବହିଯାଇଛି । ସେଥିରୁ ସାମାନ୍ୟ କେତୋଟି ସ୍ରୋତ ଆଜି ଜୀବନ୍ତ ବା ଫଲ୍‌ଗୁରୂପେ ଦେଖାଯାଏ । କିନ୍ତୁ ଅନେକ ଧର୍ମର ନାମ କିମ୍ବା ତାର ଇତିହାସର କ୍ଷୀଣ ଅସ୍ତିତ୍ୱ ମଧ୍ୟ ନାହିଁ । ଅମୁକ ଧର୍ମରୁ ଏତେ କୋଟି ଦେଖାଯାନ୍ତି —ବହୁ ଜନଗଣ ଜନସମାଜକୁ ଠକି ହେଉନାହିଁ ।

'ମୁଁ ଖ୍ରୀଷ୍ଟିଆନ ଘରେ ଜନ୍ମିଛି ସତ, କିନ୍ତୁ ମୁଁ ଭାରତୀୟ । ଭାରତବର୍ଷର ଇତିହାସ, ସୁତରାଂ ମୋର ନ ହୋଇ କାହାର ? ସ୍ଥାନରେ ମୋର ହେବ ପାଶ୍ଚାତ୍ୟ ଇତିହାସ, ସୁସ୍ଥ—ଏହା କଦାପି ମୁଁ ଶୈଶବରୁ ସ୍ୱୀକାରି ପାରୁ ନ ଥିଲି । ମୋ ଭାଇମାନଙ୍କ ନାମ ଯେ ଶାମୁଏଲ, ନଥାନିଏଲ ଡାନିଏଲ, ମୁଁ ଜ୍ଞାନ ହେବା ପରେ ତାହାକୁ ସମର୍ଥନ କରିପାରି ନଥିଲି ।

'ଭାରତୀୟ ଜୀବନଚରିତଗୁଡ଼ିକୁ ମୁଁ ଯେ ଉପାଦେୟ ମନେକରେ, ତା ମୂଳରେ ମୋ ଶାନ୍ତିମାଆ ଏବଂ ଶାନ୍ତିବାପାଙ୍କ ପ୍ରଭାବ । ଏଥିପାଇଁ ମୋର ମାଈ ମୋତେ ପାଗଳ କହନ୍ତି; କିନ୍ତୁ ମୁଁ କି ବୁଝେ ?' ଇତ୍ୟାଦି ।

ଏହା ପରେ ସେମାନେ ପୁଣି ବର୍ଷା ଖେଳିଯାଇଥିଲେ । ସର୍ବମୋଟ ୧୮ ବର୍ଷ ବର୍ଷାରେ ରହିବାପରେ ମାଈଙ୍କ ପେଟ ଅନର୍ଥ ଲାଗିବା ହେତୁ ତାଙ୍କର ମାଆ ପିଲାଙ୍କୁ ଧରି

ଖୁର୍ଦ୍ଧା ଚାଲିଆସିଲେ । ତାଙ୍କ ପିତା ଯାଇଁଲେ ସେଠାବି ଏକ ଚାକିରି କରିବସିଲେ, କିନ୍ତୁ ତାଙ୍କ ପିଲାଙ୍କର ଭରଣପୋଷଣ ପାଇଁ ଉପଯୁକ୍ତ ଅର୍ଥ ଦେବାରେ କଦାପି ଚାକିରି କରି ନ ଥିଲେ । ଘୋଷେଇଁବାପ ଘୋଷେଇଁମାଆଙ୍କ ନିକଟରେ ପିଲାଏ ରହିବାକୁ ସୁଖ ମନେକଲେ ।

୧୯୧୫ରେ ସେମାନେ ଖୁର୍ଦ୍ଧାରେ ପହଞ୍ଚିଲେ—ମାଆ, ଦାଦାଝିଅ ଓ ପୁଅଝିଅ । କୁନ୍ତଳାଙ୍କର ବୟସ ୧୪ ବୃନ୍ଦାଏ, ହରଲା ୧୪, ସାମୁଏଲ ୧୧, ପ୍ରଫୁଲ୍ଲ ୧୦ ଏବଂ ନଥାନିଏଲ ୯ । ଏହିପରି ଭାବରେ ତାଙ୍କର ପ୍ରାଥମିକ ଜୀବନର ବର୍ଣ୍ଣା ଅଧ୍ୟାୟ ଶେଷ ହୋଇଥିଲା ।

## ଖୁର୍ଦ୍ଧା-ଜୀବନ—

ମାଆଙ୍କ ମନସ୍ତାପ ଏବଂ ତାଙ୍କର ପ୍ରବଳ ଉପାସନାପ୍ରବଣତାରେ ଶିଶୁମାନେ ତାଙ୍କର ଅବହେଳିତ ସମ୍ପର୍କରେ ସଚେତନ ହୋଇ ରହୁଥିଲେ । ପିଲାମାନେ ଗୃହ ମଧ୍ୟରେ ନିଜ ସନ୍ଧିରେ ପୂର୍ବପର ପଢ଼ାପଢ଼ି କରୁଥିଲେ । ଖୁର୍ଦ୍ଧା ହାଇସ୍କୁଲର କୋର୍ସମାନ ସେମାନେ ଜାଣିବାର ସୁଯୋଗ ଏଥର ପାଇପାରିଥିଲେ । ମାଆଙ୍କ ଚକ୍ଷୁରୁ ଝରନ୍ତାର ଲୁହ ବୋହିବା ଦେଖି ଶିଶୁମାନେ କେଉଁକେବେଳେ ଅସ୍ଥିର ହୋଇଯାଉଥିଲେ । ସେମାନେ କି ଜାଣନ୍ତି ସେ ଘଟଣା ? ମାଉସୀ ଦୁଇ ସନ୍ତାନେ ପ୍ରଥ ଶିଶୁ ଗର୍ଭ୍‌ଚ୍ୟୁତ ହୋଇଥିଲେ; କିନ୍ତୁ ଯା'ନ୍ତମାଆ ପ୍ରବୋଧ ଦେଉଥିଲେ ଯେ, ଈଶ୍ୱର ମୋ ବୋହୂର ଦୁଃଖ ଦୂର କରିବେ । କିନ୍ତୁ ଦୁଃଖ ଦୂର ହେବା ପରିବର୍ତ୍ତେ ଘଟଣାଚକ୍ରରେ ଜଣାଗଲା ଯେ, ମାଉସୀ ପୁଣିବଂଶ ହୋଇଛନ୍ତି । ତାଙ୍କ ମାଁଙ୍କର ସେଠାକୁ ତଳ ଗଡ଼ିଯିବାର ସେଠାରୁ ମନୋବଳ ବଢ଼ିଲା ଏବଂ ସେ ଧର୍ମପ୍ରେମ ଭୁଲିଯିବାକୁ ବସିଲେ । ବଡ଼ ଦ୍ୱାରାନାଥ ଶ୍ରୀ ନରନାଥଙ୍କ ସହଯୋଗରେ ସେ ଶିଶୁମାନଙ୍କୁ ଅନାଇଁବାକୁ ଇଚ୍ଛାକଲେ, ନହେଲେ ତା ପୂର୍ବରୁ କେତେ ମାସ ସେ କାହାକୁ କଥା ମଧ୍ୟ କହୁ ନ ଥିଲେ । ମାଆଙ୍କର ସ୍ନେହ-ଅବହେଳିତ ଶିଶୁଗୁଡ଼ିକ ୬/୭ ମାସ ପରେ ଯାଇ ଦୁର୍ଗ ଅବା ଖେଳକଲେ । ସେ ଯାଏ 'ମା' ଡାକ ସେ ପରିବାରରେ ଶୁଣାଯାଉନଥିଲା । ପିଲାଏ ସାଧାରଣ ଖେଳ ମଧ୍ୟ କରୁ ନ ଥିଲେ । ଯାହାକିଛି ଜାଣିଲେ ବା ଅଙ୍କ ହେଲେ କୁନ୍ତଳା ତାଙ୍କୁ ଧରି ଯାଇଆଡ଼େ ବୁଲିଯାଉଥିଲେ ।

ଏପରି ଦୁଃଖପ୍ରଦ ଘଟଣା କ୍ୱଚିତ୍ ଘଟିଥାଏ—ମାଆ ତା' ନିଜ ଦୁଃଖରେ ଅଭିଭୂତ ଥାଇ ଶିଶୁମାନଙ୍କର କୌଣସି ଯତ୍ନ ନ ନିଏ । କିନ୍ତୁ ଶାନ୍ତ ସ୍ୱଭାବ ଥିବା ଯୋଗୁ ମନକୁ ଈଶ୍ୱରଙ୍କ ଯୀଶୁଙ୍କ ଭଜନରେ ଲାଗି ରହି ନିଜର ଅନ୍ତରାଳ ଏହି କେତେ ମାସରେ ସ୍ଥିର କରୁଥିଲେ । ବାସ୍ତବିକ ତା'ପରେ ସେ ସିଂହାସନ ଗଢ଼ିଉଠିଲେ । ଶାନ୍ତିରେ କହିଲେ—'ମାଆ ପିଲେ ମୋର ସ୍କୁଲରେ ପାଠ ପଢ଼ିବେ ।'

ଫଳରେ ସାମୁଏଲ ଏବଂ ଡାନିଏଲର ନାମ ୧୯୦୭ରେ ଖୁର୍ଦ୍ଧା ହାଇସ୍କୁଲରେ ଲେଖାଯାଇଥିଲା । ଡାନିଏଲ ପଢ଼ିନାହିଁ । ଅତି ଦୁଷ୍ଟ ଥାଏ ।

କୁନ୍ତଳା କଟକରେ ରେଭେନ୍‌ସା ଗାର୍ଲସ୍ କୁଲରେ ପଢ଼ିବା ସ୍ଥିର ହେଲା । ପ୍ରଫୁଲ୍ଲ ମଧ୍ୟ ପଢ଼ିବ । ସାନ୍ତ୍ୱନା କୁନ୍ତଳା ସାଥିରେ ରହିବେ । କିନ୍ତୁ ଏହି ବ୍ୟବସ୍ଥା କରିବାପାଇଁ ୧୯୦୮ର ଜେଠମାସ ଓ ୧୯୧୬ ସମୁଦାୟ ଗଡ଼ିଗଲା । ଏତିକି ବର୍ଷ ଧରି କୁନ୍ତଳା ହିନ୍ଦୁ ବାଳିକାମାନଙ୍କ ସଙ୍ଗରେ ମିଶି ସେମାନଙ୍କର ସୁଖ-ଦୁଃଖ ଅନୁଭବ କରୁଥିଲେ । ମାଆଙ୍କ ନିଷେଧ ସତ୍ତ୍ୱେ ସେ ହଳଦୀ ଲଗାଇ ପ୍ରିୟ ସଙ୍ଗିନୀ କୁମୁଦିନୀ ସହିତ (ସେ କି ତାଙ୍କ ସଙ୍ଗାତ) ଖୁର୍ଦ୍ଧା ହରିଚନ୍ଦନ ପୋଖରୀକୁ ଗାଧୋଇଯାଉଥିଲେ । ବହୁଳ, ଅନନ୍ତବ୍ରତ, ସଜାମୁଗ ନାମରେ ଓଷାବ୍ରତ କରିବାକୁ ସେ ବଡ଼ ସୁଖପାଉଥିଲେ । ସେ ଅନେକ ଥର କୁମୁଦିନୀକୁ କୁହୁଥିଲେ—“ସଙ୍ଗାତ ! ମୁଁ କେବଳ ତୁମପରି ହିନ୍ଦୁ ଘରେ ଜନ୍ମ ହୋଇଥାନ୍ତି !” ହିନ୍ଦୁ ବାଳିକାମାନଙ୍କର ଅକୃତ୍ରିମ ସରଳ ଆତ୍ମୀୟତା, କଳକଳ ହସ, ନମ୍ରତା, ସ୍ନେହ, ସମାଦରରେ ପରିପୂର୍ଣ୍ଣ ପ୍ରେମ ଜୀବନମୟରେ ସେ ଏତେ ମୁଗ୍ଧ ହୋଇଥିଲେ ଯେ ସେମାନଙ୍କ ସାହଚର୍ଯ୍ୟରୁ ଘରକୁ ଫେରିବାକୁ ଇଚ୍ଛା କରୁ ନ ଥିଲେ । କୁମୁଦିନୀ ବ୍ରାହ୍ମଣଘର ଝିଅ; ପୁଣି ବାଲ୍ୟବିଧବା—ମୁଣ୍ଡଲଣ୍ଡା ହୋଇଥାଏ । ଶାଶୁଘରକୁ ପଠାଇଲେ ଯାଇ ନଥାଏ । ସେ ଜଣେ ମାଷ୍ଟ୍ରଙ୍କ ଝିଅ ଥିଲା ।

କୁନ୍ତଳା ନିଜ ଜନନୀଙ୍କଠାରୁ ମୂର୍ତ୍ତିପୂଜା ବିରୁଦ୍ଧରେ ଅନେକ ଶୁଣି ଶୁଣି ହିନ୍ଦୁଙ୍କ ମୂର୍ତ୍ତି ପୂଜା ବିଷୟ ଜାଣିବା ପାଇଁ ବ୍ୟାକୁଳ ହେଉଥିଲେ । କୁମୁଦିନୀ ଯୋଗୁଁ ସେ କୌଣସି ପୂଜା ଦେଖିବାର ସୁଯୋଗ ପାଇଥିଲେ । ସେକାଳେ ଖ୍ରୀଷ୍ଟିଆନମାନଙ୍କୁ ହିନ୍ଦୁ ପରିବାର ମଧ୍ୟରେ ଅନ୍ୟାନ୍ୟ ପାର୍ବଣରେ ଘୃଣା ନଥିଲେ ହେଁ, ଛୁଆଁଛୁଇଁ, ବିଶେଷତଃ ପୂଜା ବ୍ରତ ଇତ୍ୟାଦିରେ ସେମାନଙ୍କୁ ଘର ଭିତରକୁ ନେବାରେ ଘୃଣା ରହୁଥିଲା । ଖ୍ରିଷ୍ଟିୟାନ କହିଲେ ବାଡ଼ିତଳ—ଅଛୁଆଁ କ'ଣ ? ତଥାପି କୁନ୍ତଳା ପଡ଼ିଶା ହୋଇ ସେତେବେଳେ କେଉଁ ପୂଜାର ଦେଖାଯାଉଥିଲେ । ମିଷ୍ଟ ସ୍ୱର, କୋମଳ କଥାବାର୍ତ୍ତା ଓ ସରଳଭାବରେ ସେ ସମସ୍ତଙ୍କୁ ଜୟ କରିପାରୁଥିଲେ । କୁମୁଦିନୀର ମାଆ ଅନେକ ଥର ଏଇ ଝିଅ ଦେହର କଥା ହୋଇ ବଶ ହୋଇଗଲେ । ଏପରିକି କୁମୁଦିନୀର ବାପାଙ୍କୁ ମଧ୍ୟ ସେ ବୁଝାଇଦେଲେ—'ମୁଇଦେ, ଭଗବତରେ ପଢ଼ୁ ଅଛୁ—କାଷ୍ଠ ପାଷାଣ ତରୁ ତୃଣ, ସକଳ ଦେବଙ୍କ ନାରାୟଣ । ତେବେ କୁନ୍ତଳା ଆମ ଘରକୁ ଆସୁ—କଣ ହୋଇଯିବ ଯାହା ? କୁମୁଦିନୀ ତାକୁ ବଡ଼ ସୁଖ ପାଉଛି ।' କୁମୁଦିନୀର ବାପା ସ୍ତ୍ରୀଙ୍କ କଥାରେ ହଁ ଭରିଥିଲେ । ତେଣୁ କୁନ୍ତଳା ଅବାଧରେ ଯାତାୟାତ କଲେ । ଲୁଚି ଲୁଚି ଦୁ'ସଙ୍ଗାତ ମଧ୍ୟ ଏକାଠି ଖିଆପିଆ କରନ୍ତି । କୁନ୍ତଳା ଏ ମଧ୍ୟରେ ହିନ୍ଦୁମାନଙ୍କ ବହୁ ଓଷା ଉପାସ ଦେଖିଲେଣି; କିନ୍ତୁ କୌଣସି ବିଶିଷ୍ଟ ଠାକୁରପୂଜା ସେ ଦେଖିବାକୁ ବ୍ୟାକୁଳ । ଦୁର୍ଗାଦେବୀଙ୍କ ମହାନବମୀ ପୂଜା ଦିନ କୁମୁଦିନୀ ତାଙ୍କୁ ନିଜ ଘରକୁ ନେଇ ଆସିଲା । ମନକା ମଧ୍ୟ କୁନ୍ତଳାଙ୍କୁ କୁମୁଦିନୀ ସାଥିରେ ତାଙ୍କ ଘରକୁ ଯିବାକୁ ଅନୁମତି

ହେଲେ; କାରଣ ସେ ଅନେକଥର ଆସି କୁମୁଦିନୀର ବାପା ଏବଂ ମାଆଙ୍କର ବ୍ୟବହାରରେ ମୁଗ୍ଧ ହୋଇ ଯାଇଥିଲେ । ବାଳିକା କୁନ୍ତଳା ସେ ଉତ୍ସବ ଦିନର ଘରବାଡ଼ିର ପରିଚ୍ଛନ୍ନତା-ଠାରୁ ଆରମ୍ଭ କରି ପିଠାପଣା ଖିଆପିଆର ଜମା ଏବଂ ଚହଳି ଦେଖୁଥାନ୍ତି । ମାଛର ମହକ ମଧ୍ୟ ହେଲା । ପରିବାରର ପିଲାଏ ବେଶ ହେବାପାଇଁ ଅପେକ୍ଷା କରି ବସିଥାନ୍ତି । ସେ ଦେଖିଲେ ପୂଜା ଘଣ୍ଟାଏ ଧରି ଚାଲିଲା । ଧୂପ ଧୂନାରେ ଚତୁର୍ଦ୍ଦିଗ ସୁବାସିତ ହୋଇ ଉଠିଲା । ଘୃତାଲୋକରେ ଦେବୀ ପ୍ରତିମା ଝଲସି ଉଠିଲେ । ପୁଷ୍ପାଞ୍ଜଳି ଦିଆଗଲା । କର୍ପୂରବର୍ତ୍ତୀ ପରେ ଦେବୀଙ୍କୁ ସମସ୍ତେ ମୁଣ୍ଡିଆ ମାରିଲେ । କୁନ୍ତଳା ମଧ୍ୟ ସଙ୍ଗାତ ସହିତ ମିଶିଗଲେ ।

ବନ୍ଧୁବାନ୍ଧବମାନେ ଖାଇବାକୁ ଆସିବା ପୂର୍ବରୁ କୁନ୍ତଳା ଏବଂ କୁମୁଦିନୀକୁ ମାଆ ଖାଇବାକୁ ବାଢ଼ି ଦେଲେ । ଏକ ଭିନ୍ନ କୋଠରିରେ ସେମାନେ ଦୁହେଁ ପିଢ଼ିରେ ଖାଇ ବସିଲେ ।

ସେ ଏହି ଘଟଣା ଦେଖି ମୋତେ ବହୁଥର କହିଥାନ୍ତି—

“ଏ ପୂଜା ଅର୍ଚ୍ଚନା ଦିନରେ ଖାଦ୍ୟକୁ ଶୁଚିସମ୍ପନ୍ନ ଭାବରେ ପ୍ରସ୍ତୁତ କରିବା ଥିଲା ପ୍ରଧାନ ଲକ୍ଷ୍ୟ— ଯେପରି ବାଳକଟିଏ ନ ଛୁଇଁବେ, ଯେପରି ଝୋଳ, ଡାଲି, ତରକାରି ନ ପାଣ୍ଟିଆରେ । ଲୁଣିଆ ଅଲୁଣା ନ ହୁଏ । ପୋଡ଼ି ନ ଯାଏ । ଏପରି ସୁସ୍ୱାଦୁ ଖାଦ୍ୟ ହେବ, ଯାହା ଦେବଦେବୀଙ୍କର ଉପଯୋଗୀ ହେବ । ଲାଳସାକୁ ଦମନ କରିବାଦ୍ୱାରା ସାତ୍ତ୍ୱିକଭାବ ମନୁଷ୍ୟଠାରେ ଜାଗ୍ରତ ହେବ । ତେଣୁ ଦେବତାଙ୍କୁ ନୈବେଦ୍ୟ ନ କରିବା ଯାଏ ଖାଦ୍ୟ ଛୁଆଁଛିଁ ନାହିଁ । ଖାଦ୍ୟ ବାସ୍ତବ ନୁହେଁ—ତାହା ଦେବତାର । ସେଥିରେ ସମସ୍ତଙ୍କର କିଛି କିଛି ଅଧିକାର ରହିଛି । ତାଙ୍କୁ ଏକତାର ମୂଳମନ୍ତ୍ର ହିଁ ଏହି ଭୋଜନଭୂମି ଦ୍ୱାରା ସ୍ଥାନ ପାଇଥାଏ । ଏ ବିଶୁଦ୍ଧତା ଆଉକ ପ୍ରବେଶ କରି ବା ଧନକ ଦେଇ ସବୁଦା ରକ୍ଷା କରାଯାଇ ନ ପାରେ । ତେଣୁ ଦେବତାର ପୂଜା ହିଁ ଏଥିପାଇଁ ଅତ୍ୟନ୍ତ ସୃଷ୍ଟି କରାଯାଇଥିଲା । ମୁଁ ଯାହା ସେଦିନ ସେହି ବ୍ରାହ୍ମଣ ପରିବାରରେ ଦେଖିଆସିଥିଲି, ସେହି ମହାମହୋପାଧ୍ୟାୟ ଉଦାର ମନ ଆଉ ଦେଖିବାର ସୁଯୋଗ ପାଇନି । କୁମୁଦିନୀର ମାଆ ଆମକୁ ଭୋଜନରେ ପେଟପୂରାଇ ଖୁଆଇବାକୁ କି ବ୍ୟାକୁଳ !”

ଖ୍ରୀଷ୍ଟିଆନପଡ଼ାର ପଛପାଖ ସାହିଟି ଟିକିଏ ଦୂର ହେଲେହେଁ ସେ ସାହିରେ ଜଣେ ବ୍ରାହ୍ମଣ ବଡ଼ୁଆଡାକ ମୋକଦ୍ଦମର ଘର । କୁମୁଦିନୀ ସହିତ କୁନ୍ତଳାଙ୍କ ଦ୍ୱେଷରେ କୁମୁଦିନୀକୁ ଈର୍ଷା କରେ ଆଉ ଗୋଟିଏ ଝିଅ—ହେମ । ସେ ବ୍ରାହ୍ମଣ ନୁହେଁ । ତାର ସାନଭାଇ ଜୟଦେବକୁ କୁନ୍ତଳା ବଡ଼ ଭଲ ପାଉଥାନ୍ତି । ବୟସ ଆଠବର୍ଷ ମାତ୍ର । ଜୟ କୁନ୍ତଳାଙ୍କୁ ଅପା ଡାକେ । ସେ ନଅବର୍ଷର ସାଥୀ । ହେମ ଦିନେ କୁନ୍ତଳାକୁମାରୀଙ୍କ ସହିତ ସ୍ୱର୍ଣ୍ଣବେଦନ ପୋଖରୀ କୂଳରେ ଖାଦ୍ୟ ଯାଇ, ‘କପିଳାକୁଣ୍ଡ’ ବସିଲା । କିଛିଦିନ ପରେ ତାଙ୍କ ଘରକୁ ଯିବାକୁ ବାଧ୍ୟକଲା । କୁନ୍ତଳା ମାଆଙ୍କୁ ପ୍ରତ୍ୟୟକରି ଜଣକୁ, କହିପଠେଇ, ହେମଘରକୁ ଚାଲିଗଲେ । ସେ ତାଙ୍କ ଘରେ ପାଦ ଦେବାମାତ୍ରେ ହେମର ଖଇପୀଲୁଣୀ ‘ଗା ଗା’ କହି

ଗର୍ଜିଉଠିଲେ—"ଅଲୋ ଗାଲି ବାପ ଶ୍ରାଦ୍ଧ କରିବ । ଏ କଣ ଏବେ ହେଲା ?" କୁନ୍ତଳା ନିଜଘର ଚାଲିଯିବାକୁ ଆସିଲେ ସୁଦ୍ଧା ହେମ କୁଣ୍ଢାଇ ଧରି ଢିଙ୍କିଶାଳଟି ଅଟକାଇ ରଖିଲା । କିନ୍ତୁ ସେଇ ପିଇସୀ ପରସ୍ତ୍ରୀ କରିଦେବାକୁ ବାଡ଼ିପାଖକୁ ବାହାରିବା ବେଳେ ଦେଖିଲେ ଖ୍ରୀଷ୍ଟାନ ଝିଅଟା ଲିପାପୋଛା ଢିଙ୍କିଶାଳ ଛୁଇଁଦେଉଛି । ସେ ଚିତ୍କାର କଲେ—"ଆରେ ସର୍ବନାଶ ! ସବୁ ମାରି ଦେଲରେ ମାଗୁଣୀ । ତୋ ଘରଣୀ କି ପିଲାଗୁଡ଼ାକୁ ମୁଣ୍ଡି ଦେଉଛୁ । ଢିଙ୍କିଶାଳ ଲିପାପୋଛା ହୋଇ ଶୁଖିଶାଖି ଥିବା ଶ୍ରାଦ୍ଧ ଚାଉଳ କୁଟା ହେବ କେମିତି । ଏବେ ଲହୁଅ । ଆଉ ଲିପିଲେ କଣ ଶୁଖିପାରିବ ? ଖ୍ରୀଷ୍ଟାନ ଛୁଆଁ ହେଲା । ବର୍ଷଣ ଭିତ୍ତିଦ୍ୱାରରେ ବାପ !"

କୁନ୍ତଳା ଲଜ୍ଜାରେ ମୁଣ୍ଡ ନୁଆଁଇ ଅପମାନକୁ କହିଲେ—"ପିଉସି ! ମୁଁ କଣ ତୁମ ଖାଇବାଠାରୁ ହୀନ ? କୁକୁର, କୁଆ ଓ ପୁଣି ତୁମ ଢିଙ୍କିଶାଳ ଭିତରେ ପଶି ବୁଲିଯାଉଥିବେ ? ତାଠାରୁ ମୁଁ କଣ ହୀନ ?"

ପିଇସୀ ଚିତ୍କାର କରିଉଠିଲେ—"କିଏ ଲୋ ତୁ ? ଝିଅଟି, ମୁଁ ତୋର କି ପିଉସୀ ? ଅଲୋ ମା, ମ୍ଲେଚ୍ଛ ଧରମ ଧରି ଥିଲୁ । ସେଥିପାଇଁ ଆଜି ମାଣ୍ଡିଆ ଟୋକୀ । ଖୁଷ୍ଟିଙ୍କରେ ଗୋ କଲି । ଜାତି ଖାଇଲି ।" ଏପରି ଯାତ୍ରା ପାଇଲେ ତାହା କହିଗଲେ ।

ପ୍ରଧାନ ଯୌବନର ପ୍ରାରମ୍ଭରେ ଏହି ଲାଞ୍ଛନା ସାମାନ୍ୟ ନୁହେଁ ଅପର ପକ୍ଷ ଉପସ୍ଥିତ ଶୁଣି ଲଜ୍ଜା ଭୋଗରୁ ସେ ଖୋଲିଲେ । ହେମ ଲେଖେ ଲେଖେ ହୋଇ କାନ୍ଦିଉଠିଲା । ହେମର କାନ୍ଦରେ ପାଖପଡ଼ୋଶୀର ବହୁ ଲୋକ ଅଟକିବାକୁ ଜମିଗଲେ । ସମସ୍ତେ ପିଇସୀଙ୍କୁ ଛି, ଛି କଲେ । ଜଣେ ମୁରବି ବୋଉ ପାଟିପିଟି ହୋଇ କହିଲେ—"ପିଉସୀ ! କଣ କଲ ? ତାହାକୁ କଣ କହୁଛ ? କୁନ୍ତଳାଙ୍କ ଗୋ ମହିମା ଜାଣିଛ ? ସେ ଯାହା ଦୁଆରେ ପାଦ ଦିଅନ୍ତି ? ତାଙ୍କୁ ଥରେ ଦେଖିବାକୁ, ତାଙ୍କଠାରୁ ପଦେ କଥା ଶୁଣିବାକୁ ଆମେ କୋଟିଏ ଥର ମନେ କରୁ । ସାଧୁଆ ରୂପରେ ତାଙ୍କ ହସ ହସ ମୁହଁଟି ଦେଖିଲେ ଆମ ଦୁଃଖ ଭୁଲିଯାଏ । କଣ କଲ ?"

ପିଇସୀ ପୁଣି ଗର୍ଜି ଉଠିଲେ—"ଅଲୋ, ମେଲ ହୋଇ ମତେ ମାରିବ କାଲୋ ? ଧର୍ମ କଥା କହିଲ, ମାଡ଼ ଖାଇଲ ।" ଏତିକିବେଳେ ଗୃହସ୍ୱାମୀ ଧନ୍ଦି ସବୁକଥା ଶୁଣି ଭଉଣୀଙ୍କୁ କହିଲେ, "ଆପଣ ଏବେ ଗାଁକୁ ଚାଲିଯାନ୍ତୁ ।" ଅସ୍ୱରେ ପିଇସୀ 'କି ଜାଳ ହେଲା' କହି କଣ ଆଦର ଲଭିଲେ । ହେମର ଜନ୍ମ ହେଲା । ହେମମାଆ ତା ବାପାଙ୍କ ଆଦେଶରେ କୁନ୍ତଳାକୁ ନେଇ ଘରେ ଆସନ ପକାଇ ବସେଇଲେ । ଜଳଖିଆ ଦୁଇ ଥାଳିକୁ ଖୁଆଇଲେ । ସେଦିନ ହେମ ନେଇ କୁନ୍ତଳାକୁ ତାଙ୍କ ଘରେ ଛାଡ଼ିଆସିଲା ।

ଏପରି ବହୁ ଘଟଣା ଖୁକୁଙ୍କ ଜୀବନରେ ଘଟିଥିଲା । ଏହିସବୁ ଘଟଣା ମଧ୍ୟରୁ ତାଙ୍କର ହୃଦ୍ ଧର୍ମ ପ୍ରତି ଆକାଂକ୍ଷା ଧୀରେ ଧୀରେ ଅନ୍ତଃସ୍ଥଳରେ ଜାଗ୍ରତ ହୋଇ ଚାଲିଲା । କିନ୍ତୁ ସେ କଦାପି ଖ୍ରୀଷ୍ଟାନ ଧର୍ମର କୌଣସିମତେ ଅଶ୍ରଦ୍ଧା ପ୍ରକଟ କରୁ ନ ଥିଲେ । ମଧୁର ସ୍ୱଭାବରେ ସେ

ଉପାଦେୟ ସଙ୍ଗୀତଗୁଡ଼ିକ ଗାଇ ତାଙ୍କ ସମାଜର ଶ୍ରୋତାମାନଙ୍କୁ ମୁଗ୍ଧ କରୁଥିଲେ । ସମାଜ, ଧର୍ମ, ଜାତି, ଆଦର୍ଶ ଏହିପରି କେତେଗୋଟି ନୈତିକ ପ୍ରବନ୍ଧ ମଧ୍ୟରେ ସେ ଅନ୍ତରର ଭକ୍ତିରଶ୍ମି ବାଣ୍ଟି ଦେଇଯାଇଥିଲେ ।

ପିଲାଟି ଦିନରୁ ସେ ପାହାନ୍ତାରୁ ଉଠୁଥିଲେ । ନିଜର ଶଯ୍ୟାକୁ ସଜାଡ଼ି ରଖି, ମୁହଁ ଧୋଇ, ଈଶ୍ୱରଙ୍କର ଉପାସନା କରୁଥିଲେ । କର୍ତ୍ତବ୍ୟ କରିବାକୁ ସେ ବେଳ ପାଉନଥିଲେ, ଅର୍ଥାତ୍ ତାଙ୍କୁ ବେଳ ଅଣ୍ଟୁ ନଥିଲା । ସର୍ବଦା ସେ କହୁଥିଲେ, 'ବହୁତ ସମୟ ନଷ୍ଟ ହେଲା ।' ସମୟର ମୂଲ୍ୟ ତାଙ୍କ ନିକଟରେ ଅତି ମହାର୍ଘ ରହିଥିଲା । ବୃଥାରେ ଟିକିଏ ସମୟ ନଷ୍ଟ କରିଦେଲେ ସେ ଦୀର୍ଘଶ୍ୱାସ ପକାଇ କହୁଥିଲେ—'ବଡ଼ ଅନ୍ୟାୟ କଲି' । ତାଙ୍କ ମାଆ ସର୍ବଦା ତାଙ୍କୁ ଏଥିପାଇଁ କହୁଥିଲେ—"କୁନ୍ତଳା ! ତୁ ପାଗଳୀ ହେଉଛୁ, ତୁ କୋଉ ବଡ଼ିବୁ ! ଏମିତି କ'ଣ ଭାବ କରନ୍ତି ? ଉଠ ନ ପଢ଼ା, ନ ଲେଖା ?"

ବାସ୍ତବରେ ତାଙ୍କ ଜୀବନକାଳ ୩୮ ବର୍ଷ ମଧ୍ୟରେ ଏହି ସ୍ଫୂର୍ତ୍ତି । ଉନ୍ନତି ସେଥିରେ ତାଙ୍କୁ ଉଚ୍ଚଶକ୍ତି ମଧ୍ୟରେ ରଖିଥିଲା । ତା ପରେ ଜୀବନଯୁଦ୍ଧର ଦୁର୍ଗମ ଗିରି, ଦୁସ୍ତର ମରୁ, ଦୁର୍ବାର ପାରାବାର ଲଂଘନ କରିବାକୁ ସେପରି ଏକାନ୍ତ କଠୋରତା ମଧ୍ୟଦେଇ ଗଢ଼ିଥିଲା ।

ସେ ଅନେକ ଲେଖିଥିଲେ—"ଶୈଶବ ଜୀବନ ହିଁ ମୋର କାବ୍ୟ କବିତା । ଅନନ୍ତ ମୁକ୍ତଜୀବନ ମୋତେ କରିଦେଇଥିଲେ । ସେମାନଙ୍କର ଅପାର ସ୍ନେହ ମୋତେ କରୁଣା-ରସରେ ବୁଡ଼ାଇଦେଇଥିଲା । ଆହା, ସେହି ସୁକୋମଳ ଦରହାସ୍ୟପୂରିତ ଶିଶୁ ମଧୁର କଥା-ଭାଷା ମନେପଡ଼ିଗଲେ ମୁଁ ଅଧୀର ହୋଇଯାଏ । ସ୍ୱର୍ଗର ଦେବୀ ସେପରି କେହି କଳ୍ପନା କରୁଥାଏ, ମୁଁ କେବଳ ହିଁ ଦେଖିଛି ସେଇଠି । ଦ୍ୱାପରଯୁଗର ସମସ୍ତ ହୃଦ୍ୟ ସେଇ କାହାମାନେ ପଢ଼ିବାକୁ ଅତି ଅଦ୍ଭୁତ ଦାନକରନ୍ତି—ସ୍ମିତବଦନରେ, କଷ୍ଟପୂର୍ଣ୍ଣ କାର୍ଯ୍ୟରେ, ମନ୍ତ୍ରଣାରେ, ସୂକ୍ଷ୍ମ କଳାରେ, ଭଜନକୀର୍ତ୍ତନରେ, ସ୍ନେହ-ପ୍ରେମରେ ସେହିପରି କେତେଗୋଟି ଦେବାଙ୍ଗନାମାନଙ୍କୁ ମୁଁ ସେଇଠି ଦେଖିଥିଲି । ସେହି ପରମବନ୍ଧୁମାନେ ଜାଣିଗୁଡ଼ିକ ଅନ୍ତରର ଭଲ ଥିଲେ ମଧ୍ୟ ନାନ୍ଦନିକ ସ୍ନେହ ଯେ ମୋତେ ଏତେ ସ୍ନେହ ଦାନକଲେ ତା ମୁଁ ସେତେ ଭୁଲିବ ଭାବୁଛି, ଭୁଲିନି । କୃଷ୍ଣ ଗୋପପୁରରୁ ବିଦାୟ ନେଇ ମଥୁରା ଏବଂ ଦ୍ୱାରକାକୁ ଆସିବା ପରେ ଯେପରି ତାଙ୍କର ପ୍ରେମାସ୍ପଦା ମନସ୍ୱିନୀ ଶ୍ରୀମତୀ ପ୍ରେମମୟୀ ଗୋପିକାକୁଳକୁ ଏକାବେଳେ ଭୁଲି-ଯାଇଥିଲେ, ମୁଁ ସେହିପରି ମୋର ସେହି ବନ୍ଧୁମାନଙ୍କୁ ଭୁଲି ରହିଲି । ବେଳେବେଳେ ଭାବୁଛି—ହାଏରେ, ଅବେ ସେମାନଙ୍କୁ ଦେଖିପାରନ୍ତି ? କିନ୍ତୁ ଭାବେ, ସେତେ ଦେଖିବୁ କାହିଁ ନ ଥିବ କେବେ ମୁଁ ଦେଖିପାରିବି କି ?"

ଶର୍ବରୀ-ଜୀବନ ତାଙ୍କୁ ସଂପୂର୍ଣ୍ଣ ଶାନ୍ତିର ଓଡ଼ିଆଣୀ କରିଦେଇଥିଲା । ସେ କଳ୍ପନା କରୁଥିଲେ—'ମୋର ଲକ୍ଷ୍ୟ ଟଙ୍କା ସଂପୂର୍ଣ୍ଣ ହେଲେ ମୁଁ ଶର୍ବରୀ-ବାଳୁକେଶ୍ୱ ପାହାଡ଼ ଉପରେ ଗୋଟିଏ ନାରୀଶିକ୍ଷା ମନ୍ଦିର ଗଢ଼ି ଓଡ଼ିଆ ନାରୀଙ୍କୁ ମୋର କଳ୍ପନାପଥେ ଉନ୍ନୀତର

ଐତିହାସିକ ଦୃଷ୍ଟିକୋଣରୁ ଗଢ଼ିତ ।’ ୧୯୩୮ ସାଏ ଲକ୍ଷେ ଟଙ୍କା ଓଡ଼ିଆ ଜାତି ପକ୍ଷରେ ଏକ ଆକାଶକୁସୁମପରି କାଳ୍ପନିକ ବସ୍ତୁ ଥିଲା । ଅଥଚ ଆଜି କୋଟି କୋଟି ଟଙ୍କା ଗ୍ରାମପଞ୍ଚାୟତଙ୍କୁ ପୁରସ୍କାରସ୍ୱରୂପ ଦିଆଯାଉଛି । ଜଣେ ବ୍ୟକ୍ତି ଗୁଡ଼ିକେ ହାତ ଦେଇପାରୁ କରିପାରୁଛି । କିନ୍ତୁ ଏତିକି କୋଟି କୋଟି ଟଙ୍କା ମଧ୍ୟରେ କୁନ୍ତଳାକୁମାରୀଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ତାଙ୍କର ପିତା ପୂର୍ବ ବର୍ମାରେ ଚାକିରି କରୁଥିବାରୁ ବର୍ମାରେ ଥିବା ମାହନୀ ଏବଂ ତାଙ୍କପୁଅ ପାଇଁ ସ୍ୱତନ୍ତ୍ର ଏବଂ ବର୍ମାରୁ ସ୍ୱତନ୍ତ୍ର ଭାବରେ ଆଲଟ୍‌ମେଣ୍ଟ ଟଙ୍କା ପଇଣ୍ଟ୍ରି-ମେଣ୍ଟ ପଠାଇଦେଉଥିଲେ । ଏଠାରେ ତାଙ୍କ ପିତାଙ୍କର ପିତାମାତା, ସ୍ତ୍ରୀ ଏବଂ ତିନି ପିଲାଙ୍କ ପାଇଁ ମୋଟରେ ମାସକୁ ମାତ୍ର ୪୮୦ଙ୍କା ହିସାବରେ ଆସୁଥିଲା । ସେତେବେଳେ ଏହି ଟଙ୍କା ଆଜିର ହିସାବରେ ୫୦୦ ଗୁଣ ହେବା ସମ୍ଭବ । ତେଣୁ କୁନ୍ତଳାଙ୍କ ମାଆ ଏଥିରେ ବେଶ୍ ସ୍ୱଚ୍ଛନ୍ଦରେ ଚଳିଯାଉଥିଲେ ।

## ସବ୍‌ଡିଭିଜନାଲ ଅଫିସର ଏବଂ କିଶୋରୀ କୁନ୍ତଳା—

ବର୍ମାରେ ଥରେ ଗୋଟିଏ ଘଟଣା ଘଟିଲା । ସବ୍‌ଡିଭିଜନାଲ ଅଫିସର ଥିଲେ ମାକ୍‌ଫରସନ୍ ସାହେବ । ଗ୍ରୀଷ୍ମକାଳ ଗାଁରେ ନଳକୂପ ନ ଥିଲା । ପଶୁ ପାଣି ଜମି ମଣା ବ୍ୟସ୍ତ ହେଉଥିଲେ । ଗାଁକୁ ଦରକାର ସୁବିଧା ନ ଥିଲା । ତେଣୁ ଗାଁଲୋକେ ଜଣେ ଝାଙ୍କୁଟିଆ ଲୋକର ମାଧ୍ୟମରେ ଏକ ଦରଖାସ୍ତ ଲେଖି ସାହେବଙ୍କ ପାଖକୁ ପଠାଇଦେଲେ । ସାହେବ ତଦନ୍ତ କରିବାପାଇଁ ଦିନ ଧାର୍ଯ୍ୟ କଲେ ଏବଂ ଆସିଲେ । ଗାଁ ଲୋକେ ସେହି ଝାଙ୍କୁଟିଆକୁ ଦେଖାଇଲେ ଓ ସାହେବ ପଚାରିବାରୁ ଭୟରେ ଥର ଥର ହୋଇ ଛିଡ଼ା ହେଲେ । ସାହେବ ଟିକିଏ ଚିଡ଼ା ଲୋକ । ସେ ଗରମ ହୋଇ ପଚାରିଲେ, ତୁମର କଣ ସବୁ ଅସୁବିଧା ଅଛି ? ସେ ଇଂରେଜୀରେ ପଚାରି ବୁଝିଲେ । ସେତେବେଳେ ସେ ପଚାରିଲେ, ସବୁଥର ଏହି କଥାକୁ ଖ୍ରୀଷ୍ଟିଆନ ପ୍ରଜାଗୁଡ଼ିକ କହି ବୁଲିଲେ, ‘ୟେସ୍ ସାର୍’ । ସାହେବ ବିରକ୍ତ ହୋଇ କହିଲେ ଇଂରେଜୀରେ—‘ହ୍ୱାଟ୍ ୟେସ୍ ସାର୍ ? ଆନସାର୍ ମାଇଁ କୋଶ୍ଚିନ୍ ।’ (ଖାଲି ୟେସ୍ ସାର୍, ୟେସ୍ ସାର୍ । ପ୍ରଶ୍ନର ଉତ୍ତର ଦିଅ) ସାହେବ କ୍ରୋଧରେ ଅଧୀର ହୋଇ ଫେରିଯିବାକୁ ବାହାରୁଥିଲେ ।

ବାଳିକାର ମଧୁର କଣ୍ଠରେ ସୁନ୍ଦର ଇଂରେଜୀରେ ଶୁଭିଲା ଏହି ମର୍ମରେ—“ସାର୍, ଆମ ଲୋକେ ତ ଆପଣଙ୍କ ଆବେଦନପତ୍ରରେ ନିଜର ଅଭାବ ଅଭିଯୋଗ କରିଦେଇଛନ୍ତି । ଆପଣ ତାହା ବୋଧହୁଏ ପଢ଼ିନାହାନ୍ତି । ଦୟାକରି ଆପଣଙ୍କୁ ତାହା ନ ଦେଇ ଦେଖନ୍ତୁ କିପରି ଅସୁବିଧାରେ ପଡ଼ିଛୁ ? ଆମର ନଳକୂପ (ଟ୍ୟୁବ୍) ନାହିଁ, ରାସ୍ତା ନାହିଁ ।” ଏପରି ଗ୍ରାମର ଯାବତୀୟ ଅଭାବ କହିଗଲେ । ଏହି ହେଉଛନ୍ତି ବାଳିକା କୁନ୍ତଳାକୁମାରୀ ।

ସାହେବ ଜଣକର ଯତ୍ନ ଓ ଆଗ୍ରହରେ ସେ ସବୁର ସୁବ୍ୟବସ୍ଥା କରିଦେବାରୁ ବୁଝାଇଦେଲ କୁନ୍ତଳାଙ୍କୁ ସାଥିରେ ନେଇ ନିଜ କୋଠିକୁ ଗଲେ ଏବଂ ତାଙ୍କର ସଦ୍‌ଗୁଣରେ ମୁଗ୍ଧ ହୋଇ ସ୍ତ୍ରୀଙ୍କ ସହିତ ଚିହ୍ନା କରାଇ ଦେଇଥିଲେ । ପଦସ୍ଥଜନମାନଙ୍କର ମେମ କୁନ୍ତଳାଙ୍କୁ ଆମନ୍ତ୍ରଣ କରୁଥିଲେ ।

କେବେ ଏଣୁ ଝିଅଟିର ଏପରି ଅପୂର୍ବ ସାହସିକତା ଦେଖି ସେ ସାହେବ ଦମ୍ପତି କଣ୍ଠରେ ପ୍ରଶଂସା ନ ଥିଲେ ।

ଛାତ୍ର ଜୀବନର କେତେଟା କଥା—

ଛାଉଣୀରେ କେବଳ ଏକ ବାଳିକା ମାଇନର ସ୍କୁଲ ଥିଲା । କୁନ୍ତଳା ସେଠାରୁ ମାଇନର ପାସ୍ କରିଥିଲେ । ତାଙ୍କର ମାଇନରଠାରୁ ଅଧିକ ଶିକ୍ଷା ହୋଇପାରିଥିଲା; ତେଣୁ ତାଙ୍କ ଭଉଣୀ ସରଳା ସେଠାରେ ପଢ଼ୁଥିଲା । ସେ ସେଠାରେ ଶିକ୍ଷୟିତ୍ରୀମାନଙ୍କ ସହିତ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାରେ ସାମୟିକ ଯୋଗଦେଉଥିଲେ । ସେତେବେଳେ ଖ୍ରୀଷ୍ଟିଆନ୍ ଲୁମସ୍ତାମାନେ ହିଁ କେବଳ ଶିକ୍ଷୟିତ୍ରୀ ଥିଲେ । ତାଙ୍କଠାରୁ ସ୍କୁଲର ଲାଇବ୍ରେରୀରୁ ବହି ସବୁ ପଢ଼ିବାର ସୁଯୋଗ ପାଇଥିଲେ । ଏପରିକି ହାଇସ୍କୁଲ ଲାଇବ୍ରେରୀରୁ ମଧ୍ୟ ବହୁ ଉପାଦେୟ ପୁସ୍ତକ ଆଣାଇ ପଢ଼ୁଥିଲେ । ଓଡ଼ିଆ ଭାଷାରେ ଯେତେ ବହି ପ୍ରକାଶିତ ହୋଇଥିଲା ସେ ଏହି ସମୟରେ ସମସ୍ତ ପ୍ରାୟ ପଢ଼ି ସାରିଥିଲେ । ତା' ଛଡ଼ା ବଙ୍ଗଳା ଏବଂ ଇଂରେଜୀ ବହି ମଧ୍ୟ କେତୋଟି ପଢ଼ିଥିଲେ । ସ୍କୁଲ ଲାଇବ୍ରେରୀମାନଙ୍କରେ ଡି. ଏଲ୍. ରାୟ, ବଙ୍କିମଚନ୍ଦ୍ର, ହେମଚନ୍ଦ୍ର, ନବୀନଚନ୍ଦ୍ର, ରବୀନ୍ଦ୍ରନାଥଙ୍କ ବ୍ୟତୀତ ରମେଶଚନ୍ଦ୍ର, ବିଦ୍ୟାସାଗର ଇତ୍ୟାଦିଙ୍କ ପୁସ୍ତକ ଯାହା ମିଳିଲା ତାକୁ ଅନୁସନ୍ଧାନ କରିନେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ସମ୍ବନ୍ଧରେ ପ୍ରକାଶିତ ବହୁତ ପୁସ୍ତକ ସେ ଏଠାରେ ପଢ଼ିଥିଲେ । ଇଂରେଜୀ ସାହିତ୍ୟରୁ ଶେଲି, ବାଇରନ୍, ସେକ୍ସପିୟର, କାଟ୍ସ, ଓ୍ୱାର୍ଡସ୍‌ୱାର୍ଥ, ଟେନିସନ୍, ପୋପ୍, ବ୍ରାଉନିଂ, ଲଙ୍ଗଫେଲୋ ଆଦି କେହି ଛାଡ଼ି ନ ଥିଲେ । ବହି ପଢ଼ି ସାରିଲେ ନୂଆ ବହି ଆଣିବେ ବୋଲି ସେ ଶିକ୍ଷୟିତ୍ରୀଙ୍କୁ ବ୍ୟସ୍ତ କରୁଥିଲେ । ତାଙ୍କର ସ୍ମୃତିଶକ୍ତି ଏତେ ପ୍ରବଳ ଥିଲା, ଯୁକ୍ତି ମଧ୍ୟ ଏତେ ତେଜସ୍ୱୀ ରହିଥିଲା । ତେଣୁ ସେ ଯେତିକି ପଢ଼ୁଥିଲେ, ତାହା ତାଙ୍କ ମନରେ ଅସୀମ ପ୍ରଭାବ ବିସ୍ତାର କରିପାରୁଥିଲା । ତାଙ୍କର ପ୍ରାଥମିକ ପ୍ରକାଶିତ କବିତାଗୁଡ଼ିକରେ ସେସବୁର ସ୍ପଷ୍ଟ ମଧ୍ୟ ପ୍ରଭାବ ପରିଲକ୍ଷିତ ହେବାର ଭଲ କାରଣ । 'ଉତ୍କଳ ଓ' ପତ୍ରିକାରେ ପ୍ରକାଶିତ କବିତାର ଛନ୍ଦେ ଛନ୍ଦେ ସେସବୁ ପାଠକ ଦେଖିପାରିବେ ।

୧୯୦୨ ଭୁବନେଶ୍ୱର, କଟକ, ଚୌଦ୍ୱାର, ଯାଜପୁର, ପୁରୀ ପ୍ରଭୃତି ମଧ୍ୟ ଏକଦା ଓଡ଼ିଶାର ରାଜଧାନୀ ଥିଲା । ଏଠାରେ ରାଜାମାନେ ବସୁଥିଲେ ଏବଂ ଉଚ୍ଚ ଓଡ଼ିଆ ଜାତିର ନାମ ଯଶ ବିସ୍ତାର କରିଥିଲେ । ବଂଶଧର ପ୍ରଥମ ...

ରାଜଗୁରୁ ମହାପାତ୍ର ଏବେ ଯାଇ ଇତିହାସ ପୃଷ୍ଠାରୁ ଅଦୃଶ୍ୟ ଅଛନ୍ତି । ରାମଚନ୍ଦ୍ର ଦେବ-ଦ୍ୱିତୀୟଙ୍କ ନାରାୟଣଙ୍କ ଦେବ, ହରିସିଂହ ଦେବ, ମୁକୁନ୍ଦ ଦେବ, ଗୋପୀନାଥ ଜଗଦ୍ଦେବ ରାଜ୍ୟାଧିକାର ମୂଳ ସୂତ୍ର ସେଇ ମାଟିରେ ଏବେ ମଧ୍ୟ ରହିଛି । ଅଥଚ ସତ୍ୟର ରାଜଗୁରୁ ଜୟକୃଷ୍ଣଙ୍କର ଅଧିକାଂଶ ଓଡ଼ିଆ ଭୁଲି ନ ପାରେ । ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ଅସ୍ମିତା ଏବେ ମଧ୍ୟ ଖୋର୍ଦ୍ଧା ଅଞ୍ଚଳରେ ବଞ୍ଚି ରହିଛି, ଓଡ଼ିଆ ଜାତିର ଜେଠ ମହାପାତ୍ରଙ୍କର ରାଜ୍ୟ । ଦ୍ୱିତୀୟ ପାଇକମାନେ ଇଂରେଜଙ୍କ ବନ୍ଧୁରେ ଅଗ୍ରମ ଦର୍ପ । ସ୍ୱାଧୀନତା ହେବାପାଇଁ ପାଇଁ ଏପରି ଅକାତର ଜୀବନଦାନ ଖାରବେଳ ପୂର୍ବପୁରୁଷ ଅଶୋକଙ୍କ ସମୟରେ ଅରେ ମାଡ଼ କରିଥିଲେ । ସେଇ ଜାତିର ବଣ ଜଙ୍ଗଲ, ପଦା ବିଲ, ଦରଣା ନଦୀ, ଗିରି ଗୁମ୍ଫା, ବାଟ ଘାଟ ତାର ପ୍ରତି ଧୂଳିକଣାରେ ଓଡ଼ିଆ ଜାତିର ଜୀବନ ପ୍ରତିବିମ୍ବିତ । ସେଇ ଜାତିର ଜୀବନରୁ ଜଣେ ବୁଦ୍ଧିମାନ ମନସ୍ୱୀ ନାରୀର ହୋଇବ ନ ହେବ କାହିଁକି ?

## ମହୀୟସୀ ଦଣ୍ଡି ମହାଦେବୀ—

ଏଇଟି ଓଡ଼ିଆ ନାରୀର ସ୍ୱକୀୟ ବୈଶିଷ୍ଟ୍ୟ ନାହିଁ କଥା ଭଲକରି ଉତ୍କଳୀୟ-ମାନେ ଶୁଣିଆନ୍ତୁ । ଏହା ତ ବେଶ୍ ଏବେ ଲେଖି ଦେଇଛନ୍ତି । ଖ୍ରୀ: ୮୨୭ରେ ଏ ଭୌମ୍ୟାପନ୍ଥୀ ଦଣ୍ଡି ନାମ୍ନୀ ଏକ ମହାରାଣୀ ରାଜ୍ୟ କରିଥିଲେ । ଏ ଦଣ୍ଡି ଥିଲେ ସତ୍ରିମନ୍ତ ଭୌମ ମହାଦେବୀଙ୍କ ପାଟରାଣୀ । ଏହି ବଂଶରେ ମହୀୟସୀ ତ୍ରିଭୁବନ ମହାଦେବୀ, ପୃଥ୍ୱୀ ମହାଦେବୀ, ବକୁଳ ମହାଦେବୀ, ଧର୍ମ ମହାଦେବୀ ପ୍ରଭୃତି ମହାରାଣୀମାନେ ଯେପରି ଏ ପୃଥ୍ୱୀ ଶାସନ କରିଯାଇଛନ୍ତି, ତାର ତୁଳନା ଧରଣୀର ଇତିହାସରେ କେଉଁଠି ଅଛି କି ଜଣାଯାଇନାହିଁ । ଭାରତର ନାରୀ ଉତ୍କର୍ଷ ପ୍ରବନ୍ଧ ଏକ ଗ୍ରନ୍ଥରେ ଲେଖାଅଛି—

"In ancient India, wives or daughters of kings did not usually succeed to the throne. In the Bhaumakara dynasty of ancient Orissa, however, although adoption does not appear to have been entirely unknown in it, it is really strange that no less than six queens adorned the throne on different occasions." (Great Women of India. P. 287)

ଅର୍ଥାତ୍—"ପ୍ରାଚୀନ ଭାରତରେ ରାଜାମାନଙ୍କର ସ୍ତ୍ରୀ କିମ୍ବା କନ୍ୟାମାନେ ସାଧାରଣତଃ ଉତ୍ତରାଧିକାରୀରୂପେ ସିଂହାସନାରୋହଣ କରୁନଥିଲେ । ପ୍ରାଚୀନ ଓଡ଼ିଶାର ଭୌମକର ରାଜବଂଶରେ ଦତ୍ତକ ପୋଷ୍ୟପୁତ୍ର ଗ୍ରହଣ [illegible] ଅଜଣା ଥିଲା'

ନୁହେଁ । ଜନ୍ମ ଅଶ୍ୱପତିର ବିଷୟ ଯେ ବର୍ତ୍ତମାନ ପ୍ରତ୍ନୋତ୍ତରରେ ଛଅଜଣ ରାଣୀ ସିଂହାସନା-ରୋହଣ କରିଥିଲେ ।”

ଏହି ମହାମହିମମୟୀ ତ୍ରୈଲୋକ୍ୟ ଦଣ୍ଡି ମହାଦେବୀଙ୍କ ବିଷୟରେ ମୋଠାରୁ ଜାଣିବାପାଇଁ କୁନ୍ତଳାକୁମାରୀ ମୃତ୍ୟୁର ବର୍ଷକ ପୂର୍ବରୁ ଖଣ୍ଡିଏ ଚିଠି ଲେଖିଥିଲେ । ମୁଁ ସେତେବେଳେ ଦଣ୍ଡିଙ୍କ ବିଷୟରେ ବିଶେଷ କିଛି କହିପାରି ନ ଥିଲି; ତେଣୁ ନୀରବ ଥିଲି । ଏବେ ସେହି ମହାଦେବୀ ତାଙ୍କ ସମ୍ବନ୍ଧରେ ଏପରି ଜାଣିଲି । ଲେଖାଅଛି—

ତସ୍ୟ ହି ସିନ୍ଧୁପଜନ୍ମଃ ପରମେଶ୍ୱରସ୍ୟ
ଦେବୀ ସମସ୍ତଜନବନ୍ଦିତ ପାଦପଦ୍ମା ।
ସିଂହାସନଂ ଶଶିକରାମଲ କୀର୍ତ୍ତି ଗୌରୀ
ଗୌରୀବ ଗୌରବପଦଂ ଚରମାଧ୍ୟ ରେଜେ । ୯ ।

ତତୋ ଦଣ୍ଡି ମହାଦେବୀ ସୁତା ତସ୍ୟା ମହସ୍ୱିନୀ
ମହାମହିମ ସାମର୍ଥ୍ୟା ତତ୍କାଳମପାଳୟତ୍ । ୧୦ ।
ଅବିଚ୍ଛିନ୍ନାମ୍ବୁଜପ୍ରାଂଶୌ ବଂଶେ କରମହୀଭୁଜାଂ
ତତ୍ତ୍ୱଭୂତା ପତାକେବ ଯା ବଭୂବ ବଭୂଷଣଂ ।୧୧।
ଲାବଣ୍ୟାମୃତନିର୍ଝରପ୍ରସରଂ ଦଧତୀ ବପୁଃ
ଯା ସ୍ୱଜନନ୍ୟା ଲେଖେବ ଲୋକାନନ୍ଦକାରିଣୀ । ୧୨ ।

ଯସ୍ୟାଃ ପ୍ରତାପଦହନୈଃ ପ୍ରଶମଂ ପ୍ରୟାତେ
କେଶାମ୍ବୁପୌତ ନବପାଦବନସ୍ତଥାପି
ପାଦାମ୍ବୁଜ ଦ୍ୟୁତିରଞ୍ଜିତ ମଣ୍ଡଳାଂଶ
ସଂଜାଘ ଲଗ୍ନକୁସୁମପଦନୀଳୋଭିଭୂଷା । ୧୩ ।

ଯତ୍ପାଦେଷୁ ଶିଳୀମୁଖାବଳୀରବୋନ୍ନାମେଷୁ ମୁକ୍ତାମୟି
ତୋଷାପଙ୍କଜରୁଚିଷୁ ଲାବଣ୍ୟଭୂଷଣେ, ଯତ୍କୀର୍ତ୍ତି ପଦ୍ମେଷୁତୌ
ବନ୍ଦେ ଶାସ୍ତ୍ରଜନସ୍ତସ୍ୟାଃ କ୍ରମଶିଖ୍ ଯାଦୋଦସ୍ତଃ କେବଳଂ
କାନ୍ତାକୁନ୍ତଳସନ୍ତତୌ କୁଟିଳତା ଯସ୍ୟାଃ ପ୍ରଭୁତ୍ୱେ ଭୁବି । ୧୪ ।

ରମ୍ୟାଙ୍କେଳୋଷ୍ଣ ଜଳଦସ୍ତନାକଦମ୍ବୀଶ୍ୱରବତୀଃ
ସେବାସକ୍ତ ସିତପଦ୍ମସମ୍ପଦ୍ଭି ନାଗରାଜହଂସୀ
କାଳୋତ୍ପଳୋତ୍ପଳ ସିତ ସୁକୁମାରମୁଖପଦ୍ମସ୍ମି
ସା କାନ୍ତେଷ୍ଟପ୍ରଶସ୍ତୁମନୋକାନନବୋଦ୍ୟାନଲକ୍ଷ୍ମୀଃ ।

ପରମ ମହେଶ୍ୱରସ୍ୟ ମାତାପିତୃ ପାଦାନୁଧ୍ୟାତା ପରମଭଟ୍ଟାରିକା
ମହାରାଜାଧିରାଜ ପରମେଶ୍ୱରୀ ଶ୍ରୀମଦ୍ଦଣ୍ଡି ମହାଦେବୀ କୁଶଳୀ ।

ସେହି ପରମେଶ୍ୱର ଶଙ୍କର ଦେବ ସ୍ୱର୍ଗବାସୀ ହୁଅନ୍ତେ ସମସ୍ତ ଜନତା ଯାହାଙ୍କ ପାଦପଦ୍ମ ନିକଟରେ ବିନତ ହେଉଥିଲେ, ତନ୍ନଖରଶଶିର ଅମଳକାନ୍ତିଶାଳିନୀ ସେହି ଶଙ୍କରଙ୍କ ମହାରାଣୀ ଗୌରୀ ଗୌରୀଙ୍କପରି ଗୌରବମୟ ସିଂହାସନ ଅଧିରୋହଣ କରି ବହୁଦିନ ଶାସନ କରିଥିଲେ ।

ତା'ପରେ ତାଙ୍କର ମନସ୍ୱିନୀ ପ୍ରବଳବଳଶାଳିନୀ ଜେମା ଦଣ୍ଡିମହାଦେଈ ବହୁକାଳ ଯାଏ ଏ ରାଜ୍ୟକୁ ପାଳନ କରିଥିଲେ ।

ଯେଉଁ କଳ-କଣ୍ଠରେ ଧନ ଏବଂ ସୁସ୍ୱରର ତେଜ କଦାପି ବିଚ୍ଛିନ୍ନ ହୋଇନଥିଲା, ତଦ୍ଭୁକ୍ତ ନୃପମାନ ପଦାବନତ ସେହି ମହାନ୍ କୁଳରେ ଦଣ୍ଡିମହାଦେବୀ ଆସୀନ ହୋଇଥିଲେ । ତାଙ୍କ ପଦମୂଳରେ ନୂଆ ଲଗିଥିବା ଅଳତାରେଖା ଅବନତ ହୋଇଥିବା ଅନ୍ଧ ଗର୍ବୀ ଶତ୍ରୁ ରାଜାମାନଙ୍କ ଅଶ୍ରୁଜଳ ଦ୍ୱାରା ବାରମ୍ବାର ଧୋଇଗଲେ ଲଘୁ ହେବ, ଅଥଚ ତ ଲବରେ ତାଙ୍କ ପଦାମ୍ବୁଜର କାନ୍ତି ନୃପବଂଶଙ୍କର କିରୀଟମଣିର ଆଭା ଦ୍ୱାରା ପୁନଃପୁନ ରଞ୍ଜିତ ରହୁଥିଲା ।

ଯାହାଙ୍କ ରାଜତ୍ୱକାଳରେ ଶିଳୀମୁଖାବଳୀ ରବ (ଶରସମୂହର ଶତ୍ରୁକାଳୀନ ଶବ୍ଦ) କେବଳ ଉଦ୍ୟାନମାନଙ୍କରେ ଭ୍ରମରଶ୍ରେଣୀର ଝଙ୍କାର ସ୍ୱରୂପ ଶୁଣାଯାଉଥିଲା । ବ୍ୟାସ୍ତପଟରେ ତଳବା, ଅର୍ଥାତ୍ ସ୍ଥିତ, କଦାପି ମୁକ୍ତା ଅର୍ଥାତ୍ ବନ୍ଧୁଶୀଳ ନ ଥିଲା; କିନ୍ତୁ ମୁକ୍ତାର ସ୍ଥିତି ହାରରେ ରହୁଥିଲା । ଦୋଷାଗଣ ରୂପ ତାଙ୍କ ରାଜ୍ୟରେ କଥାଇ (ଦୋଷା) ରାତି ସହିତ ମିଳିତ ହେବାର ରୂପ ପ୍ରକୃତି ଦେଖାଯାଉଥିଲା । ସାଧାରଣ ଜନତାଠି ଅର୍ଥାତ୍ ବିଶୃଙ୍ଖଳ ସନ୍ଦେହତା ସନ୍ଦେହଣ ଦେଖା ନଦେଇ - ହସ୍ତୀମାନଙ୍କଠାରେ ବଦ୍ଧ୍ୟା ବନ୍ଧନରେ ଦେଖ ରହୁଥିଲା । ସମସ୍ତ କରସନ୍ଧି (କରପୀଡ଼ା) ରାଜ୍ୟରେ କଥାଇ କେବଳ ରାତ୍ରିଠି ଦେଖାଯାଉଥିଲା—ସୂର୍ଯ୍ୟଙ୍କ ସ୍ଥାପନରବାରେ । କେବଳ କୃମଣିଠାରେ ଦୋଷ (ମଣିରତ୍ନଦୋଷ) ଥିଲା, ଜନେତର୍ ଦ୍ୱାସ କେଉଁଠି ନଥିଲା । କୁଟିଳତା ଜନସମାଜର ହୃଦୟରେ ନଥାଇ କାନ୍ତାର କୁନ୍ତଳରେ ଥିଲା ।

ସୁନ୍ଦର ବସ୍ତୁକୁ ଦେଖିବାପାଇଁ ଉତ୍ସୁକ ହୋଇଥିବା ନେତ୍ର ପକ୍ଷରେ ସେ ଯନତାମୃତର ବର୍ତ୍ତିସ୍ୱରୂପ ଥିଲେ । ସେବା କରିବାପାଇଁ ଅଭିଳାଷୀ ସାମନ୍ତରାଜାମାନଙ୍କ ଶରଣରୂପ ପୋଷଣରେ ସେ ଥିଲେ-ରାଜହଂସୀ । କଳିକୋପରେ ଶୀଘ୍ର ଧର୍ମିଷ୍ଠ ସେ ଥିଲେ ଅନୁସ୍ୱଯୋଗ୍ୟ ଦୃଷ୍ଟିଯଷ୍ଟି । ସେ ସମସ୍ତ (କାତରେଷ) ପ୍ରାର୍ଥୀ (ପ୍ରସ୍ୱେୀ) ପଣ୍ଡିତ (ସୁମନ) ମାନଙ୍କ ପକ୍ଷରେ ନନ୍ଦନବନର ଲକ୍ଷ୍ମୀରୂପିଣୀ ଥିଲେ; ଅର୍ଥାତ୍ କଳ୍ପତରୁ ଥିଲେ—ପଣ୍ଡିତମାନଙ୍କ ପାଇଁ (ସେମାନଙ୍କୁ ପ୍ରଚୁର ଦାନ କରୁଥିଲେ) ।

ଏହି ଜଣେ କର୍ତ୍ତିକୁଶଳା ବିଶ୍ୱସୁନ୍ଦରୀ ସାମ୍ରାଜ୍ଞୀଙ୍କପରି କେତେ ସେ ମନସ୍ୱିନୀ ରମଣୀ ଏହି ଉତ୍କଳରେ କାଳକାଳ ଧରି ତୁପିଛ ରହିଥିଲେ ତାର ଇତିହାସ ଲେଖିବାକୁ ଅକ୍ଷମ

ହସ୍ତଗତ ହେଉଛନ୍ତି । ୧୬୩୩ ଖ୍ରୀଷ୍ଟାବ୍ଦରେ ଇଂରେଜ ବଣିକ ବ୍ରୁଟନ୍ ଲେଖିଯାଇଛନ୍ତି—'ସେ ସ୍ଥାନରେ ଦେଖିଛନ୍ତି ହିନ୍ଦୁମାନେ କ୍ଷୁଦ୍ର ଘୋଡ଼ା ପିଠି ଘୋଡ଼ାରେ ବସୁଥିଲେ । କୌଣସି ଜାଗ୍ରତ ଗଣ ଅଳ୍ପ ମାତ୍ର ଦେଖିଲେ ଓଡ଼ିଆ କାରିଗର ତାର ଅବିକଳ ଅନୁକରଣ ଅଙ୍କିତ ସୃଷ୍ଟି କରିପାରୁଥିଲା ।' ସେ ଏହା ଲେଖିଗଲେ—କିନ୍ତୁ ଓଡ଼ିଆ ଏବେ କେବଳ ପ୍ରକୃଷ୍ଟଦେଶର ଦାରିଦ୍ର୍ୟ ଏବଂ ଦୁର୍ନୀତିର ମଧ୍ୟରେ ପଡ଼ିଥିବାରୁ ଏବେ ସ୍ୱଜନତା ହୋଇଯାଇଛି ସେ ତାକୁ ସବୁ ଅସମ୍ଭବ ଲାଗୁଛି । କିନ୍ତୁ କୁନ୍ତଳାକୁମାରୀ ବଞ୍ଚିଥିବାଯାଏ କଳାର ମହାନ ଗୁଣ ଗାଇବାରେ କେବେ ପଶ୍ଚାତ୍ପଦ ହୋଇନଥିଲେ । ସେହି ସମୟରେ ଦଣ୍ଡି ମହାଦେବୀ ଗ୍ରନ୍ଥ ରଚୁଥିଲେ, ସମ୍ପୂର୍ଣ୍ଣ ହେଲା । ତନ୍ମଧ୍ୟରୁ ଏକ ଅଂଶ ଥିଲା । ବହୁକାଳ ପରେ ମହାଦେବୀ ଦଣ୍ଡି ଆଉ ଥରେ ଏପରି କହିଥିଲେ ବୋଲି କ ଜାଣିବା କାହିଁକି ?

## କଟକରେ କୁନ୍ତଳାକୁମାରୀ—

୧୯୧୭ ମସିହାରେ କୁନ୍ତଳାକୁମାରୀଙ୍କୁ ତାଙ୍କର ମାଆ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପଢ଼ାଇବାକୁ ସ୍ଥିର କଲେ । କେଶରପୁରରେ ତାଙ୍କର ଅସ୍ଥାୟୀ ଘର ଥିଲେ । ସେଠାରୁ କୁନ୍ତଳା ଏବଂ ତାଙ୍କ ମାଆଙ୍କ ଆଶ୍ରିତ ରହିଲେ । ୮ମ ଶ୍ରେଣୀର ଶିକ୍ଷା ଆଉ ସମାପ୍ତ ଥିଲା; ସେ ନାମ ଲେଖାଇ, ଶ୍ରେଣୀରେ ବାର୍ଷିକ ପରୀକ୍ଷାରେ ପ୍ରଥମ ହୋଇ ନବମ ଶ୍ରେଣୀକୁ ଉନ୍ନୀତ ହେଲେ । ସେ ପ୍ରତ୍ୟେକ ବିଷୟରେ ସହପାଠୀମାନଙ୍କଠାରୁ ଅଧିକ ନମ୍ବର ରଖିଥିଲେ । ଏହା ସେମାନଙ୍କ ବିଦ୍ୟାଳୟରେ ଏକ ଅଭୂତପୂର୍ବ ଘଟଣା ହୋଇଥିଲା । ରେଭେନ୍ସା ଗାର୍ଲସ ସ୍କୁଲର ପ୍ରିନ୍ସିପାଲ ମିସେସ୍ ବ୍ୟାଙ୍କ ଏହି ବୁଦ୍ଧିମତୀ ବାଳିକାଟିକୁ ବିଲାତ ନେଇଯିବାକୁ ଇଚ୍ଛାକଲେ; କାରଣ ସେ ସେତେବେଳେ ଛୁଟି ନେଇ ବିଲାତ ଯିବାର ଥିଲେ । ମାଆ, ସାନ୍ତ୍ୱନା ବସ୍ତୁ ପ୍ରାର୍ଥୀ ହେବା ପରେ ଯାଇ କୁନ୍ତଳାକୁ ଛାଡ଼ିଦେଇଥିଲେ । ବିଲାତ ଯିବାପାଇଁ କୁନ୍ତଳା ମଧ୍ୟ ଅନିଚ୍ଛା ପ୍ରକାଶ କରିଥିଲେ । ଏଠାରେ ସେ ଆଉ କିଛି ବର୍ଷ ପଢ଼ି କଲେଜରେ ପଢ଼ିବାକୁ ଇଚ୍ଛା କରୁଥିଲେ; କିନ୍ତୁ ନାନା ବାଧାରୁ ବାଧ୍ୟହୋଇ ସେ ମାଆଙ୍କୁ ଏବଂ ତାଙ୍କ ଭଉଣୀଙ୍କୁ କିପରି ଶୀଘ୍ର ସାହାଯ୍ୟ କରିବେ ଏଥିପାଇଁ ସ୍କୁଲ ତ୍ୟାଗକରି ମେଡ଼ିକାଲରେ ୧୯୧୮ରେ ନାମଲେଖାଇଲେ ।

## ପ୍ରଶଂସିତ ତାଙ୍କର ପ୍ରଥମ କବିତା—

ରେଭେନ୍ସା ବାଳିକା ସ୍କୁଲରୁ ବିଦାୟ ନେଇ ଆସିବାବେଳେ ସେ ଗୋଟିଏ କବିତା ଲେଖି ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ । କୌଣସି ଦିନ ସଭାସ୍ଥଳରେ କବିତା ଲେଖି ବିଦାୟ ମାଗିବା ପ୍ରଥା ସେଯାଏ ସେ ସ୍କୁଲରେ ସୃଷ୍ଟି ହୋଇ ନ ଥିଲା । ତାହା ଶିକ୍ଷୟିତ୍ରୀମାନେ ଅପଛନ୍ଦ କରିଥାନ୍ତି । କିନ୍ତୁ କୁନ୍ତଳାଙ୍କର ପ୍ରଥମ କବିତା ହେଲା ସେଇ—ଯାହା ତତ୍କାଳୀନ ରକ୍ଷଣଶୀଳା ଶିକ୍ଷୟିତ୍ରୀମାନେ ମଧ୍ୟ ପାଠକରି ଅଶ୍ରୁ ଲୁହ ଝରାଇଥିଲେ । ଏହି ଷୋଡ଼ଶୀ

ସୁସ୍ଥଅବସ୍ଥା ଭଗବତ୍ କନ୍ୟାଟିକୁ ଧରେ ଶିକ୍ଷୟିତ୍ରୀ ଏବଂ କେତେକ ଛାତ୍ରୀଙ୍କ ସହାୟରେ ଏକ ଭୂଷିତଦିନରେ ବଡ଼ାଷୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ସେତେବେଳେ ଖବରକାଗଜରେ ଲେଖିବାର ନାହିଁ ତଥାପି ଏହା ଏକ ଐତିହାସିକ ସତ୍ୟ । କୁଳୀନ, ଶ୍ରେଷ୍ଠ, ଧନାଢ୍ୟ ଏବଂ ସମ୍ଭ୍ରାନ୍ତ ପରିବାରର କନ୍ୟାମାନେ ଏହି ସହାୟସମ୍ବଳା ଭଗବତ୍ ଦତ୍ତରୁ ସାମାନ୍ୟ କାହିଁକି ଏତେଦୂର ପାଇଁ ସେହି ସମ୍ବର୍ଦ୍ଧନା କଲେ ଏବଂ ସର୍ବଶ୍ରୀ ଶିକ୍ଷୟିତ୍ରୀବର୍ଗ ସେଠି ଆଶୀର୍ବାଦ ଜଣାଇଲେ ସେଇଠୁ ତାଙ୍କ ଜୀବନର କବିତ୍ୱଧାରାର ମୂଳଦୁଆ ସ୍ଥାପିତ ହେଲା । ଏହି ସଭାରେ ମିସେସ୍ ବ୍ୟାଙ୍ଗ ମଧ୍ୟ ଉପସ୍ଥିତ ଥିଲେ ।

ସେ କେବେ କବି ହେବେ ତାହା ସ୍ୱପ୍ନରେ ଭାବି ନ ଥିଲେ; କିନ୍ତୁ ବାଳିକା ସ୍କୁଲର ରମ୍ୟ ପରିବେଶ ତାଙ୍କୁ ଅଜାଣତରେ କବିତ୍ୱ ଦାନ କରିଦେଇଥିଲା । ଶିକ୍ଷୟିତ୍ରୀ ଏବଂ ସହପାଠୀ ଛାତ୍ରୀମାନଙ୍କର ଆକର୍ଷଣ ତାଙ୍କଠି ଥିଲା—ସର୍ବୋତ୍ତମ ବେଶଭୂଷାରେ ସେ ଥିଲେ ମଧ୍ୟ । ପୁନଶ୍ଚ ସେ ଅନନ୍ୟ ସୁନ୍ଦରୀ ନଥାଇ ମଧ୍ୟ କିନ୍ତୁ ସହପାଠିନୀଙ୍କର ଅତି ପ୍ରିୟଭାଜନା ହୋଇପାରିଥିଲେ । ତାଙ୍କର ଅଗ୍ରଜ ପଦ୍ମବତୀ ଲକ୍ଷ୍ମୀ ନାମ କେତେକ ଥର ବଡ଼ଲୋକଙ୍କର ସ୍ନେହ ତାଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରୁଥିଲେ; କିନ୍ତୁ ସେ ସେମାନଙ୍କୁ ବୁଝାଇଥିଲେ ଯେ, ଏପରି କେବେ ଯେବେ ତାହାଙ୍କୁ ପୁନର୍ବାର ଅନୁରୋଧ କରାଯାଏ, ତେବେ ସେ ଏକାନ୍ତ ଦୁଃଖିତ ହେବେ ।

କବିତାଟି ଏହିପରି—

ଦାଳି ତୁମ୍ଭ ବାଣୀ ବାଟଣା ବୁଳିଣା
ରମ୍ୟ ଏ ନନ୍ଦନ ବନେ
ମାଲୁଣୀ ପଦ୍ମରେ ପଣ୍ଡିତା କାଣ୍ଡରେ
ସଞ୍ଚି ଦସିଁ ରମ୍ୟ କୁସୁମ ।
ଯୋଡ଼ି ଯୋଡ଼ି ପଦେ ପାରିଜାତ କେତେ
ପାଳନ୍ତୁ ଯତନ କରି
ଗୋଡ଼ ଛନ୍ଦମନ୍ତ୍ରୀ ଆଳବାଳ ରଚି
ଭୂମିରେ ସଦେବ ଭରି ।
ସ୍ୱର୍ଗଜେମା ସମ ପାରିଜାତ ସୃଷ୍ଟି
ସ୍ୱର୍ଗ ସମ୍ପଦରୁ ବଳି
ଛନ୍ଦ ଦାନା ମୁଣ୍ଡି ସେ ପରଣ ଡାଳି
ଧନ୍ୟ ଆନନ୍ଦ କନ୍ଧିଲେ ।
ନନ୍ଦନାଷ୍ଟୁ! ମମ ଅଛନ୍ତି ଦେବୀଗଣ
ଲକ୍ଷ୍ମୀଷରେ ନତ ଶିରେ

ସ୍ୱଦେଶୀ ଏ ସୂତ — ସ୍ୱଦେଶ ସେବିତ
ଯେବେ ବସ୍ତ୍ର ରୂପଧାରେ
ତୁମ୍ଭର କୃପାରେ — ଲଳିତ ମଧୁରେ
ନିର୍ମଳ ସୁବାସମନ୍ଦ
ଜନନୀ ଉତ୍କଳ — ମଧୁର କୋମଳ
ଚର୍ଚ୍ଚିଲି ତୋ ପଦ୍ମ ପଦ ।
ଶ୍ରୀପଦ୍ମରେ ଧନା — ବର ମାଗେ କନ୍ୟା
ସଫଳ ହେଉ ଜୀବନ
ମାତୃଭକ୍ତି ପୂର୍ଣ୍ଣ — ହୋଇଲେ ସମ୍ପୂର୍ଣ୍ଣ
ହେଉ ବରେଣ୍ୟ ମଣ୍ଡନ ।
ହେ ଅତିକରୁଣ — ଜନକ କୋମଳ
ଧନ ତୁମେ ନେତ୍ରଜଳ
ଏ ଧନା ଯଦିବେ — ବନ୍ଧ୍ୟା ସ୍ତୁତିରେ
କରିଥିବ ଶିଶୁ ଦୟା ।
ତୁମ ସବୁ ସୁତ — ଅନ୍ତରେ ପାଳିତ
ବିଦ୍ୟାସ୍ତ୍ର ଦେଉଛୁ ଆଜ
ଉତ୍କଳ ଜନନୀ — ଉତ୍ତୋଳିତେ ଶିରୀ
ଏ ଜୀବନ ହେଉ ମାଜ ।

କେତେଗୋଟି କବିତା ସେ ଏଥି ପୂର୍ବରୁ ରଚନା କରିଥିଲେ ଖ୍ରୀଷ୍ଟଙ୍କ ଭଜନ ଉଦ୍ଦେଶ୍ୟରେ । ତାହା ତାଙ୍କର ମାଆଙ୍କୁ ଅସୀମ ଆନନ୍ଦ ଦେଉଥିଲା । କିନ୍ତୁ ଏ କବିତାଟି ତାଙ୍କ ସହାଧ୍ୟାୟିନୀ ସହ ପଢିଲେ । ଶିକ୍ଷୟିତ୍ରୀମାନେ ଏବଂ ଅନେକ ଛାତ୍ରୀ ମିଳି ତାଙ୍କୁ ଅନ୍ୟ ଥରେ ଏହା ଗାଇ ପାଠ କରି ଦେବାକୁ ଅନୁରୋଧ କଲେ । କିନ୍ତୁ ତାଙ୍କର ପ୍ରିୟ ଜନ୍ମଭୂମି ମନ—ସେ କବିତାଟି କାହାକୁ ନ ଥାଏ । ଶୋଭିଏ ଘଟଣା ବ୍ୟକ୍ତ ହୋଇଥିବାରୁ ମୁଗ୍ଧ ହୋଏ ତାଙ୍କର ଏ କବିତା ଉତ୍କଟ ରହିଥିଲା । ଏହି କବିତାଟି ତାଙ୍କ ଜୀବନର କବିପ୍ରତିଭାର ପ୍ରଥମ ସ୍ଫୁର୍ତ୍ତି ଅଙ୍କୁର ଉଠିଥିଲା—ଅନ୍ତରର କୋମଳସ୍ଥ କୋଠରିରେ । ଏହା କଣ କବିତା, ନା ଏପରି ଲେଖା ସେ କାହାକୁ ଦେଖାଇପାରନ୍ତି ? କେତେ ସେସବୁ ସେ ଖାତାରେ ଲେଖି ରଖିଥିଲେ । କବିତା ଲେଖି ଜଣ ହେବା ବା ପ୍ରକାଶ କରିବା ତାଙ୍କର ମନକୁ କେବେ ଛୁଇଁ ନ ଥିଲା ବା ସେ ତାହା କଳ୍ପନା କରିବା କଥା ମନ ଭିତରେ ଆଣି ନ ଥିଲେ । ସେ କେବଳ ପାଢୁଥିବାରୁ ଏପରି ଏତେ ଲେଖିଥିଲେ ।

ଅନୁଷ୍ଠାନଟିଏ ଏକ ସାଧାରଣ ବିଦ୍ୟାର୍ଥିନୀ ଜୀବନ କବିତାରେ ତାହା ସେ ମଧ୍ୟ ଦେବେ ନିଜେ ଜାଣିପାରି ନ ଥାନ୍ତି ! କିନ୍ତୁ ତାଙ୍କ ଜୀବନର ଫଲ୍‌ଗୁ ସ୍ରୋତ ଏଇଠୁ ଉଠିଲା ହେଲା ।

ସେ ବାଳକ ଖେଳାରେ ଧର୍ମ-ଗୀତ ଗଳ୍ପ ଆଦି ରଚନା କରି ଲେଖିଥିଲେ । ଟିକେ ଅବକାଶ ପାଇଲେ ପଦ ଯୋଡ଼ିଲେ ।

## ବିବାହ ଉଦ୍ୟମ—

ଏହି ସମୟରେ ତାଙ୍କ ମାଆ ତାଙ୍କୁ ବିବାହ ଦେଇଦେବାକୁ ବ୍ୟାକୁଳ ହୋଇ-ଉଠିଲେ । ଇଟାର ଏକ ଧନାଢ୍ୟ ସମ୍ଭ୍ରାନ୍ତ ଖ୍ରୀଷ୍ଟିୟାନଙ୍କ ସୁଯୋଗ୍ୟ ସନ୍ତାନ ପାତ୍ର । ଜଣେ ଅଜଣାରେ ଅଧୀର । କୁନ୍ତଳା ମାଆଙ୍କୁ କହିଲେ—ବର ମାଟ୍ରିକ୍ ଫେଲ୍ । 'ସେ ମାଟ୍ରିକ୍ ପାଶ୍ କରନ୍ତୁ, ତା'ପରେ ବିବାହ କଥା । କାରଣ ମଧ୍ୟ ଏହା ଶୁଣି ଲଜ୍ଜିତ ପରୀକ୍ଷା ଦେଇ ପାରିଲେ । ବରପାତ୍ର ଟିକେ ଫେଲ୍ । କୁନ୍ତଳା ଖୁସି ହେଲେ । କହିଲେ—ସେ କୌଣସି ଟ୍ରେନିଂ ନ ନେଲେ ବିବାହ କରି ମୁଁ କପରି ସୁଖୀ ହେବି ? କାରଣ ମଧ୍ୟ ଟ୍ରେନିଂ ନେଲା । ଏହି ଅବସରରେ କୁନ୍ତଳା ମେଡ଼ିକାଲ ସ୍କୁଲରେ ପଢ଼ା ସରିବା ଯାଏ ବିଭା ହେବାକୁ ଜିଦ୍ ଧରିବାରୁ ବରପକ୍ଷବାଲାଙ୍କ ଆଉ ଅପେକ୍ଷା ନ କରି ଅନ୍ୟ ସ୍ଥାନରେ ବିବାହ କଲେ । କୁନ୍ତଳାକୁମାରୀ ମାଆଙ୍କ ଷଡ଼ଯନ୍ତ୍ରରୁ ରକ୍ଷା ପାଇଗଲେ ।'

## ମେଡ଼ିକାଲ ସ୍କୁଲରେ ସଂଘର୍ଷ—

ମେଡ଼ିକାଲ୍ ସ୍କୁଲରେ ଖ୍ରୀ: ୧୯୧୮ରେ ୪୦ ଜଣ ପିଲାଙ୍କ ଇଣ୍ଟରଭ୍ୟୁ ହେଲା । କୁନ୍ତଳାକୁମାରୀ ଦ୍ୱିତୀୟ ସ୍ଥାନ ଅଧିକାର କରନ୍ତେ ପ୍ରିନ୍ସିପାଲଙ୍କଠାରେ ଆବେଦନ କଲେ ଯେ, ସେ ପ୍ରଥମ ହେବା କଥା; କିନ୍ତୁ ନମ୍ବର ଦେବାରେ ପକ୍ଷପାତ କରାଯାଇଛି । କଲେଜ ପ୍ରିନ୍ସିପାଲ୍ ଦେଖିଲେ ବାଳିକାର ଏ ଅପତ୍ତିରେ ମର୍ମାହତ ହୋଇ ତାଙ୍କ ଆବେଦନ ଗ୍ରହଣ କରି ନିଜ ଉପସ୍ଥିତିରେ ଦ୍ୱିତୀୟ ବାର ପରୀକ୍ଷା କଲେ । ପ୍ରକୃତରେ କୁନ୍ତଳା ପ୍ରଥମ ହୋଇ ୪୫୦ ନମ୍ବର ରଖିଲେ । ମେଡ଼ିକାଲ ସ୍କୁଲରେ ନାଁ ଲେଖା ହୋଇଗଲା । କଟକରେ ଅତି ଅଳ୍ପ ଖର୍ଚ୍ଚରେ ଦୁଇଟି ନାରୀ ଏବଂ ଜଣେ ବିଧବା ସେବା କରୁଥିଲେ ।

କଟକ ସହରର ଜନସଂଖ୍ୟା ସେତେବେଳେ ଷାଠିଏ ହଜାର ହଜାର । ରେଭେନ୍ସା କଲେଜ, ହାଇକୋର୍ଟପାଖରେ ଯେଉଁଠି କଲେଜିଏଟ୍ ସ୍କୁଲ ଅଛି ସେଇଠି ଥାଏ । ତାଙ୍କ ମେଡ଼ିକାଲ ସ୍କୁଲ, ଯେଉଁଠି ମେଡ଼ିକାଲ କଲେଜ ଅଛି, ସେଇଠି ଥାଏ । ବେଣୀବାଗରୁ ପ୍ରତ୍ୟହ ଚାଲି ଚାଲି କୁନ୍ତଳାକୁମାରୀ ମେଡ଼ିକାଲ ସ୍କୁଲକୁ ପଢ଼ି ଯାନ୍ତି । ସାଥିରେ ସାଆନ୍ତାଣୀ ଗ୍ରାହାମ୍ ଓ . ଆର୍ମିଷ୍ଟେଜଙ୍କୁ ଖୁସି ଅଣିବାକୁ ଯାନ୍ତି । ସେତେବେଳେ ଚାଉଳ ସେର (କଂସା) ଅଠ ନେଉଥିଲେ ଛଅ ପଇସା କମ୍ବା ଅଠ । ତଦନୁସାରେ ସବୁ ଜିନିଷ ଶସ୍ତା । ସାଧାରଣ ଶାଢ଼ୀ ଲୁଗା ଖଣ୍ଡ ଅତି ବଡ଼ହେଲେ ବାରଣ ତରିକ ଅଣା । ସ୍କୁଲରେ କାଳିଯୋଡ଼

ପଢ଼ୁଥିବାରୁ ସମସ୍ତ ସହର ଫଗୁରଙ୍ଗର ରଙ୍ଗମା ଭଳି ଦିଶୁଥାଏ। ଚଳନ୍ତଣ ବାଲି ଧୂଳିରେ ଯାଦ ତୋଡ ହୋଇଯାଏ। କିନ୍ତୁ ବୁଦ୍ଧାବୋଧ୍ୟ ପାଇଁ ବଳଦଗାଡ଼ି ଏବଂ ମଣିଷ ଯାତାୟାତପାଇଁ ଘୋଡ଼ାଗାଡ଼ି। ଏ ଗାଡ଼ିଗୁଡ଼ିକୁ ଟବାଗ କହନ୍ତି। ବହୁ ଶିକ୍ଷିତ ଏବଂ ଧନାଢ୍ୟ ବ୍ୟକ୍ତିଙ୍କର ଘୋଡ଼ାଗାଡ଼ି ଥାଏ। ମଟର ଅତି ଅଳ୍ପ ଥାଏ। ତାହା ସମ୍ଭ୍ରାନ୍ତ ରାଜା ମହାରାଜା, ଜମିଦାର, କମିଶନର, ଜଜ୍, କଲେକ୍ଟର ହିଁ ରଖିଥାନ୍ତି। ବର୍ତ୍ତମାନ ଓଡ଼ିଶାର ଯେପରି କିଛି ଉନ୍ନତ ଘଟିଛି, ତାହା ସେତେବେଳେ ସ୍ୱପ୍ନରେ ଭାବିବା କଥା। ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଏହି କେତୋଟି ଜିଲ୍ଲା ନେଇ ଓଡ଼ିଶା; ତା ମଧ୍ୟ ଆଏ·ବହାର ସାଥିରେ ମିଶି। ଶଡ଼କାଡ ଗ୍ରାମାଏ ବଳକୁ ବଦେଶୀ ଭାବନ୍ତି—ଏବେ ଯେପରି କେତେକଜଣ ଓଡ଼ିଆ ବଳକୁ ବଦେଶୀ ଭଳି ନମକହାରାମି କରୁଛନ୍ତି। ସୋମବଂଶ, ଗଙ୍ଗବଂଶ ଅତି ବଦେଶୀ ବୋଲି ବର୍ଣ୍ଣନାକରି ଏ ଜାତକୁ ଘୃଣା କରିବାକୁ ଅତି ବ୍ୟାକୁଳ ମଧ୍ୟ କେତେକଜଣ। କୁନ୍ତଳାକୁମାରୀ ସେଇମାନଙ୍କୁ ଚିରକାଳ ଅତି ଘୃଣାଦୃଷ୍ଟିରେ ଦେଖୁଥିଲେ।

ପଢ଼ିବା ସୁବିଧା ଥିଲେ କୁନ୍ତଳା ନିଜ ଭୋଉଣିମାଆଙ୍କୁ ନେଇ କେବେକେବେ ଘୋଡ଼ାଗାଡ଼ିରେ ମେଡ଼ିକାଲକୁ ପଢ଼ିଯାନ୍ତି। ତାଙ୍କ ଅମଳର ମେଡ଼ିକାଲ ସ୍କୁଲ ଏବେ ମେଡ଼ିକାଲ କଲେଜ ହୋଇଛି। ପୁରାତନ କୋଠାସବୁ ସେ ଅମଳର ରହିଛି—ଅବଶ୍ୟ ବହୁ ନୂତନ କୋଠା କେତେ ତିଆରି ହେଲାଣି। ତେବେ କେତେଗୁଡ଼ିଏ ଡାକ୍ତରଖାନା ସେହି ପୁରାତନ ଗୃହରେ ବହୁ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ଦାନ କରିପାରୁନାହିଁ—ଯେପରି ଡ୍ରୋଚିଏ ହୋଇନାହିଁ।

କଟକରେ ଏବେ ପ୍ରାୟ ଦୁଇଲକ୍ଷ ଲୋକ ବସ୍ତି ବାନ୍ଧିଲେଣି; କିନ୍ତୁ ଆଧୁନିକ ସହରର ସ୍ୱଚ୍ଛନ୍ଦ୍ୟ ଜନସମାଜ ଲାଭ କରିନାହାନ୍ତି। ଏହି କଟକ ଯେତେ ସେ କବୟିତ୍ରୀର ବଂଶୀଧର ଥିଲେ। କାରଣ ସେ ଜୀବନସ୍ମୃତି ଲିପିବା ଆଶିବା କରିବା ଫଳରେ ଏଠାର ସାଧାରଣ ଜୀବନ ବହୁ ଭାବରେ ଅନୁଭବ କରୁଥିଲେ। ଦାରିଦ୍ର୍ୟ, ଦୁଃଖ ମଧ୍ୟରେ ଥିବା ନରନାରୀମାନେ ହିଁ କାହିଁର କ୍ଳେଶ କେଉଁଠି ଅଛି ତାହା ସମଝିଥାନ୍ତି।

ମେଡ଼ିକାଲରେ ତ୍ରିଅମବର୍ଷ ପଢ଼ା ଚାଲିଥାଏ। ସାମାନ୍ୟ କେତୋଟି ଯୁବତୀ ପଢ଼ନ୍ତି। ଖାଣ୍ଟି ଓଡ଼ିଆଣୀ ଶୂନ୍ୟ। ଖ୍ରୀଷ୍ଟିଆନ ଏବଂ ବଙ୍ଗୀୟ ଝିଅ ଯୁବତୀ ହିଁ ଏହି ସଂଖ୍ୟା ମଧ୍ୟରେ ଥାନ୍ତି। ରେଭେନ୍‌ସା ବାଳିକା ସ୍କୁଲରେ ମଧ୍ୟ ସେହି ଦଶା। ବିଶେଷରେ ଝିଅମାନେ ଉଚ୍ଚ ଶିକ୍ଷା କରିବାକୁ କେହି ମୁରବିମାନେ ଇଚ୍ଛାକରୁନଥାନ୍ତି। ସେହି କେତେଜଣ ବ୍ରାହ୍ମଧର୍ମ ଗ୍ରହଣ କରିଥାନ୍ତି, ଯେପରି ଶ୍ରୀ ବିଶ୍ୱନାଥ କର, ତାଙ୍କ ଝିଅମାନେ ପଢ଼ନ୍ତି। ବିଶେଷରେ ସେମାନଙ୍କ ନାମରେ ନାନା କୁତ୍ସା ପ୍ରଚାରିତ ହେଉଥାଏ। ବହୁ ଧନାଢ୍ୟ ଶିକ୍ଷିତଗୋଷ୍ଠୀରେ ଏହି ଶିକ୍ଷିତା ଯୁବତୀମାନଙ୍କୁ ନେଇ ଚର୍ଚ୍ଚା କରିବା ଏକ ବ୍ୟବସାୟ ହୋଇଥାଏ। ଦେଶର କେତେକ ଝିଅ ଓଡ଼ିଆ ଜମିଦାର, ଦ୍ୱିତୀୟାଶ୍ରେଣୀ ଅଫିସର, ସେଉଁମାନେ କ କାହିଁରେ ଜଣେ ହେବେ, ସେଇମାନଙ୍କର କୌଣସି କୌଣସି ଝିଅ କଠୋର ପର୍ଦ୍ଦା ମଧ୍ୟରେ ସ୍କୁଲକୁ ଆସି

ପର୍ଦ୍ଦା ମଧ୍ୟରେ ରହି, ପୁଣି ସେହିପରି ଚଳୁଥାନ୍ତି । ବର୍ତ୍ତମାନ ମୁସଲମାନଗୋଷ୍ଠୀର ପର୍ଦ୍ଦାଠାରୁ ସେକାଳେ ହିନ୍ଦୁଙ୍କ ପର୍ଦ୍ଦାବ୍ୟବସ୍ଥା ରହିଥାଏ । ହିନ୍ଦୁ ସ୍ତ୍ରୀମାନେ ଅନ୍ୟଙ୍କୁ ଅନୁକରଣ କରି ତାଙ୍କ ପରମ୍ପରା ଭଳି ସାମାନ୍ୟ କେତେ ପୁରୁଷ କେବଳ ନାକ ଫୋଡ଼ି ଗହଣାମାନ ଲଗାଇଥାନ୍ତି । ସ୍କୁଲରେ ପଢ଼ିଲେ ମାଷ୍ଟ୍ରାଣୀ ଗହଣା ବାହାର କରିଦେବ—ଏ ଭୟରେ ଅନେକ ଝିଅ ପଢ଼ୁ ନ ଥିଲେ; କିନ୍ତୁ ଏ ପ୍ରଥା ସମ୍ଭବତଃ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗବେଳକୁ ଆରମ୍ଭ ହୋଇଥିବା ସମ୍ଭବ । ସେ ବେଳକୁ ମୋଗଲଙ୍କ ରାଜତ୍ୱ । ଦେବଦାସୀମାନେ ଯୌବନ ପରେ ନାକ କାନ ଫୋଡ଼ି, ଅଳଙ୍କାର ଲଗାଇ ନାଗରଙ୍କୁ ବଶୀଭୂତ କରିବା ପ୍ରଥାରୁ ସମଗ୍ର ବେଶ୍ୟାଗୋଷ୍ଠୀରେ ଏପ୍ରକାର ପ୍ରଚଳନ ହେବା ସମ୍ଭବ କନ୍ୟା କୌଣସି ମୋଗଲ ରମଣୀର ଏହି ପ୍ରକାର ବ୍ୟବହାରରୁ ଏହି ପ୍ରଥାର ପ୍ରଚଳନ । ବେଶ୍ୟାଦଳଙ୍କୁ ପୁରୁଷଲୋକେ, ନିଜର ସୁନ୍ଦରୀ ସୁକୁମାରୀ ସ୍ତ୍ରୀ ଥିଲେ ମଧ୍ୟ, ଯିବାକୁ ପସନ୍ଦ କରୁଥିଲେ । ଶୁଣାଅଛି, କଟକରୁ ବେଶ୍ୟାବୃତ୍ତି ଉଚ୍ଛେଦ ସପକ୍ଷରେ ଊନବିଂଶ ଶତକର ଶେଷ ଭାଗରେ ପ୍ରସ୍ତାବ ଆସନ୍ତେ କଟକର ତତ୍କାଳୀନ ଜଣେ ସ୍ୱନାମଖ୍ୟାତ ବ୍ୟକ୍ତି, ଯେ କି ମେଡ଼ିକାଲ ସ୍କୁଲର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିଲେ, ସେହି ଭୂଧରବାବୁ ଏପ୍ରକାର ବିରୋଧ କରିଥିଲେ । ତେଣୁ ମନେହୁଏ, ଗୃହକୋଣର ବଧୂ ସ୍ୱାମୀର ପ୍ରୀତିଦୃଷ୍ଟିରୁ ବଞ୍ଚିତା ହୋଇ ଝୁରିଲା ସ୍ୱାମୀ କେଉଁଠିକୁ ଯା'ନ୍ତି ତଦନ୍ତ କରି ଜାଣିଲା ଯେ ତା ସ୍ୱାମୀ ଯାହାଠି ବଶୀଭୂତ, ସେ ଏହିପରି ଅଳଙ୍କାର ଲଗାଇଛି । ତେଣୁ ସେ ସେହିସବୁରେ ନିଜକୁ ସଜାଇ ଦେଲେ ସ୍ୱାମୀକୁ ବଶୀଭୂତ କରିପାରିଲା, ତେବେ ଏହିଠି ହେଲା ଘରେ ଏକ ପରମ୍ପରା ସୃଷ୍ଟି ହେଲା । ଲେଖକ ଜାଣେ କୃଷ୍ଣଚନ୍ଦ୍ରଙ୍କ ବଧୂ ଓ କନ୍ୟାମାନେ ନାକରେ ଆଦୌ ଗହଣା ପିନ୍ଧୁ ନ ଥିଲେ । ସେଥିପାଇଁ ପରବର୍ତ୍ତୀକାଳରେ ଯାହା ନାକରେ ଧାତୁଖଣ୍ଡଟିଏ ଅଳଙ୍କାରଟିଏ ରହୁ ନ ଥିଲା, ତାକୁ 'ଶୁଣ୍ଢିଆଣୀ ନାକ' ବୋଲି ଲୋକେ ଅପବାଦ ଦେଉଥିଲେ । ଏପରିକି ଏହା ବେଶି ଦିନର କଥା ନୁହେଁ । ଏହା ୪୦।୪୫ ବର୍ଷ ତଳର ଘଟଣା । ତାପରେ ସେମାନେ ନାକ ମଣ୍ଡିଲେ—ଧନ ବୃଦ୍ଧି ହେବା ମାତ୍ରେ । ତେଣୁ, ଗହଣା ଆଦି ବନ୍ଧୁ କୁଳରେ ନାକରେ ପୋଟିଏ ଗୁଣା ଲଗାଉଥିଲେ । ଲେଖକ ଦେଖିଛି, ଜଣେ ବେଳଗାଁରର ଶିକ୍ଷିତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ନାକରେ ୧୯୬୫ରେ ପାଞ୍ଚଟି ଫୋଡ଼ କରାଇ ଗହଣା ପିନ୍ଧାଇଲେ । ସେ କହିଲେ, ବ୍ରାହ୍ମଣ ଜାତିର ଘରେ ଯେତେବେଳେ ଏ ପ୍ରଥା ଅଛି, ସେ ସେପରି କଲେ ଲୋକେ ତାଙ୍କୁ ସଭ୍ୟ ଏବଂ ଉନ୍ନତ କହିବେ ।

ତା ଛଡ଼ା ଆମେ ସମସ୍ତେ ଜାଣୁ, କୌଣସି ମନ୍ଦିରରେ, କୌଣସି ଶିଳା ମୂର୍ତ୍ତିରେ ବା ତାଳପତ୍ରର ମୂର୍ତ୍ତିରେ ନାକରେ ଗହଣା କଦାପି କେଉଁଠି ହେଲେ ଦେଖାଯାଏ ନାହିଁ । ସଂସ୍କୃତ କାବ୍ୟାଦି ରଚନାରେ କଦାପି ନାକ ଗହଣାର ନାମଗନ୍ଧ ନାହିଁ । ଉତ୍କଳ ସମସ୍ତ ଅଷ୍ଟାଦଶ ଶତାବ୍ଦୀ । ସେ ବେଳକୁ ଅଳଙ୍କାର ବ୍ୟାପିଗଲାଣି । ତଥାପି ସେ ନାସାରେ ମୋତିଟିଏ ପିନ୍ଧିବା ମାତ୍ର ଲେଖିଛନ୍ତି । କିନ୍ତୁ ସୁନ୍ଦ ସ୍ୱର୍ଣ୍ଣ ବାଳା

ଉତ୍କଳରେ ନାନାଭୂଷଣ ସୃଷ୍ଟି ହେଲା । କିନ୍ତୁ ଓଡ଼ିଆଜାତି ପ୍ରାଚୀନ ଧାରା ଆଠଟି ଅଳଙ୍କାର ହିଁ ବ୍ୟବହାର କରୁଥିଲେ । ମସ୍ତକରେ ମଥାମଣି, କଣ୍ଠରେ ହାର, କାନରେ କୁଣ୍ଡଳ, ବାହୁରେ ବାଜୁ, ହସ୍ତରେ ଚୁଡ଼ି, ଅଙ୍ଗୁଳିରେ ମୁଦ୍ରିକା, ଅଣ୍ଟାରେ ଓଡ଼ିଆଣୀ, ପାଦରେ ନୂପୁର । ଏଗୁଡ଼ିକ 'ଅଷ୍ଟଅଳଙ୍କାର' ନାମରେ କହନ୍ତି । ଅଳଙ୍କାରପ୍ରିୟ ଯେଉଁ ଜାତିର ସମାଜରେ ଜନ୍ମ, ସେ ସମାଜରେ ନାକରେ ଗହଣା ପିନ୍ଧିବା ଏକ ଅପରାଧ ମଧ୍ୟରେ ଗଣ୍ୟ ହୁଏ ।

ସମସ୍ତ ଧର୍ମରେ ଏକ ବଳୟ, ହାର, ଦୋଳିଚନ୍ଦ୍ରମା ଜାତିର ଏପରି ପରିଚୟ କଳ୍ପନା କରାଯାଏ ନାହିଁ । ଖ୍ରୀଷ୍ଟ ଧର୍ମରେ ସବୁ ନାକ ଫୁଟାଇ ହୋଇଥାଏ । ସେତେବେଳେ ଓଡ଼ିଆ ଖ୍ରୀଷ୍ଟିଆନ ଝିଅମାନେ ଶିକ୍ଷାଲାଭ କରି ସ୍ୱାଧୀନ ଏବଂ ସ୍ୱାବଲମ୍ବିନୀ ହୋଇବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ସେମାନଙ୍କ ଭିତରେ କେତେକ ରାଜା, ଜମିଦାର ଓ ଧନୀମାନେ ଦେଶୀ ଅଫିସରଙ୍କ ଭୋଗପଣ୍ୟରେ ଭୃତ୍ୟ ହୋଇଥାଏ । ଲେଖକ ପ୍ରତ୍ୟକ୍ଷରେ ଜଣେ ଖ୍ରୀଷ୍ଟିଆନ ମାଷ୍ଟ୍ରାଣୀଙ୍କଠାରୁ ଶୁଣିଛି, ତାଙ୍କର ଏବଂ ତାଙ୍କ କନ୍ୟାର ମଧ୍ୟରୁ ଓଡ଼ିଶାର ଜଣେ ଜମିଦାରଙ୍କ ପୁତ୍ରର ବ୍ୟବହାର ଯୋଗୁଁ କପଟ ଜଣେ ରାଜାଙ୍କଦ୍ୱାରା ଭୃତ୍ୟ ହୋଇଥିଲା । ତାହା ଅସାଧ ଘଟଣା । ମାଷ୍ଟ୍ରାଣୀଜଣକ ଜଣେ ବିଧବା ଥିଲେ । କିନ୍ତୁ କନ୍ୟାଟିକୁ ଗୋଟିଏ ଅବସ୍ଥାରୁ ଖ୍ରୀଷ୍ଟିଆନ ଯୁବକ ବିବାହ କରି ପରେ ତାଙ୍କୁ ରକ୍ଷା କରିଥିଲେ । ଏ କ୍ଷେତ୍ରରେ ଅସ୍ପୃଶ୍ୟ ଉପଦେଶ ଦିଆଯାଇପାରେ । କିନ୍ତୁ ତାହା ସେ ସର୍ବଂ ସମ୍ପ୍ରଦାୟରେ ନାରୀପାଇଁ ଅପରିହାର୍ଯ୍ୟ ବ୍ୟବସ୍ଥା ହେବ ତା ମଧ୍ୟ ନୁହେଁ । ପାରିବାରିକ ସ୍ୱାର୍ଥ ହିଁ ତାହା ପାଇଁ ଦାୟିତ୍ୱ ବହୁଛି । ସେଇ କରିଚୁଡ଼ି କଣିକ ଏହି ବ୍ୟବସାୟ ରାଜକୀୟମାନଙ୍କରେ ପ୍ରାପ୍ୟ କରୁଥିଲେ । କେବଳ ନାକରେ ଗାଡ଼ନା ବ୍ୟକ୍ତ କରୁ ନ ଥିଲେ; କେଶରେ ତାହା ବହୁଦିନ ଧରି ରଖିଥିଲା । କାରଣ ବାଳିକା ସ୍କୁଲଟିଏ ହେଲେ ଶିକ୍ଷୟିତ୍ରୀ ଖ୍ରୀଷ୍ଟିଆନ ବଂଶୀୟ ସମାଜରୁ ଅନ୍ୟ ଦେଶରୁ ମିଳିବାର ସୁବିଧା ନଥିଲା । ରାଜକୁମାରୀ ରେବାମଣି କାହିଁ ପାଠ ପଢ଼ିବେ—ତାଙ୍କ ପାଇଁ ମଧ୍ୟ ଏମାନେ ଖୋଜା ହେଉଥିଲେ । କିନ୍ତୁ ସେହି ଅସ୍ୱାଧୀନ ଭୂମିରେ ସେଠାରେ ନାରୀ, ଅଭିଭାବକ ହେଲେବେ ହିଁ, ସ୍ୱାବଲମ୍ବୀ ସଙ୍ଗିନୀ ଶିକ୍ଷିତା ଯୁବତୀଟିଏ ପାଉଥିଲେ ତାହା ହୁଏ । କେତେକ ସ୍ଥଳରେ ଅନେକେ ଭରସା ଦେଇ ନିଜର ଉନ୍ନତ ଧର୍ମ ପଥରେ ଆସିଥିବାର ଜଣାଯାଏ । କିନ୍ତୁ ଦରିଦ୍ର ଅନେକେ ଶିକାର ହେଉଥିଲେ ।

ସେ ସମ୍ପର୍କରେ ଯାହା କୁହାଯାଉ, ଏମାନେ ହିଁ ଆଧୁନିକ ନାରୀଶିକ୍ଷାର ଏବଂ ପାଶ୍ଚାତ୍ୟ ସଭ୍ୟତାର ପ୍ରଥମ ପଥପ୍ରଦର୍ଶକ ଓଡ଼ିଶାର ସମାଜର ପରବର୍ତ୍ତୀ ସ୍ତରରେ ଆଣିଥିଲେ । ସେମାନଙ୍କୁ ନମସ୍କାର ।

କୁନ୍ତଳାକୁମାରୀ ଏକାନ୍ତ ସୁନ୍ଦରୀ ନ ଥିଲେହେଁ ଅସୁନ୍ଦରୀ ନଥିଲେ । ତାଙ୍କର ଚକ୍ଷୁ ଦୁଇଟି ଉଜ୍ଜ୍ୱଳ ଥିଲା । ମଧୁର ବାଣୀରେ କଥାବାର୍ତ୍ତା ଓ ଅସାଧାରଣ ଯୋଗ୍ୟତାରେ ସେ ସମସ୍ତଙ୍କର ସ୍ନେହଭାଜନ ହୋଇ ପାରୁଥିଲେ । ଏ କିନ୍ତୁ 'ଧର୍ମଦେବୀ' ଝିଅ ନ ଥିଲେ ।

ମେଡ଼ିକାଲରେ ଦୁଇ ମାସ ପଢ଼ିବା ପରେ ତାଙ୍କ ପ୍ରତି ଉପର ସାଥୀ ପିଲଙ୍କ ଦୁର୍ବ୍ୟବହାର ଦେଖାଗଲା ।

ମେଡ଼ିକାଲ୍‌ରେ ସେଇ ଅନାଟୋମି (ଶରୀର ବ୍ୟବଚ୍ଛେଦ-ବିଦ୍ୟା) ଏବଂ ଫିଜିଓଲଜି (ଶରୀରବିଜ୍ଞାନ) ଛାତ୍ରଛାତ୍ରୀମାନେ ପ୍ରାରମ୍ଭ ଆରମ୍ଭରୁ ପଢ଼ିଆନ୍ତି, ମୃତଦେହର କ୍ଷୁଦ୍ର କ୍ଷୁଦ୍ର ଅଂଶଗୁଡ଼ିକୁ ମ୍ୟାଜିକ ଲଣ୍ଠନ ସାହାଯ୍ୟରେ ବଡ଼ କରି ଦେଖାଇ ଥିଏଟର୍‌ରୁମ୍‌ରେ (ଅନ୍ଧକାର ଗୃହରେ) ଅଧ୍ୟାପକମାନେ ସେ ସମ୍ବନ୍ଧୀୟ ଶିକ୍ଷା ଦେଇଥାନ୍ତି । ଫିଜିଓଲଜି ଲେକ୍‌ଚରର ଥିଏଟର ପଦ୍ଧତି ଏବେ ମଧ୍ୟ ପୂର୍ବପରି ରହିଛି । ସେଥିରେ ଛାତ୍ରଛାତ୍ରୀମାନେ ଗ୍ୟାଲେରୀ ପରଛରେ ବସିଥାନ୍ତି । ତାପରେ ସମସ୍ତ କବାଟ ବନ୍ଦ କରି ଦିଆଯାଏ । ଏପରିକି ସ୍କାଇଲାଇଟଗୁଡ଼ିକ ମଧ୍ୟ କଳା ପର୍ଦ୍ଦାରେ ଲୁଚାଇ ଦିଆଯାଏ । ତାପରେ ମ୍ୟାଜିକ୍ ଲଣ୍ଠନରେ ଛବି ଦେଖାଇ ଅଧ୍ୟାପକ ଶିକ୍ଷା ଦିଅନ୍ତି ।

ସେଇ କେତେଜଣ ବାଳିକା ଛାତ୍ରୀ ଥାନ୍ତି ସେମାନେ ସ୍ୱତନ୍ତ୍ର ହୋଇ ବସିଲେହେଁ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ଦେଖାଇବାକୁ କେତେକ ଦୁଷ୍ଟ ଛାତ୍ର ଜଗି ରହିଥାନ୍ତି । ଅନେକ ଦିନ ସେଥିରେ ପ୍ରତିବାଦ ନ କରିବା ଫଳରେ ତାଙ୍କର ସେ ସବୁ ଦୌରାତ୍ମ୍ୟସ୍ପୃହା ସ୍ୱାଭାବିକ ହୋଇଯାଇଥାଏ । କିନ୍ତୁ ସେଠାରୁ ଥରେ ବକ୍ତୃତା ବେଳେ ଜଣେ ଦୁଷ୍ଟାଗ୍ରଣୀ ଛାତ୍ର, ଯେ କି ପାଠ ଆଦୌ ପଢ଼ନ୍ତି ନାହିଁ, କେବଳ ଏହି କୁକର୍ମରେ ଓସ୍ତାଦ, ସେ କୁନ୍ତଳା କୁମାରୀଙ୍କ ଉପରେ ଟ୍ରିପଡ଼ି ତାଙ୍କ କାନରେ ଫୁଙ୍କ ପକାଇଦେବାମାତ୍ରେ ସେ ଚିତ୍କାର କରି ଉଠିଲେ ଏବଂ ସ୍ପଷ୍ଟସ୍ୱରେ ଗାଳିଦେଲେ । ଅଧ୍ୟାପକ ତୁରନ୍ତ ଲାଇଟ୍ ଜାଳି ଦେଖିଲେ ନବାଗତ ବାଳିକାଟି ଚିତ୍କାର କରୁଛି ଏବଂ ଦୁଷ୍ଟଶିରୋମଣି ଜଣକ ଅପ୍ରସ୍ତୁତ ହୋଇଛନ୍ତି ।

ଶିକ୍ଷକ ଜଣକ ଥିଲେ ପ୍ରବଳପ୍ରତାପୀ ଡାକ୍ତର କୈଳାସଚନ୍ଦ୍ର ଗୁପ୍ତ । ସେ ଥିଲେ ଡେମନଷ୍ଟ୍ରେଟର୍ ବା ଜଣେ ଲେକ୍‌ଚରର୍ । ସ୍କୁଲରେ ବଙ୍ଗାଳୀ ଶିକ୍ଷକ ହିଁ ବହୁ ଥିଲେ । ଇଂରେଜ ଥିଲେ ପ୍ରିନ୍‌ସିପାଲ । ଇଉରୋପୀୟାନ୍ ନନ୍ (Nun) ଥିଲେ କେତେକ । ସମସ୍ତଙ୍କ ମଧ୍ୟରେ ସେହି ଶିକ୍ଷକ ଜଣକ ଏକାନ୍ତ ଲୋକପ୍ରିୟ ହୋଇଥିଲେ । ଚେହେରାଟି ମଧ୍ୟ ବେଶ୍ ସୁନ୍ଦର ଥିଲା । ବୟସ ୩୫ ମଧ୍ୟରେ । ଆଖି ଯୋଡ଼ିକ ଅତି ତେଜସ୍ୱୀ ଥିଲା । ସେ ଭୀଷଣ ରାଗୀ ଥିଲେ; କିନ୍ତୁ ହୃଦୟ ତାଙ୍କର ଏକାନ୍ତ ଉଦାର ଏବଂ କୋମଳ ଥିଲା । ସୁତରାଂ କଥାବାର୍ତ୍ତାରେ ଏହି ଗୁପ୍ତ ମହାଶୟ ବାବୁ ଜଣେ ସୁମନୁଷ୍ୟ ବୋଲି ଅନୁମାନ ହୁଏ ନାହିଁ । କାରଣ ସାମାନ୍ୟ ତ୍ରୁଟି ମଧ୍ୟ ଦେଖିଲେ ତାଙ୍କର ସହିବା କଷ୍ଟକର ହୋଇଉଠେ । ସବୁ ଶିକ୍ଷକଙ୍କ ଆଦର୍ଶ ଏବଂ ଜନ୍ମଗୁରୁ ଶାସନର ଶକ୍ତି ଥିଲା ମଧ୍ୟ ଏ ଲୋକଟି ଥିଲେ ଚରିତ୍ରବାନ ମନୁଷ୍ୟ । ଭୁଲ ଭ୍ରାନ୍ତି ନ ଥିଲେ ମଣିଷ ଉନ୍ନତି କରିବ କିପରି ମନେକଲେ !

ଏହି ଡାକ୍ତର କୈଳାସ ଚନ୍ଦ୍ର ଗୁପ୍ତ ପ୍ରକୃତ ପାଠିଆ ପରିବାରର ସନ୍ତାନ । କଲେଜ ଟ୍ରେନିଂ କଲାବେଳେ ଟ୍ରିପଲ ଉଚ୍ଚ ଡିଗ୍ରୀଧାରୀ ପାଠିଆ ବେଶ୍ ଉଦ୍‌ଯୋଗୀ ଥିଲେ ।

କାରଣ ତାଙ୍କର ଦ୍ୱାରା ଶୀତଳା ମହାତ୍ମ୍ୟର ପ୍ରବନ୍ଧ ଅନଳଶ ଛପାହୋଇ ସାରିଥିଲା । ତାହା ସେ ପୋଥିରେ ଯେପରି ଥିଲା ସେପରି ଛପାଇଥିଲେ । କିନ୍ତୁ ପରେ ତାହାକୁ ୧୪ ଅକ୍ଷରରେ, ଅନେକ ପୁରାତନ ପ୍ରୟୋଗକୁ ବଦଳାଇ, କେଉଁ କେଉଁ ନୂତନ ପଦ ପ୍ରୟୋଗ କରିବା ଯୋଗୁଁ ଶୀତଳାଙ୍କ ମହତ୍ତ୍ୱ ଏକାବେଳେ ନଷ୍ଟ ହୋଇଗଲା । ସେହି ବର୍ତ୍ତମାନ ଏବେ ଚଳୁଛି । ଏହି ଷାଠିଆ ଲେଖିବାରୁ କୌଣସି ଗୁରୁଙ୍କର ପୋଷଂସ୍କୃତ ହୋଇଥିବା ହେତୁରୁ କୈଳାସଚନ୍ଦ୍ର ଷାଠିଆ, କୈଳାସ ଚନ୍ଦ୍ର ଗୁରୁ ନାମରେ ପରିଚିତ ଥିଲେ । ଘୋଡ଼ାଗାଡ଼ିଟିଏ ତାଙ୍କର ଥିଲା । ତାଙ୍କର ଭଡ଼ାରେ ସେ ସହରକୁ ବେଶ୍ ରୋଜଗାର କରୁଥିଲେ । କିନ୍ତୁ ପରିବାର ଅତି ବଡ଼ ଥିବାରୁ, ବିଶେଷରେ ଏକାନ୍ନବର୍ତ୍ତୀ ଯୁକ୍ତ ପରିବାରର ତ୍ୟାଗସ୍ୱୀକାର ମନୋଭାବରୁ, ଏହି କୈଳାସ ନିଜ ପାଇଁ କିଛି କରିପାରି ନ ଥିଲେ ।

କୁନ୍ତଳାଙ୍କ ମହତ୍ତ୍ୱ ରକ୍ଷାରେ ସେଇ ଭଗନଦ୍ୱୈତର ଜଣକ ସହାୟକ ହେଲେ ସେ ତାଙ୍କ ପ୍ରତି କୃତଜ୍ଞ ହେବା ସ୍ୱାଭାବିକ । କିନ୍ତୁ ସେହି ତେଜସ୍ୱୀ ବ୍ୟକ୍ତିଙ୍କ କଥା କହିବାକୁ ଏ ନବାଗତା ବାଳିକାର ସାହସ କାହିଁ ?

ପ୍ରଥମ ବର୍ଷ ପରୀକ୍ଷାରେ କୁନ୍ତଳା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ସମସ୍ତ ସ୍କୁଲର ଦୃଷ୍ଟିରେ ଆସିଲେ । ଜଣେ ବର୍ମୀୟ ଯୁବ ଅଧ୍ୟାପକ ସ୍ୱତଃପ୍ରବୃତ୍ତ ହୋଇ କୁନ୍ତଳାକୁମାରୀଙ୍କ ଏକକାଳୀନ କୁଡ଼ିଏ ଟଙ୍କା ସାହାଯ୍ୟ ଦେବାରୁ ତାଙ୍କର ବହୁ ଅଭାବ ପରିବର୍ତ୍ତିତ ହୋଇଗଲା ଏବଂ ସେ ବହିପତ୍ର ଖରିଦ କରି ନିଜକୁ ସୁବିଧାରେ ଚଳାଇଲେ । କିନ୍ତୁ ଡାର୍କରୁମ୍‌ରେ ଅନେକ ସମୟରେ ସେହି ଦୁର୍ଘଟଣାର ସେ ସମ୍ମୁଖୀନ ହେବାକୁ ଲାଗିଲେ । ଯେଉଁ ସେ ଡାର୍କରୁମ୍‌ରେ ଫଟୋ ଶିଖିବାକୁ ଯିବାକୁ ବାଧ୍ୟ ଥିଲେ; କିନ୍ତୁ ଗୁରୁଙ୍କ କ୍ଲାସକୁ ଯିବାକୁ ଇଚ୍ଛା କରୁ ନ ଥିଲେ । ଦ୍ୱିତୀୟ ବର୍ଷ ସେହି ଘଟଣାକୁ ସ୍ୱେଚ୍ଛାଚାରୀ ଯୁବକ ତାଙ୍କୁ ଜଣେ ବର୍ମୀୟ ଡେମନ୍‌ଷ୍ଟ୍ରେଟରଙ୍କ କ୍ଲାସରେ ଡାର୍କରୁମ୍‌ରେ ପୁଣି ଅତି ଅଦ୍ଭୁତ ଭାବରେ ଆକ୍ରମଣ କରିବାରୁ ପ୍ରିନ୍‌ସିପାଲ ପ୍ରମାଣ ପାଇବା ପରେ ସେ ଯୁବକକୁ ସ୍କୁଲରୁ ବହିଷ୍କୃତ କରିବା ସ୍ଥିର ହୋଇଥିଲା । ବହୁ କଷ୍ଟରେ ଯୁବକଟି ଏ ଦଣ୍ଡରୁ ରକ୍ଷା ପାଇଥିଲା । ଅଧିକ ଲଜ୍ଜାର ବିଷୟ ଯେ, କୁନ୍ତଳାକୁମାରୀ ଡାକ୍ତରୀ ପାଶ୍ କରିବା ପର ପୁଣି ବର୍ଷ ଯାଏ ବ୍ରହ୍ମ ଶାସନରେ ବା ୩୪ ଥରରେ ସେହି ଯୁବକଠାରୁ ନାନା ଅବାନ୍ତର ବିଷୟ ଲେଖା ଚିଠି ସେ ପାଇଆସୁଥିଲେ । ସେ ଚିଠିମାନଙ୍କରେ କେବେ ପ୍ରାର୍ଥନା, କେବେ ନିବେଦନ, କେବେ ଭୟପ୍ରଦର୍ଶନ ଓ କେବେ ବା ଗାଳିଗଲଜ ମଧ୍ୟ ରହୁଥିଲା । ପୋଲିସ୍‌ରେ ତାହା ଦାଖଲ କଲେ କୁଆଡ଼େ ତାଙ୍କର ନିଜର ପଦାରେ ପଡ଼ିବ ଏହି ଭୟରେ ସେ ତାହା ପାଇବାମାତ୍ରେ ଚିରି ଫିଙ୍ଗିଦେଉଥିଲେ । କାରଣ, ମିଥ୍ୟା କହିବାକୁ ସେ ଯୁବକ ବା ପିଛା ଘୁଞ୍ଚୁଥିଲା କାହିଁକି ?

ଏହି ଯୁବକଟିକୁ ଅନେକ ଉଦ୍ୱୃତ୍ତ ଛାତ୍ର ଏ ଦୁଷ୍କର୍ମରୁ ନିବୃତ୍ତ ହେବାକୁ ବୁଝାଇଥିଲେ ହେଁ 'ସେ ନିଶ୍ଚୟ ତାଙ୍କୁ ଶପଥ କରିବ' ଏପରି ପ୍ରତିଜ୍ଞା କରିଥିଲା । ତାର ଯୁକ୍ତି ଥିଲା, 'ମୋତେ

ଖ୍ରୀଷ୍ଟିଆନ୍ ତୋର ଅମ ସ୍ୱାମୀତ୍ୱ ଶିଖିବି ?' ଏହି ସାରଗର୍ଭିତ କଥାଟିର ପରେ ଜଟିଳ ଜଳ ଭିତରେ ଥିଲା । ଏତେ ମଧ୍ୟ କୁନ୍ତଳା ଏପରି ସାହସିକ ପରିଚୟ ଦେଖାଯାଇଥାଏ । କୁଳ ବୁଢ଼ାବେଳେ ପୃଥିବୀରେ ଏପରି ସାହସ ହିଁ ଦେଖାଇବା ସ୍ୱାଭାବିକ । ମୂଳକଥା ହେଲା, କୌଣସି ପ୍ରକାର ଇଚ୍ଛାବିରୁଦ୍ଧରେ ଅଧର୍ମକୁ ବିଶ୍ୱାସ କୌଣସି ପ୍ରକାର ସ୍ୱୀକାର କରି ନ ଥାଏ ।

ବାବା ଦୁର୍ଘଟଣାରୁ ସେହି କୈଳାସଚନ୍ଦ୍ର ରାଓ ତାଙ୍କ ଅଳିଖାରେ ରକ୍ଷା କରୁଥିବା କୁନ୍ତଳା ଅନୁଭବ କରୁଥିଲେ; ଅଥଚ କେବେ ଭୁଲ୍‌କ୍ରମେ ଭଲ କଥାଟିଏ ପଦେ ତାଙ୍କଠୁ ସେ ଶୁଣି ନ ଥିଲେ । ବାବା ଚରିତ୍ର ସ୍ୱଭାବ, ରୁକ୍ଷ ବ୍ୟବହାର—ସାମାନ୍ୟ ତ୍ରୁଟି ଦେଖିଲେ ଅତି ଅକଥନୀୟ ଗାଳି । ଏ ଉପକାରୀ ଲୋକଟି ତାଙ୍କର ଅତି ନିଜର ଶତ୍ରୁ ବୋଲି କୁନ୍ତଳା ସ୍ଥିର କରି ବେଳେବେଳେ କାନ୍ଦୁଥିଲେ । ତଥାପି ଦିନ ଗଡ଼ିଯାଉଥିଲା ।

ଦ୍ୱିତୀୟ ବର୍ଷ ମଧ୍ୟ କୁନ୍ତଳା ସମସ୍ତ ପିଲାଙ୍କଠାରୁ ପ୍ରତି ବିଷୟରେ ଅଧିକ ନମ୍ବର ରଖି ପ୍ରଥମ ହୋଇ ପାସ୍ କଲେ । ମେଡିକାଲର ସେତେବେଳେ ପଦକ ସବୁ କୁନ୍ତଳାର । ଅନେକ ପିଲା ମଧ୍ୟ ଭିତରେ ଭିତରେ ତାଙ୍କ ପ୍ରତି ଶତ୍ରୁତା କରୁଥିଲେ । କିନ୍ତୁ ତାଙ୍କର ମିଷ୍ଟ ବ୍ୟବହାର ଏବଂ ପଢ଼ାପଢ଼ିରେ ଅନ୍ୟକୁ ସାହାଯ୍ୟ କରିବା ଗୁଣରୁ ସେମାନେ ପୁଣି ତାଙ୍କ ପକ୍ଷ ହେଉଥିଲେ । ତାଙ୍କ ପଢ଼ାବେଳେ ଗୋରା ପ୍ରିନ୍ସିପାଲଙ୍କ ଛଡ଼ା ମଧୁସୂଦନ ରାଓଙ୍କ ପୁଅ ଉମ୍ବିକା ରାଓ, ଦେବେନ୍ ବାବୁ ବଙ୍ଗାଳୀ, ସଦାଶିବ ପୁଜାରୀ (ସମ୍ବଲପୁରବାସୀ) ପ୍ରଭୃତି ଶିକ୍ଷକ ଥିଲେ ।

## ଭାଇ ସାମୁଏଲ୍‌ର ମୃତ୍ୟୁ—

ତୃତୀୟ ବର୍ଷ ମଧ୍ୟ କୁନ୍ତଳାକୁମାରୀ ବାର୍ଷିକ ପରୀକ୍ଷାରେ ପୂର୍ବ ବର୍ଷମାନଙ୍କପରି ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ହୋଇ ପାସ୍ କଲେ । ଏହି ବର୍ଷ ତାଙ୍କ ଭାଇ ସାମୁଏଲ ୧୯୨୦ ଫେବୃଆରୀ ମାସରେ [illegible] ହାଇସ୍କୁଲରୁ ମାଟ୍ରିକ୍ ପରୀକ୍ଷା ଦେଇ କୁନ୍ତଳାଙ୍କ ଏବଂ ସାନଭଉଣୀ ପ୍ରଫୁଲ୍ଲକୁ ଦେଖିବାପାଇଁ କଟକ ଆସିଥିଲା । ଦୈବର କଠୋର ବିଧାନ ! କିଛି ଦିନ ପରେ ତାକୁ କେଶରପୁର ବସାରେ ଜ୍ୱର ହେଲା । ଏହି ଜ୍ୱର ନିମୋନିଆରେ ପରିଣତ ହୋଇ ତା ଦେହରୁ ଓହ୍ଲାଇଲା ନାହିଁ । ସେ ତାର ସମସ୍ତ ପରିବାରକୁ ଶୋକସାଗରରେ ଭସାଇଦେଇ ମାର୍ଚ୍ଚ ୩୧ ତାରିଖରେ ମୃତ୍ୟୁ ବରଣ କଲା । ଏ ଶୋକରେ ସମସ୍ତ ପରିବାରର ଭିତ୍ତିମୂଳ ହଲିଗଲା । ଏକାନ୍ତ ବଞ୍ଚିତ ଓ ଅସହ୍ୟ ଦୁଃଖ ମଧ୍ୟରେ ସେହି ପରିବାର ଅସ୍ଥିର ଚିନ୍ତା ଘାଇବାକୁ ବ୍ୟାକୁଳ ହେଉଥିଲେ, ତାଙ୍କର ମନୋବଳ ଶେଷ ହୋଇଗଲା ।

ଭାଇ ସାମୁଏଲ୍‌ର ମୃତ୍ୟୁ ପରେ କୁନ୍ତଳାଙ୍କ ଦୁର୍ଦ୍ଦଶା ଲାଗିରହିଲା । ପ୍ରଥମ ବର୍ଷର ଆର୍ଥିକ ଦୁର୍ଦ୍ଦଶା ପୁଣି ଦେଖାଦେଲା । କାରଣ, ସେତେବେଳକୁ ଆଲ୍‌ଟମେଣ୍ଟ (ବୃତ୍ତିଦାନ)

ଦେଖା ଯାଉ ନ ଥିଲା । ତଥାପି ସେ କଷ୍ଟସହିବାକୁ ଚେଷ୍ଟା କଲେ ଏଇଥିପାଇଁ ଯେ, ସେ ଶିକ୍ଷିତା ହୋଇ ପୁଅର କାମ କରିବେ—ମାଆ, ଗୋସେଇଁବାପା ଏବଂ ଗୋସେଇଁମା'ଙ୍କର ଦୁଃଖ ମୋଚନ କରିବେ, ସାନଭଉଣୀଙ୍କ ଶିକ୍ଷାର ବିଧାନ କରିବେ । ପ୍ରତ୍ୟକ୍ଷ କରି ହେଉଥିଲା ଦୁରବସ୍ଥା । କଠୋର ଦାରିଦ୍ର୍ୟ ମଧ୍ୟରେ ଦିନ ଦିନ ଧରି ଜୀବନ କୋଉଁଏ ଘାଟିରୁ ଅନ୍ୟ ଘାଟିକୁ ଏପରି ଭାବରେ ଗତି କରିଯାଉଥିଲା ।

ଭାଙ୍କୁଣୀ ଶିକ୍ଷାରେ ଉନ୍ନତ ହେବା ସଙ୍ଗେ ସଙ୍ଗେ ବାଇବଲ ପୁସ୍ତକ ପାଠକରିବା ଏବଂ ଏଣୁ ଯେଶୁ ଧର୍ମ କଥା ଲେଖିବା ତାଙ୍କର ଅଭ୍ୟାସ ଥିଲା । ସେ ଅଭ୍ୟାସ କେବେ ସେ ଦୂର କରି ନ ଥିଲେ । ଟାଙ୍ଗାଙ୍କୁ ଉଠି ଉପାସନା କରି ଓ ନିତ୍ୟକର୍ମ ସାରି ଯଥାସାମାନ୍ୟ ଶୀତଳମଣୋହି କରୁଥିଲେ । ତାପରେ ଭରଭରରେ ସାତ ମାଇଲ ବାଟ ସ୍କୁଲ—ସେଠାରୁ ଘରକୁ ଫେରୁଥିଲେ । ଦିନେ ଦିନେ ସା'ନ୍ତମା' ଯାଇ ନ ପାରିଲେ ସେ ଏକୁଟିଆ ଫେରୁଥିଲେ । ଭୟ ହୃଦୟରେ ରହିଥିଲେହେଁ ମନରେ ଦମ୍ଭ ଏବଂ ସାହସ ପୂରିରହିଥିଲା—ଯାହା ଭଗବାନଙ୍କ ଥିବ । ନିଃସ୍ୱଙ୍କର ଅଶ୍ରୟ ଈଶ୍ୱର, ସେ ଏହା ବିଶ୍ୱାସ କରୁଥିଲେ ।

ଦୁର୍ଦ୍ଦଶା ମଧ୍ୟରେ ଏକ ଅସମ୍ଭବ ଘଟଣା—

ଦିନେ ପ୍ରବଳ ବର୍ଷା ହେଲା, ସେ ସ୍କୁଲରୁ ଘରକୁ ଫେରିବେ ସେତ ପାରିଲେ ନାହିଁ । ସାଥୀସାଙ୍ଗମାନେ କୋଟି କୋଟି ହୋଇ ଚାଲିଗଲେ ନେହାର ସୁବିଧାରେ । ଏହି ଦୁର୍ଦ୍ଦିନ ସ୍ମୃତିଟି ଲେଖୁଥିଲେ ତାଙ୍କ ଜୀବନ ବର୍ତ୍ତମାନ କି ଯନ୍ତ୍ରଣା ମଧ୍ୟଦେଇ ଗତି କରୁଛି । ବାପାଙ୍କ ମନୋବୃତ୍ତିର ସେ କା କି ପରିବର୍ତ୍ତନ କରନ୍ତେ—ସେ ତ ପିତା, ଜନ୍ମଦାତା ଜନକ ! ତାଙ୍କ ଶିଶୁମାନଙ୍କୁ ସେ ଯେବେ ନ ବୁଝିଲେ ଏଥିପାଇଁ କଣ କହିବାର ଅଛି ? ଜନକ ଯେବେ ଖ୍ରୀଷ୍ଟଶିକ୍ଷା ପାଇଥାନ୍ତେ ଅବା ତାଙ୍କୁ ଅନେକ ସାହାଯ୍ୟ କରି ଉଠାଇ ନେଇଥାନ୍ତେ । ତଥାପି ସେ ଜନକଙ୍କୁ କୋଟି ଧନ୍ୟବାଦ, ସେ ତାଙ୍କ ପିଲାଙ୍କୁ ପଶୁ ବ୍ୟବହାର କରି, ନିସ୍ପୃହ ଭାବେ ଭରି ମଧ୍ୟ କେବଳ ପାଳନ କରୁ ନ ଥିଲେ, ଖ୍ରୀଷ୍ଟଶିକ୍ଷା ମଧ୍ୟ ଦିଆଉଥିଲେ । ତାଙ୍କ ପୁଅ ସାମୁଏଲର ମୃତ୍ୟୁ ତାଙ୍କୁ ଦଳିତ ମଥିତ କରି ରଖିଥିଲା । ଏଣେ ପୁଣି ସାନପୁଅଟିର ଦୌରାତ୍ମ୍ୟ ଓ ଦୁର୍ଦ୍ଦଶା ତାଙ୍କୁ କରି ପ୍ରତି ଅତି ଦୁଃଖ ଦେଉଥିଲା । ସାନପୁଅ ଟିକେ ପାଠ ପଢ଼େ ନାହିଁ ଓ ଦିନେ ଦିନେ ଘରକୁ ନ ଫେରି କେଉଁଠି ମଧ୍ୟ ରହିଯାଉଥିଲା । ସା'ନ୍ତବାପା ତା ଦୌରାତ୍ମ୍ୟରେ ଅସ୍ଥିର ହୋଇ ଯାଉଥିଲେ । ଜନକ ବା କଣ କରିବେ ? ଏହି ବୁଢ଼ା ସା'ନ୍ତମା—ଦୟାମୟୀ ତାଙ୍କର ସା'ନ୍ତମା ଦମ ଧରିଧରି ହାତ ଦି'ଟେଣ୍ଡ ଧରି କି ତ୍ୟାଗ ସ୍ୱୀକାର କରି ଚାଲିଛନ୍ତି ! ମୋ କୁନ୍ତଳା ଖାଇବ, ମୋ ପ୍ରଫୁଲ୍ଲ ଖାଇବ—ଏଥିପାଇଁ କି ଉଦ୍ୟମ ତାଙ୍କର ! ଧାର ଉଧାର କେଇ ଅଣା ନେଉଛନ୍ତି । ତାଙ୍କର ସା'ନ୍ତବାପା ଦରିଦ୍ର ଅସହାୟ ବୃଦ୍ଧ । ଜମିର ଫସଲ ବା କେତେ ? ତଥାପି ସେଇ

ମିଷ୍ଟ ଏଣ୍ଡ ମିସେସ୍ କେନେଡ୍ରିଙ୍କୁ ଧନ୍ୟବାଦ—ସେମାନେ କୃଷ୍ଣଙ୍କ ଯଥାସମ୍ଭବ ସାହାଯ୍ୟକ ହୋଇଥାନ୍ତି । ଏ ସବୁ ସତ୍ତ୍ୱ କୁନ୍ତଳାଙ୍କ ଆଖିରୁ ଲୁହ ଗଡ଼ିପଡୁଥାଏ । ସେ କଣ ଏଇ କେଇଟି ମାସ ଆଉ ଅପେକ୍ଷା କରିପାରିବେ ନାହିଁ ? ସାଁ'ଲୁମା କହୁଥିଲେ ବାଳକ କାନ୍ଦୁ ବୋଇଲେ କାନ୍ଦୁ ନାହିଁ । ସେ ଉପବାସ କରିପାରିବେ, କିନ୍ତୁ ସନ୍ତାନ କଣ କରିବ ? ଖଣ୍ଡିଏ ଖଣ୍ଡିଏ ବସ୍ତ୍ର ପିନ୍ଧି ସେମାନେ ଉତ୍ତମ କାପଡ଼ ରହିବେ ? ସବୁକୁ ଫେରିଲେ ଲୁଗା ଖଣ୍ଡିକ ପାଇଁଟି ଧୋଇ ତଣ୍ଡ ଖଣ୍ଡେ ଖଣ୍ଡେ ପିନ୍ଧି ଶୁଖ କଟାଇ ଦିଅନ୍ତି । ଏଇ କେଇ ମାସରେ ଦୁର୍ଦ୍ଦଶା ବଢି ଯାଉଛି—ସ୍ୱାମୀର ମୃତ୍ୟୁ ଏବଂ ଦେଶକୁ ପିତାଙ୍କ ଅସୁସ୍ଥତା । ମାଆ କଦାପି କହିବେ ନାହିଁ, ସେ କାଳିଭୟା ଜାତି । ବଡ଼ ଦୁର୍ଭାଗ୍ୟ ସେ । କୁନ୍ତଳା ଏସବୁ ଗୁନି ସବୁ ବାଧ ବାଧ ମୁହଁ ଫୁଲାଇଦେଲେ । କିନ୍ତୁ ସେହି ଦାରୁଣ ବାତ୍ୟାରେ କେହି ତାଙ୍କର କାରୁଣ୍ୟ ଦେଖି ନ ଥିଲା, ଭଗ୍ନା । ନବେଇଞ୍ଚ ଦୁଆ ଅପବାଦ ସାବ ହୋଇଥାନ୍ତା । ସେ ଦେଖିଲେ ବର୍ଷା ଦମିବାର ଚିହ୍ନ ଦେଖାଯାଉ ନାହିଁ । ଶେଷ ସେ ସହ୍ୟ ନ ହୋଇ ଅନ୍ଧକାର ସହ ଅଧିକ ଭୟଙ୍କର ହେବ ସତ୍ତ୍ୱ ସନ୍ଧ୍ୟାଲୋକରେ ବର୍ଷା ଭିତରେ ପଶିଗଲେ । ଚାଲି ଚାଲି ଯାଉଥାନ୍ତି । ଶୂନ୍ୟ ରାଜପଥରେ ହଠାତ୍ ଶୁଭ୍ର ଅଶ୍ୱାରୋହିତ ଏକ ଯାନ ଏପରିକେବେଳେ ତାଙ୍କ ପଛରେ ଆସୁଥିବା ଜଣାଗଲା । ସେ ଆତଙ୍କିତ ହୋଇଗଲେ । ସେଦିନ ୧୯୨୦ ଅକ୍ଟୋବର ୧୧ ତାରିଖ ।

ଏ ଗାଡ଼ିଟିରେ ଥିଲେ ସେହି ସୁବର୍ଣ୍ଣିତ ମେଡ଼ିକାଲ ସ୍କୁଲର ଶିକ୍ଷକ କୈଳାସଚନ୍ଦ୍ର—ଯାହାଙ୍କ ରକ୍ଷଣରେ, ଯାହାଙ୍କ ତେଜସ୍ୱୀତାରେ କୁନ୍ତଳା ଏକା ବାହିଁକି, ସମସ୍ତ ସ୍କୁଲର ଛାତ୍ରଛାତ୍ରୀ ପ୍ରମାଦ ଗଣୁଥିଲେ । ଅଥଚ ଏଇ ଦୁର୍ଦ୍ଧର୍ଷ ବ୍ୟକ୍ତିଟି ସଙ୍ଗୀତବିଦ୍ୟାରେ ଏକାନ୍ତ ପଟୁ ଥିଲେ । ବେହେଲା, କ୍ଲାରିନେଟ୍, ସେତାର ଉତ୍ପାଦ ବଜାଇବାରେ ସେ ପାରଙ୍ଗମ ଥିଲେ । ଡି. ଏଲ୍. ରାୟଙ୍କ ନାଟକସବୁ ସେତେବେଳେ ମେଡ଼ିକାଲରେ ବାର୍ଷିକ ଉତ୍ସବରେ ଅଭିନୀତ ହୋଇଥାଏ । ସେ ମଧ୍ୟ ଜଣେ ଉତ୍ତମ ନାଟକ-ନିର୍ଦ୍ଦେଶକ । ସେଥର 'ଚାଣକ୍ୟ' ନାଟକ ଅଭିନୀତ ହେବାର ଥାଏ । ଭାବ୍ୟର ଗୀତ ତାହା ଓଡ଼ିଆରେ ଅନୁବାଦ କରିଥାନ୍ତି । ସେହି ସବୁ ଅନୁଶୀଳନୀ ସେଦିନ ତାଙ୍କ ଅଫିସ ଠିକଏ ଡେରିହୋଇଗଲା । ସନ୍ଧ୍ୟାରେ ତାଙ୍କ ସ୍ତ୍ରୀଙ୍କର ବହୁଦିନର ଅସୁସ୍ଥ ପେଟ ସେ ବଜ୍ରା ହୋଇପଡ଼ିଥିଲେ । ସେ ସ୍ତ୍ରୀଟି ବଞ୍ଚୁ ନ ଥାଏ କି ମରୁ ନ ଥାଏ, ଏପରି ଅବସ୍ଥା ଲାଗିରହିଥାଏ ।

ଗାଡ଼ିରେ ଯାଉ ଯାଉ ସେ ହଠାତ୍ ଦେଖିଲେ ଯେ ତାଙ୍କର ସୁପରିଚିତ ଛାତ୍ରୀ କୁନ୍ତଳା ଏକାକୀ ପଥରେ ଚାଲି ଚାଲି ଯାଉଛି । ଏହି ବାଳିକାର ବୁଦ୍ଧିବୃତ୍ତିରେ ଡାକ୍ତର ଗୁପ୍ତ ଏକାନ୍ତ ମୁଗ୍ଧ ଥିଲେହେଁ କାଳେ ତାକୁ ପ୍ରଶଂସା କରିବସିଲେ ସେ ଗର୍ବିତ ହୋଇପଡ଼ିବ ସେଥିପାଇଁ କେବେହେଲେ ତାକୁ ପଦେ ମଧୁର କଥା ମଧ୍ୟ କହୁ ନ ଥିଲେ । କୁନ୍ତଳା ଏଇ କାରଣରୁ ଏତେ ଭୟ କରୁଥିଲେ ଯେ ଭୂତଙ୍କୁ ବୋଧହୁଏ ଏତେ ଡରନ୍ତି ନାହିଁ—ପାପ ଭର ମଧ୍ୟ ।

ଶାହୁ ଅଟକାଇ ପୁଣି କହିଲେ, "କୁନ୍ତଳା, ତୁମେ ଏପରି ଡାକ୍ତରୀ ପଢ଼ିବ ?" କୁନ୍ତଳା କହିଲେ—"ହଁ ସାର୍, ପଢ଼ିବି ।"

ଅପରାଜିତ ପ୍ରତିଭା ନିଅନ୍ତୁ ନଇ ଶାହୁଙ୍କରେ ଏପରି ଦୃଢ଼ଧାରଣା ମଧ୍ୟ ଜନ୍ମାଇପାରେ କି ନା, ପ୍ରତିଭା ତାଙ୍କର ଉଡ଼ାଇଦେଲେ । ସେ ଭାବ ସେପରି ଥିଲା । ସେ କୁନ୍ତଳାର ଆତ୍ମ ବିଶ୍ୱାସରେ ଅତ୍ୟାଶ୍ଚର୍ଯ୍ୟ ମୁଗ୍ଧ ହୋଇଗଲେ । ତେଣୁ ବହୁ ସଜ୍ଜନଙ୍କ ଅନୁରୋଧରେ ତାଙ୍କୁ ବସାଇ ଘରେ ଛାଡ଼ିଦେବାକୁ ବାଧ୍ୟ କଲେ । ଏହି କଥା ଉପରେ ଆଉ ଏକ କାହାଣୀ—କୁନ୍ତଳା ଏହାଠାରୁ ଲୁଚୁଥିଲେ । ତାଙ୍କର ସାମନା ଟେବୁଲରେ ଡାକ୍ତରଙ୍କ ବାଗ ଏବଂ ବହୁପରୀକ୍ଷଣ ଥୁଆ ହୋଇଥିଲା । ତେଣୁ କୁନ୍ତଳା ବାଧ୍ୟହୋଇ ଶାହୁଙ୍କ ବାମ ପାର୍ଶ୍ୱରେ ବସିପଡ଼ିଲେ । ବସିବା ଆଗରୁ ଲୁଗାପଟା ଟେକୁଥିବାଇଥିଲା । ଶାହୁସିଙ୍କ ବାହାଡ଼ରେ କମ୍ପିଥିଲେ ମଧ୍ୟ ଧମ୍ମୁ ଧରି ବସିରହିଲା । କୈଳାଶ କହିଲେ—"କୁନ୍ତଳା ! ତୁମେ ଜାଣି ହୋଇ ଏକ ଭୁଲ୍‌ଟାରେ ପଡ଼ିଯାଇଛ । କେଉଁ ସାହସରେ ମୋର ବାମ ପାଖରେ ବସିଗଲ ?"

କୁନ୍ତଳା ଚମକିପଡ଼ିଲେ । ସତେ କଣ ଏପରି ହେଲା ! କିଛି ନବୁଝି ନମ୍ରତାର ଉତ୍ତର ଦେଇ କହିଲେ, "ମୁଁ ଜାଣିକରି ମୋର ସୁବିଧା ପାଇଁ ବସିଛି । ଗୁରୁ ନିକଟରେ ଶିକ୍ଷା କଣ ବସିପାରିବ ନାହିଁ ?"

ସେ ପଚାରିଲେ, "କି ସୁବିଧା ପାଇଁ ବସିଛ ? ହିନ୍ଦୁ ସଂସ୍କୃତିରେ ବାମ ପାଖ କାହାର ମାନ୍ୟତା ଜାଣ କି ?" କୁନ୍ତଳା କହିଲେ—"ତାହା ମୋ ଜ୍ଞାନରେ ଥିବ ।"

କଣ୍ଡପରା ବୁଦ୍ଧିମାନ ସୁଦକ୍ଷ ଯୌବନର ମଧ୍ୟମ ପାହାଚ ଶେଷାଂଶ ଛୁଇଁଥିବା ଜଣେ ହିନ୍ଦୁ ବ୍ୟକ୍ତି ପ୍ରମାଦବଶେ କଣ କହିଲେ, କଣ କଲେ ସବୁ ଭୁଲିଗଲେ । ଅତି ସତର୍କତାର ସହ ସେ ଜୀବନରେ କଟାଇଆସିଥିଲେ । କିନ୍ତୁ ଉପନ୍ୟାସପରି, ସିନେମାର କାହାଣୀପରି ଏକ ଅଦ୍ଭୁତ ଜୀବନର ନିଷ୍ଠା ଇନ୍ଦ୍ରଜାଲପରି ଘଟିଗଲା । ଏଇଠୁ ଡାକ୍ତର ପୁଣି ତାଙ୍କର ଏକାନ୍ତ ଆପଣାର ହୋଇଗଲେ । ଏହି ଅକସ୍ମାତ୍ ଘଟିଥିବା ଘଟଣା ଅତି ଗୋପନରେ ରହିଗଲା ।

ଏଠାରେ ଗୋଟାଏ କଥା ମନେପକାଇବାକୁ ହେବ ଯେ, ସୁପୁରୁଷ ପ୍ରତି ଅନେକ ଯୁବତୀଙ୍କ ମୁଗ୍ଧତା ଢଳିପଡ଼ିବା ସ୍ୱାଭାବିକ । କୈଳାସଚନ୍ଦ୍ର—

ବିଦ୍ୟାସ୍ଥା, ବହୁଧା, ବାଗ୍ମୀ, ବଶ୍ମେଶ, ଅଭବେ ନ ଚ
ବଳାଢ୍ୟୈଃ ପଞ୍ଚଭିର୍ଯୁକ୍ତୋ ନରାଃ ପ୍ରାପ୍ନୋତି ଗୌରବଂ—

ଏ ଅନୁସାରେ ବିଦ୍ୟାରେ, ଶାରୀରିକ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟରେ, ବକ୍ତୃ-ପଟୁତାରେ, ଧନବଳ୍ପ ଦୃଷ୍ଟିରେ ବା ସେବକାଧିକାର ଦୃଷ୍ଟିରୁ ତତ୍କାଳରେ ଗୌରବାନ୍ୱିତ ଥିଲେ । ତେଣୁ ତାଙ୍କର କରୁଣା କଟାକ୍ଷ ଲାଭ କରିବାକୁ ଅଭିଳାଷୀ ଯୁବତୀ ପ୍ରତି ସେ ପ୍ରତ୍ୟାଶାକୁ ନ ହେବ ବା କାହିଁକି ? ସେହି ମହତ୍ ବ୍ୟକ୍ତି ଦେବେ କାହା ଲାଗି କରେ ସ୍ୱକୁଶଳା ଜ୍ଞାନବତୀ ବା କଣ କରିବ ? ସେ କଣ ଗୁରୁଜନ ଋଷି ପରାଶରଙ୍କ କଥା ଭଙ୍ଗିବ ?

କୁନ୍ତଳାକୁମାରୀ ୧୯୨୧ରେ ବିହାର ଏବଂ ଓଡ଼ିଶାର ମେଡ଼ିକାଲ୍ ବୋର୍ଡ଼ ପରୀକ୍ଷାରେ ଅତି ଉଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କରି ସର୍ବପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲେ । ସେ ଦୁଇବର୍ଷ ପରୀକ୍ଷା ମଧ୍ୟରେ ୧୨ ଗୋଟି ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ପାଇଥିଲେ । ତାଙ୍କର କୃତିତ୍ୱରେ ମେଡ଼ିକାଲ୍ ସ୍କୁଲର ପ୍ରିନ୍ସିପାଲ୍ ଏକାନ୍ତ ଆନନ୍ଦିତ ହୋଇ ସୋଟିଏ ସଭାରେ ୧୫ ଜଣ ଜଣ କୁନ୍ତଳାକୁମାରୀଙ୍କ ହାତରେ ଆଶୀର୍ବାଦ ବର୍ଷଣ କରିଥିଲେ ।

ଏହା ପରେ ୧୯୨୧ରୁ ୧୯୩୮ ଶେଷଯାଏ ତାଙ୍କ ଜୀବନ ଡାକ୍ତର ବୃତ୍ତିଙ୍କ କର୍ତ୍ତବ୍ୟାଧୀନରେହିଁ ପରିଚାଳିତ ହୋଇଥିଲା । ଏହି ୧୮ ବର୍ଷ ହିଁ ତାଙ୍କର ୩୮ ବର୍ଷ ଜୀବନ କାଳ ମଧ୍ୟରେ ଖୁବ୍ ଅଧିକ କର୍ମବ୍ୟସ୍ତ ସମୟ । ଏହି ଅଳ୍ପ ଦିନ ହିଁ ତାଙ୍କୁ ଅମର କରିଦେଇଅଛି, ଭୁଲିବାକୁ ହେବ । ଏହି ଜନପ୍ରିୟତାର ସେହି ସଞ୍ଜୀବନୀ ମନ୍ତ୍ର, ତାହାର ଏକମାତ୍ର ଶିଳ୍ପୀ ହେଉଛନ୍ତି ଏହି ଡାକ୍ତର କୈଳାସଚନ୍ଦ୍ର ସାଓ । □□□

# ଦ୍ୱିତୀୟ ଅଧ୍ୟାୟ

## ଡାକ୍ତରୀଜୀବନର ପ୍ରଥମ ବସାଘର ଗଙ୍ଗାମନ୍ଦିର—

ଡାକ୍ତରୀ ପାଶ୍ କରିସାରିବା ପରେ ସେ କୈଳାସ ଡାକ୍ତରଙ୍କ ମଧ୍ୟସ୍ଥତାରେ କିଛି ଟଙ୍କା ଋଣ ଆଣି ସର୍ବପ୍ରଥମେ ବସା ପରିବର୍ତ୍ତନ କଲେ । ଗଙ୍ଗାମନ୍ଦିରରେ ଖଣ୍ଡିଏ ପୁରାତନ ଦୋମହଲା କୋଠାଘର (ଗଣେଶବାବୁଙ୍କ କୋଠା) ଭଡ଼ା ନେଲେ । ବର୍ତ୍ତମାନର 'କୃଷକ ପ୍ରେସ'ର ପଡ଼ିଶାଘର ରୂପେ ଏବେ ସେ କୋଠା ଖଣ୍ଡ ମଧ୍ୟ ଅଛି । ଓଡ଼ିଶାରେ ସେ ନିଜ ଘରେ ବା କୌଣସିଠାରେ ନିଜର ଚିକିତ୍ସାଳୟ କେବେ ଖୋଲି ନ ଥିଲେ । ସେତେବେଳେ କୌଣସି ଡାକ୍ତର ମଧ୍ୟ ସେ ସାହସ ନ ଥିଲା । ସେ କେବଳ ଡକରାରେ ଯାଉଥିଲେ । ଏହି ଡକରା ସମ୍ବନ୍ଧରେ କୈଳାସ ଡାକ୍ତରଙ୍କର ହାତ ବହୁସ୍ତରରେ ରହିଥିଲା ।

ଡା.'ଘରେ ଚିକିତ୍ସାରେ ଉପକୃତ ହେବା ଅଭିଜାତ ନାଗରିକ ମଧ୍ୟରେ ଅନେକଙ୍କଠାରୁ ତାହା ବ୍ୟାପିଯାଇଥିଲା । ଶ୍ରୀମତୀ ପ୍ରଭାବତୀ ଡାକ୍ତରାଣୀଙ୍କ (ଏଲ୍‌ଏମ୍‌ପି) ବ୍ୟତୀତ ସେତେବେଳେ ନାରୀ-ଡାକ୍ତରାଣୀ କଟକରେ କେହି ନ ଥିଲେ । ସେହି ସେତେ ସମ୍ଭ୍ରାନ୍ତ ଘରେ ପ୍ରଭାବତୀ ଡାକ୍ତରାଣୀ ଚିକିତ୍ସା କରୁଥିଲେ, ସେଠାରୁ ମଧ୍ୟ କୁନ୍ତଳାକୁମାରୀଙ୍କୁ ଡକରା ଆସିଲା ।

ଋଣ ପରିଶୋଧ କରିବାକୁ ଏବଂ ନିଜର ମା', ଭାଇ, ଭଉଣୀ ଇତ୍ୟାଦିଙ୍କୁ ପୋଷିବା ଲକ୍ଷ୍ୟରେ ସେ କଠୋର ପରିଶ୍ରମ କରୁଥିଲେ—ବିଶେଷରେ ଚିକିତ୍ସାବ୍ୟବସାୟ ସ୍ୱତଃ ସେପରି ଖ୍ୟାତି ଅର୍ଜ୍ଜିତ ହୋଇଥିଲା । ଶିଶୁଙ୍କ ଅସ୍ତ୍ରୋପଚାର କରିବାରେ ତାଙ୍କର ହସ୍ତଲାଘବତା ପ୍ରଶଂସନୀୟ ଥିଲା । ତାଙ୍କର ମଧୁର ବ୍ୟବହାର ଓ ଔଷଧ ପ୍ରୟୋଗର କୌଶଳରେ ସେ ସମ୍ମାନିତ ହୋଇପାରୁଥିଲେ । ପ୍ରସବ ବେଳେ ସେ ଯେବେ ଯାଉଥିଲେ ସବୁ ତମାମ ରୋଗିଣୀଙ୍କୁ ଜାତି ରକ୍ତ ଭାବ ଜାଣି କରି ଦେଉଥିଲେ । ସାଥିରେ ଆଶା ସାନ୍ତ୍ୱନା ।

ମାଟ୍ରିକୁଲେସନ ପାଶ କରିଥିବା ତାଙ୍କର ଭଉଣୀ ପ୍ରଫୁଲ୍ଲ ବେଶ୍ ସୁନ୍ଦରୀ ଥିଲେ । ଏହି ଧୀର, ଶାନ୍ତଶିଷ୍ଟା ଝିଅଟିକୁ ସମସ୍ତେ ଭଲପାଉଥିଲେ । କୁନ୍ତଳାକୁମାରୀ ତାର ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା କରିଥିଲେ ହେଁ, ସେ ମାଆଙ୍କ ପ୍ରତିଜ୍ଞା ରକ୍ଷା କରିବାକୁ ଜାଣି ଦଶା ନ ମାନି, ଭଲ ଭଲ ବର ମିଳୁଥିଲେ ହେଁ, କଣେ ଦୋହେଲ ବରଙ୍କୁ ଜିଦର କରି ବିବାହ ହୋଇ

ପଢ଼ୁଥିଲେ । ମଦନମୋହନ ଯାଇଁଙ୍କ ଘର ପୁରୀଜିଲ୍ଲାଟରେ । ସେ ସମ୍ଭ୍ରାନ୍ତ ଖ୍ରୀଷ୍ଟ ଆନ ପରିବାରର ଯୁବକ ଓ ଜଣେ ପୋଲିସ କର୍ମଚାରୀ ଥିଲେ । ତାଙ୍କର ସ୍ତ୍ରୀ କିଛି ବର୍ଷ ତଳୁ ମରିଯାଇଥିଲେ । ଏପରିକି ତାଙ୍କ ପୁନର୍ବିବାହ କରିବାରେ ଖ୍ରୀଷ୍ଟିଆନ ସମାଜ ସେତେବେଳେ ଅସ୍ୱୀକୃତ ହୋଇଥିଲେ । ପ୍ରଫୁଲ୍ଲକୁମାରୀ ଜୀବନକାଳରେ ତାଙ୍କର ତତ୍କାଳୀନ ଉଦ୍ଦେଶ୍ୟ କଦାପି ବ୍ୟକ୍ତ କରି ନାହାନ୍ତି । ମନେହୁଏ ଏହି ଯୁବତୀଟିର ମନ ଅତି ଉଚ୍ଚ ଥିଲା ଏବଂ ସେପରି ମାତା ବା ଭଗିନୀଙ୍କ ଠାରୁ କୌଣସି ଅଧିକ ଦୁଃଖ ଓ ଅସୁବିଧା ନଥିବାରୁ ଏହାହିଁ ଥିଲା ଲକ୍ଷ୍ୟ । ତଥାପି ତରୁଣଙ୍କୁ ବିବାହ କରି ଜାଣିଲେ କେତେ ଅସୁବିଧାର ସମ୍ମୁଖୀନ ହେବେ, ସେ ତେଣୁ ଜଣେ ବୟସ୍କ ବ୍ୟକ୍ତିଙ୍କୁ ବରଣ କରିନେଇଥିଲେ । ସେତେବେଳକୁ ପ୍ରଫୁଲ୍ଲର ବୟସ ମୋଟେ ୧୬ । ସେ ଏକ ଅଭିଜାତ ଘରର ବଧୂ ହୋଇ ଚାରି ପୁଅ ଝିଅଙ୍କୁ ଜନ୍ମ ଦେଇଥିଲେ । କିନ୍ତୁ କିଛି ବର୍ଷ ପରେ ବିଧବା ହେଲେ ଓ ତା'ପରେ କୁଟୁମ୍ବର ଭାର ନ ହୋଇ ସେ ଶିକ୍ଷୟିତ୍ରୀ କାର୍ଯ୍ୟ କରି ନିଜ ପିଲାଙ୍କର ଶିକ୍ଷା ଏବଂ ପରିପାଳନ କରିଥିଲେ । ଅନ୍ୟ ଭଉଣୀ ସରଳା ମାଟ୍ରିକ ପାସ କରି ଘରେ ରହିଥିଲେ । ସେ ମଧ୍ୟ ସାମୁଏଲ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ଜଣେ ଉତ୍ତମ ନର୍ସ ଭାବେ ସେ ସମସ୍ତ ଜୀବନ ଅତିବାହିତ କରିଛନ୍ତି ।

କୁନ୍ତଳାକୁମାରୀ ଯାହା ଭାବିଥିଲେ ତା' ହୋଇ ପାରିଲା ନାହିଁ । ଭଉଣୀମାନେ ନିଜର ମନସ୍ଥ ଜୀବନ ଗଢ଼ି ତୁଳେଇ ହୋଇଗଲେ । ସେମାନେ ଭଉଣୀଠାରୁ ଧନ ନେଇ ତାଙ୍କୁ ବ୍ୟସ୍ତ ବିବ୍ରତ କରାଇବାକୁ ଇଚ୍ଛା କରନ୍ତି ନାହିଁ । କିନ୍ତୁ ସେ ସେମାନଙ୍କୁ ସବୁବେଳେ ସାମାଜିକଭାବରେ ସହଯୋଗ କରୁଥିଲେ । ତାଙ୍କ ପରିବାରରେ ରହିଲେ ସାନ୍ତ୍ୱବାପା, ସାନ୍ତ୍ୱ-ମାଆ, ତାଙ୍କ ନିଜ ମାଆ ଏବଂ ସାନଭାଇ ନଅନାଏଲ । ମାଆ ତାଙ୍କ ପାଖକୁ ଅଦ୍ୟାବଧି ଆସି ନ ଥିଲେ । ସେ ଖୋର୍ଦ୍ଧାରେ ରହିଥିଲେ ।

## କୁନ୍ତଳା ଓ କୈଳାସ--

କୈଳାସଚନ୍ଦ୍ର ଗୁରୁଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ କୈଳାସ ତତ୍କାଳୀନ ସମାଜକୁ ଏକାନ୍ତ ଭୟ କରୁଥିଲେ । ଘରେ ରୁଗ୍ଣା ସ୍ତ୍ରୀ, ରକ୍ଷଣଶୀଳ ମରହଟ୍ଟା ପରିବାର । କୁନ୍ତଳା କିନ୍ତୁ ସେତେବେଳେ ଏକବ୍ରତଧାରିଣୀ । ଅତେବ ଯାହାକୁ ଅଶେଷ ସଂଯମ ମଧ୍ୟରେ ଆଜି ଘଟଣାଚକ୍ରରେ ଛୁଆ ଦେଇଦେଇଛନ୍ତି ସେ ପ୍ରକାଶ୍ୟକୁ ଆସିବାକୁ ତୃପ୍ତ ନୁହନ୍ତି । ବିବାହ ହେବାର ସୁଯୋଗ ଥିଲେ ଅଲଗା କଥା ନ ଥିଲା । କିନ୍ତୁ ସେତେବେଳେ ତାହା କଳ୍ପନା କରିବାର ସୁଯୋଗ ଏ ରାଜ୍ୟରେ ନ ଥିଲା । ଆକସ୍ମାତ୍ ଏହି ରୋମାନ୍ସର ସମସ୍ୟାଟି ଲୁଚି ଲୁଚି ରହିଆସିଛି । ତାହା ଆଜି କାଲି ଖବର-କାଗଜରେ ପ୍ରକାଶିତ ହେଉଛି । କାରଣ କୈଳାସଙ୍କୁ କୁନ୍ତଳାଙ୍କ ଜୀବନଚରିତରୁ ବିଦାୟ କରିଦେଲେ ଏକାନ୍ତ

ଅପରାଧ ହେବ । ସେ କଦାପି ଲୋଲୁପ ବା ଲମ୍ପଟ ନ ଥିଲେ । ପଞ୍ଚଶାଖାଙ୍କରେ ସାଂଖ୍ୟା ଯତିଗଣ ତାହାକୁ ନବାକ୍ତ କରି ସଖୀ ଶାବରୀ ଓ ସୀତାଙ୍କ ଦେଶର କଣେ ନାରୀ କଠୋର ଭାବେ ଧାରଣ କଲେ ଯେ, ସେ କେବେ ତାର ଭର ପରିବର୍ତ୍ତନ କରିବ ନାହିଁ । ତୃଏକ ସେ ମନସିବ ବା ତାଙ୍କର ଇଚ୍ଛା ହୋଇ ରହିବ, କଦାପି ଭାରତୀୟ ନାରୀର ଆଦର୍ଶରୁ ବିଚ୍ୟୁତ ହେବ ନାହିଁ । ପ୍ରଥମ ଯୌବନର ସ୍ୱତନ୍ତ୍ରକଣ ଏହି ଭାବରେ ସେ କଠୋର ସଂଯମ ମଧ୍ୟରେ ଚଳିଲେ । କୈଳାସ ଲୁଚି ଲୁଚି କେବେ ଚନ୍ଦନ ଦେଲେ ଓ ନାସ ଦ'ମାସରେ ଥରେ ଆସନ୍ତି ଓ ଅଳ୍ପ କେବଳ ସାନ୍ତ୍ୱନା ଦିଅନ୍ତି । ଏହି କାହାଣୀ ମଧ୍ୟ ସ୍ମୃତିରୁ ଗ୍ରହଣ କରେ । ବାସ୍ତବିକ ଏ ଦେଶର ନାରୀ ସଂଯମ ଯେପରି ଅତିକ୍ରମ କରିପାରେ, ତାହା ବିଶ୍ୱ-ଜଗତରେ ଅତୁଳନୀୟ । ସେଥିନିମନ୍ତେ କବିତା ଲେଖା ଚାଲିଲା । ତାଙ୍କର ପ୍ରଥମ ପ୍ରକାଶନ 'ଅଞ୍ଜଳି', ଅନେକ ପୁରୁଣା କବିତାକୁ ପରିବର୍ତ୍ତିତ କରି ଏବଂ କେତୋଟି କବିତା ନୂତନ ରଚନା କରାଯାଇ, ତା'ଭିତରେ କେତେକ ଭକ୍ତିମୂଳକ କବିତାକୁ ମାର୍ଜିତ ଭାବରେ ରଖାଯାଇ ନିର୍ମାଣ କରାଯାଇଛି ।

ତୁମ୍ଭ ପୂଜା ପାଇଁ ଯଶ। ହେ ସଜାଡ଼ିଛୁ ଦେବତା
ଶୁଣ ଶାନ୍ତ ହୋଇ ବସିଛୁ ପାଖ। ତବ ସେବକା ।
ତୁମ୍ଭେ ଆଶ ଅଂଶ ବୋଲି ତ ନତ ହୋଇଛୁ କେତେ
ସେତିକି ହୋଇଅଛୁ ନିରାଶ ପ୍ରେମ ବଢ଼ୁଛୁ କେତେ ।
ତୁମ୍ଭେ ବଡ଼ ମୁଁ ତ ସାନ ହେ ତୁମ୍ଭ ଆଦରେ ବଡ଼
ତୁମ୍ଭେ ଗଙ୍ଗାକୂଳ ଘର ହେ ମୁଁ ତ ପଙ୍କଜିନୀ କଡ଼ ।
ତୁମ୍ଭେ ତେଜୋଦୀପ୍ତ ଅରୁଣ ମୁଁ ତ କ୍ଷୀଣ ଚନ୍ଦ୍ରମା
ଲିଭି ଯିବାକୁ ମନ ହେ ବଢ଼େ ମୋର ସୁଷମା ।

—ବିଶ୍ୱର ନରକ୍ଷୁକୁ ତାର ନାୟିକା ଯେ ଏପରି ଅନୁଭବ ନ କରେ ତାହା କେହି କହି ପାରିବେ ନାହିଁ । ଋଷି-କୁମାରୀର ପରି। ଶକୁନ୍ତଳା ଯେଉଁଭଳି ତପୋବନରେ ରାଜର୍ଷିକେଶ୍ୱର ପ୍ରେମିକ ଦୁଷ୍ମନ୍ତଙ୍କୁ ଶରୀର ଅର୍ପଣ କରିଦେଲା, କିନ୍ତୁ ଚନ୍ଦନ ଭୁଲିଯିବା ପରେ ଏହୁପରି କେତେ କଷ୍ଟ ଭୋଗିଥିଲା ଶକୁନ୍ତଳା । ଏ କ୍ଷେତ୍ରରେ ତାହା ନାହିଁ ଘଟିଲା । କୋଟିଏ ଯୁବତୀ ଯୁବତୀ ତାର ଅଂଶୁକୃତ୍ରିମକୁ କୋଟିଏ ଅଣ୍ଡଜାତ ହୃଦ୍‌ଠାରେ ଅର୍ପଣ କରିଦେଇଥାନ୍ତି । କପଶ ଏହି ଅମାପ୍ୟ ସମ୍ପନ୍ନ ହେବ ? କଣେ କବିଙ୍କଠାରୁ ୧୫।୧୬ ବର୍ଷ ବଡ଼ । ତାର ଅସୀମ ଜ୍ଞାନ । ସେ ନାନା କଷ୍ଟ ଭୁଞ୍ଜିବେ ଅସ୍ୱାସ୍ଥ୍ୟତା ଦିଏ; କିନ୍ତୁ ସାମାଜିକ ପରିସ୍ଥିତି-ବେଳେ ଶେଷ ହୋଇଯାଏ । ଉକ୍ତ କବିତା ପଂକ୍ତିରେ କୈଳାସଙ୍କ ବୟସ ଓ ଜ୍ଞାନକୁ ବଡ଼ କୁହାଯାଇଛି ଏବଂ ତେଜସ୍ୱୀ ବା ରୂପ ଗୁଣବନ୍ଦୁ ସ୍ୱୀକାର କରାଯାଇଛି ।

କୈଳାସଙ୍କର ଏକ ବହୁତ ପରିବାର । ସମସ୍ତେ ରକ୍ଷଣଶୀଳ । କୁଳର ଇଷ୍ଟଦେବତା ଘର ମନ୍ଦିରେ ପୂଜା ପାନ୍ତି । ସେଠାକୁ ଖ୍ରୀଷ୍ଟ ଅନ ବଧୂଟିଏ କିପରି ଯିବ ? ଖ୍ରୀ ଟୋକିଏ ବଧୂ



କୁନ୍ତଳାକୁମାରୀଙ୍କ ପିତା ଦାନିଏଲ୍ ସାବତ



ଉତ୍କଳଭାରତୀ କୁନ୍ତଳାକୁମାରୀ (୧୯୨୮)



ଡାକ୍ତର କୈଳାସଚନ୍ଦ୍ର ରଥ ( ୧୯୨୮ )



କୁନ୍ତଳାକୁମାରୀ ମଧୁପୁର କୋଠିରେ ଦେଖିଥିବା
କିଶୋର ।

ଅଛୁ ! ତା'ର ମଧ୍ୟ ଜନ୍ମାଙ୍କିଏ। ପହଣ ବଡ଼ ଦୁଃଖପ୍ରଦ ହୋଇଉଠିଲା। ତାହା କଦାପି ମୀମାଂସା ହୋଇପାରିଲା ନାହିଁ। ଶୋଧନରେ ସେତେ ସ୍ପୃହା କରୁଥିଲା, ସବୁରେ କଣ୍ଟାବାଡ଼। ଅବଶ୍ୟ ତାଙ୍କୁଣୀ ମନୀଷିକୁ ଭଡ଼ାକରି ଅମଡ଼ା ମଡ଼ାଇନିଏ। କୁନ୍ତଳା ତା କରିବାକୁ ରାଜି। କେହି କିଛି ମାନିବେ ନାହିଁ। ତାଙ୍କ ମାଆ ଧନ ଲୁଣ୍ଠାନ୍ତି; ତେଣୁ ଏଥିରେ ସେ ବାଧା ଦେଇ ପାରିବେ ନାହିଁ। କିନ୍ତୁ କୈଳାଶ ଶୁଦ୍ଧଚରିତ୍ର, ଜ୍ଞାନବାନ୍। ସେ ଅମଡ଼ା ମାଡ଼ି ଯିବେ କିପରି ?

କୈଳାଶ ଚତୁର। ତାଙ୍କ ପାଖକୁ ଆସୁଥିବା କବିତାଗୁଡ଼ିକ ପଢ଼ି ଦେଖିଲେ ସେଥିରେ ସ୍ପଷ୍ଟ ପୂର୍ବଜନ୍ମାର୍ଜିତ କବିପ୍ରତିଭାର ବିକାଶ ପରିଲକ୍ଷିତ। ତାଙ୍କର ଭଲ ଚିହ୍ନିବାର କ୍ଷମତା ଥିଲା। ସେ ମଧ୍ୟ ଜଣେ ଉଚ୍ଚ ସାହିତ୍ୟିକ ଥିଲେ। ଏହି ପ୍ରତିଭାଟିକୁ କାମରେ ଲଗାଇ ଦେଶପ୍ରେମବର୍ଦ୍ଧକ ଅଭିନବ ଲିପି ଗୋଟିଏ ଆଧୁନିକ ଧରଣର କବିତା ରଚନା କରିବା ପାଇଁ ସେ ବରାଦ କଲେ।

ପ୍ରଥମକରି ଜନବନ୍ଧୁ ପ୍ରକାଶିତ 'ଭାରତସ୍ତୁତି' କବିତାରେ—

ପ୍ରଥମ କବିତା, ସାହିତ୍ୟିକ ସ୍ୱରରେ, କୁନ୍ତଳାକୁମାରୀ କୈଳାଶଚନ୍ଦ୍ରଙ୍କ ନିର୍ଦ୍ଦେଶ ଏବଂ ପର୍ଯ୍ୟବେକ୍ଷଣ ଦୃଷ୍ଟି ଦେଖିଲେ—ଅନ୍ଧକାରଚ୍ଛନ୍ନ ଏକ ରଜନୀଥିରେ। କବିତାର ନାମ ଦିଆଗଲା 'ଭାରତସ୍ତୁତି'।

ଦୂର ଗଗନରେ ନକ୍ଷତ୍ର ଫୁଟି ଝୁମ୍ପି ଝୁମ୍ପି ଖେଳୁ ତାରା
କ୍ଷଣକେ ଦୁଃଖରେ ପଡ଼ଇ ମୋହର କେତେ ଚନ୍ଦ୍ରା ଅଶ୍ରୁ ଧାରା।

୨୭ଟି ପଦର ଏହି ଦୀର୍ଘ କବିତାଟି ଦୁଇଦିନ ମଧ୍ୟରେ ରଚିତ ହୋଇଗଲା। କୈଳାଶଚନ୍ଦ୍ର ଏଥିରେ ବହୁ ନିର୍ଦ୍ଦେଶ ଦେଇଥିଲେ—ସଂଶୋଧନ ମଧ୍ୟ କଲେ।

ସେତେବେଳେ ଦେଶରେ ଜାତୀୟ ଆନ୍ଦୋଳନରେ ଖଦଡ଼ଧାରୀ, ସତ୍ୟାଗ୍ରହୀ ଏବଂ ସ୍ୱଦେଶୀବାଦୀଙ୍କର ଭିଡ଼ ଥାଏ। ସ୍ୱାଧୀନତା ଆନ୍ଦୋଳନରେ ଭାରତ ଚହଲୁଥାଏ। ଧନୀ ଲୋକ ତାର ମଧ୍ୟ ବିରୋଧ କରୁଥାନ୍ତି। ସେମାନେ ଇଂରେଜଙ୍କୁ ଶାନ୍ତିର ଦୂତ ବୋଲି ମନେକରି ଏ ଆନ୍ଦୋଳନ ବିରୁଦ୍ଧରେ ଥାନ୍ତି। କୈଳାଶ ଏବଂ କୁନ୍ତଳା ଏହି ଅଦ୍ଭୁତ ଆନ୍ଦୋଳନରେ ଯୋଗ ଦେଇପାରିବେ ତାହା ନାନା ଦିଗରୁ ଚିନ୍ତା କରି ସ୍ଥିର କଲେ ଯେ, ଭାରତର ସ୍ୱାଧୀନତା ବା ସ୍ୱରାଜ୍ୟ ଲାଭ ପାଇଁ ଦୁଇଜଣ ଉପାସନା କରିବେ—ଶାନ୍ତିକାମୀ ଯେପରି; ଏବଂ କିଛି କିଛି ଦଣ୍ଡ ପାଇବେ ଓ ସମସ୍ତ ଅପବାଦକୁ ଦୂରେଇ ଦେଶୀ ଦେଶୀରେ ପରିବର୍ତ୍ତିତ କରିବେ।

'ଭାରତସ୍ତୁତି' କବିତାଟିର ପ୍ରକାଶ ଭାବରେ ଏ ଆନ୍ଦୋଳନ ଯେପରି କିଛି ଲେଖିବାର ସୁଯୋଗ ସେତେବେଳେ କୁନ୍ତଳାଙ୍କ ମନରେ ଜାଗ୍ରତ ହୋଇ ନଥିଲା। ବରଂ ଉତ୍ସାହ,

ଜୀବନ ଦାର୍ଶନିକ ଉତ୍କର୍ଷ ବର୍ତ୍ତମାନ ଏବଂ ଅନ୍ତର୍ଦର୍ଶନ ଓ ଜାତୀୟ ସମୃଦ୍ଧିର ଧାରା ବହି ସେ ସେଥିରେ ଖଞ୍ଜିଥିଲେ । କବିତାଟି ସେ ଧୂର୍ଜ୍ଜଟି ବାରମ୍ବାର ପାଠକରି, ଯଥାସାଧ୍ୟ 'ବିବେକୀ' ପ୍ରବନ୍ଧର ନିର୍ଦ୍ଦେଶ ମାନି କିଛି ଛାଡ଼ି ଦେଇ, ପୁଣି ପଢ଼ି ସଂଶୋଧନ କରିଥିଲେ ।

ଖାଟିଆ ପରିବାରର ବେଦାନ୍ତ ପଣ୍ଡିତ ଶ୍ୟାମସୁନ୍ଦର ଖାଟିଆ, ଯେ କି କୈଳାସଚନ୍ଦ୍ରଙ୍କର ବନ୍ଧୁଥିଲେ, ସେ ସେତେବେଳେ କଟକର ବିଶିଷ୍ଟ ଫଟୋଗ୍ରାଫର ଥିଲେ । ବିଶ୍ୱନାଥ କରଙ୍କ 'ଉତ୍କଳ ସାହିତ୍ୟ' ସେତେବେଳେ ସାହିତ୍ୟ ପତ୍ରିକା ହିସାବରେ ଉତ୍କଳବିଖ୍ୟାତ । ତାଙ୍କ ପରିବାରର ଫଟୋ ନେବାରେ ଶ୍ୟାମସୁନ୍ଦର ଖାଟିଆଙ୍କର କର-ପରିବାର ସହିତ ପରିଚୟ ଥାଏ । ତାଙ୍କ ସମ୍ପର୍କରୁ କୈଳାସ ପରିଚିତ ହୁଅନ୍ତି । ବିଶେଷରେ ତାଙ୍କର ହିସାବରେ କଟକ ସମ୍ଭ୍ରାନ୍ତ ବ୍ୟକ୍ତି, ଯେଉଁମାନେ କି ସାହିତ୍ୟସେବା କରନ୍ତି ଏବଂ ସାହିତ୍ୟକୁ ସମାଦର କରିଥାନ୍ତି, ସେମାନଙ୍କ ସହିତ ପରିଚୟ ଥାଏ । କୈଳାସଚନ୍ଦ୍ର ଏପରି କେତେଜଣ ବନ୍ଧୁଙ୍କୁ ସେ କବିତାଟି ପଢ଼ାଇଲେ । ସେମାନେ କବିତାଟିର ପ୍ରଶଂସା କରି କହିଲେ, କିଏ ଲେଖିଛି ? କୈଳାସଚନ୍ଦ୍ର କହିଲେ, ଗୋଟିଏ ଖ୍ରୀଷ୍ଟିଆନ୍ ବାଳିକା ଏହା ଲେଖିଛି ।

ଆଲମସ୍ଥ ଜମାର ଖାଟିଆ ଘରଠୁ ସମସ୍ତେ ଗଲେ ବାଲୁବଜାରସ୍ଥ ଉତ୍କଳ ସାହିତ୍ୟ ପ୍ରେସକୁ । ଜମାତ ହୃତ୍ୟରେ ଶ୍ରୀ ବିଶ୍ୱନାଥ କର ଏକ ଛୋଟ ଘରେ ପରିବାର ଏବଂ ପ୍ରେସ ଧରି ରହୁଥାନ୍ତି । ସୁଯୋଗ ଥିଲା, ବିଶ୍ୱନାଥ କର କବିତାଟି ପଢ଼ିଲେ । କିନ୍ତୁ ସେ ଝିଅଟିକୁ ଦେଖିବାକୁ ଇଚ୍ଛା କଲେ । ତା ମଧ୍ୟ କାର୍ଯ୍ୟରେ ପରିଣତ ହେଲା । ଉତ୍କଳ ସାହିତ୍ୟର ୨୫ଶ ଭାଗ, ୩ୟ ସଂଖ୍ୟା, ଖ୍ରୀ: ୧୯୨୨, ୧୩୨୯ ସାଲ ଆଷାଢ଼ ମାସରେ ସେହି କବିତାଟି ୯୮ ପୃଷ୍ଠାରେ ପ୍ରକାଶିତ ହେଲା । 'ଶେଫାଳି ପ୍ରତି' ପୃ. ୨୧୦ରେ, 'କମଳ ପ୍ରତି' ପୃ. ୩୪୫ରେ ଏବଂ 'ପୂଜା' ନାମକ ଅନ୍ୟ ଏକଟି କବିତା ମଧ୍ୟ ସେହି ବର୍ଷ ପ୍ରକାଶିତ ହେଲା । ପତ୍ରିକାର ସେ ସଂଖ୍ୟା ପ୍ରକାଶିତ ହେବାର କେତେ ଦିନ ମଧ୍ୟରେ ଏକାବେଳେ ୧୦/୧୨ ଖଣ୍ଡି ଚିଠି ଆସି ଦେଖାଦେଲା । ଗୋଟିଏ ଓଡ଼ିଆ ବାଳା ଏପରି କବିତା ଲେଖିପାରେ ? ସେ କିଏ ? କଣ କରେ ? ସେମାନେ ଅନୁରୋଧ ଜଣାଇଲେ—ତାଙ୍କ କବିତା ଆହୁରି ପ୍ରକାଶିତ ହେଉ । ଫଳରେ କୁନ୍ତଳା ଉତ୍କଳ ସାହିତ୍ୟ ପ୍ରେସ ଏବଂ ବିଶ୍ୱନାଥ କରଙ୍କର ଘନିଷ୍ଠ ସମ୍ପର୍କରେ ଆସିଗଲେ । ବିଶ୍ୱନାଥ କରଙ୍କ ଝିଅମାନଙ୍କର ଅନ୍ତରଙ୍ଗ ସୌହାର୍ଦ୍ଦ୍ୟ ଦେଖି ସେ ବିସ୍ମିତ ହେଉଥିଲେ । ସାନ ଝିଅ (ଡାକ ନାମ 'ଚନ') ସୁପ୍ରଭାକୁମାରୀ ସହିତ ତାଙ୍କର ବନ୍ଧୁତା ବଢ଼ି ଉଠିଲା । ସାହିତ୍ୟ କ୍ଷେତ୍ରରେ ସେ କେତେ ପ୍ରସିଦ୍ଧ ଲେଖିକା ହେଲେ, କେତୋଟି ମାସରେ କୁନ୍ତଳାଙ୍କର ଖ୍ୟାତି ଚହଟି ଉଠିଲା । ଏଣେ ତାଙ୍କର 'ଭାଗ୍ୟ ପ୍ରତି' କବିତାଟି ପ୍ରକାଶିତ ହେବା ଦେଖି ଏବଂ ବହୁତ ଚିଠି ତାଙ୍କ ନାମରେ ଉତ୍କଳ ସାହିତ୍ୟ ପ୍ରେସକୁ ଆସିବାର ଦେଖି ସେ କୈଳାସଚନ୍ଦ୍ରଙ୍କ ପାଦ ତଳେ ମଥା ରଖି 'ଆବାହନ' ନାମକ କବିତାଟି ଉପହାର ଦେଇଥିଲେ ।

ମାତୃଭୂଷା ଯହେ ନାଲି ରଙ୍ଗ ଧର୍ମାଲୋକ
ଶତଶତ ଯେତେ ତାର ମଧୁର ଉଜ୍ଜ୍ୱଳ
ଯେ ଆଲୋକେ ସାଂସାରିକ ଦୈନ୍ୟ ଦୁଃଖ ଶୋକ
ଫୁଟି ଉଠିବ ସନ୍ତପ୍ତ ହୃଦୟ-କମଳ ।
ଛାଡ଼ ଚରଣ ରଞ୍ଜନ ସେବକ ସକଳ
ଶୁଦ୍ଧ ମମ ମାତୃଭୂଷା ଫୁଲ ଅଞ୍ଜଳିରେ
ଶୁଦ୍ଧ ଲୁହେଁ ଦେହୁ ଆତ୍ମା ପବନ ମଙ୍ଗଳ
ମୋର ଭୂଷା ବହୁ ଦିନ ମୋତିର କଣ୍ଠରେ ।
ଉତ୍କଳ ସାହିତ୍ୟାଳୟେ ନବ ଯଶୋଗୀତ
ଉତ୍କଳଭାରତୀ ରମ୍ୟ ପୂତ ଗଣ ଦ୍ୱାରେ
ଅମୃତ ଝଙ୍କାରେ ଝୁରି ମୋହୁ ସର୍ବ ଚିତ୍ତ
ପରଶ୍ରେ ମରମ ସ୍ଥଳ ଭୂମୁଣ୍ଡ କୃପାରେ ।

'ଅଞ୍ଜଳି'ର ଏ କବିତା ସହ ଶତ ଶତ କବିତାକୁ କୈଳାସଚନ୍ଦ୍ର, ଭୁଇଁଆଙ୍କ ନାମରେ ପରିବର୍ତ୍ତିତ କରିଦେଇଥିଲେ । ସେ କହୁଥିଲେ—"କୁନ୍ତଳା, ଭୁଲ ବ୍ୟକ୍ତିର ପୂଜା କର ନାହିଁ ।" କିନ୍ତୁ କୁନ୍ତଳାଙ୍କର ଦେବ କିଏ ତା' ମାନେ ? କୈଳାସ ଯୋଗିଏ ସ୍ତ୍ରୀ ଧରାଇଦେଲ ଏବଂ ପ୍ରବାସର ମନୋବୃତ୍ତିରେ କିଛି ପରିବର୍ତ୍ତନ ଆଣିଲେ ସତ, କିନ୍ତୁ ତାଙ୍କ ଅନ୍ତରାତ୍ମାକୁ ଦୁର୍ଦ୍ଦିନବେଦନାକୁ ଭୁଲିବା ଉପରେ ସ୍ଥିର କରିପାରିଲେ ନାହିଁ । ଏହି ସରଳ-ହୃଦୟା ପ୍ରବାସୀର କାତର ଓ ହୃଦୟସ୍ପର୍ଶୀ କବିତାଗୁଡ଼ିକ ତାଙ୍କୁ ଏପରି ବ୍ୟସ୍ତ କରିଦେଉଥିଲା ଯେ, ସେ ସେତେବେଳେ ନାମମାତ୍ର ହେଲେ ମଧ୍ୟ ଧୀରେ ଧୀରେ ସାହିତ୍ୟିକା କୁନ୍ତଳାକୁମାରୀଙ୍କ ନିକଟକୁ ପ୍ରକାଶ୍ୟରେ ଆସିବାକୁ ବାଧ୍ୟ ହେଲେ । ପୂର୍ବରୁ କୁହାଯାଇଛି ଯେ, ସେହିପରି କବିତାର ଅଧିକାଂଶ ହିଁ ପରିବର୍ତ୍ତିତ ହୋଇଯାଇ, ଭୁଇଁଆଙ୍କ ଅଙ୍କକୁ ନେଇ 'ଅଞ୍ଜଳି' ନାମରେ ପ୍ରକାଶିତ ହୋଇଅଛି ।

କୁନ୍ତଳା ସର୍ବଦା ମନରେ ଦୁଃଖ ପାଉଥିଲେ, ସେ କେବେ ନିଜର ସାମୟିକ ଉତ୍ତେଜନାକୁ ନିବୃତ୍ତ କରୁଥାନ୍ତେ ଆଜି ତାଙ୍କୁ ଏହି ଅନୁଶୋଚନା ଭୋଗିବାକୁ ହୋଇ ନ ଥାନ୍ତା । ସେ ଅନ୍ୟମାନଙ୍କ ପରି ଜଣଙ୍କୁ ସ୍ୱାମୀ କରି ସୁଖରେ ଗାର୍ହସ୍ଥ୍ୟଜୀବନ କଟାଉଥାନ୍ତେ । କିନ୍ତୁ ସେଥିରେ କି ତାଙ୍କୁ କୈଳାସ ଦେଲେ, ତାହା ସେ ନାହିଁ ପାଉଥାନ୍ତେ ? ଉତ୍କଳ ସାହିତ୍ୟ କିଏ, ସୃଷ୍ଟି ଆଜି କିଏ ? ପୁଣି ଦୁନିଆର ପ୍ରଶଂସା ତାଙ୍କୁ କିପରି ମିଳନ୍ତା ? କୈଳାସଙ୍କ ଯତ୍ନ ହିଁ ତାଙ୍କୁ ଏହି ବୈଶିଷ୍ଟ୍ୟ ଦେଇଛି । ତାଙ୍କର ପ୍ରତିଭା ନ ଥିଲେ ଅବଶ୍ୟ ଏହା କିପରି ସମ୍ଭବ ହୁଅନ୍ତା ? ସେ ପୁଣି ଭାବୁଥିଲେ, ତାଙ୍କ ସମାଜରେ ତ କେତେ ଶିକ୍ଷିତା ଅଛନ୍ତି । ଚନ୍ଦ୍ରକାମିନୀ ଦାସ, ବି. ଏ. ବି. ଟି, ପୁଷ୍ପକେଶୀ ପ୍ରଧାନ ବି. ଏ., ମିସ୍ ଊର୍ମିଳାବାଳା ନାୟକ ବି. ଏ. ବି. ଇଡ୍. (କେମ୍ବ୍ରିଜ), ମିସ୍ ଉର୍ବିବାଳା ନାୟକ, ବି. ଏ. ବି. ଇଡ୍

(କେମ୍ବ୍ରିଜ୍), ମିସ୍ ସରଳା ଦାସ କାବ୍ୟତୀର୍ଥ, ସତ୍ୟଭାମା; ଲଳିତା ସାହୁ ବି. ଏ. ବି.ଟି., ଭାଗ୍ୟବତୀ ଦାସ ବି. ଏ. ବି.ଟି., ଚନ୍ଦ୍ରପ୍ରଭା ବୋଷ ବି. ଏ., ପ୍ରଭାସନଳିନୀ ଦାସ ବି. ଏ., ପ୍ରିୟମ୍ବଦା ନାୟକ, ସ୍ନେହବାଳା ନାୟକ, ବନଲତା ଦାସ, ସ୍ନେହଲତା ଦାସ, ପ୍ରେମକୁନ୍ତଳା ଦେବୀ, ଇନ୍ଦୁମତୀ, ଚନ୍ଦ୍ରପ୍ରଭା ଆଦି ଅନେକ ଶିକ୍ଷିତା ରମଣୀ ତାଙ୍କ ପରି ସମସ୍ତ ଦେଶରେ ପରିଚିତ ନ ହୋଇପାରନ୍ତି କାହିଁକି ?

'ଶେଫାଳି ପୁଷ୍ପ' କବିତା ରଚନା—

ଭାବୁଥିଲେ ସେ ଏ ଜାତି ଓ ଭୂମିକି କଣ କରିବେ ? କାହା କଣ ଏଥିକି ଦେବେ ? ଜନ୍ମଭୂମି ପ୍ରତିରେ ସେ ବ୍ୟସ୍ତ ହୋଇଯାଉଥିଲେ । ଅସ୍ତ୍ରା ବୋଧ ମାନୁ ନ ଥିଲା । କିପରି ଜୀବନ ଦେଇ ସେ ଉପକାର କରିବେ ? ସାହିତ୍ୟ, କୈଳାସପଦ୍ ଦେଇଥିବା ଦେଶରେ ସେ କବିତା ଲେଖି ସମସ୍ତ ଉପକାର କରୁଥିଲେ । କେତେବେଳେ ତାଙ୍କର ମନ ଶୋଭା ଉଲ୍ଲସିତ ଆସିବାକୁ ଲାଗିଲେ । ରଙ୍ଗାମହଲରେ ତାଙ୍କ ଅଗଣାରେ ଶେଫାଳି (ଗଙ୍ଗଶିଉଳି) ଗଛଟିଏ ଥିଲା । ଗଛଟି ଅବଶ୍ୟ ବୁଢ଼ା ହୋଇ ଯାଇଥିଲା; କିନ୍ତୁ ଫୁଲ ଫୁଟୁଥିଲା । ସେ ସେହି ଫୁଲଗନ୍ଧରେ ଅମୋଦିତ ହୋଇ କବିତାଟିଏ ଯାହା ଲେଖିଥିଲେ, ତାହାର ନାମ 'ଶେଫାଳି ପୁଷ୍ପ' । ଏହି ସୌନ୍ଦର୍ଯ୍ୟ ରସିକ କବିତାଟିରେ ଦର୍ଶନର ଗଭୀରତା, ତାଙ୍କ ସୂକ୍ଷ୍ମ ଭାବ ବେଦନା, ପୂର୍ଣ୍ଣ କରିଦେଇଥିଲେ ।

ସେହି କବିତାଟି ପ୍ରକାଶିତ ହେବା ଦିନ ସେ ବଜାରରୁ ପଚିଶି ଟଙ୍କିଆ ଶାଢ଼ୀ କିଣି ଆଣି ଗଣ୍ଡଗୋଳ ବାଣ୍ଟିଥିଲେ । ତାଙ୍କ ଆଖିରୁ ଲୁହ ବହିଯାଉଥିଲା ! ତାଙ୍କ ଭାଇ ସା'କୁମାଆ ପଚାରିଥିଲେ, "କୁନ୍ତଳା, ଏତେ କାନ୍ଦୁଛ କାହିଁକି, ମାଆ ?" କୁନ୍ତଳା କହିଥିଲେ, "ସାନ୍'ମା ! ତୁମର ସେ ଦିନର କାହାଣୀ ମନେପଡ଼ିଯାଉ କାନ୍ଦୁଛି । ତୁମେ ମୋର ଶାଢ଼ୀ ଟଙ୍କିକ ଦେଖି ପରେ ସାବୁନ ଦେଇ ଧୋଇ ଘରେ ଶୁଖାଉଥିଲ । ତାହା ମୁଁ ଦୁଇଦିନ ପିନ୍ଧିବା ପରେ ପୁଣି ଧୋଇ ଶୁଖାଉଥିଲ । ମନେ ମୋର ସାଥୀ ହିଁ ପଚାରନ୍ତି—କୁନ୍ତଳା ! ତୁମର କଣ ଏଇ ଟଙ୍କିକ ଶାଢ଼ୀ ! ଲଜ୍ଜା ଲାଗେ, ମୁଁ କିଛି କହିପାରେ ନାହିଁ । କିନ୍ତୁ ଅନ୍ୟ ଜଣେ ସଙ୍ଗିନୀ କହନ୍ତି—ସେ ଖ୍ରୀଷ୍ଟିୟାନ ଝିଅ, ରଙ୍ଗଢଙ୍ଗ ସେ କଣ ଦେଖାଇବ ? ତେଣୁ ଏକାଭଳି ଶାଢ଼ୀ କିଣିଛି । କିନ୍ତୁ ମୋର ଅଭିଧାନରେ ଏବେ ପ୍ରଥମ ହିଁ ଅଛି, ଶାଢ଼ୀରେ ଗୋଟାଏ ତରୁ ଦେବଦେବୀଙ୍କ କାହିଁକି ଦେଇନଥିଲେ । ତୁମେ ତାହା ଭଲ ଜାଣିପାରିଥିଲ ସା'କୁମା ! ମୋର ଇଜ୍ଜତ ରକ୍ଷାପାଇଁ ତାକୁ କେତେ ଯତ୍ନରେ ସେ ଲୁଚାଉଥିଲ, ତା ଆଜି ମନେପଡ଼ୁଛି । କେମ୍ବ୍ରିଜ, କୋଟା, ଆଉ କଣ ମନେ ପଡ଼ୁନାହିଁ । ତୁମର ସେଇ ଝିଅଟିର କନ୍ୟା ଆଜି ୨୫ ଟଙ୍କିଆ ଶାଢ଼ୀ ବାଣ୍ଟିବାକୁ ସମ ହୋଇପାରିଛି ।"

ସା'ଙ୍ଗମା ଅନୁଦାର ନ ଥିଲେ । ତାଙ୍କର ବଡ଼ଲୋକୀ ଥିଲା । ସେ ନିଜ କାନରେ କାଗୁଣୀର ଲୁହ ପୋଛୁ'କହୁଥିଲେ—"ନାଥ, ଏହାହିଁ ସଂସାରର ସତ ।"

କୁନ୍ତଳାକୁମାରୀଙ୍କ ସାହିତ୍ୟିକ ପ୍ରତିଭାରେ ମୁଗ୍ଧ ହୋଇ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କୁ ଧର୍ମଝିଅ କଲେ । ସାହିତ୍ୟିକ ଶଶିଭୂଷଣ ରାୟ, 'ମୁକୁର'ର ସମ୍ପାଦକ ବ୍ରଜସୁନ୍ଦର ଦାସ, ସମ୍ବଲପୁରବାସିଆ ମୁକୁର ପରିଚାଳକ ଦୟାନିଧି ମିଶ୍ର, ଚନ୍ଦ୍ରତଂ କମାସର ପଣ୍ଡିତ ଅନୁକୂଳ ମିଶ୍ର, ଶ୍ରୀକୃଷ୍ଣ ଚନ୍ଦ୍ରାମଣି ଆଚାର୍ଯ୍ୟ, ବ୍ରହ୍ମପୁରର ରାମଚନ୍ଦ୍ର ଅଚାର୍ଯ୍ୟ, 'ଆଶା'ର ସମ୍ପାଦକ ଶଶିଭୂଷଣ ରଥ, ପଣ୍ଡିତ ନୀଳକଣ୍ଠ ଦାସ, 'ଆଶା'ର ତତ୍କାଳୀନ କର୍ମୀ ଓ ପରେ 'ନିଆଁ-ଖୁଣ୍ଟା'ର ସମ୍ପାଦକ ଗୋଦାବରୀଶ ମହାପାତ୍ରଙ୍କ ସହିତ ତାଙ୍କର ପରିଚୟ ଘଟିଥିଲା । ଏସବୁ ଉତ୍ସାହ ସୂତ୍ରରେ ଏବଂ ତାଙ୍କର ସ୍ୱୀୟରେ, ନାନା ସ୍ତରରେ ବଢ଼ିଚାଲିଲା । ଏଣିକି ସେ ଜଣେ ପ୍ରଶଂସିତ ନାରୀ କବି ବୋଲି ପରିଚିତ ହୋଇଗଲେ ।

ସେତେବେଳେ 'ଉତ୍କଳ ସାହିତ୍ୟ'ରେ ଗଙ୍ଗାଧର ମେହେର, ଜଳନ୍ଧର ଦେବ, ଭାରତୀ ଚରଣ ରଥ, ନାରାୟଣମୋହନ ଦେ, ଗୋପାଳଚନ୍ଦ୍ର ପ୍ରହରାଜ, ଶଶିଭୂଷଣ ରାୟ, କୃପାସିନ୍ଧୁ କର, ପଦ୍ମଚରଣ ପଟ୍ଟନାୟକ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ମୃତ୍ୟୁଞ୍ଜୟ ରଥ, ମଧୁସୂଦନ ରାଓ ଆଦି ସାହିତ୍ୟରଥୀମାନେ ଲେଖାଲେଖି କରୁଥାନ୍ତି । ଯୁବକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଲେଖା ମଧ୍ୟ ବାହାରୁଥାଏ । ଫଳରେ କୁନ୍ତଳା ଏ ସବୁ ମହାନ୍ ଗୁଣବନ୍ତମାନଙ୍କ ଶ୍ରେଣୀରେ ଆସିବାର ସୁଯୋଗ ଲାଭକଲେ ।

'ଅଞ୍ଜଳି' ଓ 'ଆହ୍ୱାନ' ବହିର ପ୍ରକାଶ—

୧୯୧୬ ଜାନୁଆରୀ ପ୍ରଥମ ସପ୍ତାହରେ ଦର୍ପଣୀରାଣୀ ଜଟିଳ ଏକ ବ୍ୟାଧିରୋଗ ଚିକିତ୍ସା ପାଇଁ କୁନ୍ତଳାଙ୍କୁ ଡକାଇଥିଲେ । ତାଙ୍କ ଚିକିତ୍ସାରେ ରାଣୀ ଏକ ସପ୍ତାହ ମଧ୍ୟରେ ଭଲ ହୋଇଯାଇଥିଲେ । ପାରିଶ୍ରମିକ ଆଦି ଦେଇ କଟକ ପଠାଇଦେବା ପରେ ପରେ ଅପରେ ସେ କଟକ ଆସି କୁନ୍ତଳାଙ୍କୁ କହିଥିଲେ, "ଡାକ୍ତରାଣୀ, ଆପଣ ତ କବିତା ଲେଖନ୍ତି । ଖଣ୍ଡିଏ ବହି ମୋ ଖର୍ଚ୍ଚରେ ପ୍ରକାଶ କରନ୍ତୁ ।" କୁନ୍ତଳାକୁମାରୀ କହିଥିଲେ, "ରାଣୀସାହେବା, ମୁଁ ମୋ ନିଜ ଧନରେ ସେପରି କିଛି କରିବି, ଭାବୁଛି । ତେବେ ଏସବୁ ମୋର ପରବର୍ତ୍ତୀ ବନ୍ଧୁମାନଙ୍କ ପରି କରିବା ସପକ୍ଷରେ ମୁଁ ନାହିଁ ।"

ରାଣୀ ଦୁଃଖିତ ହୋଇ କହିଥିଲେ, "ଆପଣ ଶିକ୍ଷିତା, ବୁଝିପାରୁନାହାନ୍ତି । ଏପରିସ୍ଥଳେ ଯଦି କେହି ନେହୁ ପୁସ୍ତକଟିଏ ପ୍ରକାଶିତ କରେ, ସେଥିରେ ଆପଣଙ୍କର କିଛି ନ୍ୟୂନତା ପ୍ରକାଶିତ ହେବନାହିଁ । ପୂର୍ବବର୍ତ୍ତୀ ଶକ୍ତି କବିମାନେ କଣ ଭୂସ୍ୱାମୀଙ୍କ ପୋଷିତ ନୁହନ୍ତି ?"

କୁନ୍ତଳାକୁମାରୀ ମାତୃସମା ଶ୍ରେଷ୍ଠ ଦେବୀଙ୍କର ଅଶ୍ରୁ ଲାଘବ କରି ଏ ଯାଏ ନୀରବ ରହିଥିଲେ । ମୁକୁର ପ୍ରେସରେ ବହି ଛପାହେବାର ପ୍ରସ୍ତାବ ଥିବାରୁ ରାଣୀ ସେହି ପ୍ରେସକୁ ଦଶଶତ ଟଙ୍କା ପଠାଇଦେଇଥିଲେ । ଏହି ଟଙ୍କାରେ 'ଅଞ୍ଜଳି' ଛପାହୋଇଥିଲା । କୁନ୍ତଳାକୁମାରୀ ମଧ୍ୟ ନିଜର କୃତଜ୍ଞତା ଜଣାଇ ବହିଟି ସେହି ରାଣୀଙ୍କୁ ଉତ୍ସର୍ଗ କରିଥିଲେ ।

ଓଁ

ଅଶେଷସଦ୍‌ଗୁଣାଳଙ୍କୃତା, ଦୟାଦାକ୍ଷିଣ୍ୟମଣ୍ଡିତା, ହୃଦ୍‌ରମଣୀୟ ଆଦର୍ଶସ୍ଥାନୀୟା, ସାହିତ୍ୟାନୁରାଗିଣୀ, ପ୍ରତିଭାମୟୀ ଦର୍ପଣୀ କଣ୍ଠାଧୀଶ୍ୱରୀ, ପୂଜନୀୟା ରାଣୀ ଲକ୍ଷ୍ମୀଦେବୀଙ୍କର ଶ୍ରୀକରକମଳରେ ମୋହର ଭକ୍ତି ଓ ପ୍ରୀତିର ଅଞ୍ଜଳି ନିଦର୍ଶନସ୍ୱରୂପ ଅର୍ପିତ ହେଲା ।

ଶ୍ରୀମତୀ କୁନ୍ତଳାକୁମାରୀ ସାବତ

କଟକ, ୫ । ୨ । ୨୨

—ଠିକ୍ ଏତିକି ଲେଖାଯାଇଥିଲା । ବହିଟି ୧୯୨୩ ଜାନୁଆରୀ ମାସରେ ପ୍ରକାଶିତ ହୋଇଥିଲା । ୮୦ ପୃଷ୍ଠାର ଡବଲ୍‌ଡିମାଇ ୧୬ ପେଜ ବହିଟି ଟ ୧। ମୂଲ୍ୟ ରଖାଯାଇଥିଲା; କିନ୍ତୁ ସେ ନିଜ ଖର୍ଚ୍ଚରେ ଗଳ୍ପ ବହିଟିଏ 'ଭ୍ରାନ୍ତି' ନାମରେ ଏହା ଆଗରୁ ବାହାର କରିଥିଲେ, ମୂଲ୍ୟ ଛଅଅଣା । କିନ୍ତୁ 'ଅଞ୍ଜଳି' ବହିଟି ଛପାଇବାରେ ମୁକୁର ପ୍ରେସ ଅଯଥା ଡେରି କରିଥିଲେ । 'ଅଞ୍ଜଳି' ବହିର ସମ୍ମୁଖ ଭାଗରେ କୈଳାସ ଡାକ୍ତରଙ୍କ ଝିଅର ଛବିଟି ଅଞ୍ଜଳିବଦ୍ଧ ଭାବେ ଦିଆଯାଇଥିଲା । 'ଭ୍ରାନ୍ତି'କୁ ତାଙ୍କର ପ୍ରଥମ ପୁସ୍ତକ ବୋଲି ଧରିନେବାକୁ ହେବ । କିନ୍ତୁ ପ୍ରେସରେ ପ୍ରଥମ କରି 'ଅଞ୍ଜଳି' ଛପା ଆରମ୍ଭ ହୋଇଥିଲା । ଏ ଛପାର ଦାୟିତ୍ୱ ମୁକୁରର ମ୍ୟାନେଜର ବିଶ୍ୱନାଥ ମିଶ୍ର ନେଇଥିଲେ । ବହିଟି ବାହାରିବାପରେ ତାହା ଏକାନ୍ତ ଲୋକପ୍ରିୟ ମଧ୍ୟ ହୋଇଥିଲା ।

ବହିଟି ଜଣେ ସ୍ତ୍ରୀଲୋକଙ୍କୁ ଉତ୍ସର୍ଗ କରିବାରେ ଏକ ଉଦ୍ଦେଶ୍ୟ ମଧ୍ୟ ରହିଥିଲା । ନିଜର ବହୁ ବାଞ୍ଛିତ ଓ ପ୍ରତୀକ୍ଷିତ ରଚନାକୁ ପରିବର୍ଦ୍ଧିତ କରି ବାହାରେ ପ୍ରକାଶିତ କରିବା ପୂର୍ବରୁ ପୃଷ୍ଠପୋଷିକା ଲୋଡ଼ା ଥିଲେ, ଜାଣେ ଧନ୍ୟପତ୍ନୀମାନେ । ତେଣୁ ଜଣେ ସୁପ୍ରସିଦ୍ଧା ଅଭିଜାତ ରମଣୀଙ୍କୁ ତାହା ଉତ୍ସର୍ଗ କରିବାଦ୍ୱାରା ଭାବୁଥିଲେ ସେମାନଙ୍କର ଦୃଷ୍ଟି ଯୋଗାଡ଼ ହୋଇପାରେ । କିନ୍ତୁ ପ୍ରକୃତରେ ସେ ସବୁ କଟକଠାରେ ଏହି ଅଭିନନ୍ଦିତ ବ୍ୟାପାର ଜଣାଯିବାର ଅବକାଶ ନ ଥିଲା । ହେଲେହେଁ ଏପରି ବସ୍ତୁ ଅନେକ ସମୟରେ ଅଦେଖ ତ ?

ବାସ୍ତବରେ ଏ କ୍ଷେତ୍ରରେ ଏହି ସତ୍ୟ ପ୍ରକାଶିତ କରାଯିବା ଉଚିତ ନ ଥିଲା । କିନ୍ତୁ ତାଙ୍କ ଜୀବନରେ ଏହି ସତ୍ୟ ଏପରି ଭାବରେ ଅନୁରଞ୍ଜିତ ରହିଛି ଯେ ତାହା ଛାଡ଼ିଦେଲେ ତାଙ୍କର ଜୀବନକାହାଣୀ ବୋଲି କିଛି ରହିବ ନାହିଁ । କେଉଁଠି କବିତାରେ 'ତୁ ଯଦି ମୋ ନେଲେ ପ୍ରିୟ, ତାଙ୍କ ନେଲେ ନେବ ଶ୍ରେୟ, ମୁଁ କି ନେବି କାଳେ ?'

ଏହା ମନୁଷ୍ୟଙ୍କୁ ଲକ୍ଷ୍ୟକରି ଲେଖାଗଲା । ଏହା ସେତେ ସତ୍ୟ ହେଲେହେଁ କବି ନନ୍ଦକିଶୋର ବଳଙ୍କ ମନ୍ତବ୍ୟରେ ଏ ତଥ୍ୟ ଧାର ଏବାହେଲେ ଲୁଚିଗଲା : "ଆମ୍ଭମାନଙ୍କ ସମାଜ କନ୍ୟା ଅଳ୍ପ ବୟସରେ ନିସର୍ଗ ଜଗତ୍ ମଧ୍ୟରେ ବିଶ୍ୱସ୍ରଷ୍ଟାଙ୍କର ମହିମାକୁ ଈଶ୍ୱର ଦର୍ଶନେ ପାଇ ଏବଂ ଗଭୀର ଭାବରେ ତାହା ପ୍ରାଣରେ ଅନୁଭବ କରି, ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଆଦରଣୀୟ ଉତ୍କଳ ସାହିତ୍ୟ ଏପରି ପୁଣ୍ୟ ସଙ୍ଗୀତଦ୍ୱାରା ସୁଶୋଭିତ ମଣ୍ଡିତ ହୋଇଛି । ଆମ୍ଭମାନଙ୍କର ସମାଜ କବିଙ୍କର କୌଣସି ବିଶେଷତ୍ୱ ଏହି ଯେ, ତାଙ୍କର ସବୁ କବିତା ଭଗବଦ୍ଭକ୍ତିପ୍ରେମଦ୍ୱାରା ପବିତ୍ରୀକୃତ ଓ ଧର୍ମଭାବାନୁପ୍ରାଣିତ । ଏତେ ଅଳ୍ପ ବୟସରେ ଏବଂ ସାହିତ୍ୟଚର୍ଚ୍ଚାରେ ପ୍ରତିକୂଳ ଖ୍ରୀଷ୍ଟ ଧର୍ମାନୁଶୀଳନ ମଧ୍ୟରେ, ଜାତୀୟ ଭାବିକ ପ୍ରଭୃତି ଲେଖକ ଓ କବି ମଧ୍ୟରେ ପୂଜା, କୁନ୍ତଳାଙ୍କ ସ୍ତବଦୃଷ୍ଟି ଉତ୍କଳରେ ବିରଳ । ତଥାପି ନିସର୍ଗ ଦୃଶ୍ୟ ନିରେଖି ହିଁ ତାଙ୍କର ଅନ୍ତର ବିକାଶର ହେତୁ ବୋଲି ପ୍ରତୀୟମାନ ହୁଏ ।"

ଏ ମନ୍ତବ୍ୟ ପରେ ତାଙ୍କ କବିତା ବାହୁଲ୍ୟ କାରଣ ଓ ଘଟଣାକୁ ଅନ୍ତସ୍ଥ କରି ରଚିତ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ଅପ୍ରାସଙ୍ଗିକ ହେବ ପ୍ରସ୍ତାବକ । କିନ୍ତୁ ଏ କଥା ସତ୍ୟ ଯେ ମନୁଷ୍ୟର ଜୀବନଧାରା ପଦ୍ଧତି ଓ ତାର ଲେଖନୀ ମଧ୍ୟରେ ବହୁ ସାମଞ୍ଜସ୍ୟ ଦେଖାଯାଏ । ଉକ୍ତ କବିତା ବା ରାଧାନାଥଙ୍କ କବିତାକୁ ପ୍ରଥମେ ଦୃଷ୍ଟି ପଥରେ ରଖି ଆଲୋଚନା କଲେ ଜାଣି, ଉକ୍ତ ଏକମାତ୍ର ନାୟିକାର ଶ୍ରଦ୍ଧା ଓ ପ୍ରେମକୁ ପାଇବାରେ ଦୁର୍ଭାଗ୍ୟର କଳ୍ପନା କରିଛନ୍ତି—ଠିକ୍ ତାଙ୍କ ଜୀବନ ସେପରି ଗଠିତଥିଲା । ତାଙ୍କର ମୁଗ୍ଧତା-ସ୍ୱଭାବ, ତାଙ୍କର ପ୍ରଣୟ ଓ ପ୍ରବୃତ୍ତିମାନର ଭରସା ଏପରି ସାମାନ୍ୟ କେତୋଟି ଘଟଣାକୁ ସେ ପସନ୍ଦ କରିଛନ୍ତି । ନାୟକ ରୂପ ଏବଂ ରତି ପ୍ରୀତିକୁ ହିଁ ସେ ସେପରି ଦୃଷ୍ଟି ଅନୁକ୍ରମେ ହେଉ କରିବେ, ତାର ଛବି ଆଙ୍କିଛନ୍ତି । ସେ ଗୃହତ୍ୟାଗୀ ଥିଲେ ଏବଂ ତାଙ୍କ ସମୟରେ ଦେଶର ଅବସ୍ଥା ସେପରି ଏକ ମାଧୁର୍ଯ୍ୟ ପରିବେଶରେ ରହିଆସିଥିଲା ।

ରାଧାନାଥ ନିଜର ଏକାନ୍ତ ଜୀବନର ଏହି ଅଦ୍ଭୁତ ରୂପରି ସୁନ୍ଦରର ସଙ୍ଗ ଇଚ୍ଛା କରନ୍ତି, ତାହାର ହିଁ ଛବି ଦେଇଛନ୍ତି । ତା' ମଧ୍ୟ ତାଙ୍କ ଜୀବନରେ ଘଟିଥିଲା । ସେ ବିଦେଶୀ ଶାସନକୁ ସହ୍ୟ କରିପାରୁ ନଥିଲେ ଏବଂ ପ୍ରାକୃତିକ ଦୃଶ୍ୟଗୁଡ଼ିକ ଅନୁଭବ କରିବାକୁ ବ୍ୟାକୁଳ ଥିଲେ । ସେତେବେଳେ ସ୍ୱଦେଶର ମନୋବୃତ୍ତି ସେହି ପ୍ରଭାକୁ ଆଣିଯାଇଥିଲା । ପୁଣି ସୌନ୍ଦର୍ଯ୍ୟର ଶେଷ ସୁନ୍ଦର ଉତ୍କଳରେ ସେ ଯାଏ ମଧ୍ୟ ବସିଥିଲା । ଖଣ୍ଡଗିରିକାନନ ଅନାବୃତ ପଥେ ମଦନ ଶରତ୍, ବିକଶିତ ଥିଲା କମଳକୋରକ ପଦ୍ମରେ ନୀରବ ଦର୍ଶନୀୟ ଶୋଭା-ଦେଖି, ଜଳକେଳିପାଶେ କୁମୁଦକାନନ୍ଦିତା ଚନ୍ଦ୍ରତାରକା ଦେଖି ରାଧାନାଥ ଉନ୍ମତ୍ତ ହୋଇ-ଯାଇଥିଲେ । ଏହି ସୌନ୍ଦର୍ଯ୍ୟକୁ ଅନୁଭବ କରିବାକୁ ମଧ୍ୟ ଭଲ ଥିଲା ଅଶେଷ ଉଦ୍ଧାର । କାରଣ ତାହା ଅପ୍ରେମୀସ୍ତ୍ରୀଙ୍କ ଆତ୍ମିକ ଭାବର ଶିଶୁ ମୁଖରେ ବହୁବା ପଣ୍ଡି ପଢ଼ିଥିଲା । ସେ ଉତ୍କଳର ବାସ୍ତୁ-ସୌନ୍ଦର୍ଯ୍ୟରେ ଏପରି ବିମୁଗ୍ଧ ହୋଇଥିଲେ ଯେ, ଲେଖିଗଲେ—

ମଗଧେ ମୋ ଥିଲେ ଅନେକ ବନେ ଗୁଣୀ ଦେଖିଛୁ କେତେ ପୁରୁଷ
ଏ ଯୋଷା ଚରଣ-ପଦ୍ମ ପରଶକୁ କୋଟିକେ ବି ନୋହେ ସମ।

କେଉଁ ଦୃଷ୍ଟିକୋଣ ଓ ତାର ନିଜ ଜୀବନର ଅନୁଭବରୁ ଏ ସବୁ ସୃଷ୍ଟି ହୋଇଥାଏ। କୁନ୍ତଳାକୁମାରୀ ଖ୍ରୀଷ୍ଟିଆନ କୁଳରେ ଜନ୍ମିଥିଲେ। ଯୀଶୁଙ୍କୁ ପ୍ରଭୁରୂପେ ଜୀବାତ୍ମା ସ୍ୱୀକାର କରିବା, ଭକ୍ତିଭାବରେ ନିରନ୍ତର ତନ୍ମୟ ହୋଇ ନିଜକୁ ସ୍ୱ ଅସ୍ତିତ୍ୱ ସମର୍ପଣ କରିବା, ଏହା ହିଁ ତାଙ୍କ ଉପାସନାର ଆଦର୍ଶ। ଖ୍ରୀଷ୍ଟଧର୍ମ ହିଁ ସାଧାରଣ ଭକ୍ତିମୂଳକ। ସେଥିରେ ସେହି ଭାବର ନିବେଦନ ତାହାହିଁ ଏହି କବିତାଗୁଡ଼ିକରେ ତାଙ୍କର ବ୍ୟକ୍ତିଗତ ଦୁଃଖ ଦେଇ ପ୍ରକଟିତ ହେଲା। ତେଣୁ ତାଙ୍କ କବିତାରେ ପ୍ରଥମ ପ୍ରଥମ ଏହି ଖ୍ରୀଷ୍ଟିଆନ ଧର୍ମର ଛାୟା ରଞ୍ଜିତ ହେବା ସ୍ୱାଭାବିକ। ତାଙ୍କର ପ୍ରେମ ଏପରି ଭକ୍ତିମୂଳକ ଯେ, ତାହା ବ୍ୟକ୍ତିଠାରେ ପ୍ରଯୋଗ ହୋଇପାରେ; ଦେବତାଠାରେ ମଧ୍ୟ ପ୍ରଯୋଗ ହୋଇପାରେ। ତେଣୁ ଜନସାଧାରଣ ବାଲ ଏହି ପ୍ରକୃତ ସମନ୍ୱୟ ଜାଣିପାରିଥିଲେ ମଧ୍ୟ କବିତା ପଢ଼ି କେହି ଏହା ପ୍ରକୃତିଗତ ବୋଲି ମତ ଦେଇପାରି ନଥାନ୍ତେ। କିନ୍ତୁ ତା ସତ୍ତ୍ୱେ କୁନ୍ତଳାଙ୍କ ଜୀବନର ସତ୍ୟକୁ ଲୁଚାଇ ରଖିବାର ସୁବିଧା ନାହିଁ।

ସେ ଯୋଉଁଠି ବ୍ୟକ୍ତିକୁ ନିଜର ଦେହ, ମନ, ଆତ୍ମା ସମସ୍ତକୁ ଯୀଶୁଙ୍କଠାରେ ଯାହା ଭକ୍ତି ସମର୍ପି ଦେବାପରି ସମର୍ପି ଦେଇ, ନୈତିକତାକୁ ଦୃଢ଼ଭାବେ ରକ୍ଷା କରିବାକୁ ଯାଇ ସେହି ବ୍ୟକ୍ତିକୁ ନପାଇ ଦୁଃଖ ହୋଇଥିଲେ। ତାଙ୍କୁ ସେ କି ଦୃଷ୍ଟିରେ ଦେଖୁଥିଲେ, ତା ପାଇଁ କି ସ୍ୱପ୍ନ ଦେଖୁଥିଲେ, ତାଙ୍କର ଖଣ୍ଡିଏ ଚିଠିରୁ ତାହା ଜଣାଯିବ। ସେ ଲେଖିଛନ୍ତି —

“ମହାଶୟ !

ତୁମ୍ଭେ ମୋତେ ଧର୍ମଶିକ୍ଷା ଦେଇଛ। ତୁମ୍ଭଦ୍ୱାରା ମୁଁ ଉପନିଷଦ୍ ଓ ଗୀତାର ଗଭୀର ମର୍ମାର୍ଥ ଅବଗତ ହୋଇଅଛି। ମୋହର ଆଧ୍ୟାତ୍ମିକ ପ୍ରଥମ ଶିକ୍ଷକ ତୁମ୍ଭେ। ମାନବର ପୁନର୍ଜନ୍ମ ବିଷୟରେ ପ୍ରମାଣ ତୁମ୍ଭକୁ କିଏ ଦେବାକୁ ହେବ ? ଶ୍ରୀମତୀ ବେଶାନ୍ତ୍ ବାଈଙ୍କ ପୁସ୍ତକ ପାଠକରି ମୁଁ thought concentration ଶିକ୍ଷା କଲି। ଭୂ, ଭୁବ ସ୍ୱର୍ଲୋକର ଗତିପଥ ଆବିଷ୍କାର କରିବାର ସାଧନା ଆରମ୍ଭ କଲି; କିନ୍ତୁ ମୋର ଦୃଢ଼ ବିଶ୍ୱାସ ଓ ଏକାଗ୍ର ଆକାଂକ୍ଷା ଫଳରେ ମୁଁ ନିମ୍ନଲିଖିତ ବିଷୟ ଜାଣିପାରିଅଛି। ତୁମ୍ଭେ ଓ ମୁଁ ଯେପରି ସତ୍ୟ, ଧର୍ମ ଯେପରି ସତ୍ୟ, ସତ୍ୟ ଯେପରି ଜ୍ୱଳନ୍ତ ଉଜ୍ଜ୍ୱଳ, ଏକଥା ବି ସେହିପରି ସତ୍ୟ। ତୁମ୍ଭେ ଅବିଶ୍ୱାସ କରିବ ନାହିଁ। ଏହା କବିର କଳ୍ପନା ବା ନଭେଲ୍ ନୁହେଁ।

ତୁମ୍ଭେ ଜାଣ, ମୁଁ ସବୁଦା ସ୍ୱପ୍ନରେ ଅନେକ ବିଷୟ ଜାଣିପାରେ। ମୁଁ ମୋହର ପୂର୍ବଜନ୍ମ ମଧ୍ୟ ଏହିପରି ସ୍ୱପ୍ନରେ ଜାଣିପାରିଅଛି। ଏହା କବିର କଳ୍ପନା ବା fancy ନୁହେଁ; ଧ୍ରୁବସତ୍ୟ। ତୁମ୍ଭେ ବିଶ୍ୱାସ କରିବ।

Cuttack.

୨୯.୧୦.୪୮.

ସ୍ନେହାସ୍ପଦ!

ତୁମ୍ଭ ମୋତେ ଦେଇଥିବା ଚିଠି ପାଇଲି, ତୁମ୍ଭ ସ୍ୱାମୀଙ୍କୁ ଯାହାକହ ଅକାଳରେ ଲୋକଙ୍କୁ ଚିନ୍ତା ଦେଉଛ ଶୁଣୁଥିଲୁ। ମୋ ପ୍ରତି ସୁବିଧା ହେଲେ ପ୍ରଥମ ଚିଠି ଦେବୁ। ସାଧାରଣ ବୁଝିବି, ଏମାନଙ୍କୁ ପ୍ରଣାମ ଜଣାଇବୁ ଜଣ ଦେଖାଇବୁ ଦେବେ ? ଶୀଘ୍ର ଲେଖିବୁ ଉତ୍ତର ଦୁଇଟି ୨/୦ ଜଣଙ୍କୁ thought concentration ଶିଖା ଜଣା। ତୁ, ତୁମ ସ୍ତ୍ରୀଲୋକର ଜୀବନ ସାଧନାରେ ଶିକ୍ଷା ପାଇବା ଆବଶ୍ୟକ ଜାଣିବା ଉଚିତ ମୋର ପୁଅ ଏଥିରେ ୪ ଓ ୦ ଜଣଙ୍କୁ ଆଦର୍ଶ ଶିକ୍ଷା ଦେଇ ଙ୍କୁ ସାଧୁ ଶିକ୍ଷା ଦେଲେ ଜାଣି ପାରିଥାନ୍ତୁ। ତୁମ୍ଭ ଓ ଙ୍କୁ ଦେଖିଲେ ଭଲ, ଯଦି ଦେଖିଲେ ଭଲ, ଭଲ ଦେଖି ଭଗବାନ ଭଲ ୦ ଜଣଙ୍କ ଖେଳି ଭଲ। ତୁମ୍ଭ ଅଭ୍ୟାସ କରିବ ନାହିଁ। ତାଙ୍କର ଜଣାଇବ ଆଶୀର୍ବାଦ ଦେବି।

ତୁମ୍ଭ ମାଆ ଙ୍କୁ ଶରୀର ଭଲରେ ଥିଲେ ଏଥିରୁ ଜାଣିବାରେ ଙ୍କୁ ମୋର ଧ୍ୟାନ ନିଶ୍ଚୟ ଦେଇଥିବି ଅଧିକର ଜାଣି ପାରିଥାନ୍ତୁ। ତୁମ୍ଭ ଆସନ୍ତା ଜାନୁଆରୀ January ଦେବି। ଆଉ ନାହିଁ। ତୁମ୍ଭ ଆଶୀର୍ବାଦ ଜାଣିବି।

ମୁଁ ସକାଳୁ ଉଠିଲି । ମସ୍ତକ ଉଠେଇଲି । ପ୍ରାର୍ଥନା କଲି । ତୁମକୁ ସ୍ମରଣ କରି ହିଁ ଚେ ଯାଉଛି । ଶୀତ ବହୁଲେଇ ହିଁକୁ ଅଣ୍ଡି ଆଖିି ନିଦ୍ରାମଗ୍ନ ହେଲି; କିନ୍ତୁ ମୋର ଆତ୍ମା ଜାଗ୍ରତ ଥିଲା । ମୁଁ ଦେଖିଲି, ମୋ ଦେହ ଭିତରେ ଗୋଟିଏ ଅସ୍ୱାଭାବିକ ସ୍ପନ୍ଦନ ହେଉଛି । ମୋ ମୁହଁରୁ violet (ବାଇଗଣୀ) ରଙ୍ଗର କ୍ଷୁଦ୍ର କ୍ଷୁଦ୍ର ସ୍ଫୁଲିଙ୍ଗ ବାହାରୁଛି । ମୁଁ ହାତ ଉଠେଇ ଆଖି କଚାଳି ଚାହିଁଲି । ହାତ ବୁଲିଲା ନାହିଁ, ଗଳାରୁ ସ୍ୱର ବାହାରିଲା ନାହିଁ । ମୁଁ ସଂପୂର୍ଣ୍ଣ ଜାଗ୍ରତ, ଅଥଚ ମୁଁ ଠିକ୍ ଜାଣେ ମୁଁ ସ୍ୱପ୍ନଲୋକରେ ଅଛି । ସେଠି ଅନ୍ୟାନ୍ୟ ଅନେକ ଦୃଶ୍ୟ ଦେଖିଲି । ବର୍ଣ୍ଣନା ନିଷ୍ପ୍ରୟୋଜନ । ତା'ପରେ ଯାହା ଦେଖିଲି ସେ ବଡ଼ ଆଶ୍ଚର୍ଯ୍ୟ, ବଡ଼ ଅଦ୍ଭୁତ, ବଡ଼ ଭୟଙ୍କର । ଧନ୍ୟ ଈଶ୍ୱର ! ବର୍ତ୍ତମାନ ସୁଦ୍ଧା ଲେଖିବାକୁ ମୋ ହାତ ଥରୁଛି । ଖାଲି ହୃଦୟ କହୁଛି, ଏ କଣ ସତ୍ୟ ? ଆତ୍ମା କହୁଛି—ସତ୍ୟ । ତୁମେ କଣ କହୁଛ fancy ? ନାଁ ତା ନୁହେଁ ।

୧ମ ଦୃଶ୍ୟ—ମୁଁ ଅଧାରେ ଜାଗ୍ରତ । ମୁଁ ଦେଖୁଛି ମୁଁ France ଦେଶର ଗୋଟିଏ ରମଣୀୟ ପଲ୍ଲୀ ପ୍ରଦେଶରେ । କି ସୁନ୍ଦର ସେ ଦେଶ ! ତାର ବାସଗୃହଗୁଡ଼ିକ କି ସୁନ୍ଦର ! ଗୋଟିଏ ସ୍ତ୍ରୀଲୋକକୁ ମୁଁ ଦେଖିଲି । ଯୁବତୀ । ଅପୂର୍ବ ସୁନ୍ଦରୀ, ଗୋଲ ମୁହଁ, ଉଜ୍ଜ୍ୱଳ ଆଖି, ସୁବଳୀ । ତାର ବହଳ ପୋଷାକ । ତାର ରେଶମୀ ବାଳ, ଗୋଲାପର ସାଦା ସୁନ୍ଦର ମୁହଁଟା ବର୍ତ୍ତମାନ ମୋ ଆଖିରେ ନାଚୁଛି । ମୁଁ ଜାଣୁଛି, ମୋ କାନରେ କିଏ ତା ନାମ କହିଲା Neilla । ଏ ନାମ ମୋର କଳ୍ପନା ନୁହେଁ । ମୁଁ ଏ ନାମ କେବେ ଶୁଣିନାହିଁ, ପଢ଼ିନାହିଁ । ପୁଣି ଦେଖୁଛି ଗୋଟିଏ ବଡ଼ ମେଜ, ସେଥିରେ ବଡ଼ ଗୋଟିଏ ଦର୍ପଣ । ତଳେ ଗୋଟିଏ ବହି ଖୋଲାହୋଇ ପଡ଼ିଛି । ଦେଖିଲି ତାହାର ବାମ Pageର ତୃତୀୟ paraର ଗୋଟିଏ ଜାଗାରେ ଲେଖାଅଛି ଯଥା ଇଂରାଜୀ ଅକ୍ଷର Miss Neilla । ସେ ସ୍ତ୍ରୀଲୋକ ଅଦ୍ଭୁତ ସୁନ୍ଦରୀ । ଦର୍ପଣ ନିକଟରେ ଠିଆହୋଇ କେଶଭୂଷା କରୁଛି, ଅଙ୍ଗ ଘଷୁଛି । ଆଉ ଯେଉଁ ଘରେ ସେ ଅଛି ସେ ଘର ଖୁବ୍ ବଡ଼, ଖୁବ୍ ଅଦ୍ଭୁତ ରକମର ସାଜସଜ୍ଜା । ମୋ ଜୀବନରେ ମୁଁ ସେପରି ଘର ଦେଖିନାହିଁ ।

୨ୟ ଦୃଶ୍ୟ—ପୁଣି ମୁଁ ଦେଖୁଛି ଗୋଟିଏ ସୁନ୍ଦର ଉପବନର ଦୃଶ୍ୟ । ସେଠି ଗୁଡ଼ାଏ ପୁରୁଷ ଲୋକ । ସମସ୍ତେ ଅତି ସୁନ୍ଦର ଯୁବକ । ଆଉ ଏ ସ୍ତ୍ରୀ ଲୋକ ତାଙ୍କ ସମସ୍ତଙ୍କ ସହିତ ଏକାବେଳେ କୁତ୍ସିତ ଆମୋଦ ଆହ୍ଲାଦରେ ରତ । ଘୋର ଜଘନ୍ୟ ଦୃଶ୍ୟ । ବର୍ଣ୍ଣନାର ଅଯୋଗ୍ୟ । ସ୍ତ୍ରୀଲୋକ ଅଦ୍ଭୁତ ରୂପସୀ ଓ କଳାବତୀ ।

୩ୟ ଦୃଶ୍ୟ—ପୁଣି ଦେଖୁଛି ରମଣୀ ଏକାକୀ । ଜଗତରେ ପ୍ରେମଶ୍ରଦ୍ଧା ଯେପରି କିଛି ଜାଣେନାହିଁ । ସେ ଯେପରି ଗୋଟିଏ ବିଜନ ଏକାନ୍ତରେ ବସିଛି । ମନେ ମନେ ଭାବୁଛି—ଏ ଜୀବନରେ ୯ ଜଣ ପୁରୁଷଙ୍କୁ ଭୋଗ କଲି । କି ସୁନ୍ଦର ତାର ପୈଶାଚିକ ହାସ୍ୟ ! ଗୋଟିଏ ଅଦ୍ଭୁତ ରକମର ଉଜ୍ଜ୍ୱଳ ପିତଳ ତାରର violinରେ ଗୀତ ଗାଉଛି । କି ଚମତ୍କାର ତାର ସ୍ୱର ! ମୁଁ ସବୁ ଶୁଣୁଛି । ବର୍ତ୍ତମାନ ସୁଦ୍ଧା ମୋ ଆଖିକୁ ଦିଶିଯାଉଛି । ଗୋଟିଏ ସୁନ୍ଦର ଯୁବକ

ସେଠ ଘରେ ଗୋଟିଏ ବଡ଼ trayରେ କଣ ନେଇ ଆସିଲା । ସେଥିରେ, ମୋର ବେଶ୍ ମନେ ଅଛି, ଛୋଟ କମଳାଲେମ୍ବୁର ଗୋଲ୍ ! ସ୍ତ୍ରୀଲୋକଟି ଗୋଟିଏ ଗୋଟିଏ ନେଇ ପାଟିରେ ଦେଉଛି ଓ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଯୁବକଙ୍କୁ ଚାହୁଁଛି । ମୁଁ ମନେ ମନେ ଜାଣୁଛି ସେ ତାର butler । ପୁଣି ମୁଁ ଦେଖୁଛି ଗୋଟାଏ bedroomରେ ମସ୍ତବଡ଼ ପଲଙ୍କରେ ଦୁଇଜଣ ଶୋଇଛନ୍ତି । ମୁଁ ସବୁ ଦେଖୁଛି, ଏହା ତୃତୀୟ ଦୃଶ୍ୟ । ପାଖ ଟେବୁଲ ଉପରେ ପଡ଼ିଥିଲା ଗୋଟିଏ ସର୍ଦ୍ଦାରର ସୁନ୍ଦର ମୁକୁଟ (ଇଂରାଜୀ କରୋନେଟ୍) । ତାର ଜହ୍ନଦାନ । ମୁଣ୍ଡର ତେଣା ଟୋପି, ଧୂସର ଘାଗ୍ରାଜାମା ସବୁ ମୋ ଆଗରେ ନାଚୁଛି । ସେ ଲୋକର ଗାଲର ଲାଲ ଲାଲ ଦାଗଗୁଡ଼ା ମୋ ଆଖିକୁ ଦିଶିଯାଉଛି । ଏଇ ଏ Neillaର ସ୍ୱାମୀ । ସେ ଉଚ୍ଚ ସ୍ୱରରେ ଚିତ୍କାର କରୁଛି । ଖୁବ ଭଲପାଏ । ସ୍ତ୍ରୀପରି ଜାଣିଥାଏ । faithful wife ବୋଲି ଜାଣିଥିଲା । ମୁଁ ମନେ ମନେ ଜାଣୁଛି ଲୋକଟି ଯେପରି ଗୋଟିଏ ରାଜପୁତ୍ର ବା Marquis ।

୪ର୍ଥ ଦୃଶ୍ୟ—ମୁଁ ଦେଖୁଛି ପୁଣି ସେହି ବିଶାଳ ରାଜପ୍ରାସାଦରୁ ରମଣୀ ଚାଲିଛି; Iron-gate ବନ୍ଦ ହେଲା । ନିର୍ଜନ ରାତ୍ର । ଝୁରୁଝୁରେ ବରଫ ପଡ଼ୁଛି । ଗୋଟାଏ ଗଛମୂଳେ ସ୍ତ୍ରୀଲୋକଟି ବସି କାନ୍ଦୁଛି । ଏକାକିନୀ । ମନେ ମନେ କହୁଛି ସେହି Butler ଘରକୁ ଯିବ । ସେଠୁ ସେ ଉଠି ଚାଲିଲା । ବଟ୍ଲର୍ ଘରେ ସ୍ତ୍ରୀଲୋକଟି ରହିଲା । Butler ଆଉ ପାଖରେ ନାହିଁ । ବୁଢ଼ୀମାର ସେବା-ଶୁଶ୍ରୂଷା କରି ସ୍ତ୍ରୀଲୋକଟି ଗୋଟିଏ କୁଡ଼ିଆ ଝରା କୋଣରେ ବସି ସ୍ୱାମୀର ପ୍ରେମ ସ୍ମରଣ କରି ଦୁଃଖସମ୍ବାଦାତ୍ମକ ଭାବେ କାନ୍ଦୁଛି । ମୁଁ ସବୁ ଦେଖୁଛି ।

୫ମ ଦୃଶ୍ୟ—ପୁଣି ମୁଁ ତା ସ୍ୱାମୀକୁ ଦେଖୁଛି । ବିଛଣାରେ ସେହି ଘରେ ଶୋଇଛି । ଗୋଟିଏ ଡକଆ କୋଳରେ ଶୁଇଥିଲା । ହୃଦୟରେ ଯେମିତି ତାର ବଡ଼ ଯନ୍ତ୍ରଣା । Neilla, Neilla ବାରମ୍ବାର repeat କରି ମରିଯାଉଛି । ସେ ଶେଷ ସମୟରେ Neillaର ବିଚ୍ଛେଦରେ ବଡ଼ ଯନ୍ତ୍ରଣାରେ ମରିଯାଉଛି ।

୬ଷ୍ଠ ଦୃଶ୍ୟ—ପୁଣି ମୁଁ ଏ ସ୍ତ୍ରୀଲୋକକୁ ଦେଖୁଛି । ଦେହସାରା ଫାଟିଲା ବସନ୍ତ । Slum Hospitalରେ କିଏ ପୋଷାକ ଦେଇଗଲା । ଦେହସାରା ଘା, ପାଣି ମାଗୁଛି । କିଛିକ୍ଷଣ ପରେ ମରିଗଲା ।' ମୁଁ ସବୁ ଦେଖୁଛି । ଘୋର ଅନ୍ଧକାର ମୋତେ ଘେରିଗଲା । ସ୍ତ୍ରୀଲୋକର ଆତ୍ମା ଭୂତଲୋକକୁ ଚାଲିଗଲା । ଉପରେ ସ୍ୱର୍ଗକୁ ଚାଲିଗଲା ଦେଖିଲି । ଏହି ପୁଣି ସେଠୁ ଆସିଲା ଗୋଟିଏ voice; distinctly ତାକୁ କହିଲା, ମୋତେ ବୋଧହେଲା ମୋତେ କହୁଛି, 'Indiaରେ ଜନ୍ମହୁଅ, chastity ଶିଖାଇବ !' ଆଉ ମୋ ସ୍ୱାସ୍ଥ୍ୟରେ

ଗୋଟିଏ ଅଦୃଶ୍ୟ ଆକର୍ଷଣ, କଣ କେଜାଣି ମୋତେ କହୁଛି—ଦେଖ୍ ଦେଖ ତୁ ! ଏଇ ତୋର past life, ଏଇ ତୋର ଆସ୍ତ life । ମୁଁ ସେହି ନାମ repeat କରୁଛି Neilla, Neilla । ମୋର ଦେହରୋମାଞ୍ଚ ହେଉଅଛି । ମୁଁ ଭକୁଆ ପରି ଉଠି ବିଛଣାରେ ବସିଲି; ସେମିତି ଏ ରାତିରେ ନାହିଁ । ପୁଣି ମୋର sense ଫେରିଆସିଲା, ମୁଁ ସବୁ recollect କଲି । ଏ କଣ ! ଏ ସ୍ୱପ୍ନ, ଏ ଅଜବ ସ୍ୱପ୍ନ ! ବର୍ତ୍ତମାନ ଲେଖିଲାବେଳେ ପୁଣି ମୋତେ ଉପରେ faint ହେଲାପରି ଲାଗୁଛି; କିନ୍ତୁ ଏ ତ ବଡ଼ ଆଶ୍ଚର୍ଯ୍ୟ ! ଏ ମୋର କଳ୍ପିତ ନୁହେଁ । ମୋର ଏ ଜନ୍ମ ସହିତ ଏହାର ଆଶ୍ଚର୍ଯ୍ୟ ସମ୍ମିଳନ । ମୁଁ ଗୋଟି ଗୋଟି ମିଳୁଛି । ଏ କଣ ସତ୍ୟ ! ପୂର୍ବଜନ୍ମରେ ମୁଁ Franceର ଅଭିଜାତ୍ୟ ସମ୍ପ୍ରଦାୟରେ ଗୋଟିଏ ପରମସୁନ୍ଦରୀ, ବିଦୁଷୀ, କଳାବତୀ ମହିଳା ଓ ଧନୀ ସ୍ୱାମୀର ସ୍ତ୍ରୀ ଥିଲି ? ମୋର ଏକାନ୍ତ ବିଶ୍ୱାସ-ଘାତକତାର ଫଳସ୍ୱରୂପ ଏ ଜନ୍ମରେ ଏ ଦୁଃଖ ? ଆଉ ତୁମେ କଣ ମୋର ସେହି ସ୍ୱପ୍ନଦୃଷ୍ଟ ସ୍ୱାମୀ, ଏବେ ଭଲ ପାଅ ? ମୁଁ ପ୍ରବଞ୍ଚନା ଓ ବିଶ୍ୱାସଘାତକତା କରିଥିଲି, ସେହିଯୋଗୁ ତୁମକୁ ପାଉନାହିଁ । ସେହିଯୋଗୁ କଣ ପ୍ରଥମ ଦର୍ଶନରେ ତୁମେ ମୋତେ ଭଲ ପାଇଲ ? Slum Hospitalରେ ମରିଥିଲ କଷ୍ଟରେ ବୋଲି କଣ ଡାକ୍ତରରୂପେ ଜନ୍ମ ପାଇଲ ?

କିଏ ଉତ୍ତର ଦବ । ମୁଁ ସ୍ତମ୍ଭିତ । ଜଣପାଇଁ ଏତେ ବିସ୍ମିତ ଜୀବନ କେହି କଳ୍ପନା କରିବ କି ?

ଦେଖ, ତୁମକୁ ଏ ସ୍ୱପ୍ନ ବୃତ୍ତାନ୍ତ କିପରି ଲାଗୁଛି ? ମୋର ଜୀବନର ଘଟଣାଗୁଡ଼ିକ ସହିତ ତୁଳନା କଲି ମୋତେ ବଡ଼ ଅବାକ୍ ଆଶ୍ଚର୍ଯ୍ୟ ଲାଗିଯାଉଛି । ଏ କଣ ମିଛ ? କଳ୍ପିତାବସ୍ଥାରେ ଏପରି ଗୋଟିଏ ଜୀବନ ମୁଁ କଳ୍ପନା ବା କିପରି କରନ୍ତି ? ପୁଣି ଦେଖ, ତୁମର ମୋର ଜୀବନକୁ ଅନାଅ । ମୋତେ ଦେଖିଲା ମାତ୍ରେ ତୁମେ ଭଲପାଇଲ । ମୋର ସ୍ୱର ଶୁଣିଲେ ତୁମେ ସୁଖୀ ହେଉ । ପୁଣି ଦେଖ ମୋର ଆଶ୍ଚର୍ଯ୍ୟ ପାଠ ଓ କବିତାର ଶକ୍ତି । ଏ ସବୁ ପୂର୍ବଜନ୍ମାର୍ଜ୍ଜିତ । France ପରି ଦେଶର ଅଭିଜାତ୍ୟ ସ୍ତ୍ରୀଲୋକମାନେ ଅସମ୍ଭବ ବିଦୁଷୀ ଓ କଳାବତୀ, ଏହା ତ ଜଣା କଥା ।

ଏ ସ୍ୱପ୍ନ ଦେଖିଲା ପରେ ତୁମକୁ ମୋର ଦେବତା ବୋଲି ମନେ ହେଉଛି । ଆଉ ତୁମ ସହିତ ମୋର ମିଳନ ଯେ କାହିଁକି ହେଉନାହିଁ, ତାର କାରଣ ବୁଝି ମୁଁ ନୀରବରେ ରହିଲି । ତୁମର ମନେଅଛି small pox ମୋତେ ହୋଇଛି ବୋଲି ମୁଁ ଅନେକ ଥର ସ୍ୱପ୍ନ ଦେଖେ । ଦେଖ, ପୂର୍ବଜନ୍ମର ସ୍ମୃତି brainରେ ଅଛି । ସାଧନା କଲେ ସବୁ ଜଣାଯିବ । ଆଉ ବେଶି ଲେଖିପାରୁ ନାହିଁ । କେବଳ ଏ ସ୍ୱପ୍ନଟି ଲେଖିବାକୁ ଏ ଚିଠି ଲେଖିଲି । କିଛି ମନେ କରିବ ନାହିଁ । ଦେଖ, ତୁମର ଉତ୍ତର ପାଇଁ ମୁଁ ବଡ଼ ବ୍ୟସ୍ତ ।

କୁନ୍ତଳା ।

ଏ ଚିଠିଟି ଅତି ବ୍ୟକ୍ତିଗତ ଚିଠି । ଉଭୟେ ଏବେ ମୃତ । ବିଶେଷରେ ଏଥିରେ ସେମାନଙ୍କର ଗୋପନୀୟ ରହିବା ମଧ୍ୟ କିଛି ନାହିଁ । ତାଙ୍କ ପାଖରେ ଥିବା ଶତ ଶତ ଚିଠି ମଧ୍ୟରୁ ଏଇ ଖଣ୍ଡିକ ତାହାର ଗୁରୁ ତାଙ୍କର ମୃତ୍ୟୁ ପୂର୍ବରୁ ମୋତେ ଦେଇଯାଇଥିଲେ । ବାକି ବ୍ୟକ୍ତିଗତ ଚିଠିଗୁଡ଼ିକରୁ ସେ ଅଧିକାଂଶ ପୋଡ଼ି ନଷ୍ଟ କରିଥିଲେ ବା ଥିବ । ଏ ଚିଠି ପାଠ କରିସାରିଲେ 'ଅଞ୍ଜଳି' ଏବଂ 'ଉଚ୍ଛ୍ୱାସ'ର କବିତା ମଧ୍ୟରୁ କେତେକ ବା ଅଧିକାଂଶ କାହାରି ଜଣେ ବ୍ୟକ୍ତିକୁ କେନ୍ଦ୍ର କରି ଲିଖିତ ହୋଇଥିଲା, ତାହା ଅସ୍ୱୀକାର କରିବାର ଉପାୟ ନାହିଁ । କିନ୍ତୁ ସେହି ବ୍ୟକ୍ତିକେନ୍ଦ୍ରିକ କବିତାଗୁଡ଼ିକ ଯିଶୁଙ୍କ ଉଦ୍ଦେଶ୍ୟରେ ଭକ୍ତିମୂଳକ ବା ଅଧ୍ୟାତ୍ମିକମୂଳକ ହୋଇ ଯେ ପ୍ରକାଶିତ ହୋଇଥିଲା, ଏ ସବୁ କରିଥିଲେ ତାହାର ଗୁରୁ । ଏହି କବିତାଗୁଡ଼ିକର ସୁରକ୍ଷାପାଇଁ, ଅଥବା ପାଠକର ଦୃଷ୍ଟିଧାରା ପରିବର୍ତ୍ତନ କରିବାପାଇଁ ହୁଏତ ଆଉ ଅନେକ କବିତା ପରେ ଲେଖାଯାଇଥିଲା, ଯାହା କେବଳ କବିତା; ପ୍ରେମିକାର ଆକୁଳତା ନୁହେଁ ।

ତେଣୁ କହୁଥାଉ ପରେ ସାକ୍ଷିଗୋପାଳ ଶ୍ରୀରାମଚନ୍ଦ୍ର ପୁରରୁ ଦେଶୀୟ ମନସ୍ୱୀ ପଣ୍ଡିତ ନୀଳକଣ୍ଠ ଦାସ ଅଞ୍ଜଳିର ଶୋଭିତ କବିତା ଶୁଣି ୧୭-୬-୨୭ ତାରିଖରେ ଖଣ୍ଡିଏ ଚିଠି ଲେଖିଥିଲେ—

ସ୍ନେହସ୍ପଦା କୁମାରୀ,

ଆପଣଙ୍କ ସଙ୍ଗେ ଥରେ ମାତ୍ର ଦେଖା ହୋଇଥିଲା । ସେ ବହୁଦିନ ତଳେ । ଏ ମଧ୍ୟରେ ଜୀବନର ଗତି ଏକପ୍ରକାର ପ୍ରହେଳିକାର ମାୟାଜାଲରୁ ବଳିଛି । କିମ୍ବା ସମସ୍ତେ ଅବକାଶ ନାହିଁ । ସେଇଠାରେ କଥା ନାହିଁ, ସେଠାରେ ପରସ୍ପରଙ୍କର ଘୋର ସଙ୍କୋଚ, ତାହା ଆପଣଙ୍କୁ ବୁଝାଇ କହିବା ନିଷ୍ପ୍ରୟୋଜନ । ବେଳେବେଳେ ମନେହୁଏ, ସାହିତ୍ୟ କବିତାର ଅବହେଳନା କରିବା ଭୁଲରେ ଥାଇ, ଅନୁଭବ କରିବା ହୁଏତ ଭାଗ୍ୟରେ ଘଟିବ ନାହିଁ । କିନ୍ତୁ ବଡ଼ ବିଚିତ୍ର କଥା, ଆଜି ଆପଣଙ୍କ ପାଖକୁ ପତ୍ର ନ ଲେଖି ରହିପାରୁ ନାହିଁ ବୋଲି ଲେଖୁଛି । ମୋର ସାହିତ୍ୟବନ୍ଧୁ ପଣ୍ଡିତ ବାସୁଦେବ ମହାପାତ୍ର ଆଜି 'ସାହିତ୍ୟ ସମ୍ବାଦ' ପୁସ୍ତକ ଧରି ଆପଣଙ୍କ ପୂଜାପୁଷ୍ପଶୀର୍ଷକ କବିତାଟି ପଢ଼ୁଥିଲେ । 'ହସି ହସି କେହି ଡାକୁଛି ସତତ, ଭ୍ରମୁ ଭ୍ରମୁ ଦେଇ କହେ' ଏହା ତାହାର ପ୍ରଥମ ପଦ । କବିତା ଶୁଣି ବସିଲି; କିନ୍ତୁ କେତେବେଳେ କାହାର ଶୁଣିଲି ତାହା ଏବେ ମଧ୍ୟ ବାସ୍ତବରେ ବୁଝି ପାରୁନାହିଁ । କବିତାଟିର ମୁଗ୍ଧ ସୁନ୍ଦର ମୂର୍ତ୍ତି ଏବେ ମଧ୍ୟ ମନରୁ ଯାଉନାହିଁ । ବିଶେଷ କଥା ମୋର ମନେହୁଏ, ଓଡ଼ିଆ ସାହିତ୍ୟରେ ଏପରି ସାଙ୍କେତିକ ପ୍ରାଣସ୍ପର୍ଶୀ 'ପୂଜା ପଦ୍ଧତି' କେହି କେବେ ଲେଖିନାହାନ୍ତି । ଆପଣଙ୍କୁ ଏଥିକି କିଏ ଲେଖିଛି ? ଆପଣଙ୍କ ଲେଖନୀର ଧାର ଏବେ କାହିଁକି ଏତେ ମନ୍ଥରଗତିରେ ଗତିକରୁଛି, ବୁଝିପାରୁନାହିଁ । X X X

[ ଏହି ଚିଠିର ଅବଶିଷ୍ଟାଂଶ ୬୩ ପୃଷ୍ଠାର ଫୁଟ-ନୋଟରୁ ପଢ଼ନ୍ତୁ । ]

LEGISLATIVE ASSEMBLY

[illegible]

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

[illegible]
[illegible]

ଏ ଅବସରରେ ସମାଲୋଚକ ଓ 'ନିଆଁଖୁଣ୍ଟା' ସମ୍ପାଦକ ସ୍ୱର୍ଗତ ଗୋଦାବରୀଶ ମହାପାତ୍ର କୁନ୍ତଳାଙ୍କ କବିତା ପଢ଼ି ତାଙ୍କୁ ବ୍ୟକ୍ତିଗତଭାବରେ ଦେଖିବାକୁ ଇଚ୍ଛାକରି ୨୭-୭-୨୭ରେ ଲେଖିଥିଲେ—

"ମୋର ଆପଣଙ୍କ ସହିତ ଦେଖାସାକ୍ଷାତ କେବେ ହୋଇନାହିଁ; ମାତ୍ର ଆପଣଙ୍କ କବିତା ମୋତେ ଆପଣଙ୍କର ପରିଚୟ ଭଲରୂପେ ଦେଉଛି । ଉତ୍କଳ-ମାତାଙ୍କର ଆପଣ ସୁକନ୍ୟା । ତେଣୁ କବିତା ରସରେ ଆପଣଙ୍କ ଜୀବନ ଭର୍ତ୍ତି ବୋଲି ମୁଁ ମର୍ମେ ମର୍ମେ ଅନୁଭବ କରେ । ମୁଁ ଆପଣଙ୍କ ପାଖେ ଆପଣଙ୍କ ଗୁଣ ଗୌରବ ତଳେ କ୍ଷୁଦ୍ର ଶିଶୁ; ତେଣୁ ସ୍ନେହ ଆଶୀର୍ବାଦ ପାଇବା ପ୍ରାର୍ଥନା । ଏ ମୁହୂର୍ତ୍ତ ଦେଶରେ ଆପଣ ଶାନ୍ତିଧାର ଯେ ଜୀବନଧାରା ବୁହାଉଛନ୍ତି, ସେ ଧାରାରେ ମୋପରି ଶିଶୁ ଖେଳିବାରେ କି ଆନନ୍ଦ ଅନୁଭବ କରୁଛି ।

ଉତ୍କଳ-ସାହିତ୍ୟାକାଶରେ ଆପଣ କେବଳ ତାରା ରୂପରେ ନ ରହି ଲକ୍ଷ୍ମୀତାରାରୂପେ ଭୂମଣ୍ଡଳ ସପ୍ତରଶ୍ମିର ପ୍ରକାଶିବେ ବୋଲି ମୁଁ ଆଶାକରେ । ସେଥିପାଇଁ ଆପଣ ସପ୍ତରଶ୍ମିର ମୂର୍ତ୍ତିରେ ଆମ୍ଭେମାନେ ଯେତେଦୂର ପାରୁଁ ବନ୍ଦନାଗୀତିକା ଗାଇବାକୁ ପଛାଉନାହିଁ । ଉତ୍କଳର ପୁରକନ୍ୟାମାନଙ୍କର ଜୀବନ ନାଟିକା ଯେପରି ସେମାନଙ୍କ ସୁପ୍ତ ଜୀବନରେ ଦୁନ୍ଦୁଭି ଶୁଣାଇବା ପାଇଁ ଆପଣ ଲେଖନ୍ତୁ କବିତା ।"

ତାଙ୍କ ପାଖକୁ ଏପରି ବହୁତ ଚିଠି ଆସିଥିଲା । ସେ ସବୁ ସଂରକ୍ଷଣାଭାବରୁ ନଷ୍ଟ ହୋଇଯାଇଛି ।

ଏପରି ଆଶୀର୍ବାଦସୂଚକ, ଶ୍ରଦ୍ଧାପୂର୍ଣ୍ଣ, ସହାନୁଭୂତିସମ୍ପନ୍ନ, ଶୁଭକାମନାଯୁକ୍ତ ଏବଂ ପରିଚୟ କାରଣ ଯେତେ ମଧ୍ୟ ନାନା ଚିଠି ସେ ପାଉଥିଲେ । କାରଣ ଏକ ଗୋଟିଏ ଓଡ଼ିଆ ଝିଅ ଏପରି ଆଧୁନିକ ପ୍ରଗତିଶୀଳ କବିତା ଲେଖିପାରେ, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଉଥିଲା ।

## ବିଭିନ୍ନ ପତ୍ରିକା ଓ ରଚନାବଳୀ—

ସେତେବେଳେ ପର୍ଯ୍ୟନ୍ତ ସମସ୍ତ ନାରୀଜାତି । ଅବଶ୍ୟ ଶିକ୍ଷା କିଛି କିଛି ଥିଲା । ଅଳ୍ପଶିକ୍ଷିତା ସଙ୍ଗୀତସାରର ପ୍ରଣେତା ଦାମୋଦର ପଟ୍ଟନାୟକଙ୍କ ଜନନୀ ସୁଲକ୍ଷଣା ଦେବୀ ଓ ରଣ୍ଡାମର ଅନ୍ନପୂର୍ଣ୍ଣା ଦେବୀ କିଛି କିଛି କବିତା ଲେଖୁଥିଲେ । ତମପଡ଼ା ରାଣୀ ଜମ୍ବୁବତୀ ବା ମହାଦେବୀଙ୍କ ଗଳ୍ପ ବହି ଖଣ୍ଡିଏ ପ୍ରକାଶିତ ହୋଇଥିଲା, କିନ୍ତୁ ଏସବୁରେ ପ୍ରଗତିଶୀଳ ପ୍ରଭାବ କିଛିମାତ୍ର ନ ଥିଲା । ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ 'ସହକାର'ରେ ଅନ୍ନପୂର୍ଣ୍ଣାଙ୍କ କବିତା କେତେ ଛୋଟ-ଛୋଟ ନାଟିକା ରୂପରେ ପ୍ରକାଶିତ ହୋଇଥିଲା । କିନ୍ତୁ କୁନ୍ତଳାକୁମାରୀଙ୍କ କବିତା ସମଗ୍ର ଉତ୍କଳକୁ ନାଟକୀୟ ରୂପରେ ଏକାନ୍ତ ପ୍ରଭାବିତ କରିପକାଇଲା । 'ଉତ୍କଳ' ପ୍ରକାଶିତ ହେବାପରେ ସରଳ ସହଜ ତାଙ୍କର ପ୍ରଶଂସାର ବାଣୀ ଶୁଭିଲା ।

ପ୍ରତିଦିନ ବହୁତ ଚିଠି ସେ ପାଉଥିଲେ। ସୁଦୂର ରେଙ୍ଗୁନ, ସମ୍ବଲପୁର, ବାଲେଶ୍ୱର, ମେଦିନୀପୁର ଓ ସିଂହଭୂମି ପ୍ରଭୃତି ସ୍ଥାନରୁ ଚିଠି ଆସୁଥିଲା। ଅନେକ ଛଦ୍ମନାମ ଚିଠି ଲେଖୁଥିଲେ। ତାଙ୍କର ଏକ ଦୁର୍ବଳତା ଥିଲା ଯେ ସେ ଚିଠିଗୁଡ଼ିକର ଉତ୍ତର ଦେବାକୁ ଅକ୍ଷମ ହେଉଥିଲେ। କେତେକ ବଶିଷ୍ଟ ବ୍ୟକ୍ତି ଏବଂ ଘନିଷ୍ଠ ପରିବାର, ଯାହାଙ୍କୁ ସେ ଜାଣିଥିଲେ, ସେମାନଙ୍କୁ କେବେ କପଣ ଉତ୍ତର ଦେଉଥିଲେ।

ଔଷଧାଳୟର ଏତେ ଚାପ ମଧ୍ୟରେ ସେ ତାଙ୍କୁ ଏତେ ବନ୍ଧ କରି ରଖି ପାରିଲା, ସ୍ୱପ୍ନକୋଷର ମାଗଣାରେ ମୋହ ଓ ଶ୍ରଦ୍ଧାରୁ ସେ ସେ କବିତା ଓ ଉପନ୍ୟାସ ଲେଖିବାକୁ ମନ ବଳାଇଲେ, ଏହା ହିଁ ବିସ୍ମୟର କଥା। ଯେପରି ପ୍ରେମାନୁଭୂତି ବା ସଦ୍‌ଗୁଣର ସମାଦର ଏବେ ୫୦/୬୦ ବର୍ଷ ହେଲା ଏ ଦେଶରୁ ଲୁପ୍ତ ହୋଇଯାଇଛି। ଚିଠିପତ୍ର ମାଧ୍ୟମରେ ବ୍ୟକ୍ତିର ସଦ୍‌ଗୁଣ ପ୍ରତି ସମାଦର ଜ୍ଞାପନ କରିବାକୁ ମଧ୍ୟ ଆଜିର ସାହିତ୍ୟିକମାନେ ଅଜ୍ଞ କି। ଗୁଣଗ୍ରାହୀମାନେ ତ ଯୁଗ ମହାଯାତ୍ରା ପାଉଛନ୍ତି ! ଏବର ସାହିତ୍ୟିକ ଯେବକ ସେ ସେ କେବଳ ବାଲ୍ୟକାଳ ଓ ସମସ୍ତ ବାସ୍ତବରେ ସେ ଚରିତ୍ର ହେବାର ଯୋଗ୍ୟ। ସେ ତାଙ୍କଠାରୁ ସ୍ନେହଭରା ବାକ୍ୟ ଚିଠିର ଉତ୍ତର ପାଇବ ଦେବେ ? କିନ୍ତୁ ଅତୀତରେ ତାହା ଏ ଦେଶରେ ନ ଥିଲା। ସେତେବେଳେ ଜାତୀୟ ଆକାଂକ୍ଷା ଓ ଜନତାର ସ୍ୱପ୍ନ ପରିପୁଷ୍ଟି ଲଭିଥିଲା।

ନାରୀସମାଜରେ ପ୍ରତି ଚିଠିର ଉତ୍ତର ଦେଲେ କି ପ୍ରକାର ପରିଶ୍ରମ ହେବ, ତାହା ଅନେକ ନବୀନା ଯୁବତୀ ପକ୍ଷରେ ବୁଝିବାଲେ ଚିନ୍ତାର ବିଷୟ ଥିଲା ! କାରଣ ଚିଠିପତ୍ର ଦେବା ନାରୀ ପକ୍ଷରେ ନାନା ଦୁର୍ନାମର ସମସ୍ୟା ରହିଥିଲା। ତାହାର ଅଧୁନାତନ ଶିକ୍ଷା ଏବଂ ଶିକ୍ଷିତା ଯୁବତୀ ପ୍ରତି ସମାଜର ସନ୍ଦେହ ସତ୍ତ୍ୱେ ତାହା ପ୍ରତି ଦୁର୍ବ୍ୟବହାର ପାଇଁ କେତେ କେତେ ନାରୀଙ୍କ ଜୀବନର ଚିନ୍ତା କରି ରହିଥିଲେ। ସେହି ଜନ୍ମସୂତ୍ରର ଚିନ୍ତା ଏବେ ମଧ୍ୟ ଏ ଜାତିରୁ ଲୁପ୍ତ ହୋଇନାହିଁ। ନାରୀକୁ ତାର ଇଚ୍ଛାନୁବର୍ତ୍ତୀ ପରିଚାଳିତ ହେବାପାଇଁ ସୁଯୋଗ ଦେବାକୁ ଏ ଦେଶରେ ଆଜିର ଏବେ ମଧ୍ୟ ଅନେକ କୁଣ୍ଠିତ। ତେଣୁ ଅତି ଅଳ୍ପ ସମାଜରେ ମଧ୍ୟ ଏ ଦୁର୍ନାମର କାହାଣୀ ଉପନ୍ୟାସରେ ଶୁଣାଯାଉଛି ଏବଂ ଖବରକାଗଜରେ ପ୍ରକାଶିତ ହେଉଛି, ଯାହା ପଢ଼ି ମଣିଷ ଅନ୍ତରରେ ଲଜ୍ଜିତ ହୋଇଥାଏ; କିନ୍ତୁ କୁନ୍ତଳାକୁମାରୀ ବହୁ ଚିଠିର ଉତ୍ତର ଦେଉଥିଲେ।

କୁନ୍ତଳାକୁମାରୀ ମୋଟେ ୩୦ଟା ବର୍ଷରେ ଏତେ ପ୍ରସିଦ୍ଧ ହୋଇଥିଲେ ଯେ, ଡାକଘର 'କୁନ୍ତଳାକୁମାରୀ ସାବତ, କଟକ' ଏତିକି ଠିକଣା ଲେଖାଥିବା ଚିଠି ଆଣି ତାଙ୍କ ଠିକଣା ଗଙ୍ଗାମନ୍ଦିର, ଚୌଧୁରୀ ବଜାରରେ ହାଜର କରାଉଥାଏ। ତାଙ୍କ ଠିକଣା ସେ ସମୟ କେହି ହେଲେ କେବେ ଭୁଲିଯାଇ ନ ଥିଲେ। ତାଙ୍କ କବିତା ପଢ଼ି ମୁଗ୍ଧ ଜନତା ତାଙ୍କୁ ଶତଶତ ଚିଠି ଲେଖୁଥାଏ। ତାଙ୍କ ଜୀବନରେ ସେ କେତେ କେତେ ଚିଠି ପାଉଥିଲେ, ସେ ସବୁରୁ ବହୁ ସମସ୍ୟା ଜଣାଯାଉଥାନ୍ତା। ସେ ମଧ୍ୟ ସେଗୁଡ଼ିକ ସାଇତି ରଖିଥିଲେ। କିନ୍ତୁ ଦୁଃଖର ବିଷୟ, ତାଙ୍କର ପରବର୍ତ୍ତୀ ଅସାବଧାନ ଲୋକଙ୍କ ଯୋଗୁଁ ତାହା କେଉଁଠି

ଖର୍ଚ୍ଚ ହୋଇଗଲା ବା ପାରିଶ ହୋଇଗଲା । ସେ ସବୁରେ ଅନେକ ପାଇଥାନ୍ତେ ଗୁଣ୍ଡକୋଣର ଅଳ୍ପ ଶିକ୍ଷିତା ନାରୀ ସେକାଳେ ତାଙ୍କର କବିତା ପଢ଼ି କପରି ମତାମତ ଦେଉଥାଇଥିଲେ । ସେ ତାହାସବୁ ଆଉ ନାହିଁ ।

ସେ 'ଉତ୍କଳ ସାହିତ୍ୟ'ରେ ଓ 'ମୁକୁର'ରେ ନାନା କବିତା ପ୍ରକାଶ କରୁଥାନ୍ତି । ତାଙ୍କର 'ବୈଶାଖ' ନାମକ କବିତା ସେତେବେଳେ ବିଶେଷ ପ୍ରଶଂସନୀୟ ହୋଇଥିଲା । ସେକାଳର ଆଧୁନିକ ଶୈଳୀର ସମାଲୋଚକ ତାଙ୍କୁ ଅନୁରୋଧ କରିଥିଲେ ସେ ସେ ଛନ୍ଦକବିତା ଲେଖୁଥାନ୍ତୁ; କିନ୍ତୁ ସ୍ୱାଧୀନଙ୍କ ପରେ ତରଙ୍ଗ-ଚଞ୍ଚଳ ହୋଇ ଅଳଙ୍କାର ସ୍ୱତନ୍ତ୍ର ଭାବ ଲେଖିପାରିବେ ନାହିଁ । ତେଣୁ ସେ 'ମଣିକାଞ୍ଚନ' ନାମରେ କାବ୍ୟଟିଏ ଆରମ୍ଭ କରିଥିଲେ ଓ ତା.ହା.ର କେତୋଟି ସର୍ଗ ଉତ୍କଳସାହିତ୍ୟରେ ପ୍ରକାଶିତ ହୋଇଥିଲା । ଏହା ଏହାପରେ ଏକ ଦବାପ୍ରିୟ ମନୋବୃତ୍ତିରୁ ଲେଖାଯାଇଥିଲା ।

ସେ ନାରୀଲକ୍ଷ କାହିଁକି ହେବେ ?—

ତାଙ୍କୁ ଅନେକ ନାରୀକବି ବୋଲି ଅନେକେ କହୁଥିଲେ ଓ ଲେଖୁଥିଲେ । ସେ ଏଥିପାଇଁ ବ୍ୟଥିତ ହୋଇ କହୁଥିଲେ—ମୋ ପ୍ରତି ଏପରି ଦୟା କରିବାର ହେତୁ କ'ଣ ? ନାରୀଟିଏ ପୁରୁଷ ସହିତ ସମକକ୍ଷ ନ ହୋଇ କବିତା କିଛି ଲେଖିଥିଲେ, ତାହାକୁ ଦୟାର୍ଦ୍ର ହୋଇ ନାରୀକବି କୁହାଯିବା ସମ୍ଭବ; କିନ୍ତୁ ମୁଁ କାହିଁକି ନାରୀକବି ହେବି ? ଏହି ସ୍ୱାଭିମାନ ଅହଂକାର ତାଙ୍କଠାରେ ସର୍ବଦା ଦେଖାଯାଇଥିଲା ।

ଧନ ଧନ୍ୟ ସେ ପ୍ରଶଂସା କରିବା ବା ଉପାଦାନ କରିବା କେତୋଟି ଆଉ କେତେ-ଜଣଙ୍କ ପତ୍ର ଲେଖିଥିଲେ । ପରେ ପରେ ସେ ପୁଣି ଜଣେ ଚରିତଙ୍କ ଏବଂ ଧନ ସାହିତ୍ୟ ଶିଳ୍ପୀଙ୍କ ଏପରି ନିଜ ହୋଇପଡ଼ିଲେ ଯେ, ତାଙ୍କୁ ନାରୀକବି କହିଲେ ସେ ଯାକ ପ୍ରାଣ ସମ୍ପାଦକ ବିଶ୍ୱନାଥ କରଙ୍କ ସହିତ ମଧ୍ୟ କଳି କରି ବସିଲେ ।

ଏହି ୨୮ ବର୍ଷରେ କୁନ୍ତଳା କୁମାରୀ କେବଳ କବିରୂପେ ଖ୍ୟାତ ନୁହନ୍ତି, ଡାକ୍ତରରେ ମଧ୍ୟ ପ୍ରତିପତ୍ତି ଲାଭ କରିଥାନ୍ତି । ଅନେକ ସମ୍ଭ୍ରାନ୍ତ ପରିବାର, ଯେପରିକି ଶ୍ରୀ ରାଜକିଶୋର ଦାସ, ଶ୍ରୀ ବ୍ରଜସୁନ୍ଦର ଦାସ ଓ ସୁଦାମଚରଣ ନାୟକ ଇତ୍ୟାଦିଙ୍କ ଘରେ ସେ ଚିକିତ୍ସା କରୁଥିଲେ । ସେଠା ସବୁ ପରିଶ୍ରମ କରି ଟଙ୍କା ରୋଜଗାର କରିବାକୁ ପ୍ରଚୁର ଯଥେଷ୍ଟ ଟଙ୍କା ମିଳୁଥାଏ । ଏପରି ଧନ ଏବଂ ଖ୍ୟାତି ଉଭୟ ମଧ୍ୟରେ ଏ ନାରୀଟି ଗର୍ବିତ ହେବାର କଥା; କିନ୍ତୁ ଏ ସବୁକୁ ନିଜ ଭୃତ୍ୟୀଭୂତ କରୁଥାଏ ଗୋଟିଏ ପ୍ରୀତି ପ୍ରଶଂସା । ସେ ନଥିଲେ ଏ ନାରୀଟି ଅନ୍ଧା ମାଡ଼ି କରି ଗୋଟାଏ କରିପକାଇ ଥାନ୍ତେ । ଖ୍ୟାପାର, ସେ ସୁଦାମଚରଣ ନାୟକଙ୍କ ଝିଅମାନଙ୍କପରି ସୁନ୍ଦରୀ ନଥିଲେ, ବା ରାଜକିଶୋର ଦାସଙ୍କ ପରିବାରର ଝିଅମାନଙ୍କପରି ଲାବଣ୍ୟବତୀ ନଥିଲେ, ଅଥବା ବିଶ୍ୱନାଥ କରଙ୍କ ଝିଅମାନଙ୍କପରି ଗୋଟିଏ ଜୁଲ୍ପରେ ବାନ୍ଧିଥିବା ଉତ୍ତେଜିତ ଧନକନ୍ୟାମାନଙ୍କୁ ଏକ ନଥିଲେ; ତଥାପି ଥିଲେ ଭଗ-

ଗୌରବର୍ଣ୍ଣା-ସମନ୍ୱିତା, ଶିକ୍ଷିତା, ଭଦ୍ର ଏବଂ ସୁସଭ୍ୟ ନାରୀ ଇଂଲଣ୍ଡଠାରେ ଶିକ୍ଷିତା । ଏଣୁ ସେ ବହୁ ଅଭିଜାତ ପରିବାରର ପରମାସୁନ୍ଦରୀ ସ୍ତ୍ରୀ-ଲୋକଙ୍କ ସମ୍ପର୍କରେ ଆସି, ସେମାନଙ୍କ ଅନ୍ତର ବ୍ୟଥା ଜାଣିବା ଅବସର ଶିଖିଥିଲେ । ଡାକ୍ତରୀ କରିବାକୁ ଯାଇ ଏପରି ନାରୀଙ୍କ ସେ ଅନେକଗୁଡ଼ିଏ ପାଇଥିଲେ ।

## ଏ ଯୁଗର ନାରୀ ଚରିତ୍ର ଓ ତାଙ୍କ ଦଶା—

ପରବର୍ତ୍ତୀ ଜୀବନରେ କୁନ୍ତଳାକୁମାରୀ କହିଥାନ୍ତି :

ମୁଁ ଭାରତବର୍ଷର ବହୁସ୍ଥାନ ଦେଖିଛି; କିନ୍ତୁ ମୁଁ ସେ କାଳେ ଯେଉଁ ଦେବୋପମ ରମଣୀଙ୍କ ସମ୍ପର୍କରେ ଆସିଥିଲି, ତାଙ୍କପରି କାବ୍ୟନାୟିକା କେବେ କେଉଁଠି ତ ଦେଖିନାହିଁ ? କି ଅପରୂପ ସୌନ୍ଦର୍ଯ୍ୟ ତାଙ୍କର ! କି ମୋହିନୀଶକ୍ତି ତାଙ୍କର ! ସବୁଆଡ଼ ଲୁଗା ଦେଇ କେବଳ କୋମଳ ପାଦ ଦୁଇଟି ଦେଖାଉଥିଲେ ଏପରି କେହି ନାହିଁ ଯେ ମୁଗ୍ଧ ନହେବ ? ସେ ରାଜହଂସୀ, ସେ ପରିଚ୍ଛନ୍ନତା, ସେ ଲଜ୍ଜିତା ନୟନ, ସେ ଅବନତାନନ, ସେ ମଧୁର ହାସ୍ୟ, ସେ ସ୍ନେହପୂର୍ଣ୍ଣ ମିଷ୍ଟଭାଷା, ସେ ଧୀର ଚଳନ, ସେପରି ଆପଣାର କରିନେବାର ଯେଉଁ ସ୍ୱଭାବ କଳା-କନ୍ୟାସ, ମୁଁ ବୁଝିପାରୁନାହିଁ ତାର ମାନବୀ ନା ଏ ଅନ୍ୟ ? ସେମାନେ ଏପରି ଭଡ଼ା ହୋଇଥିଲେ ? ମୁଁ ଇନ୍ଦ୍ରଙ୍କ ନାୟିକା ଉର୍ବଶୀକଥା, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ବାସ୍ତବରେ ଶୁଣୁ ଶୁଣୁ ଓଡ଼ିଆ ଘରେ ଦେଖି ସ୍ତମ୍ଭୀଭୂତ ହୋଇଥିଲି ! ଏଇ ଓଡ଼ିଆଘରମାନଙ୍କର ଅପରୂପ ସୁନ୍ଦରୀ ଦେଖୁଛି; କିନ୍ତୁ ସେ ପ୍ରତିଭାଶାଳୀ କଳଙ୍କ୍ୟ ନାହିଁ ?

ନିଜର ସ୍ୱାମୀପାଇଁ, ନିଜର ପରିବାରପାଇଁ ସେମାନଙ୍କର ଜୀବନକୁ ହସି ଆପତ୍ତିରେ ପଦେପଦେ ଧ୍ୱଂସ କରିଦେବାର ଯେଉଁ ପ୍ରବୃତ୍ତି, ମୋତେ ଅଭିଭୂତ କରିଦେଇଥିଲା । ଗୋଟିଏ ଘଟଣା ମନେପଡ଼ୁଛି । ଗୋଟିଏ ପରିବାରରେ ତାଙ୍କ ଜମିଦାରି ନିଲାମ ହୋଇଯିବାର ସଂବାଦ ପହଞ୍ଚିଲା । ସମସ୍ତ ପରିବାର ଆତଙ୍କିତ ଭାବେ ବସିଥାନ୍ତି ! କିଣ କରିବାକୁ ବାଟ ସୁଝୁ ନ ଥାଏ । ଅବହେଳା ଯୋଗୁଁ ପ୍ରଜାଙ୍କୁ ସ୍ୱଦେଶବନ୍ଧୁ ଜମିଦାରି ରହୁନାହିଁ । କଂଗ୍ରେସ ଆନ୍ଦୋଳନ ଯୋଗୁଁ ପ୍ରଜାଏ ଗୋଳମାଳ କରିଛନ୍ତି । ମୁଁ ଡାକ୍ତର ପାଇଁ ଯାଇଥିଲି, ନିଜେ ଆଖିରେ ଦେଖିଛି । ପରିବାରର ମୁଖ୍ୟ ଗୃହିଣୀ ନିଜର ହାର, ଚୁଡ଼ି, ଅଙ୍ଗମୁଦ୍ରା ଆଦି କାଢ଼ି ତାଙ୍କ ସ୍ୱାମୀଙ୍କୁ ଦେଇଦେଲେ । ଏପରିକି ପରିବାରର କନିଷ୍ଠା ସ୍ତ୍ରୀମାନେ ଝିଅମାନେ ମଧ୍ୟ ନିଜର ସମସ୍ତ ଗହଣା କାଢ଼ି ଦେଇଦେଲେ । ଗୃହସ୍ୱାମୀଙ୍କ ଆଖିରୁ ଲୁହ ବୋହିବାର ଦେଖି 'ସୌଦାମିନୀ' ନାମରେ ଝିଅଟିଏ ମୋ ସମ୍ମୁଖରେ ଆସି ଭରସି କରି କହିଲା, 'ବାପା ଡାକ୍ତରାଣୀ ତ କିଛି ନ ଲଗାଇ ଭଲ ଦେଖାଯାଆନ୍ତି ନାହିଁ ?' ତାର ସେହି ମଧୁର ସୁଧୀର ଉକ୍ତି ମୁଁ ଭୁଲିପାରିନି । ମୁଁ ଶୁଣିଥିଲି ଓଡ଼ିଆଘରର ମହିଳାଏ ମଧ୍ୟ ଜୀବନ ଦେବେ ତ ଗହଣା କଦାପି ଦେବାକୁ ରାଜି ହେବେ ନାହିଁ । କିନ୍ତୁ ମୁଁ ତ ଏହା ଆଖିରେ ଦେଖିଛି ! ମୁଁ ସେ

ନବଯୌବତୀମାନଙ୍କର ସ୍ପର୍ଶତ୍ୟାଗରେ ମୂର୍ଚ୍ଛ ହୋଇଯାଇଥିଲି । ମୋର ବ୍ୟାଙ୍କରେ ଦୁଇ-ହଜାର ଟଙ୍କା ଥିଲା । ସେଥିରୁ ଦେଢ଼ହଜାର ଟଙ୍କା ଥାଉ, କିଛି ନ ବୁଝି ଦେଇଦେଲି । କିନ୍ତୁ କେତେଜଣ ମୋତେ ଭୟ ଦେଖାଇଥିଲେ ହେଁ, ସେମାନେ ସପ୍ତାହକ ମଧ୍ୟରେ ତା ପରିଶୋଧ କରିଦେଲେ । ନାରୀଜାତିର ଏ ତ୍ୟାଗ ମୋତେ ଅଭିଭୂତ କରିଦେଇଥିଲା ଏବଂ ସେମାନଙ୍କ ସଂପର୍କରେ ମୁଁ ସ୍ୱଭାବିକ ନାରୀର ନାରୀତ୍ୱ ପୁଣି କିଛି ଅନୁଭବ କରିଥିଲି ।

ଏହି ସବୁ ଅଭିଜାତ ରମଣୀମାନଙ୍କ ସଂପର୍କରେ ଆସି ତାଙ୍କର ସୌନ୍ଦର୍ଯ୍ୟପ୍ରୀତି ଏବଂ କଳାଜ୍ଞାନ ବିଶେଷ ବୃଦ୍ଧି ପାଇଥିଲେ ହେଁ, ତାଙ୍କର କୈଳାସଙ୍କ ସଂସର୍ଗରେ ଆସି ସେ ଅତି ସତର୍କରେ, ଅତି ସଂଯମରେ ଚଳୁଥିଲେ । ପୁଣି ପୂର୍ବୋକ୍ତ ବନ୍ଧୁତା ଓ ସେ ସବୁ ନାରୀଙ୍କର ଆଦର୍ଶ ଦୃଷ୍ଟି ପଥରେ ରଖି ସେ କୈଳାସଙ୍କୁ ହିଁ ନିଜର ସ୍ମୃତି ଥିଲେ । ତାଙ୍କର ସତୀତ୍ୱ ଲୋପ ହୋଇଯିବ, ଏଥିପାଇଁ ସେ ଅତି ସତର୍କ ଥିଲେ । କୌଣସି ବନ୍ଧୁ ଲେଖକର ଲେଖେ କଦର୍ଯ୍ୟ ଭାବ ଦେଖିଲେ (ଯଥା, ...) ବାମ ହାତରେ ଦେଖୁଥିଲେ । ସତୀତ୍ୱକୁ ଏବେ ପଣ୍ଡିତମାନେ ଚର୍ମ, ମାଂସ ନୁହେଁ ବୋଲି ଅର୍ଥ କରୁଛନ୍ତି । କିନ୍ତୁ ସତୀତ୍ୱ କହିଲେ ସେହିପରି କିଛି ଯତୀନ୍ଦ୍ରମାନେ ବୁଝୁଥିଲେ ଓ ବୁଝୁଛନ୍ତି । ଦେଶ ବ୍ୟତୀତ ଏହାର ଅନ୍ୟ କାରଣ କେଉଁଟି ଆଏ ତାହା ଆଧୁନିକ ସୁପଣ୍ଡିତ ଗ୍ରନ୍ଥକାରମାନେ କହିବେ । ମୁଣ୍ଡରେ ଓଢ଼ଣା ଦେବାକୁ ସେ ଅତି ସୁଖ ପାଉଥିଲେ । ତାହାକୁ କରିଗଲେ ଖାଇ ହେଉ, ସାନ୍ତ୍ୱନା ହେଉ, ଯାହାକୁ ହେଲେ ଶାଢ଼ୀରେ ନ ନେଇ ସେ କେବେ ଗୋଡ଼ କାଢ଼ୁ ନଥିଲେ । ଦୋଳାଖାଡ଼ିଟିଏ ସେ ହାତରେ ପ୍ରାୟ ରଖିଥିଲେ ।

ସେ ଅପୂର୍ବ ସୁନ୍ଦରୀ ନ ଥିବାରୁ ବହୁ ବିଖ୍ୟାତ ସୁନ୍ଦରୀଙ୍କୁ ଲୁଚିକୋଣରେ ଦେଖି ଦେଖି ନିଜକୁ ସଜାଇ ସେପରି ହେବାକୁ ବ୍ୟାକୁଳ ହୋଇଉଠୁଥିଲେ । ତେଣୁ ସେ ଦୋତାଲା ଘରରେ ସୁସଜ୍ଜିତ ହୋଇ ତଳ ମହଲାକୁ ଆସି ସେଠାରେ କୋଠିଏ ବଡ଼ ଆଇନାରେ ପୁଣି ନିଜକୁ ଦେଖି ଫେରିଯାଉଥିଲେ । ପୁଣି ସାଜ ଆଉ ଥରେ ମୁଣ୍ଡ କୁଣ୍ଡାଇ ବସୁଥିଲେ । ସେତେ କୁଣ୍ଡାଇଲେ ଭଲ ହେବ, ସାଜସଜ୍ଜା ସେ ସୌନ୍ଦର୍ଯ୍ୟ ନୁହେଁ ! ଶରୀରର ସ୍ୱାଭାବିକତା ହିଁ ସେତେ ଅଶକ୍ତ ଥିଲେ ମଧ୍ୟ ଆକର୍ଷଣୀୟ ହୋଇଥାଏ ଏହା ତାଙ୍କ ଚିତ୍ତକୁ ଆସୁ ନଥିଲା । ଚିନ୍ମୟ-ପରିହିତା ତମସ୍ୱିନୀ ବା ଅବଗୁଣ୍ଠିତା ଜନକନନ୍ଦିନୀ ଅରଣ୍ୟ-ବାସ କରି, ଏପରିକି ବନ୍ଦୀ ଅବସ୍ଥାରେ ଥାଇ ମଧ୍ୟ, କୋଟି କୋଟି ଚିତ୍ତକୁ ବିହ୍ୱଳ କରିପାରିଥିଲେ । ତାହା ତଥାପି ଏକ ସ୍ୱତନ୍ତ୍ର ଦାନ ।

ତାଙ୍କର ଏହି ଯୁବାକାଳରେ କହୁଥିଲେ ଦେଖା ଲୁଚିଯିବା ଘଟଣା (ହେଜି ହେବା) ଘଟୁଥିଲା । ତାହା ଦେଖିଲେ ସେତିକି ସ୍ୱଭାବ ଛଳନା ବୋଲି । କିନ୍ତୁ ସେଥିରେ ସତ୍ୟ ନିହିତ ରହିଥିଲା । ସେ ଯେତେବେଳେ ସନ୍ତାନବତୀ ନାରୀଟିଏ ଦେଖୁଥିଲେ, ଆନନ୍ଦରେ ଅଧୀର ହୋଇ ଉଠୁଥିଲେ । ତାଙ୍କର ଅନ୍ତରାତ୍ମାରେ ଈର୍ଷା ପୁରିଉଠୁଥିଲା । ତାଙ୍କ ଜୀବନକୁ ସେ ଭଣ କଲେ—ସେ ନିଜକୁ ବଞ୍ଚିତ ହୋଇଥିଲେ । ଏ ଦୁଃଖ ତାଙ୍କର

କଣ ହେଉଥା ଥିଲା ? ଏ କୈଳାସ ଡାକ୍ତର କିଏ ? ତାଙ୍କର ଝିଅଟିଏ ଥିଲା, ଏବେ ପୁଅଟିଏ —ତେଣୁ ଦ'ଟା ପିଲା ଅଛନ୍ତି । ପୁଣି ସେ ଗୋଟା ହିନ୍ଦୁ ପରିବାରରେ ଥାନ୍ତି । ତାଙ୍କ ସ୍ତ୍ରୀ ଆଗରୁ ଯଦିଓ ଅସୁସ୍ଥ ଥିଲେ, ଏବେ ଟିକେ ସ୍ୱାସ୍ଥ୍ୟ ଫେରିପାଇଲେଣି । ସେ କେବେ ତାଙ୍କ ଜୀବନକୁ ସମ୍ମାନିତ ଭାବରେ କପଟ କୈଳାସଙ୍କ ସହିତ ଅତିବାହିତ କରିବେ ? ଜଣେ ପୁରୁଷର କଣ ଦୁଇଟି ସ୍ତ୍ରୀ ନାହିଁ ? ଦେବତାଙ୍କର ତ ଥିଲା, ମୁନିଋଷିଙ୍କର ତ ଥିଲା ! ତେବେ କଣ ହେବ ? ତାଙ୍କ ନିଜ ପରିବାରକୁ କୈଳାସ ଶୋଷଣ ଭସ୍ମ କରନ୍ତୁ । ତେଣୁ ଏ ସୋପାନକୁ ବାଲ୍ୟା ସେ ଦେବାକୁ ଅକ୍ଷମ । ଏବେ ଲାଗୁଛନ୍ତି—କୁନ୍ତଳା, ତୁମର ଯେପରି ଜ୍ୟୋତି ବଢ଼ିଗଲାଣି, ଏପରିକି କୈଳାସ ତୁମକୁ ବିବାହ କରିବା କି ଅସୁବିଧା ନହେବ ? ମୁଁ ଝରଣାଟିଏ ଦେଖାଇଲା ଭଳିଆ ପାଇଥିଲା । ତା ଦେହରେ ଲାଗିଥିବା ମଇଳା ଚିହ୍ନ ଲୁଗା କାଳରେ ଅତି ଦୁଇଥର ଧଳା ସଫା କରିଦେଇଛି ମାତ୍ର । ସ୍ୱାମୀ କେବେ ଚୋରାଇବା ଲୋକର ହୋଇଥାଏ କି ? ତାହା କୌଣସି ସମ୍ଭ୍ରାନ୍ତ, ବିଦ୍ୱାନ୍ ଓ ପ୍ରତିଷ୍ଠାପନ୍ନ ବ୍ୟକ୍ତିର ବ୍ୟବହାରରେ ଯଦିବା ଆସିବ ?

କିଏ କହିବ ଏହା କପଟତାର ଛଳନା ! ବାସ୍ତବିକ୍ ଏ ସ୍ତ୍ରୀ ଅଶୁଚ ପ୍ରକାଶ । ଗୋଟିଏ ଯୁବତୀକୁ ସେତେବେଳେ ସ୍ୱତଃ ଲୋକକୁ ଝାଳିଦେବାରେ କି ଅଧିକାର ତୁମର ଥିଲା ? ଏହାଠୁ ବିଷମ 'ଭ୍ରାନ୍ତି' କେଉଁ ଯୁବତୀର ମଧ୍ୟ ହୋଇ ନ ପାରେ । କୁନ୍ତଳା ନିଜକୁ ଶେଷପର୍ଯ୍ୟନ୍ତ ପାଠକଙ୍କ ବୋଲି ବ୍ୟକ୍ତ କରୁଥିଲେ । ତାଙ୍କ ପୁସ୍ତକରେ ସେ ଲେଖିଥିଲେ, 'ଜନମ ଅନ୍ନ ପାଠକଙ୍କ ତଥି ଏକାନ୍ତେ' । ସେ ଖ୍ରୀଷ୍ଟିୟାନ ହୋଇ ଗୋଟିଏ ହିନ୍ଦୁ ସହିତ ସମ୍ପର୍କ ସ୍ଥାପନ କରି ଆଜି କି ଦୁର୍ଦ୍ଦଶା ମଧ୍ୟରେ ପଡ଼ିଯାଇଛନ୍ତି ? ତଥାପି ଅସ୍ଥିର ହୁଏ ତାଙ୍କ ଆତ୍ମା । ତେବେ କପଟ ସେ ଅପରାଧୀ ହେବେ ? ଏହି ସ୍ୱାମୀଙ୍କୁ ଯେଉଁ ପୁରୁଷ କୈଳାସ ହିନ୍ଦୁ ଜାତିର କେତେ ଉପାଖ୍ୟାନ ସୃଷ୍ଟି ନ କହନ୍ତି ? ତାଙ୍କର ଉପଦେଶ ଜଣେ ବୁଦ୍ଧିମାନ୍‌ଏ ନାହିଁ ! ବାହାରେ ପ୍ରକାଶିତ ହେବାକୁ କାଳୁ ସେ ଶୀଘ୍ର ଓ ଅକ୍ଷମ । ଏଣେ ଧର୍ମୋପଦେଶ ଦେବାରେ ବଶିଷ୍ଠ, ଯାଜ୍ଞବଲ୍‌କ୍ୟ । କଣ୍ଟକୀ ସ୍ତ୍ରୀ ଯୁବତୀଟିଏ କଣ କରିବ ? କାରଣ, ସେକାଳେ ଲଜ୍ଜା ଏବଂ ନିନ୍ଦା ପ୍ରତି ଶୋଷଣ ଭସ୍ମ ଥିଲା ସମସ୍ତ ସମାଜରେ ।

ପୁଣି କୈଳାସ କହନ୍ତି—ଦେଖ କୁନ୍ତଳା, ତୁମକୁ ଯାହା କରିଦେବାର ମୁଁ କରିଦେଲି । ତୁମେ ଡାକ୍ତରୀ ଶିଖ । ତୁମେ ମାଙ୍କ, ବାପ, ଭଉଣୀ, ଭାଇ ଏ ସବୁ ଛାଡ଼ିଦିଅ । ସ୍ୱାଧୀନ ଭାବରେ ଜୀବନ ଯାପନ କର । ତୁମର ସ୍ୱାଭାବିକ ମନୋଭାବ ଦୂରହୋଇ ଶାନ୍ତି ଭରା ଆପେ ଆସିଯିବ ।

ବାଃ, ଦେଖ ତ ! କୁନ୍ତଳା ଏଥିରେ ସ୍ୱୀକୃତ ହୁଅନ୍ତି କେମିତି ? ଯାହା କିଛି ହେଉ କୈଳାସଙ୍କୁ ସେ ନିଶ୍ଚୟ ବିବାହ କରିବେ ଏବଂ ସୁଖୀ ହେବେ । ସେ ଦୁଃଖିନୀ ହେବେ ନାହିଁ । ଏ ଦୃଢ଼ତା ଅନ୍ତରରେ ଯୁକ୍ତ ହେଲା । ଏଣେ ଏହି ସଂଶୟ ଏବଂ ଦୃଢ଼ତା ମଧ୍ୟରେ

ଅବସ୍ଥାର ମାଂସପେଶୀ ଫୁଲି ଉଠିଲା । ସେ ୨୩ ବର୍ଷ ବୟସରୁ ଏତେ ମୋଟା ହୋଇଗଲେ ଯେ ବହୁ ଅଧିକ ବୟସ୍କା ଭଗ୍ନିଙ୍କ ପରି ଦେଖାଗଲେ ।

## 'ଉଚ୍ଛ୍ୱାସ' ବହି ପ୍ରକାଶନ—

୧୯୨୪ ମସିହାରେ ସେ ଶାନ୍ତାମନ୍ଦିରରେ ଥିବାବେଳେ ଉତ୍କଳସାହିତ୍ୟ ପ୍ରେସରେ 'ଉଚ୍ଛ୍ୱାସ' ବହିଖଣ୍ଡି ଛପାଇଲେ । ଏହା ୭ ଗୋଟି ଖଣ୍ଡକବିତାର ସମଷ୍ଟି । ଏଥିରେ ତାଙ୍କର ଅଧୁନାତମ ପ୍ରଥମ କବିତାଟି 'ଜାଗ୍ରତ' ସ୍ଥାନ ପାଇଥିଲା । ଯୌବନସୁଲଭ ଚକ୍ଷୁ ଯେଉଁ ଚନ୍ଦ୍ର, ତାରା ଏବଂ ଉଜ୍ଜ୍ୱଳ ଫୁଲ ମଧ୍ୟରେ ଶେଫାଳି, ମଲ୍ଲିକା, କମଳ ଏବଂ ନବ ବକୁଳମଞ୍ଜରୀ-ସୁଶୋଭିତ ଉଦ୍ୟାନର ଚିତ୍ର ଯେଉଁ ସେ ଏ କବିତାମାନ ରଚନା କରିଥିଲେ ।

ଏହି ରଚନା ମଧ୍ୟରୁ କେତୋଟି ପୁସ୍ତକ ପ୍ରକାଶିତ ହେବାର ବର୍ଷକ ପୂର୍ବରୁ ରଚିତ ହୋଇଥିଲା । ଏତିକିବେଳେ ସ୍ୱଦେଶପ୍ରେମ ଏବଂ ସାହିତ୍ୟର ଉତ୍କର୍ଷ ଯେଉଁ ତାଙ୍କ ଜୀବନ ମଧ୍ୟରେ ଦ୍ୱନ୍ଦ୍ୱ ଲଗାଇଥାଏ । ଏପରି ଅବସ୍ଥା ପ୍ରକାଶିତ ହେବା ଫଳରେ ସମସ୍ତ ଅଣ୍ଟେ ନାହିଁ । ଦୁଃଖଭରା ଖାତାଟିରେ ପ୍ରଣୟ ବେଦନାବେଳେ ସ୍ୱତାଣ ହୋଇଯାଏ । ଧର୍ମମନ୍ଦିରରେ ଏହା ପୂଜନ ହେବ ବୋଲି କେହୁ କେହୁ ପରମାତ୍ମାସ୍ତୁତି ବ୍ରାହ୍ମ ସମାଜର ସ୍ତୁତିଲୋକ ଉପଦେଶ ଦେଉଥାନ୍ତି ।

## ବ୍ରାହ୍ମ ସମାଜ ଓ ବିଭିନ୍ନ ଧର୍ମ-ସମସ୍ୟା—

ଓଡ଼ିଶାଅଞ୍ଚଳରେ ଥିବା ବ୍ରାହ୍ମ ସମାଜକୁ ଅନେକ ହିନ୍ଦୁ ଯୁବକ ସେତେବେଳେ ଉପାସନା ଦେଖିବାକୁ ଚାଲି ଯାଉଥାନ୍ତି । ଲକ୍ଷ୍ୟ ହେଉ ସୁନ୍ଦର ଝିଅ ବୋହୂ ଦେଖି ଚକ୍ଷୁ ସାର୍ଥକ କରିବେ; କିନ୍ତୁ ଏ ଉପାସନା ଆଜିପରି ହେଉ ସେ ଲୁଚିଯିବ, ତାହା ଜଣା-ଜଣା ଦେଖାଯାଉଥାଏ । କାରଣ ହିନ୍ଦୁଧର୍ମର ମୂଳଭିତ୍ତି ଉପାସନା ଯେଉଁ ପ୍ରତିଷ୍ଠିତ ନୁହେଁ । ସନାତନ ସଂସ୍କୃତିର ବୌଦ୍ଧମାନଙ୍କ ଅନୁକରଣରେ ମନ୍ଦିର ନିର୍ମିତ ହେଲା ବା ତାହା ପୂର୍ବରୁ ମନ୍ଦିର ଥିଲା ତାହା ମୀମାଂସିତ ହୋଇନାହିଁ ବୋଲି ଅନେକେ ମତ ଦିଅନ୍ତି । କିନ୍ତୁ ମହେଞ୍ଜୋଦାରୋ ଓ ହରପ୍ପାର ସଭ୍ୟତାରେ ମୂର୍ତ୍ତି, ଶିବଲିଙ୍ଗ ଦେଖାଯାଇଛି । ପାଶ୍ଚାତ୍ୟମାନେ ବେଦ ପୂର୍ବତନ ହେବାପାଇଁ ଦ୍ରାବିଡ଼ମାନଙ୍କର ସଭ୍ୟତା କହି ଆର୍ଯ୍ୟମାନେ ତାହାକୁ ଗ୍ରହଣ କରିବାର ପ୍ରମାଣ କରିଯାଉଛନ୍ତି । ଇଂରେଜୀ ପଢ଼ୁଆ ଆମର ବଙ୍ଗ ଲୋକେ ପାଶ୍ଚାତ୍ୟମାନଙ୍କ ଭେଦବୁଦ୍ଧିରେ ପ୍ରଭାବିତ ହୋଇ ବୋକାଙ୍କ ପରି କିଛି ନ ବୁଝି କରି ସେମାନଙ୍କ ମତ ସମର୍ଥନ କରିଯାଉଛନ୍ତି । ଏଣେ ବେଦକୁ ଅତି ପୁରାତନ ବୋଲି କହୁଛନ୍ତି; ଅଥଚ ସେଥିରେ ଋଗ୍ବେଦର ସୂକ୍ତଗୁଡ଼ିକୁ ଅର୍ଥ-ଅର୍ଥାନ୍ତର କରିଯାଉଛି । ଏବେ ମହେଞ୍ଜୋଦାରୋ ସଭ୍ୟତାକୁ

ଆମ୍ଭମାନଙ୍କ ସଭ୍ୟତା ନ କହିଲେ ଭାରତର ଉତ୍ତର ସଭ୍ୟତା ଓ ଦକ୍ଷିଣ ସଭ୍ୟତା ନାମରେ ଭେଦ ରହିବ କିପରି ? ଯେଉଁମାନଙ୍କର ଦୃଷ୍ଟି ଉଦାର ନାହିଁ, ସେହିମାନେ ଅନ୍ତରରେ ସେପରି ସଙ୍କୀର୍ଣ୍ଣ ଭାବ ନ ଥିଲେ, ସେପରି ବେଦାନ୍ତ ସ୍ୱରଚିତ ପାଣ୍ଡିତ୍ୟ ମତାନୁଯାୟୀ ହୋଇ, କହିବାକୁ ଯାହା କହିବା ଓ ନ କହିବାକୁ କହିବା କରି ଚାଲିଛନ୍ତି ।

ଏ ଆବହମାନ ସନାତନ ସଂସ୍କୃତିର ମନ୍ଦିର, ଜଗତ ଧର୍ମକ୍ଷେତ୍ରର ଏକ ଆଦର୍ଶ କ୍ଷେତ୍ର ମାତ୍ର । ତାହା ଉଚ୍ଚ-ସମ୍ପ୍ରଦାୟ-ନ୍ୟୂନତା ପ୍ରକାଶ କରେନାହିଁ । ଏହି ଉଚ୍ଚ ମନୋବୃତ୍ତି ଜଗନ୍ନାଥ-ଧର୍ମରେ ବା ଶଙ୍କରାଚାର୍ଯ୍ୟଙ୍କ ସୋଽହଂ ବାଦରେ ଆମେ ଦେଖି ପାଉଁ । ଭଗବଦ୍ ଗୀତାରେ ଭକ୍ତିବାଦ ଦ୍ୱୈତ କଥା ଟୀକାକାରମାନେ ଯେ ବର୍ଣ୍ଣାଇଛନ୍ତି, ତାହା ପରବର୍ତ୍ତୀ ଯୁଗର ମାତ୍ର । ବୈଷ୍ଣବ ନାମରେ ଯେଉଁ ଧର୍ମ ଭାରତରେ ଏକ ପ୍ରକାରର ସର୍ବ ପୂର୍ବେ ଦେଖାଗଲା, ତାହାର ମୂଳରେ ପ୍ରାଚୀନ ସନାତନ ସଂସ୍କୃତିର ମହାନ୍ ତେଜସ୍ୱିତାକୁ ସମାଧି ଦିଆଯାଇଛି । ଭାରତବର୍ଷରେ ଦେବତାଙ୍କୁ ଭାଗ କରିବାର ପ୍ରଥା ଏ ଦେଶରେ ନ ଥିଲା । ବେଦର ସୂକ୍ତମାନଙ୍କରେ ହେ ଇନ୍ଦ୍ର, ହେ ଚନ୍ଦ୍ର, ହେ ସୂର୍ଯ୍ୟ, ହେ ବରୁଣ ଏପରି ଆହ୍ୱାନମାନ ଅଛି । ସେମାନଙ୍କର ଧନ, ଶସ୍ୟ, ଗୋସମ୍ପଦ, ସ୍ୱାସ୍ଥ୍ୟ, ଜୀବିକା, ମାନବଜାତିକୁ ସବୁ ପ୍ରକାର ଭାବ ବଢ଼ାଇବା ସମସ୍ୟା ଯୋଗକ ଲାଭ ହେବ ସେଥିପାଇଁ କୁହାଯାଇଛି । କିନ୍ତୁ ପ୍ରଭୁ, ମୁଁ ମଳିନ, ମୁଁ ପାପୀ, ମୁଁ ଅଧମ, ମୁଁ ଅକ୍ଷମ, ମୁଁ ତୁମର ପୁଅ, ମୁଁ ତୁମର ଦାସ ଏପରିଭାବରେ କିଛି କୁହାଯାଇନାହିଁ । ଜୀବନକୁ ଦୁଃଖମୟ କରିବାପାଇଁ ଯାହା ଯାହା ପ୍ରୟୋଜନ ତା ଜଗନ୍ନାଥଙ୍କ କଥାଭାଷାରେ ଏବେ ମଧ୍ୟ ଆମେ ଦେଖୁ । ତାହାହିଁ ସନାତନ ସଂସ୍କୃତିର ଶିକ୍ଷା । ସେଠି ଉପାସନା ବୋଲି ନାହିଁ, କେବଳ ଜୀବନ ଗଢ଼ିବାନାହିଁ—ଶତଶତ ଏକତ୍ରିତ ହୋଇ ଏକାସନରେ ବସି । କିନ୍ତୁ ପରବର୍ତ୍ତୀ ଜୀବନର ଶିକ୍ଷା ହିଁ ଆଜି ନାନା ଭାବରେ ବୈଷ୍ଣବଙ୍କ ସମ୍ପର୍କରେ ଏ ପ୍ରକାର ଦ୍ୱାରା ଦୂଷିତ ବା ସାହିତ୍ୟ ହୋଇ ଚାଲିଛି; କେଉଁ ଉପାଦାନମାନ ଆଉ ନାହିଁ । ପାଶ୍ଚାତ୍ୟର ପ୍ରଭାବ ସଙ୍ଗେ ସଙ୍ଗେ ଏ ଉପାସନା ଲୁଚିଯିବା ଉପରେ । ଯେଉଁଠି ଅଛି, ତାହା ଏକ ଏକଚ୍ଛତ୍ରୀକରଣ ବା କେତୋଟି ଶ୍ରେଣୀ ଧରି ରହିଛି । ଖ୍ରୀଷ୍ଟିୟାନମାନେ ଏହି ଉପାସନା ତ୍ୟାଗକରି, ଜୀବନର ମୂଲ୍ୟବୋଧ ଶିକ୍ଷାକରି ନୈତିକତାରେ ଅଜ ପରମସୁଖୀ ହୋଇ ପାରିଛନ୍ତି । ତୁର୍କିର ମୁସଲମାନ ଆଜି ଧର୍ମ ତ୍ୟାଗକରି ମନୁଷ୍ୟ ହୋଇ ପାରୁଛି ଏବଂ ପରମ-ସୁଖରେ ଜୀବନ ଅତିବାହିତ କରୁଛି । ରୁଷିଆ ଧର୍ମକୁ ଅଫିମ ସଦୃଶ ବୋଲି ମନେ କରି ଏକାବେଳେ ଭୁଖଣ୍ଡ ନବୀନ ମଧ୍ୟ ମାନବିକ ଧର୍ମରୁ ଚ୍ୟୁତ ହୋଇନାହିଁ ।

କେଉଁ ବ୍ରାହ୍ମଧର୍ମର ଉପାସନା ଅଛି କାହିଁ ? କୁନ୍ତଳାକୁମାରୀ ଅନେକ ଅଗ୍ର ଥାଉଁଲେ । ତାଙ୍କର ସ୍ୱପ୍ନ କାଳେ ପୂର୍ଣ୍ଣ ହେବ ଏ ଆଶା ଧରି ଯାଉଁଥାନ୍ତି । ନାନା ଆଶାର ବାଣୀ ମନରେ ପ୍ରସବ ବିସ୍ତାର କରୁଥାଏ; କିନ୍ତୁ ସୁପାତ୍ର ଉପରେ ସ୍ୱାମୀ ବିବେକାନନ୍ଦଙ୍କର ଲେଖଣି ସୂତ୍ର ସେ ଜଣେ ବନ୍ଧୁଙ୍କଠାରୁ ପାଇଥିଲେ । ସେ ପଢ଼ି ଚାଲିଲେ ତାଙ୍କର ବାଣୀମାନଙ୍କରେ

ତାଙ୍କ ଜୀବନର ସେହି ଦୁର୍ଦ୍ଦମ ଅଭିଯାନ । ଏହି ବହି କେତେଥର ପଢ଼ି ତାଙ୍କୁ ମୁଗ୍ଧ କରିଦେଲା । ମନରେ ବହୁ ନୂତନ ଆକାଙ୍‌କ୍ଷା ଜାଗିଉଠିଲା ।

ଆଟଲାଣ୍ଟିକ ସମୁଦ୍ରପାରର ନୂତନ ଜଗତର ପ୍ରବେଶ ପଥରେ ଥିବା ମ୍ୟାସାଚୁସେଟ ସହରରେ ଜଣେ ଅଜ୍ଞାତ ଯୁବକ ଭାରତୀୟ ସନ୍ନ୍ୟାସୀଙ୍କ ଜୀ ଅଯାଚ୍ୟ ଦାନ ମଧ୍ୟରେ ସେଠାରୁ ଦୁଇହଜାର ମାଇଲ ଦୂରସ୍ଥ ଚିକାଗୋକୁ ଯାଇ ଧର୍ମମହାସଭାର ମାଗଦ ଦ୍ୱାରରୁ ପହଞ୍ଚିଲେ; ପୁଣି ସେହି ନୂତନ ଦେଶର ଅପରିଚିତ ବାତାସ ପରିବେଶ ମଧ୍ୟରେ ନିଜକୁ କେମ ମିଶାଇ ଦେଇଥିଲେ, ତାହା ଏତେବେଳେ ପାଠକରି କୁନ୍ତଳା ସ୍ତମ୍ଭିତ ହୋଇଯାଇଥିଲେ ।

ସେ ଭାବୁଥିଲେ, ମୁଁ ଏପରି ହୋଇପାରିବି କି ? ଜଣେ ଯୁବତୀ ନାରୀ ପକ୍ଷରେ ଏହା କେପରି ସମ୍ଭବ ହେବ ସେ ସ୍ଥିର କରିପାରୁ ନ ଥିଲେ । ବହି ପଢ଼ା ଚାଲିଲା ।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଜେ. ଏଚ୍. ରାଇଟ୍ ଚିକାଗୋ ଧର୍ମମହାସଭାର ଜଣେ ମୁଖ୍ୟ ବ୍ୟକ୍ତିଙ୍କୁ ଲେଖିଥିଲେ—“ଆମର ଯେତେ ସେତେ ଜାଣ ଅଧ୍ୟାପକ ଅଛନ୍ତି, ସେ ସମସ୍ତଙ୍କର ଏକାଠି ଜ୍ଞାନ ଅପେକ୍ଷା ଅଧିକ ଜ୍ଞାନସମ୍ପନ୍ନ ଜଣେ ବ୍ୟକ୍ତି ଏଠାରେ ଉପସ୍ଥିତ ।” କୁନ୍ତଳାକୁମାରୀ ଭାବିଲେ, କେବେ ସେ ଏତେ ଜ୍ଞାନ ପାଇବେ ? ସନ୍ନ୍ୟାସିନୀ ହୋଇ ଖାଲି ଲଜ୍ଜିତ ହେବେ କିପା ?

୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଧର୍ମମହାସଭା ହେବା ପୂର୍ବରୁ ଏ ଘଟଣା ପାଠକରି କୁନ୍ତଳା ଆନନ୍ଦରେ ନାଚିଉଠିଲେ । ସ୍ୱାମୀଜୀଙ୍କ ବକ୍ତବ୍ୟରେ ସେ ଶୁଣିଲେ—“ଆତ୍ମା ହେଉଛନ୍ତି ନିତ୍ୟ, ପବିତ୍ର, ଚିରମୁକ୍ତ, କାରଣରହିତ ଏବଂ ଶାଶ୍ୱତ ଜ୍ଞାନସ୍ୱରୂପ । ତେଣୁ ମୃତ୍ୟୁରେ ମନୁଷ୍ୟ ଜୀବନର ଯବନିକାର ଶେଷ ମାତ୍ର । ଗତ ଜନ୍ମର କର୍ମଫଳ ଅନୁଯାୟୀ ତାର ଇହଜନ୍ମର ଗତି ନିୟନ୍ତ୍ରିତ ହୁଏ ଏବଂ ଇହଜନ୍ମର କର୍ମ ଅନୁସାରେ ତାର ଭବିଷ୍ୟତ ନିୟନ୍ତ୍ରିତ ହୁଏ । ସଂକୀର୍ଣ୍ଣ ଅହଂକାରଯୁକ୍ତ ‘ମୁଁ’ ଭାବ’ର ଅବସାନ ଘଟାଇବାକୁ ପଡ଼ିବ; ତାହାହେଲେ ବିଶ୍ୱଆତ୍ମାର ସମଧର୍ମୀ ଯେଉଁ ପ୍ରକୃତ ଆତ୍ମସତ୍ତା, ତାହାର ଉପଲବ୍ଧି କରିହେବ ପାରିବ । ଆମେ କେବଳ ବିଶ୍ୱଜନୀନ ସହନଶୀଳତା ଓ ଉଦାରତାରେ ଆସ୍ଥାବାନ୍ ନୋହୁଁ; ବରଂ ଆମେ ସବୁ ଧର୍ମକୁ ସତ୍ୟ ବୋଲି ସ୍ୱୀକାର କରିନେଉ ।”

ସ୍ୱାମୀଜୀ ପୁଣି କହୁଥିଲେ—“ପୃଥିବୀର ସବୁ ଦେଶ, ସବୁ ଧର୍ମ ଓ ସବୁ ଜାତିର ନିପୀଡ଼ିତ ଶରଣାର୍ଥୀଙ୍କୁ ଯେଉଁ ଦେଶ ଆଶ୍ରୟ ଦେଇଛି ସେହି ଦେଶରେ ଜନ୍ମଗ୍ରହଣ କରିଛି ବୋଲି ମୁଁ ଗର୍ବିତ !”

ସେ ପୁଣି କହୁଥିଲେ—“ହେ ପ୍ରଭୋ ! ବିଭିନ୍ନ ଉତ୍ସରୁ ନିର୍ଗତ ଅସଂଖ୍ୟ ନଦୀ ଯେପରି ଗୋଟିଏ ସାଗରରେ ଆସି ମିଳିତ ହୁଅନ୍ତି, ସେହିପରି ଭିନ୍ନ ଭିନ୍ନ ରୁଚି ହେତୁ ନାନାପଥଗାମୀ ମନୁଷ୍ୟମାନେ ଯେଉଁ ଭିନ୍ନ ଭିନ୍ନ ପଥ ଅନୁସରଣ କରନ୍ତି, ସେଗୁଡ଼ିକ ଆପାତ ଦୃଷ୍ଟିରେ ସରଳ ବକ୍ର ଓ ବହୁବିଧ ପ୍ରକାରମାନ ହେଲେ ମଧ୍ୟ ସକଳ ପଥ ଶେଷରେ ତୁମ ନିକଟରେ ପହଞ୍ଚେ ।”

ଏ ଯୁଗର ପ୍ରଭାବରେ କୁନ୍ତଳା ଦୁଃଖଶୋକ ବହୁଆଂଶରେ ଭୁଲିଯାଇ ନବୋଦ୍ୟମରେ ମାତିଉଠିଲେ । ଧର୍ମର ସ୍ଥୂଳ ବେଷ୍ଟନୀ ମଧ୍ୟ ତାଙ୍କଠାରୁ ଦୂରେଇଗଲା । କାରଣ ସେ ସେତେବେଳେ ସ୍ୱାମୀଜୀଙ୍କ ବକ୍ତୃତା ପଢ଼ନ୍ତି, "ପ୍ରାଚ୍ୟ ଜଗତର ମୁଖ୍ୟ ସମସ୍ୟା ଧର୍ମ ନୁହେଁ—ସେ ଦେଶରେ ଧର୍ମ ଯଥେଷ୍ଟ ରହିଛି । ସେମାନଙ୍କର ମୁଖ୍ୟ ସମସ୍ୟା ହେଉଛି ଅନ୍ନ-ସମସ୍ୟା । ଭାରତର ଲକ୍ଷ ଲକ୍ଷ ବୁଭୁକ୍ଷୁ ଜନତା ଶୁଷ୍କ କଣ୍ଠରେ ଅନ୍ନ ପାଇଁ ଚିତ୍କାର କରୁଛନ୍ତି । ଅନାହାରକ୍ଲିଷ୍ଟ ଲୋକଙ୍କୁ ଖାଦ୍ୟ ପରିବର୍ତ୍ତେ ଧର୍ମ ଉପଦେଶ ଦେବା କିମ୍ବା ସେମାନଙ୍କୁ ଦର୍ଶନ ପଢ଼ାଇବାକୁ ଯିବା—ଏସବୁ ହେଉଛି ଜନସାଧାରଣଙ୍କୁ ଅପମାନନା କରିବାର ନାମାନ୍ତର ।" —ଏ ଅଂଶଗୁଡ଼ାକ ସେ ଲେଖିରଖିଥାନ୍ତି । କାରଣ ଯୌବନ ତାଙ୍କର ବାସ୍ତବକୁ ଦେଖିବା ଲାଳସା ଖୋଜୁଥାଏ । ଏ ତ୍ୟାଗ, ଏ ମହାନ୍ ଜୀବନର ଆଦର୍ଶ କାହିଁ ଯୌବନ-ତରଙ୍ଗରେ ଭାସୁଥିବା ଓ ପୁଣି କଷ୍ଟ ପଇସା ଖଟି ପାଉଥିବା ଯୁବତୀ ପକ୍ଷରେ ସମ୍ଭବ ହେବ ? ବ୍ୟକ୍ତିଗତ ଆଧ୍ୟାତ୍ମିକତା ପୂର୍ଣ୍ଣ କରିବା ପୂର୍ବରୁ ସେ ସମାଜରୁ ଦାରିଦ୍ର୍ୟ ଦୂର କରିବାକୁ ପଡ଼ିବ, ସମସ୍ତଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ହେବ, ଏକଥା ସ୍ୱାମୀଜୀଙ୍କ ପରେ ମଧ୍ୟ ମହାତ୍ମାଗାନ୍ଧି ସେତେବେଳେ ବଜ୍ର ନିର୍ଘୋଷରେ କହିଯାଇଥିଲେ । କିନ୍ତୁ ଧନବନ୍ତ ସୁଖୀ ଜୀବନକୁ ତାହା ଛୁଇଁ ପାରୁ ନ ଥିଲା । ଦେଖାଶିଖା ଉପାସନା କରିବା, ଦେଖାଶିଖା ଖଦଡ଼ ପିନ୍ଧିବା ବା ଦେଶୀ କନା ଗୋଟିଏ ଜାମା ଦୋକାନରୁ କିଣି ଆଣିବାକୁ ଅନେକେ ଦେଶର ସ୍ୱରାଜ୍ୟ ପ୍ରତି କର୍ତ୍ତବ୍ୟ ହୋଇଗଲା ବୋଲି ମନେକରୁଥିଲେ । ବିଶେଷତଃ ଗୋପାଳଚନ୍ଦ୍ର ପ୍ରହରାଜ ଓ ବିଶ୍ୱନାଥ କର, ଯେଉଁ ଦୁଇଜଣ ସେତେବେଳେ କୁନ୍ତଳାକୁମାରୀଙ୍କର ଗୁରୁଜନ ଥିଲେ, ସେମାନେ ଗାନ୍ଧିଜୀଙ୍କ ଏ ସତ୍ୟାଗ୍ରହ ଆନ୍ଦୋଳନର ବିଶେଷ ବିରୋଧୀ ରହିଥିଲେ । ବିଶ୍ୱନାଥ କରଙ୍କର ମତ ଥିଲା, ଇଂରେଜ ଏ ଦେଶରୁ ଚାଲିଗଲେ ଏହା ସହଜେ ସହଜେ ରସାତଳଗାମୀ ହୋଇଯିବ । ସେମାନଙ୍କଦ୍ୱାରା ସରକାରୀ ମୁଖପତ୍ର 'ସତ୍ୟ ସମାଚାର' ପ୍ରକାଶିତ ହୋଇ ଯେଉଁ କଳଙ୍କ ସେମାନଙ୍କ ଜୀବନରେ ଲାଗିଯାଇଛି, ତାହା ସେମାନଙ୍କର ଅଜସ୍ର ସଦ୍‌ଗୁଣକୁ ଅନେକ ସମୟରେ ଘୋଡ଼ାଇଦିଏ । ତେଣୁ କୁନ୍ତଳାକୁମାରୀଙ୍କ ହୃଦୟ ଉଦାର କରୁଣାପୂର୍ଣ୍ଣ ଥିଲେ ବି କଣ ହେବ, ସେ ଏମାନଙ୍କ ସମ୍ପର୍କରେ ଆସି ବିଳାସରୁ ଦୂରରେ ରହିବାକୁ ଅକ୍ଷମ ହେଉଥିଲେ । ଯାହାଙ୍କୁ ସେ ତନୁ ଅର୍ପଣ କରିଦେଲେ ସେ ଜଣେ ସରକାରୀ କର୍ମଚାରୀ; ପୁଣି ତାଙ୍କ ପ୍ରେମ ପ୍ରକଟିତ ହେବାକୁ ଲାଗିଲା । ତେଣୁ ସ୍ୱାମୀଜୀଙ୍କ ଗ୍ରନ୍ଥପାଠ କେବଳ ଅବସରବିନୋଦନ ହୋଇଥିଲା ।

ରଚନାପ୍ରାଚୁର୍ଯ୍ୟ ଦୋଷ ଏବଂ ସବୁଜ ଦଳ—

ଏତିକିବେଳେ ସାହିତ୍ୟିକ ଦଳେ ଯୁବକ ଏବଂ କେତେଜଣ ପ୍ରବୀଣ ସାହିତ୍ୟିକ କୁନ୍ତଳାଙ୍କୁ ରଚନାପ୍ରାଚୁର୍ଯ୍ୟ ଦୋଷଦୁଷ୍ଟ (prolific writer) ବୋଲି ଅଭିହିତ କଲେ ।

ତାଙ୍କର ସାହିତ୍ୟିକ ରଙ୍ଗ ତ ବଢ଼ି ଯାଇଥିଲା । ଏ ଦୋଷ ତାଙ୍କଠି ଅଛି, ତାହା ମଧ୍ୟ ସେ ସ୍ୱୀକାର କରିବାକୁ ବାଧ୍ୟ । ରଚନାବାହୁଲ୍ୟ ମୋ ଲେଖାରେ କେଉଁଠି ଅଛି—ଏଥିପାଇଁ ସେ ଭଲ ଲିଖାଇବାକୁ ମଧ୍ୟ ତାଙ୍କର ଅଗ୍ରଜ-ଜଣା ସାହିତ୍ୟିକ ଅଶ୍ୱିନୀ ଘୋଷଙ୍କ ନିକଟକୁ ଧାଇଁଥିଲେ ।

କୁନ୍ତଳାଙ୍କ ସାହିତ୍ୟିକ ଜୀବନ ଆରମ୍ଭ ସମୟର କିଛି ପୂର୍ବରୁ, ଅର୍ଥାତ୍ ୧୯୨୧ରେ, ନବ ନିର୍ମିତ ଚନ୍ଦ୍ରଗୁପ୍ତ ଛାତ୍ରାବାସରେ ଥିବା ରେଭେନ୍ସା କଲେଜରେ କେତୋଟି ଯୁବକ ଏକ ନନ୍‌ସେନ୍‌ସ କ୍ଲବ ଗଢ଼ି 'ଶାସନ' ବୋଲି ଗୋଟିଏ ହାତଲେଖା ପତ୍ରିକା ପ୍ରକାଶ କରୁଥାନ୍ତି । ପରେ ସେମାନେ; କେତେକଙ୍କ ମତରେ ବଙ୍ଗୀୟ ଅନୁକରଣରେ, ସବୁଜ ଦଳ ସୃଷ୍ଟି କରନ୍ତି । ସେତେବେଳେ ବଙ୍ଗୀୟ ପ୍ରମଥ ଚୌଧୁରୀଙ୍କର 'ସବୁଜ ପତ୍ର' ପ୍ରକାଶିତ ହେଉଥାଏ । ରବୀନ୍ଦ୍ରନାଥଙ୍କର ଏକ କବିତା

"ଓରେ ନବୀନ ଓରେ ଆମାର୍ କାଁଚା
ଓରେ ସବୁଜ ଓରେ ଅବୁଝ
ଆଧମରା ଦେର ଘାମେରେ ତୁଇ ବାଁଚା"—

ମଧ୍ୟ ବେଶ୍ ପ୍ରଚଳିତ ଥାଏ । କିନ୍ତୁ ଏ ସବୁଜ ଦଳ ବେଦେ ମାନେ ନାହାନ୍ତି ଯେ ସେମାନେ ବଙ୍ଗୀୟ ଅନୁକରଣରେ ଏହା ଗଢ଼ିଥିଲେ । ସେମାନେ କହନ୍ତି—"ଆମ ଦଳ ସବୁବେଳେ କହୁଥିଲେ ଏବଂ ଲେଖୁଥିଲେ ଯେ—କୌଣସି ମଧ୍ୟଯୁଗୀୟ କବିଙ୍କୁ ଯେ ଯେତେକ ବଡ଼ ହୁଅନ୍ତୁ ନା କାହିଁକି ଏବଂ ତାଙ୍କର କାବ୍ୟ ଯେତେ ମଧୁର ହେଉନା କାହିଁକି—ଓଡ଼ିଆର ଶେଷ କଥା ବୋଲି ଧରି ନେଇ ବସିଲେ ଏବଂ ନବ୍ୟ ଯୁଗରେ ସାହିତ୍ୟ ସୃଷ୍ଟି ନକଲେ ଏ ଜାତିର ଉନ୍ନତିରେ ବାଧା ସୃଷ୍ଟି ହେବ । ତେଣୁ ନବ୍ୟସାହିତ୍ୟର ସୃଷ୍ଟି ଏକାନ୍ତ ଆବଶ୍ୟକ । ଏଥିରେ ଆମ୍ଭମାନଙ୍କୁ ପ୍ରାଚୀନ ସାହିତ୍ୟ ବିରୋଧୀ ବୋଲି ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ପ୍ରିୟତମ ଶିଷ୍ୟ ଶ୍ରୀ ବୈଷ୍ଣବଚରଣ ପଟ୍ଟନାୟକ ଧରିନେଇ ଏକ ବ୍ୟଙ୍ଗ କବିତା ଲେଖିଥିଲେ, ଯାହାର ନାମ ଥିଲା 'ସବୁଜ ପତ୍ର' । ଏହି 'ସବୁଜ ପତ୍ର' ପରି ଅଦ୍ଭୁତ ବ୍ୟଙ୍ଗ କବିତାରୁ ଆମ୍ଭେମାନେ ସବୁଜ ନାମ ଗ୍ରହଣ କରିଥିଲୁ ।"

ବୈଷ୍ଣବ ସେତେବେଳେ ମଧ୍ୟ ରେଭେନ୍ସା କଲେଜର ଛାତ୍ର ଥିଲେ । ସେ ଏକାନ୍ତ ବିରୋଧ କରୁଥିଲେ ଯେ ଆମ ଦେଶରେ ଶତଶତ ମହାନ୍ କବି ଥିବା ସତ୍ତ୍ୱେ ଆମେ କାହିଁକି ବଙ୍ଗୀୟ ରବୀନ୍ଦ୍ରନାଥଙ୍କୁ ଅନୁକରଣ କରିବୁ ? କିନ୍ତୁ ସବୁଜମାନେ ରାଧାନାଥ, ମଧୁଙ୍କୁ ମଧ୍ୟ ସ୍ୱୀକାର କରୁଥିଲେ । ସବୁଜ ଦଳପତି ଅନ୍ନଦାଶଙ୍କରଙ୍କର 'ବସନ୍ତଗାଥା' ସମାଲୋଚନାରେ ତାହା ପ୍ରକଟିତ ହୋଇଥିଲା । ଏହି ଦଳରେ ଅନ୍ନଦାଶଙ୍କରଙ୍କ ସହିତ କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ସୁରେନ୍ଦ୍ର ବଡ଼ାଳ, ହରିହର ମହାପାତ୍ର, ଶରତ୍‌ଚନ୍ଦ୍ର ମୁଖାର୍ଜୀ ଏବଂ ହରିହର ମିଶ୍ର ମୁଖ୍ୟ ସଭ୍ୟ ଥିଲେ । ପରେ ଆଉ କେତୋଟି ନାମ ଶୁଣାଯାଏ । ଆଧୁନିକ ଯୁଗରେ ଏ କବିତାମାନ ଲୋକଙ୍କର ଆଦରଣୀୟ ହୋଇଯାଏ ।

କିନ୍ତୁ କୁନ୍ତଳାଙ୍କ ପ୍ରତି ହୋଇଥିବା ସମାଲୋଚନା ଏହି ଆଧୁନିକ ଯୁବକ ମହଲରୁ ହୋଇଥିବାର ସେ ଆଶଙ୍କା ପ୍ରକାଶ କରୁଥିଲେ । ସବୁଜ-ଗୋଷ୍ଠୀ-ପ୍ରକାଶିତ 'ଯୁଗବୀଣା' ମାସିକରେ ଏପରି କିଛି ଲେଖା ତାଙ୍କ ବିରୁଦ୍ଧରେ ପ୍ରକାଶିତ ହୋଇଥିଲା ବୋଲି ସେ କହିଥାନ୍ତି । କୁନ୍ତଳାକୁମାରୀ ଛନ୍ଦ-ଲଳିତ କବିତା ସୃଷ୍ଟିର ଏକାନ୍ତ ପକ୍ଷପାତୀ ଥିଲେ; କିନ୍ତୁ ଏହା ବୋଲି ସେ ଏକାବେଳେ ପ୍ରାଚୀନ ସାହିତ୍ୟକୁ ଅନୁସରଣ କରୁନଥିଲେ । କେତେକ ଆଧୁନିକ ସାହିତ୍ୟ-ପ୍ରେମିକ ଏବଂ ରକ୍ଷଣଶୀଳ ସାହିତ୍ୟ-ପ୍ରେମୀ ତାଙ୍କ ରଚନାକୁ ବକ୍ରଦୃଷ୍ଟି ଦେଉଥିବାରୁ ମନେହୋଇଥିଲା ଯେ, ସେ ତତ୍କାଳୀନ ସାହିତ୍ୟରେ ସେପରି ମହତ୍ତ୍ୱ ଲାଭ କରିଥିଲେ ।

କୁସୁପୁର ଏବଂ ନନ୍ଦକିଶୋର ବଳ—

ପୂର୍ବରୁ କୁହାଯାଇଛି, ଏହି ସମୟରେ 'ଅଞ୍ଜଳି' ପ୍ରକାଶିତ ହେଲା । 'ଅଞ୍ଜଳି'ର ଭୂମିକା ଲେଖିଥିଲେ ପଲ୍ଲୀକବି ନନ୍ଦକିଶୋର ବଳ । ଘଟଣାକ୍ରମରେ କୁନ୍ତଳାକୁମାରୀଙ୍କ ସହିତ ତାଙ୍କର ବେଶ ନନ୍ଦକିଶୋରଙ୍କର ସାକ୍ଷାତ ସମ୍ଭବ ହୋଇଥିଲା । ଗୋଟିଏ ସାଂସ୍କୃତିକ ସମ୍ମି-ଳନୀ ଉପଲକ୍ଷରେ ତାଙ୍କର ପିତୃପ୍ରତିମ ନନ୍ଦକିଶୋର ତାଙ୍କୁ କୁସୁପୁର ଗ୍ରାମକୁ ନେଇଥିଲେ । ନନ୍ଦକିଶୋରଙ୍କ ସ୍ୱ ଗ୍ରାମବାସୀ ଶଙ୍ଖାସ୍ୱନ ଏବଂ ଢୋଲ ସମ୍ପ୍ରଦାୟ ଏକ ସ୍ୱତନ୍ତ୍ର ଆନନ୍ଦ ଉତ୍ସବ କରି ଏବଂ ଭାବଭକ୍ତି ଦେଇ ସମ୍ବର୍ଦ୍ଧନା ଦେଇଥିଲେ, ତାହା କୁନ୍ତଳାକୁମାରୀ ବର୍ଣ୍ଣନା କଲାବେଳେ ଆତ୍ମହରା ହୋଇଯାଉଥିଲେ । ଶଙ୍ଖାସ୍ୱନ ରମଣୀମାନେ ତାଙ୍କୁ ଶଙ୍ଖ ହୁଳହୁଳି ଧ୍ୱନିରେ ପୂଜକ ସହିତ ପୂଜାରୀଙ୍କୁ ବନ୍ଦାଇନେବାପରି ବନ୍ଦାପନା କରିଥିଲେ । ହିନ୍ଦୁ ସମାଜର ସେହି ଅନୁପମ ଶ୍ରଦ୍ଧା-ଭକ୍ତି ତାଙ୍କୁ ଅଭିଭୂତ କରିଦେଇଥିଲା । ସେ ତାହା ଦେଖି ସେଠାରେ କହିଥିଲେ—"ମୋପରି ଏକ ଅଜ୍ଞାତଜନକୁ ଆପଣମାନେ ଏପରି କଣ କରୁଛନ୍ତି ? ମୁଁ କଣ ଏହି ସମ୍ବର୍ଦ୍ଧନାର ଉପଯୁକ୍ତ ପାତ୍ର ? ଏହା କେବଳ ପୂଜିତ ଦେବତାମାନଙ୍କର ପାଇବା ଯୋଗ୍ୟ ।"

ଧୂପ, ଦୀପ, ଚନ୍ଦନ, ଫୁଲ, ଦୂବ-ଦରକୋଳାପତ୍ରର ଡାଲି ସହିତ ଧୂପ ଧୂପ ଧୂମର ମୂର୍ତ୍ତିମନ୍ତ ଦେଖି, ସେ ଭାବୁଥିଲେ ଏହାହିଁ ତ ସ୍ୱର୍ଗ ! ମନୁଷ୍ୟ ଯେଉଁ ସ୍ୱର୍ଗ କଳ୍ପନା କରିଛି, ତାହା ଏହିପରି ହୋଇପାରେ । ଜଣେ ବୁଢ଼ୀ ରମଣୀ ତାଙ୍କୁ କୋଳକୁ ଟାଣିନେଇ ସଂଗେ ଆଶିଷି କହୁଥିଲେ—"ମା, ତୁ ମୋର ଝିଅ । ଏ ବୁଢ଼ୀକୁ ଜନ୍ମ ଦେଇଛୁ, ଏଥରୁ ପାପ । ତୁ ମୋର ଜନ୍ମ ହୋଇଲୁ—ତୁ ପୁଣ୍ୟ ଫଳ ।"

ଭାଗ୍ୟର କଥା ! ଏ କି ଅପୂର୍ବ ସ୍ନେହ ! ତାଙ୍କ ନିଜ ମାଆ ଏପରି ସ୍ନେହ କି କରୁନଥିବେ ! ପାଦ ଧୋଇ ସାରିବା ପରେ କି ମିଠା ମିଠା କୁଶଳ ପ୍ରଶ୍ନ ! "ମାଆ, ଏଥର ବାହାହୋଇଯା ଝିଅ । ଏତେ ବଡ଼ ପଣ୍ଡିତା ବିଦୁଷୀ ଝିଅକୁ ଯୋଗ୍ୟ ପାତ୍ରଟିଏ ଏବେ ବର ନାଏ ଅଛି କେଉଁଠି ?" ଜଣେ ଅଶୀତିପର ପ୍ରୌଢ଼ା କହିଲେ, "ନାଆଁ, ମହାଦେବ କଣ ଏ ସ୍ୱର୍ଗଙ୍କୁ ଜାଣିଥିବେ ?"

କୁନ୍ତଳାକୁମାରୀ ଭାବୁଥାନ୍ତି—ସତେ କଣ ସେ ତାଙ୍କର ହୋଇ ପ୍ରୀତି କୈଳାସଚନ୍ଦ୍ରଙ୍କୁ ପାଇପାରିବେ ?

ଟ୍ରେଣୀ ଦେଖିବା ପୂର୍ବରୁ ଅନେକ ଶୀତଳମହୋଦୟ ଟିକଟ ନେଇ ଭିଡ଼ କରିବାକୁ ଦେଖ । ତାହା ଦର୍ଶ ହୋଇଗଲା । ଏ ଜାତିତା କେଉଁକଣ ଏମାନଙ୍କୁ ଶିଖାଇଛି କିଏ ? ଏହି ମୂର୍ଖ ସ୍ତ୍ରୀ ଜାତି ମଧ୍ୟରେ ଏ ସାହସ ଆସିଛି କାହିଁ ? ଧୀରେ ଧୀରେ ସମାଜ ମଉଳିଗଲେ । ତମାଖୁଖିଆ କୁଣ୍ଡ, ଗଞ୍ଜେଇ, ଅଫିମ ଧରି ସୁନ୍ଦରୀ କୁମାରୀଙ୍କ କଥା ପଚାରିଗଲେ । ଆପଣଙ୍କ ସେମାନଙ୍କ ଭାଷାଜ୍ଞାନ । ଗୋଟିଏ ବୁଢ଼ୀ ସ୍ତ୍ରୀ ଶୁଣି କଥା କହି ଅନୁରୋଧ କରୁଥାନ୍ତି; ଡାକ୍ତର ଏବଂ ଗ୍ରାମର ନୂତନତା ଏବଂ ତାଙ୍କ ଶାଢ଼ୀର ନୂତନତା ବୁଝାଉଥାନ୍ତି । ଗୋଟିଏ ଉଲ-ଗ୍ନ ଜନକନ୍ୟା ବୋଲି ମୂର୍ଖକଥା । ତାହା ଅଫିମ ଏବଂ କାଗଜମାନ ଥୋଇ ଯାଉଥାନ୍ତି । ଶୀତଳମହୋଦୟମାନ ଧରି ବୋହୂ ରଙ୍ଗ ଘର କରି ପଚାରିଗଲେ । ତୁରନ୍ତ ହେଉହେଉ ହସ ଶୁଭୁଥାଏ । ଗୋଟିଏ ମଧ୍ୟବୟସିନୀ କହୁଥାଏ—"ଡାକ୍ତରଙ୍କୁ ଆମେ ଘଟିଦେବୁ । ଏ ଅପୂର୍ବ ଜନଶକ୍ତିକୁ କିଏ ଗ୍ରହଣ କରିବ ?"

ଖାଇବାକୁ କେତେକ ମନାକଲେ ମାନେ କିଏ ? ସମସ୍ତେ ଏଠାକୁ ଆସନ୍ତୁ ବୋଲି ଡାକ୍ତରାଣୀ ଶବ୍ଦ କଲେ । ମଧ୍ୟବୟସିନୀ ବଧୂଏ କହନ୍ତି—'ପେଟ ବଢ଼ିଯିବ ।' ତିନି ତୁରନ୍ତ ଅଟ୍ଟହାସ ଶୁଭେ । କିଏ ଜଣେ କହେ—'ହଁ ଗୋ ନୂଆବୋହୂ ! ତମର ଦିନା ଶୀତଳ ଆସି, ଆମର ତ ଘର ବୁଝାଣି ।' ଏହା ଶୁଣି କୁନ୍ତଳାକୁମାରୀଙ୍କ ଦାବି ଥରନ୍ତି—'ସମସ୍ତେ ମୋ ପାଖରେ ବସିଲେ ଯାଇ ଖାଇବ ।'

ନୂଆବୋହୂ ଜଣେ ଖାଲି ଡମ୍ଫି କହନ୍ତି—"ଆଗୋ ମୁଖାଗ୍ର ଡାକ୍ତରେ ! ସୁସ୍ତ୍ରୀଜନଙ୍କର ଆଜ୍ଞା, ଆମେ ଦୁଇଜଣ ଖାଲି ତମ ପାଖେ ବସିବୁ ! ସେ ଆଜ୍ଞା ଲଂଘନ କରିବ କିଏ ?"

ବାଃ ବାଃ, କି ଶିଷ୍ଟାଚାର ଶାସନ ! କି ସାମାଜିକ ଅନୁଶାସନ ! ଏଭଳିରେ ବଙ୍ଗଳାର ପିଲାଟିଏ ମଧ୍ୟ ଦେଖାଯାଉନଥାଏ । ବୋହୂ ବୁଝନ୍ତି 'ଆଉ ଟିକିଏ' 'ଆଉ ଟିକିଏ' କହି ନଜର ଦିଅନ୍ତି ଅଙ୍ଗୁଳିରେ ଟାଣିକି ମଧ୍ୟ ଦେଉଥାନ୍ତି । କୁନ୍ତଳା ଭାବୁଥାନ୍ତି କିଏ ହେବ, ଶିକ୍ଷିତା ହେଲେ, ଡାକ୍ତରୀ ଜାଣିଲେ ମଣିଷ କଣ ଏତେ ସମାଦର ପାଇଥାଏ ? ସେ କହୁଥାନ୍ତି କହୁଥାନ୍ତି, "ମୋର କୁନ୍ତଳର ସମ୍ପର୍କ ମୋ ଜୀବନର ଶତ ଶତ ସମ୍ପର୍କଠାରୁ ଅଧିକ ପ୍ରେମଶ୍ରଦ୍ଧା ଭାବରେ ତାହା ଅବର୍ଣ୍ଣନୀୟ ଓ ଅନନ୍ୟ ।"

ଭୋଜନ ସରିଲା । କିଏ କେଉଁଆଡ଼େ ଚାଲିଗଲେଣି । ଏଥର ଚଳିବାର ଆହ୍ୱାନ । ଟ୍ରେଣୀ ଦେଖା ଗଲା । ସେଠୁ ଅପରାହ୍ନର ନୂଆବୋହୂଙ୍କ ଅନୁରୋଧରେ ୧୦।୧୨ ଜଣ ସ୍ତ୍ରୀଙ୍କର ରୋଗପାଇଁ ବ୍ୟବସ୍ଥାପତ୍ର ମଧ୍ୟ ଦେଆଗଲା । ଏ ମଧ୍ୟରେ ଭୂଷ ଟିଫିନ, ଟେବୁଲ ସବୁ ସୁଝୁଥାନ୍ତି । ଚୌବଳ ଡାକ୍ତର ବୁଝିଣାନ୍ତି ।

ବିଦାୟବେଳ ପହଞ୍ଚିଲା । ଗୁହଁ ଗୁହଁ ବେଢ଼ିଲେ ମଧ୍ୟର ଅନେକେଣରେ ନାହିଁ ନାହିଁ, "ଆମେ ଭୋଜନ ନ କରାଇ ଛାଡ଼ିଦେବୁନାହିଁ ।" ବହୁ ଅନୁରୋଧରେ ଛୁଟି ହେଲା ।

ବଡ଼ି, ଝଙ୍କା, ପରଦା ଆଉ ବୋର୍ଡିଙ୍ଗରେ ପୁରୁଣା ଧୋବ କଳାଟିଏ ଛପରେ ବନ୍ଧାହୋଇ ଅଛି ଝୁଲୁଥିଲା ଘୋଡ଼ାଗାଡ଼ିରେ । ଏ କଣ ? ନୂଆବୋହୂ ଖୁଲୁଣା ତରସି କହୁଥିଲେ— “ଖାଲି ଖାଲି କୋଉ ଝିଅ କେବେ ଶାଶୁଘରକୁ ଯାଏ କି ବହୁଲ ଦଶଦେ ?”

ସେହି ସୁନ୍ଦର ମୂର୍ତ୍ତିଟି ଦେଖିଲେ ସତରେ ନଶିବ ଦୁଃଖ-ଶୋକ ପାସୋରିଯିବ ବୋଲି ଡାକ୍ତରଣୀ ଧାରଣା କରୁଥାନ୍ତି । ଆଉ ଜବାବ ଦେବେ କପର ? ସେ ଯେ ତାଙ୍କର ବାପଘର ଯିବାବେଳ । ଏ ପ୍ରକାର ନିଃସ୍ୱାର୍ଥ ଉଦାର ଆତ୍ମା କେବଳ ସ୍ୱର୍ଗ ରାଜ୍ୟରେ ସମ୍ଭବ ବୋଲି ସେ ଧାରଣା କରୁଥାନ୍ତି ।

ଏହିପରି ସମୟରେ ନନ୍ଦକିଶୋର ତାଙ୍କର ପରମଶ୍ରଦ୍ଧାସ୍ପଦ ପିତୃପ୍ରତିମ ହୋଇପାରି-ଥିଲେ । ତେଣୁ ‘ଉଚ୍ଛ୍ୱାସ’ ବହିଟିର ଭୂମିକା ସେହି ଲେଖିଥିଲେ—“ସାହିତ୍ୟ ସର୍ଜନାଠାରୁ ସାହିତ୍ୟ ସମାଲୋଚନା ବହୁ ସ୍ତରରେ ସହଜତର । କବିଠାରୁ ସମାଲୋଚକ ସଂଖ୍ୟା ଅଧିକ ହୁଏ । ଆଧୁନିକ ଉତ୍କଳ ସାହିତ୍ୟରେ, ଏଣୁ ବହୁ କାବ୍ୟ-କବିତା-ସଙ୍ଗୀତ-ସ୍ରଷ୍ଟା ଉଦୀୟମାନ-ଲେଖକଙ୍କ କାର୍ଯ୍ୟକ୍ଷେତ୍ର । ଏହି ବିଷୟରେ କୁନ୍ତଳାକୁମାରୀଙ୍କ ଲେଖନୀ ଅଜସ୍ର ଗୁଞ୍ଜିତ ହେଉ ।” (ନନ୍ଦକିଶୋରଙ୍କ ଭୂମିକା, ଉଚ୍ଛ୍ୱାସ)

ପୂର୍ବୋକ୍ତ ‘ଜେନା-ପ୍ରାର୍ଥୀ-ଦୋଷଦୃଷ୍ଟି’ ସମାଲୋଚନା ଉପରେ ନନ୍ଦକିଶୋର ଏହି ମତ ସ୍ଥାପନ କରିଥିଲେ ।

ଉଚ୍ଛ୍ୱାସର ସାରାଂଶ ଏବଂ ଉଦ୍ଦେଶ୍ୟକୁ ଲକ୍ଷ୍ୟ କରି ନନ୍ଦକିଶୋର ଏହିପରି ବ୍ୟକ୍ତ କରିଥିଲେ— “କବିଙ୍କ ରଚନାରୁ ଏହାହିଁ ପ୍ରତିପାଦିତ ହୁଏ, ନିଷ୍କାମଧର୍ମ ହିଁ ମାନବର ଶ୍ରେଷ୍ଠ ଧର୍ମ । ଜ୍ଞାନୀ ହୁଅ, ଧର୍ମବୀର ହୁଅ, କର୍ମବୀର ହୁଅ, ସ୍ୱଦେଶପ୍ରେମିକ ହୁଅ, କବି ହୁଅ ଏହି ଅପୂର୍ବ ସେବାଧର୍ମର ପ୍ରବୃତ୍ତି ଓ ଆତ୍ମାର ଦ୍ୱାରା ପ୍ରବେଶ, ସ୍ୱଜାତି ତଥା ସାରା ଧରଣୀର ମୁଖ ଉଜ୍ଜ୍ୱଳ କରି ସ୍ୱଜୀବନ ଧନ୍ୟ କର ।”

୨୫ । ୭ । ୧୯୨୪ରେ ଏହି ଲେଖାଟି ଶ୍ରୀଯୁକ୍ତ ଦାସ ଲେଖିଥିଲେ—“ସ୍ୱଳ୍ପଦିନ ହେଲେ କାଳ ପ୍ରଭାବ ଏ ଅଞ୍ଚଳ ପ୍ରତି ଏ ଦେଶର ଶିକ୍ଷିତ ସମାଜ କି ପ୍ରକାର ମନୋଭାବ ଦେଖାଉଛନ୍ତି ଲକ୍ଷ୍ୟ କଲେ ଦେଖାଯାଏ ଯେ, ସ୍ୱାଧୀନୋଦ୍ଦୀପ୍ତ ସମୟରେ ଏହି ମାନବକଣ୍ଠା ବହୁ ପରିମାଣରେ ଭ୍ରଷ୍ଟ ହୋଇଛି । ଓଡ଼ିଆ ଜାତି ସବୁର ବାହାରେ ସର୍ବସ୍ୱ ହରାଇ, ଦୁର୍ବଳ ଏବଂ ଜଡ଼ ହୋଇପଡ଼ିଛି । ଅନ୍ୟ-ପ୍ରତିଷ୍ଠା ସ୍ଥାପନ ଉଦ୍ଦେଶ୍ୟରେ ସମସ୍ତ ପ୍ରତିଷ୍ଠାକୁ ଅନ୍ତଃକରଣରେ ରଖି କେତେକଙ୍କ ଦେଶରେ ମନ ଦୁଃସାଧ୍ୟ ଦୃଷ୍ଟି କରି ଭୁଲିଛନ୍ତି ତାହା କାହିଁ କାହିଁ ଦେଖି ତଥା ଅଛି, ଏ କାଳରେ ମନୀଷ ବା ଦୁର୍ବଳତମ ସେମାନ ବଢ଼ିଉଠିଛନ୍ତି । ଖବର-କାଗଜରେ ପଦପଦବୀ ସହିତ ନାମ ବାହାରିବାକୁ କେତେକଙ୍କ ଏପରି ବ୍ୟାକୁଳ ଓ ପାଗଳ ହୋଇ ଉଠିଛନ୍ତି ଯେ, ପରବର୍ତ୍ତୀ ବଂଶଧରଙ୍କୁ ସେହି ଶେଷ ଧନରାଶିର ଆଶଙ୍କା ଦେଖା-ଯାଉଛି । ଅବଶ୍ୟ ଏ ଅନୁରାଗ ଦିନେ ଶାନ୍ତ ହେବ; କିନ୍ତୁ ସେତେବେଳକୁ ଏ ଜାତି କପରି ଅବସ୍ଥାରେ ଥିବ ଭବିଷ୍ୟତକାଳ ।”

**ସମାଲୋଚନା ପ୍ରତି ତାଙ୍କର ସ୍ୱଭାବ—**

କୁନ୍ତଳାକୁମାରୀଙ୍କ ପ୍ରତି ସେତେବେଳେ ଯେଉଁ ସମାଲୋଚନା କରାଯାଉଥିଲା, ସେ ସମ୍ବନ୍ଧରେ ନୀରବ ରହିବାକୁ କୁନ୍ତଳା ଶ୍ରେୟ ମନେକରୁଥିଲେ । ସେ କହୁଥିଲେ, "ମୁଁ ନାରୀମାତ୍ର । ପୁରୁଷଙ୍କ ସହିତ ଲଢ଼ି ମୁଁ କଣ ଜୟ କରି ପାରିବି ? ଦୁର୍ଗା ଜଣେ ଜଣ ନାରୀ ଲଢ଼ିଥିଲେ; ମୋର ସେ ଶକ୍ତି କାହିଁ ?" ମହାରାଣୀ ଲକ୍ଷ୍ମୀବାଈ, ଦୁର୍ଗାବତୀ, ରୁଦ୍ର ଅମ୍ବା, ଝାନ୍ସୀ ମହାଦେବୀଙ୍କ ନାମ ଇତିହାସରେ ମାତ୍ର ଶୁଣାଯାଏ; କିନ୍ତୁ ଏ ରାଜ୍ୟର ଦେବେ କମଳା, ଶୈବ୍ୟା, ସୀତା, କୃଷ୍ଣା ତ ଅକଥନୀୟ ଦୁଃଖ ମଧ୍ୟରେ ମାତୃତ୍ୱର କୋମଳତା ଦେଖାଇ ମରିଛନ୍ତି ! ଯଶସ୍ୱିନୀ ଯଶୋଧାରା ଗୋପା କହୁଥିଲେ—"ମୋର ଯେବେ କୌଣସି ଆକର୍ଷଣ ଥିବ, ମହତ୍ତ୍ୱ ଥିବ, ତେବେ ତୁମର ଦେବ ଭଗବାନ୍ ବୁଦ୍ଧ ମୋ ନିକଟକୁ ନିଜେ ଚାଲିହୋଇ ଆସିବେ । ମୁଁ ତାଙ୍କ ନିକଟକୁ ଯିବି କାହିଁକି ?"

କୁନ୍ତଳାକୁମାରୀ କହୁଥିଲେ—"ମୁଁ କାହା ସହିତ ଲଢ଼ି ମହାନ୍ ହେବାର ଚିନ୍ତା କେବେ କରିନାହିଁ । ମୋର କୌଣସି ଗୁଣ ଥିଲେ ମୁଁ ମହ ମହ ବାସି ଉଠିବି । ଯେବେ କିଛି ନଥିବ, ତେବେ ମୁଁ ଅନ୍ଧକାରରେ ଲୀନ ହୋଇଯିବି । ବିଶେଷରେ ମୋର କୌଣସି ସାଧାରଣ ରଚନାଗତ ଦୋଷ କଣ ମୋର ସମଗ୍ର ଜୀବନ ବା ସାହିତ୍ୟର ମାପକାଠି ?" ସେ ସ୍ୱାମୀ ବିବେକାନନ୍ଦଙ୍କର ଏକ ବାଣୀ ଉଦ୍ଧାର କରିଥାନ୍ତି—"ଜଣେ ଲୋକ ବୃଦ୍ଧିଆର ଗଛୁ ଅପେକ୍ଷା ଭଲ ଭଳି ପଚାସଢ଼ା ଆପେଲଗୁଡ଼ିକ ଗୋଟାଇ ଆଣି ସେହି ଗଛ ଆପେଲ ସଂପର୍କରେ ଗଣି ଗଣି କହି ଲେଖି ଦେଇପାରେ । ତଥାପି ଆପେଲ ଗଛର ସୌନ୍ଦର୍ଯ୍ୟ ଓ ତାର ବିପୁଳ ସମ୍ଭାବନା ସଂପର୍କରେ ତାର କୌଣସି ଜ୍ଞାନ ନଥିବା ସଂଭବ । ଯାହା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ସଦ୍‌ଗୁଣ ତାହାରି ମାପକାଠିରେ ହିଁ କୌଣସି ବ୍ୟକ୍ତିକୁ ମପାଯିବା ଉଚିତ ।"

ଗୋଟିଏ ବ୍ୟକ୍ତିର ସାମାନ୍ୟ ଦୁର୍ବଳତା ଦେଖି ବିଦ୍ରୂପ କରିବାର ଯେଉଁ ରୀତି ତାହା ଅତ୍ୟନ୍ତ ଅଧମ ଶ୍ରେଣୀର । କାରଣ ଜୀବନର ପଥରେ ପଡ଼ିରହିଥିବା ଅଳିଆ ବସ୍ତୁକୁ ଦେଖି ଜାତି ମୁଖ୍ୟ ଜ୍ଞାନ କରେ ସେ ଅଚିରେ ସ୍ୱମନରୁ ସ୍ୱାଭିମାନ ହେଲେ ଲୋପ ହୋଇଯାଏ । ଭାରତର ପରାଧୀନତା ପରେ ବିଶେଷ ସେ ସେ ସବୁ ଅଳିଆ ବସ୍ତୁର ବିଶାଳ ମଞ୍ଚ ଏ ଦେଶରେ ଏକେ ଦେଖାଦେଲେ, ଏପରି ଲାଗିଲେ ଯେ, ଏ ଜାତି ଗୁଣ ପାଇଲେ ଖୋଜି ବୁଲିଲା ଏହି ଜାତୀୟତା ଭେଦକଟିର ଦୋଷ କେଉଁଠି ଅଛି ? ଦେଶକୁ ଶିକ୍ଷକ ଓ ପିତାମାତାଙ୍କ ଦୋଷ ନ ଦେଖି ଶିଶୁମାନେ ଏହି ପ୍ରକୃତ ଯେପରି ଖୋଜିବୁଲିଲେଣି । ଯାହା ଏପରି ନଜର ଲାଗୁଛି ତାହା ସମସ୍ତ ଜାତିର ମହତ୍ତ୍ୱ ଏବଂ ଆଦର୍ଶବାଦକୁ କପଟ ଉପରେ ଭାଙ୍ଗି ଦେଉଛି ତାହା ସମର୍ଥବାର ଛଳ ଏ ଜାତିକୁ ଧ୍ୱଂସ କରିପାରୁନାହିଁ । ଗୋଟିଏ ଜାତିକୁ ଆମେ ଯେବେ କେବଳ ଦୋଷାନୁସନ୍ଧାନ କରିଦେଖୁ ତେବେ ସମୁନ୍ନତ ତ ବହୁ ଦୂରରେ, ବରଂ ଏପରି ପତନକୁ ସ୍ୱହସ୍ତ ବର୍ଷରେ

ସୂଚାଇବାର ବାଟ ନଥିବ । ସମାଲୋଚନା ଏବଂ କୁତ୍ସା ଦୁଇଟି ସ୍ୱତନ୍ତ୍ର ଶବ୍ଦ; ଏହା ଏବେ ମଧ୍ୟ ଆମେ ନ ସମଝିବା ପଛର ପରିଚାୟକ ବିଷୟ ।

ବ୍ରାହ୍ମ ସମାଜର ପ୍ରତାପ ମଜୁମଦାର, ସ୍ୱାମୀ ବିବେକାନନ୍ଦଙ୍କ ନାଟୁଆ ଶିଲ, ଚରିତ୍ରହୀନ ଲୋକ କହି ବହୁ ଲେଖି ଆମେରିକାରେ ଚିକାଗୋ ଧର୍ମ ମହାସଭା ଅବସରରେ ପ୍ରଚାର କରିଥିଲେ । କିନ୍ତୁ 'କାଚଃ କାଚ ମଣିର୍ମଣି' ପରି ସ୍ୱାମୀଜୀଙ୍କ ଦର୍ଶନରେ ସମସ୍ତ ଭ୍ରମ ଉଦ୍‌ଭାସିତ ହୋଇଗଲା । ମଜୁମଦାର କାହାନ୍ତି ?

ଏହି ଅବସରରେ କୁନ୍ତଳାଙ୍କ ଘରର ବହୁ ଅଶାନ୍ତିଦାୟକ ଓ ଶାନ୍ତିଦାୟକଙ୍କର ଆବିର୍ଭାବ ହେଉଥିଲା । ଖ୍ରୀଷ୍ଟିୟ ଅନୁଷ୍ଠାନରେ ଲିପ୍ତ ଥିବା କେତେକଙ୍କ ମଧ୍ୟ ଆସୁଥିଲେ । ଧର୍ମ ପ୍ରସଙ୍ଗରେ ନାନା ଆଲୋଚନା ମଧ୍ୟ ଚାଲିଥିଲା । ଏତିକିବେଳେ ବିବେକାନନ୍ଦଙ୍କ ଗ୍ରନ୍ଥାବଳୀ ପାଠକରି ସେ ଅନ୍ଧଭାବ ଅନ୍ଧ ଧର୍ମବିଶ୍ୱାସ ଏକାବେଳକେ ଭୁଲିଥିଲେ । ତାଙ୍କ ହୃଦୟରେ ସ୍ୱାମୀଜୀଙ୍କର ଦେଶ ବନ୍ଦନାଦେଶ ବାଣୀ ପଡ଼ିଲା—"ଭଗବାନଙ୍କୁ ପୂଜା କରିବାର କଳନା କରିବା ଅପେକ୍ଷା ଜୀବର ଯାତନାରେ ଲୋକମାନଙ୍କ ଭଳି ଅନେକ ଦେବତାର ପୂଜା କରିବା ମଧ୍ୟ ଭଲ" ଲେଖି ହୋଇସାରିଥିଲା ।

ତାଙ୍କ ଜୀବନରେ ନାନା ସ୍ତରରେ ସ୍ୱାମୀ ବିବେକାନନ୍ଦ ଆସନ ମାଡ଼ି ବସିଗଲେ । ଧୀରେ ଧୀରେ ସେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, ତଥାଗତ ବୁଦ୍ଧ, ଇହୁଦୀଙ୍କ ଜେହୋଭା, ଖ୍ରୀଷ୍ଟଙ୍କ ସ୍ୱର୍ଗବାସୀ ପରମପିତାଙ୍କ ପ୍ରତି ସମ୍ମାନ ଯୀଶୁ ଖ୍ରୀଷ୍ଟଙ୍କ ବାଣୀମାନଙ୍କ ସହିତ ଏହି ହିନ୍ଦୁ ଧର୍ମର ଶ୍ରେଷ୍ଠ ବିଦ୍ୱାନଙ୍କ ବାଣୀକୁ ତୁଳନାତ୍ମକ ଭାବରେ ଆଲୋଚନା କରିବାକୁ ଲାଗିଲେ ।

ବିନୟ ଶିକ୍ଷା ଏବଂ ସେବା ଦୟା ଦାନ ଆଦି—

ବିବେକାନନ୍ଦ କୁନ୍ତଳାଙ୍କ ଗର୍ବିତ ହୃଦୟରେ ବିନୟ ଶିକ୍ଷା ଦେଲେ । ବାସ୍ତବିକ୍ ସେ ଏହି ୨।୩ ବର୍ଷରେ ଅତି ଗର୍ବିତା ହୋଇପଡ଼ିଥିଲେ । ପ୍ରଶଂସା ଯେଉଁ ସେତେବେଳେ ବାଧା ନ ଥାନ୍ତା, ତାଙ୍କର ଜୀବନ ଆଉ ଯେଉଁ ସେ ଅତି ଜଟିଳତାର ହୋଇଯାଇଥାନ୍ତା । ତାଙ୍କର ଶୈଶବ, କୈଶୋର ଓ ପ୍ରଥମ ଯୌବନ ବେଳର କେତେକ ସଦ୍‌ଗୁଣ ସେ ଭୁଲିଯାଉଥିଲେ । ଲୋକମାନଙ୍କ କୁତ୍ସିତ ସମାଲୋଚନାରେ ସେ ଅଧୀର ହୋଇ କେବଳ ଅଶ୍ରୁ ଢାଳି ଯାଉଥିଲେ ।

ଯାହାହେଉ ଦେଖିଲି, ଏଣ୍ଡ ଯୌବନର ସ୍ୱଭାବକୁ ସେ ବଦଳାଇ ଦେଲେ । "ମୂର୍ଖମାନେ ହିଁ ପ୍ରୀତି ଦୁଆ ଭଙ୍ଗ କରନ୍ତି" ଏହା ସେ ନିରନ୍ତର ଜାଣିପାରିଲେ । ତାଙ୍କ ଜନନୀ ଏବଂ ଶଙ୍କର ଦୈବାନନ୍ଦ ଥିଲେ । ସେ ତାଙ୍କୁ ନିରନ୍ତର ଶିକ୍ଷା ଦେଉଥିଲେ—"କୁନ୍ତଳା, ତୋର ଏକଟି ଦେଖ ଯୌବନ ତାହା ବୁଝି ଜାଣିଶୁଣି କଷ୍ଟ କରୁଛୁ । ପ୍ରଜା ମହାଜନ ପ୍ରାପ୍ତ

ତୁ ସରକାଙ୍କୁ ବର କରି ନେଇ ତାଙ୍କର ମାଲିକାଣୀ ହୋଇ ସୁଖୀ ହୁଅନ୍ତୁ । ପଣ୍ଡିତ କୈଳାସଙ୍କୁ ତୋର ଆଶା ଛାଡ଼ିବା ଅନୁଚିତ । ତେବେ, ସେ ବୃଦ୍ଧ ଲୋକ । ତାର ସ୍ତ୍ରୀ ଏକ ମୂର୍ଖ ସ୍ତ୍ରୀଲୋକ, ପୁଣି ଅତି କୋପିନୀ । କୈଳାସଙ୍କୁ ତ ଦେଖୁଚୁ ସେ କିପରି ଲୋକ ! ତା ହାତରେ ଧନ କଉଡ଼ିମାତ୍ର ନାହିଁ । ବିଶାଳ କୁଟୁମ୍ବ ପ୍ରତିପାଳନରେ ଦେଇ ଦେଇ ସେ କାଙ୍ଗାଳ । ତୁ କେବେ ଏପରି ଭୁଲ କରନା । ତାର ତ ଆଉ କୋଉ ବୟସ ଅଛି । ତୁ ପିଲା ଝିଅଟା । ଏତେ ଗୁଣର ହୋଇ ଧାର୍ମିକ ପ୍ରମାଦରେ ପଡ଼ୁଛୁ । ଶାସ୍ତ୍ରବିଧାନ କହୁଛନ୍ତି, "ନିଜ ଧର୍ମରେ ଯେ ବିଶ୍ୱାସ ରଖି ନ ପାରେ, ତାର ଅନନ୍ତ ନରକବାସ ।"

କୁନ୍ତଳା ଜନନୀଙ୍କର ଏହି ଉକ୍ତି ମାନ ବେଳେବେଳେ ଶୁଣିଥାନ୍ତି, କିନ୍ତୁ ଦୃଢତା ହରାଇବାକୁ ଅନିଚ୍ଛୁକ । କୈଳାସ ତାଙ୍କୁ ବିବାହ କରନ୍ତୁ, ତାଙ୍କଠାରେ ସେ ଲୀନ ହେବେ । ସେହି ଜମିଦାର ଘର ବୋହୂ-ଝିଅଙ୍କର ସେ ଧନର ଅଳଙ୍କାରମାନ ଦେଖାଦେବାର ତୃଷ୍ଣା ଏବଂ ସ୍ୱାମୀମାନଙ୍କ ଲାଗି ସ୍ତ୍ରୀମାନଙ୍କର ସେ ସେବା ଶୁଶ୍ରୂଷା ଆଦିରେ ନାହିଁ । କସ ସେଇମାନଙ୍କ ପରି ହେବେ ! ସ୍ୱତନ୍ତ୍ର, ବୈରାଗୀ ମହାପାତ୍ରଙ୍କ ଭାରତୀୟ ଏବଂ ନିଷ୍ଠୁର ସମାଜ ସଂସ୍କାର ମନୋବୃତ୍ତି ମଧ୍ୟରେ ତାଙ୍କ ସ୍ତ୍ରୀ ଅଧା ଜାଣେ ସେ ବସୁ ଅନିଚ୍ଛାସତ୍ତ୍ୱେ ପଡ଼ି ନିଜକୁ ଧନ୍ୟ ମନେକରି ରହିଛନ୍ତି । କେବେ ତ ହେଲେ ବୈରାଗୀ ମହାପାତ୍ରଙ୍କର ନିନ୍ଦା କରନ୍ତି ନାହିଁ ?

ଏହି ବୈରାଗୀ ମହାପାତ୍ର ତାଙ୍କ ପଡ଼ୋଶୀ, ସେ ଜଣେ ସମାଜ-ସଂସ୍କାରକ ଏବଂ ବ୍ରାହ୍ମଧର୍ମର ପ୍ରବର୍ତ୍ତକ । ବ୍ରାହ୍ମସମାଜ ମନ୍ଦିରର ସଙ୍ଗଠକ ଓ ବିଶ୍ୱ-କଲ୍ୟାଣ ସମିତିର ପ୍ରତିଷ୍ଠାପକ—ସେହି ବୈରାଗୀଚରଣ ମିଶ୍ର । ଏହି ସଂସ୍କାରକ ସନ୍ନ୍ୟାସୀଙ୍କ ସମ୍ପର୍କରେ ଆସି, ପୁଣି ବିବେକାନନ୍ଦଙ୍କ ଅଗ୍ନିଗର୍ଭ ବାଣୀରେ ମୁଗ୍ଧ ହୋଇ କୁନ୍ତଳାକୁମାରୀ ଏପରି ସିଦ୍ଧାନ୍ତ କଲେ—

'ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପେ ଦଗ୍ଧ ଜନ୍ତୁ କ୍ଳାନ୍ତ
ପଥଶ୍ରାନ୍ତ ପାନ୍ଥେ ଦେହ ଛାୟା ଅବିଶ୍ରାନ୍ତ
ମସ୍ତକ ହୃତ ବିଟପର ଏ କି ତୋ ଦୃଷ୍ଟାନ୍ତ ।
    ଶିଖାଅ ହେବ ତୋ ସମ
    ଶୁଦ୍ଧ କର ଜନ୍ମ ମନ
ଅକାତରେ ପର ସେବା ସାଧିବି କଣ
ମୋ କ୍ଷୁଦ୍ର ଅସ୍ଥିରେ ବହୁ କ୍ଳେଶ ନେବି ସୁଖ
ପ୍ରତିଦାନ ବିନା ସୁଖ କରି ତୋ ପର ।

ଏଥର 'ଅନୁପକାରିଣୀ ପାପେ ଦୀୟତେ ତଦ୍ଦାନଂ ସାତ୍ତ୍ୱିକଂ ବିଦୁଃ' ଏହି ଆଦର୍ଶ ପ୍ରତି ତାଙ୍କର ଅନୁରକ୍ତି ଆସିଗଲା ।

କେତୋଟି କାଣ, ଛୋଟା, ଅନ୍ଧ ତାଙ୍କ ଦୟାର ପାତ୍ର ହେଲେ । ସେମାନଙ୍କୁ ବାର୍ଷିକ ଦୁଇଥର ଲେଖାଏଁ ଧୋତି, ଗେଞ୍ଜି, ଲୁଗା, ଶୀତ ଚଦର ଦିଆଗଲା । କେଳୀ ଫରଙ୍ଗର

ଦେଶରେ ଏହି ଭିଖାରୀମାନେ ଅନ୍ତେବାସୀ ପର ଭିକ୍ଷା ଦେବାକୁ ଯାଆନ୍ତି । ଖଣ୍ଡି ଖୋଳାଥାଏ କାହାରି ସନ୍ତାନରେ ଏକଚକ୍ଷୁ, କାହାର ଦୁଇଚକ୍ଷୁ । ସେଥିମଧ୍ୟରୁ ଦୁଇ ତିନିଟି ଯଦି ହେଲେ ଆସି ତାଙ୍କ ବାହାର ପିଣ୍ଡାରେ ଖୁଣ୍ଟି ଗାଡ଼ି କରି ଠିକ୍ ଯାହାଙ୍କୁ ଶୋଇବା ଜାଗା ସଫା କରିଦେଇ ବେଢ଼ିଅଛେ ଚଳାନ୍ତି । ସେମାନଙ୍କର ଉଦ୍ଦେଶ୍ୟ ଯେ ସେ ତାଙ୍କ ଦାନାଦାରକୁ କରିଥାନ୍ତି । ଏତଦ୍ ଦ୍ୱାରା ଭାଗ୍ୟବତୀଙ୍କର ଉଦ୍ଦେଶ୍ୟ ଉଣ୍ଟା ହୁଏ । ସେମାନଙ୍କୁ ପଚାରନ୍ତି—'ତୁମ୍ଭେମାନେ ଏଠାରେ ଶୋଇବାକୁ କଣ ଭଲ ପାଉଛ ?' ଯୋଡ଼ିଏ ବୁଢ଼ୀଟା ଅନ୍ଧ ନୁହାଳିଆ ଥାଏ । ସେ କହେ, 'ମା, ଦୁନିଆଙ୍କ ଜିନ୍ଦ ତ ଅଛେ । ମାଆଙ୍କ ପିଣ୍ଡାରେ ଟିକେ ଶୋଇପାଉଛୁ । ଅଛୁ, ତୋପେ ମଇଳା ଦୁଇକାଳିଆ । ମାଆ ଘର ଲକ୍ଷ୍ମୀ ଠାକୁରାଣୀ ! ଅଧିକା ହେଲେ କଣ ସହିପାରିବେ ?' ଭାଗ୍ୟବତୀଙ୍କ ଅଜ୍ଞାତରେ ସେମାନେ କିଛି ଉପକାର କରି ଦେଇ ଯାଆନ୍ତି । ଅର୍ଥାତ୍ ସେମାନଙ୍କର ଭିତର ଉଦ୍ଦେଶ୍ୟ ଥାଏ ଯେ ସେମାନେ ତାଙ୍କ ମାଆଙ୍କୁ ଖୁସି କରିଦେଉଛନ୍ତି । କଟକରେ ଏହି ଭିଖାରୀଗୁଡ଼ିକ ଭାଗ୍ୟବତୀ କୁନ୍ତଳାକୁମାରୀଙ୍କ ଦୁଆରେ ଭିଖାରି, ଏହା ଲୋକରେ କଥିତ ହୋଇଯାଏ । ତେଣୁ କେତେବେଳେ ଭିଖାରୀଙ୍କର ଭିଡ଼ ମଧ୍ୟ ହୁଏ । ସେ ନ ଥିଲେ ସେମାନେ ଫେରିଯାନ୍ତି; କିନ୍ତୁ ଥିଲେ ଚୋଟି ଚୋଟି ହୋଇ ବସାକ ନିଶ୍ଚୟ ନେଇଥାନ୍ତି ।

ଥରେ ସେ ଦିନ ୨ଟା ବେଳେ କୌଣସି ସ୍ଥାନରେ ବକ୍ତୃତା ସାରି ଫୁଁ । ଶୋଷେ ଫୁଁ ହେଲେ ଫେରୁଥାନ୍ତି । ଦୁଇଟା ଭାତଖୋଇ ପେଟ ଲୁଗାବଦଳାଇ ଖାଇବାକୁ ବସିଥାନ୍ତି । ସେଦିନ ମାଆ ତାଙ୍କର ମାଛଭଜା, ମାଂସତୋଳ ଅନ୍ୟ ବହୁ ପଦରେ କରିଥିବାରୁ ହିଁଅଠାରୁ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ଥାନ୍ତି । ଭାତ ଗୁଣ୍ଡେ ପାଟିକୁ ନେଇ ଦାନ୍ତରେ ଚୋପେ ପାଟିରେ ନଖାଉଛନ୍ତି, ଏତିକିରେ ସେ ଦିନ ଭିକାରୀଟି ତାଙ୍କ ଅତି ପ୍ରିୟକୁ ନିଗୁଡ଼ାଏ । ସେ କହୁଥାନ୍ତି ମାଆ ତାଙ୍କ ପାକ ଦାଣ୍ଡିଜନ ଅଳ୍ପ ରଖିଥାନ୍ତି । କିନ୍ତୁ ଏଠାକଟେ ଅତି କରୁଣ ସ୍ୱରରେ କହିଲା, "ମାଆ, ମାଆ ! ମୁଠିଏ ଖାଇବାକୁ ଦିଅ । କାଲିଠୁ ଖାଇନି ।"

ସେ କୌଣସି ଉତ୍ତର ନ କରି ତାଙ୍କର ଭୋଜନପାତ୍ରଗୁଡ଼ିକୁ ଏକାଠି କରି ତଳକୁ ଗୁଡ଼ାଇନେଲେ ଏବଂ ଭିଖାରୀଟିର ପାତ୍ରରେ ସମସ୍ତ ଦେଇ ଆନନ୍ଦରେ ଫେରିଗଲେ । ମାଆ ତାଙ୍କର ମୁଖ ଅଇଁଠିବାକୁ ଭୁଲିଯାଇଥିଲେ । ମାଆ ହିଁ ଅଳ୍ପ ଅନ୍ନ କଣ ଦେବେ ବୋଲି ରୋଷଘରୁ ଆସି ଦେଖନ୍ତି ଦିଅ ନାହିଁ ଭୋଜନଗୁଡ଼ିକ ନାହିଁ ।

କୁନ୍ତଳାକୁମାରୀ ଆନନ୍ଦରେ ହସି ହସି ଉପରକୁ ଉଠି ଉଠି କହିଲେ—"ମା, ଆଜି ତୁମର ପରିଶ୍ରମ ଏବଂ ରନ୍ଧନକୌଶଳ୍ୟ ଚରମ ସୀମା ଲାଭକରିଛି । ଏଥର ଦେଖିବ । ତୁମ ଯୋଗିଆ କମିତ ତୃପ୍ତିରେ ଭୋଜନ କରୁଛି ।

ମାଆ ରାଗିକି ଉଠିଲେ । "ଛି, ଛି, ଏହା କଣ ହୋଇଗଲା କାମ ? ମୁଁ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରିଥିଲି କଣ ଭିକାରୀ ସ୍ୱାର୍ଥପାଇଁ ? ତୁ ଏମିତି କେତେ ଭିକାରୀଙ୍କୁ ଉପାସ ରହି ଖାଇବା ଯୋଗାଇଥିବୁ କେ ?"

କୁନ୍ତଳାକୁମାରୀ କହିଲେ—"ମାଆ, ତା କରୁଣ ଭାବ ମତେ ଅଭିଭୂତ କରିଦେଲା । ସବୁଦିନ, ମୁଁ ବଜାରକୁ ଯେବେ ରସଗୋଲା ଅଣାଇ ଏଇଟି ଖାଇପାରୁଛି—ସେ କେଉଁଠୁ ଖାଇବ ?"

ଏ ଉତ୍ତର ଦେଉଦେଲ ଚଢ଼ିଲ । ସେ ନିଜର ଶାଢ଼ୀ, ବ୍ଲାଉଜ, ସାୟା ମଧ୍ୟ ଭିକାରୁଣୀକୁ ଦାନ କରିଦେଲେ । ଏବେ ଏବେ ପୁଣି ଉପାସ ରହିଲେ । ଏସବୁ ମାଆ ତାଙ୍କର ସହି ନ ପାରିଲେ । ସେ କହିଲେ, "କୁନ୍ତଳା, ତୁ ତ ଆଉ ପିଲା ନୁହଁ ଯେ ମୁଁ ତତେ ଶାସନ କରିବି ! ତୁ ଯାହା ହେଲୁଣି ତୋର ପ୍ରାଣ, ତୋର ଜୀବନ ରକ୍ଷାକରିବା ମୋ ପକ୍ଷରେ ଅସମ୍ଭବ ହେବ । ତୁ ସ୍ୱତନ୍ତ୍ର ବ୍ୟବସ୍ଥା କର । ମୁଁ ଏ ସବୁ ଦୌରାତ୍ମ୍ୟ ତୋର ସହ୍ୟ କରିପାରିବି ନାହିଁ ।"

ତାଙ୍କ ମାଆ ମଧ୍ୟ ଅତି କ୍ରୋଧୀ । ଯେ ଯାହା କହନ୍ତି ତା କରିପକାନ୍ତି । ତେଣୁ କୁନ୍ତଳାକୁମାରୀ କାନ୍ଦିଉଠିଲେ । କାନ୍ଦି କାନ୍ଦି ମାଆଙ୍କ ମନ ବଦଳାଇଲେ; କିନ୍ତୁ ସେଦିନରୁ ଏ ପ୍ରକାର ଅତି ଦୟାରୁ ସେ ଦୂରରେ ରହିଲେ—ସାଧାରଣ ଦୟା ଜୀବନର ବ୍ରତ ହୋଇ ରହିଲା । ମାଆଙ୍କର ଯେତେ ଅତି ସ୍ୱାର୍ଥମୂଳକ ପ୍ରଚେଷ୍ଟା ଅବଶ୍ୟ ସେ ସବୁ ଜୟୀ ହୋଇ ପାରିଲା ନାହିଁ ।

ବନମାଳୀ ମିଶ୍ର ନାମରେ ଗୋଟିଏ ବ୍ରାହ୍ମଣ ପିଲା ପଢ଼ିବା ବେଳେ ଆର୍ଥିକ ଦୁର୍ଗତି ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଲେ । କୁନ୍ତଳାକୁମାରୀ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ ପ୍ରତି ମାସରେ କେତେକ ଟଙ୍କା ଦେଇଆସୁଥିଲେ । ତାଙ୍କ ସହିତ ଏହି ଚୁକ୍ତି ଥିଲା ଯେ ସେ ଯୋଗ୍ୟ ହେବାପରେ ସେପରି ଆଉ ଗୋଟିଏ ଅସହାୟ ଛାତ୍ରକୁ ସାହାଯ୍ୟ ଦେଇ ଋଣପରି କରିପାରନ୍ତି । ବନମାଳୀଙ୍କୁ ଷୋଳବର୍ଷ କାଳ ଏ ଟଙ୍କା ଦେବାକୁ ପଡ଼ିଥିଲା । ଏହି ମାସିକ ଦେୟ ବ୍ୟତୀତ ବହିପତ୍ର ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ମଧ୍ୟ ସେ ଦେଉଥିଲେ ।

ଶୁଣିଛି, ବନମାଳୀ ଯୋଗ୍ୟ ହେବାପରେ ଚୁକ୍ତି ସ୍ୱୀକୃତ ମଧ୍ୟ ପ୍ରତିପାଳନ କରୁଥିଲେ । ବନମାଳୀ କେବଳ ନୁହନ୍ତି, ଏପରି ପାଞ୍ଚ ସାତଟି ପିଲା ବାହାନ୍ତି ବିଦ୍ୟାଳୟରେ ପଢ଼ୁଥିବା ଯୋଗୁଁ ସାହାଯ୍ୟ ନେଉଥିଲେ । ଏପରିକି, କୁନ୍ତଳା ଯେଉଁମାନଙ୍କୁ ଜାଣିଥିଲେ ତାହାଙ୍କୁ ସାହାଯ୍ୟ କରିବେ । ଦେଶହିତୈଷୀ କୃଷ୍ଣପ୍ରସାଦ ଦାସ କୁନ୍ତଳାକୁମାରୀଙ୍କ ଦୟାର୍ଦ୍ର ଗୁଣରେ ମୁଗ୍ଧ ହୋଇ ତାଙ୍କୁ 'ଦୟାବତୀ' ବୋଲି ଡାକୁଥିଲେ । ତାଙ୍କ ସ୍ତ୍ରୀ, ସୁଦାମବାବୁଙ୍କ ତୃତୀୟା କନ୍ୟା ଉମା ଦେଈ କୁନ୍ତଳାକୁମାରୀଙ୍କୁ ନିଜର ଭଗିନୀ ସ୍ୱରୂପ ମଣୁଥିଲେ । ଫଳରେ ଲାଲମୋହନ ପଟ୍ଟନାୟକଙ୍କ ସ୍ତ୍ରୀ, ସୁଦାମବାବୁଙ୍କ ଜ୍ୟେଷ୍ଠ କନ୍ୟା ହେମ ଦେଈ, ଯେ କି ଉମାଙ୍କ ବଡ଼ ଭଉଣୀ, ସେ କୁନ୍ତଳାଙ୍କୁ ଏପରି ସ୍ନେହ କରୁଥିଲେ ଯେ ଏକା ଥାଳରେ ଖାଇବାକୁ ବାଧ୍ୟ କରୁଥିଲେ । ତାଙ୍କ ପରିଣତରେ ବିଧାତା ହେମଙ୍କୁ ଦିନେ ସ୍ୱାମୀ ପଦାଙ୍କ ଅନୁସରଣ କରି ସ୍ମୃତି ଆକାରରେ ପରିଣତ କରିଥିଲା କି ? ଏସବୁ ହେଉ, ସମ୍ପର୍କ ଅତ୍ୟନ୍ତ ମନୋହର ହେଲେହେଁ

ସମସ୍ତେ ନାଗ୍‌ପୁରରେ ସୁଖୀ ଥିଲେ । କିନ୍ତୁ କୁନ୍ତଳା ଅନ୍ତର୍ବେଦନାରେ ବ୍ୟଥିତ ଥାଇ ଉପରେ ଉପରେ ହସୁଥିଲେ, ମଜୁଥିଲେ, ଆନନ୍ଦିତ ହେଉଥିଲେହେଁ, ଭିତରେ ଜାଳି ମରୁଥିଲେ ।

ତେବେ ସେ କୌଣସି ପ୍ରୟୋଜନ ଯୋଗ ମେଡ଼ିକାଲକୁ ଯାଉଥିଲେ । ଦେଖିଲେ ଗୋଟିଏ ନିଃସ୍ୱସ୍ଥା ନାରୀ ଦୁଇଟି ପୁଅ ଓ ଗୋଟିଏ କନ୍ୟା ସହିତ ରୋଦନ କରୁଛି । ନିକଟରେ ବସ୍ତ୍ରାବୃତ ମୃତ ପୁରୁଷଟିଏ ପଡ଼ିଛି । ସେ ଏ ଦୃଶ୍ୟ ଦେଖି କାତର ହୋଇ ଉଠିଲେ ଏବଂ ଘଟଣା ଜଣ ଜାଣିବାକୁ ଉତ୍ସୁକ ହୁଅନ୍ତେ ଶୁଣି ସ୍ତ୍ରୀ ସ୍ୱାମୀ ବଂଗ୍ଳା ଥିବା ଗୋସ୍ୱାମୀ ନିଃଶାରୀ ସେ ଅତି ଜାଣି ଜାଣି ତାର କରୁଣ କାହାଣୀ ଶୁଣାଇଲା । ପିଲା ଦୁଇଟି ଭାଇ ମୁହଁ ଚୋଉ ବସିଥାନ୍ତି । ଗୋଟିକୁ ୭ ବର୍ଷ, ଗୋଟିକୁ ୯ ବର୍ଷ ହେବ ।

କୁନ୍ତଳା ସେମାନଙ୍କୁ ନେଇ ଲକ୍ଷ୍ମୀ ଶ୍ମଶାନଘାଟରେ ଦାହ କରାଇଦେଲେ ଓ ପିଲା ଓ ସ୍ତ୍ରୀ ବଞ୍ଚିବା ଭଳି ସାହାଯ୍ୟ କଲେ । ସେ ସ୍ତ୍ରୀ ପିଲାଙ୍କୁ ଆଣି ନିଜ ଘରେ ସ୍ଥାନ ଦେଲେ । ସେମାନେ ଘର ଭିତରେ ରହି ନିଜେ ରୋଷେଇ କରି ଖାଉଥିଲେ । କୁନ୍ତଳା ସେମାନଙ୍କ ପରିଚୟ ଜାଣିଲେ ଯେ ସେମାନେ ରାମାନନ୍ଦ ଚଟ୍ଟୋପାଧ୍ୟାୟ (ପ୍ରବାସୀ ଓ ମଡର୍ଣ୍ଣରିଭ୍ୟୁର ସଂପାଦକ)ଙ୍କ କୁଟୁମ୍ବୀ ଅଟନ୍ତି । ରାମାନନ୍ଦ ବ୍ରାହ୍ମ; କିନ୍ତୁ ଏମାନେ ହିନ୍ଦୁ ଚଟ୍ଟୋପାଧ୍ୟାୟ ବ୍ରାହ୍ମଣ । ତାର ବାପା ବଳସୁଳେନ୍ଦ୍ର (?) ଅଳ୍ପ ଶିକ୍ଷିତ । ପ୍ରେସ୍‌ମ୍ୟାନ୍ କାମ ମାତ୍ର ଜାଣିଥିଲା । ଭାଗ୍ୟ ଖୋଜି କଟକ ଆସିଥିଲା, ବେଶି ରୋଜଗାର କରିବ ବୋଲି । ସେଠି ସ୍କୁଲ ପ୍ରେସ୍‌ରେ କାମ କରୁଥିଲା । ହଠାତ୍ କାଶ ହେଲା । ସେପଟୁ କଲିକତାରୁ ରୋଗ ଧରି ଆସିଥିଲା । ଦିନେ ଦିନେ ଜ୍ୱର ହେଲା । ଡାକ୍ତରଖାନାରେ ଭର୍ତ୍ତି ହେଲା ପଡ଼ିଥିଲା । ଘର ଗୃହସ୍ଥ ମଲାଣି । ମେଡ଼ିକାଲ ଲାଶ ନେବାକୁ ଧମକାଇଥିଲେ; କିନ୍ତୁ ବ୍ରାହ୍ମଣଟି ନଷ୍ଟ ହୋଇଯିବ ବୋଲି ସ୍ତ୍ରୀଟି ବହୁ ଆଗେ ବୁଲି କେତେ ଲୋକଙ୍କୁ କହି କରୁଣା ହୋଇଥିଲା ।

ଡାକ୍ତରାଣୀ ସରଳାକୁ ସାଙ୍ଗରେ ଧରି ତା ବଡ଼ା ନାନାକୁ ଯାଇ ଉଡ଼ା ଖୁଣ୍ଟାଇ ତା ଜନ୍ମସ୍ଥ ଫେରାଇ ଆଣିଲେ । ଏ ଗୋଟାଏ ନୂଆ ଆଣି ତାଙ୍କ ଜୀବନରେ ପଡ଼ିଥିଲା । ସରଳା ଆଉ ତା ମା'ର ମଧୁର ବ୍ୟବହାରରେ ସେ ମୋହିତ ହୋଇଗଲେ । ଏପରି ହେଲା ଯେ, ସରଳାର ମାଆ ତାଙ୍କର ରୋଷେଇ ମଧ୍ୟ କଲା, କଦାପି ଡାକ୍ତରାଣୀଙ୍କ ମାଆଙ୍କୁ କରିବା ଦେଲା ନାହିଁ । ଗୋଟିଏ ପରିବାରରେ ଏକେବାରେ ଲୋକ ରହିବାରୁ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଶାଶୁଙ୍କୁ ଦେଇଲା, ଅସୁସ୍ଥ ହେଲା, ନହେଲେ ସରଳା ମା' । ନିଃସ୍ୱ ବ୍ରାହ୍ମଣୀ ଆଶ୍ରୟଦାତ୍ରୀ ଡାକ୍ତରାଣୀର ବ୍ୟବହାରରେ ଏକ ମର୍ଯ୍ୟାଦାବୋଧ ରଖିଥିଲା । ସେ କେବେ ନିଜର ଅସୁବିଧା କଥା କହୁ ନଥିଲା । ତା' ପିଲେ ପାଠ ପଢ଼ିବେ, ତା ପିଲେ ଯାଏଁ କୁନ୍ତଳା ଅନ୍ୟମାନଙ୍କ ପରି ପଢ଼ିବେ; ତେଣୁ ସେ ଅନ୍ୟ କୌଣସି ପ୍ରତ୍ୟାଶା ଆଶା ନ ଥିଲା । ସେ ତା ଆଖିରେ ଦେଖୁଥିଲା କେତେ ଜଣ ଜଣ ମାଡ଼ି ଦେଇ ଯାଉଛନ୍ତି । ସେ ମାଗିଲେ ସରଳା ପାଇଁ ଶୁଣା ଜାଣ ପଟେ ପଟେ ନିଶ୍ଚୟ କରିଦିଅନ୍ତେ; କିନ୍ତୁ ଏହି ପରମ ନାରୀଟି ସେଥିଁ ମୁଠିକ

ଖାଉଥିଲା ତା ପିଲାପିଲିଙ୍କୁ ଧରି, ସେମାନଙ୍କୁ ସ୍ଵର୍ଣ୍ଣ ମଣ୍ଡୁଥିଲା । କାରଣ ତା ସ୍ଵାମୀ ମଧ୍ୟ ଏତେକ ତାକୁ ଦେଇ ନ ଥିଲେ ।

ସରଳା ଏଥର ନିୟମିତ କୁନ୍ତଳାଙ୍କ ପାଖରେ ଯିବା ଆସିବା କଲା । ଡାକ୍ତରାଣୀଙ୍କ ପାଖରେ ସେ ତ ହେଲେ ଜଣେ ଝିଅ—ତେଣୁ ସରଳାକୁ ଦେଖିବାକୁ ସେ ପସନ୍ଦ କଲେ । ସରଳା ଆଶ୍ରୟ ପ୍ରତିପାଳନ କରି କରି ବର୍ଷେ ଦି' ବର୍ଷ ମଧ୍ୟରେ ନିଜର ବହୁ ଗୁଣ ଅର୍ଜନ କରିପାରିଲା ।

ସେ ଦେଶ ଯାଇ ସେ ଫଳ ଖାଇ । ସରଳା ମାଆ ନିଜର ବଙ୍ଗାଳୀଙ୍କୁ ଘୃଣାଭାବ ଦେଇ ଏପରି ସୁନ୍ଦର ଓଡ଼ିଆ କହିଲା ଯେ କୁନ୍ତଳାକୁମାରୀ ତାଜୁବ୍ ହୋଇଗଲେ । କାଳକ୍ରମେ ସରଳାକୁ କୁନ୍ତଳାକୁମାରୀ ଗଡ଼ୁ ପାଖରେ ବିବାହ ଦେଲେ ଏବଂ ଶାଢ଼ୀ ପାଟ ଅଳଙ୍କାର ଯେପରି ଯେଉଁସବୁ ସବୁ ତାକୁ ଦେଲେ । ସରଳା ତାର ସ୍ଵାମୀ ଘରକୁ ଗଲା ଏବଂ ନିଜର ମାଆ ଓ ଭାଇ ସାଇଙ୍କୁ ନେଇ ପାଖରେ ରହିଲା । ୧୯୨୫ ମେ ମାସରେ ଏହି ବିବାହ ହୋଇଥିଲା ।

ଏହି ବିବାହରେ ସେ ସରଳାକୁ ପାଞ୍ଚଶହ ଟଙ୍କାର ଗହଣା ଦେଇଥିବା କଥା ତାଙ୍କ ପ୍ରେରିତ ୧୩।୮।୨୫ ତାରିଖ ଚିଠିରେ ଲେଖିଥିଲେ । ସେତେବେଳେ ସୁନା ଭରି ୧୦ରୁ ୧୫ଟଙ୍କା ମଧ୍ୟରେ ଥିବା ସମ୍ଭବ । ସରଳାକୁ ଏ ଲେଖକ ଦେଖିଛି । ସେ ସେତେବେଳେ ବେଶ୍ ସୁସ୍ଥ ସବଳ ସୁନ୍ଦର ଦେଖାଯାଉଥିଲା । କଥାରେ ଅଛି—ଲିପିଲେ ପୋଛିଲେ କୁଡ଼ ସୁନ୍ଦର, ଖାଇଲେ ପିଇଲେ କୁଡ଼ ସୁନ୍ଦର ! ସରଳା ନ ଖାଇ ନ ପିଇ ମରୁଥିଲା ! ଖାଇପିଇ ପୁଣି ମଣିଷ ହେଲା । ନିଜ ଉଦ୍ୟମରେ ନିଜର ମାଆ ଭାଇଙ୍କୁ ପୋଷି ରହିଲା । ଦାରିଦ୍ର୍ୟ ହିଁ ମନୁଷ୍ୟଙ୍କୁ ନିରନ୍ତର ହୀନ କରାଉଛି । ଦାରିଦ୍ର୍ୟ ଦୂର ହେଲେ, ମନୁଷ୍ୟଙ୍କୁ ମନୁଷ୍ୟ କରି ପାରିଲେ ବିଶ୍ଵରେ ସୁଖର ସୀମା ରହନ୍ତା ନାହିଁ ।

## ମାତୃତ୍ଵ ପ୍ରତି ଲାଳସା ଏବଂ ଈର୍ଷା—

କୁନ୍ତଳାକୁମାରୀ ପରୋପକାରକୁ ଜୀବନର ବ୍ରତ କରିବାରେ ତାଙ୍କ ମାଆ ଭିତରେ ଭିତରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ; କାରଣ ନୈଳାଦବାବୁ ଏହା ହିଁ ପସନ୍ଦ କରୁଥିଲେ । କୌଣସି ପ୍ରକାରେ ଯଥା ସମ୍ଭବରେ କୁନ୍ତଳାକୁମାରୀଙ୍କ ତାଙ୍କ ବିବାହୋତ୍ସବ ହେଉ, ଏହା ସେ ଇଚ୍ଛା କରୁଥିଲେ । ତେବେ କଦାପି ନିଜେ ପରିଷ୍କାର କହି ପାରୁ ନ ଥିଲେ, "ତୁମେ ଅନ୍ୟ କାହା ସହିତ ପରିଣୀତ ହୁଅ ।" ସେତେବେଳେ ହିନ୍ଦୁଭିତରେ ଏହା ଚଳଣୀର ବିଷୟ ମଧ୍ୟ ନ ଥିଲା । ଏପରିକି ତାହା କେତେକ ଅନ୍ୟ ସମାଜରେ ଆତ୍ମୀୟମାନଙ୍କ ମଧ୍ୟରେ ବରଂ ଲଜ୍ଜାଜନକ ରହିଥିଲା । ପୂର୍ବରୁ କୁହାଯାଇଛି, ନୈଳାପଣ୍ଡିତଙ୍କ ପୂର୍ବ ସ୍ତ୍ରୀଙ୍କ ଆତ୍ମ ମୃତ୍ୟୁ ୧୯୨୨ରେ ହୋଇଥିଲା । ତେଣୁ ସେ କେବଳ କୁନ୍ତଳାଙ୍କ ସହିତ ପାଣିଗ୍ରହଣ ଲାଗି ପ୍ରାର୍ଥୀ

ହୋଇ ଉଠିବେ, ଏତିକି ମାତ୍ର ଭାବୁଥିଲେ । କିନ୍ତୁ ଈଶ୍ବର ସ୍ବରୂପ ଜାଣି ଏ ଶିଶୁ ନାରୀର ଗଭୀର ମନ ମଧ୍ୟରେ କି କଳନା ଲୁଚିରହିଛି; କେବଳ ତାହା ଭବିଷ୍ୟ ହିଁ ନାରୀର ଆଦର୍ଶରେ ମହାନ କରାଇପାରିଛି । କେ ଜାଣିଥିଲା ନିଜ ଭିତରେ ଧର୍ମବୀଜ ସେ ? ଧନ୍ୟ ଦେଶମାତା ନାହିଁ ତ ପୂଜା କରି କରନ୍ତା ?

୧୯୨୪ ବେଳକୁ କୁନ୍ତଳାକୁମାରୀ ଏତେ ମୋଟା ହୋଇଯାଇଥିଲେ ଯେ ସେ ଯେ ଅବିବାହିତା କନ୍ୟା ଏହା ତାଙ୍କୁ ଦେଖି କେହି ସ୍ୱୀକାର କରିବ ନାହିଁ । ତଥାପି ତାଙ୍କର ସୁନ୍ଦର ଏବଂ ସୁସ୍ଥ ଦେହ ସେ କୌଣସି ଅତି ବଡ଼ ଘରର ବୋହୂ ହୋଇଥିବା ସୂଚକ ତାଙ୍କୁ ଜଣାଇପାରିଥାନ୍ତା । ତାଙ୍କର ଏହି ଗୋପନୀୟ ବୃତ୍ତାନ୍ତ ଅବଶ୍ୟ ସାମାନ୍ୟ କେତେଜଣଙ୍କୁ ଜଣାଥିବ; କିନ୍ତୁ ସାଧାରଣ ଲୋକେ ଭାବୁଥିଲେ ଯେ ଚିରକୁମାରୀ ରହି ଦେଶ ସେବା କରିଯିବେ ।

ତରୁଣ ସ୍ୱାଙ୍ଗ ଜୀବନରେ ମାତୃତ୍ୱର ଅନୁଭବ ଯେଉଁ ଏପରି ବ୍ୟଥା ଜାଗ୍ରତ ହେଲା ଯେ ସେ ବାସ୍ତବିକ ବ୍ୟାକୁଳ ହୋଇଗଲେ । କୌଣସି ପ୍ରସବ କରାଇବା କାର୍ଯ୍ୟରେ ସେ ସତ୍ୟଭାମାପୁର ଯାଇଥିଲେ—ସେହି ସତ୍ୟଭାମାପୁର ଉତ୍କଳର ବରେଣ୍ୟ ଜନନାୟକ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ । ସେଠାରେ କୌଣସି ଗୃହିଣୀଙ୍କୁ ସେ ଦେଖିଥିଲେ । ତାର ପାଞ୍ଚଟି ପୁଅ କନ୍ୟା । କୌଣସି ମାଛ ଧରାକୁ ଦୁଃଖ ହୋଇଥାଏ, ଅନ୍ୟମାନେ ମାଆଙ୍କ ଦେହରେ ରହି ଭୁଜାପିଠା ଖାଉଥାନ୍ତି । ପିଲାଟିମାନ ସମସ୍ତେ ସମସ୍ତଙ୍କୁ ଦେଖନ୍ତି । ଏତେ ପରିବାର ଏବଂ ଗହଳ ଯେ ଅଛି କେହି ଗଣି ହେବ ନାହିଁ । ବଡ଼ ଝିଅଟିର ସୌନ୍ଦର୍ଯ୍ୟ ଅତୁଳନୀୟ । ଗୃହିଣୀଟି ମଧ୍ୟ ସୁନ୍ଦରୀ ଏବଂ ବେଶ୍ ସୁଗଠିତା । ତାର ବ୍ୟବହାର ଓ ଭାଷା ଏତେ ମିଠା ଯେ ସେ କୁନ୍ତଳାଙ୍କୁ ସବୁ ପାଖରେ ବସାଇଦେଲା । ସେହି ଗୃହିଣୀ ମାଳତୀ କଥା କଥା କହିଲା—"ମା ! ପିଲାଟିମାନ ଘରେ ଭରି ଯାଇଛି ? ମୋ ପିଲାଏ ପାଖରୁ ଦଣ୍ଡେ ଛାଡ଼ିଗଲେ ମୋ ଦେହ କଣ ହୋଇଯାଏ । ମାଇପଟା ଝିଅର ପିଲା ତ ସମସ୍ତି !"

କୁନ୍ତଳାକୁମାରୀ କଟକ ଫେରିଆସିଲେ । ଗୃହିଣୀ ମାଳତୀର କଥା ତାଙ୍କୁ ଅସ୍ଥିର କରୁଥାଏ । ସେ ବାସ୍ତବିକ ବସାରେ ଶୋଇରହି ଭାବୁଥିଲେ—ତାଙ୍କର ଭବିଷ୍ୟତ—କଣ କରିବେ—ମରିବେ ନା ବଞ୍ଚିବେ ?

ଯୋଗ ଯେ, ଏପରି ଉଚ୍ଛନ୍ନ ମନୋବୃତ୍ତି ମଧ୍ୟରେ ସେ ଦିନେ କଟକରେ ଥିବା ମହାପ୍ରଭୁ କୋଠିକୁ ଏକ ବେଳା ଦେଖି ଯାଇଥିଲେ । ସେଠାରେ ଅକସ୍ମାତ ସୁଗୋଲ ସୁଠାମ ସୁନ୍ଦର କିଶୋରଟିଏ ଦେଖି ବିସ୍ମିତ ହୋଇଯାଇଥିଲେ । ଆଜିବେଶାନ୍ତଙ୍କ ପ୍ରୟୋଗଟିରେ ସେ ଅଭିଳାଷ ଥିବା ଯୋଗୁଁ ଏବଂ ସେ ସଂପର୍କରେ ଗଭୀର ଚିନ୍ତାର ପାଠ କରିବା ଯୋଗୁଁ ଏ ଶିଶୁଟିକୁ ସେ ତାଙ୍କ ପୂର୍ବଜନ୍ମର ସନ୍ତାନ ବୋଲି ସ୍ଥିର କରି ତାଙ୍କୁ କୋଳରେ ଟାଣିବେ ଏବଂ ପାଖକୁ ଆଣିବେ, ଏଥିପାଇଁ ଅତ୍ୟନ୍ତ ବ୍ୟଗ୍ର ହୋଇଯାଇଥିଲେ । ଏହି କିଶୋରଟି ଭୁବନେଶ୍ୱରର ଏକ ଅଭିଜାତ ବ୍ରାହ୍ମଣ ପିଲା, ପୁଣି ତା' ଜନନୀର ଏକମାତ୍ର ସନ୍ତାନ

ଜାଣି ମଧ୍ୟ ସେ ଚେଷ୍ଟାରୁ ବିରତ ହୋଇନଥିଲେ । ନାନା ଉପାୟରେ ବୈଷ୍ଣବଚରଣ ଦାସ ନାମକ ଜଣେ ବ୍ୟକ୍ତି ସାହାଯ୍ୟରେ ଅବଶେଷରେ ତାଙ୍କୁ ଚିହ୍ନିପାରିଥିଲେ । ଏପରିକି ପିଲାର ଉଚ୍ଚଶିକ୍ଷା ପାଇଁ ତାର ଜନନୀକୁ ବାରମ୍ବାର ଚିଠିପତ୍ର ଦେଇ ମୁଗ୍ଧ କରିଥିଲେ ।

ଗର୍ବିତ କିଶୋରଟି କିନ୍ତୁ ତାଙ୍କୁ ତାଙ୍କ ସମୟରେ ଜନ୍ମର ସମାଲୋଚନା କରେ । କିନ୍ତୁ କୁନ୍ତଳାକୁମାରୀ ସର୍ବଦା ଭାବୁଥିଲେ ବୋଧହୁଏ—ଏ ମୋ ପୂର୍ବ ଜନ୍ମର ସନ୍ତାନ, ମୋତେ ସେପରି କରିବାର ଅଧିକାର ତାର ରହିବା ଉଚିତ ନୁହେଁ କି ? କଠୋର କର୍ତ୍ତବ୍ୟନିଷ୍ଠ, ବିବେକୀ, ସ୍ୱଧର୍ମରେ ସ୍ଥିର ବାଳକଟି ତାଙ୍କ ସନ୍ତତି କାଳକ୍ରମେ ସହଯୋଗୀ ହେବାଦ୍ୱାରା ସେ ବହୁ ସଂତୋଷ ଲାଭକରିଥିଲେ । ଆବଶ୍ୟକତା ଯେତେ ବାଧା ହେଉ ଏଠାକୁ ଲିପିବଦ୍ଧ କରୁଥିଲେ । ଉକ୍ତ କିଶୋରର ଗର୍ଭଧାରିଣୀ ଜନନୀ ଅନୁଜାତ ଶ୍ରୀଲଙ୍କର ବଧୂ, ଏପରିକି ସେ ଅଞ୍ଚଳରେ ଏକୋଡ଼ି ମାନନୀୟା ଥିଲେ । ତାଙ୍କର ସଦାଚରଣ, ଦୟାଦାକ୍ଷିଣ୍ୟ ଓ ସ୍ୱଧର୍ମ ରକ୍ଷାରେ ସେ ଏକମାତ୍ର ଆଦର୍ଶ ରମଣୀ ଥିଲେ । ସନ୍ତାନମାନଙ୍କର ମୃତ୍ୟୁ ଯୋଗ ବ୍ୟଥିତା ନାରୀ ତାର ଏହି ଏକମାତ୍ର ସନ୍ତାନକୁ ନିଜର ପୁଅ ନ ମଣି, ସେ କାଳର ଚଣ୍ଡାଳ ଅସ୍ପୃଶ୍ୟଠାରୁ ଆରମ୍ଭ କରି ବହୁ ନାରୀଙ୍କୁ ତାକୁ ପୁଣ୍ୟସ୍ୱରୂପ ଦାନ କରିଥିଲେ । ତେଣୁ ନିଜ ଜନନୀକୁ ମିଶାଇ ତାର କଏଟି ମାଆ ଥିଲେ । ଏବେ ଏହି ଜ୍ଞାନବତୀ ସୁଲକ୍ଷ୍ମୀ ନାରୀ ଜଣକ ମଧ୍ୟ ତାର ମାଆ ହୋଇଗଲେ ।

ଏହି ସିଦ୍ଧି ତାଙ୍କର ଉଚ୍ଚତ୍ୱ, ଏପରି ମହାନତା, କୁନ୍ତଳାକୁମାରୀ ନିଜକୁ ଜଣେ ଜନନୀ ସ୍ୱରୂପ ଆତ୍ମତୃପ୍ତି ଅନୁଭବ କଲେ । ତେଣୁ ସତ୍ୟସ୍ୱାମୀଙ୍କଠାରୁ ଦେଇ ହୋଇଥିବା ଦାରୁଣ ଦୁଃଖ ଚିନ୍ତା ଅନେକାଂଶରେ ତାଙ୍କ ହୃଦୟରୁ ଦୂରହେଲା । କିନ୍ତୁ ସାମୟିକ ଦେଖାସାକ୍ଷାତରେ ଏ ଶିଶୁର ତାଙ୍କ ପ୍ରତି ଅନୁରାଗ ପୁଣି ତାଙ୍କୁ ଚିନ୍ତାଗ୍ରସ୍ତରେ ବାଧା ମଧ୍ୟ ଦେଇଥିଲା । ସେ ପ୍ରତିଜ୍ଞାବଦ୍ଧ ହେଲେ ତାଙ୍କର ସମସ୍ତ ସ୍ନେହ ଦେଇ ଏହି ସୁଗ୍ରନ୍ଥ ଅନୁଜାତଟିକୁ ଜଣେ ପ୍ରତିଭାଶାଳୀ ମଣିଷ କରି ଗଢ଼ିବେ । *

### ୧୯୨୪ର ଉତ୍କଳ ସମ୍ମିଳନୀ ଓ ତାଙ୍କ କବିତା—

ଏହି ଅବସରରେ ଖ୍ରୀ: ୧୯୨୪ରେ ଅପୂର୍ଣ୍ଣ ପ୍ରଫୁଲ୍ଲଚନ୍ଦ୍ର ଘୋଷଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ଦେଶ ମିଶ୍ରଣ ଯୋଗ କଟକରେ ବସିଲା । ସେହି ସଭାରେ ବଙ୍ଗୀୟ ବିଜ୍ଞ ବ୍ୟକ୍ତି ଉକ୍ତ ବୈଜ୍ଞାନିକ ପି. ସି. ରାୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ 'ଉତ୍କଳମଣି' ଉପାଧିରେ ଅଭିହିତ କଲେ । କୁନ୍ତଳାକୁମାରୀଙ୍କର ଗୋଟିଏ କବିତା ଉକ୍ତ ଅଧିବେଶନରେ ମହାସମାରୋହରେ ଗୀତ ହୋଇଥିଲା ।

* ବର୍ଣ୍ଣିତ କିଶୋର ଏହି ବହିର ଲେଖକ । (ପ୍ରକାଶକ)

କୋଟିକାନ୍ତିମୁକ୍ତା-ମାଳିନୀ
କାନ୍ତ-କମଳା କଳାଭୂଷଣା ଶାନ୍ତ ଶାଳିନୀ ।

( ୧ )

କୋଟି ସୁତ ସେବ୍ୟଶୀଳା
କୋଟି ସ୍ୱର୍ଗ ସୁର୍ଗଲୀଳା
ରତ୍ନହାର ଶତୋଜ୍ଜ୍ୱଳା
ସିନ୍ଧୁ ଧୌତ ପୁଣ୍ୟବେଳା
ନୀଳାଚଳ-ଚିଲିକା-ପ୍ଲାବନ-
ଶଙ୍ଖ, ମୁକ୍ତା, ଭଣ୍ଡାରେ ଭକ୍ତପାଳିନୀ ।

( ୨ )

ତାଳ ତମାଳ ତାଳୀବନା
ଶତତଟିନୀ ପୂତ ସଲିଳା
କାବ୍ୟକୁଞ୍ଜ କଳକୋକିଳା
ପଙ୍କଜ ପାଦ ଭକ୍ତ ଧାରିଲା
ଶ୍ରୀଗୀତ ସୁଧା ସ୍ୟନ୍ଦିନୀ
ବିଶ୍ୱବନ୍ଦନ ଚିରନନ୍ଦନ ନନ୍ଦନକାନନା ।

( ୩ )

ବିଶାଳ ଶୈଳ ବଟିକମାଳୀ
କେଦାରକାନ୍ତ ଧାନ୍ୟଶାଳୀ
କାନନ ଫୁଲ୍ଲ ପ୍ରସୂନାଞ୍ଚଳ
ପୁଷ୍ପ ପକ୍ଷୀ କଳକାକଳୀ
ଚନ୍ଦ୍ରଜ୍ୟୋତ୍ସ୍ନା ସ୍ନିଗ୍ଧାନନା
କୁଙ୍କୁମଚନ୍ଦନ କର୍ପୂର ମୃଗମଦ ମୋହିନୀ ।

( ୪ )

ଅନଙ୍ଗ ଯଯାତି ବୀର ଜନନୀ
ଖର-ରୁଧିର-ସିକ୍ତ ଅବନୀ
ସତ୍ୟ ଧର୍ମ ମୋକ୍ଷ ମେଦିନୀ
ଶୁଦ୍ର ବ୍ରାହ୍ମଣେ ସାମ୍ୟବାଦିନୀ
ଜାତିଭେଦ ବନ୍ଧ ଭଞ୍ଜିନୀ
ନିଖିଳ ଭାରତ ଭକତ ଚରଣ ରେଣୁରଞ୍ଜିନୀ ।

( ୫ )

ଜୟ ଜୟ ବୀର ବରେଣ୍ୟ
ଜୟ ଭକତ ତଥ ଶରଣ୍ୟ
ଜୟ ଧନ୍ୟ ! ଜୟ ପୁଣ୍ୟ !
କୋଟି ପ୍ରାଣ ଅଧିପୂର୍ଣ୍ଣ
ସନ୍ତପ୍ତର ଶାନ୍ତିଦାୟିନୀ
ବନ୍ଦେ କାମନା କଳିତ ଲଳିତ ଚରଣ ନଳିନୀ ।

ଏ କବିତାଟି ତାଙ୍କର ପ୍ରିୟତମ କୈଳାସଚନ୍ଦ୍ରଙ୍କ ଉଦ୍‌ବୋଧନରେ ରଚିତ ହୋଇଥିଲା ଏବଂ ଜନୈକ ଆସାମବାସୀ ବାଳକ ଏବଂ ତାଙ୍କ ବଡ଼ାଭାଇର ତତ୍କାଳୀନ ସଂଗୀତଜ୍ଞମାନଙ୍କଦ୍ୱାରା ସମାବେଶରେ ଗୀତ ହୋଇଥିଲା । କୈଳାସ ନିଜେ ହାରମୋନିୟମ୍ ବଜାଇଥିଲେ । ତାଙ୍କ ସଙ୍ଗ ହୋଇ ଗାଇଥିଲେ ।

ଏହି ସଭାଟି 'ଉତ୍କଳ ସମ୍ମିଳନୀ' ନାମରେ ଅଭିହିତ ନ ହୋଇ 'ଉତ୍କଳ ପ୍ରାଦେଶିକ ସମ୍ମିଳନୀ'ର ପ୍ରଥମ ଅଧିବେଶନ ନାମରେ କଥିତ ହୋଇଥିଲା । କାରଣ ସେତେବେଳେ କଂଗ୍ରେସର ପ୍ରଭାବରେ ସମସ୍ତ ଭାରତ ମୋହିତ । ବଙ୍ଗଦେଶରେ ଦେଶମାନ୍ୟ ପଣ୍ଡିତ ଗୋପବନ୍ଧୁ ଦାସ କଂଗ୍ରେସର ଅନନ୍ୟ ଭକ୍ତ । କେବଳ ସେଥିରେ କୁଳବୃଦ୍ଧ ମାନନୀୟ ମଧୁସୂଦନ ଦାସ ସି. ଆଇ. ଇ. ବିରୋଧ କରୁଥାନ୍ତି । ଉତ୍କଳ ଯେ ଯାଏ ଏକଶାସନରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ନ ହୋଇଛି, ସେତେବେଳେ ଅନ୍ୟ ଆନ୍ଦୋଳନରେ ଯୋଗ ଦେଲେ ଉତ୍କଳର ଦେଶହିତ ଚେଷ୍ଟା ଲଘୁ ହୋଇଯିବ, ଏହା ସେ କହୁଥାନ୍ତି । ତାଙ୍କର ମତାମତ ହିଁ ଠିକ୍ ହେଲା । କଂଗ୍ରେସଦ୍ୱାରା ଓଡ଼ିଶାର ଦେଶହିତରେ ଯେଉଁ ଅବରୋଧ ଘଟିଲା, ତାହା ଇତିହାସ ପୃଷ୍ଠାରେ ଅତି ଲଜ୍ଜାଜନକ ଅକ୍ଷରରେ ଲିପିବଦ୍ଧ ରହିଥିବ । ବଙ୍ଗଳା ଓ ବିହାରକୁ ବ୍ୟବସ୍ଥାନରୁ ବଞ୍ଚିତ କରିବାରେ ଭାରତରେ ଉଚ୍ଚପଦାରୂଢ଼ ନେତୃବୃନ୍ଦଙ୍କର ଏ ଜନ୍ମ ଶ୍ରେଣୀର ମନୋବୃତ୍ତିକୁ ମଧ୍ୟ ଧିକ୍କାର ଦେବାକୁ ହୁଏ ।

ମହାତ୍ମା ଗାନ୍ଧୀ ତାଙ୍କ 'Young India' କାଗଜରେ ଖ୍ରୀ: ୧୯୨୮ ଡିସେମ୍ବର ମାସରେ ଲେଖିଥିଲେ—

"Orissa has a good grievance. As the able author of the book called the 'Oriya Movement' says, Orissa has been vivisected for political purposes. Part belongs to Bengal, part to Bihar, part to the Central Province and part to Andhra. Nothing belongs to Orissa itself. The Congress has recognised the Oriya-speaking people as one province."

ଅର୍ଥାତ୍, ଓଡ଼ିଶାର ଏକ ଯଥାର୍ଥ ଅଭିଯୋଗ ରହିଛି । ଏହି 'ଓଡ଼ିଆ ଆନ୍ଦୋଳନ' ବସ୍ତୁତ ଶକ୍ତି ଲେଖକ ବହୁଳାଂଶ ଓଡ଼ିଶାକୁ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଅଙ୍ଗ ବ୍ୟବଚ୍ଛେଦ କରାଯାଇ ଏହାର କେତେକାଂଶ ବିହାରରେ, କେତେକାଂଶ ବଙ୍ଗରେ, କେତେକାଂଶ ମଧ୍ୟପ୍ରଦେଶରେ ଓ କେତେକାଂଶ ଆନ୍ଧ୍ରରେ ଯୋଗ କରାଯାଇଛି । କିନ୍ତୁ ଓଡ଼ିଶାର ଜନକ ବୋଲି କେହି ନାହିଁ । ଯାହାହେଉ ଜାତୀୟ କଂଗ୍ରେସ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶରେ ରଖିବାକୁ ସ୍ୱୀକାର କରିଛି ।

ଆମ୍ଭମାନଙ୍କର ବର୍ତ୍ତମାନର ସଂଗ୍ରାମରୁ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ଏକ ଉତ୍କୃଷ୍ଟ ଶିକ୍ଷା ଆମକୁ ମିଳୁଛି ଯେ, ବଳବାନ୍ ନିଶ୍ଚୟ ଦୁର୍ବଳ ନିକଟରେ ହାରି ମାନିବ । ଏପରିକି ଯେଉଁଠି ସନ୍ଦେହ ଉପୁଜିବ ସେଠି ଦୁର୍ବଳର ସପକ୍ଷରେ ହିଁ ବିଚାର ହେବ ।

ଓଡ଼ିଆମାନଙ୍କ ଲାଗି ସାଇମନ୍ କମିଶନ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କଲେ ସତ୍ୟ; କିନ୍ତୁ ତାହା ଅସମ୍ପୂର୍ଣ୍ଣ ରହିଗଲା । କପଟୀ ଇଂରେଜ ଜାତି ଦୁର୍ଦ୍ଧର୍ଷ ଓଡ଼ିଆ ପାଇକଙ୍କଠାରୁ ଯଥେଷ୍ଟ ଭାବରେ ଆଘାତ ପାଇଥିଲେ । ସେହି ଜାତି ହେଲେ ହେଁ ଶେଷ କୂଟବୁଦ୍ଧି ବଳରେ ଏ ଜାତିର ସଂପୂର୍ଣ୍ଣ ଏକୀକରଣକୁ ସ୍ୱୀକାର ନ କରି ସବୁଦିନେ ଘୁଣି ଗାତରେ ରହିଯିବେ । କିନ୍ତୁ ତାହା ଘଟିଲେ । ଅବଶ୍ୟ କଂଗ୍ରେସର ମୁଖ୍ୟ କର୍ଣ୍ଣଧାର ଉତ୍କଳର ସଂପୂର୍ଣ୍ଣ ଏକୀକରଣପାଇଁ ନିର୍ଭୀକ ଜବାବ ଦେଇଥିଲେ ବା ସିଂହନାଦବାଣୀ ଶୁଣାଇଥିଲେ । ତାଙ୍କର ଯୋଜନାର ସତ୍ୟ ସ୍ୱରର ଭାଷାର ସିଂହମାନଙ୍କ ଷଡ଼ଯନ୍ତ୍ରରେ, ଗୁପ୍ତଚରର କାର୍ଯ୍ୟରୀତି ଦେଖାଇ, ତାଙ୍କ ସ୍ୱାର୍ଥ ନେଇଛନ୍ତି ସେମାନେ ମିଥ୍ୟା ହୋଇଗଲା ।

ଗାନ୍ଧୀଜୀ ପୂର୍ବୋକ୍ତ ମନ୍ତବ୍ୟ ସତ୍ୟ କହିଥିଲେ—

"One golden rule of universal application that we must learn from our present struggle is that the stronger must yield to the weaker. In case of doubt the weaker must have the verdict." (The Star of Utkal, 1924, p. 259)

ମହାତ୍ମାଙ୍କବାଣୀ ବିଫଳ ହୋଇଛି ଓଡ଼ିଆଙ୍କ ଭାଗ୍ୟରେ । ଦୁଷ୍ଟ ଏ ଜାତିର ଶେଷ ହୋଇନି । ସ୍ୱାଧୀନତାର ମାତ୍ର ଯେତେକ ହେଲେ ଏ ସିଦ୍ଧି ମିଳନ୍ତା ତା' ହୋଇପାରି ଏ ହୋଇନ ! ତେଣୁ ଦୁର୍ବଳ ସପକ୍ଷରେ ବିଚାର କାହିଁ ହେବ ? ତଥାପି ଆଶା କରାଯାଏ, ମହାତ୍ମାମାନଙ୍କ ବଚନ ମିଥ୍ୟା ହୁଏ ନାହିଁ । ଏପରି ପୁନଃ ସୁଯୋଗ ଦିନେ ଆସିବ, ପ୍ରକୃତ ନ୍ୟାୟର ପୁନଃସ୍ଥାପନ ହେବ । ଆଜି ଦେଶ ସ୍ୱାଧୀନତା ପାଇଥିଲେ ହେଁ ଲକ୍ଷ ଲକ୍ଷ ଓଡ଼ିଆଙ୍କୁ ଜବରଦସ୍ତି ବଙ୍ଗାଳୀ, ବିହାରୀ, ତେଲଙ୍ଗା ଏବଂ ମଧ୍ୟପ୍ରଦେଶୀ କରାଯାଇଛି । ଏହା ଈଶ୍ୱରଙ୍କ ସହିତେ ଦିନେ ଧ୍ୱଂସ ହେବ । ନ୍ୟାୟର ଜୟ ନିଶ୍ଚୟ ହେବ ।

ପଣ୍ଡିତ ଗୋପବନ୍ଧୁ ଦାସ ୧୩।୫।୨୮ରେ ଖଣ୍ଡିଏ ଚିଠିରେ ସେହି ଦୁଃଖଦୁର୍ଦ୍ଦଶାର ଚିତ୍ର ଦେଇଛନ୍ତି ତାହା ପଢ଼ି ଚିତ୍ତ କ୍ଷୋଭରେ ମଳିନ ହୋଇଉଠେ । ଏସବୁ ଅନ୍ୟାୟ-

ସେବେ କୁଳବୃଦ୍ଧଙ୍କ ସଭ ଉତ୍କଳୀୟ ଇଂରେଜୀରେ ଲେଖି ଏକଥିକୁ ଉତ୍କଳ ସମ୍ମିଳନୀ ପ୍ରକାଶ କରିଥିଲେ । ତାହା ଏଠି ଉଦ୍ଧୃତ କରାଯାଉଛି । ସେ ଯାହା ଲେଖିଥିଲେ—

Dear Editor,

You have asked me for a message on Oriya amalgumation. No message however ably delivered would adequately express the feeling of the Oriyas who are now struggling as a race for their very existence under the present state of their dismemberment. The tongue of the Oriya has been cut. In Midnapore they were five lacs some three or four censuses back and their number is now insignificant, almost a negligible quantity.

In the district of Singbhum, Oriya number predominantly over all others. Hoes excepted. But still their language has been banished from courts for nearly a hundred years and recognised only nominally in schools the other day. In Oriya tratcs of C. P. Oriya children are taught their elementary lessons in primary schools in Hindi which is quite unintelligible to them and needs to be explained in Oriya, a most unnatural and preposterous process opposed to and inconsistant with any sound system of primary education.

In the Ganjam District under Madras Government Oriyas have fallen from twelve lacs to nine lacs only within a decade. Thus it is, how under the administrative arrangements the race is going to extinct and its language a..d history ignored, neglected and destroyed. The utter indifference, I should rather say the culpable negligence, on the part of Government towards the Oriya problem is responsible for the diminution of strength of the Oriyas and the mutilation of their history and language. This is

nothing but a short of murder of an ancient race. I fear this process of gradual annihilation will continue as long as the Oriyas remain a non-agitating people awfully loyal and timidly anxious to secure Government favour, merely by reason of their own weakness and by complete submission to the will of a 'Paternal Government.'

I see a section of our people very jubilant over the enquiry which the Government of India has directed recently to ascertain the desire of Madras Oriyas for union with Orissa. Have the Government really so much regard for Oriya feelings and wishes ? Was this regard paid to the Oriya opinion and sentiments when Orissa was tucked to Bihar only to be used as sea-board to it ? Personally I am not very much sanguine about the result of the enquiry. Nor do I much mind whether the Oriyas are united by Government. I believe, inspite of the many destructive forces of administration the Oriya must survive as a race. The national consciousness of the Oriya has been roused. He must help himself and I sincerely trust, God will help him.

Gopabandhu Das.

( The Star of Utkal—1924 )

"ପ୍ରିୟ ସଂପାଦକ ମହାଶୟ !

"ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ହେଉ ଏକ ଦାବି ମାଗିଛନ୍ତି । ସେ ଦାବି କେଉଁ ? ଓଡ଼ିଆ ଜାତି ଯେ ପ୍ରଭାବ ବୃଦ୍ଧି ମଧ୍ୟରେ ରହି ଆଜ୍ଞା ଅନୁଭବ କରୁଛନ୍ତି, ତା' କ'ଣ ଦାବିରେ ଲଭିବେ କରାଯାଇପାରେ ? ଦେଖନ୍ତୁ, ଷଣ୍ଢମାନଙ୍କ ବଳିଷ୍ଠ ଅବସ୍ଥାରେ ଓଡ଼ିଆମାନେ ଏକ ଜାତି ସ୍ୱଭାବରେ ବଞ୍ଚି ରହିବାକୁ ଯୋଗ୍ୟ ହେବାକୁ ଚାହାଁଇଛନ୍ତି । ଓଡ଼ିଆଙ୍କର ଜୀବ ଲଢ଼ାଉଛନ୍ତି ! ଭାରତି ବା ସ୍ୱସ୍ତି ଜନଗଣନା ଦ୍ୱାରା ମେଦିନୀପୁରରେ ଓଡ଼ିଆମାନଙ୍କର ସଂଖ୍ୟା ଯାହାଥିଲା ଥିଲା; ମାତ୍ର ସେମାନଙ୍କ ସଂଖ୍ୟା ଅଳ୍ପ ଅଧିକ ନଗଣ୍ୟ ।

"ସିଂହଭୂମି ଜିଲ୍ଲାରେ ଓଡ଼ିଆମାନଙ୍କର ସଂଖ୍ୟା ସର୍ବାଧିକ ରହିଛି; ଅଥଚ ପ୍ରାୟ ଚଡ଼ ଶହେଦେଢ଼ ହେବ ସେମାନଙ୍କର ଭାଷା ସମ୍ଭ କୋର୍ଟକଚେରୀରୁ ବହିଷ୍କାର କରାଯାଉଛି ।

କେବଳ ନାମମାତ୍ର ଏହି ବଳରେ ଧନ ହେଲା ତାହା ସ୍କୁଲମାନଙ୍କରେ ସ୍ୱୀକୃତ ହୋଇଛି । ମଧ୍ୟପ୍ରଦେଶର ଓଡ଼ିଆ-ଭାଷାଭାଷୀ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ହିନ୍ଦି ମାଧ୍ୟମରେ ଦିଆଯାଉଛି, ଯାହାକି ସେମାନଙ୍କ ପକ୍ଷେ ସମ୍ପୂର୍ଣ୍ଣ ଦୁର୍ବୋଧ୍ୟ—ଏପରିକି ଓଡ଼ିଆରେ ବୁଝାଇ ନ ଦେଲେ ନ ଚଳେ । ଏ ପଦ୍ଧତି ଯେପରି ସମ୍ପୂର୍ଣ୍ଣ ଅସ୍ୱାଭାବିକ ସେହିପରି ଅତ୍ୟନ୍ତ ଅସଂଗତ ଏବଂ କୌଣସି ସୁସ୍ଥ ପ୍ରାଥମିକ ଶିକ୍ଷା ପଦ୍ଧତି ପକ୍ଷରେ ସଂପୂର୍ଣ୍ଣ ବିରୋଧୀ ଓ ଅସଫଳ ।

“ମାଡ୍ରାଜ ସରକାରଙ୍କ ଅଧୀନସ୍ଥ ଅଞ୍ଚଳମାନଙ୍କରେ ଓଡ଼ିଆଙ୍କ ସଂଖ୍ୟା ଗତ ଦଶନ୍ଧିରେ ୬ ଲକ୍ଷରୁ ୪ ଲକ୍ଷକୁ କମିଛି । ଏଥିରୁ ଜଣାଯାଉଛି ଯେ କିପରି ଶାସନତାନ୍ତ୍ରିକ ବ୍ୟବସ୍ଥାରେ ଏ ଜାତି ଲୁପ୍ତ ହେବାକୁ ବସିଛି । ଏହାର ଭାଷା ଏବଂ ଇତିହାସକୁ ଅବହେଳା କରାଯାଉଛି, ଅସ୍ୱୀକାର କରାଯାଉଛି ଓ ଧ୍ୱଂସ କରାଯାଉଛି । ଓଡ଼ିଆଙ୍କ ସମସ୍ୟାରେ ସରକାରଙ୍କ ଉଦାସୀନତା ବା ଲୁକ୍କେ, ଜନଗଣ ଅବହେଳା ଯୋଗୁଁ କହିଲେ ଠିକ୍ ହେବ, ଓଡ଼ିଆଙ୍କ ସଂଖ୍ୟା ହ୍ରାସ ପାଉଛି ଓ ସେମାନଙ୍କ ଭାଷା ଓ ଇତିହାସକୁ ଖଣ୍ଡ-ବିଖଣ୍ଡ କରାଯାଉଛି । ଏହା ଏକ ପ୍ରାଚୀନ ଜାତିର ହତ୍ୟା ସଦୃଶ । ମୁଁ ଆଶଙ୍କା କରୁଛି ଯେତେଦିନ ଯାଏ ଓଡ଼ିଆମାନେ ଆନ୍ଦୋଳନ-ଅକ୍ଷମ ରହିଥିବେ, ଜାତୀୟ ଦୁର୍ବଳତା, ଏବଂ ବୈଦେଶିକ ସରକାରଙ୍କ ପ୍ରତି ଆନୁଗତ୍ୟ ଓ ଅତିମାତ୍ରାରେ ରାଜଭକ୍ତି ଯୋଗୁ କାପୁରୁଷ ଭଳି ସରକାରୀ ଅନୁଗ୍ରହପ୍ରାର୍ଥୀ ହୋଇଥିବେ, ସେମାନଙ୍କର ଏପରି କ୍ରମିକ ଧ୍ୱଂସ ସାଧନ ହେଉଥିବ ।

“ମାଡ୍ରାଜ ପ୍ରଦେଶସ୍ଥ ଓଡ଼ିଆଏ ଓଡ଼ିଶା ସହିତ ମିଶ୍ରଣ ହେବାକୁ ଚାହାଁନ୍ତି, ସ୍ଥିର କରିବାକୁ ଭାରତ ସରକାର ସେଠି ନିର୍ଦ୍ଦେଶ ଦେଇଛନ୍ତି ଯେ ତଦନ୍ତ ସେଇ ଆମ ମଧ୍ୟରୁ କେତେକାଂଶ ସମ୍ପାଦିତ ହୋଇଛି । ସରକାରଙ୍କର କଣ ଓଡ଼ିଆଙ୍କ ଇଚ୍ଛା ଓ ଅବସ୍ଥା ପ୍ରତି ଏତେ ସମ୍ମାନ ଅଛି ? ଯେତେବେଳେ ବିହାର ସହିତ ଓଡ଼ିଶାକୁ କେବଳ ବାହାରର ସମୁଦ୍ରତଟର ପ୍ରୟୋଜନ ଲାଗି ସଂଯୁକ୍ତ କରାଗଲା, ସେତେବେଳେ ଓଡ଼ିଆଙ୍କ ମତାମତ ଓ ମନୋଭାବକୁ କ'ଣ ସରକାର ସମ୍ମାନ ଦେଇଥିଲେ ? ମୁଁ ବ୍ୟକ୍ତିଗତ ଭାବେ ଏ ତଦନ୍ତର ସଫଳତା ଆଶାପ୍ରଦ ବୋଲି ଭାବୁନାହିଁ । ଓଡ଼ିଆମାନେ ଏକଶାସନାଧୀନ ହୋଇ ରହିବୁ କି ନାହିଁ, ଏ ବିଷୟରେ ଅଧିକ ମୁଁ ଭାବୁ ନାହିଁ । ମୁଁ ବିଶ୍ୱାସ କରୁଛି ଯେ, ଯେପରି ଶାସନତାନ୍ତ୍ରିକ ଧ୍ୱଂସ-ସାଧନର ପନ୍ଥା ବ୍ୟବହୃତ ହେଉନାହିଁ କାହିଁକି, ଓଡ଼ିଆମାନେ କଦାପି ବୋଲିଏ ଜାତି ହେବେ ନଷ୍ଟ ହେବେ । ଓଡ଼ିଆଙ୍କର ଜାତୀୟ ଚେତନା ଜାଗ୍ରତ ହୋଇଛି । ସେମାନେ ନିଜକୁ ନିଜେ ରକ୍ଷା କରିପାରିବେ, ଏବଂ ମୁଁ ମଧ୍ୟ ଅନ୍ତରଙ୍ଗଭାବରେ ବିଶ୍ୱାସ କରୁଛି— ଭଗବାନ ସେମାନଙ୍କର ସହାୟ ହେବେ ।”

ଏଇ ନିବନ୍ଧରେ ଭାଷା ଦମ୍ଭିତନର ଅନ୍ୟାୟ ନୀତିଗୁଡ଼ିକ ସ୍ପଷ୍ଟ ରୂପରେ ଆମ ଜାତୀୟ ଅଧିକାର ଓ ନ୍ୟାୟ ହୋଇ ଲୁଚିରହିବାକୁ ବାଧ୍ୟ ହୋଇଛି । ସୌଭାଗ୍ୟକୁ ବିଦେଶୀମାନଙ୍କଠାରୁ ନ୍ୟାୟ ପାଇବେ ବୋଲି ଆଶା କରିଥିଲେ ଯେଉଁମାନେ ଓଡ଼ିଆଙ୍କ ଭଣ୍ଡାରେ ଖୁବ ସଫା ଭୁଲିଯାଇଛନ୍ତି—

"ହେ ଦୁର୍ବଳ ଓଡ଼ିଆମାନେ, ସ୍ୱଦେଶବାଦ ଲାଗି ସ୍ୱଜାତି ପରାଧୀନ ହୋଇଛିବ । ତୁମେମାନେ ଯାକୁ ଗୃହଣଙ୍କ ।" ଏମାନଙ୍କ କଥାରେ ଆମେମାନେ ଓଡ଼ିଆ ଜାତିର ଦୁର୍ବଳତା କରୁଅଛୁ । ସେଥି ଶାସନ ବା ସେଥି ଦଳର ସିଦ୍ଧାନ୍ତ ଗୁଡ଼ିକରୁ ମହାପ୍ରାଣଙ୍କ ପ୍ରବର୍ତ୍ତିତ ଏକ ମଣ୍ଡଳର ଏବଂ ସିଦ୍ଧାନ୍ତ ଓ ଲକ୍ଷ୍ୟରେ ବ୍ୟାଘାତ ଘଟିଥିଲା, ତାହା କହିବାକୁ ଆମ ଜାଣ ମଧ୍ୟ ଯାଉଁଥିଅଛନ୍ତି । ଇଂରେଜଙ୍କୁ ଦୋଷ ଦେଉଥିଲେ । ଏ କୃତଜ୍ଞ ଇଂରେଜ-ଗୁଡ଼ିକ ଓଡ଼ିଆ ଜାତିର କି ଅନିଷ୍ଟ କରିନାହାନ୍ତି ? ବାଙ୍ଗାଳୀମାନେ ସବୁ ଦଖଲ କରିବାକୁ ଚେଷ୍ଟା ପୂଜା କରୁଥିଲେ; କିନ୍ତୁ ଆଜିର ଶାଳି ଏପରି କଥିବା କୁହନ୍ତି, କିନ୍ତୁ ସେ ପଣ୍ଡା ଉପରେ ସ୍ୱସ୍ଥ ପରିସ୍ଥିତି ସେ ଭଙ୍ଗାଳିର ଅର୍ନ୍ତନାଦ ମଧ୍ୟରେ ଥାଇ ହୋଇଥିଲେ, ନିଜ ପ୍ରଦେଶର ଅନ୍ଧାରିକ କରିଥିଲେ; ସେଠାରୁ ପଞ୍ଚାଶଟି କଣ ଆଣିପାରେ ?

୨୯-୭-୧୯୨୪ ତାରିଖରେ କୁଳବୃଦ୍ଧ ମାନଙ୍କୁ ମଧୁବାବୁ ଲେଖିଥିଲେ—

"We are sons of the same mother. It is surely our misfortune that we are under an alien rule. The Government can torture your body. It can prevent you from doing anything through its laws. But no one has any hand on the thought and action of our soul. Only it is necessary for a man to realise that the spark of God is within him."

(Mr. M. S. Das, in the Utkal Pro. Conference)

"ଆମେ ସମସ୍ତେ ଏକ ମାଆର ପିଲା । କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟ ଯେ ଆମେ ବିଦେଶୀ ଶାସନାଧୀନରେ ରହିଛୁ । ସରକାର ଯଣ ଜରକ—ଆମମାନଙ୍କର ଶରୀରକୁ କଷ୍ଟ ଦେଇ-ପାରେ, ତା ଆଇନକାନୁନ ଦେଇ ଆମକୁ କିଛି କରିବାରୁ ନିବୃତ୍ତ କରିପାରେ । କିନ୍ତୁ ଆମର ଚିନ୍ତା ଓ କାର୍ଯ୍ୟ ଉପରେ କାହାରି ହାତ ନାହିଁ । କେବଳ ମଣିଷ ଏତିକି ଅନୁଭବ କରୁ ଯେ—ଈଶ୍ୱରଙ୍କ ଅଗ୍ନି କଣା ତାହାଠି ବିଦ୍ୟମାନ ରହିଛି ।"

ମଧୁସୂଦନ ଦାସ ବହୁକାଳ ବଞ୍ଚିଥିଲେ । ୧୯୩୪ରେ ତାଙ୍କର ମୃତ୍ୟୁ ହେଲା । ତାଙ୍କର ଆଶା-ଆକାଂକ୍ଷା ପୂର୍ଣ୍ଣ ନ ହେବା ଦେଖି ସେ ମଲେ । ସେପାଇଁ ମନେହୁଏ ସେ ଆତ୍ମା ପାଇଁ ଏବେ ମଧ୍ୟ ନରକ ଭୋଗ କରୁଛନ୍ତି । ଖବରକାଗଜରେ ତାଙ୍କ ପ୍ରଶସ୍ତି ଏବେ ୧୦ । ୫ ଜଣଙ୍କ ଉପସ୍ଥିତିରେ ମଧ୍ୟ ହୋଇନଥାଏ ନାହିଁ । ବାଲେଶ୍ୱର ସ୍କୁଲ ଓ ମହିଳା କଲେଜରେ ସମ୍ଭବତଃ ଏ ଦୁଇଟି ସ୍ଥାନରେ ତାଙ୍କ ପାଇଁ ଶ୍ରଦ୍ଧା କିଛି ଉତ୍ସବ ହୁଏ । ଉତ୍ସବରେ ଯିଏ ବକ୍ତୃତା ଦିଅନ୍ତି ସେ ହିନ୍ଦି ଉତ୍କଳ କଥା କହିବାକୁ ଭୟ କରନ୍ତି—ବାଲେ ମଧ୍ୟ, ଗୋପବନ୍ଧୁ ନରକରୁ ତ୍ରାଣ ପାଇପାରିବେ ! ମଧୁବାବୁ ବଙ୍ଗଳାରେ କଥା କହୁଥିଲେ ସତ,

କିନ୍ତୁ ବଙ୍ଗାଳୀଙ୍କର ଓଡ଼ିଶା ପ୍ରତି ବା ସମାଲୋଚନାର ଶବ୍ଦ ଶୁଣି ଥିଲେ । ସମସ୍ତ ମେଦିନୀପୁରର ଓଡ଼ିଆ ବଙ୍ଗାଳୀ ହେବା, ଆନ୍ଧ୍ରରେ, ମଧ୍ୟପ୍ରଦେଶରେ ଓ ବିହାରରେ ଅର୍ଦ୍ଧକୋଟି ଓଡ଼ିଆ କାଳବଳି ହୋଇ ଉଚ୍ଛିନ୍ନ ହେବାକୁ ଆମେ ଚୁପ୍ ହୋଇ ଦେଖୁଛୁ । କେବଳ ଦେଢ଼କୋଟି ସେତିକି ଓଡ଼ିଶା ଇଂରେଜଙ୍କ କୃପାରୁ ଆମକୁ ମିଳିଛି, ତା' ଭିତରକୁ ପଶିଆସୁଥିବା ବା ବସତକରି ରହି ନିଜ ସ୍ୱତନ୍ତ୍ର ସୁରକ୍ଷିତ ରଖିଥିବା ଅଣଓଡ଼ିଆଏ ସେପରି ନିଜପଦରେ ରହି ସେମାନଙ୍କ ଭାଷା ଓ ସଂସ୍କୃତି ବଜାୟ ରଖି ଏ ପ୍ରାନ୍ତ ମଧ୍ୟ ଛିନ୍ନ-ବିଚ୍ଛିନ୍ନ କରିବେ—ସେତିକି । ତାଙ୍କ ନିଶ୍ଚିନ୍ତ ଆମେ ଜଗିବୁ ଲାଗୁ ।

ଏବେକି ସମୁଦାୟଙ୍କ ଅବଶିଷ୍ଟେ କହୁଛି । ଓଡ଼ ଶାସକ ବର୍ଷରେ ସେଉଁମାନଙ୍କର ଜାତୀୟ ଅନୁଷ୍ଠାନ ଜନ୍ମଭିତ୍ତି ଏକାବେଳେ ଦଖଲ କରିଥିଲେ, ସେହି ବଙ୍ଗାଳୀମାନେ ଦର୍ଶା-ଭାବୁଅଛନ୍ତି ଜଳବଳ ହୋଇ ବେଶ୍ ଓଡ଼ିଆ ଶାସ୍ତ୍ରୀୟଙ୍କୁ ଶୋଷାଇବା, ଏବଂ ତାହାର ପ୍ରଶସ୍ତି ପ୍ରଚୁର କରିବା କଥା ଅତି ଦରିଦ୍ର । ଅବଶ୍ୟ ସେ ଓଡ଼ ସିଂହ ହୋଇଥିଲେ କଥା ନଥିଲା । କାରଣ ସ୍ୱର୍ଗ ଚେତିଶୁଭଲିଙ୍ଗ ଲକ୍ଷ ଲକ୍ଷ ଭକ୍ତଙ୍କୁ ଶିକ୍ଷା ଦେଉଥିବା ଜଣାଯାଏ ସୁଦୃଶ୍ୟ ବନ ଓ ଜଙ୍ଗଲ ପୋଡ଼ି ଗଣତନ୍ତ୍ର ବିଭାଜନ ଗ୍ରାମମାନ ଶେଷ ତା କବର ଲିପି ସେହି ବିଶ୍ୱ ପ୍ରାସାଦ ଗଢ଼ାଇଲା, ତା ଗଢ଼ିଲେ ପବିତ୍ର ଶିଳ୍ପୀ-ନିର୍ମାତା ଭାରତୀୟ ମହାରଣା ଓ ପରିଜାଙ୍କ ବଂଶଧରଗଣ । ଏହା କଣ ହେଉଛି ? ସେହି ଭୂତପୂର୍ବମାନଙ୍କ ଲାଗି ଆମର ଦୁର୍ଦ୍ଦଶା, ଆମେ ସେମାନଙ୍କ ଭାଷା ଏବଂ ସଂସ୍କୃତିକୁ ଜଗୁଆଳ ଭାବେ ବଞ୍ଚାଇ ରଖୁ, ସେମାନେ ଅନ୍ୟ ଜାତିର ଅଧୀନରେ ଶାସନ କରୁଥିବେ ନାହିଁ । ଅଥଚ ଆମର ଅଧି ଆଗରେ ଆମ ଲୋକେ ଅନ୍ୟ ପ୍ରାନ୍ତରେ ଏକାବେଳେ ଲୁପ୍ତ ହୋଇଯାଉଛନ୍ତି । ଏମାନଙ୍କୁ ସମ୍ପୂର୍ଣ୍ଣ ଓଡ଼ିଆ ଭାବରେ ଗଢ଼ିବା ନିମନ୍ତେ ଆମର ଦେଶପ୍ରେମର ହାନି ଆସୁଛି । ବିହାର ଯେଉଁ ବାଟ ଧରିଛି, ବଙ୍ଗାଳୀ ସେହି ବାଟ ଧରିଯାଇଛନ୍ତି, ଅନ୍ଧ୍ର ସେହି ବାଟରେ ଯାଉଛି, ସେହି ବାଟ ଠିକ୍ ବାଟ । ସେମାନେ ମିଳିଛି ସେତିକ ସଂପୂର୍ଣ୍ଣ ଆମର ବୋଲି ଅଦେଶ ପ୍ରମାଣିତ କର, ତାପରେ ବାକିତକ ପାଇବାକୁ ଚେଷ୍ଟା କରିବା ।

ସ୍ୱାଧୀନତା ପାଇବା ପରେ ଶାସନତନ୍ତ୍ରରେ ସମସ୍ତ ପ୍ରକାର ପ୍ରାଧାନ୍ୟ ମତ ଦେବାର ଅଧିକାର ଜନସାଧାରଣଙ୍କୁ ମିଳିଥିଲେହେଁ, ଆଜି ଓଡ଼ିଆ ସମସ୍ତ ଭାରତରେ ଗୋଟିଏ ଅନାଦୃତ ସମ୍ପ୍ରଦାୟ ଜାତି ଭାବରେ ପରିଗଣିତ ହେଉଛି କଥା ପଦେ କହିବାକୁ ଇଚ୍ଛାକରେ । ସେହେତୁ ବା ଓଡ଼ିଶାକୁ ଓ ଓଡ଼ିଆ ଜାତିକୁ ବଙ୍ଗାଳୀ, ଅନ୍ଧ୍ର, ବିହାରୀ ଓ ମଧ୍ୟପ୍ରଦେଶ ଆଦି ସଂପୂର୍ଣ୍ଣରୂପେ ଦଖଲକରି ବସିଛନ୍ତି । ତେଲଙ୍ଗା ଓ ବଙ୍ଗଳାର ସଂସ୍କୃତି ଓଡ଼ିଶା ଉପରେ ମାଡ଼ିଯାଉଛି । କଟକ-ଭାରତ କଲିକତାରୁ ଆସି ଦରିଦ୍ର ଘରେ ପ୍ରବେଶ କରୁଛି । ବାରମ୍ବାର ଅବହେଳିତ ଓଡ଼ିଆ ତାହା ଦେଖିଶୁଣି ମନେକରି ବଡ଼ ବଡ଼ ହାତରେ ଧରି ଓ କାଖରେ ଭାର ନେଇ, ମଠରେ ପରେ ଘାଟେ ପ୍ରଦର୍ଶନ କରୁଛି । ହାୟରେ ଦୁର୍ଭାଗ୍ୟ ! ସିଂହକୁ ଶୃଗାଳ ହେବାକୁ କି ହେଲୁପଡ଼ା !

ଏ ସୁଯୋଗ ଅନୁକୂଳ କରି ବଙ୍ଗାଳୀମାନଙ୍କ ମଧ୍ୟରୁ କେତେକ, ସେତେବେଳେ ପାକସ୍ଥାନ ହେଲେ ମଧ୍ୟ, ସେତେବେଳେ ଲାଞ୍ଛିତ ଓ ଅପମାନିତ ହେଲେ ମଧ୍ୟ, ଓଡ଼ିଆଙ୍କ ନିର୍ବୋଧ ଶକ୍ତିରେ ଛିଦ୍ର କାମୁଡ଼ି ରହିବାକୁ ପଛେଇ ନାହାନ୍ତି । ଆଜି ବି ନାହାରିଲି ବନ୍ଧୁଗମର ଆଞ୍ଚଳିକ ଭାଷା ପର ଓଡ଼ିଆ ଏକ ଭାଷା—ଏହା ନେଇ ସମାଧାନ ଗଠିରେ କହୁଅଛନ୍ତି, କାଲି ତାଙ୍କୁ ରହିଛି ନାହିଁବୋଧ ଭଳକୁଛି 'ନଷ୍ଟ' ଉଠେ 'ଝୋଟ୍ ନାପଟି ପୋଏଟ୍'—ଅଥଚ ସେ କି ସୁରୀ ସୋପ ଅସ୍ୱଳ ହେଲେ ଗଣିବ ଜଗନ୍ନାଥଙ୍କ ସ୍ୱାମୀ ପଣ୍ଡିତଙ୍କ ଜନ୍ମ । ସେହି କାଗଜରେ ଓଡ଼ିଶା ବା ଓଡ଼ିଆଙ୍କ କଥା ତାଙ୍କରେ ନାହିଁ ଅନ୍ୟକରୁ ଅଧିକ ବାହିସୁ ହୁଏ ଓଡ଼ିଶାରେ ; ଏହାହିଁ ଓଡ଼ିଶାର ଜାଗୃତ୍ତ ! ଏ ଦୁର୍ଦ୍ଦଶା ନିର୍ଦ୍ଦିତ କେବେହେଲେ ଦୂର ହେବ । କବିଚନ୍ଦ୍ର କହିଥିଲେ—ଶଶୀ ଆଣି ଦେବେ ପଣ୍ଡିତଙ୍କ ଆଣି ଦେଲେ ସମାନ ହେବ ନାହିଁ । କେବଳ ଚନ୍ଦ୍ର ହେବ କଳଙ୍କିତ ।

"ସୁଦିନ ଦେଖ ଯଦି ଦକ୍ଷରେ ତାପରେ ଥାଉ ଦୁଃଖ
ନିଂଶରେ ଦେଖ ସେ ସମଷ୍ଟୀ ମର ଭଲ୍ ରେ ଯୋଗ ।
ବାଣ୍ଟି ଓ ଭାଗ୍ୟକର ଶ୍ରମ କଲେ ପ୍ରାପତ ନାହିଁ
ବିମଳ ପଦାର୍ଥକୁ ସବଦା ସମ୍ମୁଖ କଣ୍ଠ ଦହି ।" (ମେ ଗୁଣ ଦେ: ବା:)

ବଙ୍ଗଳା, ମଧ୍ୟପ୍ରଦେଶ, ଆନ୍ଧ୍ର ଏବଂ 'ବିହାର ଓ ଓଡ଼ିଶା'ରେ ଥିବା ସ୍ୱତନ୍ତ୍ରାପ୍ରଣାଳୀ ସାମିଲ ଅଂଶମାନ ଓଡ଼ିଶାରେ ମିଶିବାରେ ପଣ୍ଡିତ ଗୋପବନ୍ଧୁ ଦାସ (ଦେଶଭକ୍ତ ଦେଶ ନେତୃତ୍ୱ), ପ୍ରଫୁଲ୍ଲ ଅନନ୍ତ ମିଶ୍ର, ନିଳ ମୋହନ ପଟ୍ଟନାୟକ (ଉତ୍କଳ ଇଉନିୟନ କନ୍ଫରେନ୍ସ ସେକ୍ରେଟେରୀ) ଲିଙ୍ଗରାଜ ପାଣିଗ୍ରାହୀ (ସଂପାଦକ, ଓଡ଼ିଶା ଦେଶମିଶ୍ରଣ ସଭା), ନିରଞ୍ଜନ ପଟ୍ଟନାୟକ (ଉତ୍କଳ କଂଗ୍ରେସ ଏଡହୋକ୍‌ର ସଭାପତି), ପି: ଏଲ: ମହାନ୍ତି (କଲିକତା ଷ୍ଟ୍ରିଟ୍‌ର ସଭାର ଏଡିଟର), ଲକ୍ଷ୍ମୀନାରାୟଣ ସାହୁ (ସର୍ଭେଣ୍ଟ ଅଫ ଇଣ୍ଡିଆ ସୋସାଇଟି), ବୈକୁଣ୍ଠନାଥ ଦେବ (ସଂପାଦକ, ଉତ୍କଳସାହିତ୍ୟ ଏବଂ ବିହାର ଓଡ଼ିଶା ଲେଜିସଲେଟିଭ୍ କାଉନସିଲ ମେମ୍ବର), ଗୋପାଳଚନ୍ଦ୍ର ପ୍ରହରାଜ (ପ୍ରସିଦ୍ଧ ଲେଖକ ଏବଂ ଆଡ୍‌ଭୋକେଟ୍) ମାନେ ସେଥିପାଇଁ ଦୃଢ଼ ମତ ପୋଷଣ କରି ଆନ୍ଦୋଳନମାନଙ୍କରେ ଯୋଗ ଦେଇଥିଲେ ତାହା ପାଠକଙ୍କ ଦେଖି ଓଡ଼ିଆ ଏହି ଅନ୍ୟାୟ କାହିଁକି ସହିବ ଭଲା ? ଯେଉଁ ସିଂହଭୂମି ଚିରକାଳ ଓଡ଼ିଶାରେ ରହିଥିଲା, ଯାହା ଓଡ଼ିଆ ଜାତିର, ଓଡ଼ିଶାଦେଶର ମସ୍ତକ ସ୍ୱରୂପ, ସେହି ସିଂହଭୂମି ଜିଲ୍ଲା କଂଗ୍ରେସ କମିଟି ଚିରକାଳ ଉତ୍କଳ କଂଗ୍ରେସ କମିଟି ଅଧୀନରେ ରହିଥିଲା, କେତେକଙ୍କ ସ୍ୱାର୍ଥ ପଣ୍ଡିତ 'ଡିଭାଇଡ୍, ଏଣ୍ଡ ରୁଲ୍' ନୀତି ଅନ୍ୟାୟକୁ ସମର୍ଥନ କଲେ । ଏପରିକି ଏପରି ଅମର ଥିବା ଲୋକଙ୍କୁ ଡକାଇବାକୁ ନାନା ପ୍ରକାରମାନ୍ୟତା ଦେଖାଇ ଯୁକ୍ତି କଲେ । ଏହାହିଁ ଏକ ଅନ୍ୟାୟରେ ସେ ସେମାନେ ଏ ଜାତିର ଚିରକାଳ । କୃତଜ୍ଞତା ମନସ୍ୱୀତା !

ଏଠାରେ ଜୋସେଫ୍ ମାଜିନିଙ୍କ ଏକ ମନ୍ତବ୍ୟ ଉଦ୍ଧାର କରାଯାଇପାରେ—
'Your country is one and indivisible. As the members of

a family cannot rejoice at a common table if one of their numbers is far away, snatched from the affection of his brothers, so you should have no joy or repose as long as a portion of the territory upon which your language is spoken is separated from the Nation.' (Josep i Mazzini)

"ତୁମର ଦେଶ ଏକ ଏବଂ ଅବିଚ୍ଛେଦ୍ୟ । ଯେପରି ପରିବାର କୌଣସି ମିଳନୋତ୍ସବରେ ପରିବାରର କୌଣସି ଜଣେ ସଦସ୍ୟ ଯେତେବେ ଦୂର ରାଜ୍ୟରେ ଥାଇ ଭାଇମାନଙ୍କଠାରୁ ବିଚ୍ଛିନ୍ନ ଥାଏ, ସେତେବେ ସୁଖରେ ଆନନ୍ଦ ମିଳେ ନାହିଁ; ଠିକ୍ ସେହିପରି ଯେ ପର୍ଯ୍ୟନ୍ତ ତୁମ ଦେଶର ଏକ ଅଞ୍ଚଳ, ଯେଉଁଠାରେ କି ତୁମର ଭାଷା କଥିତହୁଏ, ତାହା ତୁମ ଦେଶ ଓ ଜାତିଠାରୁ ବିଚ୍ଛିନ୍ନ ହୋଇ ରହିଛି, ସେ ପର୍ଯ୍ୟନ୍ତ ତୁମର କୌଣସି ଆନନ୍ଦ ବା ଶାନ୍ତି ଥିବା ସମୀଚୀନ ନୁହେଁ ।"

ଭାରତବର୍ଷରେ ଇଂରେଜ ଶାସନରେ ସମସ୍ତେ କଷ୍ଟ ପାଇଲେ । କେବଳ ଓଡ଼ିଆ-ମାନେ ନିଜର ନିଜସ୍ୱ ସଂସ୍କୃତି ଲୁପ୍ତହେବା ଦେଖିବାରୁ କ.ଳିଦାସଙ୍କ ଦେହଳିବନ୍ଧା କାର୍ଯ୍ୟରେ ଦୁଇଟି ସ୍ୱଙ୍ଗ ବାଳ ଗଡ଼ଜାତ ଅଞ୍ଚଳକୁ ମିଶାଇ 'ବିଶାଳ ବଙ୍ଗଳା' ବୋଲିକହୁଛନ୍ତି । ଏହା ଯେଉଁମାନେ କେବଳ ଓଡ଼ିଶାରେ ହେଲା ଏପରି ଧାରଣା କେତେକଙ୍କ ଅଛି ଜଣାଥାଏ । ମଧ୍ୟପ୍ରଦେଶରେ ଗଡ଼ଜାତ, ଛୁଆଁକୁଟର ଗଡ଼ଜାତ ଅଞ୍ଚଳ, ପଞ୍ଜାବର ଗଡ଼ଜାତ ଅଞ୍ଚଳ ଏବଂ ରାଜସ୍ଥାନ ଓ ମାନ୍ଦ୍ରାଜପ୍ରଦେଶର ଗଡ଼ଜାତ ଅଞ୍ଚଳ ମଧ୍ୟ ଅନ୍ୟ ଷ୍ଟେଟ୍ ସହିତ ସାମିଲ ହୋଇ-ଯାଇଅଛି । ତେଣୁ ଏ ମିଶ୍ରଣ ଆମର ପ୍ରକୃତ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ନୁହେଁ । ନିଜାମ, ରାଜ୍ୟ ମହୀଶୂର, କାଶ୍ମୀର, ବରୋଦା, ଇନ୍ଦୋର, କୁନ୍ଦାଗଡ଼, ତ୍ରିବାଙ୍କୋର୍, ପାଞ୍ଚପଲ୍ଲୀ ରାଜ୍ୟ ମଧ୍ୟ ସ୍ୱତନ୍ତ୍ର ରହିନାହିଁ । ପାଟଣା, କଳାହାଣ୍ଡି ବା ଜୟପୁର-ଏଲକା ରହିଥାନ୍ତେ ? ତେଣୁ ଯୋଗସୂ-ତ୍ରେଇକ ପାତଲ୍ୟଖଳନୀ ଜଟେଇବା କାର୍ଯ୍ୟରେ ଖବର କାଗଜରେ ଅଧିକ ଜନ ବାବଦୂକତା ବ୍ୟାଖ୍ୟା କରି ମନକଥା ଦେଖାଇବାର ସୁଖ ଖୋଲିଯାଇଛି ।

କୁନ୍ତଳାକୁମାରୀ ଜଣେ ବିପ୍ଳବୀ ଥିଲେ । ସେ ଓଡ଼ିଆ ଜାତିପାଇଁ ତାଙ୍କର ଜୀବନ-ସଂଗ୍ରାମ ଲଢ଼ି ଲଢ଼ି ଖୋଲିଥିଲେ । ତେଣୁ ତାଙ୍କ ଜୀବନଚରିତରେ, ସେ ଯେପରି ସ୍ୱପ୍ନ ଥିଲେ, ସେ ଯେପରି ବହୁଳ ଦେଖାଇ ଉଠିଥିଲେ, ସେହି ଲକ୍ଷ୍ୟ ଧରି ଏହି ମନ୍ତବ୍ୟ କରାଯାଇଛି । ଆଶା, ସମାଜ, ସନ୍ତାନ, ନବୀନ ଭବିଷ୍ୟତରେ ତାଙ୍କର ବାଣୀ ଏଠି ଯେଉଁମାନେ ପଢ଼ିଛନ୍ତି, ସେମାନେ ଏହି ପ୍ରକାର କିଛି ମନ୍ତବ୍ୟ ଶୁଣିଥିବେ । ସେଥିରେ ସନ୍ଦେହର ଅବକାଶ ନାହିଁ ।

## କୁନ୍ତଳାଙ୍କ ରଚିତ ଇଂରାଜୀ କବିତା—

ସେହି ଦେଶମିଶ୍ରଣ ଆନ୍ଦୋଳନ ବେଳେ କୁନ୍ତଳାକୁମାରୀ ଇଂରେଜରେ ଗୋଟିଏ କବିତା ଲେଖିଥିଲେ । ଆଉ କେତେକ କବିତା ମଧ୍ୟ ସେ ଇଂରାଜୀରେ ଲେଖିଥିଲେ, ତାହା ମିଳୁନାହିଁ । ଏ ଗୋଟିକ ତାଙ୍କ ଅପରିଚିତ ବନ୍ଧୁଙ୍କ ରଚନା ରହିଛି ।

ସେ ଲେଖିଥିଲେ—

### The Neglected Land

Oh, land of famine, fire, flood,
Thou home of pain and misery,
In all our veins flows warm thy blood,
We sigh and shed our tears for thee,
Weep no more, Oh ! weep no more,
Hail the coming happy morn,
Welcome with love at thy door
children from thy lap long torn,
They gather at thy holy feet
Ever washed with billows blue,
They join their hands in union sweet
With life energetic and new.
The days of woe will not be long,
Soon poverty and pain shall cease,
The smiling face of singing throng
Will fill thy heart with joy and peace.
Why then fall thy tears in shame,
Sinks thy heart in despair deep,
In thy desert field of fame,
Do thy sons lie still in sleep ?
Dost thou weep for days bygone,
Rends thy heart in smarting pain
When bright as the Sun it shone,
And past th' main was thy domain ?
Thy sons were heroes, men were brave,
Life they worked in stone and tree,
In temple, tower, bower, cave,
Wreathed garlands of poetry.

Still in Ekamra's lonely dale,
Beneath the sacred mango tree,
Sweet they sing in southern gale
Thy poets' spirits full and free.
Dear Utkal, our dearest land,
Made in beauty, decked in dream
Stories breathe thy sea and sand
of Upendra and Anangabhima.
The wind resounds the cocky caves,
The birds they cheer the mountain vale,
And kiss thy shores, the foaming waves,
With songs of praise of Great Kharabela
On flower-lips with drops of dew
Falls so sweetly on the green,
A heavenly carol ever new
of Purusottam and Padma Queen,
Now all a story, a lovely myth,
The faded golden day's last ray;
But in the deep dark clouds beneath
peeps the gleam of glorious day.
The fragrant hearts of flowers open,
The feathered flock, a hymn they chant,
"The night is gone, the night is gone
The night of woe, the night of want"
Awake, Oh glorious Utkal ! now,
Thy severed limbs are joined at last,
Thy sons are joined in heart so true,
on Future will they build thy Past.
We love thy every leaf and flower,
We love thy breeze, thy stormy gust,
Thy desert is our oasis bower,
We crave thy humble devine dust,

Cheer, Oh cheer, our mother dear !
Shower on us thy blessing love,
Bring thy children ever near,
Let us men and women prove.
In the battle field of life,
Let us firmly take our stand,
Lift out heads in stormy strife,
With faith in God and Mother-land.

## ଅବହେଳିତ ଦେଶ

ହେ ଦୁର୍ଭିକ୍ଷ, ଅଗ୍ନି, ବନ୍ୟାପ୍ଲାବିତ ଦେଶ
ଦୁଃଖ ଏବଂ ଯନ୍ତ୍ରଣାର ନିବାସ
ଆମର ପ୍ରିୟ ଜିବୁ ପ୍ରସିଦ୍ଧିରେ ତୁମର ସ୍ୱାସ୍ଥ୍ୟ ପ୍ରଭାବିତ
ଅନେକ ତୁମକଥି ଦାରିଦ୍ର୍ୟ ଓ ଅଶ୍ରୁ ତ୍ୟାଗ କରୁଅଛୁ ।
ଆଜି ଜାଣନାହିଁ, ଆଜି ଜାଣନାହିଁ
ତୁମର ଅତୀତ ପୁଣ୍ୟସ୍ମୃତିକୁ ସମ୍ମାନିତ କରାଅ
ନିଜର ଦ୍ୱାରଦେଶରେ ତାଙ୍କୁ ସପ୍ରେମ ସ୍ୱାଗତ କରାଅ
ତୁମ କୋଳର ସନ୍ତାନ ଚରଣର ଦ୍ୱାରରେ ଅଛନ୍ତି ।
ସେମାନେ ତୁମର ପବିତ୍ର ପଦତଳେ ଏକନିଷ୍ଠ
ଯାହା ସର୍ବଦା ଜଳତରଙ୍ଗମାଳାଦ୍ୱାରା ଧୌତ;
ଏ ମଧ୍ୟରୁ ଏକଶିକ୍ଷଣରେ ସେମାନେ ହାତ ଉଠାଇଥିବା ହୋଇଛନ୍ତି,
(ଏବଂ) ଜୀବନ ସେମାନଙ୍କୁ ନୂତନ ଓ ଶାନ୍ତିଦାୟକ ହୋଇଛି ।
ତୁମର ଦୁଃଖର ଦିନ ଆଉ ବେଶୀ ଦିନ ରହିବ ନାହିଁ
ଶୀଘ୍ର ଦାରିଦ୍ର୍ୟ ଓ ଯନ୍ତ୍ରଣାର ଅବସାନ ହେବ
ଜନତାର ହାସ୍ୟମୁଖର କୋଳାହଳମୟ ସୁଖ
ତୁମ ହୃଦୟରେ ଆନନ୍ଦ ଓ ଶାନ୍ତି ଭରି ଦେବ ।
ତେବେ କାହିଁକି ତୁମ କ୍ଳେଶର ନିଶ୍ୱାସରେ ବଢୁଛି ?
ତୁମର ହୃଦୟ ଗଭୀର ନିରାଶାରେ ବୁଡ଼ିଯାଉଛି ?
ତୁମର ସନ୍ତାନଙ୍କ ଦୁଃଖହସ୍ତ ଖେଳରେ
କଣ ତୁମର ସନ୍ତାନମାନେ ଉଦାସୀ ନିଦ୍ରାମଗ୍ନ ?
ତୁମେ କଣ ଅଗାଧ କଥା ଭାବି ଜାଣିଛ ?

(ଏବଂ) ସେ କଥା ତୁମ ହୃଦୟକୁ ଏତେ ଜ୍ୱାଳାମୟ ବେଦନାରେ
ବିଦୀର୍ଣ୍ଣ କରୁଛି ?

ଯେଉଁଦିନେ ଦୁର୍ଦ୍ଧର୍ଷ ବୀର ହୋଇ ତୁମେ ଗୌରବମୟ ଥିଲ,
ଏବଂ ତା'ପରେ ତୁମର ଶକ୍ତିଶାଳୀ ସେନା ଥିଲା
ତୁମର ପୁତ୍ରମାନେ ଶୂର ଥିଲେ, ଜନସାଧାରଣ ସୁଖୀ ଥିଲେ,
ସେମାନେ ପର୍ବତ ତାଡ଼ି, ଶିଳା କାଟି, ଜୀବନ ଗଠନ କଲେ,
ମନ୍ଦିର, ସ୍ତୂପ, ଶିଳାଲିପି, ଗୁମ୍ଫା ଯେଉଁ କଳ୍ପନାର ମାନଚିତ୍ର ଦେଲେ ।
ତଥାପି ଏକାମ୍ରର ଏକାନ୍ତ ହୃଦୟଭୂମିରେ ଯାହାର ଆକୃତି ରହିଲେ
ଦକ୍ଷିଣାପଥ ମନ୍ଦିର ଦ୍ୱାରରେ ସେମାନେ ସୁନ୍ଦର ଗାଥାନ୍ତି
ତୁମର ଦେବମାନଙ୍କ ଓ ତାଙ୍କର ଆତ୍ମା ମୂର୍ତ୍ତି ଏବଂ ମୁକ୍ତ,
ଆଦରର ଉତ୍କଳ, ଆମର ପ୍ରିୟ ସେ ଉତ୍କଳ,
ସୌନ୍ଦର୍ଯ୍ୟରେ ଗଠିତ, ସ୍ୱର୍ଣ୍ଣ ମଣ୍ଡିତ ।
ତୁମର ସମୁଦ୍ର ଓ ବୈଦିକ ଯୁଗର ଓ ଅନନ୍ତମାନଙ୍କର କଥା
ଇତିହାସରେ ଘୋଷଣା କରନ୍ତି,
ପବନ ତୁମର ପ୍ରସ୍ତରମୟ ଗୁମ୍ଫାକୁ ନିନାଦିତ କରେ, ପକ୍ଷୀଗଣ
ପର୍ବତ ଉପତ୍ୟକାରେ ଥାଇ ଆନନ୍ଦିତ ହୁଅନ୍ତି,
ଏବଂ ତୁମର ପବିତ୍ର ତଟଦେଶକୁ ଫେନୋଚ୍ଛ୍ୱାସ ତରଙ୍ଗମାଳା ଚୁମ୍ବନ ଦିଏ,
ମଧ୍ୟାହ୍ନ ଭାସ୍କରଙ୍କ ପ୍ରଶଂସାର ସଂଗୀତ ଗାଇ ।

× × ×

ସୁବର୍ଣ୍ଣରେଖାର ନୀଳାଭ ତରଙ୍ଗମାଳାରେ ସବୁଜିମା ଉପରେ ପଡ଼ିଛି ଛାଏ
ଏକ ସ୍ୱର୍ଗୀୟ ମଧୁର ସଙ୍ଗୀତ, ପୁରୁଷୋତ୍ତମ ଓ ସ୍ୱର୍ଗୀ ପଦ୍ମାଙ୍କ ଉଦ୍ଦେଶ୍ୟରେ ।

× × ×

ବର୍ତ୍ତମାନ ସବୁ କେବଳ କାହାଣୀ, ସେତିକି ମଧୁର କଳ୍ପନା
ମନ୍ଦିର ରହିଥିବା ପୂର୍ବର୍ତ୍ତୀ ଯୁଗର ଶେଷ ଚିହ୍ନ ।
କିନ୍ତୁ ସେ ନୀଳାଚଳର ଅନ୍ତରାଳରେ ଉତ୍କଳ ଇଂରାଜର ଦ୍ୱାରା ହାଣି ମାରୁଛି ।
ସ୍ୱର୍ଗରାଜର ପୁରାପିଣ୍ଡ ଅନ୍ତର ଉଦ୍ଧାର କରନ୍ତି ନିର୍ଜ୍ଜନ ସ୍ଥଳ ।
ସେମାନେ ଗାଆନ୍ତି ସ୍ତବଗୀତ—
"ଗୁଣି ଅପବାଦିତ ହୋଇଯାଇଛୁ, ଗୁଣି ଅପବାଦିତ ହୋଇ ଯାଇଛୁ,
ଦୂରେର ଗୁଣି, ଅସ୍ତମ ଅନନ୍ତର ରକ୍ତ ।"

× × ×

ହେ ଯଶସ୍ୱିନି ! ଉତ୍କଳ ଜନନୀ ! ଜାଗ୍ରତ ହୁଅ ବର୍ତ୍ତମାନ,
ତୁମର ରୁଗ୍ଣ ଅଙ୍ଗ ପ୍ରତ୍ୟଙ୍ଗ ଶେଷରେ ପୁଣି ଶୋଷି ହୋଇଯାଉଛି ।
ତୁମ ହୃଦୟ ସହିତ ତୁମ ପୁତ୍ରଗଣ ମିଶିଯାଉ ଅନନ୍ତ,
ଭବିଷ୍ୟତରେ ସେମାନେ ତୁମର ଅତୀତକୁ ପୁଣି ରଚନା କରିବେ ।

X X X

ଆମେ ସ୍ନେହ କରୁ ତୁମର ପ୍ରତ୍ୟେକ ପୁଷ୍ପ, ପ୍ରତ୍ୟେକ (ବୃକ୍ଷ) ଦଳକୁ
ତୁମର ସୁଶୀତଳ ମଳୟାନିଳକୁ , ତୁମର ବାତ୍ୟାକୁଳ ପ୍ରବଳ ଝଞ୍ଜା ବତାସକୁ ।
ତୁମର ମରୁଦ୍ୱୀପ ହେଉଛି ଆମର ମରୂଦ୍ୟାନ ସଦୃଶ
ଆମେ ତୁମର ପବିତ୍ର ସର୍ବାଙ୍ଗୀ ଧୂଳିକଣା ଭଲ ପାଉଛୁ ।

X X X

ଅନନ୍ତକାଳ, ଅନନ୍ତକାଳ, ପ୍ରିୟମାତା ଆମର,
ତବ ପ୍ରେମାଶିଷ ଆମ ଉପରେ ବର୍ଷଣ କର,
ତୁମର ସନ୍ତାନମାନଙ୍କୁ ସର୍ବଦା ନଜର ନିକଟରୁ କର ।
ସକଳ ସ୍ତ୍ରୀ ଓ ପୁରୁଷ ସମାନେ କରିବା,
ଜୀବନର ମୁକ୍ତ କ୍ଷେତ୍ରରେ
ସ୍ୱକୀୟ ଜନର ସ୍ଥିତି ବୃଦ୍ଧି କରିଦେବା,
ପ୍ରବଳ ସଂଗ୍ରାମରେ ଜନର ମୁଣ୍ଡ ଟେକି ଠିଆହେବା—
ଭଗବାନ ଓ ଜନ୍ମଭୂମିଠାରେ ବିଶ୍ୱାସ ରଖି ।

ଜଣେ ଓଡ଼ିଆ ମହିଳା ତାହାର ଜନ୍ମଭୂମି ପାଇଁ ଇଂରେଜୀରେ କବିତା ଲେଖିପାରେ ଏହାହିଁ ଥିଲା ସେ ବେଳର ଅସାଧାରଣତ୍ୱ । କବିତାର ବିଶେଷତ୍ୱ ଏ କ୍ଷେତ୍ରରେ ଅସ୍ପୃଶ୍ୟ ନୁହେଁ । ସେହି ଜୀବନଗୁଡ଼ିକ ଜାତିର ସେବାରେ ଉତ୍ସର୍ଗୀକୃତ ହୋଇଥାଏ, ସେହିଗୁଡ଼ିକ ହିଁ ହୁଏ ମାନବଜାତିର ଆଦର୍ଶସ୍ଥାନୀୟ । ରାମଚନ୍ଦ୍ରଙ୍କ ସେତୁବନ୍ଧନରେ କ୍ଷୁଦ୍ର ଗୁଣ୍ଡୁଚି ମୂଷାର ଧୂଳି ଶିକର ମଧ୍ୟ ବହୁ ସାହାଯ୍ୟ କରେ । ସେହିପରି ଓଡ଼ିଆଜାତିର ଏହି ଜୀବନ ମରଣ ସମସ୍ୟାରେ କୁନ୍ତଳାକୁମାରୀ ଯେଉଁ ସାମାନ୍ୟ ଅର୍ଥ ଦାନ କରିଥିଲେ, ଏବଂ ଯେଉଁ ଲେଖାଲେଖି ଶିକର କରିଥିଲେ, ତାହା ତତ୍କାଳୀନ ଜାତୀୟତାପାଇଁ ଏକମାତ୍ର ପ୍ରତିରକ୍ଷାକାରୀ ରହିଛି । ଓଡ଼ିଶାର ଆଉ ଜଣେ କେହି ନାରୀ ନଥିଲେ ଯେ କି ଏପରି ଭାବେ ପୁରୁଷ ସମାଜ ସହିତ ସମଭାବରେ ସବୁମତେ ସହଯୋଗ କରିପାରିଛନ୍ତି; କିନ୍ତୁ ସେ ନିଜେ ତାଙ୍କର ବନ୍ଧୁ ସ୍ୱଜନ ଅଭିଭାଷଣରେ ସରଳା, ମାଳତୀ, ରମା ଇତ୍ୟାଦିଙ୍କୁ ଉତ୍କଳୀୟ ମହିଳା କାର୍ଯ୍ୟମାନଙ୍କ ସହିତ ଯୋଗଦାନର ଭୂରି ପ୍ରଶଂସା ଦେଇଛନ୍ତି ।

## ସ୍ୱାମୀ ରୋଗ ବ୍ୟାକୁଳତା

ଏହିପରି ସମୟରେ କୁନ୍ତଳାକୁମାରୀ ତାଙ୍କର ସ୍ୱାମୀ ରୋଗ ଭଲ କରିବେ ବୋଲି ଭାବୁଥାନ୍ତି । ସେ ଏପରି ଡାକ୍ତରଣୀ ହୋଇ କେତେବେଳେ ହେବେ ? ଏହି ଯେ ତୃଷ୍ଣା ଏହାକୁ ଅଶା ତଥାପି ପ୍ରାଣୀଙ୍କୁ ନେଇ ଯେଉଁମାନେ ଟୀକା କରୁଛନ୍ତି, ତାହା ଭଲଦା ମାତ୍ର । ଏହି ତୃଷ୍ଣା ଚେତନର ଲକ୍ଷଣ । ପ୍ରକୃତ ମଣିଷକୁ ଏକ ଅସହ୍ୟ କାମନାର ଆବରଣରେ ଘୋଡ଼ାଇବାର ସେହି ପାରମାର୍ଥିକ ତୃଷ୍ଣା, ତାହା ଚିରକୁହକ ଲୁଚକାଳି ଖେଳୁଛି । ଯେ ଯାହାକୁ ଯେତେ ଭଲ ପାଇଥାଏ, ତାର ଏହା ହିଁ ହୁଏ । ଲକ୍ଷ ଲକ୍ଷ ଯୁଗ ଧରି ଦେବତା ପ୍ରେୟସୀ ପ୍ରେମିକ ଦୁଇଜଣଙ୍କୁ ମିଶାଇଦେଲେଣି; କିନ୍ତୁ ତାହା ମିଶି ଯୋଗାଏ ହୋଇପାରୁନାହିଁ, ଯେହେତୁ ପିପାସା ନିବୃତ୍ତ ହେଉନାହିଁ । ଯୁଗ ଯୁଗ ଗଡ଼ିଯାଉଛି । ଏ ଅଶ୍ରୁ କେତେ ଜନ୍ମ ଧରିଲଣି; କିନ୍ତୁ ତାର ପିପାସା ବଢ଼ିଯାଉଛି । ଏ କୈଳାସ-କୁନ୍ତଳା ହୁଏତ ସେପରି ଦୁଇଟି ଆତ୍ମା । କୁନ୍ତଳା ତାଙ୍କର ପାଇଁ ନିତ୍ୟ ବ୍ୟାକୁଳ ହେଉଥାନ୍ତି । ସେହି ଭାବଧାରାକୁ ଏବେ ଭକ୍ତ ଶାସ୍ତ୍ରର ଉଦ୍ଧୃତି ଦେଇ ଯାଉଛୁ, ତାହା କୈଳାସଚନ୍ଦ୍ରଙ୍କ ପାଇଁ ସେ ଲେଖିଛନ୍ତି ।

ସକାଳରୁ ସଞ୍ଜେ ତୁମରି ଲାଗି ମୁଁ ଏକାକିନୀ ବସିଛି ପଥେ,
ହୃଦ ଥରଥରେ ଅଶ୍ରୁ ଝରଝରେ ଥିଲି ଅଧୀରା ଶତେ !
ଆଶା ପହଞ୍ଚା ତୃଷାରେ ଦୂରି
ଶାଖା ମଉଳା ହେଉଛି ଝୁରି

ଶିରୀରେ ଶିରୀରେ ଜଳେକେ ଶିହରି ଝଲକି ଝଲକି ପଡ଼େ
ତୁମ ନିବିଡ଼ ଲୋଚନ ମୋହର ଅବସାଦ ଘେରି ଦୂରେ ।
ଖୋଜାକୁ ଖୋଜାକୁ ଜୀବନେ ମାତେ ଜୀବନ ରହିବ ଯତେ
ଏତେ ଦୂରେ ଥାଇ ଯେବେ ଭାବିଥିଲି ଦେଖି ନ ପାରିଲି ମୋତେ ?

ଅନ୍ତ ନ୍ତ ସ୍ୱାମୀବର କୈଳାସ କିନ୍ତୁ ଏ ସବୁକୁ ଏତିକି ଭଲ ପାଉନାହିଁ । ତାହା କଠୋର ବାଣୀ ଶୁଣନ୍ତି । ତାଙ୍କର ଭୁଲ ନୁହେଁ, ଏହି ଭୁଲ ଏକ ଜାତିର ଦୋଷ ଦୋଷ ହୁଅନ୍ତି । ତଥାପି ସେ ନାରୀ ତାଙ୍କଠି ଆତ୍ମାକୁ ସମ୍ପୂର୍ଣ୍ଣ ସମର୍ପଣ କରି ରହିଥାଏ ।

ଜୀବନର ପଥ ଅନ୍ଧାରେ ଅଛି ହେ
ଦେଖାଇଦେଲ ଯେବେ ତାରେ
ଉଜ୍ଜ୍ୱଳିଲା ଜାଳ ଦାରୁଣ ଜ୍ୱାଳାରେ
ଚନ୍ଦ୍ରମୁଖ ଅଶ୍ରୁଧାରେ ।
ସାଧନାର ଗତି ଆସିଲି ତୁମରି
କାହିଁକି ଜାଣି ମୁଁ ନାହିଁ

ତାହୁଁଣ ମୁଦରେ ବସ୍ତା କୋଣ୍ଡଳ କି
ମାରୁଛ ବୋଝତା ଗୁଣ ।

ତଥାପି ସେ ଏହି କଣ୍ଟୁର ଅସ୍ତ୍ରାକୁ ପ୍ରବୋଧ ଦେଇ କହନ୍ତି—

ତେବେ କାନ୍ତ ସଖା ନ ଥିବ ନାହୁଲି
ଜାଣିଛୁ ମୁଁ ତୁମ ଛଳନା
ଉପର କଠୋର ବେଶରେ ଭିତର
ପ୍ରୀତି କରୁଛ ଛଳନା ।
କଣ୍ଟ ବଚନର ଅନ୍ତରାଳେ ଲୁଚି
ରହି ନ ପାରୁଛ ପ୍ରୀତି
ମନର ପରଖ ମନ ଦିନା ସଖା
ସୁନାର ପରଖ କଷଟି ।

ଯେଉଁମାନେ ଡାକ୍ତର କୈଳାସଚନ୍ଦ୍ରଙ୍କ ସମ୍ପର୍କରେ ପରିଚିତ, ତାଙ୍କର ଏହି ରୂଢ଼ ପ୍ରକୃତି ସହିତ କୋମଳତା ନିଶ୍ଚୟ ଅନୁଭବ କରନ୍ତି । ତଥାପି କୁନ୍ତଳାକୁମାରୀ ଏହି ଦାମ୍ପତ୍ୟ ଜୀବନ ସେତେ ଅତି ସନ୍ତାପିତ ହୋଇଥାନ୍ତି ।

କୁନ୍ତଳାକୁମାରୀଙ୍କ ଏ ସବୁ କବିତା କୈଳାସଙ୍କ ପ୍ରେମ ପ୍ରେ ରଚିତ ଏବଂ ଜୟଦେବ, ଚଣ୍ଡୀଦାସ, ବିଦ୍ୟାପତିଙ୍କ କବିତାମାନଙ୍କଠି ସେମାନଙ୍କ ଜୀବନର ଅନୁଭୂତିରେ ରଚିତ । ଏପରିକି ରବୀନ୍ଦ୍ର ଓ ଜୟଦେବଙ୍କ ଜୀବନର ଛାପ ତାଙ୍କ କବିତାରୁ ମିଳିଥାଏ ।

ରେଡ଼କ୍ରସ୍ ସର୍ଭିସ—

ସେ ଜାଣିଲେ କାଣିଲେ, କଣ କରିବେ ହୋଇ ବସିଲେ ଡାକ୍ତରୀ କରିବାକୁ ଯିବାରେ ଚେଷ୍ଟା କଲେ । କିନ୍ତୁ ବାଧ୍ୟହୋଇ ରେଡ଼କ୍ରସ୍ ବିଭାଗରେ ଲେଡ଼ି ହେଲ୍‌ଥ ଭିଜିଟର ସର୍ଭିସଟିଏ କରିବାକୁ ବାଧ୍ୟହେଲେ (୧୯୨୪) । ମାତୃମଙ୍ଗଳ କେନ୍ଦ୍ରଟିଏ କଟକରେ ପ୍ରତିଷ୍ଠିତ ହୋଇ ସେଥିରେ ଏହି ପୋଷ୍ଟ ରଖାଗଲା ଏବଂ କୁନ୍ତଳାଙ୍କୁ ରହିବାକୁ ସଭ୍ୟମାନେ ବାଧ୍ୟ କଲେ । ସେ ତାଙ୍କ ଘରେ ରହି ଏହି କାର୍ଯ୍ୟ କରିବାର ମଧ୍ୟ ସୁଯୋଗ ପାଇଲେ । କେବଳ ଜନସାଧାରଣଙ୍କ ସ୍ତ୍ରୀ ଚିକିତ୍ସା ସାମୟିକ ସେବା କାର୍ଯ୍ୟରେ କଟକର ବାହାରକୁ ଯିବାକୁ ସେ ସ୍ୱୀକୃତ ଦେଲେ ।

ଏହା ସରକାରୀ ସର୍ଭିସ ପରି ଏକାନ୍ତ ପରାଧୀନ ବୃତ୍ତି ନ ଥିଲା । ଏଥିରେ ସବୁପ୍ରକାର ସ୍ୱାଧୀନତା ରହିଥିଲା ।

ସାଧାରଣତଃ କୁନ୍ତଳାକୁମାରୀଙ୍କ ଅତୁଳ୍ୟ ସେବା ଏବଂ ଦୟାର୍ଦ୍ର ଗୁଣରେ ମାତୃମଣ୍ଡଳ ଦେଶର ତତ୍କାଳୀନ ଗଣ୍ୟମାନେ ଅଭିଭୂତ ଥିଲେ । ବିହାର ଏବଂ ଓଡ଼ିଶା ସରକାର ଏହି ଦୟାମୟୀ ଏବଂ ପରିଶ୍ରମଶୀଳା ଝିଅ ରେଡ୍‌କ୍ରସ୍ ମାରଫତରେ ଦେଖିଥିଲେ । ଏଣୁ ସେତେବେଳେ ସରକାରୀ ବଡ଼ ବଡ଼ ଅଫିସରମାନେ ଏହି କାର୍ଯ୍ୟ ପରିଦର୍ଶନ କରି ପ୍ରଶଂସିତ ମନ୍ତବ୍ୟ ଦେଇଥିଲେ ।

କାର୍ଯ୍ୟରେ ଯୋଗଦେଲେ ହେଁ ତାହାଙ୍କ କପଟ ଉଦ୍ଦେଶ୍ୟ ଏଥିରୁ ତାଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥିବ । ସେ ଖ୍ରୀଷ୍ଟାନଙ୍କୁ ଅନ୍ୟ ଧର୍ମକୁ ଗଲେ ଏ ସୁଯୋଗ ମିଳିବ ବୋଲି କେଉଁଠି କେଉଁଠି ଜଣାଗଲା । ହିନ୍ଦୁ ଧର୍ମକୁ ଫେରିବାର ତ ବାଟ ନ ଥିଲା । ସେତେବେଳେ ହିନ୍ଦୁ ଧର୍ମର ଏକ ଶାଖା ଧର୍ମ ଥିଲା ବ୍ରାହ୍ମସମାଜ । ଡାକ୍ତର କରିବାଯୋଗୁଁ ତା ମଧ୍ୟ ସେ ଭଲଭାବରେ ଅନୁଭବ କରିଥିଲେ ।

# ତୃତୀୟ ଅଧ୍ୟାୟ

## ବ୍ରାହ୍ମସମାଜ ଓ ଧର୍ମାନ୍ତର ଗ୍ରହଣ

ପୂର୍ବକଥିତ ବିଦ୍ୟାଳୟ ଯେଉଁ ସେତେ ଯାତ୍ରା କଲେ ବା ତାଙ୍କୁ ସେତେ ବାହାରେ ବାନ୍ଧି ରଖିଲେ ମଧ୍ୟ ତାଙ୍କର ପ୍ରୀତି ଆକାଙ୍କ୍ଷା ଦୂର ହେଉନାହିଁ। ସେ ସର୍ବଦା ଭାବୁଥିଲେ କୈଳାସଚନ୍ଦ୍ରଙ୍କୁ କପରି ବିବାହ କରିବେ। କୈଳାସଙ୍କର ପୂର୍ବ ବିବାହିତ ସ୍ତ୍ରୀ ଦାସୀ-ସ୍ୱରୂପ ବରଂ ରହିବେ, ଆଉ ଅବିବାହିତ ଜୀବନ ସେଉଁ ଅପମାନ ସହ୍ୟ କରିପାରିବେ ନାହିଁ। ତାଙ୍କୁ ଯେପରି ହେଉ ବିବାହ କରିବେ, ନଚେତ୍ ତାଙ୍କ ଜୀବନ ଅକାରଣ ହେବ। ସେ ସାଧାରଣ ସ୍ତ୍ରୀ ଲୋକ ପରି ଘରେ ବସି ଗୁପ୍ତ କାନ୍ଦିଲେ। କଣ କରିବ, କଣ କରିବ, ଏପରି ଅନ୍ତରରେ ହାହାକାର ଝୁରିଲେ।

କୈଳାସ ଶେଷକୁ ପ୍ରସ୍ତାବ ଦେଲେ ଯେ, ସେ ବ୍ରାହ୍ମଧର୍ମ ଗ୍ରହଣ କରନ୍ତୁ, ସେଥିରେ ବାଟ ମିଳିବ। 'ନବ ବିଧାନ', ଯାହା କେଶବଚନ୍ଦ୍ରଙ୍କ ପ୍ରବର୍ତ୍ତିତ ବ୍ରାହ୍ମସମାଜ, ସେଥିରେ ଦୀକ୍ଷିତା ହେଲେ (ଖ୍ରୀ ୧୯'୪)। ନରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟଙ୍କ ମଧ୍ୟସ୍ଥତାରେ ଏହି ଧର୍ମାନ୍ତର କାର୍ଯ୍ୟ ସୁରୁଖୁରୁରେ ହୋଇଗଲା।

ଖ୍ରୀଷ୍ଟିଆନ ଧର୍ମ ଉତ୍କଳରେ ହିନ୍ଦୁଧର୍ମଠାରୁ ଯେତେ ଦୂରରେ ଥାଏ, ବ୍ରାହ୍ମଧର୍ମ ତା'ଠୁ ଅତି ଅଳ୍ପ ଦୂର; କାରଣ ଏହା ହିନ୍ଦୁଧର୍ମର କେତେକ ସଂସ୍କାରକଙ୍କ କେନ୍ଦ୍ର। ଏ ସଂସ୍କାରକମାନଙ୍କ ମଧ୍ୟରୁ ଉତ୍କଳର ବିଶ୍ୱନାଥ କର ଅନ୍ୟତମ। ଏଥିରେ ଅଧିକ ଓଡ଼ିଆ ଦେଖାଯାନ୍ତି ନାହିଁ। ବଙ୍ଗାଳୀ ପରିବାର କେତେକ ଦେଖାଯାନ୍ତି, ଯେଉଁମାନେ କି ବଙ୍ଗୀୟ ଭାଷାକୁ, ପୁରୁଷ ପୁରୁଷ ଧରି ଓଡ଼ିଶା ପାଣି ପବନରେ ବଢ଼ି, ଓଡ଼ିଶାର ସମସ୍ତ ସୁଖ ସୁବିଧା ଭୋଗକରି ମଧ୍ୟ 'ଅମର ବାଙ୍ଗାଲି' ଏହି ଗୌରବ ସେଉଁ ବଞ୍ଚାଇ ରଖିଛନ୍ତି। ଖାଣ୍ଟି ଇଂରେଜ ଆମଳ ଯେଉଁ ବଙ୍ଗାଳୀ ବାବୁ ଏବଂ ସୁଖୀ। ବଙ୍ଗରେ ମିଶିଯିବା ପରେ ସମସ୍ତ ମେଦିନୀପୁରର ଓଡ଼ିଆମାନେ ଇଂରେଜ ଅମଳରେ ବଙ୍ଗାଳୀ ହେବାକୁ ବାଧ୍ୟ ହେଲେ। ଅଥଚ ଓଡ଼ିଶାର ଏହି ପୁରୁଷ ପୁରୁଷ ଧରି ବାସିନ୍ଦା ବଙ୍ଗାଳୀବାବୁମାନେ କେଉଁ ତନ୍ତ୍ରରେ ଯେଉଁ ଏ ଅଭିମାନକୁ ବଞ୍ଚାଇ ରଖିଛନ୍ତି, ସେମାନେ ଜାଣନ୍ତି। ତେଣୁ ବ୍ରାହ୍ମସମାଜଗୁଡ଼ିକ ବଙ୍ଗୀୟ-ଭାଷା ପ୍ରଚାରର ଏକ ଏକ କେନ୍ଦ୍ର ହୋଇଉଠିଥିଲା।

ଏହାପରେ ଏକ ବ୍ରାହ୍ମସମାଜରେ (ଓଡ଼ିଆବଜାର) କୁନ୍ତଳାକୁମାରୀ ଯୋଗଦେଲେ । ସମାଜରେ ପ୍ରଥମରୁ ଉପନିଷଦ, କୋରାନ୍, ବାଇବେଲ ଆଦି ବୋଲାଯାଉଥିଲେ ସଙ୍ଗୀତ କଣ୍ଠରେ ବୋଲନ୍ତୁ ଏ—

ସନାତନ୍ କରୁଣାର୍ଣ୍ଣବ୍ କୃପାବନ୍ତ୍ ଶଙ୍କର । (ଘୋଷା)
ଆମାର ହୃଦୟ ପଦ୍ମେ କମଲ ଆସନେ
ମନପ୍ରାଣ ସବେ ଈଶ୍ୱର । (ଧ୍ରୁବ)
ନୟନ ମୁଦି ବା ଦୃଷ୍ଟି ଥାକି
ଅଥବା ଘର କେ ସଂସାରେ ଥାକି
ହୃଦୟ ମାଝାରେ ସତତ ହେରେଛି
ତବ ମୂର୍ତ୍ତି ଚିରସୁନ୍ଦର । (ଧ୍ରୁବ)
ଏଇ ଜଗତେର ଧନ-ସମ୍ପଦ
ତୋମାୟ ଆମାୟ ହେନ ବୁଝି ନାହିଁ ରହ
ଜଲେର ତରଙ୍ଗ ଜଲେ ଜର ଲୟ
ଚିଦ୍‌ଘନ ଶ୍ୟାମସୁନ୍ଦର । (ଧ୍ରୁବ)
ଓଇପଦେ ଅଧମାର ଚିରଗତି
ଯେନ ଭାଗୀରଥୀ ସାଗର ସଙ୍ଗତି
ଆଜ ଶିବ ଦୋହେଁ ଅଭେଦ ମୂରତି
ନବ ଜଗ ଭୂମି ସାଗର । (ଧ୍ରୁବ)

ହିନ୍ଦୁଧର୍ମ ତ୍ୟାଗ କରି ଯେଉଁ ସଂସ୍କାରକମାନେ ଏଥିରୁ ସମାଜ ଗଢ଼ିଲେ ସେମାନେ କିଛି ଅଭିନବ ଉନ୍ନତି କରିପାରିଲେ ଏପରି ମନେହୁଏ ନାହିଁ । କିନ୍ତୁ ରବୀନ୍ଦ୍ରନାଥ ବ୍ରାହ୍ମ ସମାଜରେ ଯେଉଁ ପ୍ରତିଷ୍ଠା ଅର୍ଜନ କରିଥିଲେ, ତାହା ସେ ମୂଳ ହିନ୍ଦୁ ଗୋଷ୍ଠୀରେ ରହିଲେ ବା ସେ କିଛି ମୂଳ ହିନ୍ଦୁ ସଂସ୍କୃତିରୁ ସ୍ୱତନ୍ତ୍ର ଚିନ୍ତାଧାରା ଦାନ କରିଛନ୍ତି, ତାହା କହିବା ବାହୁଲ୍ୟ ମାତ୍ର । ବଙ୍ଗଦେଶୀୟମାନେ ତାଙ୍କର ମୂଳଧନ ସ୍ୱରୂପ ଯେଉଁ କେତେ ଜଣ ଆଧୁନିକ କବି, ସଂସ୍କାରକ, ବୈଜ୍ଞାନିକଙ୍କୁ ପାଇଛନ୍ତି ତାର ବର୍ଣ୍ଣନା ଗାଇବାରେ ଓ ତାର ପ୍ରଚୁର ପ୍ରଚାରରେ ଇଂରେଜ ବେପାରୀମାନଙ୍କ ବେପାର ବିଜ୍ଞାପନ ବେଶ୍ ଅତି ଅଧିକ କରିପକାଉଛନ୍ତି । ସ୍ୱାମୀ ବିବେକାନନ୍ଦ, ପରମହଂସ ରାମକୃଷ୍ଣଙ୍କୁ ଛାଡ଼ିଦେଲେ ବଙ୍ଗଦେଶରେ ଏପରି କେହି ଶ୍ରେଷ୍ଠତମ ବ୍ୟକ୍ତି ଥିଲେ ସେ କି ଅନ୍ୟ କେଉଁଠି ନ ଥିଲେ ? ମେଦିନୀପୁରର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ସେ ଭୁଲାଇ ଦେଇଛନ୍ତି ; କିନ୍ତୁ ସେହି ବିଦ୍ୟାସାଗରଙ୍କ ପରି ଗଡ଼ଜାତ ବିଦ୍ୟାସାଗର ଯେ ଥିଲେ ଦୟାଳୁ ଜୀବନ ସେହି, ପରୋପକାରିତା ସେହି, ଅଧ୍ୟବସାୟ ସେହି ଓ ପାଣ୍ଡିତ୍ୟ ସେହି ତୁଚ୍ଛ ରାଜ୍ୟରେ ରହିଥିଲେ । ଦେଶ ଧର୍ମକ୍ଷେତ୍ରରେ ରାମମୋହନ ବା କେଶବଚନ୍ଦ୍ର ଅପେକ୍ଷା

କହୁ କରୁଥିଲେ—ଏହା କୁହାଯାଏ କେବଳ ବହିର୍ମୁଖ ଚାତ୍ରାଧାରୁରେ । ତେବେ କଣ ବାଳଗଙ୍ଗାଧର ତିଲକ, ଗୋପାଳକୃଷ୍ଣ ଗୋଖଲେ, ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧି, ଲାଲ ଲଜପତ ରାୟ, ମଦନମୋହନ ମାଲବ୍ୟ, ସୁଭାଷ ବୋଷ, ମୋତିଲାଲ ନେହେରୁ, ଚିତ୍ତରଞ୍ଜନ ଦାସ, ଜବାହରଲାଲ ନେହେରୁ, ରାଜଗୋପାଳାଚାରୀ ଓ ମିଷ୍ଟର ଦାସ ପ୍ରଭୃତି ମହାଜନମାନେ କିଛି କରିନାହାନ୍ତି ? ଏମାନେ କିଛି ନ କରିଥିଲେ ତ ଭାରତ ନାଥ କେଉଁ ଦିନରେ ଅଳପ ପହଞ୍ଚନ୍ତେ, କୋଟିଏ ପାଇଲେ ସେ ଘରେ ଯିବେ ତେଣୁ ହେବେ ଏହା କଦାପି ଆଶାକରାଯାଇ ନ ପାରେ । ଏହା ସ୍ୱାଧୀନତାକାମୀ ଭାରତ ଅବସ୍ଥାର କଲେ ବୋଲି ଇଂରେଜମାନେ ଜନମତକୁ ଶୁଣାଇବା ଘଟଣା ହେବ । ଇଙ୍ଗ୍ଲଣ୍ଡବାସୀ ତାଙ୍କ ଦେଶ ସ୍ୱଦେଶପ୍ରୀତି, କିନ୍ତୁ ଭାରତବାସୀ ସେଥିରେ ଖର୍ବିତ ହେବାର କଣ ହେତୁ ଅଛି ? ଏ କଥା କହିବାପାଇଁ ଯେଉଁ ଜନ୍ମ ଆବଶ୍ୟକ, ଯେଉଁ ସଙ୍ଗଠନ ପ୍ରୟୋଜନ, ତାହା ବର୍ତ୍ତ- ମି. ଏଲ. ରାୟଙ୍କ ରଚନାରେ ଅଧିକ ଦେଖାଯାଏ । ଏବେ ଏପରି ସମସ୍ତ ଅଛି, ଏହାର ପୁନର୍ବିଚାର ହେବ ।

## ଧର୍ମାନ୍ତର ଗ୍ରହଣ ଯୋଗୁଁ ବହିଷ୍କାର ଓ ପୁରସ୍କାର—

କୁନ୍ତଳାକୁମାରୀ ବ୍ରାହ୍ମ ହୋଇଗଲେ ଏହା ଓଡ଼ିଶାର ଖ୍ରୀଷ୍ଟିଆନ ସମାଜକୁ ଏକାନ୍ତ ବ୍ୟଥିତ କରାଇଥିଲା । ଜଣେ ଖ୍ରୀଷ୍ଟିଆନ ବ୍ରାହ୍ମଧର୍ମ ଗ୍ରହଣକରିବା ଅଭାବ ଦୁଃଖପ୍ରଦ ଘଟଣା ବୋଲି ପ୍ରମାଣିତ ହେଲା । କ୍ରମେ କ୍ରମେ କେତେକ ଗଣ ବ୍ୟକ୍ତି କୁନ୍ତଳାକୁମାରୀଙ୍କୁ ବେନାମି ଲେଖିଲେ ; ଏପରିକି ତାଙ୍କ ଘରକୁ ଢେଲା ପଥର ମଧ୍ୟ ଫିଙ୍ଗିଲେ । କିଏ ଫିଙ୍ଗୁଛି ତାହା ଜଣାପଡ଼ି ନାହିଁ । କେତୋଟି ପ୍ରତ୍ୟକ୍ଷ ଦୃଷ୍ଟାନ୍ତରୁ ସେ ଜାଣିଲେ ଯେ ତାଙ୍କ ସମାଜର କେତେଜଣ ଅସହନଶୀଳ ବ୍ୟକ୍ତିଙ୍କର ଏ କାର୍ଯ୍ୟ । ସେ ସେମାନଙ୍କୁ ଦବାଇ ପାରିଲେନାହିଁ । ଏକ ଅସ୍ୱାଭାବିକ ଷଡ଼ଯନ୍ତ୍ର ହେବାର ସେ ଶୁଣିପାରିଲେ । ତେଣୁ ସେ ଏ ସୁଯୋଗ ଇଂରେଜୀ ବେଶରେ ତତ୍କାଳୀନ ଗୋରା ସିଭିଲସର୍ଭାଣ୍ଟ ମିଷ୍ଟର ସେସର (Shaser) ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମଶାଲାବାଦ କୋଠିରେ ଯାଇ ପହଞ୍ଚିଲେ । ଅପୂର୍ବ ସୁଯୋଗ ସେ ପାଇଲେ ଏବଂ ମେମ୍ ତିନଗୁ ଶୋଇକରି ଖୁସି ଗପ କରୁଥିଲେ । ସୁଯୋଗ ଦେଖିଏ ଝରକାରୁ ବାଳିକା ତାହାକୁ ନ ମାନି କୋଠିରେ ପଶିଯାଇ ମେମଙ୍କ ସହିତ ସାକ୍ଷାତ କରିଲେ । ମେମ୍ ମଧ୍ୟ ସୁସ୍ଥ ପରିବେଶରେ ଥିବାରୁ ସୁଯୋଗ ଦେଖାଦେଲା । କୁନ୍ତଳାକୁମାରୀ କହିଥିଲେ—

I am a Christian girl, being oppressed by men of my own nationality, I have come to you, You are an honest Christian. Is it any where written in the Bible or

religious codes that a Christian cannot change her religion ? In the last part of the 19th century, Swami Vivekananda spoke in the All World Religious Conference and it was at his forceful words, numberless Christians turned to Hinduism. Another European lady accepted Hinduism and was later known and respected as Sister Nivedita. How could Anne Besant became the pillar of this great Hindu Culture in India ? I quote Queen Victoria's declaration. I may say that it was clearly mentioned there that no one can interfere into another's religion. Does it not mean that no body can interfere into an individual's acceptance of a new religion ? But how can the Christians in a group in Cuttack lay evil hands on a girl like myself and upbraid me and on what ground and under what reason ? Can the ruler of the civilized English people, tolerate this sort of behaviour of a cruel group of Christians on a lonely girl ! Even they have sent me a written threat to molest me and outrage my modesty.

"ମୁଁ ଗୋଟିଏ ଖ୍ରୀଷ୍ଟାନ ଜାତିର ଝିଅ । ନିଜ ଜାତିର ଲୋକଙ୍କ ଅତ୍ୟାଚାରରେ ଅସ୍ଥିର ହୋଇ ହିନ୍ଦୁଧର୍ମ ଗ୍ରହଣ କରିଅଛି । ଆପଣ ଜଣେ ଖ୍ରୀଷ୍ଟିଆନ । ଖ୍ରୀଷ୍ଟଧର୍ମରେ ଏପରି କେଉଁଠି ଅଛି ଯେ, ଜଣେ ଖ୍ରୀଷ୍ଟିଆନ ପୁଣି ଧର୍ମାନ୍ତର ଗ୍ରହଣ କରିପାରିବେ ନାହିଁ । ଊନବିଂଶ ଶତାବ୍ଦୀର ଶେଷଭାଗରେ ଆମେରିକାର ଶିକାଗୋ ସହରରେ ସ୍ୱାମୀ ବିବେକାନନ୍ଦଙ୍କ କଥାରେ ମାତିଯାଇ ଅଗଣିତ ଖ୍ରୀଷ୍ଟିଆନ ହିନ୍ଦୁ ହୋଇଲେ ପୁଣି କିପରି ? ଇଂଲଣ୍ଡର ଜଣେ ରମଣୀ ଭଗିନୀ ନିବେଦିତା କିପରି ହିନ୍ଦୁ ହୋଇଲେ ? ଆନି ବେସାନ୍ତ କିପରି ହିନ୍ଦୁଧର୍ମର ସ୍ତମ୍ଭ ହୋଇ ପାରିଲେ ! ମହାରାଣୀ ଭିକ୍ଟୋରିଆଙ୍କର ଆଦେଶ ଥିଲା ଯେ, ସରକାର ମଧ୍ୟ କାହାର ଧର୍ମରେ ହସ୍ତକ୍ଷେପ କରିବେ ନାହିଁ । ତାର କଣ ଅର୍ଥ ନୁହେଁ ଯେ କାହାର ବ୍ୟକ୍ତିଗତ ଧର୍ମରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ? କିନ୍ତୁ କଟକର ଖ୍ରୀଷ୍ଟିଆନଗୋଷ୍ଠୀ ମୋପରି ଏକ ଯୁବତୀ ନାରୀ ଉପରେ ଅତ୍ୟାଚାର କରିବେ କେଉଁ ଯୁକ୍ତିରେ ? ସଭ୍ୟ ଇଂରେଜ ସାମ୍ରାଜ୍ୟର ଶାସକ ଆପଣ କଣ ଏହା ସହିପାରିବେ ? ମୋର ଇଜ୍ଜତ ନେବା କୁକାର୍ଯ୍ୟ କରିବା ଲାଗି ମୋତେ ଲିଖିତ ଧମକ ଦିଆଯାଇଛି ।"

(ଏହି ଇଂରେଜ ସ୍ତ୍ରୀ ଆମର । ସେ ଏ ଘଟଣାଟି ବହୁବାର କହିଥାନ୍ତି । ତେଣୁ ଘଟଣାଟି ଥରେ ଲେଖିଦେବାକୁ ମୁଁ ଅନୁରୋଧ କରିଥିଲି । ସେ ସେତିକି ଏ ଚିଠି ସ୍ୱହସ୍ତ ତାହା ଲେଖି ପଠାଇଥିଲେ ।)

ମେମ୍ ଏହି ଅକଳ୍ପିତ ବନ୍ଧୁତା ଦେଖି ମୁଗ୍ଧ ହୋଇ କୁନ୍ତଳାଙ୍କୁ କୁଣ୍ଢାଇ ପକାଇଲେ ଏବଂ ତାଙ୍କର ସାହସକୁ ଧନ୍ୟବାଦ ଦେଲେ । କୁନ୍ତଳାଙ୍କ ଆଖିର ଲୁହ ନିଜ ରୁମାଲରେ ପୋଛି କହିଲେ ଯେ, ଶୀଘ୍ର ପ୍ରତିକାର ହେବ । ସାହେବ ଏ ସବୁ ଘଟଣା ବସି ଶୁଣୁଥିଲେ । ତୁରନ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଲେଫ୍‌ଟେନାଣ୍ଟ କର୍ଣ୍ଣେଲ ଫିଲିପସ୍ ସାହେବଙ୍କୁ ଡକାଇ ଆଣି ଏପରି ଆଦେଶ ଦେଲେ ଯେ, ଅତି ଉତ୍ତମ ବ୍ୟବସ୍ଥା ଅବସ୍ଥା ଉପୁଜିଲା ।

କୁନ୍ତଳା ସେତେବେଳେ ଘଣ୍ଟାମଣ୍ଡଳ ବଜାର ନିକଟ ଗୋଟିଏ ଭଡ଼ାଘରେ ରହୁଥିଲେ । ଘରଟି ଏକମହଲା; କିନ୍ତୁ ସେ ସ୍ଥାନଟି ତାଙ୍କୁ ଭଲ ଲାଗୁଥିଲା । କେତେକ ହିନ୍ଦୁ ପରିବାର ଏବଂ ଖ୍ରୀଷ୍ଟାନ ପରିବାର ତାଙ୍କ ପାଖକୁ ଲାଗି ରହୁଥିଲେ । ଏପରିକି ବନ୍ଧୁଙ୍କ ବୋଲି ଛିଅ ସାଥୀ ସାଙ୍ଗ ହୋଇ ଆସୁଥିଲେ । ତାଙ୍କ ମନ ସେଥିରେ ଆନନ୍ଦିତ ହେଉଥିଲା ।

ପୋଲିସର ବ୍ୟବସ୍ଥା ଦୃଷ୍ଟିରେ ସାବଧାନ ଅସମ୍ଭାଳ ହେଲେ । ଜଣେ କଲ-ସାହେବ ସରଜମିନ ଦେଖିଗଲେ । କାପୁରୁଷ ଦୁଷ୍କର୍ମୀମାନଙ୍କ ଧରିପକାଇ ଦଣ୍ଡ ଦେବାକୁ ବାଧ୍ୟ ହେଲେ । ଖ୍ରୀଷ୍ଟିଆନ ସମାଜର ମୁଖ୍ୟ ବ୍ୟକ୍ତିମାନେ କୁନ୍ତଳାଙ୍କୁ ସମ୍ଭାଳି ଗଲେ; ନିଜର କନ୍ୟା, ସ୍ତ୍ରୀ ଓ ଭଉଣୀମାନଙ୍କୁ ପଠାଇ ସହାନୁଭୂତି ପ୍ରକାଶ କଲେ । ଏପରି ସମୟରେ ତାଙ୍କ ପ୍ରତି ବିଦ୍ୱେଷ ଅନେକ ଅପସରିଗଲା ।

ହଠାତ୍ ଗୋଟିଏ ଘଟଣା ଘଟିଲା । ଜଣେ ପୂର୍ବୋକ୍ତ ଚେଲା ହିନ୍ଦୁ ଥିବା ଦୁଷ୍ଟ ବ୍ୟକ୍ତି ଅତି ଗରିବ ଥିଲା । ତାର ସ୍ତ୍ରୀର ଗର୍ଭବେଦନା ଆରମ୍ଭ ହେଲେ ମଧ୍ୟ ପିଲା ଜନ୍ମ ହୋଇପାରିଲା ନାହିଁ । ସେ ଆସି କୁନ୍ତଳାଙ୍କ ଦୁଆରେ ବୋବାଳି ଛାଡ଼ି କହିଲା, "ମାଆ କ୍ଷମାକର ! ମୁଁ ଦୋଷୀ । କର୍ମଫଳ ମୁଁ ଭୋଗୁଛି । ମତେ ବଞ୍ଚାଅ ।" ସେ ଲୋକଟା କିନ୍ତୁ ତାଙ୍କ ଶତ୍ରୁ ଦଳରେ ଅଗ୍ରଣୀ ଥିଲା । ଡାକ୍ତରାଣୀ ଅତି ଦୟାବତୀ । ସେ କିଛି ଭୟ ନ କରି ସେହି ରାତିରେ ତା ଘରକୁ ଯାଇ ଏକ ମଲା ପିଲା ଜନ୍ମାଇ ଶତ୍ରୁର ସ୍ତ୍ରୀକୁ ବଞ୍ଚାଇଲେ । ଧର୍ମାନ୍ତର ଗ୍ରହଣ କରି ଏହିପରି ସ୍ୱଭାବରେ ସେ ଉପସ୍ଥିତ ବିପଦରୁ ନିଜର ସାହସିକ କୃତିତ୍ୱ ଦେଖାଇ ରକ୍ଷା ପାଇଗଲେ ।

କିନ୍ତୁ କେତେକ ଖ୍ରୀଷ୍ଟିଆନ କର୍ମଚାରୀଙ୍କ ଭୀଷଣ ଷଡ଼ଯନ୍ତ୍ରରେ କୈଳାସଚନ୍ଦ୍ର କଟକ ମେଡ଼ିକାଲରୁ ବାଲେଶ୍ୱର ପୋଲିସ ହସ୍‌ପିଟାଲକୁ ବଦଳି ହେଲେ ।

## ବ୍ରାହ୍ମ ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟର ଅନିଶ୍ଚିତତା—

ଏତେବେଳଯାଏ କୈଳାସଚନ୍ଦ୍ର ନିଜେ ବ୍ରାହ୍ମଧର୍ମ ଗ୍ରହଣ କରି ନ ଥିଲେ— ବାଲେଶ୍ୱରରେ କେବଳ ବ୍ରାହ୍ମ ସମାଜକୁ ଯାଉଥିଲେ । ସେ ନିଜକୁ ବ୍ରାହ୍ମସମାଜୀ ବୋଲି

ବ୍ୟକ୍ତ କରୁଥିଲେ; କିନ୍ତୁ ଧର୍ମାନ୍ତର ଗ୍ରହଣ କରିଥିଲେ କି ନାଁ । ତାହା ଅଦ୍ୟାବଧି ଜଣାପଡ଼ି ନ ଥିଲା । ଏହି ସମୟ ବାପ୍ତିଷ୍ଟ ଘରେ ପଞ୍ଚମା ପୂଜା ମେଁଷ୍ଟ୍ରକୁ ଓଁଶା ଉପାସ ବ୍ରତ ହେଉଥିଲା, ଅଥଚ ସେ ବ୍ରାହ୍ମ ସମାଜର ସମସ୍ତ ଅନୁଷ୍ଠାନରେ ଯୋଗଦେଇ ଚାଲିଥିଲେ ।

ବ୍ରାହ୍ମ ସମାଜଦ୍ୱାରା କୁନ୍ତଳାଙ୍କର ଲକ୍ଷ୍ୟ ପୂରଣ ହେବ ବୋଲି ସେ ଯେଉଁ ଆଶାପୋଷଣ କରିଥିଲେ, ତାହା ସଫଳ ହେବାକୁ ନ ଥିଲା । ଏହି ଉଦାର ସମାଜରୁ ଆଶା ତାଙ୍କୁ ପୂର୍ବୋକ୍ତ ବ୍ରାହ୍ମ ପୁରୋହିତ ବାବାଜୀ ଦେଇଥିଲେ । ଯାହା ହେଉ ପୂର୍ବରୁ ଯୋଗଦାନରେ ଏହା ସମ୍ଭବ ହୋଇପାରିବ ବୋଲି ସେହି ମହାଶୟ କହୁଥିଲେ; କିନ୍ତୁ କୁନ୍ତଳାକୁମାରୀଙ୍କର ନରେନ୍ଦ୍ରବାବୁଙ୍କ ସହିତ ସେଠାରେ ପରିଚୟ ବଢ଼ି ଉଠିଲା; ସେ ସେତେବେଳେ ଏ ବୋଧହୁଏ ବନ୍ଧୁଶୀ ଥିବା ପରି ଜଣାଗଲା; କିନ୍ତୁ କଦାପି ମୁକ୍ତି ଉପରେ ହସ୍ତକ୍ଷେପରେ ସେ ତା' ଜଣାଇଲେ ନାହିଁ । ହେଉ କୁନ୍ତଳା ବାରିପଦା ଯାଇ ନରେନ୍ଦ୍ରବାବୁଙ୍କ ପରିବାର ଉପରେ ଏହି ଘଟଣାର ପ୍ରଭାବ ପକାଇବା ପାଇଁ ସ୍ଥିର କଲେ । ନରେନ୍ଦ୍ରବାବୁ ସେତେବେଳେ ବାରିପଦା ବ୍ରାହ୍ମ ସମାଜ ଆଚାର୍ଯ୍ୟରେ ରହୁଥିଲେ । କେଶବଚନ୍ଦ୍ର ସେନଙ୍କ ଶିଷ୍ୟ ମୟୂରଭଞ୍ଜର ମହାରାଜା ପୁଣ୍ୟଶ୍ଳୋକ ରାମଚନ୍ଦ୍ର ଭଞ୍ଜ ଦ୍ୱିତୀୟ ଉଦ୍ୟମ କରିବା ଫଳରୁ ସେଠାରେ ଏକ ବ୍ରାହ୍ମ ସମାଜ ସ୍ଥାପିତ ହୋଇଥିଲା । ନରେନ୍ଦ୍ରବାବୁଙ୍କଠାରୁ ତାଙ୍କ ପରିବାରର ପରିଚୟ ଶୁଣି ଜାଣିଥିବାରୁ କୁନ୍ତଳା ତାଙ୍କ ପତ୍ନୀଙ୍କୁ ପ୍ରଥମେ ଚିଠି ଏ ଚିଠି ଦେଲେ । ସେହି ଦିନ ୧୦-୯-୨୫ରେ ତାଙ୍କୁ ଓଡ଼ିଆରେ ଚିଠି ଏ ଚିଠି ଲେଖିଥିଲେ । ଭଗିନୀ କନ୍ୟାମାନଙ୍କ ମଧ୍ୟରେ ଏହି ହିଁ ଥିଲେ ଜଣକ ଝିଅକୁ ଜଣେ ଓଡ଼ିଆଣୀ ବୋଲି ମନେକରୁଥିଲେ । ସେ ଉତ୍ତରରେ ଲେଖିଥିଲେ—

ଓଁ

ବାରିପଦା, ୧୦ । ୯ । ୨୫

ଭଗିନୀ,

ଆପଣଙ୍କର ପରିଚୟ ଚିଠିଙ୍କ ପାଖରୁ ପାଇଥିଲୁ । ଆମ୍ଭେ ଏତେଦିନ ଦୂରେ ରହିଥିଲୁ । ଏବେ ଆପଣଙ୍କୁ ଭଗ୍ନୀରୂପେ ପାଇ ବଡ଼ କୃତାର୍ଥ ହେଲୁ ।

ଏଇଥର ଆମ୍ଭେ ଓଡ଼ିଆ (ହେଲଭଗ୍ନୀ) ହେଲେ । ଆପଣଙ୍କର ଏଠାକୁ ଆସିବାର କଥା ଶୁଣି ଖୁବ୍ ଖୁସୀ ହେଲୁ ।

ଭଗବାନଙ୍କର ଇଚ୍ଛା ଥିଲେ ଦର୍ଶନରେ ଦୁଇଭଗ୍ନୀ ଏକ ସଙ୍ଗେ ରହିପାରିବା । ଅଧିକ କ'ଣ ଲେଖିବି । ଏଠାରେ ସମସ୍ତେ ଭଲ ଅଛୁଁ । ଆପଣଙ୍କର କୁଶଳ ପ୍ରାର୍ଥନା କରେ । ନମସ୍କାର ଗ୍ରହଣ କରିବେ । ଇତି ।

ଆପଣଙ୍କର
ସ୍ନେହଭଗ୍ନୀ ବନଲତା

ଶୁଭଦର୍ଶନା ବନଲତା ନରେନ୍ଦ୍ରକୁମାର ହାଲଦାର ଏମ୍. ଏ. ଙ୍କ ପତ୍ନୀ ଥିଲେ । ନରେନ୍ଦ୍ରକୁମାର କେତେବର୍ଷ ପାଇଁ ଭିକ୍ଟୋରିଆ ସ୍କୁଲ (ବର୍ତ୍ତମାନ ଉଚ୍ଚ ବିଦ୍ୟାପୀଠ)ରେ

ଚିକିତ୍ସା କରୁଥିଲେ । ଖ୍ରୀ: ୧୯୨୭ ମସିହାରେ ଏ ଲେଖକ (ମୁଁ) ତାଙ୍କ ଘରେ ଅର୍ଦ୍ଧ ଦିବସ ରହିଥିଲି । ବନଲତାଙ୍କର ସେତେବେଳେ ପାଞ୍ଚବର୍ଷର ଝିଅଟିଏ ଏବଂ ଦୁଇ ବର୍ଷର ପୁଅଟିଏ ଥାଏ । ବନଲତା ମୋତେ ପୁଅଠୁ ଅଧିକ ଦେଖୁଥିଲେ ଏବଂ ଭଉଣୀ ଡାକୁଥିଲେ । ତାଙ୍କ ଘର ସକଳସୁବିଧା ଦୃଷ୍ଟିରୁ ମିଳନ୍ତା । ବାରିପଦାରେ ତାଙ୍କ ସହିତ କୁନ୍ତଳାକୁମାରୀଙ୍କର ଭେଟ ହେଲା । ସେ ଗୋପନରେ କହିଲେ—"ଭାଇ ! ତୁମେ ଯାହା ଖବର ରଖ ଓଲଟା କଥା ମୁଁ ପିଲାଙ୍କଠାରୁ ଶୁଣୁଛି । ସେ ବଙ୍ଗଳା ପଢ଼ିଛି ଆଇ. ସି. ଏସ୍. ଏବଂ ଗୋଟିଏ ବାର୍-ଆଟ୍-ଲ ଏପରି ଦୁଇଜଣ ତାଙ୍କ ଆଖିରେ ପଡ଼ିଛନ୍ତି ! ଚଟପଟ ବାଛିନିଅ ବୋଲୁଛି । ଏଥିମଧ୍ୟରୁ ତୁମେ ଯାହାକୁ ପସନ୍ଦ କରିବ ମାର୍ଚ୍ଚ ମାସରେ ବିବାହ ହୋଇଯିବ ।"

କୈଳାସବାବୁଙ୍କ ସହିତ ବିବାହ ପ୍ରସ୍ତାବରେ ସ୍ୱଭାବ ବିସ୍ତାର ପରିବର୍ତ୍ତିରେ ବନଲତାଠାରୁ ଏହି ସମ୍ବାଦ ଗୋପନରେ ପାଇ କୁନ୍ତଳାକୁମାରୀ କଟକ ଚାଲିଥିଲେ ! ନରେନ୍ଦ୍ରବାବୁଙ୍କ ସହିତ ଆଉ ସାକ୍ଷାତ କରିବାକୁ ସେ ଭୟ କଲେ । ଯୋଗ ହେଉ, କୁନ୍ତଳା ବାରିପଦା ଯିବାବେଳେ ନରେନ୍ଦ୍ରବାବୁ ଘରେ ନ ଥିଲେ—କଲିକତା ଯାଇଥିଲେ ।

ନରେନ୍ଦ୍ରବାବୁ ପୁଣି କଟକ ଆସି କୁନ୍ତଳାଙ୍କୁ ଦେଖାକଲେ; କିନ୍ତୁ ନିଜର ଗୋପନୀୟ ପ୍ରସ୍ତାବ କଦାପି ପ୍ରକାଶ କଲେନାହିଁ । ଏମନ୍ତ ସେ କାହିଁ ଷଡ଼ଯନ୍ତ୍ରରେ ଲିପ୍ତ ଥାଆନ୍ତି । ତାଙ୍କୁ ବଶୀଭୂତ କରିବାକୁ ସେ ନରେନ୍ଦ୍ରବାବୁ ଚେଷ୍ଟା କରିଥାନ୍ତି, ତାହା ନାନା ପ୍ରକାରରୁ ଜାଣି କୁନ୍ତଳା କୌଣସିରେ ଅଳକ ସ୍ନେହଥାନ୍ତି; କିନ୍ତୁ ସେହି ଚକ୍ଷୁ ଦୃଷ୍ଟି ପୁରୁଷଟିକୁ ଚିହ୍ନାଇ ପାରୁ ନ ଥାନ୍ତି । ବନଲତା କୌଣସି ଧରାପଡ଼ିଯିବ, ସେଥିପାଇଁ ତାଙ୍କର ଭୟ ଥାଏ । ବନଲତା ତାଙ୍କୁ ଅତି ଗୋପନରେ କହି ବୁଝାଇଥାଏ—ଦିଦି, ଯେପରି ମୋ କଥା ଜଣା ନ ପଡ଼େ ।

ନରେନ୍ଦ୍ର ବାବୁ ଏ ଷଡ଼ଯନ୍ତ୍ରରେ ପାରଙ୍ଗମ । କୈଳାସଚନ୍ଦ୍ରଙ୍କ ପାଖକୁ ମଧ୍ୟ ଯିବା ଆସିବା କଲେ । ସଙ୍ଗେ ସେ ଜଣେ ଅଦ୍ଭୁତ ବ୍ୟକ୍ତି । ତାଙ୍କୁ ଦେଖି ପର ମନେ କରିପାରିବ ନାହିଁ ବା ତାଙ୍କୁ ଉଚ୍ଚ ବଂଶ ବୋଲି ଧାରଣା କରି ହୁଏନାହିଁ । ସେ ମଧ୍ୟ ଶାସ୍ତ୍ର ସ୍ଥଳରେ ଅନେକ ଜଣେ ପଣ୍ଡିତ ବ୍ୟକ୍ତି; ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ ସ୍ୱଚ୍ଛନ୍ଦରେ ପ୍ରବୀଣ । ନିରହଂକାର ସରଳମନା ଗ୍ରାମ୍ୟ ପଣ୍ଡିତ ବ୍ୟକ୍ତିରେ ଦେଖାଯାନ୍ତି । ବିଳାସର ଗନ୍ଧ ତାଙ୍କଠି ନ ଥାଏ ।

କଲିକତା ନବବିଧାନ ବ୍ରାହ୍ମ ସମାଜରେ କୁନ୍ତଳା କୁମାରୀଙ୍କ ସେଠାରେ ଏକ ଭକ୍ତ ସ୍ନେହବାର ସମର୍ଥନ ତାଙ୍କୁ ମିଳିଲା । ନରେନ୍ଦ୍ର ବାବୁଙ୍କ ସଙ୍ଗରେ ଯିବାକଥା ହେଲା । ଦାସ ଓ ଚକ୍ରଙ୍କ ଅଧ୍ୟରେ ସ୍ପଷ୍ଟ ରହିଲା ଦେଖା ଅଭ୍ୟାସଙ୍କ; କିନ୍ତୁ ବନଲତା ତାଙ୍କୁ ଏ ବିଷୟକୁ ଲକ୍ଷ କଲେ । ନରେନ୍ଦ୍ରବାବୁଙ୍କ ଷଡ଼ଯନ୍ତ୍ର ଧରାପଡ଼ିଗଲା । କୁନ୍ତଳାଙ୍କ କଲିକତା ଯାତ୍ରା ସ୍ଥଗିତ

ରହିଲା । ନରେନ୍ ବାବୁଙ୍କ ଅତ୍ୟନ୍ତ ଅସୁସ୍ଥ ହୋଇଗଲେ, ଫଳରେ ବ୍ରାହ୍ମ ସମାଜରୁ ସହାୟତା ମିଳିବା ଦିବାସ୍ୱପ୍ନରେ ପରିଣତ ହେଲା । ତଥାପି ଆଶା ରହିଥିଲା ।

## ‘ପରଶମଣି’ ଓ ‘କାଳୀବୋହୂ’ ଉପନ୍ୟାସର ପ୍ରକାଶ

ଏ ମଧ୍ୟରେ ‘ପରଶମଣି’ ବୋଲି ତାଙ୍କର ଆଉ ଖଣ୍ଡେ ଏ ଉପନ୍ୟାସ ‘ମୁକୁର ପ୍ରେସ୍’ର ଆନନ୍ଦ ଲହରୀ ଉପନ୍ୟାସମାଳାର ପ୍ରଥମ ଉପନ୍ୟାସ ସ୍ୱରୂପ ପ୍ରକାଶିତ ହୁଏ । ଏ ଖଣ୍ଡିକୁ ମିଶାଇ ତାଙ୍କର ଦୁଇଖଣ୍ଡି ବହି ବଜାରରେ ମିଳୁଥାଏ । ସେ ନିଜ ପଇସାରେ ତିନିଖଣ୍ଡି ପ୍ରକାଶିତ କରିଥାନ୍ତି । ଅନନ୍ତର ଆନନ୍ଦ ଲହରୀ ଉପନ୍ୟାସ ମାଳାରେ ତାଙ୍କର କାଳୀବୋହୂ’ ପଞ୍ଚମ ଉପନ୍ୟାସ ରୂପେ ବାହାରେ ।

## ‘ଉତ୍କଳ ଭାରତୀ’ ଉପାଧି ଓ ମହିଳାବନ୍ଧୁ ସମିତି

ପୁରୀରେ ମହିଳା-ବନ୍ଧୁ-ସମିତି ନାମରେ ଗୋଟିଏ ଅନୁଷ୍ଠାନ ଥାଏ । ସୁତେ ତ୍ରୁଟେ ପୁରୀ ଏ ଜାତିର ପ୍ରାଣପିଣ୍ଡ । ସମସ୍ତ ସଭ୍ୟତାର, ସମସ୍ତ ଧର୍ମର କେନ୍ଦ୍ରଭୂମି ହେଲା ପୁରୀ । ସବୁ ଦେବତାଙ୍କ ମଧ୍ୟରେ ଯେପରି ସର୍ବଶ୍ରେଷ୍ଠ ପୁରୁଷୋତ୍ତମ ଜଗନ୍ନାଥ, ସେପରି ସମସ୍ତ କ୍ଷେତ୍ର ମଧ୍ୟରେ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ଶ୍ରେଷ୍ଠ ବୋଲି ସିଦ୍ଧାନ୍ତ ରହିଛି । ବହୁଦିନରୁ ମୁକ୍ତି ମଣ୍ଡପ ପଣ୍ଡିତ ସଭା ପୁରୀର ଶ୍ରେଷ୍ଠତ୍ୱ ସ୍ତର ସ୍ତର ଧରି ପ୍ରତିପାଦନ କରିଥାଏ । ପୂର୍ବରୁ କୁହା-ଯାଇଛି ଖ୍ରୀ: ୧୭୦୦ରେ ପରିବ୍ରାଜକ ବ୍ରୁନେନ୍ ଲେଖିଯାଇଛନ୍ତି ଯେ ସେ ପୁରୀରେ ସ୍ୱଚକ୍ଷୁରେ ଦେଖିଥିଲେ ସେଠାର ସ୍ତ୍ରୀମାନେ କୁଞ୍ଚିଗୋଡ଼ା ସିଝା ଘୋଡ଼ା ଚଢ଼ୁଥିଲେ । ଏପରି ଆମ ପରି ଧନହୀନଙ୍କ ଦୃଷ୍ଟିକୋଣରେ ଅତି ଅସମ୍ଭବ ମନେହୋଇପାରେ । କାରଣ କେତେକଜଣ ଓଡ଼ିଆ ନିଜର କ୍ଷୁଦ୍ରତାକୁ ମଧ କଲ୍ପନାରେ ବଢ଼ାଇବାରେ ଏପରି ଅଗ୍ରଣୀ ହୋଇଛନ୍ତି । ପୁରୀର କଳ୍ପିତ ରୂପ ହୋଇ ଓଡ଼ିଆ ଜାତିର ଶ୍ରେଷ୍ଠତ୍ୱରେ ଆଞ୍ଚ ଆସିଛି । ପୁରୀ ଜିଲ୍ଲାର ଗୋପବନ୍ଧୁ ଏବଂ ତାଙ୍କ ଦଳ ସାଙ୍ଗେ ପୁରୀର ମହତ୍ତ୍ୱ ହେତୁ ଉତ୍କଳର ମହତ୍ତ୍ୱ ବଢ଼ିରହିଥିଲା ।

ଖ୍ରୀ: ୧୯୨୧ରେ ଅସହଯୋଗ ଆନ୍ଦୋଳନ ପରେ ନାରୀଜାତିର ବିକାଶ ଭୁବଆଡ଼େ ଦେଖାଗଲା । ନାରୀମାନେ କିଛି କରିପାରିବେ ଏହି ଚିନ୍ତା ଜାଗିଉଠିଲା । ପ୍ରଖ୍ୟାତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ କନ୍ୟା ଶ୍ରୀମତୀ ଲବଣ୍ୟବତୀ ଦେବୀ, ଯେ କି ପୁରୀର ବର୍ଷୀୟାନ ଓକିଲ ରାୟବାହାଦୁର ଲୋକନାଥ ମିଶ୍ରଙ୍କର ସ୍ତ୍ରୀ, ତାଙ୍କ ଚେଷ୍ଟାରେ ଗୋଟିଏ ନାରୀ ସମିତିର ସୂତ୍ରପାତ ହୋଇଥିଲା । ଲବଣ୍ୟବତୀ ଯେତିକି ସୁନ୍ଦରୀ ଥିଲେ, ସେପରି ଗୁଣବତୀ ଥିଲେ; କିନ୍ତୁ ଶ୍ୱାସରୋଗଆଦି ଶାରୀରିକ ଅସ୍ୱାସ୍ଥ୍ୟ ଯୋଗୁଁ ତାଙ୍କର ମୃତ୍ୟୁ ୧୯୩୬ ପୂର୍ବରୁ ହୋଇସାରିଥିଲା ।

ଏବଂ ଲାବଣ୍ୟବତୀ ଦେବୀ, ଶ୍ରୀମତୀ ଚଞ୍ଚଳା ଦେବୀ (ଜଗବନ୍ଧୁ ସିଂହଙ୍କର ସ୍ତ୍ରୀ), ଶ୍ରୀମତୀ ସ୍ନେହଲତା ଦେବୀ (ଶ୍ରୀ ଆର୍ତ୍ତତ୍ରାଣ ମିଶ୍ରଙ୍କ ସ୍ତ୍ରୀ), ଶ୍ରୀମତୀ ସୁଧାଂଶୀ ଦେଈ (ଉତ୍କଳ ପ. ଡବାସ ପଟ୍ଟନାୟକଙ୍କ ସ୍ତ୍ରୀ) ଏପରି କେତେଜଣ ମହିଳାଙ୍କୁ ନେଇ 'ମହିଳାବନ୍ଧୁ ସମିତି' ନାମରେ ଏକ ଅନୁଷ୍ଠାନ ଗଢିଥିଲେ। ଅନୁଷ୍ଠାନରେ ସଭ୍ୟମାନଙ୍କର ନାମ ଲେଖା ନଥିଲା, କେବଳ ସାହିତ୍ୟ ସେବା ଚର୍ଚ୍ଚା ହେଉଥିଲା। ୧୯୨୨, ୨୩, ୨୪ ଏହି ତିନି ବର୍ଷ ଏହି ଅନୁଷ୍ଠାନ କାର୍ଯ୍ୟ କରିଥିଲା। ଏମାନେ ସମସ୍ତେ ପର୍ଦ୍ଦାନସୀନ ସ୍ତ୍ରୀ ଲୋକ ଥିଲେ। କିନ୍ତୁ ଏହି ଅନୁଷ୍ଠାନର ଜଣେ ପୁରୁଷ ସମ୍ପାଦକ ଥିଲେ। ତାଙ୍କ ନାମ ବଳଭଦ୍ର ମିଶ୍ର। ତାଙ୍କ ଘର ପୁରୀ ତାହିଦ ବାଲିପାଟଣା ଶାମିଲ ଉଅଣ୍ଡା ସାହି। ତାଙ୍କର ଚେଷ୍ଟାରେ ସମ୍ବାଦପତ୍ରମାନଙ୍କରେ ଏହି ଅନୁଷ୍ଠାନର କାର୍ଯ୍ୟବିବରଣୀ ପ୍ରକାଶିତ ହେଉଥିଲା। ଗୋଟିଏ ନାରୀ ଅନୁଷ୍ଠାନର ନାମ ଶୁଣିଲେ ସେତେବେଳେ ସର୍ବସାଧାରଣ ଏବଂ ସମ୍ବାଦପତ୍ରଙ୍କ ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ।

ଏହି ମହିଳାବନ୍ଧୁ ସମିତିରେ କୁନ୍ତଳାକୁମାରୀଙ୍କ ଅଞ୍ଜଳି, ଉଚ୍ଛ୍ୱାସ, ନାଲିବୋହୂ ଏବଂ ପରଶମଣି ଏହି ଗ୍ରନ୍ଥଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମିତିର ସଭ୍ୟମାନେ ବହୁ ଆଲୋଚନା, ବିଚାର ସୁଯୋଗ୍ୟ କର୍ମୀମାନଙ୍କ ସହିତ ଏବଂ ସମ୍ପାଦକଙ୍କ ସହିତ କଥାବାର୍ତ୍ତା ହୋଇ ସିଦ୍ଧାନ୍ତ କଲେ ଯେ—'କୁନ୍ତଳାକୁମାରୀଙ୍କର ରଚନାଗୁଡ଼ିକ ଏତେ ଉପାଦେୟ ଏବଂ ଶିକ୍ଷଣୀୟ ଯେ ତାଙ୍କ ସମାନ ଲେଖିକା ବା କବି ପୂର୍ବେ ନାରୀ ସମାଜରେ ଅଳ୍ପ ଜନ୍ମିଥିଲେ, ଅଥବା ବର୍ତ୍ତମାନ କେହି ନାହାନ୍ତି। ତାଙ୍କ ଭକ୍ତିମୂଳକ ଏବଂ ଜାତୀୟ ଭାବମୂଳକ କବିତାଗୁଡ଼ିକ କେବଳ ଓଡ଼ିଶା ନୁହେଁ ସର୍ବତ୍ର ମର୍ମସ୍ପର୍ଶୀ ବୋଲି ବିଶ୍ୱାସ ଆସେ। ସ୍ୱଧର୍ମପରାୟଣଶୀଳତା, ଦେବ: ଧର୍ମରେ ପ୍ରାଣୋତ୍ସର୍ଗ କରିବାର ତାଙ୍କର ସେହି ଅନୁଭବମୟୀ ଭାଷାର ଅଭ୍ୟାସ ଉତ୍କଳସାହିତ୍ୟ ମନ୍ଦିରର ଏକ ଅପରୂପ ସାମଗ୍ରୀ। ତାଙ୍କ ରଚିତ ପୁଣ୍ୟ ସଙ୍ଗୀତମାନ ଦେଶ ପକ୍ଷରେ, ବେଦ୍ୟାଶତ୍ରୁ ନିର୍ଯ୍ୟାତନା ପକ୍ଷରେ ଉପଯୁକ୍ତ ପ୍ରୟୋଗ ହୋଇପାରେ। ତାଙ୍କର କ୍ଷୁଦ୍ର ଉପନ୍ୟାସ ଦୁଇଟି ମଧ୍ୟ ଦେଶର ଗ୍ରାମ୍ୟ ଜୀବନର ଏକ ଏକ ଉଜ୍ଜ୍ୱଳ ଚିତ୍ରସମ୍ପନ୍ନ ସନ୍ଦର୍ଭ। ଏତେ ଅଳ୍ପ ବୟସରେ ତାଙ୍କର ସବୁଗୁଣ ଏବଂ ପ୍ରତିଭା ଏକାନ୍ତ ଅନନ୍ୟ।'

ଏହି ଗୁଣରଙ୍କ ମହିଳାବୃନ୍ଦ ୧୯୨୫ ମସିହାରେ ୧୦ । ୩ । ୨୫ ଦୋଳପୂର୍ଣ୍ଣିମା ମଙ୍ଗଳବାର ସେମାନଙ୍କ ସ୍ଥାପିତ 'ମହିଳାବନ୍ଧୁ ସମିତି' ପକ୍ଷ, ତରଫରୁ ତାଙ୍କୁ 'ଉତ୍କଳ ଭାରତୀ' ପଦବୀରେ ମଣ୍ଡିତ କଲେ। ଗୃହକୋଣର ମହିଳା କେତେଜଣଙ୍କର ଏହି ଉପାଧିଦାନକୁ ସମଗ୍ର ଉତ୍କଳ ସ୍ୱୀକାର କରିନେବା କି ମନସ୍ୱୀତାର ପରିଚୟ ଦିଏ ତାହା ଏକ ଭାବିଲେ ସ୍ତମ୍ଭିତ ହେବାକୁ ହୁଏ। ପଣ୍ଡିତ ଓଁ ପ୍ରଭାଶ୍ରୀ ମୃତ୍ୟୁଞ୍ଜୟ ରଥଙ୍କୁ 'ବାଣୀଭୂଷଣ' ଉପାଧି ଦିଆଯିବା ବେଳେ ବ୍ୟଙ୍ଗ, ପଣ୍ଡିତଙ୍କ ବାଣୀରେ କୁହାହୋଇଥିଲା—

ଅମଙ୍ଗଳବାଚକୋଽପି ଯଥା ମଙ୍ଗଳବାରକଃ, ଅବାଣୀଭୂଷଣୋଽପି ବାଣୀଭୂଷଣ ତାଂ ଗତଃ।

କିନ୍ତୁ ୨୪ ବର୍ଷ ବୟସ୍କା ଏହି ଯୁବତୀ ଜଣକୁ, ସେ କି ଅଦ୍ଭୁତ, ଅଜାତ ଶାସ୍ତ୍ର —ତାଙ୍କୁ ଧର୍ମକ୍ଷେତ୍ର ପୁରୀରେ ବସି ଯେଉଁ ସମ୍ମାନ ଏବଂ ଉଦାରତା ପ୍ରଦର୍ଶନ କରିଥିଲେ ତାହା ଉତ୍କଳର ଯେଉଁ ବିଶ୍ୱଜନନୀ ଗୁଣ ପ୍ରାପ୍ତ ସନ୍ତାନର ମହତ୍ତ୍ୱ ପ୍ରଦର୍ଶିତ କରିଥାଏ, ତାହା ଏକ ଇତିହାସ । ତନେ ପ୍ରୌଢ଼ା ମନସ୍ୱିନୀ ପଦ୍ମଲୋଚନବଧୂଜା ବ୍ରାହ୍ମଣୀ ଅନସୂୟା ପ୍ରବୀଣା ସର୍ବପ୍ରାଣୀ ଜାନକଙ୍କୁ କୋଳାଗତ କରି କହିଥିଲେ, "ତୁମେ ଏ ଶିଶୁ ବୟସରେ ଯେଉଁ ଆଦର୍ଶ ଦେଖାଇଛ, ତୁମେ ମୋର ମୁଣ୍ଡ ଉପରେ ବସିବାର ଯୋଗ୍ୟ ।" ସର୍ବଗୁଣ-ଗୁଣବତୀ ଜାନକୀ ଭାରତ ଦେଶରେ ଅନାର୍ଯ୍ୟ ସୁଖ ହୋଇ କହିଥିଲେ, "ମାତାଶ୍ରୀ ! ମୋ ପରି ଶିଶୁକୁ ଏପରି କରି କୁହାଯାଏ ?" ପ୍ରଶ୍ନବତୀ ତପସ୍ୱିନୀ, ସେହି ବାଳବୃଦ୍ଧାଶାସ୍ତ୍ରୀ, କୁସୁମ-କୋମଳାଙ୍ଗୀ, ସମସ୍ତ ଦର୍ଶୋଜ୍ଜ୍ୱଳ ଅନୁକମ୍ପା ମୂର୍ତ୍ତିମତୀ ସୀତାଙ୍କ ତଳୁକ ଆଦେଶି କହିଥିଲେ— "କେମା ! ତୁ ସମସ୍ତ ବିଶ୍ୱର ବନ୍ଦନୀୟା ! ତୋପରି ଦେଶଅନୁରକ୍ତା ପତ୍ନୀ ଏଥିପୂର୍ବରୁ ପୃଥିବୀ କେବେ ଦେଖି ନଥିବ ।" ଜାଣ ସେ—ଗୁଣାଃ ପୂଜାସ୍ଥାନଂ ଗୁଣିଷୁ ନ ଚ ଲିଙ୍ଗଂ ନ ଚ ବୟଃ । ଗୁଣ ହେଉଛି ପୂଜାର ସ୍ଥାନ । ସେଠି ବୟସ ଏବଂ ଲିଙ୍ଗ ପ୍ରଶ୍ନ କିଏ ଦେଖୁଛି ?

କୁନ୍ତଳାକୁମାରୀଙ୍କୁ 'ଉତ୍କଳ ଭାରତୀ' ପଦବୀରେ ମଣ୍ଡିତ କରି ଉତ୍କଳର ନାରୀଜାତି ଏହି ଦିନ ପ୍ରତିପାଳନ କରିଥିଲା ।

## ମୁକ୍ତିମଣ୍ଡପଙ୍କ ପ୍ରଶଂସାପତ୍ର

ସେହି ବର୍ଷ ଭାରତବରେଣ୍ୟ ମହାମହୋପାଧ୍ୟାୟ ସନାତନ ହିନ୍ଦୁ ଧର୍ମର ଜୀବନ୍ତ-ବୈଜୟନ୍ତୀ ମୁକ୍ତ ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ, ଏକ ପ୍ରଶଂସାପତ୍ର ତାଙ୍କୁ ଦାନ କରି ଯେଉଁ ଉଦାରତା ଦେଖାଇଥିଲେ, ତାହା ପାଠ କରିବା ପରେ କେହି ଈର୍ଷାପରାୟଣ ମାନବୀୟ କହନ୍ତୁ ଯେ ବ୍ରାହ୍ମଣ ଜାତି ଅନୁଦାର ଓ ସ୍ୱାର୍ଥପରାୟଣ ଥିଲା ବୋଲି । କାରଣ ମୁକ୍ତିମଣ୍ଡପ ପଣ୍ଡିତ ସଭା କେବଳ ବ୍ରାହ୍ମଣ ଜାତିଦ୍ୱାରା ଗଠିତ ହୋଇଥିଲା ।

ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା
ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ

ଓଁ

### ପ୍ରଶଂସା ପତ୍ର

ଅଦ୍ୟ ସଭାରେ ଉତ୍କଳଭାରତୀ କୁମାରୀ ଶ୍ରୀମତୀ କୁନ୍ତଳାକୁମାରୀ ସାବତଙ୍କ ପ୍ରେରିତ ଭ୍ରାନ୍ତି, ପରଶମଣି, ଅର୍ଚ୍ଚନା ଓ ଅଞ୍ଜଳି ଏହି ଗଦ୍ୟପଦ୍ୟାତ୍ମକ ଗ୍ରନ୍ଥଗୁଡ଼ିକ ପୁସ୍ତକ କେତେକ ଅଂଶରେ ପଠିତ ଓ ଆଲୋଚିତ ହେଲା । ତାଙ୍କର ଲେଖା ପାରଦର୍ଶିତ ପ୍ରଦର୍ଶ ସ୍ୱଦପୂର୍ଣ୍ଣ । ସାହିତ୍ୟ କ୍ଷେତ୍ରରେ ଏହି ଅଳ୍ପ ବୟସ୍କା ନବୀନ କବିଙ୍କର ଲେଖନୀ ତୁଳନା ଉତ୍କଳ ମହିଳା-

ମଣ୍ଡଳର ଗୌରବାଧାୟକ । ଏତ ବଡ଼ ପରିଶ୍ରମ ସହକାରେ ସମାଜର ଉପଦେଶଦ୍ୱାରା କବିତାରେ ଯେଉଁ ଯେଉଁ ଅଂଶ ଆଧୁନିକ ରୁଚିର ଅନୁକୂଳ ଭାବ ପ୍ରକାଶ କରୁଅଛନ୍ତି, ତାହା ସୁବୋଧ ଓ ସର୍ବବାଦସମ୍ମତ । ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ କୁନ୍ତଳାକୁମାରୀଙ୍କ କବିତା ପାଠକରି ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରକାଶ କରୁଛନ୍ତି ଯେ ଏହା ଉତ୍କଳ ପକ୍ଷରେ ଗୋଟିଏ ନୂତନ ଜିନିଷ । ଅତଏବ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ତାଙ୍କ ଯୋଗ୍ୟତାର ଚିହ୍ନ ସ୍ୱରୂପ ଏହି ପ୍ରଶଂସାପତ୍ର ପ୍ରଦାନ କରାଗଲା ଏବଂ ଶ୍ରୀମତୀ କୁନ୍ତଳାକୁମାରୀ ଦୀର୍ଘାୟୁ ହୋଇ ନବ ନବ କବିତାଦ୍ୱାରା ଉତ୍କଳ ସାହିତ୍ୟ ଭଣ୍ଡାରର ଗୌରବ ବର୍ଦ୍ଧନ କରନ୍ତୁ, ଏହାହିଁ ଶ୍ରୀ ଜଗଦୀଶ୍ୱରଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା । ଇତି ।

| | |
|---|---|
| ଶ୍ରୀ ଜଗନ୍ନାଥ ମନ୍ଦିର | ମହାମହୋପାଧ୍ୟାୟ |
| ମୁକ୍ତିମଣ୍ଡପ କାର୍ଯ୍ୟାଳୟ | ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର ଶର୍ମା |
| ତା ୧୧ । ୯ । ୨୫ | ସମ୍ପାଦକ |
| | ମୁକ୍ତିମଣ୍ଡପ ପଣ୍ଡିତ ସଭା |

ପୂର୍ବୋକ୍ତ 'ଉତ୍କଳ ଗୌରବ' ପଦବୀକୁ ତତ୍କାଳୀନ ଉତ୍କଳଦୀପିକା, ଆଶା, ସମାଜ, ଷ୍ଟାର ଅଫ୍ ଉତ୍କଳ, ଗଡ଼ଜାତବାସିନୀ, ସେବା, ସହକାର, ଉତ୍କଳ ସାହିତ୍ୟ, ମୁକୁର ଇତ୍ୟାଦି ବହୁ କାଗଜ ପ୍ରଚାରିତ କରିଥିଲେ । ମୁକ୍ତିମଣ୍ଡପର ଏହି ସ୍ୱୀକୃତିରେ ତାହା ଅଧିକ ଦୃଢ଼ ଏବଂ ଗ୍ରାହ୍ୟମାନ୍ୟ ହୋଇଗଲା ।

## କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶିତ ଓଡ଼ିଆ ସାହିତ୍ୟ ପରିଚୟ ଓ ତାଙ୍କ କବିତା

ଏହି ଅବସରରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ଆଧୁନିକ ସୁରଚିତ କାବ୍ୟମାନଙ୍କରୁ ରଚନାମାନ ସଂଗୃହୀତ ହୋଇ 'ଓଡ଼ିଆ ସାହିତ୍ୟ ପରିଚୟ' (Typical Selections from Oriya Literature) ନାମରେ ଏକ ଗ୍ରନ୍ଥ ମୁଦ୍ରିତ ହୋଇଥିଲା । ଏହା ଶ୍ରୀ ବିଜୟଚନ୍ଦ୍ର ମଜୁମଦାର (B. C. Majumdar, ଆଡ଼ଭୋକେଟ, କଲିକତା ହାଇକୋର୍ଟ ଏବଂ ଅଧ୍ୟାପକ କଲିକତା ବିଶ୍ୱବିଦ୍ୟାଳୟ) ସୋନପୁର ମହାରାଜାଙ୍କ ଅର୍ଥରେ ପ୍ରକାଶିତ କରିଥିଲେ । ଏହି ସଂଗ୍ରହର ୩ୟ ଖଣ୍ଡରେ ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର, ଗୋବିନ୍ଦ ରଥ, ଚିନ୍ତାମଣି ମହାନ୍ତି ଓ ନୀଳକଣ୍ଠ ଦାସଙ୍କ ସହିତ ଏହି ନବୀନା କବି ସ୍ଥାନ ପାଇବା ଏକ ଗୌରବର ବିଷୟ । ବହିଟିର ୬୦୩ ପୃଷ୍ଠାରେ 'ଭାରତୀ' କବିତା ଗୋଟିକ ଛପାଯାଇଥିଲା । ଖ୍ରୀ: ୧୯୨୫ରେ ଏ ବହିଟି କଟକର ଉତ୍କଳ ସାହିତ୍ୟ ପ୍ରେସ୍‌ରେ ଛପାହୋଇଥିଲା ।

ଏନ୍ ମଜୁମଦାର ୨୨ । ୨ । ୨୨ରେ କୁନ୍ତଳାକୁମାରୀଙ୍କ 'ଅର୍ଚ୍ଚନା' ବହିର ଭୂମିକାରେ ଏହିପରି ଲେଖିଥିଲେ—"ଯେତେବେଳେ ମୁଁ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ଆଧୁନିକ ପୁସ୍ତକ କାବ୍ୟମାନଙ୍କରୁ ଚୟନ ପ୍ରସ୍ତୁତ କରୁଥିଲି, ସେତେବେଳେ ଦୈବାତ୍ କୁମାରୀ କୁନ୍ତଳାକୁମାରୀଙ୍କ କେତୋଟି ପଦ୍ୟ ରଚନା ପଢ଼ିବାକୁ ପାଇଥିଲି । ସେତେବେଳେ ଲେଖିକାଙ୍କର କୌଣସି ପରିଚୟ ମୋତେ ଜଣା ନଥିଲା । ମୁଁ କେବଳ ତାହାଙ୍କ ଭାଷାର ବିଶୁଦ୍ଧତା ଓ ସ୍ୱାଭାବିକତା ଏବଂ ଭାବର ମାଧୁର୍ଯ୍ୟ ଓ ସରଳତା ଦେଖି ତାହାଙ୍କ ରଚିତ ସେହି କେତୋଟି କବିତା ପାଇଥିଲି, ତାହା ବିଶ୍ୱବିଦ୍ୟାଳୟ କର୍ତ୍ତୃକ ପ୍ରକାଶିତ ଓଡ଼ିଆ ସାହିତ୍ୟ ପରିଚୟର ତୃତୀୟ ଖଣ୍ଡରେ ସାଦରେ ମୁଦ୍ରିତ କରିଥିଲି । ଏହି ସାହିତ୍ୟ ପରିଚୟ ଗ୍ରନ୍ଥ ପ୍ରକାଶିତ ହେବାର ଅନେକ ଦିନ ପରେ କବିଙ୍କ ରଚିତ କେତେ ଖଣ୍ଡି ଗ୍ରନ୍ଥର ପରିଚୟ ପାଇଲି ଓ ତାହାଙ୍କ ପ୍ରଣୀତ ଏହି କାବ୍ୟଗ୍ରନ୍ଥ ଖଣ୍ଡିକର ମୁଖବନ୍ଧ ଲେଖିବାକୁ ଅନୁରୁଦ୍ଧ ହେଲି । ମୁଁ ଆନନ୍ଦରେ ଏହି କାର୍ଯ୍ୟଟି କରିବାକୁ ପ୍ରସ୍ତୁତ ହୋଇଅଛି । ମୋର ପ୍ରଶଂସାବାଣୀ ଦ୍ୱାରା ଓଡ଼ିଶାବାସୀ କବିଙ୍କ ଯଶର ପ୍ରତିଷ୍ଠା ଆଶା କରୁନାହିଁ । କାରଣ ମୁଁ ଦେଖୁଛି ଯେ ଓଡ଼ିଶାର ସୁଧୀ ପାଠକମାନେ ଏହି ତରୁଣୀ କବିଙ୍କ ରଚନା ଯଥେଷ୍ଟ ଆଦରରେ ଗ୍ରହଣ କରିଅଛନ୍ତି ଓ ସୁପରିଚିତ 'ମୁକ୍ତିମଣ୍ଡପ' ନାମକ ପଣ୍ଡିତ ସଂଘ ଏହାଙ୍କ କାବ୍ୟ ପ୍ରତିଭାର ପ୍ରଶଂସା କରିଅଛନ୍ତି । ପୁଣି ପୁରୀର 'ମହିଳାବନ୍ଧୁ ସମିତି' ଏହାଙ୍କୁ 'ଉତ୍କଳ ଭାରତୀ' ଉପାଧି ଦେଇଅଛନ୍ତି । ପୁରୀରେ ଏହି ଆଦର ଓ ପ୍ରତିଭାର ଏହି ସମ୍ମାନ ଦେଖି ମୁଁ ଆନନ୍ଦିତ ହୋଇଅଛି ।"

## ସ୍ୱାମୀର ପରିଚୟ ଦେଇ ନପାରି ଆତ୍ମାର ଅସ୍ଥିରତା

କୁନ୍ତଳାଙ୍କ ପ୍ରତିଷ୍ଠା ବଢ଼ି ଚାଲିଲା । ବୟସ ବି ବଢ଼ି ଚାଲିଲା । ସମସ୍ତ ଦେହରୁ ଶୀଘ୍ର ଅବସ୍ଥା ଦୁର୍ବଳ ହୋଇ ଚାଲିଲା । ସେ କଣ କରିବେ, କେତେ କାନ୍ଦିବେ, କାହାକୁ ନିଜ ହୃଦୟର ଯାତନା ବା କହିବେ ? ତାଙ୍କର କବିତା, ସାହିତ୍ୟିକ ସୃଷ୍ଟି, କବିତା ଲେଖନ୍ତି, ଉପାସନା ମନ୍ଦିରରେ ଯୋଗ ଦିଅନ୍ତି, ତଥାପି ଆତ୍ମା ଅସ୍ଥିର ହୋଇ ରହୁଥାଏ । ସେ ସଖୀ ସୀତା ସାବିତ୍ରୀଙ୍କ ଦେଶର କନ୍ୟା । କର୍ଣ୍ଣେଲ ଟଡ୍‌ଙ୍କ ଲିଖିତ 'ରାଜସ୍ଥାନର ଇତିହାସ' ତାଙ୍କର ମୁଖସ୍ଥ । କେବେ କେଉଁ କଣ୍ଠ କରିବେ ? କୈଳାସଙ୍କୁ ମିଛରେ ଛଳନାରେ ଭାଳି ଅଛନ୍ତି । କାହା କାହା ନିକଟ ଆବୃତ୍ତି କରନ୍ତି । କୈଳାସ କହନ୍ତି—'ତୁମେ କୁନ୍ତଳା ଏଗାଣି ଉତ୍କଳ ଭାରତୀ । ତୁମେ ଏ ରାଜ୍ୟର ମହାନ୍ କବି, ଭାରତୀ; ଅନ୍ତତଃ କୈଳାସଙ୍କୁ ତୁମେ ବିବାହ କରିବ, ଏହା କି ଲଜ୍ଜାଜନକ ନ ହେବ !' "ମଧୁରେଣ ସମାପୟେତ୍ ।" ସେ ଏହା ଶୁଣି ହେଉ ହେଉ ରହିଯାଆନ୍ତି । ଚିଠି ଲେଖି କୈଳାସଙ୍କ ପାଖକୁ ପଠାନ୍ତି—

ଲୋଡ଼ା ନାହିଁ ମୋର ମଣିଭୂଷଣ ଟୋ
ସୁବାସେ ଦେହକୁ ସଜ
ଲୋଡ଼ା ନାହିଁ ମୋର ବସ୍ତ୍ର ଅଭରଣ
ମାଗେ ମାଏ ପାଦରଜ।
ଲୋଡ଼ା ନାହିଁ ମୋର ସାରସ୍ୱ ଚେତନ
ନିଜ ସୁଖ ସ୍ୱାର୍ଥ ବାଣ୍ଟରେ.
ମାଗେ ମାଏ ତବ ଜନନୀପ୍ରତିମା
ମୋର ହୃଦ ଧରି ଓଷ୍ଠରେ।

(ଅର୍ଚ୍ଚନା, ୭୭ପୃ.)

କୈଳାସଙ୍କୁ ବାଃ ମିଳେ ନାହିଁ। ସ୍ୱତନ୍ତ୍ର ସ୍ୱଅନ୍ତି ବୁଝିବା ବୁଝେ। ନାରୀର ଲଜ୍ଜା ସେଇଠି— ସେ ଅନ୍ତରାତ୍ମାର କାନ୍ଦଣା? ନିଜ ସ୍ୱାମୀର ପରିବାରକୁ ଦେଖି ନ ପାରି ଏ ଅପମାନର ଜୀବନ କେତେକାଳ ବା ସେ କଟାଇବେ? ଏଣ୍ଡା ଖଟ ଖୁବ ଅସ୍ଥିର ହୋଇ ଉଠନ୍ତି। ତାଙ୍କ ସ୍ୱଦେଶ କଥା, ତାଙ୍କ ସେ ଦେଶ, ସେ ଚନ୍ଦ୍ର, ସେ ସବୁରେ! ଉଣ ସେ କହିବେ?

## ପୁଣି କୃଷ୍ଣପୁରରେ ଏଗାରଦିନ

ଏହିପରି ମନର ଘୋର ଅଶାନ୍ତିବେଳେ ନନ୍ଦକିଶୋର ବଳ ଖଣ୍ଡିଏ ଚିଠି ଲେଖିଲେ ଯେ ତାଙ୍କର ଏକ ପାରିବାରିକ ଅନୁଷ୍ଠାନରେ ସେ କେତେଦିନ ପାଇଁ କୃଷ୍ଣପୁରକୁ ଆସିଲେ ଉପକୃତ ହୁଅନ୍ତେ। ମନ ତ ଝୁରୁଥିଲା ହେଉଥିଲା। ସେହି ସ୍ନେହତଳ ପାଇଁଆଶୀମାନେ ମନେପଡ଼ିଗଲେ। ସେ ଝିଅକୁ ସଙ୍ଗତରେ ନେଇ ଖ୍ରୀ: ୧୯୨୫ ମଇ ମାସର ପହିଲାରେ କୃଷ୍ଣପୁର ଯାଇ ପହଞ୍ଚିଲେ।

ସେହି ପୂର୍ବପରି ଦୁଃଖୋଚିତ ଅଭ୍ୟର୍ଥନା ହେଲା। ସେ କୃଷ୍ଣପୁରରେ ସେଥର ୧୧ଦିନ କାଳ ରହିଲେ। ଏଥି ନନ୍ଦକିଶୋରଙ୍କ ସହିତ ନାନା ବିଷୟ ଚର୍ଚ୍ଚା ହୁଏ। ବ୍ରାହ୍ମଧର୍ମରୁ ସେ କିପରି ହିନ୍ଦୁ ଧର୍ମକୁ ଆସିବେ ଏ ଚର୍ଚ୍ଚା ହେଉଥିଏ। ନନ୍ଦକିଶୋର ବ୍ରାହ୍ମଧର୍ମର ଅନାବଶ୍ୟକତା ଏବଂ କଥା କହିଥାନ୍ତି। ନନ୍ଦକିଶୋର ଲେଖିଥାନ୍ତି—

"ମୋର ବ୍ରାହ୍ମଧର୍ମ ପ୍ରତି ଅବାଲ୍ୟ ଆସ୍ଥା ଓ ସହାନୁଭୂତି ଥିଲେହେଁ କେତେଗୁଡ଼ିଏ ବିଷୟରେ ମୋର ସନ୍ଦେହ ବରାବର ରହୁଅଛି। ସେହି ସନ୍ଦେହ ମଧ୍ୟରୁ ଗୋଟିଏ ହେଉଛି ଏହା। ବ୍ରାହ୍ମ ସମାଜ ଓଡ଼ିଶାରେ ସ୍ଥାୟୀ ଏବଂ ବିସ୍ତୃତ ହେଲେ ଓଡ଼ିଆସଂସାର କି ଦଶା ହେବ? ରାଧାନାଥ, ମଧୁସୂଦନ, ଫକୀରମୋହନ, ବିଶ୍ୱନାଥ ସମସ୍ତେ ବ୍ରାହ୍ମଭାବାନୁପ୍ରାଣିତ ହୋଇ ସାହିତ୍ୟ ସୃଷ୍ଟି କରିଥିଲେ ସତ୍ୟ; କିନ୍ତୁ ସେମାନଙ୍କ ବାଲ୍ୟଜୀବନ ଓଡ଼ିଆସଂସ୍କାରାନୁକୂଳ ହୋଇଥିଲେହେଁ ବ୍ରାହ୍ମସମାଜର ବଙ୍ଗଳା ଉପାସନା, ବଙ୍ଗଳା ପୁସ୍ତକ ପଠନ, ବଙ୍ଗାଳୀମାନଙ୍କ

ଅସ୍ତୃତ ବୈବାହିକ ମିଳନ, ସଂବାଦ ବଙ୍ଗଳାରେ ଆଳାପ, ପରୀର ଲକ୍ଷଣ, ଏମନ୍ତ କି ପରିବାରରେ ସ୍ତ୍ରୀ, ବୋଉ ବା ମା, ନାମ ପରିବର୍ତ୍ତେ; ଦାଦା, ଦିଦି ସମ୍ବୋଧନ ବଙ୍ଗଳା ପ୍ରଭାବ। ଏସବୁର ପରିଣାମ ଫଳ କି ଓଡ଼ିଆ ସ୍ୱାର୍ଥର ଅନୁକୂଳ ?"

"ଆଉ ଗୋଟିଏ କଥା, ଇଂରେଜୀ ଶିକ୍ଷା ସଭ୍ୟତା ଫଳରେ ବ୍ରାହ୍ମ ସମାଜ ବଙ୍ଗଦେଶରୁ ଜାତହୋଇ ବଙ୍ଗଳା ଜଳବାୟୁରେ ବର୍ଦ୍ଧିତ ହୋଇଅଛି। ତା' ଓଡ଼ିଶାର ଦେବତୁଲ୍ୟ ଶୋଭା ନୁହେଁ। ଆମ୍ଭ ସ୍ୱଦେଶାଗତ ସାମ୍ପ୍ରଦାୟିକ ଧର୍ମକୁ ଅବିକଳ ଗ୍ରହଣ କରିବା ଭଲ କି? ତାହାକୁ ସ୍ୱଦେଶର ଜଳବାୟୁ, ପୂର୍ବ ପ୍ରଚଳିତ ଧର୍ମମତର ସହଯୋଗରେ, ସମନ୍ୱୟରେ ନିଜ ଛାଞ୍ଚରେ ଢାଳିନେବା ଉଚିତ ? ମଧୁସୂଦନ ଦାସ ସ୍ୱଜାତୀୟତା କ୍ଷେତ୍ରରେ ଓଡ଼ିଶାକୁ କାହାରି ଓଳିତଳେ ଠିଆ କରେଇ ନାହାନ୍ତି।"

(ପୃ:୧୧୮-୧୯, ସ୍ୱର୍ଗୀୟ ସ୍ମୃତି—ନନ୍ଦକିଶୋର ଗ୍ରନ୍ଥାବଳୀ)

କୁନ୍ତଳାକୁମାରୀଙ୍କ ସମ୍ପର୍କ ଆଲୋଚନାରେ କବି ନନ୍ଦକିଶୋର ଏ ସମସ୍ୟା ଉତ୍ଥାପନ କରିଥିଲେ। କୁନ୍ତଳା ନିଜର ସେ ଧର୍ମରୁ ହିନ୍ଦୁ ଧର୍ମକୁ ଫେରି ଆସିବେ, ସେଥିପାଇଁ ଚିନ୍ତାରେ ବ୍ୟାକୁଳ ହୋଇ କହୁଥିଲେ—"ମୁଁ ଆଉ କଣ କରନ୍ତି ? ଆପଣମାନେ ତ ମୋତେ ଆପଣମାନଙ୍କ ସମାଜରେ ନେବାକୁ ସୁଯୋଗ ଦେଇପାରୁ ନାହାନ୍ତି। ତେଣୁ ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଧର୍ମରେ ନ ରହି ହିନ୍ଦୁ ହିସେବ ତ ଅବଶ୍ୟ ହୋଇପାରୁଛି।"

ଖୁଦ୍ର କୁମ୍ଭପୁରରେ ଏହି ଅବସରରେ ଘରୋଇ ଭାବରେ ଗୋଟିଏ ସମ୍ବର୍ଦ୍ଧନା ସଭା ହେଲା। କୁନ୍ତଳାକୁମାରୀଙ୍କୁ ସମ୍ବର୍ଦ୍ଧନା ଦିଆଗଲା। କବି ନନ୍ଦକିଶୋର ସେ ସଭାରେ ଉପସ୍ଥିତ ହୋଇ ସେହି କବିତାଟି ଉପହାର ଦେଇଥିଲେ ଏବଂ ପାଠ କରିଥିଲେ, ତାହା ଏହିପରି—

କୁନ୍ତଳକା କୁଳମଣି କୁନ୍ତଳାକୁମାରୀ
ଉତ୍କଳ ରମଣୀ କର୍ଣ୍ଣ-କୁନ୍ତଳ-ଭୂଷଣା,
ନାନା ଗୁଣେ ଅଳଂକୃତା ମନସ୍ୱିନୀ ନାରୀ
କବିତା ସଙ୍ଗୀତ ଶକ୍ତି ଭକ୍ତି ପ୍ରେମେ ଧନ୍ୟା।
ନାରୀ ଉନ୍ନତିର ସେବାଧର୍ମେ ସୁଦୀକ୍ଷିତା
ସୁ କର୍ତ୍ତବ୍ୟ ନିଷ୍ଠାବତୀ ସୁଦକ୍ଷା ତରୁଣୀ
କବିତା ରଚନେ ନାନା ଗ୍ରନ୍ଥେ ସୁପଣ୍ଡିତା
କାବ୍ୟସୁଧାପାୟୀ ଶକ୍ତି ପ୍ରେମ ପ୍ରବାହିଣୀ।
ସ୍ୱଦେଶର ପୂର୍ବ ଗଉରବେ ଗରବିତା
ନିସର୍ଗ-ଲାବଣ୍ୟ-ମୂରତି ଅୟି ପ୍ରେମମୟି !
କି ଅପୂର୍ବ ପ୍ରତିଭାରେ ହୋଇ ପ୍ରତିଷ୍ଠିତା
ଏ ଯୁଗ ଉତ୍କଳେ ଅବତୀର୍ଣ୍ଣା ଶକ୍ତିମୟି।

ଧନ୍ୟ କଲ ମୋ କୁଟୀର ଶୁଭ ଆଗମନ
ଜୀବନ୍ମୃତ ସ୍ନେହ ଦେଖି କଲି ନିବେଦନ ।

ବିଦାୟ ଦୃଶ୍ୟରୁ କବି କୁନ୍ତଳାକୁମାରୀ, ନନ୍ଦକିଶୋରଙ୍କ ଅନ୍ତର୍ଧାନରେ ଏବଂ ଦେହାନ୍ତରେ ମୂର୍ଚ୍ଛିତା ହୋଇ ଜନ୍ମ କବିତାଟି ଲେଖି ମୋହ ପ୍ରୀତି କବିଙ୍କ ପାଦପଦ୍ମରେ ଢାଳି ଦେଇଥିଲେ । ତାହା ପରେ ଅର୍ଚ୍ଚନା ବନ୍ଦନ 'ସ୍ମୃତାଞ୍ଜଳି' ଗ୍ରନ୍ଥରେ ଉକ୍ତ କବିତା ରୂପରେ ଛପାଯାଇଥିଲା ।

ସେ ଲେଖିଥିଲେ—

କି ଭାବନା ଜାଗେ ପ୍ରାଣେ କବି ଦରଶନେ
ପୂର୍ଣ୍ଣେନ୍ଦୁ ଅର୍ଦ୍ଧେକ ଦେଖ ଅର୍ଦ୍ଧୋକ ଆନନେ
ଜଗତି ବିଶାଳ ବାହୁ ଜାନୁ ଲମ୍ବିଥିଲେ
ବ୍ୟାକୁଳେ ଆକୁଳ ପ୍ରାଣ ଆନନ୍ଦେ ଭାସୁଥିଲେ ।
ଦୃଷ୍ଟି ଅଛେ ଧୀରେ ଯଥା ନବ ଅରବିନ୍ଦ
ମନ୍ଦ ମଳୟ ମାରୁତ ଦୋଳୁକେ ଶୋଭନ
ଧାଇଁ ଅଛେ ଫୁଲ୍ଲ ମଞ୍ଜୁ ମାଳେ କି ମିଳନ
ଭରିଛି ସାଏ କି ଜାତ୍ରୁ କେତକୀ କାନନ ।
ଦିଶା ଅନୁଶୀମା ଦେଲେ ଫୁଲେ ନବ ରବି
ଅନାଇଁ ଉଦାସେ ଦିଶେ ସୁମନ ସୁନ୍ଦରୀ
ଶ୍ୟାମଳ କୋମଳ ଦଳେ ଦ୍ରୁମ ବନ୍ଦ୍ୟ ଛବି
ପଲ୍ଲବେ ଅଳକେ ଦେଖି ଶରତ୍ ଧନୁ ଖଣ୍ଡ ।
ନନ୍ଦନ ନନ୍ଦନ ଭୂଷା ବନ କବି ପଦେ
ଲଭିଲି ଉତ୍ସବ ମହା ଗୌରବ ଦର୍ପେ ।

୨

ତାଳ ନାରିକେଳ ମାଳ ପ୍ରାନ୍ତେ ଶ୍ୟାମଳ
କଦମ୍ବ ଲହରୀ ଲୀଳା ଲୋଳିତ ଉଦାର
ବନ ବିହଙ୍ଗ କଳିତ ଲଳିତ କାକଳି
ପଲ୍ଲବ-ପାଟଳ-ପକ୍ଷୀ କୁଞ୍ଜପୁର ଫୁଲ ।
ରଚ୍ଛି ତବ ଜନନୀଙ୍କ ସ୍ନେହ କବି ଦଳେନ୍ଦୁ
ପଡ଼ିଲି ମୋ ପଦତଳେ କି ଶୋଭେ ମାତୃନ୍ଦୁ ।
କି ଛଳେ ବିଧାତା ଛନ୍ଦ ଅର୍ପିଲ ସେ ଚାଣି
କବି ଦେଖି ଜନ ପ୍ରିୟ କରୁ-ବୀଣାପାଣି ।

ପଣ୍ଡି ମୋ ନନ୍ଦନବନ ଉର୍ଦ୍ଧ୍ୱ ବାସ୍ତବା
ନନ୍ଦନ ମନ୍ଦାର କୁଞ୍ଜେ କୁଞ୍ଜ ଅଭ୍ୟର୍ଥନା ;
ଝଲକେ ଯହିଁ ନର୍ତ୍ତକୀ ସ୍ୱର୍ଣ୍ଣଶୀଳାତଳେ
ବସନ୍ତକୋକିଳ ଗାଏ ରସାଳ ପଲ୍ଲବେ ।
ନେତ୍ରମୋହା ଚଳିତ୍ରିତ ପଦ୍ମର ତନୁମା
ହସନ୍ତ ସ୍ରୋତର କଳକୁଞ୍ଜ ଶ୍ରୀ ମଧୁମା
ତହିଁ ଅନ୍ଧକାର ଶୋଭା ମଣି କାଞ୍ଚନର
ନାନାବର୍ଣ୍ଣ ପିଞ୍ଜରରେ ଝଲକେ ଅନ୍ତର ।
ଯହିଁ ପୁଷ୍କରଣୀ ଉପର ଜଳକୁମ୍ଭ ଉପରେ
ସ୍ପର୍ଶିତା କନକଲତା ମୃତ୍ପାଦପରେ
ଉଡ଼ନ୍ତୋର ଅନ୍ଧ ଫଳେ ଶଙ୍କିତା ଚନ୍ଦ୍ରମା
ଶୋଭେ ନବ ଅରଣ୍ୟରେ ସୌଦାମିନୀ ଶଶୀ ।
ତହିଁ ଏକାଦଶୀଦିନ ନବ ଶାନ୍ତିବାଦେ
ଧନ୍ୟ ଅଧର ବେଣୁବେ ଗାଇଲା ଉଲ୍ଲାସେ
ଶୁଣି କଣ୍ଠ କପଟିର ଉଦ୍ଭଟ ସଙ୍ଗୀତ
ଦେବର ହାସ୍ୟତାରୁ ଶିଶୁ ବାମାନେ ବିମୁଗ୍ଧ ।
ହେ କବି, ହେ କବି-ବନ୍ଧୁ, ବନ୍ଦନ ବରେଣ୍ୟ
ଧନ୍ୟ ମୋ ଜୀବନ ତବ ନିମନ୍ତ୍ରଣେ ଧନ୍ୟ ।

ସ୍ନେହାଧୀନା କନ୍ୟା
କୁନ୍ତଳାକୁମାରୀ

ଏହି କବି ସମ୍ମିଳନୀ ଆଜି ଆଉ ନାହିଁ । କବିତା ଏବଂ କବି ଉର୍ଦ୍ଧ୍ୱ ସ୍ରୋତରେ ଭାସମାନ । ବୈଜ୍ଞାନିକ ଆବିଷ୍କାର କବି ଏବଂ ଲେଖକମାନେ ମାନବିକତା ହରାଇ ବସିଛନ୍ତି । ସେମାନେ ଧର୍ମକୁ ଘୃଣା ମନେକରି ଏହି ପ୍ରାଚୀନ ସିଦ୍ଧିକୁ ଲୋପକରି ଚାଲିଛନ୍ତି । ସେହି ପୁରାତନ କୁଞ୍ଜକୁଟୀର ଆଜି ଆଉ ନାହିଁ । ସେ କାଳର ସରଳ, ଅକୃତ୍ରିମ ଜୀବନ କାହିଁ ?

କୁନ୍ତଳାକୁମାରୀଙ୍କ ଘରୁ ଘରୁ ନିମନ୍ତ୍ରଣ । ଭଲ ବନ୍ଧୁତା । ବନ୍ଧୁମାନେ ପାଖେ ପାଖେ ରହୁଥିବେ । 'ଖୁବ୍ ତୋହମାନେ ନାଚ କଲେ ପଡ଼ିଲା ସେତେବେଳେ—ନିମନ୍ତ୍ରଣ ଆସିଛନ୍ତି ! ସେ କହିଥାନ୍ତି—"ମୁଁ ସେ ଏକାଦଶୀ ଦିନ ସୁଧିରଙ୍କ ୧୧ଶ ପାଦକୁଳ ଦର୍ଶନ କରିବାର ସୌଭାଗ୍ୟ ପାଇଥିଲି । ଆଉ କେବେ ପାଇବି ଜାଣେନା । କାହିଁ ତା ପାଇବି ?"

ସେଠାରୁ ଫେରିବା ପରେ ପୁଣି କୁନ୍ତଳା ତାଙ୍କ ଦେଶସେବା । ସେ କଣ କରିବେ ? ତାଙ୍କ ଜୀବନର ପ୍ରକୃତ ମୀମାଂସାର ଦିନ କେବେ ଆସିବ ?

## ଯାହାଙ୍କୁ ଗୋପନରେ ଆତ୍ମଦାନ କରିଥିଲେ ତା'ଠୁ ଅପମାନ

ଆଗରୁ କୁହାଯାଇଛି, କେତେଜଣଙ୍କ ଷଡ଼ଯନ୍ତ୍ରରେ କୈଳାସ ଘୋଷ ବାଲେଶ୍ୱର ଛାଉଣୀରେ ରହିଥାନ୍ତି । ତାଙ୍କୁ ଦେଖା କରିବାକୁ କୁନ୍ତଳା ଯାଇଥାନ୍ତି ବାଲେଶ୍ୱର । କମାଣ୍ଡରଙ୍କ ବ୍ୟାରେକ ଖାଲିଥାଏ । ସୋଲଜର ଡାକ୍ତରଖାନା । କାର୍ତ୍ତିକଚନ୍ଦ୍ର ପ୍ରଭୃତି ନାମକ କମାଣ୍ଡରଟି ଭଦ୍ର, ବିନମ୍ରୀ, ଅତି ଆପଣାର । ଏପରି ପରମାତ୍ମୀୟ ଚରିତ୍ରବାନ୍ ବ୍ୟକ୍ତି କ୍ୱଚିତ୍ ଦେଖାଯାନ୍ତି । ବିଚରା ସେ କି ଜାଣେ—ଏ ସେ ବଡ଼ ବଡ଼ ଲୋକଙ୍କ କଥା । ଡାକ୍ତର କୈଳାସଙ୍କର ବ୍ୟାରେକଠାରୁ ସେ ବ୍ୟାରେକଟି ଅଳ୍ପ ଦୂରରେ ଥିଲେ ହେଁ ସେଠାରେ କଣ ହେଉଛି ବା କଣ ଅଛି, ତାହା କୈଳାସଙ୍କ ସ୍ତ୍ରୀ ତୁଳସୀ ଦେବୀ ଜାଣନ୍ତି ନାହିଁ । ତାଙ୍କର କନ୍ୟାଟିଏ, ଶିଶୁପୁତ୍ରଟିଏ । ଏହି କଠୋରହୃଦୟ କୈଳାସଚନ୍ଦ୍ର ଘୋଷ ଏପରି କାହା ଉପରେ ପ୍ରେମ ଦୃଷ୍ଟି ଆଣିପାରେ, ତାହା କଳ୍ପନା ମଧ୍ୟ କରାଯାଇ ନ ପାରେ । କୁନ୍ତଳା କମାଣ୍ଡରଙ୍କ ବ୍ୟାରେକରେ ଲୁଚି ରହି ଦିନ ଗୁଜୁରାନ୍ତି । କେବେ କୈଳାସଙ୍କ ସ୍ନେହ ଦେଖାନ୍ତି । ଦେଖାହେଲେ କେତେକ ବାକ୍ୟବାଣ ଉପହାସ—ମୁଁ ତୁମକୁ ମନା କରିଥିଲି । ମୁଁ ପ୍ରସ୍ତୁତ ନଥିବାବେଳେ ତୁମେ ଏଠାକୁ ଆସିବା କି ବିପଦଜନକ ହୋଇଥିବ ତ—ଇତ୍ୟାଦି ।

ହାୟରେ କି ଲଜ୍ଜା ! କାନ୍ଦି କାନ୍ଦି ଯୁବତୀ କୁନ୍ତଳାଙ୍କର ଆଖି ଫୁଲି ଯାଉଥାଏ । କବିତା ଲେଖା ହେଲେ—

ସେତେବେଳେ କରୁଥିବ ମନା ମୁଁ ଆସିବି
ତୁମରି ଦୁଆରେ ଯେବେ
ତୁମ ଆଲିମାନ୍ଦ ସହିବା କାରଣେ
ଲୁଚି ରହିଥିବ ଗୁପତେ ।
ଫୁଲ ଗୁଚ୍ଛ ଯେବେ ହସନ୍ତି କାନନ୍ତୁ
ଫୁଲ ଗୁଚ୍ଛ ସବୁ ହୋଇବ
ତୁମ ଉଦ୍ୟାନକୁ ତୁମ କଣ୍ଟିକାକୁ
ପିଠି ପଞ୍ଚାଇଣ ସହିବ ।
ମୃତ୍ୟୁରୂପେ ଯେବେ ଆସିବ ଜନକ
ପୁଣି ମୁଁ ସେଦିନ ଭୋଳରେ
ଅନ୍ତରେ ମରଣ ବରଣ କରି ସେ
ମରିବ ଚରଣ ତଳରେ ।

ନିଷ୍ଠୁର, କ୍ରୋଧୀ, ଅତି ହାଣ ହାଣ 'କଥା କହୁ ମୁହଁ ଭାଙ୍ଗିଦେବା କୈଳାଶ ପୁଣି ଭଦ୍ରଲୋକ ଥାନ୍ତି । କୁନ୍ତଳାଙ୍କ, (ଅଭିମାନ) ବନ୍ଧୁ କବିତା ଏହି ସମୟରେ ରଚିତ ହୋଇଥାଏ ।

ଯେତେ ପଳାଇବ ଯିବ ଛୋଡ଼ାଇ
ନିରମଳ ପ୍ରୀତି ଦେବ ବଢ଼ାଇ
ଯାଉ ଲେଖିଯାଇ ଅନ୍ତର ଗୁହାର
ଭାବ ନାଥ ମୋତେ ଭାର

× × ×

ମୋର ବନ୍ଧୁଯାକ ଅଶ୍ରୁଧାର
ଅଛୁମାନେ ଜାଣ ପଡ଼ିଥିବ ଯାହେ
ଅଛୁ ସ୍ନେହ ଅଧିକାର ।

× × ×

ନାଥ ବନ୍ଧୁ ଦୂରେ ଯାଉ
ଭୁଲେ ନହିଁଛି ଯାଉ
ନାଥ ମୋ ପଥଟି ଚାହୁ
ନିତ ଲୋତକ ଲୋଚନେ ।

× × ×

ମୁଁ ଯାନ ବାଟୋଇ ଜଣେ
ଭ୍ରମେ ପଥିକ ଏ ବନେ
ଛାଡ଼ି ଯିବ କି କହିବ ନଦଶେ ସ୍ପୃହା ।

କୁନ୍ତଳା ଯୌବନରେ ଚଳଚଳ—କୈଳାଶ ପ୍ରୌଢ଼ତାରେ ଟଳମଳ । ଏହି ନବଯୁବ ପ୍ରବୃତ୍ତି ଏବଂ ଶରୀର ଚେଷ୍ଟା ମଧ୍ୟରେ ଦୁହେଁ କଣ କରିବେ ସ୍ଥିର କରିପାରିଲେ ନାହିଁ । ସେତେବେଳର ସମାଜରେ ଯେପରି ଅବୋଧର ଅସ୍ପୃଶ୍ୟ ରହିଥିଲା, ତାହା ଉଭୟଙ୍କୁ କାତର କରିଦେଇଥିଲା ।

## ବ୍ରାହ୍ମ ସମାଜ କଥା ନୁହେଁ

ହଠାତ୍ ଦିନେ କଟକ ଆସି ନରେନ୍ଦ୍ର ବାବୁ କହିଲେ, "କୁନ୍ତଳା, ତୁମେ କୈଳାସଙ୍କୁ ବିବାହ କରିବା କଥା ମନରୁ ତ୍ୟାଗ କର । ସେ ଏବେ ପ୍ରୌଢ଼, ପୁଣି ସେପରି ଅସଂଯମୀ ନୁହେଁ । ସେ ଗୋଟିଏ ଦୁଷ୍ଟ ଚରିତ୍ର ଏବଂ ଅତି ନିଷ୍ଠୁର । ତାର ତିନି ପୁଅ କନ୍ୟା ଅଛନ୍ତି । ସ୍ତ୍ରୀ ମଧ୍ୟ ଅତି ରୁଗ୍ଣଶୀଳା । ଏପରି କ୍ଷେତ୍ରରେ ସେ ଚିନ୍ତା ତୁମେ ତ୍ୟାଗ କରିଦିଅ । ମୁଁ ଭଲ ସମ୍ବନ୍ଧ କୁସୁମପଥ ଛାତ୍ର ସୁନ୍ଦର ତରୁଣ ବର ତୁମ ପାଇଁ ଆଣିଦେବି । ବଙ୍ଗରେ ଏପରି

ବଡ଼ ଅଛନ୍ତି ସେଇମାନେ ତୁମକୁ ନେଇ ପରାମର୍ଶ କରିବେ ଏବଂ ସେମାନେ ସମସ୍ତେ ବିଲାତଫେରନ୍ତା । ତୁମେ ଯାହାକୁ ଇଚ୍ଛା କରିବ, ମୁଁ ତା' ସହିତ କରିଦେବି ।'' କୁନ୍ତଳା ଏହା ଶୁଣି ତାଙ୍କୁ ଅବୋଧଙ୍କର ନାନାକଥା ବୋଲିଦେଲେ; କିନ୍ତୁ ନରେନ ବାବୁ ହୃଦୟ ଦୁଃଖରୁ କହିଲେ...'ମା, ତୁମେ ମୋତେ ଯାହା କହୁଛ କହ, କିନ୍ତୁ ତୁମ ବ୍ରାହ୍ମ କଥା ଧରେନ ବ୍ରହ୍ମିବ ।'

ଏତିକିବେଳେ ବିଜୟଚନ୍ଦ୍ର ମଜୁମଦାରଙ୍କର ଗୋଟିଏ ଚିଠି କୁନ୍ତଳା ପାଇଥିଲେ । ଶ୍ରୀ ମଜୁମଦାର ଲେଖିଥିଲେ—

B. C. Majumdar, 33-IC, Lansdowne Road
Advocate Calcutta, March 13, 1926
Calcutta High Court

Dear Miss Sabbath,

Your highly interesting letter of the 10th instant comes redirected here to-day. Though I am blind and on the shady sight of 60 and though my hands are rather full because of my duties in the Calcutta University, I do not fail to keep myself informed of the progress of Oriya literature.

It may interest you to learn that when the publication of the 3rd volume of the Typical Selections was near upon completion, my attention was drawn to some of your effusions by Pandit Binayak Mishra who hails from Orissa. This is why I could not write a few words in the introductory portion of the book to signify my appreciation of the poems published in the 3rd volume aforesaid.

It will afford me much delight to write a foreword to your poetical work. I trust I shall get your poems to read before the graduate classes are closed for summer vacation by about the 3rd week of April next.

It is really a pity that there is no such thing in Orissa to-day as a good literary atmosphere. I fear our

people all over India care more for politics today than any other thing. Despite such a state of things, genuine literary minds will go on working for our cultural expansion.

Wishing you heartily a success in the field of literature.

I remain.
Yours truly
B. C. Majumdar

ଅଯାଚିତ ଏପରି ଚିଠିଖଣ୍ଡିକ ପାଠକରି କୁନ୍ତଳା ବିସ୍ମିତ ହୋଇ ପଡ଼ିଥିଲେ; କିନ୍ତୁ ପରେ ଜାଣିଲେ ଯେ ଏହା କୈଳାଶ ବାବୁଙ୍କର କୃତ୍ୟ । କୈଳାଶ ବାବୁ ତାଙ୍କ ନାମରେ ବିଜୟଚନ୍ଦ୍ର ମଜୁମଦାରଙ୍କୁ 'ଅର୍ଚ୍ଚନା' ବହିର ଭୂମିକାଟିଏ ଲେଖିବାକୁ ଚିଠି ଦେଇଥିଲେ; କିନ୍ତୁ ଏ ଘଟଣାଟି କୁନ୍ତଳାଙ୍କ ପ୍ରତି ଅପମାନଜନକ ହୋଇଥିଲା । ସେତେବେଳକୁ ମଜୁମଦାର ଇଂଲିଶ୍ ଶିକ୍ଷିତଗୋଷ୍ଠୀରେ କଠୋର ସ୍ୱରେ ସମାଲୋଚକ ହୋଇଥିଲେ । କାରଣ ସେ ସୋନପୁର ରାଜାଙ୍କ ଟଙ୍କାରେ କଲିକତା ବିଶ୍ୱବିଦ୍ୟାଳୟ ନାମରେ ଯେଉଁ Typical Selections from Oriya Literature ବହି ଖଣ୍ଡିମାନ ପ୍ରକାଶିତ କରିଥିଲେ, ତହିଁର ଭୂମିକାରେ ନବୁଦ୍ଧି ନନ୍ଦିଶ୍ୱର କବିସମ୍ରାଟ ଭଞ୍ଜଙ୍କୁ ଗାଳିଦେବା ସଙ୍ଗେ ସଙ୍ଗେ ଓଡ଼ିଆ-ଜାତିର ଏକ ଅସମ୍ମାନିତ ମିଥ୍ୟା କୁତ୍ସା ମଧ୍ୟ କଳ୍ପନା କରି ଲେଖିଥିଲେ । ସେହି କଠୋର ଟୈଁଚକ ଉଚ୍ଚନ ବିଷାକ୍ତବାଣୀକୁ ଆଇ ଇଙ୍ଗ୍ଲିଶ୍ ବିଦେଶୀମାନଙ୍କ ନିକଟରେ ଚିରକାଳ ଘୃଣ୍ୟ ରହିଥାଏ, ଏ କ୍ଷେତ୍ରରେ ମଜୁମଦାର ବାବୁ ନିଜ ଜାତିର କଳଙ୍କକୁ ଆଣି ସେମାନଙ୍କ ନାମରେ ବୋଲି ଦେଇଥିଲେ । କୁନ୍ତଳା ଭାବିଲେ, ଏ ବିଦ୍ୱାନ ଜଣକ ତାଙ୍କ ବହିର ଭୂମିକା ଲେଖିଲେ ତାଙ୍କୁ ଓଡ଼ିଆ ଜାତିର ମନସ୍ୱୀମାନେ କଣ କହିବେ ? ପ୍ରକୃତରେ ସେ ପଣ୍ଡିତ ନୀଳକଣ୍ଠଙ୍କଦ୍ୱାରା 'ଅର୍ଚ୍ଚନା'ର ଭୂମିକା ଲେଖାଇବେ ବୋଲି ମନେ ମନେ ସ୍ଥିର କରିଥିଲେ; କିନ୍ତୁ ବଙ୍ଗୀୟ ଛାତ୍ରମାନଙ୍କର ଅନ୍ତରଙ୍ଗ ବନ୍ଧୁ ଥିବା କୈଳାଶଚନ୍ଦ୍ର ମଜୁମଦାରଙ୍କୁ ଶ୍ରେଷ୍ଠ ମନେକରି ଓ ଏତ ଜଗତ ଛଡ଼ିଲେଣି । ଏହା ବହୁଦିନ ବିବାଦସ୍ୱରୂପ ଦେଖାଗଲା । ଶେଷରେ ମଜୁମଦାରଙ୍କ ଖଣ୍ଡିଏ ଚିଠି ଲେଖି ତାଙ୍କ ଭ୍ରାନ୍ତିଟି ଜଣାଇଲେ—

'ଇଂଲିଶ୍‌ମାନେ, ବଙ୍ଗଦେଶରେ ଯେଉଁମାନେ ଜାତିଭ୍ରଷ୍ଟ ବୋଲି ମଜୁମଦାର କଳ୍ପନା କରିଛନ୍ତି, ସେମାନେ କିପରି ଶହ ଶହ ବର୍ଷ ଧରି ସେହି ଜାତିକ ନୀତି ଲୁଟିବାକୁ ମୋହିଲେ, ପଠାଣ, ଇଂରେଜଙ୍କ ହାତରେ ଲକ୍ଷ୍ମୀ ପରଂପରାରେ ବଂଶ ଏକାବେଳେ ଧ୍ୱଂସ କରିଦେଇଛନ୍ତି, ତାଙ୍କ ସର୍ବସ୍ୱ ଲୋପ କରିଦେଇଛନ୍ତି, ସେମାନଙ୍କ କଥା ଗାନ କରିବାଠାରୁ ବଡ଼ ପାପ

ଦ୍ୱିତୀୟ ନାହିଁ । ଏହାକୁ ଉପହାସ ହୋଇ ରହୁଛୁ । ଏସବୁ ସେତେବେଳେ ବାସ୍ତବଜୀବନରେ ପ୍ରତିଫଳିତ ହୋଇଥିବ, ତାହାର ଏ ଅଳୀକ କଳ୍ପନା ଦୂରଦୃଷ୍ଟିପ୍ରଣୋଦିତ ବୋଲି ପ୍ରମାଣିତ ହେବ, ପୁଣି ତା ପାଣିଫୋଟକା ପରି ଲୁଅନ୍ତେ ଉଭେଇଯିବ ।'

ମନ୍ମଥ ମଧ୍ୟ ଜଣେ ଓଡ଼ିଆ ଯୁବକର ଉକ୍ତ ମନ୍ତବ୍ୟରେ ସମ୍ମତି ହୋଇ ଉତ୍ତରରେ ଲେଖିଲେ—'ନିଶ୍ଚିତ ଦ୍ୱିତୀୟ ସଂସ୍କରଣରେ ମୁଁ ସେ ଅଂଶ ଯୋଡ଼ିଦେବି ।' ଏହା ପରେ କୈଳାସଙ୍କ ଜଗତ ଉପାଖ୍ୟାନ ଏବଂ 'ଅର୍ଚ୍ଚନା'ରେ ମନ୍ମଥଙ୍କ ଭୂମିକା ଦେଖାଇବା ସ୍ଥିର ହେଲା ।

କୁନ୍ତଳା ରଙ୍ଗୁନରେ ଥିବାବେଳେ ସେ ସମାଜ ସଂସ୍କାରକ ପ୍ରଖ୍ୟାତ ବୈରାଗୀଚରଣ ମିଶ୍ରଙ୍କ ପଡ଼ୋଶୀ ଥିଲେ । ଫଳରେ ତାଙ୍କ ସହ ଏମାନଙ୍କର ଘନିଷ୍ଠତା ହୋଇଥିଲା । ନ'ଦଶ ବର୍ଷ ଅଧ ବୃଦ୍ଧାବସ୍ଥାରୁ ବୈରାଗୀବାବୁ ଏବଂ ତାଙ୍କ ପରିବାର ବହୁ ଦୂରରେ ଥିଲେ । କୁନ୍ତଳାକୁମାରୀ ତାଙ୍କୁ 'ବୈରାଗୀ ମଉସା' ବୋଲି ଡାକୁଥିଲେ । କୈଳାସ ଏବଂ କୁନ୍ତଳାଙ୍କ ବିବାହ ସମସ୍ୟା ଏପରି ଜଟିଳ ହୋଇପଡ଼ିଥିଲା ଯେ, ଏହି ପରିବାରର ମଧ୍ୟସ୍ଥି ପାଇଁ କୌଣସି ସୁଯୋଗ ଆସିପାରି ନ ଥିଲେ ।

ଏହିପରି ମନସ୍ତାପ ଏବଂ ଦୁଃଖପୂର୍ଣ୍ଣ ଅବସ୍ଥାରେ କଟକରେ ଆସି ରହିବାକୁ ସେ ଏହି ଲେଖକଙ୍କୁ ଏକ ଚିଠି ଲେଖିଥିଲେ—"ତୁମେ ଆସି ବୈରାଗୀ ମଉସାଙ୍କ ଘରେ ରହିବ । ମୋ ଘରେ ପଢ଼ିବ । ମୋର ବଡ଼ ଇଚ୍ଛା—ତୁମେ ଯେପରି ଭବିଷ୍ୟତରେ ଭଲ ସାହିତ୍ୟିକ ହେବ । ତୁମର ସୁନ୍ଦର ଜୀବନଟା କୁସଙ୍ଗରେ ମାଟି କରନା । ବରଂ ମୋ ଆଖି ଆଗରେ ରହିଲେ ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମର ଖାଇବା ପିଇବାର ଚିନ୍ତା କେବେ କରନାହିଁ । ତୁମ ମାଆଙ୍କୁ କହିବ, ମୋତେ ସେ କଦାପି ଅବିଶ୍ୱାସ କରନ୍ତୁ ନାହିଁ । ତାଙ୍କଠାରୁ ମୋ ପାଖରେ ରହିବା ଅଧିକ ନିରାପଦ ବୋଲି ମନେ କରନ୍ତୁ । ମୁଁ ତାଙ୍କର ଏକମାତ୍ର ସନ୍ତାନକୁ ଛଡ଼ାଇ ନେଉନାହିଁ ।

"ପୁଅ, ତୁମେ ଏ ଦୁଃଖିନୀ ଜନନୀର ସମ୍ପର୍କରେ ଆସିଲେ ଜାଣିବ, କେବଳ ଏହି ଦେଶ ଏବଂ ଜାତିର ଗୌରବ ବୃଦ୍ଧି ପାଇଁ କେତେମାନେ କାର୍ଯ୍ୟ କରୁଛନ୍ତି, ତାଙ୍କୁ ମୁଁ ପଢ଼ାଇବି—ଏହିକ ସ୍ୱାର୍ଥ ଛଡ଼ା ମୋର ଅଧିକ କିଛି ସ୍ୱାର୍ଥ ନାହିଁ । × × ପୂର୍ବେ ତ ପୁଣି ଗୁରୁକୁଳରେ ୨୫ ବର୍ଷ ଯାଏ ପିଲାଙ୍କୁ ଛାଡ଼ିଦେଇ ପିତାମାତା ଦୂରରେ ରହୁଥିଲେ ! ତୁମ ମାଆ ତ ଲେଖିଛନ୍ତି, ମୋ ନାମକୁ କହି ଆଉ ଜଣେ କିଏ ସେ ଚିନ୍ତା ହେଲେ ବଢ଼ିହେବ—ତେବେ ଆଉ କଣ ?"

ବହୁତ ଲମ୍ବା ଚିଠି । ମୁଁ କେତେ ମାସ ପରେ କଟକ ଆସିଲି । ସମ୍ପାଦକଙ୍କ ବସାରେ ଖୁବ୍ ଆଦରରେ ଥିଲି । ତାଙ୍କ ସୁନ୍ଦର ଉପଦେଶ ଏବଂ ଔଦାର୍ଯ୍ୟପୂର୍ଣ୍ଣ ବ୍ୟବହାରରେ ଭୁଲି ନ ପାରି ମୁଁ ପୂର୍ବବର୍ତ୍ତୀ ବଳଭଦ୍ର ଦେବଙ୍କ ପାଖରେ କିଛିଦିନ ରହିଲି । ସେଠାରୁ ଯାଇ ଦୁଇ ମାସକାଳ ତାମିଲ ଟ୍ରେନିଂ ସ୍କୁଲ ହଷ୍ଟେଲରେ ଏବଂ ତା'ପରେ ଦୁଇମାସ ବେହେରନ୍ଦା

କଲେଜ ହଷ୍ଟେଲରେ ସ୍ୱର୍ଗତ ନୃସିଂହଚରଣ ମହାନ୍ତି (ଶଙ୍ଖଚକ୍ରଥାର ଲେଖକ)ଙ୍କ ଦାୟିତ୍ୱରେ ରହିଲି । ପ୍ରିନ୍‌ସିପାଲ୍ ହୁଇଟ୍‌ଲିଙ୍କ କୁନ୍ତଳାକୁମାରୀଙ୍କ ଅନୁରୋଧରେ ଏଥିପାଇଁ ନୈତିକ ଅନୁମତି ଦେଇଥିଲେ ।

## ଲେଖକର ସେସମୟର ଡାଏରୀର କିୟଦଂଶ

ତା ୧୫ । ୮ । ୨୭, ସୋମବାର—

ଆଜି ଦିନତମାମ ଭୀଷଣ ବର୍ଷା । ସନ୍ଧ୍ୟାବେଳେ କୁନ୍ତଳାକୁମାରୀଙ୍କ ଘରକୁ ଆସିଥିଲି । ଜେଷ୍ଟିନ୍ ସାହୁ ! ସେ ବ୍ରହ୍ମପୁରର ସମ୍ପାଦକ, ଆଟର୍ଣ୍ଣିଙ୍କୁ ତାଙ୍କର ସ୍ୱଳ୍ପ ରଚନା ପଢ଼ି ଶୁଣାଉଥିଲେ । ଆଟର୍ଣ୍ଣୀ ଡାକ୍ତରଣୀଙ୍କର ଭୂୟସୀ ପ୍ରଶଂସା କରୁଥାନ୍ତି । ତାଙ୍କର ଇଂରେଜୀ ଏବଂ ବଙ୍ଗଳା ଲେଖା ମଧ୍ୟ ପସନ୍ଦ କରୁଥାନ୍ତି । ଏ ଆଟର୍ଣ୍ଣି ଜଣକ ଭଲ ଲୋକ ଜଣେ । ବଡ଼ ସରଳ ହୃଦୟ । ସୁଧୀରର ଫୋଟୋକୁ ଦେଖାଇଲେ । ଆଟର୍ଣ୍ଣି କଥାପ୍ରସଙ୍ଗରେ ତାଙ୍କର ଲକ୍ଷ୍ୟ ବର୍ଣ୍ଣନା କରିଲେ, ସେ ସାହିତ୍ୟ ସେବାରେ ଦେଶ ପାଇଁ କିଛି କରିବେ । କୁନ୍ତଳାକୁମାରୀ ନିଜର ଭବିଷ୍ୟତ ଲକ୍ଷ୍ୟ ଏହିପରି କହିଲେ—'ମୁଁ ଘରେ ଘରେ ମା' ଭଉଣୀ ହୋଇ ସେବା ଦ୍ୱାରା ସମାଜ ହୋଇ ସୁଧାରିବ । ମୁଁ କେବଳ ଘର ହେବି—ଏହା ମୋର ଉଦ୍ଦେଶ୍ୟ ନୁହେଁ । ଯେଉଁଠି ଦୀନ ଦୁଃଖୀ ଦାରିଦ୍ର୍ୟରେ ଥିବେ, ସେଠାରେ ହେଉ, ଚିକିତ୍ସାଳୟରେ ହେଉ, ଧନ ବାଣ୍ଟିବାରେ ହେଉ, ଡାକ୍ତରଖାନାରେ ହେଉ, କାରା ଗୃହରେ ଯେଉଁଠି ପାଇବି ମୋ' କାମର ଉପଯୁକ୍ତ ଦେଶ ସେଠି ବସି ସଦ୍‌ଗୁଣମାନ ମନୁଷ୍ୟ ଗଢ଼ିବି । ଦେଶ ସେବାର ସ୍ୱାସ୍ଥ୍ୟର ସଂପୂର୍ଣ୍ଣ ଉନ୍ନତି ପାଇଁ ମୁଁ ଉଦ୍ୟମକାରୀ ହେବି । କଥା କହି କିଛି ଲାଭ ନାହିଁ । କାମ ହେଲା ମୁଖ୍ୟ । ମୋର (ଏ ଲେଖକର) ଲକ୍ଷ୍ୟ ମଧ୍ୟ ସେଠାରେ ସ୍ପଷ୍ଟ ହେଲା । (ମୁଁ ଯାହା ହିସାବ ଦେଇଥିଲି ତାହା 'ମୋ ଜୀବନ କଥା'କୁ ଅପେକ୍ଷା ରଖିଛି ।)'

ତା ୨୮ । ୮ । ୨୭, ରବିବାର

କୁନ୍ତଳାକୁମାରୀ ଅକସ୍ମାତ୍ ମୋ' ପାଖରେ ଯାଇ ପହଞ୍ଚିଲେ । ରେଭେନ୍‌ସା କଲେଜ ହଷ୍ଟେଲଠାରୁ ତାଙ୍କ ସାଥିରେ ରେଲ୍‌ବେ ଷ୍ଟେସନ ପର୍ଯ୍ୟନ୍ତ ଗଲି । ସେ ତାଙ୍କ ଜୀବନର ଆଖ୍ୟାୟିକା, ବିଶେଷରେ ତାଙ୍କର ଜନ୍ମ ଏବଂ ବର୍ମାଦେଶ ଘଟଣା ବର୍ଣ୍ଣନା କଲେ । ଏକ ପଠାଣ ଜମିଦାର ଘରକୁ ଗଲୁଁ । ସେଠାରୁ ସେ ଓ ମୁଁ ତା ୨୯ । ୮ । ୨୭ ସୋମବାର ଦିନ ବାଲେଶ୍ୱର ଷ୍ଟେସନରେ ପହଞ୍ଚି ସେଠାରୁ ଯାଇ ସୁପରିଚିତ କୃଷ୍ଣପ୍ରସାଦ ମହାନ୍ତି ଡାକ୍ତରଙ୍କ ଘରେ ଅତିଥି ହେଲୁ ।

ତା ୩୦ । ୮ । ୨୭, ସୋମବାର—

ଦେଶସେବକ ହରେକୃଷ୍ଣ ମହତାବ, ନନ୍ଦକିଶୋର ଦାସ, ଏମ୍. ଏ. ଙ୍କୁ ଦେଖିଲି । ଡାକ୍ତରଣୀ ମୋତେ ସାଥିରେ ନେଇ ସ୍କୁଲ ଅଫିସକୁ ଯାଇଥିଲେ । ସେଠାରେ କୁନ୍ତଳା-

କୁମାରୀ, ମଧୁରାଓ, ନନ୍ଦକିଶୋର ଦାସ, କୃଷ୍ଣ ପ୍ରସାଦ ଡାକ୍ତର ଏବଂ ଡାକ୍ତର କୈଳାସ-ଚନ୍ଦ୍ର ଗୁପ୍ତ ଗୋଟିଏ କୋଠରୀରେ ନିଜ ନିଜ ଗୁପ୍ତ ମନ୍ତ୍ରଣା କଲେ । ମୁଁ ପ୍ରଜାତନ୍ତ୍ର ପ୍ରେସ ଦେଖିଲି ସେଠାକାର ଲୋକ । 'ପ୍ରଜାତନ୍ତ୍ର' ଏକ ପ୍ରାଚୀନ କାଗଜ । ଭାବିଲି, ସତେ କଣ ଭୁଲ ଫେରୁଛ ? ତ୍ରୁଟିତନ୍ତ୍ର ହେବ ? ଏ କର୍ମୀମାନଙ୍କର ଦେଶପାଇଁ କଷ୍ଟ ବେଦନା ସହି ରହୁଥିଲି । ସମସ୍ତେ ମତେ ଚିହ୍ନିଲେ । ସନ୍ତୋଷ କଥା ବହୁତ ପଚାରିଲେ । କୈଳାସ କହିଲେ—'ସମସ୍ତେ ଉଠ । ଶୋକ କରନ୍ତୁ ।' ବହୁ ଉତ୍ସାହଜନକପୂର୍ଣ୍ଣ କଥା କହିଲେ । ଏ ଲୋକଙ୍କୁ ମୁଁ ଚିହ୍ନି ନଥାଏ । କୁନ୍ତଳାକୁମାରୀଙ୍କ ସହିତ ଗୋଟିଏ କୋଠରୀରେ କଣ ପରାମର୍ଶ ହେଲେ । ମୁଁ ଦେଖିଲି କୁନ୍ତଳାକୁମାରୀଙ୍କ କବିତାମାନଙ୍କର ଅଂଶ ପ୍ରଜାତନ୍ତ୍ର ଶିରୋଦେଶରେ ଶୋଭା ପାଉଥାଏ । ସେଠାରେ ମନେହୁଏ, ସେ ଜଣେ ଅତି ପ୍ରାଚୀନ କବି ବା ଦେଶର ଶ୍ରେଷ୍ଠ କବି ।

ତା ୧ । ୯ । ୨୭, ବୁଧବାର—

ଆମେ କଟକ ଫେରିଥିଲୁ । କୁନ୍ତଳାକୁମାରୀ ମୋତେ କହିଲେ—ଏଇ ଯେଉଁ କୈଳାସ ଡାକ୍ତର ସେ ଜଣେ ମହାନ୍ ବ୍ୟକ୍ତି । ତାଙ୍କ ପାଖରେ ତୁମେ ବହୁଦିନ ରହିଗଲେ ମଣିଷ ହୋଇଯାଆନ୍ତ । ସେ ଏବଂ ମୁଁ କୈଳାସ ବାବୁଙ୍କର ପ୍ରଶଂସା ବେଳଯାଏ ଉପମା କରିଥିଲୁ ।

୧୧, ସେପ୍ଟେମ୍ବର, ଶନିବାର ସାଏଁ ମୁଁ କଟକ କଲେଜ ହୋଷ୍ଟେଲରେ ରହିଥିଲି । ତାପରେ ବାଲେଶ୍ୱର ଯିବାକୁ ସ୍ୱୀକାର କଲି ଏବଂ ଗଲି ।

× × ×

କୁଠାରୁ ଫେରୁ ଫେରୁ କୈଳାସ ବାବୁଙ୍କ ସ୍ତ୍ରୀ ରୁକ୍ମିଣୀ ଦେବୀ ମୋତେ ସ୍ୱାଗତ କରିନେଲେ । ଏହି ରୁକ୍ମିଣୀ ସରଳତାକାଂକ୍ଷିଣୀ ପୌଢ଼ା ରମଣୀଙ୍କର ସେବା ଏବଂ ବାତ୍ସଲ୍ୟରେ ମୁଁ ମୁଗ୍ଧ ହୋଇଗଲି । କୁନ୍ତଳାକୁମାରୀଙ୍କ ସହିତ ଡାକ୍ତର କୈଳାସଙ୍କର ଯେ କିଛି ସମ୍ପର୍କ ଥାଏ, ସେ ତାହା ଆଦୌ ଜାଣନ୍ତି ନାହିଁ । ମୁଁ ମଧ୍ୟ ସେ ଥାଏ ଜାଣେନାହିଁ । ତାଙ୍କୁ ଜଣେ ଦେଶହିତୈଷୀ ଜାଣି ମୁଁ ବାଲେଶ୍ୱର ଆସିଛି । ସେ ତ ଖାଣ୍ଟି ଯୁଗ—ଏଥିରେ ସନ୍ଦେହ ବା କଣ ଅଛି । ତା' ମଧ୍ୟ ଠିକ୍ ଦେଖିଲି । ତାଙ୍କ ମୁହଁ ଦିଶୁଛି ଥିବା ଦେଖି ମୁଁ ବଜାରକୁ ଯାଇ କେତେକ ଫଳ କିଣିଆଣିଲି । କୈଳାସ ବାବୁ ତା ଦେଖି କହିଲେ—'ଏଥିକୁ ଭାତ ଖଆ ଖାଇବୁ' ।

କୁନ୍ତଳାକୁମାରୀ ମୋତେ ଲମ୍ବା ଲମ୍ବା ଚିଠି ଲେଖୁଥାନ୍ତି ।

ତାଙ୍କର ୧୨ । ୧୧ । ୨୭ ତାରିଖ ଚିଠିର କିଛି ଅଂଶ ଏହିପରି—"ମୋର ବହୁଦିନ ଉଦ୍ଦେଶ୍ୟର ମହତ୍ତ୍ୱ କଳ୍ପନା ସବୁ ସଫଳ କରିବାକୁ ହେଲେ ତୁମେ ମୋର ପ୍ରିୟ କର୍ମ-ସହାୟକ ହେବ । ମୋର ଜୀବନର ସାଧନା ସେବା ତୁମେ ମୁଁ ଏକ ଲକ୍ଷ୍ୟାର୍ଥ

ଲେଖିଦିବ । ମନେ ଅଛି ତ—ତାଙ୍କରେ ଭଣି କରୁଥିଲ ? ତୁମ୍ଭେ ସେହି ଟଙ୍କା, ସମ୍ପତ୍ତି ଆଉକୁ ଏମିତି ଘୃଣା କରୁଛ, ତେବେ ସେଇଥିପାଇଁ ଚିନ୍ତିତ ହେବ ! ତୁମର ଶଶୁରକୂଳର ସେହି ପରମପୂଜ୍ୟ ଋଷିତୁଲ୍ୟ ବନ୍ଧୁ ସ୍ନେହରେ ଦେବର ଅପାଶ୍ୟ ହସ୍ତରେ ସମ୍ପତ୍ତି, ଧନ ପାଇଁ ଜୀବନ୍ତର ବ୍ୟାକୁଳ ହୋଇଛନ୍ତି । ଅନ୍ୟତ୍ର ସ୍ୱାମୀଙ୍କ ତୁମର ଗର୍ଭଧାରିଣୀ ଜନନୀ ତୁମକୁ କେବଳ ସ୍ୱାର୍ଥ ଭରିବାକୁ ଲୁଚିବାଟରେ ଶିକ୍ଷା ଦେଉଛନ୍ତି । ତୁମେ ମୋତେ ସ୍ମରଣରେ କହୁଛ ହୋଇ ଅପମାନ ଭୟ ପରେ ପୁଅ, କିନ୍ତୁ ମୁଁ ଲକ୍ଷ୍ମୀରୂପିଣୀ ଧନ ସ୍ତ୍ରୀ ତୁମକୁ ପ୍ରଲୋଭନ କରେ ଆସିବ, ତା' କହିଲୁ ରହୁଛ । ଡାକ୍ତର ବାବୁ କହିଲେ ତୁମକୁ ପତ୍ର କରେ ତାଗିଦ—ଦେଖୁ ଦେଉଥିବେ । ମୁଁ ଜଣେ ଦେଖୁଛି—କିନ୍ତୁ ଜାଣିଛି ବାହାର ଦୃଷ୍ଟି ଦେଇଥାଏ । ଦେଖ, ତୁମର ବିଶାଳ ଜମି ହଠାତ ତୁମକୁ ପୁଣି ଉଦ୍ଧାର କରିବାକୁ ହେବ । ତୁମର ଗର୍ଭଧାରିଣୀ ଏଥିରେ ଏକମତ ଥିବା ଶୁଣି ଆନନ୍ଦିତ ହେଲି । ବଞ୍ଚ, ଟଙ୍କା, ଧାନ ଜମି, ସେଥିରୁ ଏହି ବୃତ୍ତି ବିଷୟରେ ତୁମେ ଅନ୍ତତଃ ଚେଷ୍ଟିତ ହେଲେ ମୋର ଉଦ୍ବେଗ, ଦୂରୀଭୂତ ହୋଇଯିବ । ପ୍ରଥମେ ଟଙ୍କା କିଛି କାଢ଼ି ସାଉକାର ରଖିବ । ତୁମର ଧାନ ଜମି ଯେଉଁମାନେ ଖାଇଯାଉଛନ୍ତି, ତାହା ଉଦ୍ଧାର କରିବ । ତୁମେ ଜଣକର ଲେଖା ତଣ୍ଡ ଏବଂ ମୋର କହିବା ଦାୟିତ୍ୱ ନେବାକୁ ସକ୍ଷମ ହେବ । ତା'ହେଲା ଦେଶପ୍ରେମ ଭଳି, ତା' ତୁମେ ଚଳାଇ ପାରିବ । ଆମର ସୌଭାଗ୍ୟ ଭଗବାନ ସେ ଦିନ ଶୀଘ୍ର ଆଣିବେ, ସେହି ଦିନ ବାବୁ ସବୁଠୁ ମୋର ଜୀବନାକାଶରେ ନବ ସୂର୍ଯ୍ୟୋଦୟ ହେବ ।”

ଏହି ଲେଖା ପଢ଼ି ଜଳୁ ଜଳୁ ମୋ ମନକୁ ଆସିଲା, ତେବେ ଏ କୈଳାସ ବାବୁ ସ୍ୱାର୍ଥର ଜଣେ ଲୁଚୁଥାଏ । ହଠାତ ଅକାଳେ ଦେଖି ତୁଳସୀ ଦେବୀ ମୋତେ ପଚାରିଲେ, “ପୁଅ, ତୁମେ ମୋର ଅର୍ଥରେ ପୁଅ । ଶିକ୍ଷାରେ ତୁମେ ମୋର ଲକ୍ଷଗୁଣ ଅଧିକ । ତୁମେ ଭଦ୍ର ଘରର ପିଲା, ଏହା ତୁମକୁ ଦେଖିବା ଦିନୁଁ ତୁମ ବ୍ୟବହାରରୁ ମୁଁ ଜାଣିଛି । ତୁମେ ମୋର କଥା ଲୁଚା ଲୁଚି ଲୁଚେଇବ । ସେଥିନେଇ ବିଶ୍ୱାସ ପାଇବାକୁ ପଚାରୁଛି । ପୁଅ ସତ କହ, କୁଞ୍ଜ ବାବୁ ଡାକ୍ତର ଘରକୁ ତୁମେ ଯାହା ପାଇଁରେ ଆସିଥିଲ, ସେ କଏ ? ଡାକ୍ତର ବାବୁ ତା ପାଇଁରେ କଣ କଣ କଥାଭାଷା ହେଲେ ?”

ତୁଳସୀଙ୍କର ମୋ' ଉପ୍ରତୀକୁ ସୌଜନ୍ୟ ଏତ ସନ୍ଦେହରେ କଷ୍ଟ ଲାଗିଲା ଦେଲି ଏବଂ କୁନ୍ତଳାକୁମାରୀଙ୍କ ରୂପ ଦେଖି, ପାଣ୍ଡିତ୍ୟ ସବୁ କହିଲି । କଥା ସତ୍ୟ ସେ କଣ ହେଲେ ବା ଡାକ୍ତରବାବୁଙ୍କ ସହିତ ତାଙ୍କର କି ସମ୍ବନ୍ଧ ମୁଁ ଜାଣି ନ ଥିବାରୁ ପରେ ବୁଝି କହିବି ବୋଲି କହିଲି ।

ତୁଳସୀଙ୍କର ଆଜ୍ଞା ଅଥଚ ହେଉଥାଏ, କାରଣ ଗତ ପୁରା ବର୍ଷ ଧରି ସେ କୈଳାଶଙ୍କର ଶୀଘ୍ର ଦେହ ମଧ୍ୟ ପାଉନଥାନ୍ତି । ସ୍ତ୍ରୀ ପୁରୁଷ ବାହାର ବିଷୟରେ ଶୁଣନ୍ତି । ବାଟେଷରେ ତୁଳସୀଙ୍କ ପାଖେ ସପ୍ତାହେ ଥରେ ଚିଠି ମାତ୍ର ଆସେ । ତାଙ୍କ ଚିଠି ପ୍ରଲୋଭନ

ତା କଣ ? ବଙ୍ଗଦେଶରେ ଦେଖିଲେ ଜଣାଯାଏ ବୟସ ଯେପରି ୨୦ ପାଖାପାଖି ହେବ । କିନ୍ତୁ କଏ କାହା ସ୍ୱାମୀକୁ ହାତରୁ ଛଡ଼ାଇଦେଇପାରେ ?

କୈଳାସ ବାବୁ ବ୍ରାହ୍ମ ମତରେ ସକାଳେ ସନ୍ଧ୍ୟା ଉପାସନା କରନ୍ତି । ଉପନିଷଦ ପାଠ କରନ୍ତି । କୋରାନ୍, ବାଇବେଲ୍ ମଧ୍ୟ କିଛି ପଢ଼ନ୍ତି । କେଶବଚନ୍ଦ୍ର ସେନଙ୍କ ମାହାତ୍ମ୍ୟ କୀର୍ତ୍ତନ କରନ୍ତି; କିନ୍ତୁ ସ୍ତ୍ରୀ ବ୍ରତ-ଓଷା ଉପାସ କରନ୍ତି । ସେଥିରେ ମଧ୍ୟ କୈଳାସଚନ୍ଦ୍ର ପୂର୍ଣ୍ଣ ସହଯୋଗ କରୁଥାନ୍ତି ।

ମୁଁ କୁନ୍ତଳାକୁମାରୀଙ୍କୁ ଶେଷ ଡିସେମ୍ବର ମାସରେ ଲେଖିଲି—"ଏ କୈଳାସ ଡାକ୍ତର କିଏ ? ସେ ଆପଣଙ୍କର କଣ ? ଏହା ମୁଁ ଜାଣିବା ଅନୁଚିତ ନୁହେଁ କି ? ତାଙ୍କର ଅତି ପ୍ରଶଂସା ତ ଜାଣିଲି ଏବଂ ଆପଣଙ୍କଠାରୁ ଶୁଣିଲି; କିନ୍ତୁ ସେ ଆପଣଙ୍କର ବନ୍ଧୁ କେଉଁ ସୂତ୍ରରୁ ?

ସେ ଲେଖିଲେ—୧୭ । ୧୧ । ୨୭ ତାରିଖରେ

"ଡାକ୍ତର ବାବୁଙ୍କ କଥା ଲେଖିଛ ? ସେ ବାବୁ କ'ଣ, ମୋର କିଏ, ତା' ମୁଁ କହି ବୁଝାଇ ପାରିବି ନାହିଁ । ତୁମେ ଅନେକ ବୁଝିଥିବ । ସେପରି ବନ୍ଧୁ ହୋଇନଥିଲେ ମୋତେ ମଣିଷ ଗଣିନଥାନ୍ତେ । ବନମଲ୍ଲିକାକୁ ସେ ଉଦ୍ୟାନରେ ସ୍ଥାନ ଦେଇ ପ୍ରତ୍ୟେକ ଦର୍ଶକର ମନମୋହିନୀ କରିଛନ୍ତି । ମୋର ଗୌରବ, ମୋର ପ୍ରତିଷ୍ଠା ସେହି ବାବୁର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ । ଓଡ଼ିଶାରେ ବାବୁର ଜନ୍ମ ହୋଇନଥିଲେ, କୁନ୍ତଳାକୁମାରୀର ବ ଜନ୍ମ ସ୍ୱଦେଶରେ ସାର୍ଥକ ହୋଇନଥାନ୍ତା । ତୁମର ମନେଥିବ, ବାଲେଶ୍ୱରରୁ ଫେରିଲାବେଳେ ରେଲ୍‌ରେ ବାଟସାରା ଆମେ ଦୁହେଁ ବାବୁଙ୍କ ବିଷୟରେ କେତେ କଣ କହୁଥିଲୁ । ବାବୁ ସ୍ୱର୍ଗର ଅତିଥି, ହେଲେ ଉଦାର, ଦେବତୁଲ୍ୟ ବନ୍ଧୁ । ମୋ'ଠି ଯେତେ ଦୁର୍ବଳତା, ଯେତେ ଅକାଣ୍ଡ ଶୋଚା ତାଙ୍କର କଲ୍ୟାଣରୁ ଦିନେ ଦିନେ ଦୂର ହୋଇଛି । ଜଗତରେ ଅନ୍ୟମାନେ ମୋତେ ପ୍ରଶଂସା କରନ୍ତେ, ବା ମୋର ବନ୍ଧୁ ହେବେ; କିନ୍ତୁ ମୋର ଗୁରୁ ହେବାର ଯୋଗ୍ୟତା କାହାର ନାହିଁ । ମୋ' ଗୁରୁଙ୍କୁ ତୁମେ ଦେଖିଛ । ଅନ୍ୟ କାହାରି ଯେତେ ବଡ଼ ଉଚ୍ଚ ହୃଦୟ ହେଲେ ବି ନା ! କିନ୍ତୁ ଏହିଟା ସତ କଥା, ଡାକ୍ତର ବାବୁ ମଧ୍ୟ ସ୍ୱୀକାର କରିବେ ଯେ ତାଙ୍କର ମହତ୍ତ୍ୱ ଓ ଯଶଗୌରବର ମୂଳ ମୁଁ । ଆମେ ଉଭୟେ ପରସ୍ପରର ଜୀବନକୁ ଉଆଁଶ କରିଛୁ । ସେ ଉଆଁସି ହୋଇଛନ୍ତି ମୋ' ପାଇଁ, ମୁଁ ହୋଇଛି ଜଗତ୍ ପାଇଁ । ବାବୁଙ୍କ କଥା ସ୍ମରଣ କଲାବେଳକୁ ମୋର କଣ ହୋଇଯାଏ । ସେ ମହାନ୍ ଦେବତା । ତାଙ୍କ କଥା ମାନ ରଖିବ !

"ତୁମେ ଜଳର ସ୍ୱାସ୍ଥ୍ୟପାଇଁ ନିୟମିତ ଏକ୍‌ସରସାଇଜ୍ କରିବ । ମୁଁ ଏକ୍‌ସରସାଇଜ୍ କରୁଛି; କାଲି ଅନ୍ଧାରରୁ ଉଠି ବାବୁଙ୍କ କାମ କରିଛି । ମୋର ଦେହ ଭାରିରେ ଭଲ ହୋଇଛି । ଆଜି ଦେଖ, ମୁଁ ଏତେ କାମ କରି ପୁଣି ମନକୁ ମନ ଉଦ୍ଧ୍ୱ ପଡ଼ୁଛି ।

ପରଦିନ ଶାରଦାନ କାମ କଲି; ପୂର୍ଣ୍ଣି ଘୃତ ଦୋକାନରୁ ଖଳି ପିଠା ଜାଣୁ ଜଗୁଆଳକୁ ଦେଇ, ଆଇଲି ଚାଲି ସଂଖ୍ୟାକୁ । ସେଠୁ ପୂର୍ଣ୍ଣି ଭେଣ୍ଡାକୁ ଖଳି ଯେ ଆଇଲି ଘୃତ ଖାଉଁକୁ । ସେଥିରେ ମୁଁ ପାଠ ପଢ଼ୁଛି । ତୁମେ ପାଠପଢ଼ାରେ ହେଳା କରିବନାହିଁ । ମୁଁ ଏବେଶ୍ୱରଶାଳାକୁ କରିବାକୁ କ ସ୍ମୃତି, କ ଶକ୍ତି ! ଡାକ୍ତର ବାବୁ ହେଉଛନ୍ତି ଧନ୍ୱନ୍ତରି । ତାଙ୍କର ସେବା କି ପ୍ରକାର ମୋପାଇଁ—ସେବାଶ୍ରଶାଳକୁ କର, ଅନ୍ତରରୁ ବ୍ରାହ୍ମମୁହୂର୍ତ୍ତରୁ ଉଠି ଭଗବାନଙ୍କୁ ସ୍ମରଣ କର । ମୋର ଶୁଭକାମନା ଜାଣିବ । ମୁଁ ତୁମର ମା ।”

ଏ ଚିଠି ପଢ଼ିବା ପରେ ଏବଂ କଂପାଉଣ୍ଡରର ମୁହଁରୁ କେତେ କଥା ଶୁଣି ମୁଁ ଠିକ୍ କରିନେଲି ଯେ ଭୁଲୁଲାକୁମାରୀ ଏବଂ କୈଳାସଚନ୍ଦ୍ର ସ୍ତ୍ରୀ ପୁରୁଷ ନୁହନ୍ତି । ଗ୍ରାମ୍ୟ ଆଉ ସ୍ଥାନୀୟ ଲୋକମାନେ ଏପରି କରିଥାନ୍ତି—ଏ କଥା ମୁଁ ଶୁଣିଥିଲି; କିନ୍ତୁ ବିବାହିତ ପ୍ରୌଢ଼ କୈଳାସଙ୍କ ସହ ଏତେ ବଡ଼ ଖ୍ୟାତସମ୍ପନ୍ନା ଜଣେ ମଧ୍ୟବୟସୀ ନାରୀଙ୍କର ସମ୍ପର୍କ ଏପରି ନାହିଁ ନୁହେଁ, ମୋର ଚିନ୍ତା କରିବାର ଶକ୍ତି ନ ଥିଲା । ମୁଁ ତୁଳସୀ ଦେବୀଙ୍କୁ ଭୁଲକି କହିଲି, “ସ୍ୱାମୀ ବିବେକାନନ୍ଦଙ୍କ ଯଦ୍ଭୂତ ମିତ୍ରର ନିବେଦିତାଙ୍କର ଏଭଳି ଚିନ୍ତା କାହା ଥିଲା ବା ଗୁରୁ ଶିଷ୍ୟ ସମ୍ପର୍କ ରହିଥିଲା । ସେଠି କଣ ଆମେ କିଛି ଖରାପ ଚିନ୍ତା କରିବା ? କୈଳାଶ ବାବୁ ଜଣେ ପରୋପକାରୀ ବ୍ୟକ୍ତି । ସେ ଏ ଖ୍ରୀଷ୍ଟାନ ସ୍ତ୍ରୀଲୋକଟିରେ କୌଣସି ମହତ୍ତ୍ୱ ଗୁଣ ଥିବାର ଦେଖି ତାଙ୍କୁ ସାହାଯ୍ୟ କଲେ, ସେ ମହୀୟସୀ ହୋଇଗଲା । ସେଥିପାଇଁ ସେ ଲେଖିଛନ୍ତି ।” ମୁଁ ଚିଠି ଖଣ୍ଡି ଶୁଣାଇଦେଲି । ତୁଳସୀ ସରଳାବିଶ୍ୱାସିନୀ । ସେ ଖୁସିହୋଇ ଫେରିଲେ ଘରକୁ ଗଲେ । ଆନନ୍ଦରେ ଚଞ୍ଚଳ ହୋଇ ପିଠାପଣା କରିବସିଲେ । ଡାକ୍ତର କୈଳାସଚନ୍ଦ୍ର ତୁଳସୀଙ୍କର ଏଭଳି ଆହ୍ଲାଦଜନକ ଭାବ ଦେଖି ପ୍ରୀତିଭୂତ ହୋଇଗଲେ । ପରେ ଜାଣିଲେ ଯେ, ମୋ କଥାରେ ତାଙ୍କର ମନୋବ୍ୟଥା ଦୂର ହୋଇଛି, ନଚେତ୍ ଦିନକପାଇଁ ତୁଳସୀଙ୍କୁ କେଉଁ ହର୍ଷ ଥିବାର ଦେଖି ନ ଥିଲେ ।

## ଅକସ୍ମାତ୍ ଏକ ଦୁଃଖପ୍ରଦ ଘଟଣା

ମୁଁ ନିୟମିତ କୈଳାସ ଡାକ୍ତରଙ୍କ ପାଖରେ ନାନା ଗ୍ରନ୍ଥ ପଢ଼ୁଥାଏ । ସେ ଚିନ୍ତେ କଥା ହେଉଥାନ୍ତି । ମୁଁ ଅଣାପିଲା ସ୍ୱେଚ୍ଛାରେ ଧୈର୍ଯ୍ୟ ଧରି ଶୁଣୁଥାଏ । ଏହା ମଧ୍ୟରେ ଦୁଇମାସ କଟିଗଲା । ସେଦିନ ନଭେମ୍ବର ୧୭, ୧୯୨୬, ବୁଧବାର । ଭୁଲୁଲାକୁମାରୀ ଏକା ଗାଡ଼ି କଟକରୁ କୈଳାସବାବୁଙ୍କ ସଙ୍ଗେ ପହଞ୍ଚିଲେ । ତୁଳସୀଦେବୀ ପ୍ରସନ୍ନ ଥିବା ଚିଠି ପାଇ ଖୁସିଥିବେ । ମୁଁ ବଜାରେ ନ ଥିଲି । ଘରକୁ ଫେରୁଛି । ଦାରୁଦଉଡ଼ି ପାଖେ 'ଦୁ କମ୍ପାନୀ ଡେସ୍ପାଚ'ର ନବାବ 'ଫେଣ୍ଡ୍' ବନ୍ଧୁ ଯୋଗେଶ୍ ଡାକ୍ତରଖାନା ପାଖେ ପହଞ୍ଚିଛି—ଠିକ୍ ହୋଇ ଛିଡ଼ାହେଲି—ଶୁଣିବାକୁ ଲାଗିଲି ।

ନାରୀ କଣ୍ଠର ସ୍ପଷ୍ଟ ଆୱାଜ୍ ଶୁଣିଲି । ତୁଳସୀଦେବୀ ଏପରି ଗର୍ଜନ କରୁଥାନ୍ତି ଯେ ଦୁମ୍ ଦୁମ୍ ବୋମା ଫିଙ୍ଗିଲା ପରି ଶବ୍ଦ ହେଉଥାଏ । “ବୋଉଠିଆର × × × !

[illegible]

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

ତୋର ଶରଧା ଯେତେବ ହେଲା, କେତେ × × × ବୁଲୁଛନ୍ତି । ତାଙ୍କ ଚରଣମାଳା ତେଜ ହଗ ନେଲୁନାହିଁ ? ଆଜେ ମୋଣଠେଇଁ ତୋର ବାଦ କାହିଁକ ? ଅସ୍ପୃଶ୍ୟବର୍ଣ୍ଣୀ ବଦମାସ୍, ତୁ ଏଠି ଆସି ମୋ ଘରେ ପଶିଛୁ । ନିକଲ୍ ନିକଲ୍ । ମୋ ପିତୃପୁରୁଷ ପାଣି ପାଇବେନାହିଁ ।”

ମହୋଦଧିର ତରଙ୍ଗ ମୁହୁର୍ମୁହୁଃ ବେଳା ଲଂଘନକରେ । ଅପ୍ରମାଣ ତାହା । ଅଶିକ୍ଷିତା ରମଣୀର କ୍ରୋଧାନ୍ଧ ବ୍ୟବହାର ଓ କଟୂକ୍ତିର ସୀମା କେଉଁଠି ? ଏକା ଜଣେ ମଧୁର ଧ୍ୱନିରେ ଦୁନ୍ଦୁଭିବାଦ୍ୟ ସବୁ ବାଜୁଥାଏ—ସେପରି କୁବାଣୀ ଧ୍ୱନି କରେ ।

ସଦେବକା ଧୈର୍ଯ୍ୟଶୀଳ କୈଳାସ ବହୁବାର ବାଧାଦେଲେ । କହିଲେ, “ମୁଁ ଏହିସବୁ ଯାହା କହୁଛି ଜନ୍ମଦାନ କରଦେବ ।” କିନ୍ତୁ ବୃଦ୍ଧା କଣ ମାନିବାବାଲା । ସେ ଅଧିକ ଲଜ୍ଜାଜନକ କଟୂକ୍ତି କରିଚାଲିଲେ । କୈଳାସ ସହାସମୂର୍ତ୍ତିରେ ଜଟିଳା, ଜନକ ଧର୍ମସହଧର୍ମିଣୀ, ପତିବ୍ରତା, ଦୁଃଖସୁଖର ସାଥୀ ଏବଂ ସନ୍ତାନଦାୟିନୀ କଲ୍ୟାଣୀ ଗୃହିଣୀଙ୍କୁ ଏକ ଚୁଳ ଧାଡ଼ିଧରି ମାରିଘୋଷାରିଲେ । ସେ ଶେଷରେ ଜ୍ୱାଳାମୁଖୀ ଯେହ ଉତ୍ପାଟନକର୍ତ୍ତ୍ରୀ, ଶୁଷ୍କାଙ୍ଗୀ, ଶୀର୍ଣ୍ଣା ରମଣୀଟି ଜୀବନରକ୍ଷାପାଇଁ ଚିତ୍କାର । କୈଳାସ ଘୋଷାରିଲେ । ଅକଥ୍ୟ ଭାଷାରେ ଗାଳି ଦେଇ ଦେଇ ସେ ଉଗ୍ରଚଣ୍ଡୀ ଧାଉଁଥାଏ । କୈଳାସ ତା ପଛେ ପଛେ ଘୋଷାରିଥାନ୍ତି । ଜାଣେ ଭାବେ ଯେ ଏହି ଦୁର୍ଦ୍ଦାନ୍ତ କ୍ରୋଧବ୍ୟାଧି ଆଜି ତାର ମୃତ୍ୟୁ ସନ୍ନିକଟ ।

କୁନ୍ତଳା ଦଉଡ଼ି ଆସି କହିଲେ, “କ୍ଷମାକର କ୍ଷମାକର, ମୋ କଥା ଶୁଣ ।” କିଏ ଶୁଣେ ? ଅଳ୍ପକା ବାଳିକା କୁନ୍ତଳା ଆହତ ହେଲେ । ଘରର ପୂଜାରୀ ଶିଶୁ ମାତ୍ର । ଘରେ ଶିଶୁ ଦୁଇଟି କାନ୍ଦୁଥାନ୍ତି । ବାଟରେ କେତେ ବଙ୍ଗାଳୀ କଂପାଉଣ୍ଡରଟି କେବଳ କାନ୍ଦୁଥାଏ ଓ ଲୁହ ପୋଛୁଥାଏ । ପୋଲିସ ଦୁଇଟି କେବଳ ଦେଖୁଥାନ୍ତି । ବାବାରେ ଏ କି ଗୁଳଜ୍ଞ ! କୈଳାସବାବୁଙ୍କ ସମସ୍ତ ପୋଲିସ ଷ୍ଟାଫ୍ ଭୟକରନ୍ତି । ସେ ଆଜି ମହାରୁଦ୍ରମୂର୍ତ୍ତି ! ଏହି ଦଣ୍ଡା ପଡ଼ିଆ ଦୁଇଥର ହୋଇଗଲାଣି ।

(ପାଠକମାନେ ଉପରୋକ୍ତ ଘଟଣାକୁ ଉପନ୍ୟାସ ମନେ ନ କରନ୍ତୁ । ମୋ ଡାଏରୀରୁ ଏହା ଲେଖାଯାଉଛି ।)

ମୁଁ ମୋର ସମସ୍ତ ଅଭିଜ୍ଞତା, ସମସ୍ତ ଗର୍ବ ପରିହାରପୂର୍ବକ ସେ ମାତୃରୂପିଣୀ ସୁନୟନାଙ୍କୁ ନାରୀଟିକୁ ହଠାତ୍ ପଛରେ ଲଗାଇରଖି ଗର୍ବିତସ୍ୱରେ କହିଲି—‘ଅସଭ୍ୟ କୈଳାସ ସର୍ବତ ଡାକ୍ତର ? କେତେ ଲୋକ ତୁମର ଏ ଅଭିନୟ ଦେଖୁଛନ୍ତି, ଦେଖାବୁଅ, ଲାଜିବ ! ତୁମେ କଣ କାହାକୁ ଦୁଷିବାକୁ ମନା କରିଦେବ ? ଛି, ଛି, କହଣ ଏ କରୁଛ ? ଜନତା ସାମ୍ନାରେ ଯଥା ଜନଶୀଖ୍ୟାଂ ତତ୍ କୁଳଂ । ଧୈର୍ଯ୍ୟ ଧର !’ ମୋର ଦୃଢ଼ ଓ ଗର୍ଜିତ କଣ୍ଠସ୍ୱର !

ତତେବେଳକୁ କୈଳାସଚନ୍ଦ୍ର ଘରକୁ ଚାଲିଗଲେ । ମୁଁ ଜନନୀ ତୁଳସୀଙ୍କୁ ଉଠାଇ କରି ଘର ଭିତରେ ନେଇ ଶଯ୍ୟାରେ ଶୁଆଇଦେଲି । ତୁଳସୀ ଅସୁସ୍ଥ ଅବସ୍ଥାରେ ଦୃଢ଼ ସ୍ୱରରେ ଏତିକି କହିଥିଲେ—'ଯେଉଁ ହାତରେ ମୋତେ ମାରିବାକୁ ଧାଇଁଛ, ସେହି ହାତ, ମୋର ସେତେବ ସଙ୍ଗୀକୁ ଅଟଳ, ତେବେ ତାକୁ ଲକ୍ଷ୍ମୀ ପଙ୍ଗୁ ହୋଇଯିବ ! ମୁଁହି ଖୁଆଇ ଦେବି ମୋ ହାତରେ ଅନ୍ନ । ସତ୍ୟ ସତ୍ୟ ତିନିବାର ସତ୍ୟ ।' (ଏହା ଅନ୍ତିମ କାଳରେ ସତ୍ୟ ହୋଇଥିଲା । ମହାସତୀର ବାଣୀ ସତ୍ୟରୂପେ ଦେଖାଯାଇଥିଲା । ତାଙ୍କର ଡାହାଣ ହାତରେ ଏକ ଛିଦ୍ର ଅଚଳ ହୋଇ ତା' ଉଷ୍ମ ନ ଥିଲା । ତୁଳସୀ ଝୁଣ୍ଟିକି ଦେଉଥିଲେ; କିନ୍ତୁ କି ଆଶ୍ଚର୍ଯ୍ୟ, ତୁଳସୀଙ୍କ ମୃତ୍ୟୁ ପରେ ତାହା ଅଳ୍ପେ ସୁସ୍ଥ କାର୍ଯ୍ୟକ୍ଷମ ହୋଇପାରିଥିଲା ।)

କୈଳାସ—ଅତି କ୍ରୋଧୀ କୈଳାସ—ଜଣେ ମଣିଷରେ ଏକଦା ଅଟଳ କୈଳାସ—ସେଥିକୁ ଦୋଷ ସ୍ୱୀକାର କଲେ । ତୁଳସୀଙ୍କୁ କ୍ଷମା ମାଗିବାକୁ ବାଧ୍ୟହେଲେ । ତୁଳସୀ ସରଳା—ଅତି ଦୟାବତୀ । ସଙ୍ଗେ ସଙ୍ଗେ କ୍ଷମାମୟୀ କ୍ଷମା ଦେଇ କହିଲା—ଏହା ମୋର ଦୋଷ, ମୋ କର୍ମର ଫଳ । ଭାଗ୍ୟରେ ଏପରି ଦୟାବତୀ କେବଳ ଭାରତର କନ୍ୟା ହୁଅନ୍ତି ।

ମୁଁ ଭାବିଲି—ଯାହା କହିଲି ତା ହେଲା । ତୁଳସୀଙ୍କୁ ମୁଁ ଯାହା କହିଲି, ତାହା ସେ ସ୍ୱୀକାର କଲେ । ମୋତେ ବାରମ୍ବାର ପ୍ରଶଂସା କରି ବୁଝାଇଲେ । ବୋଧହୁଏ ସେ ଦିନୁ ଏ ଗୋପନୀୟତା ଏବଂ କଳଙ୍କ ଏକାବେଳେ ଦୂର ହୋଇଗଲା ।

ତୁଳସୀ ମୋତେ କହିଲେ—"ପୁଅ ! ମୁଁ କଣ ଏତେ ଭାଗ୍ୟବତୀ କି, ଯେ ମୋ ହାଣ୍ଡିଶାଳରେ ପଶି ମତେ ଧରିପକାଇ କହିଲ—ଭଉଣୀ ! ମୁଁ ଆସିଛି । କହିଲ ପୁଅ, ସେ କଏ ମୁଁ ଜାଣେ ? ଶୁଣିଲି ସେ ଝିଅଟିର ମାଉସୀ । ମୋ ଘରଦ୍ୱାର ମାଗି କରି-ଦେଇଛି । ଯିବିଗଲି ! ଏଥର ସବୁ ତ ଜାଣିଗଲି । ସେ ତାର ଆଖି ଥାଉ ! କର୍ମାଇଣ୍ଡର ଘର ତ ଶୂନ୍ୟା ପଡ଼ିଛି, ବଞ୍ଚିରଖିବେ ରହୁ । ଜମ କଥା ମାନିଲି । ମୋ ସ୍ୱାମୀ ଯେବେ ତାକୁ ମୁଖ ପାଆନ୍ତି, ସେ କ ଆସିବ କାହିଁକି ? ଏସ୍ !"

କେବଳ ତୁଳସୀ କାହିଁକି, କୈଳାସବାବୁ ଓ କୁନ୍ତଳାକୁମାରୀ ସବୁଆଡ଼େ ମୋର ପ୍ରଶଂସା କରିଲେ ନ ସରେ ! ମୁଁ କୁନ୍ତଳାକୁମାରୀଙ୍କୁ ନେଇ ସେଥର କଟକରେ ଫେରି ଆସିଲି । ସେ କହିଲେ—'ତୁମକୁ ମୁଁ ଚିହ୍ନିପାରିଛି, କେଉଁଠାରେ ଅଦୃଶ୍ୟରେ ରହି ଚଳାଇ ଦେଲେ । ଆଜି ସେ ବ୍ରହ୍ମଚର୍ଯ୍ୟର କଷ୍ଟନ୍ତ ଜାଣିଲି ।'

'ନଅତୁଣ୍ଡି' ପ୍ରକାଶନ ଓ ନାନା କଥା—

ଏହି ଅବସରରେ ତାଙ୍କର 'ନଅତୁଣ୍ଡି' ନାମରେ ଉପନ୍ୟାସଟିଏ ପ୍ରକାଶିତ ହେଲା । କବି ମନରେ ଯେଉଁ ଚିନ୍ତା ଯେତେବେଳେ ଆସିଲା ଏବଂ ଅନୁଭୂତିପ୍ରବଣ ହେଲା, ତାହା

ପ୍ରକାଶିତ ହେଲା । 'ନାଅରୁଣି' କ୍ରମଶଃ ଏତେ ଲୋକପ୍ରିୟ ହେଲା ଯେ, ବହିଟି ବାହାରୁ ବାହାରୁ ଅଧାଅଧି ବିକ୍ରି ହୋଇଗଲା । ତେଣୁ ସେ ଗୋଟିଏ ବଡ଼ ଉପନ୍ୟାସ ଲେଖିବେ ବୋଲି ସ୍ଥିର କଲେ । ଦିନ ରାତି ସେ ସମ୍ମୁଖରେ କଳ୍ପନା ଘୂରୁଥିଲା । ସେ ଚିଠିରେ ଲେଖିଥିଲେ—'କଳ୍ପନା ପୂର୍ଣ୍ଣ ହେଲେ ସିନା ବହି ଆକାର ଧରିବ !'

ତାଙ୍କୁ ଯେ ବେରହମ୍ପୁର ପୁରସ୍କାରଟି ମିଳିଥିଲା, ତାହା ପାଇଁ ସେ ଅତ୍ୟଧିକ ବ୍ୟସ୍ତ ହେଉଥାନ୍ତି । ନିଜ ଘରେ ଡାକ୍ତରଖାନା ଖୋଲି ସକାଳେ ଏବଂ ରାତ୍ରରେ ଦୁଇ ଦୁଇ ଘଣ୍ଟା ଜନସେବା କରିବା ସେଥିର ନିୟମ ଥିଲା । ନର୍ସ, କେତେକ ଆଉ ସ୍ୱକୀୟ ସ୍ୱକଣ୍ଠୀ ସେଥିରେ ନିୟୋଜିତ ଥିବାରୁ ତାଙ୍କୁ ଅନେକ ସୁଯୋଗ ମିଳୁଥିଲା । ତେଣୁ ତାହା ସେ ଛାଡ଼ି ପାରୁ-ନ ଥିଲେ; କିନ୍ତୁ କବିତା, କାବ୍ୟ ଲେଖିବାଦ୍ୱାରା ସେ ଜନସମାଜରେ ପୂଜିତ ହେଉଥିବା ଯୋଗୁଁ ଏଥି ପ୍ରତି ଅଧିକ ଲାଳସା ରଖୁଥିଲେ ।

୪ । ୧୨ । ୨୭ ତାରିଖରେ ଲାଟ୍‌ସାହେବ ଆସି କଟକରେ ଦରବାର କଲେ । କୁନ୍ତଳାଙ୍କୁ ସେଠାକୁ ନିମନ୍ତ୍ରଣ କରାହୋଇଥିଲା । ସେ ନିଜର ଏକ ସିଲ୍‌କ ପିନ୍ଧି ସେହି ଦରବାରରେ ଉପସ୍ଥିତ ହୋଇଥିଲେ । ବେଙ୍କଟସ୍ୱରେ ଘୁଙ୍ଗୁର ବାନ୍ଧୁଥିବାରୁ ନେତ୍ରଚାଳିକୁ ଯାଇଥିଲେ । ସେତେବେଳେ ମିସେସ୍ ସିଂହ ଥିଲେ ବେଙ୍କଟସ୍ୱର ସେକ୍ରେଟାରୀ । ଲାଟପତ୍ନୀ ରେଭେନ୍‌ସ୍‌ ଟେନସିଲ୍ କାଗଜପତ୍ର ଦେଖି ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଏହି ଲାଟପତ୍ନୀ ଲେଡ଼ି ହୁଇଲରଙ୍କ (Lady Wheeler) ଦ୍ୱାରା ଏଥିରେ କୁନ୍ତଳାଙ୍କ ପଦକ ବଢ଼ାଇ ଦିଆଯାଇଥିଲା । ୫୦ ଟଙ୍କା ପଦକ ତାଙ୍କର ଜଡ଼ଭାଗିନୀ ପରେଶ ଲୋକଙ୍କ ପ୍ରାକ୍‌ଟିସ ତୁଳନାରେ ଏକାନ୍ତ ତୁଚ୍ଛ ହେଲେହେଁ, ବନ୍ଧୁ ହିତାକାଂକ୍ଷୀ ଲୋକଙ୍କ ଅନୁରୋଧରେ ତାହା ସେ ମୁଣ୍ଡାଇବାକୁ ବାଧ୍ୟ ହୋଇଥିଲେ; କିନ୍ତୁ ଚିଠିରେ ଲେଖିଥିଲେ—'ଏ କାମ କଲେ କି ମୁଁ ଓଡ଼ିଶାର କବି ହେବି ? ଏଥିରେ ସେ ପରମାତ୍ମାଙ୍କୁ ସାଜିଲି—କବିତା ଲେଖିବି କେମିତି, କେତେବେଳେ ? ମୁଁ ଏ ଜୀବନ ଆଉ ପସନ୍ଦ କରୁନାହିଁ । ପରାଧୀନତା ଭିତରେ ମହାଳକ୍ଷ୍ମୀ ସାଧନ ହେଉଛି ?'

କବି ହେବାର ଲାଳସା ତାଙ୍କର ଶିରାପ୍ରଶିରାରେ ସଞ୍ଚରି ଯାଇଥିଲା । ଦିନ ସାରା ଚବିଶ ଘଣ୍ଟାରୁ ଗୋଟିଏ ମିନିଟ୍ ବୃଥାରେ ଗଲେ ସେ ଅନୁଶୋଚନାରେ ବ୍ୟସ୍ତ ହୋଇ-ଯାଉଥିଲେ । ତାଙ୍କର ଇଚ୍ଛା ଥିଲା, ପ୍ରତ୍ୟେକ ସେକେଣ୍ଡ଼ିଏ କରି ସେ ଓଡ଼ିଆ ଜାତିର ହିତସାଧନ, ବଙ୍ଗମଙ୍ଗଳ ସାହିତ୍ୟ ମନ୍ଦିର ପରି ଜାତୀୟ ଜାଗରଣ ଗଢ଼ିବେ । ସର୍ବଦା କହୁଥିଲେ—ଜୀବନଟାଏ ମରିବାରେ ମୁଁ ମଥାଏ ! କିଛି କିଛି କରି ନ ଗଲେ କିପରି ହେବ ?

ସ୍ୱାମୀ ବିବେକାନନ୍ଦଙ୍କୁ ସେ ଗୁରୁ ସ୍ୱରୂପ ବରଣ କରିଥିଲେ । ତାଙ୍କର ଶେଷ କଥାପଦକ, "ସଂସାରକୁ ଆସିଛ, ପଦଚିହ୍ନ ରଖିଯାଅ ! ତୁମପରି କେତେ ଆସିବେ, କେତେ ଯିବେ । ଏଇ ଦେଶାଟି, ଏଇ କୋଠାବାଡ଼ି, ଏଇ ଗୃହୀତ୍ୟ ଭୋଜନ ସବୁ ବସ୍ତୁତ

ଗର୍ଭରେ ଜାତ ହୋଇଥିବ । ପାଣିରେ ପାଦର ଚିହ୍ନ ମୁହୂର୍ତ୍ତେ, ବାଲି ଉପରର ପାଦଚିହ୍ନ ମଧ୍ୟ କେତେ ଦଣ୍ଡ; କିନ୍ତୁ ଶିଳାରେ ଅଙ୍କିତ ପଦଚିହ୍ନ ସ୍ଥିର ରହିବ କାଳ କାଳ ।" କୁନ୍ତଳା ନିରୁତ୍ତର ତାହା ହିଁ ଶୁଣୁଥିଲେ ।

ସେତେବେଳେ ଅସୀମ ଦାରିଦ୍ର୍ୟ ଭିତରେ ଛାତ୍ର ସମାଜରୁ କେତେଜଣ ବାଳକ ଶିକ୍ଷା ପାଇଁ ବାହାରୁଥିବା ହେଉଥିଲେ କିନ୍ତୁ ଆର୍ଥିକ ସାହାଯ୍ୟ ଉଦ୍ଦେଶ୍ୟରେ । କୁନ୍ତଳାକୁମାରୀ ଏଥିପାଇଁ ମାସରେ ଶହେରୁ ଦୁଇଶହ ଟଙ୍କା ବିତରଣ କରୁଥିଲେ ଏବଂ କେତେକଜଣ ପିଲଙ୍କୁ ବୃତ୍ତିସ୍ୱରୂପ ମାସରେ ୨୦ରୁ ୨୫ ଟଙ୍କା ଲେଖା ଦେଉଥିଲେ । ଏଥିରେ ତାଙ୍କ ଜନନୀ ବିରୋଧ କଲେ ମଧ୍ୟ ସେ ଶୁଣୁ ନ ଥିଲେ । ଛାତ୍ର କେହି ଆସିଲେ ତାଙ୍କ ସ୍ନେହ ଧାରାରେ ଯଥାସମ୍ଭବ ଅର୍ଥ ତୁରନ୍ତ ଦେଇ କହୁଥିଲେ—"ବାବୁ ! ବ୍ରହ୍ମଚର୍ଯ୍ୟାଶ୍ରମରେ କଦାପି ଦୁଃଖ ହେବ ବୋଲି ଚିନ୍ତା କରନାହିଁ । ଦୁଃଖର ଦିନ ଯେବେ ଅପସରିଯିବ । ପୁଣି ତୁମେ ସୁଖୀ ହେବ । ଈଶ୍ୱର ଆଜି ଅତି ସମ୍ଭ୍ରାନ୍ତ ଜାତି ଉତ୍କଳକୁ ଦୁଃଖ ଦାରିଦ୍ର୍ୟରେ ବୁଡ଼ାଇ ଦେଇଛନ୍ତି । ସେ ପୁଣି ଥରେ ସୁଖୀ ହେବ । ହେ ତରୁଣ, ତୁମ ଜୀବନର ମୂଲ୍ୟ ଅକଳନୀୟ । ତୁମେ ବୃଥାରେ ଏ ଜଗତକୁ ଆସିନାହିଁ । କର୍ତ୍ତବ୍ୟପରାୟଣ ହୋଇ ଆଗେଇ ଚାଲ । ତୁମର କୀର୍ତ୍ତି ବିଶାଳ, ତୁମର ଭାଷା ସତ୍ୟପଣ ସବଦନ୍ତା, ତୁମର ଶିଳାଶିଳ୍ପ ବିଶ୍ୱଜଗତରେ ଅନନ୍ୟ, ତୁମର ପୂର୍ବଜଙ୍କ କୀର୍ତ୍ତି ଅପ୍ରତିଦ୍ୱନ୍ଦ୍ୱୀ—ଆଉ କଣ ?

ଛାତ୍ରମାନେ ତାଙ୍କୁ 'ମାଆ' ଡାକୁଥିଲେ ସେ ଆନନ୍ଦରେ ଅଧୀର ହୋଇ ଆଖିରୁ ଲୁହ ଗଡ଼ାଇ ଦେଉଥିଲେ । କେବଳ ଉତ୍ସାହରେ ନୁହେଁ, ତାଙ୍କ ଜୀବନ କାଳ ୨୧ରୁ ୩୮ ମଧ୍ୟରେ ୧୭ ବର୍ଷ ସେ ଯାଚକଙ୍କୁ ପ୍ରତ୍ୟାଖ୍ୟାନ ନ କରି ସେବାରେ ଦେଇଛନ୍ତି । ଶୁଣିଛୁ, ଯାଜପୁରର ଚନ୍ଦ୍ରଶେଖର ଦାସ ନାମକ ବ୍ୟକ୍ତିଙ୍କୁ ସେ ଧାରବାର ମଧ୍ୟ ସେତେବେଳେ ଏକକାଳୀନ ଏକ ହଜାର ଟଙ୍କା ଦେଇ ଏକ ବିପଦରୁ ମୁକ୍ତ କରିଥିଲେ ।

କୈଳାସଙ୍କ ପରିଚୟ—

ଲକ୍ଷ୍ମୀ ଦେବୀଙ୍କ ପୁଅ କୈଳାସବାବୁଙ୍କର ସେ ଦିନର ଉଚ୍ଚ ସମ୍ବାଦ ସମ୍ଭବତଃ ଲୁଚି ନ ଥିଲା । ତାହା ତାଙ୍କ ପରିବାର ଜାଣିବା ପରେ କୈଳାସଙ୍କୁ ସେମାନେ ଭର୍ତ୍ସନା କରିଥିଲେ । ଏପରି ହେଲା ଯେ କୁନ୍ତଳାଙ୍କର ନାନା ନିନ୍ଦା ବାଲେଶ୍ୱରରେ ଚାଲି ଚଳିଲା । ମହାସତ୍ତ୍ୱ ଜନକଜନନୀମାନଙ୍କ ନିନ୍ଦା କି ହେଲା, ଏ କି କଥା ? କୈଳାସବାବୁ ଏପରି କଷ୍ଟକାପୂର୍ଣ୍ଣ ଉକ୍ତିମାନ ଲେଖିଲେ, ଯାହାରେ ସେ ବାଗ୍ମୀ ପର ହୋଇଗଲେ । ଚଟିର ଉତ୍ତର ଦେଲେ—

ଦ୍ୱିପ୍ରହର ।

× × × ଉପ୍ଲାବଣ ମୋତେ ତ୍ୟାଗକର । ମୋ ପକ୍ଷ ବାନ୍ଧ ତୁମ୍ଭମାନଙ୍କ ତୁଲ୍ୟ ମହାପୁରୁଷ ବା ତାଙ୍କ ଶିଷ୍ୟ ପ୍ରଶିଷ୍ୟର ଦ୍ରଷ୍ଟା ଶ୍ରେଣୀରେ ନ ଆସୁ, ଏହା ମାତ୍ର ମୋହର ପ୍ରାର୍ଥନା । ମୋର କର୍ତ୍ତବ୍ୟ ଜ୍ଞାନ ନାହିଁ । ତୁଆରେ ଉପଦେଶ ଦଅ ନାହିଁ । ଯେ ବଳ ଗୁଣ କରନ୍ତୁ, ତାଙ୍କ କାର୍ଯ୍ୟରେ ମାନୁଷାର ଯେପରି, ଯୋକସୁଙ୍କା ବନ୍ଦୀବ ଓ ଯେହପରି ସ୍ଥାନ ଅଛି । ତୁମ୍ଭମାନଙ୍କର ବାକ୍ୟବାଣ ସହିବା ମୋର ଅସାଧ୍ୟ । ଯେ ମୋ ଜୀବନକୁ ଜଗତକୁ ପଠେଇଛି, ସେହି ତାହାପାଇଁ ଦାୟୀ । ମୋର ବିକାଶ ବା ବିନାଶ ତାଙ୍କର ହାତରେ । ମୁଁ ଭଲ କି ମନ୍ଦ ଏ କୈଫିୟତ୍ ତୁମର ପ୍ରୟୋଜନ ନାହିଁ । ନିଜର ମନୁଷ୍ୟ ମୋର ଏତିକି ଥାଉ । ମୋତେ ପରିତ୍ୟାଗ କର —ମୁଁ ଶାନ୍ତି ପାଇବି ।

ସନ୍ଧ୍ୟା ।

× × ଏ ସବୁ ଆତ୍ମାନ୍ତର ମର୍ମ ଯାତନାରେ କାନ୍ଦି କାନ୍ଦି ମୁଁ ଲେଖିଲି—ଜାଣିବା ଲାଗି । ବାହାର ଲୋକଙ୍କ କଥା ଶୁଣି ପାଗଳୀ ହୋଇଗଲିଣି, କୋହିଲେ ମୋତେ ଅବିଶ୍ୱାସ ଓ ସନ୍ଦେହ କରନ୍ତୁ ? ଜମନ୍ତୁ ଘୁଣ୍ଣଆଡ଼େ ଶତ୍ରୁ । ମୋ ସହିତ ତୁମର ବିରୋଧ ଘଟାଇବାକୁ ଲୋକଙ୍କର ନାନା କୁଚକ୍ର ଓ ପ୍ରୟାସ । ଏଥିପାଇଁ କି ତୁମେ କେବଳ ମୋ' ଉପରେ ଦୋଷା-ରୋପ । କାହିଁ ମାନ ନେଇଗଲା—କହିଲେ ବାକି ପଡ଼ିଲା ଦେଖାଇବା ଅପେକ୍ଷା ବାଟକୁ ଦେଖିବା ଉଚିତ । ତୁମ ଚିଠି ସବୁ ଏତେ ଦୂର କଡ଼ା ଯେ ମୋର ଇଚ୍ଛା ହୁଏନାହିଁ ଜବାବ ଦେବାକୁ । ଅକାରଣ ମୋତେ ଶାସନ କରୁଛ ? ସବୁ ମୋର ଦୋଷ ବୋଲି ଯେ ଧରି-ନେଇଛ, ସେଥିରେ ବହୁତ ମିଛ । କେବଳ ନିତାନ୍ତ ଲଘୁ ।

କୈଳାସ ବାବୁ ଗୁଡ଼ଲବାଲା ନୁହନ୍ତି । ଲୁଚିନେଇ ଗୋପନରେ ଧଇଁକ ଦୁଲୁଆସିଲେ । ସେ ନିଜ ଘରକୁ ନ ଯାଇ ମେଡ଼ିକାଲ ସ୍କୁଲର ଜଣେ ଅଧ୍ୟାପକଙ୍କ ଘରେ ଘୁରନ୍ତିକ ରହି ଘଣ୍ଟା ତୁଳି ଯାଇଲେ । ଅସ୍ଥି ବାବୁ ଡାକ୍ତର କୁନ୍ତଳାଙ୍କୁ ଭଲ ଜାଣନ୍ତି । ବିଶେଷରେ ତାଙ୍କର ଜଣେ କର୍ମଚାରୀର ଅଧୀନ; ତାଙ୍କୁ ଉନ୍ନତିର କଥା ଜଣା । ସେ ସବୁ ଘଟଣା ଗୋପନରେ ବତାଇଲା । ଏହା ଉପର କଥାରେ ପ୍ରସ୍ତୁତ ହୋଇଛି, ତାହାର ସୂଚ୍ଛ ଧରି କୈଳାସ ଜାଣିଗଲେ । ସେଦିନଠାରୁ ବାଟେ କେତେ ଥର ସେ କୁନ୍ତଳା ସମ୍ମୁଖରେ ଗଲେ ଅଟକିଲେ । ସେହି ଜୀବନସ୍ୱପ୍ନ ଆଗେ ଯେପରି ଥିଲା, ଆଜି ସେପରି । ସେ ସେଠାରୁ ଆସିଲେ ବାଲେଶ୍ୱରରେ ପହଞ୍ଚି ଡେପୁଟି ଗୋପାଳଚନ୍ଦ୍ର ଦାସ (ସୁଦାମବାବୁଙ୍କ ବନ୍ଧୁ)ଙ୍କଠାରୁ ଚିଠି ଏ ଖଣ୍ଡି ପାଇଲେ ଯେ, "କୁନ୍ତଳା ମାନସିକ ଚିନ୍ତାରେ ଅସ୍ଥିର । ବୋଧହୁଏ ଏପରି ଅବସ୍ଥା ଯେ, ହାର୍ଟଫେଲ୍ କରିଯାଇ ପାରେ । ତାଙ୍କୁ ଭକ୍ତି ହେଉନାହିଁ, ସେ ଏତେ ଦୁର୍ବଳ ହୋଇପଡ଼ିଛି । ମୋର ସ୍ତ୍ରୀ କହୁଥିଲା ଯେ ତାଙ୍କ ନାମରେ ଶତ୍ରୁ ପକ୍ଷ କିଏ କେଉଁ କୁତ୍ସା ରଚନା କରିବାକୁ ସେ ଯେତେ ବ୍ୟଥିତ ନୁହନ୍ତି, ଅପର ତାହା ସତ୍ୟ ମଣିବାରୁ ସେ ଏପରି ଦୁର୍ଦ୍ଦଶାଗ୍ରସ୍ତ । ମୁଁ ତ ତାଙ୍କ ପଡ଼ୋଶୀ । ମୋତେ ଅନ୍ତତଃ ପଚାରିଥିଲେ ଭଲ

ହୋଇଥାନ୍ତା । " ଇତ୍ୟାଦି । କୈଳାସଙ୍କର ଭ୍ରମ ତ ଭୁଲ ହୋଇଥିଲା; ସେ କ୍ଷମା ମାଗି ଚିଠି ଲେଖିଥିଲେ ।

ଏହି ଅବସରରେ ଢୋଲପୁର ମହାରାଜା କଟକ ଆସିଲେ ଏବଂ ବାରମ୍ବାର କୁନ୍ତଳାକୁମାରୀଙ୍କ ସାକ୍ଷାତ ଇଚ୍ଛା କଲେ । କୁନ୍ତଳାକୁମାରୀ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ଚିଠିଟିଏ ଲେଖିଥିଲେ । କାରଣ ଏ ସାକ୍ଷାତ ପ୍ରହରାଜଙ୍କ ମଧ୍ୟସ୍ଥତାରେ ତାଙ୍କ ସହିତ ହେବାର ଥିଲା ।

ପେଟିକାବାନ୍ଧ, କଟକ

ତା ୧୧ । ୨ । ୨୭

ପ୍ରିୟତମ ବାପା,

ତୁମର ଚିଠି ପାଇଲି । ତୁମେ ଢୋଲପୁର ମହାରାଜାଙ୍କ ସଂପର୍କରେ ଯାହା ଲେଖିଛ, ତାହାର ଜବାବ ଆଉ କଣ ଦେବି ? ସେଦିନ ତ ତୁମ ସହିତ ସାକ୍ଷାତ ହେଲା । ଏ ସାକ୍ଷାତକୁ ମୁଁ ଅପମାନ ମନେକରୁଛି । ମୋ' ପ୍ରାର୍ଥନା ଯେ, ଏ ରାଜାମହାରାଜାଙ୍କ ବିଷୟ ମତେ ଆଉ କହିବ ନାହିଁ । ସେ ସାଧୁତା ପ୍ରତି ସମାଦର କଲେ ବୋଲି ମୁଁ ସେମାନଙ୍କ ସାକ୍ଷାତ ପସନ୍ଦ କରେନାହିଁ । ଡାକ୍ତରୀ ବ୍ୟବସାୟରେ ଆପଣଙ୍କ ଭଳିଆରେ ସୁରଙ୍ଗୀ ପାଇଥିଲି । ସବୁତ ଜାଣିଛ । ତୁମେ ମୋର ପ୍ରିୟତମ ବାପ । ଧର୍ମରେ ମୁଁ ତୁମକୁ ବାପ ବୋଲି ମାନି ନେଇଛି । ତାଙ୍କ ପ୍ରଥମ ସାକ୍ଷାତରେ ଯେଉଁଠି ଦେଖୁଛି, ସେଥିରେ ମୁଁ ଧ୍ରୁବ ଅଟଳ । ସେ ତାଙ୍କ ହଜାର ଗୁଣ ଡେଇଁ ହଜାର ଥର ଗୁଣିବେ, ମୋର କଣ ହେବ ? ମୁଁ ନିଜର ଶକ୍ତି ବଳ ନୈତିକତା କଦାପି ହରାଇ ପାରିବି ନାହିଁ । ମୋର ଜୀବନଧାରେ ଯେଉଁ ପ୍ରତିଷ୍ଠା ଥିଲା ତାହା କେବଳ ବହି ଲେଖାରୁ ସଂଗ୍ରହ । ମୁଁ ଯେବେ ତାଙ୍କ ନାମରେ ବହି ଲେଖେ, ତାଠୁ ମୋର ନୈତିକ ପରାଜୟ ଅଧିକ କଣ ଅଛି ? ମଣିଷ ଧନକୁ ଦେଖି ନିଜର ମାନ ମହତ୍ତ୍ୱ ନଷ୍ଟକରୁ ମୋର ଏହା ସାଧାରଣ ନୀତି । ଅବଶ୍ୟ ତାଙ୍କ ସାକ୍ଷାତ ଦେବାକୁ ମୁଁ ଏଥି ରୁଚେଁ; କିନ୍ତୁ ତୁମେ ତ ଜାଣ, ମୁଁ କାହାକୁ ସାଥିରେ ନ ନେଲେ ଡାକ୍ତରୀ ପୂଜା କରିପାରେ ନାହିଁ । କାହିଁକି ? ଜୁନା ନାହିଁ । ମା' ଝୁଲିଆ ନାଇଲନ୍ତି । ସାନ୍ତ୍ୱ ମା' ବୋଲାଇ । ଯାଇ ନ ପାରିଲି ବୋଲି କିଛି ଭାବିବେ ନାହିଁ । ମହାରାଜା ସାହେବ କୌଣସି ପ୍ରାଚୀନ ପଣ୍ଡିତଙ୍କଦ୍ୱାରା ନିଜର ଆଶା ସଫଳ କରିବା ଭଲ । ଆଶାକରେ ମୋତେ କଦାପି ଅସନ୍ତୁଷ୍ଟ ହେବେ ନାହିଁ । ସ୍ନେହର କନ୍ୟା—କୁନ୍ତଳା ।

ଏ ଚିଠିର ନକଲ କୈଳାସ ବାବୁ ପାଇଲେ । ଫଳରେ ପୂର୍ବ କଳ୍ପିତ ଆଶଙ୍କାର ଅବଶେଷ ମଧ୍ୟ ଏ ପ୍ରକାରେ ଶେଷ ହେଲା । ଅବଶ୍ୟ ସେତେବେଳେ କାହିଁକି ଏବେ ମଧ୍ୟ ଅନେକେ, କୁନ୍ତଳାକୁମାରୀଙ୍କ ଯେଉଁ ଜାଲିଆତି ଚର୍ଚ୍ଚା କରିଥାନ୍ତି । କିନ୍ତୁ ତାହା ଏପରି କଳ୍ପନା ଯେ ଉପନ୍ୟାସରେ ମଧ୍ୟ ନ ଥିବ । ଆଧୁନିକ ହେଉ, ପୁରାତନ ହେଉ, ଶିକ୍ଷାର ଅଭାବ ସ୍ତ୍ରୀ ସମାଜରେ ଏତେ ଅଧିକ ପରିମାଣରେ ସେତେବେଳେ ଥିଲା ଯେ ଶିକ୍ଷିତା ନାରୀଙ୍କ ସମ୍ପର୍କରେ ମଣିଷ ଅସମ୍ଭବ କଥା ଭାବୁଥିଲା । ବାହାରେ ଯିବାବେଳେ ଯେବେ ଜଣେ ଶିକ୍ଷିତ

ପୁରୁଷ ସହିତ ଜଣେ ଶିକ୍ଷିତା ନାରୀର କଥାବାର୍ତ୍ତା ଦେଖି ଲକ୍ଷ୍ୟ କରୁଥିଲେ, ସେତେବେଳେ ଅଶ୍ଳୀଳତା-ଜନକ ସମ୍ବାଦ ଆଦି ପ୍ରୟୋଗ କରି ବସୁଥିଲେ । ସୁପଣ୍ଡିତା ରମାବାଈଙ୍କୁ ସେହି ଦୃଷ୍ଟିରେ ବହୁଜନ ପୂର୍ବେ ଭଦ୍ରଲୋକମାନେ ଦେଖୁଥିଲେ । କାରଣ ସେ ଅତ୍ୟନ୍ତ ରୂପବତୀ ଥିଲେ । ବାସୁଦେବ ସୁଢ଼ଳଦେବଙ୍କ ସହିତ ଭୁବନେଶ୍ୱର ବଡ଼ପଣ୍ଡା ବସନ୍ତ ଯାଇଥିଲେ । ରମାବାଈଙ୍କ ସହିତ ତାଙ୍କର ଶାସ୍ତ୍ରଚର୍ଚ୍ଚା ହୋଇଥିଲା । ସେ ମଧ୍ୟ ତାଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଏକ ଶ୍ଳୋକ ରଚନାରେ ଲେଖିଥିଲେ—ବଧାଜାଡ଼ି ବରଣ ବାସ୍କୁର ସେ 'ରମାବାଈ ଭ୍ରଷ୍ଟା' । ଏହି ଭ୍ରଷ୍ଟାକୁ ଅନେକ ଅର୍ଥ କରନ୍ତି ଜାତିବାଚକ ନ ଥିବା । ସେ ଯାହାହେଉ, ନାରୀ ପରପୁରୁଷ ସମକ୍ଷକୁ ଆସିଲେ ଭ୍ରଷ୍ଟା ହୋଇଯିବ, ଏହି ଧାରଣା ଏବେ ମଧ୍ୟ ଭାରତରୁ ଅନ୍ୟାଧାରରୁ ଲୁପ୍ତ ହୋଇନାହିଁ । ତାର କାରଣ ଆମେ ସମସ୍ତ ନାରୀମାନଙ୍କୁ ଏବେ ମଧ୍ୟ ଆଲୋକକୁ ଆଣିପାରିନାହୁଁ । ତେଣୁ ସ୍ତ୍ରୀସମାଜରୁ ଆରମ୍ଭ କରି ଯୁବକସମାଜ, ପ୍ରୌଢ଼ସମାଜ, ବୃଦ୍ଧସମାଜ ସବୁଠି ଆଲୋଚନା ହୁଏ କେଉଁ ନାରୀର କେଉଁଠି ଦୁର୍ବଳତା ରହିଛି । ଅଥଚ ସ୍ୱନାମଧନ୍ୟ ପୁରୁଷ ମଧ୍ୟ ଚେଷ୍ଟା କରି ସମାଜର ହିତ କରୁଛି ବୋଲି ଚିନ୍ତା କରେ । ସୁତରାଂ ସେତେବେଳେ ନାରୀର ଅବସ୍ଥା ଯାହା, ସେଥିରେ କୁନ୍ତଳାକୁମାରୀ ବାଦ ବା ଯାଆନ୍ତେ କିପରି ? ବିଶେଷରେ ସେ ସବୁଠି ମିଳାମିଶା କରୁ ନ ଥିବାରୁ, ବହୁଳ ଅନୁଷ୍ଠାନରେ ସବୁଠି ଯୋଗ ନ ଦେବାରୁ ଏ କୁତ୍ସା ବାହ୍ୟରୂପରେ ଦେଖାଯାଉଥିଲା ।

## ତାଙ୍କର ସ୍ୱାବଲମ୍ବନ, ଭକ୍ତି ଆଶା ଓ କଳ୍ପନା

କୁନ୍ତଳାକୁମାରୀ କେତେକ ଅଲକ୍ଷ୍ୟ ସଦ୍‌ଗୁଣରେ ଭୂଷିତା ଥିଲେ ହେଁ ସାଧାରଣ ମନୁଷ୍ୟର ଅହଂକାରଠାରୁ ମଧ୍ୟ ଦୂରରେ ନ ଥିଲେ । ତାଙ୍କୁ ଥରେ ଜଣେ କହିଲା—"ତୁମେ ଏତେ ବହି ଲେଖିଲ, ତୁମର କେହି ବନ୍ଧୁ ନାହିଁ", ସେ ଏହା ଶୁଣି ଅସନ୍ତୁଷ୍ଟ ହୋଇଯାଇ-ଥିଲେ । ତାଙ୍କ କବିତା ସେପରି ସେ ମଧ୍ୟ କୋଟେବଲ ସ୍ମାଇଲ୍ ଯାଉପାରନ୍ତି, ଏପରି କଥା କହିବା ଲୋକ ଅଳ୍ପ ନ ଥିଲେ । ମୋ ସହିତ ତାଙ୍କର ସର୍ବଦା ଝଗଡ଼ା ହେଉଥିଲା । ସେ ସ୍ୱର୍ଗ ଭାଲିକାରେ ଯିବେ ବୋଲି ଭାବୁଥିଲେ । ତାଙ୍କ ମାଆ, ଶାଶୁମା, ଅନୁଗତଶୀଳ ସାଥୀମାନଙ୍କ, ଅନୁଗତମାନେ ଓ ତାଙ୍କ ସହିତ ଆଉ କେତେକଙ୍କ ସେଥିରେ ସମ୍ପର୍କ ଆଲୋଚନା କରୁଥିଏ । ମତେ ଅନେକ ଏ ପ୍ରଶ୍ନର ଉତ୍ତର ପାଇଁ ବୁଝାଇଲା । ସେ ଅଦ୍ୱୈତ ସ୍ୱର୍ଗ ଭାଲିକାରେ ଯିବେ ନାହିଁ, ମୁଁ ଏ ଦୃଢ଼ମତ ହେଉଥିଲି । ଏପରି ଦୁର୍ବଳତା ତାଙ୍କୁ କେବେ କେବେ ଗ୍ରାସ କରୁଥିଲା । ସେ ପ୍ରସିଦ୍ଧଙ୍କଠାରୁ ବଡ଼ ଡାକ୍ତର ଏହା ମଧ୍ୟ ଭାବୁଥିଲେ, କେହି ସେପରି ଏହା କହୁ ବା ମଧ୍ୟ ଇଚ୍ଛା କରୁଥିଲେ । ସେବେ କେହି ପ୍ରସିଦ୍ଧଙ୍କର କଥା କହୁଥିଲା ସେ ତାହା ଶୁଣିବାକୁ ଘୃଣାପାଉଥିଲେ ଏବଂ ନିଜର ବୈଶିଷ୍ଟ୍ୟ ଭୁଲି ସରଳମନା ହେତୁ ପ୍ରସିଦ୍ଧଙ୍କ କୁତ୍ସାମୂଳକ କେତେକ କଥା କହିପକାଉଥିଲେ । ମୁଁ ଥରେ କହିଥିଲି— "ତୁମ ଅନୁପସ୍ଥିତିରେ ତୁମବିଷୟ ସେତେବେ ଏପରି କହନ୍ତି, ତେବେ କିପରି ହେବ ? ସେ ମୋର ଏ ଶାସନକୁ ପ୍ରତିବାଦ କରି ଝଗଡ଼ା କରୁଥିଲେ; କିନ୍ତୁ ଝଗଡ଼ାରେ ହାରି ଯାଉଥିଲେ ।

ତାଙ୍କ କାର୍ଯ୍ୟ କଳାପରେ ସେ କେତେ ଅଧ ମୁଗ୍ଧ ଥାଇ ସାଧାରଣ ମନୁଷ୍ୟର କେତେକ ସାଧାରଣ ପୁରୁଷ ଗୁଣ ଯୋଗୁଁ ଅତିଶ ଗୋଟିଏ ଚିଠିରେ ମୋତେ ଲେଖିଥିଲେ—

୯ । ୧୨ । ୨୭

"ମୁଁ ନୋବେଲ ପ୍ରାଇଜ୍ ପାଇବି, ଏହା ମୋର କେତେ ଥର ପାଉଛି । ଗତରାତି ସ୍ୱପ୍ନ ଦେଖିଛି, ମୁଁ ଜାହାଜରେ ଇଂଲଣ୍ଡ ଯାଉଛି । ଏତେ କଣ ତାର ସ୍ୱପ୍ନ ସଫଳ ହେବ ? ମୁଁ ତାଙ୍କୁ ଲେଖିଲି—ତୁ ତୋ ସ୍ୱପ୍ନଟି ଲେଖିକରି ରଖିଥା, ଦେଖିବା ସଫଳ ହେବ କି ନାହିଁ । ନୋବେଲ ପ୍ରାଇଜ୍ ପାଇପାରିବି କି ନାଁ ସନ୍ଦେହ, ତେବେ ତା' ପାଇବାର ଯୋଗ୍ୟତା ଅର୍ଜନ କରିବାକୁ ମୁଁ ଆକାଙ୍‌କ୍ଷୀ ।

କାଲି ଚନ୍ଦ୍ରଶେଖର ଦାସ ବୋଲି ଜଣେ ଲୋକ ମୋ ସହିତ ସାକ୍ଷାତ କରିବାକୁ ଆସିଥିଲେ । ଇତିପୂର୍ବରୁ ସେ ଆଉ ଥରେ ମୋ ସହିତ ସାକ୍ଷାତ କରିଥିଲେ । ସେ ଲୋକଟିର ଘର କିଲ୍ଲା ନଗର ନିକଟ ଜାଜପୁରରେ । କଟକରେ କୌଣସି [illegible] ସମ୍ପର୍କିତ ହେବେ ସେ ଥାଆନ୍ତି । ଗତ Ravenshaw College Jubileeକୁ ଆସିଥିଲେ । ପୁଣି ଏଥର [illegible] ଆସିଛନ୍ତି । ସେ ଆଇ. ଏ. ପାସ୍ କରିଛନ୍ତି; ମାତ୍ର ବୁଝିହେଉ ତହିଁ ବର୍ଷ vast study କରିଛନ୍ତି । ମୋର ଅଞ୍ଜଳି ବହିରୁ କେତେକ ଅଂଶ ଇଂଲିସରେ translation କରିବାକୁ ସେ ଇଚ୍ଛୁକ; ମଧ୍ୟ ଅନ୍ୟାନ୍ୟ ପୁସ୍ତକରୁ । ତାକୁ ଟ୍ରାନ୍ସଲେଶନ କରି 'Selections from Sabbath' ଏଇ ନାମ ଦେବାକୁ ଚାହାନ୍ତି । ତା ପାଇଁ ମୋର permission ଚାହିଁଥିଲେ । ଦେଖାଯାଉ, ଓଡ଼ିଆଙ୍କ କଥା କେତେଦୂର ସତ୍ୟ ହେବ । ତାଙ୍କ କଥାରୁ ମୁଁ ଏତିକି ବୁଝିଲି ଯେ (୧) ଓଡ଼ିଶାର କଟକ ଟାଉନ୍ ଅପେକ୍ଷା ଗ୍ରାମ-ସ୍ଥାନମାନଙ୍କରେ ମୋ ସାହିତ୍ୟର ବେଶୀ ଚର୍ଚ୍ଚା, ଆଦର ଓ ପ୍ରଶଂସା ହୁଏ । (୨) ଲୋକେ ମାସିକ ସାହିତ୍ୟ ପତ୍ରିକାଗୁଡ଼ିକ କିଣିଥାନ୍ତି ମାତ୍ର ଆଗେ ମୋ ଲେଖା ଅଛି କି ନାହିଁ ଦେଖନ୍ତି । ଏହା କମ୍ ଗୌରବର କଥା ନୁହେଁ; ମାତ୍ର ମୁଁ କି ଅନ୍ୟାୟ କରିଛି, କୌଣସି ପତ୍ରିକାକୁ କିଛି ନ ଲେଖି ଓଡ଼ିଶାର ଜନସାଧାରଣଙ୍କ ନିକଟରେ ଦୋଷୀ ହେଉଛି । ମୁଁ ତାଙ୍କୁ ପଚାରିଲି, ଓଡ଼ିଶା ମତେ ସ୍ୱୀକାର ଦେବା ଚେଷ୍ଟା କରେ କି ? ସେ କହିଲେ, ଆପଣ ସ୍ୱୀକାର ପାଇବାହାନ୍ତି ବୋଲି ମୁଁ କେମିତି ନାହିଁ କରିବି ? ସ୍କୁଲ ଗ୍ରାମ ପ୍ରତ୍ୟେକ [illegible] ଆପଣଙ୍କ ପୁସ୍ତକ ପାଠ କରୁଛନ୍ତି । ନାଟକମାନଙ୍କରେ ଆପଣଙ୍କ ଲେଖା ପ୍ରବେଶ କରି ତାଙ୍କ ଜନର ସ୍ୱଜନତା ସମ୍ପୂର୍ଣ୍ଣରେ ଦେଖେଇଲାଣି । ଆମ ଗ୍ରାମରେ [illegible] ଅଞ୍ଜଳି ସେ ସବୁ ଏ ଘରକୁ ଯାଉଛି । ପ୍ରତ୍ୟେକେ ଏକଥା କହନ୍ତି, ଏ ଲେଖା ତ [illegible] । ରାଧାନାଥ, ମଧୁବାବୁ ତ ଏତେ ସରଳ ଓ ଏତେ ସୁନ୍ଦର ଲେଖିନାହାନ୍ତି (ଏସବୁ ସତ କି ତାଙ୍କ ମନଗଢ଼ା, ତା' ମୁଁ ଜାଣେନାହିଁ, ସେ ଯାହା କହିଲେ) । ତାଙ୍କ ଗ୍ରାମର Vernacular School Headmaster ମଦନ ମୋହନ ମହାନ୍ତି ବୁଝିହେଉ

ତାଙ୍କୁ କହୁଥିଲେ—'ବଙ୍ଗ ଦେଶରେ ରବୀନ୍ଦ୍ରନାଥ ଯେପରି, କିଜାଣି ତାଙ୍କଠୁ ଏ ବଳିବେ । କାରଣ ଏତେ ଅଳ୍ପ ବୟସରେ ରବୀନ୍ଦ୍ରନାଥଙ୍କ କଣ ଚିନ୍ତା ଥିଲା ? ସେଠୁ ସେମାନଙ୍କ ମଧ୍ୟରେ ପ୍ରସ୍ତାବ ଉଠିଲା ଯେ କେମିତି ତାଙ୍କ ଲେଖା ଇଂରାଜୀରେ translate କରି western worldକୁ ପଠାଯିବ । ଏଇଟା କଲେ ଓଡ଼ିଆଜାତିର ଖୁବ ଗୌରବ ହେବ । କାରଣ କୌଣସି ଭାରତୀୟ ନାରୀକବିର ଲେଖା translated ହୋଇ western worldକୁ ଯାଇନାହିଁ ।' ସେ ସେଥିପାଇଁ ମୋର ଅନୁମତି ନେବାକୁ ଆସିଥିଲେ । ଲୋକଟି ଥିଲେ ବୃଦ୍ଧ ଯୁବକ, ବା ନୁହେଁ । ସେ ଅଳ୍ପ କଥା କହନ୍ତି; କେତୋଟି ସାରଗର୍ଭକ କଥା ମାତ୍ର । ତାଙ୍କ ତୃତୀୟ କଥା—ସୁଲକ୍ଷୁ ରାଜପୁତ ଦେଖିଆସିବେ—ଓଡ଼ିଶାର ପ୍ରାଚୀନତମ ନଗରୀ—The oldest town in Orissa, ମହାଭାରତରେ ଯାହାର ଉଲ୍ଲେଖ ଅଛି । ମୁଁ ତାଙ୍କୁ ମୋର ଆଧୁନିକ ସାହିତ୍ୟଚର୍ଚ୍ଚା ବିଷୟରେ ପଚାରୁଥିଲେ କହୁଛି । କୁନ୍ତଳାଙ୍କ, ଅର୍ଚ୍ଚନା, ଉତ୍ପୀଡ଼ିତ, କେବେ ସ୍ୱାମୀ ମୋର ଲେଖା, ଏଇଟା ସମ୍ପୂର୍ଣ୍ଣ ସତ୍ୟ । କାଲି ସ୍ୱାମୀଙ୍କୁ ସାଧୁଚରଣ ଲେଖିଥିଲ ( ତୁମେ ତ ତାଙ୍କୁ ଜାଣ ) । ସେ ମାସିକ ମୋଠୁ ନେଇ କହୁ ସାହିତ୍ୟ ଅନ୍ୟମାନଙ୍କପରି କଣ ! ସେ ପଚାରୁଥିଲେ—'ମା, କୁନ୍ତଳାଙ୍କ ଛପା ହେଉଛି କି ? ଅନେକେ ଆପଣଙ୍କର ନୂଆ ବହି ପଢ଼ିବାକୁ ବ୍ୟସ୍ତ ହେଲେଣି ।'

ଏଥର 'ପଞ୍ଚାମୃତ'ବାଲା ନିବେଦନ କରନ୍ତି । ମୋଠୁ ଗୋଟାଏ ଗୀତ ଆଦାୟ କରିନେଇଗଲେ । "ଶୋଫେର୍ଡ଼ିନା'ର ଗୀତ" କବିତା ଗୋଟି ଏଡ଼େ ସୁନ୍ଦର ଯେ କ ପଢ଼ି ଲୋକମାନେ ବୁଝିବେ ନାହିଁ । ତୁମ୍ଭେମାନେ ଜାଣିଥାଅ । ପଞ୍ଚାମୃତ ପାଇଁ ଜାମାଷ୍ଟେ ପଠାଇବ । ବାସ୍ତବିକ ଜଳଧର, ସ୍ୱର୍ଣ୍ଣମନ୍ଦିର ମୁକୁଟ ଅପେକ୍ଷା ଏ ସମ୍ମାନ ଲୋଭନୀୟ ନୁହେଁ କି ?

ମନେ ଅଛି କୃଷ୍ଣ ଦାସ କହୁଥିଲା—ପୂର୍ବର ଓଡ଼ିଆ ଦେବୀଚରଣ ପଟ୍ଟନାୟକ ଚନ୍ଦ୍ରମଣି ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ ('ଓଡ଼ିଆଘର' ବାହାରିବା ପରେ)—ଆପଣ କୁନ୍ତଳାକୁମାରୀଙ୍କର କବିତା ଆଣି ପଞ୍ଚାମୃତରେ ଦେଉଛନ୍ତି, * ତେବେ ତ ଓଡ଼ିଆ ପିଲା କଣ ଶିଖିବେ । ଏଣ୍ଟ୍ରେନ୍ସ ବାଳକ ଏଗୁଡ଼ାରେ ଭର୍ତ୍ତି କରିବା ଭଲ ନାହିଁ । ସାହିତ୍ୟରେ (ଉତ୍କଳସାହିତ୍ୟ) 'ମଣିକାଞ୍ଚନ' ବାହାରିଲାବେଳେ ସାହିତ୍ୟ ଖୁବ ଅଦ୍ଭୁତ ହୋଇଥିଲା । ଆଜିକାଲି ସାହିତ୍ୟରେ କଣ ବାହାରେ ? ଅଭିଧା, କାଳନ୍ଦୀର ଗୋଟାଏ ଲେଖା ? ସେଥିରେ ଦେଶର ତୃପ୍ତି ନାହିଁ । ମୁଁ ପଢ଼େ ନାହିଁ । ସାହିତ୍ୟ ଖାଲି ଦେଖିଯାଏ ।

ଏ କଥା ପଦ୍ମଚରଣ ବାବୁ ମାଷ୍ଟରଙ୍କର ଶୁଣି । ଆପଣ ତାଙ୍କର ଉପରେ ହସନ୍ତେ । You are far above them. You ought to excuse their

* 'ପଞ୍ଚାମୃତ' ପିଲାଙ୍କ ମାସିକ ପତ୍ରିକାର ସ୍ୱର୍ଗତ ଚନ୍ଦ୍ରମଣି ଆଚାର୍ଯ୍ୟ ସମ୍ପାଦକ ଥିଲେ । ଶ୍ରୀ କୃଷ୍ଣଚନ୍ଦ୍ର କର ଏହାର ପରିଚାଳକ ଥିଲେ । ପ୍ରସିଦ୍ଧ କବି ପଦ୍ମଚରଣ ପଟ୍ଟନାୟକଙ୍କୁ ଏଥିରେ ଲକ୍ଷ୍ୟ କରାଯାଉଛି ।

childish whims. They are but youths, fresh on the threshold of life. They know nothing except love unrestrained and unruly. *

[ନୋଟ୍—ସେତେବେଳେ କୁନ୍ତଳାକୁମାରୀ ଜଣେ ୨୩/୨୭ ବର୍ଷର ତରୁଣୀ ସ୍ତ୍ରୀ, ଏକଥା ସାଧାରଣେ ଧାରଣା କରୁ ନଥାନ୍ତି । ତାଙ୍କୁ ଜଣେ ପ୍ରୌଢା ନାରୀ ସ୍ୱରୂପରେ ଅଧିକାଂଶ ବଙ୍ଗୀ ଜନତା ଦେଖୁଥାନ୍ତି । ତାଙ୍କର ଅକାଳ ଅବସ୍ଥା ମଧ୍ୟ ସେପରି ଧାରଣା ଦେଉଥାଏ । ତାଙ୍କର ବ୍ୟବହାର ମଧ୍ୟ ତଦ୍ରୂପ ଥାଏ । ତାଙ୍କର ରଚନା ପ୍ରତି ସୁରୁଚିକ ମନୋବୃତ୍ତିର ଲୋକେ ଅଧିକ ଶ୍ରଦ୍ଧା ଦେଖାନ୍ତି ସତ; କିନ୍ତୁ ତରୁଣମାନେ ତାଙ୍କ ଲେଖା ପସନ୍ଦ କରନ୍ତି ନାହିଁ; କେତେବେଳେ ମଧ୍ୟ ସମାଲୋଚନା କରିଥାନ୍ତି । 'ସବୁଜ'ମାନେ ବା ନବୀନ କେତେକ ଲେଖା ତାଙ୍କ ବିପକ୍ଷରେ ଲେଖୁଥାନ୍ତି । ତେଣୁ ସାହିତ୍ୟପ୍ରେମୀ ବଡ଼ାମ୍ବର ଶ୍ରୀ ଲୋକନାଥ ପଟ୍ଟନାୟକ ଜଣେ ଶିକ୍ଷାବିଭାଗୀୟ ଡେପୁଟି ଇନ୍ସପେକ୍ଟର, (ତାଙ୍କର ନାମ ସେତେବେଳେ ଅବଶ୍ୟ ଜଣାଥାଏ । ପଣ୍ଡିତ ନୀଳକଣ୍ଠ, ଲକ୍ଷ୍ମୀନାରାୟଣ ସୋଦର ଭାଇଙ୍କର ସେ ମଧ୍ୟ ବନ୍ଧୁ ଶ୍ରେଣୀୟ ।) ଏହି ସବୁ ସମାଲୋଚନା ଦେଖି କୁନ୍ତଳାକୁମାରୀଙ୍କୁ ଖଣ୍ଡିଏ ପତ୍ର ଲେଖିଥାନ୍ତି—"କବିତା-ସୁନ୍ଦରୀ ଜୀବନ କାହିଁକି ? ତାଙ୍କର ବାଣୀ କଅଣ ଶୁଷ୍କ ନ ଶୁଷ୍କ ହେଇ ବନାଇ ଗୁଳନ୍ତୁ । ତାଙ୍କର ସମସ୍ତର କେତେ ଜଣ ମଣିଷ ଭଳି ତାଙ୍କ ବାଣୀର ଶ୍ରୋତା ? ଅପରିମିତ କାଳ, ଅପରିମିତ ମନୁଷ୍ୟଗୋଷ୍ଠୀର ଧାରଣା ଆସିଥିଲେ ତାଙ୍କର କବିତା ଆଦୌ ଉପସ୍ଥାପିତ ।"]

ଏ କଥା ସାହିତ୍ୟ କଥା । ସେ ଜାଣି ଜୀବନର ଦୁର୍ବଳତା ମଧ୍ୟ ସେହି ଚିଠିରେ ପ୍ରକାଶିତ କରିଥାନ୍ତି ଏହିପରି—"ତୁମ୍ଭ ସାହିତ୍ୟ କଥା । ନିଜ କଥା ଲେଖେଁ । ସତରେ ମୁଁ ମଣିଷ ହେବି ? ଜନ୍ମଗ୍ରହ ପରେ ମୋତେ ମୁଣ୍ଡଉଇ ଭୁଲିଲ, ଆଉ ଜନ୍ମଗ୍ରହ ମୋ ଘରେ ନାରଣା ଗୋଟା ଲୋକା ଲେଳା । ଏତେ ନାମ ସେ ନିଃଶ୍ୱାସ ମାରିବାକୁ ଫୁରୁସତ୍ ନାହିଁ; କିନ୍ତୁ ଝଡ଼ ଜୀବନକୁ ବା ଦେଖିଥିଆ । କିଏ ସେ କହିବ ! ଅତେ ଥରେ ମନ ବଳି ବରଷୁଏ । ଏମିତ ହେଲେ ମୁଁ କଣ ମଣିଷ ହେବି ? ହାୟ, କୋଦେଲ୍ ପ୍ରାଇଜ୍ ନାହିଁ—ମୁଁ ବା କାହିଁ ? ସେ ସାଧନା ମୋର କାହିଁ ? ଖାଲି ମିଛେ ମିଛେ କଣ ଏତେ ବଡ଼ ମାନକୀ କଏ ପାଇଛି ? ଭଗବାନ ଅବସ୍ଥାର କେବେ ପରିବର୍ତ୍ତନ କରିବେ କେଜାଣି ? ସେ ମୋ ଜୀବନରେ ଧୀରେ ଧୀରେ ଜାଗି ଉଠୁଛନ୍ତି । ମୋର ବିଶ୍ୱାସ କେବଳ ଭଗବାନଙ୍କ ଉପରେ । ତାଙ୍କଠି ନିର୍ଭର କରି ମୁଁ ରହିଛି ।"

---

* ଅର୍ଥାତ୍ ତୁମେ ତାଙ୍କଠୁ ବହୁ ଉଚ୍ଚରେ । ତାଙ୍କର ପିଲାଳିଆ ଖିଆଲ (ଜିଦ୍)କୁ କ୍ଷମାକରିବା ଉଚିତ । ସେମାନେ ତରୁଣ ମାତ୍ର । ଜୀବନଦ୍ୱାରଦେଶରେ ସେମାନେ ନୂତନ । ସେମାନେ ଉଚ୍ଛୃଙ୍ଖଳ (ଅବାଧ୍ୟ) ଓ ଅନିୟନ୍ତ୍ରିତ ପ୍ରେମ ଛଡ଼ା ଆଉ କିଛି ଜାଣନ୍ତି ନାହିଁ ।

ଏହି ଦୁର୍ବଳତା ମାନବୀୟ ଦୁର୍ବଳତା । ଏହା ତାଙ୍କଠି କେବଳ ନୁହେଁ; ବହୁ ମହାପୁରୁଷଙ୍କ ଜୀବନରେ ଦେଖାଦେଇଛି । ତେବେ ତାଙ୍କର ବହୁ ଗୁଣଗ୍ରାମ ବର୍ଣ୍ଣନାରେ ଏହି ଦୁର୍ବଳତା କପରି ଆଚ୍ଛନ୍ନ କରି ପକାଉଥିଲା, ତାହା ତାଙ୍କର ନିଜ ଲେଖାରେ ପ୍ରକାଶିତ କରୁଥିଲା । ସେତେବେଳେ ୧୯୨୭ ଡିସେମ୍ବର ମାସରେ 'ଅର୍ଚ୍ଚନା' ଛପା ଚାଲୁଥାଏ । ସେ ସ୍ୱାମୀଙ୍କୁ ଅର୍ଚ୍ଚନା ବହିଟି ମୁକୁର ପ୍ରେସରେ ଛପାଉଥାନ୍ତି । ୩୨୦ ସରକ ଟଙ୍କା ଖର୍ଚ୍ଚ ହେବ ବୋଲି ଲେଖିଥାନ୍ତି । ତାଙ୍କ ବହିଗୁଡ଼ିକ ଦ୍ୱିଜପୁରର ଷ୍ଟୁଡେଣ୍ଟ୍‌ସ ଷ୍ଟୋର ଛପାଇ ଦେବାକୁ ରାଜି ହୋଇଥାନ୍ତି; କିନ୍ତୁ କୁନ୍ତଳାକୁମାରୀ ତାହା ଦେବାକୁ ଅସ୍ୱୀକୃତ । ସେ ଲେଖିଥାନ୍ତି—"ଜଳାଉରେ ମାତ୍ର ୫୦୦ କୁ Storeକୁ କ'ଣ ମୁଁ ରଘୁଅର୍ଚ୍ଚିତ, ସ୍ତୁତିଗୀତ, Hygiene ଦେଇଦେବି ? ଏସବୁ ମୋର ବହି—ହୃଦ୍‌ଦେଶୀୟ; ମାତ୍ର ଅର୍ଥାଭାବ । ଅର୍ଚ୍ଚନା ଏକାପରି ମୁଁ ସମାଜରେ ଦେବାକୁ ଚାହେଁ । ଏ ବହିଗୁଡ଼ିକ ଏକ ଏକ ସମ୍ପତ୍ତି । ମୋ ମହା-ସଞ୍ଚିତ ମୋର ପୁତ୍ରକମାନେ । ସତେ ମୁଁ ତା'ସବୁ Storeକୁ ଦେବି ? ମୋର ଅନ୍ତରାତ୍ମା କହୁଛି, 'ନାହିଁ ନାହିଁ, ଦେନା । ସୁନାପାତ ନଇ ଲେଖିଛୁ କଣ Storeକୁ ଦେବାପାଇଁ ? ନ ଆଣିବେ ବଜାରକୁ ଦେ ।' ଏମିତି ସବୁ ମନକୁ ଆସୁଛି । ମୁଁ ଯେତେବେ କଷ୍ଟରେ ବସି ଲେଖୁଛି, Storeକୁ ବହି ଦେବି ନା—ମୋ ଆତ୍ମା ସେପରି କାଏ ଦାନ୍ତ, 'ଦେ ନା, ଦେ ନା ।' ମୁଁ ଅନ୍ତରର ବାଣୀକୁ ଅବଜ୍ଞା କରିବା ସତ୍ୟ ମରଣ ! ଅବଶ୍ୟ ଏଥିରେ ଆଉ କାରଣ ଅଛି । ସ୍କୁଲରେ ଅବଶ୍ୟ Text Book ହେବ । କେଉଁଠି ବାବୁର କ'ଣ କ୍ଷମତା ନାହିଁ ତାକୁ Text Book କରିବାକୁ ଯେ ମୁଁ Storeକୁ ଦେବି ? Text Book ହେଲେ ତ ବହୁତ ବିକ୍ରି ହେବ ।"

ଉପର ଏ ଅଂଶ ଉଦ୍ଧାର କରିବାର ହେତୁ ହେଲା ଏହାଦ୍ୱାରା ତାଙ୍କର ସାଧାରଣ ଜୀବନର ଚିତ୍ର ଅନୁଭବ କରିହେବ । ସେ ଯୋଉଁଏ କଥାକୁ କେତେ ସମସ୍ୟା ଧରି, କେତେ କେତେ ବାଟ ତର୍କ କରି ବୁଝିଛନ୍ତି । ଏସବୁର ଦୃଷ୍ଟାନ୍ତରୁ ହିଁ ସେ ମଣିଷଟି କପରି ସହଜରେ ଧାରଣା କରାଯାଇଥାଏ । ମନସ୍ତତ୍ତ୍ୱର ବିଶ୍ଳେଷଣ ଏହି ସୂତ୍ରରେ ହୋଇଥାଏ । ସ୍କୁଲରେ ବହିଟି ସେ ଛପାଇ ପାରି ନାହାନ୍ତି । ସେଥିରେ ସେ ନିଜ ଭାଗ୍ୟର ଜୀବନର ବହୁ ଚିନ୍ତାଧାରା ଅନୁଭୂତି ଏବଂ ସରଳ ଭାଷାରେ ସ୍ୱାସ୍ଥ୍ୟରକ୍ଷାର ବହୁ ବିବରଣ ବୈଜ୍ଞାନିକ ଭାବେ ତର୍କ କରିଥିଲେ । ସେ ସାହିତ୍ୟ ଯେତେ ଦେଇ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛବୋଧ ଯେତେବେଳେ ଜନସମାଜକୁ ଯାଉଥିଲେ, ଫଳରେ ତାଙ୍କର ଆଶା ହେଲା ଯେ ଏହି ବହି ସମ୍ପତ୍ତିରେ ସେ ଦେଶ ଓ ଦଶର ବହୁତ କାମ କରିଯିବେ ।

ତାଙ୍କର ଗାର୍ହସ୍ଥ୍ୟଜୀବନ—

ଏପରି ଦୁର୍ବଳତା ମଧ୍ୟ ଆସିଥାଏ । କୁନ୍ତଳାକୁମାରୀ ସେଥିପାଇଁ ବ୍ୟସ୍ତ ହୋଇ ଉଠୁଥିଲେ । କାହିଁକି କପରି କରିବେ ? (୧) ବହିଗୁଡ଼ିକର ଛପାଇବା ଅନୁମାନିକ ଖର୍ଚ୍ଚ

କେତେ ଲାଗିବ, କେଉଁ ବସ୍ତୁ କେତେ ଗରମ ହେବ ତା ମଧ୍ୟ ହିସାବ କରି ଜାଣୁଥିଲେ । ହାଇଡ୍ରନ୍ ଡବଲ୍‌ସାଇଡ୍ ଯୋଗ ପେଟ ଭୁଖ ଗରମ ହେବ ବୋଲି ଲେଖିଥିଲେ । (୨) ଭୂତଲୁଣ୍ଠନର ଖର୍ଚ୍ଚ । (୩) ବିଜ୍ଞାପନ ଖର୍ଚ୍ଚ । ଏସବୁ ଏକ୍ସପେନ୍ସ୍ ହେଲା । ସେ ହାତରେ ମାପି ଭୂଖଣ୍ଡ ବୁଲିବାକୁ ବ୍ୟାକୁଳ ହୋଇ ଉଠୁଥିଲେ । କିନ୍ତୁ ସ୍ୱାଧୀନତାର ବନ୍ଧୁର ସନ୍ତାନ । ଦରିଦ୍ର ଜନତାର ଉତ୍ଥାନ ଛାଡ଼ି ଏହା କରିବା ଦେଲା ନ ଥିଲା । ସେ ଯାହା ରୋଜଗାର କରୁଥିଲେ, ତାହା ମାସ ଶେଷକୁ ଖର୍ଚ୍ଚକୁ ଅଣ୍ଟୁ ନ ଥିଲା । ତାଙ୍କ ମାଆଙ୍କ ଅସାବଧାନତାରେ ସେ ସବୁ ବଡ଼ ବଡ଼ କଥାର ମଧ୍ୟ ଶୋଭାପାଉଥିଲେ; କିନ୍ତୁ ଦରିଦ୍ର ଗ୍ରାହକ, ଦରିଦ୍ର ଅକ୍ଷର, ଦରିଦ୍ର ସାହିତ୍ୟିକ ବା କୌଣସି ଅନ୍ତରର କଥନ ସେ ସହ୍ୟ କରି ପାରୁ ନ ଥିଲେ ।

କୁନ୍ତଳାକୁମାରୀ ଜଣକୁର ମୋତେ ଲେଖିଥିଲେ—"ଆମେ ଜିତିବୁ ଉଠିବା । ଓଡ଼ିଶାରେ ନବଜାଗରଣ ଆଣିବା । ଭାରତର ତଥା ଜଗତର ବାହାରେ ମହାନାମ ଅର୍ଜନ କରିବା ।"

ସେ ଏହା ପରେ ୧୬-୧୨-୨୭ର ଚିଠିରେ ଲେଖିଥିଲେ—"ମୁଁ ଭାବପ୍ରବଣତାରେ ମଗ୍ନ ଥାଉଥିଲି । ୧୦୫° ଜ୍ୱର । ସେ ଅଜ୍ଞାନାବସ୍ଥାରେ ସ୍ୱପ୍ନ ଦେଖିଲି, ଭଗବାନ ମତେ ଆଦେଶ ଦେଉଛନ୍ତି, ଭାରତରେ ସ୍ୱର୍ଣ୍ଣକମଳ ଫୁଟାଇବାକୁ । ସେ ଦିନରୁ ମୁଁ ନିଜକୁ ଧନ୍ୟ ବୋଲି ଭାବୁଛି । ପୂର୍ବରେ ଏ ସ୍ୱପ୍ନ ୧୮ ବର୍ଷ ବୟସରେ ମୋର ଡାକ୍ତରୀଖାନା Second Yearରେ ଦେଖିଥିଲି । ଆହୁରି ଅନେକ ଭବିଷ୍ୟତବାଣୀ ପାଇଛି । ଭଗବାନ ମୋତେ ମହାନ୍ ପ୍ରେରଣା ଦେବା ଜନ୍ମ ଦେଇଛନ୍ତି ।

"ମୁଁ ଖୁବ୍ ଅଳ୍ପରେ ମୋର ଦୁଇଟି ପୂର୍ବ ଜନ୍ମର ବୃତ୍ତାନ୍ତ ସ୍ୱପ୍ନରେ ଦେଖିଛି । ଏସବୁ ସ୍ୱପ୍ନ ଭୁଲ୍ ନୁହେଁ, ଭଗବତ୍ ଆଦେଶ ଭବିଷ୍ୟତର ସୂଚନା । ମୋ ମନରେ ଜାଗି ହେଉଛି ଡାକ୍ତର ବାବୁଙ୍କ ପଶ୍ଚିମ (Bihar)କୁ ବଦଳି ହେଉଛି । ମୁଁ ତାଙ୍କ ସହିତ ଅଛି । ଦୁଇଟିର ସ୍ୱପ୍ନ ଦେଖିଛି । (୧) ଶଯ୍ୟା ଶବ୍ଦ ଚିହ୍ନାଇଲେ ଦୁଃସ୍ୱପ୍ନ ଅଛି ସେ ମୁଁ ତାଠୁ ଦୂରେ ବସିଛି । (୨) ଡାକ୍ତରବାବୁଙ୍କ ଶୀଘ୍ର ବଦଳି ହୋଇଛି, ମୁଁ ତାଙ୍କ ସଙ୍ଗେ ଯାଉଛି । ଏପରି ନାନା ଅଦ୍ଭୁତ ସ୍ୱପ୍ନ ଦେଖୁଛି । ମୋର ଜନ୍ମଦିନ ଫେବୃୟାରୀ ୮ତାରିଖ ପରେ ମୋର ସବୁ ଶୁଭ ଦୃଷ୍ଟିର ପତ୍ତନ । ଖୁବ୍ ଭଲ ଦିନ । ସେଥିରେ ମୋର ଭାଗ୍ୟ ପ୍ରସ୍ଥାନ, ଅବସ୍ଥା ପରିବର୍ତ୍ତନ ସବୁ ଭଲ ହେବ ।"

ଜୀବ ଜଗତର ଚିନ୍ତା ସ୍ୱପ୍ନ ଏବଂ ଆଶା ମଧ୍ୟରେ ବଞ୍ଚିରହେ । ଏ ସ୍ୱପ୍ନ ୧୯୨୮ ପରେ ସଫଳ ହୋଇଥିଲା । ଡାକ୍ତର ଚୌଧୁରୀଙ୍କର ପାଟଣାକୁ ବଦଳି ହୋଇଥିଲା । ସେଠାରୁ ସେ ଦରଭଙ୍ଗା ବଦଳି ହୋଇଥିଲେ ଏବଂ କୁନ୍ତଳାକୁମାରୀଙ୍କର କବିତ୍ୱ ସମୃଦ୍ଧ ମଧ୍ୟ ହୋଇଥିଲା । କିନ୍ତୁ ସେମାନଙ୍କ ଜୀବନ ପାରିବାରିକ ଅଶାନ୍ତିରେ ଜର୍ଜରିତ ହୋଇପଡ଼ିଥିଲା । ଚୌଧୁରୀଙ୍କର ଚିଠି ଦେଖିବା ନ ପାଇଲେ ସେ ଲେଖୁଥିଲେ ।

ତା ୧୬-୧୨-୨୭ ଇଂ

"ତୁମ୍ଭର ପତ୍ର ଦେବାରେ ଏତେ ଅବହେଳା କାହିଁକି କଲ ? ଗଲା ଶନିବାର ଦିନ ମୁଁ ଗୋଟିଏ ଚିଠି ପାଇଥିଲି । ତା'ପର ରବିବାର, ସୋମବାର ଗଲା, ଆଜି ମଙ୍ଗଳବାର ସକାଳ ହେଲା । ତୁମେ ଯଦି ପତ୍ର ନ ଦେବ, ମୋଠାରୁ ଉତ୍ତରିତ ପତ୍ର ପାଇବା ଆଶା ଛାଡ଼ିଦିଅ । ମୁଁ ନାନା କାମରେ ବ୍ୟସ୍ତ ରହି ଉତ୍ତର ଦେବି; ତୁମେ ଅବହେଳା କରିବ । ଭଲ ନ୍ୟାୟ କରୁଛ ! ଶୁଣ, ସେଥିପାଇଁ ତୁମେ ସୋମବାର, ମଙ୍ଗଳବାର, ଚିଠି ପାଇବ ନାହିଁ । ଏ କାର୍ଡ଼ର ଉତ୍ତର ଦେଲେ ଯାଇ ମୋ ଚିଠି ପାଇବ । ମୁଁ କେତେ ଲେଖୁଛି ସବୁ ଲେଖେ ତା ବୋଧହୁଏ ପଢ଼ୁନାହିଁ । ସେଥିପାଇଁ ମୁଁ ବିରକ୍ତ ହୋଇଛି । ପ୍ରଧାନ କଥା ସେ, ଘୁରନ୍ତେ ବନ୍ଦ ହେଲା । ସେଗୁଡ଼ିକ ବାହାର ହୋଇ ରହିବ କି ଛପାହେବ ? ଯେବେ ଛପା ହେବ, ଟଙ୍କା କେଉଁଠାରୁ ଆସିବ ? 'ଉଦ୍‌ଗୀତି', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'କଲେଶ ପ୍ରତିକାର' ଏ ଚାରୋଟି ପୁସ୍ତକ ଛପାଇବା ପାଇଁ ଅନ୍ତତଃ ପକ୍ଷେ ୧୦୦୦ ଟଙ୍କା ଲୋଡ଼ା । ଆସିବ କେଉଁଠୁ ? ବିଜ୍ଞାପନ ଖର୍ଚ୍ଚ ଇତ୍ୟାଦି ଅଛି । 'ଅର୍ଚ୍ଚନା'ରେ ବର୍ତ୍ତମାନ ସୁଦ୍ଧା ୪୫୦ ଟଙ୍କା ହେଲାଣି, ବାକି କିଛି ଦେବା କଥା ! ମୁଁ କଣ ଏପରି ବଡ଼ଲୋକ ଯେ ଏତେ ଟଙ୍କା କେଉଁଠୁ ଦେବି ? ଉପଯୁକ୍ତ ପ୍ରକାଶକଙ୍କୁ ଗୁଡ଼ିକ ଦେବାକୁ ରାଜି ଅଛନ୍ତି ? ରବି ଠାକୁର ସୁଦ୍ଧା ପ୍ରକାଶକଦ୍ୱାରା ବହି ଛପାଇଲେ—ଆମର କଣ ଜମିଦାରୀ ଅଛି ?"

କିନ୍ତୁ ହାୟ, କାଳ କବଳରେ ଏହି ପ୍ରତିଭାର, ଏହି ଗର୍ବ, ଏହି ଅଧିକାର ଦିନେ ସମ୍ପୂର୍ଣ୍ଣ ଲୁଚିଯାଇଥିଲା ।

## ବ୍ରହ୍ମପୁରର ମଧୁ-ପ୍ୟାରୀ ସମ୍ମିଳନୀ

ଏହି ଡିସେମ୍ବର ମାସରେ ବ୍ରହ୍ମପୁରର 'ସମାଜ ଓ ଦେଶହିତ' ଦ୍ୱାରା ୨୮ ତାରିଖ ମଙ୍ଗଳବାର ଦିନ ମଧୁସୂଦନ ରାଓ ଏବଂ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମିଳିତ ଏକ ସ୍ମୃତି ସମ୍ମିଳନୀ 'ମଧୁ-ପ୍ୟାରୀ ସମ୍ମିଳନୀ' ନାମରେ ସ୍ଥିର କରାଯାଇ କୁନ୍ତଳାକୁମାରୀଙ୍କୁ ସେଥିରେ ସଭାପତିତ୍ୱ କରିବାକୁ ଅନୁରୋଧ କରାଯାଇଥିଲା । କୁନ୍ତଳାକୁମାରୀଙ୍କୁ ଲେଖି ରାମଚନ୍ଦ୍ର ଆଚାର୍ଯ୍ୟ, ଶଶିଭୂଷଣ ରଥ, ଜୟମଙ୍ଗଳ ଭଟ୍ଟ ପ୍ରଭୃତି ଏହାକୁ ଅନୁରୋଧ କରିଥିଲେ । ଏପରି ଏକ ଜ୍ଞାନ ସମ୍ମୁଖ ଶ୍ରୋତାଙ୍କୁ ସେ ଉପସ୍ଥିତ ହେବେ କି ନାହିଁ ସବୁ ବାଧାରେ ନିଜର ଅସମର୍ଥତା ଜଣାଇଥିଲେ; କିନ୍ତୁ ତାଙ୍କର ବନ୍ଧୁମାନଙ୍କ ପରାମର୍ଶରେ ସେ ବ୍ରହ୍ମପୁର ଯିବା ସ୍ଥିର କରିଥିଲେ ।

ସେ ୨୫ ତାରିଖ ଶନିବାର ଦିନ ବାଲେଶ୍ୱରରେ ପହଞ୍ଚି ଛାତ୍ରଭଣ୍ଡାରର କର୍ମାଧ୍ୟକ୍ଷଙ୍କ ବସାରେ ରହି 'ମଧୁ-ପ୍ୟାରୀ'ଙ୍କ ସେହି ଏକ ଉଦ୍‌ବୋଧନ ପ୍ରବନ୍ଧ ରଚନା କରିଥିଲେ ଓ ୨୭ ତାରିଖ ସୋମବାର ମେଲରେ କୁନ୍ତଳାକୁମାରୀ ଏବଂ ମୁଁ ବ୍ରହ୍ମପୁର ଯାତ୍ରା କରିଥିଲୁ । ଗଞ୍ଜାମ ନଗରର ଷ୍ଟେସନରେ ବହୁ ଜନସମାଗମ । ଜୟମଙ୍ଗଳ ରଥ, ଶଶିଭୂଷଣ ରଥ,

ରାମଚନ୍ଦ୍ର ଆଚାର୍ଯ୍ୟ, ଲକ୍ଷ୍ମୀଧର ପାଣିଗ୍ରାହୀ, ବାଳକୃଷ୍ଣ ରାଓ, ସଦାଶିବ ବିଦ୍ୟାଭୂଷଣ, ବୈକୁଣ୍ଠଚରଣ ଦାସ, ଆନନ୍ଦ ଆଚାର୍ଯ୍ୟ, କୃପାସିନ୍ଧୁ ନରେନ୍ଦ୍ର ଦେବ, ଏଣୁକ ସାହୁ ପ୍ରଭୃତି ବ୍ରହ୍ମପୁରର ଶତ ଶତ ଭଦ୍ରବ୍ୟକ୍ତି ତାଙ୍କୁ ଷ୍ଟେସନକୁ ପହଞ୍ଚି ଦେଇଥିଲେ । କୃପାସିନ୍ଧୁ ନରେନ୍ଦ୍ର ଦେବ ତାଙ୍କ ଘୋଡ଼ାଗାଡ଼ିରେ ତାଙ୍କୁ ରାଜବାଟୀକୁ ନେବାକୁ ବ୍ୟସ୍ତ ହୋଇ-ପଡ଼ିଥିଲେ; କିନ୍ତୁ ମୁଁ ଅସ୍ୱୀକାର କରିବାରୁ ଏସ୍. ଜାଇଡ୍ ନାମରେ ଜଣେ ବରିଷ୍ଠ ଭଦ୍ରବ୍ୟକ୍ତିଙ୍କ ଘରେ ରହିବା ସ୍ଥିର ହୋଇ ଶୋଭାଯାତ୍ରା ସେଠାକୁ ନିଆଯାଇଥିଲା । ସେଇଠି ସ୍ନାନ ଇତ୍ୟାଦି ସାରି ତାଙ୍କ ଘରେ ସକାଳ ଭୋଜନ କରିଥିଲେ ।

ମଧୁ-ପ୍ୟାରୀ ସମ୍ମିଳନୀ ବିଷୟରେ ଯାହା ତତ୍କାଳୀନ ପ୍ରଶଂସିତ କାଗଜ 'ଆଶା'ର ଚତୁର୍ବିଂଶ ଖଣ୍ଡ, ୧୬ ସଂଖ୍ୟା, ଡିସେମ୍ବର ୨୯ ତାରିଖରେ ପ୍ରକାଶିତ ହୋଇଥିଲା, ତାର ଅବିକଳ ନକଲ ଏଠାରେ ଉଦ୍ଧାର କରାଗଲା ।

"ଶ୍ରାଦ୍ଧ ସମ୍ମିଳନୀ ।

'ସଂସ୍କାର ଓ ସେବାସଂଘ' ଦ୍ୱାରା ନିମନ୍ତ୍ରିତ ହୋଇ ଶ୍ରୀମତୀ କୁନ୍ତଳାକୁମାରୀ ସାବତ ଏଲ୍. ଏମ୍. ପି. ଡିସେମ୍ବର ୨୮ ତାରିଖ ସକାଳ ମେଲ୍‌ରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ । ଉତ୍କଳର ମଧୁସୂଦନ ଓ କର୍ମବୀର ପ୍ୟାରୀମୋହନଙ୍କ ଶ୍ରାଦ୍ଧ ଉପଲକ୍ଷେ ସ୍ୱାମୀଙ୍କ ଉପାସନା ମନ୍ଦିରରେ ଏକ ବିଶେଷ ଉପାସନା ହୋଇଥିଲା । ଉପାସନାର ଆଚାର୍ଯ୍ୟ ହୋଇଥିଲେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ରଥ । ସେମାନଙ୍କ ଶ୍ରାଦ୍ଧ ଉପଲକ୍ଷରେ ବ୍ରହ୍ମପୁର ଓଡ଼ିଆ ପେଣ୍ଡାଲରେ ଏକ ମହତୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରୁ, ବିଶେଷତଃ ବ୍ରହ୍ମପୁରରୁ, ଅନେକ ଭଦ୍ରବ୍ୟକ୍ତି ସମ୍ମିଳନୀରେ ଯୋଗ ଦେଇଥିଲେ । ଶ୍ରୀମତୀ କୁନ୍ତଳା ଦେବୀ ସମ୍ମିଳନୀର ସଭାନେତ୍ରୀ ହୋଇଥିଲେ ।

ଡିସେମ୍ବର ୨୮ ତାରିଖ ମଙ୍ଗଳବାର ଦିନ ବ୍ରହ୍ମପୁର ଓଡ଼ିଆ ବିଦ୍ୟାଳୟରେ ସ୍ୱର୍ଗୀୟ ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧସଭା ସମାରୋହ ସହିତ ହୋଇଯାଇଅଛି । କଟକର ଡାକ୍ତର କୁନ୍ତଳାକୁମାରୀ ସାବତ ସଭାନେତ୍ରୀ ହୋଇଥିଲେ । ଶ୍ରୋତୃବର୍ଗରେ ସଭାଗୃହ ପୂର୍ଣ୍ଣ ହୋଇଥିଲା ଏବଂ ତେଲୁଗୁମାନେ ମଧ୍ୟ ଯୋଗଦେଇଥିଲେ । ପ୍ରଥମେ ଶ୍ରୀ ଶଶିଭୂଷଣ ରଥ କୁନ୍ତଳାକୁମାରୀ ସାବତଙ୍କ ସଂକ୍ଷିପ୍ତ ପରିଚୟ ଦେଇ ଏବଂ ତାହାଙ୍କର ସାହିତ୍ୟିକ ପ୍ରତିପତ୍ତିର ପ୍ରଶଂସା କରି ସଭାନେତ୍ରୀ ହେବାକୁ ଅନୁରୋଧ କରିଥିଲେ । ଶ୍ରୀମାନ୍ ରାମଚନ୍ଦ୍ର ଆଚାର୍ଯ୍ୟ ଓ ଆନନ୍ଦ ଆଚାର୍ଯ୍ୟ ଓଡ଼ିଆରେ, ପଣ୍ଡିତ ସଦାଶିବ ବିଦ୍ୟାଭୂଷଣ ତେଲୁଗୁରେ ଏବଂ ଶ୍ରୀମାନ୍ ଲକ୍ଷ୍ମୀଧର ପାଣିଗ୍ରାହୀ ଇଂରେଜୀରେ ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସଦ୍‌ଗୁଣାବଳୀ ଉଲ୍ଲେଖ କରି ସେମାନଙ୍କ ଜୀବନର ବିଶେଷ ସ୍ମରଣୀୟ ଓ ଅନୁକରଣୀୟ ବିଷୟମାନ ବର୍ଣ୍ଣନା କରିଥିଲେ । ନେଲୋରର ପଣ୍ଡିତ ପଞ୍ଚାନନ ସରସ୍ୱତୀ ଆଦର୍ଶ ଉପାସନା ସମ୍ବନ୍ଧେ ଏକ ସୁନ୍ଦର ବକ୍ତୃତା ଦେଇଥିଲେ । ତାଙ୍କ ପରେ ବ୍ରହ୍ମପୁରବାସୀ ଶ୍ରୀଯୁକ୍ତ ବାଳକୃଷ୍ଣ ରାଓ ନିଜ ଜୀବନରେ ମଧୁସୂଦନ ରାଓଙ୍କ ପ୍ରଭାବର କଥା ବର୍ଣ୍ଣନା କରିଥିଲେ ।

ଶକ୍ତିଦେବୀ କୁନ୍ତଳାକୁମାରୀଙ୍କ ଅଭିଭାଷଣ ଅତ୍ୟନ୍ତ ସୁଚିନ୍ତିତ ଓ ପ୍ରେରଣାପୂର୍ଣ୍ଣ ହୋଇଥିଲା । ସେ ସୁଲଳିତ ଓ କବିତ୍ୱପୂର୍ଣ୍ଣ ଭାଷାରେ ମଧୁସୂଦନ ଓ ପ୍ୟାରୀମୋହନଙ୍କ ଜୀବନର କେତେକ ମୁଖ୍ୟ ବିଷୟ ଉଲ୍ଲେଖ କରିଥିଲେ । ତାଙ୍କ ବକ୍ତୃତାର ପ୍ରତ୍ୟେକ କଥା ବକ୍ତୃତାରେ ପ୍ରତ୍ୟେକ ଶବ୍ଦର ଉଚ୍ଚାରଣରେ ସମସ୍ତ ଲୋକେ ଅନୁପ୍ରାଣିତ ହୋଇଥିଲେ । ଡାକ୍ତର କୁନ୍ତଳାକୁମାରୀ ସାବତ ଯେ ଉଚ୍ଚ ଧରଣର କବି ତାହା ତାଙ୍କର ଏହି ଭାଷଣରୁ ସ୍ପଷ୍ଟ ହୋଇଥିଲା । ସମସ୍ତେ ମନ୍ତ୍ରମୁଗ୍ଧପରି ତାଙ୍କ ବକ୍ତୃତା ଶୁଣିଥିଲେ । ଶେଷରେ ଶ୍ରୀମାନ୍ ବୈଷ୍ଣବଚରଣ ଦାସ ଏବଂ ଶଶିଭୂଷଣ ରଥ ଶକ୍ତିଦେବୀଙ୍କୁ ଧନ୍ୟବାଦ ଦେଇଥିଲେ'।"

ଅନ୍ୟ ଏକ କାଗଜରେ ହେଡିଂ ଥିଲା—

"ରାଷ୍ଟ୍ରମଞ୍ଚରେ ଉତ୍କଳ-କମଳା କୁନ୍ତଳାଦେବୀ
ମଧୁ-ପ୍ୟାରୀ ଶ୍ରାଦ୍ଧ ସମ୍ମିଳନ

ଅଭିଭାଷଣଟି ସଙ୍ଗୀତମୟ ଭାଷାରେ ଲେଖାଯାଇଥିଲା ଏବଂ କୁନ୍ତଳାଦେବୀ ତାହା ସୁମଧୁର କଣ୍ଠରେ ପାଠ କରୁଥିବାବେଳେ ସମ୍ମିଳନର ସମସ୍ତେ ମନ୍ତ୍ରମୁଗ୍ଧବତ୍ ରହିଥିଲେ । × × ×" (ନବୀନ)

ନୀଳମୋହନ ପଟ୍ଟନାୟକ ଯେଉଁଦିନ ଖ୍ରୀଷ୍ଟିୟାନ ହେଲେ—

କୁନ୍ତଳାକୁମାରୀ ୨୧ ତାରିଖ ବୁଧବାର ସକାଳେ ଜଗମୋହନ ରଥଙ୍କ ପ୍ରୀତିଭୋଜ ପାଇବାପାଇଁ ମିଶନ, ଖୁରୁଧାକୁ ଯିବାର ଧାର୍ଯ୍ୟ ହୋଇଥିଲା । ଗୋଟିଏ ଟାକ୍ସିରେ ଡାକ୍ତରାଣୀ ନଳିନୀ ସାଥୀରେ ନେଇ ଖୁରୁଧା ବାହାରିଲେ । ଅନ୍ୟ ଟାକ୍ସିରେ ଜଗମୋହନ ବାବୁ ଓ ଆଉ କେତେ ଜଣ ବାହାରିଲେ । ସାଙ୍ଗହୋଇ କେତେ ଦୂର ଯିବାପରେ ସେମାନେ ଅଲଗା ଅଲଗା ଚାଲିଗଲେ । ଶେଷରେ ବାଟରେ ନୀଳମୋହନ ପଟ୍ଟନାୟକଙ୍କ ଘର ପଡ଼ିଲା । ଡାକ୍ତରାଣୀ ତାଙ୍କର ସ୍ନେହମୟୀ ସଙ୍ଗିନୀ ନୀଳମୋହନଙ୍କ ସ୍ତ୍ରୀ, ସେ କ ସୁଦାମବାବୁଙ୍କ କନ୍ୟା, ତାଙ୍କୁ ଦେଖିକରି ଯିବାକୁ ଅଟକିଲେ । ତାଙ୍କୁ ଦେଖି ହଠାତ୍ ହେମକାମ୍ନୀ ଏକ ସୌନ୍ଦର୍ଯ୍ୟବତୀ ରମଣୀ ଜଣକ କାନ୍ଦିଉଠିଲେ । କହେ ଖ୍ରୀଷ୍ଟିୟାନ୍ ରମଣୀ ହେବାକୁ ଯାଉଥିଲାବେଳେ, ନୀଳମୋହନ ପଟ୍ଟନାୟକଙ୍କ ଘର ଜଣେ ଅତି ଉଚ୍ଚଶିକ୍ଷିତ ହୁଦ୍ ଖ୍ରୀଷ୍ଟିୟାନ ହେଲେ କାହିଁକି ଭଲ ହେଉ ନ ଥାଏ । ଯେଉଁ ଖ୍ରୀଷ୍ଟିଆନ ପାଦ୍ରୀ ନୀଳମୋହନଙ୍କୁ ଖ୍ରୀଷ୍ଟ-ଧର୍ମର ଦୀକ୍ଷା ଦେଇଥିଲେ, ସେ ମଧ୍ୟ ଥିଲେ । ସେହିଦିନ ବା ତା ପୂର୍ବଦିନ ସେ ଭଜନ କରାଇ ଖ୍ରୀଷ୍ଟିଆନ କରାଇଥାନ୍ତି ନୀଳମୋହନଙ୍କୁ । ନଳିନୀ ଶିଶୁ କେତୋଟି । ସେ ଜଣ ଜାଣେ ଏ ଧର୍ମାନ୍ତର ରହସ୍ୟ ? ଅପୂର୍ବ ସୁନ୍ଦରୀ ଝିଅଟିଏ ତାଙ୍କର ଥାଏ । ବୁଧାଂଶୁମାଳା ବୟସ ୧୩।୧୧ ହେବ । ସେ ତା' ମାଆଙ୍କୁ କହୁ 'ଏହି ଦୁର୍ଦ୍ଦିନରେ ମଧ୍ୟ ରୁ' କାନ୍ଦିଥିବା ବନ୍ଦୋବସ୍ତ କଲା । ଏପରିକି ଡ୍ରାଇଭରମାନେ ସମସ୍ତଙ୍କୁ ଖାଇବାକୁ ବାଧ କରିବାରେ ବି କସର । ତା' ମଧ୍ୟରୁ

ମୂର୍ତ୍ତି ସବୁର ମଧ୍ୟରୁ କଥାକ୍ଷଣା—ଖାଲିବା ଉପରେ ମଧ୍ୟ ଥାଇ ଅନେକ ବାଇବଲ୍ ସମ୍ପ୍ରେ । ପୁଣି ମୂର୍ତ୍ତିମାନ ସମସ୍ତେ ନୀରବ ଥାନ୍ତି ।

ହେମ କହିଲେ—ମୁଁ ହିନ୍ଦୁ ରହିପାରିବ; କିନ୍ତୁ ଏହା କଣ ଭାରତୀ ସୁନ୍ଦର ହେବ? ସ୍ୱାମୀଙ୍କ ପନ୍ଥା ଅନୁସରଣ ମୁଁ ଗ୍ରହଣ କରିବ । ସ୍ୱାମୀ ଯେଉଁ ଧର୍ମ ଗ୍ରହଣକଲେ, ମୋର ସେହି ଧର୍ମ । ଅଧିକ କଣ? ଏହି ପୁଣ୍ୟଶୀଳା, ଧାର୍ମିକା ରମଣୀର ମାତୃମୂର୍ତ୍ତି ଏବେ ମଧ୍ୟ ମୋ ଆଖିରେ ନାଚୁଥାଏ ।

ଡାକ୍ତରଣୀ ସେ ପାଦ୍ରୀଙ୍କୁ ଇଂରେଜୀରେ ବହୁ ତର୍କବାଣୀ ଶୁଣାଇଲେ । ଏପରିକି ବର୍ତ୍ତମାନ ହିନ୍ଦୁଧର୍ମ ଯେପରି କୁସଂସ୍କାରବର୍ଜିତ ଏବଂ ବିଶ୍ୱଜନୀନରୂପେ ସନାତନ ଓ ସର୍ବଧର୍ମର ଶ୍ରେଷ୍ଠ ବୋଲି ପ୍ରମାଣିତ ହୋଇପାରୁଛି, ସେତେବେଳେ କାହିଁ ହିନ୍ଦୁଜାତିର ଶ୍ରେଷ୍ଠ ସ୍ତ୍ରୀ ପୁରୁଷ ସେ ଧର୍ମ ଗ୍ରହଣ କରିବାରେ କି ତାତ୍ପର୍ଯ୍ୟ ଅଛି ?

ପାଦ୍ରୀ ବୁଝାଇଲେ ଯେ, ସେ ଲାଲମୋହନଙ୍କୁ କଦାପି ଖ୍ରୀଷ୍ଟଧର୍ମର ଦୀକ୍ଷା ନେବାକୁ ପ୍ରଲୁବ୍ଧ କରିନାହାନ୍ତି; କେବଳ ଯୀଶୁଖ୍ରୀଷ୍ଟଙ୍କର ଅମୃତମୟ ମର୍ମବାଣୀ ସବୁରେ ଶୁଣାଉଛନ୍ତି ମାତ୍ର । ଲାଲମୋହନ ତାହା ଶୁଣି ଧର୍ମ ପରିବର୍ତ୍ତନପାଇଁ ବ୍ୟାକୁଳତା ଦେଖାଇବାରୁ ସେ ଦୀକ୍ଷା ଦେଇଛନ୍ତି ।

କିନ୍ତୁ ଏହା ସତ୍ୟ ନ ଥିଲା । ଯାହାହେଉ, ଲାଲମୋହନବାବୁ ଖ୍ରୀଷ୍ଟିଆନ ହେଲେ; କିନ୍ତୁ ତାଙ୍କର ସ୍ତ୍ରୀ ହିନ୍ଦୁଘରେ ବିବାହ କଲେ । ଶୁଣାଯାଏ, ପରେ ସେ ମଧ୍ୟ ଖ୍ରୀଷ୍ଟିଆନ ହେଲେ ।

ପିଲଙ୍କୁ ସ୍ନେହ ପ୍ରେମରେ ମୁଗ୍ଧ କରି, ହେମଙ୍କୁ ବୁଝାଇ ଧରି ନାନା ଆଶ୍ୱାସନା ଦେଇ ଡାକ୍ତରଣୀ ପୁଣି ଆଗକୁ ଚାଲିଲେ । ପୁରୋଲା ସମୁଦ୍ରକୂଳବର୍ତ୍ତୀ ଏକ ଚେଉଟ ଗ୍ରାମ; ସେହି ଗ୍ରାମ ନିକଟରେ ସମୁଦ୍ରର ଲୁଣିପାଣିକୁ କିଆରିମାନଙ୍କରେ ରଖି ସୂର୍ଯ୍ୟତାପରେ ଶୁଖ କରାଯାଏ । ଲୁଣର ବଡ଼ ଗୋଦାମ ସବୁ ଏଇଠି ଦେଖାଯାଏ ।

## ଧୀବରପଲ୍ଲୀ ପ୍ରବେଶ ଓ କୁନ୍ତଳାକୁମାରୀ—

ଏ ଧୀବର ପଲ୍ଲୀରେ ନାନା ବାଧାବିଘ୍ନ ସତ୍ତ୍ୱେ ସଂସ୍କାରକ ଜସ୍ମମଣ୍ଡଳ ଭଣ 'ପତିତପାବନ ମିଶନ' ନାମରେ ଏକ ଅନୁଷ୍ଠାନ କୁସଂସ୍କାର ବର୍ଜନ ଉଦ୍ଦେଶ୍ୟରେ ସ୍ଥାପନ କରିଥାନ୍ତି । ଗୋଟିଏ ସ୍କୁଲରେ ପଚିଶଟି ପିଲା ପଢ଼ନ୍ତି । ପୁଅଗୁଡ଼ିକ ଆଧୁନିକ ସାଜସଜ୍ଜାରେ ଭୂଷିତ । ହାଫ୍ ପ୍ୟାଣ୍ଟ, କୁର୍ତ୍ତା ପରିଧେୟ, ମୁଣ୍ଡର ବାଳ ଆଧୁନିକଭାବେ କଟାଯାଇଥାଏ । ସୁନ୍ଦର, ଦୁଇଗାଲ, ସୁଠାମ ଚେହେରାର ପିଲାଟିମାନ । ଝିଅଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ । ଶାଢ଼ୀ, ଫ୍ରକ୍ ଆଦି ପିନ୍ଧିଥାନ୍ତି । ଅଳଙ୍କାର ବର୍ଜିତ । ନାନା ଅଙ୍ଗଭଙ୍ଗୀ ସହ ସଂଗୀତ କରି ଏକ ଜଘନ୍ୟ କୁସଂସ୍କାରଚ୍ଛନ୍ନ ପଲ୍ଲୀରେ—ଧନ୍ୟ ସେ ଉଦ୍ୟମ—କରିଥାନ୍ତି । ପିଲାଙ୍କ ନାମ

ହରିଜନଙ୍କୁ ନେତାନେତ୍ରୀଙ୍କ ନାମରେ—ମୋହନଦାସ, ଅରବିନ୍ଦ, ଚିତ୍ତରଞ୍ଜନ, ମୋତିଲାଲ, ଲଜପତ୍, ବାଳଗଙ୍ଗାଧର, ଗୋପବନ୍ଧୁ, ଗୋପାଳକୃଷ୍ଣ, ବ୍ରଜଗୋପାଳ, ମଦନମୋହନ, ସରୋଜିନୀ, କମଳା, ରମା, କସ୍ତୁରୀ, ଲକ୍ଷ୍ମୀ, ବୃନ୍ଦାବତୀ, ପଦ୍ମାବତୀ, ପଦ୍ମିନୀ ଇତ୍ୟାଦି ଦିଆଯାଇଥାଏ ।

ଗ୍ରାମଠାରୁ କିଛି ଦୂରରେ କୁନ୍ତଳାକୁମାରୀଙ୍କ ମଟର ପହଞ୍ଚିବାମାତ୍ରେ ସମ୍ବର୍ଦ୍ଧନା ଆରମ୍ଭ ହେଲା । ଦୁଇଟି ପିଲା ଫୁଲମାଳ ପିନ୍ଧାଇଦେଲେ । ବିଭିନ୍ନ ଗ୍ରାମରୁ ଆସିଥିବା ସହସ୍ର ସହସ୍ର ନରନାରୀ ପତାକା ଧରି ହରିବୋଲ ଧ୍ୱନି ଦେଇ କୁନ୍ତଳାକୁମାରୀଙ୍କୁ ଢୋଲ, ବଂଶୀ, ବାଠ, ଖଞ୍ଜଣି, ପଟୁଆର, ଶିଙ୍ଗା, ଘଣ୍ଟ ବଜାଇ ଓ ତାଙ୍କ ନାମରେ ଏକ ପ୍ରାଣସ୍ପର୍ଶୀ ଗୀତ ଗାଇ ଯେପରି ପ୍ରଶସ୍ତି ଦେଲେ, ତାହା ଅନନ୍ୟ ଏବଂ ଅତୁଳନୀୟ ହୋଇଥିଲା । କୁନ୍ତଳାକୁମାରୀ ନିଜେ ତ ହିନ୍ଦୁ ନ ଥିଲେ—ଜନ୍ମରୁ ଖ୍ରୀଷ୍ଟିଆନ ନାଇଁ ପିଟିଏ, ସେ କି ଏବେ ବ୍ରାହ୍ମଧର୍ମ ନେଇଛନ୍ତି ! ଧର୍ମ ମଧ୍ୟ ନୂତନ । ଯେବେ ଭଲ କିଛି ପ୍ରଚାର କରାଯାଇଥିଲା, ତେବେ ତାଙ୍କୁ ଦେଖିବା ପରେ ସ୍ୱତୋତ୍ସାହ ଅନୁଗ୍ରହ ତାଙ୍କଠି ନ ଦେଖି ଲୋକେ ହତାଶ ହୋଇଥାନ୍ତେ । କିନ୍ତୁ ଜନତା ତାଙ୍କର ପଦେ କଥାରେ ଯେପରି ମାତିଲେ, ସେମାନେ ତାଙ୍କ ଜୀବନର ଜୀବନ ଏକ ଠାକୁରାଣୀଙ୍କ ଅବା ପ୍ରଶସ୍ତି ଦେଇଛନ୍ତି ।

କୁନ୍ତଳାକୁମାରୀଙ୍କୁ ଫୁଲମାଳ ପିନ୍ଧାଇବାପରେ ସେ କହିଲେ—“ଅରେ ପିଲେ, ଏଭଳି ପ୍ରଶଂସା ମତେ ଏପରି ସମାଦର କାହିଁ ? ମୁଁ ତ ତୁମ ସବୁର ସେବିକା !” ଏହାକୁ ଅତି ଧୈର୍ଯ୍ୟର ସହିତ ଜନତା ଶୁଣିଲେ; କିନ୍ତୁ ସହସ୍ର ଜନତା ଏକଧ୍ୱନିରେ କହିଲା— ‘ଗରିବ ହେଲେ ବି ତୁ ଆମର ମା’ରେ !’

ପଟୁଆର ଚାଲିଲା । କି ସୁନ୍ଦର ବ୍ୟବସ୍ଥା ! ଅଦ୍ୟାପି ଦୁଇ ହଜାର ନରନାରୀ ଚାଲିଥାନ୍ତି; କିନ୍ତୁ ସମସ୍ତେ ପଛରେ କେବଳ ଶୃଙ୍ଖଳା ଦେଖାଯାଉଛି । ମାଆ ବାଜେ ହୋଇଛନ୍ତି—ଏଥିଯୋଗୁଁ ଏ ଶିଷ୍ଟାଚାର ।

ଗ୍ରାମ ନିକଟ ହେଲା । ଶଙ୍ଖ, ହୁଳହୁଳିରେ ଗ୍ରାମ ଉଚ୍ଛୁଳି ପଡ଼ିଲା । ସେ ଗ୍ରାମର କେତୋଟି ପରିବାର ଏହି ସଂସ୍କାର କାର୍ଯ୍ୟରେ ଯୋଗ ନ ଦେଇ ଆଜି ମୁହଁ ଗମ୍ଭୀରତା ଧରି ବସିଥିଲେ । ଏହାଦ୍ୱାରା ସମାଜରେ ବିଭ୍ରାଟ ଉପୁଜିବ—ସେମାନେ ଏହି ଆଶଙ୍କା ପ୍ରକାଶ କରୁଥିଲେ । ଏପରିକି ଏହି କାର୍ଯ୍ୟରେ ସହଯୋଗୀମାନଙ୍କର କୁତ୍ସା ରଟନା କରୁଥିଲେ । ଗ୍ରାମର ମୁଖ୍ୟ ବେହେରା ବ୍ୟକ୍ତି ସମସ୍ତ ଧନୀ ପରିବାର ଏହି କାର୍ଯ୍ୟର ବିରୋଧରେ ଥିଲେ; କିନ୍ତୁ କୁନ୍ତଳାକୁମାରୀଙ୍କୁ ଦେଖିବା ମାତ୍ରେ ସେମାନଙ୍କର ପିଲାବାଳକମାନେ ଆକଣ୍ଠ ଅମାନ୍ୟ କରି ସଭାରେ ଆସି ଉପସ୍ଥିତ ହେଲେ । ଘରର ମାଇପେ ଯୋଗଦେବାକୁ ବୃଦ୍ଧମାନେ ବାଧ୍ୟ ହୋଇ ସେଠାକୁ ଆସିଲେ । ସଭା ଆରମ୍ଭ ହେଲା । ଶଶିଭୂଷଣ ରଥ ଏବଂ ଆଉ କେତେକ ଜଣ ଦଳନ୍ତୁ ଏକ ମଟରରେ ଏଥିପୂର୍ବରୁ ଆସିଥିଲେ । ଗ୍ରାମଟିର ସବୁ ପାଖେ ଦାଣ୍ଡ ଯେପରି ଓସାର

ଥିଲା, ଯେପରି ଏକ ମେଳା ଲାଗି ରହିଥିଲା । ସେଠି ସଭା ହେବାର ସବୁ ବନ୍ଦୋବସ୍ତ କରାଯାଇଥିଲା ।

ଜୟମଙ୍ଗଳ ବାବୁ ତାଙ୍କ ଦ୍ୱାରା ସଂସ୍କାରଭୁକ୍ତ ମୂର୍ତ୍ତିଗୁଡ଼ିକୁ ଗୋଟିଏ ପାଖରେ ଏବଂ ଗ୍ରାମର ଅସଂସ୍କୃତ ମୂର୍ତ୍ତିଗୁଡ଼ିକୁ ଅନ୍ୟ ପାଖରେ ବସାଇବା ଦୃଶ୍ୟ ବଡ଼ ଚମତ୍କାର ହୋଇଥିଲା । ଧନଘରର ବୋହୂ ଏବଂ ଝିଅମାନେ ଏଥର ଅନେକ ମାତ୍ର ବୁଲୁଲାଲୁଆଙ୍କୁ ଘେରିଯାଇଥିଲେ ।

ସଭାରେ ଡାକ୍ତରାଣୀ କହିଲେ—"ପିଲାମାନେ, ଜୟମଙ୍ଗଳବାବୁ ଦୁଇଟି ଦୃଶ୍ୟ ଆମ ସମସ୍ତଙ୍କୁ ଦେଖାଇ ଦେଉଛନ୍ତି । ଦେଖ, ଇଏର ପାଖେ ବସିଥିବା ମୂର୍ତ୍ତିଗୁଡ଼ିକ କି ପରିଷ୍କାର ପରିଚ୍ଛନ୍ନ ଏବଂ ସବୁ ବିଷୟରେ ଶିକ୍ଷିତ; କିନ୍ତୁ ଦକ୍ଷିଣ ପାଖରେ ବସିଥିବା ମୂର୍ତ୍ତିଗୁଡ଼ିକ କି ଅପରିଷ୍କାର ଏବଂ ବିଶ୍ରୀ ଦେଖାଯାଉଛନ୍ତି । ପିଚାଶି, ମଳ, କୋଚଗ୍ର, କଳା, ମାଟିଆଳ ଏସବୁ ଜିନିଷ ଅଣ—ତୁମକୁ ଯେପରି, ଆମକୁ ମଧ୍ୟ ସେହିପରି । ଧର, ଏମାନେ ସମସ୍ତେ ପଢ଼ିଲେ । ଧର କହ ତ ପିଲେ, ତୁମେମାନେ ଏଥିରୁ ପିଲାଙ୍କ ମଧ୍ୟରୁ କେଉଁ ଦଳକୁ ଆଦର କରିବ ?"

ସମସ୍ତେ କହିଲେ—"ଏ ଗୋଟାଏ କଥା ମାଆ ? ବର୍ଷାଦିନର ପଚମ୍ପିଶା ଢାଙ୍କି ବା ଏଣ୍ଡୁଅ ପାଣିଠୁ ଆମେ କଣ କାର୍ତ୍ତିକ ମାସର କାକବେନ୍ଧ ପାଣିଟା ଭଲ ବୋଲି ଜାଣିନୁଁ ? ସେହିପରି ଏକାପାଣି ହେଲେ କଣ ହେବ, କାର୍ତ୍ତିକ ମାସର ପାଣିଟା ଦେଖିଦେଲେ ଲୋଭ ହୋଇଯିବ । ସେ ପାଣିଟା ନିର୍ମଳ; ଦେହକୁ ହିତ ।"

ବୁଲୁଲାଲୁଆ କହିଲେ—"ବେଶ୍, ବେଶ୍, ତେବେ ଯେତେ ମଇଳା ହେଉ, ଲୁଗୁଣା ହେଉ, ତା ବାପମାଆ ପକ୍ଷରେ ତା ପିଲା ସେ ଅମୃତର ସରିବ ସ୍ୱା ମୁଁ କହୁନି ।"

ଜଣେ ବୁଢ଼ୀ ଉଠି କହିଲା—"ମା' ତା' କଣ କହୁଛ ? ଉର୍ଦ୍ଧ-ଧାରଣୀର ଭଲ କଣ ମନ୍ଦ କଣ ?"

ପୁଣି ସେ କହିଲେ—"ଜୟମଙ୍ଗଳବାବୁ ଯାହା କଲେ ତା' ସେ ତମ ପାଇଁ ନୂଆ କଥା, ତା ନୁହେଁ । ଆଗରେ ପିଲେ, ତମେ ତମ ବଣ୍ଟାଲଗୀ ପୁରୁଷ ଧନ ଯେମିତ ଧନୀ ଥିଲେ, ସେମିତ ବଡ଼ଲୋକ ଥିଲେ । ତମ ଧନ କଏ ଖାଇଯାଉଥିଲା । ତମର ବେଉସା କାହାର ଜଣେ ଏଇ ଓଡ଼ିଶାର ତାମ୍ରଲିପ୍ତରେ ରାଜା ଥିଲେ । ତାଙ୍କର ବଣିଜ ବେପାର ଥିଲା । ସେଇ ବେପାର ବାଟେ ହଜାର ହଜାର ବୋଇତ ଶ୍ୟାମ, ଲଙ୍କା, ଯବ, ବୋର୍ଣ୍ଣିଓ, ସିଂହପୁର, ଚୀନ ଆଦିକୁ ବଣିଜରେ ଯାଇ କୋଟି କୋଟି ଧନ ବୋହି ଆଣୁଥିଲେ । ସେହିପରି ଗୋଟିକ ବେପାର ନୁହେଁ, ଏମିତ କେତେ ବେପାର ତମର ଥିଲା । ତୁମ ପୂର୍ବପୁରୁଷଙ୍କର ଏକ ବିଶ କାଳୁବାଙ୍କ ନେଇଥରେ ଅଶୋକ ଯୁଦ୍ଧ କରିଥିଲେ । ବୌଦ୍ଧ ହେବାପରେ ଯାଇ ସେ ଅଶୋକଙ୍କୁ ବିଷ

ହୋଇଥିଲେ । ଭାରତ ସମ୍ରାଟ ଅଶୋକ ତୁମର ସେହି ହିଂସ୍ର ରୂପଗୁଣରେ ଏତେ ମଜ୍ଜି ଗଲେ ଯେ ତାଙ୍କୁ ପାଇବେ ବୋଲି ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିଦେଲେ । ତୁମର ଭିତରୁ ଜଣେ କନ୍ୟା ସତ୍ୟବତୀ ଯେବେ ସୃଷ୍ଟି ନାରୀ ମହାଗୁଣୀ ହୋଇଥିଲେ । ତୁମେ ତାଙ୍କୁ ନ୍ୟୂନ ମନେକରନାହିଁ । ଧୀବରକନ୍ୟାର ପୁତ୍ର ମହର୍ଷି କୃଷ୍ଣଦ୍ୱୈପାୟନ ବେଦବ୍ୟାସ; ସେ ବେଦକୁ ସରଳ ସୁର ସ୍ୱରରେ ବିସ୍ତାର କରିଥିଲେ । ସେହି ମହାଭାରତ ପରି ଇତିହାସ ଲେଖିଥିଲେ । ସେହି ଧୀବର ଜାତିର କନ୍ୟାବଂଶ ତୁମେ ସମସ୍ତେ ଓଡ଼ିଆ । ତୁମର ଜଗନ୍ନାଥ, ଭୁବନେଶ୍ୱର, ବାରବାଟୀ, କୋଣାର୍କ ଆଦି ଗର୍ବରେ କି ପ୍ରକାଣ୍ଡ ମନ୍ଦିର ଦେଖୁ ଅଧୀର ନ ହୋଇଛ ? ତୁମ ପୂର୍ବପୁରୁଷ ମହା ସୁଖରେ ଥିଲେ; ସୁନା ବାଣ୍ଟୁଥିଲେ । ଆଜି ତୁମେ ଦୁଇ ଓଳା ପେଜ ପିଇବାକୁ ପାଉନାହଁ । ଦୁଇ ଖଣ୍ଡ ମୁଠେ ପେଟକୁ ପାଉନାହଁ । ତମେ ଅଜ୍ଞାତ, ତମେ ଯେତେକ ଦେଖିବ ସେହି ତୁମର ଅବସ୍ଥା । ମତେ ଜଣେ ପଣ୍ଡିତ କହନ୍ତି ଯେ ଓଡ଼ିଆମାନେ ଓଲାଗୁ ଲୁଗା ପରି ଜାଣି ନ ଥିଲେ; ଅଣ୍ଟା ନ ଲୁଚିବା ଯାଏ କେବଳ କାନିକାଟିଥିଲେ । ପଣ୍ଡିତେ ସେତେକ ଦେଖିଛନ୍ତି, ତେଣୁ ଏହି ମୀମାଂସା କଲେ । ହାୟ, ଏ ଜାତିର ବସ୍ତ୍ର-ଶିଳ୍ପ ସମଗ୍ର ଧରଣୀରେ ଅତି ଉତ୍କୃଷ୍ଟ ଥିଲା । ତେଣୁ ଦୁଃଖୀରୁର ଉପର ବସ୍ତ୍ରକୁ, ଶାଢ଼ୀକୁ ଲୋକେ 'କଳଙ୍ଗ' ନାଁ ଦେଇଥିଲେ । ବିଦେଶୀ ସାଥିରେ ଗତ ୫୦୦ ବର୍ଷ ଲଢ଼ି ଲଢ଼ି ଆମ ଜାତି ଏପରି ଦୁର୍ବଳ ହୋଇଯାଇଛି; ଧନହୀନ ହୋଇଯାଇଛି । ନ ହେଲେ ଏ ଦେଶଭୂଷା କଣ; ଏହାଠାରୁ ଶହେଗୁଣରେ ବେଶଭୂଷା ତୁମର ଥିଲା । ତୁମର ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ, ଗଠନ ଅପୂର୍ବ ଲକ୍ଷ୍ୟଥିଲା । ତୁମେମାନେ ଏ ସମ୍ପଦକୁ ଘୃଣା କରନାହିଁ । ସମସ୍ତେ ଏହି ସାଧୁକାର୍ଯ୍ୟରେ ଯୋଗ ଦିଅ । ଦେଖିବ ତୁମର ବହୁତ ମଙ୍ଗଳ ହେବ । ତୁମକୁ ଦେଶ ଘୃଣା କରିବେନାହିଁ । ବରଂ ତୁମେ ସମ୍ମାନିତ ହେବ । ଏହା କାହାଠାରୁ ମାଗି ଆଣିଲା ସଂସ୍କାର ନୁହେଁ: ଏହା ତମ ପୂର୍ବପୁରୁଷର ପ୍ରକୃତ ସ୍ୱରୂପ । ମନ୍ଦିରମାନଙ୍କରେ ଗଠିତ ମୂର୍ତ୍ତିଗୁଡ଼ିକ ତୁମର ପୂର୍ବପୁରୁଷଙ୍କର ମୂର୍ତ୍ତି ନୁହେଁ ତ ଆଉ କଣ ?"

ଘଣ୍ଟେ ଦୁଇଘଣ୍ଟା କାଳ କହିବା ପରେ ଶଙ୍ଖ ଶଙ୍ଖ କରତାଳି ବାଜି ହେଲା—ମା' କଣ ଏତେକ କହିବେ ? ଆଶ୍ଚର୍ଯ୍ୟ ! ମନୁଷ୍ୟଙ୍କୁ ପରି ଜନତା ଉଚ୍ଛ୍ୱାସିଆନ୍ତି । "ମାଆ ଅମୃତ ବର୍ଷା କରୁଛନ୍ତି'' ବୋଲି ବୁଢ଼ା ସବୁଜାର ମତ ଦେଲେ ।

ଏତିକିବେଳେ ଶବରଜାତିର ବା ବେହେରା ପ୍ରଧାନର ସ୍ତ୍ରୀ ଝିଅ, ଯେ ବସି ହୋଇନାହିଁ, ଠିଆହୋଇ କହିଲା—"ମା, ଅନୁମତି ହେଲେ ପଦେ କହିବି । ବଡ଼ଲୋକଙ୍କୁ ଉଦର ନାହିଁ କି ସ୍ୱର୍ଗକୁ ନିଶ୍ଚିନ୍ତି ନାହିଁ । ଆପଣ ମା' ବଡ଼ଲୋକ, ଠାଆକୁ ଠାଆକୁ ଆସିଛନ୍ତି । ଦେଖ ଯେ ଅପଣଙ୍କୁ ସମସ୍ତେ ମାନୁଛନ୍ତି, ସବୁକଥା ମନଦେଇ ଶୁଣୁଛନ୍ତି । ମା' ତମେ ଚାଲିଗଲା ପରେ ତୁମ ବାଟରେ ଆମେ ଚାଲିଲେ ମୋର ପରି ବାଘ, ଦେଖିଲୁ ବୋଲି ତ ଝିଅମାନେ ଗାଳି ଶୁଣିବେ । ଶୁଣ ମା' ମୋ କଥା କହେ । ମୁଁ ଜମ୍ମାଣିଆବାବୁଙ୍କର ନାମ ଦେଇଁ ଗପରି କଲି । ଏକାଙ୍କାଭିତର ମୋ ବାପା ମାଆଙ୍କୁ

ବସ୍ତ୍ର ବଦଳାଇ ଦେଇ ଏଲୋମିନ୍ ପିଣ୍ଡଲ୍ ଓ ବ୍ଲାଙ୍କେଟିଏ ଲଗାଇଲି । ଶୀତରେ ଥରୁଥାଏ ଝୋଭ କଥା ତାଙ୍କୁ ହେଲା । ମୋ ବଂଶ ଦେବସ୍ୱ ପ୍ରଧାନ । ମୁଁ ଜାତ ଏକମାତ୍ର ଝିଅ । ଏଇ ଗାଁର ସ୍ୱାମୀ ଯିଏ ପ୍ରାଣ୍ଟର କହେ ମୁଁ ଏକ ଡାକ୍ତର, ସେଇଥିପାଇଁ ଏପରି ବେଶ ହୋଇଛି । ମୁଁ ଏବେ ଷୋଡ଼ଶବର୍ଷ ହେଲା ଅନ୍ନଶାସ୍ତ୍ରୀ ଯାଉଛି । ଶାହାଡ଼ା ଗଛକୁ ଚଢ଼ି ହେଲି । ବାଧା ସମୁଦ୍ର କରିପାରୁ ନାହିଁ । ମୁଁ ମୋ ମାମୁଘରର ଚଳୁ ମାଇଲର ପାଣି କରୁଛି । ବଞ୍ଚି ନ ହେଲା ନ ହେଲି । ମୁଁ ଜନ୍ମ ହେବି । ମୋ ବାପର ସଂପତ୍ତି ଅଛି । ସେ ତୋତେ ସବୁ ସୁବିଧା କରିଦେବେ । ଏବେ ତୁମ ହାତରେ ଶିକୋ ଉଦ୍ଧାରପାଇଁ କିଏ କଣ କରିବ ?"

ସଭା ସ୍ତମ୍ଭିତ ହୋଇଗଲା । ଦେବଦେବୀ ପ୍ରଧାନ ଝିଅ 'ପ୍ରତିମା'ର ଏ ଅଭିଯୋଗରେ କୌଣସି ମିଛ ନ ଥିଲା । କୁନ୍ତଳାଙ୍କର ପ୍ରତିମା ମଞ୍ଚରେ ପ୍ରତିମାଟିଏ । ଉଜ୍ଜ୍ୱଳ ଚେହେରା ନାକଗୁଣା ସେ ଲଗାଇ ନ ଥାଏ, କାନ୍ଦୁଥିବା ପଥରବନ୍ଧା ଗୋଟିଏ ଫୁଲ ଲଗାଇଥାଏ । ସୁସ୍ଥ ଆଧୁନିକା । ଗଢ଼ଣ ଅତ୍ୟନ୍ତ ମନୋରମ ।

କୁନ୍ତଳାକୁମାରୀ କ'ଣ କହିବେ ବୋଲି ଭାବୁଥିବାବେଳେ ଏକ ଅଭୂତପୂର୍ବ ଘଟଣା ଘଟିଗଲା । ଗୋଟିଏ ଧନୀ ଘରର ଯୁବକ ଦଉଡ଼ି ଆସି ପ୍ରତିମାର ପାଦତଳେ ପଡ଼ି କାନ୍ଦି କାନ୍ଦି କହିଲା—"ପ୍ରତିମା, ଗାଁର ଇଜ୍ଜତ ରଖ । ମୋତେ କ୍ଷମା କର । ପ୍ରତିମା, ଦୋଷୀକୁ ଦଣ୍ଡ ଦେ, ଗାଁର ମାନ ରଖ । ମାଆ ବଡ଼ ହୋଇଛନ୍ତି । ସେତେବେଳେ ଅପବାଦ ସବୁ ମୁଁ ଭଲ ପାଇଛି । ମୋର ଜ୍ଞାନ ନ ଥିଲା । ଏବେ ବୁଝିଲି ଦେଖିବା ଶତ, କେଉଁଠା ନିଅ ।"

ପ୍ରତିମା କାନ୍ଦିଲା । ସମସ୍ତ ଜନତା କାନ୍ଦିଉଠିଲେ । ଗାଁର ବିବାଦ 'ଶଙ୍ଖ ଘଣ୍ଟ' ଯୋଗୁଁ ଦଣ୍ଡକେ ଭୁଲିଗଲା ।

ଏହି ଘଟଣା ଲେଖିଲା ଏହି ଘଟଣାର କେତେ ମାସ ପରେ ସୁରେନ୍ଦ୍ରବାବୁ ଆଉ ଥରେ ଆସିଥିଲେ—ଏକାକୀ । କୁନ୍ତଳାକୁମାରୀ ଏକଶତ ଟଙ୍କା, ଗୋଟିଏ ହାରମୋନିୟମ ଯନ୍ତ୍ର, ଅନେକଗୁଡ଼ିଏ ବହି ପତିତପାବନ ମିଶନର ପିଲାଙ୍କ କଲ୍ୟାଣକୁ ପଠାଇଥିଲେ । ସେତେବେଳେ ସେ ଜାଣିପାରିଥିଲେ ସେ ସମସ୍ତ ବେଶ୍ୟାଙ୍କ ଝିଅମାନଙ୍କୁ ଏହି ପ୍ରକାର ଗ୍ରହଣ କରିବାକୁ ନ୍ୟାୟରେ ସିଦ୍ଧାନ୍ତ କରାଯାଇଥିଲା । ଏପରିକି ପ୍ରତିମା ଓ ଶଙ୍ଖଧରର ବିବାହ ହୋଇ ସେମାନେ ପରମ ସୁଖରେ କାଳ କଟାଉଥିଲେ ।

ଏହି ସବୁ ସେ ନିଜ 'ଦୈନିକ ଆଶା' ଏବଂ 'ନବୀନ' ଆଦି କାଗଜ ଲେଖିଥିଲେ—

### ପତିତପାବନ ମିଶନ

"୨୯ ତାରିଖ ସକାଳେ ପତିତପାବନ ସଂଘର କାର୍ଯ୍ୟ ଦେଖିବାକୁ କୁନ୍ତଳା ଦେବୀ ଜଗନ୍ନାଥବାବୁଙ୍କ ସହିତ ସୁରେନ୍ଦ୍ରକାରେ ପହଞ୍ଚିଥିଲେ । ମଟର ସୁରେନ୍ଦ୍ରଲାରେ ଠିଆହେବା ମାତ୍ରେ ଜୟଧ୍ୱନିରେ ସୁରେଲା ପୂର୍ଣ୍ଣ ହୋଇଉଠିଲା ।

ସଂକୀର୍ତ୍ତନ ଆଉ ଶୋଭାଯାତ୍ରା ସହିତ ଏମାନଙ୍କୁ ପୁରୁଲିଆବାସୀ ସଭାମଣ୍ଡପକୁ ନେଇଥିଲେ । ସେଠାରେ ରଘୁନାଥଲାଲବାବୁ ଗ୍ରାମବାସୀଙ୍କୁ କୁନ୍ତଳା ଦେବୀଙ୍କର ପରିଚୟ ପ୍ରଦାନ କଲେ । କୁନ୍ତଳା ଦେବୀ ପୁରୁଲିଆବାସୀଙ୍କ ସରଳ ଅଭ୍ୟର୍ଥନାରେ ସନ୍ତୁଷ୍ଟ ହୋଇ କୈବର୍ତ୍ତମାନଙ୍କର ପୁରାତନ ଇତିହାସ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କହିଥିଲେ ଯେ ପତିତ ଜାତିର ସେବାରେ ସେ ନିଯୁକ୍ତ ଥିବାରୁ ଭଗବାନ ଆଜି ତାଙ୍କୁ ଏ ସୁଦୂର ଗ୍ରାମରେ ତାହାର ପୁରସ୍କାର ଦେଇଅଛନ୍ତି । ଅସ୍ପୃଶ୍ୟ ଅନୁନ୍ନତ ଜାତିର ଲୋକଙ୍କୁ ପତିତ ନ କହି ପଦଦଳିତ ଓ ଅତ୍ୟାଚାରିତ କହିବା ଉଚିତ ବୋଲି ସେ ବ୍ୟକ୍ତ କରିଥିଲେ । ପୁରୁଲିଆର କେଉଟ ଜାତିର ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କୁ ଭିନ୍ନ ଭିନ୍ନ ଭାବରେ ସମ୍ବୋଧନ କରି ବହୁତ ଉପଦେଶ ପ୍ରଦାନ କଲେ । ଏମାନେ ବା ଗ୍ରାମର ଏକ ଅଶାନ୍ତି ଦୂର କରିଥିଲେ ଏବଂ ପତିତପାବନ ମିଶନ ସହରରେ ଯେଉଁସବୁ ଉନ୍ନତି କରୁଥାଇଅଛି, ତାହାର ପ୍ରଶଂସା କରି ସମସ୍ତଙ୍କୁ ସେଥିରେ ଯୋଗଦେବା ପାଇଁ ଅନୁରୋଧ କଲେ । ସଭା ଭଙ୍ଗହେବାରୁ 'ପତିତପାବନ ମନ୍ଦିର'କୁ ଯାଇ ପତିତ ଜାତିର ଉଦ୍ଧାର ନିମନ୍ତେ ପ୍ରାର୍ଥନା କରିଥିଲେ । ସେଠାରେ ନୈଶ-ବିଦ୍ୟାଳୟ, ସେବାଶ୍ରମ, ପାଠାଗାର ଇତ୍ୟାଦିର କାର୍ଯ୍ୟ ଦେଖି ଆନନ୍ଦ ପ୍ରକାଶ କଲେ ଏବଂ କହିଲେ ଯେ ସେ ଏହି ଅନୁଷ୍ଠାନମାନଙ୍କର ଉନ୍ନତି ସକାଶେ ଯଥାସାଧ୍ୟ ଚେଷ୍ଟା କରିବେ ।

(ଆଶା, ବ୍ରହ୍ମପୁର ୩୦-୧୨-୨୭)

ଏହାପରେ କୁନ୍ତଳାକୁମାରୀ ବ୍ରହ୍ମପୁର ହେଙ୍ଗରଅସି ମହିଳା ସମାଜରେ ସଭାନେତ୍ରୀ ଭାବରେ ଯୋଗ ଦେଇଥିଲେ । ବ୍ରହ୍ମପୁର ମହିଳା ସମାଜ ଖୁବ୍ ଅପୂର୍ବ ଭାବେ ସଜ୍ଜିତ କରାଯାଇଥିଲା । ଆଜି ଜମିଦାରମାନଙ୍କ ମହଲ ପର୍ଦ୍ଦା ମଧ୍ୟରେ ଥିବା ବହୁ କୁଳୀନ ଓଡ଼ିଆ ରମଣୀ ଏ ସଭାରେ ଯୋଗଦେଇଥିଲେ । କେବଳ ସଭାରେ ପୁରୁଷମାନଙ୍କୁ ଯୋଗଦେବା ନିଷେଧ ଥିଲା ।

କୁନ୍ତଳାକୁମାରୀଙ୍କ ସବଦା କହୁଥାନ୍ତି—ବିଭିନ୍ନ ପୁରର ସୁବାସିତ ପୁଷ୍ପରାଶିମଣ୍ଡିତ ଏକ ମନୋହର ଉପବନ ପ୍ରାୟ ଏପରି ରମଣୀୟ ନାରୀଗୋଷ୍ଠୀ ସେ କେବେ ଦେଖିନାହାନ୍ତି ଅଥବା କଳ୍ପନା ମଧ୍ୟ କରି ନ ଥିଲେ । ମହୁରୀ ରାଜପରିବାରର ବହୁ ରାଜକନ୍ୟା ଓ ରାଜବଧୂ ଏହି ସଭାରେ ଯୋଗଦେଇଥିବାରୁ ଏହି ଲେଖକଙ୍କୁ ସଭାଗୃହ ମଧ୍ୟକୁ ପ୍ରବେଶପାଇଁ ମଧ୍ୟ ପ୍ରଥମେ ଅନୁମତି ମିଳି ନ ଥିଲା । ଏପରି ମୁଁ ବହାରୁ ବୁଲିଯିବାରୁ ଯୋଗ୍ୟବେକ ଡାକ୍ତରଣୀଙ୍କୁ କହିବାରୁ ଶେଷ, ମଣ୍ଡ କଣ୍ଡୋବ ଦେଖି ଅନୁମତି ଦିଆଗଲା । ଖଣ୍ଡିଏ ଚୌକି ମଧ୍ୟ ଟେବୁଲର ଏକ ପାର୍ଶ୍ୱରେ ମିଳିଲା । ସମସ୍ତ ସ୍ଥଳରେ ନାରୀ ପୂରିଯାଇଥିଲେ । ଜଣେ ଅଭିଭାଷଣୀ ଇଂରେଜୀ ଏବଂ ତେଲୁଗୁ ଭାଷାରେ ନିଜର ବକ୍ତୃତା ଦେଇ କୁନ୍ତଳାକୁମାରୀଙ୍କର ଭୂୟସୀ ପ୍ରଶଂସା କଲେ । କେତେକ ମହିଳା ଓଡ଼ିଆରେ ମଧ୍ୟ ଭାଷଣ ଦେଲେ ।

କୁନ୍ତଳାକୁମାରୀ ଏହାଁ ଦେଢ଼ଘଣ୍ଟାକାଳ ନାରୀଜାତିର ବୈଶିଷ୍ଟ୍ୟ ଓ ପର୍ଦ୍ଦାପ୍ରଥା ସମ୍ବନ୍ଧ ବୋଲି ବକ୍ତୃତା କଲେ । ସେ ସମସ୍ତ ଭାଷଣ ଓଡ଼ିଆରେ, କିନ୍ତୁ କେତୋଟି ଧାଡ଼ି ଇଂରେଜୀରେ ଏହି ମର୍ମରେ କହିଲେ ଯେ—'ଦାକ୍ଷିଣାତ୍ୟର ଭଉଣୀମାନେ, ଯେଉଁମାନେ ଏଠାରେ ଅଛନ୍ତି, ସେମାନେ କେହିଁ ଓଡ଼ିଆ ଭାଷା ଜାଣନ୍ତି । ଗଞ୍ଜାମ ଆଜି ମାନ୍ଦ୍ରାଜ ଅଧୀନରେ ଶାସିତ ହେଉଥିଲେହେଁ ତାହା ଓଡ଼ିଆ ଅଞ୍ଚଳ । ଭଉଣୀମାନେ କ'ଣ କହିବେ ଯେ ମାନ୍ଦ୍ରାଜରେ ରାଜଧାନୀ ଅଛି ଏବଂ ଆନ୍ଧ୍ରମାନେ ତାମିଲଙ୍କଦ୍ୱାରା ଶାସିତ ହେବା ଯୋଗୁଁ କଣ ଆନ୍ଧ୍ରଭାଷୀ ଅଞ୍ଚଳ ଆନ୍ଧ୍ର ରାଜ୍ୟ ନୁହେଁ, କିମ୍ବା କେରଳୀମାନେ ଅଲଗା ସ୍ୱତନ୍ତ୍ର ପ୍ରଦେଶ ଦାବି କରିବେ ?" ସେ ଭାଷଣଟି ଉପସ୍ଥିତ ଅପରିଚିତା ଭାବ ବହୁ ଆଞ୍ଚଳିକା ଶ୍ରୋତା ରମଣୀବର୍ଗଙ୍କୁ ମୋହିତ କରାଇଥିଲେ । ପର୍ଦ୍ଦାପ୍ରଥା ସମ୍ବନ୍ଧରେ ସେ ଅକାଟ୍ୟ ଯୁକ୍ତି ଦେଇଥିଲେ । 'ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ'—ପାର୍ବତୀ କଳ୍ପନାକର ତ—ତାଙ୍କର ପର୍ଦ୍ଦା କାହିଁ ? ତାଙ୍କର ମୂର୍ତ୍ତି ତ ଅଖିଳ ଜଗତ ଦେଖୁଛନ୍ତି ? ତାଙ୍କଠୁ ଆମେ କଣ ବଡ଼ ? ଲଙ୍କାର ରାଜା ବିଭୀଷଣ ସୀତାଙ୍କୁ ପର୍ଦ୍ଦା ଦେଇ ରାମଚନ୍ଦ୍ରଙ୍କ ନିକଟକୁ ଆଣିବା ଦେଖି ଲୋକ ବର୍ଗ ମଧ୍ୟରେ ହାହାକାର ଉଠିଥିଲା । ସେମାନେ ସୀତାଙ୍କପାଇଁ ଏତେ ପରିଶ୍ରମ କଲେ ତାଙ୍କୁ ଦେଖି ମଧ୍ୟ ପାରିବେ ନାହିଁ ! ରାମଚନ୍ଦ୍ର ଶୁଣିଲେ । ସେ କହିଲେ—ଆଶ୍ରିତ ଭିକ୍ଷାର୍ଥୀ, ପ୍ରାଚୀର, ବସନ, ଗୃହ, ପ୍ରାକାର ଏସବୁ ନାରୀର ପର୍ଦ୍ଦା ବା ଆବରଣ ନୁହେଁ । ସ୍ୱାମୀଙ୍କ ସମ୍ମାନରେ ନାରୀ ଆବୃତ ହୋଇଥାଏ । ଏହା ରାମାୟଣରେ ଲେଖାଅଛି ।

ଆଉ କେତେକ କଥା ମଧ୍ୟ ସେ କହିଥିଲେ—ଦାକ୍ଷିଣାତ୍ୟର ନାରୀସମାଜ ପରି ଆମେ ଉନ୍ନତ ହୋଇପାରିନାହୁଁ ।

ଏ ସମ୍ପର୍କରେ 'ଆଶା'ରେ ତା ୩୦।୧୨।୨୭ରେ ପ୍ରକାଶିତ ହୋଇଥିଲା—

"ସୁବେଳାରୁ ଡାକ୍ତର କୁନ୍ତଳା ଦେବୀ ବ୍ରହ୍ମପୁର ମହିଳା ସମାଜ ହଲ୍‌ରେ ସମବେତ ସ୍ତ୍ରୀମାନଙ୍କୁ କହିଥିଲେ ଯେ ସ୍ତ୍ରୀ ଶକ୍ତିରୂପିଣୀ । ଶକ୍ତି ଜାଗରିତ ନ ହେଲେ ଭାରତର ଉଦ୍ଧାର ଅସମ୍ଭବ । ଘରଦ୍ୱାର ଭିତରେ ରହି ପୁରୁଷର ସମ୍ପୂର୍ଣ୍ଣ ଅଧୀନତା ସ୍ୱୀକାର କରିଥିବା ପର୍ଯ୍ୟନ୍ତ ଶକ୍ତି ଜାଗରିତ ହୋଇ ପାରିବ ନାହିଁ । ସଭାରେ ବହୁତ ଅନ୍ଧ୍ର ମହିଳା ଯୋଗ ଦେଇଥିଲେ । କୁନ୍ତଳା ଦେବୀ ସେମାନଙ୍କୁ କହିଲେ ଯେ ଦାକ୍ଷିଣାତ୍ୟର ରମଣୀଗଣ ଉଠିଛନ୍ତି ଏବଂ ସେମାନେ ହିଁ ଭାରତର ନାରୀଜାତିର ନେତୃତ୍ୱ ଗ୍ରହଣ କରିବେ ।"

**ସେ ବେଳରେ ଓଡ଼ିଆ ସାହିତ୍ୟ ସେବୀ କେତେକ କଥା ଓ ସାହିତ୍ୟରେ ତାଙ୍କର ସ୍ଥାନ—**

୧୯୨୭ ବର୍ଷଟି ଥିଲା କୁନ୍ତଳାକୁମାରୀଙ୍କ ପାଇଁ ଯେତେ ସେତେ ଚିନ୍ତା ଆସେ ଉତ୍କଳରେ ସ୍କୁଲ୍ ଶିକ୍ଷକଗୋଷ୍ଠୀରୁ ଆସେ ଅଧିକ । ସେମାନେ ସମସ୍ତେ କୁନ୍ତଳାକୁମାରୀଙ୍କ

କବିତାକୁ ପାଠ କରନ୍ତି ଏବଂ ତାହା ପାଣ୍ଡିତ୍ୟ ଏବଂ ପଠନୀୟ, ଶିକ୍ଷଣୀୟ ମନେକରନ୍ତି; କିନ୍ତୁ ତତ୍କାଳୀନ ନବୀନ ଗୋଷ୍ଠୀରୁ କେତେ ଜଣ ତାହା ଗତାନୁଗତିକ ରଚନା ବୋଲି ଉପହାସ କରୁଥାନ୍ତି ।

ପରେ ଦେଖାଗଲା ନବୀନମାନେ ଯେଉଁ ସାହିତ୍ୟ ସୃଷ୍ଟି କଲେ, ତାହା ଓଡ଼ିଆ ଜାତିର ଅଗ୍ନିମନ୍ତ୍ରରେ ଯୁଗୋପଯୋଗୀ ହୋଇପାରିନାହିଁ । ଫୌଜ ନେତା ସେମାନଙ୍କୁ ବାହାବା କେତେଟି ଦେଇଥାଇ ପାରନ୍ତି; କିନ୍ତୁ 'ଉତ୍କଳ ସାହିତ୍ୟ' ପ୍ରକାଶିତ ହେବା ଦିନଠାରୁ ଖାସ୍ ଓଡ଼ିଆ ଜନନୀ ମଧ୍ୟରେ ଗ୍ରନ୍ଥ କ ପାଇବାକୁ ଏବେ ମଧ୍ୟ ସେଗୁଡ଼ିକ ଜନସାଧାରଣରେ ପ୍ରିୟ ହୋଇପାରିନାହିଁ । ଆଧୁନିକ ଶିକ୍ଷିତ ଗୋଷ୍ଠୀ ଗୋଟିଏ ନୂତନ ଯୁଗ ସୃଷ୍ଟି କରିବାକୁ ଯେଉଁ କଳ୍ପନାଧାରା ଧରିଥିଲେ, ସେଥିରେ ସେମାନେ ଓଡ଼ିଆ ଭାଷାର ପାରମ୍ପରିକ ପ୍ରୟୋଗକୁ ଧରିପାରୁନଥିଲେ । ସହସ୍ର ସହସ୍ର ବର୍ଷ ଧରି ଯେଉଁ ଭାଷା ଏକ ଉନ୍ନତ ସ୍ତରରେ ଗଢ଼ି ହୋଇ ଯାଇଥିଲା, ତାକୁ ଏପରିଭାବରେ ବଦଳାଇ ଦେବାର କ୍ଷମତା ସେମାନଙ୍କର ନଥିଲା । ରାଧାନାଥ, ମଧୁସୂଦନ ଯେଉଁ ସାହିତ୍ୟ ଲେଖିଲେ, ସେମାନେ ଶିକ୍ଷାଳୟରୁ କର୍ତ୍ତା ହେତୁ ତାହା ଚଳାଇ ଦେଲେ । ମଧୁସୂଦନ ରାଓ କଟକ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର ଥିଲେ । ସେଠାରୁ ସମସ୍ତ ଉତ୍କଳର ତତ୍କାଳୀନ ମଧ୍ୟ-ଓଡ଼ିଆ ପାସ୍ (ଭର୍ଣ୍ଣାକ୍ୟୁଲର) ମାନେ ଟ୍ରେନିଂ ପାଇବାକୁ ଆସୁଥିଲେ । ମଧୁବାବୁଙ୍କ ପ୍ରଭାବ ସେମାନଙ୍କ ଉପରେ ପଡ଼ୁଥିଲା । ତେଣୁ ସେମାନେ ତାଙ୍କ କବିତା ଓ ଗଦ୍ୟଲେଖା ପାଠ୍ୟପୁସ୍ତକ ହେବା ହେତୁ ଯେପରି ଭାବେ ଶିଖିଥିଲେ, ସେପରି ପ୍ରଚାର କରୁଥିଲେ । ସ୍କୁଲର ଆବୃତ୍ତିବେଳେ ମଧୁବାବୁଙ୍କ କବିତା 'ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ' ଜଣେ ଛାତ୍ର ପଢ଼ିଲା; କିନ୍ତୁ ଜଣେ ଛାତ୍ର ବର୍ଷ-ରାମାୟଣରୁ ଛାନ୍ଦ ବୋଲି ଗାଇଲା । ମଧୁବାବୁ ଏଠାରେ ଜନତା ନିକଟରେ ପ୍ରଥମେ ପ୍ରଥମେ ଅବୋଧ ରହୁଥିଲେ । ଏବେ ମଧ୍ୟ ସେ ବହୁ ଲୋକଙ୍କ ପାଖରେ ଅବୋଧ ଅଛନ୍ତି । ରାଧାନାଥଙ୍କ ବହି ମଧ୍ୟ ପାଠ୍ୟପୁସ୍ତକ ହୋଇଥିଲା । ପଣ୍ଡିତମାନେ ତାର ବହୁଳ ପ୍ରଚାର କରୁଥିଲେ ଓ ଏପରି କହୁଥିଲେ ଯେ ରାଧାନାଥଙ୍କ କାବ୍ୟରୁ ଗୋଟିଏ ଶବ୍ଦ ଯେବେ ଉଠାଇ ନିଆଯାଏ, ସେହି ଶବ୍ଦଟି କାବ୍ୟଗତ କଦାପି ଆଉ ପ୍ରତିଶବ୍ଦଟିଏ ବସାଇ ହେବ ନାହିଁ । ପୁନଶ୍ଚ ରାଧାନାଥ ପ୍ରାଚୀନ ଗ୍ରନ୍ଥ-ସାହିତ୍ୟର ଭାବମାଧୁରୀରୁ କେତେକାଂଶକୁ ପାଶ୍ଚାତ୍ୟ ଛାଞ୍ଚରେ ରଖାଇ, ଆଦିରସର ପ୍ରଲୋଭନମୟ ଚିତ୍ର ଅଙ୍କନ କରି, ଉତ୍କଳ ଜାତିକୁ ପ୍ରଲୋଭିତ ଭାବେ ଦେଇ, କାଳିଦାସ ମନୋଭାବ ଓ କାଳିଦାସଙ୍କ ଭିତ୍ତିଭୂମି ଉପରେ ପ୍ରକୃତିବର୍ଣ୍ଣନାକୁ ସ୍ଥାନ ଦେବାରୁ ତତ୍କାଳୀନ କେତେକ ଶିକ୍ଷିତଙ୍କ ମଧ୍ୟରେ ଆଦର ପାଇପାରିଥିଲେ । ତଥାପି ଜଣେ ସାହିତ୍ୟିକ ତାଙ୍କ ବହୁକାଳରେ ୧୮୯୩ରେ 'ଇନ୍ଦ୍ରଧନୁ' ପ୍ରକାଶିତ ପ୍ରଖ୍ୟାତ ଲେଖକ ଅଭିରାମ ଭଞ୍ଜଙ୍କ ଲେଖାରେ ଅଳ୍ପ ବ୍ୟଙ୍ଗବାଣୀ କରି ନାହାନ୍ତି ।

ଏହାଦ୍ୱାରା ଏପରି ଅବସରରେ କୁନ୍ତଳାକୁମାରୀ ଜନସାଧାରଣଙ୍କ ପ୍ରିୟ କବିତା କାହୁ ଲେଖି ବେଶ ନାଁ କରିଦେଲେ । 'ଅର୍ଚ୍ଚନା'ରେ ସେ ସ୍ୱଦେଶ, ସ୍ୱରାଜ୍ୟ ଆଦି ଯେଉଁ

କବିତାମାନ ଲେଖିଲେ । ଏହି ଉତ୍ସବରେ ତାଙ୍କ ଗ୍ରାମେ ଗ୍ରାମେ, ନଗରେ ନଗରେ ସର୍ବତ୍ର ଜନଜାଗରଣ ସୃଷ୍ଟିଭଳି ଦେଇ ବୁଲିଲେ । କୁନ୍ତଳାକୁମାରୀଙ୍କ କବିତା ଘରେ ଘରେ ପଠିତ ହେଲା ।

ସେହି ସମୟରେ ଯେଉଁ ସମସ୍ତ ଗୀତ ଲେଖିଥିଲେ, ସେଥିରେ ଖଣ୍ଡିଏ ଖଣ୍ଡିଏ ଗୀତ ଏକ ଏକ ପ୍ରବନ୍ଧ ପରି ବିସ୍ତୃତ ଥିଲା । ଲୋକେ ତାଙ୍କୁ କ ଜନନୀ ଭାବରେ ପୂଜା କରୁଥିଲେ, ସେଥିରୁ ତାଙ୍କ ହୃଦୟଙ୍ଗମ କରିପାରୁଥିଲା । ଏତଦ୍‌ବ୍ୟତୀତ ଗ୍ରାମ ଗ୍ରାମାନ୍ତର ମଧ୍ୟରୁ କେତେ ଯେ ସ୍ତବ ସ୍ତୁତି, ବନ୍ଦନାନୁକୃତି, ପ୍ରଶଂସା ତାଙ୍କ ପାଖକୁ ଆସିଥିଲା ତାର ଇୟତ୍ତା ନଥିଲା । ଆଜି ବା ସେଦିନର ଚକ୍ଷୁରେ କେତେ ଜଣ ଏହା ଅସତ୍ୟ ବୋଲି ଭାବିପାରନ୍ତି; କିନ୍ତୁ ଏହା ଅଗାଧ ସତ୍ୟ । ବାସ୍ତବରେ ସେ ସମସ୍ତ ଜାତିର ମନକୁ ଜୟ କରିପାରିଥିଲେ । ତାଙ୍କ କବିତା ଏବଂ ସେ ନିଜେ ଥିଲେ କୋଟିଏ । ଏହା ତାଙ୍କ ଉଚ୍ଚ-ବାରଦେଶ ଉତ୍କଳର କଂଗ୍ରେସକର୍ମୀ ବନ୍ଧୁ ବିଭୀଷିକା ପ୍ରତ୍ୟକ୍ଷରେ ଅନୁଭବ କରିଥିଲେ, ଅଧିକ କଣ ?”

## ସ୍ୱଦେଶବତ୍ସଳ ଲକ୍ଷ୍ମୀନାରାୟଣ ପଟ୍ଟନାୟକ—

ଏହି ବର୍ଷ ପୁରୀର ମୁକ୍ତିବାଦୀ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବି. ଏଲ୍., ଓ ବି. ଇ.ଙ୍କ ସହିତ କୁନ୍ତଳାକୁମାରୀଙ୍କର ସ୍ନେହପୂର୍ଣ୍ଣ ପରିଚୟ ହେଲା । ଏହି ଦେଶସେବକ ବ୍ୟକ୍ତିଙ୍କ ପ୍ରକୃତ କର୍ମୀ ଥିଲେ । ତାଙ୍କର ଦୃଢ଼ତା ଏବଂ ଧୈର୍ଯ୍ୟ ଦେଖିଲେ ସେ ଗୋଟିଏ ସିଂହବତ୍ ବନ୍ଧୁତୋଷ ବଳ ପ୍ରାୟ ଦେଖାଯାନ୍ତି । ଏପରି ଆଉ ଗୋଟିଏ ମୂର୍ତ୍ତି ଥିଲେ ବାଲେଶ୍ୱରର ଶ୍ରୀ ହରେ ନାୟକ ଏମ୍. ଏଲ୍. ଏ. । ସେକାଳେ ଗ୍ରାମମାନଙ୍କରେ ଏପରି ଲୋକମାନେ ଅଶିକ୍ଷିତ କବୁଲ ଦେଖାଯାଉଥିଲେ । କାହାରିର ତେଜସ୍ୱୀତା, ମହାନ୍ ମନସ୍ୱୀତା ଧୀରେ ଲୁପ୍ତହେଲା । ଏହି ଲକ୍ଷ୍ମୀନାରାୟଣ 'ଓଡ଼ିଆ ସାହିତ୍ୟ ପ୍ରଚାର ସଙ୍ଘ' ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ି ପ୍ରାୟ ୨୦ରୁ ୩୦ ଖଣ୍ଡ ଯାଏ ବହି ପ୍ରକାଶିତ କରିଥିଲେ । ଓଡ଼ିଆ ସାହିତ୍ୟର ପ୍ରଚାର ପାଇଁ ତାଙ୍କର ସଦ୍‌ଉଦ୍ୟମ ଆଜି କଳ୍ପନା କରି ହୁଏନାହିଁ । ସେ ଲେଖକମାନଙ୍କୁ ଖୁବ୍ ଖୁବ୍ ଉତ୍ସାହିତ କରୁଥିଲେ । ଅନ୍ୟର ଛପାବହି ନେଇ ବିକ୍ରୟ କରାଇ ଥାମ୍ ମନିଅର୍ଡ଼ରରେ ପଠାଇ ଦେଉଥିଲେ । ଏହି ଲେଖକ ତାଙ୍କୁ ଭଲଭାବେ ଜାଣିଥିଲା । ସେ ସମ୍ପାଦକ ବୈଦ୍ୟନାଥ ଦେବଶର୍ମା ମିଶ୍ରଙ୍କ ଘରକୁ ଆସନ୍ତି । ମୁଁ ତାଙ୍କର ପୁରୁଷୋତ୍ତମ ବହି ବିକ୍ରି କରିଦେଉଥିଲି । ସେ ମୋତେ ବହୁତ ଭଲପାଉଥିଲେ ଏବଂ କହୁଥିଲେ—ତୁମେ ବହି ଲେଖ, ମୁଁ ଛାପି ଛପାଇଦେବି ।

କୁନ୍ତଳାକୁମାରୀଙ୍କର ପ୍ରକାଶିତ ବହି ସବୁ ସେ ପୁଟୁଳା ବାନ୍ଧି ନେଇ ଯାଉଥିଲେ ଏବଂ ତାହା ବିକ୍ରୟ କରାଇ ପଇସା ପଠାଇଦେଉଥିଲେ । କହୁଥିଲେ—ଏ ଦେଶର ଝିଅ ହୋଇଲେ ତ ଆମେ ସେବା କରିବା ! ଗଭର୍ଣ୍ଣମେଣ୍ଟ ତାଙ୍କ ପ୍ରତି ସନ୍ଦେହ କରି ସେ ଦେଶହିତକର

କାର୍ଯ୍ୟ କରୁଥିବା ବେଳରୁ କଂଗ୍ରେସ ପକ୍ଷପାତୀ ଥିବେ, ଏହି ଆଶଙ୍କାରେ ତାଙ୍କୁ କଦାପି ଉଚିତ ପାହ୍ୟା ଦେଇ ନ ଥିଲେ । ସେଥିପାଇଁ ସେ ଦୁଃଖିତ ନ ଥିଲେ । ଏହି ନୈତିକ ବୀରତ୍ୱପୂର୍ଣ୍ଣ ଜୀବନ-ସାହସିକତା ମନୋବୃତ୍ତି ଗ୍ରହଣ କରିବାକୁ ଲାଗିଥିଲେ । ସେ କହିବାଠାରୁ କାର୍ଯ୍ୟକୁ ଅଧିକ ପସନ୍ଦ କରୁଥିଲେ । 'ଅର୍ଚ୍ଚନା' ଛାପା ହେଉଥାଏ । ସେ 'ମୁକୁର'କୁ ଯାଇ ପାଣ୍ଡୁଲିପି ଦେଖି ସଙ୍ଗୀତଜ୍ଞମାନଙ୍କ ସହିତ ବସି ଗୀତର ରାଗ ଏବଂ ତାଳ ଧାର୍ଯ୍ୟ କରିଦେଉଥିଲେ । ଏପରି ମନୋହରକାରୀ ଜୀବନ ଅତ୍ୟନ୍ତ ବିରଳ ଦେଖାଯାଏ ।

କୁନ୍ତଳାକୁମାରୀ ତାଙ୍କର 'ଅର୍ଚ୍ଚନା' ବହିର ଭୂମିକାରେ ଲେଖିଥିଲେ, "ଉତ୍କଳୀୟ ଛାତ୍ରଙ୍କୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବି. ଏଲ୍., ଓ. ଏ. ଇ. ମହୋଦୟଙ୍କ ଚେଷ୍ଟା ଓ ଯତ୍ନ ଦ୍ୱାରା ଏଥିର କେତେକ କବିତା ସ୍ୱର, ତାଳ ସଂଯୁକ୍ତ ହୋଇଥିବାରୁ ମୁଁ ତାଙ୍କ କୃତଜ୍ଞତା ସ୍ୱୀକାର କରୁଅଛି ।"

ସେ ଏ ସମ୍ବନ୍ଧରେ ୨୭।୨ ରେ ଓ ୧୭।୩ରେ ମୋ ପାଖକୁ ଦୁଇଟି କାର୍ଡ ଲେଖିଥିଲେ । ପ୍ରଥମଟିରେ ଲେଖିଥିଲେ—"'ଅର୍ଚ୍ଚନା' ବହି ସୁନ୍ଦର ହୋଇ ବାହାରିଛି । ଉଦ୍ଧୃତି କପି କରିବାକୁ ବାଲେଶ୍ୱର ମିଶନ ସ୍କୁଲର ହେଡ଼ମାଷ୍ଟରଙ୍କୁ ଅନୁରୋଧ କରିଛି । ସେ ମଧ୍ୟ ତା' ଶାରଦେଲେଣି । ମୁଁ ସେ ଦୁଃଖ ଓ ମହାନ୍ ଚିନ୍ତାରେ ଅଛି ଭଗବାନ ଜାଣନ୍ତି । ମୁଁ ଅଦ୍ଭୁତ ଭାବରେ ସାବରମତୀ ଆଶ୍ରମକୁ ଦୃଷ୍ଟିଦେବ । ମୋର ମନର ଅବସ୍ଥା ଅତି ଶୋଚନୀୟ । ଯଦି ମୋର ଅବସ୍ଥା ପରିବର୍ତ୍ତନ ନ କଲେ ଭଗବାନଙ୍କ ପାଖରେ ମୁଁ କହିବୁ ଅଳ୍ପ ଦିନରେ ମରିଯିବ ହାର୍ଟଫେଲ୍ ହୋଇ । ମୋର ଉତ୍ସାହକ ମଙ୍ଗଳ କରନ୍ତୁ ।"

'ଅର୍ଚ୍ଚନା' ୧୭।୩।୨୭ରେ ପ୍ରକାଶିତ ହେଲା । ସେଥିରେ ଶ୍ରୀ ବିନୟ ଚନ୍ଦ୍ର ମଜୁମଦାର ମୁଖପତ୍ରଟିଏ ଲେଖିଥିଲେ । ତାହା ସେ ୨୨।୨।୨୭ରେ ଲେଖିଥିଲେ । କବିଙ୍କ ସମ୍ବନ୍ଧରେ ବିଶେଷ ଦେଇ ସେ ଲେଖିଥିଲେ—

"ଏହି କବୟିତ୍ରୀ ଆଜନ୍ମ ଜନ୍ମ ଓ ବାଲ୍ୟକାଳରୁ ନିଜର ବୁଦ୍ଧି ଓ ଅଧ୍ୟବସାୟ ବଳରୁ ଉଚ୍ଚ ଅଙ୍ଗର ଇଂରାଜୀ ସାହିତ୍ୟ ପ୍ରକୃତ ପଢ଼ି ବିଦୁଷୀ ହୋଇଅଛନ୍ତି । ଅତି ଶୈଶବରେ ଓ ବାଲ୍ୟରେ ସେମାନଙ୍କ ପିତାଙ୍କ କର୍ମସ୍ଥାନ ବ୍ରହ୍ମଦେଶରେ ବାସ କରିବା ସମୟରେ ଏ ପ୍ରକାର ମାତୃଭାଷାରେ ନିଜ ପ୍ରବୃତ୍ତିରେ କବିତା ଲେଖନ୍ତି; କିନ୍ତୁ ଭାରତବର୍ଷରେ କେତେବେଳେ ହେଲେ କୌଣସି ପ୍ରକାର ଉତ୍ସାହ ପାଇନାହାନ୍ତି । ନିଜର ଚେଷ୍ଟାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ଶିଖିଥିଲେ ଓ ସେହି ସମୟରେ ପ୍ରତି ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଅନେକ ପୁରସ୍କାର ଓ ସ୍ୱର୍ଣ୍ଣପଦକ ଅର୍ଜନ କରିଥିଲେ । ଏବେ ଏ କାମ କରନ୍ତି—ଡାକ୍ତରୀ ବ୍ୟବସାୟରେ; କିନ୍ତୁ ସାହିତ୍ୟର ଆଲୋଚନା ଓ କବିତା ଲେଖିବା ଜୀବନର ଭୂଷଣ ସ୍ୱରୂପ ରହିଅଛି । ଏକଆଡ଼େ ଦକ୍ଷତା ସହିତ ଚିକିତ୍ସା ବିଜ୍ଞାନର କର୍ତ୍ତବ୍ୟ ପାଳନ କରୁଅଛନ୍ତି, ଅନ୍ୟଆଡ଼େ ସ୍ୱଦେଶୀୟ ସାହିତ୍ୟକୁ ଅତି ମନୋହର କବିତା ରଚନା କରୁଅଛନ୍ତି । ଏପର୍ଯ୍ୟନ୍ତ ତାଙ୍କର

ସେଥିରୁ କେତେଖଣ୍ଡି ପୁସ୍ତକ ପ୍ରକାଶିତ ହୋଇଅଛି, ସେଗୁଡ଼ିକର ନାମ—ଭ୍ରାନ୍ତି, ଅଞ୍ଜଳି, ଉଚ୍ଛ୍ୱାସ, ପରଶମଣି, କାଳିବୋହୂ, ନଅତୁଣ୍ଡୀ ଓ ଅର୍ଚ୍ଚନା ।

"ଏହାଙ୍କର ସେହି ସକଳ ଗଦ୍ୟରଚନା ଧର୍ମପ୍ରାଣତାର ସୂଚନା କରେ, ତନ୍ମଧ୍ୟରୁ କେତୋଟି ନକ୍ଷତ୍ରରେ ପ୍ରକାଶିତ ହୋଇଅଛି । ଏହାଙ୍କର ସାହିତ୍ୟିକ ଭବିଷ୍ୟତ ଅତି ଉଜ୍ଜ୍ୱଳ । ମୁଁ ମନେକରେ ଏ ନିଜର ଉତ୍କର୍ଷଭାବରେ ଓଡ଼ିଆ ସାହିତ୍ୟରେ ଗୋଟିଏ ବିଶେଷ ଉଚ୍ଚ ସ୍ଥାନ ଅଧିକାର କରିବେ ଓ ଉତ୍କଳ ସାହିତ୍ୟ ଗୌରବେ ଏହାଙ୍କ ପ୍ରଦତ୍ତ ଅଳଙ୍କାର ଚିରଦିନପାଇଁ ଧାରଣ କରିବ ।

"ଆଶୀର୍ବାଦ କରେ, ବତ୍ସ ଜୟମସ୍ତୁ ଦୀର୍ଘ ଜୀବନରେ ଉତ୍କଳବାସୀଙ୍କୁ ଆନନ୍ଦିତ ଓ ଧନ୍ୟ କରି ନିଜେ ଧନ୍ୟ ହୁଅନ୍ତୁ ।"

କୁନ୍ତଳାକୁମାରୀ ନିଜ ଲିଖିତ ଭୂମିକାରେ ଲେଖିଥିଲେ, "ମୋହର ପ୍ରଣୀତ ଗଦ୍ୟ ଓ ପଦ୍ୟ ପୁସ୍ତକମାନ ଉତ୍କଳର ସୁଧିବୃନ୍ଦଙ୍କଦ୍ୱାରା ବିଶେଷ ସମାଦୃତ ହୋଇଥିବାରୁ ମୁଁ ସାହସୀ ହୋଇ ଏ ପୁସ୍ତକ ଖଣ୍ଡିକ ପ୍ରକାଶ କଲି । ପୁସ୍ତକାନ୍ତର୍ଗତ ଅନେକ ଗୁଡ଼ିଏ ପଦ୍ୟ ଉତ୍କଳସାହିତ୍ୟ, ମୁକୁର, ପ୍ରଦୀପ ଇତ୍ୟାଦି ପତ୍ରିକାମାନଙ୍କରେ ସମ୍ପାଦକମାନଙ୍କର ଅନୁକମ୍ପାବଶତଃ ସ୍ଥାନ ପାଇ 'ଉକ୍ତ' ପତ୍ରିକାମାନଙ୍କରେ ଏକାଧିକ ଥର ସମାଲୋଚିତ ଓ ପ୍ରଶଂସିତ ହୋଇଅଛି ।" ଇତ୍ୟାଦି ।

ସେ ପ୍ରଥମ ଜୀବନରେ ସମାଲୋଚନା ସହି ପାରୁନଥିଲେ । ସେ ଭାବୁଥିଲେ ପ୍ରଶଂସା ହିଁ ସମାଲୋଚନା; କିନ୍ତୁ କାଳକ୍ରମେ ତାଙ୍କର ମତ ପରିବର୍ତ୍ତିତ ହେଲା । ସେ ସ୍ୱୟଂ ସମାଲୋଚନା କରୁଥିଲେ । ତାଙ୍କର 'ବଶ୍ରୀଚିଠି' ସହକାର, ସମାଜ ପ୍ରଭୃତିରେ ସମାଲୋଚନା ଯେପରି ପ୍ରକାଶିତ ହେଉଥିଲା । ସେ ଉତ୍କଳର ପ୍ରାଚୀନ ଗୌରବରେ ଏତେ ମୁଗ୍ଧ ମୋହିତ ହୋଇପଡ଼ିଥିଲେ ଯେ ସେ ଦେଖିଲେ ଟିକେ ପରିହାସରେ ବାଙ୍ଗାଳୀ କହିଦେଲେ ମଧ୍ୟ ସେ ପ୍ରତ୍ୟକ୍ଷଭାବରେ ଆକ୍ରମଣ କରିବାକୁ ପଶ୍ଚାତ୍ପଦ ହେଉ ନଥିଲେ । ତାଙ୍କର ଏହି ବିଶ୍ୱାସ ଥିଲା ଯେ, କଳିଙ୍ଗ ଭାରତୀୟ ସଭ୍ୟତାର ଏକ ଅଙ୍ଗ ହେଲେହେଁ ଆଦିମକାଳରୁ ପରମ୍ପରା ଧରି ତାର ସ୍ୱକୀୟ ସ୍ୱାତନ୍ତ୍ର୍ୟ ରକ୍ଷା କରିଥିଲା । ତାର ରୁଚିବୋଧ, ସୌନ୍ଦର୍ଯ୍ୟବୋଧ, ତାର କଳା, ଶିଳ୍ପ, ସଙ୍ଗୀତ, ସାହିତ୍ୟ, ଇତିହାସ, ସବୁଥିରେ ସେ ଏକ ନିଜସ୍ୱ ଅନନୁକରଣ ପ୍ରବୃତ୍ତିର ସନ୍ଧାନ ପାଇପାରିଥିଲେ ।

'ଅର୍ଚ୍ଚନା' ବହିଟିରେ ଓଡ଼ିଆର ଜାତୀୟତା ଯେପରି ବହୁ କବିତା ରଚିତ ଥିଲେହେଁ, ତାହାର ସମ୍ମୁଖ ଓ ପାଶ୍ଚାତ୍‌ରେ ବ୍ରାହ୍ମଧର୍ମର ମାର୍କା ମରାଯାଇଥିଲା—ଯେପରି ଶ୍ରୀମନ୍ଦିରରେ ରାମାନୁଜଦଳ ରାମାନନ୍ଦୀ ଚିତା ଅଁଳାବେଢ଼ ଉପରେ ମାରି ଦେଉଥିଲେ । ବହିର ଆଦ୍ୟରେ ପ୍ରାର୍ଥନା କବିତା ବ୍ରହ୍ମ ଧର୍ମ ମନୋବୃତ୍ତି ଯେପରି ରଚିତ ହୋଇ ଯାଇଥିଲା । ଏହି ପ୍ରାର୍ଥନା ଈଶ୍ୱରଙ୍କୁ ଏବଂ ନିଜର ପ୍ରିୟତମଙ୍କୁ କରାଯାଇଥିଲା । ବହି ଶେଷରେ 'ଧ୍ରୁବ' ନାମରେ କବିତାଟିଏ ଲେଖାଯାଇ ଶେଷରେ 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ଲେଖାଯାଇଥିଲା ।

ପ୍ରାର୍ଥନା କରିଥାନ୍ତି ଏହିପରି—

"କାହୁଁ ପାଇବି ସେ ମୋହନ ;
ନ ଦେଖ ମୋହର ବେଦନା ;
କାହୁଁ ପାଇବି ସେ ଅମୃତ ଭାଷା
କିଏ ପୂରାଇବ ମୋ ପ୍ରାଣ ଆଶା
ହେରିବ ସ୍ୱର୍ଗର ସଙ୍ଗୀତ ସର୍ଗର
ଆକୁଳ, ଚଞ୍ଚଳ ଅପନା !
ନୀରବ ଜଗତ ଲେଖନୀ ।

ଅପୂର୍ବ ମନେ ମୋ' କାହିଁ ସେ ଗୀତ,
ଶୁଣି ଯା ଜଗତ ହେବ ମୋହିତ
ତବ ଶ୍ରୀଚରଣ-କରୁଣା-ସ୍ମରଣ
କୃପାକଣାଟିକ କାମନା
ନହେବ ସେମନେ ବିମନା
ଶୁଣାଇବି କାହିଁ ଭାଷା ଦୟାପଣ
ତେଣୁ ଜଣାଏଁ ଏ ପ୍ରାର୍ଥନା ।"

କଲିକତାରେ ଉପଧା ମିଳନ ବ୍ରତ କୈଳାସବାବୁଙ୍କ ବନ୍ଧୁ ଥିଲେ ଅଶ୍ୱିନ । ସେ ରାଧାକାନ୍ତଙ୍କର ଜଣେ ପରମଭକ୍ତ ଥିଲେ । ସେତେବେଳେ ପଣ୍ଡିତ ନୀଳକଣ୍ଠଙ୍କ ରଚନାରେ ଉପଧା ମିଳନର ଅନାବଶ୍ୟକତା ପ୍ରକାଶିତ ହେଉଥାଏ, କିନ୍ତୁ କୈଳାସଙ୍କ ଶାସନରେ କୁନ୍ତଳା 'ଅଞ୍ଜଳି' ପରି କବିତାମାନଙ୍କରେ ଉପଧା ମିଳନକୁ ଠିକ୍ ଧରିଛନ୍ତି । ଅଳ୍ପସ୍ଥଳରେ ତାହାର ବ୍ୟତିକ୍ରମ ରହିଛି; ଯେପରି—

"ଏ ରୂପ ଝରଣା          ଏ ମୋହନ ଆଶା
ଏ କେଶପାଶର ମୋହ
ହେବେ ନାହିଁ ତୁଲ୍ୟ          ଏ ଅଶ୍ରୁ ପ୍ରପାତ
ଏ ଯେ ଶତ ଯୋଜନର । (୧ମ ସଂସ୍କରଣ ପୃ. ୫୯)

ଭୁଲୁଛି ଏକାକୀ ଭବେ
କର୍ପା ମରୁଅଛି ଶୋଭେ ।

ଧରିଅଛ ଏବେ ମୋତେ
ନ କର୍ମ କରିବ ପତେ ! (୫୬ ପୃଷ୍ଠା)

ହୃଦୟେ ଭକତ ସ୍ନେହ
ସେ ପୂର୍ଣ୍ଣବନ୍ଧୁ କରମସ୍ତ ।" (୮୦ ପୃଷ୍ଠା)

କିନ୍ତୁ ଏହାର ପରବର୍ତ୍ତୀ ରଚନାରେ ଏହି ପ୍ରାନ୍ତ ଉପଧା କରିବ ସେପରି ସାହିତ୍ୟର ଏକ ମୁଖ୍ୟ ସୃଷ୍ଟି, ସେ ତାହା ମନେକରି ଦବୁ ଠିକ ଠିକ୍ ମିଳାଇ ବୁଲିଛନ୍ତି । ତାଙ୍କ ନିଜର ସ୍ୱାଧୀନ ମନୋବୃତ୍ତି ଥିଲେ କ'ଣ ହେବ, ସେତେବେଳର ସାହିତ୍ୟ-ଜଗତ ଯାହାକୁ ଗ୍ରାହ୍ୟ ବୋଲି ଭାବୁଥିଲା, ସେ ସେଥିରେ ମାତିଥିଲେ । ବଙ୍ଗୀୟ ଅନୁକରଣରେ ଏ ପ୍ରଥା ଏବେ ମଧ୍ୟ କବିମାନଙ୍କର ଅଳଙ୍କାର ହୋଇ ଆସିଅଛି । ଏହାକୁ ଅନେକେ ମହାପ୍ରସାଦଠାରୁ ଅଧିକ ଗୌରବ ମନେକରିଥାନ୍ତି—ଯ କୁ ୟ, ଲ କୁ ଳ, ଡ କୁ ଡ଼ ନପଢ଼ିଲେ ଯାଙ୍କ ତୃପ୍ତ କରିବାକୁ ଇଚ୍ଛାନ୍ତି ନାହିଁ; ଯେପରି କେତେକ ପଣ୍ଡିତ 'ଉପଦେଷ୍ଟ୍ର' 'ଉପର୍ଯ୍ୟୁକ୍ତ' ହେଲେ ଶୁଦ୍ଧ ହେବ, 'ସାମ୍ରାଜ୍ଞୀ' ଭୁଲକୁ 'ସାମ୍ରାଜ୍ଞି'ରେ ଠିକ୍ କରିବାରେ ଆପ୍ରାଣ ଚେଷ୍ଟା କରିଥାନ୍ତି—ଓଡ଼ିଆ ସେ ଠିକ୍ ସଂସ୍କୃତ ନୁହେଁ, ଏହା ସେମାନେ ଭୁଲିଯାନ୍ତି ।

'ଅର୍ଚ୍ଚନା' ସ୍ତୁତି ସ୍ୱରରେ ବାନ୍ଧି । ୧ମ ଖଣ୍ଡ 'ବଳ୍ପଦଳ' ୮।୨।୨୭ରେ ଲିଖିତ ଗୋପୀନାଥ ନନ୍ଦଙ୍କ ଉଦ୍ଦିଷ୍ଟ—

"ଉତ୍କଳ, ମହେନ୍ଦ୍ର, ମାଲଗିରି, ମେଘାସନ
ତବ ପ୍ରଭାବେ ଲଭିଲେ ଗୌରବ ଆସନ ।
ଉତ୍କଳର ଶିରଦେଶ, ଜନ୍ମ ଅର୍ଦ୍ଧରଣୀ
ଦଣ୍ଡପାଟ, ବନ, ଶୈଳ, ହ୍ରଦ, ପୁଷ୍କରିଣୀ
ଚିହ୍ନିଲେ ସର୍ବେ ତବ ଜନ୍ମ ପ୍ରସାଦେ
ପୂଜ୍ୟପୁରୁଷର କୀର୍ତ୍ତି ସ୍ମରିଲେ ଆହ୍ଲାଦେ ।
ଉତ୍କଳର ଭାଲନାଥ ! ଜନ୍ମକୁଳମଣି,
ଶୋଣିତେ ସ୍ଥାପିତ ଯେତେ ଉତ୍କଳଧମନୀ ।" ଇତ୍ୟାଦି

ଏଥିରେ ଗୋପୀନାଥଙ୍କର ମହାନ୍ ପ୍ରତିଭାକୁ ସେ ଅପୂର୍ବ ଭାଷାରେ ବର୍ଣ୍ଣିତ କରି ଲେଖିଛନ୍ତି—"ଯାହାଙ୍କ ସିଂହାସନରେ ମାଣିକ୍ୟ ରତ୍ନାଦି ସହିତେ ଶୋଭାପାଏ, ସେଠାରେ କ୍ଷୁଦ୍ର ବନ୍ୟଫୁଲ କିପରି ଦେବି ? କିନ୍ତୁ ମହାଦେବ ପୂଜା ଯେତେବେଳେ ବନ୍ଦ୍ୟ ହେଉଛି, କବିକୁଳ-ଦେବଙ୍କ ପୂଜାଯୋଗ୍ୟ ନହେବ କାହିଁକି ?"

ଏହି ଖଣ୍ଡରେ ସେ କେବଳ ଦେଶାତ୍ମବୋଧ ଭାବନାମାନ ହିଁ ଦେଇଛନ୍ତି ।

ଦ୍ୱିତୀୟ ଖଣ୍ଡ 'ଦୁର୍ବାଦଳ' ପଣ୍ଡିତ ନନ୍ଦକିଶୋରଙ୍କୁ ଉତ୍ସୃଷ୍ଟ । ୧।୫।୨୫ରେ ସେ ଯେତେବେଳେ କୁଞ୍ଜପୁରଠାରେ ମାନ୍ୟ ଶ୍ରୀ ବଳଙ୍କ ଅତିଥି ହୋଇଥିଲେ, ସେ ବେଳର କବିତାଟି ପୁସ୍ତକରେ ପ୍ରକାଶିତ ହୋଇଛି । ସେଥିରେ କବିଙ୍କୁ ଛୋଟି ଧାଡ଼ି ମୋଡ଼ି ଉତ୍ସର୍ଗରେ ଲେଖିଥିଲେ—

"ନାହିଁ ମୋର ସ୍ୱର୍ଣ୍ଣ ହାର କନକ ମୁକୁତା
ଅର୍ପିଛି ଏ ଦୁର୍ବାଦଳ ଭକ୍ତିପୂର୍ଣ୍ଣ ଶୁଦ୍ଧା ।

ତୁଚ୍ଛ ପାପ-ଗୁଚ୍ଛ କିବା ନ ସ୍ୱର୍ଗ ମନେ
ପବିତ୍ର ସୁନ୍ଦର ଏହା ଦେବ ନିକେତନେ ।
ଅଯୋଗ୍ୟ ଏ ହୃଦୟାର ଅର୍ପିଲି ପଦ୍ମରେ
ଯେନ ଘୃଣା କର ନାଥ ଗୁଣେ କ୍ଷମାଧରେ ।”

ସ୍ନେହାଧୀନା କନ୍ୟା ।

ଏହି ଖଣ୍ଡର କବିତାଗୁଡ଼ିକ ତାଙ୍କର ବ୍ୟକ୍ତିଗତ ଜୀବନର ଚିନ୍ତାଧାରା ବୁଝାଯାଇପାରେ ଅଥବା ଈଶ୍ୱରପ୍ରେମମୂଳକ ମଧ୍ୟ ବୁଝାଯାଇପାରେ । ଏସବୁ ଅସୀମ ଯନ୍ତ୍ରଣା ମଧ୍ୟରେ ଈଶ୍ୱରଙ୍କୁ ପାଇବା ଲକ୍ଷ୍ୟରେ ପ୍ରକୃତରେ ରଚିତ ହୋଇଥିଲା ।

ତୃତୀୟ ଖଣ୍ଡ 'ଚମ୍ପାଦଳ' ଭକ୍ତକବି ମଧୁସୂଦନ ରାଓଙ୍କୁ ଅର୍ପିତ । ସେ ତାଙ୍କୁ ଗୁରୁ ବୋଲି ସମ୍ବୋଧନ କରୁଥିଲେ । ଏହି ଖଣ୍ଡରେ ଈଶ୍ୱରବନ୍ଦନା, ନାନା ଔପଦେଶିକ କବିତା ସ୍ଥାନ ପାଇଥିଲା । ତା ଛଡ଼ା ବ୍ୟକ୍ତିଗତ ବନ୍ଧୁ କବିତା ମଧ୍ୟ ରଖାଯାଇଥିଲା । ଚତୁର୍ଥ ଖଣ୍ଡ 'ମୁକୁର' ପ୍ରେସର ସ୍ୱତ୍ୱାଧିକାରୀ ଉତ୍କଳର ଜଣେ ବରପୁତ୍ର ବ୍ରଜସୁନ୍ଦର ଦାସଙ୍କ ଶିଶୁପୁତ୍ର 'ଶକ୍ତିସୁନ୍ଦର'ଙ୍କୁ ଉତ୍ସର୍ଗ କରାଯାଇଥିଲା—

“ତୋହର ସ୍ୱପନ ଯେବେ ମିଳନ୍ତାରେ ମୋତେ
ଅନ୍ତର ଆଆତ୍ମା ସ୍ୱର୍ଗଭୁବନ ମହତେ ।
ଭୁଲିଲେ ମୋହର ମଧୁ ଶୈଶବ-ଜୀବନ
କି ଦୁଃଖେ ବଦନେ ଯେଣେ ଭାସିତ ନୟନ ।
ଫେରିଆସିବ କି ଆହା ସେ ସୁଖର ଦିନ
ଅନ୍ତରେ ଭାବିବ ଯେବେ ନେଇ ଦିଶ କ୍ଷୀଣ ।
ତଥାପି ଆସିବ ଫେରି ସେ ସୁଖର ଦିନ
ସନ୍ଦର୍ଭେ ସ୍ପର୍ଶିଲେ ପ୍ରାଣ ବାସନାବିହୀନ ।”

'ଅର୍ଚ୍ଚନା' କବିତା ସଙ୍କଳନରେ କୁନ୍ତଳାକୁମାରୀଙ୍କର କେତୋଟି ସୁନ୍ଦର ଖଣ୍ଡକବିତା ରହିଥିଲା । ସେଥିରୁ ଗୋଟିଏ ହେଲା 'ଆହା, ଦେଖି ସୁଖ କାହିଁ ନ ଦେଖେ ନୟନ' । ଏହି କବିତାରେ ସେ ଈଶ୍ୱରଙ୍କର ସର୍ବବ୍ୟାପକ ରୂପର ଯେପରି ବର୍ଣ୍ଣନା ଦେଇଛନ୍ତି—ଭକ୍ତର ହୃଦୟରେ ତାହା ଅତୀବ ମାଧୁର୍ଯ୍ୟସମ୍ପନ୍ନ ଏବଂ ଚିନ୍ତାମୂଳକ ହୋଇଅଛି । ଏହା ହିଁ 'ଅର୍ଚ୍ଚନା' ।

## ତାଙ୍କ ଲେଖା ଓ ସେ ନିଜେ ଏକାପରି

'ଅର୍ଚ୍ଚନା' ଗ୍ରନ୍ଥରେ ମଧ୍ୟ ରାଧାକୃଷ୍ଣଙ୍କ ସମ୍ବନ୍ଧୀୟ କେତେକ କବିତା ନିଶ୍ଚୟ ଲେଖାହୋଇଅଛି । ତାହାହିଁ ତ ସେତେବେଳର ଆଦର୍ଶ ଥିଲା; ସେ ବା କଣ କରନ୍ତେ ?

ଖ୍ରୀଷ୍ଟିଆନ ସମାଜରେ ସ୍ଥାନୀୟ ଉଚ୍ଚତମାଳି, ଶୀତଳା, ଚନ୍ଦ୍ରମାଙ୍କ ପୁରାଣ ବା ବାଇବଲ ଗ୍ରନ୍ଥ ଆଦର ପ୍ରଚଳନ ନ ଥିଲା । ତା' ଥିଲେ ତାଙ୍କର ରଚନା କିଛିଟା ଅଧିକ ସ୍ୱତନ୍ତ୍ର ରୂପକୁ ଆସିପାରିଥାନ୍ତା । ସେ ପରବର୍ତ୍ତୀ କାଳରେ ପ୍ରାଚୀନ ଭାବାନୁଗତ ଅଧ୍ୟୟନ କରିବାକୁ ଚାହୁଁଥିଲେ; କିନ୍ତୁ ବିଶ୍ୱନାଥ କର ସେଥିରେ ବାଧାଦେଇ କହୁଥିଲେ—'ସେଥିରେ ଶୃଙ୍ଗାରମୂଳକ ଏବଂ ନାନା କୁତ୍ସିତ ବର୍ଣ୍ଣନା ବ୍ୟତୀତ ଅନ୍ୟ କିଛି ନାହିଁ ।' ତେଣୁ ସେ ସେଥିରୁ ଓହରିଗଲେ ।

କୁନ୍ତଳା ତାଙ୍କ ଜୀବନରେ ଚଳଚ୍ଚିତ୍ର ଦେଖି ନାହାନ୍ତି; ଅନ୍ୟକୁ ପଠାଇ ଦେଖାଇଥିଲେ ତାହାରୁ ବର୍ଣ୍ଣନା ଶୁଣିଥାନ୍ତି ମାତ୍ର । ଡାକ୍ତରଖାନାରେ ପଢ଼ିବାବେଳେ ମ୍ୟାଜିକ୍ ଲଣ୍ଠନରେ ସେ ଚଳଚ୍ଚିତ୍ରର ସାମାନ୍ୟ ଅନୁଭବ ପାଉଥିଲେ । ଶୈଶବରେ ଗୀତ, ନାଚ ଓ ସଙ୍ଗୀତସମାଜରୁ ସେ ଦୂରରେ ଥିଲେ । ଦେଖିବାକୁ ସୁଯୋଗ ମିଳୁଥିଲେହେଁ ଚଳଚ୍ଚିତ୍ର ତାଙ୍କର ପ୍ରଲୋଭନ ଆଦୌ ନ ଥିଲା । ଚଳଚ୍ଚିତ୍ର ଦେଖିବାକୁ ସେ ଲଜ୍ଜା ମଣୁଥିଲେ । ସେତେବେଳେ ଏତେ ସିନେମା ହୋଇନଥିଲା । ୧୯୩୧ ଯାଏ ମୂକ-ଚିତ୍ର ଦେଖାହେଉଥିଲା ଓ ଚିତ୍ରପଟରେ କଥିତ ବିଷୟ ଲେଖିଦିଆଯାଉଥିଲା ।

ଏହି ସବୁ କାରଣରୁ ସେ କୌଣସି ବିଷୟରେ ତତ୍ପର ନ ଥିଲେ । ଏକକୁ ଜଣେ ଉତ୍ତରଦାୟୀ ନାରୀ ମନେକରୁଥିଲେ । "ଏହା ନାରୀର କ'ଣ କର୍ତ୍ତବ୍ୟ ?" ଏପରି ମନ୍ତବ୍ୟ ସେ ଦେଉଥିଲେ । ପାଞ୍ଚଜଣ ପୁରୁଷ ଥିବେ, ସେଠାରେ ଏକ ଲଜ୍ଜାଜନକ ଚିତ୍ର ନାରୀ ହୋଇ କିପରି ଦେଖିବ—ଏହା ସେ ଭାବିପାରୁନଥିଲେ ।

ତେଣୁ ତାଙ୍କ କବିତାରେ ନାନା ମାନସିକ ବିଶ୍ଳେଷଣର ସୁବିଧା ନ ଥିଲା । ସେ ଯେଉଁ ପରିବେଶରେ ଗଠିତ ହୋଇଥିଲେ, ତଦନୁରୂପ କବିତା ଲେଖୁଥିଲେ । ତାଙ୍କର ମତ ଥିଲା—

"ମାନବ ଜୀବନ କୁହୁଁଛି ମାଟିର ଖେଳନା
କିନ୍ତୁ ତାର ପରିଣାମ ଧୂଳି ହେବାପାଇଁ ।
କିନ୍ତୁ ତାର କର୍ମ ହେବ ଅପାର କାହାଣୀ
ଦିନ ଶତ ରୋଗ ଶୋକ ଯାତନା ପୀଡ଼ିତ ।
ବହୁ କ୍ଳେଶ ବହୁ କଷ୍ଟ ଅଶ୍ରୁ ବେଦନା
ବ୍ୟଥିତା, ହତାଶିନୀ ଭଗ୍ନ-ମନୋରଥ ।
ଶତଚେଷ୍ଟା-ବିଫଳିତ, ନୈରାଶ୍ୟ ଅନ୍ଧାରେ
ରହୁ ଅନ୍ତରମନ୍ଥିତ ମଣିବ ସେ ପଥ ।
ତଥାପି ନୈରାଶ୍ୟ ଭିତ୍ତି ଆଲୋକ ଦର୍ଶନ
ତାହାର ହୃଦୟାକାଶେ ଆଶା ବିଶ୍ୱାସର ।

ତୁମ୍ଭେ ତୁମ୍ଭେ ହେଉଥିଲେ, ଶୁଣ ବଙ୍ଗବାସୀ,
ଗୋଲାପ ମଲ୍ଲିକାବୃତ ତୁମ୍ଭେ ନଭପଥ ।
ସମାଚ୍ଛନ୍ନ ଦଣ୍ଡିବାର ଦୁର୍ଭିକ୍ଷ କଣ୍ଟକେ
ବରଷୁ ସେ ଅସ୍ତ୍ରଶସ୍ତ୍ର, ଘୋର ଅନ୍ଧକାର !
ତଥାପି ସେ ସେଇ ନବ ସାହସୀ ଧର୍ମାର୍ଥୀ
ପ୍ରଭୁର କମଳ ପୂର୍ଣ୍ଣା ଆଦେଶ-ଅକ୍ଷୋଭ
ଧର ସେହି ଉଠିବ ବର୍ଷ ହୋଇବ ସେ ପାର ।
ଜଗତର ଆକାଂକ୍ଷା ହୃଦେ ଧରିଣ ପ୍ରତ୍ୟେକେ
ଜାଗ୍ରତ ଭଣ୍ଡୀ ସ୍ୱାଧୀନ ହେବ ହେ ଧରଣୀ ।
ଜନ୍ମ ପରକାଳେ ଦେଖ, ଅମର ଅକ୍ଷରେ
ଉତ୍କଳ ସ୍ୱର୍ଣ୍ଣବର୍ଣ୍ଣେ ଲେଖିବ ତା ନାମ
ଦେଶ ଇତିହାସ ଅଙ୍ଗେ । ଅବା ଶତବ୍ଦ
ଶତଦଳ ଆସନରେ ପାତିବ ଆସନ ।
ମାନବ ଜୀବନ ତୁମ୍ଭେ ଅସାର ଦେଖନା ।”

( ଅର୍ଚ୍ଚନା, ପୃ: ୧୮୮ )

ସେ ବୃକ୍ଷ ପ୍ରାଣରେ ଗଢ଼ିବାକୁ, ନଦୀ ପ୍ରାଣରେ ବହିବାକୁ, ଚନ୍ଦ୍ର ପ୍ରାଣରେ ହସିବାକୁ, ଅଳୋକ ପ୍ରାଣରେ ଅନ୍ଧାର ଉତ୍କଳ ଜଳିବାକୁ, ଫୁଲ ପ୍ରାଣରେ ଫୁଟିବାକୁ, ପାଷାଣ ଅଦ୍ରି ପ୍ରାଣରେ ଉଠିବାକୁ ଚାହୁଁଥିଲେ । ତେଣୁ ଲେଖିଥିଲେ—

“ମୁଁ ତ ସୁଦ୍ଧେ ହେବ ନୀରବ ସମାନ
ବରଷି କରୁଣା ଅପାରେ,
ମୁଁ ତ ସୁଦ୍ଧେ ତୃଣ ପରିବେଶ ଦରଜ
ଅନାହତ ହେବ ସଂସାରେ ।”

ସେ ନିଜକୁ ସର୍ବଦା କ୍ଷୁଦ୍ର ବୋଲି ବ୍ୟକ୍ତ କରୁଥିଲେ । ତା ଛଡ଼ା ଯଦ୍ୟପି ସେମାନେ ସେ ଯାହା ଲେଖୁଥିଲେ, ତାଙ୍କ ଜୀବନ ବି ଥିଲା ତାହା । ଅନେକ କବି ଏପରି କବିତା ଲେଖିଛନ୍ତି; କିନ୍ତୁ ତାଙ୍କୁ ଭେଟିଲେ ଜଣାଯାଏ ସେ ଭିତର ଠୁଲେ ଧାରଧାରନ୍ତି ନାହିଁ । କୁନ୍ତଳାକୁମାରୀ ଯାହା ଲେଖୁଥିଲେ, ନିଜେ ଠିକ୍ ସେହିପରି ଥିଲେ । ଅବଶ୍ୟ ତାଙ୍କ ପାଖକୁ ଶତ ଶତ ପାର୍ଥିବ ପ୍ରାର୍ଥନା ଆସୁଥିଲା । ସେ ସବୁ ସେ କିପରି ପୂରଣ କରିପାରନ୍ତେ ? ଶକ୍ତି ଅନୁସାରେ ସମସ୍ତଙ୍କୁ ସନ୍ତୋଷ ଦେବାକୁ ପ୍ରସ୍ତୁତ ନ ଥିଲେ ।

ସେ ୭।୩।୧୯୨୭ରେ ମତେ ଲେଖିଥିଲେ—“ମୋ ଚିଠି ସବୁ ପାଇଥିବ । ଦୁଃଖର କୌଣସି କାରଣ ନାହିଁ । ସବୁ ମୋର ମୂର୍ଖତା । ‘ଦୁଃଖ ସୁଖ ଏ ଦେହ ବାଣୀ, ତାହା ମୁଁ ଏକ ବର୍ଷେ ଜାଣି ।’ ତେଣୁ ଆଉ କି ଦୁଃଖ ! ତଥାପି ତେବେ ମୁଁ ଖୁବ ମାନସିକ

ଅବସାଦ ଅସ୍ଥିରତାରେ ପୂରି ଯାଇଥିଲି; ମାତ୍ର ଏବେ ଆଉ ତାହା ନାହିଁ । ମୋର ଜୀବନ ମହତ୍, ମୋର ଲକ୍ଷ୍ୟ ଉଚ୍ଚ । ମୁଁ ତାହାର follow କରିବ । ଖୁସିଖବର 'ଅର୍ଚ୍ଚନା' ବାହାରିଲାଣି, 'ଉତ୍ସର୍ଗିତ' ଲେଖା ସରିଲାଣି । ଛାପାର ଯୋଗାଡ଼ ହେଉଛି । 'ସ୍ଫୁଲିଙ୍ଗ' ଛାପାର ଯୋଗାଡ଼ ହେଉଛି ( ଏହା କେବଳ ଛାପା ହୋଇ ପାରି ନ ଥିଲା ସେ ଓଡ଼ିଶାରେ ଥିବାବେଳେ । ) 'କଲେଜ ପ୍ରତିକାର' ଛାପାର ଯୋଗାଡ଼ ହେଉଛି (ଏହାର ପାଣ୍ଡୁଲିପି ମଧ୍ୟ ଏବେ ଅପ୍ରାପ୍ୟ ) । ତୁମେ ମୋର ଗୋଟିଏ ଅନୁରୋଧ ନିଶ୍ଚୟ ରକ୍ଷାକରିବ । ତୁମେ 'ଦୂରଗୋଲା'କୁ ଏବେ ତ ଭଲ ପାଅ । ସେମାନଙ୍କ ଯାତ୍ରା ଦେବାକୁ ବହୁ ଅସିଥିଲି, ତାହା ତୁମେ ଆସି ମୋଠାରୁ ନେଇ ଦେଇଆସିବ । ତୁମେ ସର୍ବଦା ମୋର ସ୍ନେହର ପୁଅ । ଏତିକି ଅନୁରୋଧ ରହିବ । ବହୁ ଲେଖାଲେଖି କରୁଛ ଶୁଣି ଆନନ୍ଦିତ ହେଲି । ତୁମ ମା' କର୍ତ୍ତବ୍ୟରେ ନିଷ୍ଠାବତୀ ଓ ଦୃଢ଼ମନା, ଏହା ତ ଜାଣ । ତୁମ ପୂଜନୀୟା ଜନନୀଙ୍କୁ ମୋର ପ୍ରଣତି ଜଣାଇବ । ମୋର ସ୍ନେହାଶୀର୍ବାଦ ସହ—ମା ।”

## ଅବର୍ଣ୍ଣନୀୟ ମିଳନ

କୁନ୍ତଳାକୁମାରୀଙ୍କର ଚିଠିଗୁଡ଼ିକ ପ୍ରକାଶିତ ହେଲେ ତାଙ୍କ ଜୀବନର କାର୍ଯ୍ୟ ଓ ବିବରଣ ସମ୍ବନ୍ଧରେ ଜଣାଯାଇପାରିବ । ତେଣୁ ସେ ସବୁରୁ କିୟଦଂଶ ବା ମର୍ମ ଉଦ୍ଧାର କରିଦେବା ସୁବିବେଚନାର କାର୍ଯ୍ୟ ମନେକରୁଛୁ । ଏ ସବୁ ଚିଠି ଲେଖକଙ୍କୁ ୧୯୨୭ ମସିହାର ଅପ୍ରେଲ୍ ୬ରୁ ଲେଖିଥିଲେ ।

“ବହୁତ ଦିନ ହେଲା ଚିଠି ଦେଇନାହିଁ । ଗତ ୫ ତାରିଖ ରାତିରେ ବାଲେଶ୍ୱର ଯାଇ ସତରଦିନ କାଳ ରହି କାଲି ଗାୟତ୍ରୀ (କୈଳାସବାବୁଙ୍କ ଏକମାତ୍ର କନ୍ୟା) ସହିତ ଫେରିଲି । ଶିବ (କୈଳାସବାବୁଙ୍କ ଏକମାତ୍ର ପୁତ୍ର) ର ଉପନୟନ ହେଲା । ଶଙ୍କର, ଭଗ୍ନୀ, ମନୋରମା ଓ ଶିବ ମା' ଦୀକ୍ଷା ନେଲେ (ନବବିଧାନ ବ୍ରାହ୍ମ ସମାଜର ଦୀକ୍ଷା) । ପରମାନନ୍ଦ ମୋ ଜୀବନରେ ଅଭ୍ୟର୍ଥନା । ଦୁଇ ଜନ୍ମର ଅବର୍ଣ୍ଣନୀୟ ପ୍ରେମମୟ ମିଳନ—ତୁମେ ଯାହା ଦେଖିବାକୁ ନ ଥିଲ ଚନ୍ଦ୍ରଧର ! ତାହା ଦେଖାଉଛି । ଏହା କି ଦେଖ ସେ, ମୁଁ ଭଣ କହିବ ! ବର୍ତ୍ତମାନ ଗଙ୍ଗା ଯମୁନା ପରସ୍ପରର ଅପୂର୍ବ ମିଳନ । ତୁମେ ନିଶ୍ଚୟ ଆସିବ ଚନ୍ଦ୍ରଧର ! ଜୀବନର ସବୁ ଗ୍ଳାନି ଧୋଇଯାଇଛି । ଯାହା ସବୁ ଘଟିଛି ବସି କହିଲେ ଯୁଗ ଯୁଗ ସାରିବ । ତୁମେ ନିଶ୍ଚୟ ଆସିବ । ଦେଖ, ତୁମର ମା' ତୁମକୁ ଡାକୁଛନ୍ତି । ମୋର ପ୍ରିୟତମା ଭଉଣୀ ତମକୁ ଡାକୁଛନ୍ତି । ଚନ୍ଦ୍ରଧର ! ଆମେ ଦୁହେଁ ଲକ୍ଷ୍ମୀ ସରସ୍ୱତୀ ହୋଇଛୁ । ଏପରି ଅବର୍ଣ୍ଣନୀୟ ସମ୍ମିଳନ, ଭାବିଲେ ରୋମାଞ୍ଚ ହୁଏ । ଏହାକୁ ଔପନ୍ୟାସିକ ଅପୂର୍ବ ଘଟଣା ! ସ୍ୱାର୍ଥପରେ ଖବର ମୋତେ ନୋବେଲ ପ୍ରାଇଜ ଭଳି ମିଳିବ । ତୁମ ମା' ଡାକୁଛନ୍ତି—ତୁମ ପାଇଁ କାନ୍ଦୁଛନ୍ତି । ତୁମକୁ ଥରେ ଦେଖିବାକୁ ଆଶା କରୁଛନ୍ତି । ନିଶ୍ଚୟ ଆସିବ । ତୁମ ସହଧର୍ମିଣୀ ନିଶ୍ଚୟ ଅନୁମତି ଦେବେ ।”

ତୁଳସୀ ଦେବୀଙ୍କୁ କୁନ୍ତଳା କୁମାରୀ ନିଜର ଦୁଃଖ ଜଣାଇଲେ ଓ ସମସ୍ତ ଗୋପନୀୟ ଘଟଣା କହିଗଲେ । ହାୟ, ନାରୀ କରୁଣାର ଅବତାର । ସେ ତତ୍‌କ୍ଷଣାତ ବିଗଳିତ ହୋଇ ତାଙ୍କୁ ଛାତିରେ ଧରି କହିଲେ, "ତୁ ମତେ ଆଗରୁ ନ କହି ଏ କଷ୍ଟ ପାଉଥିଲୁ ! ଆ- ମୋ କୋଳକୁ ଆ । ମୁଁ ମୋର ସ୍ଥାନ ତୋ ପାଇଁ ଆଜଠୁ ଛାଡ଼ିଦେଲି । ତୁ ମୋର ଏକମାତ୍ର-ସ୍ନେହର ଭଉଣୀ ।"

ଅପୂର୍ବ ଘଟଣା ଘଟିଲା । ରହସ୍ୟମୟୀ ତୁଳସୀ କୁନ୍ତଳାଙ୍କ ମୁଣ୍ଡରେ ସିନ୍ଦୁର ଲଗାଇଦେଇ ତାଙ୍କର ହାଣ୍ଡି, ହାତ ମଧ୍ୟ ଛୁଆଁଇଦେଲେ । ଏକା ପାତ୍ରରେ ଖାଦ୍ୟ ଆଣି ଦୁ' ଭଉଣୀ ଖାଇଲେ । ସମସ୍ତ ବ୍ୟବଧାନ ଦୂର ହୋଇଗଲା । ବୁଝିଛି ନାରୀର ମହାସମୁଦ୍ର-ବ୍ୟବଧାନ ଦଣ୍ଡକେ ଲିଭିଗଲା ।

୧୬।୭।୧୯୨୬ରେ ମତେ ପୁଣି ଲେଖିଲେ, "ଯେଉଁମାନଙ୍କ ସହିତ ମୋର ବିଚ୍ଛେଦ ଥିଲା, ସେମାନଙ୍କ ସହିତ ପୁନର୍ମିଳନ ସ୍ଥାପିତ ହୋଇଛି । ବାକି ରହିଲ ତୁମେ । ମୁଁ ଜାଣେ ସଂସାରରେ ତୁମର କୋଟିଏ ଅବାନ୍ତର ବନ୍ଧନ ଅଛି; ମାତ୍ର ସେ କେବଳ ଦିନ ଲାଗି । ପାଗଳ ପଣକି ? ତୁମର ଏଣିକି ଭବିଷ୍ୟତ କଥା ତୁମେ ଏବେ ମଧ୍ୟ ଚିନ୍ତା କରୁନାହଁ ? କର କି ? ନା ନରସିଂହପୁର କୂପରେ ବେଙ୍ଗରାଜା ହୋଇ ଜୀବନ ଅବସାନ କରିବ ? ତୁମର ଜାତି ଲୁଚିଯିବ ବୋଲି ତୁମେ ଆମକୁ ଘୃଣା କରୁଥାଅ; କିନ୍ତୁ ତାହା ବସାରେ ରହିଲେ ତାହାର ଜାତ ଯାଏ ନାହିଁ । ତୁମେ କଣ କିଛି ସ୍ଥିର କଲ ଲେଖୁନାହଁ । କେବେ ସିଦ୍ଧାନ୍ତ କରିବ ?

"ପ୍ରିୟ ପୁତ୍ର ମୋର, ମୁଁ ତୁମ ଉପରେ ରାଗ ହୋଇଥିଲି; କିନ୍ତୁ ମୁଁ ପରେ ଭାବିଲି, କାହିଁକି ମୋର ଏ ବୃଥା ଅଭିମାନ ? ତୁମର ଇଚ୍ଛା କଥା । ତୁମେ ଶୈଶବରୁ ନଟେ ଜାଣିବା ଶୁଣିବା ଥିଲ । କିଛି ଧ୍ୟାନ ଦିଅ ନାହିଁ । ପୁଣି କହେଁ, ତୁମର ସ୍ନେହମୟୀ ମାତା ପାଗଳ ଥିଲେ । କଠୋର ବୈଧବ୍ୟ ଦୁଃଖ ଭୋଗୁ, ନାନା ଯନ୍ତ୍ରଣା ଭୋଗୁ କେବେ ସ୍ୱର୍ଗଗତ ହେବେ । ତା' ପରେ ତୁମର ଉଦ୍ଦେଶ୍ୟ । ତୁମର କଣ ଅଭାବ ଅଛି ? ସେତ ତ ତୁମର ଗର୍ଭ । ତୁମ ମାଆ ତୁମକୁ ଜନ୍ମ ଦେଇଥିଲେ ମାତ୍ର । ଶୈଶବରେ ଦେଖିଥିଲି ଅନୁଲୀନା ଏକ ବାଳିକା । ସେଇ ତୁମ ଧାଈ ମାଆ ପୁଣି ତ ଶାଶୁଘରକୁ ଚାଲିଲେ । ମୁଁ ସବୁ ଜାଣିଛି—ଶୁଣିଛି । କହ, ତୁମର ଦାୟିତ୍ୱ କଣ କେବଳ ? ମୋ ଛଡ଼ା ତୁମକୁ ଶାସନ କରିବ ଏପରି କିଏ ? × × × ତୁମର ସମ୍ପତ୍ତି ଜନ୍ମଭୂମିକୁ ଅର୍ପଣ କରିଦେଲେ, ତୁମେ ବିଶାଳ ପୃଥିବୀରେ ପ୍ରତିଷ୍ଠିତ ନ ହୋଇ ବର୍ଣ୍ଣ-ମାଳାର ପରି ଜଗତରେ ସ୍ମୃତି ରହିବ !

"ଅଳ୍ପ ଦେଶ ଏ ମଧ୍ୟରେ ବୈପ୍ଳବୀ ମହାତ୍ମାଙ୍କର ସ୍ୱୀ-ଉଦ୍ୟୋଗ ଘଟିଛି । ସେଠାରେ ତୁମ ଜାତକୁଳ ବଜାୟ ରହିବ । ତୁମ ଜନନୀ ଆଉ ଥାଇ ଏକ ମହାନ୍ କାର୍ଯ୍ୟ କରିଦେବା । ଦିନ ଆସିବ, ତୁମ ଦୁର୍ବଳତାର ସୀମାରୁ ଯାଇଥିଲେ, ତୁମେ ସେଠାକୁ ଚାଲିଆସିବ । ଅଦ୍ୟ ଚିଠିଟି ତୁମ ମାଆଙ୍କୁ ଦେବ । ସେ ନିଶ୍ଚୟ ଅନୁମତି ଦେବେ ।

"ମୁଁ ପତ୍ରର ଡାକ କାଗଜରେ ଲେଖିବ ପୁରୁଣି ନାହିଁ । ଡାକ୍ତରବାବୁ କହୁଥିଲେ, ତୁମେ ତୁମ ମାଆ ବଳଲତାଙ୍କ ସହିତ ଓଡ଼ିଆ ବଙ୍ଗାଳୀ ବ୍ରାହ୍ମ ସମାଜକୁ ବନ୍ଧୁ ଅବର ଯାଉଛ ଏବଂ ନଗେନ୍ଦ୍ରବାବୁଙ୍କ ଖୁବ୍ ସୁଖ ପାଅ । ଏ କଥା ନଗେନ୍ଦ୍ରବାବୁ ତାଙ୍କୁ ବୁଝାଇ କହୁଥିଲେ । ପୁଣି କହୁଥିଲେ, ତମ୍ଭଧର ନବବିଧାନ ସମାଜର ବିଶେଷ ଅନୁରାଗୀ । ତୁମେ ସେଠାରେ ଗଲେ କପରି ହେବନ୍ତା ? ମୁଁ ବହୁବର୍ଷ ଏଥିରେ ବାଧା ଦେଉଛି । କାରଣ ତୁମେ କଣ, ତା' ମୁଁ ଜାଣେ । ତୁମେ ଆସିଲେ କଥା ହେବା । ତୁମେ ସବୁ ବାହିନିକ ଆସିବ—ତୁମର ଯାହା ଇଚ୍ଛା ଖର୍ଚ୍ଚ ଲେଖା ତ ମୋଠାରୁ ନିଅ । ଜାଣିବ ମୋ ସୁଖ । ମାଆଠାରୁ ସୁଖ ନେଲେ କଣ ଦୋଷ ଲାଗିବ ? ଏ କଥାରେ ତୁମ ମାଆ ଭୁଲବୁଝନ୍ତି । ତୁମେ ମୋ ପ୍ରତି ଅକୃତଜ୍ଞ ହେବ ବୋଲି କହୁଛ, ମୁଁ ଜାଣେ । ସେଥିଲାଗିଁ ମୋଦ୍ୱାରା ଯତ୍ନିତ ତୁମେ କେତେ କଥାରେ ମଣିଷ ହୋଇପାରିଛ । ତେଣୁ ମୋ କଥା ରହିବ । ଏଥର ଆଉ ବାଲେଶ୍ୱର ଯିବ ନାହିଁ । କଟକରେ ରହିବ ମୋ ପାଖରେ । ତୁମେ ସମ୍ପୂର୍ଣ୍ଣ ମଣିଷ ହେବାକୁ ମୋ ହୃଦୟର ଆଉ କିଛି ଭଲ ଲେଖା । ମୋର ତେଜ୍ ସ୍ୱପ୍ନ ପୂରେଇ ପ୍ରତିଜ୍ଞା ହୋଇଛି । କି ଭଲ ସୁଖ ! ଆମର ଦରବାର ସାହିତ୍ୟ ମନ୍ଦିରଟିଏ ଗଢ଼ିବା । ତୁମେ ତାର ମାଲିକ ହେବ । ଅଶାର ସ୍ୱପ୍ନ ଏଣେ ଲୁହେଁ, ସନ୍ତାର କଟୋର ଲୁହିକ ଓଡ଼ିଆଇ ଆସ । ଦେଖିବ ସଫଳରେ ପାଖିଜଣରେ ଜଣେ ହେବ ତୁମେ; କଟେକ୍ଷୁ ପୃଥିବୀର ଏ ପ୍ରାନ୍ତ ସେ ପ୍ରାନ୍ତରେ ଠିଆହେଲେ ଯେ ଉମିରେ ସେ ଉମିରେ ରହିବ । ତୁମର ମୁଁ ତ କେବଳ ମାଆ ନୁହେଁ—ଶିକ୍ଷୟିତ୍ରୀ ମଧ୍ୟ । ମୁଁ ଜାଣେ, ତୁମେ ମୋତେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧା କର । ଅବଶ୍ୟ ବହୁ କଷ୍ଟରେ ତୁମର ଏକ ସ୍ୱପ୍ନ ଜଡ଼ଖୋରପଣିଆକୁ ମୁଁ ଭୁଲେଇ ପାରିନାହିଁ । ହଉ ହଉ, ଯା ହେଉ ଯେ ତୁମର ସ୍ୱାଧୀନ ଇଚ୍ଛାରେ ମୁଁ ବ୍ୟାଘାତ ଜନ୍ମାଇବ ନାହିଁ । ତୁମେ ନିଶ୍ଚୟ ଆସିବ । ସବୁପ୍ରକାର ମନର ଅନୁକୂଳ କରିଦେବା । ଏତିକି କଥା ଲେଖିଲି ବୋଲି ଏ ପତ୍ର ଅଧା ହେଲା ଦେଲି । ମୋର ଶୁଭକଲ୍ୟାଣ । ତୁମର ମା' ।"

ଅଶ୍ରୁସିକ୍ତ ନୟନ, ଏ ଚିଠିଟି (ଲେଡ଼କ ନଡ଼କ) ଏବେ କାହାର ହେବ ? ତା ରାଜ୍ୟର ରାଜମାତା (କବିସିଂହପୁର ରାଜମାତା) ଇଚ୍ଛାକରନ୍ତି, ସେ ମୋର ହେଉ । ସେ ତାଠୁ ସମ୍ପୂର୍ଣ୍ଣ ଶାନ୍ତ, ସୁଗନ୍ଧିତ ଶୁଣିବେ । ମହେଶ ଭକ୍ତି ତା ଜନନୀକୁ ଆସି ବୃତ୍ତାନ୍ତ— ମୋ ପାଖରେ ରହିଲେ ଧୂଳିମଳି ଛାଡ଼ି ଲାଗିବ ନାହିଁ । ତା ଗର୍ଭଧାରିଣୀ ଅତି ଦୁର୍ମୂଲ୍ୟ ସନ୍ତାନ ବୁଝିକି ସୁନ୍ଦର ହେଲେ ହସାଇ ଥିବାକୁ ଏବଂ ମୋତେ ଶତ ବର୍ଷରେ ବିଧବା ହୋଇଥିବା ଯୋଗୁଁ ଜାଣନ୍ତି, ଯେପରି ହେଉ, ବାଡ଼ି ହେଉ, ବାହାରି ହେଉ କେବଳ ସେ ବସିଥାନ୍ତି । କୁଟୁମ୍ବ ସ୍ୱଜନ ଏଇ କଣ୍ଟକିଆ ଲୁଚିଗଲେ କେତେ ସମ୍ପଦ ତାଙ୍କୁ କ ମିଳନ୍ତା ? ଗ୍ରାମବାସୀ ବଣ୍ଡାଙ୍କୁ ପରଖ କରିଲୁ ପର ଏ ଶିଶୁକୁ ନିବାରଣ କରିଆନ୍ତି । ସେ ଯାହା କହିବ ତା ଅନ୍ୟଥା ନ ହେଉ ।

କୁନ୍ତଳାକୁମାରୀ ଫୁଲ୍‌ସ୍କେପ୍ କାଗଜର ଉଭୟପାରେ ଆଠପେଜ ଲେଖାଏଁ ଚିଠି ଲେଖୁଥିଲେ—ହୁଏତ ପଢ଼ ଏତିକି ନବବିଧାନ ଧର୍ମରେ ପ୍ରସାର, ସଂଶାନ୍ତ ମନୋମତ

କନ୍ୟା ଉଦ୍ଧବେଲ ସୁନ୍ଦର ଶୋଭା ଦେଖିବେ ଏବଂ ନିଜର ମନେକରି ସୁଖୀ ହେବେ; କିନ୍ତୁ ପିଲାଟିର ସ୍ୱଧର୍ମ ପ୍ରତି, ସ୍ୱଗୋଷ୍ଠୀ ପ୍ରତି ଅତ୍ୟଧିକ ଆସକ୍ତି ରହିଥିଲା । ତା ଗର୍ଭଧାରିଣୀକୁ ସେ ଗୁପ୍ତ ଦୂରରେ ରହିବା ମଧ୍ୟ ପସନ୍ଦ କରୁ ନ ଥିଲା । ପକ୍ଷାନ୍ତରରେ ଭାଗୀରଥୀଙ୍କ ଶୋଷ୍ଣ କିଛି ବର୍ଷ ପ୍ରଭାତୀ ହୋଇଗଲା—ଶିକ୍ଷା, ସଭ୍ୟତାର କର୍ଷଣ ହେଲା; କିନ୍ତୁ ଆଉ ନୁହେଁ । ସେ ତା ଗୃହର ସମ୍ମୁଖର ପାର୍ଶ୍ୱ ଲଙ୍ଘିଲା—ତାକୁ କିଏ ଧରି ରଖିବ । ତା ମଧ୍ୟ ପରବର୍ତ୍ତୀ କାଳରେ ସତ୍ୟ ହେଲା । ସେ ତା ଗୃହ୍ୟ ଜୀବନରେ ପ୍ରତାଡ଼ନାରୁ ଉଦ୍ଧାର ନୁହେଁ, ମଧୁର ସଂସାର ନୁହେଁ, ଉଚ୍ଚାଶା-ରଚନା ନୁହେଁ, ସ୍ୱାର୍ଥପର ଦାମ୍ପତ୍ୟ ଜୀବନ ନୁହେଁ, ଧନପିପାସୁ ତୃଷ୍ଣା ନୁହେଁ, ନାନା ଦିଗରେ ନିଜ ଶକ୍ତିମୁକ୍ତାବଳୀ ବାଣ୍ଟି କରିଗଲା ।

ଭବବିଧାନର ଦଶା ଏବଂ ସ୍ୱଭାବ ଦ୍ୱନ୍ଦ୍ୱରେ ମୁଁ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲି । ମୁଁ ନିଜେ ଇଚ୍ଛା କରୁନଥିଲି—ଏ କ୍ଷେତ୍ରରେ, ଏ ପରିବେଶରେ ସୁଯୋଗ ସୁବିଧା ମିଳିବ ବାହ କଢ଼ାଇନେଲି । ଅବଶ୍ୟ ଏହା ଜାଣିଛି ସତ୍ୟ ଯେ ମୁଁ ଭାଗୀରଥୀଙ୍କ ଠାରୁ ପ୍ରଚୁର କେତେକ ପଥ ଦେଖିପାରିଲି; କିନ୍ତୁ ଏହା ହୋଇ ହେମର ପାରମ୍ପରିକ ଦେଉନାହିଁ ମୁଁ ବଳ ଦେଇ ନ ପାରେ । ମୋର ମୂଳଦୁଆ ଏତେ କ୍ଷୀଣ ଥିଲା ଯେ ନାନା ପ୍ରଲୋଭନ, ନାନା ଉଚ୍ଚାଶାମୂଳକ କଳ୍ପନାରୂପକ ସ୍ୱପ୍ନସୂତ୍ରରେ ତାହା ବିଚଳିତ ହେଉନାହିଁ ।. ପୁରୁଷୋତ୍ତମଙ୍କର ନୀଳଚକ୍ରକୁ ଦେଖି ଯାତ୍ରୀ ଯେପରି ପଥହରା ହୁଏ ନାହିଁ, ମୁଁ ମୋର ମନସ୍ୱିନୀ ଜନନୀଙ୍କୁ ଆଖି ଆଗରେ ରଖି ପଥହରା ହେଉନାହିଁ । କୁନ୍ତଳାକୁମାରୀ ଏ କ୍ଷେତ୍ରରେ ହାର ମାନିଲେ ।

## ଶଶିଭୂଷଣ ରଥଙ୍କ ଚିଠି

ଏହିପରି ଅବସରରେ କୁନ୍ତଳାକୁମାରୀ ଉତ୍କଳର ବହୁ ଜନତା ମଧ୍ୟରୁ, ଶ୍ରଦ୍ଧା, ସ୍ନେହ ଓ ଭକ୍ତିମୂଳକ ଚିଠିପତ୍ର ପାଉଥିଲେ । ଗଞ୍ଜାମ ଅଞ୍ଚଳର ଲୋକେ ତାଙ୍କୁ ଅଧିକ ସ୍ନେହ ଦେଉଥିଲେ । 'ଆଶା ଓ ସେବା-ସଙ୍ଘ-ଉତ୍କଳ' ସମ୍ପାଦକ ଶଶିଭୂଷଣ ରଥଙ୍କର ଖଣ୍ଡିଏ ଚିଠି ପାଠକଲେ ତାହା ଜଣାଯିବ । କୁନ୍ତଳାକୁମାରୀଙ୍କ ଜୀବନ ଏପରି କେତେ ଖଣ୍ଡି ଚିଠି, କେତୋଟି ଅଭିନନ୍ଦନ, କେତେ ଖଣ୍ଡି ବହିପତ୍ର, କେତୋଟି ଚିତ୍ରରେ ହିଁ ପରିବେଷ୍ଟିତ ଥିଲା ।

ହିମାଳୟ ସାଧନାଶ୍ରମ
Kurseong D. H. Rly.
୨୦ ଅଗଷ୍ଟ, ୧୯୨୭

ପ୍ରିୟ ଭଉଣୀ,

ମୁଁ ଆଜ ହିମାଳୟ ଉପରେ । ସେଇଁଥିରୁ ଦେଖେ ନୀଳ ସୌନ୍ଦର୍ଯ୍ୟରେ ପୃଥିବୀ ଭରା । ମୁଁ ସବୁ କୁନ୍ତଳାକୁମାରୀ ହୋଇଥାନ୍ତି, କେତେ ଯେ କବିତା ଲେଖିଥାନ୍ତି, କହିହେବ

ନାହିଁ । ତେବେ ମୋ ନିରସ ପ୍ରାଣ ସରସ ହୋଇଉଠୁଛି । ଜୀବନରେ ଏ ସୌନ୍ଦର୍ଯ୍ୟ ସବୁ ଉପଭୋଗ କଲାବେଳେ ନୀରସ ପ୍ରାଣରେ କେତେ ମଧୁମୟ ସଙ୍ଗୀତର ଲହରୀ ଖେଳିଯାଉଅଛି । ମନୋହର ପ୍ରକୃତିର କୋଳରେ ବସି କାଞ୍ଚନଜଙ୍ଘାର ଉଚ୍ଚ ଧବଳ ଶୋଭା ନିରୀକ୍ଷଣ କରୁ କରୁ ମନପ୍ରାଣ ଯାଇ ବିଶ୍ୱଚରଣାରବିନ୍ଦରେ ନିମଗ୍ନ ରହୁଛି । ଚତୁର୍ଦ୍ଦିଗରେ ନିର୍ଝରିଣୀ ଓ ଜଳପ୍ରପାତ ଗମ୍ଭୀର ନାଦରେ ବିଶ୍ୱମହିମା ଗାନ କରୁଅଛନ୍ତି । ପାଷାଣବକ୍ଷ ସୁବିଶାଳ ତରୁ ଆକାଶକୁ ମସ୍ତକ ଉତ୍ତୋଳନ କରି ପ୍ରଭୁଙ୍କ ଅନନ୍ତ ଲୀଳାର କଥା ପ୍ରକାଶ କରୁଅଛନ୍ତି । ଚତୁର୍ଦ୍ଦିଗ ଫଳ-ପୁଷ୍ପ-ପଲ୍ଲବରେ ଭରା, ପଶୁପକ୍ଷୀଙ୍କ ସୁମଞ୍ଜୁଳନାଦରେ ବନସ୍ଥଳୀ ନିନାଦିତ । କ୍ଷଣେ ବର୍ଷା, କ୍ଷଣେ ଖରା, କ୍ଷଣେ କୁହୁଡ଼ିରେ ଆଚ୍ଛାଦିତ । ପବନ ସଙ୍ଗେ ତୁଷାରକଣା ପ୍ରବାହିତ ହୋଇ ଆସି ମାନବକୁ ହିମାଳୟର ବିଶେଷତ୍ୱ ଜଣାଇଦିଏ । ହିମାଳୟରେ ଏପରି ଆନନ୍ଦାମୃତ ସେବନ କରୁଛି ସତ୍ୟ; କିନ୍ତୁ ବୈତରଣୀ ବନ୍ୟାର ଦାରୁଣ ସମ୍ବାଦ ଆସି ଗୃହହୀନଙ୍କର ଏକ ବିଷାଦମୟ ଚିତ୍ର ବାରମ୍ବାର ପ୍ରାଣକୁ ଦାରୁଣ ଆଘାତ କରୁଛି । ଦୁଇପଦ ଲେଖି କଲିକତାରୁ କିଛି ସାହାଯ୍ୟ ଦେବାର ଆୟୋଜନ କରୁଛି । ହୁଏତ ମୁଁ ମଧ୍ୟ ସେପ୍ଟେମ୍ବର ମାସରେ ସେ ଅଞ୍ଚଳକୁ ଯିବି । ଏଣିକି ମୋର ସ୍ୱାସ୍ଥ୍ୟ ଏକପ୍ରକାର ଭଲ ଅଛି । ନରେନ୍ଦ୍ରବାବୁଙ୍କଠାରୁ ଖବର ଶୁଣିଲି, ଆପଣଙ୍କ ପରିବାରରେ କାହାର ଅସୁସ୍ଥତା ହେତୁ ଆପଣ ସେଥିରେ ବ୍ୟସ୍ତ ଥିଲେ । ଆଶାକରେ, ଏବେ ସବୁ ଭଲ । ଶୁଣିବାପାଇଁ ମୁଁ ଆତୁର । ପତ୍ର ଦେବେ । ଆଉ ଗୋଟିଏ କଥା ନ ଜଣାଇ ରହିପାରୁନାହିଁ । ଆପଣ କ୍ଷଣେ ମାତ୍ର ସୁରେଖା ଯାଇ ଅନେକ କାର୍ଯ୍ୟ ହୋଇଅଛି । ଆଗାମୀ ମାସ ଶ୍ରାବଣମାସରେ ପୁଣି ଆଉ ଥରେ ଯିବାପାଇଁ ଚେଷ୍ଟା କରିବେ । ସେଥିପାଇଁ ଆଜିଠୁଁ ଜଣାଇ ରଖୁଅଛି । ଆପଣଙ୍କ କଥା ଶୁଣି ଓ ବିଶେଷରେ ଆପଣଙ୍କୁ ଦେଖି ସେଠା ମହିଳାମାନଙ୍କ ମଧ୍ୟରେ ଏକ ନବଜାଗରଣ ଆସିଛି । କେତୋଟି ବାଳିକା ମଧ୍ୟ ଗତ ବିଦ୍ୟାଳୟରେ ପୂର୍ବମତ ନାମ ଲେଖାଇ ପଢ଼ୁଛନ୍ତି । ଏଥିରୁ ବୁଝିବେ, ଆପଣ ସୁରେଖାଠାରେ ବେଶି ଦିନ ରହିପାରିଲେ କେତେ କାର୍ଯ୍ୟ ହେବ । ସେସବୁ ଭଗବାନଙ୍କର ବିଧାନ । ଆମ୍ଭେମାନେ ଇଚ୍ଛାକରିଲେ ବା ଚେଷ୍ଟା କଲେ ସେଥିମଧ୍ୟରେ ତାଙ୍କର ଇଚ୍ଛାହିଁ ପୂରଣ ହେବ । ତେବେ ମୋର ଗୋଟିଏ ଅନୁରୋଧ ଅଛି । ସୁରେଖାରୁ ଅନ୍ତତଃ ଗୋଟିଏ ବାଳିକାକୁ ଆପଣ ନେଇ ମନୁଷ୍ୟ କରି ପଠାଇ ପାରିଲେ, ଏକା ସୁରେଖା କାହିଁକି, ସମସ୍ତ ଗଞ୍ଜାମ ଜିଲ୍ଲାରେ କିଛି ବିଶେଷ କାର୍ଯ୍ୟ ହୋଇପାରିବ । ଗତ ବିଦ୍ୟାଳୟ ପାଇଁ 'ସଂସାର' ପାଇଁ କେତେ ସାହାଯ୍ୟ ଲୋଡ଼ିଥିଲି । ଏ ସାହାଯ୍ୟ ସମସ୍ତଙ୍କ ଅପେକ୍ଷା ଗୁରୁତର ମନେକରୁଅଛି । ଏ ସାହାଯ୍ୟଟି ଯୋଗେ ଆପଣ ସର୍ବଦା ଆମ୍ଭମାନଙ୍କର ଚିରସ୍ମରଣୀୟ ହୋଇ ରହିବେ । ଆପଣ ଆନନ୍ଦ ମନରେ ଏ ସାହାଯ୍ୟ ପ୍ରଦାନ କରିବାପାଇଁ ସ୍ୱୀକୃତ ହେବେ; ଏଥିପାଇଁ ପ୍ରାର୍ଥନା କରି ରହିଲି । ମୁଁ ଏ ମାସ ଶେଷରେ ଏଠାରୁ ଯାଉଛି । ଯଦିଓ ପତ୍ର ଲେଖିବା ସମୟରୁ ମାତ୍ରାଙ୍କ ଟେନ୍‌ଲ୍ ପଥ ସିଧା ମାର୍ଗରେ ଯାଉ ନଥିବ, ତେବେ ମୋତେ ଚତୁର୍ଥ ପୁସ୍ତକର ପ୍ରବନ୍ଧ ଜଣାଇବେ ପତ୍ର ଦେବେ ।"

ଏ ସଂସ୍କାରକ ଜଣକ ଏକାନ୍ତ ସରଳମନା ଏବଂ ଉଦାର ଶ୍ରେଣୀର ଥିଲେ । ଏହାଙ୍କର ପ୍ରତିଷ୍ଠା ମଧ୍ୟ ଥିଲା । ବ୍ରାହ୍ମଧର୍ମକୁ ସମାଦର କରିବା ସଙ୍ଗେ ସଙ୍ଗେ ବ୍ରାହ୍ମ-ସମାଜର ସ୍ୱାତନ୍ତ୍ର୍ୟକୁ ସେତେବେଳେ ସ୍ୱୀକାର କରୁ ନଥିଲେ । କାରଣ ପୂର୍ବୋକ୍ତରେ ସେ ଯେଉଁ ସଂସ୍କାର ସାଧନ କରୁଥିଲେ, ତାହା ବିଶ୍ୱାସ ଦୃଢ଼ଭାବରେ ହେଉଥିଲା !

କୁନ୍ତଳାକୁମାରୀ ପୂର୍ବୋକ୍ତ ଭଳି ବାଳିକାକୁ ନିଜ ଘରରେ ରଖିବା ଅବସ୍ଥାରେ ନଥିଲେ । ତଥାପି ଯେତେ ବାହାରେ ତାଙ୍କ ଯାହା କରୁଥିଲେ, ସେ ସୁଯୋଗ କେଉଁଠି ସେ ଦେଇ ପାରନ୍ତେ । ତାଙ୍କ ନିଜର ବ୍ୟକ୍ତିଗତ ସଂସ୍କାର ମଧ୍ୟ ଥିଲା । ସେ ତାହା ମଧ୍ୟରେ ଲିପ୍ତ ଥାଇ ବାହାରେ ଦେଶସେବା, ସାହିତ୍ୟସେବା ଆଦି କାର୍ଯ୍ୟ ଜାରି କରୁଥିଲେ । ତାଙ୍କ ଜୀବନର ଶୋଚନୀୟ କାହାଣୀ ଏତେ ଅପ୍ରକାଶିତ ଥିଲା ଯେ, ତାଙ୍କୁ ଅନେକେ ନିଜେ ଚିର-ବ୍ରହ୍ମଚାରିଣୀ ବୋଲି ମନେ କରିନେଇଥିଲେ । ତଥାପି ଏସବୁ ଚିଠିପତ୍ରଦ୍ୱାରା ତାଙ୍କର ବନ୍ଧୁବେଦନା ଜଣା ହେଉଥିଲା ।

କୁନ୍ତଳାକୁମାରୀ ତା ୭।୭।୨୭ରେ ମୋ ପାଖକୁ ଯେଉଁ ଚିଠିଟି ଲେଖିଥିଲେ, ତହିଁର କିୟଦଂଶ ଏହିପରି—

"ପ୍ରିୟତମ ଚକ୍ରଧର,

ଅନେକ ଦିନର ଆକାଂକ୍ଷିତ ପତ୍ରଖଣ୍ଡିକ ପାଇ ହୃଦୟ ପୁଲକିତ ହୋଇଉଠିଲା । ଦୋଷ୍ଟିକିଏ ମିଳିଗଲା । ସବୁ ମାୟା ଏଇପରି କ୍ଷଣସ୍ଥାୟୀ । ମାତ୍ର ପଢ଼ିଲାପରେ କାନ୍ଦିଲି । ଚକ୍ରଧର, କନ୍ଦେଇବାକୁ ଆସିଥିଲ, କନ୍ଦେଇ ଚାଲିଗଲ । ତୁମର ଦୋଷ କଣ ? ମୋର କପାଳ କଥା । ତୁମେ ମୋର କାର୍ଯ୍ୟରେ ସ୍ୱାର୍ଥପର କେବଳ ସ୍ୱାର୍ଥର ଗନ୍ଧ ପାଅ, କିନ୍ତୁ ତା ନୁହେଁ, ଚକ୍ରଧର ! ସ୍ୱାର୍ଥ ନୁହେଁ, ଏହା ନିଷ୍କାମ ପ୍ରେମ ।

ତୁମ୍ଭଙ୍କୁ ସ୍ୱପ୍ନରୁ ଦେଖି ମୁଁ ମୋର ପୂର୍ବଜନ୍ମର ସନ୍ତାନ ବୋଲି ଜାଣିଥିଲି । ହାୟ, ମୁଁ ତେଣୁ ଏବେ ଅନ୍ୟ ଜାତି ଏକଥା ଭୁଲିଗଲି । ଭାବିଥିଲି ମୋ କଥା ସତ୍ୟ ହେବ । ପୁଣି ଯାଉ ଯାଉ ମିଶେ ମନ, ଜାତି ଛାଡ଼ି ଜାତି ଜନ୍ମ । ମୁଁ ଅତିଶୟ ମୂର୍ଖ । ବୁଝିଲ ଚକ୍ରଧର ! ମୁଁ ପ୍ରେମ-ମାଧୁର୍ଯ୍ୟବଶୀଭୂତ ନାରୀ ମାତ୍ର । ମୁଁ ଭାବିଲି ଏ ମୋର ପୁଅ । ଏ ଜନ୍ମରେ ଜନ୍ମ-ଦେଇ ନଥିଲେହେଁ ଅନ୍ୟ ଜନ୍ମରେ ନିଶ୍ଚୟ ଜନ୍ମ ଦେଇଛି । ଏ ଅବାଧ୍ୟ ଶିଶୁକୁ ସର୍ବସ୍ୱ ଦେଇ ତାର ଭିତର ମନୁଷ୍ୟତ୍ୱର ନିଶ୍ଚୟ ବିକାଶ କରିବି । ଦେଖ, ଖବରଦାର, ମୁଁ କିଛି କରିପାରିବି କଦାପି ନଭାବ । ତୁମର ଏତେ ବଡ଼ କୁଳକୁ ଅପକୀର୍ତ୍ତି ହେବକି ? ମାତ୍ର ମୋର ସର୍ବସ୍ୱ ସେ ସାମାନ୍ୟ ଏହା ଭୁଲିଗଲି !

ଚକ୍ରଧର ! ମୋର ହୃଦୟ କୋହରେ ପୂର୍ଣ୍ଣ । ଅନ୍ତରଟା ଫାଟିଯାଉଛି । କାରଣ ମୁଁ ଦଗ୍ଧ ମାଆ ! ତୁମେ ମୋତେ ବିଦାୟ ଦେଇଛ—କିନ୍ତୁ ! ହୃଦୟରୁ ବିଦାୟ ପାଇବ ନାହିଁ । ଜନ୍ମଦାତାର କଣ ପୁତ୍ରକୁ ଭଲ ପାଇବାର ଅଧିକାର ନାହିଁ ? ତୁମେ କୂପ ଭିତରେ ରହି

ସେବକ ରାଜା ହେବ, ସ୍ୱରାଜ । ତୁମ ଜନନୀଙ୍କ ମହତ୍ତ୍ୱ, ତୁମ କୁଳ ମହତ୍ତ୍ୱ, ତୁମର ପାଣ୍ଡିତ୍ୟପୂର୍ଣ୍ଣ ସମ୍ମାନ ମୋ ଲାଗି କେବେ ନଷ୍ଟ ହୋଇ ନ ଥାଆନ୍ତା, ଯା ନ ହେବ ! ତାହା ଆମ୍ଭର ବର୍ଣ୍ଣାଶ୍ରମଧର୍ମ ପାଇଁ ତା ଗୁରୁର ଜାତିଗତ ନୂତନତା କେଉଁଠି ସମାଲୋଚିତ ହୋଇନାହିଁ ।

ମୁଁ ଅନନ୍ତ—ତୁମର ଶତ୍ରୁ ଭକ୍ତର ପାଇ; ମାତ୍ର ଏ ତ ବଡ଼ ହିନ୍ଦୁ ପାଇପାରିଥାନ୍ତି । ମୋ ପ୍ରାଣରେ ବଡ଼ ଆଘାତ ଦେଲ । ମୁଁ ତୁମକୁ ଦେଖି ଏକ ଆଶାର ଛାୟାମଣ୍ଡଳ ଗଢ଼ି-ଗୁଲ୍‌ଥିଲି । ଆଜି ବୁଝିଲି ଲାଭ କଣ ? ତୁମକୁ ଅତି ଅପମାନ କରିବେବା ଖାଇ ମୁଁ · ଏକ ନବାବ କଣ୍ଢେଇ ବସିଲି । ଗୋଟିଏ ଶାବଳ ସମ୍ଭ୍ରାନ୍ତ ଘରର ଶିକ୍ଷିତା କନ୍ୟାକୁ ଜଣକ କନ୍ୟା କରି କନ୍ୟାଦାନ କରିବାକୁ ଇଚ୍ଛା କରୁଥିଲି । ତୁମେ ତାଙ୍କ ଜନକ ସୁନ୍ଦର ସନ୍ତାନଟିଏ ପାଇଲେ ତାର ଭବିଷ୍ୟତ ଏପରି କଳ୍ପନା କରିଥାନ୍ତି । ପ୍ରକୃତରେ ଖ୍ରୀଷ୍ଟଧର୍ମଭାବରେ ମୁଁ ତୁମର ଧର୍ମ, ତୁମର ଜାତି, ତୁମର ପ୍ରିୟ ଜନ୍ମଭୂମିର କଥା ଆଦୌ ଚିନ୍ତା କରିନାହିଁ । କାରଣ ତୁମେ ମୋ ଅତି ଆପଣାର । ଧର୍ମ, ଜାତି, ସମାଜ, ଜନ୍ମଭୂମି ସବୁ ବାହାରର ବସ୍ତୁ । ପ୍ରେମ, ସ୍ନେହ ଅନ୍ତରର ପଦାର୍ଥ । ଏଇ ପ୍ରେମର ତୁଳନାରେ ସେ ସବୁ ଅତି ସାନ; କିନ୍ତୁ ତୁମକୁ ଜଣା ନ ଥିଲା । ଏବେ ତ ଜାଣିଲ ? କେଉଁଠି ପହଞ୍ଚିଲାବାର ପ୍ରସ୍ତାବ କରିଥିଲ । କ୍ଷମା କର, ଭୁଲିଯାଅ ।

ହୃଦୟହୀନ, ଅହଂକାରପୂର୍ଣ୍ଣ ତୁମେ ଜଣେ ସ୍ୱଚ୍ଛମନା ବାଳକ, ଆଜି ବୁଝିଲି । ମହତ୍ତ୍ୱ ସହିତ ହୃଦୟ ଯେ ସମ୍ପୃକ୍ତି ଥାଏ, ତା ନୁହେଁ । ହିନ୍ଦୁ ତୁମକୁ ଏହି ଶିକ୍ଷା ଦେଇଛି ସତ ? ବିବେକାନନ୍ଦ ଏଇ ଆଦର୍ଶ ଦେଇଛନ୍ତି ସତ ? ଯେଉଁ ଦିନ ମୋ ଖାଦ୍ୟର ଗୁପ୍ତହିନ କଥା ଶୁଣାଇଥିଲ ସେଇଠି ମନା କରିଥାନ୍ତ ସେଦିନ—କୁହନା, ମୁଁ ତୁମର ତ କେହି ନୁହେଁ—ମୁଁ ସେ ତୁଚ୍ଛବୁଦ୍ଧିଗ୍ରସ୍ତର ଦଣ୍ଡିକ ଦେଖା ଅହଂମନା ବାଳକ—ଏକ ସ୍ୱତନ୍ତ୍ର ଜୀବ ।

ଦୁଷ୍ଟ ଚକ୍ରଧର ! ତୁମେ ଶିଳ୍ପଲୋକ । ପ୍ରେମ-ସ୍ନେହର ମୂଲ୍ୟ ବୁଝିନାହଁ, ମାନବିକତାର ମହତ୍ତ୍ୱ ବୁଝିନାହଁ । ବୁଝିଛ କେବଳ ଗତାନୁଗତିକ ଅହମିକା । ତୁମର ଅହଂମତ୍ତ ବ୍ରାହ୍ମଣତ୍ୱ ମୋର ମନୁଷ୍ୟତ୍ୱ ନିକଟରେ ଅତି ସାନ; କାରଣ ତାହା ହୃଦୟବର୍ଜିତ ! ତୁମେ ପୁରାତନପନ୍ଥୀ ହୁଅ ବା ନୂତନପନ୍ଥୀ ହୁଅ, ବିବେକାନନ୍ଦ-ମତାବଲମ୍ବୀ ହୁଅ ବା ଶଙ୍କରାଚାର୍ଯ୍ୟଙ୍କର ଅନୁଗାମୀ ହୁଅ—ମୁଁ ତୁମକୁ ସୁଅନୁଦୃଷ୍ଟିରେ ଦେଖିଛି । ତୁମେ ଖାଣ୍ଟି ହୋଇଥିଲେ ମଧ୍ୟ ସେହି ଚକ୍ରଧର ! ସେହି ସୁଅ, ସେହି ମୋର, ସେ ଅତି ଆପଣାର । ଏବେ ମୁକ୍ତ ଭାଇ, ମୋ କଥରେ ଭାଇ ।

ଶବରଭାଷ ! ଦୁଃଖ ନା ବୁଝାଇ । ମୁଁ ବ୍ରାହ୍ମଣ । ଅଚ୍ଛଳଣ୍ଡଳ । ଜାତିଭ୍ରଷ୍ଟା । ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ଏ ସ୍ୱଧର୍ମ କଣ ହିନ୍ଦୁଧର୍ମ ନା ବ୍ରାହ୍ମଧର୍ମ; ତା ବୁଝିଛ ସତ ! ତୁମେ ଧରେ ବୁଝିପାରିବ—ଜୀବର ଧର୍ମ ସେବା । ଅଗ୍ନିର ଧର୍ମ ତେଜଃ ।

ମୋର ସ୍ୱଧର୍ମ ପ୍ରେମ, ମମତା, ମାୟା, ବତ୍ସଲତା, ନାରୀ-ହୃଦୟର କୋମଳତା ଓ ଅଶ୍ରୁ । ତୁମର ସ୍ୱଧର୍ମ ଅହଂମଦର ଭୀଷଣ ଶିଖର । ଏତେକ ଜାଣିଥ ।

ଜନମରୁ ଶୋକ ଛନ୍ତି ତନୟର ପାଇଁ ? ତୁମ ମା' ବନଲତା ପଲ୍ଲବିଥିଲେ ତନୟର କେଉଁଠି ? ତୁଳସୀ ଦେବୀ ତୁମକୁ କଣ ବସ୍ତ୍ରାପହରେ ଦ'ପଦ କହୁନାହାନ୍ତି, ଶୋକ ହେଉଛନ୍ତି । ଅକାରଣ ଯଶସ୍ୱୀ କେତୋଟି ପ୍ରେମମୟୀ ଜନନୀପ୍ରାଣକୁ ବାନ୍ଧି ପକେଇଲ, ଦଳି ପକେଇଲ, ମର୍ଦ୍ଦି ପକେଇଲ ।

ଆଜ୍ଞା ଆମର ପ୍ରେମ, ଆମର ଆଦର, ଆମର ସ୍ୱାର୍ଥ, ଆମର ଧର୍ମ ଆମଠି ଥାଉ । ଏ ତୁମର ମୋର ଶେଷ ଚିଠି ! ପ୍ରଲୋଭନ ନୁହେଁ । ପ୍ରେମ, ଅଯାଚିତ ପ୍ରେମ ।

ତଥାପି ଏ ଶେଷ ସମ୍ବୋଧନ ! ତୁମେ ମୋର ଚିରନ୍ତନ ପୁଅ । ପୁଅର ସ୍ଥାନ ମୋର ଆଜି ଶୂନ୍ୟ ।

ଏବେ ଶ୍ମଶାନର, ଇଚ୍ଛାହେଲେ କେବେ କେବେ ଚିଠି ଦେବ । ତୁମ ଜନ୍ମପତ୍ରି ତାହାକୁ କହିଲେ ସେ ପୋଡ଼ିଦେବ । ଇତି ।

ମୁଁ ତୁମର ମୃତ ମା ।"

ଆଉ ଖଣ୍ଡେ ଏ ବିଷୟ ଚିଠି ଏଠାରେ ଉଦ୍ଧାର କରିବା ପ୍ରୟୋଜନ ହେଉଛି । କାରଣ ସେଥିରେ ମଧ୍ୟ ତାଙ୍କର ବହୁ ମୂଲ୍ୟବାନ୍ ଚିନ୍ତା ପ୍ରକଟିତ ହୋଇଛି ।

୩୦ । ୮ । ୨୭ ରଙ୍ଗୁନ

"ତୁମ ଚିଠିର ଆଜ୍ଞା କେତେକ କଥାର ଉତ୍ତର ମୁଁ ଦେଇପାରି ନଥିଲି । ତୁମେ ତ ଚିଠି ଦେଉନାହିଁ । ଏ ମଧ୍ୟରେ ଦୁଇ ମାସ ଗଳିଯାଇଛି । ଚିଲ୍‌କେଲିକ, ଗ୍ରୀଷ୍ମଯାଇଛି । ମନ ମନେଇ ମା'କୁ ଖଣ୍ଡିଏ ଚିଠି ଲେଖିବ ।

ତୁମର ଯଶ ହେଉ, ତୁମର ଅଦୃଷ୍ଟ ହେଉ, ତୁମର ଧର୍ମ ନଷ୍ଟ ହେଉ, ଏହା କଣ ମୋର ଇଚ୍ଛା ହୋଇପାରେ ? ମାତ୍ର ମନୁଷ୍ୟ ସ୍ନେହଦୁର୍ବଳ । ଅସ୍ତ୍ରୀଙ୍କୁ ସେ ପରମାର୍ଥୀଙ୍କ, ଦୂରକୁ ନିକଟ କରିବାକୁ ଚାହେଁ । ମାନବର କ୍ଷୁଦ୍ର ମସ୍ତିଷ୍କ କେବଳ ନିଜର କ୍ଷୁଦ୍ର କଳ୍ପନାରେ ପୂର୍ଣ୍ଣ । କ୍ଷମାକର ତନୟର, ଅଜାଣତରେ ମୁଁ ତୁମକୁ ଯାହା କହୁ ଲେଖିଛି ସେ କେବଳ ସ୍ନେହର ଅଧିକାରରେ । ମୋର ନିଜର କୁଳ-କଳେବରର ଅଙ୍ଗ କରି ମୁଁ କାହାରି ଉପକାରରେ କଦାପି ପ୍ରବୃତ୍ତ ହୁଏନାହିଁ, ମାତ୍ର ନିଜକୁ ଢାଳିଦିଏ, ଲୋଟାଇ ଦିଏ, ସମର୍ପଣ କରେ । ଚେଷ୍ଟାପରି ତୁମକୁ ନିଜର କରିବାକୁ ଚାହୁଁଥିଲି । ସେ କେବଳ ମିଛର କଳ୍ପନା, ଖାଲି ମନର କଳ୍ପନା ମାତ୍ର । ସ୍ୱାର୍ଥ ଆଖିରେ ହୁଏ । ମୁଁ ସେଥିରେ ପୂରେଇଧା ନୁହେଁ; ମାତ୍ର ଏକ ସ୍ୱାର୍ଥର ସ୍ୱପ୍ନ-ପରମଶ ଧରି ଉଡ଼ିଆସିଛ ତ ! ଶୃଗାଳ ତ କନ୍ୟାଦାନ କରିବାକୁ ବ୍ୟାକୁଳ ହୋଇଥିଲା । ଅତଏବ ସ୍ନେହର ପ୍ରାବଲ୍ୟରେ ଦଳି ମୁଁ ମୂର୍ଖ ତୁମକୁ ଯାହା କହୁଥିଲି ତୁମର ହୃଦୟ ଶାନ୍ତି ନଷ୍ଟକଲି । ଭବିଷ୍ୟତ କଣ କାହା ହାତରେ ? ତୁମକୁ ଅତି ନିଜର ମନେକରେ

ନାଁ, ତେଣୁ ଏପରି ସ୍ୱପ୍ନଦେଖିଥିଲି । କାରଣ ତୁମ ମଧ୍ୟରେ ମୁଁ ଅମୃତର ସନ୍ଧାନ ପାଇଛି । ତୁମେ ହିଁ ମୋ ପୂର୍ବଜନ୍ମର ସନ୍ତାନ ।

ସେଥିପାଇଁ ତୁମକୁ ନିଜର ଅତି ନିକଟବର୍ତ୍ତୀ ଆତ୍ମୀୟରୂପେ ବସିବାକୁ ଦେଉଛି । ସେ କାହିଁରେ ? ସେ କ'ଣ ପାରିବାରିକ ବନ୍ଧନରେ ? ତା ନୁହେଁ ତପୋଧର ! ତୁମର ସିଦ୍ଧାନ୍ତ ମୋର ସିଦ୍ଧାନ୍ତ । ତୁମର ପ୍ରସ୍ତାବ ମୁଁ ମାନିନେଇଛି । ଈଶ୍ୱର ଜାଣନ୍ତି ମୋର ପୂର୍ବକଳ୍ପନା କେବଳ କଥାର କଥା, ସେ ବନ୍ଧନ ସାହିତ୍ୟ ଏବଂ ଦେଶସେବା । ତୁମ କଳ୍ପିତ ଶିକ୍ଷାମନ୍ଦିର ରଚନା ।

ସେତେବେଳେ ମନ ମୋର ଉଦ୍‌ଭ୍ରାନ୍ତ । ଅବସାଦଗ୍ରସ୍ତ । କଣ କରିବି, କଣ କରିବି କିଛି ଜାଣି ପାରୁନଥିଲି । ମୋର ଏ ଅମୂଲ୍ୟ ଜୀବନର ଏତେ ସମୟ କଣ ଏହି କ୍ଷୁଦ୍ର ଗଣ୍ଡିରେ ଆବଦ୍ଧ ହେବାପାଇଁ ? ତା' ନୁହେଁ ତପୋଧର ! ମୁଁ ଭାଙ୍ଗି ପଡ଼ିଥିଲି । ଚାରିଆଡ଼େ ନୈରାଶ୍ୟ, ଅବସାଦ । ଯାହାକୁ ନିଜର ମନେକଲି, ସେ ମୋତେ ତ୍ୟାଗ କଲା । ଯାହାକୁ ଯେ କାମର ଭାର ଦେଲି, ସେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଲା । ମୋର ଜୀବନର ସୁଖ ଆଉ ପୂର୍ଣ୍ଣ ହେବ ନାହିଁ । ମୁଁ ମରିବି । ଚାରିଆଡ଼େ କେବଳ ଦୁଃଖ, ପୀଡ଼ା, ଶୋକ, ଅର୍ଥକଷ୍ଟ, ଅଶାନ୍ତି । ଶନିଗ୍ରହରେ ପଡ଼ିଲାପରି ହେଲି । ସେହି ସମୟରେ ମୋ ଭିତରେ ଭଗବାନ ମହା ଆଲୋକର ଶିଖା ଦେଖାଇଲେ । ତୁମର ଚିଠି ପୁଣି ପଢ଼ିଲି । ମୁଁ ପୁଣି ନୂଆ ବାଟ ପାଇଲି । ହଠାତ୍ ଆତ୍ମୀୟରୂପେ ଦେଖିଲି ତୁମେ ମୋତେ ତ୍ୟାଗ କରିନାହଁ; ମୋ ଭ୍ରାନ୍ତି କେବଳ ଘଟିଛି । ଏବେ ତୁମ କଥା ରହିଲା । ତପୋଧର, ତୁମେ ଆସ ! କଳ୍ପିତ ମହାବିଦ୍ୟାପୀଠର ଭାର ନିଅ । ଅଗ୍ରଣୀ ହୁଅ । ମୋର ପୁଅ ! ଓଡ଼ିଶାରେ ତୁମେ ପ୍ରଥମେ ମୋର କଳ୍ପନାକୁ କାର୍ଯ୍ୟରେ ପରିଣତ କର । ତୁମ ଦେଶସେବାର ପ୍ରଥମ ସ୍ତରରେ ସମସ୍ତ ଓଡ଼ିଶାକୁ ତୁମ ପ୍ରସ୍ତାବିତ ପାଠ ପଢ଼ାଇବାକୁ ବସିଛି ସମ୍ପୂର୍ଣ୍ଣ ମୋର ନବ ଉଦ୍ଭାବିତ କୌଶଳରେ । ମୂର୍ଖ ଅନ୍ଧ ଓଡ଼ିଶା କି ଜଗତରେ ମୁଣ୍ଡ ଟେକିପାରିବ । ଏଠି 'ରଘୁବଂଶ' ଲେଖିଲେ କିଏ କିଣିବ ? କିଏ ପଢ଼ିବ ? ତପୋଧର, ଆସ ! ଏହି ମୋର ପାଠକମାନଙ୍କୁ ପାଠ ପଢ଼ାଅ । ତୁମ ଶିକ୍ଷାମନ୍ଦିର ସାର୍ଥକ କର । କଟକରେ ନୂଆ ସୁବେଳା ହେବ । ପୁରୁଲିଆଠାରୁ ଆହୁରି ଭଲ, ଅନ୍ତତଃ ଶାନ୍ତିମାନ୍ ।

ତୁମପାଇଁ ଘର ତିଆରି ଅଛି । ବୈରାଗୀ ମହାରାଜଙ୍କ ଖାସ୍ ବସା । ସେ ବାସା ବସାଇ ଆଉ ନାହାନ୍ତି । ତାଙ୍କ ନିଜ ଘର । ବର୍ତ୍ତମାନ ସେ ସ୍ୱାଧୀନ । ସେ ମଧ୍ୟ ଏ କାମରେ ଯୋଗଦେବେ । ଗୋଟିଏ ପଟାଣ କଟକରେ ଖୋଲି ପଢ଼ିବା, ନରେନ୍ଦ୍ରବାବୁଙ୍କ କୁଆଡ଼େ କଟକରେ ଇଂରେଜୀ ପଢ଼ିବା । ତୁମେ ସେତେବେଳେ ବୈରାଗୀ ମହାରାଜଙ୍କ ବସା ପସନ୍ଦ ନ କର, ତୁମ ମା' ବନଲତାଙ୍କ ବସାରେ ରହିବ ।

ସାହିତ୍ୟ ରହିଛି । ଏମିତି ନବ ପ୍ରଣାଳୀରେ ଓଡ଼ିଶାକୁ ଶିକ୍ଷା ଦେବାର କାମରେ ଲାଗିଯିବା । ତପୋଧର, ସବୁ କଣ ହେବ ? ପରିବାର କଣ ହେବ ? ଧନସମ୍ପତ୍ତି କଣ ହେବ ? ଏହି ଜନସେବା କରି ଜୀବନ ସାର୍ଥକ କରିବା ।

ତୁମେ ଆସିଲେ ମୋ'ଠୁଁ ସୁବିଧାରେ ଶୁଣିବ ମୋର scheme କଥା । ବାଲେଶ୍ୱର ଯିବାକୁ ତୁମକୁ ଦେବନାହିଁ । ସେଠି ଆଉ ତୁମର କାମ ନାହିଁ । ତୁମର ମୋର ପାଖପାଖିକ ବସିବା ପ୍ରୟୋଜନ ନାହିଁ । ଚାଲ, ଆମେ ବିବେକାନନ୍ଦଙ୍କର ଶିଷ୍ୟ-ଶିଷ୍ୟା ହେବା ।

ଆମ କୁନାର (ମୋ ଭାଇ) ବିବାହର ସେପ୍ଟେମ୍ବର ୧ ତାରିଖ ଦିନ । ସବୁ ଖବର ମୁଁ ଦେଇଛୁ । ତୁମେ ଏ ବିବାହ ପୂର୍ବରୁ ଆସିବ କି ? ଏଥର ସବୁ କୁଳଗାଁଅ-ପୁଅର ପ୍ରସ୍ତାବ । ଆମ ମଧ୍ୟରେ ଗୁରୁ ପାରିବାରିକ ବନ୍ଧନ ଆଉ କ'ଣ ରହୁ । ତୁମେ ମୋର ପୁଅ । ମୁଁ ତୁମର ମା' । ତୁମେ ମୋର ଭାଇ । ମୁଁ ତୁମର ଭଉଣୀ । ତୁମେ ମୋର ବନ୍ଧୁ । ମୁଁ ତୁମର ବନ୍ଧୁ । ତୁମେ ମୋର ସୁହୃଦ୍ । ମୁଁ ତୁମର ଆତ୍ମୀୟ । ଏଇ, ଏଇ ମୁଁ ଚାହେଁ ।

ଅସ୍ତୁ ଚକ୍ରଧର ! ମହାକାଳୀଙ୍କ ଖବର ଜଣା । ଅତୀତ ଅତୀତ ହେଉ । ଭବିଷ୍ୟତ ଭବିଷ୍ୟତକୁ ଯାଉ । ଆମେ ବର୍ତ୍ତମାନର କାମ କରିଯିବା ।

ତୁମେ ଯେଉଁ କାମ କରିବ, ସେ ମହାଜନସେବା । ତା'ଠୁ ବଳିଷ୍ଠ ବଡ଼ । ତୁମେ ଶତ ଶତ ହୃଦୟରେ ଦେବତାର ଆସନ ପାଇବ । ଅମର ଇତିହାସରେ ତୁମନାମ ଲେଖାହେବ । ସେଦିନ ଉପନ୍ୟାସର କଳ୍ପନା ଜଗତରେ ଅସତ୍ୟ ସଫଳ ହେବ । ତୁମେ ମୁଁ ସୌଭାଗ୍ୟଶାଳୀ ହେବୁ । ଆଜ୍ଞା, ସେ ଦିନ ଆସିବ ? ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତରେ ଶିକ୍ଷାର ଆଲୋକ ବିସ୍ତାରିତ ହେବ ?

ଏଥିରେ ଧନର ପ୍ରୟୋଜନ ନାହିଁ । ଏଥିରେ ସ୍କୁଲ ପ୍ରଣାଳୀ ଲୋଡ଼ା ନାହିଁ । କେବଳ ଶିକ୍ଷା, ଖାଣ୍ଟି ଶିକ୍ଷା । ଯେ ଶିକ୍ଷା ପାଇବାକୁ ଚାହେଁ ତାକୁ ଶିକ୍ଷା । ଶିକ୍ଷା ମାନେ ପାଠ, ଭୂଗୋଳ, ଅଙ୍କ, ସଙ୍ଗୀତ ସବୁ । 'ଅର୍ଚ୍ଚନା' ଘରେ ଘରେ ଗୀତ ହେବ । ଚକ୍ରଧର, ତୁମେ ଆସିବଟି ? ଆମର ପହିଲେ ନମସ୍କାରରେ କାମ ଆରମ୍ଭ କରିବା । ତା'ପରେ ଗ୍ରାମସପାଟଣା, ତାପରେ ଆଉ ଆଉ ଜାଗା ।

ଆଉ, ଆଉ ଚକ୍ରଧର, ପ୍ରାଣମନ ଢାଳିଦେବା । ତୁମେହିଁ ମୋର ଡାହାଣ ହାତ । ତୁମେ ନ ହେଲେ ଚଳିବ ନାହିଁ । ମୋର ଅନ୍ତରରେ ତୁମର ସ୍ଥାନ ବହୁ ବଡ଼ । ମୋର ପ୍ରକାର ଅବଦାନ ତୁମେ ।

ରେଳ ଲାଇନ୍ ଖୋଲିଛି । ଏପାଖ ଲୋକ ଏପାଖ; ସେ ପାଖ ଲୋକ ସେପାଖ । ତାକ ଅବଶ୍ୟ ଖୋଲୁଛୁ । ମୁଁ ମାମାବାବୁ ଡାକ୍ତରବାବୁଙ୍କର ଖବର କିଛି ପାଉନାହିଁ । ବୋଧହୁଏ ଭଲ ଅଛେ । ରେଳ ଲାଇନ୍ ହେଉ ହେଉ ପ୍ରାୟ ବହୁଦିନ ଯାଇଁନ୍ତି । ସେଥିରେ ମୋର ଦୁଃଖ ନାହିଁ । କାରଣ ସେଇଁଦିନରୁ ଏ ବ୍ରତ ଗ୍ରହଣ କରିଛୁ, ନିଜର ଜୀବନ ପ୍ରତି ଉଦ୍ଦାମ ବିସର୍ଜନ ଦେଇଛୁ । ମୁଁ କେବଳ କାମ କରିଯିବି । ଫଳେଷୁ କଦାଚନ ।

ଅଧିକ ଆଉ କଣ ଲେଖିବି । ତୁମେ କଣ ବୁଝିବ କେଜାଣି ? ମୋତେ ପାଗଳ ଭାବିବ ସତ ! ତୁମ କଥାରେ ମୁଁ ମାତିଉଠିଛୁ । ନିଜର ସର୍ବସ୍ୱ ଦେଇ ଓଡ଼ିଶାକୁ ଗଢ଼

ପଢ଼େଇବାକୁ ମୁଁ ବସିଛି । ସମସ୍ତେ ମୁଣ୍ଡଅଡ଼୍ ଚେଷ୍ଟା କରୁଥିଲେ; ମୁଁ ଗୋଡ଼ଅଡ଼୍ ଚେଷ୍ଟା କରୁଛି । ପାଣ, ହାଡ଼ି, କଣ୍ଡରା, ବାଉରି ଝିଅଙ୍କୁ ମଣିଷ କରିବି । ଏ ପାଠ ପଢ଼ିବେ । ଏ ଖବରକାଗଜ ପଢ଼ିବେ । ତେତିଶକୋଟି ଶିକ୍ଷିତ ଲୋକଙ୍କୁ କେଉଁ ଶକ୍ତି ଦମିତ କରି ରଖିବ ? ପାଲୁଣୀ, ବାଉରୁଣୀ ଶିକ୍ଷିତା ହେବେ ।

ଝିଅଙ୍କ ପାଠପଢ଼ା ଝଲକ ଏଇ ଦେଖେଇଲେ । କଣ୍ଡରିଆ ବଅଣା । ଶହ ଶହ ଲୋକ ପଢ଼ିବାକୁ ରାଜି । ପାଠ ପଢ଼ିଲେ ଆଲୁଅ ପାଇବେ, ସୁଖ ହେବ । ହାରମୋନିୟମ ଶିଖିବେ । 'ଅଳି ମା'ର ଗୀତ ଗାଇବେ । ଚନ୍ଦ୍ରଧର ! ତୁମେ ଗୁରୁ ହେବ, ମୁଁ ହେବି ମା' । ମୁଁ ତ ତାଙ୍କ ମା' ଅଛି । ପଚାଶଜଣ ପଢ଼ିବାକୁ ରାଜି । ତାଙ୍କର ଖୁରଦଳପାଦ ହେବ । ବହି ପୋଥି ବୋଲିବେ । ତାସ୍, ଝୁଂଶା ଜଣାକୁ ଭୟ ପାଇବେ ।

ସମସ୍ତ ଓଡ଼ିଶାରେ ହେବ ଅନୁଷ୍ଠାନ । ଜଣେ ଶିକ୍ଷିତ କନ୍ୟା ଜୀବନକାଳ ମଧ୍ୟରେ ଅନ୍ତତଃ ଶହେ ଲୋକଙ୍କୁ ପାଠ ପଢ଼ାଇବ । ଯେଉଁ ହାଡ଼ି, ପାଣ, ତନ୍ତୀ, ତେଲି, ବାଉରି, କଣ୍ଡରା, ବଢ଼େଇ, କମାର, କେଳା, ଗଉଡ଼ଙ୍କୁ ଲୋକେ ହେୟଜ୍ଞାନ କରିଥିଲେ, ସେମାନେ ତ ସମାଜର ମେରୁଦଣ୍ଡ । ଏଥିରେ ଜାତିର ଗନ୍ଧ ନାହିଁ, ଧର୍ମର ଭିନ୍ନତା ନାହିଁ । ଓଡ଼ିଆ ମାତୃଭାଷା, ସମସ୍ତଙ୍କର ଭାଷା । ପଠାଣ ପଢ଼ିବେ, କନ୍ଧ କୋହ୍ଲି ପଢ଼ିବେ । ତାଙ୍କରି ଭିତରୁ ଦେଶନେତା ମହାତ୍ମା ବାହାରିବେ ।

ଜୟ ଚନ୍ଦ୍ରଧର ! କୋଟି କୋଟି ମାନବାତ୍ମା ତୁମକୁ ଆବାହନ କରୁଛନ୍ତି !

କିଏ ବହୁଦେବ ଛିନ୍ନ ପତାକା
ଉଠାଇବ ବୀର କେତନ
ଆସ ଅଗ୍ରେ ଆସ ତରୁଣ ତପସ୍ୱି !
କୋଟି କଣ୍ଠ ଡାକେ ସଘନ ।

ତୁମକୁ କୋଟିକଣ୍ଠ ଡାକୁଛି—ଦିଅ ବିଦ୍ୟା, ଦିଅ ଜ୍ଞାନ, ଦିଅ ଆଲୋକ । ଆଉ ଜଣେ ପଢ଼ ଇଂରାଜୀ, ହିନ୍ଦି; ତେବେ ସାହିତ୍ୟସେବା କର ।"

୭-୧୧-୨୭

"ଏ ପତ୍ର କଟକରୁ ଲେଖିବି । ମୁଁ ଜନ୍ମସାହିରେ କାର୍ଯ୍ୟ ଆରମ୍ଭ କରିଦେଇଛି । ପଢ଼ା ଖୋଲିଛି । ତୁମପାଇଁ ଟଙ୍କାଟିଏ ଠିକ୍ କରିଛି । ବ୍ରାହ୍ମଣ ପାଚକ । କିଛି କଷ୍ଟ ନାହିଁ । ଘର ଜଣକର ମେସ୍‌ଟିଏ; ମୋ ଘରଠୁ ଅତି ନିକଟ । ଶୀଘ୍ର ଆସିବ ।"

୧୯-୧୧-୨୭

"ସ୍ନେହର ଚନ୍ଦ୍ରଧର,

ତୁମେ ଏପର୍ଯ୍ୟନ୍ତ ଆସିଲ ନାହିଁ ? ମୁଁ ସେ ପ୍ରତିଦିନ ତୁମର ବାଟ ଚାହିଁ ବସିଛି । ଗୋଟିଏ ଅଶୁଭ ମୁହୂର୍ତ୍ତରେ ଉଠାଇଲି ସଭାରେ (ନାନାଅଡ଼୍ ବାସ୍ତୁ ଓ କଙ୍କାଳଶାସ୍ତ୍ର ଆଦି)

କାର୍ଡ଼ଟା ଲେଖିଥିଲି ବୋଲି ସେହି କଥା ଧରି ବସିଛ ? ମୋତେ କ୍ଷମାକର ତବଧର ! ମୁଁ ବଡ଼ ଦୋଷୀ । ମୁଁ ବଡ଼ ଅନୁତାପ କରୁଛି । ଏ ଚିଠି ପାଇ କାଳବିଳମ୍ବ ନକରି ଶୁଭଦିନ ଦେଖି ଆସ । ମୋର ଘର ସୁନା ହୋଇଯିବ, ବସନ୍ତ ଆସିବ । ମୁଁ ତୁମକୁ ଚାହିଁ ବସିଛି ଜାଣିବ । ଇତି ।"

## ତେଲେଙ୍ଗାବଜାର କଥା

କୁନ୍ତଳାକୁମାରୀ ପେଟ୍ରିକସାହେବର ବଙ୍ଗଳା ପରିତ୍ୟାଗ କରି ତେଲେଙ୍ଗାବଜାର ସୁପ୍ରସାଦ ନିକଟବର୍ତ୍ତୀ ଏକ ଦ୍ୱିତଳ ପ୍ରାସାଦରେ ଯାଇ ରହିଲେ । ଭଡ଼ା ମାସକୁ ତିରିଶ ଟଙ୍କା । ଓଡ଼ିଶାରେ ସେହି କୋଠାଟି ତାଙ୍କର ଶେଷ ବିଶ୍ରାମସ୍ଥଳ । ଘର ଭଡ଼ା ଦେଉଥିଲେ ଗଭର୍ଣ୍ଣମେଣ୍ଟ; କାରଣ ସେଠାରେ ରେଡ୍‌କ୍ରସ୍ ସୋସାଇଟିର ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠାକୁ ବଡ଼ ବଡ଼ ଅଫିସର୍, ଲାଟ ମେମ୍ ପରିଦର୍ଶନ ପାଇଁ ଆସୁଥିଲେ । ଘରଟି ଏକାନ୍ତ ରମଣୀୟ ଥିଲା । ଅଦୂରରେ କାଠଯୋଡ଼ି ନଦୀ । ସେ ଗୃହଟି ଏକ ସ୍ୱପ୍ନ ଗୃହ ଥିଲା । ସେ ଉଆସରେ ଦେଇ ମଧ୍ୟ ତାଙ୍କର ତୁଳସୀଚଉରା ସେପରି ଖ୍ରୀଷ୍ଟାନ୍ ମାଉସୀମା ନ ଛୁଇଁ ସେଥିପାଇଁ ଉଚ୍ଚା କରାଇ ରଖିଥିଲେ । ରବିବାର ଦ୍ୱିପ୍ରହର ଏକ ବୁଢ଼ୀ ମାଳିକାଣୀ ଏହି ତୁଳସୀଗଛର ପବିତ୍ରତା ରକ୍ଷାକରି ସେଠି କପଟ ଚାଲିବାକୁ ହେବ ବୋଲି ଉପଦେଶ ବାଣୀ ଶୁଣାଇଲେ—ଯେତେ ଦୂରରେ ଯା-ଆସ କରିବାକୁ ହେବ, ସେ ଘରର ଯେପରି କୌଣସି ଛାଇ ନ ଛୁଏଁ ଇତ୍ୟାଦି । ଏ ସର୍ତ୍ତରେ ଚଳିବା ଅସୁବିଧା ଜାଣି କୁନ୍ତଳାକୁମାରୀ ଏହା ରେଡ୍‌କ୍ରସ୍ କମିଟିର ସମ୍ପାଦିକା ମିସେସ୍ ସେନାପତିଙ୍କୁ ଚିଠି ଲେଖି ଜଣାଇଲେ । ଏହି ମିସେସ୍ ସେନାପତି ହେଉଛନ୍ତି ଓଡ଼ିଶାର ତତ୍କାଳୀନ ସାମାନ୍ୟ କେଇ ଜଣ ଆଇ. ସି. ଏସ୍. ଅଫିସରଙ୍କ ମଧ୍ୟରୁ ଏକତମ ନୀଳମଣି ସେନାପତିଙ୍କର ପତ୍ନୀ—ନାମ ଇନ୍ଦୁମତୀ ସେନାପତି । ସୁଶିକ୍ଷିତା ଉଚ୍ଚଶିକ୍ଷିତା କେତେ ଜଣ ନାରୀ ରେଡ୍‌କ୍ରସ୍ ହେଲ୍‌ଥ ସେଣ୍ଟର୍ କମିଟିର ମେମ୍ବର ଥାନ୍ତି । ସମସ୍ତେ ଏହି ବ୍ୟାପାରରେ ମର୍ମାହତ ହୋଇ ସ୍ଥାନୀୟ କମିଶନର ସାହେବଙ୍କୁ ଜଣାଇଲେ । କମିଶନର ତାହା ପୋଲିସକୁ ଦେଲେ । ପୋଲିସ ଯାଇ ତଦନ୍ତ କରି ସିଦ୍ଧାନ୍ତ କଲେ ଯେ ଏହି ବହୁମୂଲ୍ୟ ତୁଳସୀଚଉରାକୁ ବୁଢ଼ୀମା ନିଜ ଘରକୁ ନେଇପାରନ୍ତି, ଅଥବା ଏହା ଏଠାରୁ ଉତ୍ପାଟନ କରି କାଠଯୋଡ଼ି ନଦୀରେ ବିସର୍ଜନ କରାଯାଇପାରେ; କାରଣ ଦେବାଦେବୀ ତ ବିସର୍ଜିତ ହୋଇଥାନ୍ତି !

ଡାକ୍ତରାଣୀ ପୁଲିସ୍‌ର ଏହି ମନ୍ତବ୍ୟରେ ବେଶ୍ ଆନନ୍ଦିତା ହେଲେ । ବିଚରା ଘରବାଲା ତାଙ୍କ ତୁଳସୀଚଉରା ତାଡ଼ି କରି ତାଙ୍କ ନିଜ ଅସ୍ଥାନକୁ ନେଇଗଲେ । ତେଣୁ ସେ ସମସ୍ତ ବାଧାବିଘ୍ନରୁ ରକ୍ଷାପାଇଗଲେ ।

ତେଲଙ୍ଗାବଜାର ଘରଟି ଅତି ବଡ଼। ତେବେ ପାଖପଡ଼ିଶା ତାଙ୍କର ପ୍ରିୟ ହୋଇ ସେଠି ନଥାନ୍ତି; କେବଳ ଗୋଟିଏ କରଣ ପରିବାର ପୂର୍ବପାଖକୁ ଥାନ୍ତି। ତାଙ୍କର ଝିଅଟିଏ ସ୍କୁଲରେ ପଢୁଥାଏ। ସେଇ ସାମୟିକ ଅଟେ। ତାର ମାଆ ଅଠମାସାରେ ଭଗ୍ନଶୀଳା। କୁନ୍ତଳାକୁମାରୀଙ୍କ ମାଆ ଆଉ ଦୁଇ ଭଉଣୀଟି ଅଶ୍ରୀସ୍ପୃକ୍ତ ସେଇ ସେ ସେଠାରେ ରହୁଥାନ୍ତି। ତେବେ ଡାକ୍ତରଖାନାରେ ନର୍ସ, କମ୍ପାଉଣ୍ଡର ଇତ୍ୟାଦି ସ୍ଥିର ପାଞ୍ଚଜଣ ଲୋକ ରହୁଥାନ୍ତି। ସେମାନେ ବ'ଁଶଳ ଅଟନ୍ତି। ଡାକ୍ତରଖାନାଟି ତଳବଖରାରେ ବେଶ୍ ସାମନାକୁ ଥାଏ। ତଳ କୋଠାର ସ୍ୱତନ୍ତ୍ର ଏକ କୋଠରୀରେ ବ୍ରେକେଶଳବାଗ ହୁଏ। ଉପରେ ଡାକ୍ତରଣୀ ପ୍ରତ୍ୟେକ ରହନ୍ତି। ଡେରି ଘର। ଦୁଇମହଲା ଉପରର ଛାତକୁ ଚଢ଼ିଲେ ବହୁ ଦୂରଦୂରାନ୍ତରର ଛବି ଦେଖାଯାଏ। ରାଧାନାଥଙ୍କ ବର୍ଣ୍ଣିତ ସୂର୍ଯ୍ୟାସ୍ତ ସେଠାରେ ମନୋମୁଗ୍ଧକର ଭାବେ ଦେଖାଯାଏ।

ଦନାଦ୍ରେ ବୁଡ଼ନ୍ତୁ ତନ୍ତୁ ହେମ ଛବି
ଧୀରେ ଦେଖାଦ୍ୱାର ପିଶୁନଙ୍କ ଛବି।
ପୀତ କରଙ୍କାଲେ ଧଳୁ ଭୁବନ
ସ୍ୱର୍ଣ୍ଣ-ସ୍ୱପ୍ନ ସ୍ରୋତସ୍ୱୁରେ ଜନମନ।

କୁନ୍ତଳାକୁମାରୀ ସମସ୍ତ ଜାଗାର ଭୌଗୋଳିକ ସୀମା ହେବାମାତେ ସେଠି ଝିଅଟିଏଲକୁ ଉଠିଯାନ୍ତି; ଦେବଦ୍ୱାର, ପଦ୍ମଶଙ୍ଖା, ନଦୀଜ, ସର୍ବେଶ୍ୱର, ଘଡ଼ିଆ, ହଡ଼ାକାଠି ଇତ୍ୟାଦି ଗୋଟି ଗୋଟି ଦେଖିଥିଲେ—ଉତ୍କଳର ସେହି ପୁରାତନ ଗୌରବର ଶେଷ ଅସିପାରରେ ଜାତଯାଏ। ହାୟ ହାୟ, ଶହ ସହସ୍ର ପାଞ୍ଚଶ ବର୍ଷ ଲଢ଼ି ଲଢ଼ି ଏ ଜାତି ପତନ କଣ ହୋଇଛି? ସେ ଏବେ ଏକେ ଭାବିଥାନ୍ତି।

## ସ୍ୱଦେଶୀ ହେବାକୁ ସଂକଳ୍ପ

୨୫-୧୨-୨୭ ପୌଷ ଦ୍ୱିତୀୟା ରବିବାରରେ ସେ ଚିଠିଟିଏ ଲେଖିଲେ—

"ସ୍ନେହର ଚକ୍ରଧର,

ମୁଁ ତୁମକୁ ଖଣ୍ଡିଏ ଚିଠି ଲେଖୁଛି ଦେଖି ଅବାକ୍ ହୁଅନା। ଏହା ମୋର ପ୍ରାଣର କଥା। ମୁଁ ସ୍ୱାଧୀନତା ପାଇଁ ପାଗଳ। ଆମ୍ଭେମାନେ ପ୍ରକୃତ ସ୍ୱାଧୀନ ହେବୁଁ କି। କଳ୍ପନାର କଲ୍ଲୋଳରେ ଭୁଲିଥିବୁ। ତୁମର ତେବେ ଜନ୍ମଭୂମି ଅଛି। ମୋର ଅନେକଗୁଡ଼ିଏ ବନ୍ଧୁ, କେତେକ ଟଙ୍କା ସମ୍ପତ୍ତି ଅଛି। ଅବଶ୍ୟ ଡାକ୍ତରବାବୁ ଧନହୀନ। ଅବଶ୍ୟ ଆମ ଦୁହିଙ୍କ ମଧ୍ୟରେ ଅସୀମ ଶ୍ରଦ୍ଧା ଅଛି। ମନରେ ଯାହା ନ୍ୟାୟ ବୋଲି ଜାଣ୍ଡି, ତା' କୁ ଅଟେ କରୁନାହିଁ। ସୋଲାମୀ କରୁ କଣ ଶରଣଗଲୁଣି। 'କେବେ ବନ୍ଧନମୁକ୍ତ ହେବା? ସୋଲାମୀ

ହୋଇଲେ ସ୍ବଜାତିର ଦାରିଦ୍ର୍ୟ, ପରିବାରର ଅନ୍ନ ଚିନ୍ତା, ଲେଖକର ବାସନା, ଅର୍ଥହୀନତାର ଦାରୁଣ ଭୟ—ଏସବୁ ବ୍ୟାଘ୍ର ଆମମାନଙ୍କର ଜୀବନ କ୍ଷୁଦ୍ର କୂପ-ମଣ୍ଡୂକରେ ପରିଣତ ହୋଇ ଯାଉଛି । ତୁମେ ଏ ସମସ୍ୟାଗୁଡ଼ିକ ଉପଲବ୍ଧି କରୁଛ । ଦେଖ, ଜାତିର କଲ୍ୟାଣ ଆଉ ଏହି ବ୍ୟକ୍ତିମାନଙ୍କର ଜୀବନ ସାଧନାର ଆଦର୍ଶ ହେବ ! ଆମେ ତ ସ୍ୱାର୍ଥ, ଲକ୍ଷ୍ୟାନ୍ତର—ଦେଶଟା ହେଉଛି କେମିତି ? ମୁଁ ସ୍ୱାଧୀନତା ଲାଗି ପାଗଳ । ସ୍ବଜାତି ଛାଡ଼ିଦେବ । ମନୋମତ ଶାନ୍ତିମୂଳକ ସଂଗ୍ରାମରେ ଯୋଗଦେଇ ଦେଶ ଭିତରେ ଯାହା ଅଛି, ତା ସଫା କରିବ । ଆମେ ଯେପରି ପୂର୍ଣ୍ଣ ସ୍ୱାଧୀନ, ସ୍ୱାବଲମ୍ବୀ, ବ୍ୟବସାୟୀ, ଧାର୍ମିକ, ପୂର୍ଣ୍ଣ ସ୍ୱଦେଶୀ ହେବା—ସ୍କୁଲ, ବ୍ରତ ଗ୍ରହଣ କରି ଭଗବାନଙ୍କ ପାଖରେ ଶପଥ କରିବା । କାହିଁକି ଭୁଲିଯିବା, ଦେଶପାଇଁ ଉପାସନା କରି ଏ ବ୍ରତ ଧାରଣ କରିବା । ଏପରି ତୁମ ମନୋମତ କାର୍ଯ୍ୟ ତୁମେ କରିପାରିବ ।

ଅନ୍ତତଃ ପାଞ୍ଚବର୍ଷ ଭିତରେ ପୂର୍ଣ୍ଣ ସ୍ୱାବଲମ୍ବୀ ସ୍ୱାଧୀନ ବ୍ୟବସାୟଶୀଳ ଏବଂ ପୂର୍ଣ୍ଣ ସ୍ୱଦେଶୀ ହେବା । ଜାତିଗୁଣି ଯାହା ଦେଖିଲେ ନଚଳେ, ତା'ଛଡ଼ା ଅନ୍ୟ ବିଦେଶୀ ଦ୍ରବ୍ୟ ବଜାରରୁ କିଣିବା ନାହିଁ । ଅଧିକାଂଶ ଖଦଡ଼ ପିନ୍ଧିବା । ସୂକ୍ଷ୍ମ ବସ୍ତ୍ର ଲାଗି ଦେଶୀ ସିଲ୍କ ବା ରେଶମ୍ ଆଦି ବ୍ୟବହାର କରିବା ଏବଂ କେବଳ ଅଳ୍ପ (half) ସ୍ୱଦେଶୀ ଓ ମିଲ୍ ରଖିବା, ତେବେ କଷ୍ଟଟା ଭଲା ପଡ଼ିବ । କାରଣ ଭାରତରେ ୬୪ କୋଟି ଟଙ୍କାର ଲୁଗା ଖର୍ଚ୍ଚ ହେଲେ ମାତ୍ର ଅର୍ଦ୍ଧକୋଟି ଖଦଡ଼ ଉତ୍ପନ୍ନ ହୁଏ । ତେବେ କଳକଣା ବ୍ୟବହାର ମନ୍ଦ କଣ ? ଦେଶର ଧନ ଦେଶରେ ରହୁ । ବଜାରକୁ ଗଲେ ଦେଶୀ ସାବୁନ, ହଅପିନ୍, ସୂତା, ତେଲ ଇତ୍ୟାଦି ଖୋଜିଲେ କମ୍ବଳ ଦେଶୀ ମୂଲ୍ୟରେ କିଣିବା, କେବଳ କେତେକ ନାହିଁ-ନୋହିଲା ପଦାର୍ଥ ମାତ୍ର ବୈଦେଶିକ ଥିବ । ସମସ୍ତ ଦେଶ ବିଦେଶୀ ବର୍ଜନରେ ବଦ୍ଧପରିକର । ଆମେ ତ ଅର୍ଦ୍ଧ-ସ୍ୱଦେଶୀ, ଆମେ ସଫଳ ହେବା କିପରି ? ଭାରତର କଲ୍ୟାଣ ଲାଗି ମୁଁ ସଂକ୍ଷେପରେ ଯାହା ଯାହା ଭାବୁଛି, ତୁମକୁ କହୁ ଅଛି । ଭାରତ ସ୍ୱରୂପ ପଣ ଏକ ମହାଜାତୀୟ ଅଥଚ ବହୁଭାଷା ପ୍ରାଦେଶିକ ଭାଷାଭାଷୀ ଦେଶ । ଜାତି ଉନ୍ନତି ଲାଗି ମୁଁ ଭାବେ—୧. ଅମର ଓ ସ୍ୱାଧୀନ କରିବା ଜାତୀୟ ଶିକ୍ଷା । ସ୍ୱଧର୍ମର ପାଳନ । ସ୍ତ୍ରୀ ଶିକ୍ଷା, ଅନ୍ନ, ପଠାଣ, ବ୍ରାହ୍ମଣ ଆଦି ପାଶ୍ଚାତ୍ୟ ଜାତିର ପ୍ରଭାବରୁ ମୁକ୍ତ । ହିନ୍ଦୁର ଅସ୍ପୃଶ୍ୟ-ବ୍ୟବହାରର ସଂସ୍କାର । ୨. ସ୍ୱରାଜ ଗଣତନ୍ତ୍ର ଶାସନ । ତା' ଲାଗି ସମସ୍ତ ହିନ୍ଦୀ ଭାଷୀ ହିନ୍ଦୁ ଧର୍ମପରିଚିତ ଆଇନକାନୁନ୍ । ହିନ୍ଦୁସ୍ଥାନ ହିନ୍ଦୁର ଦେଶ । ଅନ୍ୟର ସେଠି କି ଅଧିକାର ? ମୁଁ ହିନ୍ଦୀରେ ପାରଦର୍ଶୀ ହେବି । ତୁମେ ଇଂରାଜୀ ଓ ହିନ୍ଦୀରେ ଦକ୍ଷ ହୁଅ । ଆମେ ଉତ୍କଳରେ ହିନ୍ଦୀର ସ୍ରୋତ ବୁହାଇବା । ଇଂରାଜୀ ପରିବର୍ତ୍ତେ ସବୁଠି ହିନ୍ଦୀର ପ୍ରାଧାନ୍ୟ ଖୋଜିବା । ଗାନ୍ଧି ଆମର ନମସ୍ୟ ଦେବତା । ଭଗବାନ ଗାନ୍ଧିଙ୍କ ହିନ୍ଦୀ ଭାଷାଭାଷୀ କରି ଜନ୍ମ ଦେଇଛନ୍ତି (ଗୁଜରାଟୀ, ପାଖ ହିନ୍ଦୀ ତୁଲ୍ୟ) । ଆମେ ତାଙ୍କର ଶାନ୍ତିମୂଳକ ସଂଗ୍ରାମର ସୈନ୍ୟଭୁକ୍ତ । ହଉ, ତୁମେ କମିବାଡ଼ିର ବ୍ୟବସ୍ଥା କର । ଦିନ ଆସିବ ଆମେ ସମସ୍ତେ ଏକାଠି ହେବା । ଦେଶସେବା, ଦେଶକର୍ମୀ ହେବା ।

କର୍ମହୀନ୍ ବୃଦ୍ଧାବଳ ମା' ମୁଁ ତୋପାଖେ ସୁଖ ପ୍ରାର୍ଥନା କରେ । ତୁମେ ମୋତେ ସାହସ ଦିଅ । ମୁଁ ଅଶକ୍ତ୍ ବୃଦ୍ଧ୍ ହୋଇଛି । ମୁଁ ଅକର୍ମଣ୍ୟ କର୍ମଣ୍ୟ ହୋଇଛି । କେବଳ ଏ ବନ୍ଧୁଗଣଙ୍କର ଆଶ୍ରୟରେ ଅଛି ଜୀବନ୍ତ । ତାଙ୍କର ସାହା ଭଲ ତାଙ୍କ ଶୀର୍ଷର୍ଷିରୁ ମାଗେ । ଆମର ବନ୍ଧୁ ଲୁଗା, ଖଦଡ଼ର କାଗଜ ପାଇଁ ଟଙ୍କା ଦେଲେ । କାହା ଜଡ଼େର ଭଷା ମୋର ସ୍ୱପ୍ନବନ୍ଧୁଙ୍କ—ତୁମେ ସ୍ୱ ଜାଣ । ତୁମେ ଏଥର ମଣିଷ ହୁଅ ।

ଓଡ଼ିଆ ଏଥର ମଣିଷ ହୁଅ
ସହ୍ନଲ୍ଙ୍ଗି ବନ୍ଧୁ ଜଗତ ବଦଳି
    ଜଳ ମୋତେ ଏବେ ଲୁହାକୁଅ,
କାଉର ଜନଙ୍କ ଜଳ ଘୃଣ କରେ
ରତନରେ ବାନ୍ଧୁ ମାଳ ଧୂଅ ।

ସ୍ୱନ ଲୁହିଁ ତୁମେ ସ୍ୱନ ଲୁହିଁ
କେଉଁଣ୍ କୋଟିରେ ଏକ କୋଟି ଦୋଳ
    ଅଛି ନ ଗହଣ ଜଗତା ଲୁହ,
ଅଳସୁଆ ଦୋଳ ଅଜାଣ ଦୁଃଖ କୋଣରୁ
    ଆଦୋଷ ଥାନ୍ତି ନ ଶୁଅ ।

ମନୋହରଲେ ସିନା ମଣିଷପଣିଆ
ମନେ ଅଙ୍ଗ ବାନ୍ଧ ଦୟେ ହୁଅ ଠିଆ
ଜନଜରେ ଜଗ ମୁଁ ଟାଣ ଓଡ଼ିଆ
    ମହାନଦୀର ମୁଁ ପ୍ରବଳ ସୁଅ ।
କୋଣାର୍କ ଶିଳା ସାଗରକଳ ଲୀଳା
    ପଥର ଦେହରେ ଲହରି ଥୁଅ ।

ଜାହାକୁ ଇଚ୍ଛାରେ ଜାହାକୁ ଇଚ୍ଛା
ମନୋବଳକୁ କେ ଜଣବ ଇଚ୍ଛା
ଦାନାକିନା ସବୁ ଆସିବ ଅଜାଡ଼ି
    ଆତ୍ମବଳେ ଯାହା ରଖିବ ଲକ୍ଷ୍ୟ ।

ନଗଡ଼ମାଳଟା ଲଗନ୍ଧାଅଙ୍କର
ଲୁଣ୍ଡ ତାଙ୍କ ସ୍ୱନ୍ଦେଶ ସ୍ୱେଦ କଣକର
କୋଳର ସନ୍ତାନ ସେ ଦେଶର ମୁକର
    ଯାହା ଲେଖା ଅଛି ଭାଗର ନ ହୁଅ ।

ଅନ୍ଧ ଘଡ଼ି ଦ୍ୱାରଆଡ଼େ ଚଳଣି
ପ୍ରବଳ ଆଘାତ ବନ୍ୟା ବଜ୍ରପାତ
ମଣିଷ ଜୀବନ ବଞ୍ଚା ଦେଇଁ
ଘଟେ ଘଟେ ତାକୁ କରେ ମର୍ମାହତ ।
ତଥାପି ମଣିଷ, ମଣିଷ ହୃଦରେ
ମଣିଷ ଦେଖୁଁ ଦେଖ କହୁ ଏକ ସ୍ୱରେ ।
ମଣିଷ, ମଣିଷ, ମଣିଷ ଅନନ
ଭଗବାନ ସ୍ୱର୍ଗେ ଆଜି ପରାହତ !

ମଣିଷ, ଅମର କି ଜଳ କି ଭସ୍ମ
ଜନ୍ମ କପାଳରେ ଅଛି ସୁନିଶ୍ଚୟ ।
ମଣିଷ ଆମେରେ କୋଟିଏ ଓଡ଼ିଆ
କୋଟି ଜଗତର କଙ୍କାଳ ଅଲଗା ।

ଅନ୍ଧରେ ଅନ୍ଧରେ କେତେ ଯମ ମନେ
ଦୁଃଖ ନାହିଁ ଆଉ କଷ୍ଟର ପତନେ
ଛୁଟିବୁ ଏଥର ଛୁଟିବୁ ମୁକର
ଭଲ୍ଲ କଲ୍ଲ ଆଜି ଦେଖାଇ ସମସ୍ତ ।

ଗାଅ ସବେ ସବେ ସ୍ୱାଧୀନତା ଗୀତ
ଦୁର୍ବଳମ୍ମନରେ ମର୍ଦ୍ଦି ଗାଇ ତଥ୍ୟ
ଶତବେଧ ତବ ଜଣାବ ଏପଣ
ନାହିଁ ଭବନରେ ଶକତ ଦେଶସ୍ତ ।

ଜଠରେ ଓଡ଼ିଆ ହୃଦରେ ମଣିଷ
ମଣିଷ ମୁଣ୍ଡରେ ବାନ୍ଧର ଆଶିଷ
ମଣିଷ ଖ୍ୟାତେ ପୂଜା ପାଅ ଭବେ
ନାଟନ୍ତୁ ରକ୍ତ ମଣିଷ ଗରବେ ।

ଅଗ୍ନିବତେ ଦେଖ ଯା' ଯାଉଛୁ ଭବ
ଅଧିକୁ ଅଧିକ ବଢ଼ିବ ବିଭବ
ଓଡ଼ିଆ ଏଥର ମଣିଷ ହୁଅ ହେ
ଓଡ଼ିଆ ନାମର କାଳିମା ଧୁଅରେ ।

ଏ କବିତା କବିଙ୍କର 'ଆଶା'କୁ ଦେଖା ନାମ ଦେଇ ପଠାଇବ । ତୁମକୁ ଏହିଟା ମୋର ବାତ୍ସଲ୍ୟର ଉପହାର । ତୁମେ ମଣିଷ ହେବ, ଏହି ମୋର ଏକାନ୍ତ ବାସନା । ଅଧିକ କଣ ?

ଏ ଗୀତି ସର୍ବଦା ମନରେ ରହିବ । ଏ କବିତାଟି ମୋତେ ଲେଖିକରି ଦେବ । ତୁମେ ଈଶ୍ୱରଙ୍କର ସନ୍ତାନ ତୁମ । ଭାରତ ଜନନୀ ସ୍ନେହମୟୀ ମା ।”

## ଭାରତୀ ତପୋବନ

ଏହି କବିତାଟି ପଢ଼ିଲି । ମୋ ବଡ଼ଭଉଣୀ ଜନନୀଙ୍କୁ ଶୁଣାଇଲି । ସେ କହିଲେ— “ଦେଖ, ତୋତେ ମଣିଷ କରିବାରେ ଏ ଡାକ୍ତରାଣୀ ବହୁତ କିଛି କରିଛନ୍ତି । ତାଙ୍କର ମୋଟି ଉପଦେଶ ପଢ଼ିବ । ସେ ବି ତୋର ଗୋଟିଏ ମାଆ । ତୁ ଯାଇ ଜନ୍ମଦିନ ଭୁଲ ଯା, ତାଙ୍କ ପାଦପଦ୍ମରେ ତୋର ମଙ୍ଗଳ ହେବ ।” ମୁଁ ଶୁଣି କଟକ ଆସିଲି । ଆସି କଟକ ଟ୍ରେନିଂ ସ୍କୁଲ ହଷ୍ଟେଲରେ ମୋର ଜଣେ ସାଙ୍ଗ ପାଖରେ ରହିଲି । ପଣ୍ଡିତ କୁଳମଣି ଦାସଙ୍କ କ୍ଲାସକୁ ଯାଉଥାଏ । ପଣ୍ଡିତେ କ୍ଲାସରେ ପଢ଼ୁଥିବା ମାତ୍ରେ ଗାଇ ଉଠନ୍ତି—

> ଗୁଣିଗଣ ଗଣନାରମ୍ଭେ ନ ପତତି କଠିନୀ ସସମ୍ଭ୍ରମଂ ଯସ୍ୟ
> ତେନାମ୍ବା ଯଦି ସୁତିନୀ ବଦ ବନ୍ଧ୍ୟା କୀଦୃଶୀ ଭବତି ?—

ଗୁଣିଗଣ ଗଣନାବେଳେ ସମ୍ଭ୍ରମ ସହକାରେ ଯାହା ନାମରେ ଖଡ଼ିଗାର ନ ପଡ଼େ, ତା’ ମା’ ଯେବେ ସେହି ପୁଅ ଜନ୍ମ ଦେଲେ ସେ ବି ଜଣେ ପୁତ୍ରବତୀ ରମଣୀ, ତେବେ ବନ୍ଧ୍ୟା କାହାକୁ କୁହାଯିବ ?

ବଡ଼ ଭଲ ଲାଗେ ତାଙ୍କର ପାଠପଢ଼ା । ତା’ପରେ ମୁଁ ସେହି ସ୍କୁଲର ଜଣେ ଶିକ୍ଷୟିତ୍ରୀ ବନଲତାଙ୍କ ଦୃଷ୍ଟିରେ ପଡ଼ିଲି । ତାଙ୍କ ପାଖରେ ରହିଲି । କୁନ୍ତଳାକୁମାରୀଙ୍କ ପାଖକୁ ଯାଆସ କରୁଥାଏ ।

ମୋର ପରିକଳ୍ପନାରେ ଡାକ୍ତରାଣୀଙ୍କର ସାହିତ୍ୟିକ ଅନୁଷ୍ଠାନକୁ ମୁଁ ‘ଭାରତୀ ତପୋବନ’ ଦେବା ପ୍ରସ୍ତାବ କଲି । ତାହା ମଧ୍ୟ ପ୍ରକାଶ ହୋଇପଡ଼ିଲା । ଚିଠିପତ୍ରରେ ଭାରତୀ ତପୋବନ ଲେଖିଲି । ଭାରତୀ ତପୋବନ, ତେଲେଙ୍ଗାବଜାର, କଟକ, ଠିକଣା ଲେଖିଲେ ଚିଠିପତ୍ର ଆସିବ । ଏହି ତପୋବନ ନାମକୁ କେହି କେହି ପରିହାସ କରୁଥାନ୍ତି । ତଥାପି ତାହା ବ୍ୟବହୃତ ହେଉଥାଏ ।

ମୁଁ ଜାନୁଆରୀ ୨୩ରେ ପୁରୀ ଗଲି । ଡାକ୍ତରାଣୀଙ୍କ ପ୍ରଦତ୍ତ ହାରମୋନିୟମ, ବହିପତ୍ର ଏବଂ ଟଙ୍କା ଏକଶତଏକ ସଙ୍ଗରେ ନେଲି । ସେଠାରେ ଦିନ ଦିନ ରହିଲି । ‘ଆଶା’ ସମ୍ପାଦକ ଶଶିଭୂଷଣ ରଥଙ୍କ ସଭାପତିତ୍ୱରେ ଏକ ସଭା ହେଲା । ମୁଁ ତାଙ୍କ ପ୍ରଦତ୍ତ ପଦାର୍ଥମାନ ସନାତନ ମିଶନକୁ ଦାନକରି ଏକ ଭାଷଣ ଦେଲି ଏବଂ ଡାକ୍ତରାଣୀଙ୍କ ଚିଠିଟି ପଢ଼ି ଶୁଣାଇଲି । ଦେଖିଲି ତାଙ୍କର ପ୍ରଶଂସାରେ ଏ ଅଞ୍ଚଳ ମୁଖରିତ ହେଉଥାଏ । ମୋ ତରଫରୁ ଅଭିନନ୍ଦନ ମନୋରମ ହୋଇଥିଲା । ଉପସ୍ଥିତି ପ୍ରାୟ ଭଲ ଥାଏ

ମୁଁ ୭ ମାର୍ଚ୍ଚ ୧୯୨୮ (ସେହିବର୍ଷ)ରେ ଦୁଇଖଣ୍ଡ ଚିଠି ନେଇ କଲିକତା ଗଲି—ଛବି ତିଆରି କରି ଆଣିବାକୁ । ସେଠାରେ ଛବି ଓ ବ୍ଲକ ତିଆରି କରି ଏବଂ ଆର୍ଟ ପେପରରେ ଛବି ଛପାଇ ମୁଁ ନେଇ ଆସିଲି ।

୧୯୨୮ ରେ କୁନ୍ତଳାଙ୍କ ଜୀବନ ନାନା ଯନ୍ତ୍ରଣା ପ୍ରବାହରେ ଚାଲିଥାଏ । ସେ ନିଜ ଜୀବନ ସମ୍ପର୍କରେ ଅତ୍ୟନ୍ତ କାତର ହୋଇପଡ଼ୁଥାନ୍ତି ।

ନିଜର ଶୀଘ୍ର ବିବାହ କରିବେ ଏଥିପାଇଁ ବ୍ୟାକୁଳ ହେଉଥାନ୍ତି । ଏଣେ ନେତୃବର୍ଗ ଭାରତର ଭାଗ । ମଝିରେ ଉପ୍ଲବ ସେନାପତିଙ୍କ ସମ୍ମୁଖ ମହାନ୍ତର ଘଟେ । ତାଙ୍କର ଡାକ୍ତରଖାନା ଲିଙ୍କ୍ ରୋଡ ସେ ବଡ଼ ବାସ୍ତୁ ଚଞ୍ଚଳ ହୋଇଛନ୍ତି । ଏତେ ଶାନ୍ତି, ଉତ୍କଣ୍ଠା ଭାମିଣୀଟି—'ହେଲେ ଆସିଲେ, ହେଲେ ଆସିଲେ' କହି ବ୍ୟସ୍ତ ହୋଇଯାଉଥାନ୍ତି । ବୋଧହୁଏ ଇନ୍‌ସ୍ପେକ୍ଟର୍ ପରିଦର୍ଶକମାନଙ୍କ ପାଇଁ ଏହି ବ୍ୟସ୍ତତା ପ୍ରକଟ ଲାଗିରହୁଥାଏ । ଶ୍ରୀମତୀ ଇତ୍ୟାଦି ଭାରତବର୍ଷର ଜନସଂଖ୍ୟା ଏକାବେଳେ ଧୂଳିସାତ୍ ହୋଇଯିବ—ଏହି ଭୟ । ସେକାଳେ ସାହେବମାନଙ୍କରେ ପଲିଟିକାଲ ଏଜେଣ୍ଟ ବା କମିଶନର ଆସିଲେ ବେଠିରେ ହଜାର ହଜାର ଚଷୀକ ପୋଲିସଦ୍ୱାରା ଅତ୍ୟାଚାରିତ ହୋଇ ଉଚ୍ଚ ଜାତିକୁ ଓ ଚାଷୀଙ୍କର ପଣ୍ଡାମାନଙ୍କୁ ଯାଉଥିଲେ—ଘୁଷୁରିଆ ଛପାଉଡ଼ିବା ଦୃଶ୍ୟ ଅଭାବ କରୁଣ । ମାଇଲ ମାଇଲ ଦୂରକୁ ଲୋକେ ପାଣି ଆଣି ସଡ଼କରେ ସିଞ୍ଚିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ । ଯା ହେବ, ଘୋଡ଼ାଗାଡ଼ି ସେହି ରାସ୍ତାରେ ଯିବେ, ଟିକେ ଧୂଳି ଉଡ଼ିବ ନାହିଁ । ମୁଣ୍ଡଫଟା ଖରାରେ ଉପାସରେ ବେଠିଆ ପ୍ରଜା ମାଡ଼ ଖାଇ ପାଣି ବୋହି ପକାଇବ, ଘୁଷୁରିଆ ଛପାଉଡ଼ିବ—ପୁଣି ଶହ ଶହ ମାଇଲ ରାସ୍ତା । ଏଇ ଇଂରେଜ ଜାତିକୁ ଏବେ ମଧ୍ୟ ଆମେ ସଭ୍ୟ କହୁଁ । ଯେଉଁମାନେ ଇଂଲଣ୍ଡ ଯାଇ ଦେଖିଛନ୍ତି, ସେମାନେ ଇଂରେଜ କହିଲେ, ବୁଝନ୍ତି ସେମାନେ ମାନବସମାଜର କେବଳ ସଦ୍‌ଗୁଣ ଅଂଶ । ଏବେ ସେକାଳର ବହୁ ସିଭିଲିଆନଙ୍କ ଅମନୁଷ୍ୟତାପୂର୍ଣ୍ଣ ହୀନ ଗୁଣକୁ ସଦ୍‌ଗୁଣ ବୋଲି ଆମର ଶିକ୍ଷିତ ଯୁବକମାନେ ଅନୁକରଣ କରି ସାହେବ ବୋଲାଉଛନ୍ତି । ମାନବର ଏପରି ପତନ ସମ୍ଭବତଃ ଧରଣୀରେ ଏଇଠି ପ୍ରଥମ । ପଣ୍ଡିତ ନେହେରୁଙ୍କ ପରି ବଡ଼ ସଂସ୍କାରକ ନେତା ଶିକ୍ଷିତ ଜଣେ ପ୍ରଗତିଶୀଳ ବ୍ୟକ୍ତି ଚେଷ୍ଟା କରି ମଧ୍ୟ ଏ ପ୍ରଥା ସଂଶୋଧନ କରିପାରିଲେ ନାହିଁ । ଏ ରୋଗ ଏବେ ବ୍ୟାପକ ହୋଇଯାଇଛି । ପରିଣତି କଣ ହେବ, କହି ହୁଏନାହିଁ ।

କୁନ୍ତଳାକୁମାରୀଙ୍କ ଜୀବନରେ ପରିଦର୍ଶକମାନେ ସନ୍ତୋଷ ଥିବାର ସେମାନଙ୍କ ପରିଦର୍ଶନ ଲେଖାରୁ ଜଣାଯାଉଥିଲା; କିନ୍ତୁ ତାଙ୍କର କବିତ୍ୱରେ, ଡାକ୍ତରୀ ଜୀବନରେ ସେଭଳି ଅସୀମ ପ୍ରତିପତ୍ତି ଓ ଖ୍ୟାତି ହୋଇଯାଇଥିଲା, ଏହି ପରିଦର୍ଶନ ପ୍ରଶଂସା ସେ କ୍ଷେତ୍ରରେ କିଏ ବା ଦେଇବ ? କିଏ ବା ଲେଖା ଥିଲା ?

ସେ ନିଜେ ଲେଖନ୍ତି କି ନା' ପରୀକ୍ଷା ନେଲେ

ବ୍ରହ୍ମପୁରରେ କେତୋଟି ଉଚ୍ଚଶିକ୍ଷିତ ଯୁବକ ଏପରିକି ସମସ୍ତଙ୍କର ସର୍ବସାଧାରଣରେ ସନ୍ଦେହ କଲେ ଯେ କୁନ୍ତଳାକୁମାରୀ ଅନ୍ୟଦ୍ୱାରା କବିତାମାନ ଲେଖାଇ ନିଜ ଲେଖା ବୋଲି ପ୍ରଚାର କରନ୍ତି । ପୁରୁଣା ବହୁତ ପୁସ୍ତକ ଦେଖି, ପଢ଼ି କବିତାର କିଛି କିଛି ଅଂଶ ନେଇଥାନ୍ତି । ତାଙ୍କର କୌଣସି ମୌଳିକତା ନାହିଁ । ଡାକ୍ତରୀ-ପଢ଼ାରେ ସାହିତ୍ୟ ଆସିବ କାହିଁ ? କେତେ ପୁରୁଷଙ୍କ ନାମ ଏ ଦଳରେ ସହଯୋଗ କରିଥିବାର ମଧ୍ୟ ଶୁଣାଯାଉଥାଏ । କାରଣ ମଧୁ-ଦାସଙ୍କ ସମ୍ମେଳନୀରେ ସେ ଲିଖିତ ଅଭିଭାଷଣ ପାଠ କରିଥିଲେ । ସୁତରାଂ ଏବଂ ମହିଳାସଭାର ବକ୍ତୃତା ତାଙ୍କଠାରୁ ପ୍ରତ୍ୟକ୍ଷଭାବେ ଶିକ୍ଷିତ ସର୍ବସାଧାରଣ ଶୁଣି ନ ଥିଲେ ।

ସତ୍ୟ ମଧ୍ୟ ଚାପା ରହିଲା ନାହିଁ । ରାମଚନ୍ଦ୍ର ଆଚାର୍ଯ୍ୟ ଏବଂ ଈଶ୍ୱର ସାହୁଙ୍କ ପରି କେତେଜଣ ଯୁବକ ଦିନେ ଜଟିଳ ଆସି ଡାକ୍ତରଣୀଙ୍କୁ କହିଲେ ଯେ ତାଙ୍କର ମୌଳିକ ରଚନାର ପ୍ରତ୍ୟକ୍ଷ ଅନୁଭୂତି ପାଇଁ ସେମାନେ ଆସିଛନ୍ତି । ମନରେ କିଛି କଷ୍ଟ କରିବେ ନାହିଁ ।

କୁନ୍ତଳାକୁମାରୀ ସମସ୍ୟାଟି ବୁଝିପାରି ଜାଣିଦେଲେ । ଆନନ୍ଦରେ କହିଲେ—ମୁଁ ତ ନଗଣ୍ୟ ନାରୀ ମାତ୍ର । ମୋତେ ପରୀକ୍ଷା କରିବେ—କି ଫଳ ପାଇବେ ? ହେଉ, କିଛି ସନ୍ଦେହ କରନ୍ତୁ । ଯୁବକମାନେ ମଧ୍ୟ ସେଓଙ୍କ 'ସ୍ୱଦେଶ ସ୍ୱପ୍ନ' ପରି ଏକ କବିତା ଦାବିକରି ବସିଲେ । ଏଥି ସରଳ କବି ମଧ୍ୟ ତା ସ୍ୱୀକାର କଲେ ।

ସେ ତାଙ୍କର ସେହି ଡାକ୍ତରଖାନା କମ୍ପାଉଣ୍ଡର ରୁମ୍‌ରେ ବସି କବିତା ଆରମ୍ଭ ଲେଖିଦେଇଥିଲେ । ମୂଳ ଲେଖାଟି ମୋ ନିକଟରେ ଅଛି । କବିତାଟି ଦୀର୍ଘ । ତାହାର କେତୋଟି ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା । କବିତାଟି ପଢ଼ିସାରିବାପରେ ସିଏ ଜଣଜଣ କରିକି ପ୍ରଣାମ କରାଇ କ୍ଷମା ମାଗିଥିଲେ । ଡାକ୍ତରଣୀ ସେମାନଙ୍କୁ କହିଥିଲେ—ମୁଁ ମୋର ନ୍ୟୂନତା ସ୍ୱତଃ ଜଣେଇ ଆସିଛୁ; କିନ୍ତୁ ମୁଁ ଅପାରଗ ଏହା ସ୍ୱୀକାର କରିପାରିବି ନାହିଁ । ଯେତିକି ଶକ୍ତି ମୋର ଅଛି, ସେତିକିରେ ମୁଁ ଖୁସି ।

କବିତାଟି ଏହିପରି—

ସତେ ଏ ଭାରତ ସେହି ପୁଣ୍ୟ ଆର୍ଯ୍ୟଭୂମି ଭୂମି
ସଭ୍ୟତାର ଅଭ୍ୟୁଦୟ ସ୍ଥାନ
ସତେ ଏ ଭାରତ ସେହି ଜନନୀ ଯା' ଅମୃତ
ପ୍ରାତଃ ସନ୍ଧ୍ୟା ବେଦଗୀତ ଅମୃତ ସୁତାନ,
ଯା'ର ଗଙ୍ଗା-ସିନ୍ଧୁ ତଟେ ଉଚ୍ଛଳିତ ନଦୀରେ
କଲ୍ଲୋଳିତ ଜଳେ ବାଜେ ବୀଣାର ସରମ
ଦେବଙ୍କ ସମିଧ କୁଣ୍ଡେ · ଅନଳ ଧୂମ୍ରୋଲୋଭିତ
ସଦା ଉଦ୍ଦୀପିତ କି ପାବନ ପବନ ।

କାଳାନ୍ତକ ମହାଘଟକେ    ଜୀବନ ଅମୃତ ଭାବେ
ଢେଳ ସେ ବାହୁ ଆଗ ଅଗ୍ରେ ଆସ ବନ୍ଧୁ ମହାନ
ନଳାଟରେ ଯଶୋଟିକା    ବୈଜୟନ୍ତୀ ସାନ୍ତିଶିଖା
ଅମରଲୋକ୍‌ର କଲ୍ଲୁ ତବ ନୈବେଦ୍ୟ ଦାନ ।

ସେ ତାଳ-ମାନରେ ସଙ୍ଗୀତ ଗାଇପାରନ୍ତି । ତାଙ୍କର ସ୍ୱର ମଧ୍ୟ ଅତ୍ୟନ୍ତ ମଧୁର ଏବଂ ସୁନ୍ଦର । ଉଚ୍ଚ-ସଙ୍ଗୀତରେ ସେ ଦକ୍ଷତା ଅର୍ଜନ କରି ନ ଥିଲେ ଏବଂ ସେଥିରେ ମଧ୍ୟ ତାଙ୍କର ଅଭ୍ୟାସ ନ ଥିଲା; କିନ୍ତୁ ଭକ୍ତିସଙ୍ଗୀତରେ ସେ ଥିଲେ ଜଣେ ଗାୟିକା । ସେ ଏହି କବିତାଟି ଗାଇଦେବାବେଳେ ଶ୍ରୋତା ଛନ୍ଦୋଟି ତାଙ୍କୁ ଭୂମିଷ୍ଠ ପ୍ରଣାମ ଅର୍ପଣ କରି ବାରମ୍ବାର ଡାକୁଥିଲେ—ମା' ମା' ।

## ଏକ ମୁଖ୍ୟ ଘଟଣା ଓ ମାନସିକ ଆର୍ତ୍ତନାଦ

ସେହି ବର୍ଷ ଅପ୍ରେଲ୍ ମାସରେ ସେ କଲିକତା ଯାଇଥାନ୍ତି । ବ୍ରାହ୍ମସମାଜଦ୍ୱାରା ତାଙ୍କର ବିବାହ ହେବା ଆଦୌ ସମ୍ଭବ ହେଉନାହିଁ । କୈଳାସବାବୁ ବାଲେଶ୍ୱରରୁ ଘାଟଶୀଳା (ସିଂହଭୂମି)କୁ ବଦଳିରେ ଗଲେଣି । ୨୫ । ୧୨ । ୨୭ ଠାରୁ କୁନ୍ତଳାକୁମାରୀ ଏବଂ କୈଳାସ ବାବୁ ଜନସ୍ୱୀକୃତ ଖଦଡ଼ ପିନ୍ଧୁଥାନ୍ତି । ସେଦିନ ସେ ଦୁହେଁ ପ୍ରତିଜ୍ଞା କରି ଏକ ଲିଖିତ ସ୍ୱାକ୍ଷର ଦେଇଥାନ୍ତି । ସେହି ସେ ପ୍ରତିଜ୍ଞା ସେମାନେ ନିଜ ନିଜର ମୃତ୍ୟୁଯାଏ ପାଳନ କରିପାରିଥିଲେ ।

ସେହି ବର୍ଷ ମାର୍ଚ୍ଚ ୧ ତାରିଖରେ (୧୯୨୮) ଦୁବାଲ୍ଟାରେ ଏକ ଖ୍ରୀଷ୍ଟିଆନ୍ ପରିବାରରେ ଗୋଟିଏ ବିବାହ ହେଲା । ସେ ଉକ୍ତ ପରିବାର ଦୁଇଟିର ଅନୁବର୍ତ୍ତୀ ଘନିଷ୍ଠ ବାନ୍ଧବ ଥିଲେ । ବିଶେଷରେ ଏହି ଭୋଜିରେ ତାଙ୍କୁ ଅନେକେ ଆମନ୍ତ୍ରଣ କରିଥାନ୍ତି । ସେ ଧର୍ମାନ୍ତର ଗ୍ରହଣ କରିବା ମଧ୍ୟ ତାଙ୍କ ମନକୁ ଆସୁନାହିଁ । ବିଶ୍ୱ-ସ୍ୱାଧୀନରେ ଅନ୍ୟ ପରିବାରର ଦୋସ୍ତ-ବନ୍ଧୁମାନଙ୍କ ସମ୍ପର୍କରେ ଆସିଲେ ମନର ଦୁଃଖ ଊଣା ହେବ, ଏ ଆଶା ଧରି ସେ ଯିବାକୁ ବାହାରିଲେ । ସେ ତ ଡାକ୍ତରଣୀ । ବେଶଭୂଷାରେ କେବେହେଲେ ପରିପାଟୀ ନ ଥାନ୍ତି । ସେଦିନ ଭାବିଲେ, ସମସ୍ତେ ନାନା ଅଳଙ୍କାରରେ ମଣ୍ଡିତ ହୋଇ ଆସିଥିବେ; ସେ କାହିଁକି ଖାଲିମାଲି ହୋଇ ଯିବେ । ତାଙ୍କ ମା'ଆ ମଧ୍ୟ ସମର୍ଥନ କଲେ । ଅଶାନ୍ତ ମନ୍ଦ ବିବାହୋତ୍ସବର ଚିତ୍ର ତାଙ୍କ ଆଖି ଆଗରେ ନାଚିଗଲା ।

ଯେତେ ଯେତେ ଅଳଙ୍କାର ମଣ୍ଡି ହୋଇ ପାରନ୍ତି, ମଣ୍ଡି ହେଲେ । କାନରେ କୁଣ୍ଡଳ ଲମ୍ବା ଲମ୍ବା ଓହଳା ଅତି ମୂଲ୍ୟବାନ ପଥରବସା ଝଲମଲ କାନଫୁଲ ଦୁଇଟି ପିନ୍ଧିଲେ । ବେକରେ ଦୁଇଟି ହାର ପିନ୍ଧିଲେ । ତାଙ୍କର ଦୁଇଟି ହାର ଓଜନଦାର ଏବଂ ଅତି ବଡ଼ । ନାଭିଯାଏ ଲମ୍ବିଥାଏ । ସେ ଅଳ୍ପର ଅତି ସୁନ୍ଦର ଗଠନ । ଲଳିତ ସୁନା-କାଚ ମାଳି

ମାଲେ, ତା ଗାଲକୁ ପଥରବସା ଦକ୍ଷିଣୀ ମୋଟା ହାତ । ତାଙ୍କ ପାଖରେ ଶାଢ଼ି କୁଞ୍ଚ ମୂଲ୍ୟବାନ ପଥରବସା ଏକ ବୃହତ୍ ସୁନାର ବ୍ରୁଚ୍ ପିନ୍ଧିଲେ । ଗଳାରେ ସୁନାର ପାଟଆ ଗନ୍ଥା ଦଶ ଦଶ ଲଗାଇ ଡମ୍ବରୁ ମହମଦ୍ ହୋଇ ବାହାରିଲେ । ଶାଢ଼ି ଦେଖେ ଦାମିକା ହୋଇପାରେ । ପୁଣି ଅତରର ମହକ । କାହାକୁ କଣ ସାଜେ, ତା ସେ ସମ୍ଭବ ବୁଝି ନ ଥିଲେ । କଟକର ସମ୍ଭ୍ରାନ୍ତ ସ୍ତ୍ରୀ, ପଣ୍ଡାବାରର ନାଗ୍ରଙ୍କ ସାଜସଜ୍ଜାର ଏହା ଅନୁକରଣ ହୋଇପାରେ—କସ୍ତୁରଂଶରେ । କାରଣ ସେମାନେ ଅନ୍ତ-ଅଳଙ୍କାର ଧାରଣରେ ମଧ୍ୟ ଅଳଙ୍କାର ପିନ୍ଧନ୍ତି ନ ନାଁ ଜଣାପାନ୍ତି ନାହିଁ । ଅଙ୍ଗକୁ ସୁହି, ଗଠନକୁ ସୁହି, ରଙ୍ଗକୁ ସୁହି ସେ ସବୁରେ ସଜାଗ ଥାଏ ।

ସୋଡ଼ିଏ ଗ୍ରୀଷ୍ମୀନ ପରିବାରର ବଡାଙ୍କୁ ପ୍ରଥା ମୋତେ ଦେଖାଇବା ଲକ୍ଷ୍ୟରେ ସେ ମୋ ବସା ପାଖରେ ପହଞ୍ଚିଲେ । ମୁଁ ତାଙ୍କର ଏ ସାଜସଜ୍ଜା ରୂପ ଦେଖି ଘୃଣାରେ ଲୁଚିଗଲି । ବନଲତା ଦେବୀ ମଧ୍ୟ ମୋତେ ଏଥିରୁ ରଖାଇଲେ । ସେ ତାଙ୍କ ବନ୍ଧୁ ସହିତ ପହଞ୍ଚି ଦେଖିଲେ—ନା ଦୁର୍ବିପାକ, ଜଣେ ହେଲେ ତାଙ୍କ ବେଶଭୂଷାରେ ସଜ୍ଜିତା ହୋଇ ଆସିନାହାନ୍ତି । କାରଣ ପିତ୍ତଳ ବାଲବାର ବଡାଙ୍କ ସେଠ ନା କଣ ସମସ୍ତେ ସାଧାରଣ ବେଶରେ ଆସିଛନ୍ତି । ରମଣୀମଣି ଝିଅ-ବୋହୂମାନେ ପାତା ଶାଢ଼ି ଖଣ୍ଡେ ଖଣ୍ଡେ ପିନ୍ଧି ଅତି ସାଧାରଣ ମୂର୍ତ୍ତି ଧରିଛନ୍ତି । ଏହା ଦେଖି ସେ ଲଜ୍ଜାରେ ଛାନି ପଡ଼ିଲେ । ସଙ୍ଗିନୀମାନେ ନାନା ପରିହାସ କରି ଚାଲିଲେ । ଏପରିକି ଅନେକେ ତାଙ୍କ ସେଠ ମୁଣ୍ଡି ମୁଣ୍ଡି ହୋଇ ଦେଖି ଫୁସୁଲ୍ ମଧ୍ୟ କଲେ । ବେଶ ସୁନ୍ଦରବାର ସୁଯୋଗ ନାହିଁ । ଦେଶର ଦୁଆରରେ ଧୂମ୍ର ଲାଗିଛି । ବଡ଼ ବଡ଼ ମାଂସମୁଣ୍ଡାରେ ଲୁମ୍ପି ଚାପାଣ ଚାଲିଛି । ଏ ସମୟରେ କେବଳ ତାଙ୍କ ଦାମିକା ସ୍ୱପଚ୍ଛୋଟିକନ ହିଁ ତାଙ୍କ ଲଜ୍ଜା ନଥିବାରୁ ଘୃଣା କରିଥିଲି ।

ସେ ବଡ଼ ପିହାଣା ଥିଲେ । ତାଙ୍କୁ କଏ କଣ କହୁଛି, ତା ମଧ୍ୟ ଶୁଣି ନଜରକୁ ଧିକ୍କାର ଦେଉଥିଲେ । ସତେଇଶ ବର୍ଷ ବୟସ ଥାଏ ସେତେବେଳେ କୋଉ ଝିଅ ପଢୁଆଡ଼ି ଅଛି ? ତାଙ୍କ ସେଠ ବୁଢ଼ାବୁଢ଼ୀମାନେ ନାନା ପରିହାସମୂଳକ କଥା ଏପରି କୌଶଳରେ ବଖାଣୁଥିଲେ, ଯାହା ଶୁଣିଲେ ଶତାବ୍ଦୀ ବାଣମୁନର ଆଘାତଠୁ ତାହା ବଳପଡ଼ୁଚ ।

ସେ ଜୀବନରେ କ ଭୁଲ କରିଛନ୍ତି—ତାହାହିଁ ଭାବୁଥିଲେ । ଦେଖିବାକୁ ଅତ୍ୟଧିକ ମନସ୍ତାପରେ ଝାଳ ବୋହୁଥାଏ । ସମ୍ଭାଳି ରହୁଥାନ୍ତି । ବାରମ୍ବାର ହୋଇ ବଡାଙ୍କ ହେବାକୁ ଯାଉଥିବା କନ୍ୟାର କୋଠରୀରେ ପଶିଗଲେ । ସେଠାରେ ଏକ ବିଶାଳ ଦର୍ପଣରେ ନିଜର ଏ ବେଶ-ଉନ୍ମାଦ ଦେଖି ଘୃଣାରେ ଅସ୍ଥିର ହୋଇଗଲେ । ଛି, ଛି, ସେ ଯାହା ବୁଝୁଥାନ୍ତି ତା ନାହିଁକି, ଯେବେ ସେ ବିବାହିତ ହୋଇଥାନ୍ତେ, କଣ ପରବାସ୍ତ ଥିଲି ? ସେ ନିଜର ଜାତି, କୁଳ, ସମାଜ, ଧର୍ମ, ପରିଜନ ତ୍ୟାଗକରି, ନିଜର ପରମ୍ପରାକୁ ବିମୁଖ ହୋଇ ଦେଶରେ କଣ କରୁଛନ୍ତି ? ଅନ୍ତରରୁ ନିଜକୁ ଧିକ୍କାର ଦେଇ ଦେଇ ଦାମ୍ଭ ଧରି ଗାର୍ଣ୍ଣିଶ୍ଚି ବାହାରି ସବୁକୁ ଫେରିଲେ । ପାଞ୍ଚ ଦୁଇଦିନ ସେ ଉପାସ ରହିଲେ । ଅଶ୍ରିରୁ ଲୁହ

ହିଁ ମୁହଁ କଳା ପଡ଼ିଯାଇଥାଏ—ଯେପରି ଗୋଟିଏ ପାଞ୍ଚବର୍ଷର ମଣ୍ଡ । ସେ ସବୁଆଡ଼ୁ ଡାକ୍ତରଙ୍କ କଣ କରିବେ ? ମରିବାରେ ଅଧିକ କଣ ହେବ ? କେହି ତାଙ୍କୁ ଜାଣିବେ ନାହିଁ । ସଂସାରକୁ ଆସିବାଟା ନିରର୍ଥକ । ସେ ଯୁଦ୍ଧ କଲେ ମୃତ୍ୟୁ ସମ୍ପା ଏଣିକ ମନଶାନ୍ତିର କଟୋରା ଯନ୍ତ୍ରଣାକୁ ଆଉ ସେ ସ୍ୱୀକାର କରିବେନାହିଁ । ମନ ବିଦ୍ରୋହ ହୋଇଉଠିଲା । ୨୧ ମସିହାରୁ ଧୀରେ ଧୀରେ ଏ ମଧ୍ୟରେ ୭/୮ ବର୍ଷ ବିତିଗଲା—ଆଉ ନୁହେଁ । ସେ ଅଧୈର୍ଯ୍ୟ ହୋଇ ଉଠିଲେ । ଅନ୍ତରେ ଜାଗିଗଲା ଶକୁନ୍ତଳା ମହାଭାରତ ବର୍ଣ୍ଣନାରେ ପ୍ରାଣବନ୍ତ ହୋଇଥିଲେ । କାଳିଦାସଙ୍କ ନାଟକରେ ଗର୍ବିତା ହୋଇଥିଲେ । ତାଙ୍କର ଏପରି ଲଜ୍ଜା, ଏପରି ଜ୍ୱାଳା ତ ନ ଥିଲା ? ସେ ପୂର୍ଣ୍ଣ ୪୮ ଘଣ୍ଟା ଉପବାସ ପରେ ତାଙ୍କ ମାଆଙ୍କ ବକ୍ଷ ସ୍ନେହାଲିଙ୍ଗନରେ କହିଲେ—ମାଆ, ମୁଁ ମରୁନାହିଁ । ମହାତ୍ମା ତ ୨୧ ଦିନରେ ବଞ୍ଚିଛନ୍ତି, ମୁଁ ଖାଦ୍ୟ ଖାଇଲେ । ପ୍ରତିଜ୍ଞା କଲେ ଯେବେ ସେ ସଫଳକାମ ନ ହୁଅନ୍ତି, ଯେପରିହେଉ ଏହି ବର୍ଷ ମଧ୍ୟରେ ଯାହା କିଛି କରିଯିବେ ।

ଗତ ୧୦ ଦିନ ତଳେ ତାଙ୍କର ସେହି ବିରୂପ ଅବସ୍ଥା ଦେଖି ମୁଁ ଅପ୍ରସ୍ତୁତ ହୋଇ ତାଙ୍କ ପାଖ ମାଡ଼ିନଥିଲି । ମୋର ଏକ ଭଉଣୀ ହେମବତୀ ମୋଠୁ ୧୬ ବର୍ଷ ବଡ଼ । ସେ ଖଣ୍ଡପଡ଼ା ଦୁର୍ଗରେ ସମ୍ଭ୍ରାନ୍ତ ପରିବାରରେ ପୁଣି ସେକାଳରେ ଜଣେ ସ୍କୁଲ ସବ୍‌ଇନ୍‌ସ୍ପେକ୍ଟରଙ୍କ ପତ୍ନୀ । ଗୋଡ଼ଠୁ ମୁଣ୍ଡଯାଏ ସୁନାରୂପାରେ ଖଞ୍ଜି ହୋଇଥାଏ । ସେ ଆମ ଘରକୁ ଆସିଲେ ମୁଁ ସଙ୍ଗେ ପଶେନାହିଁ । ଏ କ୍ଷେତ୍ରରେ ତାହା ହିଁ ହେଲା । ମୁଁ ଶୁଣିବାର ସପ୍ତାହକୁ ଆସି ଦେଖିଲି, ଡାକ୍ତରଣୀ ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଇଛନ୍ତି; କିନ୍ତୁ ବାଳକଟିର ପ୍ରସନ୍ନମୁଖ ଏବଂ ମଧୁର-କଥାଭଙ୍ଗୀରେ ପୁଣି ସେ ବୃନ୍ତରୁ ଫେରିଆସିଲେ । ଏ କଥା ସେ ବାରମ୍ବାର କହନ୍ତି—ହୋଇପାରେ ସତ୍ୟ ।

ସେହି ଶଯ୍ୟାରେ ଶୁଇ ଉପରେ ବସି ତାଙ୍କର ଅସହାୟ କଥାଭଙ୍ଗୀ ଶୁଣି କହିଲି—ଅହଙ୍କାର ନାହିଁ; କେବଳ ଜଗନ୍ନାଥଙ୍କ ପାଦପଦ୍ମ ଦେଖାଯାଉଛି । ଶୀର୍ଣ୍ଣପ୍ରାଣ କଣ୍ଠ ଏବଂ ଧୀର କହିଲେ—ସତ ମା' ଗତ । ଧାଇଁ କହିଲି—ତାଙ୍କୁ ଦେଖିକ ଆଁଳାଦେବ ଗୁଣ-ଗୁଣିଆ ଧ୍ୱନି ହେଉଛି । ତାଙ୍କୁର କଥା, ସନ୍ଧ୍ୟାର ଦକ୍ଷିଣ ଦିଗରେ ଅନ୍ଧାର ଭିତରେ ଏକ ଆଲୋକ—ଅବଶ୍ୟ ବନ୍ଧୁ ଭିତରେ—ଦେଖାଯାଉଥିଲା । ବିସ୍ମିତ ନୟନର ଭ୍ରାନ୍ତ ନେତ୍ରପ୍ରାନ୍ତରେ ଚମକ ଚମକ ଚମକ ଆସୁଥିଲା । ନାହିଁ କଣ୍ଟକ; ନାହିଁ ପୁଷ୍ପ ସମୁଦ୍ରକୂଳ । ଏହି ଜୀବନବ୍ୟାପୀ ସ୍ୱର୍ଣ୍ଣ ଲାଗୁଛି ଏକ ଅବାଚୀନ ବାଳକର କଥାରେ ସ୍ୱାସ୍ଥ୍ୟ ଧୂଳିକଣ ମୁଣ୍ଡ ତଳେ ଲଗାଇ ପ୍ରଣାମକରି କହି ଉଠିଲେ—ମୋର ଦୁଃଖ ସେ କେବେ ଦୂରକରିବେ । ତାଙ୍କ ଆଖିରୁ ଲୁହ ଢଳାଳ ହୋଉଥାଏ । ମୋତେ ବୁଝାଇଲେ—ଯେବେ ସେଥିରେ କିଛିମାତ୍ର ସତ୍ୟ ନାହିଁ, ତେବେ ଏତେ ଏତେ ଗୁଣ, ବୁଦ୍ଧିମାନ, ଗୁଣୀ ମନସ୍ୱୀ ବ୍ୟକ୍ତିଙ୍କୁ ସେଠାରେ ଅସୀମ ବିଶ୍ୱାସ ରହିଛନ୍ତି କାହିଁକି ? ସେହିଦିନୁ ସେ ଜଗନ୍ନାଥଭକ୍ତ ହୋଇଗଲେ । ମୋ ମାଆଙ୍କୁ ଏଠି ଲେଖିଲେ ଆଉ କିଛି ଦିନ ମୁଁ ରହିବାକୁ ।

## ଘାଟଶିଳା ଯାତ୍ରା ଓ ପୁରୀକୁ ଚିଠି

ସ୍ୱାମୀଙ୍କର ସେ ମୋତେ ସାଙ୍ଗରେ ନେଇ ୨୫ ମାର୍ଚ୍ଚ ରବିବାର ଦିନ ଘାଟଶିଳା ଗଲେ । ସିଂହଭୂମି ଅଞ୍ଚଳରେ ଘାଟଶିଳା ଏକ ରମଣୀୟ ସ୍ଥାନ । ସୁବର୍ଣ୍ଣରେଖା ନଦୀ ଅଦୂରରେ ପ୍ରବାହିତ । କିଛି ଦୂରରେ ଡମ୍ବୁଆଣୀ ଏବଂ ରେଳପଥରେ ପ୍ରଖ୍ୟାତ ଜାମସେଦ୍‌ପୁର ଟାଟାନଗର । ଖଡ୍ଗପୁର ଏବଂ ଟାଟାନଗର ମଧ୍ୟରେ ଏହି ସ୍ଥାନଟିର ମନୋହାରିତା ଏକାନ୍ତ ଚିତ୍ତାକର୍ଷକ । ଏଇଠି ପ୍ରଖ୍ୟାତ ବଙ୍ଗୀୟ କବି ଦ୍ୱିଜେନ୍ଦ୍ର ଲାଲ ରାୟ ଅନେକ ସମୟ ପରିବର୍ତ୍ତନରେ ଯାଇ 'ସେ ଯେ ଆମାର ଜନ୍ମଭୂମି' କବିତାଟି ଲେଖିଥିବାର କିମ୍ବଦନ୍ତୀ ଅଛି । ମୋର 'ଗୋବର ଗୋଟେଇ' ଉପନ୍ୟାସଟି ମୁଁ ସେଇଠି ଲେଖିଥିଲି । ଏପରି ସୁନ୍ଦର ଶାନ୍ତିପୂର୍ଣ୍ଣ ସ୍ଥାନ ବିରଳ ମନେହେଲେ । ଆଦିବାସୀ ଜାତିର ଅନାଡ଼ମ୍ବର ସରଳ ଜୀବନର ଚିତ୍ର ଏଠି ପ୍ରତ୍ୟକ୍ଷରେ ଦେଖାଯାଏ ।

ଡାକ୍ତରାଣୀ ସେଠାରେ କିଛି ଦିନ ରହି ଟାଟାନଗରରୁ କିଛି ଖଦଡ଼ ଶାଢ଼ି ଓ ଜାମା କିଣାଇ ଆଣିଲେ । ସେଠା ବଜାରରେ ସେତେବେଳେ ଅହମଦାବାଦର ସୁନ୍ଦର ପତଳା ଖଦଡ଼ ମିଳୁଥାଏ । ମୁଁ ଜଗଧରପୁର ଯାଇ ପ୍ରସିଦ୍ଧ ଅନନ୍ତ ମିଶ୍ରଙ୍କୁ ଏକ ଅକସ୍ମିକ ବିପଦରୁ ଉଦ୍ଧାର କରିଥିଲି । ସେ 'ସମ୍ମିଳନୀ' କାଗଜଟି ନେହାତ ପ୍ରକାଶ କରି ନ ପାରି ଲଜ୍ଜାରେ ଆତ୍ମଘାତୀ ହେବାକୁ ସ୍ଥିର କରିଥିଲେ । ମୁଁ ଘାଟଶିଳା ମୋର ଡାକ୍ତରାଣୀଙ୍କଠାରୁ ଶହେ ଟଙ୍କା ଏବଂ ଅନ୍ୟାନ୍ୟ ବାବଦରେ ଶହେ ଟଙ୍କା ଏପରି ଦୁଇଶହ ଟଙ୍କା ଟେଲିଗ୍ରାମ୍ ମନିଅର୍ଡ଼ରରେ ପଠାଇଥିଲି । ଜଗନ୍ନାଥ ପ୍ରସିଦ୍ଧ ଅନନ୍ତ ମିଶ୍ର ଘାଟଶିଳା ଆସି ଦୁଇଦିନ ରହି ଯାଇଥିଲେ । ତାଙ୍କୁ ସେଠାରେ ଏକ କ୍ଷୁଦ୍ର ସଭାରେ ଅଭ୍ୟର୍ଥନା କରାଯାଇଥିଲା । ଡାକ୍ତରାଣୀ ପ୍ରସିଦ୍ଧଙ୍କୁ ମାତ୍ର ଦୁଇଟି ମାସ ପର୍ଯ୍ୟନ୍ତ ଟଙ୍କା କରି ପଠାଉଥିଲେ । ଜାଣିଛି, ସେ ପ୍ରତିଜ୍ଞା ରକ୍ଷା କରିପାରି ନ ଥିଲେ । ସେତେବେଳେ ସେ ବାରମ୍ବାର ଘାଟଶିଳା ଏବଂ କଟକ ହେଉଥିଲେ । 'ଜୀବନର ଏକ କଷ୍ଟିରୁ ଉଦ୍ଧାରିଥିବା ଜଣଦେବେ' କହି ବୁଲୁଥାନ୍ତି । ତେଣୁ ସେହି ଧାରଣାର ବଶବର୍ତ୍ତୀ ହୋଇ ଖଣ୍ଡିଏ ଚିଠି ମୁକୁଟମଣ୍ଡପର ସମ୍ପାଦକ ମହାମହୋପାଧ୍ୟାୟ କାବ୍ୟକଣ୍ଠ ସଦାଶିବ ମିଶ୍ରଙ୍କୁ ଲେଖିଥିଲେ ।

୨୨-୪-୧୯୨୮ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ

କଟକ ଏଲ୍. ଏମ୍. ପି.

ପରମ ପୂଜନୀୟ,

ଯଦ୍ୟପି ଆପଣଙ୍କ ସହିତ ବ୍ୟକ୍ତିଗତ ପରିଚୟ ମୋର ଭାଗ୍ୟରେ ଘଟିନାହିଁ, ମୁଁ ସେ ଆପଣଙ୍କ ଉତ୍କଟରେ ପରିଚିତା, ଏହା ମୋର ବିଶ୍ୱାସ । ଆପଣ ଭାରତବିଖ୍ୟାତ ମୁକୁଟମଣ୍ଡପ ପଣ୍ଡିତ ସର୍ବଶ୍ରେଷ୍ଠ ସମ୍ପାଦକ । ସେହି ସମ୍ପର୍କରୁ ମୋର ଅକିଞ୍ଚିତ୍କର ଲେଖାଳିପି ଆପଣ ନିକଟରେ ମୂଲ୍ୟବାନ ପ୍ରଶଂସାପତ୍ର ଦେଇଛନ୍ତି । ସେଥିପାଇଁ ମୁଁ କୃତାର୍ଥ । ତାହା ମୁଁ ମୋର ନବ ପ୍ରକାଶିତ ବିଖ୍ୟାତ ଉପନ୍ୟାସ 'ରଘୁ ଅରକ୍ଷିତ'ରେ ପ୍ରକାଶ କରିଅଛି ।

ବର୍ତ୍ତମାନ ମୋର ଗୋଟିଏ ଅତି ଗୁରୁତର ବିଷୟରେ ଆପଣଙ୍କର ସାହାଯ୍ୟ ଏବଂ ପରାମର୍ଶ ଲୋଡ଼ା । ଆପଣଙ୍କ ବ୍ୟତୀତ ଆଉ କାହାରି ନିକଟରେ ତାହା ମୁଁ କହିବାକୁ ଇଚ୍ଛା କରୁନାହିଁ । ବିଦ୍ୱତ୍‌କୁଳ ଗୌରବ ସ୍ୱରଚନ୍ଦ୍ରଙ୍କ ମୁକ୍ତିମଣ୍ଡପ ପଣ୍ଡିତସଭାର ସମ୍ପାଦକରୂପେ ଆପଣ କେବଳ ମୋହର ପ୍ରାର୍ଥନା ପୂର୍ଣ୍ଣ କରିପାରନ୍ତି । ମୋର ଦୃଢ଼ବିଶ୍ୱାସ, ଆପଣ ମୋତେ ସେ ସୁଯୋଗ ଦାନକରି ଅନୁଗୃହୀତ କରିବେ ।

ଏହି ପତ୍ରର ଉତ୍ତର ପାଇଲେ ମୁଁ ଉକ୍ତ ବିଷୟ ଆପଣଙ୍କ ସମକ୍ଷରେ ଉପସ୍ଥାପିତ କରିବାକୁ ସାହସୀ ହେବି । ପତ୍ରଦ୍ୱାରା କେହି କିମ୍ବା ମୋର ସ୍ୱାମୀ କୌଣସି ବ୍ୟକ୍ତିଦ୍ୱାରା ନୁହେଁ, ଆପଣଙ୍କୁ ଜଣାଇବି । ଏତିକି ବିନୀତ ନିବେଦନ, ଏହା ଆପଣଙ୍କ ଛଡ଼ା ଦ୍ୱିତୀୟ ବ୍ୟକ୍ତି କେହି ଯେପରି ନ ଜାଣନ୍ତି । ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଘେନ । ଇତି ।

ନିବେଦିକା
ଶ୍ରୀମତୀ କୁନ୍ତଳାକୁମାରୀ ସାବତ

ପୁ—ଶୀଘ୍ର ଉତ୍ତର ପାଇବା ଆଶାରେ ରହିଲି ।

ଭାବ୍ୟଜଣଙ୍କ ପାଖରୁ ଏତିକି ଉତ୍ତର ଆସିବାରୁ କୁନ୍ତଳାକୁମାରୀ ମୋତେ ପୁଣି ଡକାଇଲେ । ବସନ୍ତ ଦାସାବରିଷ୍ଠ ସେହି ତଳ ମଙ୍ଗଳୀ ଅତି ଗୋପନରେ ମୋତେ ସାକ୍ଷାତ ଦେଇଥିଲେ । ମୁଁ ଗୋପନୀୟ ଭାବଟି ବୁଝାଇ କହିଥିଲି । ସେ ମନୋଧ୍ୟାନ ଦେଇ ତାହା ଶୁଣିଥିଲେ ଏବଂ ମୁଁ ରହିବାର ସମସ୍ତ ବନ୍ଦୋବସ୍ତ କରିଦେଇଥିଲେ । ମୁଁ ମୋର ଜଣେ ସାଥୀ ପଣ୍ଡିତ ତା' ଘରେ ରହିବାକୁ କହିବାରୁ, ସେ କହିଥିଲେ—ଯେପରି କେହି ଅବର ମହାପ୍ରସାଦ ସେବନ ଏଠାରେ କରିବେ । ତାଙ୍କର ସେହି ମଧୁର ବ୍ୟବହାର ମୁଁ ଭୁଲିପାରିନାହିଁ ।

ପଣ୍ଡିତ ଅନନ୍ତ ମିଶ୍ର ଶୁ. ଶର୍ମାଙ୍କ ସହିତ ସେ ପୂର୍ବରୁ ଧର୍ମ ଆଲୋଚନା କରି ମୋତେ ଶେଷରେ ଶୁଣାଇଥିଲେ—ବାବୁ ! ସବୁ ସୁବିଧା ହୋଇଯିବ । ଆପଣ ତାଙ୍କୁ ବୁଝାଇ କହିବେ । ସେ କଦାପି ନିରାଶ ହେବେନାହିଁ । ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ । ମୋଦ୍ୱାରା ଲିଖିତ 'କଲ୍ୟାଣଧର୍ମସଙ୍ଗୀତ' ବହିଟି ଛପାସରିଲେ ମୁଁ ତାହା ମୁକ୍ତିମଣ୍ଡପଦ୍ୱାରା ମଞ୍ଜୁର କରାଇନେଇ ତାଙ୍କର ବିହିତ ବ୍ୟବସ୍ଥା କରିଦେବି । ଶାସ୍ତ୍ରୀ ଏ ଚିଠିରେ ମଧ୍ୟ ଏହି କଥା ସେ ଲେଖିଥିଲେ ।

## କେ. ପି. ବ୍ରହ୍ମଚାରୀ

ଏହାପରେ ଅବକାଶରେ 'ସମାଜ' କାଗଜରେ ହଠାତ୍ ଗୋଟିଏ ଲେଖା ପ୍ରକାଶିତ ହେବାର ଦେଖାଗଲା । ତହିଁରେ କେ. ପି. ବ୍ରହ୍ମଚାରୀ ଆଜନ୍ମ ଶାସ୍ତ୍ରୀ ନାମରେ ଜଣେ ଏଠି ଲେଖିଥାନ୍ତି—ବିଧବା, ବିଧର୍ମୀ, ଅସ୍ପୃଶ୍ୟା, ପତିତା ନାରୀମାନଙ୍କ ଉଦ୍ଧାରପାଇଁ ସେ

ନୂତନ ସଡ଼କ
କୃଷ୍ଣା କୁମାରୀ ପାତ୍ର, ଏକ୍ସ. ଏମ. ପି.

କଟକ,
ତା ୨୭-୮-...୮

ପରମ ପୂଜନୀୟେଷୁ।

ଯେଦିନ ଆପଣଙ୍କ ଅସୁସ୍ଥ ସମ୍ବାଦ ଶୁଣିଲି ମୋର ଜୀବନରେ ଯେଉଁ ଶୂନ୍ୟ, ସେ ଦିନ ମୋ ଆପଣଙ୍କ ନିକଟରେ ଶିଖିଥିବା ଶିକ୍ଷା ମୋର ସମ୍ବଳ। ଆପଣ ଭାରତ ସ୍ୱାଧୀନ ସଂଗ୍ରାମର ଅନ୍ୟତମ ସେନାନୀ। ସେହି ସମ୍ବନ୍ଧରେ ମୋର ଆପଣଙ୍କ ସହ ପରିଚୟ ଆପଣ ଜୀବନ ପର୍ଯ୍ୟନ୍ତ ସାଥିରେ ରହିଥିଲେ, ସେଥିପାଇଁ ମୁଁ ଆପଣଙ୍କୁ ଗୁରୁ ଭାବେ ମୋର ମନ ପ୍ରାଣରେ ସ୍ଥାନ ଦେଇ ସ୍ୱାଧୀନତା ସଂଗ୍ରାମରେ ପ୍ରବେଶ କରିଥିଲି।

ଏତିକି ମୋ ପରି ଲୋକ ଆଉ ଜୀବନର ଶେଷରେ ଆପଣଙ୍କ ସାଥୀ ହେଲେ ପ୍ରେରଣା ପାଇବ, ଆପଣଙ୍କ ସ୍ନେହରେ ଆଉ ଅନେକ ନିକଟରେ ରହି ମୁଁ କର୍ମକୁ ଭଲ ପାଇ ଥିଲି। ସ୍ୱାଧୀନତା ପରେ ଭାରତ ପୁଣି ସ୍ୱାଧୀନତାର ସୈନିକ ରୂପେ ଆପଣ ଅନେକ ମୋ ପରି ସାଥୀଙ୍କୁ ସୃଷ୍ଟି କରି ପାରିଲେ। ମୋ ପରି ବହୁ ଲୋକ ଆପଣ ମୋତେ ଯେ ସମ୍ମାନ ଦାନ କରି

କାର୍ଯ୍ୟ କରିଥାନ୍ତି । ତାଙ୍କୁ ଓଡ଼ିଶାର ସବୁ ଶ୍ରେଣୀର ସମାଜ-ସଂସ୍କାରକ ବ୍ୟକ୍ତିବିଶେଷ ସାହାଯ୍ୟ କରନ୍ତି ।

ଡାକ୍ତରାଣୀ ବି ଅସମ୍ଭାଳ ହୋଇଥାନ୍ତି । ଭାବିଲେ ଏହି ସମ୍ପାଦକଙ୍କଦ୍ୱାରା ସେ ଏହି ଗୋପନୀୟ ଦୁଃଖରୁ ମୁକ୍ତି ପାଇବେ, ସେଇଥିପାଇଁ ଚିଠିଟିଏ ଲେଖିବାକୁ ଇଚ୍ଛାକଲେ । ସେ ଜଣେ ସ୍ତ୍ରୀଲୋକ ହୋଇ ଏପରି ଏକ ନିତାନ୍ତ ଅପରିଚିତ ବ୍ୟକ୍ତିଙ୍କୁ ଲେଖିବେ ? ତେଣୁ ସମାଜ-ସଂସ୍କାରକ ଶ୍ରୀ ବୈରାଗୀ ଚରଣ ମିଶ୍ର, ଯେ କି ତାଙ୍କର ପ୍ରଥମ ସ୍ୱାମୀ 'ବୈରାଗୀ ମହାରା', ତାଙ୍କଦ୍ୱାରା ଚିଠି ଲେଖି ପଠାଇଲେ । ଚିଠିର ଉତ୍ତର ଜ୍ୱାଳାପ୍ରସାଦ ନାମରେ ଜଣେ ବ୍ୟକ୍ତି ପଠାଇଲେ । ତା'ପରେ ଚିଠି ଚଳାଚଳ ଚାଲିଲା । ନିଜେ ଡାକ୍ତରାଣୀ ସେଥିରେ ଚିଠି ଲେଖିଥିଲେ, ତାର ଉତ୍ତରରେ ଖୋଦ୍ ଜ୍ୱାଳାପ୍ରସାଦ ଚିଠି ଦେଲେ ।

ଜ୍ୱାଳାପ୍ରସାଦଙ୍କର ୩।୧।୨୮ ତାରିଖର ଚିଠି ପଢ଼ିଥିବା ସଙ୍ଗେ ସଙ୍ଗେ ଦେଖାଗଲା ସେ ହେଉ ମଇ ୭ ତାରିଖ ରବିବାର ଠିକ୍ ସକାଳେ ଦିଲ୍ଲୀରୁ ଜଣେ ଯୁବକ ଖଦଡ଼ର ପ୍ୟାଣ୍ଟ କୋଟ୍ ପିନ୍ଧି ଆଖିରେ ଚଷମା ଦେଇ ତାଙ୍କ ଘରେ ପହଞ୍ଚିଥିଲେ । ଉଚ୍ଚତା ପ୍ରାୟ ୫ଫୁଟ ୭ଇଞ୍ଚ । ସବୁଜ ଆଖି, ରଙ୍ଗ ଗୋରା, ବେଶ୍ ସୁଶ୍ରୀକାନ୍ତ, ଆର୍ଯ୍ୟସମାଜ ହେଲେ ଯେପରି ହେବାର କଥା—କାରଣ ପାଠକଙ୍କୁ ଯେପରି ସବୁକଥାରେ ବଳିପାରିବେ । ହିନ୍ଦୀ ଉର୍ଦ୍ଦୁ ମିଶା କଥା ସାଙ୍ଗକୁ ଇଂରାଜୀର କିଛି ମିଶ୍ରଣ । ସାଦା ଅତି କଥା । ଧୂଆଁକୁ ଗିଳିଦିବା ଓ ଧମକ ଦେଇ ଜବତ୍ତ କରିବା ସ୍ୱଭାବ—କ୍ରୋଧରେ ବା ପାଣ୍ଡିତ୍ୟରେ ନୁହେଁ—ଅଭ୍ୟାସ ଏବଂ ଜୋରଧାର ଗର୍ଜନରେ । ବେଶଭୂଷାରେ ନିପୁଣ । ସେଟି ଖାଦିବାଲା । କଥାରେ କଥାରେ ଓଡ଼ିଆଙ୍କୁ ଘୃଣା । ଦୟାନନ୍ଦ ସରସ୍ୱତୀ, ଧର୍ମ ଶ୍ରଦ୍ଧାନନ୍ଦ, ନାରାୟଣ ସ୍ୱାମୀ, ଆନନ୍ଦଭିକ୍ଷୁ ସରସ୍ୱତୀ—ଏପରି କେତେଗୋଟି ନାମ ଉଚ୍ଚାରଣ କରିଥାନ୍ତି । କଥାକଥାକେ କହନ୍ତି—ସେ ସମସ୍ତ ସ୍ୱାମୀଙ୍କ ଚେଲାଛନ୍ତି, ସେ କୁଆଡ଼ୁ ଯୁଦ୍ଧରେ ଗୁଳିର ଆଘାତ ସହିଛନ୍ତି ଦକ୍ଷିଣ-ଆଫ୍ରିକାରେ । ପ୍ରମାଣ ଦେଖାନ୍ତି ବାହୁରେ, ବାଁ ଗୋଡ଼ର ଜଙ୍ଘ ଅଂଶରେ ଶସ୍ତ୍ରର କ୍ଷତଚିହ୍ନ । ସର୍ବଶାସ୍ତ୍ର ପଣ୍ଡିତ । ଖଦ୍ଦୀ, କଂଗ୍ରେସରେ ଦରକାରର ସମ୍ବାଦଯୋଗୁଁ ନାନା ବକ୍ତୃତା ଦିଅନ୍ତି ବୋଲି ପ୍ରଥମ ପ୍ରଥମ ସାକ୍ଷାତରେ ଜଣାଯାଏ । ସ୍ନାନ କରନ୍ତି, ଶୁକ୍ଳପକ୍ଷ ସବୁବେଳେ ବୈଦିକ ସନ୍ଧ୍ୟା କରନ୍ତି । ହବନ କରନ୍ତି; ଘିଅ ଅଦ୍ଭୁତ ଦେଇ ଧୂପଧୂଣା ଦେଇ । ତା'ପରେ ଭୋଜନ—ସକାଳେ ଅରୁଆ ଭାତ, ଘିଅ, ଦୁଧ, ଦହି ଇତ୍ୟାଦି; ଶାକସବ୍ଜି ମଧ୍ୟ; କିନ୍ତୁ ନିରାମିଷ । ରାତ୍ରି ଫଳମୂଳ ଖାଇବେ । ସବୁ ସାତ୍ତ୍ୱିକ ବ୍ୟବସ୍ଥା । କେହି ତାଙ୍କ କର୍ତ୍ତବ୍ୟକର୍ମ ଦେଖିଲେ ପ୍ରଶଂସା ସେପରି ନ କରନ୍ତି !

ଏ ଜଣେ କିଏ ? ଜଣାଗଲା ଏଇ ଯେଉଁଲୋକ ଡକ୍ଟର ଜେ. ପି. ଭୂଗୁସ୍ୱ । ତାଙ୍କର ବହୁ ପଦବୀ—ବାଚସ୍ପତି, ଶାସ୍ତ୍ରୀ, ଧର୍ମରତ୍ନ, କର୍ମବୀର ଇତ୍ୟାଦି ଇତ୍ୟାଦି । ସୁତରାଂ ସହଜରେ ବର୍ଣ୍ଣନା ପରି ଏହି ଭୂଗୁସ୍ୱ ବୋଧହେଲେ କୁନ୍ତଳାକୁମାରୀଙ୍କୁ । ଅଜ୍ଞାତ ଓ ଅପୂର୍ବର ଉଚ୍ଚାରିତ ବେଦମନ୍ତ୍ରରେ ତାଙ୍କ ଗୃହ ଉନ୍ମାଦ ହେଲା !

. ମୁଁ ପ୍ରସ୍ଥାନବେଳେ ବ୍ରହ୍ମସ୍ୱାମୀଙ୍କ ସହିତ ଏଠା ଗୋପନରେ ବୈଦିକ ଧର୍ମ ବେଦ ପ୍ରବର୍ତ୍ତ ବା ସଂଶୟ ମୋଚନ ହେବାର ସିଦ୍ଧାନ୍ତ ହେଲା । କନ୍ତୁ ପ୍ରଶ୍ନ—ମାଆ ମନକୁ ଦେବା ଶାନ୍ତି ଶୀରସ୍ଥାନ । ସେ ଏହୁ ସନ୍ତାନର ଦେଖି ବାରମ୍ବାର ମୂର୍ଚ୍ଛାଗ୍ରସ୍ତ ତାଙ୍କ ବନ୍ଧୁ ଘରକୁ ବୁଲିଗଲେ । ଝିଅମାନଙ୍କ ଝିଅଟି ସ୍କୁଲକୁ ପଢ଼ିବାକୁ ଗଲ । ନର୍ସ, କମ୍ପାଉଣ୍ଡର କାର୍ଯ୍ୟ ସାରି ଡାକ୍ତରଖାନା ବନ୍ଦ କରି ନେଇଥା ଘରକୁ ଗଲେ ।

ତା'ପରେ ବ୍ରହ୍ମସ୍ୱାମୀ କଳଙ୍କ ବଜାରକୁ ବୁଲିଆସିଲେ । ମୁଁ ଚାର ବାଜିବାବେଳେ ତାଙ୍କ ଘରକୁ ଯାଇ ଶୁଣିଲି ଡାକ୍ତରାଣୀ ଆନନ୍ଦରେ ଅଧୀର ହୋଇ ଗୀତ ଗାଉଛନ୍ତି—

ପଥମଧ୍ୟରେ କୃଷ୍ଣ ଦେଖା ଆଜ୍ଞ ନ ଥିବ ବୃନ୍ଦାବନେ
ଏବେ ମନୋମୋହନ ଶ୍ୟାମଘନ ଗ୍ରହେ ହୃଦ-ପଦ୍ମାସନେ ।
ଯଥା ସ୍ଥଳେ ହେବ ଦୋଳ
ମଥାରେ ମୁଁ ନେବ ଝୋଲ,
ଲୋଟିବ ଶ୍ରୀକୃଷ୍ଣ ଦୋଳି ଧୂଳିଶେଷେ ଅସାଡନେ ।
ଜାତେ ବନ୍ଧୁ ନାମଟିକ
ପଥେ ପଥେ ବୁଲି ବୁଲି,
କୃଷ୍ଣ ନାମ ସୁଧାପାନେ ମତାଇବ ସର୍ବଜନେ ।

ଏହି ଗୀତଟି ପ୍ରକାଶିତ ହେବାବେଳେ 'ପ୍ରେମଚିନ୍ତାମଣି'ରେ ୨ୟ ଏବଂ ୩ୟ ପଦରେ ଥିବା କୃଷ୍ଣ ନାମକୁ ପରେ ସେ 'ଖ୍ରୀଷ୍ଟ' ରୂପେ ବଦଳାଇଥିଲେ । ତାଙ୍କର ଅବସ୍ଥା ଯାହା, ମୁଁ ସମଝିଗଲି । ସେ ଏପରି କଣ୍ଠ କରିବେ, ତାହା କଲ୍ପନା କରିଥିଲି । ସେ ମୋତେ ଦେଖିବାମାତ୍ରେ କହିଲେ—"ଆହା, ଅଳ୍ପ ଟିକେ ଆଗରୁ ଆସିଲନାହିଁ ? ତୁମର କୃଷ୍ଣ—ସାକ୍ଷାତ୍ କୃଷ୍ଣ-ଦର୍ଶନ ହୋଇଥାନ୍ତା । ଜନଧର, ତୁମେ ବିଶ୍ୱାସ କର—ସେ ସ୍ୱୟଂ କୃଷ୍ଣ । ମୁଁ ଲେଖି ଯିବାଙ୍କ ଅସ୍ତିତ୍ୱ ଦର୍ଶନଲବ୍ଧରେ ନଛି । ତୁମର ପୂର୍ବଜନ୍ମ କଥା ମୁଁ ଯେପରି ଜାଣିଛୁ, ସେପରି ଏବେ କୃଷ୍ଣଙ୍କୁ ପ୍ରତ୍ୟକ୍ଷଭାବେ ଦେଖିପାରୁଛି । ତୁମେ ସଜାଗ ରହିଲେ, ତାଙ୍କୁ ଦର୍ଶନ କରିପାରିବ ।"

ତାଙ୍କ ମାଆ ଏହି ସମୟକୁ ଫେରି କହିଲେ—"ଆରେ କୁନ୍ତଳା ! ତୋପରି ଭଲ ପିଲାଟାର ଏକ କାହିଁ ଯେ ଏ ଦର୍ପ-ଦେବତା ଦେଖି ପ୍ରେମ କରିବ ?" (ପ୍ରେମ—ଖ୍ରୀଷ୍ଟିଆନ ଘରେ ଶ୍ରଦ୍ଧା ବା ସ୍ନେହ । )

ଅନ୍ୟ ସମୟ ହୋଇଥିଲେ ମା'ଙ୍କ କଥାଏ ଲାଗିଆନ୍ତେ; କିନ୍ତୁ କୁନ୍ତଳାକୁମାରୀ ହସିଲେ । ସେ ଅଲଭ୍ୟ ପଦାର୍ଥ ଏବେବେଳେ ପାଇଛନ୍ତି । ସେ ଯାହା କହୁ, ତା' ସେ ସହିବେ ! ମୁଁ ଅତ୍ୟନ୍ତ ନତମସ୍ତକ ଥିଲି । ବିଶେଷରେ ଭଗବାନରେ ଜୀବନ ଅନ୍ତିମରୁ ଶେଷଯାଏ ରହିବା ଗଭୀର ଆନନ୍ଦ କୌତୁକ ସ୍ଥିତ । ମୁଁ ଅଳ୍ପକାଳରେ କହୁ ଜାଣିଥିଲି ।

ଅବଶେଷରେ ତାଙ୍କ ମାଆ ମୋତେ ଗୋପନରେ କହିଲେ—"ଏବେ କୁନ୍ତଳା ସୁସ୍ଥା ହେଲା। ସେ ତ କଂସାବତୀର ଜଳକଣ ଥିଲା। ବୁନ୍ଦୁଣ୍ଟିଏ ମେଘ ହୋଇ ଦେଖାଦେଲା।" ଦୁର୍ଗା ମହା ତପସ୍ୟା। ମୋତେ ପୁଣି କହିଲେ—"ଶୁ ତ ସ୍ୱର୍ଗ ଟିକଟ, ତବେ କଣ କହିବ ?" କୁନ୍ତଳାକୁମାରୀ ଏସବୁ ଶୁଣୁଥାନ୍ତି।

ପ୍ରେମଚିନ୍ତାମଣି ରଚନା

ମୁଁ ଏସବୁ ଜାଣିବା ପରେ ଦେଖିଲି କେତେକ ଅପୂର୍ବ କବିତା ରଚିତ ହୋଇ ସାରିଛି।

ନବ ଶରଦ ଜ୍ୟୋତ୍ସ୍ନେ କେଉଁ କି ନ ରଞ୍ଜିବ
ନବ ମଲ୍ଲିକାମାଳୀକୁ ଫୁଲ୍ଲ କି ନ ବୁଝିବ ?
ଆକାଶେ ଶୋଭୁଥିଲେ ଧନୁ ମେଘରେ
ନ ଗୁଞ୍ଜିବ କିଏ ଏକ ଅନୁରାଗରେ
କେତେକ ସୁନ୍ଦର ମନମୋହନର
ଶ୍ରୀପଦ-ସରୋଜେ ମନ-ଅଳି ନ ଚୁମ୍ବିବ ?
କହନ୍ତୁ କେ ଦେଖେ ଶ୍ୟାମ ରସିକିଆ
କହନ୍ତୁ କାଳିଆ କୁଳ-କଳଙ୍କିଆ
ଗଳାରେ ମୋହନ ଫୁଲ ଦେଇ ଭଲେ
ମେଘ ଆଜ ଆକାଶରେ—
ମଧୁମଣି ସମ ମଣିଷ ମିଳଣୀ
କିଏ ପଦ ବାନ୍ଧିବରେ ?

ମୁଁ ସେହି ଦିନଠାରୁ ଜାଣେ। ଶୁଣେ, ବ୍ରହ୍ମକୁମାରୀଙ୍କ ସହିତ ବୈଦିକ ଶାସ୍ତ୍ରୀୟ ଯୋଗ ଏବଂ ତାଙ୍କର ଧର୍ମାଳିର ବିଷୟକ ନାନା ଆଲୋଚନା ଚାଲି ରହିଛି; କିନ୍ତୁ ମୁଁ ଶାଏ କବିତାଗୁଡ଼ିକ—ଲୁଚି ଲୁଚି ଦେଖେ। ମୋତେ ଭଲ ଲାଗେ। ମୁଁ ତାହା ଶୁଣାଇଦିଏ। ମାନବିକ ପ୍ରେମମୂଳକ ବର୍ଣ୍ଣନା ଏବଂ ଭାଷା ମୁଁ ଜାଣିଥାଏ। ତେଣୁ ଲୁଚାଇଦିଏ।

ତାଙ୍କୁ ଶୁଣାଇ ଭୟ କରନ୍ତି। କହନ୍ତି—"ଏସବୁ ଏପରି ପ୍ରକାଶିତ ହେଲେ, ମୋର କି କଥା ନ ହେବ ?" ସେ ମୋର ଅନୁରୋଧ ରଖି ପାରନ୍ତି ନାହିଁ। ତେଣୁ କବିତାଗୁଡ଼ିକ ନଷ୍ଟ ନ କରି ମୋତେ ଦିଅନ୍ତି। ମୁଁ ପୁଣି ସଜାଏ।

ସେହି ମାସ ୮ ତାରିଖ ସକାଳେ ମୋତେ ବନଲତାଙ୍କ ଘରୁ ଡକାଇ ଆଣି ଦେଖାଇଲେ ଓ ମୁଁ ଦେଖିଲି—

ନଥାଆନ୍ତାରେ ଯେବେ ଘନ ଅନ୍ଧକାର
କେ ବୁଝନ୍ତା ଦିନମଣି ସନମାନ,
ନଥାନ୍ତାରେ ଯେବେ ନିଦାଘର ଖରା
ଧରା କି ବୁଝନ୍ତା ବାରିଦର ଦାନ ?
ବିରହ-ଦହନେ ନଡାଳନ୍ତେ ତନୁ
ମିଳନ ମାଧୁରୀ ପାଶୋରନ୍ତା ମନୁ,
ବିକଳ ନ ଥିଲେ ବରଷନ୍ତା ଘନୁ
ସୁଧାରସଧାର କେ କରନ୍ତା ପାନ ?
ନଦହନ୍ତା ଯେବେ ଜଗତର ଲୁହ
ନଫାଟନ୍ତା ଛାତି ନଫୁଟନ୍ତା କୋହ,
ନଥିଲେଟି ଏଥି କରୁଣ ବେଦନା
କୋମଳ ସାନ୍ତ୍ୱନା ବୁଝନ୍ତା କି ପ୍ରାଣ ?
ପାପୀର ଅନ୍ତରେ ପୁଣ୍ୟର ଅମୃତ
ନଥାନ୍ତାରେ ଯଦି ନଥିଲେ ଅନୃତ,
ନଥାନ୍ତାରେ ଧର୍ମ ନଥାନ୍ତାରେ କର୍ମ
ଭକ୍ତ ନଥିଲେ କି ଆସନ୍ତେ ଭଗବାନ ?

—ଏପରି କେତେ କବିତା ।

ମଇ ୯ ତାରିଖ ବୁଧବାର ଡାକରେ ଗୋଟିଏ ଚିଠି ଆସିଥିଲା । ଦେଖିଲି କୁନ୍ତଳାକୁମାରୀ ତାଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଇନାହାନ୍ତି । ଯେଉଁମାନେ ତାଙ୍କୁ ବଡ଼ଜଣ କହୁଥିଲନ୍ତି, ସେମାନେ ଦେଶର ଏଥି ସମ୍ପର୍କରେ ସ୍ୱତନ୍ତ୍ର ରହିବାକୁ ଉପଦେଶ ଦେଇଛନ୍ତି । ମୁଁ କ୍ରୋଧରେ ତାଙ୍କୁ କହିଲି—"ଏ ଚିଠି ଅପଣ ଚିହ୍ନି ଦେଇଛନ୍ତି ଯେ ?" ସେ କହିଲେ—"ଆଉ କଣ କରନ୍ତି ?" ମୁଁ ଭାବିଲି ଏହା କି ନ ହୁଏ ! ଚିଠିଟି ଲେଖିଥିଲେ 'ଆଶା' ପତ୍ରିକାର ପ୍ରଖ୍ୟାତ ସାମ୍ବାଦିକ ଶଶିଭୂଷଣ ରଥ ।

## ଶଶିଭୂଷଣ ରଥଙ୍କ ଚିଠି

ସେ ଲେଖିଥିଲେ କୁନ୍ତଳାକୁମାରୀଙ୍କ ଚରିତ୍ର ଉତ୍ତର । ଚିଠି ଯେଉଁ ବେଳରେ ଲେଖାଯାଇଥିଲା, ସେ ବେଳ ଏପରି ଅଛି ନାହିଁ । ଏଣୁ ହେଲା କେତୋଟିରୁ ଗୋଟିଏ ଘୁଞ୍ଚ । ସେମାନଙ୍କୁ ଶାସନ ଭଲେ ସେ ଠିକ୍ ରାସ୍ତା ଧରନ୍ତି । ମୋର "ଜବାବ"ରେ ସେ ଚିଠିଟି ପଢ଼ିଲେ ଏବଂ ନିଜର ତ୍ରୁଟିପାଇଁ କ୍ଷମା ମାଗିଲେ । ମୁଁ ଚିଠିଟି ପାଇଛ ରଖିଲି । ଶଶିଭୂଷଣ ରଥ ଲେଖିଥିଲେ—

୨—ମଇ, ୧୯୨୮

ପ୍ରିୟ ଭଉଣୀ,

ଆପଣଙ୍କର ଉତ୍ସାହବର୍ଦ୍ଧକ ଓ ପ୍ରଶଂସାପୂର୍ଣ୍ଣ ପତ୍ର ପାଇ ଆପଣଙ୍କୁ ବହୁତ ଧନ୍ୟବାଦ ଜ୍ଞାପନ କରୁଛି । ଅତି ଦୁଃଖର ଉଦାରତାରେ ଆପଣ ମୋର ଏହି କ୍ଷୀଣ ଉଦ୍ୟମକୁ ଏତେ ପ୍ରଶଂସା କରିଛନ୍ତି । 'ଦୈନିକ ଆଶା'ର ଉନ୍ନତି ତଥା ଅସ୍ତିତ୍ୱ ଆପଣମାନଙ୍କ ପରି ଦେଶହିତୈଷୀଙ୍କ ଉପରେ ନିର୍ଭରକରେ । ଭଗବାନ ମତେ ଯେଉଁ ଶକ୍ତି ଦିଅନ୍ତି, ବୁଦ୍ଧି ଦିଅନ୍ତି ଦେଉଛନ୍ତି, ତାହାର ସଦ୍‌ବ୍ୟବହାର କରିବାପାଇଁ ଏତେ ପ୍ରୟାସ ।

ଆପଣଙ୍କ ପତ୍ରଟିକୁ ପାଇ ମୁଁ ଯେପରି ଓ ଯେତେଦୂର ଉତ୍ସାହିତ ହୋଇଛି, ଆଉ କୌଣସିଦ୍ୱାରା ସେପରି ହୋଇନଥିଲି । କେଜାଣି କାହିଁକି ମନରେ ଏକ ନୂତନ ଆଶା, ନୂତନ ଆକାଂକ୍ଷାର ତରଙ୍ଗସ୍ରୋତ ଖେଳିଯାଉଛି । ସମୟ ସମୟରେ ଆପଣଙ୍କଠାରୁ ଏହିପରି ଖଣ୍ଡିଏ ଖଣ୍ଡିଏ ଚିଠି ପାଉଥିଲେ ମୋର 'ଆଶା' ସମ୍ପାଦନା ଶ୍ରମ ସାର୍ଥକ ହେଲା, ମନେକରିବି ।

ଆପଣ ଡାକ୍ତର ହେବେ ବୋଲି ସଂକଳ୍ପ କରିଅଛନ୍ତି । ଏହି ସଂକଳ୍ପରେ ମୋର ପୂର୍ଣ୍ଣ ସହାନୁଭୂତି ଅଛି । ଏମଧ୍ୟରେ ଦିନକ ସକାଶେ କଟକ ଯାଇଥିଲି; ମାତ୍ର ଆପଣଙ୍କୁ ଯାଇ ସାକ୍ଷାତ୍ କରିବାପାଇଁ ସମୟ ଓ ସୁବିଧା ପାଇ ନ ଥିଲି ।

ଆପଣ ନାରୀ ପ୍ରଗତି ସମ୍ବନ୍ଧରେ ବରାବର ଲେଖାଲେଖି କରନ୍ତୁ । 'ଦୈନିକ ଆଶା'ରେ ଦେବାପାଇଁ ଡାକ୍ତରୀ ଅର୍ଥରେ nursing କିମ୍ବା maternity ସମ୍ବନ୍ଧେ କିଛି ଲେଖି ପଠାନ୍ତୁ । ଆପଣଙ୍କ କବିତାଟି ଆଜିର ପତ୍ରିକାରେ ଦେଉଛି । ପତ୍ର ଦେବେ ।

ଆପଣଙ୍କର

ଶ୍ରୀ ଶଶିଭୂଷଣ ରଥ ।"

ଏହିପରି ତାଙ୍କର ଏ ଦଳରେ ମମତା ଜମିଯାଇଥିଲା । ଜାଣିଲି, ସମ୍ଭବତଃ ଏହା ହିଁ ହୁଏ ।

'ପ୍ରେମଚନ୍ଦ୍ରାମଣି ବିବରଣୀ'

ଡ଼.ଜେ.ସେ.ମୋତେ ଏକଦିନରେ କହିଲେ—"ଚକ୍ରଧର, ଏହି କବିତା ପୁସ୍ତକର ନାମ 'ପ୍ରେମଚନ୍ଦ୍ରାମଣି' ହେଉ ଏବଂ ତାହା ନାମପୃଷ୍ଠାରେ ଯେବେ ଛପିଯିବ, ମୁଁ ସମାଜରେ ଦୂଷିତା ହୋଇଯିବି ।" ଏପରି ଏକ ଭୟ ସେକାଳ ନାରୀଠାରେ ସ୍ୱତଃ ଆସିବାର କଥା । ଏକାଳ ସେକାଳ ବହୁ ପୃଥକ୍ । ମୁଁ ଯେବେ ଆଜ ଏହି ସତ୍ୟ ଉଦ୍‌ଘାଟିତ କରିନଥାନ୍ତି, ତେବେ କୁନ୍ତଳାକୁମାରୀଙ୍କର ପ୍ରକୃତ ଜୀବନଚରିତ କଣ ତାହା

*Fos: Bhushan Rath*

The 'Asha' Office
Berhampore (Ganjam)
Dated 7th May 1928

[illegible]

ଲୁଚାଇଥାନ୍ତା । କାରଣ ଅନେକେ ସେକାଳେ ତାଙ୍କର କୌଣସି ବାବୁଙ୍କ ସହିତ ସମ୍ପର୍କ ଥିବା କଥା ଜାଣି ମଧ୍ୟ ବିଶ୍ୱାସ କରୁନଥିଲେ । ତାଙ୍କର ପବିତ୍ର ସ୍ୱଭାବ, ଅଦୂଷିତ ସାତ୍ତ୍ୱିକ ବ୍ୟବହାର ଦେଖିଲେ ସେ କିଛି ଗୁପ୍ତ ସମ୍ପର୍କରେ ଥିଲେ, ତାହା କଳ୍ପନା କରିବାର ହେତୁ ନଥିଲା । କେତେକଙ୍କ ମତରେ ଏହା ସତ୍ୟ ଯେ, କୈଳାସବାବୁଙ୍କୁ ଛାଡ଼ି ସେ ଅନ୍ୟକୁ ବରଣ କଲେ ଏହା ମାନବଧର୍ମ ଯେଣ ଦୋଷଯୁକ୍ତ ହେବନାହିଁ; କାରଣ ସେ ଆଉ କଣ କରିଥାନ୍ତେ ? ତଥାପି ତାଙ୍କର ଅବୈଧତାକୁ ମୁଁ ଘୃଣା କରିଥିଲି ।

ସେ ମୋତେ ବାରମ୍ବାର ଅନୁରୋଧ କଲେ—ଯେବେ ଏହାକୁ ରଚନା ନଷ୍ଟ ନକରିବା, ତେବେ ରାଧାକୃଷ୍ଣଲୀଳାରେ ପରିଣତ କରିଦିଅ । ମୁଁ ସ୍ୱୟଂ ଏହି ରାଧାକୃଷ୍ଣଲୀଳା ପାଣ୍ଡୁଲିପି ଦେଖିଥିଲି । କୃଷ୍ଣକାନ୍ତ, ଦାସ ଗରଡ଼, ନାରଦାଦି ଏପରି ଚରିତ୍ରଗୋଟି ଅଙ୍କରେ ବିଭକ୍ତ କରି ଏ କାବ୍ୟଟିକୁ ପୂରା ଛଅ ଦିନ ମଧ୍ୟରେ ଗଢ଼ିଦେଲି । ସାଜସଜ୍ଜାବେଳେ ଆବଶ୍ୟକସ୍ଥ କବିତା ତାଙ୍କୁ ବସ୍ତାନର ଲେଖାଇନେଲି ବା କିଛି ମୁଁ ଲେଖି ଯୋଗାଇଦେଲି । ଏପରି ୭-୫-୨୮ ରବିବାରଠାରୁ ୧୦-୫-୨୮ ବୁଧବାର ମଧ୍ୟରେ କାର୍ଯ୍ୟ ଶେଷକଲୁ; କିନ୍ତୁ ୧୯୩୩ରେ ଯାଇ ଏହା ମୋହ୍ୟାର ପ୍ରାଚୀ ପ୍ରେସରୁ ଛପାହୋଇ ବାହାରିଥିଲା ।

ସେ ଦଶୀ ଆର୍ଯ୍ୟ-ସମାଜକୁ ଯିବାପାଇଁ ବ୍ୟାକୁଳିତ ହେଲେ । ଆଉ ଡାକ୍ତରୀରେ ମନ ନାହିଁ କି ଦୈନନ୍ଦିନ କାର୍ଯ୍ୟ-ପଦ୍ଧତିରେ ଶୃଙ୍ଖଳା ରହିଲା ନାହିଁ । ସେ ଉଚ୍ଛନ୍ନ ହୋଇଯାଉଥିଲେ । ଆଜ ଆଲମିରା ଖୋଲି ଦେଇ କେଉଁଆଡ଼େ ଚାଲିଗଲେ, କିଏ କୁଆଡ଼େ ଟଙ୍କା ନେଇଗଲା—କେବଳ କେତେ । ତାଙ୍କର ସେତେ ଧନ ପଦାର୍ଥ ଯାଉ—ସେ କପର ଦଶୀ ଯିବେ । ମୋତେ କଦାପି ଛାଡ଼ିଦେଲେ ନାହିଁ । ମୋ ସମସ୍ତରେ ନିରନ୍ତର ଭାବିଲେ—'ମୋତେ ଦଶୀ ଅଦାବଣ ତୁମେ ସାଲକୁ ଯାଅ । ଏପରି କର—ମୋ ଆଶୀର୍ବାଦରେ ତୁମେ ଯଶସ୍ୱୀ ହେବ ।' ଆଶୀର୍ବାଦ ଉପରେ ଆଶୀର୍ବାଦ । ମୁଁ ଉଭୟ ରହିଲି, ଜଣେଙ୍କୁ ଏପରି ଜଞ୍ଜାଳ ମୋତେ ଅଣ୍ଡୁଆ ପଡ଼ୁଆ ଲାଗୁଥିଲା ।

ବାଧ୍ୟହୋଇ ତାଙ୍କ ଅନୁରୋଧରେ ୧୨ । ୫ । ୨୮ ଶନିବାର ଦିନ ମୁଁ ଏକୁଟିଆ ଯାଜପୁର ଗଲି । କୈଳାସବାବୁଙ୍କୁ ପ୍ରସ୍ତୁତ କରିବାକୁ ହେବ । ସେ ଦଶୀ ଗଲେ କେଉଁଠି ତାଙ୍କର ବସବାସ ହେବ ।

୧୫ । ୫ । ୨୮ ଜ୍ୟେଷ୍ଠ ମାସ କୃଷ୍ଣ ଦଶମୀ ମଙ୍ଗଳବାର ଦିନ ମୋତେ ସେ ଚିଠିଟିଏ ଲେଖିଲେ—

"ଜାଣିଛ ମୋତେ ଜାଣ । ସେଥିପାଇଁ ସଂକ୍ଷେପରେ ଲେଖୁଛୁ । ଦେଖ, ତୁମେ ମୋ ପ୍ରତି ଦୟାଳୁ ହୋଇଥାଅ । ଆସିବା ବିଷୟ ଅନ୍ୟ ଜଣାଇ ହଜାର ଟଙ୍କାର କଣ ନହେବ ? ତୁମେ ତୁମ ଗାଁକୁ ନେଇଯିବାକୁ ଏତେ ଜାଣିକି—ତୁମେ ତ ଅପମାନ କଥା କହୁଛ ।

ଲେଖିବ, ଏହା ମୋ ମା' ଯେପରି ନଜାଣନ୍ତି । ମୁଁ କି ସନ୍ତୁଷ୍ଟ ହେବି ତ ଜାଣ ? ଏହା ମୁଁ କାହାକୁ କହିବ ? ମୋର କି ଗରଜ ! କାଲି ସେସବୁ ବାଣ୍ଟି ଦେଲି । ବୈରାଗୀ ମହାତ୍ମାଙ୍କ ଜମା ବସ୍ତୁ ଅଂଗସ୍ପର୍ଶୀ, କେତେକ ଦାମିକା ମେଜ ଟେବୀଲ ଦେଇଦେଲି । ମୁଁ ତୁମକୁ ସେଠାକୁ ବାନ୍ଧିକି ପଠାଉଛି, ମନେରଖିଛ ତ ?

୧ । ମୁଁ ନବୋଇଲେ କଦାପି ଆସିବ ନାହିଁ । ଏତେକ ଉପକାର କଣ କରିପାରିବ ନାହିଁ ? ପୁଅ, ତୁମର ଜନ୍ମ ତ କଟକ—ଶୁଣିଥିବ ।

୨ । ଭାଗବତବାବୁଙ୍କ ଚୁକ୍ତି ଏବଂ ବଦଳି କଥା କ'ଣ ହେଲା ? ଅତି ଶୀଘ୍ର ଲେଖ ।

୩ । ଜ୍ୱାଳାପ୍ରସାଦ ଆଜ ରାତ୍ରି ଜଣିଥିଲେ । ବ୍ରହ୍ମସ୍ୱରୂପ ଅନୁମାନଙ୍କୁ ନେଇକରି ଯିବେ । ଏଠୁ ୩୧ ବା ୧ ତାରିଖରେ କଷ୍ଟସ୍ଥ ବାହାରିବ । ବାବୁ ଯେପରି ପ୍ରସ୍ତୁତ ଥାଆନ୍ତି । ଏପରିକି କାନ୍‌ଏଲ୍ ଲିଭ୍ ନେଇ ମୁଣ୍ଡା ଯିବାକୁ ହେବ । ଭଦ୍ରଲୋକଙ୍କୁ କଥା ଦେଇ ଯେପରି ତାଙ୍କୁ ଅପମାନ ନକରିବା; କାରଣ ଏବେ ଖରଚ କରି ତାଙ୍କ ଲୋକ ଆସିଛନ୍ତି । ପୁଣି ଆମ ସତ୍ପୁତ ଅଣ୍ଣମନ୍ୟ ରାଜୁତ, ମନୋରମା (ଢେଙ୍କାନାଳର ଖଣ୍ଡାୟତ ବିଧବା) ଏବଂ ଆଉରି ଅନ୍ୟାନ୍ୟ ଶିଷ୍ୟମାନେ ଯିବେ । ସମସ୍ତଙ୍କର ସୁବିଧା ତ ଦେଖିବାକୁ ହେବ । ବାବୁଙ୍କର ଅତି ଠିକ୍ ଖବର ଶୀଘ୍ର ଲେଖ । କାର୍ଯ୍ୟ ଖୁବ୍ କନ୍‌ଫିଡେନ୍‌ସିଆଲ୍ ଚାଲିଛି । ତାଙ୍କୁ କହିବ, ବାର ହୋଇ ଠିଆ ହେବେ । ବ୍ରହ୍ମସ୍ୱରୂପ ତାଙ୍କୁ ବିଶେଷ ଅନୁରୋଧ କରୁଛନ୍ତି । ଏ ସୁବର୍ଣ୍ଣ ସୁଯୋଗ ଛାଡ଼ିଲେ ସବୁ ଶେଷ ଜାଣ । ସବୁଙ୍କୁ ମୋର ସ୍ନେହ ଜଣାଇବ । ଜରୁରୀ ପଦାର୍ଥ ବର୍ତ୍ତମାନ ମୁଁ ଯୋଗାଡ଼ କରିପାରି ନାହିଁ । କାରଣ, ମୋର ଅବସ୍ଥା ତ ତୁମେ ଜାଣ । ବର୍ତ୍ତମାନ ମା' କବଳରେ ମୁଁ ଓ ସାବିତ୍ରୀ ଯମ-ଯନ୍ତ୍ରଣାରେ ଅଛୁଁ । ଶୀଘ୍ର ଏ କାର୍ଯ୍ୟ ସରିଲେ ଆମେ ଉଦ୍ଧାର ପାଇବୁଁ । ବ୍ରହ୍ମସ୍ୱରୂପଙ୍କର ସାବିତ୍ରୀକୁ ସ୍ନେହ ଦେବ । ଭାଗବତବାବୁଙ୍କ କୃଷ୍ଣ ପ୍ରସ୍ତୁତ ହେବାକୁ । ଅତି ଶୀଘ୍ର । ସିବକୁ ଶୁଭକାମନା । ବହୁନାଥ, ନନ୍ଦିବାବୁ (ଶୁକର, ପୂଜାରୀ) ଶୁଭକାମନା" ଇତ୍ୟାଦି ।

ସେଠି ଅଦଳ୍ପ ସଦସ୍ୟ ହେବାକୁ ସେ ପ୍ରସ୍ତୁତ ହୋଇଥିଲେ, ତାଙ୍କର ସାମାନ୍ୟ ଅନୁରୋଧ ରକ୍ଷା କରିନପାରି ଲେଖିଲେ ଯେ ସେ ଅତି ଅସୁବିଧାଗ୍ରସ୍ତ; ପୁଣି ମାଆଙ୍କ ଯୋଗୁ ଏପରି ହେଉଛନ୍ତି । ଏଣିକି କପଟତା ଧୀରେ ଚାଲିଲା । ପୂର୍ବରୁ ପ୍ରକାଶିତ ଜ୍ୱାଳାପ୍ରସାଦଙ୍କୁ ସେ ଯେଉଁ ଇଂରେଜୀ ଚିଠିଟି ଲେଖିଥିଲେ, ସେ ପୂର୍ବପ୍ରେମ ପିଲାକଥା ବୋଲି କହିବାକୁ ଭୁଲି ନଥିଲେ । ଏଥିରୁ ତାଙ୍କର ସିଦ୍ଧାନ୍ତ ସମ୍ବନ୍ଧରେ ଧରାପଡ଼ୁଥିଲା; କିନ୍ତୁ ସେ ସମସ୍ତଙ୍କୁ ଗୋପନରେ ଏପରି ଜବର କରି ରଖିଥିଲେ ଯେ ବାହାରେ ତାହା ଜଣାଇବାର ସୁବିଧା ନଥିଲା ।

ବ୍ରହ୍ମସ୍ୱରୂପ ମାସାଧିକ ରହି ଚାଲିଗଲେ । ସେ କିଏ, କଣ, ତାହା ଧୀରେ ଧୀରେ ଜଣାଗଲା । ସେ ଜଣେ ଓଡ଼ିଆ ଲୋକ, ଏହା ପ୍ରକଟିତ ହେଲା । ସେ ତାଙ୍କର ପରମ ପୂଜ୍ୟ ବୋଲି ଲୁଚିକି ଲୁଚିକି କହୁଥିଲେ । ତା'ପରେ ତାଙ୍କ ଘର କେଉଁଠାରେ ଜଣାଗଲା । ସେ

ଜଣେ ଅଶିକ୍ଷିତ ଡାକ୍ତର ବୋଲି କହୁଥିଲେ; କିନ୍ତୁ ପରେ ଜଣାଗଲା ସେ ଜଣେ କମ୍ପାଉଣ୍ଡର ଥିଲେ—ଅକ୍ଷୟବାବୁ ଡାକ୍ତରଙ୍କ ଦୋକାନରେ । ସମ୍ଭବତଃ ସେଠାରୁ ବିଦେଶ ପଳାଇଥିଲେ ବୋଲି ବୈକୁଣ୍ଠବାବୁ ମୁହେଁ ମୁହେଁ କହିଲେ ।

କିନ୍ତୁ ସେ ନିଜର ପରିଚୟ ମୋତେ ଏହିପରି ଲେଖିଦେଇଥିଲେ । ତାଙ୍କ ଜେଜେବାପା କେନ୍ଦ୍ରାପଡ଼ାର ମୁରଲୀଧର ଦାସ କଲିକତା ହାଇକୋର୍ଟର ଜଣେ ଉକିଲ ଥିଲେ । ତାଙ୍କ ପିତା ଏକ ବ୍ରାଞ୍ଚ ପୋଷ୍ଟଅଫିସର ପୋଷ୍ଟମାଷ୍ଟର । ସେ ପିତାଙ୍କ ସହିତ ନରସିଂହପୁର ଗଡ଼ଜାତରେ କେତେ ବର୍ଷ ଥିଲେ; ଅର୍ଥାତ୍ ବୁଦ୍ଧିବୟସ ୧୧ ବର୍ଷଯାଏ ନରସିଂହପୁର ଆଦି ଗଡ଼ଜାତରେ ରହିଥିଲେ । ତାଙ୍କର ଜନ୍ମ ଶ୍ରାବଣ ପୂର୍ଣ୍ଣିମାରେ (୧୩୦୬ ସାଲ) । ସେ ବଙ୍ଗ ସ୍କୁଲରେ ପ୍ରାଥମିକ ପଢ଼ିଥିଲେ । କୋଲକାତାରେ ତାଙ୍କ ବାପା ଥିବାବେଳେ ସେକେଣ୍ଡ କ୍ଲାସଯାଏ ପାଠ ପଢ଼ି ଅର୍ଥାଭାବରୁ କମ୍ପାଉଣ୍ଡରୀ ପଢ଼ିଥିଲେ । କଟକର ଅକ୍ଷୟବାବୁଙ୍କ ଦୋକାନରେ ଥିବାକଥା ସେ ଲେଖିନାହାନ୍ତି; କହନ୍ତି ନାହିଁ । ତା'ପରେ କହନ୍ତି, ଉଦରଜାଏ ମାସ ସେ ରେଲୱେ କାର୍ଯ୍ୟରେ ଥିଲେ । ତା'ପରେ ସେଣ୍ଟ୍ରାଲ ପ୍ରଭିନ୍ସରେ ଟ୍ରାଇବ୍ଲାନାଶୀ ଅଞ୍ଚଳରେ ଡାକ୍ତର ହୋଇଗଲେ । ସିଭିଲ୍ ସର୍ଜନ ସହିତ କଳିଆ କରି ହଠାତ୍ ପଳାଇଲେ (କିଛି କିଛି ଘଟଣା ଘଟିଥିବ; ତା' ସେ ଲେଖିନାହାନ୍ତି) । ପଳାଇ ପଳାଇ ହରିଦ୍ୱାରରେ ଶ୍ରଦ୍ଧାନନ୍ଦଙ୍କ ଆଶ୍ରମରେ ରହିଲେ ଓ କାଙ୍ଗଡ଼ିର ଗୁରୁକୁଳରେ ବାହାର ଛାତ୍ରଭାବେ ପଢ଼ିଲେ । ଶ୍ରଦ୍ଧାନନ୍ଦ ପୁଣି ତାଙ୍କୁ ଦକ୍ଷ ଦେଖି ଗୁରୁକୁଳ କଲେଜରେ ପଢ଼ିବାର ବ୍ୟବସ୍ଥା କରିଦେଲେ ।

ବାସ୍ତବିକ୍ ସେତେବେଳେ ଆର୍ଯ୍ୟ-ସମାଜ ଏପରି ଅସଂଖ୍ୟ କଲେଜ ସ୍ଥାପନ କରିଥାନ୍ତି । ଶିକ୍ଷାର ଗୁରୁତ୍ୱ ଅଧିକ ଆଉ ବାଁ ନଥାଉ, ନାମ ଥାଏ କଲେଜ । ଇଂରେଜ ଶାସନରୁ ଭାରତକୁ ରକ୍ଷାକରିବା, ପୁଣି ସଠାଙ୍କୁ ନଷ୍ଟ କରିବା ଏସବୁ ଅନୁଷ୍ଠାନର ମୂଳ ଲକ୍ଷ୍ୟ ଥିଲା । ସେ ତିନିବର୍ଷ ପଢ଼ିଥିଲେ ଓ ଡାକ୍ତରୀ ପାସ୍ କଲେ । ସେଠାରେ ନଅମାସ କାମ କଲେ । ତା'ପରେ ନ୍ୟାସନାଲ୍ ସ୍କୁଲରେ ମାଟ୍ରିକ୍ ପାସ୍ କଲେ (?) । ପୁଣି ଲାହୋର ବ୍ରହ୍ମ ମହାବିଦ୍ୟାଳୟରେ ଯୋଗଦେଲେ । ଦୁଇବର୍ଷ ପଢ଼ିଲେ । ଦର୍ଶନ, ବ୍ୟାକରଣ, ଶାସ୍ତ୍ରୀ ପାସ୍ କଲେ । ଆର୍ଯ୍ୟଧର୍ମ ପ୍ରଚାରପାଇଁ ଆଫ୍ରିକା ଗଲେ (?); ସାତମାସ ଆଫ୍ରିକାରେ ରହି ଅସ୍ୱାସ୍ଥ୍ୟ ହେତୁ ଦେଶକୁ ଫେରିଆସିଲେ । ଧର୍ମପ୍ରଚାର ସେବା ଏବଂ ବିଧବା-ବିବାହ ସହାୟକ ସଭାରେ ସେ ଯୋଗଦାନ କଲେ । ସେ ଓଡ଼ିଶା ପ୍ରଦେଶର ଆର୍ଯ୍ୟଧର୍ମ ପ୍ରଚାରକ ଭାବରେ ଆର୍ଯ୍ୟସମାଜ ତରଫରୁ ନିଯୁକ୍ତ ଅଛନ୍ତି । ସେ ସିନ୍ଧ, ପଞ୍ଜାବ, ଦେଶୀରାଜ୍ୟମାନଙ୍କରେ କିଛି କିଛି କାଳ ଧର୍ମପ୍ରଚାର କରିଛନ୍ତି । ସେ କୁମ୍ଭମେଳାରେ ଜଣେ କାପ୍ତାନ ଥିଲେ । କାଶୀପୁଣ ମେଳା ଏବଂ ହରିଦ୍ୱାରରେ ସେ ଆର୍ଯ୍ୟସମାଜୀ ସ୍କାଉଟ୍ ଟ୍ରେନିଂ ପାଇଛନ୍ତି । ଓଡ଼ିଶାର ହରିହର ଦାସ (ଆଳୁଆ), ଲକ୍ଷ୍ମୀନାରାୟଣ ସାହୁ ଓ ରାମକୃଷ୍ଣ ବୋଷଙ୍କୁ ସେ ଚିହ୍ନନ୍ତି । ପଣ୍ଡିତ ଗୋପବନ୍ଧୁଙ୍କର ଦୁର୍ଭିକ୍ଷ ଓ ବନ୍ୟା ସମୟର ଜନସେବା କାର୍ଯ୍ୟରେ ସେ ବହୁକାମ କରିଛନ୍ତି—ଇତ୍ୟାଦି ।

ଏପରି ଏକ ପରିଚୟ ବିବରଣ ଶୁଣି ବୈଷ୍ଣବୀ ଚରଣ ମିଶ୍ରେ କହୁଥିଲେ— ଅଭ୍ୟାଗତ ସାହୁ ଶତକଡ଼ା ୭୫ ଭାଗ ମିଛ କହୁଥାନ୍ତି; କିନ୍ତୁ କୁନ୍ତି ତାଙ୍କଠୁ ୨୫ ଭାଗ ବଳିଛି । ସ୍ଥା ସତ ଯେ, ତାଙ୍କର ଲେଖାପଢ଼ା ଜ୍ଞାନ, ପ୍ରସିଦ୍ଧି ଓ ଚାତୁର୍ଯ୍ୟବଚ୍ୟାରେ ସମ୍ଭାବ୍ୟ କୃତିତ୍ୱ ମଧ୍ୟ ଥିଲା । ସେଥିପାଇଁ ସେ ଅଦ୍ଭୁତ ଯାହାବୁଲେ ; କୁଳପେବା 'ଭାସ' ସମ୍ବନ୍ଧରେ ତାଙ୍କର କୁନ୍ତଳା ପ୍ରସିଦ୍ଧି ଏକାନ୍ତ ଚତୁରବର୍ଣ୍ଣିକ ହୋଇଥିଲା ।

ଅପରପକ୍ଷରେ ତ୍ରୈତ୍ୱ କୈଳାସଚନ୍ଦ୍ର କୁଳଶୀଳସମ୍ପନ୍ନ ଥିଲେ । ଥିଲେ ସଂଯମୀ, ଶିକ୍ଷିତ, ଗୁଣବନ୍ତ । ତାଙ୍କପରି ପ୍ରକୃତ ଭଦ୍ରଲୋକ କ୍ୱଚିତ୍ ଦେଖାଯାନ୍ତି । କି ଚାତୁରୀ, କି ପାଣ୍ଡିତ୍ୟ, କି ମାନବିକତା, କି କଳା-ଚର୍ଚ୍ଚା, କି ଗୁଣଗ୍ରାହକତା ସବୁରେ ସେ ଥିଲେ ଅନନ୍ୟ । ତାଙ୍କପରି ସଦା ଶାନ୍ତିପ୍ରିୟ, ନ୍ୟାୟପରାୟଣ ବ୍ୟକ୍ତି କ୍ୱଚିତ୍ କାହାକୁ ମୁଁ ଦେଖିଛି, ମନେ ହେଉନାହିଁ ।

କଟକ ପାଠିଆ ପରିବାର ପରମ୍ପରାଧରି ଏକ ବୈଶିଷ୍ଟ୍ୟ ଅର୍ଜନକରି ରହିଥିଲା । ସେ ବଶ୍ୟାର ପ୍ରାଚୀନଧନ୍ୟ ସ୍ୱର୍ଗୀୟଥିବା ପାଠିଆଙ୍କ ପୁଅ ଥିଲେ । ବେଦାନ୍ତବିଦ୍ ଶ୍ୟାମସୁନ୍ଦର ପାଠିଆ—ସେ କି ପ୍ରଖ୍ୟାତ ଫଟୋଗ୍ରାଫର, ସୁଲେଖକ, ସୁବକ୍ତା—ତାଙ୍କର ଭାଇ ଥିଲେ । ପୋଷ୍ୟପୁତ୍ର ହେତୁ ଉପାଧି ଥିଲା ରାଓ । ଗଭର୍ଣ୍ଣମେଣ୍ଟରେ ତାଙ୍କର ବହୁଳ ପ୍ରଶଂସା ମଧ୍ୟ ରହିଥିଲା ।

କିନ୍ତୁ ଦାମ୍ପତ୍ୟରେ—ଅଶ୍ରିନ୍ ଶିକ୍ଷିତା ନାରୀପକ୍ଷରେ ପରମ୍ପରାର କଣ୍ଟିଦାତା ଜନିତ ହେଲା । ସେସବୁ କଥା କହିପାରିନାହିଁ । ମୁଁ ପାଟଣିଲାରେ ଥିବାବେଳେ ୨୧।୫।୨୮ରେ କୁନ୍ତଳାକୁମାରୀ ମୋ ପାଖକୁ ଚିଠି ଲେଖିଥିଲେ—

"ଭାରତବାସୀଙ୍କୁ କହିବ, ସେଠାରେ ବସି ବସି ଗାଲୁରେ କାନ ଲଗାଇଲେ ଚଳିବ-ନାହିଁ । ତୁମ୍ଭେମାନେ ବଡ଼ ହେଲାଦିନରୁ ଥିଅ । ସେଥିପାଇଁ ଏବେ ଭାଗଦା; ଅନ୍ତ ଏ ମାସ ସରିବାକୁ ମୋଟେ ଦଶଦିନ । କୁନ୍ତଳକୁମା ବର୍ତ୍ତମାନ ବୁଲୁଛନ୍ତି ହେଲା ଦାଣ୍ଡରେ (ସମ୍ଭବ) ଥାଉଛନ୍ତି । ସେ ତାଙ୍କର ସ୍ଥାନକାର ନାମ ଠିକ୍ ୨୩ ତାରିଖରେ ପାଣ୍ଡୁଲିପିଦେଇ ଦଶ୍ଟା ସ୍କୁଲିଯିବେ ।"

( ଏ କୁନ୍ତଳକୁମା ଓଡ଼ିଆ ଅରକ୍ଷଣୀୟା, ଦରିଦ୍ରା, ନିର୍ଯ୍ୟାତିତା, କୁଳତ୍ୟାଗିନୀ ଝିଅମାନଙ୍କ ସଙ୍ଗରେ କରି ଦକ୍ଷିଣ ବିଧବାଶ୍ରମ ନାମିତ ଏକ ନାରୀ କଲ୍ୟାଣ କେନ୍ଦ୍ରରେ ଥାଇଲେ ଦେଇ ଅର୍ଥ ଲାଭ କରୁଥିଲେ ବୋଲି ଶୁଣାଯାଉଥିଲା । ସେମାନେ ଦକ୍ଷିଣରେ କାହିଁକାହିଁ ରହି ଖାଇପିଇ ସୁସ୍ଥ ହେବାପରେ ପ୍ରବାସୀ ଲୋକେ ସେମାନଙ୍କୁ ଗ୍ରହଣ କରିନେଇ ନିଜର ସ୍ତ୍ରୀ କରୁଥିଲେ । କୁନ୍ତଳକୁମା ସେପରି ବହୁ ଫଟୋ ମଧ୍ୟ ପାଖରେ ରଖିଥାନ୍ତି । ବହୁ ଅରକ୍ଷଣୀୟା ନାରୀଙ୍କୁ ଉଦ୍ଧାର କରିବାରେ ତାଙ୍କର ଏ କୃତିତ୍ୱ ନିଶ୍ଚୟ ଧନ୍ୟବାଦ ପାଇବାର ଯୋଗ୍ୟ । )

"ତାଙ୍କଠି ବର୍ତ୍ତମାନ ଆମର କିଛି କାମ ନାହିଁ; କିନ୍ତୁ ପହିଲା ପରେ ସେ ଆସିବେ । ମୁଁ ଠିକ୍ କହିବାକୁ ଗଲେ ଗାଡ଼ିରେ—Mail ବା Express—ତାଙ୍କ ସଙ୍ଗ ପାଟଣିକା

ଯିବ । ଏପରି ଡିସେମ୍ବରୁ ଶନିବାର, ୧୧ ତାରିଖ, ସୋମବାର । ଶୁଭଦିନ ଶୁଭଯୋଗରେ ଜନ୍ମାଷ୍ଟମୀରେ ରାତି ୮ଟାରୁ ୧୦ଟା ମଧ୍ୟରେ ଆମ ନାମଟି ଖାତାଗୁଡ଼ିକରେ ଦାଖଲ ହେଲେ ଆମେ ପୁଣ୍ୟଧାମରେ ଫେରିଆସିବୁ । ଏ କେବଳ ଅବଳା ଶିକ୍ଷାର୍ଥୀ । ସେ ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ । ଏ ଖେଳଘର ଭଳି ନୁହେଁ ; ଏହା ଏକ ଅତି ଗୁରୁତର କାର୍ଯ୍ୟ । ତୁମେ ମୋର ପ୍ରିୟତମ ପୁତ୍ର । ଏତେବେଳେ ମୋତେ ଯେବେ ସାହାଯ୍ୟ ନ କର, ମୋ ଜୀବନ ଶେଷ ହେବ । ମୋର ଏଥିଜନ୍ୟରେ ସହାୟ ହେଲେ ଜାଣିବି ପୁଅ ମୋ'ପାଇଁ ଜୀବନ ଦେଲା ।"

"ଚନ୍ଦ୍ରଧର ! ତୁମର ଶୁଭଦର୍ଶନ ହୋଇଛି । ତୁମେ ଯେ କେତେ ମହାନ୍ ହେବ ! ଦେଶକର୍ମୀ, ଦେଶପ୍ରେମୀ, ସାହସିକ ତୁମେ ! ତୁମକୁ କିଏ ନରସିଂହପୁତ୍ର କହୁନାହିଁ ଅବଶ୍ୟ କରି ରଖିବ ? ମୋର କୁଷ୍ଠଦର୍ଶନ ହୋଇଛି । ଏ ଆମର ସମ୍ପ୍ରଦାୟ ମାର୍ଗର ଚରମ ପରମ ମହତ୍ତ୍ୱ । ବାବୁଙ୍କର ମୋର ଭୁଲ ହାତ ମୁକ୍ତ ହେବ । ଚନ୍ଦ୍ରଧର ! ପୃଥିବୀ ଓଲଟିପଡ଼ିବ । ପ୍ରାଣର ସବୁ ଆଶା-ଆକାଂକ୍ଷା ସଫଳ ହେବ ।"

ମୋର ଅନୁଚିତ ଚପଳତା ଯେଉଁ, ପୁଣି ଅଚପଳ ସ୍ୱଭାବ ଯେଉଁ, ସେ ଥିବାବେଳେ ତାଙ୍କର ଏହି କେତେକ ଦିନର ଘଟଣାବଳୀ ମୁଁ କିଛି ଜାଣିନାହିଁ । ତେଣୁ ନାନା ଚକ୍ରାନ୍ତପୂର୍ଣ୍ଣ ପରି ଲେଖିଥିଲେ । 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତ ତାଙ୍କ ସଖା ବିଦୂଷକଙ୍କୁ ଶକୁନ୍ତଳା ସମ୍ବନ୍ଧୀୟ ଘଟଣା ପରିହାସାତ୍ମକ ବୋଲି ଏପରି କହିଥିଲେ—

"କ୍ୱ ବୟଂ କ୍ୱ ପରୋକ୍ଷମନ୍ମଥୋ
ମୃଗଶାବକୈଃ ସମମେଧିତୋ ଜନଃ
ପରିହାସ ବିଜଳ୍ପିତଂ ସଖେ
ପରମାର୍ଥେନ ନଗୃହ୍ୟତାଂ ବଚଃ ।"

ସେହିପରି ସେ କୁଷ୍ଠବ୍ୟାଧି ମୋ ନିକଟରେ ବର୍ଣ୍ଣନା କରି ଥିବାବେଳେ ପ୍ରକୃତ ସତ୍ୟ ମୁଁ ଜାଣିପାରିନାହିଁ । ଅବଶ୍ୟ ଏ କଥା ସତ ଯେ ମୁଁ ତାଙ୍କର କୈଳାସଙ୍କ ପରିବାରରେ ସେମାନଙ୍କର ନାନା ଅନୁଷ୍ଠାନରେ ମଧ୍ୟ ତାହା ଜଣାଇ ନ ଥିଲି ।

କୁନ୍ତଳାକୁମାରୀ ପୁଣି ଲେଖିଲେ—

'ତୁମେ ଡାକ୍ତରବାବୁଙ୍କୁ ବୁଝାଇ କହିବ କୁଷ୍ଠରୋଗ ପାଇଁ ଘର ରହିବାକୁ ଠିକ କରନ୍ତୁ । ତାଙ୍କର ଖାଇବା ରହିବାରେ ଯେପରି ଅସୁବିଧା ନ ହୁଏ । ସେଥିକୁ ଦେଖିବ, ସେ ତାଙ୍କ ବନ୍ଧୁଆ ପ୍ରକୃତ, ବନ୍ଦୀବନ୍ଦ ସ୍ୱଭାବ ଛାଡ଼ନ୍ତୁ । ଘରେ ଆମର ଦେବତାଙ୍କ ଆଶୀର୍ବାଦ ହେବ । ଚନ୍ଦ୍ରଧର, ଅତି ଗୁପ୍ତ କଥା । ଏଇ କୁଷ୍ଠପ୍ରସାଦ ଭଗବାନ ଶଙ୍କରଙ୍କ କାର୍ଯ୍ୟଧାରା । ମୁଁ ତାଙ୍କ ହାତ ଦେଖି ଜାଣିପାରୁଛି । ତୁମ ସହିତ ଦେଖାହେଲେ କହିବି । ସ୍ୱାମୀ ବିବେକାନନ୍ଦ ସେଣସିର ଝିଅଲିଙ୍କୁ ଜନ୍ମପତ୍ରିକା କରିଛନ୍ତି । ଏଇ ମୋର କର୍ମନିଷ୍ଠ ବାଳାଶର ଭୁଲ, ତୁମର ଭୁଲ, ଗାନ୍ଧୀଜୀ ଶିବର ଭୁଲ । ଏଇ ପତିତପାବନ ମହାତ୍ମାଙ୍କ ଜୀବନରୁ ମୁଁ

ଏହି ଆଦର୍ଶ ଅଭିଭୂତ ତଥ୍ୟ ସବୁ ଆବିଷ୍କାର କରିଛୁ । ଅତି ଗୁପ୍ତରେ କହେଇଲି । ମୁଁ ତୁମର ମା' । ଦେଖ, ମୋତେ ତୁମେ ତ ଜାଣ । ମୁଁ ମିଛରେ କାହାର ପ୍ରଶଂସା କରିବା ଦୂରେ ଥାଉ, ପାଖ ମାଡ଼େନା । ତୁମେ, ମୁଁ, ବାପୁ, କୃଷ୍ଣ, ଜଓହର୍ (ଜାଫର ନଳିନ ପଦ୍ମାକ), ଶିବ ଇତ୍ୟାଦି ଏ ଓଡ଼ିଶାକୁ ଉଦ୍ଧାର କରିବାକୁ ପଞ୍ଚପଞ୍ଚ ଭଳି ଜନ୍ମଗ୍ରହଣ କରିଛୁ । ମୋର ଜଣେ ପୁଅ, ଜଣେ ସ୍ୱାମୀ, ଜଣେ ପରମାତ୍ମୀୟ, ଜଣେ ଚେଲା । କ'ଣ କହିବି ଏ ଗୁପ୍ତ ରହସ୍ୟ ଚନ୍ଦ୍ରଧର—ମହାଯୋଗୀଙ୍କ ପାଇଁ ଅଗୋଚର । କେବଳ ଦିବ୍ୟଦୃଷ୍ଟି ଭଗବତ୍ ଧ୍ୟାନ ଯୋଗୁଁ କୁନ୍ତଳା ଏ ଅଦ୍ଭୁତ ଗୁପ୍ତ ରହସ୍ୟଟି ଜାଣି ପାରିଛି । ଏ ବିବେକାନନ୍ଦ, ଜଓହର୍, ରାମକୃଷ୍ଣ ପରମହଂସ ଏହିପରି ମିଳନ ତ ଯୁଗେ-ଯୁଗେ କାଳେ-କାଳେ ଘଟିଥାଏ । ଏଥିରେ ଅଶ୍ରଦ୍ଧାର ବିଷୟ ବା ଅଛି କଣ ?

"ଶୁଣ ଚନ୍ଦ୍ରଧର, କାହିଁ ସାବନ୍ତବଣ, କାହିଁ ପାଠିଆ ଘର, କାହିଁ -ଗୋକୁଳବୃନ୍ଦାବନ ବା କାହିଁ ଶ୍ରୀକୃଷ୍ଣ ! ଏ ସମସ୍ତ କୋଉଠୁ ଆସିଲେ ! ଏମିତି ଏକ କଥା । ଯେତେ ଦୁର୍ବଳତା ଥାଏ, ଦୂର କର । ଯେତେ କଳୁଷ ଥାଏ ଧୋଇ ନିର୍ମଳ ହୁଅ । ହେ ମହାତପସ୍ୱୀବୃନ୍ଦ ! ବିଶ୍ୱବିଧାତାଙ୍କର ଆହ୍ୱାନ ଆସିଛି । ବିଶ୍ୱ ବିଧାତାଙ୍କର ଆହ୍ୱାନ ଆସିଛି କୋଟିଧର୍ମର ସନ୍ତାନ, ବୀର ବାଳକ । ନରସିଂହପୁର ଛୁଡ଼ୁ ମୁକୁଳ ମୁଣ୍ଡିଆ, ବଣ ପ୍ରାଙ୍ଗଣରେ ଠିଆହେବ ତୁମେ । କୋଉଠିକି ଓଡ଼ିଆ ବାରମିଶ୍ର ଧନ ତେଲ ଲୁଣ କଣେଇ ସେପାରି କୋଣାର୍କ (ମୋର ଏକ କବିତା) ଗଢ଼ିବାକୁ, କୋଟିଏ-ବନସ୍ତକୁ ବାହାରିବ କେମିତି ? 'ସାବଣ୍ଣୀ ସାହବର ପଳପତ୍ର ଶୌରିହେଶ୍ୱର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର ଅସ ଗ୍ରଜାର ଉପାଧି ! ସ୍ୱର୍ଣ୍ଣ ସେ ଛନ୍ଦ ପୁଣି ଉଠେଇବା । ଏଥର ସମୁଦାୟ ଭାରତରେ ଉତ୍କଳର ଆସନ । (ଯାହା ଲେଖିଲେ ମୁଁ ଉତ୍ତେଜିତ ହେବି, ସେହି ଓଡ଼ିଶାର ପ୍ରୀତି ଏବଂ ସ୍ୱାମୀ ବିବେକାନନ୍ଦଙ୍କ କଥା ସେ ବାରମ୍ବାର ଲେଖି ମୋତେ ମୁଗ୍ଧ କରୁଥାନ୍ତି ।)

"ହେ ଚନ୍ଦ୍ରଧର ! ମୁଁ ସମ୍ବଳସ୍ୱ ! ମୁଁ ସ୍ୱପ୍ନଦର୍ଶୀ ପାଗଳ; କିନ୍ତୁ ମୋର ହାତରେ କଳସ୍ୱଲକ୍ଷ୍ମୀ ଅଛି । କଟାକ୍ଷ ମାତ୍ରେ ଏ ଦେଶକୁ ମୁଁ ଉଠେଇବି ଯେପରି, ସେପରି ମହା ତପସ୍ୟାରେ ମଗ୍ନ ହେବାକୁ ଯୁଦ୍ଧେ ।

(ଏ ଘଟନାରୁ ପାଠକ କୁନ୍ତଳାକୁମାରୀଙ୍କ ଅସ୍ୱାଭ କପଟତା ଅଥବା ଅକସ୍ମାତ୍ ଉତ୍ତେଜନା, ଅତି ଉତ୍କଟକୁ ବଡ଼ କରି ଚିତ୍ର କରିବାର ସେଇ ପ୍ରବୃତ୍ତି, ତାହା କିପରି କଳ୍ପନା ହୋଇଉଠିଛି ଜାଣିପାରିବେ । ବିଶେଷଭାବେ ପ୍ରୟୋଜନ ନାହିଁ । ମୁଁ ଜାଣେ ଶୀଘ୍ର ସ୍ୱଳସିଦ୍ଧ ଏ ଭାବ ତାଙ୍କର ଥାଏ । ସେ ଜାଣନ୍ତି, ମୁଁ ଏଗୁଡ଼ିକୁ ସମର୍ଥନ କରିପାରିବି ନାହିଁ । କିନ୍ତୁ ମୋତେ ହସାଇଦେଲେ ଏ କାର୍ଯ୍ୟରେ କାଳେ କିଛି ବ୍ୟାଘାତ ଘଟିଯିବ ! ମୋତେ ମର୍ମରେ ଲଗିଦେଲେ ସମସ୍ତେ ଶାନ୍ତ ପଡ଼ିଯିବେ । ସେଥିପାଇଁ ମୋର ପ୍ରଶଂସାରେ ଚିଠି ପୂର୍ଣ୍ଣ ହୋଇଥିଲା । କୁନ୍ତଳାଦେବୀଙ୍କୁ ଏ ଚିଠିଟିରୁ ପଢ଼ି ମତ ଦେଇଥିଲେ—'କାମାର୍ତ୍ତା କି ପ୍ରକୃତ କୃପଣ୍ଣା ଚେତନା ଦେଉଛନ୍ତି ।' ସେ କୌଣସି ବିଷୟରେ ପ୍ରସ୍ତୁତ ନ ହୋଇ ଏ ମଧ୍ୟରେ

ଏ ବ୍ରହ୍ମସ୍ୱାମୀ ଯିଏ, ତାଙ୍କର ସନ୍ଧାନ ପାଇପାରିଥିଲେ ଏବଂ କୁନ୍ତଳାକୁମାରୀଙ୍କ ମାଆଙ୍କର କେତୋଟି ଚିଠି ମଧ୍ୟ ପାଇଥିଲେ—ଯହିଁରେ ବ୍ରହ୍ମସ୍ୱାମୀ ଗୋଟିଏ ଲମ୍ପଟ ମୂର୍ତ୍ତିର ଭଳି ବର୍ଣ୍ଣିତ କରିବାର ନାନା ସମସ୍ୟାର ଚିତ୍ରପଟ ଅଙ୍କିତ ହୋଇଥିଲା । ମୁଁ ସେଥିରୁ କ୍ଷୀଣ ସୂଚନା ତୁଳସୀ ଦେବୀଙ୍କଠାରୁ ମଧ୍ୟ ପାଇଥିଲି । ତୁଳସୀ ମୋତେ କହୁଥିଲେ—'ମୁଁ ତ ସୁଖ କଳଙ୍କିନୀ । କିଏ ବା ତାର ସାକ୍ଷୀ ହେବ ?' କୁନ୍ତଳାକୁମାରୀ ମଧ୍ୟ କୈଳାସବାବୁଙ୍କ ଏବଂ ତୁଳସୀ ଦେବୀଙ୍କୁ କିଛି କିଛି ସମାଲୋଚନା କରି ଭେଦ ସୃଷ୍ଟି କରି ବସିଥିଲେ; କିନ୍ତୁ ଏପରିଭାବରେ ସ୍ୱଭାବ ଦୋଷ ରଚନାମାନ ଲେଖିଥିଲେ, ତା ପଢ଼ିଲେ କୌଣସି ସନ୍ଦେହ ଆସିବା ଅସମ୍ଭବ ।

"ରତ୍ନାଧର, ଅଭି ବୃଥାରେ କାଳ ହରଣ କରନାହିଁ । ତୁମ ମାଆର ସବୁ ବାଣୀ ଧ୍ୟାନକରି ଶୁଣ !

୧ । ଦ୍ୱାରଦ୍ୱାର ସଜାଅ, ଜଳେଇ କର । ବାବୁଙ୍କୁ ଯଦିଙ୍କୁ ଶ୍ରୀକୃଷ୍ଣ ଦର୍ଶନ ପାଇଁ ପ୍ରସ୍ତୁତ କରିଥା । ସିଏକୁ ପ୍ରସ୍ତୁତ କରିଥା ! ଏ ଯଦି ଶ୍ରୀକୃଷ୍ଣ, ବାବୁ ଠିକ୍ ଅର୍ଜୁନ, ମୁଁ ଠିକ୍ ସୁଭଦ୍ରା । ଶିବ ଗାୟତ୍ରୀ—ଈଶ୍ୱର ଇଚ୍ଛା । ଓଡ଼ିଶାର ଏ ମହା ଅଭିଯାନ ପାଇଁ ପ୍ରସ୍ତୁତ ହୁଅ !

୨ । ଡାକ୍ତର ବାବୁଙ୍କର ଖଦଡ଼ ପୋଷାକ—ଖଦଡ଼ ଧୋତି, ଚଦର, କୋଟ୍, କମିଜ, ରୁମାଲ ସବୁ ଖଦଡ଼ । ବାବୁ ପୂର୍ଣ୍ଣ ଖଦଡ଼ଧାରୀ । ମହାଯୋଗୀ ସେ । ମୁଁ ଭୋଳାନାଥ ଶଙ୍କରଙ୍କର ପତ୍ନୀ ହେବାକୁ ଯାଉଛି । ଉପବାସର ପୂର୍ଣ୍ଣତା ଆସିଛି—ପାର୍ବତୀଙ୍କର ମହା ତପସ୍ୟା । ମହାକଷ୍ଟ ଦୀର୍ଘ ହୋଇଛି । ରତ୍ନାଧର, ଶୀଘ୍ର ଆୟୋଜନ କର ।

୩ । ଉପର ସିନ୍ଦୂର ଟୋପା । ମୋପାଇଁ ଭଲେ ଶଙ୍ଖା ହାତକୁ—ଏତିକି ମାତ୍ର । ଏଥର ଏତିକି ଦାନ ଉପସ୍ଥିତ ମୁଁ ଚାହେଁ । ବାମ ଗୁରୁ, ପରେ ମୋତେ ଦ୍ୱାରେ ଦେବୁ । ମୁଁ ତ ଦେବ ସନ୍ନ୍ୟାସିନୀ । ଯୋଗୀର ସହଧର୍ମିଣୀ । ମୋତେ ଭଳି ଏ ମାୟାରେ ବାନ୍ଧିବା ସାଧ କାହିଁ ? ମୁଁ ଖଦଡ଼କୁ ସାକ୍ଷୀ କରୁଛି । ଡାକ୍ତରାଣୀର ଡାକ୍ତର ସଂଗମ ! (ମୁଁ ଡାକ୍ତର ଡାକ୍ତରାଣୀ କହେ) ଜୀବନରେ ବସନ୍ତ ପରିବର୍ତ୍ତନ । ଏଇ ଗୁରୁ-ଦର୍ଶନ ! ଏଇ ସେ କୃଷ୍ଣମୂର୍ତ୍ତି-ଦର୍ଶନ ।

"ରତ୍ନାଧର ଦେଖ, ମୋର ଅନୁରୋଧ ଗୁରୁଦକ୍ଷିଣା ଭଳି ପ୍ରସ୍ତୁତ ହୁଅ । ତୁମପାଇଁ ସେ ରହିବ । ( ଏଥିର ଅର୍ଥ କଣ ? କିଏ ମୋପାଇଁ ରହିବ ନାହିଁକି ? ) ତୁମେ ରତ୍ନାଧର, ମହାପ୍ରଭୁମାନଙ୍କର ସାହଚର୍ଯ୍ୟ ଲଭିବ । ଧନ୍ୟ ତୁମେ !

"ବୈରାଗୀ ମହାପ୍ରାଣ କଥିତ ସମୁଦାୟ ଆଶଙ୍କା ଉତ୍ତୀର୍ଣ୍ଣ । ବୈରାଗୀ ମହାପ୍ରାଣଙ୍କୁ କେତେ କଥା କହି ମୁଁ ଦବୁ ଛାଡ଼ିଛି । କହି ନ ଦେଇ ଲାଗିଲା; ରତ୍ନାଧର, ତୁମେ ଥିଲେ ଏଇ କୁନ୍ତଳାଧର ମହତ୍ତ୍ୱ ବୁଝିଥାନ୍ତ । ପ୍ରେମଚନ୍ଦ୍ରାମଣି ପରେ ଆଉ କାହା ଉପର ଦର୍ଶନସୂଚକ କବିତା ଶୁଣୁ ତୁମେ ମୋଠୁ ପାଇଥାନ୍ତ ।"

( ଶ୍ରୀ ବୈଷ୍ଣବଚରଣ ମିଶ୍ର ଖାଣ୍ଟି ଲୋକ ଥିଲେ । ସେ ଏହି କୃଷ୍ଣପ୍ରସାଦ ଦାସଙ୍କ ବୁଦ୍ଧିଶୁଦ୍ଧି ସମ୍ବନ୍ଧ ଏବଂ ତାଙ୍କର ଅନେକ ଚରିତ୍ର ଦୋଷ ନାନା ବିଷୟ ଜାଣିଥିବାରୁ କହିଲେ । ସେ କହିଲେ—ଏହା ଅତି ଲମ୍ପଟ, ମୂର୍ଖ । କିଛି ଜାଣେନାହିଁ । ଅତି ଦାମ୍ଭିକ । ତାର ବନ୍ଧୁଙ୍କ ତାଙ୍କ ସହିତ କବିତା ନାମ କରୁଥିଲେ । ଏବେ ସ୍ୱର୍ଗରେ ଅଛନ୍ତି । ସେ ମାଇକଲ ଜାଣିବା ବ୍ୟବସାୟ କରେ । କୁନ୍ତଳାକୁ ନେଇ ସେଠି କାହାକୁ ବିକିଦେବା ତା ପକ୍ଷରେ ଅସମ୍ଭବ ନୁହେଁ । କୈଳାସବାବୁ ଜାଣିଲେ ତାଙ୍କୁ ମଧ୍ୟ ବିପଦଗ୍ରସ୍ତ କରିଦେଇପାରେ । ବୈଷ୍ଣବବାବୁ ଏହା ମଧ୍ୟ କୈଳାସବାବୁଙ୍କୁ ଗୋପନରେ ଲେଖିଥାନ୍ତି । ମୋତେ ମଧ୍ୟ ଜଣାଇଥାନ୍ତି । ମୁଁ ତ ସରଳ ପିଲା । ମୁଁ କେତେବେଳେ ଡାକ୍ତରଣୀଙ୍କୁ ଲେଖିଥିଲି— ଏ କୃଷ୍ଣପ୍ରସାଦଙ୍କୁ ତୁମେ ଯେପରି କହୁଛ, ତାଙ୍କଠି ସେପରି ଗୁଣ କିଛି ନାହିଁ ବୋଲି ବୈଷ୍ଣବୀବାବୁ ତ ସ୍ତୁତି କରୁଛନ୍ତି । କିନ୍ତୁ ସେ ମୋ କଥାକୁ ଉଡ଼ାଇଦେଇ ତାର ଉତ୍ତର ଏପରି ଦେଇଥିଲେ । )

“ବର୍ତ୍ତମାନ ମୋ ପାଇଁ ଠିକ ବସ୍ତ୍ର ସବୁ ପଠାଇ (ବୋଧହୁଏ ମାଆ ତାଙ୍କର ନେଇଯାଇଥିଲେ) । ଜନ୍ମପାଇଁ ଯୋଗାଡ଼ । ଉଦ୍ୟମ ତର୍କିବି ଯାହା ସମ୍ଭାବ୍ୟ; ମୋର ଭୟ ଅଛି ? ତୁମର ମାନବଜାତି ଏବଂ ଉଦାରତା ମୋର ସମ୍ବଳ । ତା' ଛଡ଼ା ଭଗବାନ ମୋର ସାହା । ଡର କାହାକୁ, ଭୟ କାହାକୁ ? କେହିସପାଠ କିଛି ବିକି କରିପାରିବେ ନାହିଁ, କଣାରେ ଗଲୁ ଗଲ, ଡାକ୍ତରବାବୁଙ୍କୁ ବୁଝାଇଦେବ । ବାକି ବୈଷ୍ଣବୀ ମହାଶୟଙ୍କ ଘରେ ରଖିଦେଇଛୁ । ମୋର ବନ୍ଧୁପାଇଁ ବସ୍ତ୍ରର ଯୋଗାଡ଼ । 'ରଘୁ ଅରକ୍ଷିତ' ଓ 'ଭ୍ରାନ୍ତ' ଅଜ୍ଞାନ ମିଶ୍ରଙ୍କ ନିକଟରେ ଅଛି । ଯିବାକୁ ମୁଁ ବହୁତ ଜାଣେ । ଷ୍ଟ୍ରେନ୍ ଜାଣିବାକୁ କୋଳାହଳ । ଟ୍ରେନ୍ ମୋ ନିକଟକୁ ଆସିବା ବ୍ୟବସ୍ଥା ହେଉଛି । ତେଣୁ, ତୁମର ଆଡ୍ରେସ୍ ଦେଇଛୁ । ତୁମେ ଟ୍ରେନ୍ ଠିକ୍ ଦେଖିଦେବ । ତୁମେ ଯେବେ ନ ଦେଖିବ, ତେବେ ବଇଦନାଥ ବୁଢ଼ା (ବିଶ୍ୱନାଥ କର ଉତ୍କଳ ଦାସ୍ତାନ୍-ପ୍ରେସ୍) ନିକଟକୁ ଦେଇଦେବ । ତାକୁ କିଛି କଥା ପରେ ବୁଝାଇବ ।

Very Important.

ପ୍ରୋଗ୍ରାମ—

୧ । ମୋର କଟକ ଛାଡ଼ିବା ତା ୩ ରାତ୍ରି ଗାଡ଼ିରେ ।

ବାଡ଼ଶିଳା ପହଞ୍ଚିବା ତା ୪ ରାତ୍ରି । ମୁଁ ଏ କେତେ ଦିନ ଯଜ୍ଞ ସ୍କୁଲ ଭିତରେ କଟକରେ ରହିବି—ଠିକ୍ ବାଦଲ ସ୍ଥିରପଣ । (ଏଇ ସ୍କୁଲ ପରେ ସ୍ୱାମୀ ହେଲେ)

୨ । ବାଡ଼ଶିଳାରେ ତା ୪ ରାତ୍ରିଠାରୁ ତା ୮ ରାତ୍ରି ପର୍ଯ୍ୟନ୍ତ ଅବସ୍ଥାନ ବାବୁଙ୍କ ନିକଟରେ ।

୩ । ସେଠୁ ତା ୮ ରାତ୍ରି ଦିନ ଷ୍ଟାର୍ଟିଆରୀ ।

ପହଞ୍ଚିବୁ ରଙ୍ଗବାଗ, ୧୦ ତାରିଖ ।

୪ । ୧୧ ତାରିଖ ରାତି ୮ଟାରୁ ୧୦ଟା ମଧ୍ୟରେ ଶୁଭକାର୍ଯ୍ୟ ଶାନ୍ତି ।

ତା'ପରେ ସୂତ୍ରଧାରେ ଦୁଃଖ-ପ୍ରତ୍ୟାବର୍ତ୍ତନ ।

"ସେ କେବଳ Casual leave 10 days (କାଜୁଏଲ ଲିଭ୍ ୧୦ ଦିନ) ନେବେ । ଯଦି ଛୁଟି ହୋଇଥାଏ, ପାଞ୍ଚଶିକାରେ ଏହି ଲକ୍ଷ୍ୟ ଏ କେତୋଟି ଦିନ ଲାଗି ସେଥା ବ୍ୟବସ୍ଥା କରିବ । ପାଞ୍ଚଶିକାଙ୍କୁ ବର୍ତ୍ତମାନ ଲୋକ ଜାଣିବା ଆମର କାହାରି ମତରେ ସମୀଚୀନ ନୁହେଁ । ଏ କାର୍ଯ୍ୟପାଇଁ ପାଞ୍ଚଶିକା ଉପଯୁକ୍ତ । ଟଙ୍କାପାଇଁ ଭାବନାର ପ୍ରୟୋଜନ ନାହିଁ । ମୋଟ ସଂଖ୍ୟକ ଟଙ୍କା ଅଛି । ଆମର ତ ସବୁ plain & simple ହେବ । କେବଳ ଆନୁଷଙ୍ଗିକ ଖର୍ଚ୍ଚ ମାତ୍ର ଯାଉ । ବାବୁ ଓ ବ୍ରହ୍ମଦତ୍ତ ଏକାଠି ହିବେ । ମୋତେ ଫିମେଲ ଗାଡିର ଙ୍କାସରେ ବୋଲିବେ । ଆମେ ନିଜକୁ ଭେଟ କରିଛୁ । ଏଣୁ ଦଣ୍ଡିତା ପାଣିପାଠ । ତୁମେ ସମୁଦାୟ ଶୀଘ୍ର ବ୍ୟବସ୍ଥା କର ।

"ଚନ୍ଦ୍ରମା, ଏ ମୋର ଜୀବନର ଚରମ ପରୀକ୍ଷା । ଏଥିରୁ ପାର ପାଇଲେ ଜୋଣ୍ଡିଏ ପ୍ରବେଶ, ତୁମର 'ଚାନନଦେଶ୍ୱରୀ' ଲାଗିଛି ମୁଁ ଦୁଇମାସ ମଧ୍ୟରେ ଛପାଇ ଦେବି । ମୋର ଶତ୍ରୁତା ବନ୍ଦ ହେଲେ ମୁଁ ତାଙ୍କୁ ଛପେଇବି । ମୁଁ ଏକେଲୁଣ ଅଚଳ ହିଂସା ତୁମକୁ ଦେଉଛି । ଶୀଘ୍ର ମୋତେ ଜଣାଅ ସେ ସବୁ ଠିକ୍ ଠାକ୍ । ମୁଁ ବଡ଼ ଦୁର୍ବଳାବସ୍ଥାରେ ଅଛି ।"

ଏଠାରେ କ୍ଷୀରୋଦପ୍ରସାଦଙ୍କ ଚିଠି ଏବଂ କୁନ୍ତଳାକୁମାରୀ ତାଙ୍କୁ ଯେଉଁ ଲେଖିଥିବା ଚିଠି-ପତ୍ରେ, ତାହାର ପୂର୍ଣ୍ଣ ବିବରଣୀ ଦେବା ପ୍ରୟୋଜନ ହେଉଛି । କେଣ୍ଟ ତାହା ସମ୍ଭବ । କ୍ଷୀରୋଦପ୍ରସାଦ ଯେଉଁ ବିଧବା ସହାୟକ ସଙ୍ଘ କରିଥିଲେ, ତାହା କୋଟିଏ ବ୍ୟବସାୟ କେନ୍ଦ୍ର । ତାଙ୍କ ବିଜ୍ଞାପନ ଚଠିର ବାଁ ପାଖେ ଛପାଥିଲା—

The Hindu Widows Home Association, Delhi.

We undertake training of the helpless Hindu widows to make them self-supporting and remarrying those who wish to settle down in a married life. Public sympathising with these objects is requested to extend its helping hand towards this most deserving institution.

Subscription for membership for member's Rs. 100/-, for founders Rs. 250/-, for Patrons Rs. 500/-, or more. All remittances to be made to the Hony. Secretary.

ଅନନ୍ତର ସେକ୍ରେଟାରୀ ରସିଦ ନଂ ୧୪୨୭୨, ତା ୪ । ୬ । ୨୮ରେ ଏକ ଚଠି ଆସିଲା । ※

ଚିଠିର ଅନୁବାଦ ନିମ୍ନ—

“ସ୍ନେହର ଭଉଣୀ ନମସ୍ତେ,

କାଲି ମୁଁ ତୁମ ପାଖକୁ ଯେଉଁ ଚିଠି ଲେଖିଛି, ସେଥିରେ ତୁମର ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିଛି । ଆଜ ଆର୍ଯ୍ୟ-ସମାଜ ସମ୍ବନ୍ଧରେ କେତେଗୁଡ଼ିଏ ପୁସ୍ତକ ତୁମ ପାଖକୁ ପଠାଉଛି । ମୁଁ ଆଶା କରୁଛି, ତୁମେ ଦୟାପୂର୍ବକ ଏହି ପୁସ୍ତକଗୁଡ଼ିକୁ ପଢ଼ିବ ଏବଂ ବିଶେଷ କରି 'ସତ୍ୟାର୍ଥ ପ୍ରକାଶ' । ମୁଁ ତୁମର ବିବାହ ଉତ୍ସବ ଏବଂ ସ୍ୱାମୀଙ୍କ ଗୃହ ଆଗମନକୁ ଆଗ୍ରହ ସହକାରେ ଅପେକ୍ଷା କରୁଛି ? ତୁମେ କଣ ପରଦାପ୍ରଥା ସ୍ୱୀକାର କରୁଛ କି ଁ ଘରୋଇ ବ୍ୟବସାୟ କରୁଛ ? ତାଙ୍କର ସ୍ୱାମୀ କେଉଁ ବିଭାଗରେ କାର୍ଯ୍ୟ କରୁଛନ୍ତି ? ତୁମକୁ ଏବଂ ତୁମ ପରିବାରକୁ ମୋର ଶୁଭେଚ୍ଛା ଏବଂ ନମସ୍କାର । ତୁମର ପରମ ବନ୍ଧୁ— ଜ୍ୱାଲାପ୍ରସାଦ ।”

୭ । ୫ । ୮୦ରେ ସେ ଇଂରାଜୀରେ ଯେଉଁ ଚିଠିଟି ଲେଖିଥିଲେ, ତାର ଏହି ଅନୁବାଦ ପାଠକଲେ ସେ କୈଳାସ ବାବୁଙ୍କ ସହିତ ଯେଉଁ ସମ୍ପର୍କ କରିଥିଲେ, ମନୋଭାବ, ତାହା ଅତି ସ୍ପଷ୍ଟ ହୋଇଯାଏ ।

“ଶ୍ରଦ୍ଧାସ୍ପଦ ଭାଇ ନମସ୍ତେ,

ମୁଁ କେବେ କଳ୍ପନା କରିନଥିଲି ଯେ ତୁମେ ଦୟାକରି ମିଷ୍ଟର ବ୍ରହ୍ମସ୍ୱରୂପଙ୍କୁ ମୋ ପାଖକୁ ପଠାଇବ । ମୁଁ ତାଙ୍କୁ କାଲି ସାକ୍ଷାତ କଲି । ଆମେ ସକାଳ ଏବଂ ସନ୍ଧ୍ୟାବେଳେ ବହୁବେଳ ଧରି କଥାବାର୍ତ୍ତା ହେଲୁ । ସେ ମୋର କେତେକ ସନ୍ଦେହ ଦୂର କରିପାରିଛନ୍ତି । ସେ ମୋର ସମସ୍ତ ବହି ଦେଖିଲେ ଏବଂ ମୋ ପ୍ରତି ବିଶେଷ କରି ସହାନୁଭୂତିଶୀଳ ଅଟନ୍ତି । ବର୍ତ୍ତମାନ ଭାରତରେ ପ୍ରଚଳିତ ବୈଦିକ ଧର୍ମ ବିଷୟରେ କାଲି ପର୍ଯ୍ୟନ୍ତ ମୁଁ ସମ୍ପୂର୍ଣ୍ଣ ଅଜ୍ଞ ଥିଲି । ଆଜି ମୁଁ ତୁମେ ପଠାଇଥିବା 'ସତ୍ୟାର୍ଥ ପ୍ରକାଶ' ପୁସ୍ତକ ପଢ଼ା ଆରମ୍ଭ କଲି । ମୁଁ ଜଣେ ଆଗ୍ରହୀ ପାଠକ ହୋଇଥିବାରୁ ସବୁ ପରିଚ୍ଛେଦ ପଢ଼ି ସାରିଛି—ଈଶ୍ୱରଙ୍କ ନାମ, ଶିଶୁପାଳନ, ଶିକ୍ଷା, ବିବାହ ପ୍ରଭୃତି ଏବଂ ଏହାପରେ ପ୍ରକୃତ ବୈଦିକ ଧର୍ମ, ବ୍ରାହ୍ମସମାଜ, ପ୍ରାର୍ଥନା ସମାଜ ଏବଂ ଅନ୍ୟ ଜାତିମାନଙ୍କ ବିଷୟ, ଏପରିକି ମୁସଲମାନ ଓ ଖ୍ରୀଷ୍ଟ ଧର୍ମ ବିଷୟରେ କେତେକ କଥା । ଏଥିରୁ ଆପଣ ଜାଣିପାରିବେ ଯେ ଏହି ସମାଜର ଆବଶ୍ୟକତା ବିଷୟରେ ଜାଣିବା ପାଇଁ ମୋ ହୃଦୟରେ କେତେ ଆଗ୍ରହ ଆସିଛି ।

“କିନ୍ତୁ ବର୍ତ୍ତମାନ ମୁଁ ପ୍ରକୃତ ବିଷୟକୁ ଆସୁଛି । ସ୍ନେହର ଭାଇ, ତୁମେ କ'ଣ ଭାବୁଛ ଯେ, ବର୍ତ୍ତମାନ ମୁଁ କିମ୍ବା ଆମେମାନେ ସଂସ୍କୃତ ଭାଷାଜ୍ଞାନ ଓ ବୈଦିକ ଧର୍ମ ଏବଂ ଏହାର ବ୍ୟବହାରରୁ ବଞ୍ଚିତ ହୋଇଥିବାରୁ ଆମର ସ୍ଥାନ କଣ ତୁମ ସମାଜରେ ନାହିଁ ? ଯେଉଁ ବ୍ରାହ୍ମସମାଜରେ ହୋମ ଯଜ୍ଞ କୌଣସି ବ୍ୟବସ୍ଥା ନାହିଁ, ସେଥିରେ ଯେପରି ଭାଗ୍ୟ

ଉପରେ ପ୍ରତିଷ୍ଠିତଥାଏ, ଠିକ୍ ସେମିତି ଏ ବିବାହ ପରେ ଆମକୁ କଣ ଆମ ଧର୍ମ ଉପରେ ପ୍ରତିଷ୍ଠିତ ହୋଇଥିବ ? ଏହିପରି ଏକ ସନ୍ଦେହ ମୋତେ ଗ୍ରାସ କରୁଛି । ଆମେ ପାଶ୍ଚାତ୍ୟ ଶିକ୍ଷିତ ଲୋକେ ଜ୍ଞାନ ଏବଂ ଶରୀର ସ୍ୱାସ୍ଥ୍ୟ ଅଥବା ଧର୍ମଶାସ୍ତ୍ର ବିଷୟରେ ଅନେକ କଥା ଜାଣୁ, କିନ୍ତୁ ଆମେ ବୈଦିକ ଧର୍ମ ବିଷୟରେ ପ୍ରକୃତରେ ସମ୍ପୂର୍ଣ୍ଣ ଅଜ୍ଞ । କେତେକ ବେଦ ବା ଉପନିଷଦର କେତୋଟି ମନ୍ତ୍ର ଜାଣି ଆମେ ନିଜକୁ ବ୍ରାହ୍ମ ବା ପୌତ୍ତଳିକ ହିନ୍ଦୁ ବୋଲି ଭାବ ଦେଖାଉ । ବ୍ରାହ୍ମମାନଙ୍କର ପ୍ରଚଳିତ କେତୋଟି ବୈଦିକ ମନ୍ତ୍ର ସମସ୍ତ ପ୍ରକୃତରେ ସେ ସମାଜଟିକୁ ଅନୁକୃତ କରୁଛି । ଅନେକ ପାଣି ପିଅନ୍ତି; କିନ୍ତୁ ଏହାର ଉତ୍ପତ୍ତି ବିଷୟରେ ବିଶେଷ କିଛି ଜାଣନ୍ତିନାହିଁ । ମୁଁ ସେହିପରି ପ୍ରଚଳିତ ଧର୍ମର ଉତ୍ପତ୍ତି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ହୋଇଥିବାରୁ ବର୍ତ୍ତମାନ କଣ ପଢିବ ନ ଜାଣି ? ମୁଁ ସତ୍ୟପଥର ସାକ୍ଷୀ ହେବାକୁ ଇଚ୍ଛାକରେ; କିନ୍ତୁ ମୁଁ କଣ ପାରିବ ? ଜୀବନର ପଚିଶ ବର୍ଷ ପରେ ମୋର କଣ ସେ କ୍ଷମତା ଅଛି ? ଆମେ ସନାତନ ବିଷୟରେ ଅଜ୍ଞ; ତେଣୁ ଆମେ ଉମର ଏହି ବିଭ୍ରାଟ ସମାଜରେ ନିର୍ବୋଧ ସ୍ଥାନରେ ରହୁ ହେଉଛୁ ।

୧ । ଏହିଭଳି ଲୋକମାନଙ୍କ ପାଇଁ ପଥ କଣ ? ସେମାନଙ୍କୁ କାହାର ଦ୍ୱାରରେ ବୈଦିକ ସନାତନ ଧର୍ମକୁ ଆଣିବ ?

୨ । ମୋ ବିବାହ ବିଷୟରେ ମୁଁ ମିଶ୍ରିତ ବ୍ରାହ୍ମବିଧି ଏହା ପସନ୍ଦ କରେ, ଏହା କଣ ନ୍ୟାଯ୍ୟ ? ଏହା କଣ ବୈଦିକ ଶାସ୍ତ୍ରାନୁସାରେ ଅନୁମୋଦିତ ହେବ ?

ଜଣେ ବିବାହିତ ବ୍ୟକ୍ତି ସହ ଦ୍ୱିତୀୟ ବିବାହ କରିବା ନ୍ୟାଯ୍ୟ ବୋଲି 'ସତ୍ୟାର୍ଥ ପ୍ରକାଶ'ରେ କେଉଁଠି ହେଲେ କୁହାଯାଇନି । ତା'ପରେ ଏହି ପ୍ରଶ୍ନ ଆସୁଛି ଯେ—ବାଲ୍ୟ-ବିବାହର ଅଜ୍ଞତାରେ ଅନୁମୋଦିତ ପ୍ରଥମ ବିବାହ କଣ ନ୍ୟାଯ୍ୟ ଏବଂ ସ୍ଥାୟୀ ? ଏହା ଧର୍ମାସିଦ୍ଧ ଠିକ୍ ନୁହେଁ କି ? ସ୍ୱୟଂବର ହିଁ ପ୍ରକୃତ ବିବାହ; କିନ୍ତୁ ଆମକୁ ଯଦି ମେଳ ଅବସ୍ଥାରେ ରଖାଯାଏ, ତାହାହେଲେ ଏହା କଣ ଠିକ୍ ହେବନି ?"

ଏପରି ଲେଖିଥାଉଲେ । ଅସ୍ଥି ଅପାର ହୋଇଗଲା ? କେତେ କଣ ମନେପଡ଼ିଗଲା ଅତୀତର ଧାଡି ଧାଡି ଘଟଣାବଳୀ । ଆଜି ଗୋଟିଏ ଅନୁକୂଳଶୀଳ ସୁସ୍ଥ ସଂପର୍କ ଏବଂ ଐତିହାସିକ ଘଟଣା ଭିତରେ ସେସବୁ ହଠାତ୍ ଭାସିଗଲେ । ପ୍ରିତ ମୁହୂର୍ତ୍ତରେ ସ୍ମୃତି ଜାଗିଲେ । ପ୍ରାତ୍ୟ ଜନ୍ମ ଉପରେ ପାଣ୍ଡୁଲିପି ଶ୍ରୀଧାର ଜଳ ଅଙ୍କପଦେଇ ମାତୃଭୂମିର ।

ଏପରି ଭାବ ଚିନ୍ତା କେଉଁଠି ଜାଗ୍ରତ ହେଉନଥିଲା, ସେପରି କ୍ଷେତ୍ରରେ ସେ ଚାଲିଲେ ଲେଖିଥାନ୍ତି, ଦଣ୍ଡୀରୁ କାର୍ଯ୍ୟ ସାରି ପୁଣି ଓଡ଼ିଶାକୁ ଫେରିଆସିବେ । ଏଣେ ସେ ତାଙ୍କର ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଥାନ୍ତି । ସେ ସାହସ ହାରିଲେ, ଦେଇଥିଲେ । ତାଙ୍କ ମା' ଅସୁସ୍ଥମାନେ ଥିଲେ । ପୁଣି କଣ ବିପୁଳ ତାଙ୍କ ଇଚ୍ଛାରେ ସାଧା କରୁ ପାରିଲେ, ନ ନେଲେ । ସେ ବାସ୍ତାଶୀ ପର ଜିନିଷ ଟଙ୍କା, ପୁସ୍ତକ, ଶାଢ଼ି, ଖାଟ, ଔଷଧ ପ୍ରଭୃତି

ବାନ୍ଧି ରଖିଥାନ୍ତି । ଅଗ୍ରମହେଶ୍ୱାର ଜଙ୍ଘା କଟ ମାରିଲେ, ଦେଖାଯାଏ । ୨୫ଟା ହୀରା ବେଦଚୂଡ଼ା, ବେଶ୍ ମୂଲ୍ୟବାନ୍, କେତେକ କାଠ ଖଣ୍ଡରେ ବନ୍ଧନ ମାରି ଦେଇଥାନ୍ତି । ଶାଧାରଣରେ ପ୍ରକୃତରେ ସେ ତାନ୍ତ୍ରିକୀ ଓଡ଼ିଶା ଗ୍ରନ୍ଥ ଗୁରୁଙ୍କଠାରୁ; କିନ୍ତୁ ସେ ତାହା କେବେ ସ୍ୱୀକାର କରୁନଥାନ୍ତି । ତାଙ୍କର ଦଶ ଦଣ୍ଡ ଭଳି ୨ଟି, ୧୫ ଖଣ୍ଡ ଗୋଟିଏ ହାର ଥାଏ ; ତାଛଡ଼ା ଦୈନିକ ବ୍ୟବହାର ପାଇଁ ଅଦ୍ଭୁତ ହାର ଥାଏ । ସେତେ ପ୍ରକାର ନଅଟା ଅଳଙ୍କାର ମଧ୍ୟ ଥାଏ । ନେତ୍ରନାଲ ପଟ୍ଟଶାଳରୁ ୬ଟି ରୂପା ଓ ସୁନାର ମେଡ଼ାଲ, ସ୍ୱର୍ଣ୍ଣଖଚିତ ମୁଦି, କାନଫୁଲ ଇତ୍ୟାଦି । ସେଗୁଡ଼ିକ ଏବଂ ପାଣ୍ଡୁଲିପି ତାଙ୍କର ସମ୍ପତ୍ତି ସମ୍ମୁଖ । ଶାଢ଼ି, ଜ୍ୟାକେଟ, ଖାସା କେତେକଖଣ୍ଡ ସେ ସାଥିରେ ନେବାକୁ ଶଜାଡ଼ିଥାନ୍ତି । ତା ଛଡ଼ା ପାଣ୍ଡୁଲିପି ବେଡ଼ଶୋଟି । ସେ ବସ୍ତ୍ର ଏ ଦେଶକୁ ଛାଡ଼ି ଚାଲିଯାଉଛନ୍ତି; କିନ୍ତୁ ଜଗତରେ ରହିବେ ଲେଖିଥାନ୍ତି ଭକ୍ତି ପ୍ରଚାର ।

ତାଙ୍କର ଚେଷ୍ଟା ଥିଲା ମୁଁ ଏବଂ ବୈଷ୍ଣବୀ ଉଭୟ ମିଶି, ତାଙ୍କର ଏହି ପୁଣ୍ୟକର୍ମ ପରମାର୍ଥିକ୍ୱ, ଜଗତ୍ର ବ୍ରହ୍ମସ୍ୱରୂପଙ୍କ ଶ୍ରେଷ୍ଠତମ ବୋଲି ସ୍ୱୀକାର କରନ୍ତୁ । ମୁଁ କିମ୍ବା ବୈଷ୍ଣବୀ ମିଶି ତାଙ୍କର ଏହି ଦ୍ରବ୍ୟ ଗ୍ରହଣ କରିପାରୁ ନଥାଉ ବା କରିନଥିଲୁ ।

ସେ ମୋତେ ୪ । ୫ । ୨୮ରେ ଚିଠି ଲେଖିଥିଲେ ଦେହତ୍ୟାଗର କଥା । ଏଥିରୁ ଜଣାଯାଏ ସେ ବ୍ରହ୍ମସ୍ୱରୂପଙ୍କ ପ୍ରକୃତ ଜ୍ଞାନ ଲାଭ କରିପାରିଥିଲେଣି ।

ଚିଠି—

"ପ୍ରେମମୟ ଗଦାଧର, ତୁମର 'ଜୀବନବେଦ' ଲେଖିବା ସାର୍ଥକ ହୋଇଛି । ବ୍ରହ୍ମସ୍ୱରୂପଙ୍କ ସେଥିରେ ସ୍ପର୍ଶ ପଡ଼ିଛି । ତୁମର ସ୍ୱର୍ଗ ପରିବର୍ତ୍ତିତ ହେବ । ଦେଖ, ସେ ତୁମର ଗୁରୁ । ତୁମେ ତାଙ୍କର ଶିଷ୍ୟ । ସେ ଅନ୍ତରରେ ଶେଷପଥେ ବାଣ୍ଟିଦେଇଛନ୍ତି । ପ୍ରେମ୍ଟିଏ ପଚାରିବ, ସେ କାହା ଦେବେ କହିଲେ । ତାଙ୍କ ପାଖରେ ଜୀବନ ଗଡ଼ାଇବାକି ? ସାର ଓଡ଼ିଆ ଶିଶୁ ବୋଲି ମୁଁ ସେଥିରେ ବର୍ଣ୍ଣନା କଲି, ସେ ତାହା ଶୁଣି ଶୁଣି ତାଙ୍କର ଆଖି ଛଳଛଳ ହୋଇ ଉଠିଲା । ସେ କହିଲେ, ଏହି ସାର ଶିଶୁ ଗଦାଧର ମୋର ବାଳ ବନ୍ଧୁମାନଙ୍କ ହେବ ।"

(ଏଠାରେ ବ୍ରହ୍ମସ୍ୱରୂପ ଜଗତ୍ ଈଶ୍ୱରଙ୍କ ଅବତାର ବୋଲି ବର୍ଣ୍ଣନା ହୋଇଛି— ପାଠକ ତାହା କେବେ ଭାବିବେ ?)

"ଶୁଣ ଗଦାଧର ! ସେ ତୁମର ଗୁରୁ, ମୋର ଗୁରୁ, ଭାଗବତଭକ୍ତଙ୍କର ଗୁରୁ । ଆମର ଆରାଧ୍ୟ ଶ୍ରୀକୃଷ୍ଣ । ସମୁଦାୟ ଭାରତ ବୁଲି ସେ ଯାହା ଜ୍ଞାନ, ଧ୍ୟାନ, ଭକ୍ତି ଓ ପ୍ରେମ ଅର୍ଜନ କରିଛନ୍ତି, ଚଉଷଠି ତପୋବନ ସ୍ଥାପନା କରି ସେ ସମୁଦାୟ ନିବେଦନ କରିଦେବେ । ମୁଁ ତାଙ୍କୁ ନମସ୍କାର କରୁଛି । ଉଦ୍ଧାରଣ ପଣ ସେ ନିଜ ଜୀବନ ଉତ୍କଳକୁ ଦେଇଯାଇଛନ୍ତି । ଏଥର ସେ ଉତ୍କଳ ଛାଡ଼ି ଯିବେ । କେବଳ ଭୋଗରାମ ପଥ କହିଲେ । କହିଲେ, ଓଡ଼ିଶାରେ ଯେତେ ସ୍ତୂପ ଓ ମୁକ୍ତ ଆଶ୍ରମ ଅଛନ୍ତି ସମସ୍ତଙ୍କୁ ମୁଁ ବୋଲିଦେବି ।

ମୁଁ ଶ୍ରୀକୃଷ୍ଣ ହେବ । ଏପରି ତାଙ୍କର ସାହସ କଥା ଓ କାର୍ଯ୍ୟ । ତଦଧର ! ଅନେ ତାଙ୍କର ଯୋଗ୍ୟ ହେବା ଏଇ ଚେଷ୍ଟା କର । ସେ ନରେଶବାବୁ ଘର ମନ୍ଦସଂପ୍ର ନୁହନ୍ତି । ନାମ practical କାର୍ଯ୍ୟ ତାଙ୍କର ମୂଳମନ୍ତ୍ର । ବୈଷ୍ଣବୀ ମହାତ୍ମାଙ୍କ ସେ ତାଙ୍କର ପରମ ଶ୍ରଦ୍ଧା କରନ୍ତି । ସେ କହିଲେ J. Krishnamurti (ଜେ. କୃଷ୍ଣମୂର୍ତ୍ତି) ଭଳି ହେବେ ନାହିଁ । (ଆନ୍ଧ୍ର ଦେଶୀୟ ଏକ ଦାକ୍ଷିଣାତ୍ୟ ବ୍ରାହ୍ମଣ ବଂଶୋଦ୍ଭବ ଈଶ୍ୱରଙ୍କର ଅବତାର ବୋଲି ପ୍ରଚାର କରି ବେସାନ୍ତ ସନ୍ତାନସ୍ୱରୂପ ପାଳନ କରିଥିଲେ । ତ୍ରିଶ ବୟସରୁ କୃଷ୍ଣମୂର୍ତ୍ତି ବହୁ ପୁସ୍ତକ ଇଂରେଜୀରେ ଲେଖିଥିଲେ ଏବଂ ଥିଓସଫି ସୋସାଇଟିରେ ପ୍ରଚାର କରୁଥିଲେ । ବୈଷ୍ଣବୀବାବୁ ସେ ଦଳର ସଭ୍ୟ ଥିଲେ । ମାନ୍ଦ୍ରାଜ, ଆଡ୍ୟାର, ଉତ୍ତରପ୍ରଦେଶର ବନାରସ ଆଦିକୁ ଦଳର ବାର୍ଷିକ ସମାଜରେ ଯୋଗଦେବାକୁ ସେ ଯାଉଥିଲେ ବୋଲି ଆମକୁ ଜଣାପଡ଼ିଛି ।)

ମୁଁ ସଦା କାମ କରିବି । ମୁଁ ଭଣ୍ଡାମି କଥାର ଜଞ୍ଜାଳ କରିବି ନାଁ । ତଦଧର, ଏ ଉତ୍କଳର ନେତା । ସ୍ୱାମୀଙ୍କର ସ୍ୱାର୍ଥରେ କର୍ମ୍ମ ଦ୍ୱାରା (ତାଙ୍କର ପରିକଳ୍ପିତ ପୁତ୍ର ସନ୍ତାନ) ମଣିଷ ହେବ । ଭଗବାନଙ୍କର ଅଦ୍ଭୁତ କାର୍ଯ୍ୟ—ସାମାନ୍ୟ ଜିନିଷ କାହିଁ ଉଠିଲାଣି ପାଇ । ଏ ସମୁଦାୟ ଭାରତବର୍ଷ ଓ ପୃଥିବୀ ଆଶ୍ଚର୍ଯ୍ୟ ହୋଇଛନ୍ତି । ଆମକୁ ନେଇ ସେ କରତ ନିଜସ୍ୱ କରିବେ । ସ୍ୱାମୀଙ୍କର ବୃତ୍ତ 'ସନ୍ତୋଷକାର ।'"

ସେ ଭାବେ ନାଟ୍ୟ, ମୂର୍ତ୍ତି କଳ । ଅତ୍ୟଧିକ ସଂଯମ ମଧ୍ୟରେ ଦୀର୍ଘକାଳ ରହୁ ସୁଯୋଗ ଯେପରି ମତ ପରିବର୍ତ୍ତନ କରିଦେଲେ । ଏ ଲେଖାରୁ ତାଙ୍କ ପତ୍ରକରେ ଜଣାଯାଉଛି । କାରଣ ସେ ଯାହା କହୁଥିଲେ, ତାହା ମଧ୍ୟ ବୁଝିପାରୁ ନ ଥିଲେ । ମୋର ସାଧାରଣ ଜ୍ଞାନ ଥିଲା, ଏ ଧାରଣା ମଧ୍ୟ ତାଙ୍କର ନ ଥିଲା ।

ଚିଠିପରେ ଚିଠି, ୨୪ରେ ଚିଠି, ୨୫ରେ ଚିଠି, ୨୬ରେ ଚିଠି, ୨୭ରେ ଚିଠି, ଏପରି ଚିଠି ଆଠ ଦଶ ଦେଇ ଲେଖାଯାଉଥାଏ । ସବୁରେ ମୋର ପ୍ରଶଂସା—ମୋତେ ଶ୍ରୀକୃଷ୍ଣଙ୍କ ଅବତାର ବୁଦ୍ଧଙ୍କ ଉପରେ ପ୍ରଶଂସା କଲେ, ତାହା ସାଙ୍ଗସୀଲାରେ ଭଲ ହୋଇଛି ଉନ୍ମାଦ କଥାସବୁ ଲେଖାଯାଏ; କବି ବୈକୁଣ୍ଠନାଥ ଭୂମି ପାଇଁ ମଧ୍ୟ ଧନ୍ୟବାଦ କରୁ ନଥାନ୍ତି । ମୁଁ ତାଙ୍କୁ ପୁଛେ, ମାତ୍ର ସେ କିଛି କହୁନାହାନ୍ତି ।

ମୋତେ ଡାକ୍ତରଣୀ ବାଇମାର ମଦନପଦାଇ ଲେଖୁଥାନ୍ତି—

"ତୁମେ ଡାକ୍ତରବାବୁଙ୍କ ନିମ୍ନଲିଖିତ ବିଷୟ ସବୁର ସୂଚନା ଦେବ । ବୁଦ୍ଧଙ୍କର ଦକ୍ଷତା, ଜ୍ଞାନ, ଦୁଃଖ ସହନ, ଧର୍ମ ପ୍ରତି ତାଙ୍କର ପରମ ସହାନୁଭୂତି, ଏଠିକାର ସାହୀବାସୀ, ବେଙ୍ଗାଳୀଙ୍କ ମନୋରମ କଥା, ମୋର କବିତାର ବିଷୟ ଅଭିମତରେ ପ୍ରଶଂସା, ଯାହା ସବୁ ବୁଦ୍ଧଙ୍କ ଶୁଣିଛନ୍ତି—ଯଥା ଲାଲା ଲଜପତ୍ ରାୟ, ଡି. ଭାରତୀ, ହେମଚନ୍ଦ୍ର, ଜ୍ୱାଳା ପ୍ରସାଦ, କାଶୀନାଥ ଶର୍ମା, କେ. ଡି. ଶାସ୍ତ୍ରୀ ଇତ୍ୟାଦି । ତୁମେ ତ ବୁଝିପାରିବ, କହିବ । (ଏସବୁ ବୁଦ୍ଧଙ୍କ କାଳ୍ପନିକ ଶିଷ୍ୟ ମାତ୍ର ।)

“ବିବାହ ପରେ ଛୁଟି ବା ବଦଳି ଅନ୍ୟାୟ ହେଲେ ହେବ, ଏହା ଡାକ୍ତରବାବୁଙ୍କ ଉପରେ ବୁଝାଇବ । ଜୁନ୍ ୪ ବା ୮ ଅଥବା ୨୧ରେ ବିବାହର ପ୍ରଶସ୍ତ ଦିନ । ତାଙ୍କ ଘରକୁ ଶୁଭେଚ୍ଛା କରିବ । ତୁମେ ମୋର ପରମ ସହାୟ । ତାଙ୍କୁ ବୁଝାଇ ସବୁ କାର୍ଯ୍ୟ ଯେପରି ଠିକ କରିବ । ମୁଁ ସୁଚାରୁଭାବେ ଚଳାଇଥିଲି । ପର ଗୁରୁଦେଇଲି । ମୁଁ ଶୀଘ୍ର ଯିବାକୁ ଏଠାରୁ ଅତି ବ୍ୟସ୍ତ ହୋଇପଡ଼ିଛି । 'ନାୟକ ବାବୁ' କହନ୍ତି ତାଙ୍କୁ ପଢ଼ିବାକୁ ଦେବ । ଦେଖିବେ, କପରି ଜଳିଲା । ଦେଖ ବାବୁ ! କେବେ ତୁମେ ସେଠାରୁ ଚାଲିଯିବ ନାହିଁ ? ମୋ ରାଣ !

“ଶୁଣ, ଏଇ ଯେଉଁ ବ୍ରହ୍ମଚାରୀ—ଦକ୍ଷିଣ ଆଫ୍ରିକା, ଯାଭା, ଜାପାନ ଭ୍ରମଣ କରିଛନ୍ତି, ତା'ପରେ ଦଶଟା ଭାଷା—ଫ୍ରେଞ୍ଚ, ଜର୍ମାନ, ଫାରସୀ, ଆରବୀ, ଉର୍ଦ୍ଦୁ, ଇଂଲିଶ, ସଂସ୍କୃତ ଓ ହିନ୍ଦୀରେ ଅଗାଧ ପାଣ୍ଡିତ୍ୟ । (ଏହା ଏକାବେଳେ ମିଛ) ପ୍ରଫେସର ଇନ୍ଦ୍ରର ଧର୍ମଭାଇ । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଧର୍ମପୁତ୍ର । ତାଙ୍କ ଘର ପୁରୀ । ସେ କଲିକତାରେ ପଢ଼ିଲା ବେଳେ ଶ୍ରଦ୍ଧାନନ୍ଦ ତାଙ୍କୁ ପୋଷିଥିଲେ । ( ସେ କେବେ କଲିକତାରେ ପଢ଼ି ନ ଥିଲେ ବା ତାଙ୍କ ଘର ପୁରୀ ନୁହେଁ । ) ବୈଦ୍ୟ ମହାବିଦ୍ୟାଳୟରେ ଅ.ପ୍ରିନ୍ସିପାଲ ସର୍ଜନ ପାଶ କରିଛନ୍ତି ।”

ସେ ପାଗଳୀ ହୋଇଯାଇଥିଲେ । କସ୍ତୁରୀ ବୈଳାସଙ୍କଠାରୁ କପରି ମୁକ୍ତ ପାଇବେ, ଏହାହିଁ ଭାବୁଥିଲେ ଏଇ କେତୋଟି ଦିନରେ ।

୨୭ । ୫ । ୨୮

“ବାବୁ ମହାରାଜ କଣ ଶୋଇଛନ୍ତି ? ମୋତେ ପତ୍ରେ ବି ଚିଠି ଲେଖିଲେ ନାହିଁ ?”

ଏଥିରୁ ବୈଳାସଙ୍କର ତତ୍କାଳୀନ ଅବସ୍ଥା ସହଜରେ ଧରି ହେବ । ପୁଣି ମୋତେ ଲେଖିଲେ—

“ଚକ୍ରଧର, ତୁମ ଲେଖା କୋଉଠି ଛପିଲାଣି ଜାଣ ? ତୁମ 'କାଳନେମି' ଜାଣ ନା ? ସାଧୁ ଶ୍ରୀକୃଷ୍ଣଙ୍କ ହାତରେ । ତୁମେ ସବୁ ଛାତିପିଟାବେଳେ 'ଓଡ଼ିଆ ପୁଅ' ଶୁଣି ତାଙ୍କର ମୁଖଶ୍ରୀ ଦେଖିଥାନ୍ତ, ଚମତ୍କୃତ ହୋଇଥାନ୍ତ । ମୁଁ ତାଙ୍କୁ ତୁମର ଗୁରୁ କରିଦେଇଛି । ସେ ଅତି ଶୀଘ୍ର ଆପଣଙ୍କୁ ଚୋଟାଏ ଦେଖି ଦେବେ । ମୁଁ ତୁମକୁ କଣ କହିବି ଲେଖୁଛି । ଜାଣ, କେତେ କଷ୍ଟରେ ତାଙ୍କୁ ଆଣିଛି । ତୁମ ସ୍ୱଦେଶସେବାର ସ୍ୱପ୍ନ ସଫଳ ହେବାପାଇଁ ତୁମ ଜୀବନରେ ବ୍ରହ୍ମଚାରୀ ଉଦୟ । ସେ ତୁମକୁ ଗୋଟା ଭାରତବର୍ଷ ତାଙ୍କ ପଦ ସାଥୀ କରି ବୁଲାଇବେ । ସେ ମୋ ଭଉଣୀ ପରି । ସେ ଅମର; ଅମର କୃଷ୍ଣ; ଅମରକୁ ଜଗତକୁ ଦାନ କରିଛନ୍ତି । ଆଉ ତୁମେ କଉଁସିଂହପୁରର କ୍ଷୁଦ୍ର ବାଳକ ନୁହଁ । ଏବେ ତୁମେ ଶ୍ରୀକୃଷ୍ଣ ବ୍ରହ୍ମଚାରୀଙ୍କର ପରମପ୍ରିୟ ଶିଷ୍ୟ, ସଖା, ସହକର୍ମୀ । (ବ୍ରହ୍ମଚାରୀଙ୍କଠାରେ ଏପରି ଅଦ୍ଭୁତ ଗୁଣ ଥିବାର ମୁଁ ସେତେବେଳେ କିଛିମାତ୍ର ହେଲେ ଅନୁଭବ କରିପାରୁ ନ ଥିଲି । )

"ମୁଁ ଅତିଶୀଘ୍ର ଘାଟଶିଳା ଯିବି । ଶ୍ରୀକୃଷ୍ଣ ମୋ ସହିତ ଯିବେ କି ନ ଯିବେ ଜଣା ନାହିଁ । ସେ ପୁଣି ସୋମବାର ମଙ୍ଗଳବାର ଗୋଟିଏ କଲେଜ୍‌ର ବ୍ରାହ୍ମଣ ପରିବାରକୁ ନେଇ ଯିବାପାଇଁ ଆସୁଛନ୍ତି । ଏସବୁ କାମ ସରିଲେ ସେ ଶୀଘ୍ର ଘାଟଶିଳାରେ ପହଞ୍ଚିବେ । ତା'ପର ୮ ତାରିଖ ଦିନ ସେ ଆମକୁ ନେଇ ଦିଲ୍ଲୀ ଯିବେ । ୧୧ ତାରିଖ ଶୁଭ କାର୍ଯ୍ୟ ଠିକ୍ କରାଯାଇଛି । ଭଗବାନ ବାଧା ନ ଦେଲେ ସେହିଦିନ ସର୍ବଶୁଭରେ ସବୁ ହେବ ।"

(ଏହା କଦାପି ହୋଇପାରିବ ନାହିଁ । କାରଣ ଆର୍ଯ୍ୟସମାଜରେ କୌଣସି ସ୍ତ୍ରୀ ଆଉ ଅନ୍ୟ ଜଣେ ନାସ୍ତିକଙ୍କୁ ବିବାହ ହେବା କଥା ନ ଥିଲା । ସେମାନେ ସଂସ୍କାର-ପ୍ରୟାସୀ ଥିଲେ । ତେଣୁ ଏ ଯେଉଁ ଅନୁଷ୍ଠାନ କରାଯାଇ ଟେଲିଗ୍ରାମବାବୁଙ୍କୁ ଜଣାଯାଇଥିଲା, ସେ ସେହି ସ୍ୱାକ୍ଷର ଦର୍ଶାଇଥିଲେ ଅର୍ଥାତ୍ ବୋଧ ହୁଏ ଶୀଘ୍ର ପାଇ ପରେ ଫେରିଆସିବେ ଅଥବା ସେ ଲୋକ କୁନ୍ତଳାଙ୍କୁ ଅନ୍ୟଙ୍କୁ ବିବାହ ଦେବେ । ଦୋଷୀ ହେବ ସମାଜ; ସମାଜର ସଂସ୍କାରକ ବଳିଷ୍ଠ ନେତୃବୃନ୍ଦ । ସେମାନେ ମଧ୍ୟ ନାସ୍ତିକଙ୍କୁ ଛାଡ଼ିଦେବେ ନାହିଁ; ଜବରଦସ୍ତି ଜଣଙ୍କୁ ବିବାହ କରାଇଦେବେ । ଏ ଜବରଦସ୍ତି ରେ ସେ ସମାଜ ଏକାନ୍ତ ବିଖ୍ୟାତ । ସେମାନେ କୌଣସି ସ୍ତ୍ରୀଲୋକଙ୍କୁ ହାତ ପାଖରେ ପାଇ ବରି ଜଣଙ୍କୁ ଜବରଦସ୍ତି ବିବାହ ଦେଇପାରନ୍ତି । ମାରି କାଟି ହେଉ, ସେମାନେ ଦେବପରବାସ୍ତୁ । ଏହା ପରେ ମଧ୍ୟ ଜଣାଯାଇଥିଲା । ତେଣୁ ଚିଠିରେ ଲେଖିଥିଲେ ଭଗବାନ ବାଧା ନ ଦେଲେ ଶୁଭ ହେବ । ଏହାହିଁ ଭିତର ଉଦ୍ଦେଶ୍ୟ । )

ଏତେ ଏତେ ବର୍ଷ ଏ ଚିଠିଗୁଡ଼ିକ ପ୍ରକାଶ କରାଯିବାରୁ ଅନେକେ ବିଜ୍ଞଙ୍କ ସମାଲୋଚନା କରିପାରନ୍ତି; କିନ୍ତୁ ଜଣେ ଦେଶପ୍ରେମିକା, ପଣ୍ଡିତା, ସମ୍ମାନାସ୍ପଦା ନାରୀର ଜୀବନ କିପରି କଟି ଥିଲା, ତାହା ତାଙ୍କ ନିଜ ଲେଖାରେ ଜାଣିବାକୁ ସର୍ବସାଧାରଣରେ କୌତୂହଳ ଜାଗ୍ରତ ହେବା ସ୍ୱାଭାବିକ । ଅନ୍ୟର ଚିଠି, ଅନ୍ୟର ହୃଦୟ କାହାଣୀ ଜାଣିବାକୁ ପାଠକ ଶ୍ରଦ୍ଧା ପାଏ । ଏହା ଧରଣୀରେ ଯୁଗ-ଯୁଗଧରି ଚାଲିଆସିଛି । ତେଣୁ କୁନ୍ତଳାକୁମାରୀଙ୍କ ନିଜ ଲେଖା ଚିଠିଗୁଡ଼ିକ ତାଙ୍କ ଜୀବନ କଥା ଯେପରି କହୁଛି, ତାହା ପାଠକ ପ୍ରତି କାହିଁକି ଉପାଦେୟ ନ ହେବ ?

କୁନ୍ତଳାକୁମାରୀ ପରବର୍ତ୍ତୀ ସିଦ୍ଧାନ୍ତ କଣ ଜାଣିପାରି ମଧ୍ୟ ଉଦାସୀନ ନାସ୍ତିକଙ୍କ ଚତୁରଭାବେ ଲେଖିଥିଲେ—

"ଏ 'ଜଳା'କୁ ଗୋଲ୍ କରି ଧରିଲେ ମୋର ଗୁଣ୍ଡିଟିଏ ହେବ । ଦାଦାଙ୍କୁ କହିବ, ମୁଁ ତ ତାଙ୍କୁ ମୋଟେ ଦାନ କରିବାକୁ ଯାଉଛି । ସଙ୍ଗେ ସଙ୍ଗେ ମୋର ଶ୍ରୀକୃଷ୍ଣ ସେବାକୁ ଦାନ କରିବ । ଟିକିଏ ତ ମୋର ପିଲା, ମୋର ପୁଅ । ଅଳ୍ପ ଅଳ୍ପଦିନ ଦେଖାଦେଖି । (ନାରୀ ନିଜେ ପୁଅପରି କହିଲେ ବଳି ହୋଇପଡ଼େ; ତେଣୁ ସେ ଦାଦାଙ୍କୁ ଏଭଦ୍ଭାବ ବଶୀଭୂତ କରିବାକୁ ଚେଷ୍ଟା କରୁଥିଲେ । )

"ଏତେ କାମ, ଏତେ ପରିଶ୍ରମ, ପୁଣି ଏତେ କେଶ ପଡ଼ୁଛି ଯେ ମୁଁ କାମ ଭଲ କରି ମଲ୍ଲପରି !

"ବାବୁଙ୍କୁ କୁହ ଜ୍ୱାଳାପ୍ରସାଦଙ୍କର ଏ ଚିଠିଖଣ୍ଡି ପଢ଼ିବେ । ସେ ତାଙ୍କ ଚିଠିର ଉତ୍ତର ନ ଦେବାରୁ ବଡ଼ ଅଭିମାନ କରି ଲେଖିଛନ୍ତି । ଏମାନେ ସତ୍ୟ ପ୍ରେମୀ ।"

ପରେ ଜଣାଗଲା ଏ ଜ୍ୱାଳାପ୍ରସାଦ ଜଣେ ବ୍ୟବସାୟୀ । ନାଗ୍ପୁର ନିକଟବର୍ତ୍ତୀ ବିଧବାଶ୍ରମ ନାମକ ଅନୁଷ୍ଠାନରେ । କୈଳାସବାବୁ ଏହିବୁଝେ ଟଙ୍କା ଟିକେ ନ ଥାନ୍ତି; ନଦାବନ୍ଧୁ ପରି ନିଜର କାର୍ଯ୍ୟ କରି ବୁଲିଥାନ୍ତି । ଚିଠିରେ ଯେପରି ଉତ୍ତେଜନା ଜାଗିଲା ଦେଖିଥାଏ, ତାହା ଗଭୀରତା ନ ଥାଏ ତାଙ୍କଠାରେ ବା ତାଙ୍କ ପରିବାରରେ । ମୋର ନିଜ ବାଳ୍ୟବନ୍ଧୁର ଏକ ମାତୃମୂର୍ତ୍ତି ଥିବା ହେତୁ ମୁଁ ସେଠାରେ ଲଗୁଥାଏ ହୋଇଥାଏ ମାତ୍ର । କିନ୍ତୁ କୁନ୍ତଳାକୁମାରୀଙ୍କର ସବୁଥିରୁ ଗୁରୁ ଭାବ ଜମିଯାଇଥାଏ । ସେ କପରି ଦକ୍ଷୀ ଥିବେ ଏବଂ ନିଜର ପରିକଳ୍ପିତ ସୁଖ ମଧ୍ୟରେ ଜୀବନ ଅତିବାହିତ କରିବେ, ଏଥିପାଇଁ ବ୍ୟଗ୍ର ଥାନ୍ତି । ମୋର ଚିଠି ପଢ଼ି ସେ ଲେଖିଥାନ୍ତି—

"ତନ୍ମୟ ! ତୁମେ ଅଜଣାରେ ମୋ ଆତ୍ମା ଏପରି ଚିଠି ଲେଖିଛ ଯେମିତି ସବୁଥିରେ ଘୋର ଅବିଶ୍ୱାସ—ମୋ ପ୍ରତି । ଏ କମିତି କଥା ପୁଅ ! ତୁମେ ଜାଣ ମୋ ପ୍ରତି କହିଲ କେବେ ? ତୁମେ ପିଲାଲୋକ, ଅନେକ କଥା ତୁମେ ବୁଝିପାରନାହିଁ । ତୁମର କରୁଣାର ଭବିଷ୍ୟତ ଜାଣ ନଥ କାହିଁ । ତୁମେ ନିଜକୁ ମୂର୍ଖପରି ଏପରି ଭାବି ସବୁ ଲେଖୁଛ, ଅଥଚ ଭଗବାନ ତୁମକୁ ଶ୍ରୀକୃଷ୍ଣଙ୍କର ସଖା ଅର୍ଜୁନ ସହଦେବ ପରି କରିଦେଇଛନ୍ତି । ତୁମେ ଅନ୍ଧ, ଦେଖିପାରୁନାହିଁ । ତୁମେ ଭାଗ୍ୟବାନ । ଏହା ଜୀବନରେ ତୁମର ଭବିଷ୍ୟତ ଉଜ୍ଜ୍ୱଳ ହେବ । ତୁମର ଜନ୍ମାନୁସାରେ ଜୀବନ ସାର୍ଥକ ହେବ । ଶାସ୍ତ୍ରରେ ଯେମାନଙ୍କ ଜାତିଭେଦ ସମ୍ବନ୍ଧ ତୁମେ କେତେ ବଡ଼ କଥାକୁ ବାହାରିବ । (ଏପରି କାହିଁ ଭଲ କଲିକାର କାଳିଲେଖକରେ ମୁଁ କୈଶୋରକୁ ଭାବିଥାଏ । ସେ ତ ଜାଣନ୍ତି, ତେଣୁ ଏ ସାନ୍ତ୍ୱନା । )

ନିଅ ବାବୁ ତବ ଚରଣେ ତପସ୍ୱୀ ତବ ଅନ୍ତରେ ମନ ।'

"ଏ ପବିତ୍ର ବୃନ୍ଦାବନ, ଏ ସନ୍ନ୍ୟାସୀ ସୁତନ ଏହା ଉତ୍କଳର ଭରସା । ଏଇ ଓଡ଼ିଶାର ଜେ. ଏଚ୍. ଭାସ୍ୱାନୀ ( J. H. Bhaswani ), ଏଇ କନ୍‌ଷ୍ଟେବଳ୍‌କୁ ମଣିଷ କରିବ । ଦେଖ, ଭଗବାନ କି ଅପୂର୍ବ ସଂଯୋଗ କରିଛନ୍ତି—ତୁମେ, ବାବୁ 'ମୁଁ—କୃଷ୍ଣ' ଜ୍ୱାଳାପ୍ରସାଦ । କୃଷ୍ଣ ମୋ ସଖା—ଜ୍ୱାଳାପ୍ରସାଦ ବାପା ଓ ତାଙ୍କ ଧର୍ମପତ୍ନୀ ଶ୍ରୀ ମା—ତୁମେ ମୋ ପୁଅ—ବାବୁ ତ ସବୁଙ୍କ ମୋର—ଏହା ମହାଦେବଙ୍କର ଭଗବାନଙ୍କର—ଇତି ସ୍ନେହର ମା' ।"

କୈଳାସବାବୁ ତ ଚିଠି ଦେଇ ନ ଥାନ୍ତି । ମୋତେ ଯାହା କହନ୍ତି ମୁଁ ତାହା ଲେଖିଦିଏ । ସେ ମୋତେ କହିଲେ ଯେ—ଲେଖ, ଭାସ୍କରବାବୁ ସପରିବାର ଭଲ ଅଛନ୍ତି । ଚିଠିର ଉତ୍ତର ଆସିଗଲା—

"ମୂଳକଥା ଲେଖୁନାହିଁ । କଥା କେତେ ଦୂର ଗଲା । ମୁଁ ବର୍ତ୍ତମାନ ନିଶ୍ଚିନ୍ତ । ସବୁ ମୋର ଏଷ୍ଟାବ୍ଲିଶମେଣ୍ଟ ଭାଙ୍ଗିଦେଲ । ଦେଖ ପୁଅ, ତୁମେ ସେଠୁ ପାଦେ ହଟନା । ମତେ ଦୟା ଦିଅନା । ତୁମକୁ ମୁଁ କେବେ ମୋର କଳ୍ପିତ ସନ୍ତାନଠାରୁ ଟିକେ ଅଲଗା କରି

ଦେଖିବ । ତୁମେ ମୋର ଅନେକ ଉପକାର କରିବ । ତୁମେ ସେଠାରେ ଥିଲେ ମୋର ସାହସ ବଳ । ତୁମକୁ ସମସ୍ତେ ଆଦର କରନ୍ତି । ତୁମେ ଆମ ସମସ୍ତଙ୍କର ସମ୍ମାନାସ୍ପଦ । ମୋତେ ଏତେବେଳେ ଛାଡ଼ିଗଲେ ମୁଁ ଅନେକ ମନଖିନ୍ନ । ଅପବାଦ ପାଇବ ।

"ଶୀଘ୍ର ଘରଦ୍ୱାର ପରିଷ୍କାର କରାଇଦିଅ । ଆଜି କାଲି ଭିତରେ ବ୍ରହ୍ମର୍ଷି ଯାଇ ହାଜର ହେବେ । ବାବୁଙ୍କର ଦୁଇଟା କମିଜ, ଦୁଇଟା କୋଟ, ଖଣ୍ଡେ ସେଣ୍ଡି, ମଫଲର, ମୂଜା, ୮ଟା ଧୋତି, (ଫେଦର ସବୁ), ପରଷ୍ଠ ଇତ୍ୟାଦି, ଛତା, ଲୁଗା-ପୋଷାକ ଶୀଘ୍ର ଟାଙ୍ଗାଇଲଗଡ଼ରୁ ଉଆଣିର ବନ୍ଦୋବସ୍ତ କର । ନୋହିଲେ ମୋତେ କେତେ ଭାବରେ ମାଫ ପଠାଅ । ଉଷ୍ଟୀକୁ ଭଣ ଅରେଞ୍ଜ ହୋଇ ଯିବ ? ୧୦ ଜଣର ପୋଷାକପତ୍ର ତ ଦରକାର । ଯଦି ସେ ଏତେବେଳେ ଯୋଗ୍ୟ ଲମ୍ବାନ୍ତି, ମୋତେ ଶୀଘ୍ର ତାଙ୍କ ହାଲ ଜଣାଅ । ମୁଁ ସେପରି ଜଣାଖୋଲଅ ସୁଲବାଜ ଭଲ ପାଏନାହିଁ । ମଧ୍ୟ ଦିନରୁ ଏକ ନବାବ ଭଳ । ତୁମେ ଜଣକୁ ଲେଖିବ, ସ୍ତ୍ରୀଲୋକ ସେମାନେ ପଇସାବାଗ ଯିବେ । କେଉଁ ପ୍ରକାର ଟଙ୍କା ଲଗିଲା ? ମଧ୍ୟ ସେଠିକାର କଷ୍ଟମ ନାହିଁ, ଗାଉବାର ପେନ ବସ୍ତ୍ର ଖୋଲିବାପାଇଁ ଦିବା । କେବଳ କର ଜନ୍ୟ ଛଡ଼ା ଅନ୍ୟ କେହି (ଅର୍ଥାତ୍ ସ୍ତ୍ରୀ ଆଦି) ଯିବା କଷ୍ଟମ ନାହିଁ । ବାବୁଙ୍କୁ କୁହ, ଏ ଡାଙ୍ଗି ନଦୀଜଳସାଜେ ପାଟଣିଲାକୁ ପାଦ ଦେବ ସେପରି କରାନ୍ତୁ । ମୋର resignation ମଞ୍ଜୁର ହୋଇଛି । ମୁଁ ଅଚଣ୍ଡିଆ ଏଠୁ ଯିବି । ବୋଧହୁଏ ବ୍ରହ୍ମର୍ଷି ସହିତ ଅବା ସେଠି ପହଞ୍ଚିବ । (ଏଠାରେ 'ବ୍ରହ୍ମର୍ଷି ସହିତ' ଅସମ୍ପାଦିତ ମଲ୍ଲିକ ମଧ୍ୟ ଆସିଗଲେଣି ।) ଆମ ରହିବା ପାଇଁ ପହିଲି ପରଠୁ ଘର ଯୋଗାଏ ବନ୍ଦୋବସ୍ତ କରି ରଖ । ବ୍ରହ୍ମର୍ଷି ଖୁବ ଶୁଦ୍ଧମନ୍ତ୍ର ଲୋକ । ମାଛ-ମାଂସର ଗନ୍ଧ ମୁଦ୍ଧା ସହ୍ୟ କରିପାରନ୍ତି ନାହିଁ । ଦେବପୂଜକ ଏବଂ ଆମିଷାହାରୀ ଘରର ପାଣି ଛୁଅନ୍ତି ନାହିଁ । ତାଙ୍କର ଇଚ୍ଛା ବର୍ଷ ପୂର୍ବରୁ ସେ ଡାକ୍ତରବାବୁଙ୍କ ସହିତ ପୂର୍ଣ୍ଣ ପାଖରେ କାଳ କାଟିବେ । ସେ ମୋର ଭଲ ହୋଇଛନ୍ତି । ଡାକ୍ତରବାବୁଙ୍କୁ ସେ ବଡ଼ାଇ ଦେଖାଇବେ କି ନା, ସେଥିପାଇଁ ତାଙ୍କୁ ପ୍ରସ୍ତୁତ କରାଇରଖିବେ । ସେ ଦୁଧ, ଘିଅ, ମିଷ୍ଟାନ୍ନ, ଫଳମୂଳ, ଘଅ, ରୁଟି, ମୋହନଭୋଗ ଏସବୁ (ସାତ୍ତ୍ୱିକ ଖାଦ୍ୟ) ଖାଆନ୍ତି । ବାବୁଙ୍କୁ କହିବ, ତାଙ୍କୁ ଲୁଗା ପିନ୍ଧାଇବେ । ସେ କେବଳ ବା ଅଧିକାଂଶ ଗେରୁଆ ମାତ୍ର ପିନ୍ଧନ୍ତି । ଗାନ୍ଧୀଜୀଙ୍କୁ ବି ସେ ଚିହ୍ନ କରିପାରିଲେଣି । ତାଙ୍କର ସବୁ ଉଦାର ଦୃଢ଼ବସ୍ତୁ । ଦେଖ ଗଙ୍ଗାଧର, ବାବୁ, ଏଠିରେ ସାଦା ସାଦା ଲେଖିବ ସବୁ ବୁଝି ଏ କାର୍ଯ୍ୟ ସୁସମ୍ପାଦନ କରିଲେ ପୁରସ୍କାର—'ଜୀବନକେଶରୀ' ପୁସ୍ତକମାନ ମଧ୍ୟରେ ମୁଁ ଲଗାଇଦେବି—ଏ ବାର ସତ୍ୟ ।"

ସେମାନେ ୮ ତାରିଖ ଜନ୍ ଶୁକ୍ରବାର ପାଟଣୀଳାରେ ପହଞ୍ଚିଲେ । ଉଦୟ ପଣ୍ଡି ମଧ୍ୟ ସାଥିରେ ଆସିଥିଲେ । କୁନ୍ତଳାକୁମାରୀ ଚିଠିରୁ ସବୁ ତ ଜାଣିଥିଲେ; ତଥାପି ଏଣା ଥିଲା କିଛି ନବାଗ୍ର ପରିବର୍ତ୍ତନ ହୋଇଥିବ । କିନ୍ତୁ ସବୁ ପୂର୍ବପରି । ବ୍ରହ୍ମର୍ଷି ପରି ଅଲୌକିକ ପୁରୁଷଙ୍କ ପାଇଁ କୌଣସି ଆୟୋଜନ ନାହିଁ । ସାନ୍ତ୍ର ମନ୍ତ୍ର ତେଜସ୍ୱୀ ଡାକ୍ତର ଗଣ୍ଡ କୌଣସି ଅଭଦ୍ରତା ଦେଖାଇଲେ ନାହିଁ । ଆତିଥ୍ୟରେ ସବୁପ୍ରକାର ସହଯୋଗ କଲେ ।

କଥା ଅଛି—ଯାବତ୍ତ ମୂର୍ଖ ନଶୋଭତେ । ବିଚରା ଚନ୍ଦ୍ରମୁଖୀ ନିଜକୁ ଦେଖାଇ କଥା କହି ଖାଲି ନିଜର ଦେଲେ । ବୁଦ୍ଧି ଶୁଦ୍ଧି ବାହାର ଉଡ଼ିଗଲା । କ୍ରୋଧ ଓ ଦୁଃଖିତା ହୋଇ ବସିଥିଲା । କୈଳାସ ଡାକ୍ତର କହୁଥିବା ପରି ଆଖି ବୁଜି । ସେ ଭାଷାର ପୁଣି ଏକ ତ୍ରାହି-ଭାବ । ବିଶେଷରେ ବକ୍ତୃତାରେ ଓଡ଼ିଆ । ଇଂରେଜୀରେ ଘଣ୍ଟା ପଢ଼ିବାକୁ ବିଚରା ଚନ୍ଦ୍ରମୁଖୀ ଥାବା-ଥାବା ହୋଇଗଲେ । ସେ ତାଙ୍କ କଥା ତାଙ୍କ ଉଚ୍ଚାରଣ ମଧ୍ୟ ବୁଝିପାରିଲେ ନାହିଁ । କୁନ୍ତଳାକୁମାରୀ ତାଙ୍କ ପକ୍ଷ ନେଇ କହନ୍ତେ କୈଳାସ କହିଲେ, "ସେ କ'ଣ ଅଷ୍ଟାଦଶ ଭାଷାଭିଜ୍ଞା ? ଇଂରେଜୀ, ଫ୍ରେଞ୍ଚ, ଜର୍ମାନ୍, ଜାପାନୀ ସବୁ ଭାଷା ଜାଣନ୍ତି ? ପୁଣି ସ୍ୱୟଂ ସ୍ତ୍ରୀଲୋକ । ତାଙ୍କପାଇଁ ଆଉ କେତେ ଅପେକ୍ଷା କରିବ ?"

ଯାହାହେଉ, ସେଦିନ ମୁଁ ମନ୍ଦିରେ ଉଠୁ ଭକ୍ତମାନେ କାହାର ଅଭାଗିନୀ ଦେଖନ୍ତି, ପୁଣି ଚୂଳମାଟିକୁ ଦୁଇହାତରେ ଟେକି ଓ ଜିଭ ଦେଇ ଦେଖନ୍ତି, ଏପରି ଭକ୍ତି କରି ଦେଖାଇଦେଲେ । ଚନ୍ଦ୍ରମୁଖୀ ପକ୍ଷରେ କହିଲି ଯେ, ଯେଉଁମାନେ ଦେଶର ନାରୀଜାତିର ସ୍ତୁତି କରନ୍ତି, ପୁଣି ସଂସ୍କାରକ, ସେମାନଙ୍କ କଣ ଓ ଗୌରବ ଥାଇପାରେ ? କଥା, ଯାଉଣ ମଧ୍ୟରେ ଲୁଚିଗଲା ।

ଏବେ ୮ ଟା ବେଳେ ଭୋଜନକୁ ୧ ଘଣ୍ଟାର ଯାଏ ଏ ଲୀଳା ଲାଗିଲା । ୮ ଟା ବାଜିଲା ପୁଣି ସ୍ନାନରେ ଗଲେ । ୯ ଠାରୁ ୩° ସୁଦ୍ଧା ୨୨ ଜଣ ଯାତ୍ରୀ ଅଭ୍ୟାଗତ ହେଲେ, କହିହେବ ନାହିଁ । ଏକ ଅଶୀ ବର୍ଷ ବୟସର ବୃଦ୍ଧା ଧର୍ମସମ୍ଭୂତୀ ହୋଇ ଟାଙ୍ଗିଦେଇଥାଏ । ସତ୍ୟସାର ଏ ବିଚରା ଚନ୍ଦ୍ରମୁଖୀ, ଅଧିକନ୍ତୁ ବା ପ୍ରଗତିଶୀଳ ନାରୀର ଜୀବନରେ ଆଦୌ ବ୍ୟବହାରକୁଶଳ ନୁହନ୍ତି । ନାରୀ ହୃଦୟରେ ସ୍ନେହର ଅତି ଅଭାବ । ସାହିତ୍ୟ ଜାଣନ୍ତି ନାହିଁ । ଶୁଦ୍ଧତର୍କ କରି ବସନ୍ତି । ଧର୍ମର ତତ୍ତ୍ୱର ତର୍କ ଅତି ଗବେଷଣାସଂପନ୍ନ । ସେଥିରେ ପୂର୍ବାପର କିଛି ବସିପଡ଼ନ୍ତି—ଯେପରି ମହାବଳର ଟାଙ୍ଗିଥିଆ—ସୁଲଭ ଶିକ୍ଷା ନ ଥିଲେ ଯେପରି ଦେଶକାଳପାତ୍ର ବିବେଚନା ନ କରି ଯାହା ମନକୁ ପାଇଲା ଲୋକେ କଥା ସବୁ କହିଥାନ୍ତି । ଅଥବା ସାଧାରଣ ଶିକ୍ଷାଲୁବ୍ଧ ଏବଂ ନାରୀଜାତିବୋଧରେ ଅବୋଧ ଲୋକେ, ବିଶେଷରେ ଅଜ୍ଞାନ ବ୍ୟବହାର ଜାଣିନଥିବା ଲୋକେ, ବ୍ୟବହାର କରନ୍ତି । ଏ ଜଣକ ସେହିପରି ନାଣ୍ଡୁ ନଜାଣୁ କଥାକୁ ବାହାରିପଡ଼ନ୍ତି । ମୋତେ ବଡ଼ ଖରାପ ଲାଗିଲା । ମୋର ଶିଷ୍ଟ ବ୍ୟବହାର ଏବଂ ମିଷ୍ଟ କଥାବାର୍ତ୍ତାକୁ ସେ ଦୁର୍ବଳତାର ପ୍ରଚୟ ବୋଲି ଭାବନ୍ତି । ତାହା ସେ ଆମର କୌଶଳ, ସେ କିପରି ଜାଣିବେ ? ଡାକ୍ତରଣୀ ଭାବନ୍ତି—ସେ ଯେଉଁ ମୋର ଗୁଣ । ତାକୁ ଅହଂକାର ବସିଥିଲା ବୋଲି ଯିବା, ନହେଲେ କଣ ହୋଇଥାନ୍ତା ?

କୈଳାସବାବୁ ଡାକ୍ତରଖାନାକୁ ଯାଆନ୍ତି । ଏଣେ ଡାକ୍ତରଣୀଙ୍କର ଚନ୍ଦ୍ରମୁଖୀ ସହିତ ମନ୍ତ୍ରଣା ଚାଲେ । ଦରଜୀକୁ କୈଳାସବାବୁ ମାପ ଦେଇନ୍ତି ନାହିଁ; କିନ୍ତୁ ତାଙ୍କ ଚୁଲିଶା ପୋଷାକ-ପରିଚ୍ଛଦକୁ ମାପ ଆଣି ଝାଟାକୁ କଣା ହୋଇ ଅସିଥିବା ଜନାରେ ନୂଆ ପୋଷାକ ତିଆରିକଲେ ।

ଅଦ୍ଭୁତ ଅବସ୍ଥା ! ମୁଁ ତାଙ୍କୁ ବୁଝାଇବାକୁ ବାଧ୍ୟ ହୁଏ, ଇଙ୍ଗିତ ଦେଖାଇ କହେ—ମୋ ମାଆ ଦେହ ଖରାପ ଅଛି । ଡାକ୍ତରଣୀ ଶୁଣନ୍ତି ନାହିଁ । କାନ୍ଦି କାନ୍ଦି ମୋତେ ଦୁଃଖ କହନ୍ତି ।

## ଘାଟଶିଳାରେ ଏକ ମର୍ମନ୍ତୁଦ ଦୁର୍ଘଟଣା—ଗୋପବନ୍ଧୁଙ୍କ ମୃତ୍ୟୁ ସମ୍ବାଦରୁ ରକ୍ଷାହେଲି

୧୯ ତାରିଖ ମଙ୍ଗଳବାର ଦିନ ଏକ ଦୁର୍ଘଟଣା ଘଟିଲା । ତୁଳସୀ ଦେବୀ ହଠାତ୍ ବେକାରି ତାଙ୍କ ପୈତୃକ ଘରକୁ ଡାକ୍ତରଖାନାକୁ ଡକାଇ ପଠାଇଲେ । ସେହି ଘରେ ଡାକ୍ତରଣୀ ରହୁଥିଲେ, ତୁଳସୀ ଦେବୀ ସେ ଘରକୁ ପଶିଯାଇ ଘରୁ ବେଶପାଇଥିଲେ । ମୁଁ ପ୍ରତ୍ୟେକ ଦିନ ଘାଟଶିଳାରେ ଏକ ହାଟ ବସିଯାଉଥିଲା । ଏହି ହାଟକୁ ଆଦିବାସୀ ନରନାରୀ ଗୋଟାଏ ସଉଦା କରିବାକୁ ଆସନ୍ତି, ସେପରି ବାହାର ଜାତି ଧର୍ମର ହଜାର ହଜାର ନରନାରୀ ଅହେତୁକ ଜମାହୁଅନ୍ତି ।

ଦୃଶ୍ୟଟିଏ ମୁଁ ଦେଖିଲି । ଗୋଟିଏ ଆଦିବାସୀ ଯୁବତୀକୁ ଜଣେ ଯୁବକ ତା ସାଥୀମେଳରୁ ଜବରଦସ୍ତି କୁଣ୍ଢାଇଧରି ଭିଡ଼ରେ ପକାଇ ନେଇ ଚାଲିଯାଉଥାଏ—ଭର ବଜାରରେ । ସେ ଯୁବତୀଟା କାନ୍ଦି କାନ୍ଦି କହୁଥାଏ 'ମୁଁ ତୋର ହେବି ନାହିଁ' ଏହିପରି ଭାବରେ କିଛି । ଏଣେ ସେ ଯୁବକଟିକୁ ଚମ୍ପୁଟି, ଲାମୁଣ୍ଡ, ମାଡ଼ ମାରି ଅସ୍ଥିର କରିଦେଉଥାଏ । ଶହ ଶହ ନରନାରୀ ସେହି ଆଦିବାସୀ ଯୁବକଟାକୁ ଖେଦିଦେବାକୁ ଢେଲା, ପଥର, ଠେଙ୍ଗାବାଡ଼ି ଧରି ଗୋଡ଼ାଉଥାନ୍ତି । ଆମେ କିଛି ଦୂର ଗଲୁ । ଗୋଟିଏ ଖୋଲା ପଡ଼ିଆ । ଜଣେ ପାଣ୍ଡେଙ୍କ କନ୍ୟା ତାର । ତେଣିକି ତାକୁ କେହି କିଛି କରିପାରିବେ ନାହିଁ ।

ମୁଁ ଏ ଅସମ୍ଭାବିତ ଦୃଶ୍ୟରେ ଅଥୟ ହୋଇଉଠିଲି । କି ଅନ୍ୟାୟ ! ପର ଝିଅଟାକୁ ଦିନ ଦି'ପହରେ ହାଟ ଜନତା ମଧ୍ୟରୁ ନେଇଯିବ ? କିନ୍ତୁ ଜଣେ ଭଦ୍ରଲୋକ ମୋତେ ଛୁଆ ଶୀତଳ ଏକ ଗଛତଳେ ବସାଇ କହିଲେ—'ବାବୁ ! ଏହା ଆସୁରିକ ବିବାହ—ଯେପରି ରୁକ୍ମିଣୀଙ୍କୁ କୃଷ୍ଣ ଏବଂ ସୁଭଦ୍ରାଙ୍କୁ ଅର୍ଜୁନ ଏବଂ ସ୍ୱୟମ୍ବର ସଭାରୁ କଳିଙ୍ଗ ରେମା ସନ୍ଥମଙ୍କୁ ଦୁର୍ଯ୍ୟୋଧନ, ଏପରିକି କାଶୀରାଜଙ୍କ ସ୍ୱୟମ୍ବରରୁ ଅମ୍ବା, ଅମ୍ବିକା, ଅମ୍ବାଲିକାଙ୍କୁ ଭୀଷ୍ମ ତାଙ୍କ ଭାଇମାନଙ୍କ ପାଇଁ ନେଇଯାଇଥିଲେ । ଏ ପ୍ରଥା ଏମାନଙ୍କ ଭିତରେ ବଡ଼ ମନୋରମ ହୋଇ ରହିଛି । ଏ ଟୋକାଟାକୁ ସେଇ ଟୋକୀ ଭଲ ପାଏ ଏବଂ ଟୋକାର ମଧ୍ୟ ଖୁସି; କିନ୍ତୁ ବଳ ହେଲେ ନପାରିଲେ ତାର ପିତାମାତା, ଆତ୍ମୀୟସ୍ୱଜନ ବା ଜାତଭାଇ ସ୍ୱୀକୃତ ହେବେ ନାହିଁ । ଦୁର୍ବଳର କନ୍ୟା କଣ ହେବ ? ତେଣୁ ଏ ସମାଜରେ ଦୁର୍ବଳ ଦାମ୍ପତ୍ୟ ବିବାହ ହେବାର କଥା ନାହିଁ; ଯେ ସବଳ ସେ କେବଳ ବିବାହ କରିବ । ସେଥିପାଇଁ, ସେ ଯୁବକ ଏତେ ଲୋକ ଭିଡ଼ରେ ହାତଧରିଥିଲା, ଯୁବତୀ ଖୋଲିଯାଇଥିଲା । ବେଳକାଳ ଦେଖିଲି । ଲୋକେ

କାରବାରରେ ବ୍ୟସ୍ତ ଅଛନ୍ତି । ଛୋଟ ମୁହିଁ ବୁଝେଇ ସାଙ୍ଗମାନଙ୍କ ସହ ଖୁସି ଗଳ୍ପ କରୁଥିଲି । ଅମୁକ ପର ଖୁସିଜନା ଧରିଲି ଓ ଏକାବେଳକେ ଜାଗାରେ ପକାଇ ଦେବା ଚାହୁଁଥିଲି । ହିଂସା ସ୍ୱୀକୃତ ହେଲେ ତ ଏତ ଅନ୍ୟାୟଙ୍କୁ ପ୍ରମାଣିତ ହେବ ! ତେଣୁ ପ୍ରବନ୍ଧକୁ ଖଣ୍ଡି ଆଶାବାଦୀ କରି ଇଣ୍ଡାକ୍ତ କରିପକାଇଲି । ସେ ଯେତିକି ତାକୁ ଆଘାତ କଲା, ପୁରୁଷର ବଳ ସେତିକି ବଢ଼ିଲା । ଜେଲପକାଇଲା, ଛାତିର ଅଜାଣତ ଜରଜର ଗୋଡ଼ାଇ ଆକ୍ରମଣ କଲେ; କିନ୍ତୁ ପାରିଲେ ନାହିଁ । ଯେବେ ଯାଇଥିଲେ, ସେତେବେ ବିଜୟ ସୁ ଭୂମିଟି ମୁକ୍ତସଂଗ୍ରାମରେ ଅଗ୍ରଣୀ ରହିଥିଲା । ମୁଁ ପ୍ରସ୍ତୁତ ହେଲି । ସେତେବେଳେ ସ୍ୱରାଜ୍ୟ—ଡାକ୍ତରବାବୁ, ସବାକୁ ସାଥି ଭଏ ବା ଏକ ପଦ୍ଧତି । ବିଜୟ ଏ ମନୁଷ୍ୟଜାତି ! ଡାକ୍ତରବାବୁ, ଦୁର୍ବଳଗୁଡ଼ାକ ବିବାଦ କରିବାଦ୍ୱାରା ସମାଜର ଅଗ୍ରଗତି କ୍ଷତି ଅଧିକ କଣ ହୁଏ ?

ବାଟରେ ଯାଉ ଯାଉ ଶୁଣିଲି ଟେଲିଗ୍ରାମ୍ ଆସିଲା—ଓଡ଼ିଶାର ସ୍ୱାଧୀନତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଜଗନ୍ନାଥଙ୍କ ଦେହରେ ଏକ ମିଶିଗଲେ । ମୁଁ ହାଉଳି ଖାଇ, ଛୁଆଳି କାନ୍ଦିବାକୁ ଲାଗିଲି । ସେଠାରେ ଆସି ଦେଖିଲି ଏକ ଦଣ୍ଡ ଧରି ଡାକ୍ତର କୈଳାସ ଦହଙ୍କ ରହିଛନ୍ତି । କଥା କଣ ? ତାଙ୍କ ଆଖିରୁ ଅନ୍ତ ଅସଂଖ୍ୟ ଲୁହ ଝାଳି ହେଉଛି । କୁଳବଧୂ ମଧ୍ୟ ଘରକୁ ଆସିଛନ୍ତି—ଶରଦିନ୍ଦୁ ଏଠି ଅଛନ୍ତି (ମୋତେ ଲକ୍ଷ୍ୟ କରି), ଏ କି କାଣ୍ଡ !

ମୁଁ ଏ ଦୃଶ୍ୟ ଦେଖି ଚମକିଗଲି । କୈଳାସବାବୁ ୨୦ ଗଜ ଶଫେଣ୍ଟ ଦୂରବର୍ତ୍ତୀ ରାସ୍ତାରେ ଆସିଥିଲେ—ମୁଁ ଚିତ୍କାର କରି କହିଲି, "ଗୋପବନ୍ଧୁ ଦାସେ ମରିଗଲେ ଟେଲିଗ୍ରାମ୍ ଆସିଛି ।" ଏ ସମ୍ବାଦରେ କୈଳାସବାବୁ ବାଟ ମଝିରେ ଅଟକି ରହିଗଲେ । ଦଣ୍ଡ କଟି ହାତରୁ ଖସିଗଲା । ତାଙ୍କୁ ସେପରି ଦେଖିବାକୁ ତାଙ୍କ ସ୍ତ୍ରୀ, ପୁଅ, ଝିଅ ଏବଂ ଚାକରଚାକରାଣୀ ଆଦି ଯେ ଦଉଡ଼ିଥିଲେ, ସେମାନେ ମଧ୍ୟ ଚମକିଗଲେ । ଦଣ୍ଡ କଟା ଅଛିପିଛୁଳାବେ ମୁଁ ନେଇ ତାଙ୍କ ଘରେ ପହଞ୍ଚାଇଦେଲି । ଏହାପରେ କୁନ୍ତଳାକୁମାରୀ ଦଉଡ଼ି ଆସିଲେ । ଅକସ୍ମାତ୍ ଦୁଃସମ୍ବାଦ ମଧ୍ୟ ଶୋଇପଡ଼ିଲେ । ଜନ୍ମ ମ କଲାସ୍ ଯେପରି ଦୁଇଟି ପରିବାରର ସର୍ବନାଶ ହେବା ପୂର୍ବରୁ ବଢ଼ି ମାଡ଼ିଆସିଲେ ଯେପରି ବିବାଦ ଲାଗିଯାଏ, ସେପରି ଏହି ଭଦ୍ର ପରିବାରଟିକୁ ଗୋପବନ୍ଧୁ ମୃତ୍ୟୁବରଣ କରି ରକ୍ଷାକଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ଯାହା ଯାହା ଅନୁଭବ, ଏଣିକି ବ୍ୟାଖ୍ୟା ଚାଲିଲା । ତା ସଙ୍ଗେ ସଙ୍ଗେ ଓଡ଼ିଶା ଏବଂ ଓଡ଼ିଆ ଜାତିର ଭବିଷ୍ୟତ ଯେପରି ବହୁ ତର୍କ ଚାଲିଲା । ବିଶେଷରେ ସିଂହଭୂମି, ମେଦିନୀପୁର, ଫୁଲଝର, ଗଞ୍ଜାମ ଇତ୍ୟାଦି ବିଷୟରେ ଗୁରୁତର ଚିନ୍ତା ସମସ୍ତଙ୍କୁ ବ୍ୟସ୍ତ କରିପକାଇଲା । ହୁଏତ ଓଡ଼ିଶା ବୋଧହୁଏ ଆଉ ହେବ ନାହିଁ—ଏପରି ମତାମତ ମଧ୍ୟ ପ୍ରକାଶିତ ହେଲା । କୁଳବୃଦ୍ଧ ମଧୁସୂଦନ ଦାସ ବଞ୍ଚିଥିଲେ । ଘଣ୍ଟା ଘଣ୍ଟା ଧରି ଆଲୋଚନା ଚାଲିଲା । ଯାହାହେଉ ପୂର୍ବବର୍ତ୍ତୀ ପରମତନ୍ତ୍ରୀ କ୍ଷୋଭର କୌଣସି ପ୍ରକାରେ ଉପଶମ ହେଲା ସିନା; କିନ୍ତୁ ଦମ୍ପତିଙ୍କ ଭିତରେ ସେପରି ମନ ମଧ୍ୟରେ ରହିଗଲା ।

ସେଦିନ ପ୍ରାୟ ସମସ୍ତେ ଉପବାସ ରହିଲେ । ଓଡ଼ିଶାକୁ 'ଅଣ୍ଡା' ଦେଶ ବୋଲି ବାହାରୁଥାଏ । ତାହା ବନ୍ଦ ହେଲା । ତା'ପରେ ଷ୍ଟେଟସ୍‌ମ୍ୟାନ, ଅମୃତବଜାର ଅନ୍ଧ

କାଗଜ ସଂଗ୍ରହ ହୋଇ ଆସିଲା । ପଢ଼ା ଚାଲିଲା । ସହରକୁ ଏକ ପୋଷ୍ଟକାର୍ଡରେ ଖବର ଦେଲି । ମୃତ ଆତ୍ମାର ସଦ୍‌ଗତି ଏବଂ ସମସ୍ତ ଭିକାରୀ ସୁଖାସୁଖୀ ଅଞ୍ଚଳର ଏଣ୍ଡାଉମେଣ୍ଟ ପାଇଁ ଏକ ପ୍ରସ୍ତାବ ଧାର୍ଯ୍ୟ ହେଲା । ତାହାପରେ ଗୋପବନ୍ଧୁଙ୍କ ସ୍ମୃତିରକ୍ଷା ଉପରେ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ସ୍ଥିର ହୋଇ ଜନସାଧାରଣଙ୍କୁ ଦାନକରିବାକୁ ନିବେଦନ କରାଗଲା । କୁନ୍ତଳାକୁମାରୀଙ୍କ ନାମ ଦିଆଗଲା । ଏ ସମ୍ବାଦ ମୁଁ 'ସମାଜ'କୁ ପଠାଇଲି । ତାହା ମଧ୍ୟ ବାହାରିଗଲା ।

ତା ପରଦିନ ୨° ତାରିଖ ସକାଳେ କୁନ୍ତଳାକୁମାରୀ ମୋତେ ଡକାଇ ଗୋପନରେ କହିଲେ, 'ଭଜଧର ! ଗୋଟିଏ ଅତି ଗୋପନୀୟ କଥା କହୁଛି । ତୁମେ ଯେ ତାହା ଗୋପନ ରଖିବ ମୁଁ ଏହା ନିଶ୍ଚିତରୂପେ ଜାଣେ । ମୋ ପ୍ରଶ୍ନର ଉତ୍ତର ଦେବ । ତୁମ ମାଆ ଯେବେ ବେଶ୍ୟା ହୋଇଯାଏ, ତେବେ ତୁମେ ସେହି ମାଆକୁ ମାଆ କହିବ କି ନାହିଁ ?'

ମୁଁ କହିଲି, "ପୁଅର ଧର୍ମ ଯେ ତାର ମାଆ ଯାହାହେଉ ତାକୁ ମାଆ ବୋଲି ସ୍ୱୀକାର କରିବ ।" ମୁଁ ଅଧିକ କିଛି କହିଲି ନାହିଁ । ମୁଁ ଜାଣି ଥିଲି ଯେ, ଦୁଷ୍ଟ ମନୋବୃତ୍ତି ମାନେ ଅକାଙ୍କ୍ଷା କରିବା ଯୋଗୁଁ ଏହି ସମାଜରେ ବେଶ୍ୟା ସୃଷ୍ଟିର ପର୍ଯ୍ୟନ୍ତ ଆଘାତରେ ହତ ହୋଇଥିଲେ; କିନ୍ତୁ ତା' କଣ ଏଠାରେ ପ୍ରଯୁଜ୍ୟ ହେବ ? ମୁଁ ସେ ସବୁ କିଛି ନକହି ପୂର୍ବୋକ୍ତ ଉତ୍ତର କହନ୍ତେ ସେ ଆଖିରୁ ଲୁହ ପୋଛି କହିଲେ, "ପୁଅ, ସବୁ ପାଇଲି । ତୁମଠୁ ଯାହା ଆଶା କରୁଥିଲି ତା'ପାଇଲି । ତୁମକୁ ମୋର ଆଶୀର୍ବାଦ—ତୁମେ ଦୀର୍ଘାୟୁ ହୁଅ । ତୁମର ମନୋକାମନା ପୂର୍ଣ୍ଣ ଲାଭକର । ତୁମେ ଅଧିକରୁ ଅଧିକ ସୁଖୀ ହୁଅ ।"

ସେ ଏପରି ଭାବରେ ଢେର ଆଶୀର୍ବାଦ କରିଗଲେ ଏବଂ ପୁଣି କହିଲେ, "ତୁମେ ଏଥର ମୋର ଦିଲ୍ଲୀ ଯିବା ବନ୍ଦୋବସ୍ତ କରିଦେଇ ଗାଁକୁ ଯାଅ । ମୁଁ ସ୍ୱଚ୍ଛନ୍ଦରେ ସନ୍ତୋଷରେ ତୁମକୁ ଯିବାକୁ ଅନୁମତି ଦେଲି । ବହୁ କଷ୍ଟରେ, ବହୁ ଅସାଧ୍ୟ ସାଧନରେ ତୁମକୁ ତୁମ ଘରୁ, ତୁମ ମା' କୋଳରୁ ଛଡ଼ାଇ ନେଇଆସିଥିଲି । ଆଜି ତେର ଉପକାର ପାଇଲି । ତୁମେ ସୁଖୀ ହେବ, ହେବ, ହେବ ।"

ଏହାପରେ ମୁଁ କୈଳାସବାବୁଙ୍କ ଦିଲ୍ଲୀ ଯାତ୍ରା ସୁବିଧା ସମ୍ପର୍କରେ ସମସ୍ତ କଥା ଆଲୋଚନା କଲି । ସେ ସ୍ପଷ୍ଟ କହିଲେ ଯେ, ସେ ଦିଲ୍ଲୀ ଯାଆନ୍ତୁ—ମୁଁ ଏହାପରେ ଯିବି, କାରଣ ସରକାର ମୋତେ ଛୁଟି ଦେଉନାହାନ୍ତି । ମୁଁ ଟେଲିଗ୍ରାମ୍ କରିଛି । ଏହି ଦଶବାର ଦିନରେ ଛୁଟି ମଞ୍ଜୁର ଆସିଗଲେ ମୁଁ ପରେ ଯାଇ ପହଞ୍ଚିବି ।

କଥାହେଲା କୁନ୍ତଳାକୁ ପୁଣି ଅସି ସାଥିରେ ଡାକ୍ତର ନେଇଯିବେ; କିନ୍ତୁ କୈଳାସବାବୁ ମନାକଲେ । ସେ ଆସିବା ଲୋଡ଼ା କଣ ? କୁଲଭି ସଞ୍ଜୁଳରେ ଡାକ୍ତରାଣୀ ଦିଲ୍ଲୀ ଯିବା ସ୍ଥିରହେଲା । କୈଳାସବାବୁ ଏହି ସାମାନ୍ୟ ଘଟଣା ଭୁଲିଗଲେ ଯେପରି ।

୨୫ ତାରିଖ ସୋମବାର ଦିନ ମୁଁ ଗାଁକୁ ଯିବାକୁ ସ୍ଥିରକଲି । ଏ ସମ୍ବାଦରେ କବିଙ୍କର ଧୈର୍ଯ୍ୟ ତୁଟିଗଲା । ମୁଁ ସତ୍ୟଶ୍ରେଣୀର, ତାଙ୍କ ସମସ୍ତଙ୍କର ପ୍ରିୟତମ ଥିଲି । ସେଥିପା

ଧୋବଣୀ, ଦେବକୁମ୍ଭର, ମେଘେନ୍ଦ୍ରରାଣୀ, ଭଣ୍ଡାରି, ଗଉଡ଼, ଖୁଦର ପ୍ରକାଶ ଅମରସିଂହଙ୍କର ଏକାନ୍ତ ଭକ୍ତ ଆତ୍ମୀୟ ଯେପରି ଥିଲେ, ସେପରି ସେମାନଙ୍କର ଭକ୍ତି ମଧ୍ୟ ଥିଲା। କିନ୍ତୁ ଟଙ୍କା ନେଇ ସେମାନଙ୍କୁ ଦେଲି। ମୁଁ ସେତେବେଳେ ଅନୁକୂଳ କରିବି, ସେମାନେ ବୁଝିନେଲେ। ଭୁବନେଶ୍ୱରୀ ଦେବୀ କାନ୍ଦୁଥାନ୍ତି—'ଚକ୍ରଧର, ତୁମେ ଏ ଗରିବ ମାଆକୁ ଛାଡ଼ି ପଳାଇବ ?' ତାଙ୍କର ପୁଅ ଝିଅ ବୁଝନ୍ତି। ବସ୍ତ୍ର ଜମିଦାରକନ୍ୟା ମଧ୍ୟ ଲୋତକ ଢାଳିଲେ। ସମସ୍ତେ ଅସ୍ଥିର ହେଲେ। ସେ କହିଲେ—'ମୋର ଗୋଟିଏ ଅନୁରୋଧ ରଖିବ ଚକ୍ରଧର ! ତୁମେ ଈଶ୍ୱରବିଶ୍ୱାସ କଦାପି ହରାଇବ ନାହିଁ।' ବୃଦ୍ଧବୃଦ୍ଧା ଗୋପନରେ କହିଲେ—'ଚକ୍ରଧର ! ତୁମେ ଶାଳଗ୍ରାମଶିଳା। ନିଶ୍ଚୟ ଅଚିରେ ଫେରି ଆସିବ। ତୁମ ମାଆକୁ ବୁଝାଇ ନିଶ୍ଚୟ ଆସିବ।'

ଶେଷକୁ ଭାଗ୍ୟବତୀ। ସେ କହିଲେ—"ଚକ୍ରଧର, ତୁମେ ମୋର ଜନ୍ମଜନ୍ମାନ୍ତର ସାଥୀ, ପୁଅ। ସେମିତି ଆଉ ମୋତେ ! ତୁମ ମାଆ କାନ୍ଦି ଦେଉଛନ୍ତି, କିନ୍ତୁ ମୁଁ ଯେପରି ମଣିଷ କରିଛି, କଷ୍ଟରୁ ମାଆକୁ କଷ୍ଟ ହେବ ନାହିଁ। ବଜାରରୁ କିଛି ଜାମିନା ସଉଦା ପାଇଁ ପଠାଇଲେ ତୁମେ ମନରେ ଭାବ—ମୁଁ କଣ ଘରର ସେ ଜିନିଷ, ଏସବୁ କାମ କରିବି ? ମୁଁ ଜାଣେ ପୁଅ ! ମୁଁ କଣ ବଜାରରୁ କିଣିକି ଖଣ୍ଡେ ଦରଦାମ କରିପାରେ ନାହିଁ ? କିନ୍ତୁ ତୁମେ ଯେପରି ମଣିଷ ହେବ, ବଜାରରୁ ସଉଦା କରିଜାଣିବ ସେଥିପାଇଁ ପଠାଏ। ଆଜି ଖୋଲି କହୁଛି। ତୁମେ ବେଶ୍ ଶିକ୍ଷିତ, ବୁଦ୍ଧିମାନ ଥିଲ; କିନ୍ତୁ ତୁମର ଭକ୍ତି ଅଭିଳାଷ ତୁମକୁ ଭକ୍ତ କରି ରଖିଥିଲା। ତୁମେ ଦୋକାନରେ ଛିଡ଼ାହେବାକୁ ଲଜ୍ଜା ମନେକର—ଏହା ମୁଁ ଜାଣେ। ଇନ୍‌ସ୍ପେକ୍ଟର ସେନାପତି ମୋତେ କେତେଥର କହିଲେ, ସେହି ସୁଦର୍ଶନ ପିଲାଟିକୁ ମୋ ପାଖକୁ ପଠାଅ। ଖାଇବାରେ ଏତେ ଲଜ୍ଜାଶୀଳ ସେ ! ମୁଁ ତାକୁ କହୁଥିଲି ଖୁଆଇପିଆଇ ଦେଉଛି—ସେ କଦାପି ବୁଝିନାହିଁ। କଥା କ'ଣ ? ସେ କଣ ଆମକୁ ଅଜାଣତ ମନେକରେ ? ତୁମର ଏହି ଲାଜକୁଳ ଭାଙ୍ଗିବାରେ ମୁଁ କି ପରିଶ୍ରମ କରିଛି, ମୁଁ ଜାଣେ। ତୁମେ ମଣିଷ ହୋଇଛ। ଏଥର ଯାଅ। ବାବୁ, ସେମିତି ଆଉ ଏ ଅଜାଣତ ମାଆକୁ ସ୍ମରଣ କର।" ସେ କହୁ କହୁ ସେ ସେ କରି କାନ୍ଦିଉଠିଲେ।

୨୧।୫।୦ ତାରିଖରେ ଶୋଇବାଘରରେ ବାଳକଟିଏ ବଢ଼ାଯାଇ ଦେଉଛି, ଏ ବୁଢ଼ୀ ସ୍ୱାମୀନ୍ ପରିବାରୀ ଭ୍ରାତୃବର ନରନାରୀ ଦୂରରୁ ଦେଖି କାନ୍ଦିଲେ ତାଙ୍କର ସେହି ପ୍ରିୟତମ ବାଳକଟି ନିଶ୍ଚୟ ବଢ଼ାଯାଇ ଦେଉଛି। ଏ ଶତାବ୍ଦୀ ଘଟଣା - ଅନ୍ୟାୟ, ମୋର ଜୀବନ କାହାଣୀରେ, ଚର୍ଚ୍ଚିତ ହେବାର କଥା; କିନ୍ତୁ ଏଠାରେ କିଛି ନକହି ରହିହେଉନାହିଁ। ବାସ୍ତବିକ୍ ତାଙ୍କର ନିର୍ମଳ ଛବି, ନୈତିକତା, ଦୟା ଓ ନମ୍ରତା ଯେଉଁ ଜୀବନର ଉପଦେଶ ସେ କଦାପି ସମାଜରେ ହେବ ନୁହେଁ। ତାହା ହିଁ ଘଟିଲା। ଜଣେ ବଙ୍ଗୀୟ ଯୁବ ଇଞ୍ଜିନିୟର ଭ୍ରାତୃଭାବ ନିକଟସ୍ଥ ଏକ କୋଠିରେ ଥିଲେ। ସେ ଜଣେ ପୋଲିସ୍ ବିଭାଗୀୟ ଅବସରପ୍ରାପ୍ତ ଉଚ୍ଚ ଅଫିସର୍—ନାମ ଏଚ୍. ବାନାର୍ଜୀ—ଏକକ କାରଣ। ସେ ହଠାତ୍ ଖବରଦେଇ ଆସିବା ଦେଖି ମୁଁ କୁଣ୍ଠିତ ହେଲି।

ଅବଶ୍ୟ ତାଙ୍କର କିଛି ବୋଲିହୁଏନ ମୁଁ କରିଦେଇଥିଲି । ସେ ଯେତେବେଳେ ଅସୁସ୍ଥ ଅବସ୍ଥା ଦେଖୁଥିଲେ ମୁଁ ମଧ୍ୟ ଡାକ୍ତରଖାନାକୁ ଯାଇ ତାଙ୍କୁ ଔଷଧ ନେଇ ଯୋଗାଇ ଦେଉଥିଲି । ଗୁରୁ ପାଖରେ ଶିଷ୍ୟ-ଶିଷ୍ୟା ବସିବାପରି ମୁଁ ଏକ ଚଉକିରେ, ସେ ଗଣ୍ଡେ କନା-ଆରାମଚେୟାରରେ ବସିବା ଦେଖି ବହୁ ବନ୍ଧୁ ଉପହାସ କରୁଥାନ୍ତି, 'ମାଉସୀ, ବେଶ୍ ମନୋରମ ଦେଖାଯାଉଛି ।' ତାହାକୁ ମୁଣ୍ଡିଆ ମାରିବା ଶିକ୍ଷା ମୋର ନଥିଲା, କାରଣ ସମାଜରେ ଏତେ ସ୍ୱଚ୍ଛନ୍ଦ ଆମେ ଏମ ପରିବାରରେ ଥିଲୁ ଯେ ଆମର ତା କରିବାର ପ୍ରଥା ନଥିଲା । ମାଆ ମଧ୍ୟ ଏଥି ଶିଖିତ କରିଦେଇଥିଲେ । ଦୁର୍ଗାଦେବୀଙ୍କୁ ମୁଁ ଦାଦା ଡାକେ; କିନ୍ତୁ ଭୂମି ସ୍ପର୍ଶ କରି ମୁଣ୍ଡିଆ ମାରେନା ବୋଲି କୁଳର ଗୁରୁଜନମାନେ ନାନା ଅପମାନ ଦେଉଥିଲେ; କିନ୍ତୁ କଣ ହେବ, ମୁଁ ସେହି ବୃଦ୍ଧ ମାତାଜୀଙ୍କ ସ୍ନେହରେ ଅଧୀର ହୋଇ ଯେତେବେଳେ ମୁଣ୍ଡ ତଳେ ଯୋଡି ପ୍ରଣାମ କରିଦେଲି, ବୁଢ଼ୀଙ୍କ ଆଖିରୁ ଝର ଝର ଲୁହ ବୋହିଗଲା । ମୋତେ ଶତାୟୁ ହେବାକୁ ଆଶୀର୍ବାଦ କରି ଅଶ୍ରୁ ପକାଇଲେ । ଡାକ୍ତରାଣୀ ମୁଣ୍ଡରେ ଓଢ଼ଣା ଦେଇ କମଳ ବେଶରେ ଛିଡ଼ାହୋଇ ଦେଖୁଥିଲେ । କହିଲେ—'ଚକଧର ! ତୁମେ ସମସ୍ତ ଶଙ୍କା ପରିହାର କରିଲ ! ତୁମର ଉନ୍ନତି ସୁନିଶ୍ଚିତ ! ତୁମର ଏକନିଷ୍ଠଆପଣ ମଧ୍ୟ ବହୁତ ଦୂଷିଯାଉଛୁ ।' ଡାକ୍ତରଖାନା ପଡ଼ିଆରେ ଦେଖିଦିଏ ଶୋଭାଯାତ୍ରା । ବହୁ ବନ୍ଧୁ ନରନାରୀଙ୍କର ଅପୂର୍ବ ସମାବେଶ । ଓଡ଼ିଆ ନେତା ବନ୍ଧୁପକ୍ଷରେ ସ୍ୱେଚ୍ଛାସେବୀ ଆସିଥିଲେ । ଡାକ୍ତରାଣୀ ଓ ବୃଦ୍ଧବୃଦ୍ଧା ସ୍ୱେଚ୍ଛାରେ ଆସି ବହୁ ଭାବପୂର୍ଣ୍ଣ କଥା କହି ଏକ୍ସପ୍ରେସ ଗାଡ଼ିରେ ବିଦାୟ ଦେଲେ । ମୁଁ ଏମାନଙ୍କ ଗହଣରୁ ଆସି ଓ ଗାଡ଼ି ବଦଳାଇ ସେଠାରୁ କଟକ ଆସିଲି ।

ପଣ୍ଡିତ ଗୋପବନ୍ଧୁ ଦାସ ଜୁନ୍ ୧୭ ତାରିଖ ରବିବାର ଆଷାଢ଼ ରଥଯାତ୍ରା ନବଯୌବନ ଦର୍ଶନ ଦିନ ସ୍ୱର୍ଗବାସୀ ହେଲେ । ତାଙ୍କର ଦଶାହ ୨୬ ତାରିଖ ମଙ୍ଗଳବାରେ ପଡ଼ିଲା । ସେଦିନ ହଜାର ହଜାର ଜନତା ତାଙ୍କର ପ୍ରିୟ ନେତାଙ୍କ ପାଇଁ ସ୍ମୃତିତର୍ପଣ କଲେ । ଏ ବାଳକଟି ଏକ ଅଜ୍ଞାତ ଅଞ୍ଚଳରୁ ଆସି ସେହି ମହାମହୋତ୍ସବରେ ଭାଗ ଏବଂ ଅଶ୍ରୁ ତର୍ପଣ କରିବାର ସୁଯୋଗ ପାଇଥିଲା । ଆହା, କି ମର୍ମନ୍ତୁଦ ଦୃଶ୍ୟ ! ଓଡ଼ିଆଜାତିର ଏକମାତ୍ର ଭରସା ଦାୟେଆପଣେ ଚାଲିଗଲେ । ସେ ନିରନ୍ତର କହୁଥିଲେ—"ହେ ଓଡ଼ିଆ ! ତୁମର କେହି ନାହିଁ । ସକଳେ ହୋଇ ଏକ ମୁଖ; ଡାକ ହେ ଜଗନ୍ନାଥ ରକ୍ଷ । ଏଥି ସୋଦର ମାଗେ ବନ୍ଧୁ ବର୍ଗ ନାହିଁ, ଆପଦ କାଳ ସାହା ହୁଅ ମୋ ମହାମାୟୀ ।" ଲୁହରେ କପାଳକ ବର୍ତ୍ତି ଯାଇଥିଲା ଏବା ! ଏପରି ପିଲାକର୍ଣ୍ଣେ ତାହାପାଇଁ ହୋଇଥିବ କଳ୍ପନା କରିହୁଏ ନାହିଁ । ଏ ଶିଶୁଟିର ଫାଟିଯାଉଥାଏ । ଓଡ଼ିଶାଟିର ଏହି ଅକଣା ଅଶ୍ରୁରେ ବାଳକର ଏ ବେଦନା କାହିଁକି ହେଲା, କିଏ କହିପାରେ ? ଏ ସୁଯୋଗ ତାକୁ କାହିଁକି ମିଳିଲା କିଏ କହିପାରେ ? କଟକରୁ ମୁଁ ମୋ ଗାଁକୁ ଚାଲିଗଲି ।

କୁନ୍ତଳାକୁମାରୀଙ୍କର ଅନ୍ତ ୧୬ ଦିନ ପାଇଁଲାରେ ଅଦେଖାହୁଅ ହୋଇଗଲା । ଚକଧର ତ ନାହିଁ, ସବୁଆଡ଼ ଶୂନଶାନ୍ । ବୃଦ୍ଧବୃଦ୍ଧା ବଳ ଯିବା ପରେ କାର୍ଯ୍ୟଦ୍ୟପଦେଶ

ଦେଖାଇ ଡାକ୍ତରଙ୍କୁ ବୁଝାଇଦେଲେ । ମୁଁ ଏବେ ବାସ୍ତବିକ୍ ବାଇବଲ ପଢ଼ୁଛି । କେତେ ଗୀତା ଭାଗବତ, କେତେ ସଂସ୍କୃତ, କେତେ ଶ୍ଳୋକ—ଅବଶ୍ୟ ଈଶ୍ବରସମ୍ବନ୍ଧୀୟ । ମୁଁ କେବଳ ତାହାକୁ ମାନେ କରୁଛି । ମୋର ଶାନ୍ତିକ ବାଳକର ଅଦ୍ୱୈତ ସମସ୍ତେ ପଠନ କରନ୍ତୁ—ବଡ଼ଭଗ୍ନୀ ଚିକିତ୍ସାଗତଙ୍କୁ ମଧ୍ୟ ।

## କୁନ୍ତଳାକୁମାରୀଙ୍କ ଓଡ଼ିଶା ଜୀବନର ଶେଷଦିନ

୧ ଜୁଲାଇ ରବିବାର ୧୯୨୮ ଦିନ ସାନ୍ଧ୍ୟା ଗାଡ଼ି ମେଲ୍ ଟ୍ରେନ ଦିନ ୨ଟାରେ କୁନ୍ତଳାକୁମାରୀ ଦିଲ୍ଲୀ ଯାତ୍ରୀ ହେଲେ । ସେ ଫିମେଲ୍ କମ୍ପାର୍ଟମେଣ୍ଟରେ ବସିଲେ ଏବଂ ଟ୍ରେନ୍‌ଟି ଛାଡ଼ିବାକୁ ଗଲା । ଭାଗ୍ୟବଶୀ ବିଦାୟ ମୁହୂର୍ତ୍ତରେ ଡାକ୍ତର ବାବୁଙ୍କୁ ଏବଂ ଶ୍ରୀ ତୁଳସୀ ଦେବୀଙ୍କୁ ନାନା ସମ୍ଭାଷଣରେ ମୁଗ୍ଧ କରି ବିଦାୟ ନେଲେ । ଡାକ୍ତରବାବୁ ଯେପରି ଶୀଘ୍ର ପହଞ୍ଚିବେ ତା ବାରମ୍ବାର ଜଣାଇଗଲେ ।

ଆଜିଠୁ କୁନ୍ତଳାକୁମାରୀଙ୍କର ଓଡ଼ିଶା ଜୀବନ ଶେଷହେଲା । ସେ ନିଜ ଜନ୍ମଭୂମି ତ୍ୟାଗକରି ଭାରତଜନନୀଙ୍କ କୋଳକୁ ଚାଲିଗଲେ । ସେଠି ଶରତ୍‌କାଳି, ଯଶୋଗ୍ରାମ ଏବଂ ବ ୨୭।୩।୨୩ ଦିନ ବସ୍ତିର ମଧ୍ୟରେ ଅତି ଅଧିକ, ତାହା ହିଁ ତାଙ୍କ ଜୀବନର ମୁଖ୍ୟ ମହତ୍ତ୍ୱ । ମୋଟରେ ୭।୮ ବର୍ଷର କୁଟୁମ୍ବ ଛୋଟରୁ ସେ ଆଜି ମଧ୍ୟ ଓଡ଼ିଆଙ୍କ ଘରେ ଘରେ ଅଦ୍ୱିତୀୟା । ଏହିପରି ଭାବରେ ତାଙ୍କ ଜୀବନର ପ୍ରଥମାଂଶ 'ଓଡ଼ିଶା ଜୀବନ' ଶେଷ ହେଲା ।

ତାଙ୍କର ଏହି ଅତି କ ପାରିବାରିକ ଜୀବନ ପାଠକଙ୍କ କେହି ବେଖବର ମନରେ ନ ରହନ୍ତୁ । କାରଣ ଏ ପ୍ରକାର ଜୀବନ ବହୁ ଶ୍ରେଷ୍ଠ ବ୍ୟକ୍ତିଙ୍କଠାରେ, ଏମନ୍ତ କି ସନ୍ତାନମାନଙ୍କରେ ପ୍ରାୟ ଦେଖାଯାଏ । ପୃଥିବୀର ବହୁ କବିଙ୍କ ଜୀବନ ପ୍ରାୟ ଏହିପରି । ଏହାହିଁ ପ୍ରକୃତ ଓ ପ୍ରଣୟର କାହାଣୀ ଅବା ଇତିହାସ ।

# ଚତୁର୍ଥ ଅଧ୍ୟାୟ

## ପଲ୍ଲୀଜୀବନ

କୁନ୍ତଳାକୁମାରୀ ମୋତେ ୧।୭।୨୮ ସୋମବାର ଦିନ ଗୋଟିଏ ଚିଠି ଲେଖିଥିଲେ, ସେଥିରୁ ତାଙ୍କର ପଲ୍ଲୀଯାତ୍ରା ବିବରଣ ଜଣାଯିବ ।

"ସ୍ନେହର ଚନ୍ଦ୍ରଧର, ତୁମେ ମୋତେ ନିଶ୍ଚୟ ଭୁଲୁଥିବ । ମୁଁ ତୁମକୁ ଏତେ ଦିନ ମଧ୍ୟରେ ଗୋଟିଏ ଚିଠି ଦେଇନି । ତୁମେ ହେଲ ଅଭିମାନୀ; କିନ୍ତୁ କ୍ଷମା କର ପୁଅ ! ତୁମେ ସୁଖାନ୍ତେ ଥାଅ, ଯେଉଁଠି ଥାଅ; ତୁମେ ମୋର ପୁଅ, ମୁଁ ତୁମର ମା । ତୁମେ ତୁମର କର୍ତ୍ତବ୍ୟ କରୁଛ, ମୁଁ ମୋର କର୍ତ୍ତବ୍ୟ କରୁଛି, କରୁଥିବି । ତୁମେ ବର୍ତ୍ତମାନ ଗ୍ରାମରେ, ମୁଁ ବର୍ତ୍ତମାନ ପଲ୍ଲୀରେ । ମୋର ପଲ୍ଲୀଯାତ୍ରା ବିବରଣ ଶୁଣ :

ଉତ୍କଳନେତା, କଳିଙ୍ଗକେଶରୀ ପଣ୍ଡିତ ଗୋପବନ୍ଧୁ ଗୁରୁବାର ଦିନ ୨ଟା ଗାଡ଼ିରେ (ପାଞ୍ଜାବ୍ ମେଲ୍ ଟ୍ରେନ୍) ପଲ୍ଲୀଯାତ୍ରୀ ହେଲି । ବାଟସାରା ଲୋକଙ୍କ କଲ୍ୟାଣରେ କିଛି କଷ୍ଟ ପାଇ ନାହିଁ । ଯମୁନାପୁଲିନରେ ପ୍ରବେଶ ହେଲି ବହୁ ପ୍ରାର୍ଥନା ପରେ । ଏଠାରେ ମୁଁ କିପରି ଅଛି ଜାଣ ? ଗୋଟିଏ କଥାରେ ସବୁ ବୁଝିବ—ଏଠାରେ ସ୍ୱର୍ଗୀ ପରି ଅଛି । ଲଲାଜୀ (ଜ୍ୱାଳାପ୍ରସାଦ) ଓ ତାଙ୍କ ମାତାଜୀ ମୋତେ ଭଉଣୀଠାରୁ ଅଧିକ ଦେଖାଇ ସାରିଲେଣି । ମୁଁ ତାଙ୍କର କିଏ ? କିନ୍ତୁ ସ୍ନେହ ସ୍ୱର୍ଗ ବ୍ୟାପିଅଛି, ମୁଁ ବଡ଼ ଗ୍ୟାର ଭିତରେ ଅଛି । ଲଲାଜୀ (ଅର୍ଥାତ୍ ମହାଶୟ ପଣ୍ଡିତଜୀ ଜ୍ୱାଳାପ୍ରସାଦ, ତାଙ୍କୁ ଲାଲା ଲେଖିଛନ୍ତି । ଏହି ଲାଲା ଯେଉଁଠାର ଚଳଣି ।)ଙ୍କ ଶ୍ୱଶୁର ମୋତେ ଝିଅ ଭର୍ତ୍ତୁ ପଢ଼ାନ୍ତି । ଗୋଟିଏ ବାଳିକା ମୋ ପାଇଁ ପ୍ରେମମୂର୍ତ୍ତି କନ୍ୟା ଅଛି । ସେ ଶାଶୁଘରୁ ମୋର ସମ୍ବନ୍ଧ । ସେ ମୋତେ ହିନ୍ଦୀ ପଢ଼ାଉଛି । ମୋର ପ୍ରେମ ଓ ଶୁଶ୍ରୂଷାରେ ଏମାନେ ଯେପରି ମନ୍ତ୍ରମୁଗ୍ଧ, ମୁଁ ସେମାନଙ୍କ ପ୍ରେମ ଆଦରରେ ତତୋଽଧିକ । ମୁଁ ଗୋଟାଏ ପଇସା ହାତରୁ ଅଦ୍ୟାପି ଖର୍ଚ୍ଚ କରିନାହିଁ । ଲଲାଜୀଙ୍କର ପିଲାପିଲି ନାହିଁ, ମୁଁ ତାଙ୍କର ପିଲା ହେଲିଣି । ମୋତେ ଶୁଦ୍ଧ ପ୍ରେମ, ମଧ୍ୟ ଭକ୍ତିଭରେ ତାଙ୍କ ଧର୍ମପତ୍ନୀ ସ୍ୱରୂପୀ ଏ ମୋତେ ଦେଖିଲେଣି । ଲଲାଜୀଙ୍କର ହୃଦୟ ଦେବତାର ହୃଦୟ, ଅଲ୍ପଭାଷୀ, ଶୁଦ୍ଧ ପ୍ରେମୀ, ଚତୁର, କର୍ମୀ । ସେ ଅକ୍ଲାନ୍ତ କର୍ମୀ । ତୁମେ ଏଠାକୁ ନିଶ୍ଚୟ ଆସିବ । ଏ ହେଉଛି କୃଷ୍ଣଙ୍କର ଗଭୀର ବିହାରସ୍ଥଳ । ଏଠି ଆମର ଅବାଧ ଅଧିକାର । ମୁଁ ଯେ ପିଲାଦିନରୁ ବୃନ୍ଦାବନ ଦର୍ଶନ କରିବାକୁ ଇଚ୍ଛା ଥିଲି, ତାହା ଏଇଠି ଭାଗ୍ୟରେ ଆସିଲା । ବହୁଲୋକ ମୋତେ ଦେଖାକରି ଆସୁଛନ୍ତି ।

× × × ×

ଆଜ ଏଠି ଆସି ବୁଝିଲି ମୋର ଝୁଲି ଖଣ୍ଡ ଯୋଜନ । ବ୍ରାହ୍ମ ସମାଜ ସେ ସ୍ଥାନ ଭିତରେ ଯାଆନ୍ତି । କେବଳ ସମାଜର ମେମ୍ବର ଫର୍ମ ପୂରଣ କରି ମିଶିବା କଥା । ଏଠାକାର ସବୁ ଭଲ । ଅଧିକା ଅନ୍ତଃକିଛି ପଣ୍ଡିତମାନଙ୍କର ପ୍ରକୃତ ଆତ୍ମୀୟ ହୋଇଛି । ମୁଁ ଏଠି ବେଶ୍ ଭଲରେ ଅଛି ।

ଶ୍ରୀକୃଷ୍ଣ ମୋର ଆଶା-ଭରସାର ସ୍ଥଳ । ସେ ମୋ ବିଷୟରେ ସବୁ ବିଷୟ ଶୀଘ୍ର ବନ୍ଦୋବସ୍ତ କରିବେ । କଣ ହେବ, କଣ ହେବ ତା' ପରର ପରେ ଲେଖିବି । କାରଣ ମୁଁ ସବୁ ବିଷୟର ଗୁପ୍ତ ଗୁପ୍ତ ବୁଝୁଛି । ପତ୍ରଦ୍ୱାରା ଲେଖିବା ଅନୁଚିତ । ଦେଖା ହେଲେ ମୌଖିକ କହିବି । କଳ୍ପନା-ଜଳ୍ପନା କାର୍ଯ୍ୟରେ ପରିଣତ ହେଉ ଆଗ । ଡାକ୍ତରବାବୁଙ୍କଠୁ ଦୁଇ ପତ୍ର ଆସିଛି । ଖବରକାଗଜ ମଧ୍ୟ ଆସୁଛି । ସେ ମୋ ପାଇଁ ପୂର୍ଣ୍ଣ ଉଦ୍ବିଗ୍ନ । ମୋତେ ସେ କେତେ ଭଲ ପାଆନ୍ତି, ତା ସୀମା ନାହିଁ । ଝିଅ ମଧ୍ୟ ତଦ୍ରୂପ । ମୋ'ଠି କଣ ଅଛି ? ମୁଁ କଣ ସେତେ ଯୋଗ୍ୟ ଜାଣେ ? ମୁଁ ଆସେ ଗଲି ସେଠାରେ ପ୍ରେମର ବନ୍ୟା ବହୁଛି । ଏ ଭଗବାନଙ୍କର ଲୀଳା । ଏ ସେ ମୋର କି ସୌଭାଗ୍ୟ ତା ମୁଁ ବର୍ଣ୍ଣନା କରିପାରିବ ନାହିଁ । ତୁମର ଦେହ କିପରି ଅଛି ? ତୁମର ଦେହପାଆ କଥା ମତେ ସର୍ବଦା ଲେଖୁଥିବ, ନୋହିଲେ ମୁଁ ଖାଲି ଭାବି ହେବି ।

ଏଠି ଟଙ୍କାର ଅଭାବ ନାହିଁ । ଏଥି ଆମର ସୁନାଖଣ୍ଡି ହେବ—ଦେଖିବ । ମୁଁ ଉତ୍କଳ-ସନ୍ତାନ କଣ ଭାରତ-ସନ୍ତାନ ହେବି, ଦିଲ୍ଲୀ କି କାଶୀ ମୋର ହେଡ଼କ୍ୱାର୍ଟର ହେବ । ଭଗବାନ ଭରସା । (ଦିଲ୍ଲୀରୁ ଫେରିବା ମତଲବ ନ ଥିବା କଥା ଏଥିରେ ସୂଚିତ ହେଉଛି ।)

ଗୋପବନ୍ଧୁଙ୍କ ମୃତ୍ୟୁ ସ୍ମାରକର ସାହାଯ୍ୟ ଟଙ୍କା ପାଇଁ ତ ଓଡ଼ିଶାରୁ କିଛି Response ଆସିଲା ନାହିଁ । ଭାରତରୁ ସାହାଯ୍ୟ କରି ପ୍ରତିଷ୍ଠା ପୂରଣ କରିବାକୁ ହେବ । ଗୁଡ଼ିବା କଣ ଆମେ ! ଓଡ଼ିଶାର ସବୁ ଖବର ମୋତେ ଦେଉଥିବ । ତୁମ ମା' କିପରି ଅଛନ୍ତି ? ତୁମେ ଚିଠି ଦେବାରେ କେବେ ହେଳା କରିବନାହିଁ । ତୁମର ତୁମ ଦେଶ ମାୟା ବହୁତ ଅଧିକ । ତୁମେ ସେଠାକୁ ଗଲେ ଦୁନିଆଁ ଭୁଲିଯାଅ; କିନ୍ତୁ ମା'କୁ ଭୁଲିବ ନାହିଁ । ଇତି । ଶୀଘ୍ର ଚିଠି ଦେବ ।”

୧୭ । ୭ । ୨୮ ର ଚିଠି—

“କୌଣସି କାରଣରୁ ଚିଠି ଦେଇପାରୁ ନାହିଁ । ଗ୍ଲାନି—ଗୋଟିଏ କଥା ଭାବୁଥିଲି । ତୁମେ ମୋର ଆଉ କିଛି ଉପକାର କରିବ କି ? ଘାଟଶିଲା ଆସି ଡାକ୍ତରବାବୁଙ୍କ ସଙ୍ଗରେ ଧରି ଏଠାକୁ ଆସନ୍ତୁ ! କଣ ତୁମର ମତ ଲେଖିବ । ଏହା କେବଳ ଜାଣିବ । ମୁଁ ଭଲ ଅଛି । ମୋର ଆଖି ଆଗରେ ଉତ୍କଳ ନେତାର ସାରଣି ଭୂତର ପଟୋଟି ମୋର ଅତୀତ ପରର ଶୋକ ବର୍ଦ୍ଧନ କରି ଚଳୁଛି । ନିତ୍ୟ ନମସ୍କାର କରି କାର୍ଯ୍ୟାରମ୍ଭ କରେ । ମୋର ପରମ ଶୁଭାଶୀର୍ବାଦ ନେବ । ଶୀଘ୍ର ପତ୍ର ଦେବ ।”

୨୩।୭।୨୮ରେ କୃଷ୍ଣସ୍ୱାମୀ ଚିଠିଟିଏ ଲେଖିଲେ। ବହୁ କଥା ମଧ୍ୟରେ ଥିଲା, "ଆପଣଙ୍କର ନାମ ଦିଲ୍ଲୀରେ ପ୍ରସିଦ୍ଧ ହୋଇଗଲାଣି। ଆଶା କରେ ଭାରତ-ଲଲନା ଶୀଘ୍ର ଭାରତ ଆକାଶରେ ଉଦିତ ହେବେ। ତୁମେ ନିଶ୍ଚୟ ଦିଲ୍ଲୀ ଆସିବ। ଯେତେବେଳେ ଡାକ୍ତରବାବୁ ଆସିବେ, ତାଙ୍କ ସାଙ୍ଗରେ ଆସିଲେ ବଡ଼ ଉପକୃତ ହୁଅନ୍ତି। ତୁମେ ଏ ସୁଯୋଗ ଛାଡ଼ିବ ନାହିଁକି ? ଦେଖ, ତୁମ୍ଭ ବିନା ଆମର କାର୍ଯ୍ୟ ଅପୂର୍ଣ୍ଣ ରହୁଛି। ଯେଉଁ ଉଦ୍ଦେଶ୍ୟ ଗୋପବନ୍ଧୁଙ୍କ ହୃଦୟରେ ସୁରକ୍ଷା କରିବା ଉଚିତ ଥିଲା, ସେ ଚେଷ୍ଟା ମୁଁ କରିପାରିବି ନାହିଁ। ପଞ୍ଚ ପାଇ ପଞ୍ଚ ଦେବକି ? ତୁମ୍ଭ ବିନା ସ୍ୱରାଜସେବକ କିପରି ସମ୍ଭବ ହେବ ? ସ୍ୱରାଜ ଓ କୃଷ୍ଣସ୍ୱାମୀ ନମଜନ ଦାସ। ତୁମ୍ଭ ନାମ ମଧ୍ୟ ଦିଲ୍ଲୀରେ ପ୍ରସିଦ୍ଧ ହୋଇଛି। ଈଶ୍ୱର ତୁମ୍ଭର ମଙ୍ଗଳ କରନ୍ତୁ।"

ମୋ ନାମ ଦିଲ୍ଲୀରେ କା କିପରି ପ୍ରସିଦ୍ଧ ହୋଇଛି, ମୁଁ ବୁଝିଲି ନାହିଁ। ମୋର କ ସଙ୍କୋଚ ଥିଲା ଯେ କିଏ ତା' ପ୍ରସିଦ୍ଧ କରୁଥିଲା ? ଏହାକୁ ଭଲକରି ମୁଁ ବୁଝିଥିଲି।

## ଆର୍ଯ୍ୟସମାଜରେ ଧର୍ମାନ୍ତର ଗ୍ରହଣ ଓ ବିବାହ କଥା

୨୯ ଜୁଲାଇ ରବିବାର କୁନ୍ତଳାକୁମାରୀ ଆର୍ଯ୍ୟ ସମାଜଭୁକ୍ତ ହେଲେ।

ପ୍ରଚାର ପତ୍ର ଥିଲା ଏହି—

ଓଁ

ମାନ୍ୟବର ମହୋଦୟ। ନମସ୍ତେ!

ଆପ କୋ ସୁନ କର ଖୁସୀ ହୋଗୀ କି ଶ୍ରୀମତୀ ଡାକ୍ଟର କୁନ୍ତଳକୁମାରୀ "ଉତ୍କଳ-ଭାରତୀ" କା ବୈଦିକ ଧର୍ମ ପ୍ରବେଶ ସଂସ୍କାର ଆର୍ଯ୍ୟସମାଜ ମନ୍ଦିର ସ୍ୱଦେଶୀ ବାଜାର ମେଁ ରବିବାର ତା ୨୯ ଜୁଲାଇ ୧୯୨୮ କୋ ପ୍ରାତଃକାଲ ୭॥ ବଜେ ହୋଗା। ଶ୍ରୀମତୀଜୀ ଉତ୍କଳକୋଟି କୀ ବିଦୁଷୀ ଔର ପ୍ରସିଦ୍ଧ କବି ହୈ। ଆପ୍ କେ କାବ୍ୟ ଏମ. ଏ. କେ କୋର୍ସୋଂ ମେଁ ପଢ଼ାୟେ ଜାତେ ହୈଂ। ଆପ୍ କା ପ୍ରବେଶ ଦେଶ ଔର ଜାତି କେ ଲିୟେ ଗୌରବାସ୍ପଦ ହୈ।

ଶ୍ରୀ ନାରାୟଣ ସ୍ୱାମୀଜୀ ନେ ଆଚାର୍ଯ୍ୟ ପଦ ଗ୍ରହଣ କରନେ କୀ ପ୍ରାର୍ଥନା ମାନ ଲୀ ହୈ। ଶ୍ରୀ ପଂ. ନେକୀରାମଜୀ ଶର୍ମା ଔର ଶ୍ରୀ ସ୍ୱାମୀ ସତ୍ୟାନନ୍ଦଜୀ କେ ପଧାରନେ କୀ ଆଶା ହୈ।

ଦର୍ଶନାକାଂକ୍ଷୀ
ଶିବଚରଣ ଦାସ
ମନ୍ତ୍ରୀ, ଆର୍ଯ୍ୟସମାଜ, ଦିଲ୍ଲୀ

ବିଭିନ୍ନ 'ପତ୍ରପତ୍ରିକା ସାହାଯ୍ୟରୁ ସଙ୍ଗୀତ ପ୍ରକାଶ ପାଏ ଏବଂ କେତୋଟି ଅଲଗା ପ୍ରକାଶିତ ହୁଏ, ବିଶେଷରେ ଆର୍ଯ୍ୟସମାଜର ମୁଖପତ୍ର ପତ୍ରରେ ଏହି ଉତ୍ସବ ବିବରଣୀକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । କାରଣ ଆର୍ଯ୍ୟସମାଜର ପ୍ରତିଷ୍ଠା ସେତେବେଳେ ଏଠି ଅଧିକ ।

କୁନ୍ତଳାକୁମାରୀ ୪ । ୮ । ୨୮ରେ ଯେଉଁ ଚିଠି ଲେଖିଥିଲେ, ସେଥିରେ ଏ ଉତ୍ସବର ସହିତ ବହୁ ସମସ୍ୟା ତାଙ୍କ ଜୀବନ ସେତେ ଜଟିଳତର କରିଥିଲା । ତାହା ସମ୍ପୂର୍ଣ୍ଣ ଉଦ୍ଧାର କରାଯାଉଛି ।

"ଚନ୍ଦ୍ରଧର, ଅଦ୍ଭୁତ ଘଟଣା ଘଟିଛି । ଡାକ୍ତରବାବୁ ମୋତେ ଦିଲ୍ଲୀରେ ନିଃସହାୟ ଫୋପାଡ଼ି ନିଶ୍ଚିନ୍ତ । ଚିଠି ଉପରେ ଚିଠି, ତାର ଉପରେ ତାର ଚାଲିଛି । ବ୍ରହ୍ମସମାଜ ଜାଲ ପକାଉଛି ।

"ମୋର 'ଶୁଦ୍ଧି' ବ୍ୟାପାର ମହାସମାରୋହରେ ସମ୍ପନ୍ନ ହୋଇଛି । ଶୁଦ୍ଧିପ୍ରସ୍ତାବଣୀ ସଭାରେ ମୋତେ ସ୍ୱାଗତଭାଷଣ ଦେବାକୁ ବରଣ କରିଥିଲେ । ମୁଁ ସାତ ହଜାର ଲୋକ ମଝିରେ ଠିଆହୋଇ ଇଂରାଜୀରେ ମୋର ଅଭିଭାଷଣ 'ପାଠ କରିଛି । ସବୁଠୁ ବଡ଼ ହେଲା ଚନ୍ଦ୍ରଧର; କିନ୍ତୁ ଘୋର ସଂକଟ । ମୋତେ ଆର୍ଯ୍ୟସମାଜ ବ୍ରାହ୍ମଣକୁଳରେ ଗ୍ରହଣ କରିଛନ୍ତି । ଭାରତର ସନ୍ନ୍ୟାସୀକୁଳଗୁରୁ ଶ୍ରୀମତ୍ ୧୦୮ ଶ୍ରୀ ନାରାୟଣ ସ୍ୱାମୀଜୀ ମୋତେ ଦୀକ୍ଷା ଦେଇଛନ୍ତି । ଭାରତର ବଡ଼ ବଡ଼ ସନ୍ନ୍ୟାସୀ, ରାଷ୍ଟ୍ରନେତା, ମହା ମହା ପଣ୍ଡିତ ମୋର ଯଜ୍ଞୋପବୀତ ଗ୍ରହଣ ଆଦି ସବୁରେ ଯୋଗଦେଇ, ଦେଶ ନ ଆସିବାଯାଏ ତାର କରି ମୋ ଦ୍ୱାରା ଭାରତବର୍ଷୀୟ ମାନ ରକ୍ଷା ସବୁ ଚଳାନ୍ତି, ବର୍ତ୍ତମାନ ଡାକ୍ତରବାବୁଙ୍କ ସହିତ ମୋର ବିବାହ ଏକାବେଳେ ବନ୍ଦ କରି, ଆର୍ଯ୍ୟ ଜାତିର ମାନରକ୍ଷା କରିବା ଧର୍ମାନୁସାରେ ମୋତେ ଅପର ବ୍ୟକ୍ତି ସହିତ ବିବାହ ଦେବାକୁ ଦୃଢ଼ ନିଶ୍ଚିତ । ହଜାର ହଜାର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ । ମୁଁ ଘୋର ସଙ୍କଟରେ ପଡ଼ିଛି ।" (ଏହା ସୂଚନାରୁ ଜଣାଯାଉଛି ଏବଂ କୈଳାସ ମଧ୍ୟ ତାହା ଜାଣି ଦୂରେଇ ରହିଛନ୍ତି । ଅଧିକ କଣ ?)

"ମୁଁ ଅପର ଜାତିର ଲୋକ ସହିତ ବିବାହ ଅମଙ୍ଗ ହେଲାରୁ ଶେଷକୁ ଅଦ୍ଭୁତ, ଅଲୌକିକ କୌଶଳ । ଡାକ୍ତର କେ. ପି. ବ୍ରହ୍ମଚାରୀଙ୍କୁ ଧରିଦେଇଛନ୍ତି ମୋତେ ବିବାହ କରିବାକୁ । ସେ ଘୋର ଅମଙ୍ଗ । ସେ ଡାକ୍ତରବାବୁଙ୍କୁ ଆଣିବାକୁ ଘାଟଶିଳା ଯାଇଛନ୍ତି । ଦଳେ ଦଳେ ହିନ୍ଦୁସ୍ଥାନ, ପଞ୍ଜାବୀ ଇତ୍ୟାଦି ବଡ଼ ବଡ଼ ବ୍ୟକ୍ତି ଜମିତ ମୋତେ ବଶ କରି ଦରଖାସ୍ତ ପେଶ କରୁଛନ୍ତି ।"

( କୈଳାସବାବୁଙ୍କ ଶିଶୁପାଳ ଲଭିବାର ଏ ଯେ ଷଡ଼ଯନ୍ତ୍ର ହୋଇଥିଲା, ଶେଷରେ ପରିକଳ୍ପନା ଥିଲା କୈଳାସ ନିଜେ ଉପସ୍ଥିତ ହୋଇ ଓ ଶରଣାପନ୍ନ ହୋଇ ବ୍ରହ୍ମଚାରୀ ସହିତ ବିବାହ ଦେଇଆନ୍ତେ; କିନ୍ତୁ ସେ ଦୂରେଇ ରହିଗଲେ । )

"ମୁଁ ତୀର୍ଥଯାତ୍ରିକରେ ବନ୍ଦିନୀ । ଏଠୁ ପଳାଇବାର ଉପାୟ ନାହିଁ । ଏ ବିଧବାଶ୍ରମ ଗୋଟିଏ କାରାଗାର ଅନୁଷ୍ଠାନ । ମୋର ମତ ପରିବର୍ତ୍ତନ ଲାଗି କେତେ କେତେ ବଡ଼ ବଡ଼ ସନ୍ନ୍ୟାସୀ, ଯୋଗୀ ଇତ୍ୟାଦି ମୋ ସହିତ ଯୁକ୍ତିତର୍କାଦି କରି ମୋତେ ବ୍ୟସ୍ତ ଓ ଅସ୍ଥିର କରିସାରିଲେଣି । ( ଏହା ସତ୍ୟ ହୋଇଥିବ, ସେ ସମାଜ ଓ ସ୍ଥାନ ସେପରି । )

"ମୁଁ ଜନ୍ମରେ ଶଯ୍ୟାଶାୟୀ । ଘୋର ଅନ୍ଧକାର । ବହୁ କଷ୍ଟରେ ଗୋଟିଏ ଚିଠିକୁ ଲୁଚାଇ ଦେଇ ଡାକ୍ତରବାବୁ ହାତକୁ 'ତାର' ଦେଇଛି । ଡାକ୍ତରବାବୁ ଚିଠି ନେଇଛନ୍ତି, କିନ୍ତୁ ମିଳୁନାହିଁ—ମିଳିବାର ଆଶା ନାହିଁ । ଏଣେ ଏମାନେ ସାରଦାର ଉଦ୍ୟୋଗ ନେଇକି ରଖାଇବି ବସ୍ତ୍ର । ହେ ଭଗବାନ, ମୁଁ କଣ କରିବି ?" (ଏକାନ୍ତ ଛଳନା)

"ମୋତେ ଶୀଘ୍ର ଫେରନ୍ତ ଡାକରେ ଚକ୍ରଧର ଲେଖ, ମୁଁ କ'ଣ କରିବା ଉଚିତ । ଏମାନେ ବଶ କରିହେଲେ ଧର୍ମରୁ ଏଇ ସବୁ ଲୋକ କାଢ଼ିବାକୁ ମୋତେ ଦେଉନାହିଁ । ସୁବିଧା କାଳବଣ (ମିଛ) ; ଉକସ୍ତ ବାଳିକାମାନେ ମୋତେ ଜଗିଛନ୍ତି । ମୋତେ ପୁଣି ସ୍ଥାନରେ ରଖାହୋଇଛି । ଶୁଦ୍ଧିର Certificate ମୋତେ ମିଳିସାରିଲାଣି ।"

"ଏମାନେ ନାରୀର ସତୀତ୍ୱ କଣ ବୁଝନ୍ତିନାହିଁ; ଏମାନେ ଧର୍ମର ମୂଲ୍ୟ କଣ ବୁଝନ୍ତିନାହିଁ । ସ୍ୱାମୀଙ୍କ ହାଣ ହାଣ ମୂର୍ତ୍ତି ଆଗରେ ମୁଁ ଥରଥର ହୋଇଗଲିଣି । ଚକ୍ରଧର ଲେଖକୁ ମୋ କପାଳରେ ସ୍ୱା ଥିଲା ! ମୁଁ ପଣ କରିଛି, ଜନାର୍ଦ୍ଦନଙ୍କୁ ବଶ ହେବିନାହିଁ । ଏଣେ ବୃନ୍ଦାବନୀ ଜଳର ବ୍ରାହ୍ମଣଙ୍କ ଜନ ମୋତେ ବିବାହ ଲାଗି ଅନ୍ଧ ଜ । ଅରୁଣୀର ଦଶା ! ଏମାନେ ତା ଉଣ୍ଡିରେ ଅଧିକ (ମିଛ) । ସବୁ ପୂର୍ବରୁ ସମସ୍ତେ ଜାଣନ୍ତି, ଦଦ, ଅପା— ଯାକି ଅନୁଷ୍ଠାନ ପରେ ସ୍ୱାମୀ ସ୍ତ୍ରୀ ହୁଅନ୍ତି । ସ୍ୱାମୀ ଯୋଗାନନ୍ଦ, ସଦାନନ୍ଦ, ବ୍ରହ୍ମାନନ୍ଦ, ନାରାୟଣଜୀ, ପଣ୍ଡିତ ରାମଚନ୍ଦ୍ରଜୀ, ମନ୍ତ୍ରୀ ଶିବଶରଣ, କାଳିପ୍ରସାଦ, ତାଙ୍କ ସ୍ତ୍ରୀ, ଶ୍ୱଶୁର— ବାବା ଚକ୍ରଧର, ମୁଁ କଣ କରିବି କୁହ ? ମୁଁ ଲଜ୍ଜାରେ, ଦୁଃଖରେ, ଜନ୍ମରେ ମୃତପ୍ରାୟ, ଶଯ୍ୟାଶାୟୀ । ଏ ସମାଜ, ଯେ କି ପଠାଣର ସ୍ତ୍ରୀକୁ ସ୍ୱାମୀ ଓ ପୁତ୍ରଠାରୁ ଛାଡ଼ିଆଣି ଶୁଦ୍ଧି କରି ଶାନ୍ତିଦେବୀ ନାମ ରଖାଇ ହିନ୍ଦୁକୁ ବାହାଦେଲେ (ସତ୍ୟ କଥା); ଯାହାଯୋଗୁଁ ସ୍ୱାମୀ ଶ୍ରଦ୍ଧାନନ୍ଦ ପଠାଣର ଗୋଳି ଖାଇଲେ । ଚକ୍ରଧର ! ମୁଁ କଣ କରିବି । ଏ ଘୋର ଯନ୍ତ୍ରଣା । ଏଥିରୁ ଉଦ୍ଧାର ଅସମ୍ଭବ । ଏବେ କେବଳ ଗୋଟିଏ ଉପାୟ ମୁଁ ଦେଖୁଛି; ନୋହିଲେ ଅପର ବ୍ୟକ୍ତିକୁ ବିବାହ । ମୁଁ ଅବିବାହିତ ରହିବାକୁ ଇଚ୍ଛା ପ୍ରକାଶକଲେ ଏ ଛାଡ଼ିବେ ନାହିଁ । ଅଧିକାରୀ ଅବିବାହିତ ରହି ପଠାଣ ବା ଖ୍ରୀଷ୍ଟାନ ହାତରେ ପଡ଼ିପାରେ ।"

"ତୀର୍ଥ ଦେଖିଲି ତଦ ଏ ଦଶା ! ମୁଁ ମୃତବତ୍ ଭୟ-ବ୍ୟାକୁଳ । ଏଠି ସ୍ୱାସ୍ଥ୍ୟ ଏକ ଘଣ୍ଟାରେ ଖରାପ ହୁଏ । ହୋମକୁଣ୍ଡରେ ନିଆଁ ଜାଳି ଦିଅ ତାଳ ସ୍ୱାହା କହିଲେ ବିଷ ଶେଷ । ଦେବତ ଜାଣୀ, ପତ୍ନୀ, ବୁଢ଼ୀ, ବେଶ୍ୟା ମୋର ଆଗରେ ଭଲ ଭଲ ଲୋକ

ବାନ୍ଧା ହୋଇ ( ପୁଣି ଟଙ୍କା ସୋସାଇଟିକୁ ଦେଇ ) ଗୁଳିଯାଉଛନ୍ତି । ଦଶଟା ଶିଶୁ ଜନ୍ମ ହୋଇଛନ୍ତି, ଗର୍ଭରେ ଶିଶୁ ରହୁଛି, ପରପୁରୁଷ ବନ୍ଦହୋଇ ଯାଉଛନ୍ତି ।”

ଚକ୍ରଧର ! ଏ ମାୟାପୁରୀ । ଏ କଣ ? ଏ ଘୋର, ଏ ଘୋର ବନ୍ଧଶାଳ ! ଚକ୍ରଧର ! ତୁମର ମୋର ଜୀବନରେ ଭେଟ ଆଉ ନୋହିବ । ଶତ ଈର୍ଷାର ସମାଜ-ପ୍ରବେଶ ପରେ ଏ ଶାସ୍ତି । ମୁଁ କଣ କରିବି ? ଚକ୍ରଧର ! ମୋ ମୁଣ୍ଡ ଘାରି ଦିଆଉଛି । ମୁଁ ମୃତବତ୍ ପଡ଼ିଛି । ମୋର ଆକାଂକ୍ଷାର ଆଦର୍ଶ ଏବେ ଚୂ'ରମାର ହେଲା । ମୁଁ ନର୍କ-ସ୍ରୋତରେ ବୁଡ଼ୁଛି । ମୁଁ ମରଣଚଲଣି ଜାଣେ—”

“ହେ ଚକ୍ରଧର ! ମୋ ହାତରୁ ଶକ୍ତି ପଳାଯା ସରିଲାଣି । (ମିଛ) ମୁଁ କଣ କରିବ ଯେ, କୁହ ? ଡାକ୍ତରବାବୁ ଯୋଗୁଁ ମୁଁ ସବୁ ଛାଡ଼ିଲି । ଶେଷକୁ ସେ ମୋ ଦେହରେ ହାତ-ଦେଲେ । ସାଙ୍ଗରେ ଆସିଥିଲେ, 'କାହ୍ନା ବାପର ସାଥ ଆ'ନ୍ତା ମୋତେ ଅନ୍ୟ ସହିତ ବିଭା କରିବାକୁ ।”

(ମହାଭାରତରେ ଅଛି—'ସ୍ୱଗ୍ରୁ ଦୁ ନର୍ଭସ୍ୟ ନରସ୍ୟ ମୋହିତା, ପ୍ରମୋହଦନ୍ତି ବଦନେନ ଶୁଷାତା, ଦଦାତି କର୍ଣ୍ଣେ ବଦନର୍ଦ୍ଧେ ଚଳଂ × ×' —ଦ୍ରୌପଦୀଙ୍କୁ ଜୟଦ୍ରଥ ହରଣ କରିନେବାପରେ ଧାତ୍ରୀ କହୁଥିଲା, 'ତୁମନ୍ତେ ତାଙ୍କୁ ଉଦ୍ଧାର ନକଲେ ପାଣ୍ଡବମାନଙ୍କର ନିର୍ଭର୍ତ୍ସନ ଏବଂ ଦଣ୍ଡଭୟରେ ତାଙ୍କ ବଦନ-ସୁଧାକର ମଳିନ ହୋଇଯିବ ଏବଂ ସେ ହତବୁଦ୍ଧି ହୋଇ ହୁଏତ କୌଣସି ଅଯୋଗ୍ୟ ପାତ୍ରକୁ ଆତ୍ମସମର୍ପଣ କରିପକାଇବେ ।' ଏହା ହିଁ ବୁଝି ସ୍ତ୍ରୀ ଶ୍ରେଣୀ ନାରୀଚରିତ୍ର । ତେଣୁ ଏଠାରେ ତା' ସତ୍ୟ ।)

“ମୁଁ ଅସହାୟ କୋଣାରକଣା ନାରୀ । ପୁଲିସରେ ଖବର ଦେବାକୁ ମୁହଁ କାଳ ପାରୁନାହିଁ (ଛଳନା); କାରଣ କଣ କଲେ ଭଲ ହେବ ତା' ଜାଣୁନାହିଁ । ଏ ଯେ ବ୍ରହ୍ମଚର୍ଯ୍ୟର ଫାନ୍ଦ । ଏ ସେ-ଜ୍ଞାନର ଫାନ୍ଦ—ଡାକ୍ତରବାବୁ ସାଁଙ୍ଗ ବସ୍ତୁ; ଅତଏବ ତୁମେ ଅମୂଲ୍ୟ ଜୀବନ ନଷ୍ଟ ନକର । ଏହାପରେ କେତେ ସୁନ୍ଦର—ମିଠା ଖୁବ୍ (ସତ୍ୟ କଥା) । ବ୍ରହ୍ମଚର୍ଯ୍ୟ ସର୍ବସ୍ୱ ଅନନ୍ୟ ଉପାୟ । ତାଙ୍କ ଚିନ୍ତା ଧରିଛନ୍ତି ଯେ, ତୁମର ସ୍ୱପତ୍ନୀ ଏ ବାଳକାକୁ ବିବାହ କର । ସେ ଶେଷରେ ଅଗ୍ନିମୂର୍ତ୍ତି ହୋଇ ଏଠୁ ପ୍ରସ୍ଥାନ କରିଛନ୍ତି ଘାଟଶିଳା । ଡାକ୍ତରବାବୁ ପାଣିଲେ ମୁଁ ଏମାନେ ବୋଧହୁଏ ତାଙ୍କ ସହିତ ଆଉ ବାଟ ଦେବେନାହିଁ । (ଏଇଠି କଣ୍ଟ ସତ୍ୟ ପ୍ରକାଶିତ ହେଲା ।) ବେଦରେ ବହୁ ବିବାହ ନାହିଁ । ଏମାନେ ଶେଷରୁ ମୋତେ କୌଣସି ପଞ୍ଜାବୀ ଅବା ହିନ୍ଦୁସ୍ଥାନୀ ଯୁବକକୁ ବିଭାଦେବେ ଦେଖୁଛି । ତା'ହେଲେ ବିଷ ଖାଇ ଏ ନଶ୍ୱର ଦେହଲୀଳା ସମାପ୍ତ କରିବି । ସତ ତା' ନୁହେଁ, ବୃନ୍ଦାବନର ଯୋଗ ଧର ତାକୁ ବିଭାହୋଇ ସଂସାର ଭାରୀ ହେବ ।”

“ମୁଁ ବର୍ତ୍ତମାନ ଏକପ୍ରକାର ପାଗଳ । ମୁଁ କଣ କରିବି, କଣ କରିବି—ଏ ପଞ୍ଜାବର ଜାତି କାତି ମୋ ଧନ ଯାଉଛି । ମୁଁ ଭୟ-ବ୍ୟାକୁଳ । ମୁଁ ମରିଯିବି ଚକ୍ରଧର ! ଏ କୋଠାରୁ ଡେଇଁପଡ଼ିବି ।” (ମିଛ)

"ତୁମେ ବନ୍ଧୀ ଥାଅ । ମୋତେ ଏଠୁ ଉଦ୍ଧାର କରି ନେଇଯାଅ । ମୋର କେହି ନାହିଁ । ଏଠି ମୁଁ ଏକେଲା । ମୁଁ ଖାଲି ଉଦରରେ ବଡ଼ ଦୁଃଖରେ ଅଥଚ ସୁଖରେ ହର୍ଷମୁଖରେ କାଳ କାଟୁଛି । ଡାକ୍ତରବାବୁଙ୍କୁ ଗାଳି କର । ଚିଠି ଲେଖ, ମା'ର କଥା ଶୁଣିଲୁ—ମୁଁ ମୃତ ମା' ।"

## ଦ୍ୱିଚାରିଣୀ ଦୋଷ କ୍ଷାଳନ

"ସୁନକ୍ତ ମୁଁ ଯଦି ଦ୍ୱିଚାରିଣୀ ହୁଏ, ଏଥି କାହାର ଦୋଷ ? ଏ କୈଳାସବାବୁଙ୍କର ଦୋଷ । ସେ ଆଗରେ ନ ଆସି ଘର ପାଖେ ରହିଲେ । ବ୍ରହ୍ମଚାରୀ ରହିଛି ତାଙ୍କ ଅଶୀର୍ବାଦ । ସେ ଏକା ବା କ'ଣ କରିବ ? ସମସ୍ତ ସମାଜନେତା ତା'ପଛରେ ପଡ଼ିଛନ୍ତି । ମାସେକାଳ ଏମାନେ ବି ଛି ଅପେକ୍ଷା କଲେ । ସେ ଆସିଲେ ନାହିଁ, ଚିଠି ଦେଲେ ନାହିଁ । ଏବେ ଏମାନେ ତାଙ୍କ ଉପରେ ଖର ଖପ । ମୋର ଗୁଣଗାନ, କବିତା, ଡାକ୍ତରୀ ସବୁ ଦେଖି ଏ ମୋତେ କୁମାର ବ୍ରହ୍ମଚାରୀ (କେହି କହିଲେ) ଘର ବସ୍ତି ଦେବାକୁ ପ୍ରସ୍ତୁତ । ଗୁରୁକୁଳରେ ସହସ୍ର ସହସ୍ର ଯୁବକ ବ୍ରହ୍ମଚାରୀ ଅଛନ୍ତି । ବ୍ରହ୍ମଚାରୀ ଅର୍ଥ ଗୁରୁକୁଳର ଅବିବାହିତ ଯୁବକ । ସେମାନେ ମୋତେ ବର.ହୁ ନିତି ଦଳେ ଦଳେ ପ୍ରସ୍ତୁତ । ବଡ଼ ବଡ଼ ବିଦ୍ୱାନ, ଦେଶନେତା, ଧର୍ମୀ ଓ ଗୁଣିମଣ୍ଡଳୀ ଅଛନ୍ତି । ହାୟ, ମା ପଣ ଜୀବନ ? ଘୋର ଅନ୍ଧକାରମୟ । Dr. Brahmachari କଣ କରିବେ କେଜାଣି ?"

ସେ ତାଙ୍କର ଲେଖାରେ କୈଳାସବାବୁଙ୍କ ବିବାହପାଇଁ ଅନୁପଯୁକ୍ତ ସିଦ୍ଧାନ୍ତ କରି ଏଣ୍ଡ ଦ୍ୱିଚାରିଣୀର ଦୋଷ କ୍ଷାଳନ କରିଛନ୍ତି ମାତ୍ର । ତାଙ୍କଠାରେ ନାରୀର ପ୍ରବୃତ୍ତି ଏକ ଅଭିଶାପ ଥିଲା । ତେଣୁ ସେ ସଙ୍ଗପରୀଣ ସତୀତ୍ୱର କଠୋର ନିଷ୍ଠା ଦେଖାଇ ପାରି-ଥିଲେ ।

ମୁଁ ଏଠି ପ୍ରଥମେ ଏଠି ପାଉଥିଲି । କୈଳାସବାବୁ ଆଦୌ କିଛି ଶୁଣିଲେ ନାହିଁ । ସେ ବା କିପରି ଶୁଣନ୍ତେ; କାରଣ, ପ୍ରଥମ ସେ ଅବସ୍ଥାକୁ ଆସିଥିଲେ, ସେଠି ତାଙ୍କର ବା ସ୍ଥାନ କାହିଁ ? ଶିକ୍ଷା, ସଦ୍‌ଗୁଣ, ପ୍ରତିଷ୍ଠା, କବିତ୍ୱ, ଯୌବନ, ଧନ ସବୁରେ କୁନ୍ତଳାକୁମାରୀ ତାଙ୍କଠୁ ବଳିଯାଇଥିଲେ । ବିଶେଷରେ ଏପରି ନାରୀ ଯେବେ ମତ ପରିବର୍ତ୍ତନ କରେ, ତାକୁ ବଦଳାଇବା କି ସମ୍ଭବ ହୋଇପାରେ ? ସେ ଓଡ଼ିଆଗଲେ, କିନ୍ତୁ ସବୁଆଡ଼ୁ, କୁନ୍ତଳା କ'ଣ ନୈତିକ ଅଧଃପତନର କାରଣ ହେବ ? ସେ କଣ ପ୍ରକୃତରେ ବ୍ରହ୍ମଚାରୀ ପରି ସାଧାରଣ ଶିକ୍ଷିତଙ୍କୁ ବିବାହ କରିବ ? ତା'ର ତ ପୁଣି ମର୍ଯ୍ୟାଦା-ଜ୍ଞାନ ଅଛି ? ମାତ୍ର ହେ କୈଳାସ, ନାରୀ ପକ୍ଷରେ ସମସ୍ତ ସମ୍ଭବ । ତୁମେ ତ ଅଜ୍ଞାନ, ପୁଣି ଏ ଚିନ୍ତା କାହିଁକି ? ଏ ଶୁଦ୍ଧ ମନକୁ ଯନ୍ତ୍ରଣ କାହିଁକି ? ହଁ, ହଁ; ତୁମ ହାତଗଢ଼ା ପଦାର୍ଥଟା କଏ ନିଁ କଏ ନେଇଯାଉଛି । ତୁମେ ଲେଖିଥିଲ କେବେଠାରୁ, "କୋଇଲଖଣ୍ଡିରୁ ହୀରାମୁକ୍ତା ଟିଏ ପାଇଥିଲି । ତା' ଦେଖିବେ ମନ

ଲଢ଼ିଥିବାରୁ ତୋତର କୁଆବାଳରେ ଟିକିଏ ଦାଲି ଖୋସା କରିଦେଇଛୁ ମାତ୍ର । ମୋର ସେ ପ୍ରାପ୍ୟ ନୁହେଁ; ତାହା ରାଜାମହାରାଜାଙ୍କ ପ୍ରାପ୍ୟ ।"

ଜଣେ ସଚ୍ଚୋଟ ଶିକ୍ଷିତ ଅଥବା ସଦ୍‌ଗୁଣସମ୍ପନ୍ନ ପୁରୁଷ ଏ ଜୈଷ୍ଟରର ଯୁଦ୍ଧଭୂମି ଲାଭ କରିଥିଲେ ସେ ବହୁତ ବେଶ୍ ଭଲ ହୋଇଥାନ୍ତେ ବୋଲି ଲେଖୁଥାନ୍ତି । କିନ୍ତୁ ମନକି ଥାଏ, ଅଥଚ ମନ ନାହିଁ ବୋଲି ବାହାରକୁ ପ୍ରକାଶ କରୁଥାନ୍ତି । ଯେଉଁ ଦେଶକୁ ସେ ଗଲେ ସିଏ, ସେଠି ଏ ଯାଇ କଣ କରିବେ ? ସ୍ୱାମୀଙ୍କର ସେଠି ବା ସ୍ଥାନ କାହିଁ ? ମଫସଲରେ ପଶି ଜଣେ ବ୍ୟକ୍ତି ସବଜଜରେ ସ୍ୱଧର୍ମ ରକ୍ଷା କରିପାରେ କି ? ତା'ଠୁ ଏ ଅଣ୍ଟି ସମାଜ ସେ ସ୍ୱତନ୍ତ୍ର । ପୁଣି ତାଙ୍କ ମଧ୍ୟ ସ୍ୱାମୀ ସପକ୍ଷରେ ନାହିଁ; ତେଣୁ ପାର୍ଶ୍ୱନିଶ୍ୱାସ ଫିକାଇ କରିବ ରହିବା ହିଁ ସାର ।

ସେ ନାଗ୍ପୁରି ବା ଆଉ କଣ କରନ୍ତା ? କୈଳାସଚନ୍ଦ୍ର ତାଙ୍କୁ ଉପଦେଶ ଦେଲେ— ତୁମେ ସେଇଆ ଠିକ୍, ବଳଦର ଖାଅ, ନିରାମିଷାଶୀ ହୁଅ, ବୈଧବ୍ୟ ଜୀବନ ଅତିବାହିତ କର । ଏହା କଣ ଶେଷ୍ଠ ଜାଣତାରେ ସମ୍ଭବ ? ସେ ତାହା ଅସ୍ୱୀକାର କଲା । ଆମିଷ ନ ହେଲେ ସେ ମୁଠେ ଭାତ ଖାଇପାରିବ ନାହିଁ—ତାହା ତା'ର ଜନ୍ମରୁ ଅଭ୍ୟାସ । ଯଦିବା ତରକାରି ଶାକ ଅନ୍ନ ଏବଂ ପଠାଣ ସଙ୍ଗେ ପ୍ରାପ୍ତ ନ ଥାଏ—ସବୁବେଳେ ସବୁ ସଦରେ ଏବା ଥାଏ । ସମସ୍ତେ ପ୍ରାୟ ଅମିଷାଶୀ । ନିରାମିଷାଶୀ ଜୀବନ ଯେଉଁମାନେ କଟାଉଥାନ୍ତି, ସେମାନେ ଅଣ୍ଡା ମଧ୍ୟ ଖାଉଥାନ୍ତି । ସୁଖାଦ୍ୟ ଖାଇ, ସୁଖ-ସମ୍ଭୋଗ ମଧ୍ୟରେ ବଢ଼ି ହେଉଥିବା ଜାଲ ବା ସଂଯମ ଧରି ରହିବ ରକ୍ତମାଂସ ଦେହଟି ? ସମାଜ ତାଙ୍କୁ ଯାହା କହୁ, ସେ ଯାହା ହେଉନା ପଛେ କୈଳାସବାବୁ ତଥାପି କିଛି କରିପାରି ନ ଥିଲେ । କାରଣ ଏବେଶ ପରିବାର ଓ ସମାଜକୁ ଖାତିର । ସେ କିଛି ମୀମାଂସା କଲେ ନାହିଁ, ତେଣୁ ସ୍ୱଧାଭାବ ବଶୀଭୂତରେ ଯାହା ଘଟିଥିବାର ତା' ଘଟିଗଲା । ସେ ତାଙ୍କ ଭାଇ ଜନକୁ ରଖି ରହିବାକୁ ନିଶ୍ଚୟ ବ୍ୟାକୁଳ ଥିଲା । ତେଣୁ ଏଇ ଦଶଦ୍ରୁ, ଅଣଲ ବ୍ୟକ୍ତିକୁ ଆବୋରିନେଲା । କିଛି ନ ହେଲେ ଏକ ନାମ ତ ଅଛି । ଡାକ୍ତର ନ ହେଉ ପଛେ ସେ ତ ଲେଖୁଛୁ ଡାକ୍ତର । କେ. ପି. ସାଙ୍ଗକୁ ବ୍ରହ୍ମବୃନ୍ଦ ପଦବୀଟିକୁ ତ ଛାଡ଼ିନି । ବାଦଠୁ ଏ ବ୍ରହ୍ମଚାରୀ ପଦଟି ବେଶି ଆକର୍ଷକ ଥିଲା । ତା ସାଙ୍ଗକୁ ବାଚସ୍ପତି, ଶାସ୍ତ୍ରୀ । ଭାରୀ ଅମଳ । କିଏ ପଚାରୁଛି କିଏ ବା ପଢ଼ ଲେଖୁଛି ?

ଶେଷରେ କୁନ୍ତଳାକୁମାରୀ ଓଡ଼ିଶାରେ ଥାଇ ଏପରି କିଛି କଲେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ଭିତରେ କିଛି ଖରାପ ମନୋଭାବ ଆସିପାରେ; କିନ୍ତୁ ସେ ଭାରତର ରାଜଧାନୀ ଦିଲ୍ଲୀରେ ଡାକ୍ତର କେ. ପି. ବ୍ରହ୍ମଚାରୀ ବାଚସ୍ପତି ଶାସ୍ତ୍ରୀଙ୍କୁ ବିବାହ କରିଛନ୍ତି ଶୁଣିଲେ ଲୋକେ ଭାବିବେ, ଖୁବ୍ ବଡ଼ଲୋକ ଜଣକୁ ନିଶ୍ଚୟ ବିବାହ କଲେ । ଖବରକାଗଜରେ ମଧ୍ୟ କୁନ୍ତଳାଙ୍କ ପ୍ରେରିତ ସମ୍ବାଦ ତଦନୁରୂପ ପ୍ରକାଶିତ ହେଲା । ଲୋକଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଥିଲା—ସେ ଜଣେ ଚିରକୁମାରୀ ରହିବେ, ସେ ଆଦୌ ବିବାହ କରିବେ ନାହିଁ ବା ଆଉ କିଛି ପ୍ରଶ୍ନ—ତାହା ଏତଦ୍ଦ୍ୱାରା ସମାଧାନ ହୋଇଗଲା ।

ଏହା ଅଦ୍ଭୁତ ଜଗତ ଯେଉଁଠିକି ଶିବ ସେଠି ନିଶ୍ଚୟ ହେବ ପୂଜ୍ୟା ଏବଂ ବନ୍ଦନୀୟା । ଭାଟି ସେ ମନ୍ଦିର ପୂଜାରୀ ହେଲା । ତାକୁ ଦେବେ କଲିକତା ବା ଆମେରିକାରେ

ନେଇ ଗଣାଯାଇଅଛି, ସେଠାରେ ମଧ୍ୟ ସେ ପ୍ରଶଂସାର ହୋଇପାରିଅଛି । ବାଲ୍ୟକାଳର ଯୌବନକାଳରୁ ସେହି ଉଦ୍ଦେଶ୍ୟର ଗୋପନୀୟତା ରକ୍ଷା କରିବାରେ ସେ ଅଦ୍ୱିତୀୟା ଥିଲେ । ସେ କୌଣସି କଥା ସେ ଧନ ୫।୧୦ଟାରେ ଅସ୍ଥିର କରିବା ନାହିଁ । ଏପରି ଉଦାହରଣ କଳ୍ପନା କରିହୁଏ ନାହିଁ । ଉଦାରତାର ମାଧୁର୍ଯ୍ୟ ସେ ଜାଣିଥିଲେ ସେପରି ରଖିଥିଲେ, ସେପରି କେହି ରଖିପାରିବ ନାହିଁ । ସମସ୍ତ ଖାଦ୍ୟ, ଜଳ, ସେବା, ଚିକିତ୍ସା, କବିତ୍ୱ, ବିନୟ, ନମ୍ରତା ଓ ଓଡ଼ିଆ—ସବୁ ଏପରି ପ୍ରକୃତିଗତ ଥିଲା ଯାହା କେବଳ ଯେ ଦେଖିଥିଲେ—ସେ ତାଙ୍କୁ ଦେଖିଛନ୍ତି ସେ ଜାଣିପାରିବେ । ଏହି ସ୍ୱଭାବ ସେହି ତାଙ୍କର ନିଷ୍କପଟତା ସେତିକି ଲେଖାରେ ଥିଲା, ସେ ଦେଖାଇଲେ ସେତିକି । ଏହା ତାଙ୍କର ବ୍ୟକ୍ତିଗତ ସମସ୍ୟା । ଏହା ମୁଁ ଏକା କେବଳ ଜାଣିନଥିଲି । କିନ୍ତୁ ବହୁ ଲୋକଙ୍କୁ, ଉଚ୍ଚଶିକ୍ଷିତ ପ୍ରଧାନମନ୍ତ୍ରୀ ବ୍ୟକ୍ତି ମଧ୍ୟ ଦେଖିଛନ୍ତି ସେ ଏହାକୁ ଗୋପନୀୟ କାହାଣୀ ବ୍ୟକ୍ତ ନକରିଲେ ତାଙ୍କର ପରିଚୟ ସ୍ତର ସ୍ତର ଧରି ଅଜ୍ଞାତ ହୋଇ ରହିଥିବ । ପୁସ୍ତକ ଲେଖିବାକୁ ଥାଇ ସେପରି ନାନା ଅସମ୍ଭବ ଶବ୍ଦରେ ବର୍ଣ୍ଣିତ କରାଯାଉଛି, ତାହା ମୁଁ କହିବ—ତାର ଅନ୍ତବଳ ରହିବ ନାହିଁ । ଶେଷକୁ ଏପରି ହେବ ଯେ, ଏମାନେ କେତେ ଜଣ ଓଡ଼ିଆ ସାହିତ୍ୟିକଙ୍କୁ ଓଡ଼ିଆଙ୍କ କେଶରୀ ପଦବୀଟା ଯେପରି ଅତି ସସ୍ତା ହେଉଛି, ପୁରୁଷର ସେତେ କବିପତ୍ନୀ ସବୁ ସତ୍ୟ; କିନ୍ତୁ ଓଡ଼ିଆଙ୍କର କୋଟିଏ କବିପତ୍ନୀ ମଧ୍ୟ ସତ୍ୟ କହିବେ—ଏପରି ସବୁ କଥନ ପାଣ୍ଡିତ୍ୟ ପ୍ରଦର୍ଶିତ ହେଉଛି—ସେହିପରି ଏ କୁନ୍ତଳାକୁମାରୀ ସମ୍ପର୍କରେ କଏ କଣ ତର୍କ କରିପାରିବେ, ତା'ର ଠିକଣା ରହିବ ନାହିଁ ।

ଏଥର ତାଙ୍କ ସ୍ୱାମୀ ସେହି ତାଙ୍କର ଚିଠିଟି ଉଦ୍ଧାର କରାଗଲା ।

"ଶ୍ରୀ

୧୦ । ୮ । ୩୮

ସ୍ନେହର ଚନ୍ଦ୍ରଧର,

ଅପ୍ରତ୍ୟାଶିତ ଘଟଣା ଅତି ଆକସ୍ମିକରୂପେ ଘଟିଗଲା । ପବିତ୍ର ବୈଦିକ ରୀତିରେ ବସ୍ତୁ ବର୍ଜ୍ଜନ ସମାରୋହରେ, ଗତ ୮ ତାରିଖ ଅଗଷ୍ଟ (ଶ୍ରାବଣ କୃଷ୍ଣ ସପ୍ତମୀ) ରାତି ୭ଟା ବେଳେ ପବିତ୍ର ବନ୍ଧନଙ୍କ ପୂର୍ଣ୍ଣଚନ୍ଦ୍ରସହାୟ କୁନ୍ତଳଶ୍ରୀ ମୁଦଳ ଶାନ୍ତ ମୋର ସ୍ୱାମୀ ହୃଦ-ମନ୍ଦିରେ ସଙ୍ଗ ଆନନ୍ଦରେ ଯୋଗୀ ସନ୍ନ୍ୟାସୀଙ୍କର ସମ୍ମୁଖରେ ବୈଦିକ ଅନୁଷ୍ଠାନ ପ୍ରଣାଳୀରେ ଅନୁଷ୍ଠିତ ହେଲା । ଡାକ୍ତରବାବୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସ୍ୱାମୀଙ୍କରେ ଉପସ୍ଥିତ ହେଲେ; ମୋତେ ଭରସାର ସମ୍ବାଦ ଦେଲେ । ଶେଷକୁ କୁନ୍ତଳଶ୍ରୀ ପାଞ୍ଚଦିନ ପର୍ଯ୍ୟନ୍ତ ଯାଇ ତାଙ୍କୁ ଆଣି ନ ପାରିଲେ । ଅତଏବ ସେ ହେଉ ଅସିଲେ । ଗତ ସୋମବାର ରାତି ୧୦ଟା ବେଳେ (୭ ତାରିଖ ଅଗଷ୍ଟ ଶ୍ରାବଣ କୃଷ୍ଣ-ପଞ୍ଚମୀ) ଶରୀର ପୂର୍ଣ୍ଣଶାନ୍ତି ଧାମରେ ବାଧ୍ୟହୋଇ ଭଗବାନଙ୍କୁ

୧୦।୮।୭୮

ସ୍ନେହର ଅଭିରାଜ!

ଅନୁଶାନ୍ତି ଏଣୀ ଘଟି
ଅନୁଶାଦ ଶୁଣି ଏଡ଼ିଲାମି। ତୁମ୍ଭ ଶୈନକ
ବାହିରେ କୁ କ୍ଷ ମନ ବ୍ରମାଣମରେ ଶତ
ଗାବୀ ଯଣନ୍ତ ଗୁଣ ବୃନ୍ଦ ଏକା
ମଣ୍ଡ କନ୍ନର୍ଣ୍ଣ ପୁଣି ଜାତି ଗଣ ଗ୍ରନ୍ଥର
ମୁକ୍ତ ସ୍ଥିର ଏକାର ନିଜ ଗୁରୁ ମଣ୍ଡଳେ
ଭିତ୍ତି ଅନୁସ୍ବରେ ତାହାର ପ୍ରଜ୍ଞା ଅନୁଶୀର
ପ୍ରକୃତିର ଶୈନକ ଅନୁଶୀଳନ ଦ୍ୱାରା
ଅନୁଭୂତି ଲଭିବ।

ଏଣୁ ତୁମ୍ଭ ଗୀତ ଗୁରୁ
ଗାଦିକୁ ନିଜେ ଅଗ୍ରସର ହେବ।
ମୋତେ ଜଣାଇବ ତାହା ଦେଖି।
ଗୀତକୁ ଗ୍ରନ୍ଥର ସାରମୀମାଂସା
ମଧ୍ୟ ଏହି ଆଣି ନ ପାରିଲେ। ଅନ୍ୟ
ଯେ ଚାହିଁ ଆସିବେ। ଏଣେ ଯୋଗକର

ଆତ୍ମସମର୍ପଣ କରି ମୁଁ ୪୮ ଘଣ୍ଟା ସମୟ ନେଇ ଶେଷରେ 'ହଁ' କଲି । ଏହି କଲି ଭଗବାନ ଯୋଗାନ୍ତୁ ବା ବଞ୍ଚାନ୍ତୁ । *

“ମାଘ ପଞ୍ଚମୀରେ ବିବାହ ହେଲା । ଏବେ ହିନ୍ଦୁ କି ବ୍ରାହ୍ମ ବାଦ୍ ଯାଉନାହିଁ । ମୋତେ ଠିକ୍ ହିନ୍ଦୁ କନ୍ୟା ଭଳି ଫୁଲଚନ୍ଦନ୍ ଆଭୂଷଣ ସିନ୍ଦୂର ଲଗାଇ ଦେଲେ ଓ ତାଙ୍କ ସ୍ତ୍ରୀ ହିସାବରେ Dr. K. P. Brahmachari Vachaspati Shastriଙ୍କୁ କନ୍ୟାଦାନ କଲେ ।

“ଭଗବାନ୍ ! ଭଗବାନଙ୍କର ଲୀଳା ଅପୂର୍ବ । ଏହି ମୁହୂର୍ତ୍ତରେ ଏପରି ଆଶ୍ଚର୍ଯ୍ୟ ଘଟିଲି । ସମସ୍ତ ସମାଜର କାନ୍ଥି ଦପାଳ ହେଲା । ଆଉ ମୁଁ ସ୍ୱାମୀଙ୍କୁ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କ ସ୍ୱରୂପ 'ପ୍ରେମଚନ୍ଦ୍ରମଣି' ବର୍ଣ୍ଣନା କରିବି । ଶ୍ରୀକୃଷ୍ଣଙ୍କର ଷୋଡ଼ଶଶତଙ୍କ ମୁଁ ଯୋଗ୍ୟା ନୁହେଁ; ମାତ୍ର ସେ ପରମ ପ୍ରେମରେ ମୋତେ ସହଧର୍ମିଣୀରୂପେ ଗ୍ରହଣ କରିଛନ୍ତି । ଏହି କଥା ମୋର ସମସ୍ତ ଜୀବନର ସଫଳତାର ଆଧାର ହେବ ।

“ଭ୍ରାତୃବର୍ଗ ଶେଷପର୍ଯ୍ୟନ୍ତ ମୋତେ ଠକାଇଲେ, ଉତ୍ପୀଡ଼ନ କଲେ; ମାତ୍ର ବଞ୍ଚ ନୋହିଲେ । କେତେକ ଦେଶଭକ୍ତ ବୋଲି ଲେଖିଲେ । ସମସ୍ତ ସମାଜ ତାଙ୍କର ଏ ବ୍ୟବହାରର ପ୍ରତିବାଦ କଲେ । ଜାତି, ଧର୍ମ, ଦେଶ, ସମାଜ ସମସ୍ତଙ୍କର ମୁଖୋଜ୍ଜ୍ୱଳ

---

* ହଁ, କୁନ୍ତଳଙ୍କ ଶେଷପତ୍ରରେ ପାଠକମାନେ ଅଟକିଥିଲେ । ସେ କୈଳାସବାବୁଙ୍କର ପ୍ରତିଶ୍ରୁତି ବିଷୟରେ ଜାଣି ନ ଥିଲେ । ଜଣେ ବଙ୍ଗାଳୀ ଭଦ୍ରଲୋକ ପତ୍ରିକା ଖୋଲି ସେ ସମ୍ବାଦ ପରିବେଷଣ କରିଥିଲେ । ଭଦ୍ରଲୋକ ସମ୍ବାଦ ପ୍ରଥମେ ଦେଲେ ସେ କୈଳାସଙ୍କ ପାଖେ ଯେପରି ଦେବତା ରହିଛନ୍ତି, ସେ ଏ ବିବାହ କରାଇ ଦେବେନାହିଁ । ସେ ଡାକ୍ତର କବି ରବିଚନ୍ଦ୍ର ଚଟ୍ଟୋପାଧ୍ୟାୟ । ତାଙ୍କର ମଧ୍ୟ ଗୁପ୍ତଚର ରହିଛନ୍ତି । ସେ ଶେଷ ମୁହୂର୍ତ୍ତରେ ପୋଲିସ କମିସନରଙ୍କୁ ଜଣାଇବେ, ଫଳରେ ପ୍ରକାଶ୍ୟ ଘଟଣା ଘଟିଯିବ । କେତେ ଜଣ ତାଙ୍କର ପ୍ରିୟଲୋକ ତାଙ୍କୁ ଏପରି ମନ୍ତ୍ରଣା ଦେଉଛନ୍ତି । ସେଥିରେ ବେଲୁଡ଼ମଠର ଜଣେ ସାଧୁ ଅଛନ୍ତି । କୈଳାସଙ୍କ ସହିତ ବିବାହ ହିନ୍ଦୁମତରେ ହୋଇପାରିବ ବୋଲି ସେ ମନ୍ତ୍ରଣା ଦେଉଛନ୍ତି । କୁନ୍ତଳଙ୍କ ଉପରେ ନିର୍ଭର ହୋଇ କେତେକ ଶତ୍ରୁ ଏଣେ ତେଣେ ଯେପରି ତାଙ୍କର ଏ ପ୍ରତିଜ୍ଞାର ଉଦ୍ଦେଶ୍ୟ ବୁଝିପାରି, ତତ୍ପ୍ରତି ସନ୍ଦେହ କରିଥିଲେ । କୁନ୍ତଳ ଭଦ୍ରବାବୁଙ୍କୁ କହିଥିଲେ—“ସେ ଯେପରି ବିବେଚନା କରିବେ ତା’ କରିବେ ।” କିନ୍ତୁ ଏପରି ମତ ଜନ୍ମ କୈଳାସଙ୍କର ଆଦୌ ନ ଥିଲା । କୁନ୍ତଳଙ୍କ ପତ୍ରୀ ସେବକମାନଙ୍କ ନାନା ଜଳ୍ପନାକଳ୍ପନା ଲାଗିଥିଲା । କୈଳାସ ଶେଷରେ ଲେଖିଥିଲେ, ‘ତୁମେ ତ ଦେବୀ ନୁହଁ; ମାନବୀ । କେଉଁ ମାନବର ସ୍ୱଭାବ ତୁମଠି କେବେ ଦେଖାଯିବ !’ କେଉଁ କୈଳାସ ଏକପ୍ରକାର ଉଦ୍ଧତଭାବରେ ଥିବା, ସେମାନେ ଏ କାର୍ଯ୍ୟ ତ୍ରୁଟି ଗୋପନ କରିଦେଇଥିଲେ ଓ ପତ୍ରିକାମାନଙ୍କୁ ସମ୍ବାଦ ପଠାଇଦେଇଥିଲେ ।

ଜଣ ପଣ୍ଡିତ ବ୍ରହ୍ମଚାରୀଙ୍କୁ ବିବାହ କରିଛୁ । ଏଥିପାଇଁ ପ୍ରିୟ ପୁଅ, ତୁମେ ମୋତେ କ୍ଷମା ଦୋଷୀ କରିବ । କେବଳ ମୋ ଅବସ୍ଥା ଦେଖ । ୧୯୨୦ ଅକ୍ଟୋବରଠୁ ୧୯୨୮ ଜୁଲାଇ ଶେଷ ହୋଇ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଡାକ୍ତରବାବୁଙ୍କ ଯୋଗ୍ୟତାର ଧାରଣା ଥିଲା । ତାଙ୍କପାଇଁ ଦେଶ, ସମାଜ, ଜାତି, ପରିବାର, ପ୍ରାଣପ୍ରିୟ ସବୁ ଛାଡ଼ି ମୁଁ ଦୂରରେ ରହିଲି ଏଥି ଏଠି ଦେଢ଼ମାସ ଅପେକ୍ଷା କଲି । ଶେଷକୁ ବ୍ରହ୍ମଚାରୀ ୫୦ ଟଙ୍କା ଖର୍ଚ୍ଚ କରି ପଠାଇଲେ । ତଥାପି ନ ଆସିଲେ ନା ପତ୍ର ଦେଇ ମୋତେ ଏଠି ଦେଖିଲେନାହିଁ । ଖାଲି ରାଗ, ଦ୍ୱେଷ, ଗାଳି, ଘୃଣା, ଦୋଷାରୋପ । ଏମିତିରେ ସ୍ୱଭାବ ଯା ଭଗବାନ ଯାହା କରିବେ ଭାବି ମୁଁ ରହିଥିଲି—ମାତ୍ର ତାହାଙ୍କୁ ସମସ୍ତ ଦେଲି ।

"ଏପରି ଉଦାର, ଏପରି ପ୍ରେମ, ଏପରି ସାକ୍ଷାତ୍ ଦେବତା ସ୍ୱାମୀ, ଏପରି ପରମତତ୍ତ୍ୱବାନ୍, ଏପରି ପରମପ୍ରେମିକ, ଜଗଦ୍ଧର ! ମୁଁ ଜନ୍ମକରେ ବରଷର ଘାଟ, ମୁଁ ସହସ୍ର ଜନ୍ମର ତପସ୍ୟାରେ ଶ୍ରୀମତୀ ରାଧା ଶ୍ରୀକୃଷ୍ଣଙ୍କୁ ଲାଭକଲା ପରି ମୋର ସକଳ ପ୍ରାଣ, ସର୍ବସ୍ୱ, ସମସ୍ତ ଜୀବନର ଏକ ଧାର—ଜଗଦ୍ଧର ! ସେ ଦେଖିଲେ—ସବୁରୁ ପୂର୍ଣ୍ଣ ମୁକ୍ତ । ତୁମେ ମୋତେ ଅଶାନ୍ତ କରିଲ; ମାତ୍ର ପବିତ୍ର ବୈଦିକ ଅଗ୍ନିକୁଣ୍ଡ କରିଲେ, ପବିତ୍ର ବୈଦିକ ଅନୁଷ୍ଠାନରେ ଯାହାଙ୍କର ପାଣି ଗ୍ରହଣକଲି ତାଙ୍କ ନିକଟରେ ମୁଁ ଜନକର ଆଶାରେ ଏକୀଭୂତ କ୍ଷୁଦ୍ର ଆତ୍ମା ଯାଇ ହେଲେ ମଧ୍ୟ ପରମ ପବିତ୍ର । ଏପରି ବିସ୍ମୟରେ, ଏପରି ହୃଦାରଭାବରେ ହିମାଳୟ ପରି ମହାନ୍ ହୁଏ ମାନବାତ୍ମାର ଅଭିନ୍ନ ଅସ୍ତିତ୍ୱରେ ମୋ ପରି କ୍ଷୁଦ୍ରାତିକ୍ଷୁଦ୍ର ସହସ୍ର ଦୁଃଖ ଜନଙ୍କରେ ନିର୍ଯାତିତ ମାନବାତ୍ମା ବିଶ୍ରାମ ଲାଭକରି ନିର୍ବାଣ ପ୍ରାପ୍ତ ହୋଇଛି । ଜଗଦ୍ଧର ! ବେଦାନୁସାରେ ବହୁବିବାହ ପାପ । ଭଗବାନ ମୋତେ ବୈଦିକ ବ୍ରାହ୍ମଣୀ କରାଇ ବୈଦିକ ବ୍ରାହ୍ମଣ ବ୍ରହ୍ମଚାରୀଙ୍କୁ ମୋର ପତିରୂପେ ଧର୍ମାନୁସାରେ ଦାନକଲେ । ଏ କଣ ? ଏ ମହାଶ୍ଚର୍ଯ୍ୟ ଲୀଳା । ଏଥିରେ କୌଣସି ଦୁରଭିସନ୍ଧି ନାହିଁ । ବିବାହ ଅଧିବାସର ହଳଦୀ ମୋ ଦେହରେ ଲାଗିବା ପୂର୍ବଯାଏ ପର୍ଯ୍ୟନ୍ତ ଡାକ୍ତରବାବୁଙ୍କ ଲାଗି ମୁଁ ଅଜସ୍ର ଧାରରେ ସତ ଶୋକାକୁଳ ଭାବେ ତାଙ୍କୁ ଗୁରୁ ସ୍ଥାନରେ ତପନମସ୍ୟାରୂପେ ରଖି ୮ ପତ୍ର ଏଠି ଲେଖିଲି । ପରଦିନ ସକାଳରେ ମୋ ଦେହରେ ଅଧିବାସର ହଳଦୀ ଲାଗିଲା । ସେ ମୁହୂର୍ତ୍ତରୁ ବ୍ରହ୍ମଚାରୀ ମୋର ସ୍ୱାମୀ ହେଲେ ଏବଂ ବୈଦିକ ଅଗ୍ନି ନିକଟରେ ସମସ୍ତ ମନ୍ତ୍ରପାଠ ହସ୍ତଧାରଣ ପରେ, ମଙ୍ଗଳସୂତ୍ର ବନ୍ଧନ ଓ ହୃଦୟାବନାଦ ସମସ୍ତ ବିଧାନ ପରେ ସମସ୍ତ ଜଗତ୍ତ ଦେବତାଙ୍କ ଓ ପରମାତ୍ମାଙ୍କ ସାକ୍ଷାତ୍ରେ ଆମେ ଉଭୟେ ଧର୍ମପତ୍ନୀ ପତିପତ୍ନୀ । ଏପରି ପ୍ରେମ, ଏପରି ଆନନ୍ଦ, ଏପରି ଜୀବନର ପୂର୍ଣ୍ଣତା ମୁଁ ଜାଣିନଥିଲି । ଏ କେବଳ ମୋର ବହୁ ଜନ୍ମଜନ୍ମାନ୍ତରର ପୁଣ୍ୟଫଳ ।

"ଏପରି ଘଟଣା ଘଟିବ ବୋଲି କେହି ଆଗରୁ ଜାଣି ନଥିଲେ । ସୋମବାର ୭ ତାରିଖ ସନ୍ଧ୍ୟା ୧୦ଟା ପର୍ଯ୍ୟନ୍ତ ମୋର settled fact ଡାକ୍ତରବାବୁଙ୍କ ନିକଟକୁ ଫେରିବା ।

ବାଳକ (ଜ୍ଞାନ ପ୍ରସାଦ) କହୁଥିଲେ, 'ହିନ୍ଦୁ ଈଶ୍ୱର ଜୟ ।' (ପୂର୍ବ ଚିଠିରେ ବନ୍ଦନା ଥିବା ଲେଖିଥିଲେ—ଏ ଚିଠିରେ ଲେଖିବା କଥା ପୁଣି ଉଠୁଛି କାହିଁକି ?)

"ଘର ଅଶ୍ରୁଧାରାରେ ମୁଁ କହୁଛି, ଆହା ଭଗବାନଙ୍କୁ ପରୀକ୍ଷା କରିବ । ମୁଁ ସୁଁ ଜଳ । ୪୮ ଘଣ୍ଟାରେ ଜବାବ । ମହାମହୋତ୍ସବରେ । ବର୍ତ୍ତମାନ ମୁଁ ମହାସୁଖୀ; କାରଣ ମୋର ସ୍ୱାମୀ ଜଣେ ଦେବତା; ସେ କେବଳ ପୂଜାବାଡ଼ଙ୍କର ଏଣ୍ଟା ତା କୁହେଁ । ମୁଁ ଜାଣେ ଘୋର ପିଶାଚୀ ହେଲେ ମଧ୍ୟ ସେ ସକଳ କାଳିମା ନିଜ ମହତ୍ତ୍ୱରେ ପୋଛିପାରନ୍ତି—ଏପରି ମହୋଦାର ।

"ଅଧିକ ଲେଖିପାରୁନାହିଁ । ଆମର ବିବାହ ପତ୍ରର ଫଟୋ ପଠାଇବି । ମୋର ଆଶା, ନିଶ୍ଚୟ ତୁମେ ଥରେ ଦିଲ୍ଲୀ ଆସିବ । ଏଠି ନିଶ୍ଚୟ ସ୍ୱରାଜ-ଉପୋଷଣ ଉତ୍ସବହେବ ।"

"ଡାକ୍ତରବାବୁଙ୍କୁ ମୋର ସର୍ବଶ୍ରେଷ୍ଠ ଗୁରୁ ଓ ମହାନ୍ ଆଦରଣୀୟ, ଚିରଜନମସାଥୀରୂପେ ବରଣ କରିଛି । ତାଙ୍କୁ ବିବାହ କରି ଧର୍ମ, ଜାତି, ସମାଜ, ଶାସ୍ତ୍ର, ଦେଶ, କୋଟାବ୍ଦୁର ସମ୍ମୁଖ, ବଡ଼ୁଙ୍କରେ ଠିଆହୋଇ ମହାପାପ କରିଥାନ୍ତି । ଈଶ୍ୱର ସବୁଠୁ ମୋତେ ରକ୍ଷାକରି ମୋର ଉପଯୁକ୍ତ ପତି ଦାନ କରିଛନ୍ତି । ମୋର ପ୍ରେମ ଜାଣିବ । ଚିଠି ଦେବ ନିଶ୍ଚୟ ।

ତୁମର ମା' ।"

## କୈଳାସଚନ୍ଦ୍ରଙ୍କ ଅବସ୍ଥା

ଡାକ୍ତର କୈଳାସଚନ୍ଦ୍ର ଝିଅ ପାଞ୍ଚଶିଳାଙ୍କୁ ୨।୮।୨୮ରେ ଚିଠି ଲେଖିଥିଲେ—

ସ୍ନେହାସ୍ପଦ ଚନ୍ଦ୍ରଧର !

ତୁମର କର୍ଣ୍ଣ ଯଦି ବଧିର ନ ହୁଏ, ଚକ୍ଷୁ ଯଦି ଅନ୍ଧ ନ ହୁଏ, ମସ୍ତିଷ୍କ ଯଦି ବିକୃତ ନ ହୁଏ, ତାହାହେଲେ ଗୋଟିଏ ସମ୍ବାଦ ଜଣାଇବି । ତୁମର ମାତା (କୁନ୍ତଳାକୁମାରୀ) Dr. Brahmachariଙ୍କୁ ବିବାହ କରିଅଛନ୍ତି । ଶୁଭକାର୍ଯ୍ୟ ଗତ ୧ ତାରିଖ ଦିନ ସମ୍ପନ୍ନ ହୋଇଅଛି ।

ଆମ୍ଭେମାନେ ସମସ୍ତେ କୁଶଳରେ ଅଛୁ । ଅନେକ ଦିନୁ ତୁମର ସମ୍ବାଦ ପାଉନାହୁଁ । ବୋଧହୁଏ ତୁମ୍ଭ ସହିତ ଆମ୍ଭର ସମ୍ପର୍କ ତୁଟିଲା; କାରଣ ମାତୃଦେବୀ ଅନାର୍ଯ୍ୟ ହେଲେ ! ଏ ବିଷୟରେ ଆଉ କିଛି ଶୁଣିବାକୁ ସ୍ପୃହା ନ ? କେବଳ ସିଦ୍ଧାଶୀଷ ଯାହା, ତାହାହିଁ ଗ୍ରହଣ କରିବ । ତୁମେ ତ ସବୁ ଜାଣ । ସ୍ୱରାଜ ନାରୀର ଦୃଷ୍ଟାନ୍ତଟିଏ ଦେଖିଲ ତ ? ମିସ୍ ମେୟୋ ତ ଏହାହିଁ ଲେଖିଥିଲେ—ସମସ୍ତେ ସ୍ୱତନ୍ତ୍ର ନାହିଁକି ? ତୁମ୍ଭେ କୁଳୀନ ସନ୍ତାନ । ଅଧିକ କଣ ଲେଖିବି । ଈଶ୍ୱର ତୁମ୍ଭର ସର୍ବାଙ୍ଗୀନ ମଙ୍ଗଳ କରନ୍ତୁ । ମୋର ସ୍ତ୍ରୀ (ତୁମ୍ଭର ଜଣେ ମାଆ)ର ଆଶୀର୍ବାଦ ଗ୍ରହଣ କରିବ ।

[illegible]

[illegible]

[illegible]

[illegible] (… [illegible] …) Dr Brahmachari [illegible]

[illegible]

[illegible]

ପୁଣି ଲେଖିଲେ (୨୭।୮।୨୮)—

"ମୁଁ ବହୁତ ଘଟଣା ଗତ ହୋଇଥିଲେହେଁ ମୋ ମତାମତର ସାରାଂଶ ଦେଇ, ମୋର ଯେପରି ଇଚ୍ଛା, ତାଙ୍କପାଖକୁ ପତ୍ର ଦେବି ! ସବୁ ଘଟଣା ଜାଣନାହିଁ ବୋଲି ଏଠି ସବିସ୍ତାରେ ଲେଖିଲି । ତାଙ୍କ ଉତ୍ତର ପତ୍ର ଦେବ ଏ ବିଷୟରେ । ତୁମ୍ଭେ ତ ନିଶ୍ଚୟ ଲେଖିଥିବ ।"

"ଶୁଣ ଯେମାନେ ମୋ ସମ୍ବନ୍ଧ ଏପରି ଚିନ୍ତା କଲେ; କିନ୍ତୁ ପ୍ରଭୁଙ୍କ ଉପରେ ମୋର ଅଟଳ ଭରସା କମ୍ପି ଯାଇ ନାହିଁ । ଶାନ୍ତି ପ୍ରେମରେ ଦେଖ, ଯଶୀବ ସ୍ଥାନ ନାହିଁ । ଦିନ ଆସିବ, ଯେତେବେଳେ ଶ୍ରୀମନ୍ତ ଆମ ବୁଦ୍ଧିଙ୍କର ତାରତମ୍ୟ ବୁଝିପାରିବେ । ସମସ୍ତ ସ୍ୱର ଭଗବାନଙ୍କ ହାତରେ ଦେଇ ଏଠାରେ ସ୍ଥିର କଟାକ୍ ହୋଇ ବସିଅଛୁ । ମୋର ବର୍ତ୍ତମାନ ମାନସିକ ଅବସ୍ଥା ବୁଝୁଥିବ । ଶୀଘ୍ର ଉତ୍ତର ଦେବ ବୋଲି ଆଶା କରେ ।"

ପ୍ରାୟ ଅଶ୍ୱର୍ଯ୍ୟ ଯେ ବୁଲିକି ପରିବାର ମୋ ପାଇଁ ବଡ଼ ଚଞ୍ଚଳ ହୋଇଉଠିଥିଲେ; କିନ୍ତୁ ମୁଁ କରସିଂହପୁରରୁ ଆଉ ବାହାରିକୁ ଯିବାକୁ ମୋର ଜନନୀଙ୍କର ଠୁଳେ ଇଚ୍ଛା ନ ଥିଲା । ଏଣେ ଗ୍ରାମ, ଜନପଦ, ସଭା, ସମସ୍ତେ ମୋତେ ଲୋଡ଼ୁଥିଲେ । ତା ସତ୍ତ୍ୱେ ମୁଁ ଅରେ ଦଶୀ ଭୁଲି ପାସିବ ସହୁଥିଲି ।

ତାଙ୍କୁ ପୁଣି ଲେଖିଥିଲଥାନ୍ତି—

"ଦେଖ, ତୁମେ ନହେଲେ ଆମର କଟକେ । ତୁମେ ଆମର ଭାଗ୍ୟଣ ହାତ । ତୁମେ ଘରକାମ ସାଙ୍ଗ । ତୁମର ଯେତେ ଟଙ୍କା ଲେଖା, ମୋଟ୍ କଥା । ଏହା ଉତ୍ତର ଦେଲି । ତୁମ ମା' ତୁମକୁ ବିବାହ କରି ବ୍ୟସ୍ତ କରୁଛନ୍ତି । ମୁଁ କଣ ବ୍ୟସ୍ତ ନୁହେଁ ? ଏଠି ଅପୂର୍ବ ସୁନ୍ଦରୀ କନ୍ୟା ଖୋଜି ଖୋଜି ଥକନ୍ତି । ଏହା ଶୋଭାର ବିପତ୍ତି । ତୁମ୍ଭେ ତ ଜାଣନ୍ତୁ ଲୋକଙ୍କର ଗତିକୁ । ତୁମର ଯେପରି ଇଚ୍ଛା ସେପରି କର; କିନ୍ତୁ ବହୁତ ନିଶ୍ଚୟ ଆସ । ତୁମର ଯଥାର୍ଥ ମଙ୍ଗଳ ହେବ । ଏଠି ଏମେ ଭାରତ ମେଡ଼ିକାଲ୍ ସ୍କୁଲ୍ ଖୋଲିଲୁଣି । ତୁମେ ଏଠିକି ନଆସିବା ଯାଏ ସବୁ ବିଷୟ ଭଲରୂପେ ବୁଝିପାରିବ ନାହିଁ । ତୁମେ ଏପରି କଣ ଏଠି ଲେଖିଛ ? 'ଏଠିକି ଡାକ୍ତର ଏଠି ଯାଉଛ । ଭଲ ଅଛୁ । ଆପଣ ଭଲ ଥିବେ ।' ଏ କି ପ୍ରକାର ଏଠି ? ଦେଖ, ତୁମେ ମୋର ସାହିତ୍ୟ-ଜୀବନର ଜଣେ ଅତି ପ୍ରିୟ ବନ୍ଧୁ । ତୁମର ସାହଚର୍ଯ୍ୟ ମୋର ବୋଗ୍ୟ ପ୍ରୟୋଜନ । ଶୁଣ ଜନ୍ମଥର ! ପାଟଣିକା ବିବାହ ପରେ ପୁଣି ବ୍ରହ୍ମପୁର ଆଉ ଅରେ ଯାଇଥିଲେ Dr. Raoଙ୍କ ପାଖକୁ (ମିଛ, ମୁଁ ବୁଝିଛି) । ଶେଷ କଥା ଜାଣିରଖ, ମନୁଷ୍ୟ ଅରେ ଶପି ହେଲେ ନରକର ଦେବତା ହୋଇଯାଏ । କିନ୍ତୁ ନାହିଁକ, କଣ ପଡ଼ିଲୁ, ଉତ୍ତର ଦେଇଥିଲେ ହୋଇ ଯୁଟନିକା ଦେଖିଲେ, ତା ମନୁଷ୍ୟ ବୁଝିବାକୁ ପାରେ ନାହିଁ । ଅତଏବ ପଣ୍ଡାଙ୍କୁ ସବୁ ଭୁଲି ମୁଁ ଜୀବନଜନରେ, ନୂତନ କର୍ମପନ୍ଥାରେ, ସାର ବ୍ରହ୍ମପୁର ସହିତ ଆସୁଥାର

ଜାଣିବ । ମନରେ ବଡ଼ କଷ୍ଟ ହୋଇଗଲା; କିନ୍ତୁ କେବଳ କଠୋରତା ମୋ ମନକୁ ଉଦ୍ବେଗର ଚାପରେ ଭରିଦେଲା । ଏତେ ପଥର ସେ ! ଏତେ ପ୍ରଚଣ୍ଡତା, ଏତେ ଜଡ଼ତା ଡାକ୍ତରବାବୁଙ୍କଠାରେ ମୁଁ ଆଶା କରି ନଥିଲି । ତୁମେ ଦୟାକରି ଥରେ ଦିଲ୍ଲୀ ଆସ ଏବଂ ଘଟଣାର ସତ୍ୟାସତ୍ୟ ବୁଝ ।"

## ମୁଁ ଦିଲ୍ଲୀ ଗଲି ଓ ଦିଲ୍ଲୀରେ ମୋର ଅନୁଭୂତି

ଡାକ୍ତରବାବୁଙ୍କ ଏକାନ୍ତ ସାଦର ଅନୁରୋଧରେ ଦିଲ୍ଲୀ ଯିବି ଯାଇ ମାସଟିଏ ରହି ଫେରିଆସିବାକୁ ସ୍ଥିର କଲି । ମୋ ମାଆ ରାଜି ହେଲେ । ଜଣେ ଦାସ ମୋର ବହୁ ଉପକାର କରିଛନ୍ତି । ତାଙ୍କର ଏହି ଅନୁରୋଧ ମୁଁ ଉପେକ୍ଷା କରିବି କିପରି ? ମାଆ ବୁଝିଗଲେ; ଅନୁମତି ଦେଲେ ।

୧୯୨୮, ୧୦ ନଭେମ୍ବର, ଶନିବାର—କଟକ ଟାଉନହଲ ପଡ଼ିଆରେ ଦେଶମିଶ୍ରଣ ପାଇଁ ବିରାଟ ସଭା । ସଭାପତି କୁଳବୃଦ୍ଧ ମଧୁସୂଦନ ଦାସ; ମୁଖ୍ୟବକ୍ତା ବିଶ୍ୱନାଥ କର ଏବଂ ରାଜକୃଷ୍ଣ ବୋଷ । ଆଉ କେତେଜଣ ବକ୍ତା ମଧ୍ୟ ଏହି ସମସ୍ୟା ଉପରେ କହିଲେ । ବିଶ୍ୱନାଥ ବାବୁଙ୍କର ଓଜସ୍ୱିନୀ ଭାଷାରେ ମୁଁ ମୁଗ୍ଧ ହୋଇଗଲି । ୧୯ ନଭେମ୍ବର, ସୋମବାରରେ ଦିଲ୍ଲୀରେ ପହଞ୍ଚିଲି ଓ ଡିସେମ୍ବର ୨୧ରେ ଫେରି ଆସିଲି । ଫେରିବା ରାସ୍ତାରେ ପାଟଣା, ଦରଭଙ୍ଗା, ସମ୍ବର ଓ କଲିକତାର କଂଗ୍ରେସ ଅଧିବେଶନ ଦେଖିଲି ।

ଦିଲ୍ଲୀରେ ମାସଟିଏ ରହି 'ଭାରତ ତପୋବନ'କୁ ସମସ୍ତ ଉତ୍କଳବାସୀଙ୍କ ଜଣାଇଲି । ୧୬୦ଟି ଚିଠି ମୁଁ ସମସ୍ତ ଉତ୍କଳକୁ ଲେଖିଲି । ୧୦ ନଭେମ୍ବରର କଟକର ଦେଶମିଶ୍ରଣ ସଭା ମୋ ଆଖିରେ ନାଚୁଥାଏ । ଉତ୍କଳର ଦୁର୍ଦ୍ଦଶା କଥା ମଧୁବାବୁଙ୍କ ମୁହଁରୁ ଶୁଣି ମୁଁ କାନ୍ଦ କାନ୍ଦ ହେଉଥାଏ । କତ ସେହି ଗଲା କଥା । କିନ୍ତୁ କଂଗ୍ରେସ ଯେଉଁ ସମସ୍ତ ଭାରତ ବ୍ୟାପୀ ଥିବାରୁ ଏହି ଆନ୍ଦୋଳନର ଗୁରୁତ୍ୱ ତତ୍କାଳୀନ ରାଜନୈତିକ ଦଳ ବିଶେଷ ଗୁରୁତ୍ୱ ମନକୁ ନେଇ ନ ଥିଲେ । ଗାନ୍ଧି ସବୁ କରିଦେବେ, ଏପରି କେତେ ଜଣ ସେତେବେଳେ ଭାବୁଥିଲେ । ବହୁଦିନପରେ ଜଣେ ବନ୍ଧୁ ବାନ୍ଧବୀ ମୋତେ ଲେଖିଥିଲେ—"କଂଗ୍ରେସ ଉତ୍କଳ ନ୍ୟାୟ ଦେବ ବୋଲି ଅନେକଙ୍କର ଦୃଢ଼ ଧାରଣା ଥିଲା; କିନ୍ତୁ ଏଥିର ଦୁଃଖର କଥା ଯେ, କଂଗ୍ରେସ ଶାସନକର୍ତ୍ତା ଓଡ଼ିଶା ଦରିଦ୍ର ହେତୁ, ତାର ନେତୃବର୍ଗ ଅଧମ ଓ ଅତ୍ୟନ୍ତ ସ୍ୱାର୍ଥାନ୍ଧ ହେତୁ, ତାକୁ ଦେଶପରେ ପଛପାଖେ ରଖିଦେଲ ମିଳ ମଧ୍ୟ ଦେଲେ ନାହିଁ । ଏହି ମଧୁବାବୁ ଏବଂ କଂଗ୍ରେସର ଅନୁକୂଳ ସମ୍ବଳ ଇଂରେଜ ସାଇମନ କମିଶନକୁ ଗୁହାରି କରାଇ ଯେଉଁ ଓଡ଼ିଶା ଟିକକ ଅର୍ଜିଥିଲେ, କଂଗ୍ରେସବାଲାଏ ସେଇଥିରେ ଏବେ ହେଲେ ମାଲିକ । ସମ୍ବଲପୁରରେ ଥିବା ମଧ୍ୟପ୍ରଦେଶର ପାଞ୍ଚଖଣ୍ଡ ଟାପୁ ମଧ୍ୟ ତାଙ୍କ ଅମଳରେ ଓଡ଼ିଶାକୁ ମିଳିଲା ନାହିଁ । ମଧ୍ୟପ୍ରଦେଶ ଭଳି ମିଳିବାର ଆଶା ଏବେ ସେଠୁ ଖଣ୍ଡିଆ ଆଦାୟ କରୁଛନ୍ତି । ଏଥି ମଧ୍ୟ

ଶିକ୍ଷିତ କଂଗ୍ରେସୀ ଦଳଙ୍କ ଭଳି ଦେଶେ ଏବଂ ସ୍ବଦେଶ । ଏ ତ ବେଶ ବ୍ୟାପାର । କିନ୍ତୁ ସେତେବେଳଯାଏ ଓଡ଼ିଶା ପ୍ରତି ପ୍ରକୃତ ନ୍ୟାୟ ନ ମିଳନ୍ତି, ସେତେ ଦିନଯାଏ . ଭାରତର ଦୁରବସ୍ଥା ଦୂର ନାହିଁ । ଅଜି ମଧ୍ୟ ଓଡ଼ିଆଙ୍କ ବିରୁଦ୍ଧରେ ବାବୁ ରାଜେନ୍ଦ୍ର ପ୍ରସାଦ କାଳା ପକ୍ଷପାତ କରୁଅଛନ୍ତି ।”

ମୁଁ ଦିଲ୍ଲୀରେ ଦେଖି ଦେଖିଲି, ସହରର ମଇଦାନ (ଅଜମେର ରାମଲୀଳା ମଇଦାନ) ଶାମଲା ଚଉକ ନିକଟ ପ୍ରାସାଦରେ କୁନ୍ତଳାକୁମାରୀ ରହୁଛନ୍ତି । ଆର୍ଯ୍ୟସମାଜ ତାଙ୍କୁ ଏହି ବସବାସ ପ୍ରାସାଦ ଛାଡ଼ିଦେଇଛି । ସେହି ପ୍ରାସାଦର ୨୦ ବର୍ଷର ଘର ତାଙ୍କ ଦଖଲରେ ଥାଏ । ଯିତଳ ଉପରେ ଛିଡ଼ାହେଲେ ଦିଲ୍ଲୀର ସୁଦୂରବ୍ୟାପୀ ସୌନ୍ଦର୍ଯ୍ୟ ଉପଲବ୍ଧି କରନ୍ତି । ସାମନାରେ ପଡ଼େଆ ମଇଦାନ; ମନ୍ଦିରେ ମନ୍ଦିରେ ସହରର ଦୃଶ୍ୟ ଇଂରେଜ ମିଲିଟାରୀଙ୍କର; କିନ୍ତୁ କଂଗ୍ରେସର ପ୍ରକୃତ ଯୋଗ୍ୟ ଦର୍ଶକ କେହି ଯୋଗଦାନ୍ତି ନାହିଁ । ଡାକ୍ତରାଣୀ କୋଠାର ତଳମହଲରେ ‘ଭାରତ ମେଡ଼ିକାଲ୍ ହଲ୍’ ନାମରେ ଡାକ୍ତରଖାନା ଖୋଲିଥାନ୍ତି । ପ୍ରତିଦିନ ଶହ ଶହ ନାରୀ ଅସୁସ୍ଥ ଚିକିତ୍ସା ପାଇଁ । ଏପରି ଭିଡ଼ ଯେ, ସେ ଅମନୋଳ ହୋଇପଡ଼ନ୍ତି । ଦିନକୁ ଆୟ ଶହେରୁ ପାଞ୍ଚ ଶହ । ବଡ଼ ବଡ଼ ଶେଠମାନେ ସେମାନଙ୍କର ସ୍ତ୍ରୀମାନଙ୍କ ଚିକିତ୍ସା ପେଇଁ ବହୁ ଆଗ୍ରହରେ ଲକ୍ଷ ଟଙ୍କା ମିଷ୍ଟାନ୍ନ ପଠାନ୍ତି । ସବୁ ନର୍ସ ଏବଂ କମ୍ପାଉଣ୍ଡରାଣୀ. ରଖନ୍ତି; ସେ ଅପେକ୍ଷା ଭାବନ୍ତି ନାହିଁ । ଘରେ ଗ୍ରାମୋଫୋନ୍, ହାରମୋନିୟମ୍, ଫୋନ୍ ଇତ୍ୟାଦି ପ୍ରସାଧନୀୟ ବ୍ୟବସ୍ଥା ଥାଏ । ଉପରମହଲ ଉପରେ ମଧ୍ୟ ପାଣି, ପାଇଖାନାର ବ୍ୟବସ୍ଥା । ୧୦୦ ଜଣ ଅତିଥି ପହଞ୍ଚିଲେ ମଧ୍ୟ ସେଠି ଅତିଥି ରହିବାର ସୁବିଧା ଅଛି । ଅଲ୍‌ମୋଡ଼ାର ଦୁଇଟି ବ୍ରାହ୍ମଣ ବାଳକ ପାଚକ ଥାନ୍ତି । ଡାକ୍ତରାଣୀଙ୍କ ପରିବାର ଦୁଇଓଳି ରୋଟି ଖାଉଥିଲେ । ମୁଁ ଯିବାରୁ ସକାଳେ ଭାତ ଏବଂ ରାତି ଫୁଲକା ରୋଟି ହୁଏ; କିନ୍ତୁ ମାଛ, ମାଂସ, ଡାଲି, ଭଜା, ଘିଅ, ଖଟା ସବୁ ହୁଏ । ଖାଇଁ ଯିଏ ଗରମ୍ କରି ଖାଇବାକୁ ଦେଲେ ତାଙ୍କ ତରକାରିରେ ଲଙ୍କାମରିଚ ପଡ଼ିଯାଏ । ତେଲ କମ୍ ପାଣି ମିଶିଯାଏ । ମୁଁ ଶୁଦ୍ଧ ବ୍ରାହ୍ମଣ ହେବାରୁ ମୋର ଖାଇବା ପ୍ରକାଶ୍ୟ ରୋଷେଇଶାଳରେ ହୋଇପାରେ; ନଚେତ୍ ସେଠାକୁ ଡାକ୍ତରାଣୀ ବା ଚାକରଙ୍କ ପ୍ରବେଶ ନିଷେଧ ।

ଡାକ୍ତରାଣୀ ଯେଉଁଠିକି ଚିକିତ୍ସା କରିବାକୁ ଯାନ୍ତି, ମୋତେ ସାଥିରେ ନେଇଯାନ୍ତି; ଫଳରେ ମୁଁ ଦିଲ୍ଲୀର ବହୁ ପରିବାର ଦେଖିଲି । ସେମାନେ ମୁସଲମାନ ଘରେ ଅଛନ୍ତି; କିନ୍ତୁ ଆଚାର-ଅଳଙ୍କାର ଦେଖି ସେମାନେ ହିନ୍ଦୁ ଜଣାନ୍ତି । ଆଧୁନିକା ଭାବ ଦେଖାଯାନ୍ତି । ସମସ୍ତେ ଶୁଦ୍ଧ ।

ସେଠାରେ ଅତ୍ୟଧିକ ସ୍ନେହପ୍ରୀତିରେ ମୁଁ ବଶୀଭୂତ ହୋଇପଡ଼ିଲି । ଦାୟିତ୍ୱ ଏ ଦୁର୍ଗ ତ୍ୟାଗକରିବା ସହଜ ନୁହେଁ; କିନ୍ତୁ ମୋ ଅନ୍ତଃକରଣରେ ସେହି ଶ୍ୟାମ ସାବଳୀଳ ଦୁଇଟି ବାଳକଙ୍କ ସ୍ନେହ ହାସ୍ୟ ଥରେ ସେ ଡାକେ—“ଏହି ଲକ୍ଷ ଲକ୍ଷ ଆକର୍ଷଣ ମଧ୍ୟରେ ତୋର ଉତ୍କଳଜନନୀର କରୁଣା, ତାର ସନ୍ତାପ କି ତୋର ହୃଦୟରେ ପାଇଁ ଏକମାତ୍ର ଚାହେଁ; ଏ ମୋଗଲ୍ ଦରବାରରେ ତୋର କି ଦରକାର ?”

ଡାକ୍ତରାଣୀଙ୍କୁ ସରକାରୀ ଏବଂ ବିଭିନ୍ନ ସଙ୍ଗୀତ ଅନୁଷ୍ଠାନରୁ ଆମନ୍ତ୍ରଣ ଆସେ । ସେ ସେଥିରେ ଯୋଗ ଦିଅନ୍ତି ନାହିଁ । କେବଳ ଡାକ୍ତରୀ କରୁ କରୁ ତାଙ୍କ ବେଳ ଅଣ୍ଟେନାହିଁ । ଦେଖିଲି, ସେ ଆଉ ଲେଖାଲେଖି କରିପାରୁନାହାନ୍ତି । ତେବେ ଓଡ଼ିଶାର ଗୌରବ ସେ ସବୁବେଳେ ସ୍ମରଣ କରୁଥାନ୍ତି । ଓଡ଼ିଶାକୁ 'ଛତୁଖିଆ' 'ଛତଗୁଣ' ରୂପେ ହିଁ ସେଠାର ଜନତା ସେତିକି ଜାଣନ୍ତି । ସେଠାରେ ଓଡ଼ିଶା ଖବର କେବେ ପ୍ରକାଶିତ ହୁଏନାହିଁ । ଏହା ଦେଖି ଅନେକ ଜଳିପୋଡ଼ିଯାଉଥାନ୍ତି । ଡାକ୍ତରାଣୀଙ୍କ ଘରେ ସାମୟିକ ସଭା ହୁଏ । ଆନନ୍ଦଭୂଷଣ ସରସ୍ୱତୀ, ଜୈନେନ୍ଦ୍ର କୁମାର (ପରବର୍ତ୍ତୀ ବିଶିଷ୍ଟ ଔପନ୍ୟାସିକ), ଶୀତାଦେବୀ (ମହର୍ଷିଙ୍କ କନ୍ୟା), କଳ୍ପ ନାୟକ (ଦିଲ୍ଲୀ ପ୍ରବାସୀ ବାଲେଶ୍ୱରବାସୀ ଜଣେ ଓକିଲ)—ଏମାନେ ୨୦ ଜଣ ମୋତେ ମିଶାଇ ଏକାଠି ହେଉଁ । ଓଡ଼ିଶାର ବହୁ ସମସ୍ୟା ଆଲୋଚିତ ହୁଏ । ଓଡ଼ିଶାର ଇତିହାସ, ସାହିତ୍ୟ କୌଣସିଟି ବାଦ୍ ଯାଏନାହିଁ ।

କୁନ୍ତଳାକୁମାରୀ ସକାଳ ୭ଟାରୁ ୧୧ଟା, ପୁଣି ଅପରାହ୍ନେ ୩ଟାରୁ ୭ଟା ଡାକ୍ତରଖାନା ଖୋଲନ୍ତି । ସକାଳେ ଏପରି ଭିଡ଼ ଯେ ଅସମ୍ଭାଳ ହୁଏ । ସେଥିରେ ପୁଣି ଝିଅ, ବୋହୂମାନେ ଗପ ଜମାନ୍ତି । ଅତି ବଡ଼ ବଡ଼ ଘରର ଝିଅମାନେ ଆସି ଓଡ଼ିଶା ସମ୍ବନ୍ଧରେ ବହୁତ କଥା ଜାଣିବାକୁ ଚାହାନ୍ତି; ଓଡ଼ିଆ ଭାଷା ଶୁଣିବାକୁ ଇଚ୍ଛା କରନ୍ତି । ତେବେ ତେବେ ମୁଁ ରାଧାନାଥ ଗ୍ରନ୍ଥାବଳୀ ପଢ଼େ । ତାହା ଡାକ୍ତରାଣୀ ତର୍ଜମା କରିଦିଅନ୍ତି । ଏ ବୈଠକ ଦିନ ୩ରୁ ୮ ମଧ୍ୟରେ କେବେ କେବେ ହୁଏ । ଲକ୍ଷ୍ମୀଚନ୍ଦ୍ର ଜୈନ, ମୋ ସାଥୀ, ମୋଠାରୁ ଓଡ଼ିଆ ପଢ଼େ । ସେ ତାର ନାମ ଓଡ଼ିଆରେ ଲେଖିପାରେ । କେତୋଟି ଓଡ଼ିଆ ଗୀତ ମଧ୍ୟ ମୁଖସ୍ଥ କରିଥାଏ । ଗୋଦାବରୀଶ ମିଶ୍ରଙ୍କ ରଚିତ ମୋର ଅତି ପ୍ରିୟ ଗୀତ 'ଭୁଙ୍କ ଶିଙ୍ଗଡ଼ଚୂଳ'ର କେତେ ପଦ ସେ କଣ୍ଠରୁ ଗାଇପାରେ ।

ତେବେ ଡାକ୍ତରାଣୀ ଅତି ଗୋପନରେ କହିଲେ, "ଦିଅର ! ମୁଁ ବଡ଼ ଭୁଲ କରିଛି । ତୁମେ ଯେ ଏଠାକୁ ଆସିଛ, ସେତିକି ଗୁପ୍ତକଥା ମାଏ ମୋଠାରୁ ଶୁଣିଲେ ମୁଁ ହୃଦୟ ହାଲୁକା କରିବି ।" ମୁଁ ସବୁ ଶୁଣିଲି ।

ଉତ୍ତରରେ କହିଲି—"ଦେଖ, ଅତି ସତର୍କରେ ଚଳ । ଦୁନିଆଁରେ ତୁମକୁ କେହି ଅପବାଦ ନ ଦେଉ । ତୁମକୁ ଦୁନିଆ ଆଦର୍ଶ ବୋଲି କହିବେ । ଯେଉଁ ସିଦ୍ଧାନ୍ତ କଲ, ତାହା ଦେଖ ଯେପରି କେହି ଘୃଣା ନ କରୁ ।" ସେ ଅନେକ ଦୁଃଖ ପୂର୍ଣ୍ଣ କଥା କହିଲେ । ମୁଁ କହିଲି—"ପଦ୍ମକୋଷୀ 'ଶାର୍ଙ୍ଗରବ' ଦୁଷ୍ମନ୍ତଙ୍କର ଦୁର୍ବ୍ୟବହାରରେ ବ୍ୟଥିତ ହୋଇ ଶକୁନ୍ତଳାଙ୍କୁ କହିଥିଲେ—

ଅତଃ ପରୀକ୍ଷ୍ୟ କର୍ତ୍ତବ୍ୟଂ ବିଶେଷାତ୍ ସଙ୍ଗତଂ ରହଃ
ଅଜ୍ଞାତ ହୃଦୟେଷ୍ୱେବଂ ବୈରୀଭବତି ସୌହୃଦଂ ।

ପୂର୍ବ-ପଶ୍ଚାତ୍ ବିଚାରି ଜୀବନରେ କାମ କଲେ ଏହାହିଁ ହୁଏ । ଯେତେବେଳେ କାମ ନିର୍ଜନରେ କରାଯାଏ, ସବିଶେଷ ପରୀକ୍ଷା କରିବା ବିଧେୟ । ପରସ୍ପର ମନ ନଜାଣି ବନ୍ଧୁତା କଲେ ତାହା ଶେଷକୁ ଶତ୍ରୁତାରେ ପରିଣତ ହୁଏ ।

ସେ ଆନନ୍ଦରେ ଅଧୀର ହୋଇଗଲେ । ସେ ମୋତେ ପ୍ରସ୍ତାବ ଦେଲେ, "ତୁମ ମାଆ ଯେବେ ଟଙ୍କା ଖର୍ଚ୍ଚ କଲେ ଏଠାରେ ସୁଖରେ ରହିବେ, ତାର ବନ୍ଦୋବସ୍ତ କରିବାକୁ ମୁଁ ପ୍ରସ୍ତୁତ । ମୋର ବଡ଼ଭାଇ ତାଙ୍କୁ ନେଇ ତାଙ୍କୁ ଏଠାକୁ ନେଇଆସ । କ'ଣ ଅସୁବିଧା ହେବ କହ ? ତୁମେ ମୋତେ ଛାଡ଼ି ଯିବନାହିଁ । ତୁମର କଥାପଦକ ଅଙ୍ଗ ମୋର ସର୍ବପ୍ରାଣ ଭର ବିଶ୍ୱାସ କରିଦେଇଛୁ । କହ, କଣ କରିବ କହ ?"

ମୁଁ କହିଲି—"ମୋ ଜନନୀ ଜନ ଘରୁ ପାଦ ବାହାରିବା ଲୋକ ନୁହନ୍ତି । ସେ ତାହା ଅଶ୍ରୁରେ ଜୀବନ କଟାଇବେ ନାହିଁ । ଏ କଥା ତାଙ୍କୁ କହିବା ଏକ ଅପରାଧ ।" ଏପରି ଅବସ୍ଥାରେ ଯନ୍ତ୍ରଣାଦଗ୍ଧରେ ମୁଁ ହୃଦେ ଯନ୍ତ୍ରଣାରେ ଭୁଗିଲି । ସେପରି ଲଗାପାଇଲି ତାହା ଏଠାରେ କହୁନାହିଁ ।

କୌଣସି ଏକ ଘଟଣାରେ ମୁଁ ଡିସେମ୍ବର ୨୮ ତାରିଖରେ କଲିକତା ଫେରିଥିବା ସ୍ଥିରକଲି । ମୋର ବନ୍ଧୁ ଜଣେ ମୋତେ ବିଦାୟ ସମ୍ବର୍ଦ୍ଧନା ଜଣାଇବାକୁ ଷ୍ଟେସନକୁ ଆସିଥିଲେ ।

## କୈଳାସଚନ୍ଦ୍ର ରାଓଙ୍କର ଅନୁଶୋଚନା

କୈଳାସଚନ୍ଦ୍ର ରାଓଙ୍କର ଖଣ୍ଡିଏ ଚିଠି ଦରଭଙ୍ଗାରୁ ନରସିଂହପୁର ଯାଇ ତାହା ରିଡାଇରେକ୍ଟେଡ୍ ହୋଇ ଦିଲ୍ଲୀ ଆସିଥିଲା । ସେ ଡିସେମ୍ବର ୧ରେ ମୋତେ ଲେଖିଥିଲେ—

Dr. K. C. Rao,
Senior Demonstrator of Anatomy
Dorbhanga Medical School
Late Demonstrator, Medicine & Pathology
Orissa Medical School
P. O. Laheria Sarai

ଓଁ ତତ୍ସତ୍

"ସ୍ନେହର ତପସ୍ୱି,

ତୁମେ ମନରୁ ଯାଇପାର ନାହିଁ । ହଠାତ୍ ତୁମ କଥା ଶୁଣି ଚକ୍ଷୁ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା । ଶତରେ ତୁମପରି ଏକ ମହତ୍ ବାଳକ ମୁଁ କଳ୍ପନା କରିଥିଲି । ତୁମର ଜନନୀ ଧନ୍ୟ, ସେ ଏପରି ଏକ ଦେବଶିଶୁକୁ ଗର୍ଭରେ ଧାରଣ କରିଥିଲେ । ତୁମପରି କଳିଙ୍ଗ, ସ୍ୱଦେଶ, ଉପକାରୀ ଜୀବନ କି ଧରଣୀରେ ଅଛି—ଏହିକ ମୋର ଆଶ୍ୱାସନା । ତଥାପି ତୁମ କଥା ପଢ଼ିକ ମୋର ଜୀବନକାହାଣୀ ମନେପଡ଼ିଗଲା । ସେତେବେଳେ ମୁଁ ମୃତ ଶବ

ଜୀବନରେ ସିଲଭ୍ର ପାଠ ଶିଖାଇଥିଲ, ଅର୍ଥାତ୍ ମାନବର ଏକାଡେଶଦଶା, ଯାହାର ଶାସ୍ତ୍ର ପୁସ୍ତକରେ ନାହିଁ, ଯେ ବିଷୟ ଅଲୋଚନା ହୋଇଥିଲା । ସେହି ସମୟରେ କେତେ କଥା ମନେପଡ଼ୁଥିଲା ।

ଜଳଧର ! ତୁମକୁ ଯେମାନେ ଚକ୍ଷୀ ହାଣିଦେଇ ପାରନ୍ତି । ସେମାନେ ତୁମକୁ ସ୍ୱର୍ଣ୍ଣପୁରଣର ପ୍ରଲୋଭନରେ ବଶ କରିପାରିବେ, ଏହା ମୁଁ ଆଶା କରୁନାହିଁ; କିନ୍ତୁ ସିଂହମାନ ବା; ନୂଆ ଜୀବା ଦେଖିବ, ଅଧିକ ଖାଦ୍ୟ ପାଇବ, ଏପରି ଆଶା କରିପାରି; କିନ୍ତୁ ଯାହା ବଡ, ଏତିକି ଅନୁରୋଧ, ଜନର ସ୍ୱତନ୍ତ୍ରତା ଯେପରି ରହି ଆସିଛି, ତାହା କଦାପି ବନ୍ଦ ନ ହେବନାହିଁ । ବିଶେଷରେ ମାତୃଭୂମି ସମ୍ବନ୍ଧ ସର୍ବାଙ୍ଗୀଣ ଯେପରି ନ ହୁଏ । ସମ୍ମିଳନୀରେ ଶକ୍ତିମୟୀ ମା ଦେଖିଛି । ସେ କନକ ତୁମଠୁ ପୁଣି କିଛି ସ୍ୱତନ୍ତ୍ର କି ? ସ୍ୱାର୍ଥ ଦେଖାଇବାକୁ, ତୁମକୁ କିଛି ଯୋଗାଡ଼ କରି ସମସ୍ତେ ତ ଖରାପ, ତେଣୁ ତୁମେ ଧନୀ-ସ୍ୱର୍ଗରେ ଯୋଗ ଦେବ—ଅସମ୍ଭବ ! ତୁମେ ଯେ ଦେବଶିଶୁ 'ଜଡ'—ଏହା ମୁଁ କହିବାକୁ ବାଧ୍ୟ ହେଲି ! ତୁମେ ସମସ୍ତେ ମଣିଷ ହୋଇଗଲ । କଣ କରିବ ? ଏବେ ଲଣ୍ଡାବୁଝ; ଯାହା ଯେତେଦୂର ସମ୍ଭବ, ତାହାର କାର୍ଯ୍ୟ କରିଯାଉଛ । ତୁମେମାନେ ତ ସ୍ୱର୍ଣ୍ଣସ୍ରୋତରେ ଭାସି ମରିବ ଲୁଚିଲ ! ନିର୍ଲଜ୍ଜ ମହିଳା ସ୍ୱାର୍ଥ ବୋଲି ଏକରକମ କାର୍ଯ୍ୟ କରି ଧନ କାଟୁଅଛ । ଦେଶସେବାର ଅନୁଷ୍ଠାନ କେବେ କରିନାହିଁ, ସେଥିପାଇଁ ବିଶେଷ ଦୁଃଖ ପାଇବାକୁ ହୋଇନାହିଁ । ତେବେ ମୁଁ ଜାଣେ, ମୋର ମାତୃଭୂମି ଅଛି । ତାର ଜଳବାୟୁ, ଉର୍ବ୍ୟ, ବୈଷ୍ୟ, ଲେବ୍ୟ, ସେଥିରେ ମୋର ରକ୍ତମାଂସ ଗଢ଼ା । ସେ ଦେଶ ଅତି ସୁନ୍ଦର । ତାର ପାଣିର ଦବଦବା । ତାର ବଳଦାନ ଦେଖିଥିଲି । ତାର ବାଣୀ ମହୀୟସୀ । ତାର ସୌନ୍ଦର୍ଯ୍ୟ ମୋ ଚକ୍ଷୁ ସମ୍ମୁଖରେ ଅନ୍ଧକାର ନାଚଉଛି । ତା ପାଇଁ ମୋର କିଛି କର୍ତ୍ତବ୍ୟ ଅଛି । ସେଥିପାଇଁ ମୋର ଏହି କ୍ଷୁଦ୍ର ଉଦ୍ଦେଶ୍ୟର ସ୍ଥାନ ସମୟ ସମୟରେ କିଛି କରିଥାଏ । ତେବେ ସେକାଳ ଆଉ ଏକାଳ ମଧ୍ୟରେ ଅନେକ ତଫାତ । ଏବେ ମୁଁ ଏକାକୀ । ମୋର ସଙ୍ଗୀ ସାଥୀ ମତେ ଗଦନ ଦେଖି ଛାଡ଼ିଛନ୍ତି; କିନ୍ତୁ ସେହି ଦୟାମୟ ପରମେଶ୍ୱର, ଯାହାଙ୍କୁ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରାର୍ଥନା କରିଥାଏ, ସେହି କେବଳ ମୋତେ ଛାଡ଼ିବାକୁ ନାରାଜ । ଅନେକ ପାପ, ଅନେକ ଦୁଷ୍କର୍ମ କରିଥିଲେ ମଧ୍ୟ ସେ ମତେ ଛାଡ଼ିବାପାଇଁ ଏକାନ୍ତ ଅନିଚ୍ଛୁକ । ତାଙ୍କରି ସାଥିରେ ଯେଉଁ ଏ ଦୂର ବିଦେଶରେ ଆସି ପଡ଼ିଛି । (ପାଟଣାରୁ ତାଙ୍କର ଏଠାକୁ ବଦଳି ହୋଇଯାଇଥିଲା ।) ସମୟ ସମୟରେ ସ୍ଥାନ ଅସ୍ୱସ୍ତିକର ହୁଏ, ମୁଁ ସେଥିପାଇଁ କଣ କରୁଛି ? ସେଥିପାଇଁ ସ୍ଥିର କରିଛି ଜାନୁଆରୀରେ ଏ ସ୍ଥାନ ପରିତ୍ୟାଗ କରି ନାହିଁ ଜଣକ ପାଟଣା ସହର କୌଣସି-ସ୍ଥାନକୁ ବଦଳି ହେବ । ତାର ବାଟ ମଧ୍ୟ କରିସାରିଲିଣି । ମୋର ଆଉ ନବାବୋର୍ଣ୍ଣ ସ୍ଥାନରେ ରହିବାପାଇଁ ଆଦୌ ଇଚ୍ଛା ନାହିଁ । ତେବେ ଦୟାମୟଙ୍କର ଇଚ୍ଛା ।

ମୋର ଗତ ଜୀବନର ଅଳୀକ ସ୍ୱପ୍ନ ସମୟସମୟରେ ମୋର ଶାନ୍ତିମୟ ଜୀବନରେ ବାଧା ଜନ୍ମାଇଥାଏ । ତାହା ସ୍ୱାଭାବିକ; କାରଣ କୌଣସି ଜୀବନ୍ତ ଲୋକ ତାହାର ସ୍ମୃତି

ଏତେ ଶୀଘ୍ର ପାଶୋରିପାରେନା; କେବଳ ମୃତ୍ୟୁରେ ହିଁ ଏକ ମୁହୂର୍ତ୍ତରେ ତାହାର ପ୍ରିୟ ସ୍ମୃତି ଭୁଲିପାରେ ।

ତୁମେ ତ ସଂସ୍କୃତଜ୍ଞ । କେତୋଟି ସଂସ୍କୃତ ଶ୍ଳୋକ ତୁମକୁ ଉପହାର ଦେବି । ତାହାର ଅର୍ଥପୂର୍ବକ ସମସ୍ତ ବୁଝିପାରିବ ।

ଯଥା—କୃତାନ୍ୟପି ବ୍ୟଲୀକାନି ଯଃ ପ୍ରିୟଃ ପ୍ରିୟ ଏବ ସଃ
ଅଶେଷ ଦୋଷ ଦୁଷ୍ଟୋଽପି କାୟଃ କସ୍ୟ ନ ବଲ୍ଲଭଃ ।

ପ୍ରିୟ ଲୋକ ଅଶେଷ ଦୋଷ କଲେ ମଧ୍ୟ ସେ ପ୍ରିୟ । ଯାହାର ଶରୀର (କାୟା) ଯେତେ ଅପରିଷ୍କୃତ ହେଲେ ମଧ୍ୟ ତାହା ନିକଟରେ ସେ ଶରୀର କଦାପି ଅପ୍ରିୟ ହୋଇପାରେନା । 'ବ୍ୟଲୀକାନି' ଅର୍ଥ ତୁମେ ଭଲ ବୁଝିପାରିବ । ମୋର କ୍ଷୁଦ୍ର ବୁଦ୍ଧିରେ ଏଥିର ଏହାହିଁ ଅର୍ଥ କରୁଛି । (ବ୍ୟଲୀକାନି ଅର୍ଥ ଅପକାର ବା ମିଥ୍ୟାଚଦୋଷ)

ଗୋଟିଏ କ୍ଷୁଦ୍ର ଗଳ୍ପ କହୁଛି—ଗୋଟିଏ ବ୍ରାହ୍ମଣର ଗୋଟିଏ ସର୍ପ ସହିତ ଅତ୍ୟନ୍ତ ବନ୍ଧୁତା ଥିଲା, ଏପରିକି ସାପଟି ବ୍ରାହ୍ମଣର ଘରକୁ ପ୍ରତ୍ୟହ ଯାଏ ଏବଂ ବ୍ରାହ୍ମଣ ସେଥିପାଇଁ ସାପକୁ ଦୁଗ୍ଧ ଇତ୍ୟାଦି ଖାଦ୍ୟଦ୍ରବ୍ୟ ଯୋଗାଇଥାଏ । ଦିନେ କାର୍ଯ୍ୟୋପଲକ୍ଷରେ ବ୍ରାହ୍ମଣ ଅନ୍ୟତ୍ର ଗମନ କରିବାକୁ ତାର ପୁଅକୁ କହିଗଲା, ସାପର ରାତ୍ରି ନିକଟରେ ଖାଇବାକୁ ଦେବାପାଇଁ; କିନ୍ତୁ ଘରରେ ସାପ ଥିବା କଥା ଯାହା ତାହାର ବନ୍ଧୁ, ଏ ବିଷୟ କହିଯାଇ ନଥିଲା । ତାହାର ପୁଅ ରାତ୍ରି ନିକଟରେ ଖାଦ୍ୟଦ୍ରବ୍ୟ ଆଣି ଦେବାମାତ୍ରେ ସାପଟି ପୂର୍ବପରି ଆନନ୍ଦରେ ତାହାର ଖାଇବାକୁ ଲାଗିଲା । ତାର ପୁଅ ତାହା ଦେଖି ସାପକୁ ଠେଙ୍ଗାରେ ପ୍ରହାରକରି ଫଣା ଓ ଅଣ୍ଟା ଭାଙ୍ଗିଦେଲା । ସାପ ବନ୍ଧୁପୁତ୍ରର ଏପରି ବ୍ୟବହାରରେ ଇଚ୍ଛା ନ ଥିଲେ ମଧ୍ୟ ଆତ୍ମରକ୍ଷାର୍ଥେ ତାହାକୁ ଦଂଶନ କଲା । ବ୍ରାହ୍ମଣ ଘରକୁ ଫେରି ସର୍ବନାଶର ସମ୍ବାଦ ଶୁଣି ସାପକୁ ଏ ବିଷୟ ପଚାରିଲା । ତହୁଁ ସାପ ଆଦ୍ୟୋପାନ୍ତ ସବୁ କହିଲା—ମୁଁ ଅନେକ ଭୟ ଦେଖାଇଲି, ହୁଁ ହୁଁ ହେଲି ; ତଥାପି ତୋ ପୁଅ ନ ଶୁଣିବାରୁ ମୁଁ କାମୁଡ଼ିଅଛି । ଯାହାହେଉ ପରେ ସାପଟି ନିଜ ବିଷ ନିଜେ ଶୋଷଣପୂର୍ବକ ପୁଅକୁ ବଞ୍ଚାଇଦେଲା । ତତ୍ପରେ ଅବଶ୍ୟ ବ୍ରାହ୍ମଣ ସବୁ ପାଶୋରିଯାଇ ତାହା ସହିତ ପୂର୍ବପରି ବନ୍ଧୁବ୍ୟବହାର କଲା; କିନ୍ତୁ ସାପ ମନରେ ଦୁଃଖିତ ହୋଇ କହିଲା—ମତେ ବିଦାୟ ଦିଅ । ମୁଁ ଅନ୍ୟତ୍ର ଯିବି, ଏଠି ଆଉ ରହିବିନାହିଁ । ବ୍ରାହ୍ମଣ ପଚାରିଲା—କାହିଁକି ? ସେ କହିଲା—ଥରେ ପ୍ରୀତି ଭାଙ୍ଗିଲେ ଆଉ ଫେରି ଆସେନାହିଁ । ତୁମେ ସର୍ବଦା ତୁମର ପୁଅର ମୃତ୍ୟୁକଥା ମନେକରୁଥିବ, ମୁଁ ମଧ୍ୟ ମୋର ଫଣା ଅଣ୍ଟା ଭାଙ୍ଗିବା କଥା ମନେକରୁଥିବି । ଏପରି ସ୍ଥଳରେ ଆଉ ପୂର୍ବର ଅକୃତ୍ରିମ ପ୍ରେମ ସମ୍ଭବପର ନୁହେଁ । ଏହା କହି ସେ ବ୍ରାହ୍ମଣଠାରୁ ପୃଥକ୍ ରହିବାପାଇଁ ବିଦାୟ ନେଇ ଚାଲିଗଲା ।

ଏ ଗଳ୍ପଟି କାହିଁକି ଲେଖିଲି ବୋଧହୁଏ ଜାଣିବ । ମୁଁ ପୁଣି ସେମାନଙ୍କ ସହିତ ସହଯୋଗୀ ହେବି, ଏପରି ଏକ ଅନୁରୋଧ ପତ୍ର ପାଇଥିଲି । ତାଙ୍କୁ କଣ ଲେଖିବି । ତୁମେ

ଜନ୍ମସ୍ଥ ମୋର ମନୋଗତ ଭାବ ଜଣାଉଦେବ । ଅଉ ମୋର ପ୍ରବଳ ଅକୃତ୍ରିମ ସ୍ନେହ ସମ୍ଭବପର ନୁହେଁ । ସେଥିପାଇଁ ପୃଥକ୍ ଏବଂ ମୌଖିକ ଉତ୍ତରକୁ ସ୍ପୃହେ । ଆଉ ଗୋଟିଏ ଶ୍ଳୋକ ଶୁଣ—ଉତ୍ତମ ମଧ୍ୟମ ନିକୃଷ୍ଟ ଜନେଷୁ ମୈତ୍ରୀ/ଯଥାକ୍ରମ ଶିଳାସୁ ସିକତାସୁ ଜଳେଷୁରେଖା/ବୈରଂଚ୍ୟାଦଧମ୍ ମଧ୍ୟମ ଉତ୍ତମେଷୁ/(ତଦ୍‌ବତ୍ ଜଳାସୁ ସିକତାସୁ ଜଳେଷୁ ରେଖା ) ।

ଉତ୍କୃଷ୍ଟ, ମଧ୍ୟମ, ନିକୃଷ୍ଟ ଲୋକ ସହିତ ମୈତ୍ରୀ କ୍ରମ ପ୍ରସ୍ତର, ବାଲି, ପାଣିରେ ରେଖାପରି; କିନ୍ତୁ ବୈର କ୍ରମ ଠିକ୍ ଓଲଟା । ଏଥିଟା ସହଜରେ ବୁଝିପାରିବ । ଆଉ ଗୋଟିଏ ଶ୍ଳୋକ କହି ମୋର ଲେଖା ଶେଷକରିବ ।

ଗୁଣେଷ୍ୱତ୍ନ୍ୟାପରମର୍ମ ଭେଦକଃ, ଶଠ ଭବା ଯେ ତୁ ଅବଂଶଜା ଭବଃ
ଜଟୈବ ବା ଯେତୁ ବଂଶଜ ବଂଶଜା ପୁନନ୍ତି ଭୂପା ଜଳ କେ ଚନମୁଣ୍ଡା ।

ଅର୍ଥାତ୍ ଯେ ଅବଂଶଜାତ, ସେ ଗୁଣ ପ୍ରସ୍ତୁତହେଲେ ଶତପଣ ପରର ମର୍ମ ଭେଦକରିଥାଏ; କିନ୍ତୁ ସଦ୍‌ବଂଶଜାତ ସଦ ଗୁଣପ୍ରସ୍ତୁତ ହୁଏ, ସେ ଧୂପପରି ଦମଯାସ୍ତୁ ହୁଏ । ଏହା ସ୍ମରଣରେ ଲେଖି ସଂଶୋଧନ କରି ଲେଖି ଜଣାଇବି ଦେବ ।" (ଶର ଭଲ ବାଉଁଶ ନୁହେଁ; ଧୂପ ବା କାଣ୍ଡ ବାଉଁଶ ଭଲ ବାଉଁଶ । )

ଏ ଚିଠିର ମର୍ମ ମୁଁ ଭାକ୍ତରାଣୀଙ୍କୁ ଅମସ୍ତ୍ରେ ଜଣାଇଥିଲି; କିନ୍ତୁ ଦୈନନ୍ଦିନ ଦେଖା ନ କରି ଯିବାଟା ଭଲ ହେବନାହିଁ ଭାବ ଦରଉଣା ଯାଇ ଓ ସେଠାରୁ ଫେରି କଲିକତା କଂଗ୍ରେସରେ ଯୋଗଦେଇ ଘରକୁ ଫେରିଥିଲି । ମାଆଙ୍କ କଥା ରଖିଥିବାରୁ ସେ ମୋ ଉପରେ ପରମ ସନ୍ତୋଷ ହୋଇଥିଲେ ।

## 'ରଘୁ ଅରକ୍ଷିତ' ପ୍ରକାଶିତହେଲା

ଏହି ୧୯୨୮ ମସିହାରେ କୁନ୍ତଳାକୁମାରୀଙ୍କର ସୁବୃହତ୍ ଉପନ୍ୟାସ, 'ରଘୁ ଅରକ୍ଷିତ' ପ୍ରକାଶିତ ହୋଇଗଲା । ତାହାଟି ଡିମାଇ ୮ ପେଜ୍‌ରେ ୩୦୮ ପୃଷ୍ଠା । ସେ ସଂସାରମୋହିନୀଙ୍କ ଅବର୍ତ୍ତମାନରେ ଏହି ଲେଖା ଆରମ୍ଭ କରିଥିଲେ; କିନ୍ତୁ ପାରିଲେନାହିଁ । ଜୀବନ ଡାଇରିରେ ଓଡ଼ିଶା ଛାଡ଼ି ଦୂରଦେଶ ଅନ୍ୟ ପ୍ରାନ୍ତକୁ ଚାଲିଗଲେ । ଜନ୍ମଭୂମିକୁ ମଧ୍ୟ ଭୁଲିପାରିଲେ ନାହିଁ । ଲେଖିକାଜୀବନରେ ସଂସାର ଅନୁଭୂତ ଏବଂ ନିଜ ଜୀବନର ଦାୟ ଛାୟା ତାଙ୍କ ଲେଖାରେ ପଡ଼ିବା ସ୍ୱାଭାବିକ । ତାହାହିଁ ହେଲା ରଘୁଅରକ୍ଷିତରେ ।

ତାଙ୍କର 'କାଳିବୋହୂ' ଉପନ୍ୟାସଟି ପାଠକ ପଢ଼ିଛନ୍ତି । ଉପନ୍ୟାସର ଶ୍ରେଷ୍ଠ ଦୃଷ୍ଟିରୁ, ଯଦିଓ ସେ ତହିଁରେ ଉଚିତ ସଫଳତା ହୋଇନାହାନ୍ତି ବା ଜୀବନ ଡାଇରିରେ ସିଦ୍ଧହସ୍ତ ହୋଇପାରି ନାହାନ୍ତି; ତଥାପି ଜାତୀୟ ସଂସ୍କାର, ଓଡ଼ିଶାର ବିଶେଷତ୍ୱ, ଓଡ଼ିଶାର ଉଦାତ୍ତ କଳ୍ପନାରେ ଯେପରି ସେ ମାତିଉଠିଛନ୍ତି, ତାହା ପାଠକ ପକ୍ଷରେ ଅତି ଆକର୍ଷକ ଓ ଉପଯୋଗୀ

ହୋଇପାରନ୍ତି । ସେ ବାଳବିଧବାର ଦୁଃଖରେ ସହାନୁଭୂତିଶୀଳା ହୋଇ ଯେଉଁ ଚିତ୍ର ଦେଇଛନ୍ତି, ତାହା ତାଙ୍କ ପୂର୍ବରୁ କେହି ମଧ୍ୟ ଦେଇନାହାନ୍ତି । ତାର କାରଣ ହେଲା, ବାଳବିଧବାକୁ ଆମର ସମାଜ ଏକ ପୂର୍ବଜନ୍ମର ଦଣ୍ଡ ବୋଲି ସ୍ୱୀକାର କରୁନେଇଥିଲା । ଈଶ୍ୱରଚନ୍ଦ୍ର କତୃକ ବିଧବା ବିବାହ ବା ସମ୍ପ୍ରୀତ ଧର୍ମସଭାର ପଣ୍ଡିତଦ୍ୱାରା ଯେତେବେଳେ ବିଧବା ବିବାହ ପ୍ରତି ଜନସମାଜର ଦୃଷ୍ଟି ଆକର୍ଷିତ ହେଲା, ସେତେବେଳେ ବିଧବା ଜ ଯନ୍ତ୍ରଣା ହ୍ରାସ କରୁଛି, ସେ ପ୍ରତି ନଜର ଆସିଲା; ନଚେତ ବିଧବା ହେବାକୁ ଦୁଃଖପ୍ରଦ ବୋଲି ସମାଜ ମନେକରୁଥିଲେହେଁ ବୈଧବ୍ୟ ପାଳନକୁ ସମସ୍ତେ ସହଜ ଗ୍ରହଣ କରୁଥିଲେ ।

କୁନ୍ତଳାକୁମାରୀ 'କାଳିନ୍ଦୀବାବୁ' ଉପନ୍ୟାସରେ ଭୁବନେଶ୍ୱରରେ କୃଷି ବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ । ଉତ୍କଳ କଲେଜ ଓ ନାଟକାରଙ୍ଗଶାଳାର ସ୍ୱପ୍ନ ମଧ୍ୟ ଦେଖିଥିଲେ । ତାଙ୍କର ସେ ସ୍ୱପ୍ନ ସବୁ ସାର୍ଥକ ହୋଇଛି । ସମାଜରୁ ଜାତିଗତ ଭେଦାଭେଦ ଓ ଅସ୍ପୃଶ୍ୟତା ବହୁମାତ୍ରାରେ ଲୋପପାଇଛି; କିନ୍ତୁ ଗୋମାଂସ ଏବଂ ମଦ୍ୟ ବିରୁଦ୍ଧରେ ସେ ଯେ ଏତେ ଚିନ୍ତିତ ଥିଲେ ତାହା ନ ଘଟି ବଢ଼ିଚାଲିଛି । କିନ୍ତୁ ସେହି ଉପନ୍ୟାସରେ ଦେଶସେବା ଓ ସମାଜ ସଂସ୍କାର ଦେଇ ସେ ବହୁ ଚିନ୍ତା ଦେଇଛନ୍ତି । ତାଙ୍କର 'କାଳିନ୍ଦୀବାବୁ' ଆଜି ମଧ୍ୟ ସୁପାଠ୍ୟ, କାରଣ ସେ ସାମୟିକ ଉତ୍ତେଜନାରେ ସ୍ୱାର୍ଥ ନପାଇ ଦେଶସେବାକୁ ମୁଖ୍ୟ କରିଛନ୍ତି ।

କୁନ୍ତଳାକୁମାରୀଙ୍କର କବିତା ଯେପରି ସମାଜର ସ୍ତର-ସ୍ତରରେ ପ୍ରବେଶ କରି ସମାଜକୁ ଉଦ୍ବେଳିତ କରିଥିଲା, ଅବଶ୍ୟ ଉପନ୍ୟାସଗୁଡ଼ିକ ସେ ସ୍ଥିତି ଲାଭ କରିପାରିନାହିଁ । ଭ୍ରାନ୍ତି, କାଳିନ୍ଦୀବାବୁ, ପରଶମଣି, ନବରୁଣୀ ଓ ରଘୁଅରକ୍ଷିତ ଏହି ପାଞ୍ଚଟି ତାଙ୍କର ଉପନ୍ୟାସ । 'ରଘୁଅରକ୍ଷିତ' ଏକ ସତ୍ୟ ଘଟଣା ଉପରେ ପ୍ରତିଷ୍ଠିତ । ସେ ଡାକ୍ତରୀ କରିବାକୁ ବଣ୍ଡଲ ପରିବାରକୁ ଯିବାବେଳେ ଏହିପରି ଘଟଣାର ସମ୍ମୁଖୀନ ହୋଇଥିଲେ । କଟକ ଜନଶ୍ରୁତି ଅଞ୍ଚଳର ଏକ ଚୌଧୁରୀ ବ୍ରାହ୍ମଣ ଘରେ ଏହି ପ୍ଳଟ୍‌ଟି ସେ ପାଇଥିଲେ । ଚନ୍ଦ୍ରଶେଖର ଚୌଧୁରୀ, ଶରସ୍ୱତୀ, ପିତେଇଦାସ, ରଘୁନାଥ, ସୀତା ଆଦି ନାମଗୁଡ଼ିକ କାଳ୍ପନିକ ନୁହେଁ । ସୀତାକୁ ଚୌଧୁରୀ ବଢ଼ଘରେ ବିବାହ ଦେଲେ । ସେ ବିଧବା ହେଲା । ରଘୁନାଥ ଦେଶାନ୍ତରୀ ହେଲା । ଏତିକ ହେଉଛି ସତ୍ୟ ଘଟଣା । ଅବଶ୍ୟ ରଘୁନାଥ ସିଙ୍ଗାପୁରରୁ ଫେରି ଆସୁଥିଲା । ଉପନ୍ୟାସର ପ୍ରଥମାଂଶ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ସୁପାଠ୍ୟ; କିନ୍ତୁ ଦ୍ୱିତୀୟାର୍ଦ୍ଧ ବା ଶେଷାଂଶ ଅସ୍ୱାଭାବିକତାରୁ କଳଙ୍କିତ ଏବଂ ବନ୍ଧ । ଶେଷାଂଶର ଘଟଣା ଉପନ୍ୟାସର ମର୍ଯ୍ୟାଦା-ହାନି କରିଦେଲା । କେବଳ ଲେଖିକା ଏହି କ୍ଷୁଦ୍ର ପରିସର ମଧ୍ୟରେ ରହିବାକୁ ଚିନ୍ତା କରିଥିଲେ । ସେ ଅଦ୍ଭୁତ ପରିସର ଖୋଜୁଥିଲେ । ତେଣୁ ଲେଖାର ଆରମ୍ଭ ବିନ୍ଦୁରୁ ତାହାର ସମାପ୍ତି ହେଲା ଭିନ୍ନ ପ୍ରକାରେ । ଯେବେ ସ୍ୱାର୍ଥପରକୁ ବା ସ୍ୱଭାବକୁ ଦେଖିକରି ଉପନ୍ୟାସ ରଚନା ଆରମ୍ଭ କରାଯାଇଥାନ୍ତା, ତେବେ ସେଠି ଗାଁଗହଳର ଚାରୁମଣି, ଶ୍ୟାମ ବାରିକ, ହୃଷୀକେଶ, ଭୀମ, ହେବ, ପୀତେଇଦାସଙ୍କ ପାଠକ ଭେଟି ନଥାନ୍ତେ ।

## 'ସ୍ଫୁଲିଙ୍ଗ' ପ୍ରକାଶପାଇଲା

ରଘୁ ଅରକ୍ଷିତ ପରେ ଏହି ବର୍ଷରେ 'ସ୍ଫୁଲିଙ୍ଗ' ଛପା ସରିଥାଏ । ପ୍ରଚ୍ଛଦପଟ ଛବି ମଧ୍ୟ ସ୍ୱାମୀଙ୍କୁ ଦେଖି ଅଙ୍କିବାକୁ ତାଙ୍କର ହୋଇ ଆସିଲା । ସେଥିରେ କୁନ୍ତଳାକୁମାରୀଙ୍କର ପରିକଳ୍ପନା ଦିଆଗଲା—

"ଜାଗିଅଛୁ ଆଜ ତରୁଣକେଶରୀ
ଗାଳାଚଳ ପୂଣ୍ୟ ଭୂମିର
ବନ୍ଦନା ଗୀତ ଗାଉଅଛୁ ଜଳ-
ତରଙ୍ଗ ସାଗରକୂଳେ ।"

ସ୍ୱଚ୍ଛ ଅରଣ୍ୟ ଉପରେ ଦେଖିଲ ଉଦନ୍ତି । ଉତ୍କଳ-ଜନନୀ ଏହି ପଦ୍ମ ଲିଖିତ ଏକ ପ୍ରସ୍ଫୁଟପଟ ଧରି ଛୁଟାହୋଇ ତରୁଣ କେଶରୀକୁ ଦେଖୁଥାନ୍ତି । ଅରଣ୍ୟ ମଧ୍ୟରୁ ତ୍ରିରଙ୍ଗ ପତାକା ଦେଖାଯାଉଥାଏ, ଯହିଁରେ—

"ଅମୃତ ସନ୍ତାନ ମୁହିଁ ସୁଧା ଅଧିକାରୀ
ଅନନ୍ତ ଉର୍ମିରତଳେ ପାନ୍ଥ ପାପଧାରୀ ।"

ଲେଖାଥାଏ । ତାହା ଧରି କେଶରୀ ସମୁଦ୍ରକୂଳକୁ ମାଡ଼ିଆସୁଛି । ସଙ୍ଗେ କେଶ, ଦୁର୍ଦ୍ଧର୍ଷ ମୂର୍ତ୍ତି । ସମୁଦ୍ର ତରଙ୍ଗରେ ଏକ ଲିଖିତ ପତ୍ର ଭାସିଥାଉଛି । ସେଥିରେ ଲେଖାଅଛି—

"କିଏ ହସି ହସି ପ୍ରାଣ ଦେବ ଯାଇ କହ୍ନି ଡାକୁଛି କାହାକୁ
କିଏ ନାଚ ନାଚ ଗାଇବ ଗୀତଟି ଆସୁଥାଉ ସବୁ ଦେବାକୁ ।
କିଏ ବହିନେବ ଛିନ୍ନ ପତାକା, ଉଡ଼ାଇବ ସାରକେତନ
ଆସ ଦଳେ ଆସ ତରୁଣ ତପସ୍ୱୀ କୋଟି କଣ୍ଠ ଡାକେ ସଘନ ।"

ମୁଁ ଏହି ଛବିର କଳ୍ପନା କରିଥିଲି । ମୁଁ ମଧ୍ୟ ଆଙ୍କିଥିଲି । ଏମନ୍ତ କି, ସ୍ୱାମୀ ତ ଓଡ଼ିଆ ଅକ୍ଷର ଜାଣେ ନାହିଁ, ମୁଁ ଓଡ଼ିଆ ଲିପିରେ ଲେଖିଲି ।

'ରଘୁ ଅରକ୍ଷିତ'କୁ ଆମେ 'ସ୍ୱପ୍ନ ତପୋବନ' ନାମରେ ଛପାଇଥିଲୁ । ଏଥିରେ କିନ୍ତୁ 'ଅରକ୍ଷିତ ତପୋବନ ପଥ' ନାମ ଦିଆଗଲା । ପ୍ରକାଶକଙ୍କର ନାମ ରଖାଗଲା, ଡାକ୍ତର କେ. ପି. ବ୍ରହ୍ମଚାରୀ, ବାଚସ୍ପତି ଶାସ୍ତ୍ରୀ, ସମ୍ପାଦକ । ଶ୍ରୀ ବାଳକୃଷ୍ଣ କରଙ୍କ ସାରସ୍ୱତ ପ୍ରେସରେ ବହିଟି ଛପାହେଲା । ତାହା ୧୯୨୯ରେ ପ୍ରକାଶିତ ହେଲା । ଏ ଖଣ୍ଡିକୁ ମିଶାଇ ତାଙ୍କର ୧୨ଖଣ୍ଡି ପୁସ୍ତକ ପ୍ରକାଶିତ ହେଲା—୪ଖଣ୍ଡି ଉପନ୍ୟାସ ଏବଂ ୮ଖଣ୍ଡି କବିତା ପୁସ୍ତକ ।

'ସ୍ଫୁଲିଙ୍ଗ'ର କବିତାଗୁଡ଼ିକ କେବଳ ଦେଶାତ୍ମବୋଧମୂଳକ । ବହିଟି ସେ ଦେଶର ଚନ୍ଦ୍ରଶେଖରଙ୍କୁ ଉତ୍ସର୍ଗ କରିଥିଲେ ଏହି ଦୁଇ ଧାଡ଼ି କବିତାରେ—

"ଜନ୍ମ ଦେଲ ସଗରକୁଳ ଉଦ୍ଧାରକ ସେଇ
ଦେଶପ୍ରେମୀ ଜନ୍ମ ଦେବ ଭଗୀରଥ କାହିଁ ?"

ବାସ୍ତବିକ୍ କବିଙ୍କ ଶାପରେ ସଗରବଂଶ ଦଗ୍ଧ ହେବା ପରି ସ୍ୱଦେଶବାସୀମାନେ ଦରିଦ୍ରତା, ଅଜ୍ଞାନତା ଓ ଲାଞ୍ଛନା ମଧ୍ୟରେ କାଳ କଟାଉଥିଲେ । ସ୍ୱଦେଶରେ ଯେଉଁ ଜାତୀୟ ମହାପ୍ରବାହ ଆସିଥିଲା, ତାଙ୍କର ଏ କବିତାଗୁଡ଼ିକ ତନ୍ମଧ୍ୟରେ ଯେ ସ୍ଥାନ ପାଇବ, ଏପରି କେହି ଭାବ ନଥାନ୍ତୁ । ସେ ତାଙ୍କର ଶବ୍ଦମାନଙ୍କୁ ଓଡ଼ିଆ ଜାତିକୁ ଜାଗ୍ରତ କରିବାପାଇଁ ଯାହା କରିଥିଲେ, ତାହା ଅତୀବ ଶ୍ଲାଘ୍ୟ । ଉତ୍କଳକୁ ଉଦ୍ଧାର କରିବାରେ ସେ ଲେଖିଥିଲେ—

"ଶୁଦ୍ଧ ଏ ତୁଳିକା ଶୁଦ୍ଧ ଅନଳ କଣିକା
କ୍ଷୀଣ ପ୍ରାଣ ନାହିଁ ତହିଁ ଦୁର୍ଜୟ ତେଜ ଶିଖା ।
ତରୁଣ ହୃଦୟ-ସୁପ୍ତ ଜଗତ ମଙ୍ଗଳରେ
ଅର୍ପିଲି ଆନନ୍ଦ-ଶ୍ରଦ୍ଧା-ସୁଧା ସ୍ନେହଭରେ ।
ହେଉ ସେହି କ୍ଷୁଦ୍ର, ହେଉ ଅତି ତୁଚ୍ଛ ଦାନ
ଭୁଲିବ ଯଦି ସେ ମୋର ଭ୍ରାତା ଭଗ୍ନୀଗଣ,
ଜାଳିବ ଯଦି ସେ ଦେଶେ ଦେଶପ୍ରେମ-ବହ୍ନି
ସାର୍ଥକ ମଣିବି ସୁଖେ ଏ ତୁଚ୍ଛ ଲେଖନୀ ।

୨୭ । ୭ । ୨୭ ରେ ଏହି କବିତାଟି ସେ ଲେଖିଥିଲେ । ତାହା ପାଠକରି ଶତ ଶତ ତରୁଣ ତାଙ୍କୁ ୧୯୨୯ରେ ବହି ଛପା ହୋଇ ବାହାରିବା ପରେ ନିଜର କୃତଜ୍ଞତା ଜଣାଇଥିଲେ । ୧୯୩୮ରେ ଏବର ପ୍ରଖ୍ୟାତ ଲେଖକ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ହାଇସ୍କୁଲରେ ପାଠ ପଢ଼ିଲାବେଳେ, କେତେଟି ଚିଠି କୁନ୍ତଳାକୁମାରୀଙ୍କ ପାଖକୁ ଲେଖିଥିଲେ । ସେଥିରୁ ତାଙ୍କର କବିତାର ଜନପ୍ରିୟତା ସୂଚିତ ହେଉଥିଲା ।

ଏହି ବହିଟି ଛପାରେ ମୋଟେ ୭୦ ପୃଷ୍ଠା । ବନ୍ଦୀଜନନୀର ଉତ୍ସାହ, ଜାଗରଣ, ତରୁଣଙ୍କ ଆହ୍ୱାନ, ଉତ୍କଳର ଅଭିମାନ ଇତ୍ୟାଦି ଏହି ବହିର କେତୋଟି କବିତା ତାଙ୍କୁ ଅମର କରି ରଖିବ କାଳ କାଳ । ସେ ଓଡ଼ିଆଜାତିର ଗୌରବ ଓ ଦୁର୍ବଳତା ଦେଖାଇ ଯାଇଛନ୍ତି ଏବଂ ଓଡ଼ିଆଜାତି କପରି ଦଳିତ ହୋଇ ଯୁଗ ଯୁଗ ଧରି ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ ଥିଲା, ତାହା କବିତାର ସୂତ୍ରରେ ସୁସ୍ପଷ୍ଟରେ ପ୍ରମାଣ କରିଯାଇଛନ୍ତି । ତାହା ଏ ଜାତି କେବେ ଭୁଲିବ ନାହିଁ । ସେ କାତର ହୋଇ ଦୁନିଆଁ ମଧ୍ୟରେ ମରିବାକୁ ବଡ଼ ଦୁଃଖ କରିଛନ୍ତି । ସେ ଆଶାବାଦୀ ।

ହୃଦୟ ହେଉ ଧୂଳିକାହିଁ ତାର
ଶିଖରେ ଶିଖରେ ଜଳେ ପ୍ରାଣଧାର

କମ୍ପି କହୁଅଛୁ ଦୁର୍ଭିକ୍ଷ ଦୈନ୍ୟ ବ୍ୟାଧି ଖାଉଅଛୁ ସବ
ଦୈନ୍ୟ ହରଉ ମଣିପଦେଶୀଥି; ମଥା ଟେକିବାର ଭଙ୍ଗ
ନବନ୍ଧୁ ନକକ୍ଷ ଥାଉ
ଜାଗିଲେଣି ତାର ତରୁଣ ସନ୍ତାନ
ଘୁଞ୍ଚାଇବେ ମିଳି ମାତୃ ଅପମାନ
କେ କେତେ ପ୍ରେରଣା ପ୍ରାଣେ ଲଭି ଶୁଭ
ଧନ୍ୟ ହେବେ ହୃଦ ବିଶ୍ୱାସ ଧ୍ରୁବ
ଜାଗିଛନ୍ତି ନବ କର୍ମୀ
ସବିଶ୍ରାମ ବ୍ୟଥା କରାଳ ମର୍ତ୍ତ୍ୟେ ଦେଶ ନବପ୍ରାଣ ପାଉ ।”

ସେ, ଏ ଦୁର୍ଦ୍ଦଶାର ଅନ୍ତ ଯେ ହେବ, ଏ ବିଶ୍ୱାସ ମଧ୍ୟ ଜଣାଇଥିଲେ ।
“ଶିର ପଦ୍ମଜାତ କୁହେ ନ୍ୟାସ୍ତ ଧ୍ୱଂସ ହିର
ତରି ମର୍ତ୍ତ୍ୟେ ଜଲୁଲିବ କେବେ ଶତ୍ରୁ ଜନ ।
ଥାଉ ଭବ ପକ୍ଷେ ଲକ୍ଷ ନାରାୟଣୀ ସେନା
ଏକା ନାରାୟଣ ମୋର ରକ୍ଷା କରୁଥିବେ ।

ଆସନ୍ତୁ ହସ୍ତୁ ରଥୀ
ଏକା ମୋ ରଥ ସାରଥୀ
କରସ୍ଥ କର୍ଦ୍ଦ ପୃଷ୍ଟ ଧନୁ ବଂଶୀଧାରୀ
ଗୀତା ଗାଇବ ପ୍ରାଣେ ମୋର ବର୍ଷ ଶାନ୍ତିବାରି ।”

ଇଂରେଜମାନଙ୍କ ସହଯୋଗରେ, ଆମେରିକାର ଏକ ଯୁବତୀ ନାରୀ ‘ମଦର ଇଣ୍ଡିଆ’ ନାମରେ ଏକ ଗ୍ରନ୍ଥ ଲେଖି ଭାରତର ସମ୍ମାନ କ୍ଷୁଣ୍ଣ ଏକ ପ୍ରଲୁବ୍ଧ ଭାଷାରେ ଏବଂ ନାନା ପ୍ରମାଣ ଦେଖାଇ ଛପାଇଥାନ୍ତି । ତାହା ବହୁ ସଂଖ୍ୟାରେ ପ୍ରଚାରିତ ହୋଇ ଅଶେଷ ଅପଯଶ ହୋଇଥାଏ ବା କଷ୍ଟ ହୋଇଥାଏ—କାରଣ ଭାରତୀୟମାନେ ସ୍ୱାଧୀନତା ପାଇଁ ଅନୁପଯୁକ୍ତ ଏହି ପ୍ରଚାର ପାଇଁ । ସେଥିରେ ଥାଏ—ଭାରତୀୟଙ୍କର ଜାତୀୟ ଚରିତ୍ର ଅତି କଳୁଷିତ । କେଉଁ ଦେଶରେ ବା ଜାତୀୟ ଚରିତ୍ର କଳୁଷିତ ନୁହେଁ ? ସରକାରୀ ରେକର୍ଡରେ ସେସବୁ ତ ପଡ଼ିରହିଛି । ମହାତ୍ମା ଗାନ୍ଧୀ ସେହି ବହି ବିଷୟରେ ମତ ଦେଇଥାନ୍ତି—‘ଏହା ଅନ ଦେଶର ନର୍ଦ୍ଦମା ଇନ୍‌ସପେକ୍ଟରର କାମ ପରି କାମ ହେବ । ଏହା ସମସ୍ତ ଜାତିର ଚିତ୍ର ନୁହେଁ; କିନ୍ତୁ କେଉଁଠି କିଛି ଅଶୁଭ ଘଟଣା ଘଟୁଛି, ତାହା ଆମେ ଏଥିରୁ ଜାଣିଥିବା ।’ କୁନ୍ତଳାକୁମାରୀ ‘ନାରୀଶକ୍ତି’ ନାମରେ କବିତାଟିଏ ଲେଖି ସେହି ଉତ୍ତେଜନାବେଳେ ସ୍କୁଲମାନଙ୍କରେ ଦେଇଥିଲେ । ଭାରତୀୟ ନାରୀର ବିଶାଳ ମହତ୍ତ୍ୱ ଯେ କଣ୍ଠସ୍ୱରରେ ଯେପରି ବର୍ଣ୍ଣନ କରିଥିଲେ, ତାହା ଏବେ ମଧ୍ୟ ନାରୀଜାତିର ମହତ୍ତ୍ୱ ପ୍ରକାଶିତ କରୁଅଛି ।

"ବୃଥା ଉନ୍ନତିକେ ଦେବ ପ୍ରଭୁର
ଭାରତରେ ଆଜି ନାରୀ ଅତ୍ୟାଚାର
ସ୍ୱଦେଶୀ ଶକ୍ତିରେ ଗର୍ବେ ବଖାଣି
ନଗାଧାନ୍ତୁ ନାରୀ ଦୁର୍ଦ୍ଦଶା କାହାଣୀ ।
ଛିଟ ଦଶ ଟେକେ ଭିଟ ଅର୍ଦ୍ଧମୃତ
ଅପମାନେ ଅନ୍ତ ଅବଜ୍ଞାରେ ମୃତ
ଛିନ୍ନଶିର ଅଙ୍ଗ-ଦ୍ୟୁ ଗସ୍ତିମନ୍ତୀ
ଦୁର୍ଗା ଅଚଳର ପାଶେ
ବଜ୍ରଧାରୀ ବାମେ ଶକ୍ତିମନ୍ତୀ ଶଚୀ ଉଦ୍ଧ୍ରତ ଶରଦୋଷ୍ଠାଗ୍ରେ
ଦେଖୁଛି ଅବଗାର୍ଣ୍ଣୀ ଉମା ଘରେ ଘରେ
ତ୍ରିଶୂଳଧାରିଣୀ କଙ୍କାଳ ଖର୍ପରେ ।

× × × ×

ଦେଶାତ୍ମବୋଧରେ ସେତେବେଳେ ସେ ଗାଉଥିଲେ; କିନ୍ତୁ ଦେଶର ବାସ୍ତବ ମୂର୍ତ୍ତି ପାଇ ନଥିଲେ । ଦେଖୁଥିଲେ, ବୋଧହୁଏ ଜଣେ ସିନ୍ଦୂରହୀନ ଧରି ତାଙ୍କ ପାଖକୁ ଆସିଗଲା । ସେ ଚାହିଁ ପକାଉଥିଲେ । ସ୍ତ୍ରୀ ଶିକ୍ଷା କଥା ଲୋକ ଦେଶର ଅବସ୍ଥା । ଯାହାହେଉ, ଏବେ ଧିରେ ତାଙ୍କର ସ୍ୱପ୍ନ ସଫଳ ହେଲା । ଭଲ ହେଉ, ମନ୍ଦ ହେଉ, ସେ ତାଙ୍କ ସ୍ୱାମୀ ସହିତ ସ୍ୱୀକାରେ ରହି ତାଙ୍କର ମନୋବାଞ୍ଛା ସିଦ୍ଧ କଲେ ।

ବ୍ରହ୍ମଦେଶରେ ସେଠି ଥିବାବେଳେ ପତ୍ରିକାରେ ଲେଖାଲେଖି କରିବାକୁ ଅବସର ମିଳୁନାହିଁ । ଦୈନିକ ଏକ ଶହ ଟଙ୍କା ଅସ୍ଥ । ବିଶାଳ ପୃଥିବୀ ରହିଛି ଦୃଷ୍ଟିକୋଣରେ । ତଥାପି ସେ 'ଦୁହିତା' ନାମରେ ଏକ ପତ୍ର ଲେଖୁଥିଲେ । ମୁଁ ସମାଜରେ ଏହି 'ଦୁହିତା' ଆରମ୍ଭ କରିଥିଲି—ତହିଁରେ ଧରାଦେଲେ । ଦୁହିତା ଶିଷ୍ୟାମାନଙ୍କ ସେ ଓଡ଼ିଶାର ଗୌରବ ମାତ୍ର ବଖାଣୁଥିଲେ । ଓଡ଼ିଆମାନେ କେଉଁଠି କଣ କରୁଛନ୍ତି, ସିଏ ସୂଚନା ପାଇଲେ ଦେଶକୁ ସେହି ଚମତ୍କାର ଲେଖାମାନ ଲେଖୁଥିଲେ । ଏହା ପରେ ଦୁହିତା 'ସହକାର' ମାସିକରେ କେତେ ଦିନ ଧରି ଲେଖାହେଉଥିଲା ।

## ଗାର୍ହସ୍ଥ୍ୟ ଜୀବନ ଓ ପ୍ରଥମ ସନ୍ତାନ ଲାଭ

ଏହି ବର୍ଷ ଅପ୍ରେଲ ମାସରେ ତାଙ୍କର ପ୍ରଥମ ଗର୍ଭ ସମ୍ଭବ ହେଲା । ଦରିଦ୍ରଙ୍କ ସନ୍ତାନ ଜନ୍ମ ହେବା ଆନନ୍ଦରେ ସେ ଅଧୀର ଥାନ୍ତି । କେମିତି ଦିନ ଗଡ଼ିଯାଉଥାଏ । ସେ ବାରମ୍ବାର ଲେଖୁଥାନ୍ତି—"ମୋର ଦେହ ଭଲ ନାହିଁ । ଭାରି ପରିଶ୍ରମ । ଏକପ୍ରକାର କଷ୍ଟରେ ଅଛି । ତୁମେ ଆସିଲେ ମୋର ବହୁତ ଉପକାର ହୁଅନ୍ତା । ତୁମର ଦୁଃଖିନୀ ମା' ।"

ନିଶ୍ଚୟ ପାରିବାରିକ ବିବାଦ ବର୍ଦ୍ଧି ଉଠିଥିବା ସମ୍ଭବ । ଏହାହିଁ ହୋଇଥାଏ । ସେ ସେଥିରୁ ବାଦ୍ ପଡ଼ିବେ କାହିଁକି ? ମୁଁ ପରେ ଜାଣିଲି, ବ୍ରହ୍ମଋଷି ଇଚ୍ଛା କରନ୍ତି, ସେ କିଛି କିଛି ପର୍ଦ୍ଦାପ୍ରଥା ସ୍ୱୀକାର କରନ୍ତୁ । ଏତେ ବଶିଷ୍ଟ ଲୋକଙ୍କ ସହିତ ମିଳାମିଶା ନକରନ୍ତୁ । ଏହା ବା କପରି ହେବ ? ଯୋଉଁଏ ନାରୀ ଡାକ୍ତରୀ ବ୍ୟବସାୟ କରିବ, ଅଥଚ ସାଧାରଣ ଗୃହିଣୀ ପରି ସ୍ୱତନ୍ତ୍ର ରହିବ ! ତଥାପି ସେ ପୁରୁଷମାନଙ୍କ ସହିତ ମିଳାମିଶାର ପକ୍ଷପାତୀ ନଥାନ୍ତି । କେବଳ କପରି ବା କାହା କାହା ସହିତ ଆଲୋଚନାରେ ଯୋଗଦେଇ ସେ ଯେ ଜଣେ ଗୃହିଣୀ ଏହା ଭୁଲିଯାନ୍ତି । ତେବେ କଣ ବ୍ରହ୍ମଋଷି ତାଙ୍କ ଚରିତ୍ରରେ ସନ୍ଦେହ କରନ୍ତି ?

କୁନ୍ତଳାକୁମାରୀ ୯ ସେପ୍ଟେମ୍ବରରେ ଖଣ୍ଡିଏ ଚିଠି ଲେଖିଥିଲେ—

"ସ୍ନେହର ଚନ୍ଦ୍ରଧର,

ଅନେକ ଦିନ ପରେ ତୁମକୁ ଖଣ୍ଡିଏ ଚିଠି ଲେଖୁଛି । ଏହାହିଁ ମୋ' ମାଆରୁ ଆଜି ସୁଦ୍ଧା ଏହି ମୋର ପ୍ରଥମ ଲେଖା । ତୁମେ ଏବେ ମଧ୍ୟ ମୋର ସମ୍ପର୍କୀୟ । ତୁମେ ଯେଉଁଠି ଥାଅ, ମୋର ପୁଅ । ତୁମେ ମୋତେ ଭୁଲିପାର; ମୁଁ ତୁମକୁ ଭୁଲି ନପାରେ ।

ବର୍ତ୍ତମାନ ମୁଁ କ୍ରମେ କ୍ରମେ କାର୍ଯ୍ୟରୁ ଅପାରଗ ହେଲିଣି । ନଭେମ୍ବର ଶେଷ ସମୟରେ ବା ଡିସେମ୍ବର ଆରମ୍ଭରୁ ଭଗବାନଙ୍କ ଇଚ୍ଛା ହେଲେ କଟକ ଓ ବାଲାଶିର ଦେଖାମିଳିପାରେ । ତାପରେ ପ୍ରାୟ ଛଅମାସ ଏବଂ ବର୍ତ୍ତମାନ ଛଅମାସ ଏପରି ଛ'ମାସ ମୁଁ କାର୍ଯ୍ୟଶୂନ୍ୟ । ଏଥିରୁ ସବୁ ବିଷୟ ଜାଣିବ । କିନ୍ତୁ ତୁମେ ଯେ ଏତେ ଦିନେ ତୁମର ଅଭାବ ମତେ ଜଣାଇଲ, ତାହା ମୋତେ ଆଶ୍ଚର୍ଯ୍ୟ କରିଦେଉଛି । ତୁମେ ଲେଖିଛ ଧାର ଛଅଶ ପଚାଶ ଟଙ୍କା । ମୁଁ ନିଶ୍ଚୟ ଦେବି । ମନିଅର୍ଡ଼ରରେ ପଠାଇଲି । ତୁମେ ଯେ ଫେରାଇବ ଲେଖିଛ, ତାହା ମୋପ୍ରତି ଅପମାନ ନହେବ କି ? ମା ପୁଅ ଠାରୁ ମାଁ ଟଙ୍କା ଫେରାଇ ନିଏ କି ? (ମୁଁ ସେଥିପାଏ ଲୁଟ କରିବା ଶିକ୍ଷା କରିନଥିଲି; ତେଣୁ ତାଙ୍କଠୁ ନେଇ ତା ପରେ ଫେରାଇ ଦେଇଥିଲି । ସେ କିନ୍ତୁ ମନିଅର୍ଡ଼ର ଗ୍ରହଣ କରିବାକୁ ମନା କରିଦେଇ ଏକ କଡ଼ା ଚିଠି ଲେଖିଥିଲେ ।)

ବର୍ତ୍ତମାନ ମୁଁ ଏକପ୍ରକାର ବୈରାଗ୍ୟ ଭାବରେ ଅନିଶ୍ଚିତ ଭବିଷ୍ୟତ ଭାବନାରେ କାଳ କାଟୁଛି । ମୁଁ ଅସୁସ୍ଥ, ମୁଁ ଅସହାୟୀ, ମୁଁ ଦୁର୍ବଳ, କର୍ମହୀନ । ତେବେ ମୋ କର୍ମକୁ କଟକ ଓ ତଲାସ ଆସିବ ? ଭଗବାନ ଜାଣନ୍ତି । ତୁମେ ଭଗବାନଙ୍କର ପ୍ରିୟତମ । ମୋ ପାଇଁ ନିଶ୍ଚୟ ଭାବିବ ।"

ସେ ୭।୧୦।୨୯ରେ ଲେଖିଥିଲେ—

"ଗୋଟିଏ ଖୋଲାଖୋଲି ସମ୍ବାଦ ଲେଖିବି, କିଛି ମନରେ ଦୁଃଖ କରିବ ନାହିଁ । ଶ୍ରୀବତ୍ସ ପଣ୍ଡାଙ୍କୁ ତୁମେ ତ ଜାଣ । ସେ ଜଣେ ସଜ୍ଜନ ପୁରୁଷ । ସେ ମୋତେ ଅନୁରୋଧ କରିଛନ୍ତି ଅନ୍ତତଃ ଗୋଟିଏ ବର୍ଷ ତାଙ୍କ ପାଖରେ ତୁମେ ରହିବାକୁ । ରଘୁନାଥଦେବଙ୍କ ଠାରେ ତୁମେ

ରହିବ । ସେ ତୁମକୁ ମାସିକ ୫୦ ଟଙ୍କା ଦରମା ଦେବାକୁ ପ୍ରସ୍ତୁତ । ପୂର୍ଣ୍ଣ ଖାଦ୍ୟ, ନିବାସ ଏବଂ ଗସ୍ତଖର୍ଚ୍ଚ ବଳି ବାକ୍ସରେ ମିଳିବ । ତୁମେ ଅସ୍ଥାୟୀବାସୀ ହୋଇ ପତ୍ରିକା ସମ୍ପାଦନ, ଧର୍ମପ୍ରଚାରର ଯାହା ଯାହା କାର୍ଯ୍ୟ କର୍ତ୍ତବ୍ୟ ଅଛି, ତାହା କରିବ । ସମ୍ପ୍ରତି ଜଣେ ପ୍ରଚାରକଦ୍ୱାରା ତାଙ୍କ କାର୍ଯ୍ୟର ବାର୍ତ୍ତ ସୁବିଧାରେ ଚଳାଇବାକୁ ସେ ଚାହାନ୍ତି । ପତ୍ନୀ ପିଲା ତୁମର; ରହୁଲବୋଣ୍ଡା ବା ଦୂର ନୁହେଁ ତୁମକୁ । ତୁମର ଏ ସୁଯୋଗ ଗ୍ରହଣ କରିବାଦ୍ୱାରା ଦୁଇଟି ଲାଭ । ଏକ ତ ପତ୍ରିକା ସମ୍ପାଦନ କାର୍ଯ୍ୟରେ ଦକ୍ଷତା ଓ ଅନୁବାଦ ମ୍ୟାନେଜ ରଖିବା ଶିକ୍ଷା, ଯାହା କି ଭବିଷ୍ୟତ 'ସ୍ୱଦେଶୀ ତପୋବନ' ପାଇଁ ମୂଲ୍ୟବାନ୍ ଅନୁଭବରୂପେ କାର୍ଯ୍ୟ କରିବ । ତୁମର ମୋର ପୂର୍ଣ୍ଣ ଦେଖା ଓଡ଼ିଶାରେ ହେବ ତ ? ପ୍ରଭୁଙ୍କ ଦୟାରୁ ଆମର ଅତୀତର କଳ୍ପନା ଅବଶ୍ୟ ପୂର୍ଣ୍ଣହେବ । ତୁମେ ସେଠି ରହିଲେ ମୁଁ ଏଠାରୁ ଦୁଇ ବର୍ଷ ପରେ ଯାଇ ପହଞ୍ଚିବି । ଭଲ କହୁଛ ? ବୋଧହୁଏ ନୁହେଁ ? ମୁଁ ବିଶ୍ୱାସ କରେନାହିଁ, କାରଣ ତୁମେ ତୁମ ଜନନୀଙ୍କ ଗ୍ରନ୍ଥ ଦେଇଁଅଛେ ଯିବନାହିଁ । ଇତି ଦେବ ।”

କୁନ୍ତଳାକୁମାରୀଙ୍କର ପ୍ରଥମ ସନ୍ତାନ ଏହି ୧୯୨୯ର ଅକ୍ଟୋବର ମାସରେ ଜନ୍ମହେଲା । ତାର ନାମ ଦେଲେ ହିମାଳକୁମାରୀ । ଏହି ନୂତନ ପିଲାଟି ସବୁବେଳେ ତାଙ୍କ ବକ୍ଷରେ ଲାଗିଥିଲା । ସେ ଅଳ୍ପରେ ଚପାଚପ ହୋଇପଡ଼ନ୍ତି । ପିଲାଟିର ହିକେ କଣ ହେଲେ ସେ ଅଧୀର ହୋଇ ବଡ଼ ବଡ଼ ଡାକ୍ତରଖାନାକୁ ନେଇ ଯାଉଥିଲେ । ଏ ପିଲାଟି ମଧ୍ୟ ୧୦ ବର୍ଷ ବୟସରେ, ତାଙ୍କ ମୃତ୍ୟୁପରେ, କଟକ ଅନାଥାଶ୍ରମରେ ମରିଯାଇଥିଲା ।

## 'ପ୍ରେମଚିନ୍ତାମଣି' ଛାପା ଏବଂ ନାନା ବିବରଣ

'ପ୍ରେମଚିନ୍ତାମଣି' ସ୍ୱାତୀ ପ୍ରେସରେ ଛପାହେବାର ସ୍ଥିର ହେଲା । ବିଷ୍ଣୁଚରଣ ପଟ୍ଟନାୟକ ପ୍ରେସର ମ୍ୟାନେଜର ଥିଲେ । ତାଙ୍କୁ ଜଣାଇବାର ଅନୁରୋଧ ରଖି ମୁଁ କଟକ ଅଫିସ ଆପଣ ଶର୍ମାଙ୍କଦ୍ୱାରା ଏକ ଭୂମିକା ଦେଇଥିଲେ ଲେଖାଇଲି । ମୁଁ ଏଥିର ବିରୋଧ କରୁଥିଲି; ଅଥଚ ସେ କହୁଥିଲେ ଗୋଟିଏ ଭୂମିକା ତାଙ୍କଠୁ ଆଣି ପ୍ରମାଣ କରିବେ ଯେ, ସେ ରାଧାକୃଷ୍ଣଙ୍କ ପାଇଁ କେବଳ ଏ ଗୀତଗୁଡ଼ିକ ଲେଖିଛନ୍ତି । ଅର୍ଥାବାକୁ ଦିନେ ଦିନେ ଗୃହଧାନ୍ଦ ମାଗି ଡାକନ୍ତି । ନାନା ଲୋକ ତାଙ୍କ ପାଖକୁ ଆସନ୍ତି । ସେଥିରେ ସମସ୍ତ ଯାଏ । ଶେଷରେ ଦେଖିମାରେ ତାଙ୍କର । ମୁଁ ଟ୍ରଙ୍କ ଆସେ । ମୋ ଅନୁଭବ ସେ ମଧ୍ୟ ନାନା ଗଳ୍ପ କରନ୍ତି । ଅତି ନେଇବାପି ବ୍ୟକ୍ତି ଜଣେ ସେ । ମୋର ସ୍ୱପ୍ନ ଓ ଶ୍ଳୋକ ଗାଇବା ଶୁଣି ସେ ମୁଗ୍ଧ ହୁଅନ୍ତି । ମାଟେ ଲେଖିଲି, ଛପାରେ ୧୪ ପେଜ ମୁଦ୍ରଣ ଲେଖାହେବାକୁ । ମୁଁ ଲେଖେ; ସେ ଡାକନ୍ତି । ତା'ପରେ ମୁଁ ତାହା ଗତିକରି ପ୍ରେସକୁ ଦେଲି । ରସୁଲ ସାଇକେଲର ସାମିନା କାଗଜ କଲିକତାରୁ ଆଣାଇଲୁ । ବହୁ ପରେ ବହିଟି ଛପାହେଲା । କୁନ୍ତଳାକୁମାରୀ ବହିରେ ଏକ ଜଣକଥା ଯୋଡ଼ିଲେ ଓ ଉଦ୍‌ଘାଟ ଟଙ୍କାଳ ପାଇଁ ଏକ ଦୋଷ 'ବଂଶଧର' ଉପରେ ଲଦିଦେଲେ ।

'ପ୍ରେମଚିନ୍ତାମଣି' ବହିରେ ଲେଖାଥିବା ନିଜକଥା—

ଦୁଇବର୍ଷ ପୂର୍ବେ ମୋର ଜନ୍ମଭୂମି କଟକ ନଗରରେ ମୁଁ ଥିବାବେଳେ କେତେଗୁଡ଼ିଏ ସ୍ୱରଚିତ ଖଣ୍ଡକବିତା ଲେଖିଥିଲି । ସେଗୁଡ଼ିକ ଦ୍ୱାରା ଶ୍ରୀମାନ୍ ଚକ୍ରଧରଙ୍କର ଏତେ ଶ୍ରଦ୍ଧା ଆସିଥିଲା ଯେ, ସେ ସେଗୁଡ଼ିକୁ ସଜାଇ ଗୋଟିଏ ବହିର ସୂତ୍ରପାତ କରିଥିଲେ ଏବଂ ମୋତେ ବହିଟି ଶେଷ କରିବାକୁ ଅଳି କରିଥିଲେ ।

ବହିର ନାୟକ-ନାୟିକାଙ୍କୁ ରାଧାକୃଷ୍ଣ ରୂପରେ ଚିତ୍ରଣ କରିବା ପାଇଁ ମୋର ଆଦୌ ଇଚ୍ଛା ନଥିଲେହେଁ, ପୁଣି ମହାପ୍ରବର୍ତ୍ତିତ ରାଧାକୃଷ୍ଣଲୀଳା ଓ ତତ୍ତ୍ୱଦର୍ଶୀ ସୁସାଧକମାନଙ୍କ ବର୍ଣ୍ଣିତ ବିଷୟରେ ମୁଁ ଅନଭିଜ୍ଞ ଥିଲେହେଁ—ଚକ୍ରଧରଙ୍କ ସନିର୍ବନ୍ଧ ଅନୁରୋଧ ଉପେକ୍ଷା କରିନପାରି ବହିର ନାମ 'ପ୍ରେମଚିନ୍ତାମଣି' ଓ ନାଟକର ନାୟକ-ନାୟିକାଙ୍କୁ ଜଗଦ୍-ବରେଣ୍ୟ ଶ୍ରୀମତୀ ଶ୍ରୀକୃଷ୍ଣ ନାମରେ ରଖିଅଛି ।

ବହିଟିର ଅମୂଳଚୂଳ ରଚନା ମୋର ହୋଇଥିଲେହେଁ, ନାଟକୀୟ ରୂପରେ ସାଜସଜ୍ଜା ମୂଳରୁ ଶେଷ ପର୍ଯ୍ୟନ୍ତ ଚକ୍ରଧର କରିଅଛନ୍ତି । ତାଙ୍କର ଚେଷ୍ଟା ନଥିଲେ, କିମ୍ବା ମୋ ଲେଖା ପ୍ରତି ସ୍ନେହ ନଥିଲେ, ଖଣ୍ଡକବିତାଗୁଡ଼ିକ ଏପରି ସଙ୍ଗୀତ ସମନ୍ୱୟରେ ପ୍ରେମଚିନ୍ତାମଣି ନହୋଇ ଅଉ ଅନ୍ୟପ୍ରକାର କିଛି ହୋଇଥାନ୍ତା । ପ୍ରେମଚିନ୍ତାମଣିକୁ ସଜାଇବା, ହିଲୁଗାଇବା, ଭୂମିକା ଲେଖାଇବା ଓ ଛପାଇବା ଇତ୍ୟାଦି କାମରେ ମୁଁ ବିଶେଷ ସାହାଯ୍ୟ ପାଇଥିବାରୁ ଓ ମୋ ଲେଖାପ୍ରତି ଶ୍ରଦ୍ଧା, ଆଦର, ଯତ୍ନ ଥିବାରୁ, ମୁଁ ଶ୍ରୀମାନ୍ ଚକ୍ରଧର ମହାପାତ୍ରଙ୍କୁ ଏଥିପାଇଁ ଅନ୍ତରିକ ଧନ୍ୟବାଦ ଓ ଆଶୀର୍ବାଦ ଦେଉଅଛି । × × ×

କୁନ୍ତଳାକୁମାରୀ ଦେବୀ

୨।୧୨।୩୦

(କୁନ୍ତଳାକୁମାରୀଙ୍କ ପ୍ରଶଂସିତ-ଚକ୍ରଧର ମହାପାତ୍ର ଏହି ଜୀବନଚରିତର ଲେଖକ ।)

ମୋତେ ତାନ୍ତ୍ରଣୀ ଲେଖିଲେ, "ଦେଖ, ତୁମେ ଏତଦ୍ୱାରା କେବେ ଦୂଷିତ ହେବ ନାହିଁ। ମୋତେ ତୁମେବି ରକ୍ଷାକରିବ ମାତ୍ର ।" କିନ୍ତୁ ମୁଁ ବାସ୍ତବରେ ରାଧାକୃଷ୍ଣଙ୍କ ପାରମାର୍ଥିକ ସିଦ୍ଧାନ୍ତର କେବେ ପକ୍ଷପାତୀ ନଥିଲି । ଆଜି ସୁଦ୍ଧା ଭଲକରି ସମ୍ମତି ନଥିଲି ଯଣ ଦେଇଦେବାକୁ କହିଥିଲି ।

୧୯୩୦ରେ ମୁଁ ଦିଲ୍ଲୀରେ ଥିବାବେଳେ ସୁରଣ ତପୋବନ ସଂଘକୁ ପ୍ରତିଷ୍ଠିତ କରାଇବା ପାଇଁ ଶହ ଶହ ଚିଠି ଉତ୍କଳର ଶିକ୍ଷିତ ପଣ୍ଡିତ ବ୍ୟକ୍ତିମାନଙ୍କ ନିକଟକୁ ଲେଖିଥିଲି । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଚିଠିଟିଏ ଯାଇଥିଲା । ସେ ତୁରନ୍ତ ଉତ୍ତର ଦେଇ ଲେଖିଥିଲେ—

“ଏ ଉପୋଦ୍ଘାତରେ ଯେବେ ବନା ସ୍ଥଳମାନରେ ସମ୍ପୂର୍ଣ୍ଣ ହେବାର ସୌନ୍ଦର୍ଯ୍ୟ ମିଳିବ, ମୁଁ ଯୋଗଦେବି । ବର୍ତ୍ତମାନ ମୁଁ ପାଠ୍ୟପୁସ୍ତକ ଲେଖି ଲାଗିଛି ।”

ତାଙ୍କ ଉକ୍ତିରୁ ଜଣାଯାଉଥିଲା ସେ ସେ ଆର୍ଥିକ କଷ୍ଟରେ ଅଛନ୍ତି । ମୁଁ ‘ପ୍ରେମଚିନ୍ତାମଣି’ ପାଣ୍ଡୁଲିପିଟିକୁ ସେ ଯେବେ ଇଂରାଜୀରେ ଅନୁବାଦ କରିଦେବେ, ତାହାପାଇଁ ପୁରସ୍କାର ମୁଦ୍ରା ଦେବାକୁ ପ୍ରସ୍ତୁତ ଥିବା କଥା ମୁଁ ତାଙ୍କୁ ପୁଣି ଲେଖିଲି । ତାଙ୍କ ସ୍ୱୀକୃତ ଅନୁସାରେ ପାଣ୍ଡୁଲିପି ଏବଂ ଅଗ୍ରିମ ପାଞ୍ଚଶତ ଟଙ୍କା ପଠାଗଲା ।

ସେ ପାଣ୍ଡୁଲିପି ପାଇବା ପରେ ଗୋଦାବରୀଶବାବୁ ଲେଖିଲେ—“ଚନ୍ଦ୍ରଧରବାବୁ ! ଟିକଣଶି ସବୁ ଅନୁବାଦ କରିବି—ମୁଁ ଯେତିକି ଜାଣେ; କିନ୍ତୁ ଅନୁରୋଧ, ଆର୍ତ୍ତବାବୁଙ୍କ ଭୂମିକାର ଅନୁବାଦ ପାଇଁ ମୋତେ ବାଧ୍ୟ କରିବେ ନାହିଁ । ତା’ ଯେବେ ଆପଣଙ୍କର ଦାବି ଥାଏ, ଟଙ୍କା ଏବଂ ଲେଖା ଫେରାଇଦେବି ।”

ସେ ଭୂମିକା ଛଡ଼ା ବାକି ସବୁ ଅନୁବାଦ କରିଦେଲେ । ପୂର୍ବ ସ୍ୱୀକାରରୁ ବାକି ଟଙ୍କା ନେଲେ । ସେ ଅନୁବାଦ ଅତି ସୁନ୍ଦର ହୋଇଥିଲା । କଲିକତାର ଭ୍ରାତୃ ପ୍ରେସ୍‌ରେ ଛପା ହେବାର ମୁଁ ଯୋଗାଡ଼ କରିଥିଲି । ମୋ ଅଜ୍ଞାତରେ ତାହା ସମ୍ପୂର୍ଣ୍ଣ ମାଟି ହେଲା ।

ଗୋଦାବରୀଶବାବୁଙ୍କ ଉକ୍ତିରୁ ଆର୍ତ୍ତବାବୁଙ୍କ ଭୂମିକା ସେ କାହିଁକି ଗ୍ରହଣ କରିବାକୁ ରାଜି ନହେଲେ, ମୁଁ ବୁଝିପାରି ବ୍ୟଥିତ ହେଲି; ଏଥିପାଇଁ ଯେ, ମୋତେ ସେମାନେ ପ୍ରଶଂସାମାନ ଭାତୃବାଣୀ କରନ୍ତି, ତାହା ମୋର କଥା ଛଡ଼ା ଆଉ କିଛି ନୁହେଁ । ସେଇ କଥା ଅଦ୍ୟାବଧି ମଧ୍ୟ ମୁଁ ଯାଇ ଭୁଲିଛି । ‘ପ୍ରେମଚିନ୍ତାମଣି’ ପାଠକଙ୍କ ସେଇ ବ୍ୟକ୍ତିମାନଙ୍କ ସମାଲୋଚନା କଲେ, ସେ ଚନ୍ଦ୍ରଧରଙ୍କ କହିଥିଲେ—‘ଦେଖ ହେ, ଏକ ମାନସିକ ପ୍ରସ୍ତୁତିରୁ ଏ କବିଟି କେଉଁ ଅସ୍ୱୀକୃତ ପ୍ରଶସ୍ତିରେ ଲୁଚାଇ ଦେଇଛନ୍ତି ?’ ମାନସିଂହ, ସଚ୍ଚିଦାନନ୍ଦଙ୍କଠାରୁ ଆରମ୍ଭ କରି ମୁରଲୀମୋହନଙ୍କ ପାଏ ମୋର କଥା ଭୁଲିଛି; କିନ୍ତୁ ପ୍ରକୃତ ଘଟଣା କଣ ବର୍ତ୍ତମାନ ସେମାନେ ଜାଣି ପାରିବେ ।

‘ପ୍ରେମଚିନ୍ତାମଣି’ ଛପା ହେଉଥିବାବେଳେ କୁନ୍ତଳାକୁମାରୀ ୨୧।୬।୩୦ରେ ମୋତେ ଲେଖିଥିଲେ “ବାବୁ, ମତେ କିଛି ଖବର ନାହିଁ । ଦେଖ ‘ଜନକଥା’ଟି ଶୀଘ୍ର ଛପାଇବ । ତଦ୍ୱାରା ତୁମେ ମୋର ବହୁ ଉପକାର କରିବ—ମୁଁ ସ୍ୱୀକାର କରିବି । ତୁମେ ପିଲା, ତୁମକୁ କଣ ଅଧିକ ଲେଖିବି ? ତୁମେ ଯାହା ସବୁ ଲେଖିବ, ପଢ଼ିଲି । ମୋ ଲେଖାରେ ତୁମର ମନ୍ତବ୍ୟ ଅଦୌ ନଷ୍ଟ ହେବନାହିଁ । ମୋର ଏଠି ରୋଗୀଙ୍କ ମୃତ୍ୟୁମାନେ ବାମନ ଲଙ୍କା ଏପରି ଲାଗିଛି ସେ ଖାଦ୍ୟପାନୀୟର ସମସ୍ୟାରେ । ତୁମକୁ ମଧ୍ୟ ଏଠି ଲେଖିବାକୁ ସମୟ ପାଉନି । ବର୍ତ୍ତମାନ ଭାତୃସ୍ନେହ ମୋର ଜୀବନ ଖାଇଗଲାଣି । ଅର୍ଥ ଅଛି, ଶ୍ରଦ୍ଧା ଅଛି; କିନ୍ତୁ ସମୟ ଓ ସୁଖ ନାହିଁ । ଇଚ୍ଛାକଲେ ମଧ୍ୟ ଏଥିରୁ ନିସ୍ତାର ପାଇବାର ବର୍ତ୍ତମାନ କେତେକ ବର୍ଷ ପର୍ଯ୍ୟନ୍ତ ଉପାୟ ନାହିଁ । ଅତଏବ ବାଧ୍ୟ । ଆଜି ଟଙ୍କା ଭାଉଚର ଯାଇ ୨ଟାରେ ଆସି କଟକରେ

ଜୀବନ ସମାପ୍ତ କରି ଦେଇଛନ୍ତି । ଦେଶର ଅବସ୍ଥା ଭଗବାନଙ୍କୁ କେବଳ ଜଣା । ଏ ଜୀବନ ମୋର ପ୍ରାର୍ଥନୀୟ ନୁହେଁ । ଏ ଜୀବନ ମୋର ଅତ୍ୟନ୍ତ ଅବସାଦକ; ମାତ୍ର ପରିସ୍ଥିତିର ଘନ ବେଢ଼ା ଜାଲ ମୋତେ ଏପରି ଆବଦ୍ଧ କରିପକାଇଛି ଯେ ମୁଁ ଏଥିରୁ ମୁକ୍ତିର ପାଇବାକୁ ଉପାୟ ନାହିଁ । ମୋର ସ୍ୱାମୀ ଡାକ୍ତର ବ୍ରହ୍ମଚାରୀଙ୍କର ମୋ ପାଇଁ ଏ ଜୀବନର ସୃଷ୍ଟି । ସ୍ୱାମୀର ଅନୁବର୍ତ୍ତିନୀରୂପେ ମୋର ଯାତ୍ରା ପଥ ପଡ଼ିଛି, ଏ ଜୀବନ ବରଣ କରିବାକୁ ମୁଁ ବାଧ୍ୟ । ଅତଏବ ସାହିତ୍ୟସେବା ଅନ୍ତତଃ ପୂର୍ବବତ୍ କିଛି ବନ୍ଦ ରହିଛି ।

"ତୁମ୍ଭ ରଚିତ ଗୀତଗୁଡ଼ିକ ଯଥାସ୍ଥାନରେ ପଠେଇଦେବ । ମୁଁ ତ ବାର୍ଦ୍ଧକ୍ୟ ବଶତଃ ସେତେ ଭଲ ଜାଣେ ନାହିଁ । ତୁମ ଉପରେ ସବୁ ନିର୍ଭର କରେ । ବହିଟି ଛପାଇ ଦାମ ଧରନ୍ତୁ ଭଲେ ଭଲ ହେବ । ଏତେ ଦିନ ତ ଚଳିଲା; ଆଉ ମାସେ ଖଣ୍ଡେ କଷ୍ଟସ୍ତ ରହିବାକୁ ଅନୁରୋଧ । ମାଆଙ୍କୁ ଦୁହାଁଙ୍କ ଦେଖିଲେ ସେ କିଛି କହିବେ ନାହିଁ । ଇତି ।"

## ଭାରତୀ ମେଡ଼ିକାଲ ହଲ୍ ଏବଂ ଦାମ୍ପତ୍ୟ ଜୀବନ

ଆସନ୍ତୁ 'ଭାରତୀ ମେଡ଼ିକାଲ୍ ହଲ୍' ନାମରେ ବିଜ୍ଞାପନ ଏବଂ ସାଇନ୍‌ବୋର୍ଡ କରାଯାଇଥିଲା ।

Bharati Medical Hall
Chemists & Druggists
Utkal Bharati Dr. Kuntala Kumari Devi
Recipient of Govt. 16 Gold & Silver Medals
Esplanade Road; Delhi···ଇତ୍ୟାଦି

୧୯୩୯ରୁ ତାହା ହେଲା—

Kuntala & Brahmachary (India) Ltd.
Bankers, Exporters & Importers
Manufacturers Representatives and
Distributing Agents
Manufacturers of
Drugs, Medicines
and
Chemical Products.

ନାନା ଦେଶୀୟଙ୍କ, ନାନା ଆଡ଼ମ୍ବର ଓ ନାନା ଭଣ୍ଡାମିରେ ସମସ୍ତ ସହଯୋଗୀ ଭରି ଗଲା । ଏଥିରେ କୁଆଡ଼େ ହଜାର ହଜାର ଟଙ୍କା ପାଣିରେ ପଡ଼ିଲା । ବ୍ରହ୍ମଚାରୀ ଏହି

ବିଶାଳ ଅର୍ଥ ଦେଖି ତାଙ୍କୁ ବେ-କୋର୍ଟି କୋର୍ଟରେ ପରାସ୍ତ କରିବା ପାଇଁ ନାନା ଷଡ଼ଯନ୍ତ୍ର କରି ଚାଲିଲେ । ଏପରି ବର୍ମୀ ଦୋକାନଦାରଙ୍କ ଜଣେ ଠକ ସେଠ୍ ସହିତ ମିଶି କରି ଘୁଷ ମାଗିନେଲେ । ସେ ଭାଇ ଦୂତା ଡକାଦେଇ କହିଲା—ତୁମେ ଏକ ଦୁଇ ଘଣ୍ଟାରେ ଦଶହଜାର ଲାଭ କରିବ; କିନ୍ତୁ ଦଶ ହଜାର ଟଙ୍କା ଖର୍ଚ୍ଚ ହେଲା । ତାହାପାଇଁ ମୋକଦ୍ଦମା ହେଲା । ଏହି କୁନ୍ତଳା ଡ୍ରଗ୍ସ ଇଣ୍ଡିଆ ଲିମିଟେଡ଼୍‌କୁ ନୋଟିସ୍ ଆସିଲା । ତାଙ୍କ ସ୍ୱାମୀ ବାଧ୍ୟ ହୋଇ ଦଶହଜାର ଟଙ୍କା ଦେଇଦେଲେ । ଉଦାସୀ ସ୍ୱାମୀ ଜୀ, ସଦାନନ୍ଦ କହନ୍ତି—କଣ କରିବେ ? ଏପରି ନାନା ଘଟଣାର ଗତିସ୍ରୋତ ଚାଲିଥାଏ ।

ମନ୍ଦିରେ ମନ୍ଦିରେ ନଗରୀକୁ ଯାଇ ବସିଲେ ବହୁ ସଦ୍‌ଗୁଣବନ୍ତ ମନସ୍ୱୀ ବ୍ୟକ୍ତିଙ୍କ ସହିତ ତାଙ୍କର ଭେଟ ହୁଏ—ତାଙ୍କର ଘରେ । ସେ ସବୁରେ ସେ ଧୈର୍ଯ୍ୟ ଦେଖାନ୍ତି; ଅର୍ଥଦ୍ୱାରା ଦୁଃଖ ଲାଘବ କରନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ବହୁ ସମୟରେ ଆସନ୍ତି । ନାନା ହାସ ପରିହାସ ଚାଲେ । ନାଟ୍ୟକାରଙ୍କ ଅଧିକାଂଶ କଳାବିତ୍‌ ପଣ୍ଡିତଙ୍କ କଥାବାର୍ତ୍ତା କହୁଥାନ୍ତି । ତା ମଧ୍ୟ କୁନ୍ତଳାକୁମାରୀ ସମର୍ଥନ କରନ୍ତି । କଂଗ୍ରେସ ଆନ୍ଦୋଳନ ଯୋଗୁଁ କାରାଗାରର ଆର୍ଥିକ ପରିବର୍ତ୍ତିତ ଅନେକଙ୍କୁ ସାହାଯ୍ୟ ଦେବା ହୋଇଥାଏ । ଏହାଙ୍କ ବ୍ୟଗ୍ରତା ଭୁବନାନନ୍ଦ ଦାସ ମଧ୍ୟ ଅନେକ ସମୟରେ ଆସନ୍ତି । ଦାକ୍ଷିଣାତ୍ୟର ବହୁ ବଙ୍ଗାଳୀ ସାଧୁ ସନ୍ନ୍ୟାସୀ ଏବଂ ଓଡ଼ିଆର ସାନ୍ଧ୍ୟଗଣ ମଧ୍ୟ ତାଙ୍କ ଘରକୁ ଆସନ୍ତି । ଆନନ୍ଦରେ ତାଙ୍କୁ ସେବା କରନ୍ତି । ଆର୍ଯ୍ୟସମାଜର ସଭାପତି ଶ୍ରୀମଦ୍ ନାରାୟଣ ସ୍ୱାମୀ, ସମ୍ପାଦକ ଆନନ୍ଦସ୍ୱାମୀ ସରସ୍ୱତୀଙ୍କ ସହଯୋଗ ତାଙ୍କୁ ନିରନ୍ତର ସାନ୍ତ୍ୱନା ଦେଇ ଚାଲେ । ସେମାନେ ପ୍ରକୃତରେ ମହାପୁରୁଷ ଥାନ୍ତି । ତା ଛଡ଼ା ଶ୍ରଦ୍ଧାନନ୍ଦଙ୍କ ଶିଷ୍ୟ ସତ୍ୟବ୍ରତ ଏବଂ ପୂଜ୍ୟ ପଣ୍ଡିତ ଇନ୍ଦ୍ର ତାଙ୍କର ଅତି ଆପଣାର ଥାନ୍ତି । ଏମାନେ ଡ଼ାକ୍ତରଙ୍କୁ ସଦୁପଦେଶ ଦେଉଥାନ୍ତି; କିନ୍ତୁ କୋର୍ଟରେ ହେବାର ସମ୍ଭବ, ସେ ମୂର୍ଖ ଓ ଠକ ନେତୋଟି ବ୍ୟବସାୟୀଙ୍କୁ ବିଶ୍ୱାସ କରି ଶିକ୍ଷା କରୁଥିବାରୁ ନିଜକୁ ଓ କୁନ୍ତଳାଙ୍କୁ ବିପଦରେ ପକାଇ ଚାଲିଥାନ୍ତି ।

ଡିସେମ୍ବର ୨ ତାରିଖରେ କୁନ୍ତଳାକୁମାରୀ ମୋତେ ଲେଖିଥିଲେ—

"ସ୍ନେହର ତରଙ୍ଗ,

ତୁମର ଚିଠି ପାଇଲି । ତୁମେ ମୋତେ ଚେତାବନୀ ଦେଇଛ । ଆଜି ହୃଦୟର ଅନ୍ତସ୍ତଳରୁ ଏହିପରି ଦେବତାର କରୁଣ ଆଶୀର୍ବାଦ ଲୋଡ଼ୁଛି । ଏହା ବନ୍ଧୁଙ୍କର ଉପମ ଦ୍ୱାହାକାର । ଅଧିକ କଣ ଲେଖିବି, ଡ଼ାକ୍ତରଙ୍କ ତ ନାରୀ ଅସାମ୍ପ୍ରଦାୟିକ । ସେ ବ୍ୟବସାୟୀ । ସେ ସାହିତ୍ୟର ଅର୍ଥ ବୁଝି, ଲାଭ ଲୋକସାନ ବୁଝନ୍ତି ନାହିଁ । ତାଙ୍କର ଇଚ୍ଛା, ସାହିତ୍ୟ ପଢ଼ିବା ସହଜ କରି ନ ପାରିବ, ସେ ମୋତେ ସେଥିରେ ଟଙ୍କା ଲଗାଇବେ ନାହିଁ । ତେଣୁ ସାହିତ୍ୟ ଛାଡ଼ିଲି, ଯେଉଁ ସାହିତ୍ୟ ଯୋଗୁଁ ମୁଁ ମନୀଷ ହେଲି, ତାକୁ ବାଧ୍ୟ ହୋଇ ତ୍ୟାଗ କରି ବସିଛି ।

× × × ×

"ଏ ଚିଠିଟି ପଢ଼ି ନଷ୍ଟ କରିଦେବ । ଏହା ଯେପରି କେବେ ପ୍ରକାଶିତ ନହୁଏ, ତୁମକୁ ମୋ ରାଣ । ମୋର ଦୁର୍ବଳତା ବାହାରେ ପ୍ରକାଶିତ ନହେଉ । (ତେଣୁ ସେ ଅଂଶ ଅପ୍ରକାଶିତ ରହିଲା)

"ମୋ ଚିଠି ତୁମେ ପାଉନାଁ । ମୁଁ କେତେ ଚିଠି ତ ଲେଖିଛି । ମୁଁ ଯାହା ସବୁ ଲେଖିଥିଲି, ତାର ଜବାବ କାହିଁ ? ମୁଁ ଆଶ୍ଚର୍ଯ୍ୟ ହୁଏ, ତୁମେ ମୋ ଚିଠିର ଉତ୍ତର ମୋତେ ଦେଉନାହିଁ । ଏହାର କାରଣ କଣ ? ଆଉ ତନ୍ତ୍ରୀ ଅସୁବିଧା କଣ ହେଲା ?

"ବୋଧହୁଏ କୁନ୍ତୁରିଷ୍ଟ ମୋ ଚିଠିଗୁଡ଼ା ପୋଷ୍ଟ କରନ୍ତୁ ନାହିଁ । ନୋହିଲେ ତୁମଠୁ ଜବାବ ଆସେନା କାହିଁକି ? ଶ୍ରୀମତୀ ଅପର୍ଣ୍ଣା ଦେବୀଙ୍କର 'ଭଗ୍ନ ମନ' କାବ୍ୟ ଦେଖିଛନ୍ତି ?

"ମୁଁ ତୁମକୁ ଅନୁରୋଧ କରିବାକୁ ଭୁଲି ଯାଇଥିଲି । ମା' ଯେତେଦିନ ବଞ୍ଚିଛୁ ମନେରଖିଥିବ । ମା'ପାଇଁ ପୂଜା କରି କଷ୍ଟ ସହୁ ନଥାଏ ? ଭ୍ରମାତୋରଣ ମନ୍ଦିରପ୍ରସ୍ତୁତ କହିଲେ ସେ ବନ୍ଧନକ ଭଙ୍ଗିଦେବେ । ଆନୁନ ପଣ୍ଡିତଙ୍କୁ ମୁଁ ଚିଠି ଦେଉଛି ।"

× × × ×

## ଏକ ରୋମାଞ୍ଚଜନକ ଭୂମିକା

ଏତିକିବେଳେ ଏକ ରୋମାଞ୍ଚ ଲାଭ ତାଙ୍କ ଜୀବନକୁ ମୁଗ୍ଧ କରିଦେଲା । ଗୁରୁକୁଳ ବୃନ୍ଦାବନ, ୨୫ ଅକ୍ଟୋବର ୧୯୩୦ରେ ପଞ୍ଚବିଂଶତି ବାର୍ଷିକୋତ୍ସବରେ ତାଙ୍କୁ ମହିଳା ପରିଷଦର ସଭାନେତ୍ରୀରୂପେ ଆହ୍ୱାନ କରାଇଲେ ।

ସେ 'ବିଂଶ ଶତାବ୍ଦୀର ସ୍ୱରାଜ୍ୟ ନାଦ' ନାମରେ ଲେଖାଟିଏ ଲେଖି ମୋ ପାଖକୁ ପଠାଇଲେ । ମୁଁ ତାହା ଦେଖିଦେଲି । ଆବଶ୍ୟକସ୍ଥ କେତୋଟି କଥା ମଧ୍ୟ ପୁରାଇଦେଲି ଏବଂ ଉପସଂହାର ଅବସରରେ ତିରଙ୍ଗା ପତାକାକୁ ପଛରେ ରଖି ମହାତ୍ମା ଗାନ୍ଧୀଙ୍କ ଫଟୋକୁ ସଜାଇ ତା' ତଳେ ମହାତ୍ମାଙ୍କଙ୍କର ଏକ ବାଣୀ ଲେଖିଲି । ସେ ବାଣୀଟିକୁ ମୁଁ ଏଡ଼େ ଭଲ ପାଏ—'Our cause is just, our path is clear. God is with us. Therefore, there cannot be anything but victory.'

ତା ମଧ୍ୟ ତାଙ୍କ ମନକୁ ପାଇଥିଲା । ସେ ଶୋଭିତ ଅକ୍ଷରଦ୍ୱାରା ତାହା ସଜାଇ ଲେଖାଇ ଆଣି ବ୍ଲକ କରି ଛପାଇଥିଲେ । ଏହି ଶିଳ୍ପ ମନୋବୃତ୍ତିକୁ ମଧ୍ୟ ସେ ପସନ୍ଦ କରୁଥିଲେ । ଏ ଛପା ଅଭିଭାଷଣଟି ମୋପାଖରେ ଅଛି ।

ଏହି ଅଭିଭାଷଣ ପାଠ କରିବା ପରେ ତାଙ୍କର ନାମ ସୁପ୍ରସିଦ୍ଧ ହୋଇଗଲା । ସମଗ୍ର ଭାରତରେ ଏହି ଉତ୍କଳନନ୍ଦିନୀ ମହିଳାରତ୍ନଙ୍କର କବିତ୍ୱ ଜଣା ହେବାକୁ ଲାଗିଲା ।

ସେ ଏହି ଅବସରରେ ଆର୍ଯ୍ୟସମାଜର ସମ୍ପାଦକ ପଣ୍ଡିତ୍ ଚମୂପତି ଏମ୍.ଏ.ଙ୍କ ଲିଖିତ 'ସପନା' (ଗଦ୍ୟ କାବ୍ୟ), ଯାହାକି ସେ ତାଙ୍କ ସ୍ୱର୍ଗତା ପତ୍ନୀଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, ତହିଁରେ ଏକ ଭୂମିକା ଇଂରେଜୀରେ ଲେଖି ସେ ଅଞ୍ଚଳରେ ବିଶେଷ ଲୋକପ୍ରିୟ ହୋଇଗଲେ।

ଓଡ଼ିଆ ପ୍ରତି ବେଳେବେଳେ ତାଙ୍କର ମମତା ଜାଗିଉଠୁଥାଏ। ବୃନ୍ଦାବନ ଗୁରୁକୁଳରେ ଅଧ୍ୟକ୍ଷ ଅଧ୍ୟାପକ ସ୍ନାତକଙ୍କର ଶୋଭନୀୟ ଏବଂ ଲୋଭନୀୟ ଭୂମିକା ତାଙ୍କୁ ଦରିଦ୍ର ଉତ୍କଳର ସ୍ମୃତି ଭୁଲାଇଦେଲା। ବିଶେଷରେ ଅଶାନ୍ତିଦାୟକ ପ୍ରବୃତ୍ତିଙ୍କ ମନୋଭୂମିରେ ସେ ଭୁଲିପାରୁ ନଥିଲେ ଓଡ଼ିଶା କଥା। ତଥାପି ତାଙ୍କର ଅନ୍ତର ମଧ୍ୟରେ ଓଡ଼ିଶାର ନଦୀ, ନାଳ, ବିଲ, ବଣ, ପାହାଡ଼, ଦେଉଳ, ଅଟ୍ଟାଳି ନାଚୁଥିଲା। ସେ ବେଳେବେଳେ ଚିଠି ଲେଖୁଥିଲେ—'ମୁଁ ଓଡ଼ିଆ ହୋଇ ଉତ୍କଳର ସେହି ମୋର ଶାନ୍ତିମୂର୍ତ୍ତି ଦରିଦ୍ର ସମାକୁଳିତ ଦେଶକୁ, କଣ ଭୁଲିବି? ଏଇ ବନ୍ଧନରେ ପଡ଼ିଯାଇଛି। ସବୁ ସ୍ନେହର ଜନଙ୍କଗୁଡ଼ିକୁ ଭୁଲିଯାଉଛି।'

ତାଙ୍କର ଇଚ୍ଛା ଥିଲା ଯେପରି ସେ ଜନପ୍ରିୟ ହୋଇଛି, ଅନ୍ୟୂନ ଏକ ଲକ୍ଷ ଟଙ୍କା ଧରି ସେ ଓଡ଼ିଶାକୁ ଫେରିଆସିବେ ଏବଂ ତାଙ୍କ ସ୍ୱଦେଶ ତପୋବନକୁ ଜୀବନ୍ୟାସ ଦେଇ ଦେଶର ହିତ କରିବେ, ସଂବାଦପତ୍ରକ ପ୍ରକାଶ କରିବେ। 'ଭାରତୀ ସାହିତ୍ୟମନ୍ଦିର' ପରି ବହୁ ଛପାଇ ଶସ୍ତାରେ ବାଣ୍ଟିବେ। କେତେ କେତେ ପାଣ୍ଡୁଲିପି ସେମାନଙ୍କରେ ପଡ଼ିରହିଛି। ଶତ ଶତ ଦୁର୍ମୂଲ୍ୟ ପୋଥି ରହିଛି; ସେସବୁ ପ୍ରକାଶିତ କରିବେ; ଉତ୍କଳ ସ୍ୱାଧୀନ ଏବଂ ଉତ୍କଳ ସଂଗଠନପାଇଁ ଯେଉଁ ଆନ୍ଦୋଳନ ଚାଲିଛି, ତାର ସହଯୋଗୀ ହେବେ। ମାତ୍ର ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଲା। ଏହି ବୃନ୍ଦାବନ ତାଙ୍କୁ ଧମକାଇ ଚମକାଇ ଯେପରି କହୁଥିଲେ ଯେ—ଅରେ ମୁଁ ଜଗଦୀଶ୍ୱର ଦ୍ୱାରରେ ପଡ଼ିଲୁ ବୋଲି କଣ ନିଶ୍ଚିନ୍ତରେ ପଢ଼ିବ! ଦେଖ, ଏଇ ତ ଭୂମିକୁ କୋଟିପତି କରିଦେବି ଅକସ୍ମାତ୍। ବାହାପିଆ କଥା ଅତି ମଧୁର। ପୁଣି ସେ ତ ତାଙ୍କର ସ୍ୱାମୀ, ଯାହା କରିବେ କରିଯାଆନ୍ତୁ। ତେଣୁ 'ପ୍ରେମଚିନ୍ତାମଣି' ପ୍ରକାଶିତ ହେବା ପରେ ଓଡ଼ିଆ ସାହିତ୍ୟରେ ଢେଉ ବଡ଼ା ହେଲା। ହାଁ ହାଁ ଲେଖାଲେଖି ଦୁଇ ଚାରୋଟି ଚିଠି ପାଇଲେ।

କିନ୍ତୁ ମୁଁ ଏକାବେଳେ ଦୂରେଇଦେଇ ଯିବାରୁ ସେ ପରିବାର ପ୍ରତି ଦୁଃଖିତ ହେଲେ। ମୁଁ ମଧ୍ୟ ନାନା ଝଞ୍ଜାଳରେ ଥାଇ ଚିଠିପତ୍ର ଦେଇନାହିଁ। ଅବଶ୍ୟ ବୃନ୍ଦାବନ ଚିଠି ଲେଖନ୍ତି କେବେ କପରି।

## କରାଚି କଂଗ୍ରେସ ବାଟରେ ମୁଁ ପୁଣି ଦିଲ୍ଲୀ ଆସିଲି

୧୯୩୧ରେ କରାଚିରେ କଂଗ୍ରେସ ଅଧିବେଶନ ବସିଲା। ମୁଁ ନିଜ ଖର୍ଚ୍ଚରେ କରାଚି ଯିବାକୁ ବସିଲି। ମୁଁ ମଧ୍ୟ କଂଗ୍ରେସ ସମର୍ଥକ ଥିଲି। ଭାଗ୍ୟବତୀଙ୍କର ବାରମ୍ବାର ଅନୁରୋଧ ଓ ଟେଲିଗ୍ରାମ୍ ଯୋଗୁଁ ମୁଁ କାହିଁକି ଏଠାରୁ ଅକସ୍ମାତ୍ ଦିଲ୍ଲୀ ଚାଲିଗଲି। ସାଥୀ ସାଙ୍ଗଙ୍କୁ ଛାଡ଼ିଲି ମୁଁ ଦିଲ୍ଲୀରୁ ଭୁମ ଗର୍ଭ ଟ୍ରେନ୍‌ରେ ଚଢ଼ିଲି।

ମୁଁ ଦିଲ୍ଲୀରେ ପହଞ୍ଚି ଦେଖିଲି ତାଙ୍କ ଘର ଶୂନ୍ୟସ୍ଥାନ୍ । ଶୁଣିଲି, ଡାକ୍ତରାଣୀ ହେମାର ପଡ଼ିଛନ୍ତି । ବନ୍ଧୁବର୍ଗଙ୍କର ପତ୍ତା ନାହିଁ । ଦେଶବନ୍ଧୁଙ୍କ ସ୍ମୃତି ଶିଳ୍ପଟିଏ । ସତ୍ତ୍ୱାପନ୍ନ ସ୍ତ୍ରୀ । ମୁଁ ଆସିଛି; ଏହା ସେମାନଙ୍କୁ ଆନନ୍ଦିତ କରିଦେଲା । ବନ୍ଧୁବର୍ଗ ସ୍ୱଠାରୁ କାହିଁ ଆସି ପହଞ୍ଚିଗଲେ । ସେ ମୋ ନଜାଣିବା ଭଳି ଡାକ୍ତରାଣୀଙ୍କୁ ଖୋସାମତ କରୁଥାନ୍ତି—ଯେପରି ମୁଁ କିଛି ନଜାଣେ । ଡାକ୍ତରାଣୀ ମଧ୍ୟ ତାଙ୍କର ଅଜୀତ ପ୍ରାର୍ଥନାରେ ମନ ବଳାଇଦେଲେ । ସ୍ୱଠାରୁ ସବୁ ଆନନ୍ଦରେ ନାଚିଉଠିଲି; ସେତେବେଳର ଧୂମ୍ ଖୁଲିଲା । କୁତ୍ରାଣ୍ଡାବାଦ ପଥ ପଡ଼ିଲା । ଓଡ଼ିଶାର କଂଗ୍ରେସ ଆନ୍ଦୋଳନ, ମୁଁ କିପରି କଂଗ୍ରେସ ସମର୍ଥକ ହୋଇଛି, କହୁଥାଏ । କି ଆଶ୍ଚର୍ଯ୍ୟ, ସେ ସ୍ତ୍ରୀ କୁଆଡ଼େ ହରେଇଗଲା । ଡାକ୍ତରାଣୀ କହିଲେ, "ଏ କଣ ହେବ ? କାଣ ଚିନ୍ତାର, ମୁଁ ଅଜ ମରୁଥାନ୍ତି । ତୁମକୁ ମୁଁ ଖୋଜୁଥିଲି ସମସ୍ତ ସ୍ଥାନରେ । ତୁମେ ଆସିଲ, ମୋତେ ବଞ୍ଚାଇଲ ।" ବାନ୍ଧବକୁ ଦେଖି ଓଡ଼ିଆ ସାହିତ୍ୟ ଏବଂ କୋଡ଼ିଏ ବର୍ଷରୁ ବାହାରି ନେଇଥିଲି, ସେ ପୁଣି ଆଜନ ପାଇ ବସିଲି । ମୁଁ ଜୈନେନ୍ଦ୍ର କୁମାରଙ୍କୁ ବାହରେ ଦେଖିଲି । ପୀଡ଼ାଦେବୀଙ୍କ ସହିତ ମୋର ଅକସ୍ମାତ୍ ଭେଟ ହେଲା । ଫତେପୁର ଗଳିରେ ବାଲି ଗଜ୍ ନାୟକ (J. S. Nayak, L L. B.) ଙ୍କ ଘର ବୁଲିଯାଇଲି । ତାଙ୍କ ସ୍ତ୍ରୀ ମୀନା ଦେବୀ, ଏମ୍. ଏ. ବାଳିକା ସ୍କୁଲର ପ୍ରିନ୍ସିପାଲ; ତ୍ରିଲୋଚନ ନାୟ । ୧୯୨୮ରେ ମତେ ବଡ଼ ସ୍ନେହ କରୁଥିଲେ । ଗ୍ରାଷ୍ଟିଅନ୍ ରମଣୀ; ବେଶ୍ ସୁନ୍ଦର । ତାଙ୍କର ଦୁଇଟି ପୁଅ—ରବୀନ୍ଦ୍ର ଏବଂ କଲ୍ୟାଣ ମୋର ବଡ଼ ସାଥୀ ହେଲେ ।

ଶ୍ରୀମନ୍ତ ନାରାୟଣ ସ୍ୱାମୀ, ସେ କି ଆର୍ଯ୍ୟସମାଜର ସଭାପତି, ତାଙ୍କୁ ଦେଖିଯାଇଲି । ସ୍ୱାମୀଜୀ ସେହି ପୁଟଘର ତେକୋଡ଼ି ରହୁଥାନ୍ତି । ଶ୍ରଦ୍ଧାନନ୍ଦ ଯେଉଁ ଘରେ ଗୁଳିଖେଞ୍ଚରେ ମୃତ୍ୟୁବରଣ କରିଥିଲେ, ସେଇ ଘରେ ସେ ରହୁଥାନ୍ତି । ଗୁଳି ଚିହ୍ନର ଚିହ୍ନଗୁଡ଼ା ରଖାଯାଇଛି ।

ଡାକ୍ତରାଣୀଙ୍କ ଘରେ ପ୍ରତିଦିନ ଅପରାହ୍ଣରେ ସଭାର ଆୟୋଜନ ହେଲା । ଏକ ହଲ୍ ଥାଏ ମଝି ତାଳରେ, ବସନ୍ତ କାଶ୍ମୀର ଗାଲିଚା ପଡ଼ିଥାଏ । ସେହି ସଭାରେ ଜନ୍ କାଙ୍କୁଲ ସବଧା ଓଡ଼ିଶାର ଗୌରବ ବଖାଣନ୍ତି । ସେ ଜଣେ ଓଡ଼ିଆ, କୈଟକ ଓ ଐତିହାସିକ । ମୁଁ ତାଙ୍କର ଦୁଇଗୋଟି ପ୍ରବନ୍ଧ ଓଡ଼ିଆରେ ଲେଖିଦେଲି । 'ସହକାର' ମାସିକରେ ତାହା 'ମାଦଳାପାଞ୍ଜି ସତ୍ୟ କି ମିଥ୍ୟା' ନାମରେ ବାହାରିଲା ।

ଏବର ପ୍ରଖ୍ୟାତ ଜୈନେନ୍ଦ୍ର କୁମାର ସେଠାରେ ଜଣେ ସଭ୍ୟ ଥାଆନ୍ତି । ସେ ଓଡ଼ିଆ ସାହିତ୍ୟ କଣ ବୁଝିପାରନ୍ତି ନାହିଁ । 'ପଶ୍ଚିକଦେଉ ଶବରେ, ବେଣୀ ପାଖାଇଲ୍ସି ଶିରେ'—ଉପେନ୍ଦ୍ର ଭଞ୍ଜଙ୍କ ଏହି 'ଶବରେ' 'ଶିରେ' ଆଦି ପ୍ରୟୋଗକୁ ସେ ବଡ଼ ହାସ୍ୟାସ୍ପଦ ମନେ କରୁଥାନ୍ତି । ଡାକ୍ତରାଣୀଙ୍କ ସମ୍ବନ୍ଧେ ହିନ୍ଦିରେ ଏକ ଲେଖା ବଚେ । ମୁଁ 'ଶବରେ' 'ଶିରେ'କୁ ଲକ୍ଷ୍ୟ କରି ଭଞ୍ଜଙ୍କ 'ବୈଦେହୀଶବିଳାସ'ରୁ କେତେ ପଦ ଗାଏ; ଯେପରି—"ବୈଦେହୀ ଭମନ-

ଦେଖ, କମଳ ଦେଶରେ ନାହିଁ, ଚନ୍ଦ୍ର ସମୁଦ୍ରରେ ମଗ୍ନ ଥିଲେ ଅନ୍ଧାରି ।" ଶବ୍ଦରେ ସ୍ୱର, ବର୍ଣ୍ଣ, ରଚନାରେ ଶସ୍ତ ମୁଗ୍ଧ ହୋଇଗଲେ ! ଜୈନେନ୍ଦ୍ର କହନ୍ତି—"ଏ ତ କି ପ୍ରକାର ସାହିତ୍ୟ ! ଏହାର ମାଧୁର୍ଯ୍ୟ ଏତେ ଅଧିକ ଯେ ମୁଁ ବିସ୍ମିତ ହୋଇ ଯାଉଛି, ଏହା ପୁଣି ଦୁନିଆରେ ଅନୁବାଦିତ ହୋଇ ନାହିଁକି ?"

ଡାକ୍ତରଣୀ କହନ୍ତି—"ସୁରଦାସ ଏ ଜଗତର ଶିକ୍ଷିତମଣ୍ଡଳରେ ଅଜ୍ଞାତ ନାହିଁକି ?"

ଉତ୍ତରରେ ଜୈନେନ୍ଦ୍ର କହନ୍ତି—"ଖାଲି ବଙ୍ଗଳରେ ତା' ର ସ୍ଥାନ !"

ସତକୁ ସତ ଦିନେ ସୁରଦାସ ଜୟନ୍ତୀ ପଣ୍ଡିତ ଇନ୍ଦ୍ରଙ୍କ ଘରେ ଜମିଥିଲା । ସେହିବେଳେ ସୁରଦାସ ଉତ୍ତରଭାରତର ଶିକ୍ଷିତମଣ୍ଡଳରେ ଅଜ୍ଞାତ ରହିଥାନ୍ତି । ମୋ ଟିପାଖାତାରେ ବଙ୍ଗଳା 'ପ୍ରବାସୀ' କାଗଜରେ ବାହାରିଥିବା ସୁରଦାସ ଜୀବନଚରିତର ସାରାଂଶ ଥିଲା । ଡାକ୍ତରଣୀ ତାହା ମୋଠାରୁ ନେଇ ଓ ପ୍ରସ୍ତୁତ ହୋଇ ଉକ୍ତ ସଭାରେ ସମ୍ମୋହିନୀ ସ୍ୱରରେ ହିନ୍ଦୀରେ ବକ୍ତୃତା ଦେଲେ । ମୁଁ ସୁରଦାସଙ୍କର ଏକ ଗୀତ ଗାଇଲି—

ଜୀବନଜନମେ କହାଁ ଭଗତକୋ ନାମ
ଅଁଓରୁ ଛାଡ଼ୁ ପଦକମ୍ବୁ ଯଷ୍ଟୀ ;
ଭୁଲଗୟେଁ ହରିନାମ ।

ଆକବରଙ୍କୁ ସୁରଦାସ ଜଣାଇଥିଲେ—"ଦରବାରରେ ଭକ୍ତର କି କାମ ଅଛି । ସିବା-ଅଁଶବାରେ ତୋହର ପାଶେଁଇ ଛୁଟିଯିବ ଏବଂ ମୁଁ ହରିନାମ ଭୁଲିଯିବ"—ଇତ୍ୟାଦି ।

ପଣ୍ଡିତ ଇନ୍ଦ୍ରଙ୍କ ଦୈନିକ ହିନ୍ଦୀ କାଗଜ 'ଅର୍ଜୁନ'ରେ ଏହା ବଡ଼ ଆକାରରେ ପ୍ରକାଶିତ ହୋଇଥିଲା । ଏସବୁଦ୍ୱାରା ସବୁ ଦୁଃଖ ଅନୁଶୋଚନା ଡାକ୍ତରଣୀ ଭୁଲିଗଲେ । ନାରୀନେତ୍ରୀ ଶୈଳମୋହନ ରାୟଙ୍କ ଦୁଇଟି ଝିଅ କୌଶଲ୍ୟା ଏବଂ ବୀଣାପାଣି ଦଶହରେ ଡାକ୍ତରଙ୍କ ପଢ଼ୁଥାନ୍ତି । ସେମାନେ ଡାକ୍ତରଣୀଙ୍କ ପାଖକୁ କେବେ ଜଗଣ ବୁଲିଆସନ୍ତି । ଅତି ଶାନ୍ତ, ଶିଷ୍ଟ, ଭଦ୍ର ଓ ନମ୍ରତା ସେ ଦୁହେଁ । ବେଶି କଥାବାର୍ତ୍ତା କରନ୍ତି ନାହିଁ । ଯେତିକି କହନ୍ତି, ତେଜସ୍ୱୀର ସହିତ କହନ୍ତି । ଏମାନଙ୍କ ସହିତ କଥାବାର୍ତ୍ତା ହୋଇ ଡାକ୍ତରଣୀ ନିଜକୁ ସୁଖୀ ମନେକରନ୍ତି; କାରଣ ସେମାନେ ଉତ୍କଳର ଡାକ୍ତରଣୀ ।

ପଣ୍ଡିତ ଇନ୍ଦ୍ରଙ୍କ ଦୈନିକ 'ଅର୍ଜୁନ' କାଗଜର ଶିରୋନାମା ଶୁଣିଲେ ପ୍ରକୃତରେ ମଣିଷଠାରୁ ଭୟ ଲାଗିଆସେ ଲୁଚିଯାଏ । ବାସ୍ତବ ମନେପଡ଼ୁଥିଲା—ସବୁ ସାହୋର; କିନ୍ତୁ '୧୯୨୮ ଖ୍ରୀଷ୍ଟାବ୍ଦରେ ସେତେବେଳେ ପ୍ରଥମ କରି ଦିଲ୍ଲୀ ଆସିଥିଲି, ଖବରକାଗଜବାଲାମାନଙ୍କଠାରୁ ମେଘଗର୍ଜନ ଧ୍ୱନିରେ ଶୁଣିଥିଲି—

ଅଗ୍ରୀକାର, ଏକ ପଇସା ନ ଅଗ୍ରୀକାର,
ଲାଲଜୀକା ହତ୍ୟାକା ପ୍ରତିଶୋଧ
ସାଣ୍ଡର୍ସକୋ ଘର ପହୁଞ୍ଚେ ମାରକରକେ

ପୋଲିସ୍‌ୱାଲେକେ ମାରକେ ପୁଲିସ୍‌ୱାଲା ଭାଗିଥି ତାଂକା ନହିଁ ହୁଆ ।

ସେତେବେଳେ ଫାଟି କାନ୍ଥି କଣି ହେଉଥିଲା ବଡ଼ ବଡ଼ ଅକ୍ଷରରେ ତା ଲେଖାଥାଏ ।

ସେହି ୧୯୨୮ର ଘଟଣାର ସମାପ୍ତି ଏବେ ଆସି ପହଞ୍ଚିଥିବାର ଦେଖିଲ । ବ୍ରିଟିଶ୍‌ମାନେ ସ୍ପଷ୍ଟ ସ୍ପଷ୍ଟ ଜନତା ସାଣ୍ଡର୍ସ ହତ୍ୟା ସେହି ଇଂରେଜ ଉପରେ ପ୍ରତିଶୋଧ ନେବାକୁ ତଥାର ହେଉଥିଲୁ । ଏ ମଧ୍ୟରେ ୨୭ ମାସ ଗତ ହୋଇଛି । ଶୁଣାଯାଉଛି, ସେହି ଘଟଣାକୁ ଆଜି ଦିନ ଭଗତ ସିଂହଙ୍କୁ ଫାଶୀ ଦିଆଯିବ । ଭାରତର ବହୁ ପ୍ରାନ୍ତର କୋଟି କୋଟି ନରନାରୀ ଦସ୍ତଖତ କରି ବଡ଼ଲାଟ ଆରୱିନ୍‌ଙ୍କ ନିକଟରେ ଆବେଦନ କରୁଛନ୍ତି, ତାଙ୍କୁ ଫାଶୀ ନଦେଇ ତାଙ୍କ ଜୀବନ ରକ୍ଷାକର; ଆଜୀବନ ବରଂ କାରାବାସ ଦିଅ—ସେହି ତେଇଶ ବର୍ଷର ଅମୂଲ୍ୟ ଜୀବନକୁ ରକ୍ଷାକର ।

## ଭଗତ୍ ସିଂହଙ୍କ ଫାଶୀ ଓ କରାଚି କଂଗ୍ରେସ

କୋଟି କୋଟି ଲୋକଙ୍କ ଆବେଦନ ବ୍ୟର୍ଥ ହେବା ପରେ ଲୋକେ ଗାନ୍ଧୀଙ୍କୁ ବାଧ୍ୟ କଲେ ଯେ, ସେ ଭଗତ ସିଂହଙ୍କ ଜୀବନରକ୍ଷା ପାଇଁ ବଡ଼ଲାଟଙ୍କୁ ଅନୁରୋଧ କରନ୍ତୁ । ହିଂସାତ୍ମକ କାର୍ଯ୍ୟରେ ଜଡ଼ିତ ଥିବା ଏହି କ୍ରାନ୍ତିକାରୀଙ୍କୁ ବଞ୍ଚାଇବା କେତେଦୂର ଯଥାର୍ଥ, ସତ୍ୟାଗ୍ରହୀ ଅହିଂସ ଗାନ୍ଧୀ ପ୍ରଥମେ ବିବେଚନା କରିପାରୁନଥିଲେ; କିନ୍ତୁ ବହୁ ଚାପପରେ ଜଣେ ବାଳକର ଜୀବନ ରକ୍ଷା କରିବାରେ ସେ ପଶ୍ଚାତ୍‌ପଦ ହେବେ ନାହିଁ ବୋଲି ସ୍ଥିର କରି ମାର୍ଚ୍ଚ ୨୩ ତାରିଖ ଦିନ ବଡ଼ଲାଟଙ୍କୁ ଅନୁରୋଧ କରି ଯିବାକୁ ବାହାରିଲେ । ବଡ଼ଲାଟ ତାଙ୍କର ଶୁଭ ସୂଚନା ବଦଳରେ ଜାତିର ଆଗ କରାଚି କଂଗ୍ରେସର ସ୍ୱାଗତାଳୟରେ, ଗାନ୍ଧୀଜୀ ତାଙ୍କ ସାକ୍ଷାତ କରିବା ଆଗରୁ, ସେହି ଦଳ ପାକୁଲରେ ଶୁଖଦେବ ଏବଂ ରାଜଗୁରୁଙ୍କ ସହିତ ଭଗତ ସିଂହଙ୍କୁ ସେଦିନ ସ ୭ । ୪୫ ମିନିଟରେ ଫାଶୀ ଦେଇଦେଲେ । ଏହା ଅତି ଗୋପନରେ କରାଯାଇଥିଲା; କାରଣ ମାର୍ଚ୍ଚ ୨୪ ସକାଳ ୭ଟାରେ ଫାଶୀ ଦିଆଯିବାକୁ ସ୍ଥିର ହୋଇଥିଲା । ଗାନ୍ଧୀ ପ୍ରତ୍ୟକ୍ଷତଃ ଏହି ସମସ୍ୟା ପରାକ୍ରମ କୂଟ କପଟତାରେ ପରିପୂର୍ଣ୍ଣ ଇଂରେଜ ବାହାଦୁର କହୁଥିଲେ—"ହାୟ, ଆପଣ ଆଉ ଟିକେ ଆଗରୁ କହିଥିଲେ ମୁଁ ନିଶ୍ଚୟ ତାଙ୍କର ପ୍ରାଣ ରକ୍ଷା କରିଥାନ୍ତି ।"

ପ୍ରତ୍ୟକ୍ଷଦର୍ଶୀ ସୁଭାଷଚନ୍ଦ୍ର ଏହି ଘଟଣାରେ ବ୍ୟଥିତ ହୋଇ ମାର୍ଚ୍ଚ ୨୭, ୧୯୩୧, ନିଖିଳ ଭାରତୀୟ ନୌଜୱାନ ଭାରତସଭା ସମ୍ମେଳନ (All India Naujawan Bharat Sabha Conference 1931) କରାଚିରେ କହିଥିଲେ—

"Before refering to the Gandhi-Irwin truce, I must say something about the Lahore executions. Bhagat Singh was a symbole of the spirit of revolt which has taken possession of the country from once end to the other. That spirit is unconquerable and the flame which the spirit has lit up will not die. India may have to lose many more sons before she can hope to be free."

(I. S. & W. of Subhas Bose. Page 99)

"ଗାନ୍ଧୀ-ଇରୱିନ୍ ଚୁକ୍ତି ସମ୍ପର୍କରେ କିଛି କହିବା ପୂର୍ବରୁ ମୁଁ ନିଶ୍ଚିତଭାବରେ ଲାହୋର ଫାଶୀକାଣ୍ଡ ସମ୍ପର୍କରେ କିଛି କହିବି । ଭଗତ ସିଂହ ଆନ୍ଦୋଳନରେ ଚେତନାର ପ୍ରତୀକ ଥିଲେ, ଯାହା କି ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବ୍ୟାପିଯାଇଛି । ଏହି ଚେତନା ଅପରାଜେୟ ଏବଂ ଏହି ଚେତନା ଯେଉଁ ବହ୍ନିକୁ ପ୍ରଜ୍ୱଳିତ କରିପାରିଛି, ତାର ବିନାଶ କେବେହେଲେ ହେବନାହିଁ । ଭାରତକୁ ମୁକ୍ତ ହେବାପାଇଁ ଆଶା କରିବାକୁ ହେଲେ ଆହୁରି ଅଧିକ ସନ୍ତାନ ହରାଇବାକୁ ପଡ଼ିବ ।" ( ମୁଖ୍ୟଭାଷଣ ଓ ରଚନାବଳୀ— ସୁଭାଷବୋଷ-ପୃ. ୯୮ )

ଭାରତୀ ସେଇ ଘଟଣାଗୁଡ଼ିକରେ କମ୍ପିତ ହୋଇଗଲେ । ସମସ୍ତ କେଜାଣି ଉତ୍କଣ୍ଠାରେ ବସିଥିଲେ ସମ୍ବାଦ ପଢ଼ୁଥିଲେ ଯେ ସର୍ଦ୍ଦାର ଭଗତ ସିଂହଙ୍କୁ ଫାଶୀ ଦିଆଯାଇଛି । କ୍ରୋଧାନ୍ଧ ଜନତା ଅଣିଥିଲେ । ରାସ୍ତାଘାଟ ବନ୍ଦ ହୋଇଗଲା । ସେ ଦିନଟି ମାର୍ଚ୍ଚ ୨୪ ତାରିଖ । ଆକାଶରେ ଉଡ଼ାଜାହାଜମାନଙ୍କର ଗର୍ଜ୍ଜନ ଶବ୍ଦ ତଳେ ମିଲିଟେରୀ ଗାଡ଼ିମାନ ଜମି ଉଠିଲା । ମୁଁ ଦେଖୁଥାଏ, ଦୁର୍ବାର ଜନତା ଅଚଳନ୍ତି ପଥରମାନ ରାସ୍ତା ଉପରେ ଜମାକରି ବଡ଼ ଦୁର୍ଘଟଣା ଘଟାଇଲେ । ସେ ଦୃଶ୍ୟକୁ ଜନା, ସେ ପ୍ରକାର ମୁକ୍ତି ପ୍ରତି ଦେଶାତ୍ମବୋଧ ଭାବ ବର୍ଣ୍ଣନା କରିହେବ ନାହିଁ । ଯୁବକ କନ୍ୟାମାନେ ଇଂରେଜ ସୈନିକମାନଙ୍କ ଗାଡ଼ି ଆଗରେ ଛିଡ଼ାହୋଇ ଯୁଦ୍ଧଟାକୁ ସମ୍ପୂର୍ଣ୍ଣ ଶୃଙ୍ଖଳାହୀନ କଲେ । ବାସ୍ତବ ଦୃଶ୍ୟ ହେଲା । ଯେପରି ମନେହେଲା, ଇଂରେଜ ରାଜତ୍ୱର ଶୌର୍ଯ୍ୟ ଆଉ ସ୍ୱଭାବ ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଭୁସୁଡ଼ି ପଡ଼ିଲା ଅବା ? ସେଥିକୁ ଜଣେ କେହି ଇଂରେଜ ଏକାଙ୍ଗୀ ବାହାରିବାକୁ ବାହାରିବା ମୁସ୍କିଲ ହେଲା । ଏପରି କଥା ଶୁଣାଗଲା ଯେ, ଅନେକ ଇଂରେଜ ରମଣୀ ବୃଦ୍ଧ ବୃଦ୍ଧ ଯୁବାମାନଙ୍କଦ୍ୱାରା ଅପଦସ୍ଥ ହୋଇଥିଲେ । ତେବେ କଂଗ୍ରେସର ହାତୀଆ ସେନା ସେମାନେ ଲକ୍ଷ୍ୟ ନହୋଇ ନିଜ ନିଜ ଗୃହକୁ ଅବଶ୍ୟ ଫେରିଲେ । କିନ୍ତୁ ଭଗତ ସିଂହଙ୍କ ଫାଶୀ ପରେ ଲାହୋର ଓ ଦିଲ୍ଲୀରେ ଇଂରେଜ ଜାତିର ଜାତୀୟତା ଧ୍ୱଂସ ହୋଇଯାଇଥିଲା ।

କରାଚି କଂଗ୍ରେସକୁ ମୁଁ ଦର୍ଶକ ଭାବରେ ଯାଇଥିଲି । କୁନ୍ତଳକୁମାରୀ ମଧ୍ୟ ଯାଇଥିଲେ । କଂଗ୍ରେସର ଶେଷ ଦିନରେ ଝଡ଼ ବହିଲା । ଗାଡ଼ି କଲିକତାରୁ ଆସୁଥିଲା । ଶୁଦ୍ଧଖାଦି ହୋଇ ବସିଲୁ । ଓଡ଼ିଶାର ପ୍ରାୟ ସବୁ ନେତାନେତ୍ରୀ ଯାଇଥିଲେ । କୁନ୍ତଳାକୁମାରୀଙ୍କ ତତ୍ପରତାରେ ଇଂରାଜୀରେ 'ଦି ଗ୍ରେଟ୍ ଟ୍ରୁ ଭଗତ ସିଂହ' ନାମରେ କବିତାଟିଏ ଲେଖି ମୋତେ ଦେଇଥିଲେ । କବିତାଟିକୁ ମୁଁ କରାଚୀରେ ପଚାଶହଜାର ଖଣ୍ଡ ଛପାଇ କଂଗ୍ରେସ ନଗରରେ ବାଣ୍ଟିଥିଲି । ଏଥିରୁ ଦୟାବନ୍ତ ନାଇଡୁ ସନ୍ତୁଷ୍ଟଚିତ୍ତରେ ମୋତେ ୨୦୦ ଟଙ୍କା ଦେଇ କହିଥିଲେ—"ବାବୁ ଦେଖ, ଓଡ଼ିଶାରୁ ଏପରି ଲୋକ କରାଚି ଆସିଥିବେ, ଯିବାବେଳକୁ ସେମାନଙ୍କଠି ପଇସାଟିଏ ନଥିବ । ଯାହା ଲାଗିବ । ତୁମେ ତାଙ୍କୁ ଏହାଦ୍ୱାରା ସାହାଯ୍ୟ କରିବ ।" ସତକୁ ସେଇ ତା ଘଟିଥିଲା । ଠିକ୍ ମନେନାହିଁ—ସମ୍ଭବତଃ ନାମରେ ଗୋପାଳ ଦେବହେରାର କରଣ ଓଡ଼ିଆ ମୋର ସନ୍ଧାନ ପାଇ ଦେଇ ପ୍ରଥମରୁ ତାଙ୍କ ଅଭାବ ଜଣାଇ-ଥିଲେ । ଏପରି ହେଲା ଯେ, ଏ ୨୦୦ ଟଙ୍କା ସରିଗଲା । ପୁଣି ୧୦୦ ଟଙ୍କା ଟେଲିଗ୍ରାମ ମନିଅର୍ଡରରେ ଆଣାଇ ମୁଁ ସବୁଦିନ କେତେକ ଅଭାବଗ୍ରସ୍ତଙ୍କୁ ଦେଇ ସୁବିଧା କରାଇଥିଲି । ସେ ସେପରି କହିଥିଲେ, ତାହା ମୁଁ ଭୁଲିନାହିଁ ଏବଂ ନେତାମାନଙ୍କୁ ଜଣାଇ ତାଙ୍କ ସହଠାରେ ଏକେ ଦୁଇଦିନ ରହି ଯିବାକୁ ଅନୁରୋଧ ମଧ୍ୟ କରିଥିଲି । ପ୍ରତିନିଧିମାନଙ୍କ ମଧ୍ୟରେ ମୁଁ ସର୍ବକନିଷ୍ଠ, ପୁଣି କଲିକତାବାସୀ ଥିବାରୁ ସମସ୍ତଙ୍କ ପରିଚୟରେ ଆସିବା ସୁଯୋଗ ଲଭିଥିଲି ।

କରାଚୀ କଂଗ୍ରେସ ଆସିରେ ନାହିଁ । କରାଚୀ କଂଗ୍ରେସର ଅଭ୍ୟର୍ଥନା ସମିତି ସ୍ମୃତିଚିହ୍ନ ଏବେ ମଧ୍ୟ ମୋଠାରେ ଅଛି । ସୁଭାଷ ବୋଷଙ୍କ ନେତୃତ୍ୱରେ ଯୁବ ପ୍ରଦେଶର ସ୍ୱେଚ୍ଛାସେବକ ବାହିନୀର ସାମରିକ ବାଦ୍ୟବାଦ୍ୟ ସହିତ ସନ୍ଧ୍ୟାରେ ଯାହା ଆସିଲୁ ଲୁହ ଝରାଇ ଦେଉଥିଲି । ସୁଭାଷ ଏକ ବିରାଟ ଘୋଡ଼ାର ପୃଷ୍ଠରେ ସେନାପତି ବେଶରେ ଯାଉଥାନ୍ତି । ଇଂରେଜମାନେ ତାଙ୍କୁ ପରିହାସ କରୁଥିବା କଥା ଶୁଣାଯାଉଥାଏ; କିନ୍ତୁ ସେହିଦିନ ତାଙ୍କୁ ଦେଖି ଇଂରେଜଙ୍କର ହୃତ୍କମ୍ପ ହେଉଥାଏ ।

ମୁଁ କରାଚୀ କଂଗ୍ରେସ ନଗରର ଓଡ଼ିଆ କ୍ୟାମ୍ପରେ ଆଚାର୍ଯ୍ୟ ହରିହର ଦାସ ଏବଂ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସହିତ ଗୋଟିଏ ତମ୍ବୁରେ ରହୁଥିଲି, କିନ୍ତୁ କୁନ୍ତଳକୁମାରୀ ଏକ ସ୍ୱତନ୍ତ୍ର ସ୍ଥାନରେ ରହୁଥିଲେ । ଏ ବିବରଣ ବଡ଼ ଚମତ୍କାର । ତାହା ସମ୍ଭବ ହେଲେ କେବେ ଲେଖାଯିବ ।

କଂଗ୍ରେସରୁ ଫେରି ବହୁ ଜନଜାଗ୍ରତ ଭାରତବର୍ଷୀୟଙ୍କର ଅଗ୍ରଣୀ ହେଲେ । ସରକାର ଦେଖା ଦେଇ ଏକ ସପ୍ତାହରୁ ଊର୍ଦ୍ଧ୍ୱ ରହିଲେ । ଅନେକେ ସରକାରୀ ଚାକିରି ଛାଡ଼ିଥିଲେ । ଅସହଯୋଗ ଦେଖ ଭ୍ରମଣ ଶୀଘ୍ରରେ ମୁଁ ଜୁନ ୯ ଯାଏ ଥିଲି । ତା'ପରେ ସେଠାରୁ ଫେରିଲି ।

ସେହି ୧୯୩୧ ମାର୍ଚ୍ଚ ୪ ତାରିଖରେ ଗାନ୍ଧି-ଇରଉଇନ୍ ଚୁକ୍ତି ହେବା ଫଳରେ ଲୁଣ ମାରି ଖାଇବା ଏବଂ ପିକେଟିଂ ଅଧିକାର ସମସ୍ତଙ୍କୁ ମିଳିଗଲା । ଏଥିରୁ ଧନଜନଶ୍ରେଣୀ କଂଗ୍ରେସରେ ଢୁକିଗଲେ । ସେମାନେ ଆଗତ-ଭବିଷ୍ୟ ଜାଣନ୍ତି । କଂଗ୍ରେସର ଏହି ଆକସ୍ମିକ ଦୁର୍ବଳତା ଦେଖି ଧନଜନଶ୍ରେଣୀ ଭାବିଲେ ଯେ ଏଥର ଗାନ୍ଧିରାଜ ହେବ ହିଁ ହେବ । ବାସ୍ତବିକ୍ ସେହି ଦୂରଦୃଷ୍ଟି ସମ୍ପନ୍ନ ଲୋକେ ଆଜି ଏ ରାଜ୍ୟ ଶାସନକରି ବସିଛନ୍ତି । ସେଥିରେ ବହୁ ସ୍ୱାର୍ଥତ୍ୟାଗୀଙ୍କ ନାମ ଏମାନେ ସ୍ୱଦଳ ସ୍ୱମତରେ ସାମିଲ କରିଦେଇ ପାରୁଛନ୍ତି । ବର୍ତ୍ତମାନ ପୂର୍ବକଥା କିଛି କହେ ।

୧୯୩୦ ରେ ସତ୍ୟାଗ୍ରହ ଯେଉଁଭଳି ଉତ୍ସାହପ୍ରଦ ହେଲା, ତାର ତୁଳନା ନାହିଁ । କଟକରେ ଜଣେ ହେଲେ ନେତା ନଥାନ୍ତି; ସମସ୍ତେ ଜେଲଖାନାରେ । ରାଧାନାଥ ରଥ 'ସମ୍ବାଦ' ଆମ୍ଭମାନଙ୍କଦ୍ୱାରା ଲେଖାଇ ଓ ସାଇକ୍ଲୋଷ୍ଟାଇଲ୍‌ରେ ଛପାଇ ବାହାର କରୁଥାନ୍ତି । ସବୁ କାଗଜ ବନ୍ଦ । ସେମିତିକି ଅଣ୍ଡା ଘର ଭିତରେ ତ କାଳି ତା ପାଇଖାନା ପଛକନ୍ଥରେ ଲୁଚାଇ ରଖାଯାଇଥାଏ । ମୋପରି ଟିକିଟିକି ଅଳ୍ପବୟସ୍କ ଯୁବକ ସରକାରୀ ଅଫିସରଙ୍କ ଘରେ ରହୁଥିବାରୁ ଧରାପଡ଼ୁ ନଥାଉଁ ।

## ଆହ୍ୱାନ ବନ୍ଧ

ମୁଁ କଟକରୁ ଫେରାର ହୋଇ କଂଗ୍ରେସ ସଭ୍ୟ ଶ୍ରୀ ସୁରେନ୍ଦ୍ର ମହାନ୍ତି ବି. ଏ. ଙ୍କ (ଗ୍ରାମସେବକ 'ବାହିନୀର ସେକ୍ରେଟେରୀ ବୋଧହୁଏ ଥିଲେ) ସହିତ ସଙ୍ଗରେ ବୁଲୁଥାଏ । ସୁରେନ୍ଦ୍ରନାଥ ପଟ୍ଟନାୟକ, ଏବେ ସେ ଜଣେ ପ୍ରତ୍ୟାଗ କଂଗ୍ରେସ କର୍ମୀ ଓ ପ୍ରଖ୍ୟାତ କଂଗ୍ରେସନେତା, ସେ ମୋଠୁ ସାନ । ସେ ପାଠପଢ଼ା ଛାଡ଼ି ଏଥିରେ ମାତିଥାନ୍ତି । ସବୁ ନକଲେ ଆନ୍ଦୋଳନ ଛାଡ଼ି ହେବନି ଜଣାପଡ଼େ—ଏଣୁ ନେତାନେତ୍ରୀ ଜେଲରୁ ଫେରିବାଯାଏ ଆମେ ସମ୍ପାଦିତ କରାଇ ରଖିଥାଉ । କେବଳ ପ୍ରଚାର ଅଭାବ ହୁଏ । ମୁଁ ଡାକ୍ତରାଣୀଙ୍କୁ ଅନୁରୋଧ କରି 'ଆହ୍ୱାନ' ବନ୍ଧଟି ଲେଖାଇ ଆଣି ରାମା-ଦ୍ୱାରକାନାଥ ବୋଷଙ୍କ ପ୍ରେସରେ ଛପାଇଥାଏ । 'ଆହ୍ୱାନ' ମାର୍ଚ୍ଚ ୧୧, ୧୯୩୦, ଦିନ ପ୍ରକାଶିତ ହୁଏ । ସୁରେନ୍ଦ୍ରନାଥ ସେହି ବନ୍ଧର କବିତାଗୁଡ଼ିକ କେବଳ ଗାଉଥାନ୍ତି ବା ଅନ୍ୟ ସାଥୀଏ ଗାଆନ୍ତି । ମୋତେ କୌଶଳେ ଜେଲ ନ ଯାଇ ବାହାରେ ରହିବାକୁ ନିର୍ଦ୍ଦେଶ ଥାଏ ।

କୁନ୍ତଳାକୁମାରୀଙ୍କ ଏହି ଲେଖା ସୁରେନ୍ଦ୍ର ସେତେବେଳେ ଗାଉଥାନ୍ତି—

ଏଣିକି କି ଭୟ ଜେଲ ଯିବା ଯେବେ
ଏଣିକି କି ଭୟ ମୃତ୍ୟୁ ଅନଶନେ ।
ଚଳ ଗଢ଼ିବ ରେଁ ଭାରତର ଗାଡ଼ି
ବସିବେ ଯେତେକେ ଏ ତୁଚ୍ଛ ଘାସାଡ଼ି !

ସେନାପତି ତବ କଲେଣି ଆହ୍ୱାନ
ଆସ ଆଗ କଏ ଦେବ ପ୍ରାଣଦାନ ।
ଆସ ଏକ ସଙ୍ଗେ ହିନ୍ଦୁ ମୁସଲମାନ
ଶିଖ ପାର୍ଶୀ ବୌଦ୍ଧ ଇହୁଦୀ ଖ୍ରୀଷ୍ଟାନ ।

× × ×

ଭାରତବର୍ଷ ନାତିହୃଦେ କା'ର ସ୍ଥାନ
ଦେଖ ପ୍ରେମମଦେ କେ ହୁଡ଼ିଛି ମାନ ।
ଅଛୁ କଏ ଆର୍ ଭାରତ ସନ୍ତାନ
କାହା ପ୍ରାଣେ କାଳେ ଦେଖାଉ ସମ୍ମାନ ।
ଅଇନ ଅମାନ୍ୟର ଜଳେ ଅଗ୍ନିକୁଣ୍ଡ
ମୁଣ୍ଡମାଳା ତବ ତଢ଼ି ହେବ ତୁଣ୍ଡ ।
ସ୍ୱତନ୍ତ୍ର ଲଭେ ଶାନ୍ତି ସମ୍ପଦେ
ଯେ ଦେବ ଆହୁତି ଆସ ହେ ବନ୍ଧୁଏ ।

× × ×

ଏବେ କି ଯନ୍ତ୍ରଣା ନ ସହିବ ଭାଇ
ଅନ୍ନ ବସ୍ତ୍ର ବେଳ ଦେଲୁ ଦେଶ ଛଡ଼ାଇ ।
ଦୁର୍ଭିକ୍ଷ ଦାରିଦ୍ର୍ୟ ବଢ଼ି ରୋଗ ଦାଉ
ରକ୍ତ ଜରଜର ଘାରେ ଶୁନ୍ତୁ ଆସୁ । ( ଆହ୍ୱାନ )

ଲୋକେ ଏ କବିତାରେ ଏକାବେଳକେ ମତୁଆଲ ହୋଇଉଠନ୍ତି । ମୁଁ ଏତିକିବେଳେ ପଣ୍ଡିତ ଭବାନାମୃତ ଆଚାର୍ଯ୍ୟଙ୍କ ଦ୍ୱାରା ଏକ 'ଜାତୀୟଗୀତା' ଲେଖାଇଲି । ମୁଁ ମଧ୍ୟ ଦୁଇଟି କବିତା ପୁସ୍ତକ ଲେଖିଲି । ସେ ସବୁର ଛାପାଖର୍ଚ୍ଚ ମଧ୍ୟ ମୁଁ ବହନ କରିଥିଲି । କଟକରେ ଆନ୍ଦୋଳନକୁ ଅନେକ ଏପରିଭାବେ ଉତ୍ତାପ ବଞ୍ଚାଇ ରଖିବା ପରେ ବାସନ୍ତୀଦେବୀ ସରଳାଦେବୀ ଜେଲରୁ ମୁକ୍ତ ହୋଇ ଆସିଲେ । ତାଙ୍କର ସମ୍ବର୍ଦ୍ଧନା ଗୀତ ଅନ୍ୟ ପ୍ରକାରେ ମୁଁ ଲେଖିଥିଲି—

“'ଶାରଦାଳା ମା' ସରଳା କି ବୋଲ୍ ତୋତେ ବଢ଼ିବୁ
ଯୁଦ୍ଧରେ ଅବାଧ ଖେଳ ଗଣେଶ ଅଗ୍ରପର ହେବୁଁ ।
ସେପାଲିସ ବନ୍ଦୁକ ଲଢ଼ି
ମାରେ ଝାଡ଼ି ଖାଉ ଫାଶି
ଶତ୍ରୁ ଘଣ୍ଟି ମେସିନ୍‌ଗନର ଗୁଳିରେ ବସାଇ ଦେବୁଁ ।”

ମୁଁ ଗୋଟିଏ ବୁଲିଟି ପିଲାଙ୍କ ସହିତ ସୁରେନ୍ଦ୍ରନାଥଙ୍କୁ ଶିଖାଇଦେଇ ସ୍ୱରାଜ ଆଶ୍ରମରୁ ଫିଟେଜ ଡୁରକୁ ଯାଉଛୁ—ଦେଖିଲି, ପୋଲିସଦଳ ପହଞ୍ଚିଗଲେ । ସେଇ ଦିନ ସୁରେନ୍ଦ୍ରନାଥ ପ୍ରଥମ କରି ଜେଲ୍ ଗଲେ । ମୁଁ କାନ୍ଦିଗଲି । ମୋ ଗୀତ ଗାଇ ପିଲାଏ ମଧ୍ୟ ଜେଲ ଗଲେ । ସେଦିନ ସରଳାଦେବୀଙ୍କ ସମ୍ବନ୍ଧରେ ମୋ ଶ୍ରଦ୍ଧା ଅତି ବୃଦ୍ଧି ହୋଇଥିଲା ।

ନାରୀନେତ୍ରୀ ସରଳାଦେବୀ ଦେଶାତ୍ମବୋଧର ଅଗ୍ନିଶିଖା ଜାଳି ଦେଇଥାନ୍ତି । କୁନ୍ତଳାକୁମାରୀଙ୍କ ପ୍ରତି ଏହାଙ୍କର ବିଶେଷ ସ୍ନେହ ଥିଲା । ୧୯୨୮ ରେ କୁନ୍ତଳାକୁମାରୀ ତେଲଙ୍ଗାବଜାରରେ ଥିବାବେଳେ ସେ ତାଙ୍କ ଘରକୁ ଅନେକ ସମୟରେ ଯାଉଥାନ୍ତି । କୁନ୍ତଳାକୁମାରୀ କହନ୍ତି—"ମାଁ 'ସରଳା' ଏ କାଳର ଏକ ସ୍ରୋତସ୍ୱିନୀ—କୌଣସି ସ୍କୁଲ-କଲେଜରେ ଶିକ୍ଷାଲାଭ ନ କରି ଓ ସ୍ୱତଃ ବାହାରକୁ ବାହାରି ସରଳାଦେବୀ ଯାହା କରିପାରିଛନ୍ତି, ତାହା ଅନନ୍ୟ । ୧୯୩୧ ର କରାଚୀ ନାରୀ କଂଗ୍ରେସରେ ସେ ପ୍ରଥମ ଓଡ଼ିଆଣୀ ଯେ କି ସଭାମଞ୍ଚ ଉପରକୁ ଯାଇ ଦି'ପଦ କଥା ସାହସରେ କହିପାରିଛନ୍ତି । ଏହା ସ୍ୱଳ୍ପଙ୍କ ମଧ୍ୟରେ କି ସମ୍ଭବ ହୋଇନାହିଁ ।

ବାଲେଶ୍ୱରରେ ୧୯୩୧ ରେ ଯେଉଁ ନିଖିଳ ଉତ୍କଳ ମହିଳା ସମ୍ମିଳନୀ ହୋଇଥିଲା, କୁନ୍ତଳାକୁମାରୀ ସେଥିରେ ସଭାନେତ୍ରୀ ହୋଇଥିଲେ । ସେ କଲିକତାରେ ରହିଥିବା ଓଡ଼ିଆମାନଙ୍କର ଦୁର୍ଦ୍ଦଶା ଦେଖି ଏକାନ୍ତ ବ୍ୟଥିତ ହୋଇଥିଲେ । ବାଲେଶ୍ୱର ନାରୀ ସମ୍ମିଳନୀ ଯଥେଷ୍ଟ କୃତକାର୍ଯ୍ୟ ହୋଇଥିଲା । ଗ୍ରାମମାନଙ୍କରୁ ହଜାର ହଜାର ନାରୀ ଏହି ସମ୍ମିଳନୀରେ ଯୋଗଦେଇଥିଲେ । ନାରୀ ଜାଗରଣ ପାଇଁ ଏ ଉଦ୍ୟମ ପରି ଆଉ ଦ୍ୱିତୀୟ ଉଦ୍ୟମ ଓଡ଼ିଶାରେ କେବେ ହୋଇଛି ବୋଲି ମନେ ହୁଏ ନାହିଁ । ସମସ୍ତ ଉତ୍କଳରୁ ନାରୀ ପ୍ରତିନିଧିମାନେ ଯୋଗଦେଇଥିଲେ—କେବଳ କୁନ୍ତଳାକୁମାରୀଙ୍କୁ ଦେଖିବାକୁ । ତାଙ୍କର ସ୍ୱାଗତନ ସୁସଜ୍ଜିତ, ପୁଣି ଶିକ୍ଷିତ ବାଲେଶ୍ୱର ତାଙ୍କୁ ଅଭିନନ୍ଦନ ଆଦର ଦେଇଥିଲା । ନାରୀମାନେ ତାଙ୍କୁ ଦେଖି ରହିଥାନ୍ତି । ସେହି ସର୍ବଂସହା ମାତୃସମା ଦେଶଭୂଷଣୀ ନାରୀଟି ବାସ୍ତବିକ୍ ସମସ୍ତଙ୍କର ପ୍ରିୟ ହେବାର ଯୋଗ୍ୟ । ଏପରି ଗୋଟିଏ ବହୁମୂଲ୍ୟା ନାରୀ ସବୁ ସଦ୍‌ଗୁଣରେ ପୂର୍ଣ୍ଣ ଥାଇ କାହିଁ ଦେଖିବା ଅସମ୍ଭବ ମନେହୁଏ । ସେ ସମସ୍ତଙ୍କଠାରେ ସଦ୍‌ଗୁଣ ଦେଖନ୍ତି; କିନ୍ତୁ ନାରୀର ଶିକ୍ଷକ ହେବାପାଇଁ ସେ ଅତି ଦୃଢ଼ ବ୍ରତଧାରିଣୀ । ତାଙ୍କର ଅଭିଭାଷଣ ଅତି ଉପାଦେୟ ହୋଇଥିଲା । ତାହା ସାଧାରଣ ନାରୀ ପକ୍ଷରେ ମଧ୍ୟ ବୋଧ ହୋଇଥିଲା । ସେ ମହାରାଣୀ ନ ହୋଇ ମଧ୍ୟ ବହୁ ରାଣୀ ମହାରାଣୀଙ୍କଠାରୁ ଅଧିକ ସମ୍ମାନ ପାଉଥିଲେ । ସେ ରାଣୀମହାରାଣୀଙ୍କ ପରି ସୁଖ-ସମ୍ଭୋଗ ମଧ୍ୟରେ ଥାଇ ମଧ୍ୟ କେବେ ଦୁସ୍ଥ ନାରୀଠାରୁ ଅଧିକ ବୋଲି ନିଜକୁ ମନେ କରୁ ନ ଥିଲେ ।

## ଶ୍ରୀଅରବିନ୍ଦଙ୍କ ପାଇଁ କବିତା

କଟକ କଂଗ୍ରେସକୁ ଯିବା ପରେ ମୁଁ ଦିଲ୍ଲୀରେ ତାଙ୍କ ଘରେ ଥିବାବେଳେ ପୂର୍ଣ୍ଣଚନ୍ଦ୍ର ଘଟନାସ୍ୱତଃ କଲିକତାରୁ ଲେଖିଲେ—ଋଷିପ୍ରତିଭା ଶ୍ରୀଅରବିନ୍ଦଙ୍କ ବିଷୟରେ ଖାତାରୁ ଏକ ଏକ

କବିତା ଉପହାର ଦିଆଯାଉଛି । ଆପଣ ଓଡ଼ିଆରେ ଏକ କବିତା ଲେଖିଦେଲେ ତାହାର 'ମୂଳ ଏବଂ ଅନୁବାଦ ତାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପୁସ୍ତକରେ ଦିଆଯିବ । ଏହା କଲିକତା ବିଶ୍ୱବିଦ୍ୟାଳୟ ମାଧ୍ୟମରେ ହେଉଅଛି ।

ଡାକ୍ତରାଣୀ ଯେଉଁ କବିତାଟି ଲେଖିଥିଲେ, ତାହାର ମୂଳ, ତାଙ୍କର ହସ୍ତଲେଖା, ମୋପାଖରେ ଅଛି । ସେ ତାଙ୍କ ଭାରତ-ମନ୍ଦିରର ପ୍ରବେଶଦ୍ୱାରରେ ଠିଆ ହୋଇ ଯେଉଁ ମଧୁର କବିତାଟି ଲେଖିଥିଲେ, ତାହା ମୁଦ୍ରିତ ହୋଇଥିଲା । କବିତାଟିର ଅବିକଳ ନକଲ—

ଛନ୍ଦ ବର୍ଣ୍ଣାଚ୍ଛେ ଅପାର ମହିମା
ଭୁବନ ଅକଥନ ଚିତ୍ତ ହରଣ
ମନ୍ତ୍ରପୂତ ମାଳି, ପୂଜା ଅର୍ଘ୍ୟଥାଳି
ଦେଖ ଦେଖ ପୂଜକ 'ଭାରତୀ' ପଦ ।
କଳିଙ୍ଗ କାନନ ସମ୍ଭୂତ କୁସୁମ
ବକୁଳ ଫୁଲ ଆଣି ଲଭିଲା ସ୍ଥାନ
ତା କି ଭୁଲିପାରେ ଚନ୍ଦନ-କାଠ
କେଉଁଠି ପୁରୁଷୋତ୍ତମ ସନ୍ତାନ ।
ଭକ୍ତ-କୃଷ୍ଣ-ଅଭିମନ୍ୟୁ-ଜଗନ୍ନାଥ
ଜଗତ୍ପୂଜ୍ୟ ଜୟଦେବ ଜନନୀ
ସ୍ୱାଧୀନ ସେବିତ ମଧୁ ସୁଧାନାଥ
ସେବିଲ ଭାରତ ବରବରଣୀ ।
ଚନ୍ଦ୍ରଭାଗାତୀର୍ଥ କନାର୍କ ମନ୍ଦିର
ବୈତରଣୀପୁର ଯଜ୍ଞାଳଧାମ
ଭାରତ ମନ୍ଦିର ପ୍ରବେଶଦ୍ୱାରେ ଆଜି
ଅଛନ୍ତି ଶ୍ରୀକ୍ଷେତ୍ର ସୁମଙ୍ଗଳ ଧାମ ।
ଧ୍ରୁବ ଯେଉଁଠି ଥିଲ ଏ ଭାରତଭୂଇଁ
ନଭଃ ଛୁଇଁ ଥିବ ଶିର ଶୋଭିବ
ମହାକାଳଧ୍ୱନି ଶଙ୍ଖର ଗର୍ଜନ
ବିଶ୍ୱସି ନବୀନ ଉଚ୍ଛ୍ୱସିବ ।

ଜାହ୍ନବୀ ଯମୁନା କୃଷ୍ଣା ଗୋଦାବରୀ
ରେବା ମହାନଦୀ ଗାଇବେ ଗୀତ
ବୀଣା ଏସ୍ରାଜେ ମୁରଲୀ ମୁରଜେ
ମିଶିବ ଗାୟତ୍ରୀ ଉତ୍କଳ ତାନ ।

ଦେବପୂଜା ଲାଗି ପଶୁପତିବନେ
ଭକତଙ୍କ ଭାଣ୍ଡୀରେ ଫୁଟିବ ଫୁଲ
ଗୁରୁ ଶ୍ରୀଦର୍ଶନ ସେଥୁ ତନ ସରି
ପୂଜନ୍ତି ଶ୍ରୀପଦ ସ୍ନେହେ ଅତୁଳ ।
ପୂରବ ପଶ୍ଚିମ ଅପୂର୍ବ ମିଳନ
ମଙ୍ଗଳ ଉତ୍ସବ ସଦା ସମ୍ଭବ
ହେବ ଯେବେ ଭବେ ତୁମରି ଗୌରବେ
ତୁମ ପୁଣ୍ୟ ତୁମେ ମହାନୁଭବ !
ଆମେରିକା ଚୀନ ୟୁରୋପ ଜାପାନ
ସବେ ଏକାସନେ ଏ ପୁଣ୍ୟ ସ୍ଥାନ
ଯେ ଦିନ ବସିବ ପୂରିବ ସେ ଆଶା
ସ୍ୱର୍ଗକୁ କଲ ଯେ ମହତ୍ତ୍ୱ ଦାନ ।
ସ୍ମୃତିର ପୂଜାର ସ୍ୱରୂପ ଆମର
ହୃଦୟ ପ୍ରକୃତ ଉପଶାଳିକା
ତହିଁ ଗୁମ୍ଫିତ ଆ ସ୍ୱପ୍ନସମ୍ଭାର
ସକାଳିନ୍ ଭବ ଭର ତୁଳିକା ।
ହେ ଅମର ଶିଳ୍ପି ! ଅକଳ୍ପିତ କାବ୍ୟ
ଅଳ୍ପ ବୁଦ୍ଧି ଦୂରବଣ ଦର୍ପିତି
ଭଲ ଲାଗେ ପଶୁ ପ୍ରବର ଶୃଙ୍ଗରେ
ଗୁଲୁଗୁଲୁ ଭୁଲାଭଷା ବଚେଷ୍ଟି ।
ଶୋଭୁ ପଦେ ସ୍ୱାମିନୀ ଯୋଗ୍ୟନ୍ତର -
ମୋର ପଦ୍ମ କାନ୍ତି ପଦେ ଅତୁଳ
ଆପଣା ଗୁଣରେ ଦେନ ହେ ବରଣି
ଫୁଲ୍ଲଦେଶ୍ୟ ଏ ତ ଅମୂଲ୍ୟ ମୂଲ୍ୟ ।

(୩୦ । ୩ । ୧୯୩୮)

ଏହି ଅବସରରେ ଦୁଇଟି ଓଡ଼ିଆ ଛାତ୍ର (ଜଣେ ଖୋର୍ଦ୍ଧାର, ଜଣେ ଉତ୍ତରକଟକର) ଯେଉଁମାନେ କି ଫେଲ ହୋଇଥିବା ଯୋଗୁଁ ଅପମାନରେ ଘରୁ ପଳାଇ ଆସିଥିଲେ, ତାଙ୍କୁ ମୁଁ ଦିଲ୍ଲୀ ଏଡ଼ଓ୍ୱାର୍ଡ ପାର୍କ ନିକଟରେ ଦେଖିଥିଲି । ତାଙ୍କୁ ଦେଖି ଅତି ସହଜରେ ସେମାନଙ୍କୁ ଭଲି ବୁଝାଇ ଶୁଝାଇ, ସେମାନଙ୍କ ଘରକୁ ଟେଲିଗ୍ରାମ କରି, ସେ ଦୁହିଁଙ୍କ ଅଭିଭାବକଙ୍କୁ ଅଣାଇ ଛାଡ଼ିଦେଇଥିଲେ । ଏ କଥା ସତ୍ୟ ଯେ, ତାଙ୍କ ନିଜ ଓଡ଼ିଆ ଜାତି ପ୍ରତି ସେ ଅତି ଅଧିକ ଭାବପ୍ରବଣ ରହୁଥିଲେ ।

ସେ ଏପରିକରେ ଧନ ଖର୍ଚ୍ଚ କରିବାକୁ କୃପଣ ନ ଥିଲେ । ସେ କଣ, ଡାକ୍ତର ବ୍ରହ୍ମବ୍ରତ କଣ, ନିଜେ ବରଂ ଖ୍ରୀଷ୍ଟ କଷ୍ଟ ଭୋଗୁଥିଲେ; କିନ୍ତୁ ଅର୍ଥ ଯୋଗୁଁ ମୋର କଷ୍ଟ ନିବାରଣ ପାଇଁ ସାହା କରିପାରିବେ ତା' ସେ କରୁଥିଲେ ।

ଏହି ଅବସରରେ ଡାକ୍ତରାଣୀଙ୍କର ସ୍ମୃତି ଏକ ଅର୍ଥ ଗତ ଘଟଣା ଘଟିଲା । ସି. ଏସ୍. ଭଣ୍ଡାରୀ ନାମରେ କଲିକତାର ଜଣେ ବ୍ୟକ୍ତି ଗୋଟିଏ ପ୍ରେସ୍ କିଣିବା ପାଇଁ ବ୍ରହ୍ମବ୍ରତଙ୍କୁ ପ୍ରବର୍ତ୍ତାଇଲେ । ପ୍ରେସଟି ଅନେକ ଦୂର—ଲକ୍ଷେ ଟଙ୍କାର ସମ୍ପତ୍ତି—ସୋଲକାର ପରିବର୍ତ୍ତନ ହେତୁ କମ୍ପାନୀ ଅଧା ମୂଲ୍ୟରେ ବିକ୍ରୟ କରି ଦେଉଛି—ଏହିପରି ଗଳ୍ପ ମି. ମିଷ୍ଟର ଭଣ୍ଡାରୀ ବହୁତ ଗାଳ୍ପି ଆଣି ବ୍ରହ୍ମବ୍ରତଙ୍କର ହୃଦ୍‌ବୋଧ କରାଇଦେଲେ । କିଣିକି କିସ୍ତିରେ ଟଙ୍କା ପରିଶୋଧ କରିବା ଚୁକ୍ତିରେ, କାଗଜପତ୍ର ରେଜେଷ୍ଟ୍ରି ହେବା ପରେ, ପ୍ରେସ୍ ଘର ଖୋଲିଲା । ଦେଖାଗଲା ଯେ ନଗଦ ପାଞ୍ଚ ହଜାର ମୁଦ୍ରା ନ ହେଲେ ପ୍ରେସ୍ ଖଲୁ ହୋଇପାରିବ ନାହିଁ । ପ୍ରଥମ କିସ୍ତି ପାଞ୍ଚ ହଜାର ସହିତ ଡାକ୍ତରାଣୀଙ୍କର ନଗଦ କ୍ୟାସରୁ ଦଶ ହଜାର ଚାଲିଗଲା । ପ୍ରେସ୍ ସମ୍ବନ୍ଧରେ ଅନଭିଜ୍ଞ ଏହି ଦମ୍ପତି ମିଷ୍ଟର ଭଣ୍ଡାରୀଙ୍କ କଥା ମାନି ଚଳିବାକୁ ବାଧ୍ୟ ହେଲେ । ବ୍ରହ୍ମବ୍ରତ ଡାକ୍ତରାଣୀଙ୍କୁ ସାହା ବୁଝାଇଲେ, ସେ ତାହା ସ୍ୱୀକାର କଲେ । ପ୍ରେସ୍‌ରେ କାମ ଚାଲିଲା । ପ୍ରଥମ କେତେ ମାସ କିଛି କିଛି ଲାଭ ମଧ୍ୟ ଦେଖାଗଲା । 'ମହାବୀର' ନାମରେ ଇଂରାଜୀ କାଗଜଟିଏ ପ୍ରଥମେ ପ୍ରଥମେ ସମ୍ପାଦକୀ ସ୍ଥାନରେ କୁନ୍ତଳା-କୁମାରୀଙ୍କ ନାମ ଦେଇ ବାହାରୁଥାଏ । ତା'ପରେ ହଠାତ୍ ବ୍ରହ୍ମବ୍ରତଙ୍କର ସର୍ବ ନାମ ଉଠିଲା । କାଗଜରେ କଣ ବାହାରେ, ଓଡ଼ ସମ୍ପାଦକଙ୍କୁ ଗୁମ୍ଫରେ ରଖାଯାଏ, ତାହା ଦେଖନ୍ତୁ ନାହିଁ । କଲିକତାପୋଲିସ୍‌ର ଭଣ୍ଡାରୀ ପ୍ରତ୍ୟେକ ଆସି ମୁଦ୍ରଣ ଯନ୍ତ୍ରର ଅଣ୍ଟାରେ ଓ' ପ୍ରାଣୀଙ୍କୁ ମୁକ୍ତ କରିଦେଇ ଯାନ୍ତି । ହଠାତ୍ ସମ୍ପାଦକଙ୍କୁ ଅଜ୍ଞାତସାରେ ବ୍ୟକ୍ତିଗତ କୁତ୍ସା ଯୋଗୁଁ ଦୁଇଟି ମାନହାନି ମୋକଦ୍ଦମା ଦାଏର ହେଲା । ଏଣେ ଭଣ୍ଡାରୀଙ୍କ ହେତୁରୁ ଅଙ୍କ୍‌ଲୋଇଣ୍ଡିଆନ କମ୍ପାନି (ଯାହାଙ୍କଠାରୁ ପ୍ରେସ୍ କିଣା ହୋଇଥିଲା) ମଧ୍ୟ ମୋକଦ୍ଦମା ଦାଏର କଲେ ।

ବ୍ରହ୍ମବ୍ରତ ଡାକ୍ତରାଣୀଙ୍କୁ ପ୍ରବର୍ତ୍ତାଇଲେ ଯେ ଶ୍ରୀଯୁକ୍ତ ଭଣ୍ଡାରୀ ପାଞ୍ଚମାସର ଦରମା ପାଇବାକୁ ଅଛନ୍ତି । ତାଙ୍କୁ ଅନ୍ତତଃ ଦୁଇ ମାସର ଦରମା ଏକସଙ୍ଗରେ ଟଙ୍କା ଦେବା ଭଲ ହେବ । ଡାକ୍ତରାଣୀ ତାଙ୍କର ଜଣେ ଶୁଭାକାଂକ୍ଷୀ ପ୍ରୌଢ଼ ବ୍ୟକ୍ତିଙ୍କ ସଙ୍ଗରେ ନେଇ ପ୍ରେସ୍‌କୁ ଚାଲି ଦେଖିଲେ ଯେ 'ମହାବୀର' ବନ୍ଦ ହେଲାଣି, ପ୍ରେସ୍‌ର ଅଧାଅଧି ଜିନିଷର ପତ୍ତା ନାହିଁ । ସେ ପ୍ରେସ୍‌ରେ କୌଣସି ପ୍ରକାରେ ତାଲା ବନ୍ଦ କରି ଫେରିଲେ । ଜଣେ ଆଇନ ପରାମର୍ଶ-ଦାତାଙ୍କ ମନ୍ତ୍ରଣାରେ ସମସ୍ତ ସମ୍ପତ୍ତି କୁନ୍ତଳାକୁମାରୀଙ୍କ ନାମରେ ରେଜେଷ୍ଟ୍ରି କରାଯାଇଥିଲା । ତାହାର ତ ସମ୍ପତ୍ତି—କେବଳ ଏହାଙ୍କ ପରଠୁ ବ୍ରହ୍ମବ୍ରତଙ୍କ ନାମ ଯୋଗ କରାଯାଇଥିଲା । ଫଳରେ ବ୍ରହ୍ମବ୍ରତଙ୍କ ନାମ ଖାରଜ ହେଲା । ଦରିଦ୍ର ଆର୍ଯ୍ୟସମାଜର । ଏଣିକି, ଜେ. ପି. ବ୍ରହ୍ମବ୍ରତ, ବାଚସ୍ପତି ଶାସ୍ତ୍ରୀ, ଧର୍ମେନ୍ଦ୍ର, କର୍ମେନ୍ଦ୍ର ଓଡ଼ିଶା ପଳାଇ ଆସିବାକୁ ବାଧ୍ୟ ହେଲେ ।

ସେମିତିକା ମୋକଦ୍ଦମାରେ ନୋଟିସ ଜାରି ହୋଇ ପାରିଲା ନାହିଁ । ସେପରି ବ୍ୟକ୍ତି କେହି ନଥିବା କଥା ପୋଲିସ ଜଣାଇବାରେ ଜଣାଇ ଦେଇଗଲା । ଡାକ୍ତରାଣୀଙ୍କ ନେତୃତ୍ୱରେ ଅନେକ ମୋକଦ୍ଦମା ଦୁଇଟି ଖାରଜ ହୋଇଗଲା; କିନ୍ତୁ ଆଙ୍ଗ୍ଲୋଇଣ୍ଡିଆନ କମ୍ପାନୀ ପଚିଶି ହଜାର ଟଙ୍କା ଡିକ୍ରି ପାଇଲା । ବ୍ରହ୍ମବ୍ରତଙ୍କ ନାମରେ ସେତେବେଳେ କୌଣସି ସମ୍ପତ୍ତି ନ ଥିବାରୁ ପ୍ରେସ୍‌ର ଭଙ୍ଗାଭଙ୍ଗି ଲୁହା ନେଇଗଲେ, ଭଙ୍ଗାଭୁଜା ମେସିନ୍‌ଟିମାନ ବାନ୍ଧିହୋଇ ନେଇ କମ୍ପାନୀ ଚାଲିଗଲା । ଏହି ଭାବ ଭଣ୍ଡାର ଦଳଟିକୁ ପଳାଇ ଯାଇ ବମ୍ବେରେ ଏକ ସିନେମା କମ୍ପାନୀ ଆରମ୍ଭ କରି ଡାକ୍ତର ବ୍ରହ୍ମବ୍ରତଙ୍କୁ ଡାଇରେକ୍ଟର ହେବାକୁ ପ୍ରଲୋଭିତ କରିଥିଲା; କିନ୍ତୁ ବ୍ରହ୍ମବ୍ରତ ତ ନଥିଲେ, କଣ କରାଯିବ ?

ଏତେ ସତ୍ତ୍ୱେ ଡାକ୍ତରାଣୀ ତାଙ୍କ ସ୍ୱାମୀଙ୍କୁ ଦେବତାତୁଲ୍ୟ ମନେକରୁଥିଲେ । ତାଙ୍କର ଏସବୁ ତ୍ରୁଟିକୁ ସେ ପ୍ରମାଦବଶତଃ କେବେ ଆଲୋଚନା ମଧ୍ୟକୁ ନେଉ ନଥିଲେ । ଧନ ଆସୁଛି ଯିବ, ଏହାହିଁ ତାଙ୍କର ମତ ଥିଲା ।

ବ୍ରହ୍ମବ୍ରତ ଓଡ଼ିଶା ଆସି ଜାଣିପାରିଲେ ଯେ ପରେ ଜେଲ୍ ଯାଇ ଦେଶସେବକ ତାଲିକାରେ ନାଁ ଲେଖିବେ । ସେଥିପାଇଁ ତତ୍ପରତା ଦେଖାଇଲେ; କିନ୍ତୁ ତାଙ୍କୁ କେହି ଜେଲ୍‌କୁ ନେଲେ ନାହିଁ । ତାଙ୍କ ଉପରେ କଡ଼ା ପୋଲିସ ସତର୍କ ଦୃଷ୍ଟି ଥିଲା । ଶେଷକୁ ତାଙ୍କୁ ଏକ ସୁଯୋଗ ମିଳିଲା । ୧୯୩୨ର ଜାନୁଆରୀ ବା ଫେବୃଆରୀ ହେବ—ମାଟ୍ରିକୁଲେସନ ପରୀକ୍ଷାର୍ଥୀଙ୍କୁ ଟାଉନହଲ୍‌ରେ ଏକ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ୱର୍ଗତ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଏମ୍. ଏଲ୍. ସି. ( ବିହାର ଓ ଓଡ଼ିଶା କାଉନସିଲର ଡେପୁଟି ପ୍ରେସିଡେଣ୍ଟ ) ସଭାପତି ଥାନ୍ତି । ଭୂତପୂର୍ବ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସ୍ୱର୍ଗତ ଶ୍ରୀକୃଷ୍ଣ ମହାପାତ୍ର ସଭାରେ ବକ୍ତା ଥାନ୍ତି । ଅହମ୍ମଦ୍ ସାହେବ, ଡେପୁଟି ମାଜିଷ୍ଟ୍ରେଟ୍, ମୁହଁ ମୁହଁ ଆଦେଶ ଦେଇ ଜେଲ୍‌କୁ ପଠାଇବା କ୍ଷମତା ପାଇ ସମସ୍ତ ସତ୍ୟାଗ୍ରହୀଙ୍କୁ ପଠାଉଥାନ୍ତି । ସେ ମଧ୍ୟ ଥାନ୍ତି । ନେତାନେତ୍ରୀ ତ ସମସ୍ତେ ଜେଲ୍‌ରେ ।

ଏହି ଅଦ୍ଭୁତଦର୍ଶନ, ଢିଲାପାଞ୍ଜାମା ପିନ୍ଧା, କୋଟର ଚକ୍ଷୁ, ଶ୍ମଶ୍ରୁବହୁଳ ବାବାଜୀ ଲୋକ ଜଣକ ହଠାତ୍ ହଲ୍ ଭିତରକୁ ପଶି କହିଲେ—"ମୁଁ ଛାତ୍ରୀଛାତ୍ରମାନଙ୍କୁ କିଛି ଉପଦେଶ ଦେବି । ସଭାପତି ଅନୁମତି ଦିଅନ୍ତୁ ।"

ସଭାପତି କହିଲେ—"ମହାଶୟ ! ଆପଣ କିଏ ଅଜଣା ବ୍ୟକ୍ତି । ସଭାକାର୍ଯ୍ୟ ଆଉ ଏଠାରେ ହୋଇପାରିବ ନାହିଁ—ସଭାକାର୍ଯ୍ୟ ନିର୍ଦ୍ଦେଶ ଅଛି । କିପରି ଅନୁମତି ଦିଆଯିବ ?"

ବ୍ରହ୍ମବ୍ରତ ପୁନଃପୁନଃ ଅନୁରୋଧ କଲେ, ଶେଷ ଅନୁସାରେ ଅନୁମତି ଦିଆଗଲା । ପୋଲିସ ତାଙ୍କର ପରିଚୟ ମାଗିଲା । ସେ କହିଲେ—'ଡକ୍ଟର କେ. ପି. ବ୍ରହ୍ମବ୍ରତ, ଭାରତୀୟ ଶାସ୍ତ୍ରୀ ।' ଅଧିକ ପରିଚୟ ଦେବାକୁ କହୁଥିଲେ; କିନ୍ତୁ ତାହା ଦେବା ଦରକାର ନାହିଁ । ପ୍ରଶ୍ନ ହେଲା—'ଘର କେଉଁଠି ?' ସେ କହିଲେ—ସ୍ୱର୍ଗ ଠାରେ, କାରଣ ତାଙ୍କ ବଡ଼ ଘର ସେଠାରେ

କଲେକ୍ଟରେଟ୍‌ରେ ଜଣେ କର୍ମଚାରୀ ଥିଲେ । ଅଧିକ ପ୍ରଶ୍ନ ହେଲା ନାହିଁ । ବ୍ରହ୍ମଚାରୀ ସର୍ବଦା ଯେପରି କହୁଥାନ୍ତି ସେପରି ଠିକେ ଠିକେ ଇଂରାଜୀ, ଠିକେ ହିନ୍ଦୀ ମିଶାଇ ଓଡ଼ିଆରେ ବକ୍ତୃତା ଆରମ୍ଭ କରି କହିଲେ—

"ସେ ସ୍ୱାମୀ'ର ଦେଶମାତୃକା ବନ୍ଦନା ଶୁଣନ୍ତି ନାହିଁ । ସ୍ୱକୂଳ ଜନନୀ ଏକ ଅଦ୍ଭୁତ ପ୍ରେରଣାକର୍ତ୍ତ୍ରୀ ହୋଇଥିଲା । ଗର୍ଭବତୀ ହେଲେ । ମଗଧର ସେ ବଡ଼ ହନୁମାନ୍ ( ଅଶ୍ଳୀଳ ଶବ୍ଦ କହିଲେ ) ପେଟ ଚିରିଲା । ଦେଖନ୍ତୁ ସଜ୍ଜନ, ସ୍ୱାର୍ଥ କି ବିଷମ ବସ୍ତୁ ! ଏବେ ସେ ସ୍ୱାମୀଙ୍କ ସନ୍ତାନ ଲଗାଇଥିବ ମୋହାନ୍ତ, ତୋପର ନେଇ ସ୍ୱାମୀଙ୍କ ପୂଜାପଣ୍ଡାଙ୍କର ଶ୍ରୀକୃଷ୍ଣ ମହାପାତକ । ଦେଖୋ ଭାଇମାନେ × × × ମୋ କଥାକହିବେ ମୋ—"

ପୁଲିସ ତାଙ୍କ ବକ୍ତୃତା ଶେଷ କରିବା ବନ୍ଦ କରିବାକୁ ଚେଷ୍ଟାକଲା; ମାତ୍ର ବ୍ରହ୍ମଚାରୀ ସଭ୍ୟମଣ୍ଡଳୀରେ କହୁଥିବାବେଳେ ବାଧା ଦେଇ ହେଲାନାହିଁ । ଯାହାହେଉ, ଅନେକ ସାହେବ ଅର୍ଡ଼ର ଦେଲେ—ଜେଲ୍ ଛ ମାସ, ପୁଣି ଜେଲ୍‌କୁ ନେଇଯାଅ । ପୋଲିସ୍ ଭ୍ୟାନ୍ ପ୍ରସ୍ତୁତ ଥିଲା । ବ୍ରହ୍ମଚାରୀଙ୍କ ମନବାସନା ପୂର୍ଣ୍ଣ ହେଲା । ଶୁଣିଲି ତାଙ୍କ ଭାଷଣରୁ—ଇନ୍‌କ୍ଲାବ୍—ଜିନ୍ଦାବାଦ୍ ।

କିଛି ଦିନ ପରେ ମୁଁ ପୁରୀ ଯାଇଥିଲି । ସ୍ୱର୍ଗଦ୍ୱାର ସାହିରେ ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ମତେ ପଚାରିଲେ—"ଶୁଣିଛ, କେଉଁ ବ୍ରହ୍ମଚାରୀ ଜଣେ ଜଣ ? ସେ ପୁରୀ ଜେଲ୍ ଯାଇ ପଢ଼ାଉଛନ୍ତି ।" ସେତେବେଳେ ତାଙ୍କ ଚିହ୍ନାଜଣା ଓଡ଼ିଶାରେ ବେଶୀ ନ ଥିଲା । ସେ କେଉଁ ଲୋକ—କେ. ପି. ବ୍ରହ୍ମଚାରୀ, ଅର୍ଥାତ୍ କୃଷ୍ଣପ୍ରସାଦ ବ୍ରହ୍ମଚାରୀ ବୋଲି ମୁଁ ବୁଝାଇ ଦେଲି । ଆର୍ଯ୍ୟସମାଜରେ ଗୁରୁକୁଳରେ ଅଧ୍ୟୟନ କରିଥିବା ଛାତ୍ରମାନେ ବ୍ରହ୍ମଚାରୀ ନାମରେ ପରିଚିତ ହୁଅନ୍ତି । କୃଷ୍ଣପ୍ରସାଦ ଦାସ ତାଙ୍କ ନାମ; 'ଦାସ' ବଦଳରେ 'ବ୍ରହ୍ମଚାରୀ'କୁ ପଦବୀ ସ୍ୱରୂପ ଗ୍ରହଣ କରିଛନ୍ତି ।

ସ୍ୱାମୀଙ୍କର ଜେଲ୍ ଜୀବନରେ ମଧ୍ୟ ଶ୍ରୀମତି ନଥିବାରୁ ଭାଗ୍ୟବତୀ କୌଣସି ସଭାସମିତିରେ ଯୋଗ ଦେଉନ୍ତି ନାହିଁ । କାରଣ, ଆମନ୍ତ୍ରଣ ପତ୍ର କେବଳ ତାଙ୍କ ନାମରେ ଆସେ । ସେ କହନ୍ତି—"ମୋ ସ୍ୱାମୀ ତ ଅସଜ୍ଜନ, ମୁଁ ଏ ସ୍ୱର୍ଗ କାହିଁକି ଆଶା କରିବ ?"

## ଆର୍ଯ୍ୟ ମହାସମ୍ମେଳନରେ ସଭାନେତ୍ରୀ

କିନ୍ତୁ ଏହି ଅବସରରେ, ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିବେଳେ, ଏକ ମହତ୍ ନାଗପୁରରେ ସଭାନେତ୍ରୀ ହେବାର ସ୍ୱର୍ଗ ମିଳିଗଲା । ପଚାଶ ହଜାରରୁ ଅଧିକ ନାରୀ ଯେଉଁ ସଭାରେ ଏକତ୍ରିତ ହେବେ, ତା'ଠୁ ସ୍ୱର୍ଗ ଅଧିକ କ'ଣ ?

ଦ୍ୱିତୀୟ ଥର ମହାସମ୍ମେଳନ ନାଗପୁରରେ ହେଉଥିବାବେଳେ ସେଠି ଆର୍ଯ୍ୟ ମହିଳା ମହାସମ୍ମେଳନ ବସିଥିଲା, କୁନ୍ତଳାକୁମାରୀ ସେଥିରେ ସଭାନେତ୍ରୀ ଭାବରେ

ହୋଇ ଗଲେ । ଅବଶ୍ୟ ଆର୍ଯ୍ୟସମାଜର ବହୁ ଗୁରୁକୁଳରେ ସେ ଗଭୀରଭାବେ ଜଡ଼ିତ ହୋଇ ପ୍ରଚାରର ମଧ୍ୟ ନେତୃତ୍ୱ କରୁଥିଲେ । ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ସଦ୍‌ବ୍ୟବହାରରେ ସମସ୍ତ ଆର୍ଯ୍ୟସମାଜ ତାଙ୍କୁ ମହାକେନ୍ଦ୍ରୀୟରେ ଗ୍ରହଣ କରୁଥିଲେ । କେବଳ ଦିଲ୍ଲୀ ନୁହେଁ, ସମସ୍ତ ହିନ୍ଦୀଭାଷୀ ଅଞ୍ଚଳରେ ଜଣେ ବିଦୁଷୀ ନାରୀରୂପେ ଓ ଆର୍ଯ୍ୟସମାଜ ଭିତରେ ତାଙ୍କର ପ୍ରତିଷ୍ଠା ଅତି ମହତ୍ତ୍ୱପୂର୍ଣ୍ଣ ସ୍ତରରେ ବଢ଼ି ଚାଲିଥିଲା । ତାଙ୍କର ୪୦ ପୃଷ୍ଠାବ୍ୟାପୀ ଅଭିଭାଷଣଟି 'ନାରୀଜାଗରଣ' ନାମରେ ପ୍ରକାଶିତ ହୋଇଥିଲା । ତାହା ଶ୍ରୀମତୀ ପ୍ରେମକଳୀ ଦେବୀ, ମନ୍ତ୍ରାଣୀ ସ୍ତ୍ରୀ ଉପକାରିଣୀ ସମିତି, ବରେଲି ଛପାଇଥିଲେ । ସେଥି ୭ ରୁ ୯ ତାରିଖ, ଏହି ତିନି ଦିନ, ଫେବୃୟାରୀ ୧୯୩୨ ରେ ହୋଇଥିଲା । ଏହି ସଭାରେ ପାଞ୍ଚ ଲକ୍ଷ ନାରୀ ଯୋଗ ଦେଇଥିଲେ । ଏପରି ସଭା ଏଥିପୂର୍ବରୁ କେହିବି ଦେଖି ନଥିଲା ।

କନ୍ୟାବିଦ୍ୟାଳୟର ଏକ ଶିକ୍ଷୟିତ୍ରୀ ପ୍ରେମକଳୀ ଦେବୀ ଯେତେବେଳେ ମୁଗ୍ଧ ମଧୁର କଣ୍ଠରେ କୁନ୍ତଳାକୁମାରୀଙ୍କର ପରିଚୟ ପ୍ରଦାନ କରିଥିଲେ, ସେତେବେଳେ ନାରୀସମାଜ ଜାଣି ସ୍ତମ୍ଭିତ ହୋଇଥିଲେ ଯେ ଅହିନ୍ଦୀଭାଷୀ ଅଞ୍ଚଳର ଜଣେ ନାରୀ ହିନ୍ଦୀଭାଷୀ ଅଞ୍ଚଳରେ ଏପରି ପ୍ରତିପତ୍ତି କିପରି ଲାଭ କରିଛନ୍ତି ! କୁନ୍ତଳାକୁମାରୀ ଯେତେବେଳେ ତାଙ୍କ ମଧୁର କଣ୍ଠରେ 'ପ୍ୟାରୀ ବହିନୋ !' କହୁଥିଲେ, ଆନନ୍ଦଧ୍ୱନିରେ ସଭା ଉଚ୍ଛୁଳି ଉଠିଥିଲା । ସମସ୍ତ ଛାପା ଅଭିଭାଷଣଟି ମୋ ପାଖେ ଅଛି । ତାଙ୍କର ଏହି ଅଭିଭାଷଣଟି ପ୍ରଖ୍ୟାତ ମାସିକ 'ସୁଧା'ର ୧୯୩୨ ମଇ ସଂଖ୍ୟାରେ, ସରସ୍ୱତୀ, ବିଶ୍ୱମିତ୍ର, ସାର୍ବଦେଶିକ ଆଦି ଶତ ଶତ ପତ୍ରପତ୍ରିକାରେ ତାଙ୍କର ଫଟୋ ସହିତ ପ୍ରକାଶିତ ହୋଇଥିଲା ।

ଫଟୋତଳେ ଏପରି ଲେଖାଥିଲା—

"ଉତ୍କଳ ସୁରତ୍ନ ଆଦର୍ଶ ମହିଳାରତ୍ନ ଶ୍ରୀମତୀ ଡାକ୍ତର କୁନ୍ତଳାକୁମାରୀ ଦେବୀ ।" ( ସାର୍ବଦେଶିକ )

ଅନ୍ୟତ୍ର—"ଡକ୍ଟର କୁନ୍ତଳାକୁମାରୀ ଦେବୀ" ଆପ ଉତ୍କଳ ନିବାସିନୀ ହୋକର ଭୀ ହିନ୍ଦୀ ଭାଷାସେ ବହୁତ ପ୍ରେମ ରଖତୀ ହୈ । କୁଛ ସମୟ ପୂର୍ବ ବରେଲୀମେଁ ଆର୍ଯ୍ୟ ମହିଳା ସମ୍ମେଳନ କେ ଅବସର ପର୍ ଆପ୍‌ନେ ଏକ୍ ମହତ୍ତ୍ୱପୂର୍ଣ୍ଣ ଭାଷଣ ଦିୟା ଥା ।

ଜିସେ ପାଠକ ଅନ୍ୟତ୍ର ପୃଷ୍ଠୋମେଁ ପାଏଁଗେ" (ସୁଧା)

'ସାର୍ବଦେଶିକ' ସମ୍ପାଦକୀୟରେ ଲେଖିଥିଲେ—

"ମହିଳା ସମ୍ମିଳନକୀ ସଭାନେତ୍ରୀ" ଥୀ ଉତ୍କଳନିବାସୀ ଶ୍ରୀମତୀ ଡାକ୍ତର କୁନ୍ତଳାକୁମାରୀ ଦେବୀଜୀ । ତୁମ୍ହେଁ ସାର୍ବଦେଶିକ କେ ପାଠକ ପାଠିକାଓଁ କେ ଆପ୍‌କା ବିଶେଷ ପରିଚୟ ଦେନେକୀ ଆବଶ୍ୟକତା ନହୀଁ ହୈ । ଅନେକ ଲେଖ ସମୟ-ସମୟ ସାର୍ବଦେଶିକମେଁ ପ୍ରକାଶିତ ହୋତେ ରହତେ ହୈଁ । ଆପ୍‌କା ଭାଷଣ ବହୁତ ହୀ ଓଜସ୍ୱୀ ଭାବପୂର୍ଣ୍ଣ ଔର ସ୍ଫୂର୍ତ୍ତିଦାୟକ

ଥୀ, ଆପକେ ଇସ୍ ସ୍ୱପ୍ନେମେ ଅପନେ ମନୋଭାବୋଁ କୋ ଅପନେ ସମସ୍ତ ସ୍ତ୍ରୀଜାତିକେ ମନୋଭାବୋଁ କୋ ଜିସ୍ ଖୂବ ଔର ସୁନ୍ଦରତାକେ ସାଥ୍ ଦର୍ଶିତ କିୟା ହୈ, ଵହ ଦେଖତେହୀ ବନତା ହୈ । ଆପକେ ହୃଦୟମେଁ ଅପନୀ ବହନୋଁକେ ଲିଏ, ବହନୋଁକୀ ସେବା ଔର କଲ୍ୟାଣ କେ ଲିଏ ବହନୋଁକେ ଉତ୍ଥାନ ଔର ଅଭ୍ୟୁଦୟକେ ଲିୟେ ଦର୍ଦ ହୈ, ବେଚୈନୀ ହୈ, ଔର ହୈ ସଚ୍ଚୀ ଲଗନ । ଔର ଇସୀଁ ଶୁଦ୍ଧ ଭାବନାଓଁ ସେ ପ୍ରେରିତ ହୋକର ଆପ ସଦା ଜନକୀ ସେବା ଔର ଧର୍ମସ୍ୱତାମେଁ ନିଷ୍କାମ ଭାବସେ ସଂଲଗ୍ନ ରହତୀ ହୈ । ଆପ କବି ହୈ, କବି-ହୃଦୟ ହୈ । ଆପକୀ ଲେଖନୀମେଁ ନବୀନତା ହୈ, ପ୍ରସାଦ ହୈ । ମୌଲିକତା ହୈ, ପ୍ରେରଣା ଔର ସ୍ଫୂର୍ତ୍ତି ହୈ, ଔର ମର୍ମକୋ ଛୂନେ କରନେବାଲୀ, ହୃଦୟକୋ ସ୍ପନ୍ଦିତ କରନେବାଲୀ ଭାବନା-ଓଁ କା ବିଲକ୍ଷଣ ପ୍ରଭାବ । ଆପକେ ସ୍ୱପ୍ନକା ବିଷୟ ଥା ଭାରତ ସ୍ୱରାଜ୍ୟ, ଔର ଓ ଵହ ସ୍ୱରାଜ୍ୟ କେବଲ୍ ଭାରତକୀ ନାରୀୟୋଁକା ସ୍ୱରାଜ ନହିଁ । ସମସ୍ତ ଭୂମଣ୍ଡଲକୀ ନାରୀୟୋଁକା ସ୍ୱରାଜ୍ୟ ! ଔର ଇସୀ ସ୍ୱରାଜ୍ୟକୋ ପ୍ରାପ୍ତ କରନେକେ ଲିଏ ଆପନେ ନାରୀଜାତିକୀ ବର୍ତ୍ତମାନ ସ୍ଥିତିକୋ ଦେଖାତେ ହୁଏ, ସ୍ୱରାଜ୍ୟ ପ୍ରାପ୍ତିକେ ଅନେକ ସୁନ୍ଦର ଉପାୟ ବତଲାଏ ଔର ବହୁତହୀ ଉତ୍ତମ ଔର କଲ୍ୟାଣକାରୀ ଉପଦେଶ ଦିୟେ । ଆପକେ ବୈଦିକଧର୍ମ ଔର ଆର୍ଯ୍ୟସଂସ୍କୃତିମେଁ ଅଗାଧ ଶ୍ରଦ୍ଧା ହୈ । ସାଦା ଜୀବନ ଔର ଉଚ୍ଚବିଚାରକୀ ମାନୋ ଆପ ପ୍ରତିମୂର୍ତ୍ତିସି ହୈ । ଆପକେ ଅପନେ ପ୍ରାଚୀନ ଭାରତ ମାତାଓଁ କେ ପଦଚିହ୍ନୋଁପର ଚଲକର ଅପନା ଜୀବନ-ପଥ ଔର ଜୀବନ-ଆଦର୍ଶ ବନାୟା ହୁଆ ହୈ । ଔର ଇସୀ ଆଦର୍ଶମେଁ ଵହ ନାରୀ ସ୍ୱରାଜ୍ୟକା ସତ୍ୟ ସ୍ୱରୂପ ଔର ନାରୀ ଜାତିକା ବାସ୍ତବିକ କଲ୍ୟାଣ ଜାନତୀ, ସମଝତୀ ଔର ଦେଖନେକୀ ଆଶା ଔର ଅଭିଲାଷା ରଖତୀ ହୈ ।

"ଆର୍ଯ୍ୟ ସମାଜନେ ନାରୀଦେହକୀ ଦେବିୟୋଁ ପର କମ୍ ଉପକାର ନହିଁ କିୟା ହୈ । ଆଜ ଜୋ ହମ ଇସ ସ୍ତ୍ରୀଜାତିମେଁ ଜାଗୃତିକେ ଚିହ୍ନ ଦେଖାଇ ପଡ଼ନେଲଗେ ହୈ, ଔର ଉନମେ ନଈ ଆଶାଓଁ ଔର ଆକାଂକ୍ଷାଓଁକା ଉଦୟ ହୋନେଲଗା ହୈ, ଉନ୍ହେଁ ଶ୍ରେୟକା ଅଧିକାର ଆର୍ଯ୍ୟସମାଜକେ ଅତିରିକ୍ତ କୋଇ ଔର ସଂସ୍ଥା ନହିଁ ଲେ ଜା ସକତୀ ହୈ । ପରନ୍ତୁ ସଚ୍ ତୋ ୟହ ହୈ କି ଆର୍ଯ୍ୟସମାଜନେ, ଆର୍ଯ୍ୟସମାଜକେ ଜିମ୍ମେଦାର ଅଧିକାରୀୟୋଁନେ ସ୍ତ୍ରୀଜାତିକେ ଅନ୍ଦର ବୈଦିକ ଧର୍ମପ୍ରଚାରକା ବହୁତ କମ ଯତ୍ନ କିୟା ହୈ । ଔର ୟହୀ କାରଣ ହୈ କି ଆଜକଲ ପଢ଼ନେ ପାଠ୍ କର୍ତ୍ତ ଗୁରୁକୁଲ ଜାନେ ପର ଭୀ ଆର୍ଯ୍ୟ-ସମାଜୀ ଅନେକ ଆର୍ଯ୍ୟ-ଘରୋଁମେଁ, ଅନେକ୍ ଆର୍ଯ୍ୟ ପରିବାରୋଁମେ, ଅଛୂତ୍ ବନା ହୁଆ ହୈ । ଦେବିୟୋଁନେ ଉସ ବିଲକୁଲ ଧ୍ୟାନ ନହିଁ ଦିୟା ହୈ । ହମାରା ବିଶ୍ୱାସ ହୈ ଔର ଦୃଢ଼ବିଶ୍ୱାସ ହୈ କି, ଜବତକ୍ ଆର୍ଯ୍ୟସମାଜ ସ୍ୱୟଂ ଭୂଲ ସୁଧାର ନହିଁ କରେଗା, ଔର ବୈଦିକ ଧର୍ମକେ ପ୍ରଚାରମେଁ ଦେବିୟୋଁକା କାଫି ସହଯୋଗ ପ୍ରାପ୍ତ କରନେକୀ କୋଶିଶ୍ ନହିଁ କରେଗା, ତବତକ ପୁରୁଷୋଁକେ ହଜାର ହଜାର ଯତ୍ନ କରନେ ପର ଭୀ ଆର୍ଯ୍ୟସମାଜକୋ କଭୀ ପୂର୍ଣ୍ଣ ସଫଲତା ପ୍ରାପ୍ତ ନହିଁ ହୋ ସକତୀ ! ଆବଶ୍ୟକତା ହୈ କି ଆର୍ଯ୍ୟସମାଜ ଇସ୍ ଔର ଗମ୍ଭୀର

ସ୍ଥାନ ଦେଇ, ଆମ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ! ଆମ ନାରୀପ୍ରଗତିର କଥା ହୃଦୟରେ ସଞ୍ଚାରିତ ଆମ ଦୃଷ୍ଟାନ୍ତରେ ଜାଗି ଉଠ ଉଠାଏ। ଅସ୍ତୁ—ତୁମ୍ ଦେଖ କୁନ୍ତଳ କୁମାରୀଙ୍କ ସହିତ ସୁଦ୍ଧାରେ ଆମ ମସ୍ତକ ଅବନତ ହୁଏ। ଆମ ସ୍ୱାର୍ଥ ସମ୍ପର୍କରେ ପ୍ରଗତି କରିଦେଇଛନ୍ତି, ଆମ ଶୁଦ୍ଧତେ ଚିନ୍ତି କ, ପ୍ରତ୍ୟେକ ନର-ନାରୀ ଜେ ମାନବ ଜାତିକା ଶିକ୍ଷା ସ୍ୱର୍ଗକୋଷ ହୈ, ଆମ ସହାୟକ ଚାହୁଁଚେଳେ ମିଳି କର୍ ଶାନ୍ତି ସ୍ଥାପିତ କା ଉଠ୍ ନ ହୈ, ଜନ୍ ବୈଶ୍ୱେ କୋ ପଢ଼ କର ଯଥା ଶକ୍ୟ ସ୍ୱଦେଶ ବ୍ୟବହାରମେଂ ଲାନେକା କୋଶିଶ୍ କରେଂ। ଦେଶକାଳ ଶାନ୍ତି ସହଯୋଗ ଦେଶସ୍ଥ ଆମ ମନକଷ୍ଟ ହୈ।

"ମହିଳା ମହାସମ୍ମେଳନକା ଦ୍ୱିତୀୟ ଅଧିବେଶନ ଅର୍ଯ୍ୟସମାଜକେ ଉତ୍ସାହସେ ଏକ ଉଲ୍ଲେଖଯୋଗ୍ୟ ଅଧିବେଶନ ଥା। ଇସ୍‌କୀ ସଫଳତାକା ଅଧିକ ଶ୍ରେୟ ସମ୍ମେଳନକୀ ସ୍ୱାଗତାଧ୍ୟକ୍ଷା ଶ୍ରୀମତୀ ହେମନ୍ତକୁମାରୀ ଦେବୀକୋ ହୈ। ଆପକେ ହୃଦୟମେଂ ଆର୍ଯ୍ୟଜାତି, ହିନ୍ଦୁକେ ନାରୀଜାତିକେ ପ୍ରତି କ୍ୟା ଭାବ ହୈ, ସ୍ୱୟଂ ଆପକେ ଭାଷଣସେ, ଜୋ ଇସ୍ ଅଙ୍କ ମେଂ ପୃଥକ୍ ଛପ ରହା ହୈ, ଭଲି ଭାନ୍ତି ପ୍ରକଟ ହୈ।"

(ସାର୍ବଦେଶିକ ୧୯୩୭ ଫେବ୍ରୁଆରୀ)

ଅର୍ଯ୍ୟମହିଳାଏଁ—ଲୁଇସେନ ଦ୍ୱାରା, ବରେଲୀମେଂ ଆର୍ଯ୍ୟ-ମହିଳାସମ୍ମେଳନକା ସଞ୍ଚାଳନ କେ ପଦସେ ଡାକ୍ତର କୁନ୍ତଳକୁମାରୀଜୀନେ ଏକ ବଡ଼ା ସାରଗର୍ଭିତ ତଥା ଉପଯୋଗୀ ଭାଷଣ ଦିୟା ଥା। ଉସ୍‌କା କୁଛ ଅଂଶ ପାଠିକାଓଁ କେ ଲାଭାର୍ଥ ସୁହ୍ନାଙ୍କ ଉଦ୍ଧୃତ କିୟା ଜାତା ହୈ:

(ବୃନ୍ଦ, ମଇ ସଂଖ୍ୟା—୭ମ ପୃଷ୍ଠା)

ତାଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି, ପାଣ୍ଡିତ୍ୟ ଓ ଅନ୍ୟାନ୍ୟ ସଦ୍‌ଗୁଣ ଦେଖି ସୁଧୀ ସମ୍ପାଦକମାନେ ଯାହା ବର୍ଣ୍ଣନା କରୁଥିଲେ, ତାହା ଏକାନ୍ତ ସତ୍ୟ ଥିଲା। ତାଙ୍କ ପାଖକୁ ଯାଇ ନିରାଶ ହୋଇ ଫେରି ଫେରିବାର କଥା ନଥିଲା। ସେ ଉତ୍ତରଭାରତର କନ୍ୟାବାଳ ଲୁଟ୍‌ନ ପରିବାରର ଅନାଥ ଶିଶୁକୁ ଯେପରି ବଞ୍ଚାଇ ଦେଉଥିଲେ, ସେ କାହାଣୀ ନାରୀଜାତିର ଭକ୍ତିଥିଲେହେଁ, ଏଣୁ ମହାନୁଭବମାନଙ୍କ ଉପକାରିତାକୁ ସେଥିପାଇଁ ସମସ୍ତେ ସମ୍ମାନ ଦେଇ ଭୁଲିଥିଲେ। ସିମଳାରେ ଥିବା ଓଡ଼ିଆ କର୍ମଚାରୀ ନୀଳକଣ୍ଠ ମିଶ୍ରଙ୍କ ଉପକାର କରିବାରେ ତାଙ୍କର ଅମୂଲ୍ୟ ଦାନ କେହି ଭୁଲି ନପାରେ। ବାପୁଜୀ ଓ ବାପୁଜୀଙ୍କ ଭଗବତୀ ଶକ୍ତି ଏବଂ ଦୁଃଖାବସ୍ଥା ସେହି କେବଳ ଅନୁଭବ କରି ପାରୁଥିଲେ। ସେ ତାଙ୍କର ଅନ୍ୟ କାହାରୁ ଭକ୍ତିରେ କେତେବେଳେ ପଛରେ ନଥିଲେ। ସ୍ୱାମୀଙ୍କ ମୃତ୍ୟୁ, ଅନ୍ତଃକୋଷରେ ଦୁର୍ଗାବତୀ ନିଜର ସନ୍ତାନଙ୍କୁ ଓ କେତେକଙ୍କୁ ଛାଡ଼ି କେବଳ ଆଦେଶ ଉଦ୍ଦେଶ୍ୟ ଦେବାମାନଙ୍କ ଧନ୍ୟତାକୁ ଜନକଙ୍କ ପରି ଶାନ୍ତି ଭାବରେ ସନ୍ତାନଙ୍କୁ ସ୍ୱତ୍ୟାଗର ଯେପରି ଭାବନାପାଇଁରେ ଜଗତ ମୁଗ୍ଧ ବରଣ କରିଥିଲା, ତାହା ସେତେବେଳେ ସମସ୍ତ ଦୁନିଆଁକୁ ବାସ୍ତବ ଚିତ୍ରିତ କରିଦେଇଥିଲା।

ଦୁର୍ଗାବତୀଙ୍କର ଶବ ନେଇ ଯେଉଁ ଶୋଭାଯାତ୍ରା ହୋଇଥିଲା, କୁନ୍ତଳାକୁମାରୀ ସେଥିରେ ଅଗ୍ରଣୀ ହୋଇଥିଲେ

ପୋଲିସ ଏହି ଘଟଣାରେ ତାଙ୍କୁ ଗିରଫ୍ କରିବାକୁ ଚାହୁଁଥିଲେ ଏବଂ ତାଙ୍କ ଘର ମଧ୍ୟ ଖୋଜାଖୋଜି କରିଥିଲେ; କିନ୍ତୁ ସହରର ଦୁଇ'ଶ ଲୋକ ବେଢ଼ିଗଲା ଯୋଗୁଁ ସେମାନଙ୍କ ନିର୍ଦ୍ଦେଶ ପାଇ ପୋଲିସ ଲୁଚାଇଥିଲେ। ଇଂରେଜର ଯେଉଁ ଅଫିସର ମାନେ ତାଙ୍କ ବିରୁଦ୍ଧରେ ଯିବାର କଥା, ତାଙ୍କର ରମଣୀମାନେ ଡାକ୍ତରଣୀଙ୍କୁ ବେଢ଼ି ରହିଲେ। କିଏ ତାଙ୍କୁ ଛୁଇଁବ ? ତାଙ୍କର ମହାପ୍ରାଣତାରେ ବର୍ମାର ଅଧିକାଂଶ ସମ୍ଭ୍ରାନ୍ତ ମହିଳା ଉପକୃତ ଥିଲେ। କେତେବେ ତାଙ୍କୁ କେହି ନେବ କିଏ ? ଏପରି ଚମତ୍କାର ଦୃଷ୍ଟାନ୍ତ ପ୍ରାୟ ଦେଖା ନଥିଲା। ସେ ଏହି ପ୍ରସଙ୍ଗରେ ଡାକ୍ତର ମଜୁମଦାର ସହିତ ଏପରି ଏକ ବକ୍ତୃତା ଦେବା ସେ ତାଙ୍କୁ ଗିରଫ୍ କରିବା ଜରୁରୀ ହେଲା। ସେ ମଧ୍ୟ ଗିରଫ୍ ହେଲେ। ସ୍ତ୍ରୀ ପୁରୁଷ ଏ ଉନ୍ମାଦ ଖବର ଜେଲରେ ପ୍ରଚାରିତ ହୋଇଗଲା। ମଜୁମଦାର ଯେ ତାଙ୍କ ଫୁଲମାନଙ୍କରେ ପୋଡ଼ ପକାଇଥାନ୍ତି। ସେ ମୁକ୍ତ ହୁଅନ୍ତି। ଏପରି ସମୟରେ ଏକ ଅଦ୍ଭୁତ କାଣ୍ଡ ଘଟିଲା। ପୋଲିସ କମିଶନରଙ୍କ ଜଣେ ସଦସ୍ୟ କର୍ମଚାରୀଙ୍କ ସ୍ତ୍ରୀ ଓ କନ୍ୟା ଆସି ସେଠାରେ ପହଞ୍ଚିଗଲେ।

ଡାକ୍ତରଣୀ କୁନ୍ତଳାକୁମାରୀ ଗିରଫ୍ ଏହା ଅଭୂତପୂର୍ବ ମହଲରେ ଚହଳ ପକାଇ-ଦେଲା। ବହୁ ମାଜିଷ୍ଟ୍ରେଟଙ୍କ-ପତ୍ନୀ ମଧ୍ୟ ପହଞ୍ଚିଗଲେ। ଜଣେ ଇଂରେଜ ପୋଲିସ୍ ଅଫିସର ଇଂରେଜ ପୋଲିସ କର୍ମଚାରୀଙ୍କ କିଛି କହାଇଲେ କେଜାଣି, ପୋଲିସ ଫେରିଗଲେ। ଶୋଭାଯାତ୍ରାଟିଏ ନେବାକୁ ଦାବି ହେଲା। ଡାକ୍ତରଣୀଙ୍କୁ ସେଦିନ ଭଦ୍ରମହିଳାମାନେ ଘେରି ରହି ଆଣି ତାଙ୍କ ଘରେ ଛାଡ଼ିଦେଇଗଲେ ଏବଂ ସ୍ୱାଧୀନତାରେ କିଛି ସମୟ ଅତିବାହିତ ହୋଇଥିଲା।

ସେହି ନାଗରମାନେ ଅନୁରୋଧ କରି କହିଥିଲେ—ଆପଣ ଦୁର୍ବଳ ନାରୀମାନଙ୍କୁ ମୁକ୍ତ କରିବାକୁ ଯାଇ କେତେ ନାରୀ ଅଡ଼ୁଆରେ ପଡ଼ିବେ ଜାଣିଛନ୍ତି କି ? ସେମାନେ ତାଙ୍କର ଜେଲଯିବା ଏହି ପରିବର୍ତ୍ତନ ପାଇଁ ବହୁତ ବୁଝାଇଲେ। ସେ ତା' ମଧ୍ୟ ସ୍ୱୀକାର କଲେ।

ସତରେ, ନର୍ମଦା ମନ୍ଦିରରେ ସେ ଯେଉଁ ଆନ୍ଦୋଳନକୁ ଯେତେ ଗୁରୁତ୍ୱ ପାଇଁ ଦେଇଥିଲେ ତାଙ୍କ ଡାକ୍ତରଖାନାରେ ସ୍ୱତନ୍ତ୍ର ଅବସ୍ଥା ହୁଏ। ସେ ସେବାଶୁଶ୍ରୂଷା ମାଧ୍ୟମରେ ବହୁ କଷ୍ଟର ଜୀବନ ଶୁଣିଥାନ୍ତି ଏବଂ ସେ ଦୟାବନ୍ତ ଅଧିକ ହୋଇଉଠନ୍ତି। ଜଣେ ଦୁର୍ବଳ ହୋଇ ମଧ୍ୟ ସେବାର ବ୍ୟବସ୍ଥା କରିବାରେ କେବେ ପଛାନ୍ତି ନାହିଁ। ତାଙ୍କ ଚିକିତ୍ସା ନେବାକୁ ଉପଦେଶ ନେବା ପାଇଁ ଅନେକ ଯୁବତୀ ଯୁବକଙ୍କୁ ଯେ ଆସୁଥିଲେ, ତାହା କହିବାକୁ ଭୁଲି ନଥିଲେ। ଅନେକ ଅର୍ଥଲୋଭୀ ବ୍ୟବସାୟୀ ସ୍ୱାଭାବିକ ଭୋଗ ନେଇ କୁତ୍ସିତ ବ୍ୟବସାୟ କରୁଥିଲେ, ତାହା ସେ ଧୀରେ ଧୀରେ ଅଚଳ କରିଦେଇଥିଲେ। ଅଧିକାଂଶ ପଶୁ ଅନେକଙ୍କରେ ଦୁର୍ନୀତି

ଶ୍ୱେତମାନେ ଯାହା ଶୋଷଣରେ ଯେଉଁ କୁକାର୍ଯ୍ୟ କରୁଥାନ୍ତି, ତାହା ସେତେବେଳେ ସମାଜର ମଣ୍ଡା ଦୋହଲାଇ ଦେଉଥାଏ; କିନ୍ତୁ ଭାଗ୍ୟଶ୍ରୀ ଯେଉଁ ଦୁର୍ବଳ, ଦୁଃଖୀ ଓ ବିପଥଗାମୀ ଭକ୍ତମାନଙ୍କୁ ଶିକ୍ଷା ଅପେକ୍ଷା ସଂଯମର ପ୍ରାଧାନ୍ୟ ଜଣାଇ ସେମାନଙ୍କୁ ଆଶ୍ୱସ୍ତ କରିନେଉଥିଲେ । ମୋଗଲ୍ ଶକ୍ତିର ସେହି କେନ୍ଦ୍ରଭୂମିରେ କଣ କହିବ ବା ? ତଥାପି ସଂଯମର ମାତା ଆର୍ଯ୍ୟସମାଜ ଓ ଗାନ୍ଧୀ-ଆନ୍ଦୋଳନ ଯେପରି ଚହଳିଯାଉଥାଏ । କୁନ୍ତଳାକୁମାରୀ ସେଥିରେ ଏକ ଅଗ୍ରଣୀ ଆଦର୍ଶ-ନାରୀ ରୂପେ ପରିଗଣିତ ହେଉଥାନ୍ତି ।

ଏଣେ ତାଙ୍କ ସ୍ୱାମୀ ପୁଣି ଜେଲରେ ଆଉ କିଛି ଦୁଃଖର ଓ ଲଜ୍ଜାଜନକ କାର୍ଯ୍ୟ କରୁଥାନ୍ତି—ଅଭିପ୍ରାୟ କପଟ କଳଶ ହୋଇଗଲେ ।

ଭାଗ୍ୟଶ୍ରୀ ଏହି ଅବସରରେ ତାଙ୍କର ସ୍ୱାମୀଙ୍କୁ ଦେଖା କରିବାକୁ ପୁଣି ଆସିଲେ । ଜଗନ୍ନାଥ ଦର୍ଶନ କଲେ । ସ୍ୱାମୀଙ୍କ ସହିତ ସେ ଯେଉଁଦିନ ଦେଖାକଲେ, ସେହିଦିନ ତାଙ୍କ ସ୍ୱାମୀଙ୍କୁ ହଜାରିବାଗ ଜେଲକୁ ସ୍ଥାନାନ୍ତରିତ କରାଗଲା ।

ଫେରନ୍ତା, କଟକରେ ଏକ ଅଭ୍ୟର୍ଥନା ତାଙ୍କୁ ଦିଆଗଲା । ସେଥିରେ କଂଗ୍ରେସୀ ନେତୃବୃନ୍ଦ ଅଧିକ ଯୋଗ ଦେଇଥିଲେ । ଏହି ଅଭ୍ୟର୍ଥନା ସଭାରେ କୁନ୍ତଳାକୁମାରୀ ବହୁ ଗଠନମୂଳକ କଥା କହିଥିଲେ ନାରୀଜାତିପାଇଁ ।

ସେ ତାଙ୍କ ନିଜ ଚିଠିରେ ଏହି ସମୟର ଘଟଣା ସ୍ୱାମୀଙ୍କୁ ଫେରି ଲେଖିଥିଲେ—

୧୪ ମଇ, ୧୯୩୨

ସ୍ନେହର ଚକ୍ରଧର,

ବହୁତ ଦିନ ହେଲା ତୁମର ସମ୍ବାଦ ପାଇନାହିଁ । ତୁମେ ସେ କୋଉଠି ଅଛ, କଣ କରୁଛ, ତାର ଖବର ନାହିଁ । ମାତ୍ର ସମ୍ବାଦପତ୍ରରେ ଓଡ଼ିଶାର ପଲ୍ଲୀଗୀତଗୁଡ଼ିକ ଦେଖି ପ୍ରାଣ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ଶୀଘ୍ର ସମସ୍ତ ସଂଗ୍ରହ କରି ବହି ଆକାରରେ ଅର୍ଥ ସହିତ ମୋ ନିକଟକୁ ପଠାଅ । ଭବିଷ୍ୟତରେ ଉତ୍କଳର ଇତିହାସରେ ତାର ସ୍ଥାନ ରହିବ ।

ଗତ ଏପ୍ରିଲଠାରୁ ଏ ଏପ୍ରିଲ ପର୍ଯ୍ୟନ୍ତ ମୁଁ ଏକପ୍ରକାର ବେମାର । ତୁମେ ତ କୁନ୍ଦରେ ଗଲ । ଦେଖି ନ ପାରିଲି । ଗତ ଡିସେମ୍ବରଠାରୁ ଏ ଜାନୁଆରୀ ଆରମ୍ଭ ପର୍ଯ୍ୟନ୍ତ ଆପେଣ୍ଡିସ୍ ରୋଗରେ ଜୀବନର ଆଶା ତ୍ୟାଗକରି ଶଯ୍ୟାଶାୟୀ ଥିଲି; କିନ୍ତୁ ଆଶା ମରିନଥିଲା—ଅତଏବ ବଞ୍ଚିଲି । କିନ୍ତୁ ମାତ୍ର ଦେଶମାତୃକାର କାର୍ଯ୍ୟ କରୁଛି ।

ଶୈଳାଜବାବୁ କେଉଁଠି ଅଛନ୍ତି ଜାଣ କି ? ଚନ୍ଦ୍ରମୁଖ ବର୍ତ୍ତମାନ ଜେଲରେ (ହଜାରିବାଗ Central Jail) । ବାଲେଶ୍ୱର ଓ କଟକ ଯାଇଥିଲି । ମୋର ଅଭ୍ୟର୍ଥନା ହୋଇଥିଲା—

ଆସ କୁନ୍ତଳାକୁମାରୀ ସୁକୁମାରୀ
ଖାଇ କାଣ୍ଡ ତୁମେ ବସନାରୀ ।

ମୁଁ ବରଦାଙ୍କ ନୁହେଁ, କିନ୍ତୁ ସାରଦାରୀ ହେବାକୁ ଚିରଦିନ ଲାଳାୟିତ । ସାରପତ୍ନୀ ଏଣୁଟା ଜଣୁଥୁ । ମୋର ସାରଧର୍ମୀ ଯେବେ ଥିଲେ ସ୍ୱର୍ଣ୍ଣ ତପୋବନର କୁଟୀରମାଳା ଶରତଚନ୍ଦ୍ରଙ୍କ ଦକ୍ଷିଣ ଉପକଣ୍ଠରେ, ବୋଧହୁଏ 'ଶାନ୍ତାଦ୍ରି'ରେ, ନିର୍ମିତ ହେବ । ସ୍ୱର୍ଣ୍ଣ ତପୋବନ ଶଗଡ଼ ଅନୁଷ୍ଠାନ ହେଲେ ଆଉ ଥରେ ବୋଧହୁଏ ତୁମ୍ଭ ଦର୍ଶନ ପାଇଁ ତୁମର ପ୍ରାଣ ଲାଳାୟିତ ହେବ । ସକଳୁଣୁ ବୋଲନ୍ତି ଆମନ୍ତ୍ରଣ କରନ୍ତୁ ସମ୍ପାଦକ ରୂପେ । The Bharati ଇଂରାଜୀ ଓ ହିନ୍ଦୀରେ ବାହାର କରିବା ଇଚ୍ଛା । ଅଗଷ୍ଟ ଜୁନ୍ ୨୫ ତାରିଖକୁ ବୃନ୍ଦାବନ ମୁକ୍ତ ହେବା ମାତ୍ରେ ସବୁ କଥା । ମୋର ପଦେଲ ଅଭିଜ୍ଞଙ୍କ ଛବିଟି ପଠାଇଲି । ସ୍ୱାଦେଶିକ, ରୂପ ଆଦି ମଧ୍ୟ ପଠାଇଲି । ସେଥିରେ ସବୁ ଅଛି—ଅଧିକ କଣ ଲେଖିବି ।

ତୁମର ମା ଓ ସ୍ତ୍ରୀ କିପରି ଅଛନ୍ତି ? ସ୍ତ୍ରୀ ତମର ଘରକୁ ଆସିଲେଣି କି ? ଏଥର ତାଙ୍କୁ ଆସିଲେ ସଙ୍ଗୀନ ଆସିବ କି ? ମୋର ଜଗଛାଣୀ ହିଙ୍ଗୁଳ କୁମାରୀ ଭଲ ଅଛି । ସେ ମଧ୍ୟ ଗତ ଅକ୍ଟୋବର ଗୋଟାଏ ସୁନ୍ଦର ଝିଅଟିଏ ଦେଇଛି । ଭଗବାନଙ୍କର ସବୁ ଲୀଳା । ତୁମକୁ ଅତି ଶୀଘ୍ର 'ବୈଦିକ ଯାଗୋଁକା ଇତିହାସ'' ପଠାଇବି । ତୁମେ ଦକ୍ଷୀ ମହାଶୟଙ୍କ କୌଣସି ପ୍ରମାଣଯୋଗ୍ୟ ଐତିହାସିକ ତଥ୍ୟ ଜାଣ କି ! ବା କୌଣସି କିମ୍ବଦନ୍ତୀ ?

ଆଚ୍ଛା, ମାଦଳାପାଞ୍ଜି ଛପାହୋଇ ବିକ୍ରି ହେଉଛି । ସେ ମିଳେ କୋଉଠି ? ତାର ପତା ଲେଖିବ । John Naikର Qutlines of the History of the Oriya People ପାଇଁ ସେଇଟା ଦରକାର । ତୁମ ମାଷ୍ଟ୍ରାଣୀ ମୀନା ଦେବୀ ତୁମକୁ ବହୁତ ସ୍ନେହ ପ୍ରେମ ଜଣାଇଛନ୍ତି । ତାଙ୍କୁ ତୁମେ ଦିଲ୍ଲୀ ଛାଡ଼ିଗଲାବେଳେ ଭଣ୍ଡାରର କି ଦିବାକୁ ସେ ବଡ଼ ଦୁଃଖିତ । ମୁଁ କହିଲି—ସେ ତ ମଠର ବହୁ ଯାଇନି ।

ତୁମ 'କଣୋସ୍ୱ' କବିତା କଇଁଟି ମତେ ବଡ଼ ଭଲ ଲାଗିଲା । ତୁମେ ଯିବା ପରେ ତୁମ ସ୍ତ୍ରୀର ଖଣ୍ଡେ ଚିଠି କାର୍ଡ଼ରେ ଆସିଥିଲା । ୧୩ ବର୍ଷର ପିଲା କେଶ୍ ଚତୁର ଶିବାର ମନେହେଲା । ତୁମର ସମସ୍ତ ଆନନ୍ଦ ମୁଁ ଆଶା କରେ । ଚିଠି ଦେଉଥିବ, ନହେଲେ ଭୁଲିଯିବ ନାହିଁ ।

ତୁମ୍ଭର ମା'

ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ''

ଏହି ମୀନା ଦେବୀ ମତେ ପାଠ ପଢ଼ାଉଥିଲେ । ଜବରଦସ୍ତି ଧରି ନେଉଥିଲେ ଏବଂ ମୋ କାନ ମୋଡ଼ି ମଧ୍ୟ ପଢ଼ା ଆଦାୟ କରୁଥିଲେ ।

୭ ଜୁଲାଇ ୧୯୩୨ରେ ସେ ସ୍ତ୍ରୀ ଖଣ୍ଡେ ଚିଠି ଲେଖିଥିଲେ—"ବନ୍ଧୁବର ତଳେ ତୁମର ଖଣ୍ଡେ ଚିଠି ପାଇଥିଲି । ଏବେ ବୃନ୍ଦାବନ ଜେଲ୍ରୁ ଖଲାସ ହୋଇ ଆସିଲେଣି । ଉତ୍କଳର, ତୁମ ସାହିତ୍ୟିକ ବନ୍ଧୁ ମୋର ସାହିତ୍ୟିକ ଜୀବନ ଅପୂର୍ଣ୍ଣ । ଆଜିସୁଦ୍ଧା ମୁଁ ସମ୍ପୂର୍ଣ୍ଣ

ରୋଗମୁକ୍ତ ନୁହେଁ । ମୋର ଜୀବନରେ ଅନେକ ଦୁଃଖ ଓ ରୋଗର ପ୍ରବେଶ ଘଟିଛି । ଭଗବାନଙ୍କର ଇଚ୍ଛାରେ ଜୀବନରକ୍ଷା ହେଉଛି ଆଉକୁ ଯାହାହେଉ ଯାଉ । ତୁମେ ଲେଖ ତୁମ୍ଭ, ବଡଘରେ ପହଞ୍ଚିଲେ ଘଣ୍ଟାଏ—ଚିନ୍ତା ନାହିଁ । ଅଳ୍ପକାଳ ଭିତରେ ଲେଖିଲିଣି, ଅଧିକ ଆସୁଛି କରିନାହିଁ ।”

ଏ ସମୟରେ ତାଙ୍କର ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଆଦି ସମ୍ବନ୍ଧରେ ସେ ଯାହା ଲେଖିଥିଲେ, ତାହା ପାଠକଲେ ୧୯୩୨ ମସିହା ଶେଷବେଳକୁ ତାଙ୍କ ବ୍ୟକ୍ତିଗତ ଜୀବନ କିପରି ଥିଲା ତା’ ସ୍ପଷ୍ଟ ଜଣାଯାଇପାରିବ ।

୧୨ । ୧୨ । ୩୨

“ମୁଁ ସେଠି ଦିନେ ରହିଲି, ଆସିଲିଣି ପ୍ରାୟ ସବୁଦିନ ବେମାର । ଛଅ ସାତ ମାସ ନନ୍ଦିଗଲି ବେମାର ପଡ଼ିଲି । କେବେ ମୁଣ୍ଡ ଦରଜ, କେବେ ପେଟ ଦରଜ, କେବେ କିଛି ହେବାର ହୋଇଯାଉଛି କିଛି ଠିକଣା ନାହିଁ । ନାଁ ଶରୀରରେ ଆନନ୍ଦ, ନାଁ ମନରେ ଉତ୍ସାହ । ଦେଖାଯାଉ କେତେଦିନ ଏ ଭଙ୍ଗା ନଉକା ପାର ଲଗୁଛି । ଏହି ତ ଗଲା ସେଥିରୁ ବ୍ୟକ୍ତିଗତ କଥା । ଏଣେ ଶ୍ୱଶୁରଙ୍କ ଘେନି, ପିଲାଙ୍କ ମଧ୍ୟ ବାରମ୍ବାର ତ ହେଉଛି ବେମାର । ସବୁଦା ସଂସାର ଚିନ୍ତା ଲାଗିଛି । ମୋର ଇଚ୍ଛା—ତୁମେ ଥରେ ଦେଖନ୍ତେ ମୋ ଅନୁରୋଧ ରକ୍ଷିବ ନାହିଁ—ତୁମେ ଥରେ ଦିଲ୍ଲୀ ଆସି ବୁଲିଗଲେ ମୁଁ ପୁଣି ଖୁସି ହୁଅନ୍ତି । ତୁମକୁ ଦିଲ୍ଲୀ ଆସିବାକୁ ଲକ୍ଷ୍ମୀନାରାୟଣ ଶାହୁ ଲେଖିଥିଲେ । ତାର ତ ତୁମେ କୌଣସି ଉତ୍ତର ମୁଦ୍ଧା ଦେଇନାହିଁ । ତୁମର ସ୍ତ୍ରୀ କିପରି ଅଛନ୍ତି ? ତୁମର ମା’ କିପରି ଅଛନ୍ତି ? × ×

ମୋର ସାହିତ୍ୟିକ ଜୀବନ ଏକପ୍ରକାର ବନ୍ଦ ମନ୍ଥର ଗତିରେ ଚାଲିଛି, ପ୍ରାୟ ନାହିଁ କହିଲେ ଚଳେ । ତୁମେ ତ ଯାହାହେଉ ସାହିତ୍ୟସେବା କରୁଛ । ଦେଶର ସାହିତ୍ୟିକ ଶ୍ରେଣୀ ଭିତରେ ମୋର ଏ ଦଶା, ଦେଶକୁ ଫେରିଯିବାର ଆଉ ଆଶା ନାହିଁ । ଏଠି ଡାକ୍ତରୀ ପ୍ରାକ୍ଟିସ୍ ଭଲ ଚାଲିଛି । ଅନେକ ଅର୍ଥ, ପରେ ସିନା ଅନ୍ୟ କଥା ! ହିନ୍ଦୀ ସାହିତ୍ୟରେ କିଛି ଶିକ୍ଷାକରି ଲେଖାଲେଖି କରୁଛି । ଦେଖାଯାଉ କୋଉ ପାଣି କୁଆଡ଼େ ଯାଉଛି ।

ତୁମେ ଯାହାହେଉ ଦେହର ଶାନ୍ତିପୂର୍ବକ ସମସ୍ତ କରି ଭଲ କରୁଛ । ତୁମେ ଯେବେ ଦିଲ୍ଲୀ ଆସନ୍ତ, ତେବେଣି ମୋର ସାହିତ୍ୟିକ ଜୀବନ ପୁଣି ପୁନରୁଜ୍ଜୀବିତ ହୋଇ ପାରେ—ଏହି ଆଶା କରୁଛି । ବହୁଲୋକ ଭଲ ଅଛନ୍ତି । ଭଗବାନଙ୍କ କୃପାରୁ । କୈଳାସବାବୁ ଘରର କିଛି ଖବର ପାଅ କି ? ସେ ବର୍ତ୍ତମାନ କେଉଁଠି ଅଛନ୍ତି ?

ଗୋପବନ୍ଧୁ ବୋଲି ସେଠି ଜଣେ ଜଣକ ବାହାରିବା କଥା ଥିଲା, ସେ କଣ ହେଲା ? ତୁମ ଗ୍ରାମର ଖବର କଣ ? ଆମର ସ୍ନେହାଶୀର୍ବାଦ ଜାଣିବ । ଦିଲ୍ଲୀ ଆସିବା ନ ଆସିବା କଥା ଲେଖିବ ।”

‘ଆହ୍ୱାନ’ ବୋଲି ଖଣ୍ଡିଏ ଉପନ୍ୟାସ ମଧ୍ୟ ସେ ଲେଖିଥିଲେ ଏତିକିବେଳେ । ତାହା ପ୍ରକାଶିତ ହୋଇନଥିଲା । କାରଣ ‘ଆହ୍ୱାନ’କୁ ବ୍ରିଟିଶ୍ ସରକାର ବାଜେୟାପ୍ତ କରିଦେଇ-ଥିଲେ । ସୁନାମଧନ୍ୟ ଲକ୍ଷ୍ମୀନାରାୟଣ ସାହୁ ଏ ସମୟରେ ଦିଲ୍ଲୀ ଯାଇ କୁନ୍ତଳାଙ୍କର ସାହିତ୍ୟିକ ମନୁଷ୍ୟତ୍ୱ ଅନୁଭବ କରିଥିଲେ । କଥାପ୍ରସଙ୍ଗରେ ମୋର ଅଭାବ ଓ ଏ କ୍ଷେତ୍ରରେ ଅତି ଉପକାରୀ ମନେକରି ମୋତେ ଲକ୍ଷ୍ମୀନାରାୟଣ ବାବୁ ଏଠି ଦେଇଥିଲେ; ମାତ୍ର ମୁଁ ଆଉ ଦିଲ୍ଲୀ ଯିବା ପ୍ରସ୍ତାବ ରଖିନଥିଲି । ତେଣୁ ତାଙ୍କ ଚିଠିର ଉତ୍ତର ନଦେଇ ନୀରବ ରହିଲି । ଏହି ସମୟରେ ଗଞ୍ଜାମବାସୀଙ୍କ ତରଫରୁ ଇଚ୍ଛାପୁରରେ ଏକ ନିଖିଳ ଉତ୍କଳ କବି ସମ୍ମିଳନୀ କରାଯାଇ ତାଙ୍କୁ ଜାନୁୟାରୀ ୨୪ରେ ଦିଲ୍ଲୀରୁ ଆସିବାକୁ ନିମନ୍ତ୍ରଣ କରାଯାଇଥିଲା । ସେ ସେଥିରେ ନାରାଜ ହୋଇ ତାଙ୍କର ଲିଖିତ ପ୍ରବନ୍ଧ ପାଠକରି ଆସିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ମଧ୍ୟ ନାରାଜ ହେଲି ।

## ସେ ଓଡ଼ିଆ ସାହିତ୍ୟ-ଚର୍ଚ୍ଚା ଧୀରେ ଧୀରେ ଭୁଲାଇବସିଲେ

ସମ୍ବଲପୁରର ଜଣେ ଲେଖକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଖଣ୍ଡିଏ ଚିଠି ଏହି ଅବସରରେ ସେ ଲେଖିଥିଲେ । ସେଥିରୁ ତାଙ୍କର ମନୋଭାବ ସ୍ପଷ୍ଟ ଜଣାଯାଇପାରିବ । (ଚିଠିଖଣ୍ଡି ମୋତେ ସ୍ୱର୍ଗତ ପଣ୍ଡିତ ମିଶ୍ର ସହୃଦୟତାରେ ଦେଇଥିଲେ ।)

“ମହାଶୟ ! ଆପଣଙ୍କର ପତ୍ର ପାଇ ସାତିଶୟ ଆନନ୍ଦିତ ହେଲି । ଏ ମଧ୍ୟରେ ପୁତ୍ରମାନେ କହୁଥିଲେ ଓଡ଼ିଶାକୁ ଯାଉଥିଲୁ । ସେଥିପାଇଁ ପତ୍ର ଦେବାରେ ବିଳମ୍ବ ହେଲା । (ସେ ଜଗନ୍ନାଥ-ଦର୍ଶନ କରିବାକୁ କେତେଜଣ ନାରୀ ଯାତ୍ରୀଙ୍କ ସହିତ ସପରିବାର ପୁରୀ ଆସିଥିଲେ—ଲେଖକ) କ୍ଷମାକରିବେ । ଏଣିକି ସମ୍ବଲପୁରରେ ମୋର ପ୍ରଚାର ଓ ପ୍ରସାର ହେଉଅଛି ଜାଣି ଆନନ୍ଦିତ ହେଲି ।

ଆଜିକାଲି ଓଡ଼ିଆ ଖବରକାଗଜମାନ ମୁଁ ଆଉ ସବୁ ପଢ଼ିପାରୁନାହିଁ । ଏଠାରେ ଅସହଯୋଗିତାର ଭୟ ଅଧିକ । ଏଠି ରହିବାଦ୍ୱାରା ମନ ଏକାଗ୍ରତାକୁ ଭୁଲିଯାଇ ଏକ ସ୍ୱତନ୍ତ୍ର ମହାସାଗରରେ ବୁଡ଼ି ହୋଇଯାଏ । ଆଜିକାଲି ପ୍ରାୟ ଇଂରାଜୀରେ କିଛି କିଛି ଲେଖୁଛି । ଓଡ଼ିଆରେ ଲେଖିଲେ କେବଳ ଏକକୋଟି ଲୋକ ମଧ୍ୟରେ ସୀମାବଦ୍ଧ ରହିଥିବ । ସେହି ଏକ ଏକ ସୀମା ମଧ୍ୟରେ ପୁଣି ଶିକ୍ଷିତଙ୍କର ସଂଖ୍ୟା କେତେ ଅଳ୍ପ । ଜଗତ ସହିତ ସମ୍ବନ୍ଧ ରଖିବାକୁ ହେଲେ ଗୋଟିଏ ବିଶାଳ ଭାଷାରେ ମଧ୍ୟ ଅଧିକାର ରଖିବା ପ୍ରୟୋଜନ । ହିନ୍ଦୀ ରାଷ୍ଟ୍ରଭାଷା ହେଲେ ମଧ୍ୟ, ଲେଖକ ସଂଖ୍ୟା ଅନେକ ହେଲେ ମଧ୍ୟ, ଭାଷାର ଉନ୍ନତି ବିକାଶ ପ୍ରଭୃତି ଓଡ଼ିଆଠାରୁ କମ୍‌ରେ ଅଛି । ସେଥିପାଇଁ ଏଥିର ବିଦ୍ୱାନ୍ ଓ ସୁଧୀମଣ୍ଡଳୀରେ ପ୍ରଚାର ପାଇଁ ଇଂରାଜୀରେ କିଛି କିଛି ଲେଖିଥାଏ । ତାହାର ହିନ୍ଦୀ ଟ୍ରାନସ୍‌ଲେସନ୍ ହୁଏ ।

ସମ୍ବଲପୁରରେ କଂଗ୍ରେସ ଆନ୍ଦୋଳନ ବୋଧହୁଏ ବିଶେଷ ଚଳିଥିବ । ଆପଣମାନେ ସେଥିରେ ଲିପ୍ତ ଥିବେ । ଅନ୍ଧାନ ପ୍ରୋହିବିସନ୍ ହୋଇସାରିଛି ।

ଆପଣଙ୍କୁ ଧନ୍ୟବାଦସହ । ଇତି
ବଶମ୍ବଦ
ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ"

ସେହି ଓଡ଼ିଆ ସାହିତ୍ୟ ସେବକ ସେ ମଣିଷ ହେଲେ, ଉତ୍ସାହ ଏବଂ ସତ୍ପ୍ରେରଣା ଅଗ୍ରିମରୁ ସେ ଏଇଠୁ ତାହାଙ୍କୁ ସମ୍ପୂର୍ଣ୍ଣ ତ୍ୟାଗକରି ଚାଲିଲେ । ଭୁଦୀ ସଂସାରେ ଜୀବନ ପ୍ରତିଷ୍ଠା ଲାଭ କରିବେ ସେଥିପାଇଁ ଚେଷ୍ଟା ଚାଲିଲା । ଶିକ୍ଷକ ରଖି ଭୁଦୀ ଜର୍ମାନ ପଢ଼ିବାକୁ ଲାଗିଲେ ।

ଏହି ଅବସରରେ ତାଙ୍କର ପୁଣି ଝିଅଟିଏ ଜନ୍ମ ହେଲା । ସେ ପୁଅଟିଏ ପାଇଁ ଏକାନ୍ତ ବ୍ୟାକୁଳ ଥିଲେ—କିନ୍ତୁ ଝିଅଟିଏ ହେଲା । ଏ ଝିଅଟିର ନାମ ପ୍ରଥମେ 'ଅନାହୂତା' ଦେଇଥିଲେ । ପୁଣି ନାମ ପରିବର୍ତ୍ତନ କରି ଦେଲେ 'ପଦ୍ମା କୁମାରୀ' । ଏ ସମୟ ଭିତରେ ଇଚ୍ଛାପୁରର ନିଖିଳ ଉତ୍କଳ ସମ୍ମିଳନୀକୁ ଯିବାର ବା ଆସନ୍ତେ ? କେତେ ବାରମ୍ବାର ଅନୁରୋଧ କରି ମୋତେ ଚିଠି ଦେଉଥାନ୍ତି ଯେ—'ତୁମେ ଯେତେ ମୋ ତରଫରୁ ଯାଅ ।' ଲେଖୁଥାନ୍ତି—"ଏତେ ବଡ଼ ସମ୍ମିଳନୀକୁ ତମ ଭଳି ଜଣେ କବିର ଯିବାଟା ଆବଶ୍ୟକ ।" ମୁଁ ମଧ୍ୟ ନାନା ଘଟଣାଚକ୍ରରେ ବ୍ୟସ୍ତ ଥାଇ ଯିବାକୁ ସୁବିଧା ପାଇଲି ନାହିଁ ।

ବର୍ଲିନରେ ଜର୍ମନ ଶିଖିବା ସମ୍ପର୍କରେ କଥା ସେ ୨୫ । ୧ । ୩୩ରେ ମୋତେ ଲେଖିଥିଲେ । ସେଠି ଜନଶିକ୍ଷାବିଷୟରେ 'ଭାରତୀ ତପୋବନ'ର ଅନୁରୂପ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା କଥା ମଧ୍ୟ ସୂଚନା ଦେଇଥିଲେ । ତା'ଛଡ଼ା ଲେଖିଥିଲେ "କଟକରେ ଏ ଭିତରେ ସରକାରୀ ଓ କର୍ମୀ ଖଣ୍ଡିଆ ହେବାର ଯୋଗାଡ଼ ହୋଇଗଲାଣି । ସେଠି ଉତ୍କଳୀୟ ଭାରତୀ ତପୋବନସଙ୍ଘର କାର୍ଯ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଆଶାକରୁଛି । ଆଉ ତୁମେ ଭଲରୂପେ ଜାଣ, ଆମକୁ ସବୁ କାମ ଏକଲାଗଥା କରିବାକୁ ପଡ଼ୁଛି । ଆମର ସାହାଯ୍ୟକାରୀ କେହି ନାହାନ୍ତି । ନିଜେ ନିଜର ବ୍ୟବସାୟରେ ଅର୍ଥୋପାର୍ଜନ କରି, ସଂସାର ଚଳାଇ, ସାହିତ୍ୟର କାମ କରିବା ଅତି କଷ୍ଟସାଧ୍ୟ ବ୍ୟାପାର । କାରଣ ୧୨ ଘଣ୍ଟା ତ ପୁଣି ବ୍ୟବସାୟକୁ ଦେବାକୁ ପଡ଼ିବ । ବ୍ୟବସାୟ କରି ଖାଦ୍ୟାଚ୍ଛାଦନର ଯୋଗାଡ଼ ନକଲେ ହେବ କିପରି ? ପୁଣି ସାହିତ୍ୟ କ୍ଷେତ୍ରରେ ଅଭିଜ୍ଞତା ମଧ୍ୟ ବିଶେଷ ପ୍ରୟୋଜନ । ବିଶେଷରେ ଆନ୍ତର୍ଜାତିକ ବ୍ୟକ୍ତି ହେବାପାଇଁ ବହୁତ ଆୟାସ ଓ ବହୁମୁଖୀ ପ୍ରତିଭା ପ୍ରୟୋଜନ ।

"ତୁମର ପରିବାରବର୍ଗ ସମସ୍ତ ଭଲହେଉଛନ୍ତି ; ତୁମର ଗୃହଲକ୍ଷ୍ମୀ ପ୍ରଥମ ଉନ୍ନତ ଏବଂ ସ୍ତ୍ରୀ ତୁମର ଏକାନ୍ତ ସୁଶୀଳା ଏବଂ ରୂପଗୁଣବତୀ ଜାଣି ମୁଁ ବଡ଼ ସୁଖୀ । ତାଙ୍କ କନ୍ଥ ସନ୍ତାନ ହେଲେ ମୋତେ ଲେଖିବ ନିଶ୍ଚୟ ।"

୧୩ ଜାନୁଆରୀ ୧୯୩୩ରେ ସେ ପୁଣି ଲେଖିଲେ—

"ଏଥିପୂର୍ବରୁ ତୁମକୁ ଖଣ୍ଡେ P. C. ଲେଖିଥିଲି । ମାତ୍ର କର୍ତ୍ତୃପକ୍ଷ ପ୍ରଶଂସାକର ସୂଚନା ସେତେବେଳେ ଉତ୍ତର ନପାଇଲି, ପୁଣି ଏ ଚିଠି ଲେଖିବାକୁ ବାଧ୍ୟହେଲି । ତୁମେ ପୁନର୍ବାର ସାହିତ୍ୟ କ୍ଷେତ୍ରରେ ମୋର ସହଯୋଗୀ ହେବାକୁ ଚାହୁଁ କି ନାହିଁ ଏକଥା ସ୍ପଷ୍ଟ କରି ଲେଖିବ । ମୁଁ ବସ୍ତୁତଃ ବର୍ତ୍ତମାନ ସାହିତ୍ୟିକ କାର୍ଯ୍ୟ କରିବାକୁ ମନସ୍ଥ କରିଛି । ମୋର ଶରୀରର ବର୍ତ୍ତମାନ ଅବସ୍ଥା ଅବଶ୍ୟ ତାର ପ୍ରତିକୂଳ; କିନ୍ତୁ ତଥାପି ଭଗବାନ ଭରସା ଅଛନ୍ତି । ଯଦି ତୁମେ ଇଚ୍ଛା ନାହିଁ କର, ତାହେଲେ ତା ମଧ୍ୟ ଲେଖ ।"

ଏହା ପରେ ସେ କେତେ ଅଭିମାନାତ୍ମକ କଥା ଲେଖିଥିଲେ । ସେତେବେଳେ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ପୁଣି ଇଚ୍ଛା ଜାଗ୍ରତ ହୋଇ ଉଠୁଥିଲା; କିନ୍ତୁ କୌଣସି ବ୍ୟବସାୟରେ ଅପାରଗ ବୃଦ୍ଧବୃଦ୍ଧା ନରନାରୀର ବ୍ୟବସାୟ କଥା ଚିନ୍ତା ତାଙ୍କୁ ବ୍ୟସ୍ତ ବିବ୍ରତ କରି ଦେଉଥିଲେ । ସେ ଯେ ପୂର୍ବେ 'ଅମର ଦେହୁ ସାହାଯ୍ୟକାରୀ ନାହାନ୍ତି' ବୋଲି ଲେଖିଥିଲେ, ତାହା ମୋ ଉପରେ ଅଭିମାନ କରି ହିଁ ଲେଖିଥିଲେ । ମୁଁ ସ୍ୱେଚ୍ଛାନୁବର୍ତ୍ତନରେ କେବଳ କର୍ତ୍ତବ୍ୟ ଜ୍ଞାନର ଆହ୍ୱାନ ଜଣାଏରେ ବାହାରେ ଯିବା ଚାହୁଁଥିଲି, ମୋର ପୂଜନୀୟା ଜନନୀଙ୍କ ଏବଂ ସମ୍ପତ୍ତିବାନ୍ତି ଛାଡ଼ି ମୁଁ ଅନ୍ୟ ଅନ୍ୟ କିଛି କରିବି, ସେତେବେଳେ ଏପରି କଳ୍ପନା କରୁନଥିଲି । ତେଣୁ ସ୍ପଷ୍ଟ ଲେଖିଲି ଯେ—"ଆପଣ ମୋର ବହୁ ଉପକାର କରିଛନ୍ତି । ମୁଁ ଯେଉଁ କଥା ସ୍ୱରରେ ଲେଖିଥିଲି—'ଆପଣଙ୍କ ପ୍ରତି କୃତଜ୍ଞ ହେବି ନାହିଁ', ସେ ଭାବ ଆଉ ନାହିଁ । ସେ ଅହଂକାରମୂଳକ ସଙ୍କୀର୍ଣ୍ଣ ମନୋବୃତ୍ତିରୁ ମୁଁ ଏବେ ଦୂରରେ । ହେଲେହେଁ କଣ କରିବି ? ମାଆଙ୍କୁ ଛାଡ଼ିକରି ଯିବାକୁ ମୁଁ ଅକ୍ଷମ ହେଉଛି । ସେ ମଧ୍ୟ ତାଙ୍କ ଆସ୍ଥାନ ତ୍ୟାଗ କରିବା ବାଧ୍ୟ ନୁହନ୍ତି । ଅନ୍ଧକାରର ଏକ ଅନ୍ଧକାର ମଧ୍ୟରେ ସେ ବର୍ତ୍ତିତା !"

ସତରେ ଦୁଃଖୀ ନରସେବ ଯେ ପ୍ରସ୍ତାବରେ ମୁଁ ସମ୍ମତ ହେବାକୁ ଇଚ୍ଛୁକ ନଥିଲି ଏଇଥିପାଇଁ ଯେ, ତା ହେଲେ ମୋ ଜନ ଜାଗା ପାଇଁ ମୁଁ ଯେତେ ସ୍ୱପ୍ନ ଦେଖିଛି ତା ସବୁ ଦିବାସ୍ୱପ୍ନରେ ପରିଣତ ହେବ ।

ବାସ୍ତବିକ ଏହାପରେ ତାଙ୍କ ସହିତ ମୋର ସମ୍ପର୍କ ଆଉ ବିଶେଷ ନଥିଲା । ମୁଁ ଜାଣିଥିଲି ଯେ, ସେ ଏ ମଧ୍ୟରେ କେତୋଟି ସୁନ୍ଦର କବିତା ରଚନା କରିପାରିଥିଲେ । ମୋ ପାଖକୁ ଦେଖିବାକୁ ମଧ୍ୟ କେତୋଟି ପଠାଇଥିଲେ । ମୁଁ ସେ ସବୁ ଉପରେ ପସନ୍ଦ କରୁଛି ତା ମଧ୍ୟ ପଚାରିଥିଲେ ।

ସେସବୁ କବିତାଗୁଡ଼ିକ 'ବରମାଳା' ନାମରେ ପ୍ରକାଶିତ ହୋଇଥିଲା । ତାହାକୁ ସୁଧୀ ସମାଲୋଚକମାନେ ଏକ 'ଗୀତିକାବ୍ୟ' ବୋଲି କହିଥିଲେ । 'ଚଲ୍‌ଚା ପରଦ', 'ପରମ-ପ୍ରେମିକ' ଇତ୍ୟାଦି କେତେକ କବିତା ପାଠକର ଚିତ୍ତ ଉଲ୍ଲସିତ କରିଥାଏ ।

ଦିଲ୍‌କା ଦର୍ଦ ମୈଁ କହୁଁ କିସ୍ ସେ
ମୋରା ଦର୍ଦ ସୁନନେବାଲା ଶ୍ୟାମ ନହିଁ,
ଆଖ ସେ ଆଁସୁ ଟପକାଉଁ କୈସେ
ମୋରା ଭୁଲେ ଯୋ ଛଡ଼ାନେବାଲା ଶ୍ୟାମ ନହିଁ ।

ସେଇ ଅନ୍ତରର ଦୁଃଖ ପ୍ରକଟ କରିଛନ୍ତି । ସେହି ସ୍ୱଦେଶପ୍ରେମ, ସେହି ପ୍ରାର୍ଥନା । ଉଷାଗାନରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପାସନା । ସାକୀ, ନବାବ୍‌ଜାଦିନାମ୍, ତରଙ୍ଗ ଏସବୁ ସେଥିର ମଧ୍ୟ ଅଛନ୍ତି । ତେବେ ସେ ନିଜର ବିପନ୍ନ କେବେ ଭୁଲି ନଥାନ୍ତି—

ମୋରା ସୁଜନ ଅଗର ନ ସୁନେ ଯହ ଗାନ୍
ମୋରା କରେ ମାନ୍ ଅଥବା ଅପମାନ୍,
ମୁଝେ ଇସ୍‌ସେ କ୍ୟା ଚିନ୍ତା ମେଁ ତୋ ମତୱାଲି
ଭାରତୀସେ ଦିଲ୍‌କୀ ପାନ କରୁଁ ଖାଲି । ଇତ୍ୟାଦି ।

ଏହି ସମୟରେ ସେ ତପସ୍ୱିନୀ ପ୍ରାୟେ ଜୀବନ ଅତିବାହିତ କରୁଥିବାର ଶୁଣିଛୁ । ଜୀବନର ସମସ୍ତ ଆଶା ଶେଷ ହୋଇ ଆସିଲାଣି କେବଳ ଗତାନୁଗତିକଭାବେ ଜୀବନ ଗତି କରି ଚାଲିଥାଏ । ମନରେ ସ୍ୱପ୍ନ ଦେଖୁଥାଏ କପଣ ସୃଷ୍ଟି ହେବ । ସେ ବିଶ୍ୱଜଗତରେ ହେବ ଶ୍ରେଷ୍ଠତମ; ପାଗଳର କଳ୍ପନା ମାତ୍ର । ଭଗତ ସିଂହ ଯେଉଁଠି ଫାଶୀ ଯାଇ ଥିବା ହୋଇଥିଲେ ସେ ସେଠାକୁ ଯାଇ ସେଠାରୁ ମୁଠିଏ ମାଟି ଭକ୍ଷଣ କରିଥିଲେ । ପୁଣି ଭଗତ ସିଂହଙ୍କ ଶୋଣିତଧାରାରୁ ଯେଉଁ କଣିକାଏ ଫୁଲ ପାଇଥିଲେ ତାହା ମଧ୍ୟ ପ୍ରସାଦ ପାଇଥିଲେ । ଭଗତ ସିଂହ ପରି ସନ୍ତାନ ପାଇବାକୁ ସେ ଭେଟିବେଳେ ପ୍ରସ୍ତାବ, ଦିଲ୍ଲୀ ପ୍ରସୂତି ସମ୍ମିଳନରେ ନାରୀମାନେ ଭଗତ ସିଂହଙ୍କ ପାଦ ତଳରୁ ମାଟି ନେଇ ସିନ୍ଦୂର ଧାରଣ କରିବେ । ଶେଷକୁ ପୋଲିସ ମୁକଦ୍ଦମା ହେଲେ । ଏ ମଧ୍ୟ ଏକ ଚମକ । ଇଂରେଜ ସରକାରରେ ଏହା ଏକ କଳଙ୍କ ଯୋଜନା । ଫଳରେ ସେ କାରା ସରକାରୀ ମାରଫତରେ ବାଧ୍ୟବଧ ହୋଇ ଭୋଗିଲେ ।

## ୧୯୩୫ର ଅବସ୍ଥା ଓ ବିବରଣୀ

ଏତେବେଳକୁ କୁନ୍ତଳାକୁମାରୀ ମୋତେ ସାମୟିକ ପତ୍ରେ ଲେଖ ଚିଠି ଲେଖୁଥିଲେ । ସେ ୨୯ ଡିସେମ୍ବର ୧୯୩୫ ରେ ଯେଉଁ ଚିଠି ଲେଖିଥିଲେ, ସେଥିରୁ ଜଣାଯାଏ ଯେ ସେ ଗୋଟିଏ ନାଟକ ଲେଖିଥିଲେ । ସେ ଚିଠିରେ ଲେଖିଥିଲେ—

“ନାଟକଟିଏ ଲେଖିବା ଅଛନ୍ତି । ସେଇ ନାଟକଟିର ନାମ ଅବସ୍ଥା କରୁଛୁ ନାଶ । ; × × × ତୁମେ ତ ମୋତେ ଭୁଲିଲ । ବାସ୍ତବିକ୍ ତୁମ ଗୃହ-ସଂସାର ତୁମକୁ

ବଢ଼ାଇଛୁ । ତୁମେ ଥିଲ ମୋର mental stimulus । ତୁମେ ମୋ ପାଖରେ ଥିଲେ ମୁଁ ବହୁତ କବିତା ଲେଖିପାରନ୍ତି । ଏଠି ଓଡ଼ିଆ ପଣ୍ଡିତ ନାହିଁ ? ମୁଁ ବୋଧହୁଏ ହିନ୍ଦୀରେ ଢଳିଗଲଣି । ତଥାପି ସଖା ଓ ସେବା ସଙ୍ଗ କରୁଛ, ଶୁଣୁଛ ଓ ଦେଖୁଛ; କିନ୍ତୁ ଆଶାନୁରୂପ କାମ ବା କଲି କି—କାରଣ ଅବସ୍ଥା ଅସ୍ୱସ୍ଥ । ନାଟକଟିର ନାମ ରହିଛି—'ଲକ୍ଷେ ଟଙ୍କା' । ଏହା ଲେଖି ପାରୁଛ କି ନାହିଁ । ତେବେ ମନରେ ଏକ ଆଶା ଜାଗିଛି । ଓଡ଼ିଶାର ଏବଂ କଟକର ଗଳି ବଜାର ଦୃଶ୍ୟ ନାନା କଥା ଭାସିଲାଣି । ଆଠବର୍ଷ ହୋଇଗଲାଣି ଦେଖା—ଶୁଣୁ ନଦେଖିଶୁଣି ନାହିଁ । ତଥାପି ଚେଷ୍ଟାରୁ ବିରତ ହେଉନାହିଁ ।

ତୁମେ ମୋର ହିନ୍ଦୀ ଗୀତ ଶୁଣିପାରିଲ—ବହୁତ ଆନନ୍ଦିତ ହେଲି ।

ସନ୍ଧ୍ୟାଙ୍କି ଶ୍ ନ୍ ମେଁ ଗନ୍ ଜାଉଁଗୀ
ଦୁନିଆକା ପିର୍ ତାଜ ବନ୍‌ଜାଉଁଗୀ
ଚିସ୍ତୁ ତେଶ୍ ଦ୍ୟାଗ୍ ଦ୍ଁ ଦ୍ଧୀ ପିହୁରାଉଁଗୀ ।"

ପୁଣି ସେ ଚିଠିରେ ଲେଖିଥାନ୍ତି—

"ମୁଁ ଜାଣେ ତୁମେ ଆସିବ ନାହିଁ । ମୋତେ ଆଶ୍ରୟ ଦେବାକୁ କେହି ହେଲେ ନାହିଁ । ମୁଁ ବଡ଼ ଆଳସ୍ୟପରାୟଣ ବୋଧହୁଏ । ପୁଣି ଏଠି ଡାଇବେଟିଜ ହେଲାଣି । କ'ଣ କରିବି, କଣ କହିବି—ସବୁ ସ୍ୱପ୍ନ ବିଫଳ ହେଲା । ଏଥିରେ ମୋର ସ୍ୱାସ୍ଥ୍ୟ ଭଲ ରହୁନାହିଁ । ପୁଣି ଦୁଇଟି ପିଲା । ଘରଧନ୍ଦା—କୋହିଆ—ଏବେ ଭାବୁଛି । ବୃନ୍ଦାବନ ସାହିତ୍ୟିକ ହୋଇଥିଲେ କଥା ନଥିଲା—ଆଡ୍ରିସିଏନ୍ ଅବା କରନ୍ତେ । କିନ୍ତୁ ତା ଧାର ଧାରନ୍ତି ନାହିଁ । ସାହିତ୍ୟିକମାନେ ସେ ପାଗଳ, ସ୍ୱପ୍ନଦର୍ଶୀ—ଏହା ସମ୍ଭବ, ଜନବାଦରେ ସତ୍ୟ । ସେମାନଙ୍କ ଭିତ୍ତି କଣ ସାଧାରଣ ଲୋକେ ଗ୍ରହଣ କରି ପାରନ୍ତି ? ପରେ ଏଠା କଥା ବିସ୍ତାରିତ ଲେଖିବି । ତୁମେ ମୋତେ ପାସୋରି ଦେଲ ଏକାବେଳେ । ତୁମର ଜୀବନର ବର୍ତ୍ତମାନ ଧାର୍ମିକପନ୍ଥ ସେପଟାରେ କାପଣ୍ଡ ଚାଲିଛି ତା ମୋତେ ଲେଖିଲେ ଆନନ୍ଦିତ ହୁଅନ୍ତି ।

ମୁଁ ଏଠାରେ ହିନ୍ଦୀ ସାହିତ୍ୟ ମନ୍ଦିର ଭାଇସ୍‌ପ୍ରେସିଡେଣ୍ଟ ଏବଂ ନାଟ୍ୟପରିଷଦର ପ୍ରେସିଡେଣ୍ଟ । ନାଟ୍ୟପରିଷଦ କଣ, ମୁଁ ବା କଣ ? ନାଗଗୋଷ୍ଠୀର ବାଧ୍ୟବାଧକତାରେ ଗ୍ରହଣ କରିଛି । 'ଅଶୋକ' ବୋଲି ନାଟକ କଂଗ୍ରେସ ଜୁବିଲି ଅବସରରେ ଖେଳାହେବ । ଏହି ନାଟକରେ ବିନ୍ଦୁସାର ଏବଂ ଏକ ଗ୍ରାମ୍ୟ ବୃଦ୍ଧର ପାର୍ଟ ବୃନ୍ଦାବନ ନେଇଛନ୍ତି । କଂଗ୍ରେସ ଜୁବିଲି ଉତ୍ସବମାନଙ୍କରେ ମୁଁ ସ୍ୱାଗତକବିତା ପଢ଼ିବାର ସୁଯୋଗ ପାଇଛି । ମୋତେ ଶୀଘ୍ର ଲେଖିବ 'ଉତ୍କଳ ସାହିତ୍ୟ ସମାଜ'ରେ ଓଡ଼ିଆ ପରୀକ୍ଷା ହୁଏ କି ? ବର୍ତ୍ତମାନ ସେକ୍ରେଟାରୀ କିଏ ?

ମୋର ଶାରୀରିକ ମାନସିକ ଅବସ୍ଥା ଭଲ ନୁହେଁ । ବଡ଼ ଦୁର୍ବଳ । ନାନା କଥା । ଆଖି ଖରାପ । ତୁମ ପୁଅର ନାଁ କ'ଣ ? ମୁଁ ଭାଣିଜାଟିକେ ଦେଖିବି ନାହିଁ ? ତୁମେ ଏବଂ ତୁମ

କନକମଞ୍ଜରୀ ଏଠାକୁ ଆସିଲେ ମୋର ପୁନର୍ଜନ୍ମ ହୁଅନ୍ତା । ଛୁଟି, ସେ ସ୍ୱପ୍ନ ସ୍ୱପ୍ନରେ ରହୁ । ସ୍ନେହମୟୀ କିଶୋରୀ କନକକୁ ମୋର ଏ ଚିଠିଟି ଦେବ ।"

କନକମଞ୍ଜରୀଙ୍କୁ ସେ ଲେଖିଥିଲେ—

ସ୍ନେହମୟୀ କନକମଞ୍ଜରୀ,

ତୁମେ ମୋର ବୋହୂ । ଏତେଦିନରେ ମୋର ପରିଚୟ ଜାଣିବ । ଜାଣିଛି ତୁମର ବଡ଼ ସୁନ୍ଦର । ଶୁଣିଛି ଏବଂ ଛବିରୁ ଦେଖିଲି ତୁମେ ଅଦ୍ଭୁତ । ବୋଧହୁଏ ମୋ ଜୀବନରେ ତୁମ ଭଳି ଅନେକ କାହାରେ ରହୁଛି । ତୁମେ ମୋ ଅନ୍ତରର ଅଧିଶ୍ୱରୀ । ତୁମେ ମୋତେ ଚିଠିପତ୍ର ଦେବ ।

ମୋର ସ୍ନେହାଶୀର୍ବାଦସହ—ମା' ।

ମୋ ସ୍ତ୍ରୀ କନକମଞ୍ଜରୀଙ୍କ ସହିତ ତାଙ୍କର ବହୁ ଚିଠିପତ୍ର ଆଦାନପ୍ରଦାନ ହୋଇଥିଲା ।

କୁନ୍ତଳାକୁମାରୀ ୧୯୩୬ ଫେବୃଆରୀ ୧୦ ତାରିଖରେ କନକମଞ୍ଜରୀଙ୍କୁ ଲେଖିଥିଲେ—

"କନକକାନ୍ତି !

ରାଣୀ ତୁମେ, ରବୀନ୍ଦ୍ରଙ୍କର ସମାଲୋଚନା ଲେଖିବ କି ? ତୁମେ ଯେ ମୋର ପ୍ରିୟ ଝିଅ । ତୁମକୁ ମୁଁ କଳ୍ପନା ନେତ୍ରରେ ଦେଖୁଛି—ମୁଁ ସ୍ୱର୍ଗଙ୍କ ସୀମାବଦ୍ଧ ମନୁ-ପରାଶର-ଶାସ୍ତ୍ର-ସମ୍ମତା ନାରୀ ରୂପେ ତୁମକୁ ଦେଖୁନାହିଁ—ବୁଝିଲ, ମୁଁ ତୁମକୁ ବିଶ୍ୱପାଳୟିତ୍ରୀ ପୁଣି ବିଶ୍ୱପାଳକ ଶକ୍ତି ଓ ମାତୃତ୍ୱର ଉଭୟ ମୂର୍ତ୍ତିରେ ଦେଖୁଛି । ତୁମେ ବୈଦିକ ସଂସ୍କୃତିର ଅବତାରିଣୀ ! ମୁଁ ତା'ଠାରୁ ଅନ୍ୟ ଦୂରକୁ ତୁମକୁ ନେବାକୁ ଚାହୁଁଛି—ଯେଉଁଠୁ ଅସ୍ମାର ପୀଠ ଉପରେ ଛିଡ଼ାହେବାକୁ । ଏପରି ଗୋଟିଏ ଯୁଗ ଥିଲା—ନାରୀ ଓ ନର—ମାତୃ ଓ ଅଗ୍ନି—ଏହି ଦୋଟି ଶବ୍ଦ ଥିଲା ଅବଧାରଣାରେ । ପୁଣି ଯୁଗ ଆସିଲା—ନାରୀ—ମାତା—ପୁତ୍ରୀ—ଭଗିନୀ ଓ ସ୍ତ୍ରୀ । ପୁରୁଷ—ପିତା—ପୁତ୍ର—ଭ୍ରାତା ଓ ସ୍ୱାମୀ ହେଲେ । ଏବେ ଯୁଗ ଆସିଛି—ନାରୀ ଓ ପୁରୁଷ, ସଖା ସଖୀ—ମିତ୍ର—Friend ମଧ୍ୟ । ଯେପରି ପୁରୁଷ ପୁରୁଷର ବନ୍ଧୁ—ସ୍ତ୍ରୀ ସ୍ତ୍ରୀର ବାନ୍ଧବୀ—ସ୍ତ୍ରୀ ପୁରୁଷ ମଧ୍ୟ ବନ୍ଧୁ ।

ସେଥିପାଇଁ ସ୍ତ୍ରୀ ଆଜି ବହୁ କ୍ଷେତ୍ରରେ ଦର୍ଶନ ଦେଉଛି—ସ୍ତ୍ରୀ ସେବା କ୍ଷେତ୍ରରେ ଡାକ୍ତର ନର୍ସ—କଂଗ୍ରେସରେ—ଦେଶର ଦୁଃଖ ସୁଖରେ—ସିନେମାରେ—ଆମୋଦ ପ୍ରମୋଦରେ । ହଁ ସତ୍ୟ, ସେ ମଧ୍ୟେ ମଧ୍ୟେ ପଦସ୍ଖଳିତା ହେଉଛି । କିନ୍ତୁ ପୁରୁଷ ଭଳି ତାକୁ ମଧ୍ୟ chance ଦିଆଯାଉଛି (ଓ ଦିଆଯିବା ଉଚିତ) ଉଠିବାକୁ, rectify

( ବସ୍ତୁତ ) ସ୍ୱଭାବକୁ ! ଏ ବିଷୟରେ ମୁଁ ଅତି ଶୀଘ୍ର ସମ୍ପାଦକଙ୍କୁ ଗଳ୍ପ ଲେଖା ଦେବି । ତାକୁ ପଢ଼ିବ ।

ତୁମର ମା’ କୁନ୍ତଳାକୁମାରୀ ।”

କନକମଞ୍ଜରୀ ଅଭିଜାତ କୁଳର ବଧୂ ଭାବରେ ତାଙ୍କର ରଘୁଅର୍ପିତ ପାଠ କରି ଯାହା ଠିକ୍ ଠିକ୍ ବୁଝିଲେ ତାହାହିଁ ଲେଖି ପଠାଇଲେ । ତାଙ୍କ ଲେଖାରେ ଏହାହିଁ ଥିଲା ଯେ—ଘଟଣା ତ କେତେ ସାମାଜିକ ସ୍ଖଳନ ଦେଇ ଘଟିବ । କିନ୍ତୁ ସେହି ନୈତିକତା ସୃଷ୍ଟି ହେବା ପରଠୁଁ ସମାଜ ସୁସ୍ଥ ଏବଂ ବୈକୁଣ୍ଠ ସମାନ ରହିଛି ତାହାକୁ ଆଦର୍ଶ କରି ପୁସ୍ତକ ସବୁ ଲେଖାହେବା ସମୀଚୀନ । ଉପନ୍ୟାସ ଜନପ୍ରିୟ ପାଇଁ ଯେବେ ଲେଖା ନଯାଏ ତେବେ ତାହାର କି ପ୍ରୟୋଜନ ଅଛି ? ଘଟଣାର ସ୍ୱଭାବ ଚିତ୍ର କରିବାକୁ ତ ଇତିହାସ ଅଛି—ଏ ଔପନ୍ୟାସିକ ଚେଷ୍ଟା କାହିଁକି ?”

କିଛି ବିଷୟରେ ୬-୭ ପୃଷ୍ଠାର ଏକ ମତାମତ ପଢ଼ି ୨୭ ଫେବୃଆରୀରେ କୁନ୍ତଳା-କୁମାରୀ ଲେଖିଲେ—

“ସ୍ନେହର କନକମଞ୍ଜରୀ,

ତୁମର ଚିଠି ପାଇଲି । ରଘୁଅର୍ପିତର ସମାଲୋଚନା ପଢ଼ି ଖୁସୀ ହେଲି । ସୀତାକୁ ତୁମେ ଠିକ୍ ତୁମର ଦୃଷ୍ଟିରେ ଦେଖିଛ (ନୈତିକ ଦୃଷ୍ଟିରେ ! ମନୁଷ୍ୟ ହୃଦୟର ସଂବେଦନା ଚିତ୍ରପଟ ଭଳି ପରିବର୍ତ୍ତନଶୀଳତା ନାହିଁ ଟି ଅଛି କି ନାହିଁ—ଏହାଟା ଭାବ ଦେଖି ।) ଚିଠି underline କରି ପଠାଇଲି—ଭଲକରି ଦେଖିବ ବୋଲି । ସୀତାର ଆତ୍ମିକ ଭଲପାଇବାଟା ରଘୁନାଥଙ୍କୁ କେନ୍ଦ୍ର କରି ସ୍ୱାଭାବିକଭାବେ ସ୍ଫୁରିତ ହେଲା । (ଏହାଟା ପୁରୁଷ ଜୀବନ ଉପରେ ଯେପରି ସତ୍ୟ, ନାରୀ ପାଇଁ ଠିକ୍ ସେହିପରି ସତ୍ୟ) ଏହାଟା ସୀତାର ନାରୀ ଆଧୁନିକ-ବ୍ୟକ୍ତି ବୈଶିଷ୍ଟ୍ୟଯୁକ୍ତା ନାରୀର ଗତି ଅଛି କି ? ଏହାର ଜବାବ ଦେବ—ନିଶ୍ଚୟ ଦେବ । —ରାମାୟଣର ସୀତା ନୁହେଁ—ରଘୁଅର୍ପିତର ସୀତା—ରାମାୟଣରେ ସୀତା—ନାରୀ ସ୍ୱଭାବରେ ବଂଶ ନୁହନ୍ତି—ପତ୍ନୀ ସ୍ୱଭାବରେ ବଂଶ । ସୀତା ନାରୀ ସ୍ୱଭାବରେ ବଂଶ ! ପିତେଇ କୁଣ୍ଡୀ ଆଗରେ ମାଳ ଦେବାଦ୍ୱାରା ସୀତାର ରଘୁନାଥର ସ୍ୱଭାବ ହିନ୍ଦୁଧର୍ମ ମତରେ ହୋଇଗଲା । ଏହାଟା ବୁଝିପାରିଲ ନାହିଁ ପରା ? × × × ସୀତା କୁମାରୀତ୍ୱରେ ସ୍ୱାଭାବିକତାରୁ ବାଧ୍ୟ ହେଲା । ତୁମେ ଭାବିବ ଏହା କଣ ହିନ୍ଦୁ ଧର୍ମର ଆଦର୍ଶ ? ମୁଁ କହୁଛି ଏହାହିଁ ସତ୍ୟ । ଏହାହିଁ ବାସ୍ତବ ସତ୍ୟ—ବାହ୍ୟତଃ ସୀତାଗତ ପ୍ରାଣ ରଘୁନାଥ । ସେ ପ୍ରେମ କଲେ—କିନ୍ତୁ ନାରୀ ସ୍ୱାଭାବିକତାରୂପୀ ଆଚ୍ଛାଦନ ଧୀରେ ଧୀରେ ଖସି ପଡ଼ିଲେ ମୃତ୍ୟୁଶଯ୍ୟାରେ ସୀତା ଚିହ୍ନିଲା—ଦେହ ମିଥ୍ୟା ଆତ୍ମା ସତ୍ୟ । ଅନନ୍ତ ଶାଶ୍ୱତ ପ୍ରେମ ରଘୁନାଥ ଓ ସୀତାର ଘଟଣାଚକ୍ର ତାକୁ ନାଶ କରିପାରିନାହିଁ । ଏହାଟା କି romance ! କନକମଣି, ବୁଝିଲ ! ମାନବ ହୃଦୟ ବଡ଼ଗୂଢ଼—ସେ ବସ୍ତୁକୁ ଭଲପାଏ—ଅଥଚ ଏକମେବା ଦ୍ୱିତୀୟମ୍‌ର ଆରାଧନା କରେ !

× × × ×

ରାଣୀ, ତୁମେ ଯେ ନାରୀ ଜାତି ଲାଗି ଏତେ ଅଳ୍ପ ବୟସରୁ ଚେଷ୍ଟିତ, ଶୁଣି ତୃପ୍ତି ହେଲି । ମୋର ଜୀବନର ମୂଳ ଲକ୍ଷ୍ୟ । ତାଙ୍କୁ କେବଳ ଅଜ୍ଞତାରୁ ଓ ଉପେକ୍ଷାରୁ ଉଦ୍ଧାର କଲେ ତ ହେବ ନାହିଁ—ମୁଁ ଚାହେଁ ତାଙ୍କୁ ସ୍ୱାଧୀନ ଦେଖିବାକୁ । ତୁମପରି ସମଗ୍ର ନାରୀସମାଜ ହେବାକୁ ମୁଁ ଇଚ୍ଛାକରେ । ଠିକ୍ ଠିକ୍ ଲେଖିଛ—ଅଶିକ୍ଷା ଦୋଷରୁ ନାରୀ ସମ୍ମାନ ପରାଧୀନ । ତାର ଜୀବନର ମୂଲ୍ୟ ନାହିଁ । ତାର ସୁଖ, ଦୁଃଖ, ଇଚ୍ଛା-ଅନିଚ୍ଛାର ଖାତିର ନାହିଁ । ତାକୁ ଜଗତ ଅପେକ୍ଷା କରେ ନାହିଁ । ସେ ନିଜ ରକ୍ତରୁ ସନ୍ତାନ ଦେଇ ଜଗତ୍ ମାନବ ଜାତିକୁ ସୃଷ୍ଟି ଓ ସ୍ଥିତି ଦେଇ ମଧ୍ୟ ଉପେକ୍ଷାଭାଜିନୀ । ଏହିଠା ମୋର ଜୀବନପାଇଁ ମହାନ୍ ଚିନ୍ତାର କଥା । ତୁମକୁ ଏବଂ ପ୍ରେମସୁନ୍ଦରଙ୍କୁ ଦେଖିବା ଇଚ୍ଛା ଅତି ପ୍ରବଳ । ତୁମେ ବରାବର ମୋତେ ଚିଠି ଦେବ । ମୋର ସ୍ନେହାଶିଷ ସହ ତୁମର ମା' କୁନ୍ତଳା ।"

ମୁଁ ଓ ମୋର ସ୍ତ୍ରୀ ଥରେ ବମ୍ବେ ଯାଇ କୁନ୍ତଳାକୁମାରୀଙ୍କୁ ଦେଖି ଆସିବା ସ୍ଥିର ହୋଇଥିଲା । କିନ୍ତୁ ମୋର ଜନନୀ କହିଲେ—'କନକ ! ରାମ ବନବାସ ଗଲେ ଦଶରଥ କଣ ଆଉ ଦେହ ଧରି ରହିବେ ?' ଫଳରେ ସେ ଆଶା ଆମେ ଦୁହେଁ ତ୍ୟାଗ କଲୁ । ଏପରି କି, ମାଆଙ୍କୁ ଛାଡ଼ି ମୁଁ କଟକ ଆସିବାକୁ ମଧ୍ୟ ମନ ବଳାଇଲି ନାହିଁ । କାରଣ, ମାଆ ଆମ ଦୁହିଁଙ୍କୁ ପ୍ରତ୍ୟହ ଦେଖିବାକୁ ଏକ ଗୌରବ ମଣୁଥିଲେ ।

କୁନ୍ତଳାକୁମାରୀ ଥରେ ଲେଖିଥିଲେ—"ପ୍ରେମ ଭଲ ଡାକ୍ତର ହୋଇଥିଲା—ଏବେ ଉଚ୍ଚଶ୍ରେଣୀ ହେଲି । ଦୁଃଖିନୀ ଦୂର ହେବ ବୋଲି ଯାହା ଭାବିଥିଲି, ଦୁଃଖ କ୍ରା ଏବେ ସେମିତି ବସା ବାନ୍ଧି ରହିଲା । ନିଜ ଦେଶକୁ ଫେରିଯାନ୍ତି । କିନ୍ତୁ ଅର୍ଥ ମୋହ ମୁଁ ତ୍ୟାଗ କରିପାରୁନାହିଁ । ପ୍ରତିଷ୍ଠା କରିଛୁ ନରେ ନାରୀ ପୂରଣ ହେଲେ ଦେଶକୁ ଫେରନ୍ତି ।"

କିନ୍ତୁ ୧୯୩୫ରେ ଧନର ଅପୂର୍ଣ୍ଣତା ଦେଖି ପୁଣି ଏକ ଦୁରାଶା ଶିଖା ପ୍ରେମସୁନ୍ଦରଙ୍କ ମୁଣ୍ଡରେ ପଶିଲା । ସେ ଜଣେ ବିଖ୍ୟାତ ଡାକ୍ତର । ତାଙ୍କର ଚିକିତ୍ସା କୃତିତ୍ୱ ତାଙ୍କ ସ୍ତ୍ରୀଙ୍କ କୃତିତ୍ୱ ମଧ୍ୟରେ ଲୁଚିଗଲା । ସେ ଜଣେ ଅଦ୍ୱିତୀୟ ଚିକିତ୍ସକ । ଇଚ୍ଛା କଲେ ଡାକ୍ତର ଧନ୍ୱନ୍ତରିଙ୍କୁ ଯୋଗ ଦେଇପାରନ୍ତି ।

ଡାକ୍ତରାଣୀଙ୍କୁ ସେ ଯାହା କହିଲେ ସେ ତା' କଲେ । ନୂଆଦିଲ୍ଲୀର ବାର୍ଡ ହୋଟେଲରେ ଗୋଟିଏ ଘର କିଣିବା ଠିକ ହେଲା । କିନ୍ତୁ ପରେ ଡାକ୍ତରାଣୀ କହିଲେ—ଇଚ୍ଛାରେ ଆଗେ ରହି ତା ପରେ କିଣିନେବା । ତାଙ୍କର ପୁରୁଣା କେତେକ ବନ୍ଧୁ ଏପରି ମନ୍ତ୍ରଣା ଦେଲେ । ସେମାନେ ଜାଣନ୍ତି; ପ୍ରେମସୁନ୍ଦର ଆଉ ଭଲ ଡାକ୍ତର ନୁହନ୍ତି କି ଚିକିତ୍ସା କୌଶଳ କିଛି ମାତ୍ର ଜାଣନ୍ତି ନାହିଁ । ସେ ନିଜକୁ ଶିଶୁରୋଗର ଚିକିତ୍ସକ ବୋଲି କହୁଥିଲେ । ମାତ୍ରଶାରେ



ବର ଓ ବଧୂ : ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ
ଓ ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ



ଶ୍ରୀମତୀ କନକମଞ୍ଜରୀ

ଚିକିତ୍ସା କରିବାକୁ ଯାନ୍ତି ଓ ସେଇଠିକୁ ଯାନ୍ତି ସେ ଶିଶୁ ନଷ୍ଟ ହୁଏ । ଏ ଅପବାଦ ପୁରୁଣା ବସ୍ତୀରେ ଥିବା ହେତୁରୁ ସେ ନୂଆବସ୍ତୀକୁ ବାହାରିଗଲେ । ନିଜର ପ୍ରସିଦ୍ଧି ନିମନ୍ତେ ଏଥର ପ୍ରତିଷ୍ଠା କରିବେ ।

'ଓଡ଼ିଶା ମେଡ଼ିକାଲ ହଲ୍' ନାମରେ ସାଇନବୋର୍ଡ଼ ଲଗାହେଲା । ଫୋନ୍ ନମ୍ବର ୨୨୮୯ । ଟେଲିଗ୍ରାଫିକ ଆଡ୍ରେସ୍ 'ଓଡ଼ିଶା' । ନିଜ ଚିଠିକାଗଜର ଡାହାଣ ପାର୍ଶ୍ୱ ଛପାହେଲା ଚିଠିକାଗଜର ସଂଖ୍ୟା, Code Used A. B. C. 6th Edition । ଲେଡ଼ି ଡାକ୍ତର । ସବୁଥି ସହିତ୍ ଚିଠି ଲେଖାଯାଏ, ପ୍ରେସକ୍ରିପ୍ସନ ଦିଆଯାଏ ।

ଡାକ୍ତରଖାନାରେ ଜଣେ ନର୍ସ, ଜଣେ କମ୍ପାଉଣ୍ଡର, ଜଣେ ସେଲସ୍‌ମ୍ୟାନ୍, ଜଣେ ଧାଈ ଓ ଦୁଇଜଣ ଚାକର ରହିଲେ । ସମସ୍ତ ନୂତନ ଫର୍ଣ୍ଣିଚର ଘରେ ଘରେ ସଜାଇ ଦିଆଗଲା । ପ୍ରାୟ ପାଞ୍ଚହଜାର ଟଙ୍କା ଖର୍ଚ୍ଚ ହେଲା । ଡାକ୍ତର ବ୍ରହ୍ମସ୍ୱର ଦୈନିକ ଭଲକି ଭଲ ଟେବଲରେ ଆସିଲେ । ଦୁଇ ମାସ ଭିତରେ ୬୧୦ ଜଣ ଦରିଦ୍ର ରୋଗୀଙ୍କ ଛଡ଼ା କେହି ଆସିବାକୁ ନାହିଁ । ତାଙ୍କର ପ୍ରକୃତିର ଜାଣିଶ ଜଣେ ବନ୍ଧୁ କହିଲେ—'ଏ ଛାଇଆଁ ଠିକ୍ ଲୁହେଁ । ଅମୁକ ସ୍ଥାନରେ କରିଥିଲେ ଆପଣ ଅପ୍ରତ୍ୟକ୍ଷ ହୋଇ ପଡ଼ନ୍ତେଣି । ଏତେ ଭଲ୍ ଯେ ସୀମାବାହିଁ !' ସେ ବନ୍ଧୁ କହୁ ଧାର ଉଧାର ପାଇଁ ଅନେକ ଆସିଥିବେ ଯଦ୍ୟ !

ଗୁଣମାସ ପରେ ଦେଖାଗଲା, ପୋଲିସ୍ ରିପୋର୍ଟରେ ଲାଇସେନ୍‌ସ୍ ଚାଲିବ । ବ୍ରହ୍ମସ୍ୱର ଲାଇସେନ୍‌ସ୍ ପାଇଁ ଦରଖାସ୍ତ କଲେଦେଲେ । ବୁଝ୍‌କି ତ ଯୋଷିତ୍—ଯେଉଁ ସାର୍ଟିଫିକେଟ ଯେଉଁ କାଗଜ ସ୍କୁଲରୁ ସଂଗ୍ରହ କରିଥିଲେ, ସେ ଶୁଦ୍ଧ ଲେଖା କଏ ବା ଦେଖିବ ? ଗଭର୍ଣ୍ଣମେଣ୍ଟ ଅନୁଷ୍ଠାନରେ ତା ନହେଲେ ଯେ କହୁଏ ! ଡାକ୍ତରାଣୀଙ୍କ ସାର୍ଟିଫିକେଟ୍ ଅନୁସାରେ, ଜଣେ ବଦମାସ୍‌ର ମନ୍ତ୍ରଣାରେ ପଡ଼ି ଏକ କାଗଜ ଛପାଇ, ସେଥିରେ ନିଜ ନାମ ଧାମ ଲେଖାଇ ଜାଲ୍ ଦସ୍ତଖତ ସହିତ ଜାଲ୍ ସାର୍ଟିଫିକେଟ୍ ଦାଖଲ କରିଦେଲେ । ମାଜିଷ୍ଟ୍ରେଟ୍ ତାହା ସନ୍ଦେହ କରି ଓଡ଼ିଶା ମେଡ଼ିକାଲ ସ୍କୁଲକୁ ଲେଖିବାକୁ ସ୍ଥିରକଲେ, ସ୍ୱଳ୍ପତ ତଥ୍ୟ ବୁଝିବା ଲାଗି । ବ୍ରହ୍ମସ୍ୱରଙ୍କର ଏ କୌଶଳରେ ଅନେକ ଶତ୍ରୁ ମଧ୍ୟ ଥିଲେ । ସେମାନେ ପୋଲିସକୁ ଏ ସମ୍ବନ୍ଧରେ ଜଣାଇଦେଲେ । କେଣ୍ଟ ଆଉ ଏକ ବିପଦ ମାଡ଼ିଆସିଲା । ସେ ଶେଷରେ ଡାକ୍ତରାଣୀଙ୍କୁ ପରାମର୍ଶ ଖୋଲି କହିଲେ । ଦେବି-ଯୋଗ ଯେ, ଯେଉଁ ମାଜିଷ୍ଟ୍ରେଟ ତାଙ୍କ କଚେରୀ ବିଚାର କରୁଥିଲେ ତାଙ୍କର ଏକ ଭଉଣୀ ଡାକ୍ତରାଣୀଙ୍କଦ୍ୱାରା ଚିକିତ୍ସିତ ହୋଇଥିଲା । ତାର ଜଣାଅରେ ବ୍ରହ୍ମସ୍ୱରଙ୍କୁ ଡାକ୍ତରାଣୀ ସେ ଶାସ୍ତିରୁ ରକ୍ଷା କଲେ । ମାତ୍ର ତ ସବୁଠୁ ବଡ଼—କେଣ୍ଟ ଡାକ୍ତରାଣୀ ମୁଣ୍ଡ ବୁଲାଇଲେ । ଡାକ୍ତରଖାନା ଉଠିଗଲା । ବହୁତ ଔଷଧ ଅକାରଣ ହେଲା । ତାଙ୍କ ଡାକ୍ତରଖାନାରେ ଯାହା ଟଙ୍କ ହେଲା ହେଲା, ବାକି ବହୁ ଔଷଧ ଅଧାଅଧି ଦାମରେ ବିକି ଦେବାକୁ ପଡ଼ିଲା । ଏଥିରେ

ସେ ବିପୁଳ ଅର୍ଥ ଋଣ ହେଲା । ତାହା ଫଳରେ ଡାକ୍ତରାଣୀଙ୍କର ଲକ୍ଷପତି ହେବା ସ୍ୱପ୍ନ ଲିଭି ଲିଭି ଆସିଲା ।

ସେ ଏକ ସ୍ୱଚ୍ଛ ସମ୍ପୃକ୍ତ ଉପରେ ହୋଇ କେବଳ ଏକ ପତ୍ରିକା ଚଳାଇବାକୁ ଚେଷ୍ଟା କଲେ । ଏହା ପତ୍ରପତ୍ରିକାରେ ଓଡ଼ିଆ ନାରୀମାନଙ୍କ ନାମରେ ଲେଖା ଛପାଇ ଓଡ଼ିଶାର ଗୌରବ କାହାକୁ ସେ ଅଞ୍ଚଳରେ ବଢ଼ାଇବେ ଏଥିପାଇଁ ବ୍ୟାକୁଳ ହୋଇଥିଲେ । ଅଶାନ୍ତିରୁ ରକ୍ଷା ପାଇବାକୁ ଏପରି ଏକ ନୂତନ ଚିନ୍ତାରେ ମାତି ସେ ୧୯୩୬ରେ ଖଣ୍ଡେ ଚିଠିରେ ଲେଖିଥିଲେ—

"ଏହି ସହିତ ଖଣ୍ଡେ ଇଂରାଜୀ ଓ ଖଣ୍ଡେ ଓଡ଼ିଆ ପତ୍ରିକା ପଠାଉଛି । ପତ୍ରିକା ପାଠକର ରୁଚିଗ୍ରାହ୍ୟ କରିବା ମୋର ପ୍ରୟୋଜନ । ଓଡ଼ିଆରେ ଲେଖିଲେ ମୁଁ ଅନୁବାଦ କରାଇ ନେବି । ଶୀଘ୍ର ଲେଖା ପ୍ରସ୍ତୁତ କରି ପଠାଇବ । ଭଉଣୀମାନଙ୍କୁ କହିବ ସେ ଲେଖିବେ । ତୁମେ ଯାହା ଲେଖିବ ତା ମଧ୍ୟ ତାଙ୍କ ନାମରେ ଦେଲେ ଚଳିବ । ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କର ସ୍ତ୍ରୀଙ୍କ ନାମରେ ମଧ୍ୟ କୌଣସି ଲେଖା ( ଶ୍ରୀ ମାୟାଧର ମାନସିଂହ ଲେଖନ୍ତୁ ବା ନାହିଁ) ଯେପରି ପାଇବ ।

ମୋର ଉଦ୍ଦେଶ୍ୟ ଜାଣୁଥିବ । ଓଡ଼ିଆଜାତିର ଏକ ପ୍ରଶସ୍ତି ଓ ପ୍ରଗତି ଏ ଅଞ୍ଚଳରେ ପ୍ରଚାରିତ କରାଇବାକୁ ମୁଁ ବ୍ୟାକୁଳ । X X X X X X ତୁମଙ୍କୁ ଅନୁରୋଧ ତଳ ଠିକଣାରେ କଲିକତାକୁ ଚିଠିଦେଇ ସମ୍ପର୍କ ସ୍ଥାପନ କରିବ । ସେ ଅତି ଭଦ୍ର ବ୍ୟକ୍ତି । ହେତୁ ମୋ ସମ୍ପାଦକତ୍ୱରେ 'ପ୍ରବାସୀ ଓଡ଼ିଆପତ୍ର' ଶୀଘ୍ର ବାହାରିବାର ଅଛି । ଠିକଣା—Sarat Chandra Pattanaik, Hanuman Jute mill, P.O. Ghusuri, Howrah.

ଏହି ଶରତ୍ ପଟ୍ଟନାୟକ ହେଉଛନ୍ତି କମ୍ୟୁନିଷ୍ଟ ନେତା । ସେ ଉଦ୍ୟମ କରି କଲିକତା ପ୍ରବାସୀ ଓଡ଼ିଆ ସମ୍ମେଳନ ଏହି ପୂର୍ବରୁ ୧୯୩୦ରେ ବିରାଟ ଆକାରରେ କରାଇଥିଲେ । ଡାକ୍ତରାଣୀଙ୍କ ଭାଷଣ ଅତ୍ୟନ୍ତ ଉନ୍ମାଦକ ଏବଂ ଐକ୍ୟବୋଧାତ୍ମକ ହୋଇଥିଲା । ତରୁଣ ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ବହୁ ବିଶିଷ୍ଟ ସାହିତ୍ୟିକ ଏଥିରେ ଅଂଶ ଗ୍ରହଣ କରିଥିଲେ । ଡାକ୍ତରାଣୀ କଲିକତାରେ ଓଡ଼ିଆଙ୍କ ଅବସ୍ଥା ତନ୍ନ ତନ୍ନ କରି ଦେଖି ଅତ୍ୟନ୍ତ ଦୁଃଖିତ ହୋଇଥିଲେ ।

ପ୍ରବାସୀ ଓଡ଼ିଆଙ୍କ ଦୁର୍ଦ୍ଦଶା ଦେଖି କୁନ୍ତଳାଙ୍କ ମନରେ ଜାତ ହୋଇଥିବା କାରୁଣ୍ୟ ମୂର୍ତ୍ତିମନ୍ତ ହୋଇ 'ଓଡ଼ିଆଙ୍କ କାହାଣୀ' କବିତାରେ ପ୍ରକାଶିତ ହୋଇଥିଲା । କବିତାଟି ୧୯୩୭ ଅପ୍ରେଲ ସହକାରରେ ପ୍ରକାଶିତ ହୋଇଥିଲା ଓ ଡାକ୍ତର କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ସେ କବିତାଟି ଉତ୍ସର୍ଗ କରିଥିଲେ । ସେଥିରେ ସେ ଲେଖିଥିଲେ—

"ତୁମେ ଭାରତ ଓଡ଼ିଆ ଶ୍ରମିକ ଓ ପତିତା ଓଡ଼ିଆ ଭଉଣୀଙ୍କ ଦୁଃଖରେ ଦୁଃଖିତ ଓ ବ୍ୟଥାରେ ବ୍ୟଥୀ । ଅତଏବ ଏ କାହାଣୀ ତୁମେ ଶୁଣ । କୁନ୍ତଳା ।"

ଏଥିରେ ଓଡ଼ିଆ ବାଳକ ପୁଅର ଭାବନା, ଓଡ଼ିଆ ବୋହୂର କାନ୍ଦ, 'ଓଡ଼ିଆ ପୁଅଙ୍କ କଥାବାର୍ତ୍ତା' ମଧ୍ୟରେ କବିପୁଅ, ଖଣ୍ଡାୟତ ପୁଅ, ଗୋପାଳ ପୁଅ, ସାଧବ ପୁଅ, କାରିଗର ପୁଅ, କୃଷକ ପୁଅ, ତନ୍ତୀ ପୁଅଙ୍କ ଭେକ କବିତା ରହିଥିଲା । କବିତାଗୁଡ଼ିକ ହୃଦୟସ୍ପର୍ଶୀ ଏବଂ ସରଳ, ସାଧାରଣ-ବୋଧ୍ୟ ଭାଷାରେ ରଚିତ ।

ଏ ବହିର ପ୍ରଥମ ସଙ୍ଗୀତ—

କେବେଠୁ ବୋଲୁଛୁ ମାଗୋ ! ହୋଇଛି କଙ୍କାଳ ମାଳିନୀ
ଧନିକା ଲକ୍ଷ୍ମୀ ତା ସୁତା ଜଗତର ଭଣ୍ଡାରିଣୀ ।
ଜରେ ଜର ଜର ତନୁ
ଶୀର୍ଣ୍ଣ ସରିଛୁ ବଦନୁ
ଶାଢ଼ୀ ଅଛନ୍ତୁ ମଳି ଜଣଙ୍କ ଯୁ ଭଙ୍ଗାଳିନୀ ।
ବରଷେ ବରଷେ ବଢ଼ି
ପାଣିରେ ଗଲୁଣି ସଢ଼ି
ଦେଶେ ବରଷକ ଧଞ୍ଚି ପେଟ ଭୋକେ ପାଗଳିନୀ ।
ଭଙ୍ଗା ବୋଉ ବାରବାଟି
କୋଣାର୍କ ଚନ୍ଦ୍ରିଚୁ ମାଟି
ଘୁଷ ବଣ ପଢ଼େ ପାଟି କାନ୍ଦୁଥିବା ଭିକାରିଣୀ ।

ଏପରି ଏକ ଜାତୀୟ ଉଦ୍‌ବୋଧକ ସଙ୍ଗୀତ ଓଡ଼ିଆ ଭାଷାରେ ତାଙ୍କର ବୋଧହୁଏ ଅନୁପମ ରଚନା । ବହୁଁକି ବୃନ୍ଦାବନଙ୍କ ଉତ୍କର୍ଷ କଣ ସେ ସେତିକ କହନ୍ତୁ, ବାସ୍ତବିକ୍ ସେପରି କେତେକ ଉତ୍କୃଷ୍ଟ ବୃନ୍ଦାବନଙ୍କ ମଧ୍ୟରେ ଉତ୍କୃଷ୍ଟ ଅଳ୍ପ ।

ପୂର୍ବରୁ କୁହାଯାଇଛି ଯେ ଏହି ଅବସରରେ ତାଙ୍କର 'ସ୍ତ୍ରୀ ଭୂଷଣ' ନାମକ ମାସିକ ସେ ସମ୍ପାଦନା କରୁଥିଲେ । ସେଥିପାଇଁ ଲେଖା ଦେବାକୁ ନାରୀଙ୍କ ନାମରେ ଲେଖୁଁ ଥିଲେ । ସମୟାତ୍ ଉତ୍ତର ନ ଦେବାରୁ ବ୍ୟଥିତ ହୋଇ ଲେଖିଥିଲେ—

"ଦୂରେ ପତ୍ରର ଉତ୍ତର ଦେଲନାହିଁ—କାରଣ କଣ ? ଶୀଘ୍ର ଓଡ଼ିଶାର କେତେକ ବିଶିଷ୍ଟ ନାରୀଙ୍କର ସଠିକ ଠିକଣା ପଠାଇବ । ହେମଚନ୍ଦ୍ରମଣିର ଟ୍ରାନ୍‌ସଲେସନ୍‌ଟା ଜଲ୍ଦି ଦରକାର ହୋଇଛି । ସେଥିପାଇଁ ମୁଁ ବାଧ୍ୟ, ଦଶଟାର ଟ୍ରାନ୍‌ସଲେସନ୍ କରାଇ ପ୍ରେସ୍‌କୁ ଦେବ । ମୋର ନୂଆ ବହି 'ସ୍ମରଣୀ' ଜଳଦିରେ ବାହାରିବ ।"

ସେ ବ୍ରହ୍ମପୁରରୁ ପ୍ରକାଶିତ 'ନବୀନ'ରେ ଏକେବେଳେ ଗଳ୍ପ କବିତା ଲେଖୁଥାନ୍ତି, ସମ୍ପାଦନରେ ମଧ୍ୟ । ମୋ ପାଖକୁ 'ନବୀନ' କିଏ ପଠାଉଛି ଲେଖିବାରୁ, ଲେଖିଲେ— "ନବୀନ ମୁଁ ତୁମକୁ ପଠାଉଛି ।"

ମଝେ ଅପ୍ରେଲ ପହିଲାରେ (୧୯୩୬) ଯେଉଁ ଚିଠି ଡାକ୍ତରାଣୀ ଲେଖିଥିଲେ ତାହା ଏହି—

"ସ୍ନେହର ଚନ୍ଦ୍ରଧର,

ମୋ ମନ ଅଜଣା ନୀରସ ଦୁଃଖପରୁ ବୈରାଗ୍ୟ ଓ ଉଦ୍ଧାର ଆକାଂକ୍ଷାରେ ପଡ଼ିଛି । ତୁମେ ଏଠାକୁ ଆସିଲେ ଅବା ମୋର ଚିନ୍ତା ଦୂର ହୁଅନ୍ତା । ବୋଧିଏ ପ୍ରେସ୍ କରନ୍ତି, ଓଡ଼ିଆ ଟାଇପ୍ ମଗାଇ କାମ ଆରମ୍ଭ କରନ୍ତେ ଏବଂ ତୁମର ପରିଚାଳିତ ସହିତ ବ୍ୟବହାର କରନ୍ତୁ । ତୁମେ ଆସିପାରିବ କି ? ଜନକମଣ୍ଡଳୀ ଓ ପ୍ରେମସୁନ୍ଦରଙ୍କୁ ଛାଡ଼ି ତୁମେ ଆସିପାରିବ କି ? ତୁମ ଝିଅଟି ମା'ଙ୍କୁ ଛାଡ଼ି ଆସିପାରିବ କି ? ସବୁ ସମସ୍ୟା ଆସିବ ତା ମଧ୍ୟ ଜାଣେ । ମୁଁ ସବୁ ଖର୍ଚ୍ଚ ବହନ କରିବି । ଗତ ୫ ବର୍ଷକାଳ ତୁମର ମୋର ସାକ୍ଷାତ ହୋଇନାହିଁ । ଏ ଭିତରେ ତୁମେ ଅନେକ ବଦଳିଛ । ମୁଁ ମଧ୍ୟ ଅନେକ ବଦଳିଛି । ଆମର ପରସ୍ପର ସମ୍ବୋଧନ ପୂର୍ଣ୍ଣ ଲେଖା ହେଉଛି ଦେଖୁଛ ପରା । ସାହିତ୍ୟିକ ଜୀବନରେ ମୁଗ୍ଧତା ଓ ସାର୍ଥକତା ନିଶ୍ଚୟ ଆସିବ । ମୁଁ ଏକୁଟିଆ ପଡ଼ିଯାଉଛି । ମୁଁ ଉତ୍କଳ ସାହିତ୍ୟ ପ୍ରାୟ ଛାଡ଼ି ବସିଛି । ଗତତ ବର୍ଷରେ ଟିକେ ଟିକେ ଲେଖୁଛି, ସେ କଣ ପ୍ରକୃତ ସାହିତ୍ୟ ସାଧନା ? ଅଧିକ କଣ—ଏକଥା ଖୁବ ଜବାବ ଦେବ ।

ଏ ଘାର ଶ୍ରୀ କବିତାଟି ତୁମକୁ, ଜନକ ଓ ପ୍ରେମସୁନ୍ଦରଙ୍କୁ ଉପହାର । ନବୀନ ଓ ସହକାରରେ ମୋର ଲେଖା ପଢ଼ିବ ।

ମୋର ପ୍ରସ୍ତାବଟି ତୁମେ ବିଚାର କରିବ । ତୁମେ ଦିଲ୍ଲୀ ଆସିଲେ ମୋର ଏଠା ଲୋକଙ୍କ ବହୁତ ଉପକାର ହେବ । ପ୍ରେସ୍‌ରେ ଓଡ଼ିଆ ଟାଇପ୍ ପକାଇଦେଲେ ଆମେ ମିଶି କାମ କରି ପାରିବା ।

ତୁମର ସ୍ନେହ ଜାଣିବ—ମା"

୧. ୪. ୩୬ ରେ ଘାର ଶ୍ରୀ କୁନ୍ତଳାକୁମାରୀ (ଦେହଲୀ) 'ଘାର ଶ୍ରୀ' ନାମରେ କବିତାଟି ଶୁଦ୍ଧ ଅକ୍ଷରରେ ଛପାଇ ପାଞ୍ଚ ହଜାର ଖଣ୍ଡ ଦିଲ୍ଲୀରେ ବାଣ୍ଟିଥିଲେ ଏବଂ ଓଡ଼ିଶାକୁ ମଧ୍ୟ କିଛି ସଂଖ୍ୟାରେ ପଠାଇଥିଲେ । ପ୍ରଜାତନ୍ତ୍ର ଖବରକାଗଜରେ ତାହା ପ୍ରକାଶିତ ହୋଇଥିଲା । କବିତାଟି ଏହିପରି—

ଓଁ

ବୀର ଶ୍ରୀ

ଜୟ ମାଂ

ବୀର ଶ୍ରୀ ଭାରତର ଭାଗ୍ୟଗଗଣେ । ବୀର ଶ୍ରୀ ଉତ୍କଳ କଳଙ୍କ ଧମନୀ ।
ବୀର ଶ୍ରୀ ଭାରତର କୀର୍ତ୍ତି ବିତାନେ । ବୀର ଶ୍ରୀ ଭାରତର ଧାତ୍ରୀ ପଦେଶ ।
ଜୟ ମାଂ ବୀର ଶ୍ରୀ ଭାରତର ଜନନୀ । ଜୟ ମାଂ ବୀର ଶ୍ରୀ ଭାରତର ପାଳନୀ ।
ଜୟ ମାଂ ବୀର ଶ୍ରୀ ଭାରତର ମୋହିନୀ । ଜୟ ମାଂ ବୀର ଶ୍ରୀ ଶାଳିନୀ ।
ବୀର ଶ୍ରୀ ଉତ୍କଳ ଅତୁଳ ଗୌରବ । କୋଣାର୍କ ଭୁବନେଶ୍ୱର ଗରିମା ।
ତବ ପୂର୍ଣ୍ଣ କରେ କଳିଙ୍ଗ ଅଙ୍ଗରେ । ଶ୍ରୀ ଜଗନ୍ନାଥ ଏ ବୀର ନାମର
ବୀର ଶ୍ରୀ ମହିମା ।

ତୋହର ଆମେ ସନ୍ତାନ ବୀର ଶ୍ରୀ ମଣ୍ଡିତ । ବୀର ଶ୍ରୀ ସ୍ୱଦେଶ ନ ହେଉ ଖଣ୍ଡିତ ।
କଳିଙ୍ଗ କୂଳରେ ସଦା ଭରନ୍ତୁ ବୀର ଶ୍ରୀ ।
ତୋହର ପଦେ ମୁଁ ଲଭାଏ ପଣ୍ଡିତ ।

ତୋହର ସେ ମଳୟ ମୃଦୁମନ୍ଦ ଶୀତ । ବୀର ଶ୍ରୀ ତୋହର ତା ଜୀବନର ଚିହ୍ନ ।
ବୀର ଶ୍ରୀ ଜାତିର ବୀର ଶ୍ରୀ ଉଚ୍ଛିନ୍ନ । ନ ହେଉ କଦାପି ନ ହେଉ ବିଚ୍ଛିନ୍ନ ।
ଆମେ କଳିଙ୍ଗର ବୀର ଶ୍ରୀ ସନ୍ତାନ । ବୀର ଶ୍ରୀ ଆମର ଜାତିକୁ ସମ୍ମାନ ।
ବୀର ଶ୍ରୀ ଜଗତେ ଆମ ଜୟ ଧ୍ୱଜା । ଉତ୍କଳର ଶ୍ରେଷ୍ଠ ତ୍ରାଣ ପାଦ ପୂଜା ।
ବୀର ଖାରବେଳ ରାଜା ଜନପଦ । ବୀର ଶ୍ରୀ ଭାରତ ଜାତି ମହାମନ୍ତ୍ର ।
ମହାଭାରତର ମହା ଉଦ୍‌ବୋଧନେ । ଗୀତା ଜନାର୍ଦ୍ଦନର ସୁକ୍ଷ୍ମ ସଦନେ ।
ବୀର ଶ୍ରୀ ଭୂଷିତ କର ଶିର ଥାଇ । ସୁରଦର୍ଶନେ ଅଶ୍ରୁ ବରଷାଇ ।
ମଧୁ, ଗୋପବନ୍ଧୁ, ତତ୍ତ୍ୱ, ନୀଳକଣ୍ଠ । ମୋତି ଜେମାଣି, ଧାତ ବୀରେନ୍ଦ୍ର ଭଗତ ।
ଦୁର୍ଗାପୂଜା କମଳା ବୀରଶ୍ରୀ ଶାଳିନୀ । ଭାରତ ଭୂଷିତା ବୀର ବିଳାସିନୀ ।
ବୀର ଶ୍ରୀ ଭାରତ ବୀର ଶ୍ରୀ ଉତ୍କଳ । ସନ୍ତୋଷାନେ ପୂର୍ଣ୍ଣ ପୃଥ୍ୱୀ ମଣ୍ଡଳ ।

୧ । ୪ । ୩୭ ବୀର ଶ୍ରୀ କୁନ୍ତଳାକୁମାରୀ, ଦେହଲୀ

କବିତା ସମାପ୍ତ ହେବା ପରେ, ଏଥି ଦାସ୍ତ ଓଁଆଶୀର୍ବାଦ ରୂପ ଶବର ବିଜୁଳନାଦ ଯେପରି ଏହାର ଉଦ୍ଦେଶ୍ୟରେ ଫୁଟି ଉଠିଛି । କହନ୍ତି ସେ ବେଳକୁ ତାଙ୍କଠି ଓଁକାର କବିତା ଲେଖିବାର ଅଭ୍ୟାସ ଥିଲା ଅଛିଲାଣି । ଅଧିକ ଜଣା କରନ୍ତୁ ? ଏହା ଉତ୍କଳ ଜାତି ପ୍ରତି

ଏକ ସ୍ମାରକୀ । ହୁଏତ ଏପରି ଦିନ ଆସିବ, ଓଡ଼ିଆଙ୍କୁ ଚିହ୍ନିବାକୁ ତାଙ୍କର ଏ ପ୍ରବର୍ତ୍ତିକାଟି ସିଂହଳକୁ ଲଂଘିପାରେ ! ※

୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ନବୀନ ଉତ୍କଳ ପ୍ରତିଷ୍ଠିତ ହେବା ଯୋଗୁଁ କୁନ୍ତଳାକୁମାରୀ ଆନନ୍ଦରେ ଅଧୀର ହୋଇପଡ଼ିଲେ ଓ ଏଥିରେ ତାଙ୍କ ପ୍ରତିଷ୍ଠା କିପରି ବଢ଼ାଇବେ ସେଥିପାଇଁ ନାନା କଳ୍ପନା କରି ଚାଲିଲେ । କିନ୍ତୁ ମନେ ହସନ୍ତା ଲେଖୁଥିଲେ—

"କାହାକୁ ସେଦିନ ମୋର କଳ୍ପନାରେ ରୂପ ଦେବ ? ହେ ତପସ୍ୱୀ ! ଭୁଲ ଭାଙ୍ଗ । ଏଠିକୁ ଆସ । ଏଠାରେ ଏକ ମହାନ୍ କାର୍ଯ୍ୟ କରିବା । ତୁମେ ଓଡ଼ିଆ ଜାତୀୟତାର ଏକ ମୂର୍ତ୍ତି ଗଢ଼ । ହିନ୍ଦି, ଓଡ଼ିଆ, ଇଂରାଜୀ ଏପରି ତିନୋଟି ଭାଷାରେ ଆମ ଜାତିର ଗୌରବ କୀର୍ତ୍ତିଗାଥା ଖୋଦିଦେବା ।

ଦେଖ, ଯୌବନର ଚଞ୍ଚଳ ଦିନ ଚାଲିଯାଉଛି । ଏବେ କାର୍ଯ୍ୟ ନ କଲେ ସେଉଁ କେବେ ହେବ ବୁଝ ? ଏଥିଲାଗି ସବୁ ମନେ ଚିଠିର ଉତ୍ତର ଦେବ । ବୋହୂ ଜନକନନ୍ଦିନୀଙ୍କୁ ବୁଝାଇବ । ଏଠି ତୁମର କୌଣସି ଅସୁବିଧା ହେବନାହିଁ । ତୁମେ ନ ଆସିଲେ 'ପ୍ରବାସୀ-ଓଡ଼ିଆ' ପତ୍ରିକା କିପରି ଚାଲିବ ? ଶୀଘ୍ର ପଣ୍ଡିତଜୀଙ୍କୁ ଆସିବା ଉଚିତ ।

କିନ୍ତୁ ଆମ ଜାତୀୟତା ପାଇଁ ତୁମର ମୋର ସହଯୋଗ ନିତାନ୍ତ ଦରକାର—ଏହା ବୁଝୁଛ ? ପ୍ରେମସୁନ୍ଦର ଏବଂ ଜନକନନ୍ଦିନୀଙ୍କୁ ମୋର ସ୍ନେହାଶୀର୍ବାଦ ଦେବ—ତୁମର ମା' ।"

ଦୁର୍ଭାଗ୍ୟ ଏଥର ମଧ୍ୟ ମୁଁ ଏ ଅପୂର୍ବ ସୁଯୋଗ ତ୍ୟାଗ କରିବାକୁ ବାଧ୍ୟ ହେଲି । ମୋ ଭାଗ୍ୟ ପୁଣି ଦିଲ୍ଲୀରେ ରହିବାକୁ ପସନ୍ଦ କରି ପାରିଲି ନାହିଁ ।

କିଛିଦିନ ପରେ, ତାଙ୍କର ୧୬ । ୬ । ୩୬ ତାରିଖ ଚିଠିରୁ ଜାଣିଲି ଯେ ସେ ଗତ ଦୁଇମାସ ହେଲା ଅଷ୍ଟ ରୋଗରେ ପୀଡ଼ିତ । ସେ ଲେଖିଥିଲେ, "ବହୁ କଷ୍ଟରେ ଏ ଚିଠି ଲେଖୁଛି । ଲେଖାପଢ଼ା ସବୁ ବନ୍ଦ । ଭଗବାନ ଏଥର ଫେରାଇ ଦେଲେ ଯାଇ ସବୁକଥା ; ବର୍ତ୍ତମାନ ଏଥି ଅନ୍ତ । ତୁମର ନବଜାତକ ପୁତ୍ରଟିଙ୍କୁ ଆଶୀର୍ବାଦ । ମୁଁ ଏବେ କିନ୍ତୁ ଦିଲ୍ଲୀରେ ରହୁଛି । ପୁରନ୍ଦରଙ୍କ ନାଁଟି ମୋର ପସନ୍ଦ ହୋଇଛି ।"

ଆଉ ଛଅ ମାସ ପରେ ଭଲ ହେଲେ । ସେ ୨୮ ନଭେମ୍ବରରେ ଲେଖିଥିଲେ—

"ଏ ଚିଠିଟି ଲେଖିବାର ପ୍ରଧାନ ଉଦ୍ଦେଶ୍ୟ ହେଲା ତୁମର ପତ୍ନୀ କବିତା ସଂଗ୍ରହ ସମ୍ବନ୍ଧରେ । ମୁଁ ସମ୍ବାଦପତ୍ରରେ ସେଗୁଡ଼ିକ ଦେଖିଥିଲି । ଯାହାହେଉ, ବର୍ତ୍ତମାନ ଦୁଃଖ ଜଣେଇ

※ ସ୍ୱତନ୍ତ୍ରପ୍ରଦେଶତାରେ ସେ ଦେବଳର ଜଣେ ତରୁଣ ସଂଗ୍ରାମବାସୀ ଏବଂ ବାରଣୀ ପଢ଼ାଇଛି ଗ୍ରାମ୍ୟ ସହିତ ଗ୍ରହଣ କରିଥିଲେ । ସେ ହେଉଛନ୍ତି ବର୍ତ୍ତମାନର ସୁନାମଧନ୍ୟ ବାରଣୀ ଖଣ୍ଡୁମାନ ଶାସ୍ତ୍ରୀ ( ପୁରୀ ସଂସ୍କୃତ କଲେଜର ଅଧ୍ୟାପକ ) ।

କରିଛୁ ମୁଁ ସେଗୁଡ଼ିକର ପ୍ରକାଶ ପାଇଁ ଉପାୟ କରିବ । ମୋର ଖାଲି ଇଚ୍ଛା ଉତ୍କଳର ଏହି ଗୋଟିଏ ପ୍ରଧାନ ଗୌରବମୟ ବସ୍ତୁ ଦାଣ୍ଡକୁ ଆସୁ । ତୁମେ ମୋତେ ଦେଖ ।

ତୁମେ ମଣିଷ ହୋଇ ଥାଉଛ । ତୁମର ଖ୍ୟାତି ଏବଂ ପ୍ରତିପତ୍ତିରେ ଯେତେ ଦେଶ ଗୌରବାନ୍ୱିତ ହେଉଥାଏ, ସେତେ ଗର୍ବ କରେ ମୁଁ । ତୁମେ ଏତେଟିକେ ପିଲା । ମଧୁପୁର କୋଠିରେ ମୁଁ ଦୂରରୁ ଦେଖି ଭ୍ରମିତ ହୋଇପଡ଼ିଥିଲି—ଏ ତ ମୋର ପୁଅ ଜନ୍ମର ପିଲା ଏଠାକୁ କପରି ଆସିଲା ! ଟେଲର୍ ବାବର୍ ମୋ ସମକ୍ଷରେ ହଠାତ୍ ଛିଡ଼ାହୋଇ କହିଲେ—ହଁ ହଁ, ତୋର ପିଲା ।

ତାପରେ ସେହି ସୁନ୍ଦର ସୁକୁମାର ଶିଶୁଟିକୁ ଟିକେ ପାଖକୁ ଆଣିବାକୁ ମୁଁ ଶତଚେଷ୍ଟା କରି ବିଫଳ ହୋଇଥିଲି । ଶେଷକୁ ତୁମ ମାଆ ମନେ ପକାଇଦେଲେ । ଏତେ ଅଭିମାନ, ଅହଂକାର ଭରିତ ପିଲା ମୁଁ ଦେଖିନାହିଁ । ପୁଣି ଜୁଆନ୍ତ ରକ୍ଷଣଶୀଳ । ଯାକୁ ନେଇ ଏବେ କଣ କରିବା ? ତୁମପାଇଁ ସର୍ବଦା ଚିନ୍ତିତ ଥିଲି । ଏବେ ଆନନ୍ଦରେ ମୁଁ ଆଶୀର୍ବାଦ ଦିଏ, କେହି ଜାଣନ୍ତୁ ନ ଜାଣନ୍ତୁ ଏହି ମାଲୁଣୀ ଝିଅଟିରେ ସୃଷ୍ଟି ବୃକ୍ଷଟି ସବୁରେ ପ୍ରତିଷ୍ଠା ଅର୍ଜି ସାରିଛି—ପୁଷ୍ପ, ଫଳ, ପତ୍ର, ଗ୍ରନ୍ଥ ସବୁରେ । 'ଅଞ୍ଜଳି' ଠାରୁ ଆରମ୍ଭ କରି ତୁମର ସବୁ ବହିକୁ ମୁଁ ଏକ ଗ୍ରନ୍ଥାବଳୀ କରି ରଖିଛି । ମୋ ହାତ ଲଗାଇ ଗଛର ଫଳ ନା ? ଅବଶ୍ୟ ଏକଥା ସତ୍ୟ ଯେ—'ଯଥାକୁଳେ ଜାତ ତଥା ସତ୍ତ୍ୱ' । ତୁମେ ମୋ କଥା ଶୁଣାଇଲ ବା ଜାଣି ନଥିଲ ସେଥିପାଇଁ ମୋର ଦୁଃଖ ନାହିଁ । କେବଳ ତୁମର ଶୁଭ ଖବର ମୁଁ ନିରନ୍ତର ଶୁଣିବାକୁ ଚାହେଁ ।

ତୁମର ଗୋଟିଏ ଦୋଷ ମୁଁ ଦୂର କରିପାରିଲି ନାହିଁ । ସେରେ ସ୍ତ୍ରୀ ଉନ୍ନତିର ଲୁଣ ଅଥବା ସ୍ୱଦେଶୀର ଭଦ୍ରଦେଶରେ ଜାତୀୟ ଉନ୍ନତି ପାଇଁ ବ୍ରାହ୍ମଧର୍ମଙ୍କ ପଦ୍ଧତି ବ୍ୟବହାର ସତ୍ୟଗୁରେ ଅଭାବ । ଭାରତକୁ ଜାଣରେ ବାସ ଗୁଳୁଥିବା ବ୍ୟକ୍ତି ଜଗତର ସବୁ ମଣିଷ ଆଉ ସବୁ ଜାତିକୁ ଭଲ । ନୋହିଲେ ସବୁରେ ତୁମେ ହାରିବ ।

ଏହି ଉପଦେଶ, ତୁମେ ତ ଭାଇବ୍ରହ୍ମଧର୍ମୀ ଜଣେ ଉଷ୍ଣଶୀଳ ଖାଦ୍ୟକୁ ଘୃଣା କରନାହିଁ । ମୋତେ ସମୀ ଏଠାକୁ ବଦଳାଇ ଦେଲେ କହନ୍ତି । ତେବେ ଏ କାରଣରୁ ତୁମର ନାହିଁକି ? ଆଉ କର୍ମ ଉଚିତ ? ମୁଁ ପଞ୍ଜାବ ବାସିନ୍ଦା, ଗୋଟିଏ ଡାକ୍ତରଖାନା, ହୃଦରେ କଷ୍ଟ, ଦୁଇଟି ପିଲା, ପୁଣି ଓଡ଼ିଆ ଶାସ୍ତ୍ରଙ୍କର କର୍ଣ୍ଣଧାରଣା, ମୋର ଏପରି ସୁଜାବନ୍ତା କର୍ମଭୂମି ଛାଡ଼ି । ତୁମେ ମୋତେ ଭୁଲିଲ । ତାହାରୁ ସମୁନ୍ନତ ପଥ ଭୁଲିଲ ।

ଆଉ ଦେଖି ଲେଖି ନାହିଁ । ତୁମେ ରହିଲ ନରସିଂହପୁରରେ, ମୁଁ ରହିଲି ଦିଲ୍ଲୀରେ । ଏପରି ଦୂରଦେଶ ଅବସ୍ଥାରେ ଆଉ ସାକ୍ଷାତ୍ ବା କଣ ହେବ ? ଶୁଣିଲି ଲେଖି ଠିକଣା ଦେଲେ ଭୁଲି ନାହିଁ । ତାର ପତ୍ର ଦେଖିବ ନହେଲେ ବା ଲାଭ ? ପ୍ରେମଚନ୍ଦ୍ରାମଣିର

ଇଂଲଣ୍ଡରେ ସେପରି ପଢ଼ନ୍ତି । ମୁଁ ସେ ଜାତୀୟ ଗ୍ରନ୍ଥ ବା ଗ୍ରନ୍ଥର ଏପରି ଲେଖକ ନାହିଁ । ୧୦ ମାସ କାଳ ଶେଯାଶାୟୀ ହୋଇ ରହିଲି । ତାପରେ ପୁଣି ଏଣାର ଟଙ୍କାର ଚିନ୍ତା ।" ତେଣିକି ଦୁଇ ପୃଷ୍ଠା ବ୍ୟାପୀ ସ୍ୱହସ୍ତ ଅକ୍ଷରରେ ଲେଖା କରୁଛି ।

ଓଡ଼ିଆ ଯେଉଁମାନେ ତାଙ୍କ ପାଖକୁ ସାମୟିକ ଯାଉଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପ୍ରେମଚନ୍ଦ୍ରମଣି'ର ଇଂରାଜୀ ଅନୁବାଦଟିକୁ ସେମାନଙ୍କୁ ଦେଖାନ୍ତେ ଅଧିକାଂଶ ବ୍ୟକ୍ତି ତାହା କିଛି ଭଲ ହୋଇ ନାହିଁ ଏପରି ମତ ଦେଉଥିଲେ । ବହୁସ୍ୱସ୍ତ ପ୍ରବୃତ୍ତ କରୁଥାନ୍ତି 'କିଛି ବୁଝେଁ' । ଫଳରେ ସେ ଦୁଃଖିତ ହୋଇ ମୋ ପାଖକୁ ଲେଖାଟି ପଠାଇଥିଲେ ।

ମୁଁ କଟକରେ ଥିବାବେଳେ କେତେକ ମନସ୍ୱୀ ବିଦେଶୀଙ୍କୁ ତାହା ଦେଖାଇ ବୁଝିଲି ସେ ଅନୁବାଦ ବେଶ୍ ସୁନ୍ଦର ଏବଂ ଇଡ଼ିଓମାଟିକ୍ ହୋଇଛି ଏବଂ ଯୋଗ୍ୟତା ରଚନାରୁ ବାହାରିଛି—ବାସ୍ତବରେ କିଛି ନାହିଁ । ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ଟିପି ଲେଖାଇ ତାହା ପୁଣି ତାଙ୍କ ନିକଟକୁ ପଠାଇଲି । ସେ ପୁନର୍ବାର ତାହା ବାରମ୍ବାର ପଢ଼ି ଅନୁବାଦ ଭଲ ହୋଇଥିବାର ପରେ ଜାଣିପାରି ଆନନ୍ଦିତ ହୋଇଥିଲେ । ପଣ୍ଡିତ ଗୋଦାବରୀଶଙ୍କୁ ଯେଉଁମାନେ ଈର୍ଷା କରୁଥିଲେ ସେହିମାନେ ତାଙ୍କୁ ଏପରି ମତାମତ ଦେଇଥିବା ମୁଁ ଜାଣିପାରିଥିଲି ।

ସେ ୧୯୩୭ ରେ ଶୁଣିଲେ ଯେ ତାଙ୍କୁ ଓଡ଼ିଶାରେ କେହି କେହି ସମାଲୋଚନା କରୁଛନ୍ତି । ତାହା ତାଙ୍କର ଦୋଷରୁ ନୁହେଁ । ସେ ଯେଉଁ ନିପୁଣ ଆଦର୍ଶ ଦେଇ, ଘରେ କୌଣସି ଭେଦ ନରଖି ପୂଜା କରନ୍ତି ତାର ଏହା ହିଁ ହେଲା ପ୍ରତିଫଳ । ମୋତେ ଲେଖିଲେ—

"ତୁମକୁ ଲେଖିଲେ ମୋର ଦୁଃଖର ଗୁରୁତ୍ୱ ଉଣା ପଡ଼ିବ । ତେଣୁ ଲେଖିଲି । ପଢ଼ିବ—ଉତ୍ତର ଦେବ । ତୁମେ ମୋକଦ୍ଦମୀ ହୋଇ ଯାଇଛ । ତେଣୁ ମୁଁ ମଧ୍ୟ ମନେପଡ଼ୁନ । ( ମୁଁ ସେତେବେଳେ ଜମିଦାରୀ ଯୋଗ ମୋକଦ୍ଦମା ଝାମେଲାରେ ବ୍ୟସ୍ତ ଅ:ଏ : ଲେଖକ )

ଓଡ଼ିଶାରେ ଅନେକଙ୍କର ଧାରଣା ଯେ ଦିଲ୍ଲୀରେ ମୁଁ ଏକାବେଳେ କୁବେରପତି ହୋଇ ବସିଛି, ଅଥବା ରାତଦିନ ଟଙ୍କା ରୋଜଗାର କରି ନାନା ବସ୍ତୁ ସମ୍ପତ୍ତି କରିବାରେ ବ୍ୟସ୍ତ ରହିଛି । ଏ ଭୁଲ୍ ଧାରଣା ମୁଁ କିପରି ଦୂର କରିବି ? ମୋର ପ୍ରକୃତ ଅବସ୍ଥା କଣ ତାହା ମୁଁ କାହାରିକି ଜଣାଇବାକୁ ଇଚ୍ଛା କରେ ନାହିଁ । ସେହି ମୋର ଦୋଷ । କାରଣ କାହାରିଦ୍ୱାରା କିଛି ଉପକାର ପ୍ରତ୍ୟାଶା କରିବା ଭୁଲେ ଥାଉ ନିଜକୁ ଅତି ହେୟ କରିବା ଛଡ଼ା ଅଉ ସେଥିରେ କଣ ଲାଭ ହେବ ? ଯେ କହୁଛନ୍ତି ମୁଁ ତାଙ୍କୁ ଜାଣିପାରୁଛି । ତୁମ ସହିତ ଭେଟ କେବେ ହେଲେ କହିବି ।

ପୁଣି ମୁଁ ଓଡ଼ିଆ ସାହିତ୍ୟ ସାଧନାକୁ ଫେରିଲି ଯାଉଛି । ହଁ ହେଲା, ତାର ଉତ୍ତର—ମୋର ସାହିତ୍ୟ ସାଧନାଦ୍ୱାରା ଦେଶର କି ଉପକାର ହୋଇଛି ? ମୋର ବାଣୀ ଓ ଚିନ୍ତାଦ୍ୱାରା ଦେଶ କି ହୃତ ସ୍ୱର୍ଣ୍ଣ ସିଂହାସନ ଅଧିରୂଢ଼ ହୋଇ ପଡ଼ିଛି ? ମୋର ଦେଶ ପରାଧୀନ, ପଦଦଳିତ—ମୁଁ ମଧ୍ୟ ପରାଧୀନ, ପଦଦଳିତ ବନ୍ଦୀ, ଅକର୍ମଣ୍ୟ । ସେ ଅନେକ ଶୃଙ୍ଖଳାବଦ୍ଧ, ସେ କୋଟି କୋଟି ଶୃଙ୍ଖଳାବଦ୍ଧଙ୍କୁ କିପରି ବା ମୁକ୍ତିର ସନ୍ଦେଶ ଶୁଣାଇବ ? ଭାରତବର୍ଷ ଗୋଲାମୀର ଜଞ୍ଜିରରେ ଆବଦ୍ଧ । ସେ ମୁକ୍ତ ନୁହେଁ, ସ୍ୱରାଜ୍ୟ ନୁହେଁ । ମୁଁ କେବଳ ଭାରତର ନାରୀ । ମୁଁ ଅପାଙ୍‌କ୍ତେୟ ଭାରତୀୟଙ୍କ ପତିତ ଇଂରେଜର ଗୋଲାମ—ଏ ମୋର ବାହ୍ୟ ବନ୍ଧନ; କିନ୍ତୁ ଭାରତୀୟ ନାରୀ ହିସାବରେ ମୁଁ ଭାରତୀୟ ଦେଶାଚାରର କୁଳାଚାରର ସେ ବନ୍ଧନରେ ବନ୍ଧା । ମୋର ଆଖି ଥାଇ ଆଖି ନାହିଁ । କାନ ଥାଇ କାନ ନାହିଁ । ଗୋଡ଼ ଥାଇ ମୁଁ ଚଳପାରିବ ନାହିଁ । ଅଥଚ ମୁଁ ସ୍ୱଦେଶ ବାସୀଙ୍କୁ ମୁକ୍ତିର - ସନ୍ଦେଶ ଶୁଣାଉଛି । ଏପରି ମିଥ୍ୟାଚାର ମୁଁ କରି ପାରିବ ନାହିଁ । ମୁଁ ମୋର ନୈତିକ ମୁକ୍ତି ଲୋଡ଼େ — ମୋ ଭଳି ହେଉ ସମସ୍ତଙ୍କର ନୈତିକ ମୁକ୍ତି ଲୋଡ଼େ—ତା' ମଧ୍ୟ ପ୍ରାର୍ଥନାଦ୍ୱାରା ନୁହେଁ । ଆତ୍ମବଳରେ ଅର୍ଜ୍ଜନ କରିବାକୁ ଲୋଡ଼େ । ଯେ ପର୍ଯ୍ୟନ୍ତ ମୁଁ ମୁକ୍ତ ନୁହେଁ, ମୁଁ ତାହାଙ୍କୁ ମୁକ୍ତିର ବାଣୀ, ଉତ୍ସାହର ଆଶାର ସଞ୍ଜୀବନୀ ମନ୍ତ୍ର ଶୁଣାଇବି ନାହିଁ—ଏ ମୋର ଦୃଢ଼-ପ୍ରତିଜ୍ଞା । ମୋର କାରାଦଣ୍ଡ କଣ ପାଇଁ, ମୁଁ ଠିକ୍ କୋଉ ଜାଗାରେ ପଡ଼ିଛି, ଏହି ତଥ୍ୟ ଆବିଷ୍କାର କରିବାରେ, ଏହି ଅଭିଜ୍ଞତା ପ୍ରକାରେ ମୋର ଗତ ପାଞ୍ଚବର୍ଷର ଜୀବନ ବ୍ୟୟ ହୋଇଛି । ମୁଁ ବଞ୍ଚିଥିଲେ ନିଶ୍ଚୟ ମୋର ଅଭିଜ୍ଞତାର ଫଳ ଜଗତକୁ ଦେଇଯିବି ।

ମୁଁ ଭାରତରେ ବୁଲି ବୁଲି ଭ୍ରମଣ କରୁନାହିଁ—ମୁଁ ଏତ ଭାରତର ପ୍ରାନ୍ତକୁ ଗଲିଣି । ମୋର ଗଣି ଗଣି ଅଭିଜ୍ଞତାର ଫଳକୁ ମୁଁ କୃଷ୍ଣୀ ଭାଷାରେ ପୁସ୍ତକାକାରରେ ଲିପିବଦ୍ଧ କରିଯିବି, ଏ ମୋର ଶେଷ ଇଚ୍ଛା । ମୁଁ ଜାତୀୟ ସାହିତ୍ୟ ସାଧନାକୁ ଆଉ ପଛ କରୁନାହିଁ । ଭାରତର ପରାଧୀନତାର ବେଦନା ତାର ଜନ ଜନ ଭିତରେ । ସେ ଦାଗରେ ମୁକ୍ତି ଖୋଜିବାକୁ ଯାଉଛି ବୋଲି ପାରୁନାହିଁ । ପ୍ରତ୍ୟେକ ଭାରତୀୟ ପୁରୁଷ ବନ୍ଦୀମାତାର ସନ୍ତାନ—ସେ ମୁକ୍ତ ସ୍ୱାଧୀନ ପୁରୁଷସିଂହ ହେବା ସମ୍ଭବ ନୁହେଁ । ଏ ବିଷୟରେ ବିସ୍ତାରିତ ପ୍ରବନ୍ଧ ଲେଖିବା ବର୍ତ୍ତମାନ ଏ ଚିଠିର ଉଦ୍ଦେଶ୍ୟ ନୁହେଁ । ମୋର ଚିନ୍ତାଧାରାର ଆଂଶିକ ପରିବର୍ତ୍ତନ କରାଇଲିମାତ୍ର ।

ମୋ ମନ କଥା ଲେଖୁଛି । କୌଣସି ବନ୍ଧୁର ପରାମର୍ଶ ମୁଁ ଆଉ ଲୋଡ଼ିବ ନାହିଁ ଭାବୁଛି । କଣ ଲାଭ ? ଦିନାପରେ ଦିନ କଟି ଯାଉ ଭଲ ଭଲ ବନ୍ଧୁ ଦେଖାଇଲେ । ଆଜିକାଲି ବନ୍ଧୁର ଅଭାବ ନାହିଁ । ପ୍ରେମ ହେଲା ତନୁ ପଛେ ପଛରେ କବି କାଳିଦାସ । ସେଥିପାଇଁ ଚାଲିପଣ ପୁଣି ସାଧନା ପ୍ରୟୋଜନ ନାହିଁ । ଅଭାବ ମୌଳିକ କାର୍ଯ୍ୟକାରୀ ଚିନ୍ତା । ପୁଣି ଚିନ୍ତାରୁ ଫଳ ପାଇବା ମଧ୍ୟ ଦୁଷ୍କର । ଶ୍ରମଶକ୍ତି ହୋଇ ଥିବା ସ୍ୱପ୍ନମାତ୍ର । Current

politics ରେ ମୋର ରୁଚି ନାହିଁ । ଦୁନିଆରେ ଉତ୍ଥାନ ପତନ, ସୃଷ୍ଟି ରକ୍ତପାତ ଲାଗିଥିବ । ତାକୁ ପରିବର୍ତ୍ତନ କରିବା ଭଳି କ୍ଷମତା ଆମଠି ବା କାହା ଅଛି ? ସାମ୍ୟବାଦୀମାନେ ଗଣତନ୍ତ୍ର ବା ସାମ୍ରାଜ୍ୟବାଦକୁ ଉଚ୍ଛେଦ କରିବା ଲାଗି କଂଗ୍ରେସ ଲାଗିପଡ଼ିଛି । ଦେଶରେ ସେଥିପାଇଁ ଶିକ୍ଷା କାମ କରାଯାଉଛି । କିନ୍ତୁ ସେ ପ୍ରକାର ଉପରେ ମୋର ବିଶେଷ କିଛି କହିବାର ନାହିଁ—କାରଣ ମୁଁ ଜଣେ ଦୁନିଆଠାରୁ ମଧ୍ୟ ନିମ୍ନଶ୍ରେଣୀର । ମୁଁ କୋଟିଏ ବିଷୟରେ ଗଭୀର ଚିନ୍ତା କରେ—ସେଇଟା ଭାରତବର୍ଷୀୟ ( ହିନ୍ଦୁ-ମୁସଲମାନ ଇସାଇ ) ନାରୀଜାତିର ପ୍ରକୃତ ପରିସ୍ଥିତି । ଏହି ଚିନ୍ତାର ବ୍ୟାକୁଳତାରେ ମୁଁ ଅସୁସ୍ଥ । ତୁମକୁ କହିଦେଉଛି ହିନ୍ଦୁ ବାଳକକୁ ସ୍ୱଇଚ୍ଛା ସେପରି ମୁସଲମାନ ବିଦେଶୀ ମନରୁ ତା' ନିଜ ହାତରେ ଶୀତଳମନୋବୃତ୍ତି ଦୂରାଇଦେଇ ପାରିଲୁ, ଏହି ଗୁରୁତର ପରିସ୍ଥିତିର ପରିବର୍ତ୍ତନ ନ ହେବ କାହିଁକି ? ଏଥିରେ ମହାତ୍ମାଙ୍କ ସାଧନା ଲୋଡ଼ା । ବିଶ୍ୱାସ, ପ୍ରେମ ବଳରେ ସବୁ ହେବ । ତେଣୁ ମୁଁ ସାଧାରଣ ନାରୀ ଅନୁଷ୍ଠାନମାନଙ୍କର ଚଳଣିରେ ଯୋଗ ଦେଉନାହିଁ । କାରଣ ମୋ ଦୃଷ୍ଟିରେ ସେଥିର କିଛି ମୂଲ୍ୟ ନାହିଁ । ଏକଦେଶଦର୍ଶୀ ଭାବେ କିଛିକ ଜଣ ପାଶ୍ଚାତ୍ୟ ଶିକ୍ଷିତ ଜନଙ୍କୁ ଓଁଡାଣ ଆଣି ନାରୀ ଉଦ୍ଧାରର ପନ୍ଥା ଖୋଜିବା ମୋର ଲକ୍ଷ୍ୟ ନୁହେଁ । କିଛି ଉପରେ ବସ୍ତୁ ବ୍ୟସ୍ତ ଭାବେ କରୁଛନ୍ତି । ଏହି କୋଟିଏ ଉପରେ ମୁଁ ଚିନ୍ତା କରୁଛି—ମୋର ଚିନ୍ତା ଅତି ଗୁରୁ ଆଉ ଭୟଙ୍କର । ମୁଁ ଭାରତର ଦ୍ରୌପଦୀ ଆଉ କୁନ୍ତୀଙ୍କୁ ନୂତନ ଆସନରେ ବସାଇବାକୁ ଚାହେଁ । ଅତଏବ ଅନ୍ୟାନ୍ୟ ସାମ୍ପ୍ରଦାୟିକ ସାଧନାରେ ମୋର ସ୍ପୃହା ନାହିଁ । ମୋର ସମୁଦାୟର ସମସ୍ୟାର ଉତ୍ତର ପାଇପାରିଲେ ମୁଁ ଏ ବିଷୟରେ ପଡ଼ିବାକୁ ବାଧ୍ୟ ହେବି । ମୋର ଦୁଇଟି ଦିଗ । ତାଙ୍କର ଏପର୍ଯ୍ୟନ୍ତ ଶିକ୍ଷାଦୀକ୍ଷାର ବ୍ୟବସ୍ଥା ହୋଇନାହିଁ । ମୁଁ ଆଧୁନିକ ଧରଣର ଉଚ୍ଚଶିକ୍ଷାର ଘୋର ବିରୋଧୀ । ଶିକ୍ଷାର ଫଳ ମୋ ଜୀବନରେ ମୁଁ ଦେଖିଛି । ପୁରୁଷ ନାରୀର ଶରୀର ମାତ୍ରକୁ ସର୍ବଶ୍ରେଷ୍ଠ ଭାବେ କାମନା କରେ—ଏହି ମୋର ଧାରଣା; କିନ୍ତୁ ସେହି ପୁରୁଷ ସ୍ୱାମୀ ହିସାବରେ ସ୍ତ୍ରୀକୁ ଅଧିକା ଦେ— ନାର (ଉପପତି ହିସାବରେ) ପ୍ରେମ କରେ, ପୁଣି ତା ପାଇଁ ଜର୍ଜ୍ଜରିତରେ ଲୁଚେ । ପତ୍ନୀକୁ ନାରୀର ସର୍ବଶ୍ରେଷ୍ଠ ବନ୍ଧନ, ପୁଣି ସର୍ବଶ୍ରେଷ୍ଠ ସମ୍ମାନ । କିନ୍ତୁ ପାଠ ପଢ଼ି ନାରୀ କେବଳ ବେଶ୍ୟା ହେବାକୁ ଭଲପାଏ । ଆଧୁନିକ ପାଠର ଅର୍ଥ—ଆଧୁନିକ ସଭ୍ୟତାର ମୂଳ ଅର୍ଥ ନାରୀ ପାଇଁ—ବେଶ୍ୟା ହୁଅ, ବହୁ ପୁରୁଷଙ୍କୁ ଭଲପାଅ । ଭାରତବର୍ଷର ଶିକ୍ଷିତ ନାରୀମାନେ ମଧ୍ୟ ବେଶ୍ୟା ଥିଲେ । ସୀତାଙ୍କୁ ବେଶ୍ୟାର କଳଙ୍କ ଲଗାଇ ରାମଚନ୍ଦ୍ର ଘରୁ ତଡ଼ିଲେ । ଜଣେ ବେଶ୍ୟାପାଇଁ ରାଜା ଏଡୱାର୍ଡ ରାଜ୍ୟ ଛାଡ଼ିଲେ, ଏଥିର ଭାରତୀୟ ପୁରୁଷ ସେହି ନାରୀଙ୍କୁ ପୁରୁଷପଣରେ ଉଦ୍ଧାର କରିବାକୁ ଚାହେଁ । ସତୀ ଓ ବ୍ରହ୍ମଚର୍ଯ୍ୟ ହେବାର ଆଦର୍ଶକୁ ନେଇ ଚଣ୍ଡୀଗୋଳ କରି ସମଗ୍ର ମାନବ ଜାତିକୁ ଧର୍ମ ଆଶ୍ରମରେ ଲୁଚେଇବାଟା କି ନ୍ୟାୟ ? ତୁମେ ଏକ କଟ୍ଟର ସନାତନୀ—ତୁମେ ମୋର ଏ ମତ ପଢ଼ି ନିଶ୍ଚୟ ଦୁଃଖ କରିବ । କର, ଚିନ୍ତା ନାହିଁ । Fact is fact—ମୋର ୧୨ ବର୍ଷର ଡାକ୍ତରୀ ଅଭିଜ୍ଞତା ଫଳରେ ମୁଁ ନାରୀ ପୁରୁଷ ବିଷୟରେ ଯାହା ଯାହା ଜାଣେ, ତା' ନିଜ ହାତରେ

ପରକଥାହିଁ । ମୁଁ ଜଣେ ନାରୀ । ନାରୀର ଦୁଃଖ ଦୁର୍ଦ୍ଦଶା ମୋ ପ୍ରାଣକୁ ଖୁବ୍ ବାଧେ । ଏହି ମୋର ବର୍ତ୍ତମାନର ସାଧନା—ଭବିଷ୍ୟତରେ କଣ ହେଉଛି କିଏ ଜାଣେ ?

ମୁଁ ଦେଶକୁ ଉଲ୍ଲଙ୍ଘି ଲୁହେଁ, ବର୍ଷ୍ଟରେ ଅତି ଜଦର୍ଯ୍ୟ ହାସ୍ୟର୍ତ୍ତ ଦେଉଥିବି । ଆଉ ନାହି ଲେଖନ୍ତି, କିନ୍ତୁ ଦୁର୍ବଳତା ମୋତେ ଲେଖାଇ ଦେଉନାହିଁ । ତୁମେ ମୋର ଝିଅଟିକୁ, ଏଯାଏଁ ମୋର ଆନନ୍ଦ । ମୋର ନିକଟରେ ସନ୍ତାନ ସମ୍ଭାବନା । ଭଗବାନ କରନ୍ତୁ—ହିନ୍ଦୁଳ କୁମାର—କଳିଙ୍ଗକୁମାରଙ୍କ ପରେ କର୍ମୀର୍ ଝିଅ କୁମାରୀର ଜନ୍ମ ହେଉ । କଳେଣ୍ଡଲ ଉତ୍କଳକୁମାରୀର ଜନ୍ମ ହେବ । ନାରୀସନ୍ତାନ ନରସନ୍ତାନ ମୋ ଦୃଷ୍ଟିରେ ସମାନ । ମୋ ଝିଅମାନେ ମୋର ଅର୍ଥିକ ଓ ସାଂସାରିକ ଉତ୍ତରାଧିକାରିଣୀ । ନାରୀର Status ଲାଗି ମୋର ସାଧନା ମଧ୍ୟ । 'ଜଗନ୍ନାଥ ଧର୍ମ' ପାଇଁ ମୋର ସାଧନା । ମୁଁ ବର୍ତ୍ତମାନ ବଡ଼ ଗରିବ; କିନ୍ତୁ ସାଂସାରିକ ଅର୍ଥ ଉପାର୍ଜନ ମୋର ଚିନ୍ତା ଯୌବନ ଏକ ନାହିଁ—ଯେପରି ତୁମେ । ଅଥଚ ଅନ୍ନବସ୍ତ୍ରର ଅଭାବ କଣ୍ଠଗତ । ଭଗବାନ ଭାଳନ୍ତି ଲୁହେଁ । ମୁଁ ନିଜର ଲୁହେଁ—ମୁଁ ନିଜ ପରିଶ୍ରମର ରୁଟି ଖାଏ । ତୁମେ ବେଶ ଲୁହଁ—ତୁମେ ଜମିରୁ ଭାତ ଖାଅ । ଅଶୋକରେ ଝିଅମାନେ ଓ ମୋର ବୋହୂ ଭଲ ଅଛନ୍ତି; ମା' ଭଲ ଅଛନ୍ତି । ପୁଣି ଚିଠି ଦେବ । ମୋର ସ୍ନେହ ଓ ଶୁଭକାମନା ସହ, ତୁମର ମା' କୁନ୍ତଳା ।"

ତାଙ୍କ ଚିଠିରୁ ତାଙ୍କର ତତ୍କାଳୀନ ଅବସ୍ଥା ଅବଧାରଣ କରିହେଉଥିବ । ୨୧-୩-୩୭ରେ ତାଙ୍କର ପୁଅଟିଏ ଜନ୍ମ ହେଲା । ସେ ସମ୍ବନ୍ଧରେ ତାଙ୍କର ୨-୪-୩୭ ତାରିଖର ଚିଠି ପଢ଼ାଯାଉ ।

"ତୁମର ପତ୍ର ବହୁଦିନ ତଳେ ପାଇଥିଲି । ଶରୀରର ଏପରି ଅବସ୍ଥା ହୋଇଯାଇଥିଲା ଯେ ଉତ୍ତର ଦେଇ ପାରୁ ନଥିଲି । ଆଉ ମଧ୍ୟ ମାନସିକ ଅବସ୍ଥା ଏପରି ଥିଲା ଯେ ତୁମକୁ ମଧ୍ୟ ଚିଠିଖଣ୍ଡିଏ ଲେଖିପାରି ନ ଥିଲି । ମୁଁ ସେ ନରେନ୍ଦ୍ରକୁ ଅପେକ୍ଷା କରିଥିଲି । ନରେନ୍ଦ୍ର ଆସିଲା—ରାମକୃଷ୍ଣ ପରମହଂସଦେବଙ୍କର ଜନ୍ମଦିବସରେ—ଗତ ତା ୨୧ରିଖ ମାର୍ଚ୍ଚ ସନ୍ଧ୍ୟା ୪-୪୦ ମିନିଟରେ । ସେଣ୍ଟ ଷ୍ଟିଫେନ୍ ହସ୍ପିଟାଲରେ ଜନ୍ମ । ଜନ୍ମ ସମୟରେ ମୋର ସ୍ୱାସ୍ଥ୍ୟ ମୃତ୍ୟୁଦଶା ଉପସ୍ଥିତ ହୋଇଥିଲା । ବର୍ତ୍ତମାନ ଭଲ ଅଛୁ । ପିଲାଟି ପ୍ରାୟ ୯୩ ତୋଳର ଓଜନ । ତାର ନାମକରଣ ବର୍ତ୍ତମାନ ହୋଇନାହିଁ; କିନ୍ତୁ ତାର ନାମ ରଖାଯିବ ନରେନ୍ଦ୍ର ଆକବର ଇମାନୁଏଲ୍ ଜଗନ୍ମୋହନ ।' କାହିଁକି ଏପରି ନାମ ହେଲା ତାର ଇତିହାସ ଅତି ଚମତ୍କାର । ନରେନ୍ଦ୍ର ନାମର ଇତିହାସ ତୁମକୁ ଜଣା । ସେହି ସେଦିନ ରାତ୍ରରେ ସ୍ୱପ୍ନରେ ତୁମେ ଯେଉଁ ବାଳକକୁ ଦେଖିଥିଲ, ଯାହାର ଆଗୁଆ ତୁମେ, ଯାହା ପଛରେ ତୁମେ ଭାରତବର୍ଷ ଭ୍ରମଣ କରୁଥିଲ, ଯାହାର ପଛରେ କୋଟିଏ ସ୍ତ୍ରୀ ଭୟଙ୍କର କାର୍ଯ୍ୟକାରିଣୀ—ଜେଲ୍ ଖାନାର ଦ୍ୱାର ଭାଙ୍ଗି ଲୋକେ ଯାହାକୁ ଓଟାରି ବାହାରିଲୁ ଆସୁଛନ୍ତି । ପୁଣି ବ୍ରିଟିଶ୍ ଟେବଲ୍ ସମୁଦ୍ରଗର୍ଭକୁ ଡ଼ୁବିଯିବା"—ଏ ସବୁ ତୁମର ସ୍ୱପ୍ନ କାଲିପରି ମୋର ମନେପଡ଼େ । ତଥାପି, ୧୯୨୭ରୁ

ସାଲ ୧୯୩୭—ବନ୍ଧୁବାର ସ୍ୱପ୍ନ ମୃତ୍ୟୁଶଯ୍ୟାରୁ ଉଠିଛି । କିଛି କଥା ନଥିଲା—କେବେ ଅତି ଭଲ, ଅତି ମହାନ୍ ସନ୍ନ୍ୟାସୀରୂପୀ ବ୍ୟକ୍ତି ସ୍ୱପ୍ନରେ ଜଗନ୍ନାଥଙ୍କର ମହାପ୍ରସାଦ ଗୁଡ଼ାଏ ହାତରେ (ମିଠେଇ), ମୋ ଅଞ୍ଚଳକୁ ଯୋଡ଼ିଦେ ( ମୁଁ ଭାବୁଛି ସ୍ୱୟଂ ଜଗନ୍ନାଥ ବୋଲି ଭାବୁଚି ) ପୁଅ ଦେଇଗଲେ । ପରବର୍ତ୍ତୀ ମାସରେ ଶଙ୍ଖ ହେଲାପରଠାରୁ ଜଗନ୍ନାଥଙ୍କ ଦ୍ୱାରରେ ପଡ଼ିଥିଲି । ଘରେ ଠାକୁର ବଡ଼ସ୍ନା କର ଡାକ୍ତର । 'ଜନ୍ମର ପରେ ହିଁ ଭୀଷଣ ସନ୍ନିପାତରେ ମୃତ୍ୟୁ ପ୍ରାୟ ଉପସ୍ଥିତ—ସ୍ୱପ୍ନରେ କୃଷ୍ଣକୁମାରୀ କହିଲେ—ଜଗନ୍ମୋହନକୁ ଦିଅ । ସେ ମୋ କୋଳକୁ ଫେରାଇଦେଇ କହିଲେ, ତୁମେ ଜଗନ୍ମୋହନର ମା', ତୁମେ ନିଅ । ଦେଖ ମୁଁ ତା' ନାମ 'ଗୀତାପ୍ରସାଦ' 'ବୀରେନ୍ଦ୍ର' 'ଏକଲବ୍ୟ' 'ଅଶ୍ୱିନୀ' ଆଦି ରଖିଥିଲି । ମାତ୍ର ବେହୋସ ଅବସ୍ଥାରେ ଜଗନ୍ନାଥଙ୍କ ନାମ ସହିତ ମିଳାଇ ଜଗନ୍ମୋହନ ନାମ ହୋଇଗଲା ମୋତେ ହେଲା ତେଣୁ ସେହି—ଏ ନାମ ମୁଁ ଜଣେ କେବେ ସ୍ୱପ୍ନ ନଥିଲି । ପୁଣି ମୋ ବାପ ସ୍ୱପ୍ନରେ ତାର ନାମ ଦେଇଛନ୍ତି ଇମାନୁଏଲ୍—ବାଇବେଲ ଖ୍ରୀଷ୍ଟଙ୍କର ନାମ—ତାର ଅର୍ଥ—'ଭଗବାନ ଆମ ସହିତ'—'God with us'. ପୁଣି ଜଣେ ମୁସଲମାନ ପୁରୁଷ ସ୍ୱପ୍ନରେ ତାକୁ ଆକବର୍ କହୁଛି । ମୁଁ ଏପରି ଅଦ୍ଭୁତ ସ୍ୱପ୍ନ ଅନ୍ୟାନ୍ୟ ସନ୍ତାନଙ୍କ ବେଳକୁ ଦେଖିନାହିଁ—ପୁଣି ସେ ବେହୋସ ଅର୍ଦ୍ଧମୃତ ଅବସ୍ଥାରେ ଜଣେ କହୁଛି—ଏ ହିନ୍ଦୁ ମୁସଲମାନ ଖ୍ରୀଷ୍ଟିଆନ ସବୁର ନେତା । ମୋର ସଂଜ୍ଞା ଫେରିଲାରୁ ମୁଁ ଦେଖିଲି ଗୋଟିଏ ଦୁର୍ବଳ କ୍ଷୁଦ୍ର ଶିଶୁମାତ୍ର—ଅନ୍ୟାନ୍ୟ ଶିଶୁଠାରୁ କିଛି ସ୍ୱତନ୍ତ୍ର ନାହିଁ—ମାତ୍ର ସ୍ୱପ୍ନରେ ଦେଖୁଛି ଆକବର୍ (ମହାନ୍), ଇମାନୁଏଲ (ଭଗବାନ ଆମ ସହିତ), ଜଗନ୍ମୋହନ-ଅର୍ଥ, ଆକବର୍, ଇମାନୁଏଲ, ଜଗନ୍ମୋହନଙ୍କି— 'ଜଗତ୍ମିତ୍ର !' କିନ୍ତୁ ଏ ସବୁ ମୋପାଇଁ କା ଭଣ ? ମୋ କଡ଼ରେ ମୋର ଦୁର୍ବଳ କ୍ଷୁଦ୍ର ଶିଶୁ—ମୋର 'ବନ୍ଧୁଅ'—ଦ୍ୱିଅଙ୍ଗର ଭଣ୍ଡା ।' ମୁଁ ବଡ଼ ଅବିଶ୍ୱାସୀ—ସତରେ ଏ କ୍ଷୁଦ୍ର ଶିଶୁ ଜଗନ୍ନାଥଙ୍କର ସନ୍ତାନ ? ଶ୍ରୀତାତ ମୋର ଜଗନ୍ନାଥଙ୍କର ସ୍ତବ କରିଛି । ଯେତେବେଳେ ମୁଁ ପ୍ରାୟ ମୃତ୍ୟୁର ଦ୍ୱାର ନିକଟରେ, ସେତେବେଳେ ଏତିକି ଗୀତ ମୋର କଣ୍ଠରେ—"ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ ।"

ଈଶ୍ୱର ଉଦ୍ଦେଶ୍ୟର ମାଲିକ । ମୁଁ ଅତି କ୍ଷୁଦ୍ର ମାତ୍ର । କେବେ ଦେଖାଦେବେଲ୍ ଏହାର ଜନ୍ମପତ୍ରିକା ନାନା ବିଷୟ ତୁମକୁ ଜଣାଇବ । ବୋଉ ଓ ଦୁଇପୁଅ କାହାର ଅଛନ୍ତି ? ପ୍ରେମସୁନ୍ଦର, ସୁରସୁନ୍ଦର, ଜନକନନ୍ଦିନୀ ମୋ ଆଖିରେ ନାଚନ୍ତି । ମୁଁ ବର୍ତ୍ତମାନ ଡାକ୍ତରଖାନାରୁ ପଲାତକ ଆସିଚ । ବର୍ତ୍ତମାନ ଗୃହକାରେ ଅଛି । ମୋର ଚେଷ୍ଟା ଜାଣିବ ।

ଏହିକଥ (କୋଣ ଜଣେ) ଜାଣିବ ଦେହ ପୂରୁ ଶୌଚ ରୋଗରେ ପୂଜାର ଇଚ୍ଛା ହୋଇଚି । ମହାକ୍ଷରୀ ଅଥବା ଗୃହକର୍ତ୍ତ୍ରୀ ତ ଶ୍ରଦ୍ଧାର ଲୁଣ୍ଠନକ । ତୁମ ମା' ।"

ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏ ତିନୋଟି ଧର୍ମର ଲୋକେ କିପରି ଏକ ହୋଇଯିବେ, ଏ ସ୍ୱପ୍ନ ସେ କିଶୋରୀ ଦେଖୁଥିଲେ । ସେତେବେଳକୁ ତାଙ୍କର ଜୀବନ ସ୍ରୋତ୍ ଏକାବେଳକେ ପ୍ରକଟ ହୋଇଯାଇଛି ! ସେ ଜଗନ୍ନାଥ ପ୍ରତିମା ସ୍ଥାପନ କରି ପୂଜା ଅର୍ଚ୍ଚନା କରୁଥାନ୍ତି । ବ୍ରହ୍ମୋପୂଜାର ବିରୋଧୀ ଆର୍ଯ୍ୟସମାଜୀ ହୋଇ ମଧ୍ୟ ସେ ଏହି ମୂର୍ତ୍ତିପୂଜା କେପରି ଉଦ୍ଭାବନ କରୁଥାନ୍ତି । ତାଙ୍କର ଯୁକ୍ତି ଥିଲା, ଜଗନ୍ନାଥ ମୂର୍ତ୍ତି ବୈଦିକ ଆର୍ଯ୍ୟର ଅପାଣିପାଦ ବ୍ରହ୍ମ ! କିନ୍ତୁ ଶବରମାନଙ୍କୁ ସ୍ୱଗୋତ୍ରଜାତି ଧରି ଏହିପରି ଭାବରେ ପୂଜା କରାଯାଉଛି ! ଦ୍ରାବିଡ଼ମାନେ ଆର୍ଯ୍ୟଠାରୁ ସ୍ୱତନ୍ତ୍ର ନୁହନ୍ତି । ଦ୍ରାବିଡ଼ ସେମାନେ, ସେହି ଆର୍ଯ୍ୟମାନେ ଦକ୍ଷିଣାଞ୍ଚଳରେ ବାସକରିଥିଲେ । ସେମାନେ ବେଦ ସଂସ୍କୃତିରୁ ଭିନ୍ନ ନୁହନ୍ତି; କିନ୍ତୁ ଶବରମାନେ ଅତି ପୁରାତନ । ସେମାନେ ଆର୍ଯ୍ୟ-ଧର୍ମରେ ପ୍ରବେଶ କରି ବ୍ରହ୍ମର ତାତ୍ପର୍ଯ୍ୟ ସହଜରେ ହୃଦୟଙ୍ଗମପାଇଁ ଏପରି ମୂର୍ତ୍ତି ପୂଜା କରନ୍ତି । କୃଷ୍ଣଙ୍କ ଦେହତ୍ୟାଗ ପରେ ଉପନିଷଦ୍ର ବ୍ରହ୍ମଟି ଶବରଙ୍କୁ ପୌରାଣିକ ଶୁଣନାମରେ ଅଭିହିତ କରା-ଯାଉଛି !

କୁନ୍ତଳାକୁମାରୀ ସେହି ଭିନ୍ନ ବୟସରେ ସ୍ୱପ୍ନରେ ବିଭୋର ଥିଲେ, ସେହି ଶିଶୁଟି ମା ୧।୧୫ ଦିନ ପରେ ମୃତ୍ୟୁମୁଖକୁ ଚାଲିଗଲା । ଫଳରେ ସେ ପାଗଳିନୀପରି ହୋଇ-ଗଲେ !

ମୁଁ ୧୯୩୭ ମେ' ମାସ ପହିଲାରେ ନରସିଂହପୁର ରାଜ୍ୟର ଦେବାଳୟ ସମ୍ବନ୍ଧ ସମ୍ବାଦ ପତ୍ରପତ୍ରିକାମାନଙ୍କୁ ଦେଲି । ତାହା ଜାଣି ସେ ଲେଖିଲେ—"ମୁଁ ହେଉଛି ଗର୍ଭ—ଶୂନ୍ୟ ଜନ୍ମଭୂମି ପୁଣ୍ୟ ଦେବାଳୟ ଉଦ୍ଘାଟନପାଇଁ କାମ କଲେ ଯଦି, ମାନବ ଜୀବନ ଦୁଃଖର ସଫଳ—ତା ମଧ୍ୟ ତୁମେ କରିପାରିବ । ହେଲେ ମୁଁ ଜାଣେ ତୁମକୁ ସଫଳତାର ଲକ୍ଷ୍ମୀ ଆସିବାକୁ ହେବ !"

ମୁଁ ଖବର ଥିଲି । ତାଙ୍କର ଶିଶୁଟି ନଷ୍ଟ ହେବା କଥା ମଧ୍ୟ ଜାଣିନଥିଲି । ମୋର ପାରିବାରିକ ଜୀବନ, ଏଣେ ଦେବାଳୟ ଉଦ୍ଘାଟନର ସମ୍ବାଦ ଆଦି ଯୋଗୁଁ ମୁଁ ଏପରି ବ୍ୟସ୍ତ ରହି ତାଙ୍କୁ ଭୁଲିଗଲି ।

୨୭ । ୧୧ । ୧୯୩୭ରେ ସେ ଯେଉଁ ଚିଠିଟି ଲେଖିଥିଲେ, ସେଥିରୁ ତାଙ୍କର ପାରିବାରିକ ଜୀବନର ସମସ୍ତ ସମସ୍ୟା ଜଣାଯାଏ । ପାଠକ ପ୍ରକୃତରେ ଜାଣିବାକୁ କୌତୂହଳୀ ହେବା ସ୍ୱାଭାବିକ ଯେ କୁନ୍ତଳାକୁମାରୀ ସେ ସମୟରେ କିପରି ଥିଲେ । ତାଙ୍କ ଚିଠିରୁ ତାହା ବେଶ୍ ପ୍ରକାଶିତ ହେବ । କାରଣ ସେ ଯେଉଁ ଚିଠିମାନ ମୋ ପାଖକୁ ଲେଖିଛନ୍ତି ସେଥିରେ ତାଙ୍କର ଜୀବନଚରିତ ସମ୍ପୂର୍ଣ୍ଣ ଚିତ୍ରିତ ହୋଇଥାଏ । ଏ ମଧ୍ୟରେ ତୃତୀୟରେ ସେ 'ନାରୀ', 'ଡାକରା', 'ସଙ୍ଗୀତ', 'ପ୍ରଭାତ' ଏବଂ ଟେକେଟଣ୍ଡି ପୁସ୍ତକ ପ୍ରକାଶିତ କରିଥିଲେ । ସେ ସବୁରେ ତାଙ୍କର ଅନ୍ତରର ରୂପ ଓ ସ୍ୱପ୍ନ ବିକଶିତ ଓ ପ୍ରକାଶିତ ହୋଇଥିଲା ।

"ପ୍ରେମସୁନ୍ଦର ବଡ଼ ଦେମାକ ଥିଲା ବୋଲି ତୁମେ ଲେଖିଥିଲ । ସେ କିପରି ଅଟେ ଜାଣିବାକୁ ଭାରି ଇଚ୍ଛା ଥିଲା; ମାତ୍ର ମୁଁ ଜାଣିକରି ତୁମକୁ କଦାପି ପତ୍ର ଦେଇପାରିଲି ନାହିଁ । ଗତ ୯ ବର୍ଷର ମୋର ଜୀବନେତିହାସ ଯେପରି ଜଟିଳ, ରହସ୍ୟମୟ, ଘୋର ଦୁଃଖମୟ, ଘୃଣିତ ବଦ୍ଧୋନ୍ମାଦମୟ ଏବଂ ଯେତିକି ଉତ୍ସୁକର ଅପଘାତ ମୃତ୍ୟୁର ଶତ ଶତ ବର୍ଣ୍ଣିତା ଓ ଭୟପୀଡ଼ନଦୃଷ୍ଟି, ସେ ସବୁ କଥା ଯୋଡ଼ିଏ ହେଲେ କଦାପି ମୁଁ ତୁମକୁ ଲେଖିନାହିଁ । କାରଣ ମୋର ବାହ୍ୟ ଜୀବନଠାରୁ ତୁମେ ଥିଲ ବହୁତ ଦୂରରେ । ଏଥର ଏପରି ଯୋଡ଼ିଏ ସଙ୍କଟକାଳରେ ଏହି ଜୀବନ ସମ୍ବନ୍ଧରେ ଯେ ମୁଁ ସବୁ ଲେଖିବି; ମାତ୍ର ପୁଣି ଯେବେ ତୁମ ସହିତ ଦେଖାହେବେ କହିବ ।"

ମୁଁ ଏହା ସତ୍ୟେନ୍ଦ୍ରବାବୁ ଜାଣିଥିଲି । ତା ମଧ୍ୟ ଏଠି ସଂକ୍ଷେପରେ ଜଣାଉଅଛି । କାରଣ ତାଙ୍କ ପ୍ରତି ବ୍ରହ୍ମଚାରୀଙ୍କର ଦୁର୍ବ୍ୟବହାର ଅତି ଦୁଃଖମୟ ହୋଇଥିଲା । ତାହା ମୋତେ ଲେଖିବାକୁ ମୁଁ ତାଙ୍କୁ ମନାକରି ଦେଇଥିଲି । କାରଣ ଯାହା ସହିତ ଏକାତ୍ମୀୟ ସମ୍ପର୍କ ରଖାହେଲା, ତା ସମ୍ବନ୍ଧରେ ଏକ ମନୋବୃତ୍ତି ଯେତେ ଭୁଲିବାକୁ ହେବ, ସେତେ ଭଲ । ତାଙ୍କ ସଙ୍ଗରେ ଅତ୍ୟନ୍ତ ଥିବାବେଳେ ମଧ୍ୟ ବ୍ରହ୍ମଚାରୀ ନିଜର ଯାହାବାଲା ଧର୍ମପତ୍ନୀ ଉପର ନାରୀକୁ ଦେଖାଇବାପରି ଦେଖାଇଥାନ୍ତି ବୋଲି ମତେ ଲକ୍ଷ୍ମୀନାରାୟଣ ବାବୁ କେତେଥର କହିଥିଲେ; କିନ୍ତୁ ସେ ସବୁ ଆଲୋଚନା କରିବା ବୃଥା, ଥିଲା ଏ ମଧ୍ୟ ତାହା— ଛାଡ଼ ।

ସେ ପୁଣି ଲେଖିଥାନ୍ତି—'ବହୁଦିନୁ ତୁମପାଇଁ କିଛି ପାର୍ଥିବ ଉପହାର ପଠାଇବାକୁ କେତେଥର ଭାବିଛି; କିନ୍ତୁ ତାହା ମୋର ସାଧ୍ୟାତୀତ । ଏଥିରୁ ମୋର ଅବସ୍ଥା ସମସ୍ତ ବୁଝିବ । ତୁମେ ତ ଏହି ପାର୍ଥିବ ଉପହାର କେବେ ଖୋଜନାହିଁ । ମାଆ ମନ ତ, ଏପରି ହୁଏ । ଶିଶୁ ଦୁଇଟି, କୋହୁଛି ମୋତେ କଣ ଜାଣିଲେ ? ତୁମେ ଯେ ପରମ ସୁଖରେ ଅଛ, ତା' ମୁଁ ଜାଣେ । ତଥାପି ଏ କଥା ମନରେ ବଡ଼ ଆନନ୍ଦ ଦେଉଥାଏ । ତୁମେ ପଠାଇଥିବା ମନ୍ତ୍ର, ସାନ୍ତ୍ୱନା ମୋର ବଡ଼ ଉପକାର କରିଛି । ବନ୍ଧୁ, ସତ୍ୟ ମୁଁ ତୁମ୍ଭ ପାଇଁ । ଏପରି ବନ୍ଧୁ ମୁଁ ଦେଖି ନ ଥିଲି । ଦେବଦ୍ଧାପଡ଼ା ବହିଟି ତୁମଠୁ ଏ ରଜାଘର ବଡ଼ ବଡ଼ି ସରସ, କୋମଳ, ସୁନ୍ଦର । ଜନନମଣ୍ଡଳୀର ହାତରେ ଥିବା ବହି ମୁଁ ତୁମ କଥାରେ ଭଲ ପାଇଛି ।

ଏ ତ ଗଲା ସୁଖର କଥା; କିନ୍ତୁ ଏ ମଧ୍ୟରେ ଦୁଇମାସ ଗତ ହୋଇଯାଇଛି । ତୁମର ପାର୍ଶ୍ୱଲ ପାଇ ମୁଁ କାନ୍ଦିଛି । ସେ ଥିଲେ ତାକୁ ୮ ମାସ ପୂରିଥାନ୍ତା । ବୋଧହୁଏ ଜାଣିନାହିଁ ତଥାପି, ତୁମର କଲିକତା ବର୍ତ୍ତମାନ, ମାତ୍ର ୧ ମାସ ୧୫ ଦିନ ପରେ ଦ୍ୱିତୀୟ ଦେହ ତ୍ୟାଗ କରି ମୋର ଦେବତା ଜଗନ୍ମୋହନରୂପେ ଅବସ୍ଥାନ କଲେ । ତୁମେ ଅତି ଶୀଘ୍ର ପ୍ରକୃତିସ୍ଥ ମୋ ଜୀବନ ସମ୍ବନ୍ଧ ଶିଖିବାକୁ ହେବ ; ନଚେତ୍ ମୋତେ କିଏ ବାଟ ଦେଖାଇବ ? ମୋର ଜଗତାରଣୀ ୩.୦ ବର୍ଷର ସୁନ୍ଦର ଶିଶୁ ବାଳିକା । ତେଜୋମୟୀ ସାବଣୀ ୨୪-୮ମାସର ଅତି

ସୁନ୍ଦର ଜଣ୍ଡ ଶିଶୁ । ସ୍ୱାସ୍ଥ୍ୟ କାଳୁ ଦୁର୍ବଳ । ବର୍ତ୍ତମାନ ସ୍ନାୟବିକ ଅସୁଖ ଯୋଗୁଁ ସ୍ୱାସ୍ଥ୍ୟ ଦୁର୍ବଳ ଏବଂ ଇଂରାଜୀ ପଢୁଛନ୍ତି । ତାଙ୍କର ସ୍ୱର୍ଗୀୟ ଭ୍ରାତା ଜଗନ୍ମୋହନ ମୋର ପାର୍ଥିବ ଚକ୍ଷୁରେ ନାହିଁ । ମାତ୍ର ତାଙ୍କ ଦେବମୂର୍ତ୍ତି ସ୍ୱରୂପ ମୋର ମନରେ ଅଙ୍କିତ । ଏବେବି ସେ ବସନ୍ତ ବର୍ଷ କରୁଣ ଇତିହାସ, ତାହାର ସଂକ୍ଷିପ୍ତ ଜୀବନ ତେବେ ତୁମକୁ ଲେଖିବି— ତା' ବର୍ତ୍ତମାନ ଠିକ୍ ନୁହେଁ; କିନ୍ତୁ ଏହି ଜଗନ୍ମୋହନର ଆକୃତି ସ୍ୱରୂପ ତୁମକୁ ଏବେ ଦେଖି ଆସିବାକୁ ଉଚିତ । ସେ କେବେ ? ତୁମେ ତୁମ ମାଆଙ୍କୁ ଏକାବେଳେ ଭୁଲିଗଲ ? ସେ ଲେଖିଥିଲ, ଅନେକ ଦେଶ ଦେଖିଲେ ପୁଣି ମୁଁ କେବେ କୃତଘ୍ନ ହେବିନାହିଁ । ତୁମର ଦୋଷ କଣ ? ତା' ତ ଭଲ ।

ମୋର ଏଠିକୁ ତୁମେ ପାଗଳର ପ୍ରଳାପ ବୋଲି ନିଶ୍ଚିତ ମନେକରିବ; କିନ୍ତୁ ଜାଣ ନିଶ୍ଚୟ, ମୁଁ ଅବାଧ ଓଡ଼ିଶାର । ଓଡ଼ିଶା ଛଡ଼ା ମୁଁ କି ଅନ୍ୟର ହେବି ? ସେଥିପାଇଁ ମୋର ଜଗନ୍ନାଥ ଜଗନ୍ମୋହନ ପୂଜା । ଏବେ ବୁଝିଲ ? ମୋର ମା' ଙ୍କର ଅପରାଧର ଫଳସ୍ୱରୂପ ଏବେ ସୁଦୂରଭାରତରେ ଅଛନ୍ତି । ସେମାନଙ୍କ ମଧ୍ୟେ ମଧ୍ୟେ ଚିଠି ପଠାଏ—ଦାସ, ଏବେକ ସନ୍ତୁଷ୍ଟ । ମୋ ଘରେ ତୁମର ପ୍ରତିପାଳିତ କୌଣସି ଶୁକର ନାହାନ୍ତି । ସେଇ ଘରେ ଆମେ ଥିଲୁଁ, ବର୍ତ୍ତମାନ ସେ ଘରେ ନାହୁଁ; କିନ୍ତୁ ତାର ପାଖ ଘରେ ଅଛୁଁ ।

ମୋର କୈଳାସବାବୁଙ୍କର ପରିବାରର ଖବର ବିଶେଷ ଜାଣିବାକୁ ଇଚ୍ଛା । ତାଙ୍କର ଅଉ ସନ୍ତାନାଦି ହୋଇଛନ୍ତି କି ? ବର୍ତ୍ତମାନ ସେ ପେନ୍‌ସନ୍ ନେଲେଣି ନା' ସର୍ଭିସରେ ଅଛନ୍ତି ? ଆଉ, କୁଳସୀ ଦେବୀ କପରି ଅଛନ୍ତି ? ଶିବ କେଉଁଠି ପଢୁଛି ? କୈଳାସବାବୁ ବର୍ତ୍ତମାନ ବ୍ରାହ୍ମ ସମାଜଭୁକ୍ତ ଅଛନ୍ତି କି ନାହିଁ ? ନୂତନ ଓଡ଼ିଶା ପ୍ରଦେଶ ହେଲାପରେ କଣ ? ଶ୍ରୀମତୀ ସରଳା ଦେବୀ M. L. A. ହେବାକୁ ଯାଇକାଳେ କୌଣସି ବିଶେଷ ସୁବିଧା ହୋଇଚି କି ? ତାଙ୍କର କାର୍ଯ୍ୟପନ୍ଥା କଣ କଣ ? ଶ୍ରୀମତୀ ରମା ଦେବୀ କଣ କଣ କରୁଛନ୍ତି ? ମୁଁ ଓଡ଼ିଶାର ସେପରି ମନାଏ ନାହିଁ—ଅସ୍ତ୍ର ପ୍ରୟୋଜନ ସ୍ୱଳ୍ପ । ମୋର ଆର୍ଥିକ ଦଶା ବିଶେଷ ମନ୍ଦ ବା ଭଲ କିଛି ନୁହେଁ, ମଝାମଝି । କାରଣ ମୁଁ ବହୁତ ଅଉ ଦୀର୍ଘକାଳ ଅସୁଖ ଭୋଗିଲି । ତା ଛଡ଼ା ବାରମ୍ବାର ଅର୍ଥହାନି ଘଟିଲା । କଣ କରିବି, ସବୁ ସହିଲି । ତୁମେ ତ କହୁଚ—'ସବୁ, ସହି କରିବ' । ସାହିତ୍ୟ-ସାଧନା ମୋର ଏକାବେଳେ ବନ୍ଦ । ଏତେଦିନ ବର୍ଷ ହେଲା ଆଖି ସେପରି ଅନ୍ଧ ପ୍ରାୟ ହୋଇଯାଇଥିଲା । Whooping Cough ହୋଇ ସବାର ସୁବ କଷ୍ଟ । ପାରିବାରିକ ଜୀବନରେ ପଣ୍ଡାକୁମାରୀରେ ଅଶାନ୍ତି ଥିବ ହୋଇଥିଲେ ମଧ୍ୟ ବର୍ତ୍ତମାନ ଶାନ୍ତି । ତିନୋଟି ସନ୍ତାନଙ୍କୁ ଭିତରେ ବଡ଼ଟିଏ ଦୁର୍ବଳ, ସେଥିକୁ Whooping Cough—ଅଉ ଛୋଟାଏ, ଟିକାବସନ୍ତରେ ମରିଗଲା । ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ । କିଛି ପରିମାଣରେ ମୋଟା ହୋଇଯାଉଛୁ । ଏଥର ବିଶେଷ ଅସୁସ୍ଥ ହେଲେ ଏକାବେଳେ ମୁଣ୍ଡ ଫଟା ହୋଇଥିଲା । ବର୍ତ୍ତମାନ ଦେହସ୍ୱାସ୍ଥ୍ୟ ଭଲ ଅଛୁ ।

ମନ କଷ୍ଟ ଅଛି ତା' ବର୍ତ୍ତମାନ କିଛି ଲେଖିହୁଏ ନାହିଁ । ଭଲ ହଉଛି, କିଛି ନ ଲେଖି କେବଳ ମନ୍ତ୍ରୀ ବର୍ତ୍ତମାନ ଜଣାଇବି । ଆଶାକରେ ଏଥିରୁ ମୋର ସବୁ ଅବସ୍ଥା ଜାଣିପାରିବ । ତୁମକୁ ଏଠି ଲେଖିବେ ମୋର ସଂସାର ଅନେକ ପରିବର୍ତ୍ତନ ଆସିଯାଏ । ତୁମେ ଜାଣେ ମୁଁ ଯେ ତ ମୋତେ ଘୃଣା କରୁଥିଲ; କିନ୍ତୁ ମୋର ଅତି ପ୍ରିୟ ଥିଲ । ପୂଜ୍ୟଙ୍କୁ ସାହାଯ୍ୟ ସହଯୋଗ କରିଆସିଥିଲ । କେହି ମୋତେ ଘୃଣାକରୁ ନାହିଁ । ଏବେ ତୁମେ କୁଳୀନ, ଏଣୁଥିପାଇଁ ସେ ତୁମେ କୃତଜ୍ଞ ହେବନାହିଁ କହୁଥିଲେ ମଧ୍ୟ ମୋତେ କେବେ ଭୁଲିନାହିଁ । ମୁଁ ତୁମର କି ଉପକାର କରିଛି ? ତୁମକୁ ମାତୃକୋଳ ଛାଡ଼ି ବାହାରେ ଅନେକ ଦେଖାଇବାକୁ ବ୍ୟାକୁଳ ଥିଲି । ଚେତନ କରୁଛି । ତୁମେ ତ ତା ପରିଶୋଧ କରିଦେଲଣି । ମା' ପାଇଁ ଏତେ ଜିନିଷ ପଠାଇବ କାହିଁକି ? ଫେରି ପଠାଅ । ତୁମ ପଠାଇଥିବା ବଡ଼ଶୁଣୁଆ, ମାଛମଣ୍ଡି ଏବେ ମଧ୍ୟ ମୁଁ ରଖିଛି ।

ଆଶାକରେ ମୋର ପ୍ରିୟତମା ବୋହୂ ଓ ପିଲା ଦୁଇଟି ଭଲ ଅଛନ୍ତି । ହଁ, ମୁଁ ମନ୍ଦିରରେ ବାସ କରୁଛି । ଉପର ସେ ମନ୍ଦିର ଗଢ଼ାଗଲା—ସେ ଉତ୍ସର୍ଗ କରିବ ସ୍ଥାପନେ । ତେବେ ତୁମକୁ ମୋପରି ସେ ମନ୍ଦିରର ପୂଜାରୀଙ୍କ ହେବାକୁ ହେବ । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଶାହୁ ତେବେ ପୂଜାରୀଙ୍କ ହୋଇ ଯାଇଛନ୍ତି । ଜାଣିବା ଦେଖା ମଧ୍ୟ ।

ଭାରତ ତପୋବନସ୍ଥିତ ଶ୍ରୀ ଶ୍ରୀ ୧ ଏ ମୂର୍ତ୍ତି କରିବୁ ଆସିର ମନ୍ଦିର ସ୍ଥାପିତା— 'ଆକବରୁ ଉତ୍କଳବୁଏନ୍ ଜଗନ୍ନାଥଙ୍କ—ଭକ୍ତମ କଣ୍ଠେ ନୁ ମେଷେସୁ ଦେବ' ଏ ବ୍ୟାଖ୍ୟା କଏ ? ତୁମର ଭୁଲ । ପୁଣି ଶିକ୍ଷକତା କରିବାକୁ ତୁମକୁ ଦିଲ୍ଲୀ ଆସିବାକୁ ହେବ । ମୋର ଠିକଣା ଉପରେ ଦେଇଛି ।"

୧୯୩୮ ଜାନୁୟାରୀ ଯାଏ ତାଙ୍କର ଅବସ୍ଥା ଏହିପରି ବିଚଳିତ ହୋଇ ରହିଥିଲା । ସେ କଣ କରିବେ, କଣ କରୁଛନ୍ତି, କାହାକୁ ଠିକ୍ ଠିକଣା ନଥିଲା ।

ଗ୍ରାମ ଛାଡ଼ି ମୁଁ କେବେ କେବେ କଟକ ଆସିଲେ ଲକ୍ଷ୍ମୀନାରାୟଣ ମୋର ପରିଚିତ ବ୍ୟକ୍ତିମାନଙ୍କଠାରୁ ତାଙ୍କର ଖବର କିଛି କିଛି ଶୁଣୁଥିଲି । ସେଥିରୁ ଜାଣିଥିଲି ଯେ, ସେ ୧୯୩୭ ଡିସେମ୍ବର ସୁଦ୍ଧା ଅତି ବିଚଳିତ ଥିଲେ । ନିରନ୍ତର ଅସ୍ୱାସ୍ଥ୍ୟ, ବିଦେଶରେ ପ୍ରତିଷ୍ଠା ପାଇଁ ତାଙ୍କର ବ୍ୟାକୁଳତା ତାଙ୍କୁ ଆଉ ମଣିଷ କରି ରଖି ନଥିଲା । ତଥାପି ସେ ସାଧାରଣ ଦୟା, ସେବା, ମାନବିକତା କଦାପି ଭୁଲି ନ ଥିଲେ ।

ଏ ମଧ୍ୟରେ ତାଙ୍କ 'ସ୍ତ୍ରୀଭୂଷଣ' ତାଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହେଉଥିଲା । ସେ ଓଡ଼ିଶାର ବିଭିନ୍ନ ନାରୀଙ୍କ ନାମ ଦେଇ କେତେକ ଲେଖା ପ୍ରକାଶ କରି ଓଡ଼ିଶାର ଗୌରବ ବାହାରେ ପ୍ରଚାରିତ କରୁଥିଲେ । ସେ ତାଙ୍କର ନାମକୁ ବିଭିନ୍ନ 'ପତ୍ରପତ୍ରିକାର ସମ୍ପାଦକରୂପେ

ଦେବାକୁ ବାଧ୍ୟ କରୁଥିଲେ । 'ସହକାର', 'ନୈନିକମୌକ', 'ଆଶା', 'ସ୍ୱରାଜ' ଇତ୍ୟାଦି ପତ୍ରିକା ମାସିକମାନଙ୍କରେ ମଧ୍ୟ ଏହି ନାମ ତାଙ୍କର ପ୍ରବନ୍ଧକୁ ଦେଖିବାକୁ ମିଳୁଥିଲା । କଲିକତାରୁ ବାହାରୁଥିବା 'ପ୍ରବାସୀ ଓଡ଼ିଆ' ସେ ସମ୍ପାଦନ କରୁଥିଲେ । ତାହା ଅବଶ୍ୟ ଅଧିକ ଦିନ ସ୍ଥାୟୀ ହୋଇପାରି ନଥିଲା । ସେ ସର୍ବଦା ଉଦ୍ଦୀପନାପୂର୍ଣ୍ଣ ଲେଖାମାନ ଲେଖିଚାଲିଥିଲେ । ତାଙ୍କ କଲମ କେବେ ବନ୍ଦ ନଥିଲା । ଏତେ ପାରିବାରିକ ଅସ୍ୱାସ୍ଥ୍ୟ ଅଶାନ୍ତି ମଧ୍ୟରେ ମଧ୍ୟ ସେ ବହୁ ଲେଖୁଥିଲେ ।

ତାଙ୍କ ଦୀର୍ଘ ପ୍ରବାସ ଜୀବନ ବିଷୟରେ ତାଙ୍କ ସ୍ୱାମୀ ତାଙ୍କ ମୃତ୍ୟୁପରେ ଏପରି କିଛି ବର୍ଣ୍ଣନା କରିଥାନ୍ତି—"ଶାରଦା ଅଙ୍କ ଜର୍ମିତା ସ୍ୱରହଲାସ ଶାରଦା ତାଙ୍କ ଶାରଦା ଅଞ୍ଚଳକୁ ରୂପ ଦେବାପାଇଁ ପଞ୍ଜାବ ଓ ଦିଲ୍ଲୀରେ ଯେଉଁ କମିଟି ଗଢ଼ିଥିଲେ, ସେଥିରେ ଜଣେ ଓଡ଼ିଆ ନାରୀ ସର୍ବସମ୍ମତିକ୍ରମେ ସଭାପତି ନିର୍ବାଚିତ ହେବା ସେକାଳେ କମ୍ ଗୌରବର କଥା ନୁହେଁ । ଏହାରି ଫଳରେ ତାଙ୍କୁ ସମସ୍ତ ଦିଲ୍ଲୀ ଓ ପଞ୍ଜାବ ଭ୍ରମଣ କରିବାକୁ ହୋଇଥିଲା । ଓଡ଼ିଶାରେ ନାରୀମାନେ ତାଙ୍କୁ ଯେପରି ପ୍ରାଣଦେଇ ଭଲପାଉଥିଲେ, ସେ ସେଠାରେ ଅଞ୍ଚଳର ଗ୍ରାମେ ଗ୍ରାମେ ମଧ୍ୟ ନାରୀ-ସମାଜରୁ ସେପରି ସମ୍ବର୍ଦ୍ଧନା ପାଉଥିଲେ । ରାଞ୍ଚିର ଜୈନସମାଜ, ଅଲ୍ଲାହାବାଦ ହିନ୍ଦୁ ବିଶ୍ୱବିଦ୍ୟାଳୟର ସିନେଟ୍ ତାଙ୍କୁ ବକ୍ତୃତା ଦେବାପାଇଁ ନିମନ୍ତ୍ରଣ କରିଥିଲେ । ସେ ମଧ୍ୟ ଏସବୁରେ ଯୋଗ ଦେଇ କୃତିତ୍ୱ ସ୍ଥାପନ କରିଥିଲେ । ଅ.ଭା.ହିନ୍ଦୁ ନାରୀ କନ୍ଫେ-ରେନ୍ସର ସଭାପତି ହୋଇ ସେ ଯେଉଁ ଭାଷଣ ଦେଇଥିଲେ, ତାହା ସମସ୍ତ ପତ୍ରପତ୍ରିକାରେ ପ୍ରଶଂସିତ ହୋଇଥିଲା । ତା'ପରେ ୧୯୩୭ରେ ଶ୍ରୀ ଲକ୍ଷ୍ମୀନାରାୟଣଙ୍କ ସାର୍ଦ୍ଧଶତୋତ୍ସବ ଜୟନ୍ତୀ (ଗୋଆଲିୟର)ରେ ସଭାନେତ୍ରୀ ହୋଇ ସେ ଯେଉଁ ଉଦ୍ଦୀପନାପୂର୍ଣ୍ଣ ଭାଷଣ ଦେଇଥିଲେ ତାହା ହିନ୍ଦୁସ୍ତାନୀ ପତ୍ରପତ୍ରିକାରେ ହୁଲ୍ଲଲ ପକାଇଦେଇଥିଲା । ସେ ସର୍ବଦା ଶଠନିନ୍ଦକ କଥା କହୁଥିଲେ । ତେଣୁ ତାଙ୍କ ବକ୍ତୃତାରେ ପୋଲିସ୍ ରିପୋର୍ଟ ନଥିଲା । ତାଙ୍କର ଭାଷା ଯେତେ ସ୍ପଷ୍ଟ ଥିଲେହେଁ ତାହା ଗମ୍ଭୀର ଏବଂ ଯୁକ୍ତିପୂର୍ଣ୍ଣ ଥିବାରୁ ତାଙ୍କଠି ସାଧାରଣ ପୋଲିସ ରିପୋର୍ଟ ଦଫା ଲଗାଇ ପାରୁନଥିଲା ।

କୁନ୍ତଳାକୁମାରୀ ସେ ଅଞ୍ଚଳରେ ଶହ ଶହ ସଭାରେ ପୁରସ୍କାର ବିତରଣ କରିଛନ୍ତି, ବକ୍ତୃତା ଦେଇଛନ୍ତି, ପୁରୋଧା ହୋଇଛନ୍ତି । ଏହି ବର୍ଷ ସେ ଏତେ ଅସ୍ୱାସ୍ଥ୍ୟ ସତ୍ତ୍ୱେ ଏବଂ ମୃତ୍ୟୁ ଦେଶଶୂନ୍ୟ ହୋଇ ଦୀର୍ଘ ଅବସ୍ଥାରେ ଆଜ ମଧ୍ୟ ଲକ୍ଷ୍ନୌ, ଆଜମୀର, ଜାଲନ୍ଧର, ହରିଦ୍ୱାର ଆଦି ସାତଟି ସ୍ଥାନକୁ ନିମନ୍ତ୍ରିତ ହୋଇ ତହିଁରୁ ବିବାହ ସମସ୍ୟାର ସମାଧାନକୁ ଯେପରି ସୁନ୍ଦର ରୂପେ ଉଭୟ ପକ୍ଷର ମତାନୁକୂଳ କରିପାରିଛନ୍ତି, ତାହା ତାଙ୍କର ବିସ୍ମୟପୂର୍ଣ୍ଣ ମନୋବୃତ୍ତିର ପ୍ରମାଣ ଦିଏ ।

ଏତେ ଅଳ୍ପ ବୟସରେ, ତାଙ୍କ କୃତିତ୍ୱରେ ମୁଗ୍ଧ ହୋଇ ଥରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ କନ୍ୟା ବେଦବତୀ ତାଙ୍କୁ ଲକ୍ଷ୍ୟକରି କହିଥିଲେ, "ଭଉଣୀ ! ତୁମେ ଏତେ ଅଳ୍ପ ବୟସରେ ଯେତେ ବଡ଼ ନାଁ କଲ ତାହା ଆମେ କଳ୍ପନା କରିପାରୁନୁ !"

କୁନ୍ତଳାକୁମାରୀ ତୁରନ୍ତ ଜବାବ ଦେଲେ, "ଭଉଣୀ ! ମୋର କାର୍ଯ୍ୟ ସରିଆସିଲାଣି । ଆଉ ବେଶି ଦୂର ନାହିଁ ।"

ସେ ଏପରି କାହିଁକି କହିଲେ ବୋଲି ସମବେତ ନାରୀମାନେ ଚିନ୍ତିତ ହୋଇ ପଡ଼ିଲେ । କାରଣ କୁନ୍ତଳାକୁମାରୀ ନାରୀ-ସମାଜର ଅତି ଶୁଭକାଂକ୍ଷିଣୀ ଥିଲେ । ଓଡ଼ିଶାରେ ଲେଖିବା ଲେଖା ହେଲେ ତାଙ୍କୁ ଗୋପନରେ କହିବାର ଅଧିକାର ପ୍ରତି ନାରୀର ଥିଲା । ଯେତେ ଅସୁଖ ଅସୁବିଧା, ପାରିବାରିକ କଳହ, ମତାନ୍ତର ଓ ମନାନ୍ତର ଯେଉଁ ସେ ଯେଉଁ ପରାମର୍ଶ ଦେଉଥିଲେ ତାହା ଫଳପ୍ରଦ କାର୍ଯ୍ୟକାରୀ ହେଉଥିଲା ।

୧୯୩୭ର ସ୍ୱାସ୍ଥ୍ୟ ଖାରାପ, ଦୁଃଖ ଦୂର ହୋଇଗଲା । ତାଙ୍କର ସ୍ୱାସ୍ଥ୍ୟ ପୁଣି ଫେରିଆସିଲା । ସେ ଗତବର୍ଷ ସାରା ନିଜକୁ ଦର୍ପଣରେ ମଧ୍ୟ ଦେଖି ନଥିଲେ । ମୁଣ୍ଡରେ ବି ବାଳ ନଥିଲା—କିଏ ପାଇଁ ଦେଖିବେ ? ବାଳ ମଧ୍ୟ ବଢ଼ି ଏଥର ପୂର୍ବ ଅବସ୍ଥା ପାଖାପାଖି । ଏଥର ବେଶଭୂଷା ପ୍ରତି ତାଙ୍କର ଲାଳସା ଜନ୍ମିଲା ।

## ଜୀବନର ଅନ୍ତିମ ବର୍ଷ ୧୯୩୮

୧୯୩୭ର ଶେଷକୁ କୁନ୍ତଳାଙ୍କର ଗର୍ଭ ଲକ୍ଷଣ ଜଣାଗଲା । ସେ ଆନନ୍ଦରେ ଆତ୍ମହରା ହୋଇଗଲେ । ଏଥର ତାଙ୍କର କୁଳଭୂଷଣ ସନ୍ତାନ ଜନ୍ମ ହେବ । ଜଗନ୍ମୋହନ ପୁଣି ଆସିବ । ଆଉ କି ଭୟ ?

ସେ ମୋଟେ ଏହି ଆନନ୍ଦ ମଧ୍ୟରେ ମାର୍ଚ୍ଚ ୨ ତାରିଖ ୧୯୩୮ରେ ଝିଅ ସୁଷ୍ମାର ଏକ ଦୀର୍ଘ ଚିଠି ଲେଖିଥିଲେ । ସେଇ ଚିଠି ତାଙ୍କର ତତ୍କାଳୀନ ଜୀବନର ସମସ୍ତ ଘଟଣା କହୁଥାଏ । ନିମ୍ନରେ ତାହା ଦିଆଗଲା—

"ସ୍ନେହର ଚନ୍ଦ୍ରଧର ! ଏତେ ଦିନରେ ତୁମର ପତ୍ର ଆଜି ପାଇଲି । ତୁମର ବୁଢ଼ୀମାଆଙ୍କର ଯେଉଁ ସନ୍ଦେହଦାୟକ ବ୍ୟାଧି ହୋଇଅଛି ତାହା ବୋଧହୁଏ 'କ୍ୟାନସର୍' । ତାହାର ଔଷଧ ଚିକିତ୍ସା ଆମର allopathy (ଏଲୋପାଥି)ରେ ନାହିଁ । Magsulph lotion (ମ୍ୟାଗସଲଫ୍ ଲୋସନ୍)ରେ ଧୁଆ ହୁଏ ଘାଆ । କିନ୍ତୁ ବିଶେଷ ଭଲ ହୁଏ ନାହିଁ । ତାହାର ଏକମାତ୍ର ଚିକିତ୍ସା ହେଉଛି ରେଡ଼ିୟମ୍ ଦ୍ୱାରା । କଟକ ଡାକ୍ତରଖାନାରେ ଯଦି X'ray treatment ହେଉଥିବ ତେବେ ଯାଇ ସେଠାକୁ ଦେଖାଇଲେ କିଛି ଚିକିତ୍ସା ହୋଇପାରେ । ମାତ୍ର ତା'ଠାରୁ ଅଧିକ ଆଉ କିଛି ଚିକିତ୍ସା ମୁଁ ଜାଣେନାହିଁ ଅଥବା ଅପରେସନ୍ ଯୋଗ୍ୟ ହେଲେ ଅପରେସନ୍ କରାଇଦେଇପାର । ନୋହିଲେ ଏହି ବ୍ୟାଧି ଜୀବନଘାତକ । ଶୁଣିକରି ମୋତେ ବଡ଼ ଦୁଃଖ ଲାଗୁଛି । ତୁମର ସୁଅଡ଼ିଏ ବେମାର ଥିଲା ? ପ୍ରେମସୁନ୍ଦର ! ସେ କିପରି ଅଛି ? ତୁମର ମାଆ କିପରି ଅଛନ୍ତି ? ତୁମର ପାରିବାରିକ ଖବର କଣ ?

ମୋର ଝିଅ ଦୁଇଟି ଭଲ ଅଛନ୍ତି—ଉଜ୍ଜ୍ୱଳ ଆଉ କମଳଙ୍କ । ସେମାନେ ଅତି ସୁନ୍ଦର ହିନ୍ଦୀ କବିତାମାନ ବୋଲିପାରନ୍ତି । ବଡ଼ ଉଜ୍ଜ୍ୱଳକୁମାରୀର ବୟସ ଅଠରବର୍ଷ ପୂର୍ତ୍ତି ହେଲା ଗତ ନଭେମ୍ବରକୁ । ସେ ବଡ଼ ଭାବୁକ, ଝିଅ ଘରକାମରେ ଖୁବ୍ ଦକ୍ଷ ହେବ ; ମଧ୍ୟ ଉନ୍ନତି କରିବାକୁ ତାର ଖୁବ୍ ଇଚ୍ଛା । କବିତା ଲେଖାରେ ତାର ମୁଣ୍ଡ ବେଶି ନାହିଁ । ସେ ପ୍ରାୟ ସବୁ ଜିନିଷ ଖୁଣ୍ଟି ଖୁଣ୍ଟି ତା ଭିତର ବସ୍ତୁର ସନ୍ଧାନ କରିଥାଏ । ସେ researchଶୀଳ । ଇତିହାସ ଓ ଗଳ୍ପରେ ତାର ଖୁବ୍ ରୁଚି ଏବଂ ସବୁ ବିଷୟରେ ସତ୍ୟାସତ୍ୟ ଜାଣିବାକୁ ସଦା ତତ୍ପର । ସାନଟିର ବୟସ ପାଞ୍ଚ ପୂର୍ଣ୍ଣ ନାହିଁ । କିନ୍ତୁ ଏ ବୟସରେ ସେ ବଡ଼ ଭଉଣୀଠୁ ପାଠରେ ଆଗକୁ ଗଲାଣି । ସେ ଖୁବ୍ ନବତାପ୍ରିୟ, ତାର ଏ ଅଳ୍ପ ବୟସରୁ ଛନ୍ଦ ମାତ୍ରା ଓ ତାଳଜ୍ଞାନ ଅଦ୍ଭୁତ ରକମର । ସେ ଗୋଟାଏ ଆଶ୍ଚର୍ଯ୍ୟ ଶିଶୁ । ତାର ସବୁ ବିଷୟରେ ଅସାଧାରଣ ପ୍ରତିଭା । ଏତେ ଅଳ୍ପ ବୟସରୁ ତାର ବସିବା, ଚାଲିବା, ଉଠିବା, କଥା କହିବା ଯେପରି ଗୋଟିଏ ଚୌକସ୍ତୁର ପରିଚାୟକ । ବଡ଼ର ଚେହେରା ଅଧିକାଂଶ ମୋ ଭଳି । ସାନଟିର ବାପ ଭଳି । ( ସାନଟି ଅଧିକ ଗୋରୀ ଓ ସୁନ୍ଦର । ) ମୁଁ ତାଙ୍କର ଫଟୋ ଏଥି ସହିତ ପଠାଇଲି । ଉଭୟେ ହିନ୍ଦୀ ଓ ଇଂରାଜୀ ୪ର୍ଥ ପର୍ଯ୍ୟନ୍ତ ପଢ଼ିଲେଣି । ଘରେ ଜଣେ ଭଲ ଶିକ୍ଷକ ଦ୍ୱାରା ପାଠ ପଢ଼ାଉଛି । ବଡ଼ ଓଡ଼ିଆରେ କହିପାରେ । ଛୋଟ ବୁଝିପାରେ—ପଢ଼ିବାକୁ ଚେଷ୍ଟା କରେ । ଦୁଇବର୍ଷ ପରେ ହିନ୍ଦୀ ଆଉ ଟିକେ ଭଲ ହେଲେ ଓଡ଼ିଆ ଶିକ୍ଷା ଦେବି । ସେମାନେ ଇତିହାସର ଓ ଭାରତୀୟ ପୌରାଣିକ କଥାମାନଙ୍କର ପ୍ରାୟ ସମୁଦାୟ ପ୍ରଧାନ ତତ୍ତ୍ୱ ଜାଣନ୍ତି ଏବଂ ଦେବଦେବୀ ସେବା, ପାଠ, ସ୍ତୋତ୍ର, ନାମ ଜପ ଓ ଭଜନ ଗାଇବା ଭଲ ରୂପେ ଜାଣନ୍ତି । ଆମ ଘରେ ସବୁ ପୂଜା ହୁଏ (ସବୁ ଧର୍ମର ଏବଂ ସବୁ ଐତିହାସିକ ପର୍ବମାନ ଏବଂ ଜୟନ୍ତୀର) । ଅତଏବ ଏସବୁ ତାଙ୍କ ଜୀବନ ସହିତ ଗ୍ରଥିତ ହୋଇଛି । ମୋର ଦେହ ପୂର୍ବଠାରୁ ଭଲ ଅଛି ; ମାତ୍ର ମଧ୍ୟେ ମଧ୍ୟେ ଅସୁସ୍ଥ ହୋଇପଡ଼େ । ଆଚ୍ଛା, ପାରିବାରିକ ବିଷୟ ଏତିକି ଆଜି ।”

ସେ ଜଣକର କୈଳାସ ବାବୁଙ୍କ ବିଷୟ ସମସ୍ତ ତଥ୍ୟ ଜାଣିବାକୁ ବ୍ୟାକୁଳ ହୋଇଥାନ୍ତି । ୯ ଚିଠିରେ ତାଙ୍କ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ପ୍ରଶ୍ନ । ସେ ଲେଖିଥାନ୍ତି— “ତାଙ୍କ ସହିତ ବିଶେଷ ଜାଣିଶୁଣି ଥିବେ ନିଶ୍ଚୟ ଲେଖିବ । ମୋର ଏବଂ ଗୁରୁଦେବଙ୍କର ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା, ସମ୍ମାନ ଏବଂ ଆଦର ଭାବ ଅଛି । ସେ ମୋର ସାହିତ୍ୟିକ ଜୀବନର ସୂତ୍ରଧର । ମୋର ସାହିତ୍ୟିକ ଜୀବନ ନଷ୍ଟ ହୋଇନାହିଁ, ବରଂ ନୂତନ ପରିସ୍ଥିତିରେ ନବୀନ ଭାବେ ସଞ୍ଜୀବିତ ହୋଇଛି । ଏଠାରେ ତପୋବନ ସ୍ଥାପିତ ହେଲାଣି । ସେ ତପୋବନର ପ୍ରଧାନ ସାଧକ ବା ମାଳୀ ଦ୍ୱୟ ଶ୍ରୀ ଜୈନେନ୍ଦ୍ର କୁମାର ଏବଂ ବନ୍ଧୁ ସଭ୍ୟ, ଯଥା ପ୍ରସନ୍ନର ମାତଦେବ M.A., ସାହିତ୍ୟରତ୍ନ, ‘ବିଶାଳ ଭାରତ’ର ସମ୍ପାଦକ ଶ୍ରୀ ବାତ୍ସାୟନ, ହିନ୍ଦୀର ସର୍ବଶ୍ରେଷ୍ଠ କବି ଶ୍ରୀ ମୈଥିଳୀ ଶରଣ ଏବଂ ତାଙ୍କ ଭାଇ ଶ୍ରୀ ସିୟାରାମ ଶରଣ, ଶ୍ରୀ ଯଶପାଲ ଜୈନ B. A. LL.B., ସମ୍ପାଦକ ‘ଜୀବନ ସୁଧା’ ଆଦି ଅନେକ ସଦସ୍ୟ ହେଲେଣି ।

ଓଡ଼ିଶାରୁ ଅତି ଶୀଘ୍ର ତାର ସଂସ୍କୃତ ସଂଘ ଲାଗି ମେମ୍ବର ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ । ମୁଁ ତୁମର ସହଯୋଗ ଭିକ୍ଷା କରୁଅଛି ! ଏଥର ତୁମକୁ ମୁଁ ବର୍ମାର କଥା ଦେଉ ଅଛି । କେତେ ଦୁଃଖ, କେତେ ଘାତ-ପ୍ରତିଘାତ, କେତେ ଝଡ଼-ତୋଫାନ ମଧ୍ୟରେ ମୋର ଜୀବନ ବିତାଇ ହେଉଛି ତୁମେ କ'ଣ ବୁଝିବ ? ଯେଉଁଦିନ ଭାରତୀ ତପୋବନର ସଫଳତା ଲାଭ ହେବ ଏବଂ ଭାରତୀୟ ସାହିତ୍ୟିକଙ୍କର ସଂସ୍କୃତ ସଂଘର ପରିପୂର୍ତ୍ତି ସାଧିତ ହେବ ସେଦିନ ଯାଇ ମୋର ଆନନ୍ଦର ସୀମା ରହିବ ନାହିଁ । ବର୍ତ୍ତମାନ କେବଳ ପଦ୍ମ ଗାନ—ସମ୍ପୂର୍ଣ୍ଣ ଅଟ୍ଟାଳିକା ହେଲେ ଯିବା ଲୋକ-ଦୃଷ୍ଟି ଗୋଚର ହେବ । Rome was not built in a day—ଏକ ଦିନରେ କିଛି ଗୋଟାଏ ମହାନ୍ କାର୍ଯ୍ୟ ସାଧିତ ହୁଏ ନାହିଁ । ତା' ପାଇଁ କେତେ ବାଧାବିଘ୍ନ ଅଛି । 'ବରମାଳା' ଓ 'ସ୍ୱପ୍ନ' ପଠାଇଲି ।

ନିକଟରେ ତୁମେ 'ବିଶାଳ ଭାରତ' ମାସିକ ମାସ ପାଇବ । ତୁମେ ମୋ ପାଇଁ ଏକ କାମ କରିବ । ଓଡ଼ିଶାର ଲେଖକ-ଲେଖିକାମାନଙ୍କର ସଂକ୍ଷିପ୍ତ ବିବରଣୀ ସମ୍ବଳିତ ଖଣ୍ଡେ ପ୍ରବନ୍ଧ ପ୍ରସ୍ତୁତ କର । ତାକୁ ହିନ୍ଦୀ କରାଇ ମୁଁ ତୁମ ପାଖକୁ ପଠାଇବି । ତୁମେ ତାହା 'ବିଶାଳ ଭାରତ'କୁ ପଠାଇବ ଛପାଇବାକୁ । ମୁଁ ଓଡ଼ିଶାର ଲେଖକମାନଙ୍କୁ ସର୍ବତ୍ର ପରିଚିତ କରାଇବାକୁ ଚାହେଁ । ତାଙ୍କୁ ପ୍ରତ୍ୟେକଙ୍କୁ ଭାରତୀ ତପୋବନର ମେମ୍ବର କରିବ । ମେମ୍ବରମାନଙ୍କୁ ତାଙ୍କ ଛପା ପୁସ୍ତକର ଏକ ସେଟ୍ ଓ ପ୍ରବେଶିକା ୫୯ ଟଙ୍କା ଦେବାକୁ ପଡ଼ିବ । ଅନ୍ୟ କିଛି ଦେବା ନାହିଁ । ଭାରତୀ ତପୋବନ ତରଫରୁ ଶୀଘ୍ର ପତ୍ରିକା ପ୍ରକାଶିତ ହେବ । ପ୍ରତ୍ୟେକେ ତାର ଗ୍ରାହକ ହେବେ । ସେଥିରେ ତାଙ୍କ ପୁସ୍ତକ ଏବଂ ଲେଖାର ସମାଲୋଚନା, ତାଙ୍କର ଲେଖା ପ୍ରକାଶିତ ଏବଂ ସମାଲୋଚିତ ହେବ । ଭାରତରେ ସବୁ ଭଲ କାର୍ଯ୍ୟ ପାଇଁ ଅର୍ଥାଭାବ ହୁଏ; ମାତ୍ର ମନ୍ଦକାର୍ଯ୍ୟରେ ଧନୀ ଓ ବିଳାସୀମାନେ ଟଙ୍କା ଢାଳିଦିଅନ୍ତି । ମଧ୍ୟ ଲୋଅପଦେଶକ୍ ଶୀଘ୍ର ମିଳେନାହିଁ । ପୁଣି ଅଧିକାଂଶ ସାହିତ୍ୟିକ, ଯେଉଁମାନେ ଦେଶକୁ ଚମତ୍କାରିତ କରନ୍ତି, ସେମାନେ ଦରିଦ୍ର । ସରସ୍ୱତୀ ଲକ୍ଷ୍ମୀ ସହିତ ଭାରତ ମହିଳାପୁଲକ ଅନ୍ତରୁଣୀ କଳରେ ଆଜି ମୁକ୍ତା ଭରି ପ୍ରସ୍ତୁତ ।

ଆଉ ଗୋଟିଏ କଥା, ଗତ ଦଶ ବର୍ଷରେ 'ସହକାର'ରେ ମୁଁ ଯେତେ ଗାଳ୍ପ ଲେଖିଛି ତାହା ତୁମେ ସଂଗ୍ରହ କରିଦେଲେ ଉପକୃତ ହୁଅନ୍ତି । ଦେଖ, ଏତେଗୁଡ଼ିଏ କାମ ବରାଦ ଦେଲି ବୋଲି ରାଗିବନାହିଁ—କାରଣ ଏହିସବୁ ଆମ ନିଜ କାମ ।

ମୁଁ ବର୍ତ୍ତମାନ ହିନ୍ଦୀରେ ଭଲ ଲେଖିପାରେ, ପଢ଼ିପାରେ, ଭାଷଣ ଦେଇପାରେ, ବକ୍ତୃତା ଦେଇପାରେ । ମୋଟ କଥା ତାକୁ ମାତୃଭାଷାଭଳି ଆୟତ୍ତ କରିପାରିଲିଣି । ଅତଏବ ବର୍ତ୍ତମାନ ଉତ୍କଳ ସାହିତ୍ୟକୁ ଭାରତରେ ପରିଚିତ କରିବାର ସୁଯୋଗ କାହିଁ ଛାଡ଼ିବ ? ଭଗବାନଙ୍କୁ ପ୍ରାର୍ଥନା ମୋତେ ସହାୟ ହେବେ । ମୁଁ ବଡ଼ ମାସିକର ସମ୍ପାଦିକା ଅଭିଳାଷ;

କିନ୍ତୁ ଈଶ୍ୱର ଆଜିଯାଏଁ ବଞ୍ଚାଇ ରଖିଛନ୍ତି । ତାଙ୍କର ବିନା ଇଚ୍ଛାରେ କଣ ଗଛରେ ଲାଗିଥିବା ପତ୍ରଟିଏ ଖସିପାରେ ?

ମୋତେ ଶୀଘ୍ର ଉତ୍କଳର ସମୁଦାୟ ସାହିତ୍ୟିକ ଓ ଖବରକାଗଜ ସଂସ୍ଥାର ଆଡ୍ରେସ ଏବଂ ନାରୀ ଲେଖିକାମାନଙ୍କର ଏକ ସଂକ୍ଷିପ୍ତ ପରିଚୟମାଳା ତିଆରିକରି ପଠାଇବ । ତୁମକୁ ହିନ୍ଦୀର 'ଲେଡ଼ିନାଙ୍କ' ପଠାଇଲି । ଏଥିପାଇଁ ମୁଁ ଲେଖା ଦେଇ ପାରିଲିନାହିଁ । ସେମାନେ ମୋତେ ବାରମ୍ବାର ଲେଖିଲେ; ମାତ୍ର ମୁଁ କିଛି ସୁବିଧା ଦେଇଲିନାହିଁ । ସେଥିକୁ ମୋର ଶୁଭ ସନ୍ଦେଶଟିଏ ଅଛି ଦେଖିବ । ମୁଁ ବର୍ତ୍ତମାନ କାଗଜ ସ୍ୱରାଜ୍ୟ-ତପୋବନ ପାଇଁ ବ୍ୟସ୍ତ ଅଛି ଜାଣିବ ।

ତୁମେ ଇଟା-ପଥରରେ ଖାଲେ ଖାଲେ ମନ୍ଦିର ଗଢ଼ୁଛ, ତୁମେ ଦେବପୀଠର ଜାତୀୟତାର ସଂସ୍କାର କରୁଛ । କେବଳ ତୁମର ଅନ୍ତର କାନ୍ତିର ମନ୍ଦିର ସାହିତ୍ୟିକ କଳ୍ପନା-ଗୁମ୍ଫିକର ସମାଧି ହେବ ଏପରି ନୁହେଁ । ଦିନେ ତା ସଫଳ ହେବ; କିନ୍ତୁ ସବୁ ଭଗବାନଙ୍କ ଇଚ୍ଛାରେ । ଆମର ପ୍ରତ୍ୟେକ ଦିନର କର୍ତ୍ତବ୍ୟ ଅନେକ ବଢ଼ିଯିବ । ବିଶ୍ୱ-ବିଧାତା ନିଜେ ଆମ୍ଭକୁ ଠିକ୍ କରିନେବେ ।

ଅଧିକ ଆଉ କଣ ଲେଖିବି । ଘଣ୍ଟା ବାର ପାର ହୋଇଗଲା । ବୋଉକୁ ମୋର ଶୁଭାଶୀର୍ବାଦ । ତୁମକୁ ଏଥରକାର ଶୀଘ୍ର ଏଠାକୁ ଆସିବାକୁ ହେବ । ହିନ୍ଦୀ ସାହିତ୍ୟିକମାନେ ଓଡ଼ିଆ ପ୍ରାନ୍ତରେ ପରିଚିତ ହେବାକୁ ବଡ଼ ବ୍ୟାକୁଳିତ । ତୁମେ ହିନ୍ଦୀରେ ଚିଠି ଲେଖିଲେ ମୁଁ ଆଡ୍ରେସ ପଠାଇବି । ସାହିତ୍ୟିକମାନେ ସିନା ଧନୀ ନୁହନ୍ତି; କିନ୍ତୁ ସାହିତ୍ୟ-ଅନୁରାଗୀ ହେବା ତାଙ୍କର ସ୍ୱଭାବସିଦ୍ଧ । ମୁଁ ବଡ଼ ଆଶାବାଦୀ । ଶୀଘ୍ର ପତ୍ର ଦେବ ।”

ଏଣିକି ସବୁ ଚିଠିରେ କେବଳ, ଦୁଃଖ-ଦୁର୍ଭାଗ୍ୟର କାହାଣୀ ।

“୩୧-୩-୩୮ : ବଡ଼ ଝିଅର ପୁଅର ଦିନ ହେଲା ମରଣ ହୁଏ । କି ଦୁଃଖ-ଦୁର୍ଭାଗ୍ୟରେ ମୋର ଦିନ ଯାଉଛି, ମୁଁ ଜାଣେ । ମୁଁ ତାକୁ ନରକ ନୁହେଁ ବୃଥା ଦୁଃଖ ଭୋଗ କରୁଛି । କାରଣ ମନୁଷ୍ୟ କର୍ମାଧୀନ । ଆମର ପାଠଶାଳ ଛାତ୍ରୀ ଶ୍ରେଷ୍ଠନ୍ତି; ତାଙ୍କର ଚକ୍ଷୁ ଅନେକ ମାନସିକ ଭାବେ ବେଗି ଶୁଦ୍ଧ ହେଉଛି । ଭଗବାନ ତାଙ୍କ ମଧ୍ୟଦେଇ କେତେବେଳେ ଅମର ଆର୍ଯ୍ୟକୁ ଉନ୍ନତପାଇଁ ! କେତେବେଳେ କି ଛାତ୍ରୀ ଛାଡ଼ିଲେ ?”

ଏ ମଧ୍ୟରେ ମୋର ଜନନୀ ଶୈଳଦେବୀଙ୍କର ମୃତ୍ୟୁ ହେଲା—ସେ କି ତାଙ୍କ ଭଉଣୀଙ୍କୁ ବହୁ ଗାଳିଗୁଲଜ ଦାନ କରି ବିଦ୍ରୂପକରେ ପରିଚିତ ହୋଇପାରିଛନ୍ତି ! ତାଙ୍କର ସ୍ୱର୍ଗାରୋହଣ ସମ୍ବାଦ ପାଇ ସେ ଲେଖିଲେ—

"୨୫-୫-୩୮ : ତୁମର ପତ୍ର ପାଇ ତୁମ ମାତାଙ୍କର ସ୍ୱର୍ଗାରୋହଣ ସମ୍ବାଦ ପାଇଲି । ମୁଁ ଜାଣିଥିଲି ସେ ରୋଗ ଆରୋଗ୍ୟ ହେବାର ନୁହେଁ । ତୁମ ଜନନୀ ଧାର୍ମିକା, ତପସ୍ୱିନୀ, ଶୁଦ୍ଧ, ସରଳା । ଭଗବାନ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ, ଏହି ପ୍ରାର୍ଥନା । "ସଙ୍ଗେ ସଙ୍ଗେ ନବ କୁମାରଙ୍କର ଜନ୍ମ ମଧ୍ୟ ଶୁଣିଲି । ସଂସାର-ଲୀଳା ଏହି—ଜଣେ ଯାଏ, ଜଣେ ଆସେ । ମୋର ଝିଅଙ୍କୁ ଦୁଇମାସ ହେଲା ଜ୍ୱର । ମ୍ୟାଲେରିଆ ବୋଧହୁଏ, କିଛି ପିଲେଇ ବଢ଼ିଛି । ତୁମର ବାଲେଶ୍ୱର ଅବସ୍ଥାନ ସମୟରେ କପରି ଜ୍ୱର ହୋଇଥିଲା—ମନେ ଅଛି ତ ? ଏ ମ୍ୟାଲେରିଆ ସବୁବର୍ଷକୁ ପାଉଛି । ଦିଲ୍ଲୀ ଏତେ ବଡ଼ ରାଜଧାନୀ ହେଲେ ବି ଏଠି ଭୟଙ୍କର ମ୍ୟାଲେରିଆ । ମୁଁ ୧୯୩୦ ଶେଷରୁ ୧୯୩୫ ଶେଷ ପର୍ଯ୍ୟନ୍ତ ୫ ବର୍ଷ କାଳ ବନ୍ତୁର ମ୍ୟାଲେରିଆ ଭୋଗି ଅନେକ ଥର ମୃତ୍ୟୁଶଯ୍ୟାରେ ପଡ଼ିଛି । ବ୍ରହ୍ମଦେଶ ମଧ୍ୟ ବହୁତ ମ୍ୟାଲେରିଆ ଦେଖିଛନ୍ତି । ଏ ବଡ଼ ଜିଦିଖି ମଧ୍ୟ ତନ୍ତ୍ରୁପ ।

ମୁଁ ବଡ଼ ମାନସିକ ଅଶାନ୍ତି ଭିତରେ କାଳ କାଟୁଛି; କିନ୍ତୁ ମୋର ଏକମାତ୍ର ଭରସା ପ୍ରଭୁ ଜଗନ୍ନାଥ । ସେ ମୋତେ ଯେତେ ଦୁଃଖ ଦିଅନ୍ତୁ, ମୁଁ ତାଙ୍କରି ଶରଣରେ ରହିଛି ଓ ରହିବି । ମନେଅଛି, ତେଲେଙ୍ଗାବଜାରର କୋଠା ଛାତ ଉପରେ ଜଗନ୍ନାଥଙ୍କ ଶରଣ ନେଉଥିବା—ସେ ସୁନାଅଁଳିଆ ରାତିରେ ? ମୋର କାଲିପରି ମନେଅଛି । ସେଠାରେ ତୁମ ପ୍ରତି ହୋଇଥିବା ଅଳଙ୍କାର, ୧୬୪ ଧାଡ଼ି ଆଦି ଶୁଣି ପ୍ରୀତି ମନ ହେଲି ।

ପ୍ରଭାକର (କ୍ୟାପଟେନ) ତୁମ ସମ୍ପର୍କରେ ମତେ କହିଛ—ତାଙ୍କଧରଣ ଶତ୍ରୁମାନେ ତୁମକୁ ବିରୁଦ୍ଧ ହେବେ—ତାଙ୍କ କିଛି କରିପାରିବେ ନାହିଁ । କାରଣ କୋଷ୍ଠୀରେ କୁଣ୍ଡଳୀରେ ଶନି ଅଛନ୍ତି । ଶନି କ୍ଷୁଦ୍ର ଯୋଗରେ ଅତି ଶୁଭଜନକ । ତୁମେ ଭଗବାନଙ୍କ କୃପାରୁ ଜୟୀ ହୁଅ ।"

ତାଙ୍କ ମୃତ୍ୟୁର ୬୯ ଦିନ ଆଗରୁ ସେ ମୋତେ ଶେଷ ଏ ଚିଠି ଲେଖିଥିଲେ—କିନ୍ତୁ ତାହା ପଠାଇ ପାରି ନଥିଲେ । ତାହା ତାଙ୍କ ହ୍ୟାଣ୍ଡବ୍ୟାଗ୍‌ରେ ରହିଥିଲା । ସେ ଚିଠିଟି ବ୍ରହ୍ମଦେଶ ମୋ ପାଖକୁ କୁନ୍ତଳାଙ୍କ ମୃତ୍ୟୁ ପରେ ପଠାଇଦେଇଥିଲେ । ଚିଠିଟି ଅସମ୍ପୂର୍ଣ୍ଣ । ତାହା ୫ ଜୁନ୍ ୧୯୩୮ରେ ଲିଖିତ । ଗୀତଟିଏ ଲେଖିଲି ପୂର୍ବରୁ ଚାଲିବା ପରି, ତାଙ୍କ ମନରେ ସ୍ୱତନ୍ତ୍ର କଳ୍ପନା ଓ ଉଚ୍ଚ ଆଶା ଜାଗିଉଠି ପାରିଦେଶୀତିକାପରି ଲିଖିଗଲା । ସେ ବହୁ ଧନର ଅଧିକାରିଣୀ ହୋଇପାରିଥିଲେ—ଆଉ ଅଧିକ ବସ୍ତୁ ବା କଣ ଦରକାର ? ତଥାପି—ଭଗବାନ୍‌ଙ୍କ ପରି ତାଙ୍କ ଜୀବନ କଦାପି ଧନକ ପାଇଁ ସୁଖ ପୁରୀ ନଥିଲା । ସେ କଳ୍ପନାବିଳାସୀ ମନ ଥିବାରୁ ଆଶାମୋଦରେ ବଞ୍ଚିଥିଲେ ମାତ୍ର । ବହୁ ଉଚ୍ଚ ଆଶାରେ ତାଙ୍କର ଅନ୍ତରାତ୍ମା ମୋହିତ ରହିଥିଲା । ସେ ଶେଷ ମୁହୂର୍ତ୍ତକୁ ଜଗନ୍ନାଥଙ୍କ ଶରଣ ପାଇଁ ଆଖି ବୁଜିଦେଇଥିଲେ ।

## ମୋଟେ ତାଙ୍କର ଅନ୍ତିମ ଚିଠି

କୁନ୍ତଳାକୁମାରୀ ମୂର୍ତ୍ତିପୂଜା କରୁଥିବା ହେତୁ ଆର୍ଯ୍ୟସମାଜ ସହିତ ତାଙ୍କର ମତାନ୍ତର ହୋଇଥିଲା । ସେ କିନ୍ତୁ ମୂର୍ତ୍ତିପୂଜାକୁ ବର୍ଜନ ନ କରି ଅଧିକ ଘଣ୍ଟା-ଘଣ୍ଟଧ୍ୱନିରେ ଧୂପ, ଦୀପ ଦେଇ ଅର୍ଚ୍ଚନା କଲେ । ଫଳରେ ତାଙ୍କୁ ଆର୍ଯ୍ୟସମାଜରୁ ମିଳିଥିବା ବସା ଘରଟି ଛାଡ଼ିବାକୁ ହେଲା । ତେଣୁ ସେ ସେହି ଘରର ଅତି ନିକଟରେ ଏକ ଘର ଭଡ଼ା ନେଇ ରହୁଥିଲେ । କିନ୍ତୁ ମତଭେଦ ସତ୍ତ୍ୱେ ତାଙ୍କ ପ୍ରତିଭା, ମହତ୍ତ୍ୱ ଏବଂ ପାଣ୍ଡିତ୍ୟ ଯୋଗୁଁ ଆର୍ଯ୍ୟସମାଜ ତାଙ୍କର ସମ୍ପୂର୍ଣ୍ଣ ତ୍ୟାଗ କରି ନଥିଲେ ।

ତାଙ୍କର ଶେଷ ଚିଠିଟି ଉଦ୍ଧାର କରିଦେବା ପରେ ମୃତ୍ୟୁବିବରଣ ଦେବା ସମୀଚୀନ ହେବ ।

"୬।୭।୩୮ : × × ଆଜି ମୁଁ ଦିଲ୍ଲୀରେ ସମ୍ପୂର୍ଣ୍ଣ ଏକୁଟିଆ । କହୁଥିଲି ଜଗଦ୍ଧାତ୍ରୀଙ୍କୁ ପ୍ରାୟ ତିନିମାସ ଧରି ମ୍ୟାଲେରିଆ ଜ୍ୱର । କହୁଥିଲେ ମୁଁ ଭଲ ନ ହେଲେ ତାଙ୍କ ବାପ ଝିଅ ଦୁଇଟିଙ୍କୁ ନେଇ ସିମଳା ପାହାଡ଼ ଯାତ୍ରା କରିଛନ୍ତି । ଅତଏବ ମୋ ଜୀବନରେ ଯାହାକି କଦାପି ଘଟି ନଥିଲା ଏପରି ଅବସ୍ଥା ଆସିଛି, ଅର୍ଥାତ୍ ମୁଁ ସମ୍ପୂର୍ଣ୍ଣ ଏକୁଟିଆ । ସମ୍ପୂର୍ଣ୍ଣ ଏକାକୀ ହେଲାରୁ ନିଜର ଭୂତ ବର୍ତ୍ତମାନ ଓ ଭବିଷ୍ୟତ ଆଖି ଆଗରେ ପୁଣି ଥରେ ନାଚି ଯାଉଛି । ମୁଁ ଦଶବର୍ଷ ଦିଲ୍ଲୀରେ ଅଛି । ୧୦ ବର୍ଷ କେତେ ଲମ୍ବା ଦିନ । କିଏ ଭାବିଥିଲା, ଓଡ଼ିଶାର କେଉଁ କୋଣରୁ କିଏ ଆସି ୧୦ ବର୍ଷ ଦିଲ୍ଲୀରେ ରହିବ । ପୁଣି ଆମ ପରିବାରର ଗୋଟିଏ ବିଶେଷତ୍ୱ ଅଛି । ସମସ୍ତ ଜାତିର ଘର ଭିତରେ ଏବଂ ଭାରତର ରାଜଧାନୀରେ ଏହି ଗୋଟିଏମାତ୍ର ଉତ୍କଳୀ ପରିବାର । ହଜାର ହଜାର ଘର ବଙ୍ଗାଳୀ, ଶହ ଶହ ଘର ପଞ୍ଜାବୀ, ମହାରାଷ୍ଟ୍ରୀ, ତେଲଙ୍ଗୀ, ମାନ୍ଦ୍ରାଜୀ ଏଠି ଅଛନ୍ତି; କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଏକମାତ୍ର ଉତ୍କଳୀୟ ପରି- ବାର । ମା' ବାପ ପିଲାଏ ସମସ୍ତେ ଓଡ଼ିଆ । ସବୁରେ ଓଡ଼ିଶାର ପୁଣ୍ୟ ନିଶ୍ୱାସ ଜଗନ୍ନାଥଙ୍କର ଛବି, ଓଡ଼ିଆ ଭାଷା, ଓଡ଼ିଆ ଜାତିର ବୈଶିଷ୍ଟ୍ୟ, ଓଡ଼ିଆପ୍ରାଣ ସମ୍ବଳିତ ସ୍ୱର୍ଗତ ଉତ୍କଳକୁମାରୀ, କଳିଙ୍ଗକୁମାରୀ ଏବଂ ଜଗନ୍ମୋହନର ମୂର୍ତ୍ତି, ଅଥଚ ମୋଗଲ ରାଜଧାନୀ ଦିଲ୍ଲୀରେ । ତୁମେ ଅତୀତ ଇତିହାସକୁ ଅନାଅ, ଭାରତର ସମୁଦାୟ ଇତିହାସ ପୃଷ୍ଠାକୁ ଅନାଅ, କାହିଁ ପାଇବ ନାହିଁ ଏପରି ଜଣେ ଓଡ଼ିଆ ପରିବାର ବିଶେଷତା ନେଇ ଉତ୍କଳୀୟ ସ୍ୱାତନ୍ତ୍ର୍ୟ ନେଇ କେହି ବସିଥିବାର, ଅଥବା ଏପରି ମୋଗଲର ରାଜଧାନୀରେ ନାରୀରେ ନାରୀତ୍ୱ, ପ୍ରାଣରେ ପ୍ରାଣ ମିଶାଇ ଭାରତୀୟ ଅଥଚ ଉତ୍କଳୀୟ, ହିନ୍ଦୁ ଅଥଚ ସାର୍ବଭୌମ ସନାତନ, ଏକାଧାରରେ ହିନ୍ଦୀ, ଓଡ଼ିଆ ଉଭୟ ସାହିତ୍ୟର ଅଧିକାରୀ ହୋଇଅଛନ୍ତି । ଏ ଗୋଟିଏ ଐତିହାସିକ ସତ୍ୟ । ଏହା ମୂଳରେ ଗୋଟିଏ ଜାତୀୟ ସତ୍ୟ ନିହିତ ରହିଛି । କିନ୍ତୁ ସେ କଣ, ତା' ବର୍ତ୍ତମାନ ତୁମକୁ ବୁଝାଇବା ଭଳି ଶକ୍ତି ମୋର ନାହିଁ । ମୁଁ ଆଜି ଏକୁଟିଆ ବସି ଏ ଚିଠି ଲେଖୁଅଛି ମୋର ତୁମଭଳି ସନ୍ତାନ ଆଶୀର୍ବାଦ କରୁଛି । ମୋର ଗତ ଜୀବନର ଦଶବର୍ଷ ସହିତ ତୁମେ

ଏକପ୍ରକାର ଅପରିଚିତ । ସେହି ଦଶବର୍ଷର ଆଂଶିକ ଚିତ୍ରଦର୍ଶନ କରିବା ପାଇଁ ମୋର ଏ ପତ୍ରର ଉଦ୍ଦେଶ୍ୟ । ମୋର ଜୀବନୀ ଯେ ତୁମେ ଲେଖିବ ।

ଦିଲ୍ଲୀ ସେ କେଉଁ ଅତୀତ କାଳରୁ ଭାରତର ରାଜଧାନୀ । ଏଠି ଶତ ଶତ ରାଜବଂଶର ସମାଧି ରହିଛି । ବର୍ତ୍ତମାନ ଦିଲ୍ଲୀ ଯେଉଁଠି କଲିକତା ସମ୍ମୁଖରେ ଯମୁନା କୂଳରେ ଅଛି, ସେହିଠି ଥିଲା 'ମୋଗଲର ଦିଲ୍ଲୀ', ପାଣ୍ଡବମାନଙ୍କର ଦିଲ୍ଲୀ, ଇଂରେଜର ଦିଲ୍ଲୀ, ନୂଆ ଦିଲ୍ଲୀ । ଏହି ମୋଗଲ ଦିଲ୍ଲୀରେ, ତୁମର ଜାତୀୟ ଧର୍ମପ୍ରାଣ କବି ଅଚ୍ୟୁତ ଦାସ ତାଙ୍କ ମାଳିକାରେ ଲେଖିଯାଇଛନ୍ତି ଗୋଟିଏ ଓଡ଼ିଆ ବ୍ୟକ୍ତିର ଜନ୍ମ କଥା । ସେ କଥା କେବଳ ମୁଁ ଗଲ୍ପ ମାଧ୍ୟରେ ପ୍ରଥମେ ନୀଳକଣ୍ଠ ଦାସଙ୍କ ଗୀତାପ୍ରବେଶରୁ ଏବଂ ଉପର ଭାଗଟିର ଭବିଷ୍ୟ ଲେଖାରୁ ଆସିବ ପାଇ ଚମତ୍କୃତ ହେଲି । ସେ ବ୍ୟକ୍ତିର ନାମ କଣ ଜାଣ— 'ମୋହନା ମୁଗଲ୍' । ତେର ଅଙ୍କ ମୀନ ଲଗ୍ନରେ ତାର ଜନ୍ମ ହେବ । ମୋଗଲ ରାଜ୍ୟରେ ଅଥଚ ଓଡ଼ିଆ—ଗତବର୍ଷ ୧୩ ଅଙ୍କ (ପ୍ରମଥଦ୍ରୁ ମହାରାଜାଙ୍କର) ଏବଂ ଲଗ୍ନ ମୀନରୁ (ଖଣ୍ଡଚନ୍ଦ୍ର ପାଞ୍ଜି) ଅନୁସାରେ ଥାଇ କୁନ୍ତଳାକୁମାରୀ ଗର୍ଭରୁ ଗୋଟିଏ ପୁଅ ସନ୍ତାନର ଜନ୍ମ ହେଲା—ସେହି ସମୟରେ ତାର 'ମାଆ' ମୃତପ୍ରାୟ—ଆଉ ସେହି ସୁପ୍ତ ଅବସ୍ଥାରେ ମୁଁ ସ୍ୱପ୍ନ ଦେଖୁଛି ଯେ ମୁଁ ଭୁବନେଶ୍ୱରୀଙ୍କୁ କହୁଛି—ତୁମେ ଜଗନ୍ମୋହନଙ୍କୁ ମୋତେ କୋଳରେ ଦିଅ । ଅଥଚ ତାର ନାମ ଆମେ ରଖିଥିଲୁ ଦେବୀ କର୍ମେନ୍ଦ୍ର ଅରବିନ୍ଦ । ଯାହାହେଉ ସେ ଜଗନ୍ନାଥଙ୍କର ପ୍ରତ୍ୟାଦେଶରେ ଆସିଲା—ତାର ଅଦ୍ଭୁତ, ବଡ଼ିପ ମହତ୍ତ୍ୱ—ମଧ୍ୟ ଠାକୁର ରୁହେ ଆମ ଘରେ 'ପୂଜା' ପାଉଛନ୍ତି—ଯେଉଁଦିନ ସେ ଜନ୍ମ ହେଲା—ଠିକ୍ ସେ ଦିନ ମଧ୍ୟ ମୁଁ ମୂର୍ଚ୍ଛିତ ଅବସ୍ଥାରେ ଥାଇ ତାକୁ କୋଳ କରିଛି । ମାତ୍ର ସେ ଯାହା କହୁଛି ତା ବର୍ତ୍ତମାନ ଲେଖିବି ନାହିଁ । ତୁମେ, ମୁଁ ଜାଣେ ଅବିଶ୍ୱାସୀ । ସେ ପଦ ଶୁଣି ହସିବ—ଆସିବାର ସମ୍ଭାବନା ନ ଦେଖାଇଲେ—ମାତ୍ର କଏ କହିପାରେ ? ଏ ବର୍ଷ ୧୪ ଅଙ୍କ ଏବଂ ଲଗ୍ନ ମୀନରୁ । ଭାଦ୍ର ମାସର ଶୁକ୍ଳପକ୍ଷ ୯+ ଅଙ୍କ (ସେପଟେମ୍ବର)—ତା' ପୂର୍ବରୁ ଯଦି ସେହି ହୋଇଥିବ ତାର ପୁନର୍ଜନ୍ମର ଆଶା—ଠିକ୍ ନବମ ମାସ ତା କହିଲା ଭଳି । କିନ୍ତୁ ଏସବୁ କଥା ତୁମଙ୍କୁ ପ୍ରହେଳିକା ଭଳି ଲାଗୁଥିବ, ହେଲେ—ପ୍ରକୃତରେ ପ୍ରହେଳିକା ନୁହେଁ—ମୋର ମୁଣ୍ଡ ଖରାପ ହୋଇନାହିଁ—ତୁମେ ଏପରିକି ମନୋଯୋଗ ଦେଇ ଜାଣୁଥିବ । ଏହି ସଙ୍ଗେ ଗୋଟିଏ ସଂକ୍ଷିପ୍ତ ବିବରଣୀ ମୁଁ ପଠାଉଛି । ଘଟଣା ସବୁକୁ ଯୋଗାଡ଼ କରି ରଖ ଏସବୁ କି କଥା ? ଏହାର ଉତ୍ତର ତୁମେ ଯଦି ଜାଣିପାର ମୋତେ ଲେଖିବ—କିନ୍ତୁ ବର୍ତ୍ତମାନ ସେ ଭବିଷ୍ୟତ୍‌ର ଗର୍ଭ ଆସନ୍ତା ଦଶମାସ ପରେ କିଏ ଜଣାଇପାରିବ ?...”

(ଚିଠି ଅସମ୍ପୂର୍ଣ୍ଣ । ଏହା 'ସମାଜ' ଦୈନିକରେ ପ୍ରକାଶିତ ହୋଇଅଛି । )

### ତାଙ୍କର ଦୁଃଖପ୍ରଦ ମୃତ୍ୟୁ

ଅଗଷ୍ଟ ୨୩ ତାରିଖ ମଙ୍ଗଳବାର ଦିନ ୭ଟା ବେଳେ ତାଙ୍କର ଗର୍ଭକଷ୍ଟ ଆରମ୍ଭ ହେଲା ।

ସେ ଇଚ୍ଛା କରିଥିଲେ ହସ୍ତୀରି ବଡ଼ ବଡ଼ ଡାକ୍ତର ମଧ୍ୟ ନିଯୋଗ କରିପାରିଥାନ୍ତେ । କିନ୍ତୁ ବାସ୍ତବତା ତାଙ୍କୁ ଘାରିଲା । ତାଙ୍କ ଗର୍ଭରୁ ବିଶ୍ୱବନ୍ଦିତ ଜଗନ୍ମୋହନ ଜନ୍ମହେବ । ସେ ସମସ୍ତ ବିଶ୍ୱକୁ ଚମତ୍କୃତ କରିଦେବ । ତାଙ୍କ କଳ୍ପିତ ସନ୍ତାନ ମଧ୍ୟ କଥା କହିବ । ଏହା ସେ ଅନ୍ୟ ସମୟରେ କିପରି ହେବ ?

ପ୍ରସବ ପରେ କାଳେ ଅଧିକ ରକ୍ତସ୍ରାବ ହୁଏ, ଅଥବା ମୂର୍ଚ୍ଛା ହୁଏ, ଏପରି ନାନା-କଥା ଚିନ୍ତା କରି ସେ ଅଗ୍ରିମ ଇନଷ୍ଟ୍ରକସନମାନ ବ୍ରହ୍ମସ୍ୱରୂପଙ୍କୁ ସମଝାଇ ଦେଇଥିଲେ । ନର୍ସ ତାଙ୍କର ଥିଲା । ତାଙ୍କର ସେତେବେଳେ ଗୁଜରାଟୀ ଥିଲା ବାଦାମୀ ବୋଲି ଗୋଟିଏ କୃଷ୍ଣବର୍ଣ୍ଣର ଘୋଡ଼ୀ ଥାଇ । ଭୋଳା ନାମରେ ଗୋଟିଏ ବଳିଷ୍ଠ କୁକୁର ଥିଲା । ସେ ମଧ୍ୟ ଗୁଜରାଟିଆ । ପ୍ରାୟ ୭ ଟାରେ ପୁଅଟିଏ ଜନ୍ମ ହେଲା । କଣ ହେଲା ବୋଲି ସେ ପଚାରନ୍ତେ ନର୍ସ କହିଦେଲା—ନା' ପୁଅଟିଏ । ସେ ଆନନ୍ଦରେ ଅଧୀର ହୋଇ ଧୀରେ ଧୀରେ ମୂର୍ଚ୍ଛା ହୋଇଗଲେ । ତତକ୍ଷଣାତ ଓ ଅଭିଜ୍ଞଙ୍କର ଡାକ୍ତର ବ୍ରହ୍ମସ୍ୱରୂପ ଗୋଟିଏ ଇଣ୍ଟ୍ରାଭେନସ ଇଂଜେକସନ୍ ଦେଇସାରିବା ପରେ କୁନ୍ତଳାକୁମାରୀ ଚିରଦିନ ପାଇଁ ଆଖି ବୁଜିଦେଲେ ।

ଆର୍ଯ୍ୟ ସମାଜ ସେତେବେଳେ ଡାକ୍ତରଣୀଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆଉ ନ ଥିଲେ । ତେଣୁ ହିନ୍ଦୁ ବ୍ରାହ୍ମଣଙ୍କଦ୍ୱାରା ଶବ ସତ୍କାର କରାଗଲା । ଆର୍ଯ୍ୟ ସମାଜରେ ଥିଲେ ଯାହା ହୋଇଥାନ୍ତା, ତାହା ହେଲା ନାହିଁ ସତ, ତେବେ ତାଙ୍କ ଶବ ଶୋଭାଯାତ୍ରାରେ ବହୁ ଦେଶକର୍ମୀ, ଗଣ୍ୟମାନ୍ୟ କେତେ ବ୍ୟକ୍ତି, ସ୍କୁଲ କଲେଜର ଛାତ୍ର, ଶିକ୍ଷକ, ଅଧ୍ୟାପକ କେତେଜଣ ଏବଂ ଭିନ୍ନ ସଂସ୍ଥାର ପ୍ରତିନିଧି କିଛି ଯୋଗଦେଇଥିଲେ । ଯମୁନା କୂଳରେ ହିନ୍ଦୁ ଶ୍ମଶାନରେ ଶବ ଦାହ କରାଯାଇଥିଲା ।

ତାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ବ୍ରହ୍ମସ୍ୱରୂପ ଦିଲ୍ଲୀରୁ ସମସ୍ତ ସମ୍ପତ୍ତି ରେଲଓ୍ୱେ ପାର୍ଶଲରେ ପଠାଇ ଦେଇ ଶିଶୁ ପୁଅଟିକୁ ସଙ୍ଗରେ, ଭୃତ୍ୟ ଏବଂ ଭୁଲିଆ ଭୋଳା ଓ ବାଦାମୀକୁ ଧରି କଟକ ଚାଲିଆସିଲେ ଓ ପୁରୀଘାଟରେ ଗୋଟିଏ ଭଡ଼ାଘରେ ବିଶ୍ରାମ କଲେ । କେତେଦିନ ପରେ କୁନ୍ତଳାକୁମାରୀଙ୍କର ବଡ଼ଝିଅଟି ମରିଗଲା । ବାକି ଦୁଇଟି ସନ୍ତାନଙ୍କୁ ସେ ପାଳନ କଲେ । ବ୍ରହ୍ମସ୍ୱରୂପ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ, ଶିଶୁ ଦୁଇଟିଙ୍କୁ ଦୁଃଖ ମଧ୍ୟରେ ରଖି ଅକାଳେ ଆଖି ବୁଜିଲେ । ସେ ଖବରଟି ଏ କ୍ଷେତ୍ରରେ ଆଲୋଚନା କରି ଲାଭ ନାହିଁ । ଶିଶୁ ଦୁଇଟି ସାଧାରଣ ଜୀବନ ଯାପନ କରନ୍ତି ମାତ୍ର, ତାଙ୍କ ପାଇଁ କୁନ୍ତଳାକୁମାରୀ ଯେଉଁ ଉଚ୍ଚ ଚିନ୍ତା କରିଥିଲେ ତାହା ସମ୍ଭବ ମୃତ୍ୟୁ ବିଧାତା ଚକ୍ରାନ୍ତରେ କଳ୍ପନାରେ ସମାପ୍ତି ଲଭିଛି ।

ଡାକ୍ତରଣୀଙ୍କ ମୃତ୍ୟୁ ସମ୍ବାଦ ଦେଶରେ ହେବା ପରେ ଓଡ଼ିଶାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେବାଦ୍ୱାରା ଉତ୍କଳର ଗଣ୍ୟମାନ୍ୟ ମନସ୍ୱୀମାନେ ତାଙ୍କ ପାଇଁ ଗଭୀର ଶୋକୋଚ୍ଛ୍ୱାସ ପ୍ରକଟିତ କରିଥିଲେ । ତାଙ୍କ ସମ୍ମାନରେ ସମଗ୍ର ଉତ୍କଳର ବହୁ ବିଶିଷ୍ଟ ନରନାରୀ ତାଙ୍କ

ଜୀବନ୍ରେ ଯଥାଯଥ ମର୍ଯ୍ୟାଦା ତ ଅର୍ପଣ କରିଥିଲେ, ତଥାପି ମୃତ୍ୟୁ ପରେ ସେହି ଅସାମାନ୍ୟା ଉତ୍କଳର ବରଲଳନା ପାଇଁ ଯେ ଯାହା ଲେଖିଛନ୍ତି ତାହା ନିମ୍ନରେ ଦିଆଗଲା ।

## କୁନ୍ତଳାକୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି

'କୁନ୍ତଳାଠାରେ ମହାମାନବତାର ଆଘାତ ଓ ସ୍ପର୍ଶ ମୁଁ ପାଇଥିଲି । ମୁଁ ତାଙ୍କୁ ନିଜପଣ ଦେଖୁଥିଲି । ଯଥାର୍ଥ ପ୍ରତି ଅମର ଶ୍ରଦ୍ଧା ଓ ଭକ୍ତି ଯଥେଷ୍ଟ ଥିଲା । ସେ ଥିଲେ ବିଦୁଷୀ, ସ୍ନେହପୂର୍ଣ୍ଣା, ବାକ୍ପଟୀୟସୀ, କବି, ବସ୍ତୁଜ୍ଞ, ପ୍ରତ୍ୟୁତ୍ପନ୍ନମତି ସୃଷ୍ଟି ଅତି ଦୟାବତୀ । ସେ ମୃତ୍ୟୁର କିଛି ଦିନ ପୂର୍ବରୁ ଗର୍ଭବତୀ ଥିବାବେଳେ ଜଗନ୍ନାଥ ମୂର୍ତ୍ତି ସହିତେ ଜହରଲାଲ, ଗାନ୍ଧି, ରାମକୃଷ୍ଣ, ଖ୍ରୀଷ୍ଟ ପ୍ରଭୃତିଙ୍କ ଛବି ମଧ୍ୟ ଧ୍ୟାନମଗ୍ନରେ ପୂଜା କରୁଥିଲେ ।'

(ଲକ୍ଷ୍ମୀନାରାୟଣ ସାହୁ)

'ତାଙ୍କର ଜାତୀୟତା ଉଦ୍ଦୀପ୍ତ ଆବେଗମୟୀ କବିତା ପ୍ରଭାବରେ ଶ୍ୟାମା ଉତ୍କଳ ଭୂମି ପ୍ଲାବିତ ହୋଇଅଛି । ତାଙ୍କ କବିତାରେ ଯେଉଁ ଅବାଧ ଭାବସ୍ରୋତ, ସରଳ ପ୍ରାଣର ଆନ୍ତରିକତା ସହିତ ପରିସ୍ଫୁଟ ହୋଇ କର୍ଣ୍ଣ ମଧ୍ୟ ଦେଇ ମର୍ମ ସ୍ପର୍ଶ କରୁଅଛି, ତାହାର ତୁଳନା ନାହିଁ । ଯୁଗେ ଯୁଗେ ଏହି ମନସ୍ୱିନୀ ମହିଳାଙ୍କର କୀର୍ତ୍ତିଗାଥାର ସ୍ମରଣ ଓ ସମାଦର କରି ଉତ୍କଳବାସୀ ଧନ୍ୟ ଓ କୃତାର୍ଥ ହେବେ ।'

(ଶଶିଭୂଷଣ ରାୟ)

'ଏପରି ଜଣେ ମନସ୍ୱିନୀ ସଦାଚାରିଣୀ ନାରୀ ଦେଖିବା ବିରଳ । ନାରୀ ତ ନାରୀ, କେତେ ପୁରୁଷ ତାଙ୍କ ସଦ୍ଗୁଣର ସମକକ୍ଷ ହେବ ମୁଁ ସ୍ଥିର କରିପାରୁନାହିଁ । 'ସହକାର'ରେ ତାଙ୍କର ପ୍ରଥମ ଲେଖା ପ୍ରକାଶିତ ହୋଇଥିଲା । ତାଙ୍କ ମୃତ୍ୟୁରେ ଉତ୍କଳ ଏକ ଅମୂଲ୍ୟ ରତ୍ନ ହରାଇଛି ।'

(ବାଳକୃଷ୍ଣ କର)

'ଗାଇବା ଯେଉଁପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରବୃତ୍ତି, କବିତା ସେହିପରି କୁନ୍ତଳା ପକ୍ଷରେ ପ୍ରାକୃତିକ ଥିଲା । ଓଡ଼ିଆ ଭାଷାରେ ସେ ଯେଉଁ ନୂତନ ଶକ୍ତି ସଞ୍ଚାରିତ କରିଯାଇଛନ୍ତି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରିନାହିଁ, ପରେ କରିବ ।'

(ଗୋପାଳଚନ୍ଦ୍ର ପ୍ରହରାଜ)

'କୁନ୍ତଳାକୁମାରୀ ଉତ୍କଳ ସାହିତ୍ୟକୁ ଯାହା ଦାନ କରି ଅମର, ତାହୁଁ ବଳି ଅନ୍ୟ ଦିଗରେ ଦୁଃଖୀ ଓ ଅସହାୟମାନଙ୍କୁ ସେବାଦ୍ୱାରା ଅନୁଭବରେ ତାଙ୍କର ନିଃସ୍ୱାର୍ଥ ଦାନ ବା ମହତ, କି ଉଦାର: ମନୁଷ୍ୟତ୍ୱ, ଦେବତ୍ୱ, ମାତୃତ୍ୱ ଏଥିରେ । ଆଦର୍ଶ ମାନବ ଜୀବନ ତାଙ୍କର ।'

(ପୂର୍ଣ୍ଣଚନ୍ଦ୍ର ଘୋଷ)

'କୁନ୍ତଳାଙ୍କ ପରି ପ୍ରତିଭାଶାଳିନୀ ନାରୀଙ୍କର ଆକସ୍ମିକ ଓଡ଼ିଶାରେ ଜନ୍ମ ଥିବାର ଦ୍ୱିତୀୟ ଉଦାହରଣ ଖୋଜିବା ପାଇଁ ବର୍ତ୍ତମାନ ଓଡ଼ିଆ ଭକ୍ତଙ୍କ ମୁଣ୍ଡ ମଧ୍ୟ ବୁଲିଯିବ । ଜୀବନର ଅଧିକାଂଶ ସମୟ ବିଦେଶରେ ରହି, ପୃଥକ୍ ଧର୍ମଗୋଷ୍ଠୀରେ ଜନ୍ମି ଏବଂ ବିଦେଶୀ ଭାଷାରେ ଶିକ୍ଷା ଲାଭକରି ମଧ୍ୟ କୁନ୍ତଳା ଓଡ଼ିଶା ପାଇଁ, ଏଠାର ନଦୀ ନାଳ, ଗ୍ରାମପ୍ରାନ୍ତର, ଦେବଦେବୀ, ଧନୀ ଦରିଦ୍ର ଓ ସୁଖ ଦୁଃଖ ପାଇଁ ଯେତେ ପ୍ରାଣ ଓ ଯେତିକି ଆବେଗ ଢାଳିଦେଇଥିଲେ, ତାହାକୁ ଓଜନ କଲେ ତାଙ୍କଠାରୁ ଅଧିକ ଓଡ଼ିଆ ହୋଇ ଆଉ କେଉଁ ପୁଅ ବା କେଉଁ ଝିଅ ଏ ଦେଶକୁ ମିଳିବେ ?'

(ଭାଗବତୀଚରଣ ପାଣିଗ୍ରାହୀ)

'ଧର୍ମ୍ମ, ଘରର କୁଳକାମିନୀ ଏବଂ ସ୍ନେହବତ୍ସଳା ଜନନୀ ସେ । ସେ ଜଣେ ଉଚ୍ଚଦରର କବି । ମୁଁ ବା ସେ ବିଷୟରେ କଣ କହିପାରେ ? ତଥାପି ତାଙ୍କ ପୂଜାଘରେ ମୋ ଦ୍ୱାରା ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋ ପୂଜାପୀଠରେ ପ୍ରତିଷ୍ଠା କରାଇଥିଲେ । ଦେଖିଲି, ତା' ଘରର ପ୍ରତ୍ୟେକ ଲୋକ, ସ୍ୱାମୀ ଚାକର ସହିତେ, ନୂଆ ଲୁଗା ପିନ୍ଧି ଆସିଲେ । ଫୁଲମାଳ, ଚନ୍ଦନ, ନୂଆଲୁଗା ଇତ୍ୟାଦି ଉପକରଣରେ ସେ ଫଟୋକୁ ସଜ୍ଜିତ କରି ମୋ' ହାତରେ ଦେଲେ ଦେବଙ୍କ ସିଂହାସନରେ ଫଟୋକୁ ଉପସ୍ଥାପନ କରିବା ପାଇଁ । ଓଃ, ସେ ମୁହୂର୍ତ୍ତ ମନେପଡ଼ିଲେ ମନରେ ପୁଲକ ଜାତ ହୁଏ । ତାର ଏ ମହତ୍ତ୍ୱ ହୃଦୟ, ତାର ଧର୍ମ୍ୟ-ପୂଜା ମୋତେ ଚକିତ କରିଥିଲା ।'

(ଜାହ୍ନବୀ ଦେବୀ)

'କୁନ୍ତଳାକୁମାରୀ ଆଜି ଉତ୍କଳ କଥା ସେ ଜପ କରୁଥିଲେ, ଉତ୍କଳର ଶ୍ୟାମପ୍ରାନ୍ତର, ଉତ୍କଳର ଶୋଭାମୟୀ ପ୍ରକୃତି, ଉତ୍କଳର ପୂର୍ବଗାରିମା, ଉତ୍କଳର ବର୍ତ୍ତମାନ, ଅଧଃପତନ, ଧର୍ମ୍ମସ୍ୱାତନ୍ତ୍ର୍ୟ ଏବଂ ତାର ସମ୍ଭାବନା ମହତ୍ତ୍ୱର ଭବିଷ୍ୟତ କଥା; ତାର ବର୍ତ୍ତମାନର ଦୁର୍ଦ୍ଦିଶାର ବେଦନା କଷ୍ଟିକା ଭିତରେ ଯାହାଙ୍କର ଚିତ୍ତ ଆଲୋଡ଼ନ କରୁଥିଲା, କାବ୍ୟକଳାରେ ଯେ ଜାତିର ନୂଆ, ଜାତିର ଢେର ଅଧିକତର ଉପରେ ଚଢ଼ାଇଦେଇ ଯାଇଛନ୍ତି, ସେ ଚିରସ୍ମରଣୀୟ ନହେବେ କାହିଁ ଆଉ ହେବ ? ମୋ ଜୀବନର ଯେତେ କାଳରେ ସେହି କବିଙ୍କ ନାମ ମୋର ମାନସ ସରସୀରେ ଶତଦଳ ହୋଇ ଫୁଟିଥିଲେ । ସେ ଥିଲେ ଯଶସ୍ୱିନୀ ଡାକ୍ତରାଣୀ, ସାହିତ୍ୟକ୍ଷେତ୍ରରେ ଲବ୍ଧପ୍ରତିଷ୍ଠା ଲେଖିକା । କବିତା କୁଞ୍ଜର ତରୁଣ ବନ୍ଧୁଙ୍କ । ଏତେ ବଡ଼ ବ୍ୟକ୍ତିଙ୍କ ଜୀବନ କାହାଣୀ ଉପରେ କହିଥିଲି, ତାହା ଜାଣିବା ପାଇଁ ବୋଧହୁଏ ଲୋକେ ଆଗ୍ରହାନ୍ୱିତ ହେଉଥିବେ । ମୋତେ ଏତିକି ଦୃଶ୍ୟ ଯେ, ତାଙ୍କ ଜୀବନକୁ ସେମିତି ପରିପ୍ରେକ୍ଷୀରେ ପରିସ୍ଫୁଟ କରିବେ ବୋଲି ପ୍ରଥମେ ସେ କଳ୍ପନା କରିଥିଲେ, ସେହି କଳ୍ପନା କାର୍ଯ୍ୟରେ ପରିଣତ ହୋଇପାରି ନଥିଲା । ତାଙ୍କର କାବ୍ୟ, କବିତା, ଉପନ୍ୟାସ ପ୍ରବନ୍ଧାଦିରେ ସ୍ଥାନେ ସ୍ଥାନେ ତାଙ୍କ ଜୀବନର କେତେକ ପ୍ରତିଚ୍ଛବି ପ୍ରତିଫଳିତ ହୋଇଥିବା ପରି ଜଣାପଡ଼େ ।

ଆଂଶିକ ବାର୍ତ୍ତାର ବିଶାଦ ଆଲୋଚନା ତାଙ୍କ ଜୀବନକୁ କେତେକ ପରିମାଣରେ ଆବୃତ କରିଦେଇଥିବାପରି ଜଣାଯାଏ । ଆଦର୍ଶ ଜୀବନ ଯାପନ କରିବେ ବୋଲି, ନିଜର ଜୀବନକୁ କଳ୍ପନାର ସମତ୍ୱ କରି ଗଢ଼ିବେ ବୋଲି ସେ ଖ୍ରୀଷ୍ଟାନ ସମାଜ ସହିତ ବିଦ୍ରୋହ କରି ଧର୍ମାନ୍ତର ଗ୍ରହଣ କରିବାକୁ କୁଣ୍ଠାବୋଧ କରି ନଥିଲେ; କିନ୍ତୁ ସେ ଭକ୍ତି ଲକ୍ଷ୍ୟ ସାଧନାରେ କେତେଦୂର ସଫଳକାମ ହୋଇଥିଲେ, ତାହା ଭବିଷ୍ୟତ ଐତିହାସିକ ନିରୂପଣ କରିବେ ।'

(ସରଳା ଦେବୀ)

'ଭାରତରେ କିମ୍ବା ଜଗତରେ ଓଡ଼ିଶାର ସ୍ଥାନ କାହାରିକି ଅବିଦିତ ନାହିଁ । ତଥାପି ଓଡ଼ିଆ ଉପେକ୍ଷିତ ହେଉଥିଲେ ଭଲେ । ମାଏ କୁନ୍ତଳା ପ୍ରିୟ ଜନ୍ମମାଟି ଓଡ଼ିଶା ଛାଡ଼ି ଜୀବନର କର୍ମକ୍ଷେତ୍ର ସ୍ୱରୂପ ବାଛିନେଇଥିଲେ ମହାନଗରୀ ଦିଲ୍ଲୀ । ତାଙ୍କର ବହୁମୁଖୀ ଜୀବନର ବିକାଶ ସେ କରି ପାରିଥିଲେ ସେଇଠାରେ । ଶତ ଶତ ଓଡ଼ିଆ ଆଜି କଲିକତାର ଗଳିକନ୍ଦିରେ, ଆସାମର ଚା' ବଗିଚାରେ ଉଚ୍ଛିଷ୍ଟ ଖାଇ ଦିନ କାଟି ଯାଉଛନ୍ତି । ସେ କିନ୍ତୁ ନାରୀ— ଦିଲ୍ଲୀରେ ମହାମାନ୍ୟବର୍ଗଙ୍କ ଅନ୍ତରଙ୍ଗ ଭାବରେ ଯେଉଁ ଆସନ ପ୍ରତିଷ୍ଠା କରିପାରିଥିଲେ, ତାହା ଆଜିଯାଏ କୌଣସି ପୁରୁଷଙ୍କ ପକ୍ଷରେ ସମ୍ଭବପର ହୋଇନାହିଁ । ତାଙ୍କ ଯୋଗୁଁ ଆଜି ଦୂର ଦିଲ୍ଲୀରେ ମଧ୍ୟ ଆମ ଜାତି ଓ ଗୌରବ ଅକ୍ଷୁଣ୍ଣ ରହିଅଛି ।'

(ରାଧାମୋହନ ଗଡ଼ନାୟକ)

'ନୁହେଁ ସେ ତ ଖାଲି ନାରୀ, ଖାଲି ମାତା ଅବା ଖାଲି କବି
ଜାତିର ସ୍ୱପନରେ ସେ ସେ ସଙ୍କେତ ଦେଖାଇଛି ଭୈରବୀ
ଅତୀତ ସେ ଧରିଛି ଅଗ୍ନି ପଥେ ସିନା ଧରିଛି ଲେଖଣୀ
ତେଣୁ ତାର ପ୍ରତିଭାକୁ ଅନ୍ତରେ ଦେଖିଲ ଧମନୀ ।

× × × ×

ଶିରେ ଶିରେ ଆଜି ତାହା ଲାଗି ଉଠିଲା ସ୍ପନ୍ଦନ
ଏ ଜାତିର ପ୍ରତି ଘରେ ତାର ସ୍ତବ ବିଜୟ ବନ୍ଦନ
କାହିଁଗଲା ସେ ସୈନିକ କବି
କୁଙ୍କୁମ ଶୋଣିତେ ଯେହୁ ଫୁଟାଇଲା ମୁକ୍ତିର ଛବି ।'

(ସଚ୍ଚିଦାନନ୍ଦ ରାଉତରାୟ)

'ଓଡ଼ିଶାର ନାରୀରତ୍ନ କୁନ୍ତଳା କୁମାରୀଙ୍କର ଅଲୌକିକ ପ୍ରତିଭା କେବଳ ଓଡ଼ିଶାକୁ ଗୌରବିତ କରିନାହିଁ, ଭାରତବର୍ଷରେ ସେ ଗୌରବ ବ୍ୟାପୀ ଯାଇଛି । ତାଙ୍କ ପାଇଁ ଓଡ଼ିଶା ଜଗତରେ ମୁଣ୍ଡ ଟେକିଛି । ଓଡ଼ିଆ ନାରୀର ପ୍ରତିଭା କେବଳ ଗୃହିଣୀ ସ୍ୱପାଦରେ ଲୁଚି,

ଶିକ୍ଷୟିତ୍ରୀ ରୂପରେ ନୁହେଁ, ଦେଶସେବିକା ଓ ସାହିତ୍ୟ ସେବିକା ରୂପରେ ଯେଉଁ ଝଳରେ ପଡ଼ୁଅଛନ୍ତି, ତାହା ପାଶ୍ଚାତ୍ୟଜଗତର କର୍ମକୁଶଳା ଆଧୁନିକା ନାରୀଠାରୁ କୌଣସି ଦିଗରେ କମ୍ ନୁହେଁ । × × × ଓଡ଼ିଆ ନାରୀ ଜଣେ ସ୍ୱାମୀ (ସ୍ୱୟଂସ୍ୱପା) କୁ ଜନର ମୂର୍ତ୍ତିରେ ଆବଦ୍ଧ କରି ସେଥିରେ ଜୀବନ୍ତ ଦେଖାଇବା ଏ ଦରିଦ୍ର ଓଡ଼ିଶାର ଉଲ୍ଲାସ ଓ ସ୍ୱପ୍ନଭରା ସୌଭାଗ୍ୟ ଛଡ଼ା ଆଉ କଣ ହୋଇପାରେ ?'

(ଶରତ୍ଚନ୍ଦ୍ର ପାଣିଗ୍ରାହୀ)

'ଲକ୍ଷ୍ମୀ ଏବଂ ସରସ୍ୱତୀ ଏକତ୍ର ସମଭାବରେ ଅବସ୍ଥାନ କରନ୍ତିନାହିଁ—ଏପରି ଯେଉଁ ପ୍ରବାଦ ରହିଆସିଥିଲା, ତାହା କୁନ୍ତଳା ପ୍ରତ୍ୟକ୍ଷ ଭାବରେ ନିଜ ଜୀବନକୁ ନେଇ ଅପ୍ରମାଣିତ କରି ଦେଇ ପାରିଛନ୍ତି । ତାଙ୍କଠି ଥିବା ନିଷ୍ପୃହ ଅପରିଗ୍ରହପ୍ରବଣତାର ଗୁଣ ବିରଳ ଦେଖାଯାଏ ।'

(ରୁକ୍ମଣୀ ମଙ୍ଗରାଜ)

'ସେ ଯେତେ ସଦ୍ଗୁଣ ତାଙ୍କ ଜୀବନର ଏଇ କେତେ ବର୍ଷରେ ଦେଖାଇଗଲେ, ତାର ସୀମା ବହୁ ସଦ୍ଗୁଣର ସୃଷ୍ଟିକୁ ବଳିଗଲା । କେହି ତାଙ୍କ ସବ ସଦ୍ଗୁଣବେତା କହିହେବ ।'

(ବ୍ରଜକୃଷ୍ଣ ଘୋଷ)

'ତାଙ୍କ ସମ୍ବନ୍ଧରେ ଯେତିକି ଶୁଣିଛି ଏବଂ ଜାଣିଛି, ସେ ଜଣେ ପରୋପକାରିଣୀ ଗୁଣବତୀ ମହିଳାରତ୍ନ ଥିଲେ । ତାଙ୍କର ଜୀବନ ଯେକୌଣସି ପୁରୁଷ ପକ୍ଷରେ ମଧ୍ୟ ଈର୍ଷାର ବିଷୟ ଥିଲା ।'

(ପଣ୍ଡିତ ଗୋଦାବରୀଶ ମିଶ୍ର)

'କୁନ୍ତଳାକୁମାରୀଙ୍କ ମଧୁମୟ ଜୀବନ ଚିରସ୍ମରଣୀୟ ରହିବ । ତାଙ୍କପରି ସ୍ୱାଭାବିକ ପ୍ରତିଭାଶାଳିନୀ ନାରୀ, ବିଶେଷରେ ଆଜିକାଲିର ନିରାଡ଼ମ୍ବର ସମ୍ପୂର୍ଣ୍ଣ ଶିକ୍ଷା କରୁଥିବା ଯୁବତୀ ଯେତେଗୋଟି ଥିଲେ ଓ ଅଛନ୍ତି, ତନ୍ମଧ୍ୟରେ ସେ ଅନ୍ୟତମ । ମୁଁ ଦିଲ୍ଲୀରେ ତାଙ୍କ ଆତିଥ୍ୟରେ ମୁଗ୍ଧ ହୋଇଥିଲି ।'

(ପଣ୍ଡିତ ଲିଙ୍ଗରାଜ ମିଶ୍ର)

'କୁନ୍ତଳାକୁମାରୀଙ୍କର ରଚିତ ପୁସ୍ତକାବଳୀ ହୁଏତ ହେବ ଏ ଦେଶର ଯୁବକର ଦୃଷ୍ଟି ଅଗ୍ରସରରେ ବଢ଼ିଯାଇପାରେ । ତାଙ୍କର ଚିକିତ୍ସା ବିଦ୍ୟାରେ ନିପୁଣତା, ସାହିତ୍ୟର ସମସ୍ତ ଦିଗରେ ପାରଦର୍ଶିତା ବା ଅନ୍ୟ ପ୍ରାଦେଶିକ ଭାଷାରେ ବକ୍ତୃତା, ହୁଏତ ଏ ଦେଶ ହେବ ପାଶୋରିପକାଇପାରେ । କିନ୍ତୁ ନାରୀର ସ୍ଥାନକୁ ଉଚ୍ଚଶାଳୀ କରିବାକୁ ସେ ଯେଉଁ

ସମସ୍ତ ସଙ୍ଗୀତ ରଚନା କରିଥିଲେ, ତାହାର ସୁଦୀର୍ଘ ସେବକଥା ଚିରଦିନ ସ୍ମରଣ କରିବ । କୌଣସି ଜାତି ତାର ଜାତୀୟକବିକୁ ଭୁଲିଯାଇ ନାହିଁ ।'

(ବଳରାମ ମହାନ୍ତି)

'ଅର୍ଚ୍ଚନା ଓ ପ୍ରେମଚିନ୍ତାମଣିର ଲେଖା ଭିତରେ ସେମାନଙ୍କର ସଙ୍ଗୀତପ୍ରାଣ ସତ୍ତା, ସ୍ୱର, ଓ ଶବ୍ଦ ସମ୍ଭାରର ସୁମାର୍ଜିତ ସମାବେଶ ଦେଖିଲେ ଶବ୍ଦରେ ଗ୍ରଥିତ ସ୍ୱରଲହରୀ କୁନ୍ତଳାକୁମାରୀ ଅମର ହେଲେ । ଆଖିରେ ଲୁହ ଭରସାଏ, ହୃଦୟରେ ତାଙ୍କ ସଙ୍ଗୀତର ସ୍ୱର ସଞ୍ଚରଣର ପ୍ରେରଣା ପାଇ ତନ୍ମୟ ହୋଇଉଠେ—ସଙ୍ଗୀତର ସ୍ୱର ସହିତ ସୁଯୋଗ୍ୟ ସ୍ୱର ସଂଯୋଜନାର କୃତଜ୍ଞତାର୍ଘ୍ୟ ଦେଇ ।

ଆମେ ମୋତିର ବାସ୍ତବ ଆଦର କରି ପାରୁଛୁ କି ନା, ସେଉଁଦିନ ତାଙ୍କର ମୋହରେ ଧରି ଗୁରୁ ଘରେ ଘରେ ଆମ ଦୁଇ ଭଉଣୀ ତାଙ୍କୁ ଶିଖେଇବା ଆଗ୍ରହ ଦେଖାଇପାରିବୁ—କୁନ୍ତଳା ସେଦିନ ପ୍ରତ୍ୟେକ କୋଟିଏ ମୂର୍ତ୍ତିଧର ଆମ ମହିରେ ପୁଣି ଗାଇବେ ସ୍ୱର୍ଗର ମହାସଙ୍ଗୀତ ।'

(କାଳଚରଣ ପଟ୍ଟନାୟକ)

'ହେ ସୁରଭି ! ତବ କୀର୍ତ୍ତି ଉତ୍କଳଗଗନେ ଚିର ଉଜ୍ଜ୍ୱଳ ।
ଅୟି ସୁରଭିନନ୍ଦନୀ, ଓଡ଼ିଆ ସାହିତ୍ୟେ ଦେଇଛ ଯେ ଦାନ
ଯୁଗେ ଯୁଗେ ଗାଉଥିବ ତବ ଓଡ଼ିଆର ପ୍ରାଣ ।'

(ସୁରପ୍ରିୟା ଦେବୀ)

'ସେ ଥିଲେ ଜଣେ ସାଧ୍ୱୀ ନାରୀ । ସେହି ନାରୀଙ୍କ ଜ୍ୟୋତି ଓ ଆଦର୍ଶରେ ଅନୁପ୍ରେରଣା ଲାଭକରି ଯେବେ ଦେଶବାସୀ ଯଥାସାଧ୍ୟ ଜନଜୀବନରେ ସେବାରେ ପାଳନ କରନ୍ତି, ତେବେ ତାଙ୍କ ଲେଖା ସାର୍ଥକ ହେବ । ଏହି ମହିମାମୟୀ ନାରୀଙ୍କର ସ୍ମୃତିରେ ଜୀବନ ପାଇଁ ନୂଆ ରାସ୍ତା, ନୂଆ ଲକ୍ଷ୍ୟ ମିଳେ । ଜୀବନର ନୂଆ ଅର୍ଥ ମଧ୍ୟ ବୁଝାପଡ଼େ ।'

(ଶରତକିଶୋର ଘୋଷ, ଅଡ୍‌ଭୋକେଟ୍ ଜେନେରାଲ)

'ଆମ୍ଭମାନଙ୍କ ବରେଣ୍ୟା କୁନ୍ତଳା ଭଗବତୀ ଭାରତୀଙ୍କର ଜଣେ ପରମାନୁଗୃହୀତା ତନୟା । କେବଳ କବି ଯଶ ନୁହେଁ, ସେ ବହୁ ଯଶର ଅଧିକାରିଣୀ । ସେ ଜନସେବିକା ତଥା ଦେଶସେବିକା । ତାଙ୍କ ଭଳି ପ୍ରତିଭାଶାଳିନୀ ଆଦର୍ଶବାଦିନୀ ମନସ୍ୱିନୀ ମହିଳା ଯେକୌଣସି ଦେଶର ଗର୍ବ ଗୌରବ । ସେ ଆଦର୍ଶବାଦୀର ଆଦର୍ଶ, ଭକ୍ତର ଗୁରୁ ଓ ସ୍ୱାଧୀନତାକାମୀର ନେତ୍ରୀ । ଉତ୍କଳୀୟ ନବଯୁଗ ଉଷାର ସେ ପୂର୍ବଗାମିନୀ ପ୍ରଭାତୀ ତାରା ।'

(ବୈଷ୍ଣବଚରଣ ପଟ୍ଟନାୟକ)

'ଡାକ୍ତର କୁନ୍ତଳାକୁମାରୀ ସାବତଙ୍କ ସହିତ ମୁଁ ବହୁକାଳରୁ ପରିଚିତ । ତାଙ୍କର କାବ୍ୟପ୍ରତିଭାକୁ ମୁଁ ଯଥା ସମ୍ମାନ କରିଆସେ । ପ୍ରକାରାନ୍ତରେ ତାଙ୍କର କବିତା ପ୍ରତିଯୋଗୀତାର ଉତ୍କର୍ଷ ପୁରସ୍କାର ଶୀର୍ଷରେ ଶୋଭାପାଏ । ସ୍ୱାଧୀନତାର ଅଗ୍ରଣୀ ସେବକମାନଙ୍କପରି ସେ ଏହି ପୀଡ଼ିତ, ମୂର୍ଚ୍ଛିତ ଉତ୍କଳ ଜନସମାଜର ମୂକ ମୁଖରେ ଭାଷା ଫୁଟାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସ୍ୱାଧୀନ ଆକାଙ୍କ୍ଷାକୁ ବଦ୍ଧ କଣ୍ଠରେ ଗାଇଯାଇଛନ୍ତି ।'

(ଡକ୍ଟର ହରେକୃଷ୍ଣ ମହତାବ)

'ଖ୍ରୀଷ୍ଟାନ ପରିବାରରେ ତାଙ୍କର ଜନ୍ମ ହୋଇଥିଲା ସତ—ଆଧୁନିକ ଶିକ୍ଷାଦୀକ୍ଷାର ଅନେକ ସେ ସୁଯୋଗ ପାଇଥିଲେ ସତ—ତଥାପି ସେ ନାରୀ ଜୀବନର ଚିରକାମ୍ୟ ପତ୍ନୀତ୍ୱ ଓ ମାତୃତ୍ୱ ଗୌରବକୁ ଜୀବନରୁ ଛଡ଼ାଇଦେଇ ନଥିଲେ ।'

(ଅନନ୍ତପ୍ରସାଦ ପଣ୍ଡା)

'ଭାଳନ୍ତି ଏ ଜାତି ପାଇଁ ଉଦେଶେ ଚିନ୍ତା ।
ଜଗାଇ ସଙ୍ଗ ଆଧୁନିକ ଦ୍ୱାରେ ଦେଉଛ ମୁକ୍ତିବାଣୀ
ଛୋଲି ହେ ଶୃଙ୍ଖଳ
ଦେଶର ଅର୍ପିତ କରଣେ ଦୃଢ଼ ହେ ଜାଗ୍ରତ ଜୀବନ ଜଳ !'

(କୃଷ୍ଣପ୍ରସାଦ ଦାସ)

'କୁନ୍ତଳାକୁମାରୀଙ୍କ ଜୀବନରେ ଅଦ୍ଭୁତ ଏକ ସର୍ବତୋମୁଖୀ । କବିତାରେ ସେ ମନୁଷ୍ୟ ଜୀବନ ସହିତ ପ୍ରକୃତିର ଅଖଣ୍ଡ ଯୋଗ ସାଧନ କରି ତାହାର ଲକ୍ଷ୍ୟକୁ ଅତି ଉଚ୍ଚ କରିଦେଇଅଛନ୍ତି । ସେ ଥିଲେ ଦେଶମାତୃକାର ପୂଜାରିଣୀ । ଦେଶ କହନ୍ତେ କେବଳ ଜଡ଼ ପଥର ବନପ୍ରାନ୍ତରରେ ସୀମାବଦ୍ଧ ନ ରଖି, ଦେଖିଛନ୍ତି ରକ୍ତମାଂସ, ଅସ୍ଥିଚର୍ମନିର୍ମିତ ଶଙ୍କରୀ ରୂପରେ ।

ସେ ନାରୀଜାତିକୁ ଦେଶମାତୃକାର ପୂଜା ବେଦୀରେ ଅଞ୍ଜଳି ଦାନ କରିବାକୁ ଡାକନ୍ତି । ତାଙ୍କର ଲକ୍ଷ୍ୟ ଓ ଆଦର୍ଶର ପତାକା ଅନୁସରଣ କରିବା ଆମର କାମନାର ବିଷୟ ହେବା ଉଚିତ ।'

(ଲଳିତା ଦେବୀ)

'କୁନ୍ତଳାକୁମାରୀ ଧନ ମଧ୍ୟ ଦାନ କରିଛନ୍ତି । କିନ୍ତୁ ଧନଦାନ କେବଳ ଦାନ ନୁହେଁ—ଯେଉଁମାନେ ଜ୍ଞାନ ଦାନ କରିଯାଇଛନ୍ତି ସେମାନଙ୍କ ଦାନ ସର୍ବୋତ୍କୃଷ୍ଟ । ଏହି ହିସାବରେ କୁନ୍ତଳାଙ୍କ ଦାନ ସକାଶେ ଉତ୍କଳୀୟମାନେ ତାଙ୍କଠାରେ ଚିରକୃତଜ୍ଞ ।'

(ଜଗବନ୍ଧୁ ସିଂହ)

'ସବୁଜ ତପୋବନର ତପସ୍ୱିନୀ କୁନ୍ତଳାକୁମାରୀଙ୍କର ଜ୍ୱାଳାମୟୀ ଲେଖନୀ-ମୁଖରେ ଉତ୍କଳର ପୂର୍ବଗୌରବ ଶତ ଶତ ଝଙ୍କୃତ, ନିପୀଡ଼ିତ ଆର୍ତ୍ତ ପ୍ରାଣରେ ସଂସ୍ପନ୍ଦିତ ହୋଇଯାଇଛି । ସେ ସ୍ମୃତି ବାଳ୍ୟର ଭଳି କାହିଁ ବା ଉଜ୍ଜଳ ନାହିଁ ! ତାହାହିଁ ଉତ୍କଳର ଜାତୀୟ ଜୀବନରେ ଓ ମୃତକଳ୍ପ ସାହିତ୍ୟରେ ଏକ ମହାଦାନ !'

(ବ୍ରଜକିଶୋର ରାୟ)

'କି ଦେଇ ରଖିବୁ ତବ ଶୁଭ ସ୍ମୃତି
ତୁମେ ଯାଇଛ ତୁମର ଆକାଶ
ସ୍ୱାଧୀନ ଭାରତ ଭୂଷିବ ମହତ୍ତ୍ୱ
କାଳିବୁ ସେ ତବ 'ଆହ୍ୱାନ' ପାଇ ।'

(ଗୌରକିଶୋର ଦାସ)

'ସେ ଥିଲେ ନୂତନ ଯୁଗର ଏକ ଏକାନ୍ତ ସାଧିକା । କବି ଭାବରେ, ଲେଖିକା ଭାବରେ, ପଣ୍ଡିତା ରୂପରେ ଏବଂ ଡାକ୍ତରୀରେ ମହୀୟସୀ ନାରୀ ଭାବରେ ତାଙ୍କୁ ବିଶ୍ଳେଷଣ କରାଯାଇପାରେ ଅନେକ ଦିଗରୁ । ଦେଖିବ, ଓଡ଼ିଆଙ୍କର ଗୋଟିଏ ହିଁ ଶେଷ କେବଳ ସବୁ ପ୍ରଥମ ନୂତନଯୁଗର ସୂଚନାକୁ ନିଜ ଲେଖାରେ, କଥାରେ ଏବଂ ଜୀବନରେ ବରଣ କରି ଆଣିଥିଲେ— ସେ କୁନ୍ତଳାକୁମାରୀ ଦେବୀ ।'

(ରାମପ୍ରସାଦ ସିଂହ)

'କୁନ୍ତଳାକୁମାରୀ ସ୍ମୃତିଭବନେ ତୁମେ
ଜନମି ଆମର ଏ ଉତ୍କଳ ଭୂମେ,
ଅକାଳରେ ଯାହା ଯାଇଅଛ ଭୁଲି
ତୁମ ସ୍ଥାନ ଚିର ରଖିବେଇ ଖାଲି ।
କମ୍ଭୁ ବାଇଅଛ ସେହିଁ ବଂଶୀ ତାର
ଶୁଭୁଥିବ ସଦା ତାହାର ଝଙ୍କାର,
ଗୁନ୍ଥି ଅଛ ଯେଉଁ କୁସୁମ ସକଳେ
ସୌରଭ ଦେବ ତା ଖେଳିବ ପବନେ ।'

(ଲକ୍ଷ୍ମୀଚରଣ ପଟ୍ଟନାୟକ, ରାୟବାହାଦୁର)

'ଅନ୍ତଃ ତ ଜୀବନ ତବ, ପ୍ରକଟ ସେ ତବ କବିତ୍ୱମୂର୍ତ୍ତି
ଦେଖି ଉଚ ଧରି ଦୋଳେ ଦେଶ ଯାହା ଝଙ୍କାରିଲା ସ୍ଫୁର୍ତ୍ତି !
ଅଳପ ବୟସେ ଗଲ ଚାଲିଯାଇ ପ୍ରମାଣ ତ ସେହି
ହେ ସ୍ୱର୍ଗତା କୁନ୍ତଳାକୁମାରୀ, ବନ୍ଦେ ଭାଇ ଅଶ୍ରୁଜଳ ଦେଇ ।'

(ପ୍ରାଣକୃଷ୍ଣ ସାମଲ)

'କୁନ୍ତଳା ବାଣୀ-ରାଣୀ ଥିଲେ । ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶରୂପେ ଘୋଷିତ ହେବାବେଳେ ସେ ସମଗ୍ର ଦେଶବାସୀଙ୍କୁ ଅନୁରୋଧ କରିଥିଲେ, ଅର୍ଥାତ୍ ସମସ୍ତ ଓଡ଼ିଆ— କି ସ୍ତ୍ରୀ, କି ପୁରୁଷ—ନିଜ ନାମ ପୂର୍ବରୁ 'ବୀର ଶ୍ରୀ' ଯୋଗ କରନ୍ତୁ । ମୁଁ ତାହା ଜାଣି ପାରିଥିଲି, ଓଡ଼ିଶାର ଜନ୍ମରେ କୁନ୍ତଳା ଯେପରି ବିଜୟ ଭେରୀ ଧ୍ୱନି ଆଦରେ ଅଂଶେ ଭୁଲିଛନ୍ତି ।'

(କୃପାସିନ୍ଧୁ ପଞ୍ଚଦେବ, ଜୟାନ)

'କୋଟି କଙ୍କାଳମାଳାର ଜୀବନ ଚେତନ୍ତ
ତେଜ ନାହିଁ ତାର ହୃଦୟ,
ତେଜ ନାହିଁ ତବ ଗୀତିଅଶ୍ରୁ ଅ.ରତ
ଅଗ୍ନି ଉତ୍କଳସରସୀ ।'

(ଅନନ୍ତ ବର୍ମା)

'ଶରତର ଜ୍ୟୋତ୍ସ୍ନାରେ କରେ ଝରି କାଶର ମଞ୍ଜରୀ
କେ ଗଢ଼ିବ ସ୍ମୃତିସ୍ତମ୍ଭ, ଅଗ୍ନି କବି ! ପୂଜାର ଅଞ୍ଜଳି ?'

(ବିନୋଦଚନ୍ଦ୍ର ନାୟକ)

'କୁନ୍ତଳାକୁମାରୀ ତାଙ୍କର ଅଗ୍ନି ମନ୍ତ୍ର, ହୃଦୟ ଏବଂ ଆତ୍ମାର ଗଭୀର ଦେଶରୁ ଯେଉଁ ସାହିତ୍ୟ ସୃଷ୍ଟି କଲେ, ତାହା ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଇତିହାସରେ ସର୍ବୋତ୍ତମ ସହାୟକ ହୋଇପାରିଛି ।'

(ଭଗୀରଥ ମହାପାତ୍ର)

'ମାନବର ସଭ୍ୟତାରେ ଯେତେ ସେତେ ଶତାବ୍ଦୀରେ ଉତ୍କର୍ଷତା ଭିନ୍ନ ଭିନ୍ନ ବ୍ୟକ୍ତିମାନଙ୍କରେ ଆମେ ଦେଖୁ, ତାର ଏକତ୍ର ସମାବେଶ ଏହି ଜଣେ ନାରୀଠାରେ ଅତି ଆଶ୍ଚର୍ଯ୍ୟଭାବେ ପ୍ରକାଶିତ ହୋଇଥିଲା । ଏତେ ସଦ୍‌ଗୁଣର ଅଧିକାରିଣୀ ହୋଇ ତାଙ୍କଠି ନମ୍ରତା ଏବଂ ବିନୟ ପରିବର୍ତ୍ତେ ଅହଂକାରର ନାମ ଗନ୍ଧ ଦେଖାଯାଉ ନଥିଲା । ଏ ଜାତିର ସେ ଚିରନମସ୍ୟା ହୋଇ ନିତ୍ୟସ୍ମୃତ ରହିବେ ।'

(ଆଶା)

'ମୋ ଦୀର୍ଘକାଳ ମଧ୍ୟରେ ଭାରତର କୁନ୍ତଳାକୁମାରୀ ଦେବୀଙ୍କ ପରି ଧର୍ମନିଷ୍ଠା, ଗୁଣଶାଳିନୀ, ବୁଦ୍ଧିମତୀ ଏବଂ ବହୁ ଗୁଣସମ୍ପନ୍ନା ନାରୀ କ୍ୱଚିତ ଦେଖିଛି ।'

(ଅନୁବାଦ)

ନାରାୟଣ ସ୍ୱାମୀ
ସଭାପତି, ଅଖିଳ ଭାରତ ଆର୍ଯ୍ୟ ସମାଜ

'କୁନ୍ତଳା ମରିଛନ୍ତି—ଏହା ମୁଁ କଦାପି ବିଶ୍ୱାସ କରିବି ନାହିଁ । କାରଣ ତାଙ୍କର 'ମୃତ୍ୟୁ ମରିଥିବା କଥା' ମୁଁ ନିରନ୍ତର ଅନୁଭବ କରୁଛି । ସେ ମୋର ପରମ ବନ୍ଧୁଗଣ ଭଗିନୀ ଦେବୀ ଥିଲେ । (ଅନୁବାଦ)

ଶ୍ରୀ ଭ ଇନ୍ଦ୍ର (ଦିଲ୍ଲୀ)

'ସ୍ନେହର ଚନ୍ଦ୍ରଧର,

ତୁମ ଚିଠି ପାଇଲି । ତୁମେ କୁନ୍ତଳାଙ୍କ ଜୀବନ ଚରିତ ଲେଖିବ ଏହା ତ ଖୁବ ସିଦ୍ଧାନ୍ତ । ମୋ ବାର୍ତ୍ତା ସେଥିରେ ସ୍ଥାନ ପାଇବ କି ନା ତାହା ତୁମ ହାତର । ତୁମ୍ଭଙ୍କୁ ଅନେକ କହୁଥିଲି, ରହି ଗଲି କି ମୁଁ ପସନ୍ଦ କରୁଥିଲି; କିନ୍ତୁ ତାର ପରିଣତି କଣ ହେଲା ନ ହେଲା, ତାହା ବିଧାତା ହାତର । ବହୁ ନେତୃବର୍ଗଙ୍କ ନୀତିଶାସନ ସ୍ୱେଦବାହିଁ—ସେ ସେମିତି ରହୁ ।

କୁନ୍ତଳାର ୪୮ ବର୍ଷ ମାତ୍ର ଜୀବନକାଳ ଅତି ଅଳ୍ପ । ଏପରି ଔପନ୍ୟାସିକ-ଜୀବନ ଦୃଷ୍ଟାନ୍ତ ଦେଖାଯାଏ । ଆମେ ଦୁହେଁ ପ୍ରତିଜ୍ଞା କରିଥିଲୁ ସ୍ୱଦେଶ ତଥା ଜନନୀ ବ୍ୟବହାର କରିବୁ । ମୁଁ ମୋର ମୃତ୍ୟୁଯାଏ ତା କରିବି । ଶଯ୍ୟା ହେଉ ନହେଲା ହେଉ, ମୁଁ ସ୍ୱଦେଶୀ ବ୍ୟବହାର କରିବି । ଶୁଣିଛି ସେ ମଧ୍ୟ ତାଙ୍କ ପ୍ରତିଜ୍ଞା ଶେଷଯାଏ ରଖିଛନ୍ତି । ଏଥିକରେ ମୁଁ ପରମ ସନ୍ତୋଷ । ୧୯୨୮ରୁ ସେ ମୋଠାରୁ ମୁକ୍ତ । ମୋର କୌଣସି ଖେଦ ନାହିଁ । ସେ ଓଡ଼ିଶାରେ ଥିବାବେଳେ ୮ ବର୍ଷ ମାତ୍ର ଯେଉଁ ସେବା, ସମାଜ ସଂସ୍କାର, ସାହିତ୍ୟ ସାଧନା କରିଛି ସେତିକି ତାର ଶ୍ରେଷ୍ଠତ୍ୱର ନିଦର୍ଶନ । ବାଳ ଧନବର୍ଷର ଲୋକ ଲୁଟି ଯାଇପାରେ, କିନ୍ତୁ ସେ ଆଦର୍ଶ କଦାପି ଲୁଟିବ ନାହିଁ । ତୁମେ ମୁଁ ଏବଂ କୁନ୍ତଳା ଏକାଠି ହୋଇଥିଲେ କଣ କହିଥାନ୍ତେ, ତାହା ସବୁ ଜାଣିଛ ।

ଶୁଭକାଂକ୍ଷୀ

ଡାକ୍ତର କୈଳାସଚନ୍ଦ୍ର ରାଓ (୧୯୪୬) ।'

## ଶୋକ ସମ୍ବାଦ

ଗତ ଅଗଷ୍ଟ (୧୯୩୮) ମାସ ୨୨ ତାରିଖରେ ଉତ୍କଳର ସୁନାମଧନ୍ୟା ନାୟିକା ଉତ୍କଳ ଭାରତୀ କୁନ୍ତଳାକୁମାରୀ ସମଗ୍ର ଓଡ଼ିଆ ଜାତିକୁ ଶୋକଜଳରେ ଭସାଇ ଦେଇ ଅକାଳରେ ପରଲୋକ ଗମନ କରିଅଛନ୍ତି । ଏ ଦାରୁଣ ସମ୍ବାଦ ଏ ପ୍ରଦେଶରେ ପ୍ରଚାରିତ ହୋଇ ଦେଶବାସୀଙ୍କ ପ୍ରାଣେ ପ୍ରାଣେ ଆଘାତ କରିଅଛି ।

କୁନ୍ତଳାକୁମାରୀ ବହୁଦିନହେଲା ଡବାକ୍ତ କର ସ୍ୱାମୀଙ୍କ ସହିତ ବ୍ୟବସାୟ ଉପଲକ୍ଷରେ ଦିଲ୍ଲୀରେ ଅବସ୍ଥାନ କରୁଥିଲେ । ସେଠାରେ ତାଙ୍କର ଆକସ୍ମିକ ମୃତ୍ୟୁ ଅସ୍ମମାନଙ୍କ ନିକଟରେ ପହଞ୍ଚିବାକୁ ବିଳମ୍ବ ହେଲେ ମଧ୍ୟ ସେତେବେଳେ ନିଃସନ୍ଦେହ ଭାବରେ ଜଣାଗଲା, ସେତେବେଳେ ଉତ୍କଳର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶୋକର ଲହରୀ ଖେଳିଗଲା ।

କୁନ୍ତଳା କୁମାରୀ ଏ ଦେଶରେ ଲେଖିକା, କବି ଓ ନାରୀନେତ୍ରୀ ଭାବରେ ସର୍ବଦା ସୁପରିଚିତା ଥିଲେ । ଆଜିକାଲି ଅଧିକ ସଂଖ୍ୟକ ଉତ୍କଳୀୟ ନାରୀ ଉଚ୍ଚଶିକ୍ଷା ପ୍ରାପ୍ତ ହୋଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୁନ୍ତଳାକୁମାରୀ ଯେ ଅଗ୍ରଗଣ୍ୟା ଥିଲେ, ଏଥିରେ ସନ୍ଦେହ ନାହିଁ । ସେ ସ୍ୱୀୟ ଜୀବନରେ ଯେପରି ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ, ପରବର୍ତ୍ତୀ ଜୀବନରେ ମଧ୍ୟ ସେହିପରି ସଂସାର କ୍ଷେତ୍ରରେ ଅନନ୍ୟସାଧାରଣ ଉତ୍ସାହ, ଧୀରତା ଓ ବୁଦ୍ଧିମତ୍ତାର ପରାକାଷ୍ଠା ଦେଖାଇ ଯାଇଅଛନ୍ତି । ତାଙ୍କର କାବ୍ୟ, କବିତା ଓ ଅନ୍ୟାନ୍ୟ ଗଦ୍ୟ ଲେଖାବଳୀ ଓଡ଼ିଆ ସାହିତ୍ୟର ବହୁମୂଲ୍ୟ ସମ୍ପତ୍ତି । ଯେ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଜୀବିତ ଥିବ, ସେ ପର୍ଯ୍ୟନ୍ତ ତାଙ୍କ ରଚିତ ପୁସ୍ତିକାବଳୀର ଆଦର ଓ ଗୌରବ ଅକ୍ଷୁଣ୍ଣ ରହିବ ।

ସେ ପରିଣତ ବୟସରେ ଦୂର ଦେଶରେ ରହି ଡାକ୍ତରୀ ବ୍ୟବସାୟ ସଙ୍ଗେ ସଙ୍ଗେ ବାଣୀ ପୂଜା କରି ଉତ୍କଳପାଇଁ ଗୋଟିଏ ଗୌରବମୟ ନାମ ରଖିଯାଇଅଛନ୍ତି । କାର୍ଯ୍ୟବଶତଃ ବିଦେଶରେ ସୁଦୂର ଦିଲ୍ଲୀରେ ରହିଥିଲେ ମଧ୍ୟ, ସେ ସ୍ୱଦେଶର ତରୁଣ ଏବଂ ବୟସ୍କ ଲେଖକମାନଙ୍କ ସହିତ ସର୍ବଦା ପତ୍ରାଦିର ଆଦାନ ପ୍ରଦାନଦ୍ୱାରା ଘନିଷ୍ଠ ସମ୍ପର୍କ ରଖିଥିଲେ ଏବଂ ତରୁଣ ଲେଖକମାନଙ୍କୁ ନାନା ଭାବରେ ଉତ୍ସାହିତ କରିବା ତାଙ୍କର ପ୍ରଧାନ କର୍ମ ଥିଲା । ସେ ଦିଲ୍ଲୀରେ ରହି ଯୁବା କେତେକ ଲେଖକଙ୍କୁ ନେଇ 'ଉତ୍କଳ ଭାରତୀ ତପୋବନ ସଂଘ' ନାମରେ ଗୋଟିଏ ସାହିତ୍ୟିକ ସଙ୍ଗଠନ ସ୍ଥାପନ କରିଥିଲେ ଏବଂ ତାହାର ସାହାଯ୍ୟରେ କେତେକ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇ ଥିବା କଥା ଆମ୍ଭମାନଙ୍କୁ ଜଣା ଅଛି ।

ଏହିପରି ଭାବରେ ଦେଶର ନାନା ହିତକର କାର୍ଯ୍ୟରେ ବ୍ୟାପୃତା ରହି ସେ ଦୂର ଦେଶରେ ନିଜର ଯୋଗ୍ୟତା, ପାଣ୍ଡିତ୍ୟ ଓ ଅଧ୍ୟବସାୟ ବଳରେ ଉତ୍କଳ ପାଇଁ ଯେଉଁ ସୁନାମ ଅର୍ଜନ କରିଯାଇଅଛନ୍ତି, ତାହା କଦାପି ପାସୋରା ହେବନାହିଁ । ଏପରି ଜଣେ ଦେଶପୂଜ୍ୟା ବିଦୁଷୀ ରମଣୀଙ୍କ ମୃତ୍ୟୁରେ ଆମ୍ଭେମାନେ ନିତାନ୍ତ ଶୋକସନ୍ତପ୍ତ ହୋଇଅଛୁଁ । ଯାହା ହେବାର ତାହା ହୋଇ ଯାଇଅଛି । ଆମ୍ଭମାନଙ୍କ ଅନ୍ତରର ନିବେଦନ, ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ ଏବଂ ତାଙ୍କ ପରିବାର ମଧ୍ୟରେ ଶାନ୍ତି ଓ ଶୁଭାଶୀର୍ବାଦ ବର୍ଷିତ ହେଉ । ଶେଷରେ ଆମ୍ଭମାନଙ୍କର ଆଶା ଯେ, କୁନ୍ତଳାକୁମାରୀଙ୍କ ଦୃଷ୍ଟାନ୍ତ ଏ ଦେଶର ଶତ ଶତ ନାରୀଙ୍କୁ ଉଦ୍‌ବୁଦ୍ଧ କରୁ ।

ଉତ୍କଳ ସାହିତ୍ୟ । ଶ୍ରଦ୍ଧାଞ୍ଜଳି ।
ଆଶ୍ୱିନ, ୧୩୪୭ । ପୃ ୨୬୫ ।

'ନୂଆଦିଲ୍ଲୀ

୧୪ । ୪ । ୬୪

ପ୍ରିୟ ଶ୍ରୀ ମହାପାତ୍ର,

ଆପଣଙ୍କର ଏପ୍ରିଲ୍ ୩ ତାରିଖର ଚିଠି ପାଇ ଧନ୍ୟବାଦ । କୁନ୍ତଳାକୁମାରୀ ସାବତ ତାଙ୍କ ଚିଠିରେ ମୋ ବିଷୟ ଲେଖିଥିବାରୁ ମୁଁ ଗୌରବାନ୍ୱିତ ମନେକରୁଛି । ମୁଁ ଉତ୍ତମ ରୂପରେ ମନେପକାଉଛି, ମୁଁ ଦିଲ୍ଲୀରେ ଦର୍ଶନର ଅଧ୍ୟାପକ ଥିବାବେଳେ ମୋର ତାଙ୍କ ସହିତ ୧୯୩୮ରେ ଥରେ ଦେଖାହୋଇଥିଲା । ସେ ଜଣେ ଅନନ୍ୟସାଧାରଣ ନାରୀ ଥିଲେ ଏବଂ ଅନ୍ତର୍ଦୃଷ୍ଟି ଶକ୍ତିସମ୍ପନ୍ନା ମଧ୍ୟ ଥିଲେ । ସେ ଏକ ନିର୍ଜନ ସ୍ଥାନରେ ରହୁଥିଲେ ଓ ଡାକ୍ତରୀ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ । ହିନ୍ଦୀ ଏବଂ ମରାଠୀ ସାହିତ୍ୟ ସମ୍ବନ୍ଧରେ ସେ ମୋତେ ଅନେକ ପ୍ରଶ୍ନ କରିଥିଲେ । ଜଣେ ଶ୍ରେଷ୍ଠ ନାରୀ କବି ରୂପରେ ତାଙ୍କ ସହିତ ମୋର ପରିଚୟ ଘଟିଥିଲା । ସେହି ସମୟରେ ଓଡ଼ିଆ ସାହିତ୍ୟ ଓ ଭାଷା ସହିତ ମୋର କୌଣସି ପରିଚୟ ନଥିଲା । ତାଙ୍କର ବ୍ୟକ୍ତିତ୍ୱରେ ମୁଁ ମୋହିତ ହୋଇଥିଲି ।

ମୁଁ ଯେବେ ଠିକ୍ ଭାବରେ ସ୍ମରଣ କରେ, ଜୈନେନ୍ଦ୍ର କୁମାର 'କଲ୍ୟାଣୀ' ନାମରେ ତାଙ୍କ ଜୀବନ ଉପରେ ଏକ ଉପନ୍ୟାସ ଲେଖିଥିଲେ । ସେ ଅତି ଆଧୁନିକା ଏବଂ ଉଚ୍ଚଶିକ୍ଷିତା ଥାଇ ମଧ୍ୟ ବସ୍ତ୍ର ପରିଧାନରେ ଅତି ସାଦାସିଧା ଥିଲେ । କେଶଗୁଡ଼ିକ ତାଙ୍କର ଘନକୃଷ୍ଣ, ଚିକ୍କଣ, ଚକ୍ ଚକ୍ ରହୁଥିଲା । ୨୬ ବର୍ଷ ତଳେ ୧୫ ମିନିଟର ଏ ସାକ୍ଷାତ ସ୍ମୃତିପଥରେ ବର୍ତ୍ତମାନକୁ ସାଇତି ରଖିବା କଷ୍ଟକର । ଆପଣଙ୍କୁ ଧନ୍ୟବାଦ ।

ପ୍ରଭାକର ମାଚୱେ

ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ

(ମୂଳ ଇଂରାଜୀରୁ ଅନୂଦିତ)

'ଆଶ୍ରମବାସିନୀ, ଅଶେଷ ସଦ୍‌ଗୁଣବିଶିଷ୍ଟ ନାରୀ ସମାଜ କଥା ଆମେ କେବଳ ଶୁଣିଥାଉଁ ବା କଳ୍ପନା କରୁଁ; କିନ୍ତୁ ବାସ୍ତବରେ ମୁଁ ଏହି ଗୁଣବତୀ ନାରୀଙ୍କଠାରେ ସେହି ମହତ୍ ଗୁଣମାନ ଦେଖି ବିସ୍ମିତ ହୋଇଥିଲି । ଅନସୂୟା, ଅରୁନ୍ଧତୀ, ଗାର୍ଗୀ, ମୈତ୍ରେୟୀ ଏହିପରି କିଛି ଥିବେ ବୋଲି ଏଣୁ ଧାରଣା କରିନେଇଥିଲି । ଏପରି ପାବନଚରିତ୍ରା ନାରୀ ଶିକ୍ଷିତ ସମାଜରେ ଏ ଦେଶରେ କ୍ୱଚିତ୍ ଦେଖାଯାନ୍ତି ।'

(ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର)

ସ୍ମୃତିପୂଜା ଗୀତିକା

କୁନ୍ତଳାକୁମାରୀ ! କିପାଁ ଛିଣ୍ଡିଲେ
ଭସାଇ ଅକାଳେ ନୈତିକ ଜୀବନେ,

ନୂଆକରି ଚିରମୁଖର ଭାଷା
ମୁକ୍ତ ହେଉଛି ଆରମ୍ଭିତ ସାଧନା ହେ,
ଗଲ ଦିବ୍ୟ ଧାମେ ଚଳି ହେ,
ସ୍ନେହ-ସୁମନ ବଚନୁ ସୌରଭ
ଝରିଲୁ କର୍ପି ମହକି ହେ । ୧ ।

ଆଶୈଶବ ଅବହେଳାବନ୍ଧନ
ଭେଦ ଅନ୍ଧକାର କୁହୁଡ଼ି ଯେତେ
ସାଧନା ଗାଉଛୁ ପରମ୍ପରାକୁ
ଅବହେଳି ଧରି ଆସୁଛୁ ବୁଲି ହେ,
ଅବଳା ହୋଇ ସେ ବଳ ହେ,
ଦେଖାଇଣ ପଥ ହେଲେ କାଣ୍ଡାରୀ
ସ୍ମରଣେ ତାଙ୍କ ଅତୁଳ ହେ । ୨ ।

'ଅଞ୍ଜଳି'ରେ ଉଚ୍ଛ୍ୱସିତ ଭକତ
'ପ୍ରେମଚିନ୍ତାମଣି' ଯା ପରଶେ
'ସ୍ଫୁଲିଙ୍ଗ'ର ଉଦ୍‌ବୋଧନ ଶମ୍ପାର
'ରଘୁ ଅରକ୍ଷିତ' ଚକ୍ଷୁ ଅସ୍ଥିର
ଅଙ୍ଗ ଜାଳି ଲୋହ ବର୍ଣ୍ଣ ହେ,
ଗୁଣର ମନ୍ଦିରେ ଉତ୍କଳ ଆରତି
ଭର୍ତ୍ତି ଥିବେ କି ସାଦରେ ହେ । ୩ ।

ଉଷର ଆକାଶେ ରାଷ୍ଟ୍ର ସ୍ୱରାଜ
ଧନ୍ୟ ହେଲେ ଯେଉଁ ତୁମ୍ଭର କୃତି
ଉତ୍କଳ ମଣ୍ଡଳୀ ଟେକ ଆରତି
ବନ୍ଦାଇଁ ଅଞ୍ଜଳି ଅର୍ପଣ ଆଜି ହେ,
ଦାନଗର କରି ଦେବୀ ହେ,
ଚଳି ଯେ ଦେଶକୁ ଫେରିନାହିଁ ଯନ୍ତ୍ରୀ
କାଳେକାଳେ ତ ସନ୍ଦେଶ ହେ । ୪ ।

ଉଦ୍ଧାରତ ଅବତାରି ଏ ଦେଶେ
ଅଗ୍ନିଗର୍ଭବାଣୀ ଲେଖାଁ ଉପଦେଶେ
ଭୂମି ଜାଗରଣ ବିପକ୍ଷୀ ମୌନ

ଦେବ! ଯାଃ କହିଲେ ଚଣ୍ଡୀଚରଣ ହେ,
ଚରଣ ହୋଇ ଅଭିଭୂତ ହେ,
ଦୁଃଖ ପ୍ରତିକୃତି          କରିଲେ ନମସ୍ତେ
ଅଶ୍ରୁ ଝରେ ତାହା ପ୍ଲୁତ ହେ । ୫ ।

୧୦।୧୨।୩୮ରେ କଟକର ରାମଚନ୍ଦ୍ର ଭବନରେ ତାଙ୍କ ପ୍ରତିକୃତି ଉନ୍ମୋଚନ ଉତ୍ସବରେ ପଠିତ କବିତା । ପ୍ରକାଶିତ—ପୃ. ୩୫୫, ୧୩୪୬ ମାର୍ଗଶିର, ୪୬ ଖଣ୍ଡ, ଅଷ୍ଟମ ସଂଖ୍ୟା, ଉତ୍କଳ ସାହିତ୍ୟ ।'

## ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ସ୍ମୃତି ତର୍ପଣ ※

### ଚକ୍ରଧର ମହାପାତ୍ର

ଶ୍ରୀମତୀ କୁନ୍ତଳାକୁମାରୀ ୩୮ ବର୍ଷ ପାଇଁ ସଂସାରକୁ ଆସି ଯାତ୍ରା କରିଗଲେ, ଅଳ୍ପଲୋକଙ୍କ ଭାଗ୍ୟରେ ତାହା ଘଟିଥାଏ । ଏହି ୩୮ ବର୍ଷ ମଧ୍ୟରୁ ପ୍ରାୟ ୨୦ ବର୍ଷ ଅନ୍ଧକାର ମଧ୍ୟରେ ରହିଥିଲା । ସେଥିରେ କଅଣ ଭଲ ଥିଲା, କଅଣ ମନ୍ଦ ଥିଲା, ତାହା ତାଙ୍କର ବିସ୍ତୃତ ଜୀବନଚରିତକୁ ଅପେକ୍ଷା କରେ; କିନ୍ତୁ ବାକି ୧୮ ବର୍ଷର ଜୀବନ କାଳ ହିଁ ସାଧାରଣର ସମ୍ପଦ ଭାବରେ ପରିଚିତ । ସେଥିମଧ୍ୟରୁ ପ୍ରାୟ ୮ ବର୍ଷ କଟକରେ ଏବଂ ପ୍ରାୟ ୧୦ ବର୍ଷ ଦିଲ୍ଲୀରେ ସେ ଅତିବାହିତ କରିଥିଲେ । କଟକରେ ଥିବାବେଳେ 'ଭାଗ୍ରତ' କବିତାଟି କବି ଭାବରେ ତାଙ୍କର ପ୍ରଥମ କବିତା । ସେହି କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶକରି ସେ କବି ହେବାର ଯୋଗ୍ୟତା ଅନୁଭବ କରିଥିଲେ । 'ପ୍ରାୟଃ ପ୍ରତ୍ୟୟମାଧତ୍ତେ ସ୍ୱଗୁଣେଷୂତ୍ତମାଦରଃ'—ଗୁଣୀଙ୍କ ଉତ୍ତମ ବ୍ୟକ୍ତିଙ୍କ ଆଦରଦ୍ୱାରା ନିଜ ଗୁଣ ପ୍ରତି ବିଶ୍ୱାସ ଆସିଥାଏ । 'ଭାଗ୍ରତ' ପ୍ରକାଶିତ ହେବା ପରେ ବହୁ ସଜ୍ଜନବନ୍ଧୁ କାଳ ଉତ୍କଳ ସାହିତ୍ୟ ସମ୍ପାଦକଙ୍କ ଉକ୍ତ କବିତାର ଲେଖିକାଙ୍କଠାରୁ ଅଧିକ କବିତା ତାଙ୍କ ପତ୍ରିକାରେ ପଢ଼ିବାକୁ ଇଚ୍ଛା ପ୍ରକାଶ କରି ପତ୍ର ଲେଖିଥିଲେ । ଫଳରେ ବାଗ୍‌ଦେବୀଙ୍କ ଆଭରଣ ଗୋପନରେ ଉନ୍ମୋଚନ କରି ଜନତା ଦେଖିବା ପରିବର୍ତ୍ତରେ ବନ୍ଧୁଜନଙ୍କ ଦେଖିବାରେ ପରିଣତ ହୋଇଥିଲା । କ୍ରମେ କ୍ରମେ କୁନ୍ତଳାକୁମାରୀ କବି ହେଲେ—ଉତ୍ସାହରେ ଜୀବନ ତାଙ୍କର ଉଲ୍ଲସିତ ହେଲା । ଖଣ୍ଡ ଖଣ୍ଡ ହୋଇ ୮ । ୭ ଖଣ୍ଡ ବହି ପ୍ରକାଶିତ ହୋଇଗଲା । ଭାରତରେ ସମସ୍ତେ ଖୋଜିଲେ କୁନ୍ତଳାକୁମାରୀ କିଏ ? ତାଙ୍କ ଘର କେଉଁଠି ? ସେ ଓଡ଼ିଆ ନା ବଙ୍ଗାଳୀ ? ତାଙ୍କର ଜାତି ବଂଶ ? ତାଙ୍କର ସ୍ୱାମୀ କିଏ ?...ଇତ୍ୟାଦି ଇତ୍ୟାଦି । ଅଦ୍ୟାପି ମଧ୍ୟ ତାଙ୍କର ବଂଶଗତ ପରିଚୟ ଜାଣିବାକୁ ଅଧିକାଂଶ ଇଚ୍ଛୁକ ଅଛନ୍ତି ।

※ ଶ୍ରୀ ରାମଚନ୍ଦ୍ର ଭବନରେ ସ୍ୱର୍ଗତା ଉତ୍କଳଭାରତୀ କୁନ୍ତଳାକୁମାରୀ ଦେବୀଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ଉତ୍କଳ ସାହିତ୍ୟ ସମାଜର ୧୦ । ୧୨ । ୩୮ ତାରିଖର ବିଶେଷ ଅଧିବେଶନରେ ପଠିତ । ସଭାପତି— ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

ମୁଁ ତାଙ୍କୁ ତରୁଣବେଳେ ଜାଣିଥିଲି, ତାଙ୍କର ସବୁ ଗୋପନୀୟ, ସବୁ ଶିକ୍ଷଣୀୟ, ସବୁ ପ୍ରକାଶଯୋଗ୍ୟ ତଥ୍ୟ ଜାଣିଥିଲି । ତାଙ୍କର ଜୀବନ କହିବାର ସାମର୍ଥ୍ୟ । ତାଙ୍କର ଏହି କ୍ଷୁଦ୍ର ଜୀବନ ଭିତରେ ଯେଉଁ ଗୋଟିଏ ପୁଷ୍ପିତ କୁସୁମ ଥିଲା, ସେତେବେଳେ ତାର ପ୍ରତି ଆକାଂକ୍ଷା ସବୁର ମୋର ଯଥେଷ୍ଟ ଥିଲା । ସେ ବିସ୍ମୃତ ବିପୁଳ କଳ୍ପନାଲୋକର ଜୀବନର ଯେଉଁ ଅଂଶ ସେ ମୁଁ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ତାଙ୍କ ଚରିତ୍ରରେ ଥିଲା ମହତ୍ତ୍ୱ, ସାହସ, ଅଧ୍ୟବସାୟ, ଧୈର୍ଯ୍ୟ । ସେ ସମସ୍ତ ଜୀବନର ବାଣୀରୂପେ ତାଙ୍କର ସାହିତ୍ୟ ସେବାର ପ୍ରତି ଛତ୍ରରେ ପ୍ରକାଶ କରି ଦେଇଥିଲେ । ଆଜି ମୁଁ ପୀଡ଼ିତ । ତେଣୁ ତାଙ୍କ ସମ୍ବନ୍ଧରେ ସାମାନ୍ୟ କେତୋଟି କଥା କହିବି ।

× × × ×

ସେଦିନର କଥା ମନେପଡୁଛି । ଭାଗ୍ୟବତୀ ସେତେବେଳକୁ ରୋଗଶଯ୍ୟା ଯୋଗାଣଟିରେ କୌଣସି କରୁଥାଆନ୍ତି—ତେଲଙ୍ଗାବଜାରର ଗୋଟିଏ ଦୋତାଲା କୋଠାରେ ରହି । ସେତେବେଳେ ତାଙ୍କର ଜୀବନ ଦୈନ୍ୟ ଦାରୁଣ ଅବସ୍ଥାରେ ଶୋଚନୀୟ ଥାଏ । କୋଠାର ଉପର ଛାତରେ ସେ, ମୁଁ, ଆଉ କେତୋଟି ତାଙ୍କର ଅନ୍ତରଙ୍ଗଜନ ବସିଥାଉଁ ଶୀତ କାଳର ଅପରାହ୍ଣ ଶେଷ ହୋଇଆସୁଛି । ଧୀରେ ଧୀରେ ଅନ୍ଧକାର ମାଡ଼ିଆସିଲା । ସେ ତାରାଗଣଙ୍କୁ ଅନାଇଁ ମୋତେ କହିଲେ—'ଗଙ୍ଗାଧର ! ଏହିପରି ମୋ ଜୀବନରେ ଅନ୍ଧକାର ମାଡ଼ି ଆସୁଅଛି । ସୁନ୍ଦର ଜୀବନ ସମସ୍ତ ଲକ୍ଷ୍ୟ ନେଇ ଜୀବନ କଟାଇଲି, ହେଲେ ଏକାକ୍ରୋଡ଼ ରାସ୍ତା ଉପରକୁ ଗଲିନାହିଁ, ତେବେ ଜୀବନର କୌଣସି ସୁଖ ସମ୍ଭୋଗ ପ୍ରତି ଲୀନ କଟାକ୍ଷ ଦେଇନାହିଁ—ତଥାପି ମୋ ପ୍ରତି କର୍ତ୍ତାଙ୍କର ଏ କି ଲକ୍ଷ୍ମିନା ? ମୋପାଇଁ କଅଣ ପଥ ନାହିଁ ? ଏହି ସେ ଜୀବନର ଅନ୍ଧକାର ଘୋଟିଗଲା । ଗଙ୍ଗାଧର ! ମୋତେ କିଛି ଦିଶୁନାହିଁ । ହାୟ ହାୟ—ଆଲୋକ ଅଛି—ପଥ ସେ ଲୁପ୍ତ ମୋର'—ଇତ୍ୟାଦି ।

ଏକଥା ଅନ୍ୟ କେହି ଶୁଣିଥିଲେ ତାଙ୍କୁ ପାଗଳୀ ବୋଲି ହସି ଉଡ଼ାଇଦେଇଥାଆନ୍ତେ । କିନ୍ତୁ ମୁଁ ସେ ଏପରି ଶୁଣିଶୁଣି ଜାଣିଛି । ହଠାତ୍ ଦକ୍ଷିଣପାର୍ଶ୍ୱ, କାଠଯୋଡ଼ିର ଅପରପାର୍ଶ୍ୱରେ, ଖୁବ୍ ଦୂରରେ ଗୋଟିଏ ଆଲୋକ ଦେଖାଗଲା । ମୁଁ ତାଙ୍କୁ କହିଲି—

'ଦେଖ ଦେଖ, ଆପଣଙ୍କର ଆଲୋକ । ଏହି ଆଲୋକ କି ଆପଣଙ୍କର ସମସ୍ୟା ମେଣ୍ଟାଇବ । ଅଖିଳ ଜଗତର କୋଟି କୋଟି ନରନାରୀ କ୍ଷୀଣ ଆଲୋକ ତଳେ ଯେଉଁ ଅପାରବହନ ବସ୍ତୁରେ ସମସ୍ତ ଆଶା ଆକାଂକ୍ଷା, ରାଗ, ଅହଂକାର ଅକାତରରେ ବିସର୍ଜନ ଦେଇଥାଆନ୍ତି—ଏ ସେହି ଆଲୋକ । ସତ୍ୟ କରି—କହୁଛି, ସେହି ଆଲୋକରେ ଅନ୍ଧକାର ଦୂରୀଭୂତ ହେବ ।'

ସେ ଚିତ୍କାର କରି କହିଲେ—'ଗଙ୍ଗାଧର ! କହ କହ, ସେ ଆଲୋକ ତଳେ କିଏ ?' ମୁଁ କହିଲି—ଶ୍ରୀମୂର୍ତ୍ତି । କହ କହ—ଜୟ ଜଗନ୍ନାଥ ! ସେ କହିଲେ ମୋତେ ପନ୍ଥା ମିଳିବ ? ମୁଁ କହିଲି—ନିଶ୍ଚୟ, ନିଶ୍ଚୟ । ସେ ବ୍ୟାକୁଳ ହୋଇ ହଠାତ୍ ଶେଷରେ

ଭୂମିତଳେ ପଡ଼ିଗଲେ । ଶାନ୍ତାଙ୍କ ପ୍ରଣିପାତ ହୋଇ କହୁଥିଲେ—'ପ୍ରଭୁ ଜଗନ୍ନାଥ, ପଥ ଦିଅ ।'

ଏକଥା ସତ୍ୟ ହେଉ, କିନ୍ତୁ ଦିନ ପରେ ମହାମହୋପାଧ୍ୟାୟ ସଦାଶିବ ମିଶ୍ର ତାଙ୍କୁ ସେହି ଅଚିନ୍ତ୍ୟ ଦେଇଥିଲେ—ସେଇଥିରୁ ତାଙ୍କର ଚରିତ୍ର ଓ ପଣ୍ଡା ଅରୂପିତ ହୋଇ-ଯାଇଥିଲା । ସେ ସବୁ ବହୁତ କଥା ।

× × × ×

ତାଙ୍କର କାବ୍ୟ କବିତା ଉପନ୍ୟାସ ମଧ୍ୟ ହେଇ ତାଙ୍କ ଜୀବନର ଅଧିକାଂଶ ତଥ୍ୟ ଜଣାଯାଇ ରହିଛି । ଯେତେବେଳେ ତାଙ୍କ ଜୀବନ କଥା ଲେଖାହେବ, ସେତେବେଳେ ମୋର ମନେହୁଏ, ସେ ଜୀବନ କଥା ଉତ୍କଳ ସାହିତ୍ୟରେ ଯେପରି ଉପାଦେୟ ସେପରି ନିଶ୍ଚିତ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ।

× × × ×

ଶତ ଶତ ଚିଠିରେ ସେ ଯାହାସବୁ ଲେଖିଯାଇଛନ୍ତି, ତାହା ପାଠକଲେ ଜଣାଯାଏ ତାଙ୍କର କଳ୍ପନା ଏବଂ କାର୍ଯ୍ୟ ପ୍ରାୟ ସମାନ ଥିଲା । କଥାରେ ପ୍ରକାରେ ଓ କାର୍ଯ୍ୟରେ ପ୍ରକାରେ ସେ କହୁଥିଲେ । ପ୍ରତିଜ୍ଞା ଅନୁଯାୟୀ ସେ ଅଦ୍ଭୁତ ଜୀବନବ୍ୟାପୀ ସ୍ଥିର ଥିଲେ । ଏକଲକ୍ଷ ଟଙ୍କା ପୂର୍ଣ୍ଣ ହେଲେ ନିଜ ଜନ୍ମସ୍ଥାନକୁ ଫେରିବି—ଏ ସିଦ୍ଧାନ୍ତରେ ଅଟଳ ରହି ଜୀବନର ପ୍ରତି ମୁହୂର୍ତ୍ତ ଅତିବାହିତ କଲେହେଁ ବିଧାତାର ସର୍ବଙ୍ଗମୁଖୀ ବଳୟରେ ତାହିଁରେ ସିଦ୍ଧି ଲଭିପାରି ନଥିଲେ ।

× × × ×

କେତେ ବର୍ଷର ମାଳତୀ ବଣରେ ଫୁଟି ଝଡ଼ିଯାଏ; କିନ୍ତୁ ତାହା ଦେବାର୍ଚ୍ଚନାର୍ଥେ ଯେଉଁ ସଂଗ୍ରହ କରିପାରେ ସେ ହୁଏ ଧନ୍ୟ । ତାହାର ସୌରଭ ଦେବମନ୍ଦିର ହୁଏ ଅମୋଦିତ । କୁନ୍ତଳାକୁମାରୀଙ୍କ ପରି ବନ୍ୟ ମଲ୍ଲି ଟିଏ ଡାକ୍ତର କୈଳାସଚନ୍ଦ୍ର ସାଉଁ ଶ୍ରୀ ଦେବତା ପୀଠରେ ଅର୍ପଣ କରି ଧନ୍ୟ ହୋଇଛନ୍ତି ।

× × × ×

ସେହି କୁନ୍ତଳାକୁମାରୀ ଦିନେ ଯୌବନଶ୍ରୀରେ ବିମୋହିତ ହୋଇ ଉତ୍କଳ ଜନନୀଙ୍କୁ ଦେଖିଥିଲେ ସ୍ୱପ୍ନ କଳ୍ପନାରେ—'କୋଟି କଣ୍ଠି ମୁକ୍ତାମାଳିନୀ' ରୂପରେ, କିନ୍ତୁ ସେତିକିବେଳେ ସ୍ଥାନେ ସ୍ଥାନେ ବୁଲି ସେହି ପୁଣି ଭକ୍ତ ଜନନୀର ପ୍ରକୃତ ଅବସ୍ଥା ଦେଖିଦେଲେ । 'କିଏ ବୋଲି ବୋଲିବ ମାଗୋ କୋଟି କଙ୍କାଳ ମାଳିନୀ, ଦଳିତା ଲାଞ୍ଛିତା କ୍ଷୁଧିତା ଜଗତର କାଙ୍ଗାଳିନୀ ।' ଆଜି ସେହି ସତେଜ ଅନୁଭବ କରି ଉତ୍କଳର ଦୁର୍ବା ଦୁର୍ବଳ ଜନନୀର ଦୁଃଖ ଦେଖିଲେ ଏହାଠୁଁ କହୁ ବିଦାୟ ନେଉଛୁ ।

[ଉତ୍କଳ ସାହିତ୍ୟ, ମାର୍ଗଶିର, ୧୩୪୭, ୪୨ ଭାଗ, ଅଷ୍ଟମ ସଂଖ୍ୟା, ପୃ. ୩୫୯ରେ ପ୍ରକାଶିତ ]

□□□